ଗୁରୁ

ଓଁ

ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବ



ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବ

ଓଁ

ଗୁରୁ

ବା

ଅଖଣ୍ଡ ମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ

ଗୁରୁବାଦ ଓ ଗୁରୁତତ୍ତ୍ୱ ସମ୍ବନ୍ଧେ
ବିଭିନ୍ନ ସମୟରେ ପ୍ରଦତ୍ତ
ଉପଦେଶର ସଙ୍କଳନ

- ଅଭିକ୍ଷା -

- ନାୟମାତ୍ମା ବଳହୀନେନ ଲଭ୍ୟଃ -

- ଭିକ୍ଷାୟାଂ ନୈବ ନୈବଚ -

All rights reserved by Ayachhak Ashram
Swarupananda Street,
Varanasi
U.P.

ପ୍ରକାଶକ :

ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ

ଭୁବନେଶ୍ୱର

ପ୍ରାପ୍ତିସ୍ଥାନ :

ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ

ପ୍ଲଟ ନଂ - ୧୭୮, ରୋଡ଼ ନଂ-୮

ୟୁନିଟ୍ -୯, ଭୁବନେଶ୍ୱର

ମୁଦ୍ରଣ :

୧୦୦୦ ଖଣ୍ଡ (ତୃତୀୟ ସଂସ୍କରଣ)
ପ୍ରତିଭା ପ୍ରିଣ୍ଟରସ୍
ପ୍ଲଟ ନଂ-୭୯୪ (ବି)
ରୋଡ଼ ନଂ- ୮, ୟୁନିଟ୍ -୯
ଭୁବନେଶ୍ୱର

ଅକ୍ଷର ସଜ୍ଜା :

ବିଶ୍ୱାଳ ଗ୍ରାଫିକ୍ସ ଏଣ୍ଡ ସ୍କାନ୍,
ମୋ:୯୪୩୮୪୩୪୦୪୬, ୯୯୩୮୨୭୪୬୫୮

ମୂଲ୍ୟ : ଟ୧୦୦.୦୦ ମାତ୍ର

ପ୍ରଥମ ଭାଗ

ଅଖଣ୍ଡ—ସଂହିତାରୁ ସଂଗୃହୀତ

ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବ

ବିନମ୍ର ନିବେଦନ

୧୯୩୨ ମସିହା ମାର୍ଚ୍ଚ ମାସର କଥା । ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବ ମୌନବ୍ରତାବଲମ୍ବନ କରିଥାନ୍ତି । ଏହି ଅବସ୍ଥାରେ ସେ ପୂର୍ବ ବଙ୍ଗର କୁମିଲ୍ଲା ସହରସ୍ଥ ସଦାଶୟ ଭକ୍ତ କ୍ଷୀରୋଦ ବିହାରୀ ଗଙ୍ଗୋପାଧ୍ୟାୟଙ୍କ ଗୃହକୁ ଶୁଭାଗମନ କରିଥାନ୍ତି । ଜିଜ୍ଞାସୁବୃନ୍ଦ ପ୍ରଶ୍ନ ପରେ ପ୍ରଶ୍ନ ପଚାରୁଥାନ୍ତି ଶ୍ରୀ ଶ୍ରୀ ବାବା ଲିଖିତ ଭାବରେ ଉତ୍ତର ଦେଉଥାନ୍ତି । ଉକ୍ତ ଲିଖିତ ଉତ୍ତର ଗୁଡ଼ିକ ମଧ୍ୟରୁ ଯେ କେତୋଟି କ୍ଷୀରୋଦବାବୁଙ୍କ ଯତ୍ନରେ ସଂରକ୍ଷିତ ହୋଇପାରିଥିଲା ସେହି ଗୁଡ଼ିକର ମୁଦ୍ରଣରେ "ଗୁରୁ" ନାମକ ଏକ କ୍ଷୁଦ୍ରାୟତନ ପୁସ୍ତିକା ପ୍ରକାଶିତ ହୋଇଥିଲା । ୧୯୪୬ ମସିହା ବେଳକୁ ଶ୍ରୀ ଶ୍ରୀ ବାବାଙ୍କ ଉପଦେଶାବଳୀ ସମ୍ବଳିତ "ଅଖଣ୍ଡ-ସଂହିତା" ପ୍ରଥମ ସଂସ୍କରଣ ପ୍ରଥମ - ନବମ ଖଣ୍ଡରୁ ଗୁରୁବାଦ ସମ୍ପର୍କୀୟ ନିବନ୍ଧଗୁଡ଼ିକ ସଂଯୋଜନ କରି 'ଗୁରୁ' ଗ୍ରନ୍ଥର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଥିଲା । ୧୯୬୪ ମସିହାରେ 'ଗୁରୁ' ଗ୍ରନ୍ଥର ତୃତୀୟ ସଂସ୍କରଣ ପ୍ରକାଶିତ ହୋଇଥିଲା । ସେତେବେଳକୁ 'ଅଖଣ୍ଡ ସଂହିତା' ଦ୍ୱିତୀୟ ସଂସ୍କରଣ ଅଷ୍ଟମଖଣ୍ଡ ପର୍ଯ୍ୟନ୍ତ ପ୍ରକାଶିତ ହୋଇଯାଇ ଥିବାରୁ ତା ସହିତ ସାମଞ୍ଜସ୍ୟ ରଖି 'ଗୁରୁ' ଗ୍ରନ୍ଥ ସଂଶୋଧିତ ହେବା ଫଳରେ ଏହାର କଳେବର ବୃଦ୍ଧି ଘଟିଲା ଏତଦ୍ ବ୍ୟତୀତ 'ଗୁରୁ' ଗ୍ରନ୍ଥର ଦ୍ୱିତୀୟ ଭାଗରେ "ଶାନ୍ତିର ବାରତା"ରୁ ଓ ଶେଷ ଭାଗରେ "ଧୃତଂପ୍ରେମ୍ଣା" ଗ୍ରନ୍ଥମାଳାର ୧ମ - ୮ମ ଖଣ୍ଡରୁ କିୟଦଂଶ ଅନ୍ତର୍ଭୁକ୍ତ ହେବା, କଳେବର ବୃଦ୍ଧିର ଅନ୍ୟତମ କାରଣ । ୧୯୬୯ ମସିହାରେ "ଗୁରୁ" ଗ୍ରନ୍ଥର ଚତୁର୍ଥ ସଂସ୍କରଣ ପ୍ରକାଶିତ ହେଲା । ଏଥିରେ "ଧୃତଂପ୍ରେମ୍ଣା" ଗ୍ରନ୍ଥମାଳାର

ନବମ - ପଞ୍ଚବିଂଶତିତମ ଖଣ୍ଡରୁ ଗୁରୁବାଦ ସମ୍ପର୍କରେ ପ୍ରଦତ୍ତ ଉପଦେଶ ଅନ୍ତର୍ଭୁକ୍ତ କରାଯାଇ ଥିବାରୁ ପୂର୍ବାପେକ୍ଷା ଏହାର କଳେବର ଆହୁରି ଅଧିକ ବୃଦ୍ଧି ପାଇଲା । ଆଜି କ୍ଷୀରୋଦ ବାବୁ ଇହଲୋକରେ ନାହାନ୍ତି, କିନ୍ତୁ 'ଗୁରୁ' ଗ୍ରନ୍ଥ ସହିତ ତାଙ୍କର ସ୍ମୃତି ଚିରବିଜଡ଼ିତ ହୋଇ ରହିଛି । ଏହା ହିଁ ହେଲା ବଙ୍ଗ ଭାଷାରେ ପ୍ରକାଶିତ ''ଗୁରୁ' ଗ୍ରନ୍ଥର ଇତିବୃତ୍ତି ।

ଓଡ଼ିଆ ଭାଷାରେ ''ଗୁରୁ'' ଗ୍ରନ୍ଥର ପ୍ରକାଶନ ବିଷୟରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ୧୯୭୦ ଡିସେମ୍ବର ମାସରେ ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସମବେତ ଉପାସନାର ପ୍ରାକ୍କାଳରେ 'ଗୁରୁ' ଗ୍ରନ୍ଥର କିୟଦଂଶ ଓଡ଼ିଆରେ ଅନୁଦିତ ହୋଇ ପଠିତ ହୋଇଥିଲା ଏବଂ ସମବେତ ଭକ୍ତ ସଜ୍ଜନମାନଙ୍କର ତାହା ଏପରି ହୃଦୟଗ୍ରାହୀ ହୋଇଥିଲା ଯେ, କେହି କେହି ଉକ୍ତ ପାଣ୍ଡୁଲିପି ନେଇ ବାରମ୍ବାର ପାଠ କରିଥିଲେ ଓ ନିଜର ପ୍ରିୟଜନମାନଙ୍କୁ ତାହା ପାଠ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଉତ୍ସାହିତ ହୋଇ ଆମ୍ଭେମାନେ ଶ୍ରୀ ଶ୍ରୀ ବାବାଙ୍କ ଜନ୍ମମାସର ବିଭିନ୍ନ ସମବେତ ଉପାସନାରେ ''ଗୁରୁ'' ଗ୍ରନ୍ଥର ଅଂଶ ବିଶେଷର ଓଡ଼ିଆ ଅନୁବାଦ ହିଁ ପାଠ କରିଥିଲୁ । ଶ୍ରୋତାମାନଙ୍କ ମଧ୍ୟରେ କେହି କେହି ''ଗୁରୁ'' ଗ୍ରନ୍ଥର ପ୍ରକାଶନ ପାଇଁ ନାନା ଭାବରେ ଉତ୍ସାହ ଦେଉଥାନ୍ତି । କିନ୍ତୁ ଆର୍ଥିକ ଅସ୍ୱଚ୍ଛଳତା ଦୃଷ୍ଟିରୁ ଆମ ମଣ୍ଡଳୀ ପକ୍ଷରେ ''ଗୁରୁ'' ଭଳି ଏକ ବିରାଟ ଗ୍ରନ୍ଥର ପ୍ରକାଶନ ଆକାଶକୁସୁମ ପରି ବୋଧ ହେଉଥାଏ ।

ଇତି ମଧ୍ୟରେ 'ପ୍ରତିଧ୍ୱନୀ' ପତ୍ରିକାରୁ ପଣ୍ଡିତ ପ୍ରବର ଶ୍ରୀଯୁକ୍ତ ଜ୍ୟୋତିର୍ମୟ ନନ୍ଦଙ୍କର 'ଗୁରୁ' ଗ୍ରନ୍ଥ ସମ୍ପର୍କରେ ନିମ୍ନଲିଖିତ ଅଭିମତ ଆମର ଦୃଷ୍ଟିଗୋଚର ହୋଇଥିଲା -

"ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ରଚିତ "ଗୁରୁ" ନାମକ ଗ୍ରନ୍ଥ ପାଠ କରି ମୁଁ ବିସ୍ମିତ ଓ ଉତ୍‌ଫୁଲ୍ଲ ହୋଇ ଅଛି । ଧର୍ମତତ୍ତ୍ୱର ସତ୍ୟସାର ପୂର୍ଣ୍ଣ ଏଭଳି ଗୋଟିଏ ଗ୍ରନ୍ଥ ମୁଁ ଇତି ପୂର୍ବରୁ କେବେ ଦେଖି ନଥିଲି । ଏହି ଗ୍ରନ୍ଥ ପାଠ କରି ମୁଁ ଅନ୍ୟାନ୍ୟ ବହୁ ବ୍ୟକ୍ତିଙ୍କୁ ଏହା ପାଠ କରିବାକୁ ଅନୁରୋଧ କରିଛି । ମୁଁ ଜାଣେ ଅନ୍ୟ ଗୁରୁଙ୍କର ଶିଷ୍ୟଙ୍କୁ ଶ୍ରୀ ଶ୍ରୀ ବାବା ଦୀକ୍ଷା ଦେବାକୁ ଅନିଚ୍ଛୁକ । କିନ୍ତୁ ନିରପେକ୍ଷ ଦୃଷ୍ଟିଭଙ୍ଗୀ ଓ ବିଚାର ବୁଦ୍ଧି ସମ୍ପନ୍ନ ଯେ କେହି ପ୍ରକୃତ ଧାର୍ମିକ ବ୍ୟକ୍ତି ଏହି ଗ୍ରନ୍ଥଟି ପାଠ କରିବେ, ସେ ଅନ୍ୟ ଗୁରୁଙ୍କ ଆଶ୍ରିତ ହେଲେ ମଧ୍ୟ ମନେ ମନେ ଆଚାର୍ଯ୍ୟ ସ୍ୱରୂପାନନ୍ଦଙ୍କୁ ନିଶ୍ଚୟ ଗୁରୁ ଆସନରେ ବସାଇବାକୁ ବାଧ୍ୟ ହେବେ ।"

ଧର୍ମତତ୍ତ୍ୱର ଯେଉଁଭଳି ସାରଗର୍ଭକ ଓ ଯୁକ୍ତିସଙ୍ଗତ କଥା "ଗୁରୁ" ଗ୍ରନ୍ଥରେ ଅଛି, ତାହା ଅନ୍ୟ କୌଣସି ପୁସ୍ତକରେ ଅଛି କି ନାହିଁ, ମୋତେ ଜଣାନାହିଁ ।

ଉପରୋକ୍ତ ଅଭିମତର ଯଥାର୍ଥ୍ୟ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷାରେ ଗୁରୁଗ୍ରନ୍ଥର ପ୍ରକାଶନ ବିଷୟ ଆମ୍ଭେମାନେ ଚିନ୍ତା କରୁଥିବା ବେଳେ ଓ ମଣ୍ଡଳୀର ଆର୍ଥିକ ଅସ୍ୱଚ୍ଛଳତା କଥା ସ୍ମରଣ କରି କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡୁଥିବା ବେଳେ ଗୁରୁକୃପାର ଆନୁକୂଲ୍ୟସ୍ରୋତ ଏପରି ପ୍ରବଳ ବେଗରେ ପ୍ରବାହିତ ହେଲା

ଯେ ଆମ୍ଭେମାନେ ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟ ହୋଇ ଏକ ପ୍ରକାର ତଭାବ-ଭାବିତ ଅବସ୍ଥାରେଗତ ମହାବିଷୁବ ସଂକ୍ରାନ୍ତି ଦିନ ଆମର ବାର୍ଷିକ ସାଧାରଣ ସଭାରେ "ଗୁରୁ" ଗ୍ରନ୍ଥର ପ୍ରକାଶନକୁ ଅଗ୍ରାଧିକାର ଦେଇ ଏକ ପ୍ରସ୍ତାବ ଯେ କେବଳ ଗ୍ରହଣ କଲୁ ତାହା ନୁହେଁ, ମୁଦ୍ରଣ ଦିଗରେ ମଧ୍ୟ ସକ୍ରିୟ ପଦକ୍ଷେପ ନେଲୁ । କିନ୍ତୁ ପରେ ଅନୁଭବ କଲୁ ଯେ ନାନା କାରଣରୁ ଚତୁର୍ଥ ସଂସ୍କରଣ "ଗୁରୁ" ଗ୍ରନ୍ଥର ପୂର୍ଣ୍ଣାଙ୍ଗ ଓଡ଼ିଆ ଅନୁବାଦ ପ୍ରକାଶ କରିବା ଆମ ପକ୍ଷରେ ଏକ ଦୁଃସାହସିକ କାର୍ଯ୍ୟ ହେବ । ତେଣୁ କିୟଦଂଶ ଅପ୍ରକାଶିତ ରଖିବାକୁ ଅଗତ୍ୟା ବାଧ୍ୟ ହେଲୁ ଯାହାକି ପରବର୍ତ୍ତୀ ସଂସ୍କରଣରେ ସଂଯୋଜନ କରିବୁ ବୋଲି ଆମେ ମନସ୍ଥ କଲୁ । ଏହି କାରଣରୁ ମୂଳ ଗ୍ରନ୍ଥର କ୍ରମ ଏହି ଗ୍ରନ୍ଥରେ ଅବ୍ୟାହତ ରଖିବା ସମ୍ଭବପର ହୋଇନାହିଁ ସତ୍ୟ, ତଥାପି ନିଜର ଭିତ୍ତିଭୂମିରେ ଏହା ସ୍ୱୟଂ ସଂପୂର୍ଣ୍ଣ ହୋଇପାରିଛି ବୋଲି ଆମର ଦୃଢ଼ ବିଶ୍ୱାସ ।

ଗୁରୁବାଦ, ଗୁରୁତତ୍ତ୍ୱ, ଗୁରୁ ଶିଷ୍ୟ ସମ୍ପର୍କରେ ଏ ଯୁଗର ମନୁଷ୍ୟ ମନରେ ସହସ୍ର ପ୍ରଶ୍ନ ଏ ଗ୍ରନ୍ଥରେ ନାନା ଭାବରେ ଆଲୋଚିତ ହୋଇଛି । ଅପକ୍ଷପାତ ମତାମତ ଲାଗି ଆଚାର୍ଯ୍ୟ ସ୍ୱରୂପାନନ୍ଦ ଯେ ସୁବିଖ୍ୟାତ ତାହା ଏ ଗ୍ରନ୍ଥର ଛତ୍ରେ ଛତ୍ରେ ଫୁଟି ଉଠିଛି । ଶ୍ରୀ ଶ୍ରୀ ବାବାଙ୍କର ଅଳ୍ପ କେତୋଟି ଗ୍ରନ୍ଥ ଓଡ଼ିଆ ଭାଷାରେ ଅନୁବାଦିତ ହୋଇ ସର୍ବସାଧାରଣଙ୍କ ମନରେ ଯେଉଁ ଆଲୋଡ଼ନ ସୃଷ୍ଟି କରିପାରିଛି, ତାକୁ ହିଁ ଗଭୀରତର କରିବା, ବିଶେଷ କରି ଜନସାଧାରଣଙ୍କ ମନରେ ସ୍ୱାଧୀନ ବିଚାରବୁଦ୍ଧିର ଉଦ୍ରେକ କରାଇ ପ୍ରଜ୍ଞାଲୋକରେ ନିର୍ଭୟରେ ଅଗ୍ରସର ହେବା ଲାଗି ସାଧକଙ୍କୁ ଉତ୍ସାହିତ ଦେବା ହିଁ ଏହି ପ୍ରକାଶନର ଏକମାତ୍ର ଉଦ୍ଦେଶ୍ୟ ।

ଏହି ଗ୍ରନ୍ଥର ପ୍ରଥମ ପ୍ରକାଶନ ଓଡ଼ିଆରେ ୧୯୭୧ ଅକ୍ଷୟ ତୃତୀୟାରେ (୧୭/୪/୧୯୭୧) ଓ ଦ୍ୱିତୀୟ ସଂସ୍କରଣ ୧୯୯୪ରେ ହୋଇଥିଲେ ମଧ୍ୟ ଏହାର ପୁନଃ ପ୍ରକାଶନ ବହୁ ପୂର୍ବରୁ ଅନୁଭୂତ ହେଉଥିଲା । ମାତ୍ର ଆର୍ଥିକ ଅସୁବିଧା ହେତୁ ତାହା ସମ୍ଭବପର ହୋଇ ପାରିନଥିଲା । ବିଳମ୍ବ ହେଲେ ମଧ୍ୟ ଶେଷରେ ଏହାର ପୁନଃ ମୁଦ୍ରଣରେ ଯଥାସାଧ୍ୟ ତୃଟିମୁକ୍ତ ପୂର୍ବକ ଚେଷ୍ଟିତ ହୋଇଅଛୁ । ଆଶାକରୁ ସୁଧୀ ପାଠକବୃନ୍ଦଙ୍କ ମଧ୍ୟରେ ଆମର ଏହି କ୍ଷୁଦ୍ର ପ୍ରୟାସ ସମାଦର ଲାଭ କରିବ ।

॥ ଇତି ॥

ମହାବିଷୁବ ପଣା ସଂକ୍ରାନ୍ତି — ନିବେଦକ

ତା୧୪/୦୪/୨୦୧୫ — ଭୁବନେଶ୍ୱର ଅଖଣ୍ଡମଣ୍ଡଳୀ

ପ୍ରଥମ ଭାଗ

ଅଖଣ୍ଡ ସଂହିତାରୁ ସଂଗୃହୀତ

ବର୍ଣ୍ଣାନୁ କ୍ରମିକ

ସୂଚୀପତ୍ର

ବିଷୟ	ପୃଷ୍ଠାଙ୍କ
ଅଖଣ୍ଡ ଗୁରୁବାଦ	୧୦୧
ଅଖଣ୍ଡ ଦୀକ୍ଷା ଓ ଜଗଦ୍ଗୁରୁଙ୍କ	୩୭୫
ଅଖଣ୍ଡର ଗୁରୁ ପରମ୍ପରା	୨୯୬
ଅଗ୍ରସର ହୁଅ	୩୮୦
ଅଜ୍ଞାତ ବ୍ୟକ୍ତିକୁ ଗୁରୁ କର ନାହିଁ	୨୬୨
ଅଦୀକ୍ଷିତର ଓଁ କାର ଜପ	୧୯୭
ଅଦୀକ୍ଷିତର ସାଧନ ନିଷ୍ଠା	୧୯୧
ଅଦୋଷଦର୍ଶୀ ଗୁରୁ	୩୩୯
ଅନ୍ୟର ପ୍ରରୋଚନାରେ ଦୀକ୍ଷା	୩୫୯
ଅବତାରର ଦେଶ	୧୦୩
ଅଭୟଦାତା ଗୁରୁ	୬୮
ଅଯୋଗ୍ୟର ଦୀକ୍ଷା	୧୩୪
ଅଳ୍ପ ବୟସରେ ଗୁରୁ ସଙ୍ଗର ସୁଫଳ	୧୫୪
ଅଳ୍ପ ବୟସରେ ଗୁରୁ ଦୀକ୍ଷା ନେବାର କୁଫଳ	୧୫୫
ଅସଙ୍ଗତ ଦୀକ୍ଷା ଗ୍ରହଣ	୧୩୫
ଅସାତ୍ତ୍ୱିକ ଦୀକ୍ଷା	୧୩୩
ଆତ୍ମ-ମଙ୍ଗଳରେ ଅମନୋଯୋଗୀ ଶିଷ୍ୟ ଗୁରୁର ଭାର ସ୍ୱରୂପ	୭୯

ବିଷୟ	ପୃଷ୍ଠାଙ୍କ
ଆଦର୍ଶ ସମାଜରେ ଗୁରୁ, ଶିଷ୍ୟ ଓ ଦୀକ୍ଷା	୨୮୦
ଆଧ୍ୟାତ୍ମିକ ସଂକଟରେ ଗୁରୁ	୩୨୭
ଆମର ପୂଜା ବ୍ୟକ୍ତି ପ୍ରଧାନ	୨୮୪
ଇଷ୍ଟ ମନ୍ତ୍ର ହିଁ ଗୁରୁ	୨୭୭
ଉଲ୍ଲାସର ଦୋଷ	୨୨୪
ଉନ୍ମାର୍ଗଗାମୀ ଶିଷ୍ୟର ଗୁରୁ ହେବାର କ୍ଳେଶ	୮୨
ଉପାସନା ବେଳେ ମନ ସ୍ଥିର କରିବାର ଉପାୟ	୧୯୪
ଏକା ବଂଚି ରହିବାର ଚେଷ୍ଟା	୨୮୬
ଓଁଙ୍କାର ମନ୍ତ୍ର	୧୫୯
କଦାଚାରର ମୂଳ ସ୍ତ୍ରୀର ସୁଶିକ୍ଷାର ଅଭାବ	୩୩୫
କନ୍ୟାଦାୟ ସମସ୍ୟା ତଥା କୁମାରୀ ଦୀକ୍ଷା କିପରି ଭାବରେ କୁମାରୀକୁ ସଂଯମ	୧୬୧
ସଦାଚାର ଶିକ୍ଷା ଦେବାକୁ ହେବ	୧୬୪
କି ପ୍ରକାରର ଲୋକ କୁମାରୀକୁ ଦୀକ୍ଷାଦାନ କରିବା ଲାଗି ଯୋଗ୍ୟ	୧୬୨
କୁମାରୀ ଅବସ୍ଥାରେ ଦୀକ୍ଷା ଗ୍ରହଣ	୧୫୮
କୁମାରୀ ଦୀକ୍ଷାର ସୁଫଳ	୧୬୦
କୁଳଗୁରୁଙ୍କ ସମ୍ମାନ	୩୪୭

କୁଳଗୁରୁଙ୍କୁ ସମର୍ଥନ କରିବାର ଗୋଟିଏ ଦିଗ ୨୨୯
କୁଳଗୁରୁ ପ୍ରଥା ଓ କ୍ରୀତଦାସ ପ୍ରଥା ୨୨୮
କେଉଁ ଅବସ୍ଥାରେ ପୂର୍ବ ଦୀକ୍ଷିତଙ୍କୁ ଦୀକ୍ଷା ଦିଆଯାଇ ପାରେ ୩୮୫
କେଉଁମାନେ ଦୀକ୍ଷା ଦେବାକୁ ଯୋଗ୍ୟ ୧୪୬
କେଉଁମାନେ ଦୀକ୍ଷା ନେବାକୁ ଯୋଗ୍ୟ ୧୪୭
କେତେବେଳେ ଦୀକ୍ଷା ଗ୍ରହଣ କର୍ତ୍ତବ୍ୟ ୧୨୮
ଖାଣ୍ଟି ଉପଦେଶକ ଗୁରୁ ୨୬୩
ଖାସା କଥାଟିଏ ଲେଖିଛ ୩୯୩
ଗୟା ଏକ ବିଖ୍ୟାତ ତୀର୍ଥସ୍ଥାନ ୪୪୪
ଗୁରୁ ୩୪
ଗୁରୁ-ଋଣ ପରିଶୋଧ ୨୨୬
ଗୁରୁ ଓ ଗୁରୁବାଦ ୧୦୦
ଗୁରୁ ଓ ନାମ ୬୧
ଗୁରୁ ଓ ବ୍ରହ୍ମ ୫୭
ଗୁରୁ ଓ ଭଗବାନ ୬୦
ଗୁରୁ ଓ ମତବାଦର ଦାସତ୍ୱ ୨୦୫
ଗୁରୁ ଓ ଶିଷ୍ୟ ୭୦
ଗୁରୁ ଓ ଶିଷ୍ୟ ଏକ ପଦାର୍ଥ ୨୫୪
ଗୁରୁ ଓ ଶିଷ୍ୟର ଅଭିନ୍ନତ୍ୱ ୭୯
ଗୁରୁ ଓ ଶିଷ୍ୟର ସମ୍ପର୍କ ୭୨
ଗୁରୁ ଓ ସଦ୍‌ଗୁରୁ ୬୧
ଗୁରୁ କରିବାର ଆବଶ୍ୟକତା ୧୮୬
ଗୁରୁ କାହିଁକି ପ୍ରୟୋଜନ ୧୮୬
ଗୁରୁ କିଏ ୩୨, ୧୯
ଗୁରୁଙ୍କ ଆତ୍ମବିଲୋପ ୩୩୮
ଗୁରୁ କ'ଣ ଦରକାର ? ୧୮୯
ଗୁରୁ କ'ଣ ଭଗବାନ ? ୨୪୧
ଗୁରୁଙ୍କ କର୍ତ୍ତବ୍ୟ ସାଧନାରେ ଉତ୍ସାହ ଦାନ ୨୦୫
ଗୁରୁଙ୍କ ଗୁରୁଶ୍ରମ ୧୫୫
ଗୁରୁଙ୍କ ଠାରେ ବିଶ୍ୱାସ ଓ ଉଲ୍ଲାସ ୨୨୩
ଗୁରୁଙ୍କ ସାଧନ-ସିଦ୍ଧ ମନ୍ତ୍ର ହିଁ ଶିଷ୍ୟଙ୍କୁ ପ୍ରଦେୟ ୧୯୦
ଗୁରୁ ଦକ୍ଷିଣା ୧୬୭
ଗୁରୁ ପରିଚୟ ୧୧୦
ଗୁରୁ ପୂଜା ୨୪୯
ଗୁରୁ ପ୍ରତି ଆନୁଗତ୍ୟ ଓ କୁଳକୁଣ୍ଡଳିନୀ ୨୩୫
ଗୁରୁଙ୍କ ପ୍ରତି କୃତଜ୍ଞତା ୬୧
ଗୁରୁଙ୍କ ବିଚିତ୍ର ଆଚରଣ ୩୪୧
ଗୁରୁଙ୍କ ଯୋଗ୍ୟତା ୬୬
ଗୁରୁଙ୍କ ଲକ୍ଷଣ ୧୮୬
ଗୁରୁଙ୍କର ବ୍ରହ୍ମାତ୍ୱ, ବିଷ୍ଣୁତ୍ୱ ଓ ଶିବତ୍ୱ ୬୭

ଗୁରୁଙ୍କ ଶିଷ୍ୟ ପରୀକ୍ଷା ୧୧୬
ଗୁରୁଙ୍କ ସାକ୍ଷାତକାର ବ୍ୟତୀତ ଦୀକ୍ଷା ୧୭୦,୨୬୦
ଗୁରୁବାଦ ୧୦୦
ଗୁରୁବାଦ ଓ ଅଖଣ୍ଡବାଦ ୧୦୫
ଗୁରୁବାଦ ଓ ନରପୂଜା ୧୦୬
ଗୁରୁବାଦ ଓ ନାରୀଧର୍ମ ୧୦୬
ଗୁରୁବାଦର ଭିତ୍ତି ୯୪
ଗୁରୁବାଦର ରୂପାନ୍ତର ୯୬
ଗୁରୁଭକ୍ତିର ଫଳ ୨୩୪
ଗୁରୁଭକ୍ତିର ଲକ୍ଷଣ ୨୩୪
ଗୁରୁ ସ୍ୱରୂପ ୨୩୩
ଗୁରୁ ଭ୍ରାତା ଚିହ୍ନିବାର ଉପାୟ ୨୯୧
ଗୁରୁ ମଧ୍ୟ ଈଶ୍ୱରଙ୍କର ଏକ ବିଭୂତି ୨୧୫
ଗୁରୁ ମୂର୍ତ୍ତି ଧ୍ୟାନ ୨୫୦
ଗୁରୁମୂର୍ତ୍ତି ଧ୍ୟାନ ଓ ଚିତ୍ତ ସ୍ଥୈର୍ଯ୍ୟ ୨୫୫
ଗୁରୁମୂର୍ତ୍ତି ଧ୍ୟାନର ଭିତ୍ତି କ'ଣ ? ୨୫୬
ଗୁରୁ ଋଣ ପରିଶୋଧ ୨୨୬
ଗୁରୁ ଶିଷ୍ୟ ଓ ଦୀକ୍ଷା ୧୮୨
ଗୁରୁ ଶିଷ୍ୟ ଓ ସମ ଦୀକ୍ଷିତଙ୍କ ମଧ୍ୟରେ ଜାତିଭେଦ ୩୩୫
ଗୁରୁ ଶିଷ୍ୟଙ୍କ ଏକତ୍ୱ, ସ୍ୱାମୀ ସ୍ତ୍ରୀର ଅଭିନ୍ନତ୍ୱ ୨୧୩
ଗୁରୁ, ଶିଷ୍ୟ, ପରିଚୟ ୮୧
ଗୁରୁ ଶିଷ୍ୟଙ୍କ ପାରସ୍ପରିକ ବିଶ୍ୱାସ ଓ ନିର୍ଭର ୭୩
ଗୁରୁ ଶିଷ୍ୟଙ୍କ ବିଚିତ୍ର ସମ୍ବନ୍ଧ ୭୨
ଗୁରୁ ଶିଷ୍ୟଙ୍କ ବିଚ୍ଛେଦର ଅଧିକାର ୩୪୩
ଗୁରୁ ଶିଷ୍ୟର ଅଧୀନତା ଓ ସ୍ୱାଧୀନତା ୮୬
ଗୁରୁ ସର୍ବମୟ ୨୨୦
ଗୁରୁ ସର୍ବାଭିଷ୍ଟ-ପ୍ରପୂରକ ମହାଭାବ ୯୩
ଗୁରୁ ହୀନ ସାଧକର ଜପଫଳ ୧୯୧
ଗୁରୁ ହେବାର ଯୋଗ୍ୟତା ୬୬
ଗୋଟିଏ ନାମରେ ନିର୍ଭରଶୀଳ ହୁଅ ୧୯୯
ଗୁରୁଙ୍କୁ କ'ଣ ଭଗବାନ ବୋଲି ଧ୍ୟାନ କରାଯାଇପାରେ ? ୨୪୦
ଗୁରୁ କ'ଣ ଭଗବାନ ? ୨୪୧
ଗୁରୁ କୃପା ଓ ପୁରୁଷକାର ୨୩୩
ଗୁରୁ ଗିରି ଓ ସ୍ୱାଧୀନତା ୮୪
ଗୁରୁର ଉଲ୍ଲାସ ଓ ଦାୟିତ୍ୱ ୧୧୭
ଗୁରୁ ତତ୍ତ୍ୱ ୩୧
ଗୁରୁ ତ୍ୟାଗ ୩୪୭
ଗୁରୁ ଓ ମନ୍ତ୍ର ତ୍ୟାଗର କ୍ଷେତ୍ର ୩୪୮
ଗୁରୁର ବିଶ୍ୱାସଘାତକତା ୩୩୪
ଗୁରୁ ଦକ୍ଷିଣା ୧୬୮

ଗୁରୁ ଦ୍ରୋହ ପ୍ରଶମନର ଉପାୟ	୩୫୨	ଜଗତ କଲ୍ୟାଣ ସାଧନ	୩୭୫
ଗୁରୁଦ୍ରୋହର ସ୍ୱରୂପ	୩୫୩	ଜଗନ୍ନୁଙ୍କ ସଂକଳ୍ପ	୩୬୯
ଗୁରୁ ନିଷ୍ଠା	୧୬୮	ଜଣେ ଜଣେ ଗୋଟିଏ ଗୋଟିଏ ଅବତାର ହୁଅ	୧୦୪
ଗୁରୁ, ପତି ଓ ପରମେଶ୍ୱର	୨୧୪	ଜୀବନ ବିକାଶ ପଥରେ ଅଖଣ୍ଡମଣ୍ଡଳେଶ୍ୱର	୨୯୮
ଗୁରୁ ପରମ୍ପରାର ତାତ୍ପର୍ଯ୍ୟ	୩୦୯	ଜୋର କରି ଦୀକ୍ଷା	୩୬୦
ଗୁରୁ ପରିବର୍ତ୍ତନର ଭଲ ଓ ମନ୍ଦ	୩୪୯	ତୁମେ ହିଁ ମୋର ଗୁରୁ	୨୯୬
ଗୁରୁ ପରୀକ୍ଷା	୧୦୯	ତ୍ରିବିଧ ଗୁରୁ	୬୯
ଗୁରୁ ଓ ଆତ୍ମପରୀକ୍ଷା	୧୧୪	ତ୍ରିବିଧ ଶିଷ୍ୟ	୭୦
ଗୁରୁ ପରୀକ୍ଷା କଥାର ପ୍ରକୃତ ଅର୍ଥ	୧୧୧	ତ୍ୟାଗୀ ଗୁରୁର ବିଷୟୀ ଶିଷ୍ୟ	୮୮
ଗୁରୁ ପରୀକ୍ଷାର ଆବଶ୍ୟକତା	୧୧୨	ତ୍ୟାଗୀ ଶିଷ୍ୟର ବିଷୟୀ ଗୁରୁ	୮୭
ଗୁରୁ ପରୀକ୍ଷାର ପ୍ରୟୋଜନୀୟତା	୧୧୩	ଦଳବୃଦ୍ଧି ପାଇଁ କୃତ୍ରିମ ଚେଷ୍ଟା ଅନାବଶ୍ୟକ	୩୭୨
ଗୁରୁ ପୂଜା	୨୪୯	ଦୀକ୍ଷା ନେବାପରେ	୩୯
ଗୁରୁ ବନ୍ଦନାର ଆବଶ୍ୟକତା	୨୪୦	ଦୀକ୍ଷାନ୍ତର ଗ୍ରହଣ	୩୮୦
ଗୁରୁ ବାକ୍ୟ ପାଳନରେ ଶିଷ୍ୟର ଅକ୍ଷମତା	୨୩୫	ଦୀକ୍ଷା ପରେ ସାଧନା ପ୍ରୟୋଜନ	୩୭୩
ଗୁରୁ ବାକ୍ୟ ହିଁ ଏକମାତ୍ର ସତ୍ୟ	୨୨୭	ଦୀକ୍ଷା ବ୍ୟତୀତ ନାମଜପ	୧୯୩
ଗୁର୍ବନ୍ତର ଗ୍ରହଣରେ ବିପଦ	୩୪୪	ଦୀକ୍ଷା ମନ୍ତ୍ର	୧୪୨
ଗୃହୀଶିଷ୍ୟ ପକ୍ଷରେ ସନ୍ୟାସୀ ଗୁରୁ	୮୯	ଦୀକ୍ଷା ମନ୍ତ୍ର କାହିଁକି ଗୋପନ ରଖାଯାଏ	୧୪୦
ଗୃହୀ ଶିଷ୍ୟ ପ୍ରତି ଗୁରୁର କର୍ତ୍ତବ୍ୟ	୯୧	ଦୀକ୍ଷାମାନେ ନବଜନ୍ମ	୩୬୧
ଚକ୍ରାନ୍ତରେ ପଡ଼ି ଦୀକ୍ଷା	୧୩୩	ଦୀକ୍ଷାର ଅର୍ଥ	୧୯୫
ଚୌରାଅଶି ଯୋନି ପରିଭ୍ରମଣ	୨୨୫	ଦୀକ୍ଷାର ଅପବ୍ୟବହାର	୧୪୨

ଦୀକ୍ଷାର ଗୋପନୀୟତାର କାରଣ ୧୨୫
ଦୀକ୍ଷାର ପାତ୍ରାପାତ୍ର ୧୨୮
ଦୀକ୍ଷାର ପ୍ରକୃତ ତାତ୍ପର୍ଯ୍ୟ ୧୨୧
ଦୀକ୍ଷାର ବୟସ ୧୫୩
ଦୀକ୍ଷାର ମର୍ମ ଗ୍ରାହିଣୀ ମୂର୍ତ୍ତି ୩୬୨
ଦୀକ୍ଷାମାନେ ୧୨୧
ଦୀକ୍ଷାମାନେ ନବଜନ୍ମ ଲାଭ ୧୨୦
ଦୀକ୍ଷାର ଲକ୍ଷ୍ୟ ୩୦୮
ଦୀକ୍ଷାର ଶକ୍ତି ୧୨୩
ଦୀକ୍ଷା ଓ ଦୀକ୍ଷାଦାତା ୧୪୩
ଦୀକ୍ଷାର ସଦ୍‌ବ୍ୟବହାର ଓ ଅସଦ୍ ବ୍ୟବହାର ୧୩୯
ଦୀକ୍ଷାର ସୁଫଳ ୧୨୪
ଦୀକ୍ଷା ରୂପକ ନବଜନ୍ମ ଲାଭକୁ ବ୍ୟର୍ଥ ହେବାକୁ ଦିଅନାହିଁ ୩୬୫
ଦୀକ୍ଷା ହିଁ ନବଜନ୍ମ ଲାଭ ୧୨୦
ଦୀକ୍ଷା ହିଁ ହୀନ ନାମଜପ କଥାଟିର ତାତ୍ପର୍ଯ୍ୟ ୧୯୬
ଦୀକ୍ଷିତ ଓ ଅଦୀକ୍ଷିତର ପାର୍ଥକ୍ୟ ୩୭୬
ଧର୍ମସଂଘ ଓ ଗୁରୁଦ୍ରୋହ ୩୭୨
ଧର୍ମସଂଘ ଓ ଗୁରୁ ନିଷ୍ଠା ୩୭୫
ଧର୍ମ ନାଁରେ କଦାଚାର ୩୩୨
ଧ୍ୱଂସୋନ୍ମୁଖ ହିନ୍ଦୁଜାତି ୨୮୩
ନାମକୁ ହିଁ ପରମ ଅବଲମ୍ବନ କର ୩୫୦
ନାମ ବିତରଣ ଓ ଗୁରୁବୋଧ ୩୩୮
ନାମର ପ୍ରଦୀପ ଜଳାଇ ରଖ ୩୬୭
ନାରୀର ଗୁରୁ ଗ୍ରହଣ ୩୨୮
ନାରୀର ଗୁରୁ ରୂପେ ଆବିର୍ଭୂତ ହେବାର ପ୍ରୟୋଜନୀୟତା ୩୨୫
ନାରୀର ସ୍ତ୍ରୀ-ଗୁରୁ ଓ ପୁରୁଷର ପୁରୁଷ-ଗୁରୁ ୩୨୬
ପତିତୋଦ୍ଧାରକ ମନ୍ତ୍ର ୩୭୩
ପର ଧର୍ମରେ ବିଦ୍ୱେଷ କର ନାହିଁ ୨୦୦
ପରମାତ୍ମାହିଁ ତୁମର ଗୁରୁ ୧୦୬
ପାତ୍ର ଭେଦରେ ଦୋଷଗୁଣର ତାରତମ୍ୟ ୨୦୩
ପାର୍ଥିବ ସ୍ୱାର୍ଥ ଲୋଭରେ ମନ୍ତ୍ର ଗ୍ରହଣ ୧୩୬
ପାପୀର ଦୀକ୍ଷା ୩୮୬
ପୁତ୍ର କନ୍ୟାଙ୍କ ପ୍ରତି ପିତାମାତାଙ୍କ କର୍ତ୍ତବ୍ୟ ୩୬୬
ପୂର୍ବ-ଦୀକ୍ଷିତର ପୁନର୍ଦୀକ୍ଷା ୩୧୯
ପ୍ରକୃତ ଗୁରୁ ୫୧
ପ୍ରକୃତ ଗୁରୁବାଦ କ'ଣ ? ୨୬୦
ପ୍ରକୃତ ଗୁରୁଭକ୍ତି ୨୩୬
ପ୍ରକୃତ ଦୀକ୍ଷାର୍ଥୀର ଲକ୍ଷଣ ୧୨୯
ପ୍ରକୃତ ଦୀକ୍ଷାଦାତା ୩୨୩
ପ୍ରଚଳିତ ଗୁରୁବାଦ ୯୮

ପ୍ରଚଳିତ ଗୁରୁବାଦର ଫର୍ମୁଲା ୯୯
ପ୍ରଚଳିତ ଫର୍ମୁଲାର ପରିବର୍ତ୍ତନରେ ବିପ୍ଳବ ୯୯
ପ୍ରେମ ହିଁ ସ୍ୱରୂପ ୩୭୪
ବର୍ତ୍ତମାନର ଗୁରୁବାଦ ୯୭
ବଞ୍ଚିବା ପରି ବଞ୍ଚି ରହିବାର ପଥ ୨୮୫
ବହୁ ଗୁରୁରେ ବିପତ୍ତି ୨୬୨
ବହୁ ପନ୍ଥାର ଦୋଷଗୁଣ ୨୦୩
ବହୁ-ମନ୍ତ୍ରଗ୍ରାହୀର ବିଡ଼ମ୍ବନା ୨୦୧
ବାରଆଡ଼େ ମନ ଦିଅ ନାହିଁ ୨୦୨
ବାଲ୍ୟପ୍ରାପ୍ତ ସାଧନରେ ନିଷ୍ଠାବୁଦ୍ଧିର ଆବଶ୍ୟକତା ୧୫୫
ବିପଜ୍ଜନକ ଗୁରୁଭକ୍ତି ୨୩୭
ବିରୋଧ ଭୁଲିଯାଅ ୩୭୨
ବିଷୟୀ ଗୁରୁର ତ୍ୟାଗୀ ଶିଷ୍ୟ ୮୭
ବୀଜ ବିତରଣ ହିଁ ସଦ୍‌ଗୁରୁଙ୍କର କାର୍ଯ୍ୟ ୨୧୨
ବୃଥା ଦୀକ୍ଷା ୧୩୨
ବ୍ୟକ୍ତିଗତ ଗୁରୁବାଦର ଉଚ୍ଛେଦ ୧୦୨
ବ୍ୟକ୍ତିଗତ ଗୁରୁବାଦର କୁଫଳ ୨୬୧
ବ୍ରହ୍ମଗାୟତ୍ରୀ ବା ବ୍ରାହ୍ମଣତ୍ୱର ଅଧିକାର ୨୯୦
ବ୍ରହ୍ମବିଦ୍ୟା ବିକ୍ରୟ ୩୨୨
ବ୍ରହ୍ମ ହିଁ ତୁମର ଗୁରୁ ୨୨୧
ଭଗବାନଙ୍କ ନାମ ହିଁ ପ୍ରକୃତ ଗୁରୁ ୨୨୦
ଭଗବାନଙ୍କ ପାଖରେ ପ୍ରାର୍ଥନା ୩୬୭
ଭଗବାନ ହିଁ ତୁମର ଗୁରୁ ୨୩୩
ଭଣ୍ଡଶିଷ୍ୟ ଓ ଖାଣ୍ଟି ଶିଷ୍ୟ ୭୭
ପାଶ୍ଚାତ୍ୟ ପାଦ୍ରୀ ଓ ଆଇନ ୨୭୭
ଭାରତୀୟ ଜୀବନରେ ଏକ ନିଷ୍ଠାର ମର୍ଯ୍ୟାଦା ୧୬୯
ଭାରତୀୟ ଜୀବନରେ ଗୁରୁ ୧୭
ଭିନ୍ନ ଭିନ୍ନ ମନ୍ତ୍ରର ପାର୍ଥକ୍ୟ ବାହ୍ୟତଃ ମାତ୍ର ୧୯୯
ଭ୍ରୂମଧ୍ୟବିହାରୀ ଶ୍ରୀଭଗବାନ ୩୬୪
ଭ୍ରୂମଧ୍ୟରେ ଗୁରୁଦର୍ଶନ ୩୭
ଭ୍ରୂମଧ୍ୟରେ ଗୁରୁଦର୍ଶନର ଉପାୟ ୩୭
ମଧୁ ଓ ଭ୍ରମର ୩୫୧
ମନ୍ଦିର, କୁଳଗୁରୁ ଓ ଦୀକ୍ଷା ମନ୍ତ୍ରର ଦାନ ୨୮୧
ମନ୍ତ୍ରଦୀକ୍ଷା ନ ଦେବା ଭଲ ୩୧୮
ମନ୍ତ୍ର ଦୀକ୍ଷା ନ ଦେଇ ବି ଶିଷ୍ୟ ହୁଅନ୍ତି ୯୨
ମନ୍ତ୍ର ଦୀକ୍ଷା ନେଇ ନ କରେ ସାଧନ ୨୩୨
ମନ୍ତ୍ର ଦୀକ୍ଷା ନେବା ଓ ଭବିଷ୍ୟତ ଜାଣିବା ୩୦୭
ମନ୍ତ୍ର ଦୀକ୍ଷା ନେଲେ କ'ଣ ଶିଷ୍ୟ ହୁଅନ୍ତି ? ୯୧

ମନ୍ତ୍ର ବିକ୍ରୟ ୩୨୧
ମିଥ୍ୟା ଗୁରୁ ୨୦୬
ମୁଁ ଆସିବିରେ ପିଲାଏ ୩୬୮
ମୁଁ ତୁମର ନିତ୍ୟ ସାଥୀ ୨୪୪
ମୁଁ ଦଳ ଗଢ଼ିବାକୁ ଆସିନାହିଁ ୩୫୫
ମୋ ଗୁରୁ ହିଁ ଶ୍ରେଷ୍ଠ ଗୁରୁ ୨୨୯
ମୋ ଠାରୁ ଦୀକ୍ଷା ନେବ ବୋଲି ୪୩୩
ମୋତେ ମାନିବ ନାହିଁ ୫୨
ମୋ ପିଲାଏ ମୋ ପାଖକୁ ଆସିବେ ୩୭୯
ମୋର ପ୍ରତିଚିତ୍ର ହିଁ ମୋର ପ୍ରତିନିଧି ୧୭୨
ଯଥାର୍ଥ ସ୍ୱପ୍ନ ଦୀକ୍ଷାର ଲକ୍ଷଣ ୧୭୫
ଯୁଗଧର୍ମ କାହାକୁ କହନ୍ତି ୨୮୮
ଯୁଗଧର୍ମର ଦାବୀ ୨୮୮
ରାଜନୈତିକ ନେତାମାନଙ୍କ ସହିତ ଦୀକ୍ଷାଦାତା ଗୁରୁମାନଙ୍କର ସାଦୃଶ୍ୟ ୧୫୨
ରୁଗ୍ଣାବସ୍ଥାରେ ସୂକ୍ଷ୍ମଦୀକ୍ଷା ୩୬୮
ରୋଗାରୋଗ୍ୟ ଲାଗି ମନ୍ତ୍ରଦାନ ୩୧୮
ଲଘୁତ୍ୱ ପ୍ରାପ୍ତ ଗୁରୁ ୨୦୮
ଲୋକାଚାର ଦୀକ୍ଷା ୧୪୨
ଶାଶ୍ୱତ କୁଶିଷ୍ୟ ଓ ଗୁରୁ ୫୧
ଶିଷ୍ୟ, ଅଶିଷ୍ୟ ୭୭
ଶିଷ୍ୟ ଚାହେଁନା ସାଧକ ଚାହେଁ ୩୨୦
ଶିଷ୍ୟ ପରିଚୟ ଦେବାର ଅଧିକାର ୮୦
ଶିଷ୍ୟ ପ୍ରତି ସଦ୍‌ଗୁରୁ ୭୮
ଶିଷ୍ୟ ଭିତରେ ଗୁରୁ ଶକ୍ତିର ସ୍ଥିତି ଓ ପ୍ରକାଶ ୩୭୦
ଶିଷ୍ୟର ଅକୃତଜ୍ଞତା ୨୦୮
ଶିଷ୍ୟର ଅଦୋଷଦର୍ଶିତା ୨୪
ଶିଷ୍ୟର ଅବାଧ୍ୟତା ଓ ଗୁରୁ ୮୩
ଶିଷ୍ୟର ଆତ୍ମପରୀକ୍ଷାର ଆବଶ୍ୟକତା ୧୧୪
ଶିଷ୍ୟର ଆତ୍ମ ସମର୍ପଣରେ ଗୁରୁର ଗୁରୁତ୍ୱ ୭୫
ଶିଷ୍ୟର ଇଷ୍ଟ ନିଷ୍ଠାବର୍ଦ୍ଧନ ଓ ଗୁରୁଙ୍କର ଈର୍ଷା ୩୮୨
ଶିଷ୍ୟର ଉଦ୍ଦେଶ୍ୟର ମହତ୍ତ୍ୱ ୩୩୩
ଶିଷ୍ୟର ଗୁରୁ ତ୍ୟାଗ ୩୪୫
ଶିଷ୍ୟର ଜଗନ୍ତୁଙ୍କ ପ୍ରୟାସରେ ଗୁରୁଙ୍କର ନିତ୍ୟନୂତନ ଆବିର୍ଭାବ ୩୬୨
ଶିଷ୍ୟର ଦୁର୍ବିନୟ ଓ ଗୁରୁର କ୍ଷମା ୩୫୬
ଶିଷ୍ୟର ବିଦ୍ରୋହରେ ଗୁରୁର ଉପକାର ୩୫୩
ଶିଷ୍ୟର ସ୍ୱାଧୀନତା ଓ ଗୁରୁ ୮୫
ଶିଷ୍ୟ ସଂଗ୍ରହ ଚେଷ୍ଟା ନିଷ୍ପ୍ରୟୋଜନ ୩୮୬
ଶିଷ୍ୟ ହେବାର ଯୋଗ୍ୟତା ୭୬

ଶିକ୍ଷା ଗୁରୁଙ୍କ କର୍ତ୍ତବ୍ୟ ୧୮୧
ସତ୍ ଶିଷ୍ୟର ଲକ୍ଷଣ ୭୫
ସତ୍ୟ ଓ ଗୁରୁ ୫୯
ସତୀତ୍ୱ ସଂସ୍କାରର ମୂଳ କ'ଣ ? ୨୦୧
ସଦ୍‌ଗୁରୁ ଓ ଅସଦ୍‌ଗୁରୁ ୬୨
ସଦ୍‌ଗୁରୁ କିଏ ? ୬୩
ସଦ୍‌ଗୁରୁଙ୍କ ଆତ୍ମବିଲୋପ ୨୧୭
ସଦ୍‌ଗୁରୁପ୍ରସଙ୍ଗ ୬୩
ସଦ୍‌ଗୁରୁଙ୍କର ଅହେତୁକ କୃପା ୧୦୮
ସଦ୍‌ଗୁରୁଙ୍କ ସହିତ ଶିଷ୍ୟର ସମ୍ବନ୍ଧ ୨୧୬
ସଂସାରରେ ସମସ୍ତେ ପରସ୍ପରର ଗୁରୁଭ୍ରାତା ୨୧୮
ସଂସାରର ସନ୍ଧାନ ୨୦୯
ସନାତନ ଧର୍ମ ହିଁ ପ୍ରକୃତ ଧର୍ମ ୨୮୯
ସବୁ ଗୁରୁଙ୍କ ଶିଷ୍ୟମାନେ କ'ଣ ସ୍ୱଜାତି ? ୧୯୪
ସବୁରି ଗୁରୁ ଏକ ୬୯
ସର୍ବତ୍ର ପରମେଶ୍ୱର ଦର୍ଶନ ୨୪୬
ସର୍ବଭୂତରେ ଗୁରୁଦର୍ଶନ ୨୬୯
ସର୍ବସ୍ୱ ଢାଳିଦେବାର ଅର୍ଥ ୨୨୪
ସର୍ବ-ସ୍ୱୀକୃତି ମୂଳକ ମହାମନ୍ତ୍ର ୧୨୭
ସାର୍ଥକ ଦୀକ୍ଷା ନବ ଜନ୍ମର ନାମାନ୍ତର ୧୩୮
ସାଧକ ଓ ପ୍ରଚାରକ ମଧ୍ୟରେ ପାର୍ଥକ୍ୟ ୨୦୪
ସାଧନରେ ଏକନିଷ୍ଠାର ଆବଶ୍ୟକତା ୩୬୬
ସିଦ୍ଧ ପୁରୁଷ ଓ ଦୀକ୍ଷା ୩୧୧
ସୁଦୀକ୍ଷା ଓ କୁଦୀକ୍ଷା ୧୩୦
ସୁଦୀକ୍ଷାର ପ୍ରମାଣ ୧୩୦
ସୁନ୍ଦର ହୁଅ ୧୫୬
ସ୍ୱପ୍ନରେ ଦୀକ୍ଷାଲାଭର ପ୍ରକାର ଭେଦ ୧୭୩
ସ୍ୱାର୍ଥଲୋଭରେ ଦୀକ୍ଷାନେବା ମନୋବୃତ୍ତି ୧୪୧
ସ୍ୱାଧୀନତା ହିଁ ଭାରତୀୟ ଧର୍ମର ଶିକ୍ଷା ୮୩
ସ୍ୱାମୀର ଅମତରେ ଦୀକ୍ଷା ୩୬୯
ସ୍ତ୍ରୀକୁ ଗୁରୁଙ୍କୁ ସମର୍ପଣ କରିବା ପ୍ରଥାର ମୂଳ ଉଦ୍ଦେଶ୍ୟ ୩୩୨
ସ୍ତ୍ରୀ ଲୋକର ଦୀକ୍ଷା ୧୬୫
ହୋ'ରେ ମାତି ଦୀକ୍ଷା ୧୫୯
ହୋ'ରେ ମାତି ଦୀକ୍ଷା ନେବାରେ କୁଫଳ ୧୩୨

ଓଁ

ଗୁରୁ

ଭାରତୀୟ ଜୀବନରେ ଗୁରୁ

ଭାରତୀୟ ଆଧ୍ୟାତ୍ମିକ ଜୀବନରେ ଗୁରୁଙ୍କର ସ୍ଥାନ ଏକ ଅବିସମ୍ବାଦିତ କୌଳିନ୍ୟପୂର୍ଣ୍ଣ ସ୍ଥାନ । ଭାରତରେ ଏପରି କୌଣସି ଧର୍ମମତ ବା ଧର୍ମପଥ ପ୍ରାୟ ନାହିଁ କହିଲେ ଚଳେ, ଯାହା ମୂଳରେ ଗୁରୁଙ୍କର ପ୍ରୟୋଜନୀୟତା ଖୁବ୍ ଦୃଢ଼ତାର ସହିତ ସମର୍ଥିତ ନ ହୋଇଛି । ତେଣୁ ଗୁରୁତତ୍ତ୍ୱର ଆଲୋଚନା ଯେ ଏକ ଅତ୍ୟାବଶ୍ୟକ ଆଲୋଚନା, ଏଥିରେ କୌଣସି ସନ୍ଦେହ ନାହିଁ ।

ଗୁରୁ କ'ଣ ? - ଏ ପ୍ରଶ୍ନର ଉତ୍ତର ବିଭିନ୍ନ ଦୃଷ୍ଟିକୋଣରୁ ବିଭିନ୍ନ ପ୍ରକାରର ହେବ । ଜଣେ ଜଣେ, ଗୁରୁଙ୍କୁ ଗୋଟିଏ ଗୋଟିଏ ପ୍ରକାରେ ଗ୍ରହଣ କରିଛନ୍ତି ଏବଂ ତଦନୁଚିତ ଭାବରେ ସଦ୍‌ଗୁରୁ-ତତ୍ତ୍ୱ ପ୍ରଚାର କରିଛନ୍ତି ।

ସାଧାରଣ ଭାବରେ ଆମେ ଦେଖୁ ଯେ ଜଣେ ଜଣକୁ ଶିକ୍ଷା ନ ଦେଲେ, ଯେ କୌଣସି ବିଷୟ ଆୟତ୍ତ କରିବା ତା ପକ୍ଷରେ କଠିନ ହୁଏ । କ, ଖ ଶିଖିବାକୁ ଅବଧାନ ଲୋଡ଼ା ହୁଅନ୍ତି । କମାର କାମ, କୁମ୍ଭାର କାମ ଶିଖିବାକୁ ବିଦ୍ୟାଦାତା ପ୍ରୟୋଜନ ହୁଅନ୍ତି । ସିତାର, ଏସ୍‌ରାଜ ବାଜଣା ଶିଖିବା ପାଇଁ ଓସ୍ତାଦ ଦରକାର ହୁଅନ୍ତି ।

ଅବଶ୍ୟ ଏ ସଂସାରରେ ସବୁବେଳେ ଏପରି ଜଣେ ଜଣେ ଅଦ୍ଭୁତ ଭାଗ୍ୟଧର ପ୍ରତିଭାବାନ୍ ପୁରୁଷ ଥାନ୍ତି, ଯେଉଁମାନେ କି ବିନା ଓସ୍ତାଦରେ ଖୁବ୍

ଭଲ ତବଲା ବଜାନ୍ତି । ମୁଁ ଦେଖିଛି ଜଣେ ମୂକ ବ୍ୟକ୍ତି ଶିକ୍ଷକଙ୍କ ବିନା ସାହାଯ୍ୟରେ କୌତୁହଳବଶତଃ ବର୍ଣ୍ଣମାଳା ନିଜେ ନିଜେ ଆୟତ୍ତ କରି ପାରିଥିଲେ । ସେଭଳି ଲୋକ ଦୁର୍ଲ୍ଲଭ । ଏମାନଙ୍କୁ Prodigy ବା ଅତିମାନସ-ପ୍ରତିଭା ସମ୍ପନ୍ନ ବୋଲି କୁହାଯାଇ ପାରେ । ଏମାନେ ପୂର୍ବ ଜନ୍ମରେ ଅର୍ଜ୍ଜନ କରିଥିବା ବୈଭବକୁ ଏ ଜନ୍ମରେ ଭୋଗ କରନ୍ତି ବୋଲି କୁହାଯାଏ । ସେଭଳି ଜଣେ ଅଧେ ଅତି ଦୁର୍ଲ୍ଲଭ ଅସାମାନ୍ୟ ଲୋକଙ୍କୁ ଛାଡ଼ିଦେଲେ ଆଉ ସମସ୍ତଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଲାଭ ପାଇଁ ଅନ୍ୟ ଲୋକର ସାହାଯ୍ୟ ନେବାକୁ ହୁଏ ଏବଂ ଏହା ହିଁ ଗୁରୁବାଦର ବାହାରର ସ୍ଥୂଳ ଭିତ୍ତି ।

ଅତଏବ ସାଧାରଣ ଭାବରେ ବିଚାର କଲେ ଗୁରୁ ଜଣେ ଶିକ୍ଷକ ଛଡ଼ା ଆଉ କିଛି ନୁହନ୍ତି । ସେ ଯାହା ଶିଖିଥାନ୍ତି ଅନ୍ୟମାନଙ୍କୁ ତାହା ଶିଖାନ୍ତି, ଯେଉଁ କୌଶଳ ସବୁ ସେ ଆୟତ୍ତ କରିଥାନ୍ତି, ଅନ୍ୟାନ୍ୟ ଲୋକଙ୍କର କଲ୍ୟାଣ ପାଇଁ ସେ ସେମାନଙ୍କୁ ତାହା ବତାଇ ଦିଅନ୍ତି, ସେ ଯେଉଁ ବାଟରେ ଯାଉଛନ୍ତି ଅନ୍ୟାନ୍ୟ ଲୋକମାନଙ୍କୁ ସେହି ବାଟ ଦେଖାଇ ଦିଅନ୍ତି । କାରଣ ଯେ ଯେଉଁ ପଥରେ ଗମି ନାହିଁ ସେହି ପଥ ସମ୍ପର୍କରେ ଉପଦେଶ ଦେବାକୁ ସେ ଅଧିକାରୀ ନୁହେଁ । ଇତିହାସରେ ଏମ.ଏ. ପାଶ କରିଥିବା ଲୋକ କଲେଜରେ ଇତିହାସ ପଢ଼ାନ୍ତି, ଫିଜିକ୍ସରେ ଏମ.ଏସ୍.ସି ପାଶ କରିଥିବା ଲୋକ କଲେଜରେ ଫିଜିକ୍ସ ପଢ଼ାନ୍ତି । ଏହି ଦୃଷ୍ଟିରୁ ଯେତେବେଳେ ଆମେ ଗୁରୁଙ୍କୁ ଦେଖୁ, ସେତେବେଳେ ତାଙ୍କୁ ପ୍ରଣାମ କରିବାର ମନ୍ତ୍ର ହେଉଛି -

"ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ" ।

ଏହି ଅବସ୍ଥାରେ ତାଙ୍କର ବନ୍ଦନା ହେଲା -

"ତତ୍‌ପଦଂ ଦର୍ଶିତଂ ଯେନ
ତସ୍ମୈ ଶ୍ରୀ ଗୁରୁବେ ନମଃ" ।

ସେ ଚକ୍ଷୁ ଉନ୍ମୀଳିତ କରିଦେଲେ, ପଥ ବି ଦେଖାଇଦେଲେ, ତା'ପରେ ତାଙ୍କର ଛୁଟି ।

ମୁଁ ବାଟରେ ଯାଉଛି । ଗଭୀର ଅନ୍ଧକାର ରାତ୍ରି । ମୋତେ ବାଟ ଜଣାନାହିଁ । ଜଣାଥିଲେ ବି ବିପଦର ଅନ୍ତ ନାହିଁ । ହାତରେ ଲାଠି ନାହିଁ କି ଆଲୁଅ ନାହିଁ । କେଉଁ ମୁହୂର୍ତ୍ତରେ ଯେ ଖାଲରେ ପଡ଼ିବି ତା'ର କିଛି ଠିକ୍ ଠିକଣା ନାହିଁ । ପ୍ରକୃତରେ କିଛି ସମୟ ପରେ ଖାଲରେ ପଡ଼ିଗଲି । ଉଚ୍ଚ ସ୍ୱରରେ ଡାକ ପକାଇଲି "କିଏ କେଉଁଠି ଅଛ, ଦୟାକରି ମୋତେ ଖାଲରୁ ଉଦ୍ଧାର କର ।" ଜଣେ ଦୟାଳୁ ଲୋକ ଆସିଲେ । ସେ କହିଲେ, "ଖାଲରୁ ତୋତେ ହାତ ଧରି ଟାଣି ଉପରକୁ ଉଠାଇ ଦେବି, କିନ୍ତୁ ବେଟା, ତୁ ମୋତେ ବାପା ବୋଲି ଡାକିବାକୁ ହେବ ।" ବାପା ଡାକିବାକୁ ଇଚ୍ଛା ନାହିଁ, କିନ୍ତୁ ଅକଲରେ ପଡ଼ିଲେ ବାଘ ବି ଧାନ ଖାଏ । ଅଗତ୍ୟା ବାଧ୍ୟ ହୋଇ ତାଙ୍କ କଥା ମାନିଲି, ଆତ୍ମ ଅଭିମାନ ଛାଡ଼ି ବାପା ଡାକିବି ବୋଲି କହିଲି । ସେ ମୋ ହାତ ଧରି ଉପରକୁ ଉଠାଇ ଦେଲେ, ହାତରେ ଗୋଟିଏ ଲାଠି ଓ ଗୋଟିଏ ବତି ଦେଲେ- ବହୁ ଦୂରରେ ଥିବା ଏକ ଜ୍ୟୋତି ଦେଖାଇଦେଲେ । ସେ ଜ୍ୟୋତି ହେଉଛି ଲକ୍ଷ୍ୟ, ବତି ପାଇଲି -ନାମ, ଲାଠି ପାଇଲି- ପ୍ରଣାଳୀ । ସୁଦୂରର ସେହି ଲକ୍ଷ୍ୟକୁ ଚାହିଁ ବାଟ ଚାଲିବାକୁ ଲାଗିଲି, ଏହି ଲକ୍ଷ୍ୟ ଶ୍ରୀ ଭଗବାନ୍ । ଗୁରୁ କୁଆଡ଼େ ଗଲେ, ସେ କଥା ବୁଝିବାର ଆବଶ୍ୟକତା ବା ଅବସର ଆଉ ରହିଲା

ନାହିଁ । ଏହି ଅବସ୍ଥା- କର୍ମଯୋଗୀର - ସେ ଗୁରୁଦତ୍ତ ସାଧନାକୁ ହିଁ ପ୍ରଧାନ ମନେ କରି ଗୁରୁଙ୍କୁ କେବଳ ପଥ-ପ୍ରଦର୍ଶକ ବୋଲି ଗଣନା କରେ । ଏମାନଙ୍କର ପ୍ରଣାମ କରିବା ମନ୍ତ୍ର ହେଉଛି -

'ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।'

କର୍ମଯୋଗୀ ଗୁରୁଦତ୍ତ ସାଧନକୁ ହିଁ ବେଶି ଆଦର କରନ୍ତି, ଗୁରୁଙ୍କ ଖୋଜ ଖବର ନେବାକୁ ତାଙ୍କର ବେଳ ନ ଥାଏ । ତେଣୁ ଗୁରୁ ସ୍ୱଭାବତଃ କିଛି ଦୂରରେ ହିଁ ରହିଥାନ୍ତି । ଏଣେ ପରଂବ୍ରହ୍ମ ସେତେବେଳକୁ ଲାଭ ହୋଇ ନ ଥାନ୍ତି । ତେଣୁ ଲକ୍ଷ୍ୟ ମଧ୍ୟ ଅନେକ ଦୂରରେ ଥାଏ । କେବଳ ହାତ-ମୁଠାରେ ତାଙ୍କର ଥାଏ ଗୁରୁଦତ୍ତ ସାଧନ । ତେଣୁ ସେ ସାଧନକୁ ସେ ସର୍ବତୋଭାବରେ କାମରେ ନ ଲଗାଇ ଛାଡ଼ନ୍ତି ନାହିଁ । ସାଧନ କରିବା ଆଗରୁ ସେ ଗୁରୁଦେବଙ୍କୁ ଥରେ ସ୍ମରଣ କରିପାରନ୍ତି, କିନ୍ତୁ ତାଙ୍କର ସମଗ୍ର ମନ ଓ ପ୍ରାଣ "ସାଧନତତ୍ତ୍ୱ"ରେ ହିଁ ଲାଗି ରହିଥାଏ । ତାନ୍ତ୍ରିକ ସାଧକମାନେ କେତେକ ପରିମାଣରେ ଏହି ପ୍ରକୃତି-ବିଶିଷ୍ଟ । ସେମାନେ ଗୁରୁଙ୍କୁ ଅନାଦର କରନ୍ତି ନାହିଁ । କିନ୍ତୁ ଜୀବନର ଚରମ ଚରିତାର୍ଥତା ଲାଗି ସାଧନକୁ ହିଁ ସର୍ବେସର୍ବା ବୋଲି ମନେ କରନ୍ତି ।

ଏକ ଗୁରୁ ବିଭିନ୍ନ ଶିଷ୍ୟଙ୍କ ପାଖରେ ବିଭିନ୍ନ ରୂପରେ ପ୍ରତିଭାତ ହୁଅନ୍ତି । ମନେ କର ଗୁରୁଙ୍କୁ ଜଣେ କେବଳ ପଥପ୍ରଦର୍ଶକ ମାତ୍ର ମନେ କରି ପଥଟି ଜାଣିବା ଓ ସେହି ପଥରେ ଚାଲିବା ଦିଗରେ ତାଙ୍କର ସମଗ୍ର ମନପ୍ରାଣ ଢାଳିଦେଲେ । ସେ କ୍ଷେତ୍ରରେ ଧରିନେବାକୁ ହେବ ଯେ ତାଙ୍କର ଆତ୍ମଶକ୍ତି ଉପରେ ଅଗାଧ ବିଶ୍ୱାସ ଓ ନିଜ ଭବିଷ୍ୟତକୁ ନିଜେ ଗଢ଼ିବା ଲାଗି ଆଗ୍ରହର ଆତିଶଯ୍ୟ ରହିଛି । ତେଣୁ ଗୁରୁ-ସେବା ବୋଇଲେ ଆମେ ସାଧାରଣତଃ ଯାହା

ତୁଷ୍ଟ, ସେଥିପ୍ରତି ସେ କେତେକ ପରିମାଣରେ ଉଦାସୀନ ହେଲେ ବି ପଥଟା କ'ଣ, ସେ କଥା ପୁଙ୍ଖାନୁପୁଙ୍ଖ ଭାବରେ ଜାଣିବା ପାଇଁ ତାଙ୍କର ଅସୀମ ଆଗ୍ରହ । କ୍ଷୁଧାର୍ତ୍ତ ବ୍ୟକ୍ତିଙ୍କୁ ଅନ୍ନ ପରିବେଷଣ କଲେ ସେ ଯେପରି ଖାଇବାରେ ଆଦୌ ଡେରି କରେ ନା, ସେହିପରି ଏ ଧରଣର ଶିଷ୍ୟମାନେ ଗୁରୁଦତ୍ତ ପଥ ଜାଣି ସାରିଲା ପରେ ସେହି ପଥର ପୂର୍ଣ୍ଣ ସଦ୍‌ବ୍ୟବହାର କରିବାରେ ସେମାନଙ୍କର ଆଦୌ ଆଳସ୍ୟ ନଥାଏ, ଭୟ ନ ଥାଏ ବା ଅବସାଦ ନ ଥାଏ । ସେ ତାଙ୍କର ପରମ ପ୍ରିୟଙ୍କର ସ୍ପର୍ଶ ନିଜ ଭିତରେ ପାଇବା ଲାଗି ବ୍ୟାକୁଳ, ଗୁରୁଙ୍କ ଭିତରେ ନିଜକୁ ହଜାଇ ଦେବାର ରୁଚି ତାଙ୍କର ନ ଥାଏ । ଧନୀ ପିତାର ଉପାର୍ଜନକ୍ଷମ ପୁତ୍ରର ମେଜାଜ୍ ସେ ପାଇଥାନ୍ତି । ତାଙ୍କର ବିଚାର ପ୍ରଣାଳୀ ହେଉଛି ନିମ୍ନୋକ୍ତ ପ୍ରକାରର -

ଗୁରୁ କିଏ ? ନା, ଯେ ଅନ୍ଧକାର ଦୂର କରନ୍ତି । ମୋ ସାମ୍ନାରେ ଗୋଟାଏ ଲଣ୍ଠନ ଜଳୁଛି, କିନ୍ତୁ ପ୍ରକୃତରେ ଏହି ଲଣ୍ଠନଟା କ'ଣ ଅନ୍ଧକାର ଦୂର କରୁଛି ? ପ୍ରଥମେ ମନେ ହେବ ଯେ ଲଣ୍ଠନ ହିଁ ଅନ୍ଧକାର ଦୂର କରୁଛି, କିନ୍ତୁ ଟିକିଏ ଲକ୍ଷ୍ୟକଲେ ଦେଖାଯିବ ଯେ ସେହି ଲଣ୍ଠନ ଭିତରେ ଯେଉଁ ଅଗ୍ନି ଅଛନ୍ତି, ଅନ୍ଧକାର ସେ ଦୂର କରୁଛନ୍ତି । ଲଣ୍ଠନଟା ଗୁରୁଙ୍କର ଦେହ, ଭିତରର ଅଗ୍ନି, ପରମାତ୍ମା । ପରମାତ୍ମାଙ୍କର ପ୍ରଭା ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦେହ ମାଧ୍ୟମରେ ଅତ୍ୟନ୍ତ ଭାସ୍ୱର ଭାବରେ ପ୍ରକାଶିତ ହୁଏ, ତେଣୁ ଦେହଟାର ଯାହା ଆଦର । ଯେଉଁ ଲଣ୍ଠନ-ଅର୍ଥାତ୍ ଦେହ - ଭଙ୍ଗା, ଯାହାର ଚିମିନି-ଅର୍ଥାତ୍ ମନ-ଅନୁଜ୍ଜ୍ୱଳ, ସେ ଲଣ୍ଠନ ଭିତରେ ଅଗ୍ନି ଥିଲେ ବି ଆଲୋକ ବିକିରିତ ହୁଏ ନାହିଁ । ସେଥିପାଇଁ ଅନ୍ଧ, ଖଞ୍ଜ, କୁବ୍‌ଜ, କୁଷ୍ଠୀ, ବାଚାଳ ଓ ଅସ୍ଥିରଚିତ୍ତ ବ୍ୟକ୍ତିଙ୍କୁ ଗୁରୁରୂପରେ ଗ୍ରହଣ କରିବା ପାଇଁ ଶାସ୍ତ୍ର ନିଷେଧ କରିଛି । ତା'ର କାରଣ ହେଉଛି ଏଇଆ

ଯେ ଦେହର ଅପୂର୍ଣ୍ଣତା-ଅର୍ଥାତ୍ ଇଣ୍ଧନର ଭଗ୍ନତା -ତଜ୍ଜନ୍ୟ ଅଗ୍ନିର ଜ୍ୟୋତି ବିକିରଣୀ ଶକ୍ତିକୁ ସଂକୁଚିତ କରିଥାଏ ।

ମଧୁଲୁବ୍ଧ ଭ୍ରମର ପରି ପୁଷ୍ପରୁ ପୁଷ୍ପାନ୍ତର ଭ୍ରମଣ ଉପଦେଶ ଉପରୋକ୍ତ ଶ୍ରେଣୀର ଶିଷ୍ୟଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁ ପଥ ଅବଲମ୍ବନ କଲେ ଯାତ୍ରା ପ୍ରକୃତରେ ନିର୍ବିଘ୍ନ ହେବ, ସେ ପଥ ଯଦି ନ ମିଳେ, ତାହା ହେଲେ ଏହି ଶ୍ରେଣୀର ଶିଷ୍ୟ ନିରାପଦ ପଥ ପାଇବା ଲାଗି ଗୁରୁ ପରିବର୍ତ୍ତନ କରିବେ ହିଁ କରିବେ । ଗୁରୁଙ୍କୁ ଯେଉଁଠି ସାଧାରଣ ଦୃଷ୍ଟିରେ ସାମାନ୍ୟ ମନୁଷ୍ୟ ମାତ୍ର ବୋଲି ମନେ କରାଯାଏ, ଯେଉଁଠି ସାଧନ କଲା ପରେ ବି ସତ୍ୟର ଆଭାସ ନ ମିଳେ, ଯେଉଁଠି ଗୁରୁମୁଖ-ନିଃସୃତ ଅଭୟବାଣୀ ମନକୁ ଏକନିଷ୍ଠ କରି ନ ପାରେ, ସେଠାରେ ମଧୁହୀନ ପୁଷ୍ପକୁ ଛାଡ଼ି ମଧୁଗର୍ଭ ପୁଷ୍ପର ଅନ୍ୱେଷଣରେ ଭ୍ରମଣ କରିବା ଲାଗି ଏହି ଶ୍ରେଣୀର ଶିଷ୍ୟଙ୍କୁ ଏହି ଅବସ୍ଥାରେ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି । ଅବଶ୍ୟ ଏପରି ସ୍ଥାନରୁ ସ୍ଥାନାନ୍ତର ଭ୍ରମି ଭ୍ରମି ସାରା ଜୀବନ ବିତି ଯିବାର ଆଶଙ୍କା ବି ଅଛି । କିନ୍ତୁ ଏ ସ୍ଥଳରେ ଶିଷ୍ୟର ଯୁକ୍ତି ହେଉଛି ଯେ ଅବାଟରେ ଯାଇ ପରମାତ୍ମାଙ୍କୁ ନ ପାଇବା ଅପେକ୍ଷା ସତ୍ୟପଥ ଲାଭ ଆଶାରେ ତିନି ଚାରି ଜନ୍ମ ଇତସ୍ତତଃ ଭ୍ରମିବା ବରଂ ଭଲ । ଏହି ଯୁକ୍ତି ଭିତରେ ଗଭୀର ସତ୍ୟ ଯେ ନିହିତ ନାହିଁ, ତାହା ନୁହେଁ ।

ପ୍ରଥମରୁ ଝୁଙ୍କ ବା ଖିଆଲର ବଶବର୍ତ୍ତୀ ହୋଇ ଗୁରୁ କଲେ ଅନେକଙ୍କ ପକ୍ଷରେ ଏଭଳି ବିପଦ ଅବଶ୍ୟମ୍ଭାବୀ । ଚିତ୍ତତାପହାରକ ଶ୍ରୀଗୁରୁଙ୍କ ସାକ୍ଷାତ ଲାଭ ପାଇଁ ଯେଉଁଠି ଆତ୍ମପ୍ରସ୍ତୁତିର ଅଭାବ ଥାଏ, ଯେଉଁଠି ଶ୍ରଦ୍ଧିତ ଚିତ୍ତରେ ଓ ସାତ୍ତ୍ୱିକ ମନରେ ପ୍ରତୀକ୍ଷା କରିବା ଶକ୍ତିର ଅଭାବ ଥାଏ, ସେଠାରେ ଏ ଧରଣର ବିପଦ ଅପରିହାର୍ଯ୍ୟ । ତେଣୁ ସଦ୍‌ଗୁରୁ-ଅର୍ଥାତ୍ ଯେ ସତ୍ ଓ ଯେ ଗୁରୁ, ଯାହାଙ୍କ ଭିତରେ ସତ୍ ଜାଗ୍ରତ ହୋଇଛି - ସେ ଭଳି ଗୁରୁଙ୍କ ପାଇଁ

ଅପେକ୍ଷା କରିବାକୁ ହୁଏ ଓ ସେ ଯେଉଁଦିନ ଆସିବେ, ସେ ଦିନ ଯେପରି ପ୍ରତୀକ୍ଷାମାଣ ଶିଷ୍ୟ ନିଜର ହୃଦୟ ଆସନକୁ ତାଙ୍କ ଉପବେଶନ ଲାଗି ଉପଯୁକ୍ତ ଭାବରେ ପାରି ଦେଇ ପାରିବ, ସେଥିପାଇଁ ସେ ସରଳ ଓ ସହଜ ବୁଦ୍ଧିରେ ନିଜର କର୍ତ୍ତବ୍ୟ ପାଳନ କରି ଚାଲୁଥାଏ । ଏହା ହିଁ ହେଉଛି ସଦ୍‌ଗୁରୁ ଲାଭର କୌଶଳ ।

ବହୁ ପୁଣ୍ୟ ବଳରେ ସଦ୍‌ଗୁରୁ ଲାଭ ହୁଏ କିମ୍ବା ତାଙ୍କର ଅହେତୁକୀ କୃପାରୁ ସେ ଲଭ୍ୟ ହୁଅନ୍ତି । ଯେଉଁ ଭୂମି ଭଲ ଭାବରେ କର୍ଷିତ ହୋଇଛି, ସେଥିରେ କୃପାବାରି ଓ ବୀଜ ପତିତ ହେଲେ ଚାହୁଁ ଚାହୁଁ ତାହା ଶ୍ୟାମଳ ଶୋଭାରେ ବିମଣ୍ଡିତ ହୁଏ ।

ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁ ନେଇ ଯେଉଁ ଦ୍ୱନ୍ଦ୍ୱ ବିଶେଷ ଭାବରେ ବୈଷ୍ଣବ ସମାଜରେ ଲାଗିଛି, ତା'ର ମୂଳ ଉତ୍ସ ହେଉଛି ଏହି ଅପେକ୍ଷା କରିବା ଶକ୍ତିର ଅଭାବ ଏବଂ ସଦ୍‌ଗୁରୁଙ୍କ କୃପା ଲାଭ କରିବା ଲାଗି ଶବରୀ ପରି ପ୍ରତୀକ୍ଷା କରି ରହିବା ପାଇଁ ଧୈର୍ଯ୍ୟର ଅଭାବ ଓ ଆତ୍ମପ୍ରସ୍ତୁତି ଲାଗି ରୁଚିର ଅଭାବ ।

କୁଳଗୁରୁଙ୍କ ଠାରୁ ଦୀକ୍ଷା ନେବାକୁ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି ଏବଂ ପୈତୃକ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ସମସ୍ତେ କୁଳଗୁରୁ ଗ୍ରହଣ କଲୁ ବୋଲି ଭାବନ୍ତି । କିନ୍ତୁ ପିତାର ଯେ ଗୁରୁ, ତାଙ୍କର ଯେଉଁ ପୁତ୍ରକନ୍ୟା ହୁଅନ୍ତି, ସେମାନେ ହୁଏତ ନିଜ ଜୀବନରେ ସତ୍ୟର ଜାଗରଣ ଅନୁଭବ କରି ନଥାଇ ପାରନ୍ତି । ଏପରି ଅବସ୍ଥାରେ ତାଙ୍କ ଠାରୁ ଦୀକ୍ଷା ନେଲେ ଶିଷ୍ୟ ବିଚାରା ପ୍ରକୃତ ପଥ ଜାଣିବା ପାଇଁ ମଧୁଲୁବ୍ଧ ଭ୍ରମର ପରି ଇତସ୍ତତଃ ଭ୍ରମିବା ଛଡ଼ା ଅନ୍ୟ ଗତି ନାହିଁ ।

କିନ୍ତୁ କୁଳଗୁରୁ ଶବ୍ଦର ପ୍ରକୃତ ଅର୍ଥ ଆମେ ବୁଝୁନା । କୁଳକୁଣ୍ଡଳିନୀ ଯାହାଙ୍କର ଜାଗ୍ରତ ହୋଇଛନ୍ତି, ସେ ହିଁ କୁଳଗୁରୁ । ସେ ଆମର ପୂର୍ବ ପୁରୁଷଙ୍କର ଗୁରୁ ନ ହୁଅନ୍ତୁ, ଏପରି କି ସେ ହୁଏତ ଆମର ପୈତୃକ ଦାସ-ବଂଶରେ ଜନ୍ମ ହୁଅନ୍ତୁ ପଛକେ, ଯାହାଙ୍କର କୁଳକୁଣ୍ଡଳିନୀ ଜାଗ୍ରତ ହୋଇଛନ୍ତି ସେ ହିଁ କୁଳଗୁରୁ ଏବଂ ତାଙ୍କୁ ଗ୍ରହଣ କରିବା ହିଁ କୁଳଗୁରୁ ଗ୍ରହଣ ଓ ତାଙ୍କୁ ବର୍ଜନ କରିବା ହିଁ କୁଳଗୁରୁ ବର୍ଜନ ।

ନିଚବଂଶଜାତ ବ୍ୟକ୍ତିମାନଙ୍କର ମଧ୍ୟ କୁଳକୁଣ୍ଡଳିନୀ ଜାଗ୍ରତ ହେବା ସମ୍ଭବ, ଯଥା-କବୀର ଓ ଦାଦୁ ହରି ଦାସ । ସ୍ତ୍ରୀ ଲୋକଙ୍କର ମଧ୍ୟ କୁଳ-କୁଣ୍ଡଳିନୀ ଜାଗ୍ରତ ହେବା ସମ୍ଭବ, ଯଥା-ମୀରାବାଇ, ଯମୁନାବାଇ, ରାମକୃଷ୍ଣଙ୍କ ସହଧର୍ମିଣୀ ପ୍ରଭୃତି । ଏକମାତ୍ର କୁଳଗୁରୁ ହିଁ ଗ୍ରହଣୀୟ-ଏହି ଯୁକ୍ତି ବଳରେ ସ୍ତ୍ରୀଲୋକମାନଙ୍କ ମଧ୍ୟରେ ସତ୍ୟର ଜାଗରଣ ଘଟିଲେ ସେମାନଙ୍କୁ ମଧ୍ୟ ଗୁରୁ ଭାବରେ ଗ୍ରହଣ କରାଯିବାର କଥା । ତଥାପି ସ୍ତ୍ରୀଗୁରୁଗ୍ରହଣ ଶାସ୍ତ୍ରରେ ଯେ ନିଷିଦ୍ଧ କରାଯାଇଛି ତା'ର କାରଣ କ'ଣ ? ତା'ର କାରଣ ସ୍ୱରୂପ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଶିଷ୍ୟର ଦୈହିକ, ମାନସିକ, ନୈତିକ, ଆଧ୍ୟାତ୍ମିକ ଇତ୍ୟାଦି ସର୍ବବିଧ ମଙ୍ଗଳ ପାଇଁ ଗୁରୁ ଦାୟୀ ଏବଂ ସେ ତାକୁ ସବୁ ବିଷୟରେ ଉପଦେଶ ଦେବାକୁ ବାଧ୍ୟ ଓ ଅଧିକାରୀ । ସାଧକ ଜୀବନର ଏପରି ବହୁ ସମସ୍ୟା ଅଛି, ଯାହାର ସମାଧାନ ପୁରୁଷ ଶିଷ୍ୟ କ୍ଷେତ୍ରରେ କରିବା ସ୍ତ୍ରୀଗୁରୁଙ୍କ ପକ୍ଷରେ ଅସୁବିଧାଜନକ । କାରଣ ଯେଉଁ କ୍ଷେତ୍ରରେ ସ୍ତ୍ରୀଶିଷ୍ୟାମାନେ ଏକମାତ୍ର ଭକ୍ତିମାର୍ଗ ଅନୁସରଣ କରି ନିଜ ନିଜର ସମସ୍ତ ଚିତ୍ତ ବିପ୍ଲବ ପ୍ରଶମିତ କରନ୍ତି । ଠିକ୍ ସେହି କ୍ଷେତ୍ରରେ ପୁରୁଷ ଶିଷ୍ୟର ସ୍ୱାଭାବିକ ପୁରୁଷୋଚିତ ପ୍ରକୃତି ବ୍ରହ୍ମାଣ୍ଡ ଓଲଟ ପାଲଟ କରି ପକାଏ । ପୃଥିବୀର ଇତିହାସରୁ ଦେଖିବାକୁ ମିଳେ ଯେ

ଜଣେ ପୁରୁଷର କାମନା ବାସନାରେ ଇନ୍ଧନ ଯୋଗାଇବା ସକାଶେ ପୃଥିବୀରେ ଯେତେ ନରହତ୍ୟା ହୋଇଯାଇଛି ଓ ଯେତେ ଦେଶ ଧ୍ୱଂସପ୍ରାପ୍ତ ହୋଇଯାଇଛି କୌଣସି ନାରୀର କାମନା-ଯଜ୍ଞରେ ଏ ଦୁନିଆ ନିଜକୁ ସେପରି ଆହୁତି ଦେଇନାହିଁ ।

ପ୍ରତ୍ୟେକ ସାଧକର ପରମ ଶତ୍ରୁ ହେଉଛି ଦୁର୍ବାର କାମ । ନାରୀ-ଶିଷ୍ୟାର ବି କାମ ଥାଏ-ଏପରିକି ନାରୀର କାମ ପୁରୁଷର ଅଷ୍ଟଗୁଣ ବୋଲି ତ ଶାସ୍ତ୍ର କୀର୍ତ୍ତନ କରିଯାଇଛି । କିନ୍ତୁ ନାରୀର ସଂଯମ-ସାମର୍ଥ୍ୟ ଯେ ପୁରୁଷର ଅଷ୍ଟଗୁଣ, ସେ କଥାଟିକୁ ମଧ୍ୟ ସ୍ୱୀକାର କରିବାକୁ ହେବ । ପୁରୁଷ ଜାତିର ନିରଙ୍କୁଶ ସ୍ୱାଧୀନତାର ସୁଯୋଗ ପାଇ ପୁରୁଷର କାମ ତା ମନକୁ ନିୟତ ବିଭ୍ରାନ୍ତ କରେ । ଏହି ମାନସିକ ବିଭ୍ରମ ଦୂର କରିବା ଦାୟିତ୍ୱ ନିଃସଙ୍କୋଚରେ ତୁଲାଇବାକୁ ସମର୍ଥ ହେବେ ବୋଲି ଆଶଙ୍କା କରି ଶାସ୍ତ୍ରରେ ସ୍ତ୍ରୀଗୁରୁ ଗ୍ରହଣ ନିଷେଧ କରାଯାଇଛି । ତା ନହେଲେ ସ୍ତ୍ରୀଗୁରୁଙ୍କ ଠାରେ ଯେ ଗୁରୁଶକ୍ତିର ବିକାଶ ନ ହୁଏ ବା ତାଙ୍କ ମଧ୍ୟରେ ବ୍ରହ୍ମଜାଗରଣ ଯେ ନ ଘଟେ, ତାହା ନୁହେଁ ।

କୁଳକୁଣ୍ଡଳିନୀ କାହାର ଜାଗ୍ରତ ହୋଇଛନ୍ତି କି ନାହିଁ, ସେ କଥା ପରୀକ୍ଷା କରି ଜାଣିବା କେବଳ ଆଉ ଜଣେ ଜାଗରଣଶୀଳ ବ୍ୟକ୍ତି ପକ୍ଷରେ ହିଁ ସମ୍ୟକ୍ ସମ୍ଭବ । ତେଣୁ ଗୁରୁଙ୍କର କୁଳକୁଣ୍ଡଳିନୀ ଜାଗ୍ରତ ହୋଇଛନ୍ତି କି ନାହିଁ, ତାହା ନିର୍ଣ୍ଣୟ କରିବା ଶିଷ୍ୟ ପକ୍ଷରେ ସୁକଠିନ । ତଥାପି ତାହା ପରୀକ୍ଷା କରିବାର ଗୋଟିଏ ଦୁଇଟି ସହଜ ଓ ସରଳ ଉପାୟ ଅଛି । ଯାହାଙ୍କ ସଂସ୍ପର୍ଶରେ ଆସିବା ମାତ୍ରେ ସ୍ୱଭାବତଃ ଚିତ୍ତର ନିମ୍ନଗାମୀ ବୃତ୍ତିଗୁଡ଼ିକ ବିନା ଉପଦେଶରେ ବି ଥମ୍ କରି ଅଟକିଯାନ୍ତି ଓ ଆଧ୍ୟାତ୍ମିକ ଉଚ୍ଚାକାଂକ୍ଷାର ଜୁଆର ଅନ୍ତରକୁ ପ୍ଳାବିତ କରି ବହିବାକୁ ଲାଗେ, ତାଙ୍କର କୁଳକୁଣ୍ଡଳିନୀ ଜାଗ୍ରତ ହୋଇଛନ୍ତି ବୋଲି ବୁଝିବାକୁ

ହେବ । ଯାହାଙ୍କ ସଂସ୍ପର୍ଶ ମାତ୍ରେ ବିନା ପ୍ରଶ୍ନରେ ମନର ଦୀର୍ଘକାଳ-ପୋଷିତ ଦ୍ୱିଧା, ଦ୍ୱନ୍ଦ୍ୱ ମନ୍ତ୍ର ବଳରେ ଅନ୍ତର୍ହିତ ହେଲା ପରି ଉଭେଇଯାଏ, ବୁଝିବାକୁ ହେବ ଯେ ତାଙ୍କର କୁଳକୁଣ୍ଡଳିନୀ ଜାଗ୍ରତ ହୋଇଅଛି । ଯାହାଙ୍କର ବାହ୍ୟ ଉପଦେଶ ଅପେକ୍ଷା ଆଭ୍ୟନ୍ତରୀଣ ଶକ୍ତି ଆମ ଭିତରେ ଅଧିକ କ୍ରିୟାଶୀଳ ଓ ସତ୍ତ୍ୱଭାବର ପ୍ରେରୟିତ୍ରୀ, ବୁଝିବାକୁ ହେବ ଯେ ସେ କୁଳଗୁରୁ ।

ଯାହାଙ୍କର କୁଳକୁଣ୍ଡଳିନୀ ଜାଗ୍ରତ, ସେଭଳି ସିଦ୍ଧ ଗୁରୁଙ୍କର ସ୍ନିଗ୍ଧ ଦୃଷ୍ଟି ହିଁ ପ୍ରକୃତ ଦୀକ୍ଷା,-କେବଳ କାନରେ ମନ୍ତ୍ର ଶୁଣାଇବା ସବୁ କ୍ଷେତ୍ରରେ ଦୀକ୍ଷା ନୁହେଁ । ଗୁରୁଙ୍କ କୁଳକୁଣ୍ଡଳିନୀ ଜାଗ୍ରତ କି ନୁହେଁ, ଏହା ହିଁ ତା'ର ପରୀକ୍ଷା ।

ଯାହା ବିଶ୍ୱବ୍ରହ୍ମାଣ୍ଡବ୍ୟାପିନୀ ମହାଶକ୍ତି, ସେ ଯେତେବେଳେ ଆମର ଏହି କ୍ଷୁଦ୍ର ଦେହ ଭିତରେ ଅନୁଭୂତ ହୁଅନ୍ତି, ସେତେବେଳେ ଆମେ ତାଙ୍କୁ କହୁ କୁଳକୁଣ୍ଡଳିନୀ, ଅର୍ଥାତ୍ ପରମାତ୍ମା ଓ କୁଳକୁଣ୍ଡଳିନୀ ଏକାର୍ଥବାଚକ ଦୁଇଟି ଶବ୍ଦ । ଜଣେ ଅରଣ୍ୟଚାରୀ ପରମଯୋଗୀ କୌଣସି ଗୃହସ୍ଥର ଘରକୁ ଆସିଲେ ସେ ଯେପରି ଗୃହସ୍ଥର ପାରିବାରିକ ଶୃଙ୍ଖଳାଗୁଡ଼ିକ ମଧ୍ୟରୁ କେତୋଟି ମାନି ଚଳନ୍ତି, ଠିକ୍ ସେହିପରି କୁଳକୁଣ୍ଡଳିନୀ କ୍ଷୁଦ୍ର ଦେହ ଭାଣ୍ଡକୁ ଆସି ଦେହର ପ୍ରଭାବ ମାନି ଚଳନ୍ତି ।

"ପଞ୍ଚଭୂତର ଫାନ୍ଦେ
ବ୍ରହ୍ମପଡ଼ି କାନ୍ଦେ"

(ରାମକୃଷ୍ଣ)

ଦେହ ମଧ୍ୟରେ ବ୍ରହ୍ମଶକ୍ତି ଶତ ଶୃଙ୍ଖଳବେଷ୍ଟିତ ହୋଇ ରହିଛନ୍ତି । ଦେହ ଓ ମନର ସେ ପ୍ରଭୁ ହୋଇ ମଧ୍ୟ ଦେହର ଅଭ୍ୟାସ ଓ ମନର ସଂସ୍କାର ପାଖରେ

ହାତ ଯୋଡ଼ି ନତଜାନୁ ହୋଇ କିଙ୍କର ପରି ବସିଛନ୍ତି । ଏହାକୁ ହିଁ କୁହାଯାଏ ନିଦ୍ରିତ କୁଳକୁଣ୍ଡଳିନୀ ।

ଘୁମ୍ ପାଡ଼ାତେ ମନ୍ଦ ଛେଲେ
ମା ଆମାର ଘୁମିୟେ ଗେଲେ ।*
(ସତୀଶ ଚନ୍ଦ୍ର)

ନିଦ୍ରିତା ଜନନୀ ଆଦ୍ୟାଶକ୍ତି ଜଗନ୍ମାତା କିପରି ଭାବରେ ଜାଗ୍ରତ ହୁଅନ୍ତି ତାହା ଏକମାତ୍ର ସଦ୍‌ଗୁରୁ ବକ୍ତ୍ରଗମ୍ୟ । କିନ୍ତୁ ଯେତେବେଳେ ଜାଗ୍ରତ ହୁଅନ୍ତି, ଦେହର ପ୍ରତ୍ୟେକ ଅଣୁପରମାଣୁକୁ ଚୁମ୍ବକ ଶକ୍ତି ପ୍ରଦାନ କରନ୍ତି । ଦେଖିବାକୁ କଦାକାର ହେଲେ ମଧ୍ୟ ଯେ ଅବ୍ୟକ୍ତ ଆକର୍ଷଣ ଦ୍ୱାରା ଆମକୁ ଆଧ୍ୟାତ୍ମିକ ରାଜ୍ୟକୁ ଟାଣି ନେଇପାରନ୍ତି ସେ 'କୁଳଗୁରୁ' କୁଳଗୁରୁ ମନ୍ତ୍ରଦାନ କରିପାରନ୍ତି, ନ କରି ବି ପାରନ୍ତି, କାରଣ ତାଙ୍କ ଅନ୍ତରର ତପଃପୂତ ଇଚ୍ଛାଶକ୍ତି ହିଁ ପ୍ରଧାନ, ମନ୍ତ୍ରଦାନ ପ୍ରଧାନ ନୁହେଁ । ତାଙ୍କର ଅଭୟ ପ୍ରେରଣା ହିଁ ଶିଷ୍ୟ ଭିତରେ ଯାବତୀୟ ଯୋଗକ୍ରିୟା ଯାବତୀୟ ଅନୁଭୂତି ଓ ଯାବତୀୟ ଅତୀନ୍ଦ୍ରିୟ ଆସ୍ୱାଦନକୁ ସ୍ଫୁରିତ କରି ଦେଇପାରେ । ଶିଷ୍ୟର ଆଧାର କିଂଚିତ ଶୁଦ୍ଧ ହେଲେ ଦର୍ଶନ ମାତ୍ରେ ସେ ତାର ଗୁରୁଙ୍କୁ ଚିହ୍ନିପାରେ । ଏ କ୍ଷେତ୍ରରେ ଶିଷ୍ୟର ଗୁରୁ ବିଚାର କର୍ମୀ ଶିଷ୍ୟପରି ନୁହେଁ । ସେ କଥା ପରେ କହିବି ।

ଯେଉଁଠି ଗୁରୁଙ୍କ ଶୁଦ୍ଧ ଇଚ୍ଛା ଭିତରେ ବ୍ରହ୍ମଚେତନାକୁ ଜାଗ୍ରତ କରି ଦେଇଛି, ସେଠାରେ ଶିଷ୍ୟ ଆଖିରେ ଗୁରୁଙ୍କ ଦେହଟା ମୋଟେ ପଡ଼େ ନାହିଁ । ଶିଷ୍ୟର

---

*ଶୁଆଉ ଶୁଆଉ ଚଗଲା ପିଲା
ମା ଯେ ମୋର ଶୋଇ ପଡ଼ିଲା ।

ମର୍ମଭେଦୀ ଦୃଷ୍ଟି ଗୁରୁଙ୍କର ପଞ୍ଚଭୌତିକ ଦେହକୁ ଅତିକ୍ରମ କରି ଭିତରର ସ୍ୱରୂପ ଦର୍ଶନ କରେ ।

ଏହି ସ୍ୱରୂପ ଦର୍ଶନର ଦୁଇଟି ସ୍ତର ଅଛି । ଗୋଟିଏ ସ୍ତରରେ ଶିଷ୍ୟ ନିଜ ଭିତରେ ଗୁରୁଶକ୍ତିର ବିଭିନ୍ନ କ୍ରିୟାକୁ ଦର୍ଶନ କରେ । ତାକୁ ସଗୁଣ ସ୍ତର କୁହାଯାଇପାରେ । ଆଉ ଗୋଟିଏ ସ୍ତରରେ ଶିଷ୍ୟ ନିଜ ଭିତରେ ଗୁରୁ ଶକ୍ତିର ବିକାଶକୁ ଦର୍ଶନ କରୁ କରୁ ଗୁରୁଙ୍କ ଭିତରେ ବୁଡିଯାଏ, ଗୁରୁଙ୍କ ଶକ୍ତିକୁ ଗୁରୁଙ୍କ ସ୍ୱରୂପଠାରୁ ପୃଥକ ବୋଲି ଅନୁଭବ କରିବାକୁ ସମର୍ଥ ହୁଏ ନାହିଁ । ତାକୁ ନିର୍ଗୁଣ ସ୍ତର କୁହାଯାଇପାରେ । ସଗୁଣ ସ୍ତରରେ ଶିଷ୍ୟ ଗୁରୁଙ୍କୁ "ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର" ବୋଲି ପ୍ରଣାମ କରେ, ନିର୍ଗୁଣ ସ୍ତରରେ ଶିଷ୍ୟ ଗୁରୁଙ୍କୁ "ଗୁରୁଦେବ ପରଂବ୍ରହ୍ମ" ବୋଲି ପ୍ରଣାମ କରେ ।

ସଗୁଣସ୍ତରରେ ଶିଷ୍ୟ ଗୁରୁଙ୍କୁ ପ୍ରଣାମ କରେ "ଯସ୍ମାତ୍ ଜାତଂ ଜଗତ୍ ସର୍ବଂ ଯସ୍ମିନେବ ବିଲୀୟତେ" । ନିର୍ଗୁଣ ସ୍ତରରେ ଶିଷ୍ୟ ଗୁରୁଙ୍କୁ ବନ୍ଦନା କରେ- "ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ, ଦ୍ୱନ୍ଦ୍ୱାତୀତ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟଂ" ।

ସଗୁଣ ସ୍ତରରେ ଶିଷ୍ୟ କେତେକ ପରିମାଣରେ ଭକ୍ତିପନ୍ଥୀ-ଶାନ୍ତ, ଦାସ୍ୟ ପ୍ରଭୃତି ଭାବ ଅନୁକ୍ରମେ ଭକ୍ତିପନ୍ଥୀ । ନିର୍ଗୁଣ ସ୍ତରରେ ଶିଷ୍ୟ ଦ୍ୱୈତ ଭାବରେ ହେଉ ବା ଅଦ୍ୱୈତ ଭାବରେ ହେଉ, ଚରମ ଜ୍ଞାନଯୋଗୀ । ଆମେ ବର୍ତ୍ତମାନ ଆସି ଗୁରୁତତ୍ତ୍ୱର କଠିନ ସ୍ଥାନରେ ପହଞ୍ଚିଗଲୁ । ସଠିକ୍ ଭାବରେ ଏହାକୁ ବୁଝିବା କେତେକାଂଶରେ ସାଧନ ଶକ୍ତି ଉପରେ ନିର୍ଭର କରିବ ହିଁ କରିବ ।

ସଗୁଣସ୍ତରରେ ଶିଷ୍ୟ ପାଖରେ ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁ ମହେଶ୍ୱର । ବ୍ରହ୍ମା ବୋଲି କାହିଁକି କୁହାଗଲା ? ଯେହେତୁ ଗୁରୁଙ୍କର ସୂକ୍ଷ୍ମ କୃପାଶକ୍ତି ଶିଷ୍ୟ ଭିତରେ ମସ୍ତବଡ଼ ଏକ ସୃଷ୍ଟି କରିବାକୁ ଆରମ୍ଭ କରିଦିଏ । ପ୍ରଥମ ଅବସ୍ଥାରେ ଶିଷ୍ୟ ଗୁରୁଙ୍କ ଶକ୍ତିକୁ ଆଧାତ୍ମିକ ଚେତନାର ସ୍ରଷ୍ଟାରୂପେ ଉପଲବ୍ଧି କରେ, ବ୍ରହ୍ମାନାମଧେୟ କୌଣସି ରକ୍ତବର୍ଣ୍ଣ ଦେବତା ଆସି ସେଠାରେ ହାଜର ହୁଅନ୍ତି ନାହିଁ । ଗୁରୁଙ୍କ ଶକ୍ତି ଯେତେବେଳେ ଶିଷ୍ୟର ଅନ୍ତରରେ ନୂଆ ନୂଆ ସୃଷ୍ଟିର ଉନ୍ମେଷ ଘଟାଇବାକୁ ଲାଗେ, ସେତେବେଳେ କେତେ ଦିବ୍ୟ ଅନୁଭୂତିର ବୀଜ ଯେ ବପନ ହୁଏ, କେତେ ଅନିର୍ବଚନୀୟ ଆସ୍ୱାଦନର ଯେ ଅଙ୍କୁରୋଦ୍‌ଗମ ହୁଏ, କେତେ ଯେ ଅପୂର୍ବ ସୁଷମାମଣ୍ଡିତ ବିଚିତ୍ରତା ମୁଣ୍ଡଟେକି ଉଠେ, କେତେ ଗ୍ରହ, ଉପଗ୍ରହ, ଚନ୍ଦ୍ର, ସୂର୍ଯ୍ୟ, ତାରକା ସୃଷ୍ଟ ହୋଇ ନିଜ ନିଜ ଲକ୍ଷ୍ୟରେ ଯେ ବିଚରଣ କରିବାକୁ ଲାଗନ୍ତି, ତା'ର ଇୟତ୍ତା ନ ଥାଏ । ଅନ୍ତରର ଅନୁଭୂତି-ରାଜ୍ୟ ଶୂନ୍ୟମୟ ଅନ୍ଧକାର ପରିବର୍ତ୍ତେ ଏକ ଜ୍ୟୋତିର୍ମୟ ସୃଷ୍ଟିରେ ପରିଣତ ହୁଏ । ଏ ପର୍ଯ୍ୟନ୍ତ ଚାଲିଥିଲା Creation ବା ସୃଷ୍ଟି । ତା'ପରେ ଆରମ୍ଭ ହେଲା Consolidation ବା ସଂଗଠନ । ସୃଷ୍ଟିର ଅନୁଭୂତି ଚରମରେ ପହଞ୍ଚିଲା ପରେ ସେହି ଅନୁଭୂତିଗୁଡ଼ିକୁ ପୁଷ୍ଟ କରିବା ଲାଗି ଗୁରୁଶକ୍ତି କ୍ରିୟାଶୀଳ ହୁଏ । ସେ ଅବସ୍ଥାରେ ଗୁରୁ ପୋଷକ, ବର୍ଦ୍ଧକ ଓ ପାଳକ । ଚିତ୍ତର ଯାବତୀୟ କଲ୍ୟାଣମୟୀ ବୃତ୍ତି ଏ ଅବସ୍ଥାରେ ଗୁରୁଶକ୍ତିରେ ସୁପରିପୁଷ୍ଟ ହେବାକୁ ଲାଗେ, ପ୍ରବର୍ଦ୍ଧମାନ ହେବାକୁ ଲାଗେ । ଏହି Consolidation ବା ସଂଗଠନ ଅବସ୍ଥାରେ ଗୁରୁଶକ୍ତି ପୋଷଣୀ ଶକ୍ତି ରୂପରେ ପ୍ରତିଭାତ ଓ ଅନୁଭୂତ ହୁଏ । ଅତଏବ ସେ କ୍ଷେତ୍ରରେ ଗୁରୁ ବିଷ୍ଣୁ ।

ସୃଷ୍ଟି ଥିଲେ ଧ୍ୱଂସ ରହିବ ହିଁ ରହିବ । ଧ୍ୱଂସ ଛଡ଼ା ସଂସାରରେ କିଛି ସୃଷ୍ଟି ହୁଏ ନାହିଁ । ଚିତ୍ତବୃତ୍ତିର ପ୍ରକାଶଶୀଳ ସାତ୍ତ୍ୱିକ ସ୍ୱଭାବ ଯେତେବେଳେ

ସୃଷ୍ଟ ହେବାକୁ ଲାଗେ, ସଙ୍ଗେ ସଙ୍ଗେ ଚିତ୍ତର ତମଃସ୍ୱଭାବ-ପ୍ରସୂରିତ ବୃତ୍ତିଗୁଡ଼ିକ ଗୁରୁଶକ୍ତିରେ ଧ୍ୱଂସ ହେବାକୁ ଆରମ୍ଭ କରେ । ସତ୍ତ୍ୱ, ରଜଃ, ତମଃ ଏହି ତିନୋଟି ତୀକ୍ଷ୍ଣାଗ୍ର-ବିଶିଷ୍ଟ ତ୍ରିଶୂଳ ନିଜ ହାତରେ ଦୃଢ଼ ଭାବରେ ଧରି ଗୁରୁଶକ୍ତି ଧ୍ୱଂସର ତାଣ୍ଡବନୃତ୍ୟ ଆରମ୍ଭ କରେ । ସୃଷ୍ଟି ଲୀଳାରେ ଚିତ୍ତରେ ସାତ୍ତ୍ୱିକ ପ୍ରେରଣା ଜାଗ୍ରତ ହୋଇଛି, ଧ୍ୱଂସ-ତାଣ୍ଡବରେ ଅସାତ୍ତ୍ୱିକ କାମନା, ବାସନା ଓ ଲାଳସା ଧ୍ୱଂସ ହେବାକୁ ଆରମ୍ଭ କଲା, ଅତଏବ "ଗୁରୁଦେବ ମହେଶ୍ୱର" ।

ଏ ପର୍ଯ୍ୟନ୍ତ ଶିଷ୍ୟ ସଗୁଣ ସ୍ତରରେ ଥିଲେ । କିନ୍ତୁ ଗୁରୁଶକ୍ତିର ସୃଷ୍ଟି ସ୍ଥିତି-ସଂହାର ଲୀଳା ଯେତେବେଳେ ଯୁଗପତ୍ ପ୍ରତ୍ୟକ୍ଷ ହେବାକୁ ଲାଗିଲା, ତ୍ରିଧାରା ଯେତେବେଳେ ଆସି ଏକାଠି ମିଶିଗଲା, ତ୍ରିବେଣୀର ଦ୍ୱାର ଯେତେବେଳେ ଖୋଲିଗଲା - ସେତେବେଳେ ସୃଷ୍ଟି ଧାରା ଆଉ ସ୍ୱତନ୍ତ୍ର ଧାରା ହୋଇ ରହିଲା ନାହିଁ, ସ୍ଥିତିର ଧାରା ଆଉ ସ୍ୱତନ୍ତ୍ର ଧାରା ହୋଇ ରହିଲା ନାହିଁ କି ସଂହାରର ଧାରା ଆଉ ସ୍ୱତନ୍ତ୍ର ଧାରା ହୋଇ ରହିଲା ନାହିଁ - ସବୁ ମିଶି ଏକ ଦୁସ୍ତର ମହାସାଗରରେ ପରିଣତ ହେଲା, ଯେଉଁ ଆଡ଼କୁ ଚାହିଁ ଅପାର ଜଳରାଶି, ଗୁରୁଶକ୍ତି ମହିମାର ଥଳକୂଳ ନାହିଁ ସୀମା ସରହଦ ନାହିଁ କି ଇୟତା ବି ନାହିଁ । ବାକ୍ୟ ଯେତେବେଳେ ମୂକ, ବୁଦ୍ଧି ସେତେବେଳେସ୍ତବ୍ଧ, ଅନୁଭୂତି ସେତେବେଳେ ଅନିର୍ବଚନୀୟ । ସେତେବେଳେ ଶିଷ୍ୟ ଜାଣିଲେ "ଗୁରୁଦେବ ପରଂବ୍ରହ୍ମ" ଶିଷ୍ୟ ଜୀବନରେ ନିର୍ଗୁଣ ସ୍ତର ଏହି ଠାରୁ ଆରମ୍ଭ ହେଲା ।

ନିର୍ଗୁଣ ସ୍ତରର ପ୍ରଥମ ଅବସ୍ଥାରେ ଦ୍ୱୈତ ପ୍ରକାଶମାନ । ଶିଷ୍ୟ ଗୁରୁଙ୍କ ଠାରୁ ନିଜକୁ ପୃଥକ ରୂପରେ ଦେଖନ୍ତି, ତାଙ୍କୁ ପରଂବ୍ରହ୍ମ ବୋଲି ଜାଣି ମଧ୍ୟ ସେ ତାଙ୍କ ଭିତରେ ବୁଡି ଯାଇ ତାଙ୍କ ସହିତ ଏକ ହୋଇଯାନ୍ତି ନାହିଁ ।

ନିର୍ଗୁଣ ସ୍ତରର ଦ୍ୱିତୀୟ ଅବସ୍ଥାରେ ଅଦ୍ୱୈତ ପ୍ରତିଷ୍ଠିତ ହୁଏ । ଶିଷ୍ୟ ଗୁରୁଙ୍କୁ ପରଂବ୍ରହ୍ମ ବୋଲି ଉପଲବ୍ଧି କରି ନିଜେ ସେହି ମହାସମୁଦ୍ରରେ ଅପାଦମସ୍ତକ ନିମଜ୍ଜିତ ହୋଇଯାନ୍ତି ଏବଂ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଅଭେଦ ସମ୍ବନ୍ଧ ସ୍ଥାପିତ ହୁଏ । ସେଭଳି ଶିଷ୍ୟଙ୍କୁ ପରମହଂସ କୁହାଯାଏ । ଆଧାର ହିଁ ଆଧେୟ, କିନ୍ତୁ ଚରମ ଅବସ୍ଥାରେ ସେ ଏହି ଭେଦ ଜ୍ଞାନ ବିରହିତ । ଯାହା କହିବାକୁ ଗୋଟିଏ ଯୁଗ ଲାଗେ, ପରମାତ୍ମାଙ୍କ କୃପାରୁ ତାହା ଆଜି ସଂକ୍ଷେପରେ ଏତିକିରେ ହିଁ ଆପାତତଃ ଶେଷ ହେଉ ।

(ଚୈତ୍ର ୧୩୩୯)

ଗୁରୁ-ତତ୍ତ୍ୱ

ଆମ୍ଭମାନଙ୍କର ଗୁରୁବାଦ ଓ ପ୍ରଚଳିତ ଗୁରୁବାଦ ଏକ ନୁହେଁ । ଗୁରୁଙ୍କର ଦେହଟା କ'ଣ ଗୁରୁ ? ଗୁରୁଙ୍କର ନାକ, କାନ, ମୁହଁ, ଆଖି ଏସବୁ କ'ଣ ଗୁରୁ ? ଯେ ନିତ୍ୟ-ଚୈତନ୍ୟ ସ୍ୱରୂପ, ସେ ଗୁରୁ, ଯେ ଅନ୍ଧକାର ଦୂର କରନ୍ତି, ସେ ଗୁରୁ । କିନ୍ତୁ ଅନ୍ଧକାର କିଏ ଦୂର କରେ ? ଆଲୋକ କରେ ନା ଆଲୋକର ବାହକ କରେ ? ଆଲୋକ ହିଁ ଗୁରୁ, ଲଣ୍ଠନଟା ନୁହେଁ । ଲଣ୍ଠନଟା ଭିତରେ ତୁମେ ଆଲୋକର ପ୍ରକାଶ ଦେଖିପାରୁଛ ବୋଲି ଲଣ୍ଠନଟାର ଏତେ ଆଦର ଓ ଏତେ ଯତ୍ନ । ଆଲୋକହୀନ ଲଣ୍ଠନକୁ କ'ଣ ତୁମେ ଆଦର ଯତ୍ନ କର ? ନିତ୍ୟାନନ୍ଦମୟ ପରମବ୍ରହ୍ମ ହିଁ ଶ୍ରୀଗୁରୁ, ସେ ହିଁ ଇଷ୍ଟ, ସେ ହିଁ ମନ୍ତ୍ର, ଏକମାତ୍ର ସେ ହିଁ ବିଶ୍ୱରୂପରେ ପ୍ରକାଶିତ ଓ ଜ୍ଞେୟ ରୂପରେ ଅପ୍ରକାଶିତ । ସେ ହିଁ ମନୁଷ୍ୟ ଦେହ ଧାରଣ କରିଛନ୍ତି କିନ୍ତୁ ମନୁଷ୍ୟର ଦେହଟା ତ ଖାଲି ମନୁଷ୍ୟର ସବୁ

ନୁହେଁ । ମନୁଷ୍ୟ ଦେହ ସସୀମ, କିନ୍ତୁ ସେ ଅସୀମ । ମନୁଷ୍ୟ ଦେହ କ୍ଷୁଦ୍ର, କିନ୍ତୁ ସେ ଭୂମା । ସସୀମ ଦେହରେ ଅସୀମର ସ୍ପର୍ଶ ରହିଛି, ତେଣୁ ଏ ଦେହର ଯାହା ସମ୍ମାନ । ଏହି କ୍ଷୁଦ୍ର ଦେହରେ ଭୂମାର ଲିଳା ଲାଗିଛି, ତେଣୁ ଏ ଦେହର ଗୌରବ । ମାନବ ଗୁରୁ ଉପଲକ୍ଷ୍ୟ, ପରମଗୁରୁ ଲକ୍ଷ୍ୟ । ମାନବ ଗୁରୁ ପଥ ପ୍ରଦର୍ଶକ, ପରମଗୁରୁ ଏକାଧାରରେ ପଥ, ଲକ୍ଷ୍ୟ ଓ ପ୍ରଦର୍ଶକ, ସବୁ ।

ଏ କଠିନ ଗୁରୁବାଦ ଏକାଦିନକେ କିପରି ବୋଧଗମ୍ୟ ହେବ ? ସାଧନ କରୁ କରୁ ହେବ । ପଥ ନ ପାଇବା ପର୍ଯ୍ୟନ୍ତ ଦୀକ୍ଷାଦାତା ହିଁ ତୁମର ଗୁରୁ । ସାଧନ ପାଇବା ପରେ ନାମ ହିଁ ତୁମର ଗୁରୁ । ପୂର୍ଣ୍ଣଜ୍ଞାନ ଲାଭ କଲେ ପରମାତ୍ମା ତୁମର ଗୁରୁ । ତୁମେ ଯେତିକି ବଡ଼ ସେହି ଅନୁପାତରେ ତୁମର ଗୁରୁ ବି ସେତିକି ବଡ଼ । ତୁମେ ଯେତେବେଳେ ସାଧନ ଜଗତର ଦୁଗ୍ଧ-ପୋଷ୍ୟ ଶିଶୁ, ସେତେବେଳେ ମାନବ ଗୁରୁ ତୁମର ଚରମ । ତୁମେ ଯେତେବେଳେ ନିଜ ଗୋଡ଼ରେ ଛିଡ଼ା ହେବାକୁ ସମର୍ଥ ସେତେବେଳେ ନାମ ଗୁରୁ ତୁମର ଚରମ । ତୁମେ ଯେତେବେଳେ ଆତ୍ମାକୁ ଚିହ୍ନିପାରିବ ସେତେବେଳେ ବ୍ରହ୍ମ-ଗୁରୁ ତୁମର ସର୍ବସ୍ୱ ଧନ ।

(ଆଷାଢ଼ ୧୩୩୪)

ଗୁରୁ କିଏ?

ଗୁରୁ କିଏ ? ବ୍ରହ୍ମ ହିଁ ଗୁରୁ । ଏ ବିଶ୍ୱବ୍ରହ୍ମାଣ୍ଡ ସେହି ଗୁରୁଙ୍କର ପ୍ରକାଶ ବା ବିଭୂତି । ସର୍ବଭୂତ ମଧ୍ୟରେ ସେ ବିରାଜମାନ, ତାଙ୍କର ଗତି ଓ ସ୍ଥିତି ସର୍ବତ୍ର ଓ ସର୍ବବ୍ୟାପୀ । ସେ ନିଃଶ୍ୱାସ ପ୍ରଶ୍ୱାସ ରୂପରେ ଆମ୍ଭମାନଙ୍କର ପ୍ରାଣ ରକ୍ଷା କରନ୍ତି,

ଜଳ ରୂପରେ ଆମର ତୃଷା ନିବାରଣ କରନ୍ତି, ଖାଦ୍ୟ ରୂପରେ ଆମର କ୍ଷୁଧାଗ୍ନି ନିର୍ବାପିତ କରନ୍ତି । ସେ ଅଖଣ୍ଡ ଚୈତନ୍ୟ ସ୍ୱରୂପ । କେବଳ ଦୃଷ୍ଟିର ଦୈନ୍ୟ ଦୋଷରୁ ଆମ୍ଭେମାନେ ମନୁଷ୍ୟକୁ ଗୁରୁରୂପେ ଗ୍ରହଣ କରୁ ଓ ଯେଉଁ ପୂଜା ବ୍ରହ୍ମର ପ୍ରାପ୍ୟ ତାହା ଆମେ ମନୁଷ୍ୟକୁ ଅର୍ପଣ କରୁ । ଯାହା ମନରେ ଭକ୍ତି ଆସୁଛି ସେ ମନୁଷ୍ୟକୁ ଗୁରୁ ବୋଲି ମାନୁ, ଗୁରୁ ବୋଲି ତାଙ୍କୁ ପୂଜା କରୁ, ଯଦି ଅକପଟ ଭାବ ଥାଏ ତେବେ ତଦ୍ୱାରା ତା'ର ପରମ ମୋକ୍ଷର ବାଟ ଫିଟିଯିବ । କିନ୍ତୁ ନିର୍ଦ୍ଦିଷ୍ଟ ଜଣେ ମନୁଷ୍ୟକୁ ଜୋର କରି ବ୍ରହ୍ମ ବୋଲି ଧାରଣା କରିବାକୁ ଚେଷ୍ଟା କରିବା ପ୍ରକୃତ ବ୍ରହ୍ମ-ବାଦର ବିରୋଧୀ । ଜଗଦ୍‌ଗୁରୁ ସର୍ବଭୂତରେ ପ୍ରକାଶମାନ, ଅତଏବ ମନୁଷ୍ୟ ମଧ୍ୟ ଗୁରୁ, ଏଥିରେ ସନ୍ଦେହ ନାହିଁ । କିନ୍ତୁ କେବଳ ମନୁଷ୍ୟ ତୁମର ଗୁରୁ ନୁହେଁ, ସର୍ବଭୂତ ତୁମର ଗୁରୁ, ସର୍ବଭୂତାତ୍ମା ତୁମର ଗୁରୁ । ଆହେ ନବ ଭାରତର ନୂତନ ଶିଷ୍ୟ ! ସେହି ପରମଗୁରୁଙ୍କର ସାକ୍ଷାତ କୃପା ଲାଭ କରିବା ପାଇଁ ଆଜି ତୁମେ ଜାଗ୍ରତ ହୁଅ, ବୋଲ ଓ୍ୱା ଗୁରୁଜୀକେ ଫତେ, ବୋଲ ଜୟ ଗୁରୁ ଶ୍ରୀଗୁରୁ । ସବୁ ପ୍ରକାର ସାଂପ୍ରଦାୟିକତାର ହୀନ ପରିବନ୍ଧନରୁ ଆଜି ତୁମ୍ଭେମାନେ ମୁକ୍ତ ହୁଅ । ଆଜି ତୁମ୍ଭେମାନେ ଦୃପ୍ତ କଣ୍ଠରେ କହିବାକୁ ଶିଖ-ବ୍ରହ୍ମ ହିଁ ଆମର ଗୁରୁ । ସତ୍ୟକୁ ଆଶ୍ରୟ କର । ସତ୍ୟର ଜୟ ଜୟକାର ଆଜି ତୁମ କଣ୍ଠରେ ନିନାଦିତ ହେଉ । ମନୁଷ୍ୟ ଗୁରୁଙ୍କୁ ଯେ ମାନିବ ନାହିଁ, ତାହା ନୁହେଁ, କେବଳ ଯିଏ ସତ୍ୟଦ୍ରଷ୍ଟା ତାଙ୍କୁ ହିଁ ମାନିବ । ଯାହାଙ୍କର ବଶ୍ୟତା ସ୍ୱୀକାର କଲେ ତୁମର ସ୍ୱାଧୀନତା ସଂକୁଚିତ ହୁଏ ନାହିଁ, ଯାହାଙ୍କ ପାଖରେ ଆତ୍ମସମର୍ପଣ କଲେ ଆତ୍ମଶକ୍ତି ଜାଗରିତ ହୁଏ, କେବଳ ତାଙ୍କୁ ହିଁ ମାନିବ । ଯେ ତୁମ ମନ ପ୍ରାଣ ମଥିତ କରି ତହିଁରେ ସ୍ୱାଧୀନତାର ବଜ୍ରଝଙ୍କାର ଝଙ୍କୃତ କରି ଦେଇ ପାରିବେ, ଯାହାଙ୍କର ଅଭୟ ନିର୍ଘୋଷରେ ଅୟୁତ ଯୁଗର ଲୌହ ଶୃଙ୍ଖଳ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଧୂଳିସାତ

ହୋଇଯିବ, ତାଙ୍କୁ ହିଁ ମାନିବ । ଯାହାଙ୍କୁ ମାନିଲେ ଚିତ୍ତ ଆତ୍ମନିଷ୍ଠ ହୁଏ, ବ୍ରହ୍ମନିଷ୍ଠ ହୁଏ ଓ ସତ୍ୟନିଷ୍ଠ ହୁଏ, ତାଙ୍କୁ ହିଁ ମାନିବ ।

(୨୦ ବୈଶାଖ, ୧୩୩୫)

ଗୁରୁ

ଗୁରୁଙ୍କ ଠାରୁ ବଳି ଆପଣାର ଆଉ କେହି ନାହିଁ ? କିନ୍ତୁ ଗୁରୁ କିଏ ? ଏକମାତ୍ର ବ୍ରହ୍ମ ହିଁ ଗୁରୁ । କିନ୍ତୁ ବ୍ରହ୍ମ ହିଁ ଗୁରୁ, ଏକଥାଟା ଯେ ବୁଝି ନ ପାରିବ, ତା'ର ଉପାୟ କ'ଣ ? ସେ କେଉଁ ପଥରେ ଯିବ ? ତା' ପକ୍ଷରେ ଅଭୟ ଗୁରୁ ନିର୍ବାଚନର ପଥ । ଯାହାଙ୍କୁ ଦର୍ଶନ କଲେ ଭୟ ଦୂରେଇ ଯାଏ, ଯାହାଙ୍କ ସଂସ୍ପର୍ଶରେ ଭୟ ଛାଡ଼ି ପଳାଏ, ଯାହାଙ୍କୁ ସ୍ମରଣ କଲେ ଭୟ ଦୂର ହୁଏ, ସେ ହିଁ ସଦ୍‌ଗୁରୁ । ଯାହାଙ୍କ ତୁଣ୍ଡରୁ ପଦେ କଥା ଶୁଣିଲେ ଭୟ ଛାଡ଼ି ପଳାଏ, ମନପ୍ରାଣ ନିର୍ଭୟ ଓ ନିଃଶଙ୍କ ହୁଏ, ସେହିଁ ଏକା ସଦ୍‌ଗୁରୁ । ଯେଉଁଠି ତାହା ନ ହୁଏ, ସେ ଅସଦ୍‌ଗୁରୁ । ସଦ୍‌ଗୁରୁ ଶିଷ୍ୟକୁ ଡାକି କହନ୍ତି- ଆରେ ଶୁଣ, ବ୍ରହ୍ମପୂଜା ହିଁ ମୋର ପୂଜା, ଜଗତର କଲ୍ୟାଣ ଲାଗି ଆତ୍ମ ସମର୍ପଣ ହିଁ ମୋ ପ୍ରତି ସମ୍ମାନ ପ୍ରଦର୍ଶନ, ମୋ ପୂଜା କରିବାକୁ ଯାଇ ଯେ ବ୍ରହ୍ମପୂଜାରେ ଅବହେଳା କରେ, ମୋର ସମ୍ମାନ ପାଇଁ ଯେ ଜଗତ କଲ୍ୟାଣ କର୍ମରେ ଶିଥିଳ ହୁଏ, ସେ ମୋର କେହି ନୁହେଁ । ସଦ୍‌ଗୁରୁ ଶିଷ୍ୟକୁ ଡାକି କହନ୍ତି - ଦେଖ, ଯେଉଁଦିନ ସତ୍ୟ ଲାଗି ମୋତେ ବି ପରିତ୍ୟାଗ କରିବାକୁ ତୋର କଷ୍ଟ ନହେବ, ସେ ଦିନ ତୁ ହେବୁ ମୋର ପ୍ରକୃତ ଶିଷ୍ୟ । ସଦ୍‌ଗୁରୁ ଶିଷ୍ୟକୁ ଆଉ ମଧ କହନ୍ତି - ଯେଉଁମାନେ ମୋ ଅପେକ୍ଷା ବଡ଼ ସେମାନଙ୍କ ଅପେକ୍ଷା ମୁଁ ବଡ଼ ବୋଲି ତୁ କେବେ ଭାବିବୁ ନାହିଁ କି ସେମାନଙ୍କର ଉପରେ ମୋତେ ସ୍ଥାନ ଦେବୁ ନାହିଁ ।

ସଦ୍‌ଗୁରୁ ଶିଷ୍ୟର ଉପଢ୍ୌକନରେ କିଣା ନୁହନ୍ତି, ସେ ତାର ଉନ୍ନତିରେ କିଣା । ମନେକର ସଦ୍‌ଗୁରୁ ଶିଷ୍ୟଙ୍କୁ କହିଲେ, ତୁ କ'ଣ ମୁଁ ବତେଇଥିବା ବାଟ ଛାଡ଼ି ଅନ୍ୟ ବାଟରେ ଯାଉଛୁ କି ? ଶିଷ୍ୟ କହିଲେ, ଆଜ୍ଞା ହଁ, ଆପଣଙ୍କ ବାଟ ମୋତେ ଭଲ ଲାଗିଲା ନାହିଁ । ସଦ୍‌ଗୁରୁ ତାହା ଶୁଣି କହନ୍ତି - ଖୁବ୍ ଭଲ କରୁଛୁ ବାବା । ମୁଁ ଭାରି ଖୁସି ହେଲି । ତୋର ସ୍ୱାଧୀନତାକୁ ଭିତ୍ତି କରି ତ ତୋର ମୋର ସମ୍ବନ୍ଧ ପ୍ରତିଷ୍ଠିତ, ତୋର ପରାଧୀନତା ଉପରେ ନୁହେଁ । କିନ୍ତୁ ସେ କ୍ଷେତ୍ରରେ ଅସଦ୍‌ଗୁରୁ କହନ୍ତି - ତୁ ନିର୍ବଂଶ ହୁଅ, ତୁ ନର୍କକୁ ଯା, ତୋର ଚୌଦ ପୁରୁଷ ନର୍କ ଭୋଗନ୍ତୁ । ମନେକର ସଦଗୁରୁ କହିଲେ - ବନ୍ଧୁ । ଶିଷ୍ୟ କହିଲେ - ମୁହଁ ସମ୍ଭାଳି କଥା କହନ୍ତୁ ମୁଁ ଆପଣଙ୍କର ବନ୍ଧୁ ନୁହେଁ । ସଦ୍‌ଗୁରୁ ଡାକିଲେ - ଭାଇ । ଶିଷ୍ୟ କହିଲେ - ମୁଁ ଆପଣଙ୍କର ଭାଇ ନୁହେଁ, ବେଶି ଆତ୍ମୀୟତା ଦେଖାଇବା ଭଲ ନୁହେଁ । ସଦ୍‌ଗୁରୁ କହିଲେ- ଆଚ୍ଛା ଯାହା କହିଲୁ ସବୁ ମାନିଲି । ତାପରେ ସମ୍ବୋଧନ କରି କହନ୍ତି - ହେ ନିଃସମ୍ପର୍କୀୟ, ଏ କଥା ଶୁଣି ଶିଷ୍ୟର ମୁହଁ ବନ୍ଦ, ସଦ୍‌ଗୁରୁ ତାପରେ କହିଲେ - ନିଃସମ୍ପର୍କ ବାଟେ ହିଁ ତୋର ମୋର ସମ୍ବନ୍ଧ । ସେ ସମ୍ପର୍କର ଆଉ ଛେଦଭେଦ ନାହିଁ କି ସେ ସମ୍ବନ୍ଧରେ ଆଉ ଛାଡ଼ବାଡ଼ ନାହିଁ ।

(ପୌଷ ୧୦, ୧୩୩୪)

ଗୁରୁ କିଏ ?

ଶିଷ୍ୟ ଆସି ଗୁରୁଙ୍କୁ ପ୍ରଶ୍ନ କଲେ- ଆଜ୍ଞା, ମୋର ଗୁରୁ କିଏ ? ଗୁରୁ କହିଲେ - ତୁ ନିଜେ ତୋର ଗୁରୁ । ଶିଷ୍ୟ କହିଲେ - ମୁଁ ତ ସବୁବେଳେ ନିଜ ଉପରେ ଭରସା ରଖି ପାରୁନାହିଁ, ବେଳେବେଳେ ଦୁର୍ବଳତା ଆସିଯାଉଛି । ଗୁରୁ କହିଲେ- ତାହାହେଲେ ସେତେବେଳେ ମୁଁ ତୋର ଗୁରୁ । ଶିଷ୍ୟ କହିଲେ-

ତା କେମିତି ହେବ, ଆପଣ ପ୍ରଥମେ କହିଲେ ମୁଁ ମୋର ଗୁରୁ, ତା'ପରେ କହିଲେ- ଆପଣ ମୋର ଗୁରୁ, ଏ ଦୁଇଟା କଥା କିପରି ସମ୍ଭବ ? ଗୁରୁ କହିଲେ- ଆରେ, ତୁ ଓ ମୁଁ ପରା ଅଭେଦ । ଶିଷ୍ୟ ପଚାରିଲେ ଯଦି କେତେବେଳେ ଅଭେଦ ବୋଲି ମନେ ନ ହେବ ଓ ଆପଣଙ୍କୁ ବିଶ୍ୱାସ କରିବାକୁ ଇଚ୍ଛା ନ ହେବ, ସେତେବେଳେ ଫେର କ'ଣ ହେବ ? ଗୁରୁ କହିଲେ - ସେତେବେଳେ ଭଗବାନଙ୍କ ନାମ ତୋର ଗୁରୁ । ତା'ପରେ ଶିଷ୍ୟ ପଚାରିଲେ- ଭଗବାନଙ୍କ କେଉଁ ନାମ କଥା ଆପଣ କହୁଛନ୍ତି ? କ'ଣ ଆପଣ ଯେଉଁ ନାମ ଦେଇଛନ୍ତି ସେହି ନାମ, ନା ଆଉ କେଉଁ ନାମ ? ଗୁରୁ କହିଲେ - ସେପରି କିଛି ଧରାବନ୍ଧା ନାହିଁ । ମୁଁ ଦିଏ ବା ତୁ ନିଜେ ଆବିଷ୍କାର କର କିମ୍ବା କାହା ପାଖରୁ ପାଅ, ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁ ନାମକୁ ପରିତ୍ୟାଗ କରିବାର ଶକ୍ତି ତୋର ନାହିଁ, ମୁଁ ସେହି ନାମ କଥା କହୁଛି । ଯେଉଁ ନାମକୁ ତୁ ପରିହାର କରିବାକୁ ସମର୍ଥ ହେବୁ ସେ ନାମ ତୋର ଗୁରୁ ନୁହେଁ । କିନ୍ତୁ ଯେଉଁ ନାମକୁ ତୁ ଯେତେଥର ବର୍ଜନ କଲେ ବି ଫେର ବାଧ୍ୟ ହୋଇ ତୋତେ ତାହା ଗ୍ରହଣ କରିବାକୁ ପଡ଼ିବ, ସେହି ନାମ ହିଁ ତୋର ଗୁରୁ । ଯେଉଁ ନାମ ଅପରିହାର୍ଯ୍ୟ ଓ ଅପରିବର୍ଜ୍ୟ ସେହି ନାମହିଁ ତୋର ଗୁରୁ । ସେ ନାମ କାହାଠାରୁ ପାଇଲୁ, କିପରି ପାଇଲୁ ସେ ବିଷୟରେ ମୁଣ୍ଡ ଖେଳାଇବା କିଛି ଦରକାର ନାହିଁ । ଶିଷ୍ୟ ପଚାରିଲେ- କେଉଁ ନାମଟି ଅପରିହାର୍ଯ୍ୟ, ସେ କଥା ମୁଁ କେମିତି ଜାଣିବି ? ଗୁରୁ କହିଲେ-ବର୍ଜନ କରି, ପରୀକ୍ଷା କରି ଦେଖ, ଯେ ପରୀକ୍ଷାରେ ଠାକିବେ, ସେହି ତୋର ଗୁରୁ ।

(ଜ୍ୟେଷ୍ଠ ୩, ୧୩୩୪)

ଭ୍ରୂମଧ୍ୟରେ ଗୁରୁଦର୍ଶନ

ଯେ ଅନ୍ଧକାର ଦୂର କରନ୍ତି, ସଂଶୟ ଦୂର କରନ୍ତି, ସେ ହିଁ ଗୁରୁ । ଭ୍ରୂମଧ୍ୟରେ ଯାହାଙ୍କୁ ଦେଖିଲେ ସବୁ ସଂଶୟ ବିଦୂରିତ ହୁଏ, ତାଙ୍କରି ଦର୍ଶନର ନାମ ଗୁରୁଦର୍ଶନ । ସେ ଗୁରୁ ଯେ କଣ ଓ କିଭଳି, ତାହା ବର୍ଣ୍ଣନାତୀତ, କେହି କେବେ ସେ କଥା କହି ପାରିବ ନାହିଁ । କିନ୍ତୁ ଯେଉଁମାନେ ତାଙ୍କୁ ଦେଖିଛନ୍ତି ସେମାନେ ବିଶ୍ୱବ୍ରହ୍ମାଣ୍ଡର ସବୁ ସଂଶୟରୁ ମୁକ୍ତି ପାଇ ଯାଇଛନ୍ତି ।

ଭ୍ରୂମଧ୍ୟରେ ଗୁରୁ ଦର୍ଶନର ଉପାୟ

ମନକୁ ଦିନରାତି ଭ୍ରୂମଧ୍ୟରେ ନେଇ ରଖ । ମନ ଅନ୍ୟଆଡ଼େ ଯିବାକୁ ବସିଲେ ତାକୁ ଟାଣି ଆଣି ଭ୍ରୂମଧ୍ୟରେ ବସାଇ ଦିଅ ଓ ଅବିରାମ ଇଷ୍ଟନାମ ଜପ କରିଯାଅ । ଇଷ୍ଟନାମର ଉଜ୍ଜ୍ୱଳ ମୂର୍ତ୍ତି ଭ୍ରୂମଧ୍ୟରେ ଦର୍ଶନ କରିବାକୁ ଚେଷ୍ଟାକର । ତାହାହେଲେ କ୍ରମଶଃ ତୁମେ ଦେଖିବାକୁ ପାଇବ ଯେ, ଯାହା ତୁମେ କଳ୍ପନା କରୁନାହିଁ, ଏପରି ଏକ ଅନିର୍ବଚନୀୟ ରୂପ ଆପେ ଆପେ (ସେଠାରେ) ପ୍ରକାଶିତ ହେଉଛି । ନାମ-ବ୍ରହ୍ମଙ୍କୁ ମନେ ମନେ ଭ୍ରୂମଧ୍ୟରେ ଅଙ୍କନ କର ଓ ତାଙ୍କୁ ସେଠାରେ ଦୃଢ଼ କରି ଧରି ରଖ । ନାମ-ବ୍ରହ୍ମଙ୍କ ରୂପ ଯେତିକି ଖସି ଯିବାକୁ ଚାହିଁବ ତୁମେ ସେତିକି ଜୋରରେ ତାଙ୍କୁ ଧରି ରଖ । ଭ୍ରୂମଧ୍ୟରୁ ନାମର ବିଗ୍ରହ ଯେତିକି ଲିଭି ଯିବାକୁ ବସିବେ, ତୁମେ କଳ୍ପନାତୁଳିରେ ସେତିକି ତାଙ୍କୁ ଅଙ୍କନ କର । ଜିଦ୍ ଛାଡ଼ନା, ମନର ବଳ ହରାଅନା କି ହତୋସାହ ହୁଅନା ସମସ୍ତେ ଶକ୍ତିମାନର ଭକ୍ତ ଅର୍ଥାତ୍ ସମସ୍ତେ ଟାଣୁଆ ଲୋକଙ୍କୁ ମାନନ୍ତି । ଟାଣୁଆ ଅଭ୍ୟାସ କବଳରେ ପଡ଼ିଲେ ମନ ଆପେ ଆପେ ବଶୀଭୂତ ହେବ । ସେତେବେଳେ ଦେଦୀପ୍ୟମାନ ବ୍ରହ୍ମଜ୍ୟୋତି ଭ୍ରୂମଧ୍ୟରେ ବିକଶିତ ହେବ, ସଦ୍‌ଗୁରୁ

ପ୍ରକାଶମାନ ହେବେ, ଭୂତ-ଭବିଷ୍ୟତ-ବର୍ତ୍ତମାନର ସବୁ ପାର୍ଥକ୍ୟ ଦୂର ହେବ ଜ୍ଞାନ କଳ୍ପତରୁର ସବୁତକ ଅମୃତମୟ ଫଳ ତୁମ ପକ୍ଷରେ *କରଆମଳକବତ୍ ସହଜଲଭ୍ୟ ହେବ ।

(ବୈଶାଖ ୩ ୧୩୩୪)

ଗୁରୁ

(୧)

ସୈନ୍ୟସାମନ୍ତ ଓ ପୋଲିସ ଫୋର୍ସ ଲଗାଇ, ଜେଲଖାନା, ଅନ୍ତରୀଣ, ଫାସିଖୁଣ୍ଟ ବା କଳାପାଣି ଭୟ ଦେଖାଇ ଗୁରୁ ଶିଷ୍ୟକୁ ଶାସନ କରନ୍ତି ନାହିଁ । ଢାଲ, ତଲବାରୀ, ବର୍ଚ୍ଛା, ବେୟନଟ୍, ବନ୍ଧୁକ, ରିଭଲଭର ବା କମାଣ ଦ୍ୱାରା ଗୁରୁ ଶିଷ୍ୟକୁ ଶାସନ କରନ୍ତି ନାହିଁ । କର୍ତ୍ତବ୍ୟଜ୍ଞାନ, କୃତଜ୍ଞତା, ଉପକାରବୁଦ୍ଧି ପ୍ରଭୃତିର ଦ୍ୱାହି ଦେଇ ଗୁରୁ ଶିଷ୍ୟକୁ ଶାସନ କରନ୍ତି ନାହିଁ । ପ୍ରେମ ଦ୍ୱାରା ଗୁରୁ ଶିଷ୍ୟକୁ ଶାସନ କରନ୍ତି - ଯେଉଁ ପ୍ରେମର ମୂଳ କୌଣସି କାର୍ଯ୍ୟ ନୁହେଁ, ନିୟତ ଏକତ୍ର ଅବସ୍ଥାନ ନୁହେଁ କିମ୍ବା ପାରସ୍ପରିକ ଭାବବିନିମୟ ମଧ୍ୟ ନୁହେଁ । ତାହା ଗୁରୁଙ୍କର ପ୍ରେମମୟ ସ୍ୱଭାବକୁ ଆଶ୍ରୟ କରି ବିକଶିତ ହୁଏ ।

(୨)

ଭକ୍ତି ଓ ଶ୍ରଦ୍ଧା ଶିଷ୍ୟତ୍ୱର ଧର୍ମ । ଭକ୍ତି ଓ ଶ୍ରଦ୍ଧାର ଧର୍ମ ହେଉଛି, ମନୁଷ୍ୟର ଯୁକ୍ତି ବିଚାର ଯେତିକି ଉପରକୁ ଉଠିପାରେ, ଭକ୍ତି ଓ ଶ୍ରଦ୍ଧା ସେତିକି ବାଟ ଯୁକ୍ତି-ବିଚାରର ସହାୟତା କରେ । କିନ୍ତୁ ଯୁକ୍ତି-ବିଚାର ଯେଉଁଠି ପ୍ରତ୍ୟକ୍ଷଠାରୁ

*ହସ୍ତଧୃତ ଅଁଳା କୋଳି

ବହୁ ଦୂରରେ ଥାଏ, ସେଠାରେ ଯୁକ୍ତି ବିଚାର ନାନା ଅନୁକୂଳ ଓ ପ୍ରତିକୂଳ ଅନୁମାନରେ ହିଁ ପର୍ଯ୍ୟବେସିତ ହୁଏ ଏବଂ ସେଠାରେ ଶିଷ୍ୟର ଭକ୍ତି ଓ ଶ୍ରଦ୍ଧା, ପ୍ରେମମୟ-ସ୍ୱଭାବ, ଶୁଦ୍ଧ-ଚରିତ୍ର ଗୁରୁଙ୍କର ଆଦେଶ, ଉପଦେଶ, ଦୃଷ୍ଟାନ୍ତ ଓ ଇଙ୍ଗିତଗୁଡ଼ିକୁ ବିନା ବିଚାରରେ ଯୁକ୍ତି ସଙ୍ଗତ ଓ ବିନା ଯୁକ୍ତିରେ ହିଁ ବିଶ୍ୱାସଯୋଗ୍ୟ ବୋଲି ଗ୍ରହଣ କରେ । ଏହା ଶିଷ୍ୟର ନୀରବତା ବା ଦାସତ୍ୱ ନୁହେଁ, କାରଣ ବୁଦ୍ଧି ଯେଉଁଠି ସତ୍ୟକୁ ଧରି ନ ପାରେ ବୁଦ୍ଧି ଯେଉଁଠି ସତ୍ୟର ଅସ୍ତିତ୍ୱରେ ସଂଶୟ ସୃଷ୍ଟି କରେ, ବୁଦ୍ଧି ଯେଉଁଠି ବାଟବଣା ବାଟୋଇ ପରି ଏଣେତେଣେ ଭ୍ରମି ମରେ, ବାଚାଳ ପରି ମୁହୁର୍ମୁହୁ ପରସ୍ପର ବିରୋଧୀ କଥାକୁ ସମର୍ଥନ କରି ବସେ ଓ ନିରର୍ଥକ କୋଳାହଳ ସୃଷ୍ଟି କରେ, ସେଇଠି ଭକ୍ତି ଓ ଶ୍ରଦ୍ଧା ହୁଏ ସନ୍ଦିଗ୍ଧର ଏକମାତ୍ର ଅବଲମ୍ବନ, ଅବିଶ୍ୱାସୀର ଏକମାତ୍ର ବଳ ଓ ଚଞ୍ଚଳ-ଚେତାର ଚିତ୍ତ-ଧୈର୍ଯ୍ୟର ଏକମାତ୍ର ପଥ ।

(୩)

ମନୁଷ୍ୟ ନିଜେ ନିଜର ଗୁରୁ, କିନ୍ତୁ କେତେ ମାତ୍ରାରେ ଗୁରୁ ? ଯେତିକି ସେ ପ୍ରତ୍ୟକ୍ଷ ଦର୍ଶନ କରିଛି, ସେତିକି ସେ ଗୁରୁ । ଯେତିକି ସେ ପ୍ରତ୍ୟକ୍ଷ କରିଛି ତା'ର ସେହି ପ୍ରତ୍ୟକ୍ଷ ଜଗତରେ ଆଉ କାହାର ଗୁରୁତ୍ୱ ନାହିଁ, ପ୍ରଭୁତ୍ୱ ନାହିଁ ବା ଅନୁଶାସନ ନାହିଁ, କାରଣ ନିଜ ବାହୁବଳରେ ସେ ଏହି ପ୍ରତ୍ୟକ୍ଷ ଟିକକ ଲାଭ କରି ପାରିଛି । କିନ୍ତୁ ଏହି ବାହୁବଳକୁ କେଉଁ ବାଟରେ ପରିଚାଳନା କରିବାକୁ ହେବ, ସେ ନିର୍ଦ୍ଦେଶ ନିଶ୍ଚୟ ସେ କାହା ପାଖରୁ ପାଇଥିଲା ଏବଂ ଯାହାଙ୍କ ଠାରୁ ପାଇଥିଲା ତାଙ୍କ ପ୍ରତି ସେ କୃତଜ୍ଞ ହେବା ସ୍ୱାଭାବିକ । କିନ୍ତୁ ସେ ତ କେବଳ ପଥ ପ୍ରଦର୍ଶକ ଗୁରୁ ବା ପଥ-ଗୁରୁ । ଅବଶ୍ୟ ପଥ-ଗୁରୁଙ୍କୁ ସାଧାରଣ କଥାରେ ଗୁରୁ କୁହାଯାଇଥାଏ । ଯାହାର ଯେଉଁ ବିଷୟରେ ପ୍ରତ୍ୟକ୍ଷ ନାହିଁ ଓ

ଯେଉଁ ପଥରେ ଯାହାର ଯୁକ୍ତି ବିଚାର ଖାଲି ଅନ୍ଧାରରେ ଭୁଆଁ ବୁଲି ମରେ, ତାକୁ ସେ ବିଷୟରେ ଗୁରୁ ମାନିବାକୁ ପଡ଼େ, ଗୁରୁବାକ୍ୟ ଅନୁସାରେ ଚଳିବାକୁ ପଡ଼େ, ପ୍ରତ୍ୟକ୍ଷ ଲାଭ ହେବାର ପୂର୍ବ ପର୍ଯ୍ୟନ୍ତ ନିର୍ବିଚାରରେ ସେହି ଗୁରୁଙ୍କର ଅନୁଶାସନ ମାନ୍ୟ କରିବାକୁ ହୁଏ । ମନୁଷ୍ୟ ନିଜେ ନିଜର ଗୁରୁ, ଏ କଥାଟି ଯୁଗାଚାର୍ଯ୍ୟମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ମନୁଷ୍ୟର ଅନ୍ତରରେ, ମନୁଷ୍ୟର ଅଭ୍ୟନ୍ତର ରାଜ୍ୟରେ ଗୁରୁ ବାସ୍ କରନ୍ତି । ତେଣୁ ଗୁରୁଙ୍କୁ ଖୋଜିବା ପାଇଁ ଦେଶ ବିଦେଶ ଭ୍ରମିବା କିଛି ଦରକାର ନାହିଁ । ଗୁରୁଙ୍କ ଆଜ୍ଞା ଅନୁସାରେ ସାଧନ କରିବା ଫଳରେ ଭ୍ରୂମଧ୍ୟସ୍ଥ ଦ୍ୱିଦଳପଦ୍ମ ବିକଶିତ ହୁଏ, ଏ କଥା ସାଧନ-ଶାସ୍ତ୍ରସମୂହ ବହୁବାର ଘୋଷଣା କରିଅଛି । ଯୌଗିକ ସାଧନା ମନୁଷ୍ୟର ନିଜ ସ୍ୱରୂପକୁ ଗୁରୁ ବୋଲି ନିର୍ଦ୍ଦେଶ କରିଅଛି ଏବଂ ଗୁରୁ, ମନ୍ତ୍ର, ଆରାଧ୍ୟ ଓ ନିଜ ମଧ୍ୟରେ ଅଭେଦ ଭାବ ଉପଲବ୍ଧି ଲାଗି ଚେଷ୍ଟିତ ହେବାକୁ ମଧ୍ୟ ଉପଦେଶ ଦେଇଅଛି । ନିଜକୁ ଗୁରୁ ବୋଲି ଉପଲବ୍ଧି କରିବାର ପଥ ପ୍ରତ୍ୟେକଙ୍କ ପାଇଁ ଉନ୍ମୁକ୍ତ । କେବଳ ପ୍ରୟୋଜନ ଗୋଟିଏ ମାତ୍ର ଜିନିଷର ଏବଂ ତାହା ହେଉଛି ସାଧନ । ମନୁଷ୍ୟ ନିଜେ ହିଁ ନିଜର ଗୁରୁ, କିନ୍ତୁ ସାଧନ କରି, ସିଦ୍ଧ ହୋଇ ଓ ଆତ୍ମସାକ୍ଷାତର ଲାଭ କରିସାରି ତାପରେ ସେ ନିଜେ ନିଜର ଗୁରୁ । ଯେ ନିଜକୁ ଯେତିକି ଚିହ୍ନିପାରିଛି, ସେତିକି ସେ ଗୁରୁ, ଯେତିକି ସେ ଚିହ୍ନି ନାହିଁ ସେତିକି ସେ ଶିଷ୍ୟ । କିଏ କାହାର ଶିଷ୍ୟ, ସେ କଥା ତା ଅନ୍ତରର ସ୍ୱାଭାବିକ ଶ୍ରଦ୍ଧାଭକ୍ତି ହିଁ ଜାଣେ, ମୁଖର ବଚନ ବିନ୍ୟାସ ସେ କଥା ଜାଣେ ନାହିଁ । ଆଜି ଯେ ଶିଷ୍ୟ, କାଲି ସେ ଗୁରୁ- ଯେ ପର୍ଯ୍ୟନ୍ତ ସେ ପ୍ରତ୍ୟକ୍ଷର ଏ ପାରିରେ ଥାଏ ସେ ପର୍ଯ୍ୟନ୍ତ ସେ ଶିଷ୍ୟ, ଯେତେବେଳେ ପ୍ରତ୍ୟକ୍ଷର ଆର ପାରିରେ ପହଞ୍ଚେ ସେତେବେଳେ ସେ ଗୁରୁ ।

(୪)

ଯେ ପର୍ଯ୍ୟନ୍ତ ଶିଷ୍ୟ ଉନ୍ନତ ସଂସ୍କାରର ଅଧିକାରୀ ନହେବ, ସେ ପର୍ଯ୍ୟନ୍ତ ତାକୁ ଉନ୍ନତ ତତ୍ତ୍ୱଦାନ କରିବା ଗୁରୁଙ୍କର ସାଧ୍ୟାତୀତ । ଏଥିପାଇଁ ନୀଚବୁଦ୍ଧି ଶିଷ୍ୟ ସମାଜରେ ମହାମନା ଗୁରୁଙ୍କର ଆବିର୍ଭାବ ହୁଏ ନାହିଁ । ଯେ ପର୍ଯ୍ୟନ୍ତ ଗୁରୁ ସମ୍ୟକ୍ ଭାବରେ ନିଃସ୍ୱାର୍ଥଚେତା ନ ହେବେ, ସେ ପର୍ଯ୍ୟନ୍ତ ହୀନ-ସଂସ୍କାରାଚ୍ଛନ୍ନ ଶିଷ୍ୟର ମନରେ ଉନ୍ନତ ସଂସ୍କାରର ଜାଗରଣ ଅସମ୍ଭବ ।

(୫)

ଗୁରୁ ଦେଖିବେ, ଶିଷ୍ୟର ସର୍ବ-ବିଷୟକ ପୂର୍ଣ୍ଣତା ଲାଭ ହେଲା କି ନାହିଁ । ପରସ୍ୱ ଅପହାରୀ ନର ରାକ୍ଷସ ସୃଷ୍ଟି ଯେପରି ତାଙ୍କର ଲକ୍ଷ୍ୟ ନୁହେଁ ସେହିପରି କମ୍ବଳ କୌପୀନଧାରୀ ବୃଥାତୀର୍ଥାଚାରୀ ବୈରାଗୀଙ୍କ ଦଳ ଗଢ଼ିବା ମଧ୍ୟ ତାଙ୍କର ଲକ୍ଷ୍ୟ ହୋଇ ନ ପାରେ । ମୁଣ୍ଡଟା ଯେଉଁଠି ବଡ଼, ହୃଦୟଟା ମଧ୍ୟ ସେଠାରେ ଉଦାର ହେବା ଚାହି । ଏକଦେଶଦର୍ଶିତା ଗୁରୁତ୍ୱ ଧର୍ମର ବିରୁଦ୍ଧ ଶକ୍ତି । ସର୍ବଦର୍ଶିତ୍ୱ, ସମଦର୍ଶିତ୍ୱ ଓ ସମ୍ୟକ ଦର୍ଶିତ୍ୱ ହିଁ ସଦ୍‌ଗୁରୁଙ୍କର ଲକ୍ଷଣ ।

(୬)

ଶିଷ୍ୟକୁ ହିଁ ଶକ୍ତି ଅର୍ଜନ କରିବାକୁ ପଡ଼ିବ । ଗୁରୁ ଖାଇଲେ ଶିଷ୍ୟର ପେଟ ପୁରି ଯିବ ନାହିଁ । ଗୁରୁ ଯେଉଁ ସୁଖାଦ୍ୟ ଖାଇଛନ୍ତି, ସେହି ସୁଖାଦ୍ୟ ପ୍ରତି ସେ ଶିଷ୍ୟର ମନକୁ ଆକୃଷ୍ଟ କରି ପାରନ୍ତି, ଏପରିକି ତାକୁ ନେଇ ଶିଷ୍ୟର ପାଟି ଭିତରେ ଥୋଇ ଦେଇ ପାରନ୍ତି - କିନ୍ତୁ ଚୋବାଇବା କାମ, ଗଳାଧଃକରଣ

କରିବା ଦାୟିତ୍ୱ ଶିଷ୍ୟର । ଶକ୍ତି ଅର୍ଜନ କରିବାର ବାଟ ବତାଇ ଦେବା ଓ ଅଜ୍ଞାତ ପଦ୍ଧତି ଶିଷ୍ୟକୁ କହି ଦେବାର ଅଧିକାର ଗୁରୁଙ୍କର ଏବଂ ଶିଷ୍ୟ ଅର୍ଜନ କରିଥିବା ଶକ୍ତି ଯେପରି ତାମସିକତା ପ୍ରଭାବ ବଶତଃ ଅସୁରୀ ପ୍ରକୃତି ଧାରଣ କରି ପରର ସର୍ବସ୍ୱ ଅପହରଣ କରି ନିଜ ଇନ୍ଦ୍ରିୟତୃପ୍ତିର ଲାଳସାରେ ଇନ୍ଧନ ନ ଯୋଗାଏ ଓ ତ୍ୟାଗମାର୍ଗ ଦେଇ ସର୍ବଭୂତ-କଲ୍ୟାଣାର୍ଥେ ଆତ୍ମବିସର୍ଜନ ମାର୍ଗରେ ଯାଇ ସେହି ଶକ୍ତିର ସାର୍ଥକତା ସମ୍ପାଦନ କରେ, ସେଥିଲାଗି ଆବଶ୍ୟକୀୟ ପ୍ରେରଣା ଯୋଗାଇବା ସାମର୍ଥ୍ୟ ମଧ୍ୟ ଗୁରୁଙ୍କର । ଶିଷ୍ୟ ତା'ର ସାଧାରଣ ଯୁକ୍ତି ସାହାଯ୍ୟରେ ଯେଉଁଠି କଲ୍ୟାଣ ମାର୍ଗକୁ ଧରି ନପାରେ, ନିଜର ଅତୀନ୍ଦ୍ରିୟ ଦୃଷ୍ଟି ବଳରେ ତାହା ଦର୍ଶନ କରି ତଦନୁସାରେ ଶିଷ୍ୟକୁ ପରିଚାଳିତ କରିବାର କର୍ତ୍ତବ୍ୟ ଓ ଦାୟିତ୍ୱ ଗୁରୁଙ୍କର । ସାଧାରଣ ଦୃଷ୍ଟିରେ ବା ସାଧାରଣ ଯୁକ୍ତି ବିଚାର ଦ୍ୱାରା କୌଣସି ବସ୍ତୁକୁ ଧରି ନ ପାରିଲ ବୋଲି ଯେ ସେହି ବସ୍ତୁଟି ନାହିଁ, ଏ କଥା ପ୍ରମାଣିତ ହୁଏ ନାହିଁ । ଯେଉଁଠି ବସ୍ତୁଟି ଅଛି କିନ୍ତୁ ତୁମେ ତାକୁ ଦେଖି ପାରୁନାହଁ, ସତ୍ୟ ଅଛି, ତୁମେ ଧରି ପାରୁ ନାହଁ, ଗୁରୁଙ୍କର କର୍ତ୍ତବ୍ୟର କ୍ଷେତ୍ର, ଦାୟିତ୍ୱର କ୍ଷେତ୍ର ଓ ପରିଶ୍ରମର କ୍ଷେତ୍ର ସେଇଠି ।

(୭)

ଗୁରୁଙ୍କ ପାଖରୁ ଯେଉଁ ଉତ୍ସାହ, ଯେଉଁ ଉଦ୍ଦୀପନା ଓ ଯେଉଁ ପ୍ରେରଣା ପାଇଅଛ, ତାହାକୁ ସାରା ସଂସାରରେ ବାଣ୍ଟି ଦେବାର ନାମ ଗୁରୁଦକ୍ଷିଣା ଦାନ । ଯେତିକି ସ୍ୱାର୍ଥ ତ୍ୟାଗ ସେ ତୁମ ପାଇଁ କରିଛନ୍ତି, ଦୁନିଆ ପାଇଁ ତୁମକୁ ସେତିକି ସ୍ୱାର୍ଥ ତ୍ୟାଗ କରିବାକୁ ହେବ । ତୁମକୁ ସେ ଯେତିକି ଭଲ ପାଇଛନ୍ତି ସଂସାରକୁ ତୁମକୁ ସେତିକି ଭଲ ପାଇବାକୁ ହେବ । ତୁମ ପାଇଁ ସେ ଯେତିକି ବ୍ୟାକୁଳ ହୋଇ କାନ୍ଦିଛନ୍ତି, ସଂସାର ପାଇଁ ତୁମକୁ ସେତିକି କାନ୍ଦିବାକୁ ହେବ ।

ତା ହେଲେ ତୁମର ଗୁରୁ ଦକ୍ଷିଣା ଦେବା ହେଲା । ଗୁରୁ ଦକ୍ଷିଣା ଦେବା ସହଜ କଥା ନୁହେଁ, ଋଷି-ଋଣ ଅର୍ଥ ବିନିମୟରେ ପରିଶୋଧ କରି ହୁଏ ନାହିଁ ।

(୮)

ଗୁରୁ କିଏ ? ସ୍ୱାର୍ଥ-ସେବା ମୂଳକ ସାମୟିକ ସୁଖ ଅପେକ୍ଷା ଧର୍ମାର୍ଥେ ସର୍ବସ୍ୱତ୍ୟାଗଜନିତ ଆନନ୍ଦ ଅଧିକତର କାମ୍ୟ ବୋଲି ଯେ ଶିଷ୍ୟର ମନ ଉପରେ ଛାପ ପକାଇ ଦେଇ ପାରନ୍ତି, ସେ ଗୁରୁ । ଯାହାଙ୍କ ସଂସ୍ପର୍ଶରେ ଆସିଲେ ଆତ୍ମ-ସୁଖତୃଷ୍ଣା-ଲାଜରେ ମୁହଁ ଲୁଚାଏ, ଭୋଗଲିପ୍ସା ଛାଡ଼ି ପଳାଏ, ସେ ଗୁରୁ । ସେ ହିଁ ଗୁରୁ, ଯେ କ୍ଷୁଦ୍ରକୁ କରନ୍ତି ବୃହତ୍, ବୃହତ୍ତକୁ କରନ୍ତି ବୃହତ୍ତର, ଯେ ଶିଷ୍ୟକୁ ପ୍ରେମ-ଶାସନର ଅଧୀନ କରନ୍ତି ଓ କାମର ବନ୍ଧନ, ମୋହର ବନ୍ଧନ ଓ ମିଥ୍ୟାର ବନ୍ଧନରୁ ମୁକ୍ତ କରନ୍ତି । ସେ ହିଁ ଗୁରୁ, ଯେ ପରାଧୀନତା ଲୌହ-ଶୃଙ୍ଖଳକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ଦିଅନ୍ତି । ସେହି ଏକା ଗୁରୁ ଯେ ସମଷ୍ଟିଗତ ସମାଜର କଲ୍ୟାଣକୁ ପରାହତ ନ କରି ବ୍ୟଷ୍ଟି-ମାନବର ଜୀବନର ଉନ୍ନତ ମହିମାକୁ ପ୍ରସ୍ଫୁଟିତ କରି ପାରନ୍ତି ଏବଂ ବ୍ୟଷ୍ଟି-ମାନବର ବିକାଶ ମହିମାକୁ ଖର୍ବ ନ କରି ସମଷ୍ଟିର ମଙ୍ଗଳକୁ ଦ୍ରୁତ ଗତିଶୀଳ କରି ପାରନ୍ତି । ପଦେ କଥାରେ କହିବାକୁ ଗଲେ, ସେହି ଏକା ଗୁରୁ ଯେ ଗୋଟିଏ ଶିଷ୍ୟର ସେବା କରି ସାରା ସଂସାରର ସେବା କରି ପାରନ୍ତି ।

(୯)

ଶିଷ୍ୟର ମନ ପ୍ରବୃତ୍ତି ମାର୍ଗରେ ଦୌଡ଼ୁଛି, ଗୁରୁ କ'ଣ ଜୋର କରି ତାକୁ ନିବୃତ୍ତି ମାର୍ଗକୁ ଟାଣି ଆଣିବେ ? ସେ ସ୍ୱେଚ୍ଛାଚାର କରିବାକୁ ଚାହେଁ, ଉଚ୍ଛୃଙ୍ଖଳ ହେବାକୁ ଚାହେଁ, ଗୁରୁ କ'ଣ ଯୁକ୍ତିର ଜାଲ ବୁଣି, ନିଷେଧର ପ୍ରାଚୀର ନିର୍ମାଣ

କରି ତାକୁ ଅଟକାଇବେ ? କଦାପି ନୁହେଁ, କାରଣ ସେପରି କଲେ ଉପାୟଟା ହେବ କୃତ୍ରିମ, ତେଣୁ ତାହା କ୍ଷଣସ୍ଥାୟୀ ହେବ । ସ୍ୱାଭାବିକ ଭାବରେ ଶିଷ୍ୟର ମନ ଯେପରି ସଂଯମ ପଥ, ସତ୍‌ନୀତି ଓ ସଦାଚାର ପଥକୁ ଫେରିଆସିବ- ଆଦେଶ ବା ନିଷେଧ ଯୋଗୁଁ ନୁହେଁ- ପରନ୍ତୁ ନିଜର ସ୍ୱାଧୀନ ଇଚ୍ଛାରେ, ସ୍ୱାଧୀନ ରୁଚିରେ ଓ ସ୍ୱାଧୀନ ବୁଦ୍ଧିରେ ତାର ମନ ଯେପରି କଲ୍ୟାଣ ଆଡ଼କୁ ଆବର୍ତ୍ତିତ ହେବ, ଗୁରୁ କେବଳ ସେହି ବ୍ୟବସ୍ଥା କରିବେ । ନିଷେଧ କରିବାକୁ ଶିଖିଲେ କେହି ଗୁରୁ ହୁଅନ୍ତି ନାହିଁ କି ଆଦେଶ ଦେଇ ପାରିଲେ କେହି ଗୁରୁ ହୁଅନ୍ତି ନାହିଁ । ଶିଷ୍ୟର ଜୀବନକୁ ସବୁ ପ୍ରକାର ଅସ୍ୱାଭାବିକତାର ଉତ୍ପୀଡ଼ନରୁ ରକ୍ଷା କରି ନିରଙ୍କୁଶ ସ୍ୱାଧୀନତା ମଧ୍ୟ ଦେଇ ତାର ବିକାଶ ସମ୍ପାଦନ ହିଁ ଗୁରୁଙ୍କର କାମ । ଏ କାମ ସହଜ ନୁହେଁ । ଏହି କାରଣରୁ ସମସ୍ତେ ଗୁରୁ ହୋଇ ପାରନ୍ତି ନାହିଁ । ଖୁବ୍ ଅଳ୍ପ ସଂଖ୍ୟକ ଲୋକ ଜଗତରେ ଯଥାର୍ଥ ଗୁରୁଙ୍କର ଜଗଦ୍ ପୂଜ୍ୟ ସ୍ଥାନ ଅଧିକାର କରନ୍ତି ।

(୧୦)

ଗୁରୁ ଶିଷ୍ୟର ଅଧୀନ, କିନ୍ତୁ କିପରି ଭାବରେ ଅଧୀନ ? ସେ ଶିଷ୍ୟର ଭକ୍ତିର ଅଧୀନ, ଶ୍ରଦ୍ଧାର ଅଧୀନ ଓ ପ୍ରେମର ଅଧୀନ, ଶିଷ୍ୟର କଲ୍ୟାଣର ଅଧୀନ, ତା'ର ପୂର୍ଣ୍ଣତାର ଅଧୀନ, ତା'ର ମୁକ୍ତିର ଅଧୀନ, କିନ୍ତୁ ସେ ଯଦି ହୁଅନ୍ତି ଶିଷ୍ୟର ଅର୍ଥର ଅଧୀନ, ଶିଷ୍ୟ ପ୍ରଦତ୍ତ ଅନ୍ନ ବସ୍ତ୍ରର ଅଧୀନ ବା ତାର ଶାସନ ବା ରକ୍ତଚକ୍ଷୁର ଅଧୀନ, ତେବେ ତାଙ୍କର ଗୁରୁଧର୍ମ ଆଉ କିଛି ରହି ନପାରେ । ସେତେବେଳେ ସେ ଖାଲି ନାମକୁ ମାତ୍ର ଗୁରୁ, କିନ୍ତୁ ଶିଷ୍ୟ ଜୀବନକୁ ମନୁଷ୍ୟତ୍ୱ ପଥରେ ପରିଚାଳିତ କରିବାକୁ ସେ ଅକ୍ଷମ । କାରଣ ଯେ ପରାଧୀନ, ସେ ନିଜକୁ କଲ୍ୟାଣବନ୍ତ କରିପାରେ ନାହିଁ କି ଅନ୍ୟର କଲ୍ୟାଣସାଧନ କରିପାରେ ନାହିଁ ।

(୧୧)

ଜୀବନର ସୀମାବଦ୍ଧ ଆଦର୍ଶକୁ ଧରି ବାଟ ଚାଲିବାକୁ ଯାଇ ଯେଉଁମାନେ ନିଜକୁ କରନ୍ତି ସସୀମ ଓ ନିଜର ଚରଣ ଗତିକୁ କରନ୍ତି ଶୃଙ୍ଖଳିତ, ସେମାନଙ୍କୁ ଜୀବନର ଅସୀମ ଆଦର୍ଶ ଆଡ଼କୁ ଆଣିବା ଗୁରୁଙ୍କର କର୍ତ୍ତବ୍ୟ । ପରମ୍ପରାଗତ ଜୀବନ ଧାରାକୁ ଚୂରମାର କରି ନୂଆ କରି ଗଢ଼ିବାର ଚେଷ୍ଟା ସେ ଅଧିକାଂଶ ସମୟରେ କରନ୍ତି ନାହିଁ । ପରନ୍ତୁ ନିର୍ଜୀବ ପ୍ରାଣରେ ବି ସେ ଏପରି ବିଦ୍ୟୁତ୍ ସଂଚାର କରନ୍ତି ଯାହା ଫଳରେ ଜୀର୍ଣ୍ଣ ଅଟ୍ଟାଳିକାର ଭଗ୍ନସ୍ତୁପ ଭିତରୁ ନଭଶ୍ଚୁମ୍ବୀ ବିଶ୍ୱେଶ୍ୱର- ମନ୍ଦିର ମୁଣ୍ଡ ଟେକି ଉଠେ । ଏଇଥି ଯୋଗୁଁ ସଂଯମ-ଇଚ୍ଛୁକର ସେ ଗୁରୁ, ଭୋଗୀ ବିଳାସୀର ମଧ୍ୟ ସେ ଗୁରୁ, ପବିତ୍ରତାର ସେ ଗୁରୁ, କୁଳତ୍ୟାଗିନୀର ମଧ୍ୟ ସେ ଗୁରୁ, ମଣିଷର ସେ ଗୁରୁ, ଅମଣିଷର ବି ସେ ଗୁରୁ, ପରୋପକାରୀର ସେ ଗୁରୁ, ସ୍ୱାର୍ଥପରର ମଧ୍ୟ ସେ ଗୁରୁ । ନିଜ ନିଜ ସ୍ୱଭାବକୁ ଆଶ୍ରୟ କରି ପ୍ରତ୍ୟେକ ତାଙ୍କ ପାଖରୁ ପୂର୍ଣ୍ଣତା ଲାଭର ପଥ ପାଆନ୍ତି ବୋଲି ସେ ସବୁରି ଗୁରୁ ।

(୧୨)

ଭୋଟ ଜୋରରେ କାହାରି "ଗୁରୁତ୍ୱ" ପ୍ରତିଷ୍ଠିତ ହୁଏ ନାହିଁ, କେବଳ "ଗୁରୁ ଧର୍ମ" ପ୍ରଭାବରେ ହିଁ ତାହା ନିର୍ଦ୍ଧାରିତ ହୁଏ । ଗୁରୁଙ୍କ ଅଧିକାରର ସୀମା କେତେ ଦୂର ବ୍ୟାପିବ ଓ ଗୁରୁଙ୍କର କର୍ମର ରୀତି କ'ଣ ହେବ, ସେ କଥା ଜନସାଧାରଣଙ୍କ ଇଚ୍ଛାରେ ନିର୍ଣ୍ଣୀତ ହୋଇ ନପାରେ । ଯେଉଁ ବିଶ୍ୱଜନୀନତା ସାମାନ୍ୟ ମାନବକୁ ଗୁରୁ ଭଳି ଅସାମାନ୍ୟ ପଦବୀ ପ୍ରଦାନ କରିଛି, ତାହାରି ନିର୍ଦ୍ଦେଶ ହିଁ ଗୁରୁଙ୍କର ଆଚରଣକୁ ନିୟନ୍ତ୍ରିତ କରିବ । ଯଦ୍ୱାରା ଶିଷ୍ୟର ତାମସିକୀ

ପ୍ରକୃତି ରାଜସିକତା ରଥ ଆରୋହଣ କରି ଉନ୍ନୀତ ଓ ଦ୍ରୁତ ବିକାଶକ୍ଷମ ହୋଇ ପାରେ, ଯଦ୍ୱାରା ଶିଷ୍ୟର ରାଜସିକୀ ପ୍ରକୃତି ସାତ୍ତ୍ୱିକତା ବ୍ୟୋମଯାନରେ ଆରୋହଣ କରି ଅନନ୍ତ-ଉର୍ଦ୍ଧ୍ୱଗାମିନୀ ଓ ସ୍ୱଚ୍ଛନ୍ଦଗତିଶୀଳା ହୋଇ ପାରେ, ସେ ବ୍ୟବସ୍ଥା କରି ଦେଇ ସେ ନିଶ୍ଚିନ୍ତ । କିଏ ତାଙ୍କୁ ଗୁରୁ ବୋଲି ମାନିଲା କି ନ ମାନିଲା, ସେ ସବୁ ଖୋଜି ବାହାର କରିବା ପ୍ରୟୋଜନ ତାଙ୍କର ନାହିଁ । ସେବା କରି ସେ କୃତାର୍ଥ, ପାରିଶ୍ରମିକ ସେ ଚାହାନ୍ତି ନାହିଁ । ଜଗତର ସମସ୍ତେ ଯଦି ତାଙ୍କ ବିରୁଦ୍ଧରେ ଭୋଟ ଦିଅନ୍ତି ତେବେ ବି ସେ ଗୁରୁ ହୋଇ ରହିବେ ।

(୧୩)

ଅନେକ ଶିଷ୍ୟ ଗୁରୁଦ୍ରୋହୀ ହୁଅନ୍ତି, କିନ୍ତୁ କାହିଁକି ହୁଅନ୍ତି ? ଗୁରୁସଙ୍ଗ ଦ୍ୱାରା ଶିଷ୍ୟର ବୁଦ୍ଧି ଓ ପ୍ରତିଭା ସ୍ୱାଧୀନ ସ୍ଫୁର୍ତ୍ତିଲାଭ କରିପାରେ ନାହିଁ ବୋଲି ସେମାନେ ଗୁରୁଦ୍ରୋହୀ ହୁଅନ୍ତି । ଶିଷ୍ୟର ଚିନ୍ତା ଓ କର୍ମ ସଂକୀର୍ଣ୍ଣତାର ଗଣ୍ଡି ଅତିକ୍ରମ କରିବାକୁ ଗଲାବେଳେ ଦେଖେ ଯେ ଗୁରୁଶକ୍ତି ତା ବିରୁଦ୍ଧରେ ପ୍ରଯୁକ୍ତ, ତେଣୁ ସେ ଗୁରୁଦ୍ରୋହୀ ହୁଏ । ଆଉ ଗୋଟିଏ କାରଣରୁ ଶିଷ୍ୟ ଗୁରୁତ୍ୟାଗୀ ହୁଏ । ଗୁରୁ ଯାହା କହିଥାନ୍ତି, ଶିଷ୍ୟ ତାହା ନ ବୁଝି ଗଳାଧଃକରଣ କରି ସାରିବା ପରେ ଯେତେବେଳେ ଦେଖେ, ତାକୁ ହଜମ କରିବା କଷ୍ଟକର, ସେତେବେଳେ ଗୁରୁ ବିରୁଦ୍ଧରେ ସେ ହୁଏ ଶସ୍ତ୍ରପାଣି । ବେଳେବେଳେ ଶିଷ୍ୟ ଏ କାରଣରୁ ମଧ୍ୟ ଗୁରୁଦ୍ରୋହୀ ହୁଏ ଯେ, ଯେଉଁ ଆଧ୍ୟାତ୍ମିକ ପ୍ରେରଣା ଓ ଉନ୍ନତ ଚରିତ୍ରବଳ ସମକ୍ଷରେ ଶିଷ୍ୟ ଏକଦା ନତମସ୍ତକ ହୋଇଥିଲା, ଆନୁଗତ୍ୟ ଓ ବଶ୍ୟତାର ସୁଯୋଗ ପାଇ ତାହା କ୍ଷୀଣ ଓ ଦୁର୍ବଳ ହୋଇ ସତ୍ୟ ପରିବର୍ତ୍ତେ ଅସତ୍ୟର, ସେବା ଓ ଧର୍ମ ପରିବର୍ତ୍ତେ ଭୋଗ ବିଳାସର ପାଦବନ୍ଦନା କରିବାକୁ ତତ୍ପର ।

ଗୁରୁଦ୍ରୋହ ଦେଖିଲେ ମନରେ ଭୟ ଆସେ, କିନ୍ତୁ ପରିଣାମରେ ଏହା ଗୁରୁ ଶିଷ୍ୟ ଉଭୟଙ୍କର ପକ୍ଷରେ ମଙ୍ଗଳଜନକ ହୋଇଥାଏ ।

(୧୪)

ଗୁରୁ କହିଲେ - ହେ ଶିଷ୍ୟ, ତୁମେ ସ୍ୱାଧୀନ ।'' ତାର ପ୍ରକୃତ ଅର୍ଥ ହେଉଛି ''ହେ ଶିଷ୍ୟ, ତୁମେ ଯେ ସ୍ୱାଧୀନ ସେ କଥା ମୁଁ ସ୍ୱୀକାର କଲି କିନ୍ତୁ ତୁମକୁ ସବୁବେଳେ ମନେ ରଖିବାକୁ ହେବ ଯେ ତୁମ ସଂସ୍ପର୍ଶରେ ଯେତେ ଲୋକ ଆସିବେ, କାହାରି ଯୁକ୍ତି ବିଚାରର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ଭଳି ଦୁର୍ବୁଦ୍ଧି ଯେପରି ତୁମର ନ ହୁଏ ।'' ଶିଷ୍ୟର ସ୍ୱାଧୀନତା ସ୍ୱୀକାର କରି ଗୁରୁ ଖାଲି ଯେ ତାକୁ ସ୍ୱାଧୀନତା ଦେଲେ ତାହା ନୁହେଁ, ପରନ୍ତୁ ଅନ୍ୟର ସ୍ୱାଧୀନତାକୁ ସମ୍ମାନ କରିବାକୁ ବାଧ୍ୟ କଲେ ।

(୧୫)

ଗୁରୁ ଯେତେବେଳେ କ୍ଷମତା ମଦରେ ମତ୍ତ ହୋଇ ପ୍ରଭୁତ୍ୱ ପ୍ରତିଷ୍ଠାରେ ବ୍ୟସ୍ତ ରହନ୍ତି ଓ ପବିତ୍ର ଲୋକକଲ୍ୟାଣ ବ୍ରତ ପରିହାର କରି ତୁଚ୍ଛ ଐହିକ ସୁଖସାଧନରେ ବିବ୍ରତ ହୁଅନ୍ତି, ସେତେବେଳେ ଶିଷ୍ୟ ଆଉ କାହାକୁ ଭରସା କରିବ କହ ? ସେତେବେଳେ ସେ ନିଜ ବାହୁ ଉପରେ ଆସ୍ଥା ସ୍ଥାପନ କରିବ ଓ ''ଜୟ ଭଗବାନ'' ବୋଲି ଗୁରୁଗର୍ଜନ କରିବ । କାରଣ ଶିଷ୍ୟର ସର୍ବାଙ୍ଗୀନ କୁଶଳଲାଗି ଜୀବନ ଦାନ ବ୍ୟତୀତ ଗୁରୁର ଉଚ୍ଚ ଅଧିକାର ସାର୍ଥକତା ମହିମାରେ ମହିମାନ୍ୱିତ ହୁଏ ନାହିଁ ।

(୧୬)

ବିଦ୍ରୋହର ପ୍ରକୃତ କାରଣ ଅଛି ବୋଲି ବୁଝି ଯେ ବିଦ୍ରୋହୀ ଶିଷ୍ୟକୁ ଉତ୍ସାହିତ କରିପାରନ୍ତି, ସେ ପ୍ରକୃତରେ ଗୁରୁର କର୍ତ୍ତବ୍ୟ କରନ୍ତି । ଯେଉଁଠି ଶିଷ୍ୟ ବିନା କାରଣରେ ବା ତୁଚ୍ଛ କାରଣରେ ବିଦ୍ରୋହୀ ହୁଏ, ସେ କ୍ଷେତ୍ରରେ ଯେ ସହିଷ୍ଣୁତା ସହକାରେ କାଳ ପ୍ରତୀକ୍ଷା କରି ପାରନ୍ତି, ସେ ଗୁରୁର କର୍ତ୍ତବ୍ୟ କରନ୍ତି । ଯେଉଁଠି ଶିଷ୍ୟ ଗୁରୁର ଉପସ୍ଥିତିକୁ ଜୀବନରେ ଉନ୍ନତି ପଥରେ ବିଘ୍ନ ବୋଲି ମନେ କରେ, ସେ ସମୟରେ ଯେ ଆତ୍ମବିଲୋପ ସାଧନ କରିପାରନ୍ତି, ସେ ଗୁରୁର କର୍ତ୍ତବ୍ୟ କରନ୍ତି । ଯେଉଁଠି ଗୁରୁଙ୍କୁ ଗୁରୁବୋଲି ମାନିଲେ ଶିଷ୍ୟର ଅବନତିର ସମ୍ଭାବନା ବା ଅଭ୍ୟୁଦୟର ଅସମ୍ଭାବନା ଅଛି ସେଠାରେ ଯେ ଗୁରୁ ଗୌରବକୁ ଲୁଚାଇ ଦେଇ ଅପରିଚିତ ଭଳି ଚଳିପାରନ୍ତି ସେ ପ୍ରକୃତରେ ଗୁରୁର କର୍ତ୍ତବ୍ୟ କରନ୍ତି ।

(୧୭)

ଦିଆସିଲି ମାରି ପ୍ରଦୀପ ଲଗାଇଲେ ଦିଆସିଲି ହିଁ ଗୁରୁ, ପ୍ରଦୀପ ଶିଷ୍ୟ । ପ୍ରଦୀପରେ ବଳିତା ଓ ତେଲ ନ ଥିଲେ ଯେତେ ଦିଆସିଲି ମାରିଲେ ବି ପ୍ରଦୀପ ଜଳିବ ନାହିଁ । ଏହି ହିସାବରେ ଶିଷ୍ୟ ପ୍ରଧାନ, ଗୁରୁ ଅପ୍ରଧାନ । ଆଉ ମଧ୍ୟ ପ୍ରଦୀପରେ ଯେତେ ବଳିତା ବା ଯେତେ ତେଲ ଥାଉ ପଛକେ, ଦିଆସିଲି ନ ହେଲେ ପ୍ରଦୀପ ଆଲୋକ ଦେଇ ପାରିବ ନାହିଁ । ଏ ଦୃଷ୍ଟିରୁ ବିଚାର କଲେ ଗୁରୁ ପ୍ରଧାନ, ଶିଷ୍ୟ ଅପ୍ରଧାନ । ଯେଉଁ ଦିଆସିଲିରେ ରଞ୍ଜକ ନାହିଁ ତାହା ପ୍ରଦୀପକୁ ଜଳାଇ ପାରିବ ନାହିଁ । ଯେଉଁ ଦିଆସିଲିର କାଠିଟି ଭଙ୍ଗା ବା ଛୋଟ, ସେଥିରେ ମଧ୍ୟ ପ୍ରଦୀପ ଲଗାଇବା ବଡ଼ ଅସୁବିଧାଜନକ । ସେହିପରି ଯେଉଁ

ଦୀପରେ ତେଲ ଅଛି କିନ୍ତୁ ବଳିତା ନାହିଁ ତାହା ଜଳିବ ନାହିଁ । ଗୋଟିଏ ଦିଆସିଲି ଦ୍ୱାରା ତୁମେ ଶହ ଶହ ପ୍ରଦୀପ ଲଗାଇପାର କିନ୍ତୁ ଯେଉଁ ପ୍ରଦୀପର ତେଲ ଭଲ, ବଳିତା ମୋଟା ଓ ଲମ୍ୱା, ତେଲ ବେଶି ଥାଏ, ସେ ପ୍ରଦୀପ ଭଲ ଜଳେ ଓ ବେଶି ସମୟ ଜଳେ । ପକ୍ଷାନ୍ତରେ ଯେଉଁ ପ୍ରଦୀପର ତେଲ ଖରାପ, ବଳିତା ସରୁ ଓ ଛୋଟ, ତେଲ କମ୍, ସେ ପ୍ରଦୀପ ଭଲ ଜଳେ ନାହିଁ କି ବେଶି ସମୟ ଜଳେ ନାହିଁ । ଯେଉଁ ଦୀପର ତେଲ ଭଲ ନୁହେଁ କିନ୍ତୁ ବଳିତା ଭଲ କିମ୍ୱା ବଳିତା ଭଲ କିନ୍ତୁ ତେଲ ଖରାପ, ସେ ଦୀପ ମଧ୍ୟ ଜଳେ ନାହିଁ । ଏହି କାରଣରୁ ଜଣେ ଗୁରୁଙ୍କର ଶହ ଶହ ଶିଷ୍ୟ ବିଭିନ୍ନ କିସମର ହୁଅନ୍ତି । କେଉଁ ଦୀପ ଲଗାଇବାକୁ ପାଞ୍ଚଟା ଦିଆସିଲି କାଠି ଲାଗେ, କେଉଁ ଦୀପ ଗୋଟାଏ କାଠିରେ ଜଳେ, ଏ ଧରଣର ବୈଚିତ୍ର୍ୟ ସଂସାରରେ ପୂରି ରହିଛି । ଦୀପ ଯେତେବେଳେ ତେଲ ଓ ବଳିତାରେ ପୂର୍ଣ୍ଣଗର୍ଭ ହୋଇଯାଏ ସେତେବେଳେ ସେ ଦିଆସିଲି ଖୋଜି ବୁଲେ । ସେହିପରି ଦିଆସିଲି କାଠିରେ ଯେତେବେଳେ ରଞ୍ଜାକ ବୋଳି ହୋଇଯାଏ, ସେତେବେଳେ ସେ ବି ଦୀପ ଖୋଜି ବୁଲେ । ଏ ସଂସାରରେ ଗୁରୁ ଶିଷ୍ୟଙ୍କୁ ଓ ଶିଷ୍ୟ ଗୁରୁଙ୍କୁ ଚିରକାଳ ଏହିପରି ଖୋଜିବାରେ ଲାଗିଛନ୍ତି ।

(୧୮)

ଗୁରୁ କ'ଣ ମୁଣ୍ଡର ବୋଝ, ନା କାନ୍ଧର ଭୂତ ? ଗୁରୁ କ'ଣ ସଙ୍ଗୀନର ମୁନ ନା ବର୍ଗୀ ଦସ୍ୟୁର ଶାଣିତ କୃପାଣ ?

(୧୯)

ଶ୍ରୀ ଗୁରୁ ନିର୍ଭରେ ଶ୍ରୀ ନାମ ଉଜ୍ଜ୍ୱଳ

ଶ୍ରୀ ନାମ ନିର୍ଭରେ ବୁକୁଭରା ବଳ

ଏଠାରେ ଶ୍ରୀଗୁରୁ ମାନେ ବ୍ରହ୍ମ, ଶ୍ରୀଗୁରୁ ମାନେ ଉପାସ୍ୟ ଦେବତା ।

(୨୦)

ମଙ୍ଗଳମୟ ଭଗବାନଙ୍କୁ ଗୁରୁ ବୋଲି ଜାଣି ସର୍ବତୋଭାବରେ ତାଙ୍କରି ଶରଣାପନ୍ନ ହୁଅ । ପ୍ରପନ୍ନର ସର୍ବକୁଶଳ ସେ ସ୍ୱହସ୍ତରେ ସମ୍ପାଦନ କରିବେ । ତାଙ୍କୁ ହିଁ ଇହପରଜୀବନର ସାର ସର୍ବସ୍ୱ ଜାଣି ନିଜର ଯାହା କିଛି ଅଛି ସବୁ ତାଙ୍କରି ଚରଣରେ ସମର୍ପଣ କରି ତାଙ୍କୁ ତୁମର ସର୍ବେଶ୍ୱର ବୋଲି ସ୍ୱୀକାର କର । ଦେହ, ମନ, ପ୍ରାଣ, ଆତ୍ମା, କର୍ମ, ବାକ୍ୟ, ଚିନ୍ତା ଓ ଅନୁଧ୍ୟାନରେ ସର୍ବକ୍ଷଣ ସର୍ବତୋଭାବରେ ତାଙ୍କୁ ତୁମର ଏକମାତ୍ର ଅବଲମ୍ବନ ତରୁ ଜ୍ଞାନ-କରି ଲତାପରି ଅବିରାମ ତାଙ୍କରି ଆଶ୍ରୟରେ ଅନନ୍ତ ଉର୍ଦ୍ଧ୍ୱାକାଶବ୍ୟାପୀ ବିସ୍ତାରିତ ହୁଅ । ଜୀବନ ଧନ୍ୟ ହେଉ, ଜନ୍ମ ସାର୍ଥକ ହେଉ ।*

(ମାଘ ୧୧, ୧୩୩୪)

---

*୧୩୩୪ ସାଲ, ମାଘ ୮ ଦିନ ଠାରୁ ୨୫ ଦିନ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଜୀ ମୌନବ୍ରତାବଲମ୍ବୀ ଥିଲେ । ସେହି ସମୟରେ କଲିକତା ବିଶ୍ୱବିଦ୍ୟାଳୟର କେତେ ଜଣ ଛାତ୍ର ତାଙ୍କୁ "ଗୁରୁବାଦ" ସମ୍ବନ୍ଧରେ କେତୋଟି ପ୍ରଶ୍ନ ପଚାରିଥିଲେ । ଆଲୋଚନା ପ୍ରସଙ୍ଗରେ ଶ୍ରୀ ଶ୍ରୀ ବାବା ଯେଉଁ ଉପଦେଶ ଲିଖିତ ଭାବରେ ଦେଇଥିଲେ, ଏହି ନିବନ୍ଧରେ ସେଗୁଡ଼ିକୁ ଗୋଟିକ ପରେ ଗୋଟିଏ ସଜାଇ ଦିଆଯାଇଛି । ଦୁଃଖର ବିଷୟ, ଯେ, କେବଳ ମାଘ ୧୧ ତାରିଖ ବ୍ୟତୀତ ଅନ୍ୟାନ୍ୟ ଦିନର ଉପଦେଶଗୁଡ଼ିକୁ ସଂରକ୍ଷିତ ହୋଇ ପାରିନାହିଁ ।

ପ୍ରକୃତ ଗୁରୁ

ମୋ ମତରେ ସେହି ଏକା ପ୍ରକୃତ ଗୁରୁ ଯେ ଛାତିରେ ହାତ ବାଡେଇ କହି ପାରନ୍ତି - ସତ୍ୟ ଲାଗି ମୋତେ ଅଗ୍ରାହ୍ୟ କର, ଏପରି କି ଆବଶ୍ୟକ ହେଲେ ସତ୍ୟ ଲାଗି ମୋ ବିରୁଦ୍ଧରେ ବିଦ୍ରୋହ ଘୋଷଣା କର, କାରଣ ଏ ଜଗତରେ ସତ୍ୟ ହିଁ ସର୍ବାପେକ୍ଷା ଗୁରୁ, ତା ତୁଳନାରେ ବ୍ରହ୍ମାଣ୍ଡର ଆଉ ସବୁ ଲଘୁ । ସେ ହିଁ ପ୍ରକୃତ ଗୁରୁ, ଯେ କହି ପାରନ୍ତି - ମୋ ଠାରୁ ଯଦି ପ୍ରକୃତ ସତ୍ୟ କିଛି ପାଉ ତେବେ ମୋତେ ମାନ, ନ ହେଲେ ଛିଣ୍ଡା କନ୍ଥା ପରି ମୋତେ ବର୍ଜନ କର, ଉଚ୍ଛିଷ୍ଟ ଖାଦ୍ୟ ପରି ମୋତେ ବର୍ଜନ କର, ରଜସ୍ୱଳା ନାରୀର ଅଶୁଚି ବସ୍ତ୍ର ଖଣ୍ଡ ପରି ମୋତେ ପରିତ୍ୟାଗ କର । ଯଥାର୍ଥ ଗୁରୁ କହିବେ - ଅନୁମାନ ଉପରେ ନିର୍ଭର କରି ମୋତେ ମାନିବା କଥା ଭାବନା, ମାନିବା କଥା ହୁଏତ ପ୍ରତ୍ୟକ୍ଷ ଉପରେ ନିର୍ଭର କରି ମାନ । ଯଥାର୍ଥ ଗୁରୁ କହିବେ- ମୋ କଥାରେ, ମୋ ଚିନ୍ତାରେ ବା ମୋ କାର୍ଯ୍ୟରେ ଯଦି ଅସତ୍ କିଛି ଦେଖୁ, ତେବେ ସେଇଟା ଗୁରୁଦେବଙ୍କ ଲୀଳା ଭାବି ମନକୁ ଫାଙ୍କି ଦେବାକୁ ଚେଷ୍ଟା କରନା, ନିର୍ଭୀକ ମନରେ ଅସତ୍ୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ଦଣ୍ଡାୟମାନ ହୁଅ, ମିଥ୍ୟାକୁ ଅମାନ୍ୟ କର ।

(ଭାଦ୍ର ୧୪, ୧୩୩୪)

ଶାଶ୍ୱତ ଗୁରୁ

ଗୁରୁ ଅନ୍ଧାକାର ଦୂର କରନ୍ତି । ଦ୍ୱିଧା, କୁଣ୍ଠା ଓ ସଙ୍କୋଚ, ଅନ୍ଧକାରର ରୂପାନ୍ତର ମାତ୍ର । ଯାହାକୁ ଗୁରୁ ବୋଲି ଭାବିବା କ୍ଷଣି ମନ କୁଣ୍ଠାରେ ପୂରିଯାଏ, ଦ୍ୱିଧାରେ ସଂକୁଚିତ ହୁଏ, ଯାହାକୁ ଗୁରୁ ବୋଲି ଭାବିବା ମାତ୍ରେ ମନ ନିଜ

ବିରୁଦ୍ଧରେ ନିଜେ ବିଦ୍ରୋହୀ ହୁଏ, ଯାହାଙ୍କୁ ଗୁରୁ ବୋଲି ସ୍ୱୀକାର କଲେ ମନରେ ତିକ୍ତତା, ବିରକ୍ତି ଓ ବିଷର୍ଣ୍ଣତା ଆସେ, କେବେ ତାଙ୍କ ଠାରୁ କିଛି ଉପକାର ପାଇଥିଲ ବୋଲି କେବଳ ସେହି କାରଣରୁ ଯଦି ତାଙ୍କୁ ଗୁରୁ ରୂପେ ମାନିବାକୁ ହୁଏ, ତେବେ ସେଇଟା ହେବ ଭଣ୍ଡାମି । ଭଣ୍ଡାମି, ଚିତ୍ତରେ ସନ୍ତୋଷ ନ ଆଣି ବିକ୍ଷୋଭ ଆଣି ଦିଏ । ଗୁରୁଙ୍କ ସହିତ ଶିଷ୍ୟର ଯେଉଁ ସମ୍ବନ୍ଧ, ତାହା ଯଥାର୍ଥ ରୂପେ ନିର୍ଣ୍ଣୟ କରିବା ପାଇଁ ଦୁଇଟି ବିରାଟ କଷଟି ପଥର ଅଛି । ପ୍ରଥମଟି ହେଉଛି, ତାଙ୍କୁ ସ୍ମରଣ କଲେ, ତାଙ୍କୁ ମନନ କଲେ, ତାଙ୍କୁ ଦର୍ଶନ କଲେ ବା ତାଙ୍କୁ ସ୍ପର୍ଶ କଲେ ବୈକୁଣ୍ଠ ଲାଭ ହୁଏ, ଅର୍ଥାତ୍ ସବୁ କୁଣ୍ଠା, ସବୁ ଭୟ, ଦ୍ୱିଧା ସଙ୍କୋଚ, ସନ୍ଦିଗ୍ଧ ଓ ସଂଶୟ ନିମିଷେକ ମଧ୍ୟରେ ଦୂର ହୋଇଯାଏ । ନିମୀଳିତ ହୃଦୟ ପଦ୍ମ ଆନନ୍ଦ ଉଲ୍ଲାସରେ ଓ ଉଲ୍ଲାସ ପ୍ରାଚୁର୍ଯ୍ୟରେ ଶତଦଳ ବିକଶିତ କରେ, ଅଣ୍ଡମଧ୍ୟସ୍ଥ ନିଦ୍ରିତ ଗରୁଡ଼ ପକ୍ଷୀର ପକ୍ଷ ବିସ୍ତାର ଘଟେ ଓ ସେ ଅନନ୍ତ ନଭୋମଣ୍ଡଳରେ ନିର୍ଭୟରେ ପକ୍ଷ ସଂଚାଳନ କରି ସୂର୍ଯ୍ୟ ଅଭିମୁଖେ ଅଭିଯାନ ଆରମ୍ଭ କରେ । ଏ ହେଲା ପ୍ରଥମ କଷଟି ପଥର । ଦ୍ୱିତୀୟଟି ହେଉଛି, ତାଙ୍କ ସହ ତୁମର ସମ୍ବନ୍ଧ କୌଣସି ହେତୁବାଦ ବା ଯୁକ୍ତି ଉପରେ ପ୍ରତିଷ୍ଠିତ ନୁହେଁ । ସେ ତୁମକୁ କୌଣସି ମନ୍ତ୍ର ବା ଉପଦେଶ ନଦେଇ ମଧ୍ୟ ଯଦି ତୁମର ସମଗ୍ର ସତ୍ତାର ସ୍ୱରୂପ ହୋଇ ରହନ୍ତି, ତେବେ ସେ ତୁମର ଗୁରୁ, ଏହିଠାରେ ହିଁ ଗୁରୁଙ୍କର ଯଥାର୍ଥ୍ୟ, ଏହିଠାରେ ହିଁ ଗୁରୁ ଶାଶ୍ୱତ ।

ମୋତେ ମାନିବ ନାହିଁ

ଏଇଥିପାଇଁ ମୁଁ ସବୁବେଳେ ତୁମକୁ କହେ ଯେ ଯେଉଁ ଦିନ ବା ଯେଉଁ ମୁହୂର୍ତ୍ତରେ ଦେଖିବ ଯେ ମୋ କଥା ସ୍ମରଣ କଲେ ତୁମ ମନରେ କୁଣ୍ଠାହୀନତା ନ ଆସି ଭୟ ଆସୁଛି, ସଙ୍କୋଚ ଆସୁଛି ବା ସନ୍ଦେହ ଆସୁଛି, ସେହି ଦିନ

ସେହି ମୂହୂର୍ତ୍ତରେ ମୋତେ ତୁମ୍ଭେମାନେ ଛିଣ୍ଡାକନା ପରି ଅକାତରେ ବର୍ଜନ କରିବ । ମୁଁ ଯେ ତୁମର ଗୁରୁ, ଏହି କଥାଟା ଖାଲି ଲୋକାଚାର ମାନିବା ଦୃଷ୍ଟିରୁ ଯେପରି ସ୍ୱୀକାର ନକର । ମୁଁ ଯେ ତୁମର ଗୁରୁ, ଏକଥାଟି ଯେପରି ତୁମର ଅନ୍ତରର କଥା ହୁଏ । ଯେତେବେଳେ ମୁଁ ସତରେ ତୁମର ଗୁରୁ, ସେତେବେଳେ ତୁମ ଜୀବନରେ ମୁଁ ଦୁର୍ଜୟ । ସେତେବେଳେ ମୋର ଇଚ୍ଛା ତୁମ ଜୀବନରେ ଅଘଟନ ଘଟାଇବ, ସେତେବେଳେ ମୁଁ ତୁମଭଳି ଅତି ସାଧାରଣ ବ୍ୟକ୍ତି ଦ୍ୱାରା ମଧ୍ୟ ଅତି ଅସାଧାରଣ କାର୍ଯ୍ୟ କରାଇ ନେବାକୁ ସମର୍ଥ । ଆଉ ଯେଉଁଠି ତୁମ ମନରେ ମୋର ଗୁରୁତ୍ୱ ସମ୍ପର୍କରେ ସଂଶୟ ଥିବ, ସେଠାରେ ମୋତେ ଉପଲକ୍ଷ୍ୟ କରି ସାରା ଜୀବନ ଭଣ୍ଡାମିର ଅନୁଷ୍ଠାନ କରି ଲୋକଙ୍କ ପାଖରେ ତୁମେ ହୁଏତ ଗୁରୁଭକ୍ତ ବୋଲି ପୂଜା ପାଇପାର କିନ୍ତୁ ତଦ୍ୱାରା ତୁମ ଅନ୍ତରର ଭଣ୍ଡାର ଦିନକୁ ଦିନ କେବଳ ରିକ୍ତ ହେବାକୁ ଲାଗିବ । ନିଜ ଜୀବନରେ ପ୍ରତ୍ୟକ୍ଷ ଭାବରେ ମୁଁ ଏସବୁ ଅଙ୍ଗେ ଲିଭେଇଛି, ତେଣୁ ତୁମର ଗୁରୁ ସାଜି ମୁଁ ଫେର୍ ଯେପରି ତୁମ୍ଭମାନଙ୍କ ଭିତରୁ କାହାରି ପରମ କୁଶଳରେ ବ୍ୟାଘାତ ସୃଷ୍ଟି କରି ନ ବସେ, ସେଇଥିପାଇଁ ମୁଁ ବାରମ୍ବାର ତାରସ୍ୱରରେ ଘୋଷଣା କରି କହୁଛି ଯେ ଯେତେବେଳେ ମୋ ପ୍ରତି ଅଣୁ ମାତ୍ର ଅବିଶ୍ୱାସ ଆସିବ ସଙ୍ଗେ ସଙ୍ଗେ ମୋତେ ବର୍ଜନ କରିବ । ତୁମ୍ଭମାନଙ୍କୁ ଜୋର କରି ଧରି ବାନ୍ଧି ରଖିବାରେ ମୋର ତିଳେମାତ୍ର ଆନନ୍ଦ ନାହିଁ । ଅନ୍ତରରେ ବା ବାହାରେ, ଚୁଲିମୁଣ୍ଡରେ ବା ବୈଠକଖାନାରେ, ଘର କୋଣରେ ବା ଖୋଲା ପଡ଼ିଆରେ, ନିର୍ଜନରେ ବା ଜନ କୋଳାହଳ ମଧ୍ୟରେ ଯେଉଁଠି ମୋତେ ପାଅ, ଯେଉଁଦିନ ଦେଖିବ ପ୍ରତ୍ୟେକ ସ୍ଥାନରେ ମୋତେ ଗୁରୁ ବୋଲି ସ୍ୱୀକାର କରିବା ଦ୍ୱାରା ତୁମ ମନରେ ଅବାରିତ ଆନନ୍ଦ ଆସୁଛି, ତିଳେ ମାତ୍ର ଦ୍ୱିଧା ସଙ୍କୋଚ ଆସୁନାହିଁ, ସେହିଦିନ ତୁମେ ଜାଣିବ ଯେ ମୁଁ ତୁମର ଗୁରୁ ଓ ସେହିଦିନ ମୁଁ ବୁଝିବି ଯେ ତୁମେ ମୋର

ଶିଷ୍ୟ । ତୁମେ ଶିଷ୍ୟ ହେବାକୁ ଚାହଁନା, ଅଥଚ ତୁମର ଭୟଭ୍ରାନ୍ତି, ଦୁର୍ବଳତା ପ୍ରଭୃତି ମନୋଧର୍ମର ସୁଯୋଗ ନେଇ ମୁଁ ନିଜକୁ ତୁମର ଗୁରୁ ବୋଲି ଜାହିର କରି ବସିବି ଓ ତୁମ ବେକକୁ ମୋ ଗୋଡ଼ତଳେ ଜୋର କରି ମାଡ଼ି ଧରିବି, ଏଇଟାକୁ ମୁଁ ଅମାର୍ଜନୀୟ ଅପରାଧ ବୋଲି ମନେକରେ ।

(ଚୈତ୍ର, ୧, ୧୩୪୦)

ଗୁରୁ
(୧)

ଯା' ଇଚ୍ଛା ତା' ପାଖରୁ ଦୀକ୍ଷା ନେଲେ ସେ କିଛି କାମରେ ଆସେ ନାହିଁ । ନିଜ ଜୀବନରେ ଯେ ତତ୍ତ୍ୱକୁ ଆସ୍ୱାଦନ କରିଛନ୍ତି, ସେ କେବଳ ଗୁରୁ ହୋଇ ପାରନ୍ତି । ଯେ ପର୍ଯ୍ୟନ୍ତ ପ୍ରକୃତ ଗୁରୁଙ୍କର ସାକ୍ଷାତକାର ନ ମିଳେ ସେ ପର୍ଯ୍ୟନ୍ତ ନିଜର ଅଭିରୁଚି ଅନୁଯାୟୀ ଅକପଟ ଭାବରେ ସାଧନ କରିଯାଅ, କାହା କଥାରେ ଟଳ ନାହିଁ କି କାହା ପରାମର୍ଶରେ ପଛେଇ ଯାଅ ନାହିଁ । ସଦ୍‌ଗୁରୁଙ୍କୁ ଚିହ୍ନିବା ବଡ଼ କଷ୍ଟ, ସେ ନିଜେ ଯଦି ଧରା ଦିଅନ୍ତି ତେବେ ଯାଇ ତାଙ୍କୁ ଚିହ୍ନି ହୁଏ । ତୁମେ କେବଳ ଅପେକ୍ଷା କରି ରହ ଓ ଭଗବାନଙ୍କର ଯେ କୌଣସି ଗୋଟିଏ ନାମ ମନୋନୀତ କରି ତାକୁ ଜପ କରି ଯାଅ । ତୁମର ଯଦି ଗୁରୁ ଦରକାର ଥିବେ ତେବେ ସେ ଯଥା ସମୟରେ ନିଶ୍ଚୟ ଆସିବେ ଓ ତୁମେ ଯାହା ଜାଣିବା ଦରକାର ସବୁ କହିଦେବେ । ଯେତେବେଳେ ତାଙ୍କର ସାହାଯ୍ୟ ପ୍ରକୃତରେ ତୁମର ଲୋଡ଼ା ହେବ ସେତେବେଳେ ସେ ଆଉ ଦୂରେଇ ହୋଇ ରହି ପାରିବେ କିପରି, ଲୁଚି ଛପି ରହି ପାରିବେ କିପରି ? ତାଙ୍କୁ ଅବଶ୍ୟ ଆସିବାକୁ ହେବ । ଜନ୍ମେଜୟ ରାଜାଙ୍କର ସର୍ପଯଜ୍ଞକୁ ଇନ୍ଦ୍ର ଯେପରି ରଥରେ ବସି ଦୌଡ଼ି ଆସିବାକୁ ବାଧ୍ୟ ହୋଇଥିଲେ, ଜଗତର କଲ୍ୟାଣ ବିଧାନ

ଲାଗି ସଦ୍‌ଗୁରୁଙ୍କୁ ସେହିପରି ପ୍ରାଣବିକଳରେ ଅବଶ୍ୟ ଆସିବାକୁ ପଡ଼ିବ । ସେ ଆସି ତୁମକୁ ଦୁଃଖ ସମୁଦ୍ରର ଆରପାରିକୁ ନେବାକୁ ଚାହିଁବେ, କିନ୍ତୁ ଘାଟ ମାସୁଲ ମାଗିବେ ନାହିଁ । ସେ ହୁଏତ ମନ୍ତ୍ର ଦେଇ ପାରନ୍ତି,କିନ୍ତୁ ଖାଲି କାନରେ କ'ଣ ଦେବେ, ପ୍ରାଣରେ ବି ଦେବେ ।

(୨)

ପ୍ରକୃତ ତତ୍ତ୍ୱଜ୍ଞ ଗୁରୁଙ୍କ ଆଶୀର୍ବାଦ କଦାପି ବ୍ୟର୍ଥ ହୁଏ ନାହିଁ, ତେଣୁ ତୁମେ ତତ୍ତ୍ୱଜ୍ଞ ଗୁରୁଙ୍କ ଲାଗି ଉଦ୍‌ଗ୍ରୀବ ହୋଇ ରହିଥିବ । ଯେଉଁମାନେ ତତ୍ତ୍ୱଜ୍ଞ ନୁହଁନ୍ତି, ବ୍ରହ୍ମ-ରସ ଆସ୍ୱାଦନକାରୀ ନୁହନ୍ତି, ସେଭଳି ଶତ ଶତ ଗୁରୁ ପଦ-ଅଭିଳାଷୀ ବ୍ୟକ୍ତି ହୁଏତ ତୁମ ପାଖକୁ ଆସି ଘନିଷ୍ଠତା କରିବାକୁ ଚାହିଁବେ । ତୁମେ ସେମାନଙ୍କର ଅବମାନନା ନ କରି ସେମାନଙ୍କ ପ୍ରତି ଉଦାସୀନ ରହିବ । ତା'ପରେ ପ୍ରଶ୍ନ ଉଠୁଛି, ଅସଲ ଗୁରୁ କିଏ ? ଯେ ତୁମର ପରମ ଉପାସ୍ୟ ସେ ହିଁ ତୁମର ଗୁରୁ ଅର୍ଥାତ୍ ପରମ ବ୍ରହ୍ମ ହିଁ ତୁମର ଗୁରୁ । ''ଗୁରୁଗୀତା'' ପଢ଼ିଲେ ଦେଖିବ, ଗୁରୁଙ୍କର ଯେଉଁସବୁ ଲକ୍ଷଣ ଓ ନାମ ନିରୁକ୍ତି ତହିଁରେ କରାଯାଇଛି, ସେ ସବୁ କେବଳ ବେଦାନ୍ତର ସେହି ବ୍ରହ୍ମଙ୍କ କଥା । ସେହି ପରମ ଗୁରୁଙ୍କୁ ଜାଣିବା ପାଇଁ କୌଣସି ଏକ ବ୍ରହ୍ମ-କୃପା-ଲବ୍ଧ ତତ୍ତ୍ୱଦର୍ଶୀ ପୁରୁଷଙ୍କୁ ପଥ-ପ୍ରଦର୍ଶକ ରୂପେ ଧରିବାକୁ ପଡ଼େ । କିନ୍ତୁ ଭଗବାନଙ୍କୁ ଯେତେବେଳେ ଜାଣି ହୁଏ ସେତେବେଳେ ତୁମ ଲୌକିକ ଜଗତର ଗୁରୁଙ୍କୁ କିଏ ପଚାରେ ବା ଲୌକିକ ଜଗତର ଶିଷ୍ୟଙ୍କୁ କିଏ ପଚାରେ । ସେମାନେ କିଏ କୁଆଡ଼େ ଯାଆନ୍ତି, ତା'ର ଖୋଜ ଖବର ଆଉ ନେଉଛି କିଏ ? ରାଜର୍ଷି ଜନକ ଶୁକଦେବଙ୍କୁ ବ୍ରହ୍ମବିଦ୍ୟା ଦାନ କରିବା ପୂର୍ବରୁ କହିଲେ- ହେ ଶିଷ୍ୟ ଗୁରୁ ଦକ୍ଷିଣାଟା ଆଗେ ଦେଇଦିଅ । ଶୁକଦେବ କହିଲେ- ଏ କି' କଥା ! ଦୀକ୍ଷା ଆଗରୁ ଦକ୍ଷିଣା କ'ଣ ? ତାହା

ଶୁଣି ଜନକ କହିଥିଲେ "ସେ ବଡ଼ କଠିନ ଠାଇଁ, ଗୁରୁ-ଶିଷ୍ୟ ଦେଖାନାହିଁ ।" ବ୍ରହ୍ମ-ବିଦ୍ୟା ଯେ ଲାଭ କରେ, ସେ ଏକମାତ୍ର ବ୍ରହ୍ମଙ୍କୁ ହିଁ ଗୁରୁ ବୋଲି ଜାଣେ ।

(୩)

ଗୁରୁ ତୁମର ପଥ ପ୍ରଦର୍ଶକ । କିନ୍ତୁ ତୁମେ ତୁମ ନିଜ ଆଖିରେ ପଥଟାକୁ ଦେଖି ନେବାକୁ ହେବ । ଯାହାର ସ୍ୱାଧୀନ ବିଚାର ଶକ୍ତି ନଥାଏ, ସେଭଳି ଶିଷ୍ୟ ଗୁରୁବାକ୍ୟ ଠିକ୍ ଠିକ୍ ପାଳନ କରିପାରେ ନାହିଁ ।

(୪)

ନିଃସ୍ୱାର୍ଥ ଚେତା ଗୁରୁ ଯଦି କୌଣସି ଶିଷ୍ୟକୁ ଜଗତ-କଲ୍ୟାଣ ସଂକଳ୍ପ ଦିଅନ୍ତି, ତେବେ ସ୍ୱେଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଶିଷ୍ୟକୁ ଜଗତ୍ କଲ୍ୟାଣ କରିବାକୁ ହେବ । ଶତ ଶତ ପ୍ରଲୋଭନ ତାକୁ ବାନ୍ଧି ରଖିପାରିବ ନାହିଁ । ଗୁରୁ ବାକ୍ୟ ଭୁଲି ସେ ଯଦି ପାପ ପଙ୍କରେ ଆକଣ୍ଠ ବୁଡ଼ି ରହେ, ତେବେ ଏକ ଅବ୍ୟକ୍ତ ଅନ୍ତର୍ଦାହରେ ଅସ୍ଥିର ହୋଇ ଦିନେ ନା ଦିନେ ତାକୁ ସଂସାର ପାଖକୁ ଦୌଡ଼ି ଆସିବାକୁ ପଡ଼ିବ । ଏହା ଅନ୍ୟଥା ହୋଇପାରେ ନାହିଁ ଏବଂ କେବେହେଲେ ଏହା ଅନ୍ୟଥା ହୋଇନାହିଁ । ସଦ୍‌ଗୁରୁ ଖାଲି କ'ଣ ଶିଷ୍ୟକୁ ମନ୍ତ୍ର ଦେଇଦେଲେ ଖଲାସ ପାଇଯିବେ ? ନା, ସେ ଜାଣନ୍ତି ଯେଉଁ ପରମ ଗୁରୁ, ଅନ୍ତରରେ ଅବସ୍ଥାନ କରି ଶିଷ୍ୟକୁ ଉପଦେଶ ଦେଉଛନ୍ତି, ସେହି ମଧ୍ୟ ଆଉ ଜଣକ ଭିତରେ ଥାଇ ସେହି ଉପଦେଶ ସବୁ ପାଳନ କରୁଛନ୍ତି । ତେଣୁ ସେ ଶିଷ୍ୟକୁ ବ୍ରହ୍ମଜ୍ଞାନରେ ପୂଜା କରନ୍ତି । ଲୋକଶିକ୍ଷା ଲାଗି ବାହାରେ ଶିଷ୍ୟର ପୂଜା ଗ୍ରହଣ କରନ୍ତି ସତ୍ୟ, କିନ୍ତୁ ପ୍ରାଣର ପରିତୃପ୍ତି ପାଇଁ ଶିଷ୍ୟକୁ ବ୍ରହ୍ମଜ୍ଞାନରେ ଅର୍ଚ୍ଚନା କରନ୍ତି । ଏଭଳି ଯେ ଗୁରୁ, ବ୍ରହ୍ମଦୃଷ୍ଟି ଯାହାଙ୍କର ଦୃଷ୍ଟି, ତାଙ୍କର ଅଭିପ୍ରାୟ କଦାପି ବ୍ୟର୍ଥ ହୋଇ ନ ପାରେ ।

(୫)

ଦେଶ ପ୍ରଚଳିତ ଗୁରୁବାଦ ସହିତ ସଂଗ୍ରାମ କରି ଶକ୍ତିକ୍ଷୟ କରିବା ଦରକାର ବା କ'ଣ ? ଯୁଗଧର୍ମର ଦାବୀ ଅନୁସାରେ ଯାହାର ଯୋଗ୍ୟ ସ୍ଥାନ ଯେଉଁଠି ହେବା ଉଚିତ୍, ସେଠାରେ ତାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଯିବ । ସେଥିଲାଗି ତୁମେ ବା ମୁଁ ଚେଷ୍ଟା କରିବା କିଛି ଦରକାର ନାହିଁ । ସତ୍ୟ ଲାଗି ହୃଦୟକୁ ଆଧାରିତ କର, ଉନ୍ମୁକ୍ତ କର । କଠୋର ହେଉ ବା ଅପ୍ରିୟ ହେଉ, ସତ୍ୟ ସର୍ବ ଅବସ୍ଥାରେ ସତ୍ୟ, ସତ୍ୟ ସର୍ବ ଅବସ୍ଥାରେ ପୂଜ୍ୟ । ସତ୍ୟର ପୂଜା ଲାଗି ଜୀବନକୁ ପ୍ରସ୍ତୁତ କର । ତା ଫଳରେ ପ୍ରଚଳିତ ଗୁରୁବାଦ ତୁମର ପୂର୍ବ ସଂସ୍କାରର ଚାହିଦା ଅନୁସାରେ ରୂପ ପରିଗ୍ରହଣ କରିବ । ମତାମତ ଅହରହ ବଦଳି ଯାଏ, କିନ୍ତୁ ସତ୍ୟ କେବେହେଲେ ବଦଳି ଯାଏ ନାହିଁ । ଗୋଟିଏ ସତ୍ୟକୁ ଧରି ପରସ୍ପର ବିରୋଧୀ ବହୁ ମତାମତ ଗଠିତ ହେବାର ଦେଖାଯାଏ । ସତ୍ୟକୁ ଧରିବାକୁ ଚେଷ୍ଟା କର, ତାହାହେଲେ ମତାମତର ଗୋଳମାଳରେ ପଡ଼ି ବାଟ ଭୁଲି ଯିବାର ଭୟ ନଥିବ ।

(ଜ୍ୟେଷ୍ଠ ୨୦, ୧୩୩୪)

ଗୁରୁ ଓ ବ୍ରହ୍ମ

ଦାତାଙ୍କ ମଧ୍ୟରେ ଜ୍ଞାନଦାତା ଶ୍ରେଷ୍ଠ । ତେଣୁ ଗୁରୁ ପୂଜ୍ୟ । କିନ୍ତୁ ଯେ ଅନନ୍ତ ଜ୍ଞାନର ଆକର, ସେହି ବ୍ରହ୍ମ ହିଁ ତୁମର ଉପାସ୍ୟ । ଗୁରୁ ଓ ବ୍ରହ୍ମଙ୍କ ମଧ୍ୟରେ ଯଦି କେବେ ସ୍ୱାଭାବିକ ଭାବରେ ଅଭେଦ-ବୁଦ୍ଧି ଆସେ, ଆସୁ, କିଛି କ୍ଷତି ନାହିଁ । କିନ୍ତୁ ଯେ ମନୁଷ୍ୟ ବୋଲି ସ୍ପଷ୍ଟ ବୋଧ ହେଉଛନ୍ତି, ଯାହାଙ୍କ ଜୀବନର ସସୀମତ୍ୱ ତୁମେ ପ୍ରତ୍ୟକ୍ଷ ଭାବରେ ବୁଝି ପାରୁଛ, ତାଙ୍କୁ ବ୍ରହ୍ମ ବୋଲି ଧାରଣା କରିବା ଲାଗି ବୃଥା ଚେଷ୍ଟା କର ନାହିଁ, ସେଥିରେ କାହାରି ମୁକ୍ତି ହୁଏ

ନାହିଁ । - "ମୁକ୍ତି ର୍ନଜ୍ଞାୟତେ ଦେବି, ମାନୁଷେ ଗୁରୁ ଭାବନାତ୍ ।" ଦୀକ୍ଷା ପାଇଛ, ତା ବୋଲି ମୁଁ କ'ଣ ଏକାବେଳକେ ବ୍ରହ୍ମ ହୋଇଗଲି ? ଯାହାଙ୍କ ଛଡ଼ା ଜଗତରେ ଆଉ କେହି ନାହିଁ, ସେ ହିଁ ବ୍ରହ୍ମ । ଯେତେବେଳେ ଯାହାଙ୍କୁ ଅଦ୍ୱିତୀୟ ବୋଲି ଜାଣିବ, ସେତେବେଳେ ତାଙ୍କୁ ହିଁ ବ୍ରହ୍ମ କୁହ । କିନ୍ତୁ ଯାହାର ଦ୍ୱିତୀୟ ଅଛି, ତାକୁ କଦାପି ବ୍ରହ୍ମ କହ ନା । ଯେ ପର୍ଯ୍ୟନ୍ତ ଦ୍ୱିତୀୟ ଅଛି, ତାକୁ କଦାପି ବ୍ରହ୍ମ କହ ନା । ଯଦି କହିବ, ତେବେ ଠକିଯିବ । ତୁମର ଗୁରୁ କିଏ ? ଯାହାଙ୍କ ପାଖରେ ତୁମେ ସ୍ୱଭାବତଃ ଲଘୁ, ଯାହାଙ୍କର ସତ୍ସଙ୍ଗ ତୁମର ଆତ୍ମଭିମାନ ଦୂର କରେ, ଯାହାଙ୍କର ପାଦସ୍ପର୍ଶ ତୁମ ପକ୍ଷରେ ସହଜ ଜ୍ଞାନଦାୟୀ । କେତେ ଜଣଙ୍କୁ ଗୁରୁ ମିଳନ୍ତି ? କେତେଜଣ ବା ଗୁରୁଙ୍କୁ ଚିହ୍ନି ପାରନ୍ତି ? ଉପଲବ୍ଧି କରିବା ଶକ୍ତି ସହିତ ଦେଖା ସାକ୍ଷାତର ନାମ ଗନ୍ଧ ନାହିଁ, ଖାଲି ଗୁରୁ ଗୁରୁ ବୋଲି କୋଳାହଳ ! ଖାଲି "ଗୁରୁ ହିଁ ବ୍ରହ୍ମ ଗୁରୁ ହିଁ ବ୍ରହ୍ମ" ବୋଲି ଚିତ୍କାର କଲେ କ'ଣ ହେବ ? ଆଗେ ନିଜେ ସତ୍ୟନିଷ୍ଠ ହେବାକୁ ହେବ, ମନରେ ଓ ମୁହଁରେ ଏକ ହେବାକୁ ହେବ । ଯେ ପର୍ଯନ୍ତ ସାରା ସଂସାର ଗୁରୁମୟ ନ ହୋଇଛି, ସେ ପର୍ଯ୍ୟନ୍ତ ମନୁଷ୍ୟ ଗୁରୁ ଆଉ ବ୍ରହ୍ମ ହେଲେ କିପରି ? ଯେ ପର୍ଯ୍ୟନ୍ତ ସୁଖରେ, ଦୁଃଖରେ, ସମ୍ପଦରେ, ବିପଦରେ, ତ୍ରାସରେ, ତ୍ରାଣରେ, ସଂକଟରେ, ଉଦ୍ଧାରରେ ସର୍ବତ୍ର ସର୍ବାବସ୍ଥାରେ ହୃଦୟ ମଧ୍ୟରେ ଗୁରୁ କୃପାର ସ୍ନିଗ୍ଧ ଜ୍ୟୋତିର୍ମୟ ସ୍ପର୍ଶ ଅନୁଭୂତ ନ ହୋଇଛି ସେ ପର୍ଯ୍ୟନ୍ତ ପ୍ରାଣ ଗଲେ ବି ସ୍ୱୀକାର କର ନା- ଯେ ଗୁରୁ ହିଁ ବ୍ରହ୍ମ ।

ଗୁରୁଙ୍କ ମଧ୍ୟରେ କ'ଣ ବ୍ରହ୍ମସତ୍ତା ନାହିଁ ? ଅଛି, କିନ୍ତୁ ତୁମ ମଧ୍ୟରେ କ'ଣ ବ୍ରହ୍ମସତ୍ତା ନାହିଁ ? ଗୁରୁଙ୍କ ମଧ୍ୟରେ ବ୍ରହ୍ମଙ୍କର ଅସ୍ତିତ୍ୱ ରହିଛି ବୋଲି ସେ ଯଦି ବ୍ରହ୍ମ, ତେବେ ତୁମ ଭିତରେ ତ ବ୍ରହ୍ମଙ୍କର ଅସ୍ତିତ୍ୱ ରହିଛି, ତୁମେ କ'ଣ

ବ୍ରହ୍ମ ନୁହଁ ? ସମସ୍ତେ ବ୍ରହ୍ମ-ଗୁରୁ, ବ୍ରହ୍ମ, ଶିଷ୍ୟ ବି ବ୍ରହ୍ମ । ତେବେ, ଯଥାର୍ଥ ଗୁରୁଙ୍କ ଭିତରେ ବ୍ରହ୍ମଙ୍କର ପ୍ରକାଶଟା ଖୁବ୍ ନିର୍ମଳ, ଖୁବ୍ ଉଜ୍ଜ୍ୱଳ, କାରଣ ତାଙ୍କର ଆଧାରଟା ସ୍ୱଚ୍ଛ ଓ ତପଃଶୁଦ୍ଧ । ତୁମେ ବି ସାଧନ କର । ତୁମର ଆଧାର ସ୍ୱଚ୍ଛ ହେବ, ଦେହ ମନ ବ୍ରହ୍ମଜ୍ୟୋତି ବିକୀରଣ ଲାଗି ଯୋଗ୍ୟ ହେବ ।

(ଶ୍ରାବଣ ୨୪, ୧୩୩୪)

ସତ୍ୟ ଓ ଗୁରୁ

ଏ ଜଗତରେ ସତ୍ୟ ପରି ଗୁରୁ ନାହିଁ କି ଗୁରୁଙ୍କ ପରି ସତ୍ୟ ନାହିଁ । କିନ୍ତୁ ସତ୍ୟ କାହାକୁ କହନ୍ତି, ଗୁରୁ ବା କାହାକୁ କହନ୍ତି ? ଏ ପ୍ରଶ୍ନର ଉତ୍ତର ହେଉଛି, ଯାହା ଗୁରୁ, ଯାହା ଆଉ କାହା ତୁଳନାରେ ଲଘୁ ନୁହେଁ, ନୀଚ ନୁହେଁ ବା ଛୋଟ ନୁହେଁ, ତାହା ହିଁ ସତ୍ୟ । ଆଉ ଯାହା ସତ୍ୟ, ଯହିଁରେ ମିଥ୍ୟାର ଲେଶମାତ୍ର ସ୍ପର୍ଶ ନାହିଁ, ତାହା ହିଁ ହେଉଛନ୍ତି ଗୁରୁ । ସତ୍ୟ ଓ ଗୁରୁଙ୍କ ମଧ୍ୟରେ ଯଦି ବିରୋଧ ଘଟେ, ତେବେ ବୁଝିବାକୁ ହେବ, ହୁଏ ତ ସତ୍ୟଟା ସତ୍ୟ ନୁହେଁ ଅଥବା ଗୁରୁ ହିଁ ଗୁରୁ ନୁହଁନ୍ତି । ଅ-ଗୁରୁ ଗୁରୁଙ୍କୁ ସତ୍ୟ ଲାଗି ତ୍ୟାଗ କରାଯାଇପାରେ । ଅ-ସତ୍ୟ ସତ୍ୟକୁ ଗୁରୁଙ୍କ ଲାଗି ତ୍ୟାଗ କରାଯାଇପାରେ । ଅ-ଗୁରୁ ଗୁରୁ ବର୍ଜନ ଦ୍ୱାରା ସତ୍ୟକୁ ଲାଭ କରାଯାଏ । ଅ-ସତ୍ୟ ସତ୍ୟ ବର୍ଜନ ଦ୍ୱାରା ଗୁରୁଙ୍କୁ ଲାଭ କରାଯାଏ । ଯେ ସତ୍ୟକୁ ପାଇଛି ସେ ଗୁରୁଙ୍କୁ ମଧ୍ୟ ପାଇଛି । ଗୁରୁଙ୍କୁ ଯେ ପାଇଛି ସେ ସତ୍ୟକୁ ମଧ୍ୟ ପାଇଛି । ଗୁରୁ ଓ ସତ୍ୟ ଅଭେଦ । ଅ-ଗୁରୁ ଓ ଅ-ସତ୍ୟ ଅଭେଦ ।

(ଶ୍ରାବଣ ୧୫, ୧୩୩୪)

ଗୁରୁ ଓ ଭଗବାନ

ଭଗବାନଙ୍କୁ ନିଶ୍ଚୟ ଦେଖି ହୁଏ । କିନ୍ତୁ କିଏ ତାଙ୍କୁ ଦେଖାଇ ଦେଇ ପାରିବେ ? ଯେ ଦେଖିଥିବେ ସେ ଦେଖାଇ ଦେଇ ପାରିବେ ଏବଂ ଯାହାଙ୍କୁ ଦେଖିଥିବେ ସେ ମଧ ଦେଖାଇ ଦେଇ ପାରିବେ । ତୁମେ ଭଗବାନଙ୍କୁ ଚାହଁ ତ ? ବେଶ୍, ତେବେ ଖାଲି ଭଗବାନଙ୍କ କଥା ହିଁ ଭାବ । ପଥ-ପ୍ରଦର୍ଶକଙ୍କ କଥା ଭାବି ଭଗବନଙ୍କୁ ଭୁଲୁଛ କାହିଁକି ? ଭଗବାନଙ୍କ ପାଇଁ ପାଗଳ ହୁଅ, ତୁମର ଓ ଭଗବାନଙ୍କ ମଝିରେ ଆଉ ଜଣକୁ ଡାକି ଆଣି ବ୍ୟବଧାନ ସୃଷ୍ଟି କରିବ କାହିଁକି ? ଭଗବାନଙ୍କ ସହିତ ତୁମର ଅନ୍ତରଙ୍ଗ ଯୋଗ ପ୍ରତିଷ୍ଠିତ ହେଉ । ତୁମେ ଯେତେବେଳେ ଭଗବାନଙ୍କ କଥା ଭାବି ଭାବି ଆକୁଳ ଓ ଅଧିର ହେବ ସେତେବେଳେ ଅଧବାଟରେ କେହି ସାହାଯ୍ୟକାରୀ ଯଦି ଜୁଟନ୍ତିତ ଜୁଟନ୍ତୁ, ନ ଜୁଟିଲେ ସେଥିପାଇଁ ବୃଥା ଚିନ୍ତା କାହିଁକି ? ଧ୍ରୁବର ଗୁରୁ ଦରକାର ପଡ଼ିଥିଲା, କିନ୍ତୁ ଧ୍ରୁବ "ଗୁରୁ" "ଗୁରୁ" ବୋଲି କାନ୍ଦି ନଥିଲା, ସେ "ହରି" "ହରି" ବୋଲି କାନ୍ଦିଥିଲା । 'ହରି'ଙ୍କ ପାଇଁ କାନ୍ଦୁ କାନ୍ଦୁ ତା'ର ଗୁରୁ ଲାଭ ହେଲା । ଦୀକ୍ଷା ଲାଭ ପରେ ମଧ ଧ୍ରୁବ "ଗୁରୁ" "ଗୁରୁ" ବୋଲି ଜୀବନ ବିତାଇ ନଥିଲେ, ସେ ଗୁରୁଙ୍କୁ ଭୁଲି ଯାଇ ଗୁରୁଦତ୍ତ ନାମ ଦ୍ୱାରା ଶ୍ରୀ ହରିଙ୍କୁ ଡାକିଥିଲେ । ଏକମାତ୍ର ଶ୍ରୀ ହରି ହିଁ ଥିଲେ ଧ୍ରୁବର ଲକ୍ଷ୍ୟ । ଅନ୍ୟାନ୍ୟ ଉପଲକ୍ଷ୍ୟ ମଧ୍ୟରେ ଗୁରୁ ଥିଲେ ଜଣେ । ଲକ୍ଷ୍ୟ ପାଇଁ ଉପଲକ୍ଷ୍ୟକୁ ତ୍ୟାଗ କରାଯାଏ, ଭୁଲି ଯାଇ ହୁଏ ।

(ଭାଦ୍ର ୧୫, ୧୩୩୪)

ଗୁରୁ ଓ ନାମ

ଯେ ପର୍ଯ୍ୟନ୍ତ ଚିନିର ସନ୍ଧାନ ନ ପାଇଛ ସେ ପର୍ଯ୍ୟନ୍ତ ଚିନି ବେପାରୀ ସଙ୍ଗେ କଥାବାର୍ତ୍ତା, ଆଳାପ ଆଲୋଚନା, କିନ୍ତୁ ଯେମିତି ଚିନି ବସ୍ତା ପାଇଗଲ, ଯଦି ତୁମେ ବୁଦ୍ଧିମାନ ହୋଇଥାଅ, ତେବେ ଚୁପ୍‌ଚାପ ଖାଲି ଚିନି ଖାଇବାରେ ଲାଗିଯିବ । ଆଉ ବେପାରୀ ସଙ୍ଗେ କଥାବାର୍ତ୍ତା କରିବା ଦରକାର କ'ଣ ? ଚିନି ବସ୍ତା ଖୋଲା ହୋଇ ପାଖରେ ଥାଉ ଥାଉ ଯେ ବେପାରୀ ସଙ୍ଗେ କଥାବାର୍ତ୍ତାରେ ସମୟ କଟାଏ, ତା ପରି ମୂର୍ଖ ଆଉ ଦୁନିଆରେ କିଏ ଅଛି ? ତେବେ ଯେତେବେଳେ ଚିନିର ଚିନିତ୍ୱ ବିଷୟରେ ମନରେ ସନ୍ଦେହ ଉପୁଜିବ, ଚିନିରେ ଲୁଣ, କୁଣ୍ଡା ବା ବାଲି ମିଶିଛି ବୋଲି ସନ୍ଦେହ ହେବ, ସେତେବେଳେ ବେପାରୀକୁ ପଚାରି ଅସଲ କଥାଟା ବୁଝି ନେବାକୁ ହେବ ।

(ଆଷାଢ଼ ୨୪, ୧୩୩୪)

ଗୁରୁ ଓ ସଦ୍‌ଗୁରୁ

ଗୁରୁ ଓ ସଦ୍‌ଗୁରୁ ଏକ ବସ୍ତୁ ନୁହଁନ୍ତି । ଯେ କେହି ଯେ କୌଣସି ଲୋକର ଗୁରୁ ହୋଇ ପାରନ୍ତି, କିନ୍ତୁ ଯେ କେହି ସଦ୍‌ଗୁରୁ ହୋଇ ନ ପାରନ୍ତି । ଗୁରୁ କେବଳ ତାଙ୍କ ଶିଷ୍ୟର ହିଁ ଗୁରୁ, କିନ୍ତୁ ସଦ୍‌ଗୁରୁ ତାଙ୍କର ଶିଷ୍ୟ ଅଶିଷ୍ୟ ନିର୍ବିଶେଷରେ "ସମସ୍ତଙ୍କ ଗୁରୁ" । ତପସ୍ୟା ବଳରେ ଯେଉଁମାନେ ସଦ୍‌ଗୁରୁଙ୍କର ଉଚ୍ଚ ପର୍ଯ୍ୟାୟକୁ ଉନ୍ନୀତ ହୁଅନ୍ତି ସେମାନେ ସବୁ ଗୁରୁଙ୍କର ଶିଷ୍ୟ ବୃନ୍ଦଙ୍କୁ ନିଜ ନିଜ ନିଷ୍ଠାରେ ଅଟଳ ରଖି ସେମାନଙ୍କର ଉନ୍ନତି ବିଧାନ କରନ୍ତି । ବହୁ କ୍ଷେତ୍ରରେ ସଦ୍‌ଗୁରୁମାନେ ଦୀକ୍ଷା ଦିଅନ୍ତି ନାହିଁ । ଠାକୁର ରାମକୃଷ୍ଣ କେତେଜଣଙ୍କର ମନ୍ତ୍ର

ପାଲଟାଇ ଦେଇଥିଲେ ? ପ୍ରଭୁ ଜଗବନ୍ଧୁ କେତେଜଣଙ୍କୁ ମନ୍ତ୍ର ଦାନ କରିଥିଲେ ? ଋଷି ଅରବିନ୍ଦ କେତେଜଣଙ୍କୁ ପ୍ରତ୍ୟକ୍ଷ ଭାବରେ ଉପଦେଶ ପ୍ରଦାନ କରିଥିଲେ ? ତଥାପି ଏମାନଙ୍କର ଶକ୍ତିର ପ୍ରଭାବ ଶତ ଶତ ଜୀବନରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରିଛି । ମଧୁଲୁବ୍ଧ ଭ୍ରମରର ଦୃଷ୍ଟାନ୍ତ ଦେଇ ସାଧନ-ପ୍ରାପ୍ତ ବ୍ୟକ୍ତିମାନଙ୍କର ନିଷ୍ଠାକୁ ଶିଥିଳ କରିବାର ଚେଷ୍ଟା ଏମାନେ କରି ନଥିଲେ, କାରଣ ଏମାନେ ଖାଲି ଗୁରୁ ନୁହଁନ୍ତି, ଏମାନେ ସଦ୍‌ଗୁରୁ । ସଦ୍‌ଗୁରୁ ବାଟରେ ଘାଟରେ ମିଳନ୍ତି ନାହିଁ । ତେଣୁ ଅଧିକାଂଶ ଗୁରୁଦେବ ମଧୁଲୁବ୍ଧ ଭ୍ରମରର ଦୃଷ୍ଟାନ୍ତ ଦେଖାଇ ଅନ୍ୟର ଶିଷ୍ୟକୁ ନିଜ ସମ୍ପ୍ରଦାୟଭୁକ୍ତ କରିବା ପାଇଁ ଏତେ ପ୍ରତିଭା ଓ ଏତେ ଶକ୍ତି ଅପବ୍ୟୟ କରୁଛନ୍ତି ।

(ପୌଷ ୨୬, ୧୩୩୮)

ସଦ୍‌ଗୁରୁ ଓ ଅସଦ୍‌ଗୁରୁ

ସମସ୍ତଙ୍କର ଏପରି ଗୋଟାଏ ଗୋଟାଏ ଲକ୍ଷଣ ଅଛି, ଯେଉଁଥିରୁ ପ୍ରତ୍ୟେକଙ୍କୁ ଚିହ୍ନି ହୁଏ । ଯଥା, ନ କହି ଯେ ଅନ୍ୟର ଜିନିଷ ନେଇଯାଏ ବା ରାତିରେ ପର ଘରେ ପଶି ସିନ୍ଧି କରେ, ତାକୁ ଚୋର କୁହାଯାଏ, ଯେ ଠେଙ୍ଗା ବାଡ଼ି, ଅସ୍ତ୍ରଶସ୍ତ୍ର ଧରି ଜୋରଜବରଦସ୍ତ ପରସ୍ୱ ଅପହରଣ କରେ ତାକୁ ଡକାଏତ କୁହାଯାଏ । ଠିକ୍ ସେହିପରି ଯେ ଛାତିରେ ହାତ ବାଡ଼େଇ ଶିଷ୍ୟକୁ କହିପାରନ୍ତି - "ଶୁଣ୍ ଯେଉଁଦିନ ଦେଖିବୁ ମୁଁ ତୋର କଲ୍ୟାଣ ପଥରେ ବିଘ୍ନ ହେଉଛି, ଧର୍ମଲାଭରେ ଅନ୍ତରାୟ ହେଉଛି, ଭଗବାନଙ୍କୁ ପାଇବାରେ ବାଧା ହେଉଛି, ସେ ଦିନ ମୋତେ ଛାଡ଼ି ଚାଲିଯିବୁ," ସେ ହେଉଛନ୍ତି ସଦ୍‌ଗୁରୁ । ଯେ କହିପାରନ୍ତି- "ଯେତେବେଳେ ଦେଖିବୁ ମୋତେ ପରିତ୍ୟାଗ କଲେ ସାଧନ

ଜୀବନରେ ତୋର ଗତି ଦ୍ରୁତ ହେବ ଓ ସହଜରେ ତୁ ପୂର୍ଣ୍ଣତା ଲାଭ କରିପାରିବୁ, ମୋ ପ୍ରତି ସ୍ନେହ ମମତା ଅଛି ବୋଲି ସେତେବେଳେ ପଛକୁ ଲେଉଟି ଚାହିଁବୁ ନାହିଁ''- ସେ ହିଁ ସଦ୍‌ଗୁରୁ । କିନ୍ତୁ ଯେ କହନ୍ତି -''ମୋତେ ଛାଡ଼ିଲେ ତୋର ଅଧୋଗତି ହେବ, ତୋର ସର୍ବନାଶ ହେବ, ତୁ ନିର୍ବଂଶ ହେବୁ'' ସେ ହେଉଛନ୍ତି ଅସଦ୍‌ଗୁରୁ ।

(ମାର୍ଗଶିର ୧୨, ୧୩୩୪)

ସଦ୍‌ଗୁରୁ କିଏ ?

ଯେ ପିପାସାରେ କାତର, ସେ ଲୁଣା ନଇର ପାଣି ପାଇଲେ ବି ତାହା ପିଇଯାଏ । ମନୁଷ୍ୟ ମାତ୍ରେ ହିଁ ଅନନ୍ତ ପିପାସାରେ କାତର, କିନ୍ତୁ କେଉଁ ନଦୀ ପାଣିରେ ସମସ୍ତ ପିପାସା ଦୂର ହେବ, ତାହା ସେ ଜାଣେନା । ଦେହ-ନଦୀ ତା'ର ସମ୍ମୁଖରେ ବହି ଯାଉଛି ଦେଖି ସେ ସେହି ଆଡ଼କୁ ଦୌଡ଼େ, ଦୈହିକ ସୁଖ ଭୋଗ ଦ୍ୱାରା ପିପାସାର ପରିତୃପ୍ତି କରିବାକୁ ଚେଷ୍ଟା କରେ । କିନ୍ତୁ ଶତଜନ୍ମ ଦେହର ସେବାରେ କଟାଇଦେଲେ ବି ପରିତୃପ୍ତି ନାହିଁ । ଯେଉଁ ନଦୀରେ ବୁଡ଼ିଲେ ପୂର୍ଣ୍ଣ ଶାନ୍ତି ମିଳେ, ସେହି ନଦୀର ସନ୍ଧାନ ଯେ ବତାଇ ଦିଅନ୍ତି, ସେ ହିଁ ସଦ୍‌ଗୁରୁ ।

(ଭାଦ୍ର ୬, ୧୩୩୯)

ସଦ୍‌ଗୁରୁ ପ୍ରସଙ୍ଗ

ସଦ୍‌ଗୁରୁ ଶିଷ୍ୟକୁ ପଚାରିଲେ, ''କେବେ ଯଦି ମୋ ଅପେକ୍ଷା କୌଣସି ମହତ୍ତର ଲୋକଙ୍କର ସନ୍ଧାନ ତୁ ପାଉ ତାହାହେଲେ ବାବା, କ'ଣ କରିବୁ ?'' ଶିଷ୍ୟ କହିଲେ - ଆଜ୍ଞା, ଏବେ କେତେ ଦିନ ହେଲା ମୁଁ ତ ଠିକ୍ ସେହି କଥାଟା ଭାବୁଛି ।'' ସଦ୍‌ଗୁରୁ କହିଲେ - ''ଆଉ ତୋତେ ସେ କଥା ଭାବିବାକୁ

ହେବ ନାହିଁ, ମୁଁ ନିଜେ ତା'ର ସମାଧାନ କରି ଦେଉଛି । ମୋ ଅପେକ୍ଷା ଶ୍ରେଷ୍ଠ ମନୁଷ୍ୟ ଯେତେବେଳେ ପାଇବୁ ସେତେବେଳେ ମୋତେ ଛିଣ୍ଡା ଚଟି ପରି ତ୍ୟାଗର କରିବୁ । ମୁଁ ଦେଇଥିବା ପଥ ଅପେକ୍ଷା ଉତ୍କୃଷ୍ଟତର ପଥର ସନ୍ଧାନ ଯେତେବେଳେ ପାଇବୁ, ନିର୍ବିଚାରରେ ସେଇଟିକୁ ଗ୍ରହଣ କରିବୁ ।'' ଶିଷ୍ୟ କହିଲେ - ''କିନ୍ତୁ ଆପଣଙ୍କୁ ଛାଡ଼ିବାକୁ ମୋ ମନ ଯଦି ନ ଡାକେ, ତାହାହେଲେ କ'ଣ କରିବି ?'' ସଦ୍‌ଗୁରୁ କହିଲେ - ''ତୁ ଯଦି ସତ୍ୟକୁ ଗ୍ରହଣ କରୁ, ତାହା ହେଲେ ମୋତେ ଗ୍ରହଣ କଲୁ ବୋଲି ବୁଝିବୁ । ଆଉ ସତ୍ୟକୁ ଯଦି ତୁ ଅସ୍ୱୀକାର କରୁ, ତା'ହେଲେ ମୋତେ ଆବୁରି ଧରି ରହିଲେ ବି ମୋତେ ତ୍ୟାଗ କଲୁ ବୋଲି ବୁଝିବୁ ।'' ''ସତ୍ୟ ହିଁ ଏକମାତ୍ର ଗୁରୁ, ସତ୍ୟକୁ ଯେ ତ୍ୟାଗ କରେ ସେ ଗୁରୁତ୍ୟାଗୀ ।''

(୨)

ମନେକର ଜଣେକ ଶିଷ୍ୟ ଗୁରୁଙ୍କୁ ଅସତ୍ୟ ଆଶ୍ରୟୀ ମନେ କରି ଗୁରୁଙ୍କର ସଂଶ୍ରବ ତ୍ୟାଗ କରି ନିଜର ସ୍ୱାଧୀନ ମତ ଅନୁସାରେ ସ୍ୱାଧୀନ ପଥରେ ପରର କଲ୍ୟାଣ କରିବାକୁ ଲାଗିଲେ । ସେ କ୍ଷେତ୍ରରେ ଅସଦ୍‌ଗୁରୁ କ'ଣ କରନ୍ତି ନା ତାଙ୍କର ଅନ୍ୟାନ୍ୟ ଶିଷ୍ୟମାନଙ୍କୁ ଡାକି କହନ୍ତି, ତାକୁ ତୁମ୍ଭେମାନେ ମିଶି ଏକ ଘରିକିଆ କର, ଧୋବା ଭଣ୍ଡାରି ବାସନ୍ଦ କର । କିନ୍ତୁ ସଦ୍‌ଗୁରୁ ଅନ୍ୟାନ୍ୟ ପ୍ରିୟ ଶିଷ୍ୟମାନଙ୍କୁ ଡାକି କରି କହନ୍ତି- ଆରେ, ବଶ୍ୟତା ବାଅଧିନତାକୁ ନେଇ ତ ତୁମର ମୋର ସମ୍ପର୍କ ନୁହେଁ, ତୁମର ମୋର ସବୁ ସମ୍ପର୍କ ସତ୍ୟକୁ ନେଇ । ତେଣୁ ତୁମେ ସମସ୍ତେ ମିଶି ତାକୁ ସାହାଯ୍ୟ କର । ଯେଉଁ ବଶ୍ୟତା, ଯେଉଁ ସେବା ଓ ଯେଉଁ ଆଜ୍ଞାନୁବର୍ତ୍ତିତା ତୁମ୍ଭେମାନେ ମୋତେ ଦେଉଥିଲ, ଆଜିଠାରୁ ସେ ସବୁ ଏହି ସତ୍ୟାନୁରାଗୀ ପିଲାଟାକୁ ଦିଅ, କାରଣ ସତ୍ୟ ପାଖରେ ପ୍ରାର୍ଥନା କରି ତ ସେ ମୋତେ ସତ୍ୟ ବୋଲି ପାଇଛି ।

(୩)

ଶିଷ୍ୟ ଆସି ଗୁରୁଙ୍କୁ କହିଲେ - ଆଜ୍ଞା, ସବୁ ଶିଷ୍ୟ ଆପଣଙ୍କର ବିଦ୍ରୋହୀ ହେଲେଣି । ଗୁରୁ ପଚାରିଲେ କାହିଁକି ? ଶିଷ୍ୟ କହିଲେ - ଆପଣ ଆଉ ନୂଆ ନୂଆ ଭାବ, ନୂଆ ନୂଆ ଚିନ୍ତା ବା ପ୍ରେରଣା ଦେଇ ପାରୁ ନାହାନ୍ତି । ତେଣୁ ସମସ୍ତେ ନୂତନର ଅନୁସନ୍ଧାନରେ ବାହାରି ଯିବାକୁ ଚାହାଁନ୍ତି । ସଦ୍‌ଗୁରୁ କହିଲେ- ଏ'ତ ବଡ଼ ଆନନ୍ଦର କଥା । ଏତେ ଦିନ ଯାହା ଦେଇ ଆସିଲି, ଏ'ତ ତା'ରି ଅମୃତମୟ ଫଳ । ତୁ ଶୀଘ୍ର ଯାଇ ସେମାନଙ୍କୁ କହ - ମୁଁ ଏହି ବିଦ୍ରୋହର ଧ୍ୱଜା ଧରି ସମସ୍ତଙ୍କ ଆଗେ ଆଗେ ଯିବି, ବୁଢ଼ା ବୋଲି ମୁଁ ପଛରେ ପଡ଼ି ରହିବି ନାହିଁ ।

ଶିଷ୍ୟ କହନ୍ତି - ''ଗୁରୁଦେବ, ଆପଣ ଭାରି ସୁନ୍ଦର'' । ସଦ୍‌ଗୁରୁ କହନ୍ତି- ''ଆରେ ତୁ ତ ତୋତେ ହିଁ ଦେଖୁଛୁ, ତୁ ତ ନିଜର ପ୍ରଶଂସା ନିଜେ କରୁଛୁ ।'' ଶିଷ୍ୟ କହନ୍ତି, ''ହେ ଗୁରୋ, ଆପଣଙ୍କ ଚରିତ୍ରରେ ଦୋଷ ଅଛି, ତ୍ରୁଟି ଅଛି, ଅସମ୍ପୂର୍ଣ୍ଣତା ମଧ୍ୟ ଅଛି ।'' ସଦ୍‌ଗୁରୁ କହନ୍ତି - ''ଖାଣ୍ଟି ସତ କଥା କହିଛୁ, ତୋ କଥା ପୂରାପୂରି ସତ । ମୋ ଗୁରୁ ଆଜି ଶିଷ୍ୟ ହୋଇ ମୋତେ ସଂଶୋଧିତ କରୁଛନ୍ତି । ତୁ ମୋର ପ୍ରଣତି ଗ୍ରହଣ କର ।'' ଶିଷ୍ୟ ଯଦି କହନ୍ତି - ''ହେ ଗୁରୁ, ମୁଁ ତୁମକୁ ବ୍ୟଥା ଦେବାକୁ ଆସିଛି ।'' ସଦ୍‌ଗୁରୁ କହନ୍ତି - ''ଖୁବ୍ ଭଲ କଥା, ମୁଁ ସେଥିରେ ରାଜି, କିନ୍ତୁ ବାବା, ମୋତେ ବ୍ୟଥା ଦେବାକୁ ଯାଇ ତୁ ଯେପରି ବ୍ୟଥିତ ହୋଇ ନ ପଡୁ ।'' ଶିଷ୍ୟ ଯଦି କହନ୍ତି - ''ହେ ଗୁରୋ, ଆପଣ ମୋତେ ଭୁଲ ରାସ୍ତାରେ ନେଇ ଠକେଇଛନ୍ତି, ସଦ୍‌ଗୁରୁ କହନ୍ତି- ''ମୋର ପ୍ରବଞ୍ଚନା ଯେ ଧରିପାରିଛୁ ସେ କଥାଟି ବାବା କଦାପି ଯେମିତି ଭୁଲି ନ ଯାଉ । ଏଣିକି ସତର୍କ ହୋଇ ବାଟ ଚାଲ, ଆଉ କେବେ ଠକିବୁ ନାହିଁ ।''

(ପୌଷ ୨୨, ୧୩୩୪)

ଗୁରୁ ହେବାର ଯୋଗ୍ୟତା

ଯେ ଉପଦେଶ ଦେଇ ଶିଷ୍ୟକୁ ଅସତ୍ ପଥରୁ ଫେରାଇ ଆଣି ପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ଉପଦେଶ ଯେଉଁଠି ନିଷ୍ଫଳ ହୁଏ, ସେଠାରେ ଆଦେଶ ବଳରେ ଯେ ଶିଷ୍ୟକୁ ସତ୍‌ପଥକୁ ଆଣିପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ଆଦେଶ ଯେଉଁଠି ବ୍ୟର୍ଥ ହୁଏ, ସେଠାରେ ଯେ ଇଚ୍ଛା ଶକ୍ତି ବଳରେ ଶିଷ୍ୟର ଉଚ୍ଛୃଙ୍ଖଳତାକୁ ଦୂର କରି ପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ଯେଉଁଠି ଇଚ୍ଛାଶକ୍ତି ନିଷ୍ଫଳ ହୁଏ, ସେଠାରେ ଯେ ପ୍ରେମବଳରେ ଶିଷ୍ୟକୁ ଜୟ କରିପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ଆଉ ପ୍ରେମ ବି ଯେଉଁଠି ନିଷ୍ଫଳ ହୁଏ, ସେଠାରେ ଯେ ଉପେକ୍ଷା କରି, ଔଦାସିନ୍ୟ ପ୍ରଦର୍ଶନ କରି ଶିଷ୍ୟକୁ ସଂଶୋଧିତ କରିପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ବିଦ୍ରୋହୀ ଶିଷ୍ୟର ପଦାଘାତକୁ ଯେ ଭୃଗୁ-ପଦଚିହ୍ନ ପରି ସାଦରେ ବକ୍ଷରେ ଧାରଣ କରିପାରନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ମୁଣ୍ଡରେ ଠେଙ୍ଗାମାଡ଼ ବସିଲେ ବି ଯେ ଅଭିଶାପ ନ ଦିଅନ୍ତି, ସେ ଗୁରୁ ହେବାକୁ ଯୋଗ୍ୟ । ଏହି ଯୋଗ୍ୟତା ଯାହାଙ୍କର ନାହିଁ, ସେ ଦୀକ୍ଷା ଦେଇ ପାରନ୍ତି, କିନ୍ତୁ ଗୁରୁ ହୋଇ ପାରନ୍ତି ନାହିଁ ।

ଗୁରୁଙ୍କର ଯୋଗ୍ୟତା

ଖାଲି କାନରେ ଗୋଟାଏ ମନ୍ତ୍ର ଫୁଙ୍କିଦେଲେ କେହି କାହାର ଗୁରୁ ହୋଇଯାଆନ୍ତି ନାହିଁ, ଗୁରୁ ହେବା ବଡ଼ କଠିନ କଥା । ଆଜି କାଲି ଜଣେ ଯେ ଏଡ଼େ ସହଜେ ଆଉ ଜଣଙ୍କର ଗୁରୁ ହୋଇ ଯାଉଛି, ତା'ର ଫଳ କ'ଣ ହେଉଛି ଜାଣ ? ଆଦୌ କଷ୍ଟ ସ୍ୱୀକାର ନ କରି ବିନା ଯତ୍ନରେ ଗୁରୁ ପଦବୀ ଲାଭ କରାଯାଉଥିବାରୁ ଗୁରୁ ତାଙ୍କର ମନୁଷ୍ୟତ୍ୱରେ ଖର୍ବ ହୁଅନ୍ତି । ଆଉ

ମନୁଷ୍ୟତ୍ୱରେ ଖର୍ବ ହୁଅନ୍ତି ବୋଲି ବିଦ୍ରୋହୀ ଶିଷ୍ୟକୁ ସେ କ୍ଷମା କରି ପାରନ୍ତି ନାହିଁ, ଆଶୀର୍ବାଦ କରି କହି ପାରନ୍ତି ନାହିଁ - ସତ୍ୟ ଲାଗି ମୋତେ ବର୍ଜନ କର, ମୋ ପ୍ରତି ମୋହାକୃଷ୍ଟ ହୋଇ ସତ୍ୟର ଅବମାନନା କରନାହିଁ ।'' ବର୍ତ୍ତମାନ ପ୍ରଚଳିତ ଏହି ଗୁରୁବାଦ ରୂପକ ଭଣ୍ଡାମି ବିରୁଦ୍ଧରେ ଚାରିଆଡ଼େ ତୀବ୍ର ବିଦ୍ରୋହ ଦେଖି କ'ଣ ବୁଝି ପାରୁନାହଁ ଯେ ବର୍ତ୍ତମାନ ଯୁଗଧର୍ମ Exploitation ବା ପରମୁଣ୍ଡରେ ହାତ ବୁଲାଇବାକୁ ବରଦାସ୍ତ କରିବ ନାହିଁ । ଯୁଗଧର୍ମ ଚାହେଁ ନାଁ ଯେ ଗୋଟାଏ ଅଧେ ସଂସ୍କୃତ ଶ୍ଲୋକ ଆଓ୍ଡ଼େଇ ଦେଇ ଯେ କେହି ଗୁରୁ ହୋଇ ଯାଉ, ହଠ ଯୋଗର ଦୁଇ ଚାରିଟା ପ୍ରକ୍ରିୟା ଦେଖାଇ ଦେଇ କେହି ତୁମ ଜୀବନ ତରଣୀର କର୍ଣ୍ଣଧାର ହେଉ । ପରନ୍ତୁ ଏ ଯୁଗର ଗୁରୁଙ୍କୁ ନିଜ ଜୀବନର ଜ୍ୱଳନ୍ତ ମନୁଷ୍ୟତ୍ୱ ଦେଖାଇ ଶିଷ୍ୟର ମନୁଷ୍ୟତ୍ୱ ପ୍ରୟାସୀ ଚିତ୍ତକୁ ଆକୃଷ୍ଟ କରିବାକୁ ହେବ । ସେଥିରେ ଗୁରୁଙ୍କର ଲାଭ, ଶିଷ୍ୟର ବି ଲାଭ ।

(ଭାଦ୍ର ୧୫, ୧୩୩୪)

ଗୁରୁଙ୍କର ବ୍ରହ୍ମାତ୍ୱ, ବିଷ୍ଣୁତ୍ୱ ଓ ଶିବତ୍ୱ

ଗୁର-ଗୀତାରେ ଅଛି- ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁରେବ ମହେଶ୍ୱରଃ । ପ୍ରତ୍ୟେକ ମନୁଷ୍ୟ ଭିତରେ ଯେଉଁ ସବୁ ସଦ୍‌ଗୁଣ ଥିବା ଆବଶ୍ୟକ ଓ ବାଞ୍ଛନୀୟ, ତହିଁରୁ ଯେଉଁଗୁଡ଼ିକ ଶିଷ୍ୟ ଭିତରେ ନ ଥାଏ, ଆଚାର୍ଯ୍ୟ ନିଜର ଶିକ୍ଷା ଶକ୍ତି ବଳରେ ସେଗୁଡ଼ିକ ସୃଷ୍ଟି କରି ଦିଅନ୍ତି । ଏ କ୍ଷେତ୍ରରେ ସେ ହେଉଛନ୍ତି ବ୍ରହ୍ମା । ଯେଉଁସବୁ ସଦ୍‌ଗୁଣ ଶିଷ୍ୟ ଭିତରେ ସ୍ଫୁଟନୋନ୍ମୁଖ, ସେହିସବୁ ବିଶିଷ୍ଟ ଗୁଣଗୁଡ଼ିକୁ ନିଜ ଶିକ୍ଷା ଶକ୍ତି ବଳରେ ପରିପୁଷ୍ଟ ଓ ପୂର୍ଣ୍ଣ ବିକଶିତ କରିବା ଏବଂ ସେ ସବୁ ସଦ୍‌ଗୁଣଗୁଡ଼ିକ ଯେପରି ବିରୁଦ୍ଧ ଚିନ୍ତାର ଅପଘାତ ଯୋଗୁଁ ଅକାଳମୃତ୍ୟୁ ବରଣ ନ କରେ ଏବଂ ଅନୁକୂଳ ଚିନ୍ତା, ଚର୍ଚ୍ଚା ଓ ଚେଷ୍ଟାର ସଂସ୍ପର୍ଶ ପାଇ ତାହା

ଯେପରି କ୍ରମବର୍ଦ୍ଧମାନ ହୋଇପାରେ, ସେଥିଲାଗି ଆଚାର୍ଯ୍ୟଙ୍କୁ ନିଜର ଶକ୍ତି ସାମର୍ଥ୍ୟକୁ କୌଶଳ ସହକାରେ ପ୍ରୟୋଗ କରିବାକୁ ହୁଏ । ଏ ଅବସ୍ଥାରେ ସେ ହେଉଛନ୍ତି ବିଷ୍ଣୁ । ଶିଷ୍ୟ ଭିତରେ ଯେଉଁ ସବୁ ଅସଦ୍‌ଗୁଣ ଅଛି, ଯେଉଁଗୁଡ଼ିକ ବିକଶିତ ହେଲେ ଶିଷ୍ୟର ନିଜର କ୍ଷତି, ଯେଉଁଗୁଡ଼ିକର ଅସ୍ତିତ୍ୱ ଶିଷ୍ୟର ପୂର୍ଣ୍ଣତାଲାଭ ପଥରେ କଣ୍ଟକ, ଶିଷ୍ୟର ମନୁଷ୍ୟତ୍ୱର ଶତ୍ରୁ, ଆଚାର୍ଯ୍ୟଙ୍କୁ ସେଗୁଡ଼ିକୁ ଧ୍ୱଂସ କରିବାକୁ ହୁଏ । ଏ କ୍ଷେତ୍ରରେ ସେ ହେଉଛନ୍ତି ତ୍ରିଶୂଳଡମ୍ବରୁଧାରୀ ସଦାଶିବ । ଏକାଧାରରେ ଯେ ବ୍ରହ୍ମା, ବିଷ୍ଣୁ ଓ ଶିବ, ସେ ହେଉଛନ୍ତି ଯଥାର୍ଥ ଆଚାର୍ଯ୍ୟ ।

(ଆଷାଢ଼ ୨୯, ୧୩୩୫)

ଅଭୟଦାତା ଗୁରୁ

ଗୁରୁ ଯେତେବେଳେ ତାଙ୍କ ଶିଷ୍ୟକୁ ଭବିଷ୍ୟତ ପ୍ରତି ଆସ୍ଥାବାନ ରଖିବାକୁ ଅସମର୍ଥ ହୁଅନ୍ତି ସେତେବେଳେ ସେ ନିଜର ଗୁରୁତ୍ୱରୁ ଭ୍ରଷ୍ଟ ହୁଅନ୍ତି । ଅଭୟ ବିତରଣ ହିଁ ଗୁରୁଙ୍କର କାମ, ଖାଲି ବିତରଣ ନୁହେଁ, ଏକାବେଳେ heart (ହୃତପିଣ୍ଡ) ଭିତରେ ଅଭୟକୁ ଏପରି inject କରିଦେବେ ଯେପରି କି ପ୍ରତ୍ୟେକ ରକ୍ତ କଣିକାର ସ୍ପନ୍ଦନ ଭିତରେ ବି ଅଭୟ ନୃତ୍ୟ କରି ଚାଲିଥିବ । ହତାଶକୁ କିପରି ଆଶା ଦେବାକୁ ହୁଏ, ତା ସେ ଜାଣନ୍ତି, ଅବସାଦଗ୍ରସ୍ତକୁ ସେ ଉତ୍ସାହ ଦେଇପାରନ୍ତି, ଦୁର୍ବଳକୁ ସେ ବଳଦାନ କରିପାରନ୍ତି, ସେଇଥିପାଇଁ ତ ସେ ଗୁରୁ । ଖାଲି ମନ୍ତ୍ର ଦେଲେ କ'ଣ ଗୁରୁ ହୁଅନ୍ତି ? ଶିଷ୍ୟର ପ୍ରାଣ ଭିତରେ ନୂତନ ସଞ୍ଜୀବତା ସେ ସୃଷ୍ଟି କରିବେ, ତେବେ ସିନା ସେ ଗୁରୁ । ଅଙ୍ଗୁଳି ନିର୍ଦ୍ଦେଶ କରି ଶିଷ୍ୟକୁ ଦେଖାଇ ଦେବେ, "ଏଇ ଦେଖ, ତୋର ଭବିଷ୍ୟତ କେଡ଼େ ଉଜ୍ଜ୍ୱଳ । କେଡ଼େ ମହାନ୍ ।" ତାହାହେଲେ ସିନା ସେ ଗୁରୁ ।

(ଆଷାଢ଼ ୧୬, ୧୩୩୪)

ସବୁରି ଗୁରୁ ଏକ

ମୋର ଗୁରୁ	ତୁମର ଗୁରୁ
ରାମର ଗୁରୁ	ଶ୍ୟାମର ଗୁରୁ
ସବୁରି ଗୁରୁ	ଗୋଟିଏ ଗୁରୁ
ଏହି ବୋଧରୁ ହିଁ	ସାଧନ ସୁରୁ

(ଆଷାଢ଼ ୧୭, ୧୩୩୪)

ତ୍ରିବିଧ ଗୁରୁ

ଏକ ଶ୍ରେଣୀର ଗୁରୁ ଅଛନ୍ତି, ଯେଉଁମାନେ ନିଜକୁ ବ୍ରହ୍ମ ବୋଲି କେବେହେଲେ ଉପଲବ୍ଧି କରି ନଥାନ୍ତି, କିନ୍ତୁ ଅଜ୍ଞ, ମୂର୍ଖ, ଅଶିକ୍ଷିତ ଶିଷ୍ୟ ପାଖରେ ଖାଲି ଗାଇ ବୁଲନ୍ତି ଯେ ଗୁରୁଙ୍କୁ ମନୁଷ୍ୟ ଜ୍ଞାନ କରିବ ନାହିଁ, ଗୁରୁ ସ୍ୱୟଂ ପରଂବ୍ରହ୍ମ ଇତ୍ୟାଦି । ଏହିପରି ଭାବରେ ଏମାନେ ନିଜର ପାଉଣାଟା ଭଲ ଭାବରେ ଆଦାୟ କରି ନିଅନ୍ତି । ଏମାନେ ହେଲେ ଅଧମ ଗୁରୁ । ଆଉ ଏକ ଶ୍ରେଣୀର ଗୁରୁ ଅଛନ୍ତି, ଯେଉଁମାନେ ବ୍ରହ୍ମ ସାକ୍ଷାତ୍କାର କରିଥାନ୍ତି, ନିଜେ ବ୍ରହ୍ମ ବୋଲି ବୁଝିଥାନ୍ତି ଓ ଶିଷ୍ୟ ପାଖରେ ନିଃସଙ୍କୋଚରେ କହି ବୁଲନ୍ତି, "ମୁଁ ବ୍ରହ୍ମ, ମୁଁ ପରାତ୍ପର ପରମାତ୍ମା, ମୁଁ ଉପାସ୍ୟର ଉପାସ୍ୟ, ଈଶ୍ୱରଙ୍କର ଈଶ୍ୱର ।" ଏମାନେ ମଧ୍ୟମ ଗୁରୁ । ଆଉ ଏକ ଶ୍ରେଣୀର ଗୁରୁ ଅଛନ୍ତି, ଯେଉଁମାନେ ନିଜକୁ ବ୍ରହ୍ମ-ସହିତ ଅଭେଦ ବୋଲି ଉପଲବ୍ଧି କରିଛନ୍ତି, କିନ୍ତୁ "ମୁଁ ବ୍ରହ୍ମ" ବୋଲି କେବେହେଲେ କହନ୍ତି ନାହିଁ, ବରଂ ଶିଷ୍ୟମାନଙ୍କୁ ବାରମ୍ବାର ଚେତାଇ ଦିଅନ୍ତି ଯେ ମାନବ ଗୁରୁଙ୍କୁ ପାଇ ସନ୍ତୁଷ୍ଟ ହେଲେ ଚଳିବ ନାହିଁ, ପରମବ୍ରହ୍ମଙ୍କ ପାଖରେ ପହଞ୍ଚିବାକୁ ହେବ । ଏମାନେ ଉତ୍ତମ ଗୁରୁ ।

(ମାର୍ଗଶିର ୧୧, ୧୩୩୪)

ତ୍ରିବିଧ ଶିଷ୍ୟ

ଏକ ପ୍ରକାରର ଶିଷ୍ୟ ଅଛନ୍ତି, ଯେଉଁମାନେ ଫାଙ୍କି ମାରିବା ମତଲବରେ ଥାଆନ୍ତି । ଗୁରୁଦେବଙ୍କ ସଙ୍ଗେ ଦେଖା ହେଲେ ସେମାନେ ମନେ ମନେ ବିଚାର କରନ୍ତି - ଗୁରୁଙ୍କ ଦେହଟା ତ ଆଉ ଗୁରୁ ନୁହେଁ, ଅତଏବ ଗୁରୁଙ୍କ ଦେହର ପରିଚର୍ଯ୍ୟା କରି ଲାଭ କ'ଣ ? ଏମାନେ ଅଧମ ଶିଷ୍ୟ । ଆଉ ଏକ ପ୍ରକାରର ଶିଷ୍ୟ ଅଛନ୍ତି ଯେଉଁମାନେ ଗୁରୁଦେବଙ୍କ ଆତ୍ମା ବିଷୟରେ ବିଚାର କରନ୍ତି ନାହିଁ । ତେଣୁ ସେମାନେ ଗୁରୁଙ୍କ ଦେହଟାର ସେବା ପ୍ରାଣପଣେ କରିଯା'ନ୍ତି, ଆତ୍ମା ସମ୍ବନ୍ଧେ ଅଜ୍ଞ ରହି ଯାଆନ୍ତି । ଏମାନେ ମଧ୍ୟମ ଶିଷ୍ୟ । ଆଉ ଏକ ପ୍ରକାରର ଶିଷ୍ୟ ଅଛନ୍ତି, ଯେଉଁମାନେ ଗୁରୁଦେବଙ୍କ ଦେହର ଯଥା- ଶକ୍ତି ପରିଚର୍ଯ୍ୟା କରନ୍ତି, କିନ୍ତୁ ଦେହଟାକୁ ଗୁରୁ ମନେ କରନ୍ତି ନାହିଁ, ଦେହ ଭିତରେ ଥିବା ଆତ୍ମାକୁ ହିଁ ଗୁରୁ ମନେ କରନ୍ତି । ଏମାନେ ଉତ୍ତମ ଶିଷ୍ୟ ।

(ମାର୍ଗଶିର ୧୨, ୧୩୩୪)

ଗୁରୁ ଓ ଶିଷ୍ୟ

ଗୁରୁ କିଏ ? ବ୍ରହ୍ମ ହିଁ ଗୁରୁ । ତାହା ହେଲେ ମନୁଷ୍ୟକୁ ଗୁରୁ ବୋଲି ମାନିବା କାହିଁକି ? ଗୁରୁ ବୋଲି ମାନିବାର କାରଣ ହେଉଛି, ତୁମେ ବାଟରେ ଯାଉଛ, ହଠାତ୍ ଖାଲରେ ପଡ଼ିଗଲ, ଯାହାକୁ ଦେଖୁଛ ତାକୁ ନେହୁରା ହେଉଛ ତୁମକୁ ଖାଲରୁ ବାହାର କରି ଦେବା ପାଇଁ । କିନ୍ତୁ କେହି ତୁମ ହାତ ଧରି ଖାଲରୁ ଉଠାଇ ଦେଉ ନାହାଁନ୍ତି । ଜଣେ ଲୋକ ଆସି କହିଲେ - ମୁଁ ତୋତେ ଖାଲରୁ ଉଦ୍ଧାର କରିଦେବି, କିନ୍ତୁ ମୋତେ ବାପା ବୋଲି ଡାକିବାକୁ ହେବ । ତୁମେ କହିଲ- ତା କିପରି ହେବ ? ମୋର ତ ଜଣେ ବାପା ଅଛନ୍ତି । ଏଇ

ଯେଉଁ ବାଟରେ ଯାଉ ଯାଉ ମୁଁ ଖାଲରେ ପଡ଼ିଗଲି, ସେହି ବାଟର ଶେଷ ମୁଣ୍ଡରେ ତାଙ୍କର ନିବାସ । ସେ ଥାଉ ଥାଉ ତୁମକୁ କିପରି ବାପା ବୋଲି ଡାକିବି ? ସେ କହିଲେ, ସେ ସବୁ ମୁଁ କିଛି ଶୁଣିବି ନାହିଁ, ଆଗେ ବାପା ବୋଲି ଡାକ, ତା ପରେ ତୋତେ ଖାଲରୁ ବାହାର କରିବି । ଅଗତ୍ୟା ତୁମେ ତାଙ୍କୁ ବାପା ବୋଲି ଡାକିଲ । ସେ ତୁମକୁ ଖାଲରୁ ବାହାର କରି ଦେଲେ ଓ ତୁମର ପିତୃ ସମ୍ବୋଧନରେ ମୁଗ୍ଧ ହୋଇ ତୁମ ହାତରେ ଖଣ୍ଡେ ବାଡ଼ି ଦେଇ କହିଲେ - ଅନ୍ଧାରରେ ଗଲାବେଳେ ଏହି ବାଡ଼ି ସାହାଯ୍ୟରେ ବାଟ ଠଉରାଇ ନେବୁ, ତାହାହେଲେ ଆଉ ଖାଲରେ ପଡ଼ିବୁ ନାହିଁ । ତା ପରେ ତୁମେ ଆଗେଇ ଚାଲିଲ । ଗୁରୁ-ଶିଷ୍ୟ ସମ୍ବନ୍ଧ ଠିକ୍ ଏହିପରି । ବାଟ ନ ପାଇବା ପର୍ଯ୍ୟନ୍ତ ଗୁରୁ-ଶିଷ୍ୟ ସମ୍ବନ୍ଧ, ବାଟ ପାଇଗଲେ ଯେତେ ଯାହା ସମ୍ବନ୍ଧ ସବୁ ସେହି ପରମଗୁରୁଙ୍କ ସହିତ ।

ଗୁରୁଙ୍କ ପ୍ରତି କୃତଜ୍ଞତା

ତାହାହେଲେ କ'ଣ କୃତଜ୍ଞତା ଆଉ କିଛି ନାହିଁ ? ଅଛି, କିନ୍ତୁ ବ୍ରହ୍ମାନନ୍ଦ ବିତରଣ ହିଁ ସଦ୍‌ଗୁରୁଙ୍କର କାର୍ଯ୍ୟ, ଅନନ୍ତ ମୁକ୍ତି ଲାଗି ପ୍ରେରଣା ଦେବା ହିଁ ସଦ୍‌ଗୁରୁଙ୍କର ସ୍ୱଭାବ । ଡାଲି, ଚାଉଳ ପ୍ରଭୃତି ସଂଚା ଯୋଗାଡ଼ କରିବାରେ ତାଙ୍କର ମନ ନ ଥାଏ କି ପୂଜା ପାଇବାରେ ତାଙ୍କର ରୁଚି ନ ଥାଏ । ତୁମ ଉନ୍ନତିରେ ତାଙ୍କର ଆନନ୍ଦ, ତୁମର କଲ୍ୟାଣରେ ସେ ଉତ୍‌ଫୁଲ୍ଲ । ତେଣୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଶ୍ରେଷ୍ଠ ଉପାୟ ହେଉଛି, ପ୍ରାଣପଣେ ଲାଗି ପଡ଼ି ଆତ୍ମଗଠନ କରିବା ଓ ଅଗ୍ରଗତି କରିଯିବା । ତୁମେ ଯଦି ପ୍ରଦର୍ଶିତ ପଥରେ ଆଗେଇ ନ ଯିବ, ତେବେ ତାଙ୍କ ମହତ୍ ପ୍ରାଣ ମହତ୍ ଉଦ୍ଦେଶ୍ୟଟି ସଫଳ ହେବ ନାହିଁ, ସେ ବ୍ୟର୍ଥକାମ ହେବେ । ଏହା ଅକୃତଜ୍ଞତା ହେବ । ଫୁଲ ଚନ୍ଦନ,

ବେଲପତ୍ର ଦେଇ ଗୁରୁଙ୍କର ପାଦ ପୂଜା କଲେ କୃତଜ୍ଞତା ପ୍ରକାଶ ହୁଏ ନାହିଁ। ତାଙ୍କୁ ଅବତାର ବୋଲି ପ୍ରଚାର କଲେ ନୁହେଁ କି ତାଙ୍କ ନାଁରେ ଗୀତ ବାନ୍ଧି ଖୋଳ କରତାଳ ବଜାଇ ନଗର ସଂକୀର୍ତ୍ତନ କରି ବୁଲିଲେ ବି ନୁହେଁ।

(ଭାଦ୍ର ୧୧, ୧୩୩୪)

ଗୁରୁ ଓ ଶିଷ୍ୟର ସମ୍ପର୍କ

ଗୁରୁ ଓ ଶିଷ୍ୟର ସମ୍ପର୍କ କେତେ କାଳର ? ନିତ୍ୟ କାଳର। ଯେ ପୂର୍ବଜନ୍ମରେ ଗୁରୁ ଥିଲେ, ସେ କ'ଣ ଏ ଜନ୍ମରେ ଗୁରୁ ହୋଇ ଆସିଛନ୍ତି ? ଗୁରୁ ବୋଇଲେ ଯଦି କେବଳ ଏହି ଦେହଟାକୁ ବୁଝ, ତେବେ ଉତ୍ତର ହେବ 'ଆଦୌ ନୁହେଁ।' ଗୁରୁ କ'ଣ ପଥପ୍ରଦର୍ଶକ ମାତ୍ର ? ପଥ-ପ୍ରଦର୍ଶକ ତ ନିଶ୍ଚୟ, କିନ୍ତୁ ସେଇଠି ପୂର୍ଣ୍ଣଚ୍ଛେଦ ଦିଅ ନାହିଁ। ପଥ-ପ୍ରଦର୍ଶକ ବୋଲି ଲେଖି ତା'ପାଖରେ କମାଟିଏ ଦିଅ। ତାହାହେଲେ ଭବିଷ୍ୟତରେ ଉପଲବ୍ଧିର କଷଟି ପଥରରେ ଯଦି ତହିଁରୁ ଅଧିକ ବୋଲି କୌଣସି ଚିହ୍ନ ପଡ଼େ ତାହା ହେଲେ ସେହି କଥାଟି ସେଠାରେ ଯୋଗ କରି ହେବ।

(ଆଶ୍ୱିନ ୪, ୧୩୩୯)

ଗୁରୁ ଶିଷ୍ୟଙ୍କ ବିଚିତ୍ର ସମ୍ବନ୍ଧ

ସଦ୍‌ଗୁରୁ ଓ ସଦ୍‌ଶିଷ୍ୟଙ୍କ ପାରସ୍ପରିକ ସମ୍ବନ୍ଧ ବଡ଼ ବିଚିତ୍ର- କେତେବେଳେ ସେମାନେ ମାତା-ପୁତ୍ର, କେତେବେଳେ ସେମାନେ ସଖା-ସଖୀ, କେତେବେଳେ ସେମାନେ ପ୍ରଣୟୀ-ପ୍ରଣୟିନୀ ତ କେତେବେଳେ ଅଭେଦ ସତ୍ତା। ଭଲ ପାଇବାର ଯେତେଗୁଡ଼ିଏ ସ୍ତର ଅଛି, ସବୁଗୁଡ଼ିକ କ୍ରମେ କ୍ରମେ ସେମାନଙ୍କର

ଜୀବନରେ ବିକଶିତ ହୁଏ । ଏହି ସମ୍ବନ୍ଧ-ବୈଚିତ୍ର୍ୟ ଅତ୍ୟାଶ୍ଚର୍ଯ୍ୟ ଓ ଅସରନ୍ତି, କଥାରେ କହି ଶେଷ କରି ହେବ ନାହିଁ । ସତ୍-ଶିଷ୍ୟ ପାଇ ସଦ୍‌ଗୁରୁ ଭାବନ୍ତି ଏଭଳି ଶିଷ୍ୟର ମୁଁ ଯୋଗ୍ୟ ନୁହେଁ, ଭାଗ୍ୟ ବଳରୁ ଏ ଶିଷ୍ୟ ମୁଁ ପାଇଛି । ସଦ୍‌ଗୁରୁ ପାଇ ସତ୍‌ଶିଷ୍ୟ ଭାବେ, ଏଭଳି ଗୁରୁଙ୍କର କୃପା ଲାଭ କରିବାକୁ ମୁଁ ମୋଟେ ଯୋଗ୍ୟ ନୁହେଁ, କେବଳ ପୂର୍ବ ଜନ୍ମର ସୁକୃତରୁ ମୁଁ ପାଇଛି । ସତ୍‌ଶିଷ୍ୟ ପ୍ରାଣର ଆବେଗରେ, ମନୋମୟ ଉପଚାର ଦ୍ୱାରା ନିୟତ ଗୁରୁପୂଜା କରେ । ସଦ୍‌ଗୁରୁ ଶିଷ୍ୟକୁ ଭଗବାନଙ୍କର ସାକ୍ଷାତ୍ ବିଗ୍ରହ ଜ୍ଞାନ କରି ମନେ ମନେ ଭକ୍ତି-ପୁଷ୍ପାଞ୍ଜଳୀ ଅର୍ପଣ କରନ୍ତି ।

ତୁମରି କର୍ମେ ହରି ପାଇଛି ଯା'ରେ
ତୁମରି ଅବତାର ଭାବିଣ ପାଦେ ତା'ର
ପ୍ରଣତି ଜଣାଇଛି ବାରେ ବାରେ ।

ସଦ୍‌ଗୁରୁଙ୍କର ମନୋଭାବ ଏହି ପ୍ରକାରର ।

ଗୁରୁ ଶିଷ୍ୟଙ୍କ ପାରସ୍ପରିକ ବିଶ୍ୱାସ ଓ ନିର୍ଭର

ଶିଷ୍ୟର ଯଦି ଗୁରୁଙ୍କ ଉପରେ ଅସୀମ ନିର୍ଭର ନ ଥାଏ ଓ ଗୁରୁଙ୍କର ଯଦି ଶିଷ୍ୟ ଉପରେ ଅଗାଧ ବିଶ୍ୱାସ ନ ଥାଏ, ତାହାହେଲେ ଉଭୟଙ୍କ ମଧ୍ୟରେ କଦାପି ପ୍ରକୃତ ପ୍ରେମ ଜନ୍ମି ନ ପାରେ ଏବଂ ଏକ ଦିଗରେ ଶିଷ୍ୟ-ଦ୍ୱାରା ଗୁରୁ ଯେପରି ଜଗତର କଲ୍ୟାଣ କରାଇବାକୁ ଅସମର୍ଥ ହୁଅନ୍ତି ଅନ୍ୟ ଦିଗରେ ଶିଷ୍ୟ ସେହିପରି ଗୁରୁଙ୍କର ଜୀବନ, କର୍ମ, ଚିନ୍ତା ଓ ବାକ୍ୟରୁ ମନୁଷ୍ୟତ୍ୱ ଗଠନ, ଜୀବନୋତ୍କର୍ଷ ବିଧାନ ଓ ଲୋକକଲ୍ୟାଣ ସାଧନ ଲାଗି ଆବଶ୍ୟକ ଉପାଦାନ ସଂଗ୍ରହ କରିବାକୁ ଅସମର୍ଥ ହୁଏ । କିନ୍ତୁ ଯେଉଁଠି ଗୁରୁ ଶିଷ୍ୟଙ୍କ ମଧ୍ୟରେ

ପାରସ୍ପରିକ ବିଶ୍ୱାସ ଓ ନିର୍ଭର ଅଖଣ୍ଡସତ୍ତାରେ ବିଦ୍ୟମାନ, ସେଠାରେ ରାମଦାସ ସ୍ୱାମୀ ଶିବାଜୀଙ୍କ ଦ୍ୱାରା ଅନାୟାସରେ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରାଇ ପାରନ୍ତି ଓ ଶିବାଜୀ ମଧ୍ୟ ନିଜ ଜୀବନରେ ଗୁରୁଙ୍କର ତ୍ୟାଗ, ବୈରାଗ୍ୟ ଓ ଉଦାରତାକୁ ପ୍ରତିଷ୍ଠିତ କରି ଅନିନ୍ଦନୀୟ କୃତିତ୍ୱ ସହକାରେ ରାଜ୍ୟ ସୃଷ୍ଟି, ରାଜ୍ୟ ପୁଷ୍ଟି ଓ ରାଜ୍ୟ ପରିଚାଳନା କରି ପାରନ୍ତି । ସେହିଠାରେ ଗୁରୁ ନାନକଙ୍କର ଗୋଟିଏ ସଂଗୁପ୍ତ ଇଚ୍ଛା ଇତିହାସ ବକ୍ଷରେ ସ୍ମୃତି ଚିହ୍ନ ଅଙ୍କନ କରିବାର ସାମର୍ଥ୍ୟ ଲାଭ କରେ ଓ ଶିଖବୀର ଗୁରୁଜୀଙ୍କର ଜୟ ଗାଇ ଗାଇ ଅବଲୀଳାକ୍ରମେ କାରାବରଣ, ନିର୍ଯ୍ୟାତନା-ବରଣ ଏପରିକି ମୃତ୍ୟୁବରଣ ମଧ୍ୟ କରିପାରେ । ସେହିଠାରେ ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ନରେନ୍ଦ୍ରନାଥଙ୍କର ଦ୍ୱାରା ଶ୍ରୀରାମକୃଷ୍ଣ ବିଶ୍ୱଶକ୍ତିକୁ ଉପଲବ୍ଧ କରାଇ ନେଇପାରନ୍ତି ଓ ବିବେକାନନ୍ଦ ମଧ୍ୟ ଗୁରୁ ବଳରେ ବଳୀୟାନ ହୋଇ ନିମିଷେକ ମଧ୍ୟରେ ପାଶ୍ଚାତ୍ୟର ଦୁର୍ଗମ ଗିରି ସଂକଟ ଚିକୋଗୋ ଉପରେ ଭାରତର ଦିଗ୍‌ବିଜୟ ନିଶାଣ ଉଡ଼ାଇ ପାରନ୍ତି ।

ତା ବୋଲି ମନେକର ନାହିଁ ଯେ ସହଜାତ ସଂସ୍କାର ପରି ଏ ବିଶ୍ୱାସ ଓ ଏ ନିର୍ଭର ବିନା ସାଧନାରେ, ବିନା ଅଧ୍ୟବସାୟରେ ଆପେ ଆପେ ସମସ୍ତଙ୍କ ଜୀବନରେ ପ୍ରତିଷ୍ଠିତ ହୋଇଯିବ । ଅୟୁତଥର ଅବିଶ୍ୱାସ କଲାପରେ ଅନେକଙ୍କ ଅନ୍ତରରେ ବିଶ୍ୱାସ ପାଇଁ ଏକ ଚିରସ୍ଥାୟୀ ଆସନ ରଚିତ ହେବ, ନିୟୁତ ଥର ନିର୍ଭର ହରାଇଲା ପରେ ଅନେକଙ୍କ ଜୀବନରେ ପୂର୍ଣ୍ଣ ନିର୍ଭରଶୀଳତା ଓ ପୂର୍ଣ୍ଣ ଆତ୍ମସମର୍ପଣରେ ଅମୋଘ ଶକ୍ତି ଜାଗ୍ରତ ହେବ ।

(୨)

ଗୁରୁ ଯଦି ଶିଷ୍ୟର ଭବିଷ୍ୟତ ଉପରେ ଖୁବ୍ ଆସ୍ଥାବାନ ହୁଅନ୍ତି, ତଦ୍ୱାରା ଶିଷ୍ୟର ଅଶେଷ କଲ୍ୟାଣ ହୁଏ । ଗୁରୁଙ୍କର ବିଶ୍ୱାସ ଅସାଧ୍ୟ ସାଧନ କରିବା

ପାଇଁ ଶିଷ୍ୟକୁ Inspire କରେ । ଆଉ ଶିଷ୍ୟ ଯଦି ଗୁରୁଙ୍କ ଉପରେ ନିର୍ଭର ଶୀଳ ହୁଏ ତଦ୍ଦ୍ୱାରା ଗୁରୁଙ୍କର ପ୍ରଚ୍ଛନ୍ନ ସାତ୍ତ୍ୱିକ ଶକ୍ତିପୁଞ୍ଜ ଓ ସଂଗୋପିତ କଲ୍ୟାଣ-ପ୍ରଭାବସମୂହ ଶିଷ୍ୟର ମଙ୍ଗଳ ଲାଗି ଅଦୃଶ୍ୟ ଓ ଅପାର୍ଥିବ ଭାବରେ କାର୍ଯ୍ୟ କରିବାକୁ ଲାଗେ ।

(ଶ୍ରାବଣ ୨୪, ୧୩୩୫)

ଶିଷ୍ୟର ଆତ୍ମସମର୍ପଣରେ ଗୁରୁଙ୍କ ଗୁରୁତ୍ୱ

ଗୁରୁ-ନିର୍ଣ୍ଣୟ କିପରି ହୁଏ ? ଶିଷ୍ୟର ଆତ୍ମସମର୍ପରେ ହୁଏ । ଶିଷ୍ୟ ଯେଉଁଠି ଗୁରୁଙ୍କ ପାଖରେ ନିଜକୁ ସମର୍ପଣ କରି ନ ପାରିଲା ସେଠାରେ ପ୍ରକୃତରେ କୌଣସି ଗୁରୁ ମାନିବା ହୋଇନାହିଁ ବୋଲି ବୁଝିବାକୁ ହେବ । ଗୁରୁ ମନ୍ତ୍ର ଦେଲେ କି ନା ତଦ୍ଦ୍ୱାରା ଶିଷ୍ୟର ଶିଷ୍ୟତ୍ୱ ନିର୍ଣ୍ଣୀତ ହୁଏ ନାହିଁ । ଗୁରୁଙ୍କର ସବୁ ଆଦେଶ ଶିଷ୍ୟ ନିର୍ବିଚାରରେ ପାଳିବାକୁ ପ୍ରସ୍ତୁତ କି ନା, ତ ଦ୍ୱାରା ଶିଷ୍ୟର ଶିଷ୍ୟତ୍ୱ ଓ ଗୁରୁଙ୍କର ଗୁରୁତ୍ୱ ନିର୍ଣ୍ଣୀତ ହୁଏ ।

(ଜ୍ୟେଷ୍ଠ ୨୪, ୧୩୩୮)

ସତ୍‌ଶିଷ୍ୟର ଲକ୍ଷଣ

ଗୁରୁଙ୍କ ସ୍ନେହରେ ଅକପଟ ବିଶ୍ୱାସ ସତ୍‌ଶିଷ୍ୟର ପ୍ରଧାନ ଲକ୍ଷଣ । ଠେଙ୍ଗାରେ ପିଟିଲେ ବି ଶିଷ୍ୟ ଭାବେ ଯେ ଏହା ଭିତରେ ଗୁରୁଦେବଙ୍କ ଅସରନ୍ତି ସ୍ନେହ ହିଁ ପ୍ରକାଶ ପାଉଛି । ମହାତ୍ମା ଭୋଳାଗିରିଙ୍କୁ ତାଙ୍କର ଗୁରୁଦେବ ଗୋଲାପଗିରି ଆଜମିର୍‌ର ଅସହ୍ୟ ଶୀତରେ ସାରା ରାତି ବାହାରେ ଛିଡ଼ା କରାଇ ରଖିଲେ । ଭୋଳାଗିରି ଶୀତରେ ଥର ଥର କମ୍ପୁଥାନ୍ତି ଓ ଭାବୁଥାନ୍ତି,

ଏହାରି ଭିତରେ ଗୁରୁଦେବଙ୍କ ନିଶ୍ଚୟ କିଛି ମଙ୍ଗଳମୟ ଅଭିପ୍ରାୟ ଅଛି । ଏହା ହିଁ ହେଉଛି ଖାଣ୍ଟି ଶିଷ୍ୟର ଲକ୍ଷଣ । ସତ୍‌ଶିଷ୍ୟ ଭାବେ-ଗୁରୋ, ତୁମ ସ୍ନେହ ପରି ସ୍ନେହ ଆଉ କାହାଠାରୁ ପାଇ ନାହିଁ, ପାଇବି ନାହିଁ କି ପାଇବାକୁ ଚାହେଁ ନାହିଁ ।

(ଶ୍ରାବଣ ୩୦, ୧୩୩୫)

ଶିଷ୍ୟ ହେବାର ଯୋଗ୍ୟତା

ଗୁରୁଙ୍କର ଉପଦେଶକୁ ଯେ ଆଦେଶ ବୋଲି ମନେ କରେ ସେ ଶିଷ୍ୟ ହେବାକୁ ଯୋଗ୍ୟ । ଗୁରୁଙ୍କ ଆଦେଶ ପାଳନାର୍ଥେ ଯେ ମୃତ୍ୟୁକୁ ସୁଦ୍ଧା ଗ୍ରାହ୍ୟ ନ କରେ, ସେ ଶିଷ୍ୟ ହେବାକୁ ଯୋଗ୍ୟ । ଗୁରୁଙ୍କ ଇଚ୍ଛାକୁ ଅଲଘଂନୀୟ ଜାଣି ଯେ ତା ସହିତ ନିଜ ଇଚ୍ଛାରେ ଅଭେଦତ୍ୱ ପ୍ରତିଷ୍ଠିତ କରିପାରେ, ସେ ଶିଷ୍ୟ ହେବାକୁ ଯୋଗ୍ୟ । ଗୁରୁଙ୍କ ପାଖରେ ଯେ ଅକପଟ, ଗୁରୁଙ୍କ ଶକ୍ତିରେ ଯେ ବିଶ୍ୱାସୀ, ସର୍ବଦା ସର୍ବାବସ୍ଥାରେ ଯେ ଗୁରୁଙ୍କ ମର୍ଯ୍ୟାଦା-ରକ୍ଷାକାରୀ, ସେ ଶିଷ୍ୟ ହେବାକୁ ଯୋଗ୍ୟ । ଗୁରୁଙ୍କର ସ୍ନେହ, ପ୍ରେମ, ଆଦର ଆପ୍ୟାୟନ ଯାହାକୁ ଅହଙ୍କାରସ୍ଫୀତ ବା କର୍ତ୍ତବ୍ୟପରାଂମୁଖ ନ କରେ, ଗୁରୁଙ୍କର ସରଳ ବିଶ୍ୱାସକୁ ଯେ କପଟତା ଓ ଅସତ୍ୟତା ଦ୍ୱାରା କେବେ ହେଲେ ଆହତ କରିବା ଚିନ୍ତା ବି ନ କରେ, ଗୁରୁଦ୍ରୋହକୁ ଯେ ମୃତ୍ୟୁ ଯନ୍ତ୍ରଣା ଅପେକ୍ଷା ଅଧିକ ଭୟାବହ ମନେ କରେ, ସେ ଶିଷ୍ୟ ହେବାକୁ ଯୋଗ୍ୟ । ଗୁରୁଙ୍କର ରୁଷ୍ଟବାକ୍ୟ ବା କ୍ରୁଦ୍ଧ ବ୍ୟବହାରରେ ଯେ ସର୍ପ ପରି ଦଂଶନୋଦ୍ୟତ ନ ହୁଏ, ଗୁରୁଙ୍କ ଉପେକ୍ଷାକୁ ଯେ ସହିଷ୍ଣୁତା ସହକାରେ ବହନ କରିପାରେ, ଗୁରୁଙ୍କ ଅଭିଶାପକୁ ଆଶୀର୍ବାଦ ଜ୍ଞାନ କରି ଯେ ହସି ହସି ନତମସ୍ତକରେ ଗ୍ରହଣ କରିପାରେ, ସେ ଶିଷ୍ୟ ହେବାକୁ ଯୋଗ୍ୟ । ଏହି ଯୋଗ୍ୟତା ଯାହାର ନାହିଁ ସେ ଦୀକ୍ଷା ଗ୍ରହଣ କଲେ ବି ପ୍ରକୃତ ଶିଷ୍ୟ ହୋଇପାରେ ନାହିଁ ।

(ଶ୍ରାବଣ ୨୬, ୧୩୩୫)

ଶିଷ୍ୟ, କୁଶିଷ୍ୟ ଓ ଅଶିଷ୍ୟ

ଗୁରୁଙ୍କର ଆଦେଶକୁ ଅପେକ୍ଷା ନ କରି ଯେ ତାଙ୍କର ମନର ଅଭିପ୍ରାୟ ବୁଝି ତଦନୁଯାୟୀ କାର୍ଯ୍ୟକାରୀ କରେ, ସେ ଶ୍ରେଷ୍ଠ ଶିଷ୍ୟ । ଆଦେଶ ପାଇବା ପରେ ଯେ ତାହା ସମ୍ୟକ୍ ପାଳନ କରେ, ସେ ଅତି ଉତ୍ତମ ଶିଷ୍ୟ । ଆଦେଶ ପାଇ ତାହା ପାଳନ କରିବା ପାଇଁ ଯେ ପ୍ରାଣପଣେ ଚେଷ୍ଟା କରେ କିନ୍ତୁ ବ୍ୟର୍ଥ କାମ ହୁଏ, ଅଥଚ ବ୍ୟର୍ଥକାମ ହେଲେ ବି ବାରମ୍ବାର ଚେଷ୍ଟା କରେ, ଉଦ୍ୟମରେ ଶିଥିଳତା ଦେଖାଏ ନାହିଁ, ସେ ଉତ୍ତମ ଶିଷ୍ୟ । ଯେ ଆଦେଶ ପାଳନ ଲାଗି ଚେଷ୍ଟା କରେ, ବ୍ୟର୍ଥକାମ ହୁଏ ଓ ପୁନର୍ବାର ଆଦେଶ ପାଇବା ପର୍ଯ୍ୟନ୍ତ ଚୁପ୍‌ଚାପ୍ ବସି ରହେ କିନ୍ତୁ ପୁନର୍ବାର ଆଦେଶ ପାଇଲେ ପୁଣି ଲାଗିପଡ଼େ, ସେ ମଧ୍ୟମ ଶିଷ୍ୟ । ଯେ ଆଦେଶ ପାଇଲେ ତାହା ପାଳନ କରିବା ଲାଗି ଚେଷ୍ଟା କରେ କିନ୍ତୁ ବ୍ୟର୍ଥ କାମ ହେଲେ ଆଉ ଚେଷ୍ଟା କରେ ନାହିଁ, ସେ ଅଧମ ଶିଷ୍ୟ । ଯେ ଆଦେଶଟି କାନ ଡେରି ଶୁଣେ କିନ୍ତୁ ପାଳନ କଲାବେଳକୁ ଦୁନିଆଯାକର ଆଳସ୍ୟ ତାହାକୁ ଘୋଟିଯାଏ, ନାନା ବାହାନା ଦେଖାଇ ଯେ କେବଳ କାଳ କ୍ଷୟ କରେ, ସେ କୁଶିଷ୍ୟ । ଆଉ ଯେ ଗୁରୁଙ୍କର ଆଦେଶ ପାଳନରେ ଯତ୍ନହୀନ, ଅଥଚ ଗୁରୁଙ୍କ ନାଁରେ ବଡ଼ବଡ଼ ବକ୍ତୃତା ଝାଡ଼ି ନିଜର ଲୌକିକ ପ୍ରତିପତ୍ତି ବୃଦ୍ଧି କରିବାରେ ତତ୍ପର ସେ ଏକାବେଳେକେ ଅଶିଷ୍ୟ ।

(ଆଷାଢ଼ ୧୨, ୧୩୩୯)

ଭଣ୍ଡ ଶିଷ୍ୟ ଓ ଖାଣ୍ଟି ଶିଷ୍ୟ

ଯେଉଁଠି ଦେଖିବ, ଶିଷ୍ୟ ନିଜେ ସାଧନ ଭଜନରେ ଅମନଯୋଗୀ, ଦୈନନ୍ଦିନ କାର୍ଯ୍ୟକଳାପରେ ଗୁରୁବାକ୍ୟ ପ୍ରତିଫଳିତ କରିବା ଦିଗରେ ଅପ୍ରୟାସୀ,

ଅଥଚ ନୂଆ ନୂଆ ଗୁରୁଭାଇ ସଂଗ୍ରହ କରିବାରେ ଅତ୍ୟନ୍ତ ଉତ୍ସାହୀ, ଗୁରୁଦେବ ସେଠାରେ ଭଣ୍ଡ ଶିଷ୍ୟର ପାଲରେ ପଡ଼ିଛନ୍ତି ବୋଲି ଜାଣିବ । ଆଉ ଯେତେବେଳେ ଦେଖିବ, ଶିଷ୍ୟ ତାର ଗୁରୁଙ୍କୁ ପ୍ରାଣ ଦେଇ ଭଲ ପାଉଛି, ତାର କାର୍ଯ୍ୟକଳାପରେ, ତାର ହାବଭାବରେ ଓ ତାର ସେବା ଯତ୍ନରେ ସେ ଭଲ ପାଇବା ସତେ ଯେପରି ଉଚ୍ଛୁଳି ପଡୁଛି ଅଥଚ କେବେ ହେଲେ ମୁହଁ ଫିଟାଇ ଥରକ ପାଇଁ ବି କହୁ ନାହିଁ, "ମନ୍ନାଥ ଶ୍ରୀ ଜଗନ୍ନାଥ, ମଦ୍‌ଗୁରୁ ଶ୍ରୀ ଜଗଦ୍‌ଗୁରୁ", ଯେତେବେଳେ ଦେଖିବ ଶିଷ୍ୟ ଦିବାନିଶି ସାଧନରେ ନିମଗ୍ନ, କର୍ତ୍ତବ୍ୟ-କର୍ମରୁ ଅବସର ମିଳିଲେ ସେ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ବୃଥାରେ ନଷ୍ଟ କରୁନାହିଁ ।, ଆପ୍ରାଣ ଗୁରୁସେବାରତ ରହୁଥିଲେ ବି ସେ ସାଧନର ସାମାନ୍ୟ ସୁଯୋଗକୁ ବ୍ୟବହାର କରିବାରେ ତତ୍‌ପର, ନିଜକୁ ବା ନିଜର ଗୁରୁଙ୍କୁ ବାହାରେ ପ୍ରଚାର କରିବା ଦିଗରେ ସେ ମୋଟେ ଆଗ୍ରହୀ ନୁହେଁ, ଅଥଚ ଜଗତ୍ କଲ୍ୟାଣ କର୍ମର ବ୍ୟପଦେଶରେ ଯେତେବେଳେ ଯାହା କିଛି ପ୍ରଚାର ସ୍ୱତଃ ହୋଇଯାଉଛି ସେଥିପ୍ରତି ତା'ର କୌଣସି ବିରୋଧଭାବ ନାହିଁ, ସେତେବେଳେ ଜାଣିବ ସେହି ଶିଷ୍ୟଟି ଖାଣ୍ଟି ଶିଷ୍ୟ ଓ ସେହିଭଳି ଶିଷ୍ୟମାନଙ୍କ ଦ୍ୱାରା ହିଁ ଗୁରୁଙ୍କର ଧର୍ମ, ଗୁରଙ୍କର ଆଦର୍ଶ ଓ ଗୁରଙ୍କର ଜୀବନ ଜଗଦ୍‌ବ୍ୟାପୀ ହେବ ।

(ଶ୍ରାବଣ ୨୩, ୧୩୩୫)

ଶିଷ୍ୟ ପ୍ରତି ସଦ୍‌ଗୁରୁ

ଶିଷ୍ୟକୁ ମନେ ରଖିବା ତ ଅତି ସାମାନ୍ୟ କଥା, ପ୍ରକୃତ ଗୁରୁ ଶିଷ୍ୟକୁ ଧ୍ୟାନ କରନ୍ତି । ଶିଷ୍ୟ ଜୀବନର ଭବିଷ୍ୟତର ଉଜ୍ଜ୍ୱଳତା ମଧ୍ୟରେ ହିଁ ଗୁରୁଙ୍କର ଇହପର ଜୀବନର ସବୁ ସାର୍ଥକତା ଲୁଚି ରହିଥାଏ । ଶିଷ୍ୟ ଜୀବନର ପ୍ରଭାବ ଏକ ଶତାବ୍ଦୀ ପରେ ବିଶ୍ୱମାନବ ଉପରେ ଯେଉଁଭଳି ପ୍ରାବଲ୍ୟ ଓ ଦୀପ୍ତି ସହକାରେ

ନିପତିତ ହେବ, ତାକୁ ହିଁ ପ୍ରକୃତ ଗୁରୁ ନିଜ ଜୀବନର ଦୀପ୍ତି ବୋଲି ଜାଣନ୍ତି । ଗୁରୁ ଯେ ଅମର, ତାହା ଶିଷ୍ୟ ଦ୍ୱାରା ପ୍ରମାଣିତ ହେବ, ଗୁରୁଙ୍କ ଦ୍ୱାରା ନୁହେଁ । ଶିଷ୍ୟର ଅତିମାନୁଷ ଅଲୌକିକ ଜୀବନର ଦିବ୍ୟ ପ୍ରତିଭା ହିଁ ପ୍ରତ୍ୟକ୍ଷ ପରିଚୟ ପ୍ରଦାନ କରିବ ଯେ ଗୁରୁ କେତେ ପରିମାଣରେ ମାନବ ଜାତିର ସେବା କରିବାକୁ ପ୍ରସ୍ତୁତ ଥିଲେ । ଜଗତ ପାଇଁ ଗୁରୁ ନିଜ ବକ୍ଷର କେତେ ପରିମାଣ ରକ୍ତ ଢ଼ାଳି ଦେବାକୁ ପ୍ରସ୍ତୁତ, ତାହା ଶିଷ୍ୟର ମନୁଷ୍ୟତ୍ୱର ଅଭ୍ରଭେଦୀ ଐଶ୍ବର୍ଯ୍ୟଦ୍ୱାରା ବିଶ୍ୱର ଗୋଚରୀଭୂତ ହେବ । ଏହି କାରଣରୁ ଶିଷ୍ୟ ଗୁରୁଙ୍କର ନୟନର ତାରା ଓ ଏହି କାରଣରୁ ହିଁ ଗୁରୁ ଶିଷ୍ୟକୁ ପ୍ରାଣରୁ ଅଧିକ ବୋଲି ଜ୍ଞାନ କରନ୍ତି ।

(ଭାଦ୍ର ୩, ୧୩୩୪)

ଗୁରୁ ଓ ଶିଷ୍ୟର ଅଭିନ୍ନତ୍ୱ

ମୋର ସଂସ୍ପର୍ଶର ପ୍ରଭାବ ଯଦି ତୋ ଉପରେ ନ ରହେ, ତେବେ ମୋର ସଂସ୍ପର୍ଶ ହିଁ ମିଥ୍ୟା । ଚେଷ୍ଟା କରି ତୁ କିପରି ଦୂରକୁ ପଳେଇଯିବୁ ? ମୋର ଅକପଟ କଲ୍ୟାଣ-ବୁଦ୍ଧି ତ ତୋତେ ଓ ମୋତେ ଅବିଚ୍ଛେଦ୍ୟ କରି ରଖିଛି । ଗୁରୁ ଓ ଶିଷ୍ୟ ବାହାରୁ ଦେଖିବାକୁ ସିନା ଦୁଇଟା କିନ୍ତୁ ପ୍ରକୃତରେ ସେ ଏକ ଓ ଅଭିନ୍ନ ।

(ଚୈତ୍ର ୨୫, ୧୩୩୮)

ଆତ୍ମମଙ୍ଗଳରେ ଅମନଯୋଗୀ ଶିଷ୍ୟ ଗୁରୁଙ୍କର ଭାର ସ୍ୱରୂପ

ବେଳେ ବେଳେ ମୁଁ ଭାବେ ମୋର ଶିଷ୍ୟ ସଂଖ୍ୟା ଅଳ୍ପ, ଆଉ ବେଳେ ବେଳେ ଭାବେ ଯେ ମୋର ଶିଷ୍ୟ ସଂଖ୍ୟା ବେଶି । ଜଗତର କଲ୍ୟାଣାର୍ଥେ ଆତ୍ମାହୁତି ଦେବା ଲାଗି କୋଟି କୋଟି ନିଷ୍ପାପ ପବିତ୍ର ଜୀବନର ପ୍ରୟୋଜନୀୟତା

ଯେତେବେଳେ ମୁଁ ଅନୁଭବ କରେ ସେତେବେଳେ ମୁଁ ଭାବେ ଯେ ମୋର ଶିଷ୍ୟ ସଂଖ୍ୟା ଅତି ଅଳ୍ପ । ଯେତେବେଳେ ଶିଷ୍ୟମାନଙ୍କର ବହିର୍ମୁଖତା, ବ୍ରତ-ନିଷ୍ଠାହୀନତା, ଆତ୍ମାଦର ଓ ଈଶ୍ୱରାନୁରାଗ ଅଭାବ ମୁଁ ଲକ୍ଷ୍ୟ କରେ, ସେତେବେଳେ ଦେଖେ ଯେ ମୋର ଶିଷ୍ୟ ସଂଖ୍ୟା ଅତ୍ୟଧିକ । ଜୀବନକଲ୍ୟାଣାର୍ଥେ ଆତ୍ମ-ବଳିଦାନ ଦେବା ଦୃଷ୍ଟିରୁ ବିଚାର କଲେ କୋଟି ସଂଖ୍ୟା ବି ବେଶି କିଛି ନୁହେଁ । ସଂଶୋଧିତ କରି ଯଥାର୍ଥ ମନୁଷ୍ୟ କରି ଗଢ଼ିବାକୁ ହେଲେ ମୋ ପକ୍ଷରେ ଗୋଟିଏ ଶିଷ୍ୟ ବି ଅତ୍ୟଧିକ । ଯେଉଁ ଶିଷ୍ୟ ଆତ୍ମକଲ୍ୟାଣ ଲାଗି ଯତ୍ନଶୀଳ ନ ହେବ, ଜୀବନର ମୂଲ୍ୟ ନ ବୁଝିବ, ମନୁଷ୍ୟ ଜନ୍ମର ଗୁରୁତ୍ୱକୁ ହସି ଉଡ଼ାଇ ଦେବ, ସେଭଳି ଶିଷ୍ୟ ତ ଗୁରୁ ସ୍କନ୍ଧର ଗୁରୁ ଭାର । ତୁମ୍ଭମାନଙ୍କର ଭାରରେ ମୁଁ ଯେ କେତେ କ୍ଳାନ୍ତି ବୋଧକରେ ସେ କଥା କ'ଣ ତୁମ୍ଭେମାନେ ଜାଣ ? ଅଥଚ ବ୍ରହ୍ମାଣ୍ଡର ଭାର ବହନ କରିବାର ଶକ୍ତି ମୋ ସ୍କନ୍ଧର ଅଛି ଏବଂ ସେ ଶକ୍ତି ନିଜେ ମଙ୍ଗଳମୟ ମୋତେ ଦେଇଛନ୍ତି ।

ଶିଷ୍ୟ ପରିଚୟ ଦେବାର ଅଧିକାର

ମୋର କର୍ମଜୀବନର ସ୍ୱାବଲମ୍ବନକୁ ନେଇ ତୁମ୍ଭମାନଙ୍କ ମଧ୍ୟରୁ କେତେକ କେତେ ଗର୍ବ ନ କର, ତୁମ୍ଭମାନଙ୍କ ମଧ୍ୟରୁ କେତେକ ମୋ ସମ୍ବନ୍ଧରେ କେତେ ଗଳ୍ପ ଗାଇ ନ ବୁଲ, ଏପରି କି ଯେଉଁସବୁ କାହାଣୀ ମୁଁ ଜାଣେନା, ସେଭଳି କାହାଣୀ ମଧ୍ୟ ତୁମ୍ଭେମାନେ ଲୋକଙ୍କୁ ଶୁଣାଅ କିନ୍ତୁ ମୋର ଆଦର୍ଶର ଅନୁସରଣ କରନାହିଁ । ମୋର ସାଧନ ଜୀବନର ବହୁ ନିଗୂଢ଼ ରହସ୍ୟ ତୁମ୍ଭମାନଙ୍କ ମୁହଁରୁ ବାହାରି ସରଳ-ସ୍ୱଭାବ ସାଧାରଣ ଲୋକଙ୍କୁ ଚମକିତ କରିଦିଏ । ତୁମ୍ଭେମାନେ ମହାପୁରୁଷଙ୍କ ଶିଷ୍ୟ ବୋଲି ଆତ୍ମପରିଚୟ ଦେବା ଲାଗି ମିଥ୍ୟା କାହାଣୀ ସୁଦ୍ଧା ମନରୁ ଗଢ଼ିଦେବା ପାଇଁ କୁଣ୍ଠିତ ହୁଅନାହିଁ, ଅଥଚ ମୋର ଆଶା-

ଆକାଂକ୍ଷାଗୁଡ଼ିକ ନିଜ ନିଜ ଜୀବନରେ ରୂପାୟିତ କରିବାକୁ ଚାହଁ ନାହିଁ । ଏତିକି ପରିଶ୍ରମ କରିବାକୁ ବି ତୁମ୍ଭେମାନେ ପରାଂମୁଖ । ଭାବିଲ ଦେଖି, ମୋର ଶିଷ୍ୟ ବୋଲି ପରିଚୟ ଦେବାର ଅଧିକାର ତୁମ୍ଭମାନଙ୍କର କେତେ କମ୍ ?

(ଆଷାଢ଼ ୧୨ ୧୩୩୯)

ଗୁରୁ-ଶିଷ୍ୟ ପରିଚୟ

ଦୀକ୍ଷା ମାଧ୍ୟମରେ ଗୁରୁ ଶିଷ୍ୟ ପରିଚୟ । ସାଧନ ପାଇ ଶିଷ୍ୟ ଯଦି ତା କର୍ତ୍ତବ୍ୟ ନ କରେ ତେବେ ସେ ସମ୍ବନ୍ଧ ଦୃଢ଼ ହେବ କିପରି ? ଗୁରୁ ହେବେ ନାମକାବାସ୍ତେ ଗୁରୁ, ଶିଷ୍ୟ ହେବେ ନାମକାବାସ୍ତେ ଶିଷ୍ୟ । ଅମୁକ ଯଶସ୍ୱୀ ଯୋଗୀଙ୍କର ଶିଷ୍ୟ ବୋଲି ତୁମେ ଚାରିଆଡ଼େ ଗାଇ ବୁଲୁଛ ଅଥଚ ତାଙ୍କ କଥା ଅନୁସାରେ କାମ କରୁନାହଁ । ତାହାହେଲେ ତୁମର ସେ ଗାଇ ବୁଲିବା ତ ଗୁରୁଙ୍କୁ ଯୋତା ମାରିବା ସଙ୍ଗେ ସମାନ । ମୁଁ ପ୍ରଚାର କରି ବୁଲୁଛି ଯେ ଅମୁକ ଜଜ୍ ମୋର ଶିଷ୍ୟ, ଅଥଚ ସେ ସାଧନ କରେ ନାହିଁ, ଏଭଳି ପ୍ରଚାର ତ ନିଜ କାନକୁ ନିଜେ ମୋଡ଼ିବା । ଗୋଟିଏ ପୁଅ ସହିତ ଗୋଟିଏ ଝିଅର ବିବାହ ହେଲା । ଲୋକେ ଜାଣିଲେ ସେମାନେ ସ୍ୱାମୀ ସ୍ତ୍ରୀ, ଅଥଚ ସ୍ୱାମୀ ସ୍ତ୍ରୀର ଭରଣ ପୋଷଣ କଲା ନାହିଁ, ସ୍ତ୍ରୀ ମଧ୍ୟ ସ୍ୱାମୀକୁ ସେବା, ଆନୁଗତ୍ୟ ଦେଲା ନାହିଁ, ସ୍ୱାମୀ ଆଉ ଗୋଟିଏ ସ୍ତ୍ରୀ ନେଇ ରହିଲା, ସ୍ତ୍ରୀ ଆଉ ଜଣେ ପୁରୁଷକୁ ନେଇ ରହିଲା, - ଏଥିରେ ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ଦୃଢ଼ ହେବା ତ ଦୂରର କଥା , ସେ ସମ୍ବନ୍ଧ ବଜାୟ ରହିବା ବି ଅସମ୍ଭବ । ମନ୍ତ୍ର ଦେଇ ବି ଗୁରୁର ନିଷ୍କୃତି ନାହିଁ, ନିଜ ତପସ୍ୟା ଶକ୍ତି ଦ୍ୱାରା ତାଙ୍କୁ ଶିଷ୍ୟର କଲ୍ୟାଣ କରିବାକୁ ହେବ । ମନ୍ତ୍ର ନେଇ ବି ଶିଷ୍ୟର ତ୍ରାହି ନାହିଁ, ସେ ମନ୍ତ୍ରର ସାଧନ ତାକୁ କରିବାକୁ ହେବ, ଗୁରୁଗତ ପ୍ରାଣ ହୋଇ, ସଦ୍‌ଗୁରୁଙ୍କ ବାକ୍ୟକୁ ବେଦବାକ୍ୟ ଜ୍ଞାନ କରି ତତ୍‌କଥିତ କାର୍ଯ୍ୟ

ତାକୁ କରିବାକୁ ପଡ଼ିବ । ଏଇତକ ଯେଉଁଠି ହୁଏ ସେହିଠାରେ ହିଁ ଗୁରୁ-ଶିଷ୍ୟ ବୋଲି ପରିଚୟ ଦେବା ସାର୍ଥକ ହୁଏ ଓ ସେହିଠାରେ ହିଁ ଏ ସମ୍ବନ୍ଧ ତାର ଯଥାଯଥ ପ୍ରତିଷ୍ଠା ପାଏ ।

(ଶ୍ରାବଣ ୨୧, ୧୩୩୯)

ଉନ୍ମାର୍ଗଗାମୀ ଶିଷ୍ୟର ଗୁରୁ ହେବାର କ୍ଳେଶ

ଅନେକେ ଭାବନ୍ତି ଦୀକ୍ଷା ଦେଇଦେଲେ ଗୁରୁ ଖଲାସ । ଅନେକେ ମନେ କରନ୍ତି ଦୀକ୍ଷା ଦେବାବେଳେ ଗୁରୁ ତାଙ୍କର ଯାହା କିଛି ଦେବାକୁ ଥାଏ ସବୁ ଶିଷ୍ୟକୁ ଦେଇ ଦିଅନ୍ତି । ତାପରେ ତାଙ୍କର ଆଉ କିଛି ଦେବାର ନାହିଁ କି ଭାବିବାର ନାହିଁ । କଥାଟା ପ୍ରକୃତରେ ସତ ଯେ ଦୀକ୍ଷା ଦେବା ବେଳେ ଗୁରୁଙ୍କର ପୁଞ୍ଜିଭୂତ ଆଧ୍ୟାତ୍ମିକ ଶକ୍ତି ଇଷ୍ଟନାମ ଉଚ୍ଚାରଣ ସଙ୍ଗେ ସଙ୍ଗେ ଶିଷ୍ୟ ଭିତରେ ବଡ଼ କୌଶଳରେ ପ୍ରବେଶ କରେ । କିନ୍ତୁ ଶିଷ୍ୟର କଲ୍ୟାଣ ଅକଲ୍ୟାଣ ସେ ଅହର୍ନିଶ ପ୍ରତ୍ୟକ୍ଷ କରନ୍ତି । ବିପଥଗାମୀ ଶିଷ୍ୟ ପାଇଁ ତାଙ୍କର ଉଦ୍‌ବେଗର ଅବଧି ନାହିଁ କି ମନୋବେଦନାର ଅନ୍ତ ନାହିଁ । ମନୋଧର୍ମର ଅତୀତ ହୋଇ ମଧ୍ୟ ସେ ଶିଷ୍ୟକୁ ବିପଥରୁ ଫେରାଇ ଆଣିବା ଲାଗି ଯେ କାନ୍ଦି କାନ୍ଦି ଅଶ୍ରୁବର୍ଷଣ କରୁଛନ୍ତି ସେ କଥା କଣ ତୁମ୍ଭେମାନେ ଜାଣ ? କେତେ ଗୁରୁ ଶିଷ୍ୟର ଜୀବନରୁ ଉଚ୍ଛୃଙ୍ଖଳତା କାଳିମା ଦୂରକରିବା ଲାଗି ଯେ ପାଗଳ ପରି ରାସ୍ତା ଘାଟରେ ବୁଲୁଛନ୍ତି ସେ କଥା କଣ ତୁମ୍ଭେମାନେ ଜାଣ ? ଶିଷ୍ୟ ଜୀବନର ଶ୍ରେଷ୍ଠ ସମ୍ଭାବନାଗୁଡ଼ିକୁ ଧ୍ୱଂସୋନ୍ମୁଖ ଦେଖି କେତେ ଗୁରୁ ଯେ ହୃଦୟ ବିଦାରି ଶୋଣିତ ତର୍ପଣ କରୁଛନ୍ତି ସେ କଥା କଣ ତୁମ୍ଭେମାନେ ଜାଣ ? ଉନ୍ମାର୍ଗଗାମୀ ଶିଷ୍ୟ ଲାଗି ଗୁରୁଙ୍କୁ ଆହାର ଭୁଲିବାକୁ ହୁଏ, ନିଦ୍ରା ତ୍ୟାଗ କରିବାକୁ ହୁଏ । ବାବୁରେ, ଶିଷ୍ୟ ହେବାଟା ସହଜ କଥା ନୁହେଁ, ଗୁରୁ ହେବାଟା ବି ସାମାନ୍ୟ କଥା ନୁହେଁ ।

(ବୈଶାଖ ୮, ୧୩୩୮)

ଶିଷ୍ୟର ଅବାଧ୍ୟତା ଓ ଗୁରୁ

ଗୁରୁଦେବଙ୍କର ସାମାନ୍ୟ ଗୋଟାଏ ନିର୍ଦ୍ଦେଶ ତୁମ୍ଭେମାନେ ପାଳନ କରିପାରୁ ନାହଁ ତାହାହେଲେ କିପରି ଆଶା କରିବ ଯେ ଗୁରୁଦେବ ତୁମ୍ଭମାନଙ୍କ ପାଇଁ କୃପାର ଅନନ୍ତ ଭଣ୍ଡାର ଖୋଲି ଦେବେ ? ଅବଶ୍ୟ ଏ କଥା ସତ୍ୟ ଯେ ଶିଷ୍ୟର ଅବାଧ୍ୟତାରେ ଗୁରୁ ତା ଉପରେ ବିରକ୍ତ ହୁଅନ୍ତି ନାହିଁ । ପ୍ରଥମେ ସେ ମନେ ମନେ ବିଚାର କରନ୍ତି ଅବାଧ୍ୟ ହେବା ଲାଗି ସଙ୍ଗତ କାରଣ ହୁଏତ କିଛି ଅଛି ଏବଂ ସେ କାରଣଟି ଅନୁସନ୍ଧାନ କରି ତାହା ସେ ଦୂର କରି ଦିଅନ୍ତି । ତାପରେ ଯଦି ଶିଷ୍ୟ ଅବାଧ୍ୟ ହେବାର ଦେଖନ୍ତି, ତାହା ହେଲେ ସେ ଶିଷ୍ୟକୁ ସଦୁପଦେଶ ଦେଇ ସଂଶୋଧନ କରିବାକୁ ଚେଷ୍ଟା କରନ୍ତି । ତା ପରେ ବି ଯଦି ଶିଷ୍ୟ ଅବାଧ୍ୟ ହୁଏ, ତାହାଲେ ସେ ତାକୁ ଆଉ ଶିଷ୍ୟ ବୋଲି ମନେ ନ କରି ଖେଳର ସାଥୀ ବୋଲି ମନେ କରନ୍ତି । ଖେଳ-ସାଥୀ ଯଦି ବୋକାମୀ କରେ ସେଥିପାଇଁ କେହି କଣ ତା ଉପରେ ରାଗିପାରେ ?

(ବୈଶାଖ ୮, ୧୩୪୧)

ସ୍ୱାଧୀନତା ହିଁ ଭାରତୀୟ ଧର୍ମର ଶିକ୍ଷା

ପ୍ରତ୍ୟେକ ତରୁଣ ତରୁଣୀଙ୍କ କାନରେ ଓ ପ୍ରାଣରେ ଗୋଟିଏ ମାତ୍ର ମନ୍ତ୍ର ପ୍ରତିଧ୍ୱନିତ କର । ତାହା ହେଉଛି "ସ୍ୱାଧୀନତା" । ଆଜି ପ୍ରତ୍ୟେକେ ସ୍ୱ-କୁ ଚିହ୍ନନ୍ତୁ ଓ ଚିହ୍ନି ତାରି ଇଚ୍ଛାର ଅଧୀନ ହୁଅନ୍ତୁ, ଲାଳସା, ବାସନା, ଖିଆଲ, କଳ୍ପନା, ଜଳ୍ପନାର ଅଧୀନତା ନୁହେଁ, ସ୍ୱ-ର ଅଧୀନତା ପ୍ରତ୍ୟେକେ ସ୍ୱୀକାର କରନ୍ତୁ । ସବୁ ପରତନ୍ତ୍ରତା ତାର ଆଜି ବିଦୂରିତ ହେଉ, ସେ ହେଉ ସ୍ୱତନ୍ତ୍ର । ସେ ସ୍ୱକୁ ଚିହ୍ନୁ ଓ ଧର୍ମ, ପରିତ୍ୟାଗ କରି ସେ ତାର ସ୍ୱ-ଧର୍ମକୁ ଆଶ୍ରୟ କରୁ ।

ଭାରତର ଧର୍ମ, ସ୍ୱାଧୀନତା ଶିକ୍ଷା ଦେଇଛି, - ସେହି ସରଳ, ସହଜ ସାଦା କଥାଟାକୁ ଜଟିଳ, କୁଟିଳ ଓ ଗ୍ରନ୍ଥିଳ କରିବା କାର୍ଯ୍ୟରେ ଆମେ ଆମର ବୁଦ୍ଧିର ପ୍ରାଚୁର୍ଯ୍ୟକୁ ବିନିଯୋଗ କରି ଆସିଛୁ । ବ୍ୟକ୍ତିଗତ ଭାବରେ ଏହା ଆମ୍ଭମାନଙ୍କ ପକ୍ଷରେ ବେଦନାଦାୟକ ଓ ଜାତିଗତ ଭାବରେ ଦୁର୍ଭାଗ୍ୟଜନକ ।

(ଚୈତ୍ର ୧୯, ୧୩୪୦)

ଗୁରୁଗିରି ଓ ସ୍ୱାଧୀନତା

ମନୁଷ୍ୟର ସ୍ୱାଧୀନତାକୁ ଯେଉଁମାନେ ସମ୍ମାନ ନ ଦିଅନ୍ତି ସେମାନଙ୍କ ପାଦ ତଳେ ମସ୍ତକ ଅବନତ କରିବା ଏକ ବିଡ଼ମ୍ବନା ଓ ସେମାନଙ୍କୁ ଆଚାର୍ଯ୍ୟ ବୋଲି ଗ୍ରହଣ କରିବା ଏକ ବିଷମ ଅଶାନ୍ତି । ମନୁଷ୍ୟ ସର୍ବପ୍ରଥମେ ସ୍ୱାଧୀନ ମନୁଷ୍ୟ, ତାପରେ ସେ ଗୁରୁର ଶିଷ୍ୟ । ଯେ ତୁମ ସ୍ୱାଧୀନ ରୁଚିର ମର୍ଯ୍ୟାଦା ରକ୍ଷା କରି ପରମାର୍ଥ-ପଥ ଦେଖାଇ ନ ପାରିବେ, ତାଙ୍କୁ ଦୂରରୁ ଜୁହାର କରି ଚାଲି ଆସିବ, ତାଙ୍କର ଶାସନକୁ ଜୀବନ ଉପରେ ସବାର ହେବାକୁ ଦେବ ନାହିଁ । ସବୁ ରୋଗୀଙ୍କ ପାଇଁ ଯେ ଟିଂଚର ଆୟୋଡ଼ିନ ବ୍ୟବସ୍ଥା କରେ, ସେ କଦାପି ସୁଚିକିତ୍ସକ ନୁହେଁ ବୋଲି ଜାଣ । ଲୋକେ ବରଂ ବିନା ଚିକିତ୍ସାରେ ମରନ୍ତୁ କିନ୍ତୁ ଅନାଡ଼ି ବୈଦ୍ୟଙ୍କ ଠାରୁ ଔଷଧ ନ ନିଅନ୍ତୁ । ଟିକିଏ ଆଖି ଖୋଲି ଦେଖ, ଆଜି ଧର୍ମଜଗତ କେଉଁଠି ଯାଇ ପହଞ୍ଚିଲାଣି ? ଧର୍ମ ପ୍ରଚାରକ ଓ ଉପଦେଷ୍ଟାମାନେ ଚାହାନ୍ତି ଦୁନିଆର ସବୁ ଲୋକଙ୍କୁ ଅନ୍ଧ ରଖି ନିଜର ଖିଆଲ ମୁତାବକ ପରିଚାଳନା କରିବେ । କେହି ନିଜର ଶିଷ୍ୟକୁ ସ୍ୱାଧୀନତା ଦେବାକୁ ପ୍ରସ୍ତୁତ ନୁହଁନ୍ତି, ସମସ୍ତେ ଚାହାନ୍ତି ଦଳେ ଅନ୍ଧଙ୍କୁ ଗୋଡ଼ାଣିଆ କରି ରଖିବେ ।

(ଭାଦ୍ର ୧୩, ୧୩୩୪)

ଶିଷ୍ୟର ସ୍ୱାଧୀନତା ଓ ଗୁରୁ

ତୁମ୍ଭମାନଙ୍କ ମଧ୍ୟରୁ ଯେ କୌଣସି ଲୋକର ଯେ କୌଣସି କର୍ମପାଶ ଛିନ୍ନ କରିଦେବା ଶକ୍ତି ମୋର ଅଛି । କିନ୍ତୁ ମୁଁ କାହାରି ରୁଚି-ପ୍ରକୃତି ବିରୁଦ୍ଧରେ ନିଜର ପ୍ରଭାବ ବା ପ୍ରଭୁତ୍ୱକୁ ପରିଚାଳିତ କରିବାକୁ ଇଚ୍ଛୁକ ନୁହେଁ । ମୁଁ ମନେ ମନେ ଯାହା ସମ୍ବନ୍ଧରେ ଯେଉଁ ଇଚ୍ଛା ପୋଷଣ କରୁଅଛି, ସ୍ୱେଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ତୁମ୍ଭେମାନେ ବାଧ୍ୟ ହୋଇ ତାହା କରିବ ହିଁ କରିବ । କିନ୍ତୁ ଯେ ପର୍ଯ୍ୟନ୍ତ ମୋର ସଂଗୁପ୍ତ ଇଚ୍ଛା ସହିତ ତୁମ୍ଭମାନଙ୍କର ପ୍ରକାଶ୍ୟ କର୍ମୋଦ୍ୟମର ଐକ୍ୟ ମୁଁ ଦେଖି ନ ପାରିଛି, ସେ ପର୍ଯ୍ୟନ୍ତ ମୋର ଇଚ୍ଛା, ମୋ ଅନ୍ତରରେ ନିଭୃତ ଭାବରେ ରହି ତୁମ୍ଭମାନଙ୍କ ଉପରେ ସୂକ୍ଷ୍ମ କ୍ରିୟା ବିସ୍ତାର କରି ଚାଲିଥିବ, ଯଦିଓ ମୁଁ ପ୍ରକାଶ୍ୟ ଭାବରେ କୌଣସି ଆଦେଶ ଦେଇ ତୁମ୍ଭମାନଙ୍କର ଲୌକିକ ସ୍ୱାଧୀନତାର ସମ୍ମାନ କଦାପି କ୍ଷୁର୍ଣ୍ଣ କରିବି ନାହିଁ ।

ବର୍ତ୍ତମାନର କର୍ମଧାରା ପରିତ୍ୟାଗ କରିବା ତୁମ ପକ୍ଷରେ କଷ୍ଟକର । କାରଣ ଏକ ଦିଗରେ ଚିନ୍ତା ଶକ୍ତିର ଜଡ଼ତା ଓ ଅନ୍ୟ ଦିଗରେ ପ୍ରତିଷ୍ଠା ଲୋପର ଆଶଙ୍କା ବିଦ୍ୟମାନ । ଦାୟିତ୍ୱଜ୍ଞାନ ନାମକ କିଛି ଗୋଟାଏ ବସ୍ତୁ ତ ଅଛି । କିନ୍ତୁ ତୁମର ପ୍ରକୃତ ସଂକଟ ଯାହା କିଛି ହୋଇଥାଉ ପଛକେ, ମୁଁ ଇଚ୍ଛା କଲେ ତୁମକୁ ସବୁ ସଂକଟରୁ ଉଦ୍ଧାର କରି ମୋ ପାଖକୁ ଟାଣି ଆଣି ପାରିବି । କିନ୍ତୁ ମୁଁ ଆଣିବି କି ନାହିଁ, ତାହା ମୋ ଉପରେ ନିର୍ଭର କରିବ ନାହିଁ - କରିବ ତୁମ ନିଜ ଉପରେ ।

(କାର୍ତ୍ତିକ ୧୬, ୧୩୩୮)

ଗୁରୁ-ଶିଷ୍ୟର ଅଧୀନତା ଓ ସ୍ୱାଧୀନତା

ଗୁରୁ ଶିଷ୍ୟର ଅଧୀନ, ଶିଷ୍ୟ ବି ଗୁରୁଙ୍କର ଅଧୀନ - ଏହା ସନାତନ ସତ୍ୟ । କିନ୍ତୁ କେତେ ମାତ୍ରାରେ ଅଧୀନ ? ଜଣେ ଅନ୍ୟ ଜଣଙ୍କର ଯେତିକି ଅଧୀନ, ଅନ୍ୟ ଜଣକ ତା'ର ସେତିକି ଅଧୀନ । ଗୁରୁ ଶିଷ୍ୟ ସମ୍ପର୍କ ମୂଳତଃ ଆଧ୍ୟାତ୍ମିକ । ବିଶେଷତଃ ଅଧିକାଂଶ ଗୁରୁ ଏ ପର୍ଯ୍ୟନ୍ତ କର୍ମଯୋଗରେ ଝାମ୍ପ ଦେଇ ନ ଥିବାରୁ ଓ ଯେଉଁମାନେ କର୍ମଯୋଗ ମାର୍ଗରେ ଯାଇଛନ୍ତି, ସେମାନେ ନିଜ ନିଜ ଶିଷ୍ୟମାନଙ୍କ ଠାରୁ implict obedience (ଦ୍ୱିଧାହୀନ ଆନୁଗତ୍ୟ) ଆଦାୟ କରି ପାରିଥିବାରୁ ଗୁରୁଶିଷ୍ୟଙ୍କ ମଧ୍ୟରେ ଅଧୀନତା ଓ ସ୍ୱାଧୀନତା ସମ୍ପର୍କରେ କୌଣସି ପ୍ରଶ୍ନ ଏ ପର୍ଯ୍ୟନ୍ତ ଉଠିନାହିଁ । କିନ୍ତୁ ତର୍ଜନୀ ନିର୍ଦ୍ଦେଶରେ କାହାରି ବ୍ୟକ୍ତିଗତ ବିଚାରବୁଦ୍ଧିକୁ ପଙ୍ଗୁ କରି ଦେବାଟା ମୋର ଆଦର୍ଶ ବିରୋଧୀ ବୋଲି ମୁଁ କେବେ ତୁମ୍ଭମାନଙ୍କର ବଶ୍ୟତା ଦାବୀ କରି ନାହିଁ ଓ ନିଜ ନିଜର ରୁଚି, ଶକ୍ତି ଓ ପ୍ରତିଭା ଅନୁଯାୟୀ କର୍ମ କରି ଯିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ମୁଁ ତୁମମାନଙ୍କୁ ଦେଇଛି । ମୋର ନିର୍ଦ୍ଦିଷ୍ଟ କର୍ମଧାରା ସଙ୍ଗେ ଜୋର କରି ତୁମ୍ଭମାନଙ୍କୁ ବାନ୍ଧିରଖିବା ପାଇଁ ମୁଁ କେବେ ଚେଷ୍ଟା କରି ନାହିଁ । କାରଣ ମୁଁ ଜାଣେ, ଯେଉଁମାନେ କର୍ମ ଜୀବନରେ ମୋତେ ଅନୁସରଣ କରିବେ, ସେମାନେ କୌଣସି ପ୍ରକାର ଡାକହାକ ଫଳରେ ଆସିବେ ନାହିଁ, ଅନ୍ତରର ପ୍ରେରଣାରେ ନିଜର ସର୍ବସ୍ୱ ଓଜାଡ଼ି ଦେବା ପାଇଁ ଧାଇଁ ଆସିବେ । ଶିଷ୍ୟକୁ ସାଧନ ଦେଇ ମଧ୍ୟ ଗୁରୁ ଯେଉଁଠି ଶିଷ୍ୟକୁ କର୍ମ ଜୀବନରେ ସ୍ୱାଧୀନତା ଦିଅନ୍ତି, ସେଠାରେ ବୁଝିବାକୁ ହେବ ଯେ, ସେ ନିଜେ ମଧ୍ୟ ଶିଷ୍ୟର interference (ହସ୍ତକ୍ଷେପ) ଚାହାନ୍ତି ନାହିଁ ।

ତ୍ୟାଗୀ ଶୀଷ୍ୟର ବିଷୟୀ ଗୁରୁ

ସାଂସାରିକ ଜଞ୍ଜାଳରେ ଯେ ବ୍ୟସ୍ତ, ତ୍ୟାଗ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଯଦି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରେ ତେବେ ସେ ବଡ଼ ବିପଦରେ ପଡ଼େ । ସେ ବିପଦ ହେଉଛି ସଂଶୟ । ଗୁରୁ ବାକ୍ୟରେ ନିଃସଂଶୟିତ ବୁଦ୍ଧି ନ ଥିଲେ ସାଧାରଣ ଲୋକ ପକ୍ଷରେ ସାଧନ ପଥରେ ଅଗ୍ରସର ହେବା ବଡ଼ କଷ୍ଟକର । ବିଷୟୀ ଗୁରୁଙ୍କ ଜୀବନରେ ନାନା ଅସାମଞ୍ଜସ୍ୟ ଦେଖି ତ୍ୟାଗେଚ୍ଛୁ ଶିଷ୍ୟ ବିଷମ ସଂଶୟରେ ପଡ଼େ ତଦ୍ୱାରା ତାର ଅନେକ ସମୟରେ ଘୋର କ୍ଷତି ବି ହୁଏ । ତେବେ ଯେଉଁମାନେ ଏକାନ୍ତ ସାଧନ-ବିଶ୍ୱାସୀ, ସେମାନଙ୍କ କଥା ଅଲଗା । ସେମାନେ ଗୁରୁଙ୍କ ଠାରୁ ସାଧନ ପାଇ ସେହି ସାଧନକୁ ହିଁ ଗୁରୁ ବୋଲି ମନେ କରନ୍ତି ଓ ଏକାନ୍ତ ମନରେ ସାଧନ କରିବାକୁ ଲାଗନ୍ତି, ଆଉ ଗୁରୁଙ୍କ ଆଡ଼କୁ ଫେରି ଚାହାନ୍ତି ନାହିଁ । ସାଧନ ପାଇବା ପରେ ଗୁରୁଙ୍କ ସହିତ ଏମାନଙ୍କର ଆଉ ବିଶେଷ ସମ୍ପର୍କ କିଛି ନ ଥାଏ । ସାଧନଦାତାଙ୍କ ଅପେକ୍ଷା ଏମାନେ ସାଧନକୁ ହିଁ ବଡ଼ ମନେ କରନ୍ତି ଓ ସାଧନଦାତାଙ୍କ ଜୀବନରେ କେଉଁଠି କ'ଣ ଅସମ୍ପୂର୍ଣ୍ଣତା ରହିଛି ତାକୁ ଅଗ୍ରାହ୍ୟ କରନ୍ତି । ସାଧନ ହିଁ ପ୍ରକୃତ ଗୁରୁ, ସାଧନ ହିଁ ବ୍ରହ୍ମ, ସାଧନ କରିବା ହିଁ ବ୍ରହ୍ମସେବା, ଏହାହିଁ ଏମାନଙ୍କ ଧାରଣା । ଦୀକ୍ଷାଦାତା ମଦ୍ୟପ ହୁଅନ୍ତୁ ବା ଲମ୍ପଟ ହୁଅନ୍ତୁ, ସେଥିରେ ଏ ସବୁ ଭାଗ୍ୟବାନ ବ୍ୟକ୍ତିଙ୍କର କିଛି ଆସେ ଯାଏ ନାହିଁ । କିନ୍ତୁ ଯେଉଁମାନେ ସେତେ ଟାଣ ନୁହନ୍ତି, ସେମାନେ ଯା'ଚ୍ଛାତା ଲୋକର ଶିଷ୍ୟତ୍ୱ ସ୍ୱୀକାର କରିବା ବଡ଼ ଭୟଙ୍କର କଥା ।

ବିଷୟୀ ଗୁରୁର ତ୍ୟାଗୀ ଶିଷ୍ୟ

ବିଷୟୀ ଗୁରୁଙ୍କର ତ୍ୟାଗୀ ଶିଷ୍ୟ ଥିବାଟା ଶିଷ୍ୟ ପକ୍ଷରେ ଅସୁବିଧା ଜନକ ହେଲେ ହେଁ ଗୁରୁଙ୍କ ପକ୍ଷରେ ଲାଭଜନକ । ଶିଷ୍ୟର ତ୍ୟାଗୋନ୍ମୁଖ

ଜୀବନର ପ୍ରଭାବ ଗୁରୁଙ୍କୁ ନିର୍ବିଷୟୀ ହେବାକୁ ପ୍ରେରଣା ଦିଏ । ଗୁରୁଙ୍କ ପାଖରୁ ଯେପରି ଶିଷ୍ୟର ଲଭ୍ୟ ଅଛି, ଶିଷ୍ୟ ପାଖରୁ ମଧ୍ୟ ସେହିପରି ଗୁରୁଙ୍କର ଲଭ୍ୟ ଅଛି । ସେ ଦିଗରୁ ବିଷୟୀ ଗୁରୁଙ୍କର ତ୍ୟାଗୀ ଶିଷ୍ୟ ଥିବାଟା ଗୁରୁଙ୍କ ପକ୍ଷରେ ଆଧ୍ୟାତ୍ମ-ସମ୍ପଦ-ବର୍ଦ୍ଧକ । ଗୁରୁଗିରି ଯେଉଁଠି ଗୋଟାଏ ବ୍ୟବସାୟ, ଏକ ଆର୍ଥିକ ଆୟର ପନ୍ଥା, ସେଠା କଥା ଛାଡ଼, କିନ୍ତୁ ଯେଉଁଠି ପଥ ନିର୍ଦ୍ଦେଶହୀନ ପଥିକର ହିତାର୍ଥେ ହିଁ ଦୀକ୍ଷାଦାନ ଓ ସାଧନ-କୌଶଳାଦି ଶିକ୍ଷାପ୍ରଦାନ ଗୁରୁଙ୍କର ଲକ୍ଷ୍ୟ, ସେଠାରେ ବିଷୟୀ ଗୁରୁ ତ୍ୟାଗବୁଦ୍ଧି ସମ୍ପନ୍ନ ସୁପାତ୍ରକୁ ଉପଦେଶ ଦେବାକୁ ଯାଇ ନିଜେ ମଧ୍ୟ କ୍ରମଶଃ ତ୍ୟାଗବୁଦ୍ଧି ପ୍ରତି ପ୍ରାଣର ଅନୁରାଗ ଉପଲବ୍ଧି କରନ୍ତି । ଅବସ୍ଥାଚକ୍ରରେ ବାହ୍ୟ ତ୍ୟାଗ ତାଙ୍କ ପକ୍ଷରେ ଅସମ୍ଭବ ହେଲେ ହେଁ, ଆଭ୍ୟନ୍ତରୀଣ ତ୍ୟାଗର ଆନୁକୂଲ୍ୟ ସୃଷ୍ଟି ହେବାକୁ ଲାଗେ ଯାହାକି ବିଷୟୀ ଗୁରୁ ପକ୍ଷରେ ଏକ ମସ୍ତବଡ଼ ଲାଭ ।

ତ୍ୟାଗୀ ଗୁରୁର ବିଷୟୀ ଶିଷ୍ୟ

ତ୍ୟାଗୀ ଗୁରୁଙ୍କର ବିଷୟୀ ଶିଷ୍ୟ ଥିବା କିଛି କମ ବିପଦର କଥା ନୁହେଁ । ଯେ ଯାହାର ସଙ୍ଗ କରେ, ସେ ତାର ଦୋଷଗୁଣ ପାଏ । ବିଷୟୀ ଶିଷ୍ୟ ତ୍ୟାଗୀ ଗୁରୁଙ୍କର ସଙ୍ଗ ଲାଭ କରି ତ୍ୟାଗ ପ୍ରତି ଆକୃଷ୍ଟ ହୁଏ । ତ୍ୟାଗୀ ଗୁରୁ ବିଷୟୀ ଶିଷ୍ୟର ସଙ୍ଗ ଗୁଣରୁ ବିଷୟ ପ୍ରତି ଆକୃଷ୍ଟ ହୁଅନ୍ତି । ଏହି କାରଣରୁ ବହୁ ତ୍ୟାଗୀ ଗୃହୀମାନଙ୍କୁ ଧରାଛୁଆଁ ଦିଅନ୍ତି ନାହିଁ । କିନ୍ତୁ ଯାହାର ତ୍ୟାଗ ପୂରାପୂରି ପକ୍କା, ସଙ୍ଗଦୋଷରୁ ତାର ବିକାର ବା ପରିବର୍ତ୍ତନ ଆସେ ନାହିଁ । ତଥାପି ଉନ୍ନତିର ତ ଅନ୍ତ ନାହିଁ, ଯେ ଯେତେ ଅଗ୍ରସର ହୁଅନ୍ତୁ ପଛକେ ଆହୁରି ଆଗକୁ ତାଙ୍କୁ ଯିବାକୁ ହେବ, ଯେ ଯେତେ ଉଚ୍ଚ ଉପଲବ୍ଧିର ଅଧିକାର ହୁଅନ୍ତୁ ପଛକେ, ତାଙ୍କର ଆହୁରି ଉପଲବ୍ଧିର ପ୍ରୟୋଜନ ଅଛି । ଅମୃତତତ୍ତ୍ୱର ଭଣ୍ଡାର

ଅକ୍ଷୟ, ଗୋଟିଏ ଜିଭରେ ଚାଟି ଚାଟି କିଏ ତାକୁ ଶେଷ କରିପାରିବ ? ତେଣୁ କୌଣସି ତ୍ୟାଗୀ ନିଜକୁ ପୂର୍ଣ୍ଣ ତ୍ୟାଗୀ ବୋଲି ମନେ କରିବା ଉଚିତ୍ ନୁହେଁ । ଅତଏବ ଜୀବର ହିତକଳ୍ପେ କାହାକୁ ଦୀକ୍ଷା ଦେଲେ ମଧ୍ୟ ସର୍ବତ୍ୟାଗୀ ନିଜ ଭିତରେ "ଗୁରୁ ଅଭିମାନ" ରଖିଲେ ଚଳିବ ନାହିଁ । ଶିଷ୍ୟର ପାପ, ତାପ ଗୁରୁ ପାଆନ୍ତି । ନିଜ ଭିତରେ "ଗୁରୁ-ଅଭିମାନ" ନ ରହିଲେ ସବୁ ପାପ-ତାପ ଜଗଦ୍‌ଗୁରୁ ପରଂବ୍ରହ୍ମଠାରେ ଯାଇ ଲୀନ ହୋଇଯାଏ, ଦୀକ୍ଷାଦାତାଙ୍କୁ ସ୍ପର୍ଶ କରେ ନାହିଁ ।

(ଜ୍ୟେଷ୍ଠ ୪, ୧୩୩୪)

ଗୃହୀ ଶିଷ୍ୟ ପକ୍ଷରେ ସନ୍ୟାସୀ ଗୁରୁ

ଗୃହୀ ପକ୍ଷରେ ସନ୍ୟାସୀ ଗୁରୁଙ୍କ ଠାରୁ ଦୀକ୍ଷା ନେବା କଣ ଅବିଧି ? ସନ୍ୟାସୀ ଗୁରୁଙ୍କ ପକ୍ଷରେ ଗୃହୀକୁ ଦୀକ୍ଷା ଦେବା କ'ଣ ଦୋଷାବହ ? "ଆଶ୍ରମୀ" ଗୁରୁଙ୍କ ଠାରୁ ଦୀକ୍ଷା ନେବ ବୋଲି ଗୋଟିଏ କଥା ଅଛି । "ଆଶ୍ରମୀ" ବୋଇଲେ କେହି କେହି "ଗୃହସ୍ଥାଶ୍ରମୀ" ବୋଲି ବୁଝନ୍ତି । ସେମାନଙ୍କର ଯୁକ୍ତି ହେଉଛି, ସର୍ବାଶ୍ରମ-ପରିତ୍ୟାଗୀ ହିଁ ହେଉଛନ୍ତି ସନ୍ୟାସୀ । ତେଣୁ ସନ୍ୟାସୀଙ୍କୁ "ଆଶ୍ରମୀ" କୁହାଯାଇ ନ ପାରେ । ଆଉ କେହି କେହି "ଆଶ୍ରମୀ' ବୋଇଲେ ବ୍ରହ୍ମଚର୍ଯ୍ୟ, ଗ୍ରାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଯତିବ୍ରତ, ଏହି ଆଶ୍ରମ-ଚତୁଷ୍ଟୟ ମଧ୍ୟରୁ ଯେ କୌଣସି ଆଶ୍ରମର ମର୍ଯ୍ୟାଦା-ରକ୍ଷାକାରୀ ବୋଲି ବୁଝନ୍ତି । ସେମାନଙ୍କ ମତରେ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥୀ ବା ସନ୍ୟାସୀ, ଏମାନଙ୍କ ମଧ୍ୟରୁ ଯେ କେହି ଉପଯୁକ୍ତ ହେଲେ ଶିଷ୍ୟକୁ ଦୀକ୍ଷା ଦେଇ ପାରନ୍ତି । ଗୁରୁଙ୍କର ପ୍ରୟୋଜନ ଗୁରୁତ୍ୱ, ଶିଷ୍ୟର ପ୍ରୟୋଜନ ପ୍ରପନ୍ନ ହେବା- ଏ ଦୁଇଟି ସବୁଠାରୁ ବଡ଼ କଥା । କିଏ ଗୃହୀ ଆଉ କିଏ ସନ୍ୟାସୀ, ସେ ପ୍ରଶ୍ନ ତା ପରେ ।

ଶୁକଦେବ ତ୍ୟାଗୀ, କିନ୍ତୁ ଗୃହୀ ଜନକ ତାଙ୍କର ଉପଦେଷ୍ଟା । ଆଉ ରାଷ୍ଟ୍ରପତି ଶିବାଜୀ ଗୃହୀ, ଅଥଚ ସନ୍ୟାସୀ ରାମଦାସ ସ୍ୱାମୀ ତାଙ୍କର ଗୁରୁ । ତେବେ ସନ୍ୟାସୀ ଶଙ୍କରାଚାର୍ଯ୍ୟ ଗୃହୀ ମଣ୍ଡନ ମିଶ୍ରଙ୍କ ଶିଷ୍ୟତ୍ୱ ଗ୍ରହଣ କଲାପରେ ଆଉ ତାଙ୍କୁ ଗୃହୀ ଭାବରେ ରହିବାକୁ ଦେଇନଥିଲେ, ସନ୍ୟାସୀ କରି ନେଇ ଯାଇଥିଲେ । ସନ୍ୟାସୀ କେଶବ ଭାରତୀଙ୍କ ଶିଷ୍ୟ ଶ୍ରୀଚୈତନ୍ୟ ସଂସାର ତ୍ୟାଗ କରିଥିଲେ । ଏ ସବୁ ଦେଖିଲା ପରେ ସନ୍ୟାସୀଙ୍କର ଶିଷ୍ୟ ହେବାକୁ ଗୃହୀ ଭୟ କରିବା ସ୍ୱାଭାବିକ । କିନ୍ତୁ ସନ୍ୟାସୀ ବିବେକାନନ୍ଦଙ୍କର ସନ୍ୟାସ ପ୍ରତି ଅପରିସୀମ ପକ୍ଷପାତ ଥିବା ସତ୍ତ୍ୱେ ବି ତାଙ୍କର ଗୃହୀ ଶିଷ୍ୟ ମଧ୍ୟ ଥିଲେ । ସନ୍ୟାସୀ ଭୋଳାଗିରୀ ହଜାର ହଜାର ଗୃହୀଙ୍କୁ ଦୀକ୍ଷା ନେଇ ଧର୍ମାଶ୍ରୟୀ କରିଥିଲେ । ତେଣୁ ଗୃହୀମାନେ ଭୟ କରିବାର କିଛି ନାହିଁ । କିନ୍ତୁ ଅନେକଙ୍କ ଦୃଷ୍ଟିରେ ଗୁରୁଦେବ ହେଉଛନ୍ତି ହଳଦୀଗୁଣ୍ଡ । ହଳଦୀଗୁଣ୍ଡ ଯେପରି ସବୁ ତରକାରୀରେ ଲାଗେ, ଗୁରୁଦେବଙ୍କୁ ମଧ୍ୟ ସେହିପରି ସବୁ କାମରେ ଲଗାଯାଇପାରେ । ପାଞ୍ଜି ଦେଖି ଗୃହ ପ୍ରବେଶ, ଧାନ୍ୟରୋପଣ, ଶସ୍ୟକର୍ତ୍ତନ, ଦ୍ୱିରାଗମନ, ସାଧଭକ୍ଷଣ, ବିଦେଶ ଗମନର ଦିନ-କ୍ଷଣ-ଲଗ୍ନ ସେ କହିଦେବେ, ବର୍ଷ ଶେଷରେ ସାଲତମାମିର ହିସାବପତ୍ର ସେ ତନଖି କରି ଦେଖିବେ ଯେ ଶିଷ୍ୟର କେଉଁ ପ୍ରଜା ଖଜଣା ଦେଇ ନାହିଁ କେଉଁ ଖାତକ ଏ ପର୍ଯ୍ୟନ୍ତ ସୁଧ ପୈଠ କରି ନାହିଁ, ଶିଷ୍ୟର କନ୍ୟା ପାଇଁ ବର ଖୋଜିବା, ଶିଷ୍ୟର ପୁଅ ପାଇଁ ପ୍ରାଇଭେଟ ଟିଉଟର ଯୋଗାଡ଼ କରିବା, ଶିଷ୍ୟର ଗୁହାଳକୁ ଗୋଟିଏ ଭଲ ଦୁଧିଆଳି ଗାଇ ଆଣିଦେବା ଇତ୍ୟାଦି କାମ ସବୁ ତାଙ୍କର । ବହୁ ହତଭାଗ୍ୟ ବ୍ୟକ୍ତି ବିବାହ କରି ଶ୍ୱଶୁର ଘରେ ଯେପରି ଘର-ଯୋଇଁ ହୋଇ ରହନ୍ତି, ଏ ସବୁ ଗୁରୁ ମାନେ ସେହିପରି ମନ୍ତ୍ର ଦେଇ ଶିଷ୍ୟ ଘରେ ପୋଷ୍ୟ ହୋଇ ରହନ୍ତି । ଗୁରୁଦେବଙ୍କ ସମ୍ବନ୍ଧରେ ଯେଉଁମାନଙ୍କର ଧାରଣା ଏଭଳି ବିକୃତ, ସେମାନଙ୍କ ପକ୍ଷରେ ଗୃହସ୍ଥଗୁରୁ ଛଡ଼ା ଅନ୍ୟ ଗୁରୁଙ୍କ ଛାଇ ଠାରୁ ଏକ ଯୋଜନ ଦୂରରେ ରହିବା ବରଂ ଭଲ ।

(ଜ୍ୟେଷ୍ଠ ୩, ୧୩୪୧)

ଗୃହୀ ଶିଷ୍ୟ ପ୍ରତି ଗୁରୁର କର୍ତ୍ତବ୍ୟ

ସର୍ବାବସ୍ଥାରେ ଶିଷ୍ୟର ସଂଯମ ଅନୁରାଗ ଓ ସଂଯମ-ଶକ୍ତିକୁ ପ୍ରବର୍ଦ୍ଧିତ କରିବାକୁ ଚେଷ୍ଟା କରିବା ଓ ସ୍ତ୍ରୀ ପୁରୁଷର ପାରସ୍ପରିକ ଆସକ୍ତିକୁ କମାଇ ଦେଇ ଉଭୟଙ୍କୁ ଭଗବତ୍ ସେବାରେ ନିୟୋଜିତ କରାଇବା ଗୁରୁଙ୍କର କର୍ତ୍ତବ୍ୟ । ଶିଷ୍ୟକୁ ସ୍ତ୍ରୈଣ ଓ ଶିଷ୍ୟାକୁ କାମୁକୀ ହେବାକୁ ସେ ପ୍ରଶ୍ରୟ ଦେଇ ନ ପାରନ୍ତି । ତାଙ୍କ ନିଜର ଶୁଦ୍ଧ ଜୀବନ ଓ ପବିତ୍ର ଆଚରଣ ବିନା ଉପଦେଶରେ ଶିଷ୍ୟ-ଶିଷ୍ୟାଙ୍କ ଜୀବନରେ ତ୍ୟାଗ ଓ ପବିତ୍ରତାକୁ ପ୍ରତିଷ୍ଠିତ କରିବ- ଏହାହିଁ ତ ତାଙ୍କର ସବୁଠାରୁ ବଡ଼ କୃତିତ୍ୱ । ତା ପରେ ପ୍ରୟୋଜନ ଦେଖି ସେ ଉପଦେଶ ମଧ୍ୟ ଦେବେ । ଯେଉଁଠି କୌଶଳ ଜଣା ନଥିବାରୁ ଶିଷ୍ୟ ଗୁରୁଙ୍କ ଉପଦେଶକୁ ନିଜ ଜୀବନରେ ପ୍ରତିଫଳିତ କରିବାକୁ ଅକ୍ଷମ, ସେଠାରେ ସେ କୌଶଳ-ବିଶେଷର ଇଙ୍ଗିତ ଦେବେ । ମହାପୁରୁଷଙ୍କର ସ୍ନେହାଶ୍ରୟ ପାଇ ମଧ୍ୟ ସଂସାରରୁ ଲାମ୍ପଟ୍ୟ ଓ କଦାଚାର ଯଦି ନ କମିଲା, ତାହା ହେଲେ ମହାପୁରୁଷଙ୍କର ଶିଷ୍ୟ-ସେବାବ୍ରତ ଗ୍ରହଣ ସାର୍ଥକତା କେଉଁଠି ?

(ଶ୍ରାବଣ ୧୦, ୧୩୩୯)

ମନ୍ତ୍ର ନେଲେ କ'ଣ ଶିଷ୍ୟ ହୁଅନ୍ତି ?

ମନ୍ତ୍ରଟିଏ ଦେଇ ଦେଲେ ଶିଷ୍ୟ ତ ହୋଇଯାନ୍ତି, କିନ୍ତୁ ତଦ୍ୱାରା ଦୁର୍ବଳଚେତା ବ୍ୟକ୍ତି ଉପରେ ବିଶେଷ ଅତ୍ୟାଚାର କରାହୁଏ । ଏଠାରୁ ଅଳ୍ପ-କେତେ ମାଇଲ ଦୂରରେ ଦୁଇ ଭାଇ ଅଛନ୍ତି । ସେମାନେ ଜମିଦାର । ତାଙ୍କ ଘରକୁ - ଜଣେ ସାଧୁ କିଛି ଗୋଟାଏ ଉପଲକ୍ଷ୍ୟ ନେଇ ଗଲେ । କୁହା ନାହିଁ, ବୋଲା ନାହିଁ,

ଦୁଇଟି ପୃଥକ ବାହାନା ଦେଖାଇ ମନ୍ତ୍ର ଗ୍ରହଣରେ ଅନିଚ୍ଛୁକ ସେ ଦୁଇ ଭାଇଙ୍କୁ ସେ ବଡ଼ କୌଶଳରେ ଦୁଇଟି ମନ୍ତ୍ର ଦେଇଦେଲେ ଓ ତା'ପରେ କହିଲେ ଯେ ସେମାନଙ୍କର ଦୀକ୍ଷା ହୋଇଗଲା । ସାନ ଭାଇର ମନ ଟିକିଏ ଟାଣ । ସେ ସଙ୍ଗେ ସଙ୍ଗେ କହିଦେଲା- "ଆପଣ ମନ୍ତ୍ର ଦେଲେ ସତ, କିନ୍ତୁ ମୁଁ ତାହା ଗ୍ରହଣ କରିନାହିଁ ।" ବଡ଼ ଭାଇର ମନ ଟିକିଏ ଦୁର୍ବଳ, ଗୁରୁ ବୋଲି ନ ମାନିଲେ କାଳେ ବହୁମୂତ୍ର ରୋଗ ବଢ଼ିଯିବ, ଏହି ଭୟରେ ସେ ବିଚାରା ଇଚ୍ଛା ବିରୁଦ୍ଧରେ, ଯାହାଙ୍କ ପ୍ରତି ପ୍ରାଣର ଗଭୀର ବିତୃଷ୍ଣା ତାଙ୍କୁ ଗୁରୁ ବୋଲି ମାନି ନେଇ ମନୋକଷ୍ଟ ସହ୍ୟ କଲା । ବହୁ ମନ୍ତ୍ରଦାତାଙ୍କର ଧାରଣା ଯେ, ଯେନ-ତେନ-ପ୍ରକାରେଣ ଗୋଟିଏ ମନ୍ତ୍ର କାନରେ ପୂରେଇ ଦେଲେ ଶିଷ୍ୟର କଲ୍ୟାଣ ହେବ । ସେମାନେ ହୁଏତ ସରଳ ବିଶ୍ୱାସରେ କାନରେ ମନ୍ତ୍ରଟି ପୂରାଇ ଦିଅନ୍ତି, କିନ୍ତୁ ଯେ ପର୍ଯ୍ୟନ୍ତ ଦୀକ୍ଷାର୍ଥୀ ସରଳ ବିଶ୍ୱାସରେ ମନ୍ତ୍ର ନ ନିଏ, ସେ ପର୍ଯ୍ୟନ୍ତ ଏପରି କରିବା ଦ୍ୱାରା ତାକୁ ବଡ଼ ଅସୁବିଧାରେ ପକାଯାଏ ।

(ଆଷାଢ଼ ୫, ୧୩୩୯)

ମନ୍ତ୍ର ନ ନେଇ ବି ଶିଷ୍ୟ ହୁଅନ୍ତି

ଦୀକ୍ଷିତ ସେ ହୋଇ ନାହିଁ କି ହେବ ନାହିଁ । ତା'ର ଦୀକ୍ଷା ହୁଏତ ତା'ର ସଂପ୍ରଦାୟର ଗୁରୁଙ୍କ ପାଖରୁ ହେବ । କିନ୍ତୁ ସେ ମୋତେ ବିଶ୍ୱାସ କରେ, ମୋତେ ଭଲ ପାଏ, ମୋର ଜୀବନକୁ ତାର ଧ୍ୟାନର ଆଦର୍ଶ ବୋଲି ଜ୍ଞାନ କରେ । ତାର ବ୍ୟାକୁଳ ଆହ୍ୱାନ ପରେ ବି ମୁଁ କ'ଣ ପ୍ରାଣ ଭୟରେ ତା ପାଖକୁ ଯିବି ନାହିଁ ? ଖାଲି ମନ୍ତ୍ର ଦେଲେ କ'ଣ ଶିଷ୍ୟ ହୁଅନ୍ତି ? ମନ୍ତ୍ର ନ ଦେଇ କାହା ସହିତ ପ୍ରାଣର ଯୋଗସୂତ୍ର କଣ ସ୍ଥାପନ କରିହୁଏ ନାହିଁ ? ଜୀବନାଦର୍ଶ ଦାନର ମୂଲ୍ୟ କଣ କିଛି ନାହିଁ ? ଜୀବନାଦର୍ଶ ଗ୍ରହଣର ସାର୍ଥକତା କଣ କିଛି ନାହିଁ ?

ତୁମ୍ଭେମାନେ କ'ଣ ଭାବୁଛ, ମୁଁ ମନ୍ତ୍ର ଦେଇ ଜଗତର ଗୁରୁ ହେବି ? ନା, ନା ତା ନୁହେଁ । ମନ୍ତ୍ର ନ ଦେଇ ବି ମୁଁ ସମସ୍ତଙ୍କର ଗୁରୁ ହେବି । ଅଗ୍ନିଶଳାକା ପରି ମୁଁ ସମସ୍ତଙ୍କ ଅନ୍ତରରେ ପ୍ରବେଶ କରିବି ଓ ମୋହତିମିରାଚ୍ଛନ୍ନ ଜୀବନକୁ ଜ୍ଞାନର ଆଲୋକରେ ଉଦ୍ଭାସିତ କରିବି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ବୌଦ୍ଧ କେହି ମୋର ପର ହୋଇ ରହିବେ ନାହିଁ କି ମୁଁ ଜଗତରେ କାହାରି ପର ହୋଇ ରହିବି ନାହିଁ । କାରଣ, "ଜଗତର ସବୁ ସଂପ୍ରଦାୟ ମୋର ଓ ମୁଁ ଜଗତର ସବୁ ସଂପ୍ରଦାୟର" ।

(ପୌଷ ୨୮, ୧୩୩୮)

ଗୁରୁ ଓ ଶିଷ୍ୟ

ଯେଉଁ ଶିଷ୍ୟ ଦିନେ ସଖା, ପରଦିନ ସେ ହେବ ସନ୍ତାନବତ୍, ତୃତୀୟ ଦିନ ସେ ଉଦାସୀନବତ୍, ଚତୁର୍ଥ ଦିନ ସେ ହେବ ବିଦ୍ରୋହୀ, ପଞ୍ଚମ ଦିନ ସେ ଶାନ୍ତ, ଷଷ୍ଠ ଦିନ ସେ ଭାବମୟ ଭକ୍ତ- ଗୁରୁ ଶିଷ୍ୟଙ୍କ ମଧ୍ୟରେ ଏହିଭଳି ନାନା ଭାବ ସ୍ୱଭାବତଃ ହିଁ ଆସିବ । ଏ ସବୁ ପାଇଁ ପ୍ରସ୍ତୁତ ହୋଇ ରହିବା ଗୁରୁଙ୍କର କର୍ତ୍ତବ୍ୟ । କାରଣ ଏହିଭଳି ବିଭିନ୍ନ ଭାବ ମାଧ୍ୟମରେ ଗୁରୁ ଓ ଶିଷ୍ୟ ଉଭୟଙ୍କର ଜୀବନ କଲ୍ୟାଣପୁଷ୍ଟ ହୁଏ ।

ଗୁରୁ ସର୍ବାଭୀଷ୍ଟ-ପ୍ରପୁରକ ମହାଭାବ

ଗୁରୁ ଶିଷ୍ୟ ସମ୍ବନ୍ଧ ଏକ ଅତ୍ୟାଶ୍ଚର୍ଯ୍ୟ ସମ୍ବନ୍ଧ । ଇହଜଗତର ଲୌକିକ ଦୃଷ୍ଟିକୁ ବାଦ୍ ଦେଇ ଯେଉଁମାନେ ଗୁରୁ ଶିଷ୍ୟ ସମ୍ବନ୍ଧକୁ ଦର୍ଶନ କରନ୍ତି ସେମାନେ ଜଗତର ସବୁ ସମ୍ବନ୍ଧଗୁଡ଼ିକୁ ତା ଭିତରେ ଦେଖି ପାରନ୍ତି । ଗୁରୁ ଶିଷ୍ୟ ଭିତରେ

ଓ ଶିଷ୍ୟ ଗୁରୁଙ୍କ ଭିତରେ ମା'କୁ ପାଏ, ବାପାକୁ ପାଏ, ଭାଇକୁ ପାଏ, ବନ୍ଧୁକୁ ପାଏ, ପ୍ରେମିକକୁ ପାଏ ଓ ପ୍ରେମାର୍ଥୀକୁ ବି ପାଏ । ଭଗବାନଙ୍କୁ ନେଇ ଯେପରି ବୈଷ୍ଣବଙ୍କର ପଞ୍ଚରସ, ଗୁରୁଙ୍କୁ ନେଇ ଶିଷ୍ୟର ସେହିପରି ପଞ୍ଚରସ । କିନ୍ତୁ କେବଳ ଆକର୍ଷଣ ସମ୍ପର୍କଗୁଡ଼ିକ କ'ଣ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଥାଏ, ବିକର୍ଷଣ ସ୍ଥାନ କଣ ସେଠାରେ ନ ଥାଏ ? ରାମଙ୍କ ପ୍ରତି ରାବଣର ମନୋଭାବ, କୃଷ୍ଣଙ୍କ ପ୍ରତି ଶିଶୁପାଳର ମନୋଭାବ, ଏ ସବୁ ଭାବର ସ୍ଥାନ କଣ ସେଠାରେ ନ ଥାଏ ? ବେଶ୍ ଥାଏ । ଯେଉଁ ଗୁରୁ ଶିଷ୍ୟର ଭକ୍ତି ତକ କେବଳ ଚାହାଁନ୍ତି, ବଶ୍ୟତା ଟିକକ ଚାହାଁନ୍ତି, ବିଦ୍ରୋହ ଟିକକ ସହି ପାରନ୍ତି ନାହିଁ ସେ ଗୁରୁ ନୁହଁନ୍ତି । ଯେଉଁ ଗୁରୁ ଖାଲି ସ୍ନେହପ୍ରୀତି ଚାହାଁନ୍ତି, ବିଦ୍ୱେଷର ଜ୍ୱାଳା ସହିପାରନ୍ତି ନାହିଁ ସେ ଗୁରୁ ନୁହଁନ୍ତି । କାରଣ ଗୁରୁ ତ ଜଣେ ମନୁଷ୍ୟ ମାତ୍ର ନୁହଁନ୍ତି, ଗୁରୁ ଗୋଟିଏ ଭାବ-ବିଶେଷ ଯେଉଁ ଭାବର ଅପରିସୀମ ଉଚ୍ଚତା ପାଖରେ ଶିଷ୍ୟର ଭଲମନ୍ଦ, ଶୁଭାଶୁଭ ପ୍ରଭୃତି ସବୁ ଭାବସ୍ତବ୍ଧ ହୋଇ ଅବନତ ମସ୍ତକ ହୁଏ, ଗୁରୁ ସେହି ସର୍ବାଭୀଷ୍ଟ-ପ୍ରପୂରକ ମହାନ୍‌ଭାବ । ମନୁଷ୍ୟ ପାଖରେ ନିଜକୁ ନତ କରିବାର ନାମ ଶିଷ୍ୟତ୍ୱ ସ୍ୱୀକାର ନୁହେଁ, ଶିଷ୍ୟତ୍ୱ ହେଉଛି ସର୍ବଭାବର ଅବିରୋଧୀ, ସର୍ବଭାବର ସାଫଲ୍ୟଦାତା ଓ ସର୍ବଭାବର ଅନୁପୂରକ ମହାଭାବ ପାଖରେ ମସ୍ତକ ଅବନତ କରିବା

ଗୁରୁବାଦର ଭିତ୍ତି

ଏହାଁ ହିଁ ଥିଲା ଭାରତବର୍ଷର ଗୁରୁବାଦର ମୂଳଭିତ୍ତି । ''ସର୍ବସ୍ୱ ଯାହାର ଶିଷ୍ୟ ପାଇଁ, ନିଜ ପାଇଁ କିଛି ହିଁ ନାହିଁ'', ସେହି ଗୁରୁଙ୍କର ଏକାନ୍ତ ବ୍ରହ୍ମନିଷ୍ଠା ତାଙ୍କୁ ଶିଷ୍ୟ ଦୃଷ୍ଟିରେ ବ୍ରହ୍ମପଦାଭିଷିକ୍ତ କରିଥିଲା । ତୁମେ ତ ଜାଣ, ଭାରତ ବର୍ଷ ଆମର ଅବତାରବାଦର ଦେଶ । ଅନ୍ୟାନ୍ୟ ଦେଶର ଲୋକଙ୍କ ଭିତରେ

ମଧ ମହାମାନବଙ୍କୁ ଈଶ୍ୱରଙ୍କର ଅବତାର ବୋଲି ପୂଜା କରିବା ପ୍ରବୃତ୍ତି ଯଥେଷ୍ଟ ମାତ୍ରାରେ ଦେଖାଯାଏ ସତ, କିନ୍ତୁ ଏକମାତ୍ର ଭାରତବର୍ଷ ଛଡ଼ା ଅନ୍ୟ କୌଣସି ଦେଶରେ ଜଣେ ମହାପୁରୁଷ ଏଡ଼େ ସହଜରେ ଭଗବାନଙ୍କ ସହିତ ଅଭେଦ ବୋଲି ପ୍ରତିଷ୍ଠା ପାଇ ପାରନ୍ତି ନାହିଁ । ମୁସଲମାନମାନଙ୍କ ଦୃଷ୍ଟିରେ ତିନି ଭୂବନରେ ମହମ୍ମଦଙ୍କ ତୁଲ୍ୟ ପୁରୁଷ ଆଉ କେହି ନାହାନ୍ତି, ତଥାପି ସେ ଆଲ୍ଲାଙ୍କ ସହିତ ଅଭେଦ ନୁହନ୍ତି, ସେ ଆଲ୍ଲାଙ୍କର ରସୁଲ, ଆଲ୍ଲା ନୁହନ୍ତି । ତା ମାନେ ଆରବ ମାଟିରେ କେହି ତାଙ୍କୁ ଅବତାର ବୋଲି ଗ୍ରହଣ କଲେ ନାହିଁ । ହଜରତ୍ ଅଲ୍ଲୀଙ୍କ ଶିଷ୍ୟମାନେ ଏକ କିସମର ଅବତାରବାଦ ଅନୁଶୀଳନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ କେହି ସେମାନଙ୍କୁ ସେ ଦିଗରେ ସମର୍ଥନ କଲେ ନାହିଁ । ଖ୍ରୀଷ୍ଟିଆନମାନଙ୍କ ଦୃଷ୍ଟିରେ ଯିଶୁଖ୍ରୀଷ୍ଟ ଈଶ୍ୱର-ଅବତାର, କିନ୍ତୁ ପିତୃରୂପୀ ଈଶ୍ୱର, ପୁତ୍ର ରୂପୀ ଯିଶୁ ଓ ପବିତ୍ର ଆତ୍ମାରୂପୀ ଭଗବାନ, ଏ ତିନିଙ୍କ ମଧରେ ଐକ୍ୟ କେତେ ଓ ଅନୈକ କେତେ, ସେ ସମ୍ପର୍କରେ ଦାର୍ଶନିକ ତର୍କବିତର୍କ ଖ୍ରୀଷ୍ଟିୟାନମାନଙ୍କର ବିଭିନ୍ନ ଗୋଷ୍ଠୀ ମଧରେ ଶହ ଶହ ବର୍ଷ ହେଲା ଚାଲିଛି । କିନ୍ତୁ ଭାରତ ମାଟିରେ "ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି" ଯେ ବ୍ରହ୍ମଙ୍କୁ ଜାଣେ ସେ ବ୍ରହ୍ମ ହୋଇଯାଏ । ତା ଫଳରେ ପ୍ରଥମେ ପ୍ରଥମେ ଚାଲିଲା "ଯେତେ ମତ ସେତେ ଅବତାର" । ତା ପରେ ଆସିଲା "ଯେତେ ଶିଷ୍ୟ ସେତେ ଅବତାର" । ପ୍ରଥମେ ଚାଲିଥିଲା - ଜଣେ ସଂପ୍ରଦାୟ ପ୍ରତିଷ୍ଠାତା ମହାପୁରୁଷ ସେହି ସଂପ୍ରଦାୟଭୁକ୍ତ ସମସ୍ତଙ୍କ ପାଖରେ ଅବତାର ଓ ସଂପ୍ରଦାୟଭୁକ୍ତ ଧର୍ମୋପଦେଷ୍ଟାମାନେ ଗୁରୁ, ସେମାନେ ଅବତାର ନୁହନ୍ତି, ଉପାସ୍ୟ ବି ନୁହନ୍ତି । କିନ୍ତୁ ତା ପରେ ଦେଖାଗଲା - ଶତ ସହସ୍ର ଗୁରୁ ଗୋଟିଏ ସଂପ୍ରଦାୟର ମତାମତ ପ୍ରଚାର କଲେ । ଶତ ଶତ ଗୁରୁ ଗୋଟିଏ ସଂପ୍ରଦାୟର ସାଧନ-ଧର୍ମରେ ଦୀକ୍ଷାଦାନ କଲେ ଏବଂ ଦୀକ୍ଷିତଙ୍କ ଦ୍ୱାରା ସେ ଓ ଭଗବାନ ଅଭେଦ ବୋଲି

ଗୃହୀତ ହେଲେ । କେଉଁଟା ଭଲ ଥିଲା, କେଉଁଟା ମନ୍ଦ ହେଲା, ସେ କଥା ବିଚାର କରି କିଛି ଲାଭ ନାହିଁ । କିନ୍ତୁ ଘଟଣାଟି ହେଲା ଏଇଆ ଯେ ମାତ୍ର ଜଣେ ଲୋକ ପାଖରେ ସମ୍ୟକ୍ ଆତ୍ମ-ସମର୍ପଣ କରି ଶିଷ୍ୟ ସେହି ଲୋକର ସବୁତକ ସାଧନ ଉତ୍କର୍ଷ ସହଜରେ ଆୟତ୍ତ କରିପାରିଲା । ସେତିକି ହେଲା ଶିଷ୍ୟର ପ୍ରାପ୍ତି । କିନ୍ତୁ ଯେଉଁ ଲୋକ ଭିତରେ ସାଧୁତ୍ୱର ବାହାନା ଛଡ଼ା ଆଧ୍ୟାତ୍ମିକ ଉତ୍କର୍ଷ କିଛି ନାହିଁ ବା ଶିଷ୍ୟକୁ ଗୋଟିଏ ମନ୍ତ୍ର ଦେବା ଛଡ଼ା ଆଉ କିଛି ଆଧ୍ୟାତ୍ମିକ ଯୋଗ୍ୟତା ନାହିଁ, ତା ପାଖରେ ନିଜକୁ ନିଃଶେଷ ବିସର୍ଜନ କରି ଦେଇ ଶିଷ୍ୟର କି ଲାଭ ହେଲା ଓ କେତେ ଲାଭ ହେଲା, ପ୍ରଥାର ଦାସତ୍ୱ ମାନି ନେଇଥିବା ଅନ୍ଧ ସମାଜ କେବେ ତାର କିଛି ହିସାବ କରିଛି କି ?

ଗୁରୁବାଦର ରୂପାନ୍ତର

ସମାଜ ସେ ହିସାବ କରି ନ ଥିଲା ବୋଲି ବର୍ତ୍ତମାନ ଯୁଗରେ ସେ ହିସାବଟା ନେଇ ତ ସବୁଠାରୁ ବେଶି ଖୋଳତାଡ଼ ଚାଲିଛି । ଆଜି ପ୍ରଶ୍ନ ଉଠୁଛି, ଗୁରୁବାଦ ବର୍ଜିତ ଧର୍ମ ସମାଜ କଣ ସ୍ଥାପିତ ହୋଇ ପାରେ ନା ? ଦୀକ୍ଷାଦାତା ଦୀକ୍ଷା ଦେବେ, ଦୀକ୍ଷାର୍ଥୀ ଦୀକ୍ଷା ନେବେ, ଏହାଦ୍ୱାରା ଜଣେ ଜଣକର ପୂଜନୀୟ ହେଲେ ଓ ଅନ୍ୟ ଜଣକ ଆଶୀର୍ବାଦ ଭାଜନ ହେଲେ । ବାସ୍, ସେତିକିରେ ସେଇଟା ସୀମାବଦ୍ଧ ରହୁ । କିନ୍ତୁ ନିଖିଳ ବିଶ୍ୱର ଯେ ଗୁରୁ, ସେ କଣ ଦୀକ୍ଷାଦାତା ଓ ଦୀକ୍ଷାଗ୍ରହୀତା ଉଭୟଙ୍କର ଗୁରୁ ବୋଲି ମନ, ଜ୍ଞାନ ବ୍ୟବହାରରେ ଗୃହୀତ ହୋଇ ପାରନ୍ତେ ନାହିଁ ? ଚିରପ୍ରଚଳିତ ଗୁରୁବାଦ ଅଭ୍ୟୁନ୍ନତ ଗୁରୁବାଦ, ଏହି ଉଭୟର ମଝିରେ ମୁଁ ହେଉଛି transition (ରୂପାନ୍ତର)ର ସେତୁ । ମୋ ପରେ ଦେଖିବ ଆଉ କୌଣସି ବ୍ୟକ୍ତି ବିଶେଷ କୌଣସି ମନୁଷ୍ୟର ଗୁରୁ ନୁହନ୍ତି, ପରମାତ୍ମା ହିଁ ସବୁରି ଗୁରୁ । ପରମାତ୍ମାଙ୍କ ସାକ୍ଷାତ୍ ବିଗ୍ରହସ୍ୱରୂପ ନାମହିଁ ସବୁରି ଗୁରୁ ।

(ଶ୍ରାବଣ ୮, ୧୩୩୪)

ବର୍ତ୍ତମାନର ଗୁରୁବାଦ

ଗୁରୁ କାହାକୁ କହନ୍ତି ? ଶାସ୍ତ୍ର କହେ - "ଗୁ" ମାନେ ଅନ୍ଧକାର, "ରୁ" ମାନେ ଅନ୍ଧକାର ନିବାରକ । ଅତଏବ ଯେ ଅନ୍ଧକାର ଦୂର କରନ୍ତି ସେ ଗୁରୁ । ତାହାହେଲେ ଯେ ଅନ୍ଧକାର ଦୂର କରି ନ ପାରନ୍ତି, ସେ କିପରି ଗୁରୁଭଳି ଗୁରୁତର ପଦବୀ ଦାବୀ କରିବେ ? ଯେଉଁମାନେ ଅଧୁନା ଦେଶପ୍ରଚଳିତ ଗୁରୁବାଦକୁ ସମର୍ଥନ କରନ୍ତି, ଆଗେ ସେମାନେ ଉପରୋକ୍ତ ପ୍ରଶ୍ନର ଉତ୍ତରଜାଣି ରଖିବା ଦରକାର ।

ଯେ ବହୁ ଶାସ୍ତ୍ର ଅଧ୍ୟୟନ କରିଛନ୍ତି, ସେ କଥା କଥାକେ ଗଣ୍ଡା ଗଣ୍ଡା ସଂସ୍କୃତ ଶ୍ଳୋକ ଆଉଡ଼ାଇ ପାରନ୍ତି କିନ୍ତୁ ଶାସ୍ତ୍ରାର୍ଥର ପ୍ରତ୍ୟକ୍ଷ ଅନୁଭୂତି ଯାହାଙ୍କ ନିଜ ଜୀବନରେ ଜାଣିଚାଏ ସୁଦ୍ଧା ନାହିଁ, ସେ କ'ଣ ଗୁରୁ ? ସାମ୍ପ୍ରତିକ ଗୁରୁବାଦକୁ ଏ ପ୍ରଶ୍ନର ଉତ୍ତର ମଧ୍ୟ ଦେବାକୁ ପଡ଼ିବ ।

ଯେଉଁ ଗୁରୁମାନେ କହନ୍ତି - ଗୁରୁତ୍ୟାଗ ମହାପାପ, ସେମାନେ କଂସେଇ । ଯେଉଁମାନେ କହନ୍ତି - ଅଯୋଗ୍ୟ ଗୁରୁକୁ ତ୍ୟାଗ କରି ମୋତେ ଗୁରୁ ରୂପରେ ବରଣ କର, ସେମାନେ ବି କଂସେଇ । ଉଭୟେ ଶିଷ୍ୟକୁ ପରମାର୍ଥର ଲୋଭ ଦେଖାଇ ଜାଣିଶୁଣି ତା ଗଳାରେ ଛୁରୀ ମାରନ୍ତି ଏବଂ ଏହି ଦ୍ୱିବିଧ ଗୁରୁହିଁ ହେଉଛନ୍ତି ସାମ୍ପ୍ରତିକ ଗୁରୁବାଦର ପ୍ରଧାନତମ ସ୍ତମ୍ଭ । ଶିଷ୍ୟ ଜୀବନରେ ସତ୍ୟକୁ ଲାଭ କରିବା ପାଇଁ ବିଦ୍ୟୁନ୍ମୟୀ ପ୍ରେରଣା ଜାଗ୍ରତ କରି ବଜ୍ରର ସୃଷ୍ଟି ନ କଲେ ଏହି ସ୍ତମ୍ଭ ଦୁଇଟିକୁ ଧ୍ୱଂସକରି ହେବ ନାହିଁ, କାରଣ ଅଜ୍ଞାନଶିଷ୍ୟର ଅନ୍ଧ ଅନୁରକ୍ତି ହିଁ ଏମାନଙ୍କର ପ୍ରତିଷ୍ଠାକୁ ଅଜର ଅମର କରି ରଖିଛି ।

ଶିଷ୍ୟର ପୁରୁଷକାରତ୍ୱ ପାଦତଳେ ଦବେଇ ରଖି ନିଜର ଗୁରତ୍ୱକୁ ସର୍ବୋଚ୍ଚଶିର କରି ରଖିବା ଅଧିକାର କୌଣସି ଗୁରୁର ଅଛି ବୋଲି ମୁଁ କଦାପି ମନେ କରେ ନାହିଁ। ବର୍ତ୍ତମାନର ଗୁରୁବାଦ ଯେଉଁଠି ଶିଷ୍ୟକୁ ପୁରୁଷକାର ବିମୁଖ ଓ ଦୈବନିର୍ଭରଶୀଳ କରିଛି, ସାଧନ, ପରାଂମୁଖ, କୃପାଭିକ୍ଷୁ ଓ ଆଳସ୍ୟ-ପରାୟଣ କରିଛି, ସେହିଠାରେ ସେ ତାର ନିଜର ଶେଷ ସମାଧି ରଚନା କରୁଛି ବୋଲି ଜାଣିବ ।

(ମାର୍ଗଶିର ୪, ୧୩୩୪)

ପ୍ରଚଳିତ ଗୁରୁବାଦ

ଆଜିକାଲି ଯେଉଁ ଗୁରୁବାଦ ଚଳୁଛି, ସେ'ତ ଜାଲଜୁଆଚୋରିର ଗୋଟାଏ ଆଡ୍ଡା । ଆନୁଗତ୍ୟର ଦ୍ୱାହି ଦେଇ ଗୁରୁମାନେ ଶିଷ୍ୟ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଉଛନ୍ତି । ଶିଷ୍ୟମାନଙ୍କୁ ନିଜର ପ୍ରତ୍ୟକ୍ଷ ଜ୍ଞାନ ଉପରେ ନିର୍ଭର କରିବାର ସୁଯୋଗ କେହି ଜଣେ ହେଲେ ଗୁରୁ ବି ଦେଉ ନାହାନ୍ତି । ସମସ୍ତେ ଖାଲି କହୁଛନ୍ତି - "ଏଇଟା ମାନ, ସେଇଟା କର, କାରଣ ମୁଁ କହୁଛି ।" କେହି ଜଣେ ହେଲେ ଶିଷ୍ୟର ବିଚାର-ବୁଦ୍ଧିକୁ ବା ସ୍ୱାଧୀନ ଭାବରେ ଅନୁକରଣ କରିବା କ୍ଷମତାକୁ ଜାଗ୍ରତ କରାଉ ନାହାନ୍ତି । ସମସ୍ତେ ଖାଲି କହୁଛନ୍ତି - "ମାମେକଂ ଶରଣଂ ବ୍ରଜ, ମୋତେ ପୂଜା କର । ମୋତେ ସ୍ମରଣ, ମନନ ଓ ନିଦିଧ୍ୟାସନ କର ।" କାହାରି କାହାରି ଗୁରୁ-ଗୌରବ ଏହା ଅପେକ୍ଷା ଆଉ ପାହାଚେ ଉପରକୁ ଉଠିଯାଉଛି । ଯାହା ବକ୍ତବ୍ୟ ନୁହେଁ, ତାହା ସେମାନେ କହୁଛନ୍ତି, ଯାହା ଭାବିବା ଉଚିତ୍ ନୁହେଁ, ତାହା ସେମାନେ କରୁଛନ୍ତି, ଯାହା ଭାବିବା ଉଚିତ୍ ନୁହେଁ, ତାହା ସେମାନେ ଭାବିବାର ସୁଯୋଗ ଦେଉଛନ୍ତି । ବିଦେଶୀର ଅଧୀନତା ଯେପରି ଅବାଞ୍ଛନୀୟ, ଏ ସବୁ ଗୁରୁଦେବମାନଙ୍କର

ବଶ୍ୟତା ମଧ୍ୟ ସେହିପରି ଅପ୍ରାର୍ଥନୀୟ । ବୈଦେଶିକ ପରାଧୀନତା ଯେପରି ମନୁଷ୍ୟତ୍ୱର ଅପଚାୟକ, ଏ ଶ୍ରେଣୀର ଗୁରୁଦେବମାନଙ୍କର ଅଧୀନତା ମଧ୍ୟ ସେହିପରି ମନୁଷ୍ୟତ୍ୱର ଅପଚାୟକ ।

(ଭାଦ୍ର ୧୪, ୧୩୩୪)

ପ୍ରଚଳିତ ଗୁରୁବାଦର ଫର୍ମୁଲା

ଏ ଦେଶରେ ଅଧୁନା ପ୍ରଚଳିତ ଗୁରୁବାଦର ଫର୍ମୁଲା ହେଉଛି- ଗୁରୁହିଁ ବ୍ରହ୍ମ, ଗୁରୁ ହିଁ ଇଷ୍ଟ, ଗୁରୁ ହିଁ ମହାମନ୍ତ୍ରର ଅଭେଦ-ବିଗ୍ରହ । ଏହି ଫର୍ମୁଲାର ଫଳ ଏହା ହିଁ ହୋଇଛି ଯେ ବ୍ରହ୍ମାଭିମାନୀ ବିଷୟୀ ଗୁରୁ ଅନେକ ସମୟରେ ତ୍ୟାଗୀ ଶିଷ୍ୟ ଭିତରେ ମାନବଗୁରୁଙ୍କ ଠାରେ ବ୍ରହ୍ମଭାବ ଅର୍ପଣ କରିବା ରୁଚି ଜାଗ୍ରତ କରିପାରୁ ନାହାନ୍ତି।

ପ୍ରଚଳିତ ଫର୍ମୁଲାର ପରିବର୍ତ୍ତନରେ ବିପ୍ଳବ

କିନ୍ତୁ ବହୁପ୍ରଚଳିତ ଏହି ଫର୍ମୁଲାର ପରିବର୍ତ୍ତନ ହେବା ମାତ୍ରେ ରଙ୍ଗମଞ୍ଚରେ ପଟ୍ଟ ପରିବର୍ତ୍ତନ ହୋଇଯିବ ଓ ଭାରତର ଧର୍ମଜୀବନରେ ଏକ ସ୍ୱାସ୍ଥ୍ୟପ୍ରଦ ମହାବିପ୍ଳବ ସଂଘଟିତ ହେବ । ଦୀକ୍ଷାଦାତା ଗୁରୁ ନୁହନ୍ତି, ଦୀକ୍ଷାଦାତା ସମପଥର ଏକ ଅଗ୍ରସର ପଥିକ ମାତ୍ର ଏହି ଧାରଣା ପ୍ରତ୍ୟେକଙ୍କ ଅନ୍ତରରେ ସୁପ୍ରତିଷ୍ଠିତ ହୋଇଯିବ । ଫଳତଃ ଶିଷ୍ୟ ମହାମନ୍ତ୍ରରେ ଦୀକ୍ଷିତ ହୋଇ ନିଜକୁ ନାମର ଏକାନ୍ତ ଶରଣାଗତ କରିବା ଲାଗି ଚେଷ୍ଟା କରିବ ଓ ଦୀକ୍ଷାଦାତାଙ୍କର ବ୍ୟକ୍ତିଗତ ଦୋଷତ୍ରୁଟି ପ୍ରତି ଦୃଷ୍ଟିଦେବା ତା ପକ୍ଷରେ ନିଷ୍ପ୍ରୟୋଜନ ହେବ । ସେହି ସମୟରେ ଶତ ଶତ ବିଷୟୀ ଆଚାର୍ଯ୍ୟ ତ୍ୟାଗ-ବୁଦ୍ଧି ସମ୍ପନ୍ନ ପଥ-ନିର୍ଦ୍ଦେଶହୀନ ପଥିକଙ୍କୁ

ନିଃସଙ୍କୋଚରେ ମହାମନ୍ତ୍ର ଦାନ କରି ସ୍ପଷ୍ଟ ଭାଷାରେ କହି ଦେଇ ପାରିବେ - ତୁମ ସମକ୍ଷରେ ଏହି ଯେ ଜ୍ୱଳଦଗ୍ନି-ସମପ୍ରଭ ସ୍ୱତେଜୋଦ୍ଦୀପ୍ୟମାନ ପରମ ପବିତ୍ର ମହାମନ୍ତ୍ର ତୁମର ଏକ ଓ ଅଦ୍ୱିତୀୟ ଗୁରୁରୂପେ ରହିଲେ, ତାଙ୍କ ଛଡ଼ା ଆଉ କାହାକୁ ଗୁରୁ ବୋଲି ମାନିବାର ବା ଭାବିବାର ପ୍ରୟୋଜନ ତୁମର ନାହିଁ ।

(ଜ୍ୟେଷ୍ଠ ୨୦, ୧୩୩୪)

ଗୁରୁ ଓ ଗୁରୁବାଦ

ଗୁରୁ ଅମର, ତାଙ୍କର ମୃତ୍ୟୁ ନାହିଁ - କିନ୍ତୁ ''ଗୁରୁବାଦ''ର ମରିବା ବେଳ ପାଖେଇ ଆସିଲାଣି । ଗୁରୁ ଅବଶ୍ୟ ରହିବେ କେବଳ ''ବାଦ''ଟକ ବାଦ ଦେଇ ସେ ରହିବେ । ଗୁରୁ ଶ୍ୱାଶ୍ୱତ ସନାତନ କେବଳ ଏହି ''ବାଦ''ଟାକୁ ପ୍ରାଣ ବଞ୍ଚାଇ ପଳାଇବାକୁ ହେବ ।

(ଆଷାଢ଼ ୧୨, ୧୩୩୪)

ଗୁରୁବାଦ

ଦେଖ, ସାକାରବାଦ ନିରାକାରବାଦକୁ ନେଇ ଯେପରି ଭାରତର ସବୁ ଧର୍ମାଲୋଚନାକାରୀଙ୍କ ମଧ୍ୟରେ ଏକ ବିଷମ ଦ୍ୱନ୍ଦ୍ୱ ସଂଶୟ ଉପୁଜୁଛି, ଗୁରୁବାଦ ସମ୍ପର୍କରେ ମଧ୍ୟ ଅବସ୍ଥା ସେଇଆ । ଗୁରୁ ପ୍ରୟୋଜନ କି ନିଷ୍ପ୍ରୟୋଜନ, ଗୁରୁ ଓ ପରମେଶ୍ୱର ଏକ କି ନୁହଁନ୍ତି, ଗୁରୁ ଓ ଗୁରୁଦତ୍ତ ମନ୍ତ୍ର ଏକ କି ନୁହେଁ, ଗୁରୁ ସେବା କଲେ ସାଧନ ଭଜନର ଚୂଡ଼ାନ୍ତ ହୁଏ କି ନାହିଁ ଇତ୍ୟାଦି ବିଭିନ୍ନ ପ୍ରଶ୍ନ ସମସ୍ତଙ୍କ ମନକୁ ସଂଶୟାକୁଳିତ କରୁଛି । ଏ ସମ୍ପର୍କରେ ଅତୀତ କାଳର ପୂଜ୍ୟପାଦ ଆଚାର୍ଯ୍ୟଗଣ ପ୍ରତ୍ୟେକେ ଯେ ଗୋଟିଏ ଗୋଟିଏ ପ୍ରକାରର

ଉପଦେଶ ଦେଇ ଯାଇଛନ୍ତି, ସେ ସବୁ ପ୍ରାଚୀନ ଉପଦେଶ ବର୍ତ୍ତମାନ ଯୁଗରେ ପ୍ରଯୁଜ୍ୟ କି ନୁହେଁ ଏ ସବୁ ସଂଶୟ ଲୋକମାନଙ୍କୁ ବିଷମ ସମସ୍ୟାରେ ପକାଇଛି ।

ଅଖଣ୍ଡ ଗୁରୁବାଦ

ଏ ସବୁ ବିଷୟରେ ବିଭିନ୍ନ ସାଧକ ସମ୍ପ୍ରଦାୟର ସିଦ୍ଧାନ୍ତ ଯାହା ହୋଇଥାଉ ପଛକେ, ତୁମ୍ଭମାନଙ୍କର ଗ୍ରହଣୀୟ ସିଦ୍ଧାନ୍ତ ମୁଁ ଆଜି ସ୍ପଷ୍ଟ କରି ତୁମ୍ଭମାନଙ୍କୁ ଶୁଣାଇ ଦେଉଛି । ସାଧନ ଦେଇ ଜୀବର ଉପକାର କରିବାକୁ ଯଦି ତୁମ୍ଭେମାନେ ଚାହଁ, ନିଜ ଭିତରେ ସାଧନ ବଳ ଉପଲବ୍ଧି କଲେ ଓ ନାମର ପାଦପଦ୍ମରେ ତୁମ୍ଭମାନଙ୍କର ପୂର୍ଣ୍ଣ ଆନୁଗତ୍ୟ ଆସିଲେ, ତୁମ୍ଭେମାନେ ଅନାୟାସରେ ତାହା କରିପାର, କିନ୍ତୁ ନିଜ ଭିତରେ କଦାପି ଗୁରୁ ଅଭିମାନ ତୁମ୍ଭେମାନେ ପୋଷଣ କରିପାରିବ ନାହିଁ । ଯେ ତୁମର ଗୁରୁ, ଦୀକ୍ଷାପ୍ରାପ୍ତ ବ୍ୟକ୍ତିର ମଧ୍ୟ ସେ ଗୁରୁ ହେବେ, ଅର୍ଥାତ୍ ପରମମଙ୍ଗଳନିଳୟ ଶ୍ରୀଭଗବାନଙ୍କୁ ହିଁ ଗୁରୁ ବୋଲି ଜାଣିବାକୁ ହେବ ଓ ଜଣାଇବାକୁ ହେବ, କହିବାକୁ ହେବ କୁହାଇବାକୁ ହେବ, ଭାବିବାକୁ ହେବ ଓ ଭାବିବାକୁ ଦେବାକୁ ହେବ, ପ୍ରଚାର କରିବାକୁ ହେବ ଓ ପ୍ରଚାର କରାଇବାକୁ ହେବ । ତାଙ୍କ ଛଡ଼ା ଦୁନିଆରେ ଆଉ କେହି ଗୁରୁ ନୁହନ୍ତି । ନରରୂପଧାରୀ ଜୀବକଲ୍ୟାଣକାରୀ ମହତ୍ ବ୍ୟକ୍ତିମାନେ, କିଏ ପୁରୁଷ ରୂପରେ କିଏ ବା ନାରୀ ରୂପରେ ଅଖଣ୍ଡକୁ ତାର ସାଧନ ପଥର ପାଥେୟ ଅଜ୍ଞ ବହୁତ ଦେଇ ପାରନ୍ତି, ହୁଏତ କାହାରି ଆଧ୍ୟାତ୍ମିକ ଋଣ ଆବକ୍ଷ, ଆକଣ୍ଠ ବା ଆମସ୍ତକ ହୋଇପାରେ । ତଥାପି ଅଖଣ୍ଡର ଗୁରୁ ନିଷ୍ଠା ସେମାନଙ୍କ ଭିତରୁ କାହାରି ଉପରେ ରହିବ ନାହିଁ- ତାର ସମଗ୍ର ପ୍ରାଣର ସମସ୍ତ ନିଷ୍ଠା ଏକମାତ୍ର ଶ୍ରୀଭଗବାନଙ୍କ ପଦାରବିନ୍ଦରେ ହିଁ କେନ୍ଦ୍ରୀଭୂତ ହେବ । ତୁମ୍ଭେମାନେ ନିଜ ନିଜକୁ ଏକମାତ୍ର

ତାଙ୍କର ଶିଷ୍ୟ ବୋଲି ମନେ କର ଏବଂ ତୁମ୍ଭମାନଙ୍କ ଦ୍ୱାରା ଦୀକ୍ଷିତ ବ୍ୟକ୍ତିମାନଙ୍କୁ ତାଙ୍କରି ଶିଷ୍ୟରୂପେ ଗଣନା କର ଓ ଗଣନା କରାଅ । ଯଦି କେତେବେଳେ ନିଜର ଅକ୍ଷମତା ଯୋଗୁଁ ଭଗବାନ ତୁମର ସମ୍ୟକ ବୋଧଗମ୍ୟ ନ ହୁଅନ୍ତି, ସେ ଅବସ୍ଥାରେ ତାଙ୍କର ସାକ୍ଷାତ୍ ନାଦାତ୍ମକ ବିଗ୍ରହ ଅଖଣ୍ଡ ନାମକୁ ହିଁ ଗୁରୁ ବୋଲି ଜାଣିବ । ଯଦି କେତେବେଳେ ସେପରି କରିବାକୁ ଅକ୍ଷମ ହେବ, ସେତେବେଳେ ତୁମ୍ଭମାନଙ୍କର ଆଦିଗୁରୁଙ୍କୁ ହିଁ ସମସ୍ତଙ୍କର ଗୁରୁ ବୋଲି ଜ୍ଞାନ କରିବ । ଦୀକ୍ଷାଦାତା ଦୀକ୍ଷିତ- ନିର୍ବିଶେଷରେ ସମସ୍ତେ କେବଳ ଜ୍ୟେଷ୍ଠ-କନିଷ୍ଠ ଗୁରୁ ଭ୍ରାତା ବିଶେଷ ହୋଇ ରହିବେ ।

ବ୍ୟକ୍ତିଗତ ଗୁରୁବାଦର ଉଚ୍ଛେଦ

ଉପରୋକ୍ତ ସିଦ୍ଧାନ୍ତ ଅଧୁନା ଦେଶ ପ୍ରଚଳିତ ବହୁ ମତାମତଠାରୁ ସ୍ୱତନ୍ତ୍ର । ତେଣୁ ତହିଁରେ ନିଷ୍ଠା ଆରୋପ କରିବା ତୁମ୍ଭମାନଙ୍କ ପକ୍ଷରେ କଷ୍ଟକର ହୋଇପାରେ । ଦେଶକାଳର ପ୍ରଭାବକୁ ଅତିକ୍ରମ କରିବା ତୁମ୍ଭମାନଙ୍କ ପକ୍ଷରେ ସମ୍ଭବପର ବୋଲି ମନେ ହୁଏ ନାହିଁ । ସେହି କାରଣରୁ ମୁଁ ନିଜେ ''ଗୁରୁ ନୁହେଁ'' ବୋଲି ଜାଣି ମଧ୍ୟ ତୁମ୍ଭମାନଙ୍କର ଗୁରୁ ବୋଲି ଅଙ୍ଗୀକାର କରିଛି । ଏଭଳି ଅଙ୍ଗୀକାର କରିବାର ତାତ୍ପର୍ଯ୍ୟ ହେଉଛି, ମୁଁ ଗୁରୁ ହେଲେ ମୋର ଆଦେଶ ତୁମ୍ଭମାନଙ୍କ ପକ୍ଷରେ ଅଲଘଂନୀୟ ହେବ ଓ ତୁମ୍ଭେମାନେ ମୋର ଆଦେଶ ପାଳନ କରିବା ଲାଗି ବଳ ପାଇବ, ଏବଂ ତା'ପରେ ମୋର ଆଦେଶ ହେଉଛି ଯେ, ମୋର ସାଧନ-ମଣ୍ଡଳୀରେ ଏହା ପରେ ତୁମ୍ଭମାନଙ୍କ ଭିତରୁ କେହି କାହାର ଗୁରୁ ହୋଇ ପାରିବେ ନାହିଁ । ଏକ ଆଦିଗୁରୁଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ତାଙ୍କରି ପ୍ରତିନିଧି ସ୍ୱରୂପ ତୁମ୍ଭେମାନେ ଜୀବକୁଳର ଆଧ୍ୟାତ୍ମିକ

କୁଶଳ ସମ୍ପାଦନ କରିବ ଏବଂ ଦୀକ୍ଷା କାହାକୁ ଏକକ ଭାବରେ ଦେବ ନାହିଁ । ପୁରୁଷ-ପରମ୍ପରାକ୍ରମେ ଦୀକ୍ଷା ଏପରି ଗୋଟିଏ ସୁନିର୍ଦ୍ଦିଷ୍ଟ ବିଧାନ ଅନୁସାରେ ଚାଲିବ ଯେ ସେଥିରେ ବ୍ୟକ୍ତିଗତ ଗୁରୁବାଦ ଯେପରି କୌଣସି ମତେ ପ୍ରଶ୍ରୟ ନ ପାଏ । ଲକ୍ଷ ଲକ୍ଷ ଲୋକ ଦୀକ୍ଷା ନେବେ, କିନ୍ତୁ ଜଣେ ହେଲେ ଦୀକ୍ଷାଦାତା ବି ଗୁରୁ ହେବେ ନାହିଁ ।

(ଆଶ୍ୱିନ ୨୦, ୧୩୩୯)

ଅବତାରର ଦେଶ

ଦେଖ, ଏଇଟା ଆମର ଅବତାରବାଦର ଦେଶ । ଅବତାରବାଦ ଓ ଗୁରୁବାଦ ପରସ୍ପର ହାତଧରାଧରି ହୋଇ ଚାଲିଛନ୍ତି ତେଣୁ ଗୋଟିକୁ ମାନିଲେ ଅଧିକାଂଶ କ୍ଷେତ୍ରରେ ଆଉ ଗୋଟିକୁ ମାନି ନେବାକୁ ପଡ଼େ । ତୁମର ଯଦି ଆଉ କୌଣସି ଅବତାରକୁ ମାନିବାକୁ ମନ ନ ହୁଏ, ତାହାହେଲେ ତୁମେ ତୁମର ଗୁରୁଦେବଙ୍କୁ ଅବତାର ବୋଲି ପୂଜା ଆରମ୍ଭ କରି ଦେଇପାର । ପ୍ରଥମେ ପ୍ରଥମେ ଲୋକମତ ସେଥିରେ ବାଧା ଦେବାକୁ ଚେଷ୍ଟା କରିବ, କିନ୍ତୁ ତୁମ ଦଳବୃଦ୍ଧି ହେବା ସଙ୍ଗେ ସଙ୍ଗେ ସେ ବାଧା ମଧ୍ୟ ଦୂର ହୋଇଯିବ । ସେତେବେଳେ ତୁମେ କଣ କରିବ ନା, ତୁମର ଗୁରୁଦେବଙ୍କୁ ସମସ୍ତେ ଅବତାର ରୂପରେ ଯେପରି ପୂଜା କରନ୍ତି, ଏହି ଉଦ୍ଦେଶ୍ୟରେ ତୁମେ ଆସ୍ତେ ଆସ୍ତେ ଲୋକ ପ୍ରଚଳିତ ଅନ୍ୟାନ୍ୟ ଅବତାରଗୁଡ଼ିକୁ କିଛି କିଛି ପ୍ରଶଂସା କରିବାକୁ ଆରମ୍ଭ କରିବ ବା ସେମାନଙ୍କର ପୂଜା ଆରାଧନା ଆରମ୍ଭ କରିବ । ଏହିପରି ଭାବରେ ସବୁ ମହାପୁରୁଷ ଅବତାର ବୋଲି ପୂଜିତ ହେବାର ଚମତ୍କାର ସୁଯୋଗ ଆମ ଦେଶରେ ରହିଛି । ସମଗ୍ର ପୃଥିବୀ ଏକମାତ୍ର ଯିଶୁଖ୍ରୀଷ୍ଟଙ୍କ ଛଡ଼ା ଆଉ କାହାକୁ ଅବତାରରୂପେ ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ ବୋଲି କହିଲେ

ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ । କିନ୍ତୁ ଆମର ଏହି ଭାରତ ବର୍ଷରେ ପୁରାଣରେ ଦଶ ଅବତାର କଥା ତ ବର୍ଣ୍ଣିତ ହୋଇଛି, ତା ଛଡ଼ା ଆଉ କୌଣସି କୌଣସି ଶାସ୍ତ୍ରରେ ଆଉ କେତେକ ଅବତାରଙ୍କ କଥା ବି ରହିଛି । ବର୍ତ୍ତମାନ ଏ ଆଧୁନିକ ଯୁଗରେ ମଧ୍ୟ ଅନେକ ମହାପୁରୁଷ ଅବତାର ରୂପରେ ପୂଜା ପାଉଛନ୍ତି ଓ ପାଉଛନ୍ତି । ତନ୍ମଧ୍ୟରୁ ଅଧିକାଂଶ ବିଷ୍ଣୁଙ୍କ ଅବତାର, କେହି କେହି ଶିବଙ୍କ ଅବତାର । ତା ଛଡ଼ା କେହି କେହି ଶ୍ରୀଗୌରାଙ୍ଗଙ୍କ ଅବତାର ରୂପରେ ବା ଶ୍ରୀରାମକୃଷ୍ଣଙ୍କ ଅବତାର ରୂପରେ ମଧ୍ୟ ଆତ୍ମପ୍ରକାଶ କରିଛନ୍ତି ବା କରୁଛନ୍ତି । ଏଥିରେ କିଛି ଅସଙ୍ଗତି ବା ଅସାମଞ୍ଜସ୍ୟ ଅଛି ବୋଲି ତ ଏ ଦେଶବାସୀ କେବେ ମନେ କରି ନାହାନ୍ତି ।

ଜଣେ ଜଣେ ଗୋଟିଏ ଗୋଟିଏ ଅବତାର ହୁଅ

ଏ ଦେଶର ଲୋକମାନେ ଯେ ହୋ ଭିତରେ କୌଣସି ଅସଙ୍ଗତି ବା ଅସାମଞ୍ଜସ୍ୟ ଦେଖିବାକୁ ନ ପାଇଲେ, ଏହାର ଅସଲ କାରଣଟି କଣ ଭାବି ଦେଖିଛ କି ? ପାଗଳ ଲୋକଙ୍କ ମୁଣ୍ଡରେ ବେଳେ ବେଳେ ଯେପରି ଗୋଟାଏ ଗୋଟାଏ ଝୁଙ୍କ ଉଠେ, ସେହିପରି ଆମ ଦେଶର ଜନସାଧାରଣଙ୍କ ବିରାଟ ବିରାଟ ଅଂଶ-ବିଶେଷରେ ଯେ ଏକ ସମୟରେ ସେହିଭଳି ଜଣେ ଜଣେ ଲୋକଙ୍କୁ ଅବତାର ବୋଲି ସ୍ୱୀକାର କରିବା, ପ୍ରଚାର କରିବା ଓ ପୂଜିତ କରିବାର ଝୁଙ୍କ ଉଠେ, ତା ପଛରେ ଆମ ଦେଶର ଏକ ବିରାଟ ଐତିହ୍ୟ ରହିଛି । ତା ହେଉଛି ଏଇଆ ଯେ, ଭାରତବର୍ଷରେ ମନୁଷ୍ୟମାନେ ହିଁ ସର୍ବପ୍ରଥମେ ଅନୁଭବ କରି ପାରିଥିଲେ ଯେ ପ୍ରତ୍ୟେକ ଜୀବ ବ୍ରହ୍ମ ସ୍ୱରୂପ, ଜୀବ ଓ ଶିବ ଅଭେଦ । ସ୍ରଷ୍ଟା ଓ ସୃଷ୍ଟିର ଅଭେଦ ଜ୍ଞାନ ହିଁ ପ୍ରକାରାନ୍ତରେ ଅବତାରବାଦକୁ ଏହିଭଳି

ପ୍ରଶ୍ରୟ ଦେଇଛି ଓ ଏହିଭଳି ଭାବରେ ବହୁ ପଲ୍ଲବିତ କରି ଥୋଇଛି । ତେଣୁ ମୁଁ କହେ, ତୁମ୍ଭେମାନେ ପ୍ରତ୍ୟେକ ନିଜ ନିଜ ଅବତାରତ୍ୱକୁ ମର୍ମେ ମର୍ମେ ଅନୁଭବ କରିବାକୁ ସମର୍ଥ ହୁଅ, ମୋତେ ଗୁରୁ ବୋଲି ମାନି ତୁମ୍ଭେମାନେ ମୋତେ ଆଉ ଅଧିକ ତୃପ୍ତି କଣ ଦେବ, ତୁମ୍ଭେମାନେ ସମସ୍ତେ ଜଣେ ଜଣେ ବିଶ୍ୱ-ଗୁରୁ ହୋଇ ମୋତେ ତୃପ୍ତ କର ।

(ଚୈତ୍ର ୧, ୧୩୪୦)

ଗୁରୁବାଦ ଓ ଅଖଣ୍ଡବାଦ

ଯେ ଯେତେ ନୂତନ ମତ ଓ ନୂତନ ପଥର ପ୍ରଦର୍ଶକ ହୁଅନ୍ତୁ ପଛକେ, ତାଙ୍କୁ ପୁରୁଣା ବ୍ୟବସ୍ଥା ସହିତ କିଛି ହେଲେ ଆପୋଷ ବୁଝାମଣା କରି ଚଳିବାକୁ ହେବ । କାରଣ ପୁରାତନର ପ୍ରଭାବକୁ ଏକାବେଳେକେ ଛାଡ଼ି ହୁଏ ନାହିଁ । ମୁଁ କହୁଛି-ଜଗତରେ ଗୁରୁବାଦ ରହିବନାହିଁ, କେବଳ ଅଖଣ୍ଡବାଦ ହିଁ ରହିବ, ଅଖଣ୍ଡ-ମନ୍ତ୍ରକୁ ହିଁ ତୁମ୍ଭେମାନେ ଗୁରୁ ବୋଲି ମାନିବ, ଗୁରୁ ବୋଲି ଜାଣିବ, ଅଥଚ ମୁଁ ନିଜର ଗୁରୁତ୍ୱଟାକୁ ତୁମମାନଙ୍କ ପାଖରୁ ଅପସାରିତ କରିପାରୁ ନାହିଁ । କାରଣ, ମୁଁ ଅପସରି ଗଲେ ଅଖଣ୍ଡବାଦ ତାର ପ୍ରତିଷ୍ଠାଭୂମିରେ ଦୃଢ଼ ହୋଇ ପାରିବ ନାହିଁ । କିନ୍ତୁ ଅଖଣ୍ଡବାଦ ଯେତେବେଳେ ତୁମ୍ଭମାନଙ୍କ ଭିତରେ ସୁପ୍ରତିଷ୍ଠିତ ହୋଇଯିବ, ସେତେବେଳେ ଦୀକ୍ଷା ଦାତାମାନେ ମନ୍ତ୍ରର ତୁଲ୍ୟ ହେବେ ନାହିଁ, ମନ୍ତ୍ରର ଅଧୀନ ହେବେ, ମନ୍ତ୍ରର ଲକ୍ଷ୍ୟ ହେବେ ନାହିଁ, ମନ୍ତ୍ରର ସମସାଧକ ହେବେ, ବ୍ରହ୍ମଦାତା ପିତା ହେବେ ନାହିଁ, ଏକ-ବୀର୍ଯ୍ୟଜାତ ଗୁରୁଭ୍ରାତା ହେବେ ।

ଗୁରୁବାଦ ଓ ନରପୂଜା

ଆମର ଏ ଗୁରୁବାଦୀଙ୍କର ଦେଶ, ତେଣୁ ନର ପୂଜାର ଏତେ ଧୂମଧାମ । ତିନିଜଣ ଯଦି କହିଲେ ଭଗବାନଙ୍କୁ ଧ୍ୟାନ କର, ତେବେ ତିରିଶ ଜଣ କହିବେ ମନ୍ତ୍ରଦାତାଙ୍କୁ ଧ୍ୟାନ କର । କିନ୍ତୁ ଅସଲ କଥାଟି ହେଲା, ତୁମେ କାହାକୁ ଧ୍ୟାନ କରିବ - ମନ୍ତ୍ରମୟ ବ୍ରହ୍ମର ନା ବ୍ରହ୍ମମୟ ମନ୍ତ୍ରର ? ମୁଁ ଯାହାଙ୍କୁ ଧ୍ୟାନ କରୁଛି, ତୁମେମାନେ ବି ତାଙ୍କୁ ଧ୍ୟାନ କର, ମୋତେ ଧ୍ୟାନ କଲେ କ'ଣ ହେବ ?

(ଚୈତ୍ର ୭, ୧୩୩୮)

ଗୁରୁବାଦ ଓ ନାରୀଧର୍ମ

ଗୁରୁଙ୍କୁ ସର୍ବସ୍ୱ ସମର୍ପଣ ସର୍ବଶାସ୍ତ୍ରର ବିଧାନ । ନିଜର ନାରୀ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନାରୀ ଧର୍ମର ବିଧାନ । ଏହି ଦୁଇଟି ବ୍ରତ ମଧ୍ୟରେ ଯଦି କେବେ ଦ୍ୱନ୍ଦ୍ୱ ଉପୁଜେ, ତେବେ ନାରୀର କର୍ତ୍ତବ୍ୟ କ'ଣ ?

ନାରୀ ସର୍ବପ୍ରଥମେ ତା'ର ନାରୀଧର୍ମକୁ ବଜାୟ ରଖିବ । କାରଣ ସତୀତ୍ୱ ନ ଥିଲେ କାହାରି ଶିଷ୍ୟତ୍ୱ ସତ୍ୟ ହୁଏ ନାହିଁ । ଆଉ ଗୋଟିଏ କଥା ମଧ୍ୟ ମନେ ରଖିବାକୁ ହେବ ଯେ, ଗୁରୁଙ୍କୁ ସର୍ବସ୍ୱ ସମର୍ପଣ ମାନେ ନୁହେଁ ଯେ ଗୁରୁଙ୍କୁ ଇନ୍ଦ୍ରିୟ-ପରିତର୍ପଣ ଲାଗି ନିଜକୁ ବ୍ୟବହାର କରିବାକୁ ହେବ । ଗୁରୁଙ୍କୁ ସର୍ବସ୍ୱ-ସମର୍ପଣ ମାନେ ଗୁରୁଙ୍କ ପାଦପଦ୍ମରେ ସବୁ ସ୍ୱାର୍ଥ-ବୁଦ୍ଧିକୁ ବିସର୍ଜନ ଦେବା । ଗୁରୁଙ୍କୁ ଅହେତୁକ-କୃପାସିନ୍ଧୁ ଜାଣି ତାଙ୍କ ଆଦେଶ ପାଳନ ଲାଗି ମରଣ ପଣ କରିବା ଓ ଭଗବାନଙ୍କୁ ଲାଭ କରିବା ପାଇଁ ସେ ଯେଉଁ ସୁପବିତ୍ର ପନ୍ଥା ନିର୍ଦ୍ଦେଶ କରି ଦେବେ, ଦୃଢ଼ ଭାବରେ ସେଥିରେ ଲାଗି ରହିବା । ଗୁରୁ ଯେଉଁ ସାଧନ ଦାନ କରିଛନ୍ତି, ତା'ରି ଉପରେ ପୂର୍ଣ୍ଣ ନିର୍ଭରଶୀଳ ହେବା ମାନେ ଗୁରୁଙ୍କ ଠାରେ ଆତ୍ମସମର୍ପଣ ।

ଭକ୍ତମାନଙ୍କର କେଉଁଠି ଭୁଲ ହୁଏ ଜାଣ ? ବହୁ ଭକ୍ତ ମନେ କରନ୍ତି ଯେ ଗୁରୁ ଏକ ମାଂସପିଣ୍ଡ, କ୍ଷୁଧା-ତୃଷ୍ଣାଦିର ଆଧାର ଓ ପ୍ରବୃତ୍ତିନିଚୟର କ୍ରୀଡ଼ନକ ଏକ ମନୁଷ୍ୟ ମାତ୍ର । ଗୁରୁଙ୍କୁ ମନୁଷ୍ୟ ଭାବୁଥିବାରୁ, ଯେଉଁ ମନୁଷ୍ୟର ଯେଉଁ ପ୍ରବୃତ୍ତି ସେହି ଦିଗରୁ ସେ ଗୁରୁ ସେବା କରିବାକୁ ଚେଷ୍ଟା କରେ । କିଏ ଅର୍ଥ ଦେଇ ଗୁରୁସେବା କରୁଛି, କିଏ ଆହାର୍ଯ୍ୟ ଦେଇ କରୁଛି, ଆଉ କିଏ ବା ଦେହ ଦେଇ କରୁଛି । କିନ୍ତୁ ଏଥିରେ ଅସଲ ଗୁରୁସେବା ହୁଏ ନାହିଁ । ଗୁରୁଙ୍କର ଯେଉଁଟା ପ୍ରକୃତ ସେବା ସେଇଟା କେବଳ ସାଧନର ଏକନିଷ୍ଠତା ଦ୍ୱାରା ହୁଏ । ତା ଛଡ଼ା ଆଉ କୌଣସି ବସ୍ତୁ ଗୁରୁସେବା ଲାଗି ଅପରିହାର୍ଯ୍ୟ ନୁହେଁ ।

ଏ କଥା କହିବାର ଉଦ୍ଦେଶ୍ୟ ନୁହେଁ ଯେ ଶିଷ୍ୟ ଗୁରୁଙ୍କୁ ଅର୍ଥଦାନ, ଅନ୍ନଦାନ ବା ଭୂମିଦାନ କଲେ ଅପରାଧୀ ହେବ । ଏ କଥାର ତାତ୍ପର୍ଯ୍ୟ ହେଉଛି, ଗୁରୁ ଶିଷ୍ୟଙ୍କ ମଧ୍ୟରେ ଇନ୍ଦ୍ରିୟର ସମ୍ବନ୍ଧ ଦୈହିକ-ଭାବରେ ବା ମାନସିକ ଭାବରେ ସ୍ଥାପିତ ହେଲେ ଉଭୟଙ୍କର ଗୁରୁତ୍ୱ ଓ ଶିଷ୍ୟତ୍ୱ ଗୁରୁତର କ୍ଷତିଗ୍ରସ୍ତ ହୁଏ ଓ ଜଣକ ଲାଗି ଆଉଜଣଙ୍କର ଯେଉଁ ସ୍ୱାଭାବିକ କଲ୍ୟାଣ-କାରିଣୀ ଶକ୍ତିଥାଏ, ତାହାଅଚେତନ ହୋଇ ପଡ଼େ ।

(ଆଷାଢ଼ ୧୩, ୧୩୩୫)

ପରମାତ୍ମା ହିଁ ତୁମର ଗୁରୁ

ଆଜି ଗୁରୁବାଦର ଅବସ୍ଥା ଏପରି ହେଲାଣି ଯେ ଅସଲି ଗୁରୁ କୁଆଡ଼େ ବାଦ ପଡ଼ିଗଲେଣି । ସଦାଶିବ କହିଛନ୍ତି - ମୁକ୍ତି ର୍ନଜାୟତେ ଦେବୀ ମାନୁଷେ ଗୁରୁ ଭାବନାତ୍ । ଅର୍ଥାତ୍ ମନୁଷ୍ୟକୁ ଗୁରୁ ବୋଲି ଭାବନା କଲେ ମୁକ୍ତି ହୁଏ ନାହିଁ । ଶାସ୍ତ୍ର କହୁଛି- ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ, ଗୁରୁରେବ

ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ'' । ଅର୍ଥାତ୍ ଭଗବାନଙ୍କର ଯେଉଁ ସୃଜନୀ ପ୍ରତିଭା ସେହି ତୁମର ଗୁରୁ, ତାଙ୍କର ଯେଉଁ- ରକ୍ଷଣୀ ଶକ୍ତି ସେହି ତୁମର ଗୁରୁ, ତାଙ୍କର ଯେଉଁ ସଂହାର କ୍ଷମତା ସେହି ତୁମର ଗୁରୁ ଏବଂ ଶେଷରେ କୁହାଗଲା, ସୃଷ୍ଟି-ସ୍ଥିତି-ପ୍ରଳୟ ବିଧାତା ଅଖଣ୍ଡ ମଙ୍ଗଳମୟ ଅଖଣ୍ଡ ପରମାତ୍ମା ହିଁ ତୁମର ଗୁରୁ ।

(ଫାଲଗୁନ ୧୦, ୧୩୩୮)

ସଦ୍‌ଗୁରୁଙ୍କର ଅହେତୁକୀ କୃପା

ଶାସ୍ତ୍ରରେ ଅଛି, ଶିଷ୍ୟ ବର୍ଷେ କାଳ ଗୁରୁଙ୍କୁ ପରୀକ୍ଷା କରିବା ଦରକାର । ଆଉ ମଧ୍ୟ ଶାସ୍ତ୍ରରେ ଏକଥା କୁହାଯାଇଛି ଯେ, ଗୁରୁ ବର୍ଷେ କାଳ ଶିଷ୍ୟକୁ ପରୀକ୍ଷା କରିବେ, ତା ପରେ ତାକୁ ଦୀକ୍ଷା ଦେବେ ।

କିନ୍ତୁ ଆମେ ସାଧାରଣତଃ ଦେଖୁ ଯେ ଜଣେ ଜଣେ ମହାପୁରୁଷ ବେଳେ ବେଳେ ଆସି ଜାତି-ବର୍ଣ୍ଣ-ନିର୍ବିଶେଷରେ ଦଳେ ଦଳେ ନରନାରୀଙ୍କୁ ଦୀକ୍ଷା ଦେଇ ଯାଇଛନ୍ତି । ଏହାର କାରଣ କ'ଣ ? ଏହାର କାରଣ ସେମାନଙ୍କର ଅହେତୁକୀ କୃପା । ଶିଷ୍ୟ ପରୀକ୍ଷା ପାଇଁ ସେମାନଙ୍କୁ ବର୍ଷେ ଅପେକ୍ଷା କରିବାକୁ ହୁଏ ନାହିଁ । ସେମାନେ ସୂକ୍ଷ୍ମଦୃଷ୍ଟି ବଳରେ ଶିଷ୍ୟ ଭିତରର ସବୁ ସଂସ୍କାରର ଗଠନ ଓ ଉପାଦାନ ଏକ କଟାକ୍ଷ ମାତ୍ରରେ ହିଁ ଜାଣି ପାରନ୍ତି । ତଥାପି କୌଣସି କୌଣସି କ୍ଷେତ୍ରରେ ଶିଷ୍ୟ ଭିତରେ ଏ ସମ୍ପର୍କରେ ଟିକିଏ ଦୁର୍ବଳତା ରହି ଯାଇଥାଏ । ଗୁରୁଙ୍କ ସମ୍ପର୍କରେ ସେମାନେ ଭଲ ଭାବରେ କିଛି ଜାଣି ନଥିବାରୁ, ସାଧନ କରିବାର ଅଳ୍ପଦିନ ପରେ ମନରେ ନାନା ରକମର ଖଟକା ଲାଗି ମନକୁ ସଂଶୟାକ୍ଲିଷ୍ଟ କରେ । ତା ଫଳରେ ସେମାନେ ଜ୍ଞାନୋପଦେଶ ପାଇବା

ଆଶାରେ ଭିନ୍ନ ଭିନ୍ନ ସଂପ୍ରଦାୟରେ ମିଶି ବିଭିନ୍ନ ଧର୍ମଗତ ଓ ସାଧନ-ଭଜନର ମିଶ୍ରଣରେ ଏକ ଖେଚେଡ଼ି ତିଆରି କରି ବସନ୍ତି । ତା'ହେଲେ ପ୍ରଶ୍ନ ଉଠିବ ଯେ ସଦ୍‌ଗୁରୁ କ'ଣ ଶିଷ୍ୟଙ୍କୁ ଏ ବିପଦରୁ ରକ୍ଷା କରି ପାରନ୍ତି ? ନିଶ୍ଚୟ ପାରନ୍ତି ଓ ରକ୍ଷା ମଧ୍ୟ କରନ୍ତି । କିନ୍ତୁ ସମୁଦାୟ ବ୍ୟାପାରଟା କିଭଳି ହୁଏ ଜାଣ ? ଯେପରି କୌଣସି କୌଣସି ମୁସଲମାନ ସ୍ତ୍ରୀ ସ୍ୱାମୀଠାରୁ ତଲାକ ପାଇ କିଛି ଦିନ ଆଉ ଏକ ପୁରୁଷର ସଙ୍ଗ କଲାପରେ ପୁଣି ପୂର୍ବ ସ୍ୱାମୀ ପାଖକୁ ଫେରିଆସେ, ସେହିପରି ସଦ୍‌ଗୁରୁଙ୍କ ଶିଷ୍ୟମାନେ ମଧ୍ୟ ନାନା ତୁଠର ପାଣି ପିଇଲା ପରେ ଶେଷରେ ସେହି ଆଦି-ଗୁରୁଙ୍କ ପଦ ତଳକୁ ଫେରି ଆସନ୍ତି । ସେଇଥିପାଇଁ ମୁଁ କହେ, ଏତେ ଝଞ୍ଜଟର ଦରକାର କ'ଣ ? ମହାପୁରୁଷ କୃପା ବିତରଣ କରୁଛନ୍ତି । ଭଲ କଥା । ତାଙ୍କ ଉପରେ ତୁମେ ସମ୍ପୂର୍ଣ୍ଣ ନିର୍ଭର କରିବ ନା ସ୍ୱାମୀର ଗୂଢ଼ କଥା ଉପପତିକୁ ଯାଇ କହିବା ଦରକାର ପଡ଼ିବ, ସେତକ ଖୁବ୍ ଭଲ ଭାବରେ ବିବେଚନା କରି ସାରି ତା ପରେ ତାଙ୍କ ପାଖରୁ ଦୀକ୍ଷା ହୁଏତ ନେଇପାର । ସଦ୍‌ଗୁରୁ ନିଜ ଶକ୍ତିରେ ତୁମକୁ ତାଙ୍କ ଆଡ଼କୁ ଆକର୍ଷଣ କରିବେ ସତ କିନ୍ତୁ ତୁମେ ଜାଣି ଶୁଣି ସନ୍ଦେହ ସୃଷ୍ଟିର ମୂଳଟିକୁ ରଖିବ କାହିଁକି ?

(ବୈଶାଖ ୮, ୧୩୩୮)

ଗୁରୁ ପରୀକ୍ଷା

ଗୁରୁ ପରୀକ୍ଷା ନ କରି ଦୀକ୍ଷା କାହିଁକି ନେବ ? ଆଗେ ପରୀକ୍ଷା କରି ଦେଖ, ସେ ତ୍ୟାଗୀ କି ନା, ଜ୍ଞାନୀ କି ନା, ଭଗବତ-ପ୍ରେମିକ କି ନା । ପରୀକ୍ଷା କରି ଦେଖ ଚିତ୍ତର ଭୟଭୀତ ଅବସ୍ଥାରେ ସେ ଅଭୟ ଦେଇ ପାରନ୍ତି କି ନାହିଁ, ମନର ଦୁର୍ବଳତା ଆସିଲେ ହୃଦୟରେ ବଳ ସଂଚାର କରି ପାରନ୍ତି କି ନାହିଁ ।

ପରୀକ୍ଷା କରି ଦେଖ, ତାଙ୍କ ଭିତରେ ପ୍ରକୃତରେ ବ୍ରହ୍ମଚର୍ଯ୍ୟ ଅଛି କି ନାହିଁ, ତାଙ୍କର ବାକ୍ୟ ଅନୁଭୂତିର ଫଳ କି ନୁହେଁ, ତାଙ୍କର ଅନୁଭୂତି ତୀବ୍ର ସାଧନାର ଫଳ କି ନୁହେଁ । ସେ ଯେ ତୁମକୁ ଧର୍ମମାର୍ଗରେ ସାହାଯ୍ୟ କରିବାକୁ ଚାହାନ୍ତି, ଲାଭ, ପୂଜା ବା ପ୍ରତିଷ୍ଠା ଲୋଭ ତାର କାରଣ ନା କେବଳ ନିଷ୍କାମ ପ୍ରେମର ପ୍ରେରଣାରେ ସେ ତୁମକୁ ଅତି ଆପଣାର କରି ନେଉଛନ୍ତି ?

ଗୁରୁଙ୍କ ପରିଚୟ

ଗୁରୁଙ୍କ ପରିଚୟ ତୁମକୁ ଜାଣିବାକୁ ହେବ । କିନ୍ତୁ ଗୁରୁ ପରିଚୟ ତୁମେ ପାଇବ କେଉଁଠୁ ? ତୁମର ଇନ୍ଦ୍ରିୟ-ଦମନ କ୍ଷମତା ଭିତରୁ ହିଁ ତାହା ତୁମେ ପାଇବ । ଗୁରୁସଙ୍ଗ ତୁମକୁ ନାରୀ ଜାତିଠାରେ ମାତୃଭାବ ଆରୋପ କରିବାର ସାମର୍ଥ୍ୟ ଦେବ, ନାରୀଠାରେ ଭୋଗବୁଦ୍ଧି ଆରୋପ କରିବା ମନୋବୃତ୍ତି ବର୍ଜନ କରି ଭକ୍ତିଭାବ ଆରୋପ କରିବାର ଶକ୍ତି ପ୍ରଦାନ କରିବ । ଗୁରୁସଙ୍ଗ ନିୟତ ତୁମକୁ ସ୍ମରଣ କରାଇ ଦେବ ଯେ ବିଶ୍ୱର ସମସ୍ତ ସୃଜନୀ ଶକ୍ତି ହେଉଛି ତୁମର ମା, ଗର୍ଭଧାରିଣୀ ତୁମର ମା, ଜନ୍ମଭୂମି ତୁମର ମା, ଭାଷା ତୁମର ମା, ଅନ୍ନଦାତ୍ରୀ ତୁମର ମା, ଅଭୟଦାତ୍ରୀ ତୁମର ମା, ପାଳୟିତ୍ରୀ ତୁମରି ମା ଓ ନିଃସମ୍ପର୍କୀୟ ବି ତୁମର ମା, ନାରୀର ମୃତଦେହଟା ମଧ୍ୟ ତୁମର ମା, ଏପରି କି ନାରୀର ଛବିଟି ମଧ୍ୟ ତୁମର ମା । ଗୁରୁଙ୍କ ପରିଚୟ କେଉଁଠି ପାଇବ ? ବିଶ୍ୱଜନନୀର ମାତୃତ୍ୱବୋଧକୁ ଜାଗ୍ରତ କରିବା ଶକ୍ତିରୁ ହିଁ ତାଙ୍କର ପରିଚୟ ପାଇବ । ପ୍ରତ୍ୟେକ ନାରୀକୁ ଗୋଟିଏ ଗୋଟିଏ ସିଦ୍ଧପୀଠ ବୋଲି ଯେତେବେଳେ ମନେ କରିପାରିବ, ଗୋଟିଏ ଗୋଟିଏ ଅନ୍ନପୂର୍ଣ୍ଣାଙ୍କ ମନ୍ଦିର, ଗୋଟିଏ ଗୋଟିଏ ବ୍ରହ୍ମବିଦ୍ୟାର ବେଦୀ, ଗୋଟିଏ ଗୋଟିଏ ସରସ୍ୱତୀଙ୍କ ବୀଣା, ଗୋଟିଏ ଗୋଟିଏ ଶ୍ମଶାନକାଳୀଙ୍କ

ଖଡ୍‌ଗ ବୋଲି ଯେତେବେଳେ ମନେ କରିପାରିବ, ସେତିକିବେଳେ ଗୁରୁଙ୍କ ପରିଚୟ ପାଇଲ ବୋଲି ଜାଣିବ ।

(କାର୍ତ୍ତିକ ୩୦, ୧୩୩୪)

"'ଗୁରୁ ପରୀକ୍ଷା'' କଥାର ପ୍ରକୃତ ଅର୍ଥ

ସଦ୍‌ଗୁରୁ ସବୁ ସମୟରେ ମିଳନ୍ତି ନାହିଁ କି ସମସ୍ତଙ୍କୁ ବି ମିଳନ୍ତି ନାହିଁ । ତା ଛଡ଼ା ଗୁରୁ-ପରୀକ୍ଷା କରି ତାଙ୍କର ମହତ୍ତ୍ୱ ବିଚାର କରି ପାରିବା ଭଳି ଶକ୍ତି ଶିଷ୍ୟର କେବେହେଲେ ହୁଏ ନାହିଁ । ଅତଏବ ସୁଯୋଗ ପାଇବା ମାତ୍ରେ ସଦ୍‌ଗୁରୁଙ୍କ କୃପା ଗ୍ରହଣ କରିବା କର୍ତ୍ତବ୍ୟ । ହଁ, ଝିଅ, ତୁ ଠିକ୍ କଥା କହିଛୁ ଯେ ସମତଳ ଅଞ୍ଚଳର ଲୋକ କଦାପି ପର୍ବତଶୃଙ୍ଗର ଉଚ୍ଚତା କଳନା କରି ପାରିବେ ନାହିଁ । ତଥାପି ଗୁରୁ-ପରୀକ୍ଷାର ଆବଶ୍ୟକତା ଅଛି । ଏହାଙ୍କୁ ମୁଁ ଗୁରୁ କରିବି କି ନାହିଁ, ଏହାଙ୍କ ବାକ୍ୟକୁ ବେଦବାକ୍ୟ ବୋଲି ଗ୍ରହଣ କରିବି କି ନାହିଁ, ଏ ବିଷୟ ଦିନ ପରେ ଦିନ ଚିନ୍ତା କଲେ ଅବିରତ ଗୁରୁଙ୍କର ଧ୍ୟାନ ଚାଲିଥାଏ । ଯେଉଁମାନଙ୍କର ଗୁରୁ-ଭାଗ୍ୟ ପ୍ରବଳ, ଏ ଧ୍ୟାନ ଫଳରେ ସେମାନଙ୍କ ଭିତରେ ଆତ୍ମସମର୍ପଣ ବୋଧ ଆସିଯାଏ । ପ୍ରକୃତରେ କ'ଣ ଗୁରୁଙ୍କୁ ପରୀକ୍ଷା କରି ହୁଏ ? ଗୁରୁ ପରୀକ୍ଷା ନାଁରେ ପ୍ରକୃତରେ ଶିଷ୍ୟ କେବଳ ଆତ୍ମପରୀକ୍ଷା ହିଁ କରିଥାଏ । ଗୁରୁ କେଡ଼େ ବିଶାଳ, ତାର ମୀମାଂସା କରିବା ଅସମ୍ଭବ । କିନ୍ତୁ ମୁଁ ନିର୍ବିଚାରରେ ତାଙ୍କ ଆଦେଶ ପାଳନ କରିବି କି ନହିଁ, କରି ପାରିବି କି ନାହିଁ, ସେ ସର୍ବସ୍ୱ ତ୍ୟାଗ କରିବାକୁ କହିଲେ ହସି ହସି ତାହା କରିବାକୁ ଚାହିଁବି କି ନାହିଁ, ତାଙ୍କର ଆଶିଷ ଲାଭ କଲେ ବଜ୍ରାଘାତକୁ ନତମସ୍ତକରେ ସହି ପାରିବି କି ନାହିଁ, ଏହିଭଳି ଆତ୍ମବିଚାର ହିଁ ଗୁରୁ ପରୀକ୍ଷାକୁ ଉପଲକ୍ଷ୍ୟ କରି ଚାଲିଥାଏ ।

ଶିଷ୍ୟ ଯେତେବେଳେ ନିଜେ ଗୁରୁଙ୍କ ପ୍ରତି ସଂପୂର୍ଣ୍ଣ ଅନୁରକ୍ତ ବୋଲି ହୃଦୟଙ୍ଗମ କରେ, ସେତେବେଳେ ଗୁରୁ ସିଦ୍ଧପୁରୁଷ କି ସାମାନ୍ୟ ବ୍ୟକ୍ତି ସେ ପ୍ରଶ୍ନ ତା ମନରେ ଆଉ ଉଠେ ନାହିଁ ।

ଗୁରୁ ପରୀକ୍ଷାର ଆବଶ୍ୟକତା

ଯାହାକୁ ଇଚ୍ଛା ତାକୁ ଗୁରୁ କରିବା ଠିକ୍ ନୁହେଁ, ବରଂ ସେପରି କରିବାଟାକୁ ନିର୍ବୁଦ୍ଧିତାର ଫଳ ବୋଲି କୁହାଯାଇପାରେ । ତଥାକଥିତ ଗୁରୁ, ଶିଷ୍ୟ ଜୀବନର ବିକାଶରେ ସହାୟକ ହେବେ ନା ଶତ୍ରୁ ହେବେ, ସେ କଥା ସେ ଭଲ ଭାବରେ ନ ଜାଣି ଗୁରୁଙ୍କ ପାଦରେ ଆତ୍ମସମର୍ପଣ କରିଦେଲା ଓ ତା ପରେ ଅନୁତାପ କରିବାର ଅବକାଶ ଘଟିଲା । ଏପରି ଅବସ୍ଥାରେ ପରେ ଅନୁତାପ କରିବା ଅପେକ୍ଷା ପ୍ରଥମରୁ ବରଂ କାଳ ପ୍ରତୀକ୍ଷା କରି ଗୁରୁ ନିର୍ବାଚନ କରିବା ତା ପକ୍ଷରେ ଉଚିତ୍ ଥିଲା । ଏଭଳି ଗୁରୁତର ବ୍ୟାପାରର ଚୂଡ଼ାନ୍ତ ମୀମାଂସା କଦାପି ହୋ'ରେ ମାତି କରିବା ଉଚିତ୍ ନୁହେଁ । ଏପରି ଅନେକ ଗୁରୁଦେବ ଅଛନ୍ତି, ଯେଉଁମାନେ କୌଶଳ କରି, ଜୋର କରି ବା ନାନା ଫନ୍ଦୀଫିକର ବାହାର କରି ଲୋକଙ୍କୁ ଶିଷ୍ୟ କରନ୍ତି, ଶିଷ୍ୟ ଜୀବନର ଲକ୍ଷ୍ୟ ପ୍ରତି ଦୃଷ୍ଟି ନ ଦେଇ ନିଜର ଗରଜରେ ତାର ଗୁରୁ ହୁଅନ୍ତି, ଶିଷ୍ୟ ପାଖରେ ନିଜର ପ୍ରକୃତ ପରିଚୟଟି ସମ୍ପୂର୍ଣ୍ଣରୂପେ ପ୍ରକଟ ନ କରି ନିଜର ଗୁରୁ ପଣିଆକୁ ଦୀକ୍ଷା ଦ୍ୱାରା ପକ୍କା କରି ନିଅନ୍ତି ଏବଂ ପରେ ଯେତେବେଳେ ଶିଷ୍ୟ ନିଜ ଜୀବନର ପ୍ରକୃତ ଲକ୍ଷ୍ୟ ସଙ୍ଗେ ଗୁରୁଦେବଙ୍କ ଜୀବନକୁ ବା ଉପଦେଶକୁ ଆଦର୍ଶ ଦିଗରୁ ମିଳାଇ ନ ପାରି ହାହୁତାଶ କରିବାକୁ ଆରମ୍ଭ କରେ, ଅନ୍ତର୍ଜ୍ୱାଳାରେ ଜଳିପୋଡ଼ି ଛଟପଟ ହେବାକୁ ଲାଗେ, ସେତେବେଳେ ସେମାନେ ଭଲ ଲୋକି ସାଜି ବସନ୍ତି । ଶତ ଶତ

କ୍ଷେତ୍ରରେ ଆଜି ଏହି ଘଟଣା ଘଟୁଛି । ସେଥିଯୋଗୁଁ ପ୍ରତ୍ୟେକ ଦୀକ୍ଷାର୍ଥୀ ଉପଯୁକ୍ତ ସମୟବ୍ୟାପୀ ଗୁରୁ-ପରୀକ୍ଷା କରିବା ଦରକାର । ଦୀକ୍ଷା ବ୍ୟାପାରରେ''ଆ ଚୋକି ବାହା ହେବୁ'' ନୀତି ଅତ୍ୟନ୍ତ ବିପଜ୍ଜନକ । ବରଂ ପାଞ୍ଚ ସାତ ବର୍ଷ ଦୀକ୍ଷା ନ ହେଲେ ହେଉ, ତା ବୋଲି ତରବର ହୋଇ ନିଜେ ନିଜର ସର୍ବନାଶ କରିବା ଆଦୌ ଠିକ୍ ନୁହେଁ । କନ୍ୟାର ବିବାହରେ ପାତ୍ର ନିର୍ବାଚନ ଯେପରି ଏକ ଅତି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, ଦୀକ୍ଷା ଗ୍ରହଣରେ ମଧ୍ୟ ସେହିଭଳି ଦାୟିତ୍ୱ ରହିଛି । ନ ବୁଝି ନ ଶୁଝି ବିବାହ କଲେ ଅନେକ ସମୟରେ ଯେପରି ବିବାହ-ବିଚ୍ଛେଦ ମାମଲା କରିବା ଅବଶ୍ୟମ୍ଭାବୀ ହୋଇଥାଏ, ନ ବୁଝି ନ ଶୁଝି ଗୁରୁବରଣ ମଧ୍ୟ ତଦ୍ରୁପ ।

ଗୁରୁ-ପରୀକ୍ଷାର ପ୍ରୟୋଜନୀୟତା

ତୁମେ ହୁଏତ କହିପାରେ, ''ଗୁରୁ ପରୀକ୍ଷା ଦରକାର କ'ଣ ? ଗୁରୁ ଯେଉଁ ସାଧନ କହି ଦେଇଛନ୍ତି, ସେହି ଅନୁସାରେ ଚାଲିଲେ ତ ହେଲା । ଗୁରୁ ଭଲ ବା ମନ୍ଦ, ସାଧକ କି ଅସାଧକ, ମୋର ସେ ସବୁ ଚିନ୍ତା କରିବା କ'ଣ ଦରକାର ?'' ଖୁବ୍ ଭଲ କଥା । ଦୀକ୍ଷା ନେଲାପରେ ଦୀକ୍ଷିତର ମନୋଭାବ ଏପରି ହେବା ଦରକାର, ନ ହେଲେ ସାଧନ ପ୍ରଗାଢ଼ ହୁଏ ନାହିଁ, ଭଜନ ଜୋର ହୁଏ ନାହିଁ । କିନ୍ତୁ ଆତ୍ମ ପରୀକ୍ଷା ଛଡ଼ା ତ କେହି ଦୀକ୍ଷା ନେବା ଉଚିତ୍ ନୁହେଁ । ଗୁରୁ-ପରୀକ୍ଷା ପାଇଁ ଚେଷ୍ଟା କଲେ ତା ଫଳରେ ଆତ୍ମ-ପରୀକ୍ଷା ପକ୍କା ହୋଇଯାଏ । ସୁନା ପରୀକ୍ଷା କରିବାକୁ ଗଲେ ନିକଷ ପାଷାଣର ନୈକଷ୍ୟ ମଧ୍ୟ ପରୀକ୍ଷିତ ହୋଇଯାଏ । ଏଇଥିପାଇଁ ତ ବାବା, ଗୁରୁ-ପରୀକ୍ଷା ଦରକାର ।

(ବୈଶାଖ ୨୫, ୧୩୩୮)

ଶିଷ୍ୟର ଆତ୍ମପରୀକ୍ଷାର ଆବଶ୍ୟକତା

ଖାଲି ଯେ ଗୁରୁ-ପରୀକ୍ଷା ପ୍ରୟୋଜନ, ତା ନୁହେଁ, ଶିଷ୍ୟର ଆତ୍ମ-ପରୀକ୍ଷା ମଧ୍ୟ ପ୍ରୟୋଜନ । ଖାଲି ଦୀକ୍ଷା ନେଇଗଲେ କେହି ଶିଷ୍ୟ ହୋଇଯାଏ ନାହିଁ । ଧର୍ମସାଧନ ବିଷୟରେ ଗୁରୁଙ୍କର ଆଦେଶ ଅବିଚାରିତ ଚିତ୍ତରେ ପାଳନ କରିବା ପାଇଁ ସୁଗଭୀର ସଂକଳ୍ପ ଓ ସଂକଳ୍ପର ଦୃଢ଼ତା ଆବଶ୍ୟକ । ସେ ଦୃଢ଼ତା ତୁମର ଅଛି କି ନାହିଁ, ସେତିକି ପରୀକ୍ଷା କରିବାକୁ ହୁଏ । ଗୁରୁ ଯେଉଁ ଉପଦେଶ ଦେବେ, ନିଃସଂକୋଚରେ ତାହା ପାଳନ କରିବା ଲାଗି ତୁମର ତୀବ୍ର ଇଚ୍ଛା ଜାଗ୍ରତ ହୋଇଛି କି ? ବହୁ ଶିଷ୍ୟଙ୍କର ସେଭଳି ତୀବ୍ର ଇଚ୍ଛା ନ ଥାଏ ଅଥଚ ସେମାନେ ପିଲାଖେଳ ପରି ଦୀକ୍ଷାଗ୍ରହଣ କରିଥାନ୍ତି । କିନ୍ତୁ ଏ ବ୍ୟାପାରରେ ଶିଷ୍ୟର ଦାୟିତ୍ୱ ଅପେକ୍ଷା ଗୁରୁଙ୍କ ଦାୟିତ୍ୱ ବେଶି । ଅଜ୍ଞାନ ବୋଲି ତ ଲୋକ ଜ୍ଞାନ ଲାଭ ପାଇଁ ଶିଷ୍ୟ ହୁଏ, ଅତଏବ ତାର ଆଚରଣରେ ଭ୍ରମ ପ୍ରମାଦ ରହିବା ସ୍ୱାଭାବିକ । କିନ୍ତୁ ଅଜ୍ଞାନ ଅବସ୍ଥାରେ ଗୁରୁପଦ ଗ୍ରହଣ କରିବାର ଅଧିକାର କାହାରି ନାହିଁ । ତେଣୁ ଶିଷ୍ୟର ଶୁଭାଶୁଭ ଭଲ କରି ନ ବୁଝି ଯିଏ ଶିଷ୍ୟକୁ ଆଗେ ମନ୍ତ୍ର ଦେଇ ଦୀକ୍ଷା ଦେଇଦିଏ ସେ ଅନେକ ସମୟରେ ଶିଷ୍ୟର ଅନିଷ୍ଟ ସାଧନ କରେ । ତିଳାର୍ଦ୍ଧ ପରିମିତ ଶଙ୍କା ବା କୁଣ୍ଠା ଯେଉଁ ଶିଷ୍ୟ ମନରେ ଅଛି, ତାକୁ ଦୀକ୍ଷା ଦେବା ଅଧିକାଂଶ କ୍ଷେତ୍ରରେ ପାପ ।

(ଜ୍ୟେଷ୍ଠ ୨୮, ୧୩୩୮)

ଗୁରୁ-ପରୀକ୍ଷା ଓ ଆତ୍ମପରୀକ୍ଷା

ପିଲାମାନେ, ବର୍ଷେ ଗୁରୁ ପରୀକ୍ଷା କର, ବର୍ଷେ ଆତ୍ମ-ପରୀକ୍ଷା କର, ତାପରେ ଦୀକ୍ଷା ଦେବା । କାଲି ବି ଯେ କେତେଜଣ ଆସିଥିଲେ ସେମାନଙ୍କୁ ମଧ୍ୟ ମୁଁ ଏହି ଉପଦେଶ ଦେଇଛି । ତୁମେ କହୁଛ "ଗୁରୁ ପରୀକ୍ଷା କ'ଣ

ଦରକାର, ଯାହାଙ୍କୁ ଗୁରୁ ବୋଲି ମାନିଛି, ଆଜୀବନ ସେ ଦେଇଥିବା ଉପଦେଶ ପାଳନ କରିଯିବି ।'' ଆଜୀବନ ତାହା ଯେପରି କରିପାରିବ ସେଇଥି ପାଇଁ ତ ଗୁରୁ-ପରୀକ୍ଷା ଦରକାର । ଆଜି ହଠାତ୍ ମନରେ ଏକ ଆବେଗ ଆସିବା ଫଳରେ ଯାହାଙ୍କୁ ଗୁରୁ କଲ, ଦୁଇଦିନ ପରେ ଯଦି ତୁମର ପୂର୍ବସଂଚିତ ଅପରାଧ ଗୁଡ଼ିକ ଯୋଗୁଁ ତୁମେ ତାଙ୍କ ଉପଦେଶ ଅନୁସାରେ ଚଳିବାକୁ ମନରେ ଦ୍ୱିଧା ଆସେ, ତାହା ହେଲେ ଅବସ୍ଥା କ'ଣ ହେବ ? ଆଜି ମନରେ ଅଗାଧ ଭକ୍ତି ଜନ୍ମିବା ଯୋଗୁଁ ଜଣଙ୍କୁ ଗୁରୁ କଲ, ସେ ମଧ୍ୟ ତୁମକୁ ଅକପଟ ସ୍ନେହ ଦେଇ ଜୀବନର ଶ୍ରେଷ୍ଠ ଉପଦେଶ ପ୍ରଦାନ କଲେ, କିନ୍ତୁ ଦୁଇ ଚାରି ଦିନ ପରେ ଯଦି ତୁମେ ଭାବ ଯେ ''ମୁଁ ତ ଭଲ କରି ପଢ଼ାପଢ଼ି କରି ନାହିଁ । ପରୀକ୍ଷାରେ ତ ନିଶ୍ଚୟ ଫେଲ ହେବି । ଗୁରୁଙ୍କ ଠାରୁ ଏ ମନ୍ତ୍ରଟି ନ ନେଇଥିଲେ ମୁଁ ହୁଏତ ପାଶ କରି ଯାଇଥାନ୍ତି । ଛାଡ଼ ଏ ଗୁରୁଙ୍କୁ ଛାଡ଼ ।'' କିମ୍ବା ଯେଉଁମାନେ ଗୁରୁଦେବଙ୍କୁ ନିନ୍ଦା କରିବା ଜୀବନର ଏକ ବଡ଼ କର୍ତ୍ତବ୍ୟ ବୋଲି ମନେ କରନ୍ତି, ସେହି ଧରଣର ଲୋକଙ୍କୁ ଡାକି ପଚାରିଲ, ଏ ଅବସ୍ଥାରେ ଉପାୟ କ'ଣ ? ଅତୀତରେ ମାପିଚୁପି ଚଳିଲ ନାହିଁ, ବ୍ୟବସାୟ ନ ଶିଖି ସେଥିରେ ଅକାତରେ ଟଙ୍କା ଢ଼ାଳିଦେଲ, ଅବିଶ୍ୱାସୀ ଲୋକକୁ ବିଶ୍ୱାସ କରି ତା ମାରଫତରେ ସବୁ ସମ୍ପତ୍ତିର ରକ୍ଷଣାବେକ୍ଷଣା ଛାଡ଼ି ଦେଇ ଏବେ ନିତାନ୍ତ ଦରିଦ୍ରାବସ୍ଥାରେ ପଡ଼ି ଚାରିଆଡ଼େ ନିଜର ମାନସମ୍ମାନ ବଜାୟ ରଖି ଚଳି ନ ପାରିଲ ତ, ଦିଅ ଗୁରୁଦେବଙ୍କ ମୁଣ୍ଡରେ ସବୁ ଦୋଷ ଢାଳି ଦିଅ ଯେ, ନିଶ୍ଚୟ ସେ ଦେଇଥିବା ମନ୍ତ୍ର ଯୋଗୁଁ ଏହି ଅକଥନୀୟ ଦାରିଦ୍ର୍ୟ ଆସିଲା । ବର୍ଷେ ଗୁରୁ-ପରୀକ୍ଷା କରି ଦୀକ୍ଷା ନେଲେ ଏ ସବୁ ଜଟିଳ ନୀଚତା ଭିତରେ ଶିଷ୍ୟକୁ ପଡ଼ିବାକୁ ହୁଏ ନାହିଁ, କାରଣ ଗୁରୁ-ପରୀକ୍ଷା କରୁ କରୁ ତାର ଆତ୍ମ-ପରୀକ୍ଷା ବି ହୋଇଯାଏ ।

ଗୁରୁଙ୍କର ଶିଷ୍ୟ ପରୀକ୍ଷା

ତୁମେ କହିପାର- ''ଆପଣ କ'ଣ ଆମର ଯୋଗ୍ୟତା ଅଯୋଗ୍ୟତା ପରୀକ୍ଷା କରି ଦୀକ୍ଷାଦେଇ ପାରିବେ ନାହିଁ ଯେ, ସମସ୍ତଙ୍କୁ ଏକାବେଳେକେ ନିରାଶ କରୁଛନ୍ତି ? ଅନ୍ତତଃ ଯେ ଯୋଗ୍ୟ ତାକୁ ହେଲେ ଦୀକ୍ଷା ଦିଅନ୍ତୁ ।'' ମୋ ଦୃଷ୍ଟିରେ ତୁମ୍ଭେମାନେ ସମସ୍ତେ ଯୋଗ୍ୟ । କିନ୍ତୁ ବର୍ତ୍ତମାନ ମୋର ଦୀକ୍ଷା ଦେବାର ଅଭିପ୍ସା ନାହିଁ । ଶିଷ୍ୟ ଦେଖିଲେ ମୁଁ ଚିହ୍ନିପାରେ କିଏ କ'ଣ ହେବ । କିନ୍ତୁ ମୋର ଯେତେବେଳେ ଦୀକ୍ଷା ଦେବାର ଅଭିପ୍ସା ଥାଏ, ସେତେବେଳେ ଯଦି ଏପରି କେହି ଆସେ ଯେ କି ଶିଷ୍ୟ ହେବା ପରେ ସରବତ ଗ୍ଲାସରେ ପଟାସିୟମ ସାଇନାଇଡ଼ ମିଶାଇ ମୋତେ ହତ୍ୟା କରିବାକୁ ଉଦ୍ୟମ କରିବ, ମୁଁ ସେ କଥା ଜାଣିଶୁଣି ତାକୁ ଦୀକ୍ଷା ଦିଏ । ମୁଁ ହୁଏତ ଅପମୃତ୍ୟୁରେ ମରିଯାଇପାରେ, କିନ୍ତୁ ମୋର ଦୀକ୍ଷାଦାନ ଅଭୀପ୍ସା ବେଳେ ଯେ ଦୀକ୍ଷା ନେଇଛି, ସେ ମୋତେ ହତ୍ୟା କରିବା ପରେ ମଧ୍ୟ ମୁଁ ଦେଇଥିବା ଜିନିଷର ମହିମାରେ ହିଁ କେତେବେଳେ ହେଲେ ତ ପରମ କଲ୍ୟାଣକୁ ଲାଭ କରିବ । ବହୁ ଦୁର୍ବୃତ୍ତ ଲୋକଙ୍କୁ ମୁଁ ଅଜାଡରେ ଦୀକ୍ଷା ଦେଇଛି । ସେମାନଙ୍କ ମଧ୍ୟରୁ କେହି କେହି ଅତି ସାଧୁ ପୁରୁଷରେ ପରିଣତ ହୋଇ ଯାଇଛନ୍ତି । ଆଉ କେହି କେହି ନିଜର ଦୁର୍ବୃତ୍ତତା ମୋରି ବିରୁଦ୍ଧରେ ପ୍ରୟୋଗ କରି ନିଜର କର୍ମଫଳକୁ କ୍ଷୟ କରିଛନ୍ତି । କାରଣ, ଯେତେବେଳେ ମୋରି ବିରୁଦ୍ଧରେ ତା'ର ଦୁର୍ବୃତ୍ତତା, ସେତେବେଳେ ସେ ମୋତେ ଅତି ତୀବ୍ର ଭାବରେ ଧ୍ୟାନ କରିବାକୁ ବାଧ୍ୟ ହୋଇଛି ଏବଂ ତାହା ଦ୍ୱାରା ପରୋକ୍ଷ ଭାବରେ ତାର କର୍ମଫଳ କ୍ଷୟ ହୋଇଯାଇଛି । ତେବେ, ସ୍ଥଳ ବିଶେଷରେ ମୁଁ ମଧ୍ୟ ଶିଷ୍ୟ-ପରୀକ୍ଷା ପାଇଁ ବର୍ଷେ, ଦୁଇବର୍ଷ ବା ତିନିବର୍ଷ ଅପେକ୍ଷା କରେ ଏବଂ ସେଥିରେ ଶିଷ୍ୟର ହିଁ କୁଶଳ ହୁଏ । ତୁମ୍ଭମାନଙ୍କୁ

ମୁଁ ପରୀକ୍ଷା କରିବା ଦରକାର ନାହିଁ । ତୁମ୍ଭେମାନେ ସ୍କୁଲ, କଲେଜର ଛାତ୍ର । ଦେଶ ଓ ଦଶର ତୁମ୍ଭେମାନେ ଆଶା ଓ ଭରସା । ଜଗତକୁ କଲ୍ୟାଣ, ଆନନ୍ଦ ଓ ସମୃଦ୍ଧି ଦାନ ହିଁ ହେବ ତୁମ୍ଭମାନଙ୍କର ଆଦର୍ଶ । ସେହି ଆଦର୍ଶ ପ୍ରତି ଲକ୍ଷ୍ୟ ରଖି ତୁମ୍ଭେମାନେ ଆଗେଇ ଚାଲ । ସତ୍‌ସଙ୍ଗ କର, ମହାପୁରୁଷମାନଙ୍କର ଜୀବନୀ ଆଲୋଚନା କର, ଆଳସ୍ୟ-ମୂଳକ ସବୁ ବିଳାସ ବ୍ୟସନ ପରିହାର କର । ତାପରେ ଯେବେ ଯାହାର ଦୀକ୍ଷାର ସମୟ ହେବ, ସେତେବେଳେ ମୁଁ ଯଦି ତୁମର ଗୁରୁ ହୋଇଥିବି, ତେବେ ମୋ ସହିତ ଅତି ଆଶ୍ଚର୍ଯ୍ୟଜନକ ଭାବରେ ତୁମର ଦେଖା ସାକ୍ଷାତ୍ ହେବ, ଦୀକ୍ଷା ବି ହୋଇଯିବ । ବର୍ତ୍ତମାନ ପିଲାଏ ତରତର ହୋଇ ଦୀକ୍ଷା ନେବା ଦରକାର ନାହିଁ ।

(ବୈଶାଖ ୨୬, ୧୩୪୧)

ଗୁରୁଗିରିର ଉଲ୍ଲାସ ଓ ଦାୟିତ୍ୱ

ତୁମ୍ଭେ ଅବଶ୍ୟ ପ୍ରଶ୍ନ କରିପାର, ଯେ, ହଜାର ହଜାର ଲୋକଙ୍କୁ ଦୀକ୍ଷା ଦେଇଛନ୍ତି, ସେ ତୁମର ଦୀକ୍ଷା ପ୍ରସଙ୍ଗରେ ଏତେ କଥା ଅବତାରଣା କରୁଛନ୍ତି କାହିଁକି ? ତାର ଜବାବ ଏଇଆ ଯେ, ଏକଦା ଦୀକ୍ଷା ଦେବାକୁ ଯାଇ ମୁଁ କିପରି ଉଲ୍ଲାସ ଅନୁଭବ କରୁଥିଲି ସେ କଥା ମୋର ବେଶ୍ ସ୍ମରଣ ଅଛି । ଦୀକ୍ଷା ନେଇ ଶିଷ୍ୟ ନିର୍ଭର ହେଲା କି ନ ହେଲା ତା ଅପେକ୍ଷା ଦୀକ୍ଷା ଦେଇ ମୋର ନିଜର ତୃପ୍ତି କେତେ ପରିମାଣରେ ହେଲା ସେଇଟା ହିଁ ସେତେବେଳେ ଥିଲା ମୋର ବେଶି ଲକ୍ଷ୍ୟ କରିବାର ବସ୍ତୁ । ମନ୍ତ୍ର ନେଇ ଶିଷ୍ୟ ମୋତେ ମାନିବ କି ନାହିଁ, ମୋତେ ଗୁରୁ ବୋଲି ସେ ଅନ୍ତରରେ ଉପଲବ୍ଧି କଲା କି ନାହିଁ, ତା ଅପେକ୍ଷା ମୁଁ ଯେ ତାର ଗୁରୁ ହେଲି, ଏହା ହିଁ ମୋର ଅଧିକ

ତୃପ୍ତିପ୍ରଦ ହେଉଥିଲା । ସେ ସମୟରେ ଯଦିଓ କାହାକୁ ଛଳେ-ବଳେ-କୌଶଳେ ଶିଷ୍ୟ କରିବା ପାଇଁ ମୁଁ ଚେଷ୍ଟା କରି ନଥିଲି, ତଥାପି କେହି ଯଦି ସେତେବେଳେ ପାଖରେ ବସି ପରାମର୍ଶ ବା ଇଙ୍ଗିତ ଦେଇଥାନ୍ତା ଯେ ଥରେ ଜଣେ ଲୋକର କାନରେ କୌଣସି ପ୍ରକାରେ ଗୋଟିଏ ମନ୍ତ୍ର ଦେଇଦେଲେ ଆଜି ନ ହେଲେ କାଲି ସେ ତ ନିଶ୍ଚିତ ଅନୁଗତ ହେବ, ତାହାହେଲେ ସେ ଉପଦେଶ, ଇଙ୍ଗିତ ବା ପରାମର୍ଶକୁ ବିଲକୁଲ ଗ୍ରହଣର ଅଯୋଗ୍ୟ ବୋଲି ସଙ୍ଗେ ସଙ୍ଗେ ପ୍ରତ୍ୟାଖାନ କରି ଦେବାଭଳି ମନୋଭାବ ମୋର ସେତେବେଳେ ନଥିଲା । ଗୁରୁଗିରି କରି ମୁଁ ଉଲ୍ଲସିତ ହେଉଥିଲି । ଶିଷ୍ୟ ନାମଧାରୀ ବ୍ୟକ୍ତିମାନଙ୍କର ମନରଅବସ୍ଥା କଣ ହେଉଥିଲା, ସେ କଥା ଜାଣିବାର କୌଣସି ପ୍ରୟୋଜନ ମୋର ନଥିଲା । ଭଗବାନଙ୍କ କୃପାରୁ ସେ ବେଳ ଅତିଶୀଘ୍ର ଅତିକ୍ରାନ୍ତ ହୋଇଗଲା । ତାପରେ ଦୀକ୍ଷାଦାନ ଭିତରେ ମୁଁ ଆଉ ନିଜର ଉଲ୍ଲାସକୁ ଖୋଜି ଦେଖିନାହିଁ, କେବଳ ଦୀକ୍ଷିତର ଅନ୍ତରର ଉଲ୍ଲାସକୁ ହିଁ ଦେଖିଛି । ତେଣୁ ସେହିଦିନ ଠାରୁ ମୁଁ ସମସ୍ତଙ୍କୁ କହିବାକୁ ଆରମ୍ଭ କରିଛି, ତୁମ୍ଭେମାନେ ଦଳ ଦଳ ହୋଇ ତ ଦୀକ୍ଷା ନେବାକୁ ଆସୁଛ, ତା ପୂର୍ବରୁ ଭଲ କରି ବୁଝି ବିଚାରି ଦେଖ, ତୁମ୍ଭମାନଙ୍କର ପ୍ରକୃତ କୁଶଳ ଏଇଠି ଅଛି ନା ଆଉ କେଉଁଠି ଅଛି ? ତା ଫଳରେ କେତେକ ଲୋକ ମୋ ଦୋକାନରେ ମାଲ ମହଜୁଦ ଥିବା ସତ୍ତ୍ୱେ ମୋର ଦେବାକୁ ଅନିଚ୍ଛା ଦେଖି ଅନ୍ୟ ଦୋକାନକୁ ଯାଇ ପେଟ ଭର୍ତ୍ତି କରି ମିଠେଇ, ସନ୍ଦେଶ ଖାଇଛନ୍ତି । ଅନ୍ୟତ୍ର ଦୀକ୍ଷିତ ହୋଇଛନ୍ତି । କିନ୍ତୁ ସେଥିରେ ମୁଁ ମନରେ ଟିକିଏ ହେଲେ କଷ୍ଟ ଅନୁଭବ କରି ନାହିଁ । ଗୁରୁଗିରିର ଦାୟିତ୍ୱ ମୋତେ ଖୁବ୍ ବେଶି ଧୀରଗାମୀ କରି ଦେଇଛି । ଅନେକଙ୍କର ଏ ପ୍ରକାର ମନୋଭାବ ଦେଖାଯାଏ ଯେ, ତାଙ୍କ ଦ୍ୱାରା ଯଦି ଜଗତ ଉଦ୍ଧାର ହେଲା ତେବେ ଆଉ କାହା ଦ୍ୱାରା ଉଦ୍ଧାର ହେବା

ସେ ଚାହାନ୍ତି ନାହିଁ । ମୋର ମନୋଭାବ ତାର ବିପରୀତ । ମୋ ଦ୍ୱାରା ଯଦି ଜଗତର ଉଦ୍ଧାର ନ ହୋଇ ଆଉ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ହୁଏ ତାହାହେଲେ ମୁଁ ସେହି ବ୍ୟକ୍ତିମାନଙ୍କ ପାଖରେ ଅନ୍ତରର ଚିର-କୃତଜ୍ଞତା ପାଶରେ ଆବଦ୍ଧ ରହିବି । ଜଗତର ଉଦ୍ଧାର ହିଁ ମୋର କାମ୍ୟ । ମୁଁ ନିଜେ ବ୍ୟକ୍ତିଗତ ଭାବରେ ତାହାର ନିମିତ୍ତ ହେଲି ବା ନ ହେଲି ସେଇଟା ମୋ ପକ୍ଷରେ ଅତି ତୁଚ୍ଛ କଥା । ତେଣୁ ତୁମ୍ଭେମାନେ ଦୀକ୍ଷା ନେବାକୁ ଆସିବା ପୂର୍ବରୁ ଶହେଥର ପରୀକ୍ଷା, ପ୍ରତୀକ୍ଷା ଓ ପର୍ଯ୍ୟବେକ୍ଷଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ମୁଁ ଭଲପାଏ । ସରଳ ପଥହିଁ ପ୍ରକୃତ ନିରାପଦ ପଥ ବୋଲି ମୁଁ ଜାଣେ । ତେଣୁ ମୁଁ ତୁମକୁ ସବୁ କଥା ସରଳ ମନରେ ଲେଖୁଛି ।

ଦୀକ୍ଷା ଏକ ବଦ୍ଧମୂଳ ପ୍ରଥା

ଦୀକ୍ଷାଦାନ ଓ ଦୀକ୍ଷାଗ୍ରହଣ ଏପରି ଏକ ବଦ୍ଧମୂଳ ପ୍ରଥା ଯେ ଭାରତବର୍ଷରେ ଜନ୍ମଗ୍ରହଣ କରିଥିବା ଯେ କୌଣସି ଲୋକର ଆଧ୍ୟାତ୍ମିକ ଉନ୍ନତି ଦୀକ୍ଷା ଛଡ଼ା ଅନ୍ୟ କୌଣସି ଉପାୟରେ ସମ୍ଭବ ହୋଇ ପାରିବ ବୋଲି ପ୍ରାୟ କେହି ବିଶ୍ୱାସ କରନ୍ତି ନାହିଁ । ଯେଉଁମାନେ ସାଧନ ଭଜନ କରି ଆଧ୍ୟାତ୍ମିକ ଉନ୍ନତି କରିବାକୁ ଚାହାନ୍ତି, ସେମାନଙ୍କ ମଧ୍ୟରୁ ଶତକଡ଼ା ଅନେଶତ ଜଣଙ୍କର ମତ ଯେ ଦୀକ୍ଷା ନ ନେଲେ ସାଧନାରେ ସିଦ୍ଧି ଲାଭ ଅସମ୍ଭବ । ଧ୍ରୁବ ଭଗବାନଙ୍କୁ ଡାକିଲେ- ଏହି କଥାକୁ ଉପଲକ୍ଷ୍ୟ କରି ପୁରାଣକାର କାହାଣୀ ଛଳରେ ଜଳବତ୍ ତରଳ କରି ବୁଝାଇ ଦେଲେ ଯେ ନାରଦ ଋଷି ଗୁରୁ ହୋଇ ଆସି ଦୀକ୍ଷା ଦେଇ ନଥିଲେ, ପଦ୍ମପଳାଶଲୋଚନ ଶ୍ରୀହରି ଧ୍ରୁବଙ୍କୁ ଦେଖା ଦେଇ ନ ଥାନ୍ତେ । ପଲ୍ଲୀ ଗ୍ରାମକୁ ଗଲେ ଦେଖିବ ନିତାନ୍ତ ଅଶିକ୍ଷିତା ପଲ୍ଲୀ ରମଣୀ ମନରେ ସୁଦ୍ଧା

ଏ ଧାରଣା ବଦ୍ଧମୂଳ ହୋଇ ରହିଛି ଯେ ଦୀକ୍ଷା ନ ନେଲେ ହାତର ଜଳ ଶୁଦ୍ଧ ହୁଏ ନାହିଁ । ଦୀକ୍ଷା ସମ୍ପର୍କରେ ଯେଉଁ ଦେଶରେ ଏପରି ଦୃଢ଼ମୂଳ ଓ ବଦ୍ଧମୂଳ ଧାରଣା ରହି ଆସିଛି, ସେ ଦେଶରେ ଯେ ଲକ୍ଷ ଲକ୍ଷ ଦୀକ୍ଷାଦାତା ରହିବେ - ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

(ଜ୍ୟେଷ୍ଠ ୧୪, ୧୩୩୬)

ଦୀକ୍ଷାର ମାନେ ନବଜନ୍ମ ଲାଭ

ଦୀକ୍ଷାର ମାନେ rejuvenation of life (ନବ ଯୌବନ ସଂଚାରଣ) ବା ଆଉ ଟିକିଏ ପ୍ରାଞ୍ଜଳ କରି କହିଲେ ଦୀକ୍ଷା ହେଉଛି Rebirth (ନବ ଜନ୍ମ) । No one can take Dikshya if not inspired within by a zeal for a new life ଅର୍ଥାତ୍ ଦୀକ୍ଷା କେହି ନେଇ ନ ପାରେ - ଯଦି ସେ ନବଜନ୍ମଲାଭର ପ୍ରବଳ ପ୍ରେରଣା ଦ୍ୱାରା ଚାଳିତ ନ ହୁଏ ।

(ଆଷାଢ଼ ୧୩, ୧୩୩୮)

ଦୀକ୍ଷା ହିଁ ନବଜନ୍ମ ଲାଭ

ତତ୍ତ୍ୱଦର୍ଶୀ ଯୋଗୀ ପୁରୁଷଙ୍କ ଠାରୁ ଦୀକ୍ଷା ଗ୍ରହଣ ଓ ପୁନର୍ଜନ୍ମ ଲାଭ ଏକ କଥା । ଯୋଗୀ ପୁରୁଷଙ୍କର ଚରଣାଶ୍ରୟ ଗ୍ରହଣ ମାତ୍ରେ ଶିଷ୍ୟ ନୂତନ ମନୁଷ୍ୟରେ ପରିଣତ ହୁଏ । ଅନ୍ତର ଯାହାର ଶୁଦ୍ଧ, ଚିତ୍ତ ଯାହାର ଅମଳିନ ଓ ପ୍ରଶାନ୍ତ, ସେଭଳି ଶିଷ୍ୟ ଦୀକ୍ଷାଗ୍ରହଣ ମାତ୍ରେ ଏହି ପରିବର୍ତ୍ତନ ଅନୁଭବ କରେ, ସଦ୍‌ଗୁରୁ କୃପାଜନିତ ଆଧ୍ୟାତ୍ମିକ ସ୍ଫୁରଣ ଉପଲବ୍ଧି କରି ସେ ବିସ୍ମିତ, ଚମକିତ ଓ ଉଦ୍ଦୀପିତ ହୁଏ । ଯେଉଁଠି ଚିତ୍ତଶୁଦ୍ଧିର ଅଭାବ ଥାଏ, ସେଠାରେ ଦୀକ୍ଷା

ଧୀରେ ଧୀରେ ଅଜ୍ଞାତସାରରେ ଚିତ୍ତର ପରିଶୋଧନ କରେ ଓ ପରିବର୍ତ୍ତନ ଆଣେ । ଶିଷ୍ୟର ଏକାଗ୍ରସାଧନ ଗୁରୁଙ୍କର ଯୋଗ-ଶକ୍ତିକୁ ଶିଷ୍ୟ ଭିତରେ ପ୍ରସ୍ଫୁଟିତ କରିବାରେ ସାହାଯ୍ୟ କରେ ।

ଦୀକ୍ଷାର ମାନେ

ଦୀକ୍ଷା ନେଲେ କ'ଣ ଶୋକର ଜ୍ୱାଳା ପ୍ରଶମିତ ହୁଏ ? ହଁ, ନିଶ୍ଚୟ ହୁଏ । ଦୀକ୍ଷା କ'ଣ ପିଲା ଖେଳ ? ଦୀକ୍ଷାରମାନେ ନବଜନ୍ମ ଲାଭ । ଦୀକ୍ଷା ନେଇ କାହାର ଶୋକ ଯଦି ନ ଗଲା, ତେବେ ବୁଝିବାକୁ ହେବ, ତାର ପ୍ରକୃତ ଦୀକ୍ଷା ହୋଇନାହିଁ, ଖାଲି ତାମସା ଗୋଟାଏ ଯାହା ହୋଇଯାଇଛି ।

(କାର୍ତ୍ତିକ ୧୯, ୧୩୩୯)

ଦୀକ୍ଷାର ପ୍ରକୃତ ତାତ୍ପର୍ଯ୍ୟ

ଦୀକ୍ଷାମାନବ ଜୀବନର ଏକ ପରମ ସଂସ୍କାର । କିନ୍ତୁ ସେ ସଂସ୍କାରର ମାନେ କ'ଣ ? ମୃତ ବ୍ୟକ୍ତିକୁ କାଷ୍ଠ ଦ୍ୱାରା ସଂସ୍କାର କଲେ ଯେପରି ଶବଦେହର ବିନାଶ ଘଟେ, ଦୀକ୍ଷା ରୂପକ ସଂସ୍କାର ଦ୍ୱାରା ସେହିପରି କାମନା-ବାସନା ରୂପକ କଦର୍ଯ୍ୟ ପଦାର୍ଥରେ ଆଚ୍ଛନ୍ନ ଆତ୍ମାର ମଳିନତା ଦୂର ହୁଏ ଏବଂ ଆତ୍ମା ଶୁଦ୍ଧ, ନିଷ୍ପାପ ଓ ସ୍ୱଭାବ-ପ୍ରତିଷ୍ଠିତ ହୁଏ । ଏହିପରି ଭାବରେ ପୂର୍ବ ସଂସ୍କାରର ବିଲୋପ ସାଧନ ଲାଗି ଦୀକ୍ଷା ଗ୍ରହଣ ପ୍ରୟୋଜନ, କାନରେ ଟିକିଏ ଫୁ ଶୁଣି କୌଣସି ମତେ ଖାଲି ଲୋକାଚାର ଅନୁବର୍ତ୍ତନ ପାଇଁ ଦୀକ୍ଷା ଗ୍ରହଣ ଉଦ୍ଦିଷ୍ଟ ନୁହେଁ । କଥାରେ କହନ୍ତି - ଦୀକ୍ଷା ନ ନେଲେ ହାତର ଜଳ ଶୁଦ୍ଧ ହୁଏ ନାହିଁ । ତାର ମାନେ ହେଉଛି, ମନର ମଇଳା ପୋଛିଦେବା ହେଉଛି ଦୀକ୍ଷାର ପ୍ରକୃତ

ତାତ୍ପର୍ଯ୍ୟ । ଦୀକ୍ଷା ବଳରେ ଯାହାର ମନର ମଇଳା ପୋଛି ହୋଇ ଯାଇଛି ତା ହାତର ଜଳ ସବୁ ଶୁଭ କାର୍ଯ୍ୟ ପାଇଁ ସିଦ୍ଧବସ୍ତୁ । ମନର ମଇଳା ପୋଛି ଦେବା ଦୀକ୍ଷାର ପ୍ରକୃତ ଉଦ୍ଦେଶ୍ୟ - ଲୋକଦେଖାଣିଆ ଶିଷ୍ୟ ହେବା ପାଇଁ ନୁହେଁ ।

(ଭାଦ୍ର ୧୨, ୧୩୪୧)

ଦୀକ୍ଷାଗ୍ରହଣର ଉଦ୍ଦେଶ୍ୟ

ଦୀକ୍ଷାମାନେ କ'ଣ ? ଦୀକ୍ଷାମାନେ ନବଜନ୍ମ ଲାଭ । ଜୀବନର ସବୁ କଳୁଷ କାଳିମାରୁ ମୁକ୍ତ ହୋଇ, ଅତୀତର ପାପପୂର୍ଣ୍ଣ ସଂସ୍କାରଗୁଡ଼ିକୁ ଏଡ଼େଇ ନୂଆ କରି ଜୀବନ ଯାତ୍ରା ଆରମ୍ଭ କରିବା ହିଁ ଦୀକ୍ଷାର ଉଦ୍ଦେଶ୍ୟ । ଯେ କାମୁକ ଥିଲା, ସେ କାମ ସେବା ଛାଡ଼ିବ, ଯେ ଲମ୍ପଟ ଥିଲା, ସେ ଲାମ୍ପଟ୍ୟ ପରିତ୍ୟାଗ କରିବ, ଯେ ପରସ୍ୱାପହାରୀ ଥିଲା, ସେ ଚୋରି-ଜୁଆଚୋରି ଛାଡ଼ିବ, ଯେ ପରନିନ୍ଦୁକ ଥିଲା, ସେ ପରଚର୍ଚ୍ଚା ଓ ପର ଦୋଷାନୁସନ୍ଧାନ ତ୍ୟାଗ କରିବ, ଯେ ଅହଙ୍କାରୀ ଥିଲା, ସେ ବୀନୟୀ ଓ ବିନମ୍ର ହେବ- ଏହି ସଂକଳ୍ପ କରି ନୂତନ ଜୀବନ ଯାତ୍ରା ଆରମ୍ଭ କରିବା ହିଁ ଦୀକ୍ଷାର ଉଦ୍ଦେଶ୍ୟ । ଲୋକେ ଯେତେବେଳେ ଦଳ ଦଳ ହୋଇ ଛୋଟ ଛୋଟ ପାର୍ଥିବ ପ୍ରୟୋଜନ ମେଣ୍ଟାଇବାର ଉପାୟ ସ୍ୱରୂପ ଦୀକ୍ଷାଭଳି ଅପାର୍ଥିବ ବସ୍ତୁକୁ ଗ୍ରହଣ କରିବାକୁ ଆସନ୍ତି, ସେତେବେଳେ ମୋର ମନେ ହୁଏ ଯେ, ଭଗବାନଙ୍କ ନାମକୁ ସାଡ଼ମ୍ବର ଉପହାସ କଲାଭଳି ଏହା ହେଉଛି ଓ ସେଥିଯୋଗୁଁ ମୁଁ ବାସ୍ତବିକ ବଡ଼ ବ୍ୟଥିତ ହୁଏଂ ।

(ପୌଷ ୩, ୧୩୩୮)

ଦୀକ୍ଷା ଗ୍ରହଣର ଉଦ୍ଦେଶ୍ୟ

ଦୀକ୍ଷା ଗ୍ରହଣର ଉଦ୍ଦେଶ୍ୟ, ନବଜନ୍ମଲାଭ ଓ ପୂର୍ବ ସଂସ୍କାରର ବନ୍ଧନ ପାଶ ଛିନ୍ନ କରି ନବୀନ ଉଦ୍ୟମରେ ଅଗ୍ରସର ହେବାର ଶକ୍ତି ଲାଭ । ଦୀକ୍ଷା ଗ୍ରହଣର ଉଦ୍ଦେଶ୍ୟ, ଶ୍ରୀଭଗବାନଙ୍କୁ ପାଇବା । ତୁମର ସମଗ୍ର ଅସ୍ତିତ୍ୱକୁ ଭଗବତ୍‌ମୟ କରିବା ଓ ସମଗ୍ର ଦେହ ମନରେ ଶ୍ରୀଭଗବାନଙ୍କ ସ୍ମୃତି ଜାଗ୍ରତ କରିବା ଦୀକ୍ଷା ଗ୍ରହଣର ଉଦ୍ଦେଶ୍ୟ । ତୁମର ଉଦ୍ଦେଶ୍ୟ ଯଦି ଏହା ଅପେକ୍ଷା ତିଳାର୍ଦ୍ଧ ପରିମିତ ନ୍ୟୁନ ହୁଏ ତେବେ ସେ ଉଦ୍ଦେଶ୍ୟରେ ତୁମେ ଗୁରୁକୃପା ପ୍ରାର୍ଥିନୀ ହେବାକୁ ଅଧିକାରିଣୀ ନୁହଁ ।

(ଶ୍ରାବଣ ୩୦, ୧୩୩୯)

ଦୀକ୍ଷାର ଶକ୍ତି

ଦୀକ୍ଷା କଣ ଗୋଟିଏ ଦେଶ ପ୍ରଚଳିତ ଚିରାଚରିତ ଲୋକାଚାର ମାତ୍ର ନା ଦୀକ୍ଷାର କିଛି ଶକ୍ତି ଅଛି ? ସାଧାରଣ ଦୃଷ୍ଟିରେ ଦେଖିଲେ ଦୀକ୍ଷାଦାନ ଓ ଦୀକ୍ଷା-ଗ୍ରହଣକୁ ଗୋଟିଏ ଲୋକାଚାର ଛଡ଼ା ଆଉ କ'ଣ କୁହାଯିବ ? କେବଳ ହାତର ପାଣି ଶୁଦ୍ଧ କରିବା ପାଇଁ ଶାଶୁ ବାଳବଧୂକୁ ଦୀକ୍ଷା ଦିଆଉଛନ୍ତି, ତା'ଛଡ଼ା ତାଙ୍କର ଆଉ କିଛି ଉଦ୍ଦେଶ୍ୟ ନାହିଁ । ବୁଢ଼ା ବୁଢ଼ୀମାନେ ଭାବୁଛନ୍ତି କାଳେ କେତେବେଳେ ହଠାତ୍ ମରିଯିବା, ଅଦିକ୍ଷିତ ଅବସ୍ଥାରେ ମଲେ ତ ବେଶି ଯମଦଣ୍ଡ ଭୋଗ କରିବାକୁ ପଡ଼ିବ, ଅତଏବ ଦୀକ୍ଷାଟା ନେଇ ନେବା । କେହି କେହି ଭାବୁଛନ୍ତି, ଦୀକ୍ଷା ନ ନେଇଛି ବୋଲି ଜାଣିଲେ ସମାଜରେ ଲୋକେ କିପରି ଟିକିଏ ଅନାଦର ଭାବ ଦେଖାନ୍ତି, ଦୀକ୍ଷା ନେଇଛି ଶୁଣିଲେ କେହି କେହି ଟିକିଏ ଖାତିର କରନ୍ତି, ଅତଏବ ଦୀକ୍ଷାଟା ନେଇଯିବା । କେହି କେହି ଖୁବ୍ ବାଛିବୁଛି

ନାମଯାଦା ଗୁରୁଙ୍କ ପାଖରୁ ଏହି ଉଦ୍ଦେଶ୍ୟରେ ଦୀକ୍ଷା ନିଅନ୍ତି ଯେ ଅମୁକ ଜଜ୍‌ଙ୍କ ଗୁରୁଭାଇ, ଅମୁକ ମାଜିଷ୍ଟ୍ରେଟଙ୍କ ଗୁରୁଭାଇ, ଅମୁକ ରାଜାସାହେବଙ୍କ ଗୁରୁଭାଇ ବା ଅମୁକ ପ୍ରଫେସରଙ୍କ ଗୁରୁଭାଇ ବୋଲି ନିଜକୁ ଜାହିର କରିବାକୁ ସୁବିଧା ମିଳିବ । ଏ ସବୁ କ୍ଷେତ୍ରରେ ଦୀକ୍ଷା ନେବାଟା କେବଳ ପ୍ରଥାର ଦାସତ୍ୱ ଛଡ଼ା ଆଉ କିଛି ନୁହେଁ । କିନ୍ତୁ ଦୀକ୍ଷା ପ୍ରଭାବରେ ଦୁନିଆରେ ବହୁ ମାତାଲ ମଦ ଛାଡ଼ି ଦେଇଛନ୍ତି, ବହୁ ଅସତୀ ସତୀଧର୍ମକୁ ଫେରି ଆସିଛନ୍ତି, ବହୁ ପ୍ରବଞ୍ଚକ ଓ ପ୍ରତାରକ ସତ୍, ସାଧୁ ସଜ୍ଜନରେ ପରିଣତ ହୋଇଛନ୍ତି । ବହୁ ଦୋଦୁଲ୍ୟମାନ ଚିତ୍ତ ନରନାରୀଙ୍କୁ ଦୀକ୍ଷା ଏକନିଷ୍ଠ ଏକଲକ୍ଷ୍ୟ, ଏକମୁଖ, ଏକାଗ୍ର ଓ ଅଧ୍ୟବସାୟୀ କରିଛି, ବହୁ ଦୁର୍ବଳଙ୍କୁ ବଳଦାନ କରିଛି, ବହୁ ପାପୀଙ୍କ ପାପ ହରଣ କରିଛି ଓ ବହୁ ଦୁଃଶାସନ, ଦୁର୍ମତିଙ୍କୁ ସୁସଂଯତ ଓ ସୁନ୍ଦର କରିଛି । ଦୀକ୍ଷା ଗୋଟିଏ ପ୍ରଥା ହେଲେ ବି ତାହା ଏକ ସୁପ୍ରଥା । ଜୀବର କୁଶଳ ପ୍ରତି ଲକ୍ଷ୍ୟ ରଖି ଏହି ପ୍ରଥାର ଆବିର୍ଭାବ ଘଟିଛି ।

(ଭାଦ୍ର ୨୦, ୧୩୩୪)

ଦୀକ୍ଷାର ସୁଫଳ

ଦୀକ୍ଷାର ନିଶ୍ଚୟ ଏକ ସୁଫଳ ଅଛି । ଦୀକ୍ଷା ହେଉଛି ମନ୍ତ୍ରର ଖୁଣ୍ଟ । ଦୀକ୍ଷା ଦ୍ୱାରା କୌଣସି ମନ୍ତ୍ର ଲବ୍ଧ ହେଲେ ସେ ମନ୍ତ୍ରକୁ ବାରମ୍ବାର ପରିବର୍ତ୍ତନ କରିବାର ସୁଯୋଗ ଓ ରୁଚି କମିଯାଏ । ଏହା ଦ୍ୱାରା ମନ୍ତ୍ରରେ ସାଧକର ନିଷ୍ଠା ଅତୁଟ ରଖିବାରେ ସହାୟତା ମିଳେ । ଦୀକ୍ଷାର ଅନ୍ୟାନ୍ୟ ସୁଫଳ ମଧ୍ୟ ଅଛି । ଦୀକ୍ଷାପ୍ରାପ୍ତ ମନ୍ତ୍ରର ସାଧନ ସମ୍ପର୍କରେ ଦୀକ୍ଷାଦାତା ନିଶ୍ଚୟ କିଛି ନା କିଛି କୌଶଳ ବତାଇଦେବେ, ଏକଥା ମଧ୍ୟ ଆଶା କରାଯାଏ । କୌଶଳଗୁଡ଼ିକ ମନଃସ୍ଥୈର୍ଯ୍ୟ ସମ୍ପାଦନାରେ ସାହାଯ୍ୟ କରେ । ଦୀକ୍ଷା ଦ୍ୱାରା ମନ୍ତ୍ରଲାଭ କରିବାର

ତୃତୀୟ ବା ବୃହତ୍ତମ କୌଶଳ ଏହି ଯେ ପ୍ରତ୍ୟେକ ମନ୍ତ୍ର ଯେଉଁ ଦାର୍ଶନିକ ଭିତ୍ତି ଉପରେ ଦଣ୍ଡାୟମାନ, ଦୀକ୍ଷାଦାତାଙ୍କ ଉପଦେଶ ଓ ଜୀବନଯାପନ ପ୍ରଣାଳୀରୁ ତାହା ସୁସ୍ପଷ୍ଟ ହୋଇଯାଏ । ମନ୍ତ୍ର ଜପ କରିବ, ଅଥଚ ତାର ଦାର୍ଶନିକ ଭିତ୍ତି ସମ୍ପର୍କରେ ଅଜ୍ଞ ରହିଥିବ, ଏହା ସାଧକ ଜୀବନରେ ଏକ ଅତି ଅସ୍ୱସ୍ତିକର ସ୍ୱବିରୋଧୀ ଅବସ୍ଥା । ଦୀକ୍ଷାଦାତା ପ୍ରକୃତରେ ଉପଲବ୍ଧି-ସମ୍ପନ୍ନ ଶକ୍ତିମାନ ସାଧକ ହୋଇଥିଲେ, ସାଧନ ସମୟରେ ତାଙ୍କ ଶକ୍ତିର ସହାୟତା ଅଦୃଶ୍ୟ ଭାବରେ ମିଳିଥାଏ । ଏହିସବୁ କାରଣରୁ ଦୀକ୍ଷା ନେବାର ପ୍ରୟୋଜନ ପଡ଼ିଥାଏ ।

ଦୀକ୍ଷାର ଗୋପନୀୟତାର କାରଣ

ଦୀକ୍ଷାଦାତାଙ୍କର ସ୍ୱଦଳପୁଷ୍ଟି ବା ସ୍ୱମତ ବିସ୍ତାର ଯେଉଁଠି ଦୀକ୍ଷା ଦାନର ପ୍ରଧାନ ଲକ୍ଷ୍ୟ ହେବ, ସେଠାରେ ଦୀକ୍ଷାଦାନ ନିତାନ୍ତ esoteric ବା ଗୁପ୍ତକାର୍ଯ୍ୟ ହେବାକୁ ବାଧ୍ୟ । କିନ୍ତୁ ମୁଁ ତୁମକୁ ଯେଉଁ ମନ୍ତ୍ର ଦେଲି, ଆଉ ଦଶଜଣ ଯଦି ତାହା ଜାଣିପାରନ୍ତି ତାହା ହେଲେ କାଳେ ନାନା ଲୋକଙ୍କର ନାନା ମନ୍ତବ୍ୟ, ନାନା ଟୀକ୍‌କାଟିପ୍‌ପଣୀ ଓ ନାନା ବ୍ୟାଖ୍ୟାରେ ତୁମର ମନ ଦୀକ୍ଷାଲବ୍ଧ ମନ୍ତ୍ରରୁ ଟଳିଯିବ, ଏଇଥିଲାଗି ମନ୍ତ୍ରଗୁପ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି । କିନ୍ତୁ ଏକମାତ୍ର ଏହି ଆଶଙ୍କାରେ ଦୀକ୍ଷାଦାତାମାନେ ଯେ ଗୁରୁ ମନ୍ତ୍ରକୁ "ଗୋପୟେତ୍ ମାତୃ-ଜାରବତ୍" କରି ରଖିଛନ୍ତି, ତାହା ନୁହେଁ । ଏହା ଏକ କାରଣ ହେଲେ ମଧ୍ୟ ଏହି ମନ୍ତ୍ରଗୁପ୍ତି ପଛରେ ଏହା ଅପେକ୍ଷା ଆଉ ଏକ ବଡ଼ କାରଣ ରହିଛି, ଯାହାକି ଅନେକେ ଅନ୍ତରରେ ଅନୁଭବ କରିଛନ୍ତି କିନ୍ତୁ କେହି କାହାକୁ ପ୍ରକାଶ୍ୟ ଭାବରେ କହି ନାହାନ୍ତି । ତାହା ହେଉଛି ଦାର୍ଶନିକ ମତବାଦ ସଂଘର୍ଷର ଭୟ । ଅନ୍ୟକଥାରେ ଏହାକୁ ଦାର୍ଶନିକ ମତବାଦର ସଂଘର୍ଷରେ ଅରୁଚି ବୋଲି ତୁମେ କହିପାର ।

ସଂଘର୍ଷ ଏଡ଼ାଇ ଚଳିବା ହେଉଛି ହିନ୍ଦୁର ସ୍ୱାଭାବିକ ପ୍ରକୃତି । ଇସଲାମ ମକ୍କାରେ ଥିବାବେଳେ ସଂଘର୍ଷ ଏଡ଼ାଇ ଚଳିବାକୁ ଭୁଲି ନ ଥିଲା, ଯେଉଁଥିପାଇଁ କୋରେଶୀ ପୁରୋହିତ-ତନ୍ତ୍ର ସହିତ ପ୍ରତ୍ୟକ୍ଷ ସଂଘର୍ଷ ଏଡ଼ାଇବା ଉଦ୍ଦେଶ୍ୟରେ ପ୍ରକାଶ୍ୟରେ ଦୀକ୍ଷା, ନମାଜ ପ୍ରଭୃତି ସମ୍ଭବପର ହୋଇ ନ ଥିଲା । କିନ୍ତୁ ମଦିନାକୁ ଆସିବା ପରେ ସେହି ଗୋପନୀୟତାର ପ୍ରୟୋଜନ ମେଣ୍ଟି ଯାଇଥିଲା । ତେଣୁ ସଂଘର୍ଷ ଭୟକୁ ପରବାଏ ନ କରି ପ୍ରକାଶ୍ୟରେ ଦୀକ୍ଷା, ନମାଜ ପ୍ରଭୃତି ଚାଲିଲା । ଶାକ୍ତର ମତବାଦକୁ ବୈଷ୍ଣବ ବା ବୈଷ୍ଣବର ମତବାଦକୁ ଶାକ୍ତ କେବଳ ଅପସନ୍ଦ ଯେ କରେ ତାହା ନୁହେଁ, ମନେ ମନେ ଭୟ ବି କରେ । ବୈଷ୍ଣବ ଦାର୍ଶନିକତାରେ ଏପରି କୋମଳ ଶ୍ରୁତି ମଧୁର ଜିନିଷ ଅଛି ଯାହାର ଆକର୍ଷଣ ଶାକ୍ତ-ଦୀକ୍ଷିତକୁ ହୁଏତ ସ୍ୱପଥ-ଭ୍ରଷ୍ଟ କରିପାରେ । ଶାକ୍ତ-ଦାର୍ଶନିକତାରେ ଏଭଳି ପୌରୁଷ, ଏଭଳି ବୀର୍ଯ୍ୟ ଓ ଏଭଳି ତେଜସ୍ୱିତା ରହିଛି ଯାହାର ଆକର୍ଷଣ ବୈଷ୍ଣବ-ଦୀକ୍ଷିତକୁ ହୁଏତ ନିଜ ପଥରୁ ଭ୍ରଷ୍ଟ କରି ଦେଇପାରେ । ବୈଷ୍ଣବ ଶାକ୍ତ ହେବା ବା ଶାକ୍ତ ବୈଷ୍ଣବ ହେବା କିଛି ବିଚିତ୍ର କଥା ନୁହେଁ । ଶାକ୍ତମାନଙ୍କର ପରମ୍ପରାଗତ ସାହିତ୍ୟ ନାହିଁ । ତେଣୁ ଏହାର ଶାସ୍ତ୍ରୀୟ ଦୃଷ୍ଟାନ୍ତ ପ୍ରଦର୍ଶନ କରିବା କଷ୍ଟକର ହୋଇପାରେ । କିନ୍ତୁ ବନମାଳୀଙ୍କ ନୂପୁର-ନିକ୍ୱଣରେ ବିତୃଷ୍ଣ ବ୍ୟକ୍ତିମାନେ ମହାମେଘ ପ୍ରଭା ଘୋରା ମୁକ୍ତକେଶୀ ଚତୁର୍ଭୁଜାଙ୍କ ଶୋଣିତସ୍ରାବୀ ଖଡ୍‌ଗର ଝଲକରେ ଉଦୀପ୍ତ-ଚେତା ହୋଇ ଯେ ଶାକ୍ତ ଧର୍ମ ଗ୍ରହଣ କରିଛନ୍ତି, ଏକଥା ସତ୍ୟ । ବୈଷ୍ଣବମାନଙ୍କର ପରମ୍ପରାଗତ ସାହିତ୍ୟ ଥିବାରୁ ଜଗାଇ-ମାଧାଇଙ୍କ ଉଦ୍ଧାର ଅର୍ଥାତ୍ ଶାକ୍ତମାନଙ୍କର ବୈଷ୍ଣବ ସାଧନ ଗ୍ରହଣ କରିବାର ବହୁ ପ୍ରାମାଣ୍ୟ ଦୃଷ୍ଟାନ୍ତ ରହିଛି । ବୈଷ୍ଣବ ନିଜ ଦର୍ଶନକୁ ଶ୍ରେଷ୍ଠ ମନେ କରି ଆସିଛି କିନ୍ତୁ ନିଜର ଶିଷ୍ୟମାନଙ୍କୁ କାଳୀ ମନ୍ଦିର, ଶିବ ମନ୍ଦିର ବା ଜୈନ ମନ୍ଦିରକୁ ଯିବାକୁ ସମ୍ମତି ଦେଇ ପାରିନାହିଁ । ଶାକ୍ତମାନଙ୍କ କ୍ଷେତ୍ରରେ ମଧ ଠିକ୍ ସେଇଆ ହୋଇଛି ।

ବୈଷ୍ଣବଙ୍କର ପୂଜା, ଉତ୍ସବ, କୀର୍ତ୍ତନ ପ୍ରଭୃତିକୁ ଶାନ୍ତ, ଶୁଦ୍ଧ, ପ୍ରସନ୍ନ ଓ ପ୍ରଶାନ୍ତ ମନରେ ଗ୍ରହଣ କରିପାରି ନାହିଁ । ଦାର୍ଶନିକ ମତବାଦର ସଂଘର୍ଷକୁ ଏଡ଼େଇ ଚଳିବାର ପ୍ରବୃତ୍ତି ହେଉଛି ଏହାର ପ୍ରଚ୍ଛନ୍ନ କାରଣ । ଅସୀମ ପରମାତ୍ମାଙ୍କୁ ନାମ ଓ ରୂପ ଦ୍ୱାରା ସସୀମ କଲାପରେ ତତ୍‌ସମ୍ପର୍କୀୟ ଦାର୍ଶନିକ ବିଚାରଧାରା ସେହି ସୀମା ଭିତରେ ରହିବାକୁ ବାଧ୍ୟ ଏବଂ ସେହି ଦାର୍ଶନିକତାର ଚୌହଦୀ ଯେପରି ସଂକୁଚିତ ହୋଇ ନ ଥାଏ, ସେଥିପ୍ରତି ଦୃଷ୍ଟି ଦେଇ ସେହି ଦାର୍ଶନିକତା ଚୌହଦୀକୁ ମାନି ଚଳିବାକୁ ସେ ସଦାସର୍ବଦା ବ୍ୟସ୍ତ । ତେଣୁ ପ୍ରକାଶ୍ୟ ସଂଘର୍ଷ ଏଡ଼ାଇବା ଲାଗି ଦୀକ୍ଷାକୁ ଜୀବନର ଏକ ଅତୀବ ଗୋପନୀୟ ଆଚାରରେ ପରିଣତ କରିବାକୁ ପଡ଼ିଛି । ଦୀକ୍ଷାଟି ଯେତେବେଳେ ଗୋପନୀୟ ହେଲା ସେତେବେଳେ ଦୀକ୍ଷାର ଅବଶ୍ୟମ୍ଭାବୀ ଫଳ ସ୍ୱରୂପ ପ୍ରାପ୍ତ ଦାର୍ଶନିକ ମତାମତ ମଧ୍ୟ ସ୍ୱ-ସମ୍ପ୍ରଦାୟ ବାହାରେ ଯେଉଁମାନେ ରହିଲେ ସେମାନଙ୍କ ପକ୍ଷରେ ରହସ୍ୟମୟ ଅଜ୍ଞାତ ହୋଇ ରହିଗଲା । ଫଳତଃ ତର୍କଦ୍ୱନ୍ଦ୍ୱର ଅବକାଶ କମିଗଲା । ଏ ଦିଗରୁ ଦେଖିଲେ ମନ୍ତ୍ର ଦୀକ୍ଷାର ଗୋପନୀୟତାର ଯଥେଷ୍ଟ ଆବଶ୍ୟକତା ରହିଛି ।

ସର୍ବ-ସ୍ୱୀକୃତିମୂଳକ ମହାମନ୍ତ୍ର

କିନ୍ତୁ ଯେଉଁ ମନ୍ତ୍ରରେ ଦୀକ୍ଷିତ ଅଦୀକ୍ଷିତ ନିର୍ବିଶେଷରେ ସମସ୍ତଙ୍କର ପୂର୍ଣ୍ଣ ଅଧିକାର ମୁଁ ପ୍ରତିଷ୍ଠା କରି ଚାଲିଛି, ସେ ମନ୍ତ୍ରରେ ରହିଛି ସର୍ବମନ୍ତ୍ରର ସ୍ୱୀକୃତି, ସର୍ବରୂପର ସ୍ୱୀକୃତି ଏବଂ ସେହି କାରଣରୁ ତାହା ନାମ ରୂପର ଉର୍ଦ୍ଧ୍ୱରେ ଅବସ୍ଥିତ । ସମସ୍ତଙ୍କୁ ଯେ ସ୍ୱୀକାର କରେ, ସେ ସମଷ୍ଟୀଭୂତ ହେତୁ ଏଡ଼େ ବିଶାଳ ଯେ, ଖଣ୍ଡ ଖଣ୍ଡ ସର୍ବନାମ ମଧ୍ୟ ଦେଇ ସେ ଅ-ନାମ ବା ନାମାତୀତ, ଖଣ୍ଡ ଖଣ୍ଡ ସର୍ବରୂପର ସ୍ୱୀକୃତି ମଧ୍ୟ ଦେଇ ସେ ଅ-ରୂପ ବା ରୂପାତୀତ । ତେଣୁ ବ୍ୟାଘ୍ରୀ

ଯେପରି ତାର ଯୁବତୀ କନ୍ୟାକୁ ଭୟ କରେ ନାହିଁ, ସେହିପରି କୌଣସି ଦାର୍ଶନିକ ମତବାଦକୁ ତା'ର ଡରିବାର କିଛି ନାହିଁ । ଏହି କାରଣରୁ ଏହାର ନାମ ଅଖଣ୍ଡ-ନାମ, ଏହି କାରଣରୁ ଏଥିରେ ସାଧନାରେ ଗୁରୁ ମିଳନ୍ତି ତ ଭଲ, ନ ମିଳିଲେ ବି ସାଧନ ସଫଳ । ସବୁମନ୍ତ୍ର, ସବୁତନ୍ତ୍ର, ସବୁମତ, ସବୁପଥ ଯେଉଁଠି ମିଶିଯାଇଛି, ଚାଲ ଆମେ ସମସ୍ତେ ସେହିଠାରେ ପହଞ୍ଚି ପରସ୍ପର ପରସ୍ପର ସହିତ ମିଳିତ ହେବା । ସମସ୍ତେ ଯେଉଁଠି ସ୍ୱୀକୃତ, ଚାଲ ଆମେ ସମସ୍ତେ ସେଇଠି ଅନ୍ତରର ସାନ୍ନିଧ ଜଣାଇ ପରସ୍ପର ପରସ୍ପରକୁ ସ୍ୱୀକାର କରିବା । ଓଁକାର କୌଣସି ସାମ୍ପ୍ରଦାୟିକ ମନ୍ତ୍ର ନୁହେଁ । ଏହା ସ୍ୱୀକୃତିର ମହାମନ୍ତ୍ର, ମିଳନର ମହାଧ୍ୱନି, ସମନ୍ୱୟର ଚୂଡ଼ାନ୍ତ ପରାକାଷ୍ଠା ।

(ଚୈତ୍ର ୧୯, ୧୩୪୦)

କେତେବେଳେ ଦୀକ୍ଷାଗ୍ରହଣ କର୍ତ୍ତବ୍ୟ

ଦୀକ୍ଷା ଗ୍ରହଣ ଲାଗି ଯେତେବେଳେ ଯଥାର୍ଥ ବ୍ୟାକୁଳତା ଆସିବ, ପ୍ରାଣପଣେ ସାଧନ କରିବ ବୋଲି ସଂକଳ୍ପ ଯେତେବେଳେ ହେବ ଓ ସଦ୍‌ଗୁରୁ ଯେତେବେଳେ ମିଳିବେ, ସେତିକିବେଳେ ଦୀକ୍ଷା ଗ୍ରହଣ କର୍ତ୍ତବ୍ୟ ।

(ଜ୍ୟେଷ୍ଠ ୫, ୧୩୩୬)

ଦୀକ୍ଷାର ପାତ୍ରାପାତ୍ର

ଦୀକ୍ଷା ନେବାଟା କ'ଣ ଖାଲି ହୋ'ରେ ଭାସିଯିବା ଭଳିଆ କଥା ? ଦଶଜଣ ନେଉଛନ୍ତି, ଅତଏବ ମୋତେ ନେବାକୁ ହେବ, ଏହା ହିଁ କ'ଣ ଦୀକ୍ଷାର ପ୍ରକୃତ ଉଦ୍ଦେଶ୍ୟ ? ଦୀକ୍ଷା କ'ଣ ଖାଲି ଗୋଟାଏ କାନଫୁଙ୍କା ? ପ୍ରକୃତରେ ଦୀକ୍ଷାର କ'ଣ କିଛି ସାର୍ଥକତା ନାହିଁ ।

ଯେଉଁମାନେ ଦୀକ୍ଷା ନେବାକୁ ଚାହାନ୍ତି, ଏସବୁ ବିଷୟରେ ଭଲ ଭାବରେ ଚିନ୍ତା କରିବା ସେମାନଙ୍କର କର୍ତ୍ତବ୍ୟ । ଦୀକ୍ଷାଦାନ କାର୍ଯ୍ୟକୁ ଗୋଟାଏ ବ୍ୟବସାୟ ପ୍ରସାରର ଫନ୍ଦୀରୂପେ ଗ୍ରହଣ କରି ଏକ ଶ୍ରେଣୀର ଗୁରୁମାନେ ଦୀକ୍ଷାର ମର୍ଯ୍ୟାଦା ନଷ୍ଟ କରି ସାରିଛନ୍ତି । ଆଉ ଏକ ଶ୍ରେଣୀର ଗୁରୁମାନେ ପାତ୍ରାପାତ୍ର ବିଚାର ନ କରି ଯାହାକୁ ଇଚ୍ଛା ତାକୁ ଦୀକ୍ଷା ଦେଇ ଦୀକ୍ଷାର କୌଳିନ୍ୟ ନଷ୍ଟ କରି ଦେଇଛନ୍ତି । ମୁଁ ଚାହେଁ, ଆଉ ଏଣିକି ଦୀକ୍ଷାର ଏପରି ଶୋଚନୀୟ ଅକୌଳିନ୍ୟ ନ ହେଉ ।

ତୁମ ସେଠାରେ ଅନେକ ଲୋକ ଦୀକ୍ଷା ନେବା ପାଇଁ ବ୍ୟସ୍ତ ହୋଇ ପଡ଼ିଛନ୍ତି । ଏହି ବ୍ୟସ୍ତତାକୁ ମୁଁ ବ୍ୟଗ୍ରତା ବୋଲି ମନେ କରୁନାହିଁ, ତେଣୁ କାଉ କୋଇଲି ସମସ୍ତଙ୍କୁ ଦୀକ୍ଷା ଦେଇ ମୁଁ ବୃଥା କର୍ମଫଳଭୋଗ ବଢ଼ାଇବାକୁ ଚାହେଁ ନାହିଁ । ପ୍ରକୃତରେ ଯେଉଁମାନେ ଭଗବତ ସାଧନମାର୍ଗ ଅବଲମ୍ବନ କରି ନବଜନ୍ମ ଲାଭ କରିବାକୁ ଚାହାନ୍ତି ଓ ଦୀକ୍ଷାର ଶୁଭଫଳ-ଦାୟିନୀ ଶକ୍ତି ଉପରେ ପ୍ରକୃତରେ ଯେଉଁମାନଙ୍କର ଦୃଢ଼ ଆସ୍ଥା ଜନ୍ମିଛି ଦୀକ୍ଷା କେବଳ ସେହିମାନଙ୍କର ହିଁ ପ୍ରାପ୍ୟ

(ଆଷାଢ଼ ୧୩, ୧୩୩୮)

ପ୍ରକୃତ ଦୀକ୍ଷାର୍ଥୀର ଲକ୍ଷଣ

ଆଜି ଯେଉଁ ବିପଦରେ ପଡ଼ିଥିଲି, ଭଗବାନଙ୍କର କୃପାରୁ ସେଥିରୁ ଉଦ୍ଧାର ପାଇଗଲି, ନଚେତ୍ ଶିଷ୍ୟମାନେ ମୋର ପାଦ ଚାଟୁ ଚାଟୁ ମୋତେ ଉଦରସ୍ଥ କରି ଦେଇଥାନ୍ତେ ।

ପ୍ରକୃତ ଦୀକ୍ଷାର୍ଥୀ ଦେଖିବା ମାତ୍ରେ ଚିହ୍ନି ହୁଏ । ଖାଲି ''ଦୀକ୍ଷା ଦିଅ, ଦୀକ୍ଷା ଦିଅ'' ବୋଲି ଚିତ୍କାର କଲେ କ'ଣ ଦୀକ୍ଷା ପାଇବାକୁ ତୁମେ ଯୋଗ୍ୟ

ହୋଇଗଲ ? ପ୍ରକୃତ ଦୀକ୍ଷାର୍ଥୀକୁ ମୁହଁ ଫିଟାଇ କହିବାକୁ ହୁଏନା ଯେ "ଦୀକ୍ଷା ଦିଅ" । ତା'ର ପ୍ରାଣର ଆକୁଳ ଆବେଗ ଗୁରୁଙ୍କ ଚିତ୍ତରେ ଏପରି ଏକ କୋମଳତା ସୃଷ୍ଟି କରେ ଯେ ଗୁରୁ ତାକୁ ନିଜ ଗରଜରେ ଦୀକ୍ଷା ଦେବାକୁ ବ୍ୟଗ୍ର ହୋଇ ପଡ଼ନ୍ତି । ତା'ର ସ୍ୱଭାବରେ ଏପରି ଏକ ନମ୍ରତା ଓ କମନୀୟତା ଫୁଟି ଉଠେ, ତା'ର ବଚନ ଓ ଆଚରଣରେ ଏପରି ଏକ ମାଧୁର୍ଯ୍ୟ, ଏପରି ଏକ ମମତା ଆତ୍ମପ୍ରକାଶ କରେ ଯେ ସେ ଆକର୍ଷଣକୁ ଗୁରୁ କୌଣସିମତେ ଉପେକ୍ଷା କରି ପାରନ୍ତି ନାହିଁ ।

(ବୈଶାଖ ୧୨, ୧୩୩୮)

ସୁଦୀକ୍ଷାର ପ୍ରମାଣ

ଦୀକ୍ଷା ସୁଦୀକ୍ଷା କି ନା, ତା'ର ପ୍ରମାଣ ହେଉଛି, ଦୀକ୍ଷା ଗ୍ରହଣ ମାତ୍ରେ ଛାତିରୁ ଗୋଟାଏ ପଥର ବୋଝ ଓହ୍ଲାଇ ଗଲାପରି ଲାଗୁଛି କି ନାହିଁ । ଦୀକ୍ଷା ସୁଦୀକ୍ଷା କି ନା, ତା'ର ପ୍ରମାଣ ହେଉଛି, ଦୀକ୍ଷାର ପର ମୁହୂର୍ତ୍ତରୁ ମନେ ହେବ ଯେପରି ଏକ ଅପୂର୍ବ ଆଶ୍ରୟ, ଏକ ଅପୂର୍ବ ଅବଲମ୍ବନ, ଏକ ଅଦ୍ୱିତୀୟ ମହାସହାୟ ତୁମକୁ ମିଳିଗଲା । ଏପରି ଯଦି ହୁଏ, ତେବେ ହଠାତ୍ ଦୀକ୍ଷା ପାଇଲେ ବି ତାହା ଅନାଦରଣୀୟ ନୁହେଁ ।

(ଜ୍ୟେଷ୍ଠ ୧୪, ୧୩୩୬)

ସୁଦୀକ୍ଷା ଓ କୁଦୀକ୍ଷା

ଦୀକ୍ଷା ପ୍ରାର୍ଥୀମାନଙ୍କ ମଧ୍ୟରୁ କେହି କେହି ପ୍ରାଣର ଗଭୀର ଆବେଗ ଯୋଗୁଁ ଦୀକ୍ଷା ନେବାକୁ ଆସନ୍ତି । ସେମାନଙ୍କର ଦୀକ୍ଷା ସୁଦୀକ୍ଷା । ଦୀକ୍ଷା

ଦାତାମାନଙ୍କ ମଧ୍ୟରୁ କେହି କେହି ସାରା ଜୀବନ ତପସ୍ୟା କରି ସେହି ତପୋଶକ୍ତିକୁ ଦୀକ୍ଷାର୍ଥୀଙ୍କ ଭିତରେ ଅନୁପ୍ରବିଷ୍ଟ କରିଦେବା ଉଦ୍ଦେଶ୍ୟରେ ଦୀକ୍ଷା ଦେଇଥାନ୍ତି । ସେମାନଙ୍କ ଦୀକ୍ଷା ମଧ୍ୟ ସୁଦୀକ୍ଷା । ଯେଉଁଠି ଦାତା ଓ ଗ୍ରହୀତା ଉଭୟଙ୍କ ଆଡ଼ୁ ଦୀକ୍ଷାଟି ଏହିପରି ଭାବରେ ସୁଦୀକ୍ଷା ହୁଏ, ସେଠାରେ ସୁଦୀକ୍ଷା ହେଲା ବୋଲି ମନେ କରାଯାଇପାରେ । ଦୀକ୍ଷାପ୍ରାର୍ଥୀଙ୍କ ମଧ୍ୟରୁ ଅନେକ କେବଳ ପ୍ରଥାର ମାନ ରଖିବା ପାଇଁ ଦୀକ୍ଷା ନିଅନ୍ତି । ସାଧନ କରିବାକୁ ଇଚ୍ଛା ନାହିଁ, ସାଧନ ବଳରେ କାମ-କଳୁଷର ଉର୍ଦ୍ଧ୍ୱକୁ ଉଠିବାର ପ୍ରେରଣା ନାହିଁ, ଖାଲି "ଆମେ ଦୀକ୍ଷିତ" ବୋଲି କହିବା ପାଇଁ ଏମାନେ ଦୀକ୍ଷା ନେଇଥାନ୍ତି । ସେମାନଙ୍କର ଦୀକ୍ଷା କୁଦୀକ୍ଷା । ଦୀକ୍ଷା-ଦାତାଙ୍କ ମଧ୍ୟରୁ ଅନେକ ନିଜେ ଯେପରି କିଛି ସାଧନଭଜନ କରନ୍ତି ନାହିଁ ବା ସାଧନଭଜନରେ ସେମାନଙ୍କର ସେପରି ବିଶ୍ୱାସ ନ ଥାଏ କିନ୍ତୁ କେତେକ କାରଣ ଯୋଗୁଁ ସେମାନେ ଲୋକଙ୍କୁ ଦୀକ୍ଷା ଦେଇଥାନ୍ତି । ସେମାନେ ଦେବା ଦୀକ୍ଷା, କୁଦୀକ୍ଷା । ଯେଉଁଠି ଦାତା ଓ ଗ୍ରହୀତା ଉଭୟଙ୍କର ଆଡ଼ୁ ଦୀକ୍ଷାଟି କୁଦୀକ୍ଷା ହୁଏ, ସେଠାରେ ଅତ୍ୟନ୍ତ ନିକୃଷ୍ଟ ଦୀକ୍ଷା ହେଲା ବୋଲି ମନେ କରିବାକୁ ହେବ । ଦୀକ୍ଷା ଯଦି ନେବାର କଥା, ତେବେ ସୁଦୀକ୍ଷା ନେବା ହିଁ ସଙ୍ଗତ । ଅନ୍ତରର ଆକୁଳ ଆଗ୍ରହକୁ ଜାଗ୍ରତ କରି, ଭାବୀ ଆଧ୍ୟାତ୍ମିକ ଉନ୍ନତି ଆଶାରେ ଓ ଉତ୍ସାହରେ ମନପ୍ରାଣ ପୁଲକିତ କରି ଦୀକ୍ଷା ନେବା କର୍ତ୍ତବ୍ୟ । ଆଉ ଦୀକ୍ଷା ଯଦି କାହାକୁ ଦେବାର କଥା, ତେବେ ଦୀକ୍ଷା ଦାତା ନିଜର ମନକୁ କାମନା ବାସନାର ଉର୍ଦ୍ଧ୍ୱରେ ରଖି, ଲାଳସାର ଅତୀତରେ ରଖି, ସଂସାର ଅରଣ୍ୟର ଗହନ ପଥର ବାହାରେ ରଖି ଅତୀନ୍ଦ୍ରିୟ ମଧୁର ରସ ଆସ୍ୱାଦନ କରୁ କରୁ ଦୀକ୍ଷା ଦେବା ବିଧେୟ ।

(ଜ୍ୟେଷ୍ଠ ୧୪, ୧୩୩୭)

ବୃଥା ଦୀକ୍ଷା

ଆଜିକାଲି ଦୀକ୍ଷା ନେବାଟା ତୁମ୍ଭମାନଙ୍କ ଭିତରେ ଗୋଟାଏ ସଂକ୍ରାମକ-ବ୍ୟାଧି ପରି ହେଲାଣି । ଏଇଟା ଏକ ପ୍ରକାର ଝୁଙ୍କ ବୋଲି କହିଲେ ବି ଅତ୍ୟୁକ୍ତି ହେବ ନାହିଁ । ପିଲାମାନେ ଦୀକ୍ଷା ନେବାକୁ ଓ ଚେଲା ହେବାକୁ ପାଗଳ ପରି ହେଉଛନ୍ତି । କିନ୍ତୁ ବାବା, ଦୀକ୍ଷା ନେବା କ'ଣ ସହଜ କଥା ନା ଦୀକ୍ଷା ଦେବାଟା ସହଜ କଥା ? ଭଗବାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ପ୍ରାଣରେ ବ୍ୟାକୁଳତା ଜନ୍ମିନାହିଁ, ଅଥଚ ଦୀକ୍ଷା ନେଲ, - ଏଇଟା ତ ଅନେକ ସମୟରେ ଗୋଟାଏ ଭଣ୍ଡାମି କାରବାରରେ ପର୍ଯ୍ୟବସିତ ହୁଏ ।

ହୋ'ରେ ମାତି ଦୀକ୍ଷା ନେବାର କୁଫଳ

ଭଗବାନଙ୍କ ନାମରେ ସମସ୍ତଙ୍କର ଅଧିକାର ଅଛି । ସଦ୍‌ଗୁରୁଙ୍କ କୃପା ସମସ୍ତେ ପାଇବା ଆବଶ୍ୟକ । କାରଣ ସାଧନ-ଦୀକ୍ଷା ଉନ୍ନତ ଜୀବନର ଭିତ୍ତିକୁ ଦୃଢ଼ତମ କରେ । କିନ୍ତୁ କାହାର ଦୀକ୍ଷା ଯଦି ଅନୁକୂଳ ଘଟଣାର ଫଳ ବା ପ୍ରାଣର ଆବେଗର ଫଳ ନ ହୋଇ ବନ୍ଧୁ ବାନ୍ଧବଙ୍କ ଯୋଗାଡ଼ଯନ୍ତ୍ରର ଫଳ ହୁଏ, ତାହା ହେଲେ ଦୀକ୍ଷାର ମୂଲ୍ୟ ଓ ପ୍ରଭାବ କମିଯାଏ, ଶିଷ୍ୟ କ୍ଷତିଗ୍ରସ୍ତ ହୁଏ । କାରଣ ଗୁରୁଶ୍ରଦ୍ଧା ହେଲା ଦୀକ୍ଷାର ପ୍ରାଣର ପ୍ରାଣ । ହୋ'ରେ ମାତି ଦୀକ୍ଷା ନେଲେ ଅନେକ ସମୟରେ ପ୍ରକୃତ ଶ୍ରଦ୍ଧାଟି ବିକଶିତ ହୋଇ ପାରେ ନାହିଁ । ଫଳତଃ ଶିଷ୍ୟ ଗୁରୁ ପରେ ଗୁରୁ ଚାଖିବାର ସମ୍ଭାବନା ଥାଏ । ଏଥିରେ ନାମରେ ନିଷ୍ଠା କମେ ।

(ଶ୍ରାବଣ ୯, ୧୩୩୬)

ଚକ୍ରାନ୍ତରେ ପଡ଼ି ଦୀକ୍ଷା

ଅନ୍ୟ ଲୋକର ଚକ୍ରାନ୍ତରେ ପଡ଼ି ଅଯୋଗ୍ୟ ପାତ୍ରଠାରୁ ଦୀକ୍ଷା ଗ୍ରହଣ କରିବାକୁ ବାଧ୍ୟ ହୋଇ ଥିଲେ ଶୁଣି, ଆପଣଙ୍କ ଦୁର୍ଭାଗ୍ୟରେ ମୁଁ ସହାନୁଭୂତି ଜ୍ଞାପନ କରୁଅଛି । ଗୁରୁକରଣ ପୂର୍ବରୁ ଗୁରୁ ପରୀକ୍ଷା କରିବା ପାଇଁ ଶାସ୍ତ୍ରରେ ଭୂୟୋଭୂୟଃ ଉପଦେଶ ଦିଆଯାଇଛି । ଆବେଗର ଆଧିକ୍ୟ ଯୋଗୁଁ ଶିଷ୍ୟମାନେ ଓ ଶିଷ୍ୟସଂଖ୍ୟା ବୃଦ୍ଧିର ଲୋଭ ବଶତଃ ଗୁରୁମାନେ ଏହି ମହାମୂଲ୍ୟ ଉପଦେଶ ଅବଜ୍ଞା କରି ଆଧୁନିକ ଧର୍ମଜଗତକୁ କଳଙ୍କ-ସଂକୁଳ ଓ ପ୍ରବଞ୍ଚନା-ଭୂୟିଷ୍ଠ କରି ଦେଇଛନ୍ତି । ସେ ଯାହାହେଉ, ଯେ ଆପଣଙ୍କୁ ପଥ-ପ୍ରଦର୍ଶନ କରାଇବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ଆପଣ ବୁଝୁଛନ୍ତି, ତାଙ୍କ ପ୍ରତି ବା ତାଙ୍କର ଉପଦେଶ ପ୍ରତି କୌଣସି ପ୍ରକାର ବୃଥା-ମମତା ନ ରଖି ଈଶ୍ୱର-କୃପାନୁଗତ ବାହୁବଳରେ ସତ୍ୟର ଅନୁସନ୍ଧାନରେ ପ୍ରବୃତ୍ତ ହୁଅନ୍ତୁ । ପ୍ରବଳ ପୁରୁଷକାର ଆପଣଙ୍କୁ ଐଶରିକୀ କୃପାରସ ଆସ୍ୱାଦନ କରାଇବ । ଦୀକ୍ଷା ଦାତାଙ୍କର ମୂର୍ତ୍ତି ଧ୍ୟାନ ଅଥବା ଗୁରୁପତ୍ନୀ ଧ୍ୟାନ ନିଷ୍ପ୍ରୟୋଜନ । ଶିଶୁମାନେ ଖେଳିବେ ବୋଲି ଶିଶୁ ପାଠଶାଳାର ପଣ୍ଡିତ ମହାଶୟମାନେ ସାଧନ-ମନ୍ଦିରର ସିଂହ ଦ୍ୱାରରେ ଏ ସବୁ ଖେଳନା ପ୍ରତିଷ୍ଠିତ କରିଛନ୍ତି ମାତ୍ର । ଅଜ୍ଞାନ ଅକ୍ଷମ ଶିଶୁ ପାଇଁ ଯାହା ଉପଦିଷ୍ଟ ହୋଇଅଛି, ସଜ୍ଞାନ ମାନବର ତାହା ଗ୍ରହଣୀୟ ନୁହେଁ ।

(ଆଷାଢ଼ ୩୦, ୧୩୩୯)

ଅସାତ୍ତ୍ୱିକ ଦୀକ୍ଷା

ଅତି ଅଳ୍ପ ଲୋକଙ୍କ ପ୍ରାଣରେ ପ୍ରକୃତ ଦୀକ୍ଷା ନେବାର ଆକାଂକ୍ଷା ଜାଗ୍ରତ ହୁଏ । ଅଧିକାଂଶ କ୍ଷେତ୍ରରେ ସେ ଆକାଂକ୍ଷା ଅସାତ୍ତ୍ୱିକ । କେହି କେହି ରୋଗ

ଭଲ ହେବା ପାଇଁ ଦୀକ୍ଷା ନେବାକୁ ଆସନ୍ତି ତ କେହି କେହି ହଜିଲା ଗୋରୁ ଫେରି ପାଇବା ପାଇଁ ଆସନ୍ତି । ଆଉ କେହି କେହି ସମ୍ପତ୍ତି ନିଲାମ ରହିତ କରିବା ଉଦ୍ଦେଶ୍ୟରେ ଦୀକ୍ଷା ନେବାକୁ ଆସନ୍ତି - ଏସବୁ ଲୋକଙ୍କୁ ଯେଉଁ ଗୁରୁ ଦୀକ୍ଷା ଦିଅନ୍ତି, ତାଙ୍କୁ ଅନନ୍ତକାଳ ପର୍ଯ୍ୟନ୍ତ ନରକ ଯନ୍ତ୍ରଣା ଭୋଗ କରିବାକୁ ହୁଏ ।

(ବୈଶାଖ ୧୨, ୧୩୩୮)

ଅଯୋଗ୍ୟର ଦୀକ୍ଷା

ଦୀକ୍ଷା ନେବା ଫଳରେ ଅନେକଙ୍କର ପ୍ରାଣରେ ଭଗବାନଙ୍କ ପାଇଁ ବ୍ୟାକୁଳତା ଜନ୍ମେ, ଏକଥା ସତ୍ୟ । କିନ୍ତୁ ଦୀକ୍ଷା ପାଇଁ ଆତ୍ମ ଗଠନ ମଧ୍ୟ ପ୍ରୟୋଜନ । ବିଶୁଦ୍ଧ ଶ୍ରଦ୍ଧା ବ୍ୟତୀତ କେହି ଦୀକ୍ଷା ଲାଭର ଯୋଗ୍ୟ ହୁଅନ୍ତି ନାହିଁ । ତୁମେ ଜଣେ ସାଧୁଙ୍କୁ ଦେଖିଲ, ଆଉ ସଙ୍ଗେ ସଙ୍ଗେ ତାଙ୍କୁ କହିଲ ଦୀକ୍ଷା ଦିଅ, ଏଭଳି ବୋକାମି ଆଉ କିଛି ନାହିଁ । ଆଗେ ଆତ୍ମ-ପରୀକ୍ଷା କରି ଦେଖ, ଦୀକ୍ଷା ଲାଗି ପ୍ରକୃତ ଆଗ୍ରହ ଜନ୍ମିଛି କି ନାହିଁ, ଦୀକ୍ଷା ନେବା ପରେ କ୍ରିୟା କରିବ କି ନାହିଁ, ଦୁଇଚାରି ଦିନ ପରେ ହାତ ଗୋଡ଼ ବାନ୍ଧି ଚୁପ୍‌ଚାପ୍ ବସିଯିବ କି ନାହିଁ । ତାପରେ ପରୀକ୍ଷା କରି ଦେଖ, ଯାହାଙ୍କ ଠାରୁ ଦୀକ୍ଷା ନେବାକୁ ଚାହଁ, ତାଙ୍କ ଠାରେ ଦୀକ୍ଷାଦାନର ଯୋଗ୍ୟତା ଅଛି କି ନାହିଁ, ସେ ତୁମର ପ୍ରାଣର ପିପାସା ମେଣ୍ଟାଇ ପାରିବେ କି ନାହିଁ ।

(କାର୍ତ୍ତିକ ୩୦, ୧୩୩୪)

ଅସଙ୍ଗତ ଦୀକ୍ଷା ଗ୍ରହଣ

ଯେ ଦୀକ୍ଷା ଦେବେ, ତାଙ୍କର ଦୀକ୍ଷା ଦେବାଟା କେଉଁ କ୍ଷେତ୍ରରେ ସଙ୍ଗତ ହେଲା ବା ଅସଙ୍ଗତ ହେଲା ସେ କଥା ବିଚାର କରିବାର ଭାର ତାଙ୍କ ଉପରେ ଥାଉ । କିନ୍ତୁ ଯେ ଦୀକ୍ଷା ନେବେ, ତାଙ୍କ ପକ୍ଷରେ ଦୀକ୍ଷା ନେବାଟା ସଙ୍ଗତ ହେବ କି ନାହିଁ, ସେ କଥା ବିଚାର କରିବାକୁ ହେବ । ଗୋଟିଏ କୁମାରୀ କନ୍ୟା ଗଙ୍ଗାରେ ସ୍ନାନ ସାରି ଘାଟରେ ଛିଡ଼ା ହୋଇ ଲୁଗା ପାଲଟୁଚି । ଜଣେ ଆଗନ୍ତୁକ ତା ପାଖକୁ ଆସି କହିଲା- ଆ ଟୋକି, ମୁଁ ତୋତେ ବାହା ହେବି । ଏଇଥିରେ ସେ ଝିଅଟି କ'ଣ ନିର୍ବିଚାରରେ ସଙ୍ଗେ ସଙ୍ଗେ ମାନିନେବା ଉଚିତ୍ ଯେ, ସେହି ଆଗନ୍ତୁକକୁ ତାକୁ ବିବାହ କରିବାକୁ ହେବ ! ବିବାହ ବ୍ୟାପାରରେ ଯେପରି ଚଟ୍‌କରି କାହା କଥାରେ ରାଜି ହେବା କଥା ନୁହେଁ, ଦୀକ୍ଷା ବ୍ୟାପାରରେ ମଧ୍ୟ ସେହିପରି ଚଟ୍‌କରି ରାଜି ହେବା କଥା ନୁହେଁ । ସେ ଝିଅଟି ତ ବିବାହ କରିବାକୁ ମାଗିଲା ନାହିଁ, କିନ୍ତୁ ସେ ଆଗନ୍ତୁକ ଯଦି ତା ଚୁଟି ଧରି ତାକୁ ନିଜ ଘରକୁ ନେଇଯାଇ ବେଦୀରେ ବସାଇ ମନ୍ତ୍ର ପଢ଼ି ବାହା ହୋଇଯାଏ, ସେ ବିବାହ କଦାପି ସିଦ୍ଧ ହେବ ନାହିଁ । କାରଣ ସେଇଟା ବଳାତ୍କାର । ଏହିପରି ଭାବରେ ଦୀକ୍ଷା ନେବାଟା ମଧ୍ୟ କଦାପି ସିଦ୍ଧ ହୋଇ ନ ପାରେ । ଦୀକ୍ଷାଦାତା ହୁଏତ ଖୁବ୍ ସାଧୁ, ଖୁବ ମହତ୍ ଓ ଖୁବ୍ ତପସ୍ୱୀ କିନ୍ତୁ ତା ବୋଲି କେହି ଜୋର କରି ଦୀକ୍ଷା ଦେଲେ ତୁମେ ସେ ଦୀକ୍ଷାକୁ ଦୀକ୍ଷାର ଉପଯୁକ୍ତ ସମ୍ମାନ ଦେବାକୁ ବାଧ୍ୟ ନୁହଁ ଓ ତୁମର ସେ ଅବାଧ୍ୟତା ଆଦୌ ଦୋଷାବହ ବା ପାପ ହେବ ନାହିଁ । ଦକ୍ଷିଣେଶ୍ୱର ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କର ସାଧନାପୀଠ ହୋଇଥିବାରୁ ତୁମେ ସେହି ପବିତ୍ର ତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ସେଠାକୁ ଯାଉଛ । ସେଠାରେ ଦେଖିଲ ଜଣେ ମହାପୁରୁଷ ଶିବ ମନ୍ଦିର ପାଖରେ ବସିଛନ୍ତି । ସେ

ତୁମକୁ ପାଖକୁ ଡାକି କହିଲେ- ତୋ ସଙ୍ଗେ ଗୋପନରେ ଟିକିଏ କଥାବାର୍ତ୍ତା ଅଛି । ତୁମେ କହିଲ ଆଚ୍ଛା କୁହନ୍ତୁ । ସେ କହିଲେ - ପ୍ରତିଜ୍ଞା କର ଯେ ମୁଁ ଯାହା କହିବି ସେ କଥା ଆଉ କାହାକୁ କହିବୁ ନାହିଁ । ତୁମେ ସେପରି କଲ । ସଙ୍ଗେ ସଙ୍ଗେ ସେ ତୁମ କାନ ପାଖରେ ମୁହଁ ଲଗାଇ କହିଲେ - ଓଁ ସଚ୍ଚିଦେକଂ ବ୍ରହ୍ମ । ତାପରେ କହିଲେ ଏହି ନାମ ଜପୁଥିବୁ । ତୁମେ ସେ ନାମ ଜପ କରି ଚାଲିଲ ଓ ଭାବିବାକୁ ଲାଗିଲ, ଏହା ପରେ ଭଦ୍ରଲୋକ ବୋଧହୁଏ ତାଙ୍କର ଗୋପନ କଥାଟି କହିବେ କିନ୍ତୁ ସେ ଆଉ ଗୋପନ କଥା କିଛି ନ କହିବାରୁ ତୁମେ କିଛି ସମୟ ପରେ ଆଖି ଖୋଲିବାରୁ ସେ କହିଲେ, ତୋର ଦୀକ୍ଷା ହୋଇଗଲା । ନାମ, ଠିକଣା ଲେଖାଇ ଦେଇଯା । ଏ ଧରଣର ଦୀକ୍ଷାକୁ ତୁମେ ଦୀକ୍ଷା ବୋଲି ମାନିବାକୁ ବାଧ୍ୟ ନୁହଁ । ମାଘ ମେଳା ଦେଖିବାକୁ ତୁମେ ପ୍ରୟାଗ ଯାଇଛ । ସେଠାରେ ତୁମେ ଦେଖିଲ, ଜଣେ ସାଧୁଙ୍କର ଶିଷ୍ୟମାନେ ତାଙ୍କର ଏକ ବିରାଟ ପ୍ରତିଛବି ସମ୍ମୁଖରେ ଛିଡ଼ା ହୋଇ ମେଘମନ୍ଦ୍ର ସ୍ୱରରେ ସ୍ତୋତ୍ର ପାଠ କରୁଛନ୍ତି । ଓ ଆରତି କରୁଛନ୍ତି । ତୁମେ ଜଣକୁ ପଚାରିଲ, ଏଡ଼େ ବଡ଼ ମହାପୁରୁଷଙ୍କର ଚରଣ ଦର୍ଶନର ପନ୍ଥା କ'ଣ? ଜଣେ ଶିଷ୍ୟ ତୁମକୁ ତାଙ୍କ ପାଖକୁ ନେଇଗଲେ ଓ ତୁମେ ମହାପୁରୁଷଙ୍କୁ ପ୍ରଣାମ କରି କହିଲ - କୃପା କରି କିଛି ଉପଦେଶ ଦିଅନ୍ତୁ । ସେ କହିଲେ, କାଲି ପ୍ରତ୍ୟୁଷରୁ ସ୍ନାନ ସାରି ଗୋଟିଏ ହରିଡ଼ା ନେଇ ଆସିବୁ । ତୁମେ ଭାବିଲ, ହରିଡ଼ାଟି ନେଇଗଲେ ବୋଧହୁଏ ବହୁ ପ୍ରାଣ-ମତାଣିଆ ମନ ରସାଣିଆ ଉପଦେଶ ଶୁଣିବାକୁ ମିଳିବ । କିନ୍ତୁ ତୁମେ ଯେତେବେଳେ ହରିଡ଼ାଟି ନେଇ ପହଞ୍ଚିଲ ସଙ୍ଗେ ସଙ୍ଗେ ସେ ତୁମକୁ ଭିଡ଼ି ନେଇ ନିଜ କୋଳରେ ବସାଇ ଦେଲେ ଓ କହିଲେ, "ଆଖି ବନ୍ଦକର" । ଏଭଳି ଏକ ଅପ୍ରତ୍ୟାଶିତ ପରିସ୍ଥିତି ଲାଗି ତୁମେ ଆଦୌ ପ୍ରସ୍ତୁତ ନଥିଲ କିମ୍ବା ତୁମର ପ୍ରତ୍ୟୁତ୍ପନ୍ନମତିତ୍ୱ ଏତେ ପ୍ରବଳ ନୁହେଁ ଯେ, ଏଭଳି

ପରିସ୍ଥିତିରେ ହଠାତ୍ କିଛି ଗୋଟାଏ ବୁଦ୍ଧି ଦେଖାଯିବ । ଇତି ମଧ୍ୟରେ ସେ ତୁମ କାନ ପାଖରେ ମନ୍ତ୍ରଟିଏ ଉଚ୍ଚାରଣ କଲେ, ଓଁ ନମଃ ଶିବାୟ । ତାପରେ ତୁମକୁ କୋଳରୁ ଉଠାଇ ଦେଇ କହିଲେ - ଯା, ତୋର ଦୀକ୍ଷା ହୋଇଗଲା । ତୁମେ ସେହି ନିଭୃତ କକ୍ଷରୁ ନିଷ୍କ୍ରାନ୍ତ ହେବା ସଙ୍ଗେ ସଙ୍ଗେ ଗୁରୁଦେବଙ୍କ ଶିଷ୍ୟମାନେ ଗୁରୁ-ଭ୍ରାତାମାନଙ୍କର ରେଜିଷ୍ଟ୍ରାରରେ ତୁମ ନାମ ଓ ଠିକଣା ଟିପି ରଖିଲେ । ଏ ଧରଣର ଦୀକ୍ଷାକୁ ତୁମେ ଦୀକ୍ଷା ବୋଲି ମାନିବାକୁ ବାଧ୍ୟ ନୁହେଁ । ତଥାପି ଦେଶବ୍ୟାପୀ ଏକ ସଂସ୍କାର ରହିଛି ଯେ, ମହାପୁରୁଷଙ୍କର ବାକ୍ୟ ଲଂଘନ କରିବାର ନୁହେଁ । ତେଣୁ ତୁମ ମନରେ ଦ୍ୱନ୍ଦ୍ୱ ଥାଇପାରେ ଯେ ମନ୍ତ୍ର ଯେତେବେଳେ ଦେଇ ସାରିଛନ୍ତି, ତାଙ୍କ କଥା ନ ମାନିଲେ କାଳେ କିଛି ବିପଦ ପଡ଼ିବ । ଏପରି ଅବସ୍ଥାରେ ତୁମେ ସେହି ନାମ ଜପ କରୁଥାଅ । ପରେ କାଳକ୍ରମେ ଯାହା ହେବାର ହେବ ।

(ଜ୍ୟେଷ୍ଠ ୧୪, ୧୩୩୬)

ପାର୍ଥିବ ସ୍ୱାର୍ଥଲୋଭରେ ମନ୍ତ୍ର ଗ୍ରହଣ

ପାର୍ଥିବ ଉନ୍ନତି ଲୋଭରେ ଜଣେ ଗୁରୁଙ୍କୁ ଛାଡ଼ି ଆଉ ଜଣେ ଗୁରୁଙ୍କ ପାଖକୁ ଦୌଡ଼ିବା ଭଳି ମୂର୍ଖାମି ଆଉ କିଛି ନାହିଁ । କିଏ ହୁଏତ ସ୍କୁଲର ଦରମା ଗଣ୍ଡାକ ଦେଇଦେବେ, ଏଇଥିପାଇଁ ତାଙ୍କ ଠାରୁ ମନ୍ତ୍ର ନେଲ, ଆଉ କିଏ ହୁଏତ ଖଣ୍ଡେ ଚାକିରି ଯୋଗାଡ଼ କରିଦେବେ, ଏଇଥିପାଇଁ ତାଙ୍କ ପାଖରୁ ମନ୍ତ୍ର ନେଲ, ଆଉ ଜଣେ ହୁଏତ ବିଲାତ ଯିବା ଖର୍ଚ୍ଚ ଦେବେ, ଏଥିପାଇଁ ତୃତୀୟ ବ୍ୟକ୍ତିଙ୍କ ପାଖରୁ ମନ୍ତ୍ରନେଲ- ଏହା ଅପେକ୍ଷା ଅଧିକ ମତି ବିଭ୍ରମ ଆଉ କିଛି ହୋଇ ନ ପାରେ ।

ଦୀକ୍ଷା ଗ୍ରହଣର ଉଦ୍ଦେଶ୍ୟ

ଦୀକ୍ଷା ମାନେ କ'ଣ ? ଦୀକ୍ଷା ଅର୍ଥ ନବଜନ୍ମ ଲାଭ । ଜନ୍ମର ସବୁ କଳୁଷକାଳିମା କବଳରୁ ମୁକ୍ତି ପାଇ, ଅତୀତର ପାପମୟ ଅଶୁଭ ସଂସ୍କାରଗୁଡ଼ିକ ପ୍ରଭାବକୁ ଏଡ଼େଇ ନୂଆ କରି ଜୀବନ-ପଥରେ ଯାତ୍ରାରମ୍ଭ କରିବା ମାନେ ଦୀକ୍ଷା । ଯେ କାମୁକ ଥିଲା ସେ କାମ ସେବା ଛାଡ଼ିବ, ଯେ ଲମ୍ପଟ ଥିଲା ସେ ଲାମ୍ପଟ୍ୟ ପରିହାର କରିବ, ଯେ ପରସ୍ୱାପହାରୀ ଥିଲା ସେ ଚୋରି ଜୁଆଚୋରି ଛାଡ଼ିବ, ଯେ ପରନିନ୍ଦୁକ ଥିଲା ସେ ପରଚର୍ଚ୍ଚା ଓ ପର ଦୋଷାନୁ ସନ୍ଧାନ ତ୍ୟାଗ କରିବ, ଯେ ଅହଂକାରୀ ଓ ଦାମ୍ଭିକ ଥିଲା ସେ ବିନୟୀ ଓ ବିନମ୍ର ହେବ, - ଏଭଳି ସଂକଳ୍ପ କରି ନୂଆ କରି ଜୀବନ ଯାତ୍ରା ଆରମ୍ଭ କରିବା ହିଁ ଦୀକ୍ଷାର ଉଦ୍ଦେଶ୍ୟ । କିନ୍ତୁ ଲୋକେ ଯେତେବେଳେ ତୁଚ୍ଛ ପାର୍ଥିବ ପ୍ରୟୋଜନ ମେଣ୍ଟାଇବା ପାଇଁ ଦୀକ୍ଷା ଭଳି ଅପାର୍ଥିବ ବସ୍ତୁକୁ ଉପାୟ ରୂପେ ଗ୍ରହଣ କରିବା ଲାଗି ଦଳ ଦଳ ହୋଇ ଆସନ୍ତି ମୁଁ ସେତେବେଳେ ଅନ୍ତରରେ ବଡ଼ ବ୍ୟଥା ଅନୁଭବ କରେ, ଭାବେ ଏ'ତ ଭଗବାନଙ୍କ ନାମକୁ ସାଡ଼ମ୍ବର ଉପହାସ କରିବା ଛଡ଼ା ଆଉ କିଛି ନୁହେଁ ।

ସାର୍ଥକ ଦୀକ୍ଷା ନବ ଜନ୍ମଦାନର ନାମାନ୍ତର

ଦୀକ୍ଷା ହେଉଛି ନବଜନ୍ମ ଲାଭ । ଦୀକ୍ଷା ଫଳରେ ଅତୀତର ସଂସ୍କାର ପୋଛି ହୋଇଯାଏ, ନୂତନ ଜୀବନ-ଯାତ୍ରାର ପଥ ଉନ୍ମୁକ୍ତ ହୁଏ । ଦୀକ୍ଷାଦାନ ଓ ଜନ୍ମଦାନ ଏକ କଥା । ଯେ ଯାହାକୁ ଦୀକ୍ଷା ଦିଏ ସେ ତାକୁ ନିଜର ଜାତି ବି ଦିଏ । ଯୁଗେ ଯୁଗେ ମହାପୁରୁଷମାନେ ଦୀକ୍ଷା ଦେଇ ପତିତଙ୍କୁ ଉପରକୁ ଉଠାଇ ଦେଇଛନ୍ତି । ଆଉ ଯେଉଁଠି ଏହାହିଁ ହୋଇଛି ଦୀକ୍ଷାର ଫଳ, ସେଇଠି ଦୀକ୍ଷା

ହୋଇଛି ସାର୍ଥକ । ସାର୍ଥକ ଦୀକ୍ଷା ନବ ଜନ୍ମ ଦାନର ନାମାନ୍ତର, ନବଜନ୍ମ ଲାଭର ହିଁ ରୂପାନ୍ତର ।

ଦୀକ୍ଷାର ସଦ୍‌ବ୍ୟବହାର ଓ ଅସଦ୍‌ବ୍ୟବହାର

ଏସବୁ ସ୍ଥଳେ ଦୀକ୍ଷା, ଦୀକ୍ଷିତର ମୁକ୍ତିଦାତ୍ରୀ, ସ୍ୱାଧୀନତା-ଦାତ୍ରୀ ଓ ନିରଙ୍କୁଶ ଉର୍ଦ୍ଧ୍ୱଗମନର ଶକ୍ତି-ବିଧାତ୍ରୀ । କିନ୍ତୁ ଯେଉଁଠି ଦୀକ୍ଷା ଦେଇ ଗୁରୁ ତାଙ୍କ ଶିଷ୍ୟକୁ ସ୍ୱାଧୀନତାର ସାମର୍ଥ୍ୟ ନ ଯୋଗାଇ ଖାଲି ବନ୍ଧନର ଗଣ୍ଠି କଷନ୍ତି ସେଠାରେ ଦୀକ୍ଷା ବ୍ୟର୍ଥ । ଦୀକ୍ଷା ଦାନ ଦ୍ୱାରା ବହୁ ସ୍ୱଚ୍ଛନ୍ଦଚାରୀ, ଉଚ୍ଛୃଙ୍ଖଳ ଲୋକଙ୍କୁ ସଂଯତ-ଜୀବନଯାପନକାରୀ ସାମାଜିକ ଚରିତ୍ର ବିଶିଷ୍ଟ ବ୍ୟକ୍ତିରେ ପରିଣତ କରିବା ସମ୍ଭବ ହୋଇଛି, ଏକଥା ଯେପରି ମିଥ୍ୟା ନୁହେଁ ସେହିପରି ଦଳେ ଦଳେ ଲୋକଙ୍କ ମନର ସ୍ୱାଧୀନତାକୁ ହରଣ କରି ଓ ସେମାନଙ୍କୁ ଆଧ୍ୟାତ୍ମିକ କ୍ରୀତଦାସରେ ପରିଣତ କରି ନିର୍ଦ୍ଦିଷ୍ଟ ଏକ ଶ୍ରେଣୀର ଲୋକଙ୍କ ସେବାରେ ସେମାନଙ୍କୁ କିଣା ଗୋଲାମ ପରି ଖଟାଇବାର ଚେଷ୍ଟା ଯେ ଦୀର୍ଘକାଳ ହେଲା କରାହୋଇ ଆସୁଛି, ଏ କଥା ମଧ୍ୟ ସେହିପରି ମିଥ୍ୟା ନୁହେଁ । ଦୀକ୍ଷା ଏଭଳି ଏକ ଶକ୍ତିଶାଳୀ ଅସ୍ତ୍ର ଯାହାର ସଦ୍‌ବ୍ୟବହାର ମନୁଷ୍ୟକୁ ଦେବତାରେ ଉନ୍ନୀତ କରିଅଛି ଏବଂ ଅସଦ୍ ବ୍ୟବହାର ମନୁଷ୍ୟକୁ କ୍ରୀତଦାସରେ ପରିଣତ କରିଦେଇଛି । ରାଜନୈତିକ ନେତାମାନେ ଯେପରି ଅନେକ ସମୟରେ ଜନସାଧାରଣଙ୍କୁ ସ୍ତୋକ ବାକ୍ୟରେ ଭୁଲାଇ ସେମାନଙ୍କର ଭୋଟ ନେଇ ତା'ପରେ ରାଜ୍ୟ ଶାସକ ଗାଦିରେ ବସନ୍ତି ଓ ନିଜର ସ୍ୱାର୍ଥସିଦ୍ଧି ନିମିତ୍ତ ସର୍ବସାଧାରଣଙ୍କ ସ୍ୱାର୍ଥକୁ ପଦଦଳିତ କରନ୍ତି ଦୀକ୍ଷା ଦାନ ମାଧ୍ୟମରେ ବି ସେହିପରି ଦଳେ ଲୋକ ହଜାର ହଜାର ନରନାରୀଙ୍କ ଉପରେ ସମ୍ମୋହନାସ୍ତ୍ର ପ୍ରୟୋଗ

କରି ସେମାନଙ୍କ ସ୍ୱାଧୀନ ଚିନ୍ତା ଓ ବୁଦ୍ଧି ବିଚାରକୁ ସମ୍ପୂର୍ଣ୍ଣ ଭାବରେ ଲୋପ କରି ଦେଇ ସ୍ୱର୍ଗନରକାଦିର ପ୍ରଲୋଭନ ଓ ଭିତି ପ୍ରଦର୍ଶନ କରାଇ ସେମାନଙ୍କ ଚିତ୍ତବିତ୍ତ ଅପହରଣ କରି ନିଜର ବ୍ୟକ୍ତିଗତ ସୁଖ ଚରିତାର୍ଥ କରନ୍ତି ଓ ନିଜର ନିତାନ୍ତ ଶାନ୍ତ ଇନ୍ଦ୍ରିୟଗୁଡ଼ିକର ପରିତର୍ପଣ କରନ୍ତି । ଏମାନେ ସମସ୍ତେ ସମାଜର ଶତ୍ରୁ । ଏ କଥାଟି ଭଲ କରି ମନେ ରଖି ପ୍ରତ୍ୟେକ ହୋ'ରେ ନ ମାତି ମନ ସ୍ଥିର କରି ଭୋଟ ଗ୍ରହଣ କେନ୍ଦ୍ର ବା ଦୀକ୍ଷା ଗୃହରେ ପଶିବା ଉଚିତ୍ । କାହିଁକି ଦୀକ୍ଷା ନେବ, ତାହା ନ ଜାଣି ଦୀକ୍ଷା ନେବା ଉଚିତ୍ ନୁହେଁ ।

ଦୀକ୍ଷା ମନ୍ତ୍ର କାହିଁକି ଗୋପନ ରଖାଯାଏ

ପ୍ରଶ୍ନ - ଦୀକ୍ଷାମନ୍ତ୍ର ଗୋପନ ରଖିଲେ ଲାଭ କ'ଣ ?

ଶ୍ରୀ ଶ୍ରୀ ବାବାମଣି - ଅନେକ ଲାଭ । ପ୍ରଥମ ଲାଭ ହେଉଛି, ତୁମେ କି ଧରଣର ସାଧନ କରୁଛ, ସେ କଥା ପ୍ରଘଟ ହୋଇଗଲେ ଅସଲ ସାଧନରେ ତୁମର ରୁଚି କମି ଯାଇପାରେ ଓ ବାହାରର ଭଡ଼ଙ୍ଗ ଆଡ଼କୁ ମନ ବେଶି ଧାଇଁ ପାରେ । ଗୋପନତା ଦ୍ୱାରା ଏ କ୍ଷତିଟି ନିବାରିତ ହୁଏ । ଦ୍ୱିତୀୟତଃ, ଯେ ଯେଉଁ ଜିନିଷଟିକୁ ପ୍ରାଣରୁ ଅଧିକ ବୋଲି ଗଣ୍ୟ କରେ ସେ କ'ଣ ସେ ଜିନିଷ ବିଷୟରେ ବିଜ୍ଞାପନ ବାଣ୍ଟିବାକୁ ଯାଏ ? ମନ୍ତ୍ର ଗୁପ୍ତି ସଂକଳ୍ପର ଶକ୍ତି ଓ ନାମରେ ନିଷ୍ଠା ଉଭୟ ବଢ଼ାଏ ।

ପ୍ରଶ୍ନ - ବୈଷ୍ଣବମାନେ ତ ଜପନୀୟ ନାମକୁ ଗୀତ ଗାଇ ବୁଲନ୍ତି ।

ଶ୍ରୀ ଶ୍ରୀ ବାବାମଣି - କିନ୍ତୁ କେଉଁଠି କାହାର ଜପନୀୟ ନାମ ସେ କଥା ବାହାରେ ପ୍ରକାଶ କରନ୍ତି ନାହିଁ । କୀର୍ତ୍ତନୀୟ ନାମ ମଧ୍ୟରେ ଜପନୀୟ ନାମର

ସ୍ମାରକ ଇଙ୍ଗିତ ଭାବରେ ଥାଏ ବୋଲି କୀର୍ତ୍ତନୀୟ ନାମର ସମାଦର । ଯେଉଁ କୀର୍ତ୍ତନୀୟ ନାମଟି ଜପନୀୟ ନାମର ସ୍ମାରକ ନୁହେଁ ପ୍ରକୃତ ସାଧକ ତାହା ବର୍ଜନ କରନ୍ତି । ତେଣୁ କାହାର ଜପନୀୟ ନାମ କ'ଣ ବାହାରର ଲୋକଙ୍କର ତାହା ବୁଝିବାକୁ ଅସୁବିଧା ହୁଏ ନାହିଁ । ତଥାପି କେହି ଜପନୀୟ ନାମଟି ପ୍ରକାଶ କରି କହନ୍ତି ନାହିଁ । ଅପରୂପ ବାବୁଙ୍କ ସ୍ତ୍ରୀଙ୍କ ପକ୍ଷରେ ସ୍ୱାମୀ ନାମ ଉଚ୍ଚାରଣ ନିଷିଦ୍ଧ ଅଥଚ ତୁମେ, ମୁଁ ଓ ଆଉ ସମସ୍ତେ ଜାଣୁ ଯେ ଭଦ୍ରମହିଳାଙ୍କ ସ୍ୱାମୀଙ୍କ ନାମ କ'ଣ । ପ୍ରେମ ପ୍ରଗାଢ଼ ହେଲେ ନାଁ ଟି ସହଜରେ ପାଟିକୁ ଆସେ ନାହିଁ, ଗୁପ୍ତ ହିଁ ଥାଏ । ଏ'ତ ଏକ ମନସ୍ତାତ୍ତ୍ୱିକ ବ୍ୟାପର ।

ସ୍ୱାର୍ଥଲୋଭରେ ଦୀକ୍ଷା ନେବା ମନୋବୃତ୍ତି

ଦୀକ୍ଷା ଗ୍ରହଣର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ହେବ, ଆତ୍ମିକ ଉନ୍ନତି ଲାଭ । ଦୀକ୍ଷା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ଦିଗରେ ଯଦି କିଛି ଉନ୍ନତି ହେଲା ହେଉ, ନହେଲେ ନାହିଁ । ସେ ଦିଗରେ ଲକ୍ଷ୍ୟହୀନ ହେବାକୁ ହେବ । ଲୋକେ ଯେଉଁ ମନୋବୃତ୍ତିର ବଶବର୍ତ୍ତୀ ହୋଇ ଶୀତଳା ଠାକୁରାଣୀଙ୍କୁ ବୋଦା ମାନସିକ କରନ୍ତି, ସେହି ମନୋବୃତ୍ତି ନେଇ ଦୀକ୍ଷା ଗ୍ରହଣ ବ୍ୟାପାର କଦାପି ଈଶ୍ୱର-ପ୍ରେମୀ ପାଖରେ ଚଳି ନ ପାରେ । ରୋଗ ନିରାମୟ କରିବା, ମକଦ୍ଦମାରେ ଜିତିବା, ସ୍ୱାମୀ ବଶୀକରଣ, ସ୍ତ୍ରୀ ବାଧ୍ୟକରଣ, ପରୀକ୍ଷାରେ ପାସ କରିବା, ପୁତ୍ର ପାଇବା, ଚାକିରୀ ପାଇବା ଇତ୍ୟାଦି ଉଦ୍ଦେଶ୍ୟରେ ଦୀକ୍ଷା ଗ୍ରହଣ କରିବା ମନୋବୃତ୍ତି ଏ ଦେଶରୁ ଦୂର କରିଦେବାକୁ ହେବ ।

(ପୌଷ ୩, ୧୩୩୮)

ଦୀକ୍ଷା-ମନ୍ତ୍ର

ଯେଉଁ ଖାଦ୍ୟ ପରିବେଷିତ ହେବ, ସେ ଖାଦ୍ୟ ଏପରି ହେବା ଦରକାର ଯେ ତାହା ଖାଇବାକୁ ଲୋକର ଆଗ୍ରହ ହେବ । ଦୀକ୍ଷା-ମନ୍ତ୍ର ସଂପର୍କରେ ମଧ୍ୟ ସେହି କଥା ପ୍ରଯୁଜ୍ୟ । ଯେଉଁ ମନ୍ତ୍ର କାନରେ ପଡ଼ିଲେ ତାହା ଜପିବାକୁ ରୁଚି ହେବ ସେହି ମନ୍ତ୍ରହିଁ ଦୀକ୍ଷାର ଶ୍ରେଷ୍ଠ ମନ୍ତ୍ର ।

ଲୋକାଚାର ଦୀକ୍ଷା

ଯେମତି Demand, ସେମିତି Supply- ଅର୍ଥାତ୍ ଚାହିଦା ଯେପରି ହେବ, ଯୋଗାଣଟା ସେହି ଅନୁସାରେ ହେବ । ଏହା ହିଁ ହେଉଛି ଦୁନିଆର ରୀତି । ଜନସାଧାରଣ ଚାହାନ୍ତି ଲୋକାଚାର ଦୀକ୍ଷା, ତେଣୁ ଲୋକାଚାର ଦୀକ୍ଷାଦାତାମାନେ ରହିଛନ୍ତି । ଯେଉଁମାନେ ସତ୍ୟ ଦୀକ୍ଷା ଚାହାନ୍ତି, ସେମାନଙ୍କ ପାଇଁ ସତ୍ୟଦୀକ୍ଷାଦାତାମାନେ ଅଛନ୍ତି । ସର୍ବସାଧାରଣଙ୍କ ପ୍ରୟୋଜନ ମୁତାବକ ଗୁରୁଦେବଙ୍କର ଆବିର୍ଭାବ ଘଟିବ । ଦଳେ ଲୋକ ଚାହାନ୍ତି ଧର୍ମ କରିବୁ, ବ୍ୟଭିଚାର ବି କରିବୁ । ତେଣୁ ବ୍ୟଭିଚାରୀ ଧର୍ମଗୁରୁମାନେ ଆବିର୍ଭୁତ ହୋଇଛନ୍ତି ।

(ଶ୍ରାବଣ ୩, ୧୩୩୮)

ଦୀକ୍ଷାର ଅପବ୍ୟବହାର

ଯେଉଁ ଦେଶରେ ଲୋକେ ମୃତବତ୍ସା ନିବାରଣ ଲାଗି, ପ୍ରମେହ-ଉପଦଂସ ରୋଗ ନିରାକରଣ ପାଇଁ, ପୁତ୍ର ସନ୍ତାନ ଲାଭ କରିବା ପାଇଁ, ପରୀକ୍ଷାରେ ପାସ୍ କରିବା ପାଇଁ, ମକଦ୍ଦମାରେ ଜିତିବା ପାଇଁ, ଲଟେରିରେ ପୁରସ୍କାର

ପାଇବା ପାଇଁ ଓ ପ୍ରଣୟିନୀକୁ ବସ କରିବା ପାଇଁ ମନ୍ତ୍ର ଗ୍ରହଣ କରିଥାନ୍ତି, ସେ ଦେଶରେ ଗୁରୁପଦବୀ ଲାଭ କରିବା ସତେ କେଡ଼େ ବିଡ଼ମ୍ବନା ! ସେଭଳି ଦେଶରେ କିଛି କାମ କରିବାକୁ ହେଲେ ଏକ ଦିଗରେ ଯେପରି ଏ ସବୁ ଭଣ୍ଡ ଗୁରୁଙ୍କ ଶକ୍ତି ବିରୁଦ୍ଧରେ ତୁମ୍ଭମାନଙ୍କୁ ତପୋଲବ୍ଧ ବ୍ରହ୍ମବୀର୍ଯ୍ୟ ପ୍ରୟୋଗ କରିବାକୁ ହେବ, ଅନ୍ୟ ଦିଗରେ ସେହିପରି ଯେ ଇଚ୍ଛା ସେ ଲୋକ ପାଖରେ ମୁଣ୍ଡ ନୁଆଁଇବା ଭଳି ଦାସ ସୁଲଭ ହୀନତା କବଳରୁ ଏ ଦେଶର ନରନାରୀଙ୍କୁ ରକ୍ଷା କରିବା ଲାଗି ବେଦାନ୍ତର ଗୁରୁଗମ୍ଭୀର ବଜ୍ର ନିନାଦରେ ବସୁନ୍ଧରା କମ୍ପାଇ ଦେବାକୁ ହେବ ।

(ମାର୍ଗଶିର ୪, ୧୩୩୮)

ଦୀକ୍ଷା ଓ ଦୀକ୍ଷାଦାତା

ସତ୍-ସଂକଳ୍ପରେ ଦୃଢ଼ ସ୍ଥିତି ଦାନ ହିଁ ଦୀକ୍ଷା ଦାନ ଏବଂ ସତ୍ ସଂକଳ୍ପରେ ଦୃଢ଼ ନିଷ୍ଠା ଗ୍ରହଣ ହିଁ ଦୀକ୍ଷା ଗ୍ରହଣ । ଯାହାର ଯେଉଁ ବିଷୟରେ ସଂକଳ୍ପର ଦୃଢ଼ ନିଶ୍ଚୟତା ନାହିଁ, ସେ ବିଷୟରେ ସେ ଦୀକ୍ଷା ଦେଇ ପାରନ୍ତି ନାହିଁ । ଯାହାର ଯେଉଁ ବିଷୟରେ ଐକାନ୍ତିକୀ ଆକାଂକ୍ଷା ନାହିଁ, ସେ ବିଷୟରେ ସେ ଦୀକ୍ଷା ନେଇ ପାରେ ନାହିଁ । ଯେ ନିଜେ ବ୍ରହ୍ମଚର୍ଯ୍ୟରେ ଅଟଳ ନିଷ୍ଠାବାନ ନୁହନ୍ତି, ସେ ବ୍ରହ୍ମଚର୍ଯ୍ୟ ଦୀକ୍ଷା ଦେଇ ପାରନ୍ତି ନାହିଁ । ଯେ ନିଜେ ଭଗବତ୍ ଦର୍ଶନ ଲାଗି କୃତସଂକଳ୍ପ ନୁହନ୍ତି, ସେ ଆଧ୍ୟାତ୍ମିକ ଦୀକ୍ଷା ଦେଇ ପାରନ୍ତି ନାହିଁ, ଯେ ନିଜେ ସ୍ୱଦେଶ ସାଧନାରେ ଦୃଢ଼ବ୍ରତ ନୁହନ୍ତି, ସେ ସ୍ୱଦେଶ ବ୍ରତ ଦୀକ୍ଷା ଦେଇ ପାରନ୍ତି ନାହିଁ ।

ଦୀକ୍ଷିତ ଓ ଦୀକ୍ଷାଦାତା

ଦୀକ୍ଷିତଙ୍କ ଉପରେ ଦୀକ୍ଷାଦାତାଙ୍କର ପ୍ରଭାବ ଅପରିସୀମ । ସେ ପ୍ରଭାବ ଭଲ ଦିଗରେ ଯାଇପାରେ, ମନ୍ଦ ଦିଗରେ ବି ଯାଇପାରେ । ଦୀକ୍ଷାଦାତାଙ୍କ ଜୀବନରେ ଯଦି କପଟ ଥାଏ ଦୀକ୍ଷିତ ଜୀବନରେ ତା'ର ଛାୟା ଆସି ପଡ଼େ । ଦୀକ୍ଷାଦାତାଙ୍କ ଜୀବନରେ ଯଦି ଲାମ୍ପଟ୍ୟ ଥାଏ, ଦୀକ୍ଷିତ ଜୀବନରେ ତା'ର ସ୍ପର୍ଶ ଘଟେ । ଦୀକ୍ଷାଦାତାଙ୍କ ଜୀବନରେ ଯଦି ଫାଙ୍କିବାଜି ଥାଏ, ଚାଲାକି ଥାଏ, ଛଳ ଚାତୁରୀ ଥାଏ, ତେବେ ଦୀକ୍ଷିତ ମଧ୍ୟ ଫାଙ୍କିବାଜ, ଜାଲିଆତ୍ ଓ ଛଳନାକାରୀ ହୁଏ । କିନ୍ତୁ ଦୀକ୍ଷାଦାତାଙ୍କ ଜୀବନରେ ଯଦି ଥାଏ ନିଷ୍କାମ ବୈରାଗ୍ୟ, ପ୍ରେମମୟ ସମଦର୍ଶିତା ଓ ଏକନିଷ୍ଠ ସାଧନ-ପରାୟଣତା, ତାହାହେଲେ ଶିଷ୍ୟ ଜୀବନରେ ଏ ସବୁଗୁଡ଼ିକ ଦୁର୍ଲ୍ଲଭ ସଦ୍‌ଗୁଣ ଓ କୃତିତ୍ୱ ବିକଶିତ ହୁଏ । ସବୁ ଆଧାରରେ ଯେ ସମାନ ଭାବରେ ବିକଶିତ ହୁଏ ତାହା ନୁହେଁ, କିନ୍ତୁ ବିକଶିତ ଯେ ହୁଏ ଏହା ଅବଧାରିତ । ଧର୍ମ ସାଧନ କହ, ସ୍ୱଦେଶ ସାଧନା କହ, ସବୁ ସାଧନ-ଜଗତରେ ଏହି ଗୋଟିଏ ନିୟମ ଖାଟେ । ପୁତ୍ର ଯେପରି ପିତାର ଦୋଷଗୁଣ ପ୍ରାପ୍ତ ହୁଏ, ଦୀକ୍ଷିତ ସେହିପରି ଦୀକ୍ଷାଦାତାଙ୍କର ଦୋଷଗୁଣ ପାଏ - ସବୁତକ ନ ପାଇଲେ ବି ଉଣା ଅଧିକେ କିଛି ନା କିଛି ସେ ପାଏ ।

ହଜାର ହଜାର ବର୍ଷ ପୂର୍ବରୁ ଧର୍ମ ସାଧନ ଜଗତରେ ଶିଷ୍ୟ ଉପରେ ଗୁରୁଙ୍କର ଏହି ଅପରିସୀମ ପ୍ରଭାବ ଭାରତରେ ସର୍ବତ୍ର ସ୍ୱୀକୃତ ହୋଇ ଆସିଛି । ସେ ସ୍ୱୀକୃତି ଖାଲି ଯେନ ତେନ ପ୍ରକାରେଣ ନୁହେଁ, କହିବାକୁ ଗଲେ, ତାହା ଏକାବେଳକେ ଅବିସମ୍ବାଦିତ ସତ୍ୟ ରୂପେ ସ୍ୱୀକୃତ ହୋଇଛି ।

(ଶ୍ରାବଣ ୧୫, ୧୩୩୪)

ଦୀକ୍ଷାଦାତାଙ୍କ ବ୍ୟକ୍ତିତ୍ୱ

ଦୀକ୍ଷା ଓ ଦୀକ୍ଷାଦାତାଙ୍କ ବ୍ୟକ୍ତିତ୍ୱ ଏ ଦୁଇଟିକୁ ପରସ୍ପରଠାରୁ ପୃଥକ୍ କରିବା ବଡ଼ କଷ୍ଟକର । ଏଇଟା ଆମର ଅବତାର ବାଦର ଦେଶ । ଏଠାରେ ସବୁ ବ୍ୟାପାରରେ ମନୁଷ୍ୟର ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଏ, ଅର୍ଥାତ୍ ତୁମ ନିଜର ବ୍ୟକ୍ତିତ୍ୱ ଅପେକ୍ଷା ଦୁନିଆର ଆଉ ସମସ୍ତଙ୍କର ବ୍ୟକ୍ତିତ୍ୱକୁ ବେଶି ପ୍ରାଧାନ୍ୟ ଦିଆଯାଇଥାଏ । ପାଶ୍ଚାତ୍ୟ ଦେଶରେ ନିଜର ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦେଇ ଦୁନିଆର ଆଉ ସମସ୍ତଙ୍କର ବ୍ୟକ୍ତିତ୍ୱକୁ ଖର୍ବ କରାଯାଏ । କିନ୍ତୁ ଆମ ଦେଶରେ ନିଜର ବ୍ୟକ୍ତିତ୍ୱକୁ ତଣ୍ଟି ଚିପି ମାରି ଅନ୍ୟର ବ୍ୟକ୍ତିତ୍ୱକୁ ପ୍ରଧାନ କରାହୋଇଛି । ସଂସ୍କୃତିଗତ ଏହି ପାର୍ଥକ୍ୟ ଯୋଗୁଁ ଆମ ଦେଶରେ ଅବତାରବାଦର ଚେର ଏତେ ଗଭୀରକୁ ମାଡ଼ିଯିବାକୁ ସମର୍ଥ ହୋଇଛି । ଫଳତଃ ଦୀକ୍ଷା ବ୍ୟାପାରରେ ମଧ ଦୀକ୍ଷା-ଦାତାଙ୍କୁ କ୍ରମଶଃ ବ୍ରହ୍ମଙ୍କ ଅବତାର ରୂପରେ ପ୍ରତିଷ୍ଠିତ କରିବାର ଚେଷ୍ଟା ହୋଇ ଆସିଛି । ଗୁରୁଙ୍କୁ ଯେ କେବଳ ବ୍ରହ୍ମ କରାଯାଇଛି ତା ନୁହେଁ, ତା ପିଛା ଅତ୍ୟଧିକ ପ୍ରଚାର ଶକ୍ତି ବ୍ୟୟ କରାଯାଇଛି କିନ୍ତୁ ବ୍ରହ୍ମଙ୍କୁ ଗୁରୁ ବୋଲି ଧାରଣା କରିବାର ପ୍ରୟୋଜନୀୟତା ଦିଗରେ ଶକ୍ତି, ପ୍ରତିଭା ବା ପ୍ରଚାର ପ୍ରଚେଷ୍ଟା ପ୍ରୟୋଗ କରାଯାଇନାହିଁ । ସେହି କାରଣରୁ ଦୀକ୍ଷାଦାତାଙ୍କ ବ୍ୟକ୍ତିତ୍ୱ ଏକ ପ୍ରଧାନ ଜିନିଷ ହୋଇ ଛିଡ଼ା ହୋଇଛି । ଏହାର ଭଲ ମନ୍ଦ ଦୁଇଟି ଦିଗ ଅଛି କିନ୍ତୁ ଯେଉଁଠି ଗୁରୁଙ୍କର ପ୍ରଭାବକୁ ଏତେ ବଡ଼ କରି ସ୍ୱୀକାର କରାଯାଇଛି, ସେଠାରେ ଆତ୍ମ ପରିକ୍ଷା ନ କରି ଦୀକ୍ଷାଦାତାଙ୍କୁ ଭଲ କରି ନ ଜାଣି, କିଛି ନ ଭାବି ନ ଚିନ୍ତି ହଠାତ୍ କାହାରି ପାଖରୁ ଦୀକ୍ଷା ନେବା ଉଚିତ୍ ନୁହେଁ ।

(ଜ୍ୟେଷ୍ଠ ୧୪, ୧୩୩୬)

ଦୀକ୍ଷାଦାତାମାନଙ୍କର ରୁଚିଭେଦ

ଦୀକ୍ଷାଦାତାଙ୍କ ଭିତରେ ଖାଣ୍ଟି ଲୋକ ଅଛନ୍ତି, ବହୁତ ନକଲି ଗୁରୁ ବି ଅଛନ୍ତି । କିଏ ଖାଣ୍ଟି କିଏ ନକଲି, ଆମର ସେ କଥା ଆଲୋଚନା କରିବା ଅନାବଶ୍ୟକ । ମୁଁ କେବଳ ଖାଣ୍ଟି ଲୋକଙ୍କ କଥା କହିବି । ଖାଣ୍ଟି ଦିକ୍ଷାଦାତାଙ୍କ ଭିତରେ ମଧ ବିଭିନ୍ନ ରୁଚିର ଲୋକ ଥାନ୍ତି । କେହି କେହି ବର୍ଷ ବର୍ଷ କାଳ ଶିଷ୍ୟକୁ ପରୀକ୍ଷା କରି ତା ପରେ ଦୀକ୍ଷା ଦିଅନ୍ତି । ଆଉ କେହି କେହି ପରୀକ୍ଷା କରିବାକୁ ବେଶି ସମୟ ନିଅନ୍ତି ନାହିଁ, ଏକ ସ୍ନିଗ୍ଧ ଦୃଷ୍ଟି ଦ୍ୱାରା ଶିଷ୍ୟର ଆଭ୍ୟନ୍ତରୀଣ ଉପାଦାନଗୁଡ଼ିକର ବିଶେଷତ୍ୱ ଠଉରେଇ ନିଅନ୍ତି । କିନ୍ତୁ ତା ଭିତରେ ଥିବା ଅନୁକୂଳ ଭାବ ଗୁଡ଼ିକର ପରିପୁଷ୍ଟି ଲାଗି ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରି ରହନ୍ତି । ଆଉ କେହି କେହି ଥାଆନ୍ତି ଯେଉଁମାନେ ଭାବନ୍ତି, ଯୋଗ୍ୟ ହେଉ ବା ଅଯୋଗ୍ୟ ହେଉ, ବ୍ୟାକୁଳ ହେଉ ବା ଉଦାସୀନ ହେଉ, ପ୍ରାର୍ଥୀ ହେଉ ବା ଅପ୍ରାର୍ଥୀ ହେଉ, ଭକ୍ତିମାନ୍ ହେଉ ବା ନାସ୍ତିକ ହେଉ, ଦୀକ୍ଷାଟା ଆଗ ଦେଇ ଦିଏ, ଯାହା ଭାଗ୍ୟରେ ଯାହା ଥିବ, ସେହି ଅନୁସାରେ କାଳକ୍ରମେ ଏ ଦୀକ୍ଷାର କିଛି ନା କିଛି ସୁଫଳ ତା ଜୀବନରେ ଅବଶ୍ୟ ଫଳିବ । ଦୀକ୍ଷାଦାତାମାନଙ୍କ ମଧରେ ଏହିପରି ବହୁବିଧ ରୁଚିଭେଦ ଥାଏ ।

କେଉଁମାନେ ଦୀକ୍ଷା ଦେବାକୁ ଯୋଗ୍ୟ

ଦୀକ୍ଷା ଦେବାକୁ କେବଳ ସେହିମାନେ ହିଁ ଯୋଗ୍ୟ, ଯେଉଁମାନେ ନିଜ ନିଜ ଜୀବନରେ ଉଚ୍ଚ ଆଦର୍ଶକୁ ରୂପାୟନ କରିବା ଲାଗି ଚେଷ୍ଟା କରିଛନ୍ତି । ଗୃହୀ ହୁଅନ୍ତୁ ବା ସନ୍ୟାସୀ ହୁଅନ୍ତୁ ଯେଉଁମାନେ ଆଶ୍ରମ ଉପଯୋଗୀ କର୍ତ୍ତବ୍ୟ

ସମ୍ପାଦନ ମଧ୍ୟ ଦେଇ ଜନସମାଜ ଓ ଜଗତର ହିତ କାମନା କରିଛନ୍ତି, ଦୀକ୍ଷା ଦେବାକୁ ଏକା ସେହିମାନେ ଯୋଗ୍ୟ । କର୍ମଯୋଗୀ, ଜ୍ଞାନଯୋଗୀ ବା ଭକ୍ତିଯୋଗୀ ଯେ ଯାହା ହୁଅନ୍ତୁ ପଛକେ, ଯେଉଁମାନେ ନିଜ ନିଜର ଜୀବିକା ଅର୍ଜନ ଉଦ୍ୟମ ସଙ୍ଗେ ସଙ୍ଗେ ସାଧନ ଜୀବନର ମହନୀୟତାର ସାମଞ୍ଜସ୍ୟ ବିଧାନ କରିବା ଲାଗି ସର୍ବଦା ଚେଷ୍ଟିତ ହୋଇଛନ୍ତି, ପଥଭ୍ରାନ୍ତକୁ ସୁପଥକୁ ଆଣି, ଆଳସ୍ୟ ପରାୟଣକୁ କର୍ମ ପଥରେ ପରିଚାଳିତ କରି, ଅବିଶ୍ୱାସୀର ଅନ୍ତରରେ ସାଧନ ଭଜନରେ ବିଶ୍ୱାସ ଅନୁପ୍ରବିଷ୍ଟ କରି ଯେଉଁମାନେ ଅଦୀକ୍ଷିତକୁ ଦୀକ୍ଷା ପ୍ରଦାନ କରି ଜୀବନର ଅକପଟ ହିତସାଧନ ଲାଗି ଚେଷ୍ଟା କରିଛନ୍ତି କିନ୍ତୁ ନିଜେ "ଗୁରୁ" ବୋଲି ପୂଜିତ ହେବାକୁ କେବେ ଇଚ୍ଛା କରନ୍ତି ନାହିଁ କି ଚେଷ୍ଟା ବି କରନ୍ତି ନାହିଁ, କେବଳ ସେହିମାନେ ହିଁ ଦୀକ୍ଷା ଦେବାକୁ ଯୋଗ୍ୟ । ବ୍ୟକ୍ତିଗତ ସାଧନ ସିଦ୍ଧିରେ ଯେତେ ସିଦ୍ଧ ହେଲେ ବି ଯେଉଁମାନେ ନିଜର ଅନ୍ତରରେ ତିଳେ ମାତ୍ର ଗୁରୁଭାବ ପୋଷଣ ନ କରି ଦୀକ୍ଷା ପ୍ରାର୍ଥୀଙ୍କର ଓ ଦୀକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କର ସେବା କରିଯାନ୍ତି, ସାଧନ କରିବାକୁ ଉତ୍ସାହିତ କରନ୍ତି, ସତ୍‌କାର୍ଯ୍ୟରେ ପ୍ରେରଣା ଦିଅନ୍ତି, ସ୍ନେହ ପ୍ରେମ ଦେଇ ପରକୁ ଆପଣାର କରିବା ଲାଗି ସହାୟତା ପ୍ରଦାନ କରନ୍ତି, କେବଳ ସେହିମାନେ ହିଁ ଦୀକ୍ଷା ଦାନ କିରିବା ଉଚିତ୍ । ଦୀକ୍ଷାଦାନ କାର୍ଯ୍ୟ ଯଦି କାହାର ଆର୍ଥିକ ଲାଭ, ସାମାଜିକ ପ୍ରତିପତ୍ତି ବର୍ଦ୍ଧନ କିମ୍ବା ଲୋକ ପ୍ରଭାବ ବୃଦ୍ଧିର ଉପାୟ ସ୍ୱରୂପ କରାଯାଏ, ତେବେ ଦୀକ୍ଷାଦାନର ଉଦ୍ଦେଶ୍ୟ ପଣ୍ଡ ହୋଇଯାଏ ।

କେଉଁମାନେ ଦୀକ୍ଷା ନେବାକୁ ଯୋଗ୍ୟ

ଖାଲି ଦୀକ୍ଷାଦାତାଙ୍କ ମନୋଭାବ ଏହିପରି ହେଲେ ଚଳିବ ନାହିଁ, ଦୀକ୍ଷାଗ୍ରହୀତାଙ୍କର ମନୋଭାବ ମଧ୍ୟ ଅନୁରୂପ ହେବା ଆବଶ୍ୟକ । ଦୀକ୍ଷାଦାତା

ନିଜେ ଯାହାଙ୍କର ଆଧ୍ୟାତ୍ମିକ ଶକ୍ତି ପାଇବା ଯୋଗୁଁ ଆଜି ସାଧାରଣ ମନୁଷ୍ୟଙ୍କ ଅପେକ୍ଷା ବଡ଼ ହୋଇଛନ୍ତି, ତାଙ୍କରି ଶକ୍ତି ଓ ତାଙ୍କରି ଆଶୀର୍ବାଦକୁ ସେ ଯେ ନବଦୀକ୍ଷିତଙ୍କ ଭିତରେ ସଞ୍ଚାରିତ କରୁଛନ୍ତି, ଏହି ଭାବ ଦୀକ୍ଷାର୍ଥୀ ମନରେ ବି ସୁସ୍ପଷ୍ଟ ଥିବା ଦରକାର । ଦୀକ୍ଷାର୍ଥୀର ଏହି ମନୋଭାବ ସୁସ୍ପଷ୍ଟ ଭାବରେ ସୃଷ୍ଟି ନ ହେବା ପର୍ଯ୍ୟନ୍ତ ତାକୁ ଦୀକ୍ଷା ଦେବା ଉଚିତ୍ ନୁହେଁ । ଗୋଟିଏ ପ୍ରଣାଳୀରେ ତୁମ୍ଭେମାନେ ହଜାର ହଜାର ସଂଖ୍ୟାରେ ସାଧନ କରୁଛ କିନ୍ତୁ ଭିନ୍ନ ଭିନ୍ନ ଦୀକ୍ଷାଦାତାଙ୍କୁ ଅବଲମ୍ବନ କରି ତୁମ୍ଭେମାନେ ବିଭିନ୍ନ ଦଳ ଓ ସମ୍ପ୍ରଦାୟ ଗଠନ କରି ନିଜ ନିଜ ଭିତରେ ବାଡ଼ିଆପିଟା ହେଉଛ, ଆତ୍ମୀୟ, ଆତ୍ମୀୟ ଭିତରେ ତୁମ୍ଭେମାନେ ମରାମରି, ହାଣକାଟ ଲଗାଉଛ । ଏଭଳି ଅବାଞ୍ଛନୀୟ ଦୁର୍ଗତିରୁ ଯଦି ସମସାଧକମାନଙ୍କୁ ରକ୍ଷା କରିବାକୁ ଚାହଁ, ତାହା ହେଲେ ଏହାଛଡ଼ା ଆଉ ଅନ୍ୟ ପନ୍ଥା ନାହିଁ । ଆଦିଗୁରୁଙ୍କର ଶିଷ୍ୟ ହେବା ଲାଗି ପ୍ରତ୍ୟେକ ଦୀକ୍ଷାର୍ଥୀଙ୍କର ମନକୁ ଆଗେ ପ୍ରସ୍ତୁତ କରି ରଖ । ତା'ପରେ ଆଦିଗୁରୁଙ୍କ ପ୍ରତିନିଧି ଭାବରେ ତୁମେ ତାଙ୍କର ଆଶିଷ-ପୂତ ସାଧନ ପନ୍ଥା ଦୀକ୍ଷାର୍ଥୀକୁ ଅକପଟ ଚିତ୍ତରେ ଦାନକର । ବ୍ୟକ୍ତିଗତ ଗୁରୁପଦବୀକୁ ଲୁପ୍ତ କରି ଦେଇ ଏହିପରି ଭାବରେ ତୁମ୍ଭମାନଙ୍କୁ ସାର୍ବଜନୀନ ଗୁରୁବାଦ ପ୍ରତିଷ୍ଠିତ କରିବାକୁ ହେବ ।

(ଭାଦ୍ର ୨୪, ୧୩୩୯)

ଦୀକ୍ଷାଦାତାର କର୍ତ୍ତବ୍ୟ କାଳ ପ୍ରତୀକ୍ଷା

ଦୀକ୍ଷାଦାତା ଯାହାର ଉପକାର କରିବାକୁ ଚାହାନ୍ତି, ସର୍ବାଗ୍ରେ ତା ମନ ଭିତରେ ଈଶ୍ୱରାନୁରାଗ, ବିଶ୍ୱାସ, ଓ ବ୍ୟାକୁଳତା ସୃଷ୍ଟି କରିବା ତାଙ୍କର କର୍ତ୍ତବ୍ୟ, ଠିକ୍ ଯେପରି ବୀଜ ବପନ ପୂର୍ବରୁ କୃଷକ ଜମିରେ ବାରମ୍ବାର ହଳ ବୁଲାଇ

ମୃତ୍ତିକାକୁ ଚୂର୍ଣ୍ଣୀକୃତ କରେ । କଥାରେ ଅଛି "ଶତେକ ଚାଷେ ମୂଳା ।" ଦୀର୍ଘକାଳ ଯେ ପ୍ରତୀକ୍ଷା କରି ପାରିବେ ସେ କେବଳ ଦୀକ୍ଷାଦାତା ହେବାକୁ ଉପଯୁକ୍ତ । ନଚେତ୍ ବୀଜବପନ ପୂର୍ବରୁ ଜମି ଅନାବନା ଘାସରେ ପୂର୍ଣ୍ଣ ହୋଇଯିବ । ଦୀକ୍ଷାଦାତାର ପବିତ୍ର ବ୍ରତ ଯେଉଁମାନେ ଜୀବନରେ ଗ୍ରହଣ କରିବାକୁ ଚାହାନ୍ତି, ସେମାନେ ପାର୍ଥିବ ଭାବରେ ଗୋଟିଏ ଛୋଟ ବଗିଚା କରି କିଛି କାଳ ତହିଁରେ ଫୁଲଫଳର ବୀଜ ବପନ କରି ସେଥିରୁ ଫସଲ ଉତ୍ପାଦନ କରିବା ଉଚିତ୍ । ଏଥିରୁ ଏପରି ଅନେକ ଶିକ୍ଷା ଲାଭ ହେବ ଯାହାକି ଲୌକିକ ବ୍ୟବହାରରେ ଖୁବ୍ କାମରେ ଆସିବ ।

ଦୀକ୍ଷାଗ୍ରାହୀର କର୍ତ୍ତବ୍ୟ ଆତ୍ମ-ପରୀକ୍ଷା

ମୁଁ ଯେଉଁ ଗ୍ରାମକୁ ଯାଏ, ସେ ଗ୍ରାମରେ ଶୁଣେ ଯେ ଜଣେ ନା ଜଣେ ନୂଆ ଗୁରୁଦେବ ଆସିଛନ୍ତି । ସେ ଦଳ ଦଳ କରି ଶିଷ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି । ତାଙ୍କ ଠାରୁ ମନ୍ତ୍ର ନେବାର ଆବଶ୍ୟକତା, ସେ କେତେ ଲୋକଙ୍କୁ କେତେ ରକମର ଯୁକ୍ତି ଦେଖାଇ ଯେ ବୁଝାଉଛନ୍ତି, ତା'ର ସ୍ଥିରତା ନାହିଁ । ଶାସ୍ତ୍ରଜ୍ଞ ଓ ଶାସ୍ତ୍ରଜ୍ଞାନହୀନ, କାର୍ଯ୍ୟକାରଣଜ୍ଞ ଓ କାଣ୍ଡଜ୍ଞାନହୀନ, ସବୁ କିସମର ଲୋକେ ଦଳ ଦଳ ହୋଇ ଗୁରୁ ବ୍ୟବସାୟ କରୁଛନ୍ତି ଓ ଅନ୍ୟର ଶିଷ୍ୟକୁ ନିଜ ଶିଷ୍ୟ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି । ଏପରି ହେବା କିଛି ବିଚିତ୍ର ନୁହେଁ ଯେ, ସେମାନଙ୍କର ଉଦ୍ଦେଶ୍ୟ ମହତ୍ ଓ ସମସ୍ତେ ଚାହାନ୍ତି ଜୀବ ଈଶ୍ୱରାଭିମୁଖୀ ହେଉ । କିନ୍ତୁ ସେମାନଙ୍କର ଉଦ୍ଦେଶ୍ୟର ମହିମା ନଭଶ୍ଚୁମ୍ବୀ ହେଲେ ବି ଯଦି ସେମାନଙ୍କର ଏହି ଚେଷ୍ଟା ଫଳରେ ଦୀକ୍ଷା ପ୍ରାପ୍ତ ବ୍ୟକ୍ତିମାନେ ଯଥାର୍ଥ ଉପକାର କିଛି ନ ପାଆନ୍ତି, ତାହାହେଲେ ସେଇଟା ଅତ୍ୟନ୍ତ ପରିତାପର

ବିଷୟ ହେବ । ଏହି କାରଣରୁ ମନ୍ତ୍ରଗ୍ରାହୀ ବ୍ୟକ୍ତିମାନଙ୍କର ଆତ୍ମ ପରୀକ୍ଷା କରିବା ପ୍ରୟୋଜନ ଯେ, ପ୍ରକୃତରେ କ'ଣ ମନ୍ତ୍ର ନେବା ପାଇଁ ପ୍ରାଣରେ ବ୍ୟାକୁଳତା ଜନ୍ମିଛି ? ମନ୍ତ୍ର ନେଇ ସେ ମନ୍ତ୍ରର ସାଧନ କରିବ ନା ଲୋକଦେଖାଣିଆ ଚିତାଚଇତନ କାଟି କର୍ତ୍ତବ୍ୟ ସମାପନ କରିବ ? ଅହୋରାତ୍ର ନାମ ସଂକୀର୍ତ୍ତନ ଚାଲିଛି - କିନ୍ତୁ ଉଚ୍ଚସ୍ୱର ବା ପଙ୍ଗତ, ଏ ଦୁଇଟାରୁ କୌଣସିଟା ତା'ର ସାର ନୁହେଁ - କି ଲାଭ ନୁହେଁ । ତା'ର ସାର ହେଉଛି ପ୍ରେମ ଓ ଲାଭ ହେଉଛି ଅଭୟ । ମନ୍ତ୍ର ଯେ ନେବେ ସେ ହୋ'ରେ ନ ମାତି ମୋହବତ, ଚକ୍ଷୁଲଜ୍ଜା ଛାଡ଼ି ନିର୍ଭୀକ ମନରେ ଆତ୍ମ ପରୀକ୍ଷା କରିବା ଉଚିତ୍ ଏବଂ ତା'ର ଫଳ ଯଦି ମନ୍ତ୍ର ଗ୍ରହଣର ଅନୁକୂଳ ହୁଏ, ତେବେ ସେ ମନ୍ତ୍ର ଗ୍ରହଣ କରି ପାରନ୍ତି । ଯେଉଁ କାର୍ଯ୍ୟ ସହିତ ଜୀବନ ମରଣର ସମ୍ପର୍କ-ସେଭଳି କାର୍ଯ୍ୟରେ ଚକ୍ଷୁଲଜ୍ଜାକୁ ପ୍ରଶ୍ରୟ ଦେବା ଭଳି ପାପ ଆଉ କ'ଣ ଅଛି ?

(ଆଷାଢ଼ ୫, ୧୩୩୯)

ଦୀକ୍ଷା ଗ୍ରହଣ ପୂର୍ବର ଆତ୍ମପରୀକ୍ଷା

ତୁମ୍ଭେମାନେ ଯେ ଦୀକ୍ଷା ନେବା ପାଇଁ ଏଠାକୁ ଆସ ବା ଅନ୍ୟ ଜାଗାକୁ ଦୌଡ଼ି ଯାଅ, ତୁମ୍ଭମାନଙ୍କର ଭଲ ଭାବରେ ବିଚାର ବିବେଚନା କରି ଦେଖିବା ଆବଶ୍ୟକ ଯେ, ପ୍ରକୃତରେ ପ୍ରାଣରେ ବ୍ୟାକୁଳତା ଜନ୍ମିଛି କି ନାହିଁ । ତୁମ୍ଭମାନଙ୍କର ବିଚାର କରି ଦେଖିବା ଦରକାର ଯେ, ଦୀକ୍ଷା ନେଇ ପ୍ରାଣପଣେ ସାଧନ କରିବ କି ନାହିଁ । ନିଜ ମନକୁ ଭଲ କରି ପଚାରି ଏ କାମରେ ଆଗେଇବା ଭଲ । ଦୀକ୍ଷା ଗ୍ରହଣମାନେ ପ୍ରତିଜ୍ଞାବଦ୍ଧ ହେବା ଓ ସେ ପ୍ରତିଜ୍ଞା ହେଉଛି, ତୁମେ ଆଜୀବନ କେଶରୀ ବିକ୍ରମରେ ପ୍ରଦର୍ଶିତ ମାର୍ଗରେ ନିର୍ଭୟରେ ପଦଚାରଣ

କରିବ, ଦିନକ ପାଇଁ ବି ଅଟକି ଯିବ ନାହିଁ କି ଥରକ ପାଇଁ ସୁଦ୍ଧା ପଶ୍ଚାଦ୍ ପଦ ହେବ ନାହିଁ । ଯୁଦ୍ଧ ବିଭାଗରେ ଚାକିରୀ କରିବାକୁ ହେଲେ ଯେପରି ଏକ bond ବା ଚୁକ୍ତିପତ୍ରରେ ଦସ୍ତଖତ ଦେବାକୁ ହୁଏ ଯେ, ଗୋଳାବର୍ଷୁ, ବୋମା ପଡୁ କିମ୍ବା ଶତ୍ରୁ ହାତରେ ବନ୍ଦୀ ହୁଏ ପଛକେ, duty (କର୍ତ୍ତବ୍ୟ) ଛାଡ଼ି ପଦାପି ପଳାଇବି ନାହିଁ । ଦୀକ୍ଷା ମାନେ ସେହି ଭଳି ଏକ bond ବା ଚୁକ୍ତିପତ୍ରରେ ସନ୍ତକ ଦେବା । ଏହି କାରଣରୁ ଦୀକ୍ଷା ନେବା ଆଗରୁ ଖୁବ୍ ଭଲ ଭାବରେ ଆତ୍ମ ପରୀକ୍ଷା କରିବା ଦରକାର । କିଛି କାଳ ବିଳମ୍ବ କରି ଦୀକ୍ଷା ନେଲେ କୌଣସି କ୍ଷତି ହୁଏ ନାହିଁ, କିନ୍ତୁ ଆତ୍ମ ପରୀକ୍ଷା ନ କରି ଦୀକ୍ଷା ନେଲେ ନାନା ଅସୁବିଧାରେ ପଡ଼ିବାକୁ ହୁଏ ।

(ଜ୍ୟେଷ୍ଠ ୧୪, ୧୩୩୬)

ଦୀକ୍ଷାଗ୍ରହଣର ଦାୟିତ୍ୱ

ଆଜି ଗୁଡ଼ିଏ ଲୋକଙ୍କୁ ତ ଦୀକ୍ଷା ଦେଲି କିନ୍ତୁ ସେମାନେ ପ୍ରକୃତରେ ସାଧନ କରିବେ ତ ? ଦୀକ୍ଷା ନେଲେ ଅଥଚ ସାଧନ କଲେ ନାହିଁ, ଏ ତ ଏକ ମାରାତ୍ମକ ବ୍ୟସନ । କଣ୍ଟାର ଆଞ୍ଚୁଡ଼ା ଖାଇ ଫୁଲ ତୋଳିଲ କିନ୍ତୁ ପୂଜା କଲ ନାହିଁ, ଅଣ୍ଟି ଭର୍ତ୍ତି କରି ଗୋଲାପଜାମୁ ତୋଳିଲ କିନ୍ତୁ ଗୋଟାଏ ବି ଚାଖିଲ ନାହିଁ - ଏ ତ ଏକ ବିସ୍ମୟକର ବିଭ୍ରାନ୍ତି ! ଏକଥା କେହି ଯେପରି ନ କରନ୍ତି ତା'ର ବ୍ୟବସ୍ଥା ହେବା ଦରକାର । ଦୀକ୍ଷା ନେବା ପାଇଁ କାହାକୁ ଡାକେ ନାହିଁ, ତଥାପି ଲୋକେ ଦୀକ୍ଷା ନିଅନ୍ତି, ସେମାନଙ୍କ ବ୍ୟାକୁଳତା ଦେଖି ନ ଦେଇ ରହିପାରେ ନାହିଁ । ଏଇ ଯେ ଦୀକ୍ଷା ଦିଏ, ଏଇଟା କଣ ଦୋଷ ? ଜଣେ ଅଧେ ଦୀକ୍ଷା ନେଇ ସାଧନ କରନ୍ତି, ମୁଁ ଫଳାଫଳ ଦେଖି ମୁଗ୍ଧ ହୁଏ, ଚମତ୍କୃତ

ହୁଏ । କୃତକୃତାର୍ଥ ହୁଏ । ସେତେବେଳେ ମନେ ମନେ ଭାବେ କେହି ଦୀକ୍ଷା ନେବାକୁ ଚାହିଁଲେ ତାକୁ ଫେରାଇ ଦେବି ନାହିଁ । ମୋ ଠାରୁ ଲୋକେ ଯେ ଦୀକ୍ଷା ନେବାକୁ ଆସନ୍ତି ତାହା କ'ଣ ଖାଲି ଗ୍ରାମ୍ୟ -କୁସଂସ୍କାରର ଫଳ ? କୁ-ସଂସ୍କାରକୁ ମୁଁ ଅବଶ୍ୟ ପ୍ରଶ୍ରୟ ଦେଇ ନ ପାରେ କିନ୍ତୁ ଯେଉଁମାନେ ସତ୍‌ପ୍ରେରଣାରେ ଆସନ୍ତି ସେମାନଙ୍କୁ ଫେରାଇବି କିପରି ? ମୋ ଅପେକ୍ଷା ବହୁତ ବଡ଼ ବଡ଼ ଲୋକ ଚାରିଆଡ଼େ ବିରାଜମାନ ଅଛନ୍ତି । ମୁଁ ସେମାନଙ୍କ ପାଖକୁ ଠେଲି ଦେଲେ ବି ଏସବୁ ଦୀକ୍ଷାର୍ଥୀମାନେ ବାରମ୍ବାର ମୋ ପାଖକୁ ଫେରି ଆସନ୍ତି କାହିଁକି ? ମୁଁ ସିଦ୍ଧ ନୁହେଁ, ସାଧକ ନୁହେଁ, ତପସ୍ୱୀ ନୁହେଁ ବା ଜାପକ ବି ନୁହେଁ । ମୁଁ ଜଣେ ସାଧାରଣ ଲୋକ । ଗୁଣ ଭିତରେ ଏତିକି ଯେ ମୁଁ ବେଶି କଥା କହିପାରେ, ବେଶି ବେଶି କରି କଥା କହି ବି ଯାଉଛି । ମୋ ଅନ୍ତଃସାର ଶୂନ୍ୟତା ଏମାନେ କାହିଁକି ବୁଝିପାରୁ ନାହାଁନ୍ତି ? ଦୀକ୍ଷା ନେବେ ଅଥଚ ସାଧନ କରିବେ ନାହିଁ ଅଥଚ ଦେଖା ସାକ୍ଷାତ ହେଲେ ଦହଗଞ୍ଜ କରିବେ, କି ମୁସ୍କିଲ ବ୍ୟାପାର !

ରାଜନୈତିକ ନେତାମାନଙ୍କ ସହିତ ଦୀକ୍ଷାଦାତା ଗୁରୁମାନଙ୍କ ସାଦୃଶ୍ୟ

ରାଜନୈତିକ ନେତାମାନେ ଯେପରି ଅନେକ ସମୟରେ ଜନସାଧରାଣଙ୍କୁ ମିଥ୍ୟା ସ୍ତୋକବାକ୍ୟରେ ପ୍ରଲୁବ୍ଧ କରି ସେମାନଙ୍କ ଠାରୁ ନିଜ ସପକ୍ଷରେ ଭୋଟ ଆଦାୟ କରନ୍ତି ତା'ପରେ ଶାସକ ଆସନରେ ବସି ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ସର୍ବସାଧରଣଙ୍କ ସ୍ୱାର୍ଥକୁ ପଦଦଳିତ କରନ୍ତି, ସେହିପରି ଦଳେ ଲୋକ ଦୀକ୍ଷାଦାନ ମାଧ୍ୟମରେ ହଜାର ହଜାର ନରନାରୀଙ୍କ ଉପରେ ସମ୍ମୋହନାସ୍ତ୍ର ପ୍ରୟୋଗ କରି, ସେମାନଙ୍କର ଜ୍ଞାନ ଓ ସ୍ୱାଧୀନ ବିଚାର ବୁଦ୍ଧିକୁ

ପୂରାପୂରି ଲୋପ କରି ଏବଂ ସ୍ୱର୍ଗର ପ୍ରଲୋଭନ ଓ ନର୍କର ଭୟ ଦେଖାଇ ସେମାନଙ୍କର ବଳ ବିତ୍ତ ଅପହରଣ କରି ନିଜ ନିଜର ବ୍ୟକ୍ତିଗତ ସୁଖ ସାଧନ କରନ୍ତି ଓ ନିଜ ନିଜର ନିତାନ୍ତ ଶାନ୍ତ ଇନ୍ଦ୍ରିୟସମୂହର ପରିତର୍ପଣ କରନ୍ତି । ଏମାନେ ସମସ୍ତେ ଯେ ସମାଜର ଶତ୍ରୁ, ଏହି କଥା ଖୁବ୍ ଭଲଭାବରେ ଜାଣି ପ୍ରତ୍ୟେକେ ଧୀର ମନ ଓ ସ୍ଥିର ହୃଦୟରେ ଭୋଟଦାନ କେନ୍ଦ୍ର ବା ଦୀକ୍ଷା ଗୃହରେ ପ୍ରବେଶ କରିବା ଉଚିତ୍ । କାହିଁକି ଦୀକ୍ଷା ନେବ, ସେ କଥା ନ ଜାଣି ଦୀକ୍ଷା ନେବା ଆଦୌ ଉଚିତ୍ ନୁହେଁ ।

(ମାର୍ଗଶୀର ୭, ୧୩୩୪)

ଦୀକ୍ଷାର ବୟସ

ଅଳ୍ପ ବୟସରେ ଦୀକ୍ଷା ନେବା ଭଲ । ଆବାଲ୍ୟ-ସମ୍ବର୍ଦ୍ଧିତ ଅଭ୍ୟାସ ମୃତ୍ୟୁକାଳ ପର୍ଯ୍ୟନ୍ତ ସୁଦୃଢ଼ ରହେ ଓ ତା'ର ପ୍ରବାହ ସୁଦୂରପ୍ରସାରୀ ହୁଏ । ଥରେ ସଂସାରର କାମ-କଳୁଷରେ ବୁଡ଼ିଗଲେ ତା'ପରେ ମନକୁ ଆଣି ଭଗବାନଙ୍କ ଠାରେ ଲଗାଇବା ବଡ଼ ଆୟାସସାଧ୍ୟ ହୁଏ । ଏହି କାରଣରୁ ହିଁ ପ୍ରାଚୀନ କାଳରେ ଆଠ ବର୍ଷ ବୟସରେ ଯଜ୍ଞୋପବୀତ ସଂସ୍କାର ହେଉଥିଲା ଓ ଜଗତର କଠିନତମ ମନ୍ତ୍ର ଗାୟତ୍ରୀ ଦ୍ୱାରା ହିଁ ତପଃ ସାଧନା ଆରମ୍ଭ ହେଉଥିଲା । କଥାରେ ଅଛି -

''ବାଲ୍ୟ ବ'ଲେ ବୟସେର ଉପେକ୍ଷା କରୋନାଁ
ବାଲ୍ୟେଇ କରିତେ ହବେ ବ୍ରହ୍ମେର ସାଧନା''*

---

*''ବାଲ୍ୟ'' କହି ବୟସକୁ ଉପେକ୍ଷା କରନା
ବାଲ୍ୟେ କରିବାକୁ ହେବ ବ୍ରହ୍ମର ସାଧନା ।

ତେବେ ଗୋଟିଏ କଥା ଅଛି । ଯାହାର ବୁଦ୍ଧି ବୃତ୍ତି ଅତ୍ୟନ୍ତ ସ୍ଥୂଳ, ସେ ବୁଦ୍ଧି ବିକାଶ ଲାଗି ଉପଯୁକ୍ତ ବୟସ ପର୍ଯ୍ୟନ୍ତ ଅପେକ୍ଷା କରିବା ସଙ୍ଗତ ।

ଅଳ୍ପ ବୟସରେ ଗୁରୁ ସଙ୍ଗର ସୁଫଳ

ପଶ୍ଚିମା ସାଧୁମାନଙ୍କ ମଧ୍ୟରୁ ଅଧିକାଂଶ ସାତ ଆଠ ବର୍ଷ ବୟସରେ ଗୁରୁସଙ୍ଗ ପାଆନ୍ତି । ସେମାନଙ୍କର ବାପା ମାଆ ସ୍ୱେଚ୍ଛାରେ ନିଜ ନିଜର ପୁଅକୁ ସଦ୍‌ଗୁରୁଙ୍କ ହାତରେ ସମର୍ପି ଦିଅନ୍ତି । ଅଥଚ ଆମ ଆଡ଼ର ବାପାମାଆଙ୍କ ଅବସ୍ଥା କ'ଣ ଜାଣ ? ଗୁରୁଙ୍କୁ ଦେଇ ଦେବା ତ ଦୂରର କଥା, କେଉଁ ପିଲା ଯଦି ସଦୁପଦେଶ ପାଇବା ଲାଗି ସାଧୁସଙ୍ଗ ଖୋଜେ ତାହାହେଲେ ତା ପାଇଁ ଲାଲ ଗୁଲୁଗୁଲୁ ବୋହୂଟିଏ ଯୋଗାଡ଼ କରି ତା ହାତ ଗୋଡ଼ରେ ବେଡ଼ି ପକାଇ ଦେବାର ଆୟୋଜନ ଚାଲେ । ଏ ଅଞ୍ଚଳର ବାପମାଆଙ୍କର ଆତଙ୍କର ଅବଧି ନାହିଁ, ଗେରୁଆ ଲୁଗା ଦେଖିଲେ ଛାତି ଦୁକୁଦୁକୁ ହୁଏ । ଏମାନେ ଭାବନ୍ତି ମୋ ପୁଅକୁ ବୋଧେ ଶିଖେଇ ମଣେଇ ନେଇ ଯିବାକୁ ଆସିଛନ୍ତି । ବାଲ୍ୟାବଧି କୁସଙ୍ଗରେ ପଡ଼ି ପିଲା ପଛେ ନର୍କରେ ପଡୁ, ଗୁପ୍ତ ଅସଂଯମରେ ତାର ସର୍ବନାଶ ହେଉ, ମଦ ଖାଇ ମାତଲାମି କରୁ, ବେଶ୍ୟାଘରକୁ ଯାଉ, ତା ସହି, କିନ୍ତୁ ପିଲା ଯେପରି ସାଧୁ ନ ହେଉ । ପଶ୍ଚିମା ସାଧୁମାନେ ଗୁରୁସଙ୍ଗରେ ରହି ବ୍ରହ୍ମଚର୍ଯ୍ୟ ପୂରାପୂରି ପାଳନ କରି ତାପରେ ସନ୍ୟାସ ଗ୍ରହଣ କରନ୍ତି କିନ୍ତୁ ଆମର ପିଲାଙ୍କର ସେ ଭାଗ୍ୟ ଜୋର ନାହିଁ । ସେମାନେ ବ୍ରହ୍ମଚର୍ଯ୍ୟ ସାଧନ ଲାଗି କୌଣସି ସୁଯୋଗ ନ ପାଇ କେବଳ ପ୍ରାଣର ଆକର୍ଷଣରେ ହିଁ ସନ୍ୟାସୀ ହୁଅନ୍ତି ।

ଅଳ୍ପ ବୟସରେ ଦୀକ୍ଷା ନେବାର କୁଫଳ

ଅଳ୍ପ ବୟସରେ ଦୀକ୍ଷା ନେଲେ ତା'ର ଏକ ଖରାପ ଦିଗ ମଧ୍ୟ ଅଛି । ତାହା ହେଲା ଭଲ ଭାବରେ ନ ବୁଝି ନ ଶୁଝି ଏ ବୟସରେ ଦୀକ୍ଷା ନେବାକୁ ହୁଏ । ଫଳତଃ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ଜୀବନ ଯେତେବେଳେ ପୂର୍ଣ୍ଣ ବିକଶିତ ହୁଏ, ସେତେବେଳେ ଚତୁର୍ଦ୍ଦିଗରେ ବିଭିନ୍ନ କିସମ ମତାମତର ସଂଘର୍ଷରେ ଆସିବା ଫଳରେ ପ୍ରାପ୍ତ ସାଧନରେ ଅବିଶ୍ୱାସଜନିତ ଜ୍ୱାଳା ବଡ଼ ଅସହ୍ୟ ହୁଏ ।

ବାଲ୍ୟ ପ୍ରାପ୍ତ- ସାଧନରେ ନିଷ୍ଠା ବୃଦ୍ଧିର ଆବଶ୍ୟକତା

ତାହାଲେ ଏହାର ପ୍ରତିକାର କ'ଣ ? ଏହାର ପ୍ରତିକାର ଏକା ବେଳକେ ଯାଇ ମୂଳରେ, ଡାଳରେ ନୁହେଁ କି ପତ୍ର ପୁଷ୍ପରେ ବି ନୁହେଁ ଅର୍ଥାତ୍ ଯିଏ ଆବାଲ୍ୟରୁ ନିଷ୍ଠା ସହକାରେ ପ୍ରାପ୍ତ ସାଧନକୁ ଅନୁଶୀଳନ କରିବାକୁ ଅଭ୍ୟାସ କରିବ ସେ ବେଶି ହେଉ ବା କମ୍ ହେଉ, ତୃପ୍ତି, ଆନନ୍ଦ ଓ ଶାନ୍ତି ତାରି ଭିତରୁ ପାଇବ ଏବଂ ସେ ଯେଉଁ ଆସ୍ୱାଦନ ମିଳିବ ତାହା ଏକାବେଳେକେ ପ୍ରତ୍ୟକ୍ଷ ବସ୍ତୁ, ତାହା ଯୁକ୍ତି-ନିରପେକ୍ଷ, ତର୍କ ନିରପେକ୍ଷ ଓ ବିଚାର ନିରପେକ୍ଷ । ତେଣୁ ଯେ ଅଳ୍ପ ଟିକିଏ ଆସ୍ୱାଦନ ଲାଭ କରିଛି ତା'ର ଆଉ କୌଣସି ଭୟ-ଭାବନା ନାହିଁ କି ସହସ୍ର ମତାମତର ସଂଘର୍ଷ ତାକୁ ତହିଁରୁ ବିଚ୍ୟୁତ କରିପାରେ ନାହିଁ । ଯଦି ବା କେବେ ତା'ମନକୁ ଚଞ୍ଚଳ କରେ ତାହା ନିତାନ୍ତ ସାମୟିକ ଓ କ୍ଷଣସ୍ଥାୟୀ

ଗୁରୁଙ୍କ ଗୁରୁଶ୍ରମ

ଏହି କାରଣରୁ ମୋତେ ଏତେ ବେଶି ପରିଶ୍ରମ କରିବାକୁ ପଡ଼େ । ଅନ୍ୟାନ୍ୟ ଆଚାର୍ଯ୍ୟମାନେ ବୟସ୍କ ଲୋକଙ୍କୁ ସାଧନ ଦିଅନ୍ତି ଯେଉଁମାନେ କି

ସଂସାରରେ ବହୁ ଦୁଃଖକଷ୍ଟ ନିଜ ଅଙ୍ଗେ ଲିଭେଇବା ପରେ ସାଧନର ଆବଶ୍ୟକତା ଅନୁଭବ କରି ଶାନ୍ତି ପାଇବା ଆଶାରେ ସେସବୁ ଆଚାର୍ଯ୍ୟଙ୍କ ସମୀପସ୍ଥ ହୋଇଥାନ୍ତି । କିନ୍ତୁ ମୋ କ୍ଷେତ୍ରରେ ଅବସ୍ଥା ଠିକ ତା'ର ବିପରୀତ । ସଂସାରରେ କେହି କଦାପି ଜାଣି ପାରିବେ ନାହିଁ ଗୋଟିଏ ଗୋଟିଏ ପିଲାଙ୍କ ପିଛା ମୋତେ କେତେ ରକ୍ତ ପାଣି ଫଟାଇ ଦେବାକୁ ପଡ଼ିଛି । ତ୍ରିପୁରାର ଗୋଟିଏ ପିଲା ଅବାଟରେ ଯାଉଛି ବୋଲି ଜାଣିବା ସଙ୍ଗେ ସଙ୍ଗେ ମୋତେ ବାଙ୍କୁଡ଼ାରୁ ଊର୍ଦ୍ଧ୍ୱଶ୍ୱାସରେ ସେଠାକୁ ଦୌଡ଼ି ଯିବାକୁ ହେଲା, ଥୋଡ଼ାଏ ବାଟ ଗାଡ଼ିରେ, ଥୋଡ଼ାଏ ବାଟ ପଦବ୍ରଜରେ ଯିବାକୁ ହେଲା, ଖିଆ ପିଆର କିଛି ଠିକ୍ ଠିକଣା ନାହିଁ । ଏ'ତ ଗଲା ସ୍ଥୂଳତମ ଶ୍ରମ । ତା'ପରେ ଚିଠିର ମାଡ଼ ତ ଅଛି । ଏମିତି କେହି ଗୋଟିଏ ପିଲା ମୋର ନାହାନ୍ତି ଯାହା ପିଛା ପାଞ୍ଚ ସାତ ଟଙ୍କାର ଡାକ ଟିକଟ ମୋତେ ଖର୍ଚ୍ଚ କରିବାକୁ ନ ପଡ଼ିଛି । ତଥାପି ଏହା ମଧ୍ୟ ସ୍ଥୂଳଶ୍ରମ । ତା'ପରେ ମାନସିକ ଶ୍ରମ କଥା ଆସୁଛି । ଯେତେବେଳେ ଯେଉଁ ପିଲାଟିର ମନ ଚଞ୍ଚଳ ହେଉଛି, ସଙ୍ଗେ ସଙ୍ଗେ ତୀବ୍ର ତେଜରେ ଶୁଭ ସଂକଳ୍ପକୁ ଅବିରାମ ତାରି ଆଡ଼କୁ ଚାଳନା କରି କରି ଏ ଦେହଟା ଯେ କେଡ଼େ ଶ୍ରାନ୍ତକ୍ଲାନ୍ତ ହୋଇପଡ଼େ, ତୁମ୍ଭେମାନେ ତାର ଖବର ରଖ ନାହିଁ । ଏହି ଜଡ଼ ଶରୀର ଶ୍ରମର ଭାର ବହନ କରିବାକୁ ଅକ୍ଷମ ହୁଏ । ଯୁବକମାନେ ଯୌବନର ଉଦ୍ଦାମ ଉନ୍ମାଦନାରେ ଭୋଗର ଉଚ୍ଛୃଙ୍ଖଳ ପଥରେ ମାଡ଼ିଯିବେ, ଆଉ ଅଜ୍ଞାତସାରରେ ମୁଁ ସେମାନଙ୍କୁ ସଂକଳ୍ପର ଶୃଙ୍ଖଳାରେ ଆଦର୍ଶ ସଙ୍ଗେ ଦୃଢ଼ ଭାବରେ ବାନ୍ଧି ରଖିବି । ଏ ଯେଉଁ ଲଢ଼େଇ, ଏଇଟା ସେହି ସବୁ ଆଚାର୍ଯ୍ୟମାନଙ୍କୁ କରିବାକୁ ପଡ଼େ ନାହିଁ, ଯେଉଁମାନେ ପରିଣତ ବୟସ୍କଙ୍କୁ ସାଧନ ଦିଅନ୍ତି । କାରଣ ପରିଣତ ବୟସ୍କ ଲୋକମାନେ ସଦ୍‌ଯୁକ୍ତି ବୁଝନ୍ତି ଓ ମାନନ୍ତି । କେବଳ ଅତୀତର ଅଭ୍ୟାସ ହିଁ ସେମାନଙ୍କ ପକ୍ଷରେ ପ୍ରଧାନ ଅନ୍ତରାୟ ହେଲେ ହେଁ ଯୁକ୍ତିର ଅଙ୍କୁଶ ତାଡ଼ନାରେ

ମଦମତ୍ତ ମନକୁ ଆୟତ୍ତ କରିବାର ପ୍ରୟୋଜନୀୟତାବୋଧ ସେମାନଙ୍କର ଥାଏ । କିନ୍ତୁ ଯୁବକର ସେ ବୋଧ ନ ଥାଏ, ବୁଝାଇଲେ ବି ବୁଝେ ନାହିଁ, କାରଣ ଜୀବନର ତିକ୍ତ ଅଭିଜ୍ଞତାରୁ ସେ ବଂଚିତ ।

(ଚୈତ୍ର ୨୫, ୧୩୩୮)

ଦୀକ୍ଷା ଦାନରେ ଗୁରୁଙ୍କର ଶକ୍ତିକ୍ଷୟ

ଦୀକ୍ଷାଦାନରେ ଗୁରୁଙ୍କୁ ନିଜର ସାଧନ ଶକ୍ତି ବ୍ୟୟ କରିବାକୁ ପଡ଼େ । ଖାଲି ଏଣୁ ତେଣୁ ଦୁଇପଦ କହିଦେଲେ ଦୀକ୍ଷା ହୁଏ ନାହିଁ । ଏହି ଯେଉଁ ଶକ୍ତି ବ୍ୟୟିତ ହୁଏ, ସାଧନ ଦ୍ୱାରା ଗୁରୁଙ୍କୁ ତାହା ପୂରଣ କରାଇ ନେବାକୁ ହୁଏ । ତା'ହେଲେ ତ ବୁଝି ପାରୁଥିବ ଯିଏ-ସିଏ ଲୋକ ପାଇଁ ବୃଥାରେ କେହି ଶକ୍ତିକ୍ଷୟ କରିବାକୁ ରାଜି ହେବେ ନାହିଁ । କଷ୍ଟ ସ୍ୱୀକାର କରି ଯେ ଶକ୍ତି ସଞ୍ଚୟ କରିଛନ୍ତି, ବୃଥାରେ ଶକ୍ତିକ୍ଷୟ କରିବାକୁ ସେ କଦାପି ବାଞ୍ଛନୀୟ ମନେ କରି ପାରିବେ ନାହିଁ । ଏହି କାରଣରୁ ଦେଖାଯାଏ ଯେ ବହୁ ଉଗ୍ରତପା ମହାପୁରୁଷ ସମଗ୍ର ଜୀବନ କାଳ ମଧ୍ୟରେ ଗୋଟିଏ ଦୁଇଟିରୁ ବେଶି ଚେଲା କରନ୍ତି ନାହିଁ, ତୁମେ କହିପାର, ଏପରି କରିବା କ'ଣ ଭଲ ? ଭଲ ନୁହେଁ କ'ଣ ମନ୍ଦ ? ଗୋଟିଏ ଦୁଇଟି ତ୍ୟାଗି ସୁପାତ୍ର ପଛରେ ନିଜର ସବୁଶକ୍ତି ଖଟାଇ ସେମାନେ ଖଣ୍ଡେ ଖଣ୍ଡେ ହୀରା ତିଆରି କରନ୍ତି । ଆଉ ତୁମ ପରି ଗୋରୁପଲଙ୍କୁ ନେଇ ଯେଉଁମାନେ ଚରାଇବାକୁ ବାହାରନ୍ତି, କାନ୍ଦି କାନ୍ଦି ଲୁହ ପୋଛିବାକୁ ସେମାନଙ୍କୁ ବେଳ ମିଳେ ନାହିଁ ।

ତେବେ ତୁମ୍ଭେମାନେ କେହି ରୋଗ ଆରୋଗ୍ୟ କରିବା ପାଇଁ ବା ମକଦ୍ଦମାରେ ଜିତିବା ପାଇଁ ମୋ ପାଖକୁ ଆସୁନାହଁ, ସେତିକି ରକ୍ଷା ।

(ବୈଶାଖ ୧୨, ୧୩୩୮)

କୁମାରୀ ଅବସ୍ଥାରେ ଦୀକ୍ଷା ଗ୍ରହଣ

ସାଧାରଣତଃ ଖୁବ୍ କମ୍ ଲୋକଙ୍କୁ ମୁଁ ଦୀକ୍ଷା ଦାନରେ ଆଗ୍ରହୀ । ଖୁବ୍ ଯୋର କରି ନ ଧରିଲେ ମୁଁ ସାଧରଣତଃ କାହାକୁ ଦୀକ୍ଷା ଦିଏ ନାହିଁ । ମୋର ତରୁଣ ବୟସରେ ଏପରି ଏକ ସମୟ ଆସିଥିଲା ଯେତେବେଳେ ବାଟ ଚାଲୁ ଚାଲୁ ବି ଯାହାକୁ ତା'କୁ ଦୀକ୍ଷା ଦେବାକୁ ଇଚ୍ଛା ହେଉଥିଲା । ସେତେବେଳେ ବୁଝି ପାରି ନ ଥିଲି ଯେ ଦୀକ୍ଷାଦାନର ଏହି ଅତ୍ୟନ୍ତ ଆଗ୍ରହଟା କାମର ହିଁ ଏକ ରୂପାନ୍ତରଗ୍ରସ୍ତ ଅବସ୍ଥା । କାମରିପୁ କଳୁଷ-ପଙ୍କିଳ ପଥରେ ଯିବାରେ ବାଧା ପାଇ ଯେ ଦୀକ୍ଷାଦାନର ରୁଚି ରୂପରେ ଆତ୍ମ ପ୍ରକାଶ କରିପାରେ ଏ କଥା ଯେଉଁ ଦିନ ମୋ ବିବେକ ପାଖରେ ଧରାପଡ଼ିଲା ସେହି ଦିନଠାରୁ ଦୀକ୍ଷାଦାନ ମୋ ପକ୍ଷରେ ଏକ ବିରଳ ବ୍ୟାପାର ହୋଇଗଲା । ସୁଦୂର ଅତୀତରେ ଦୀକ୍ଷାପ୍ରାପ୍ତଙ୍କ ମଧ୍ୟରୁ କେହି କେହି ଯେ ମୋତେ ଛାଡ଼ି ଭିନ୍ନ ପଥରେ ଚାଲି ଯାଇଛନ୍ତି, ହୁଏତ ମୋ ଦୀକ୍ଷାଦାନର ବିଶୁଦ୍ଧତାର ଅଭାବ ତାର ଅନ୍ୟତମ କାରଣ । କେତେଜଣ ଦୀକ୍ଷାଦାତା ଅବା ନିଜର କଳୁଷ-କାଳିମାକୁ ଦେଖି ପାରନ୍ତି ? ଭଗବାନଙ୍କ ଦୟାରୁ ସେ ଅସାଧ ସୁସାଧ ହୋଇ ପାରିଛି । ସେଇଥିପାଇଁ ମୁଁ ଉପରେ ପଡ଼ି କାହାକୁ ଦୀକ୍ଷା ଦେବାକୁ ଚାହେଁ ନା । ଅତଏବ ସ୍ତ୍ରୀ-ଲୋକଙ୍କୁ ଦୀକ୍ଷା ଦେବାକୁ ମୋର ଅନାଗ୍ରହ ଆହୁରି ଅଧିକ । ସ୍ୱାମୀ ଏକାକୀ ଦୀକ୍ଷା ନେବାକୁ ଆସିଲେ ତାକୁ କହେ, - ନା, ସ୍ତ୍ରୀକୁ ସଙ୍ଗରେ ଘେନି ଆସ । ଜଣେ ତିନିଟି କୁମାରୀ କନ୍ୟାକୁ ଦୀକ୍ଷାର୍ଥେ ନେଇ ଆସିଲେ ତାଙ୍କୁ କଦାପି କହେ ନାହିଁ ଯେ ଚତୁର୍ଥଟିକୁ ଆଣି ଦୀକ୍ଷା ଗୃହରେ ବସାଇ ଦିଅ । କୁମାରୀମାନଙ୍କୁ ଦୀକ୍ଷା ଦେବାରେ ଏକ ଅଲିଖିତ ଅପ୍ରକାଶିତ ଦାୟିତ୍ୱ ଅଛି । ସେ ଦାୟିତ୍ୱ ହେଉଛି, ତା'ର ଯେତେବେଳେ ବିବାହ ହେବ ସେତେବେଳେ ସେ ତାର

ସ୍ୱାମୀ-ଦେବତାଟିକୁ କି ପ୍ରକାର ସ୍ଥିତିରେ ପାଇବ, ତାହା କେହି ଜାଣନ୍ତି ନାହିଁ । ମୁଁ ତାକୁ ଗୋଟିଏ ମନ୍ତ୍ର ଦେଇଛି, ତା ସ୍ୱାମୀ ଆଗରୁ ଆଉ ଏକ ମତରେ ଦୀକ୍ଷିତ ଓ ସେ ମତରେ ଅନ୍ଧ ଭକ୍ତ । ସେ ଦୁଇ ଜଣ ଯଦି ହାତାହାତି ହୁଅନ୍ତି ତାହା ହେଲେ ମୁଁ କ'ଣ କରିବି ? ପରର ସଂସାରରେ ମୋର ପ୍ରବେଶ କରିବାର କି ଅଧିକାର ଅଛି ? କେହି କେହି ଧର୍ମାଚାର୍ଯ୍ୟତ ପ୍ରକାଶ୍ୟରେ ମୋର ମୂର୍ଦ୍ଧାପାତ କରନ୍ତି, - ସେଭଳି ଜଣେ ମହାପୁରୁଷଙ୍କ ଶିଷ୍ୟ ଯଦି ମୋର କୁମାରୀ-ଶିଷ୍ୟାର ସ୍ୱାମୀ ମହାଶୟ ହୁଅନ୍ତି ତେବେ ତ ମଧୁଶଯ୍ୟା ରାତିରୁ ଖଟ୍ ଖାଟ୍ ଲାଗିଯିବ । ରାତି ନ ପାହୁଣୁ ପତି ପ୍ରବର ଧନୁର୍ଭଙ୍ଗ କରି ବସିବେ - ହୁଏତ ତୁ ତୋ ଗୁରୁଙ୍କୁ ତ୍ୟାଗ କର ନ ହେଲେ ମୁଁ ମୋ ବିବାହକୁ ଅସ୍ୱୀକାର କରିବି । ସେତେବେଳେ ସେ ବିଚାରୀ କୁଆଡ଼େ ଯିବ ? ଏସବୁ କଥା ଭାବି ମୁଁ କୁମାରୀଙ୍କୁ ଦୀକ୍ଷା ଦେବା ପୂର୍ବରୁ ସର୍ବଦା ଗୁରୁଜନମାନଙ୍କର ସମ୍ମତି, ଅନୁମତି, ଅନୁମୋଦନ ନେଇ ସାରି ପରେ ଦୀକ୍ଷା ପାଇଁ ଆସିବାକୁ କହେ । ଦୀକ୍ଷା ନେବା ପୂର୍ବରୁ ଏ ସବୁ କଥା ବିଚାର ବିବେଚନା କରିବା ଭଲ । ଦୀକ୍ଷା ନେବା ପରେ ପରିସ୍ଥିତିର ମୁକାବିଲା କରିବାକୁ ଗଲେ କେବେ କେବେ ହୁଏତ "ହିତେ ବିପରୀତ" ହୋଇପାରେ ।

ଓଙ୍କାର-ମନ୍ତ୍ର

ଅଭିଭାବକଙ୍କ ଅମତରେ ମୁଁ କୌଣସି କୁମାରୀକୁ ଦୀକ୍ଷା ଦିଏ ନାହିଁ । କୌଣସି ଗୋଟିଏ କୁମାରୀକୁ ମୁଁ ଦୀକ୍ଷା ମଣ୍ଡପକୁ ଆସିବା ପାଇଁ ଆମନ୍ତ୍ରଣ କରେ ନାହିଁ । ସଧବା-ବିଧବା-କୁମାରୀ ନିର୍ବିଶେଷେ ପ୍ରତ୍ୟେକ ସ୍ତ୍ରୀଲୋକଙ୍କ ସମ୍ପର୍କରେ ମୋର ଏହା ହିଁ ଆଚରଣ ବିଧି ଯେ ମୁଁ ଗୋପନରେ ସେମାନଙ୍କ ସଙ୍ଗେ ବାକ୍ୟାଳାପ କରେ ନାହିଁ, ନିରୋଳାରେ ଆଳାପ ଆଲୋଚନା କରେ

ନାହିଁ, କୌଣସି ଗୁହ୍ୟ-ବ୍ୟାପାରରେ ଶିକ୍ଷାଦାନ କରେ ନାହିଁ । ପଦସେବା, ଅଙ୍ଗସେବା ଏପରିକି ତାଳପତ୍ର ପଙ୍ଖାର ବ୍ୟଜନ ସୁଦ୍ଧା ଗ୍ରହଣ କରେ ନାହିଁ । କୌଣସି ଖାଦ୍ୟ-ପାନୀୟ ମାଗି କରି ନିଏ ନାହିଁ । ମୁଁ ସର୍ବଦା ନିଜକୁ ନିଷ୍ପାପ ରଖିବାକୁ ଚେଷ୍ଟା କରେ ଏବଂ କେବଳ ପ୍ରୟୋଜନ ସ୍ଥଳେ ହିଁ କୁମାରୀଟିକୁ ଦୀକ୍ଷା ଦିଏ । ଖୁବ୍ କମ୍ କ୍ଷେତ୍ରରେ ଏକାକୀନି କୌଣସି ରମଣୀକୁ ହୁଏତ ଦୀକ୍ଷା ଦେଇଥିବି । ମୁଁ ଯେ ଏତେ କଠୋର ନିୟମ ପାଳନ କରେ, ତାର କାରଣ ହେଉଛି ମୁଁ ଓଙ୍କାର-ମନ୍ତ୍ରରେ ଦୀକ୍ଷା ଦିଏ । ଏହି ମନ୍ତ୍ର ସର୍ବମନ୍ତ୍ରର ଆଧାର, ମୂଳୀଭୂତ ଉତ୍ସ ଓ ଆଶ୍ରୟ । ଏହି ମନ୍ତ୍ର ଜପ କଲେ ସର୍ବମନ୍ତ୍ର ଜପ କରା ହୁଏ । ତେଣୁ ବିବାହ ପୂର୍ବରୁ ଯେଉଁ କୁମାରୀ ଏ ମନ୍ତ୍ରର ସାଧନ କରିଛି ବିବାହ ପରେ ସେ ତା ସ୍ୱାମୀର ଆପଦ ନ ହୋଇ ସମ୍ପଦ ହେବ, ଏ ଭଳି ମନେ କରିବାର ବିଶେଷ ସଙ୍ଗତ କାରଣ ଅଛି । ତେବେ ଏକ ଏକ ପରିବାରରେ ଏକ ଏକ ରକମର ସଂସ୍କାରର ରାଜତ୍ୱ ପ୍ରଚଳିତ ଥିବା ଯୋଗୁଁ ଦୁଇ ଚାରିଟି ଦୀକ୍ଷିତା ଯେ ବିବାହ ପରେ ବିପଦରେ ପଡ଼ି ପାରନ୍ତି, ଏ ଆଶଙ୍କାର ଅବକାଶ ଅଛି । ନତୁବା ସ୍ୱରୂପାନନ୍ଦ-ସନ୍ତାନ ସହଜରେ ପରିସ୍ଥିତିକୁ ନିଜର ଅନୁକୂଳ କରି ନେଇ ପାରିବେ । ଆଜି ଏହି ସଂସ୍କାରାନ୍ଧ ପୃଥିବୀରେ ଯାହା ଦେଖିବାକୁ ପାଉଛ ପଚାଶ ବର୍ଷ ପରେ ତାହା ଠିକ୍ ଏପରି ନ ଥିବ ।

କୁମାରୀ ଦୀକ୍ଷାର ସୁଫଳ

ଝିଅମାନଙ୍କ ପକ୍ଷରେ କୁମାରୀ ଅବସ୍ଥାରେ ମହାମନ୍ତ୍ରରେ ଦୀକ୍ଷା ନେବା ଖୁବ୍ ଭଲ । ତଦ୍ୱାରା ସେମାନେ ଜୀବନକୁ ଭବିଷ୍ୟତ ପାଇଁ ଟାଣକରି ଗଢ଼ିବାର ସୁଯୋଗ ପାଆନ୍ତି । ବିବାହ ପରେ ଜୀବନ ଗଠନ ଚେଷ୍ଟା ସ୍ତ୍ରୀ ପୁରୁଷ ଉଭୟଙ୍କ ପକ୍ଷରେ ବିଡ଼ମ୍ବନା, ବିଶେଷତଃ ଝିଅମାନଙ୍କ ପକ୍ଷରେ ତାହା ଅଧିକ ବିଡ଼ମ୍ବନା ।

କାରଣ, ଇଚ୍ଛା ଥାଉ ବା ନ ଥାଉ, ବିବାହ ପରେ ସେମାନେ ସ୍ୱାମୀର ରୁଚି ଅରୁଚି ଅନୁବର୍ତ୍ତନ କରିବାକୁ ବାଧ୍ୟ ହୁଅନ୍ତି ଓ ସେ ସମୟରେ ନିଜର ଜୀବନ ଗଠନ ଲାଗି ପ୍ରୟୋଜନ ମୁତାବକ ଦୃଢ଼ତା ଅବଲମ୍ବନ କରିବାକୁ ଗଲେ ଅନେକ ସମୟରେ ସାଂସାରିକ ଅଶାନ୍ତି ସୃଷ୍ଟି ହୁଏ । ସମସ୍ତଙ୍କର ସ୍ୱାମୀ ଏକାପରି ନ ଥା'ନ୍ତି, ସବୁ ଝିଅମାନେ ବି ସ୍ୱାମୀକୁ ବାଗକୁ ଆଣିପାରନ୍ତି ନାହିଁ । ଅତଏବ ଭଗବଦ୍ ସାଧନ କରି ନିଜର ଦେହ-ମନ-ପ୍ରାଣକୁ ଭଗବାନଙ୍କ ପାଦପଦ୍ମରେ ସମର୍ପଣ କରିବା ଅଭ୍ୟାସ ଝିଅମାନଙ୍କର ବିବାହ ପୂର୍ବରୁ ଆୟତ୍ତ କରିବା ଦରକାର ।

କନ୍ୟାଦାୟ ସମସ୍ୟା ତଥା କୁମାରୀ-ଦୀକ୍ଷା

ବର୍ତ୍ତମାନର କନ୍ୟାଦାୟ ସମସ୍ୟା ଯୋଗୁଁ କୁମାରୀ-ଦୀକ୍ଷାର ଆବଶ୍ୟକତା ଆହୁରି ବେଶି ବଢ଼ି ଯାଇଛି । ଉପଯୁକ୍ତ ବୟସରେ ଝିଅର ବିବାହ ହୋଇପାରୁ ନାହିଁ, ତେଣେ ଝିଅକୁ ମୁର୍ଖ କରି ଘରେ ରଖିବା ବିପଜ୍ଜନକ । ତେଣୁ ଝିଅମାନଙ୍କୁ ଧର୍ମହୀନ, ନୀତିବୋଧହୀନ ଆଧୁନିକ ଶିକ୍ଷା ଅଗତ୍ୟା ଦେବାକୁ ପଡୁଛି ଯାହା ଫଳରେ ଝିଅମାନଙ୍କ ଜୀବନରେ ଏଭଳି ଅନେକ ଚିନ୍ତାଧାରାର ସଂଘର୍ଷ ଘଟୁଛି ଯେ, ସେ ସବୁ ବିରୁଦ୍ଧରେ ଯୁଦ୍ଧ କରି ଅପରାଜିତା ରହିବା କଷ୍ଟକର । ଏହି କାରଣରୁ ସେମାନଙ୍କର ମାନସିକ ଶକ୍ତିକୁ ନୈତିକ ସଂଗ୍ରାମରେ ଅଟଳ ଅଚଳ ରଖିବା ଲାଗି ଦୀକ୍ଷା ପ୍ରୟୋଜନ । ଦୀକ୍ଷା ଯଦି ସୁଦୀକ୍ଷା ହୁଏ ଓ ଦୀକ୍ଷା ଯଦି ଉପଯୁକ୍ତ ଜାଗାରୁ ମିଳେ, ତାହା ହେଲେ ମୋର ଦୃଢ଼ଧାରଣା ଯେ, କୁମାରୀମାନଙ୍କ ଜୀବନରେ ତା'ର ସୁପ୍ରଭାବ ଅତି ଗଭୀର ଭାବରେ ପଡ଼ିବ ।

କି ପ୍ରକାରର ଲୋକ କୁମାରୀକୁ ଦୀକ୍ଷାଦାନ କରିବା ଲାଗି ଯୋଗ୍ୟ

କୁମାରୀ ଜୀବନରେ ଦୀକ୍ଷା ଗ୍ରହଣର ଯଥେଷ୍ଟ ଆବଶ୍ୟକତା ଅଛି ସତ୍ୟ, କିନ୍ତୁ ଯେ କୌଣସି ଲୋକ କୁମାରୀ କନ୍ୟାକୁ ଦୀକ୍ଷାଦେବା ପାଇଁ ଉପଯୁକ୍ତ ବିବେଚିତ ହୋଇ ନ ପାରନ୍ତି । ସର୍ବସାଧାରଣଙ୍କୁ ଦୀକ୍ଷାଦାନ ଯୋଗ୍ୟତା ବହୁ ଗୁରୁ ଅର୍ଜନ କରିଥାନ୍ତି, କିନ୍ତୁ ସେମାନେ ପ୍ରତ୍ୟେକ ଯେ କୁମାରୀ କନ୍ୟାକୁ ଦୀକ୍ଷା ଦେବାକୁ ଉପଯୁକ୍ତ, ଏପରି ଭାବିବା ଅସଙ୍ଗତ । କୁମାରୀକୁ ଦୀକ୍ଷା ଦେବା ପାଇଁ ସେହିଭଳି ଲୋକ ହିଁ ଉପଯୁକ୍ତ ଗୁରୁ ଯାହାର ନିଜ ଜୀବନର କୌଣସି ଆଚରଣ ଯୋଗୁଁ କୁମାରୀ ଜୀବନରେ କୌଣସି ପ୍ରକାର ଚଞ୍ଚଳତା ସଂକ୍ରମିତ ହେବାର ଆଶଙ୍କା ନଥିବ । ଯେଉଁମାନେ ବାକ୍ୟର ଚପଳତା, ପରିହାସ, ରସିକତା ପ୍ରଭୃତି ଦ୍ୱାରା କୁମାରୀ ଜୀବନ ଉପରେ ଚପଳ ପ୍ରଭାବ ସୃଷ୍ଟି ନ କରିବେ, ସେହିମାନେ ହିଁ କୁମାରୀକୁ ଦୀକ୍ଷା ଦେଇ ପାରନ୍ତି । ଦୀକ୍ଷା ପରେ ଦୀକ୍ଷିତାର ମନଟି ଅସହାୟ ଶିଶୁ ପରି ଏତେ ନିର୍ଭରଶୀଳ ହୋଇଯାଏ ଯେ, ସେ ଅବସ୍ଥାରେ ଦୀକ୍ଷାଦାତା ଯାହା କହନ୍ତି ବା ଚାହାଁନ୍ତି, ଦୀକ୍ଷିତା ନିଜର ଅଜ୍ଞାତସାରରେ ଠିକ୍ ସେହିପରି କରିବାକୁ ଆରମ୍ଭ କରେ, ଏପରିକି, ଅନେକ ସମୟରେ ସେ ଚେଷ୍ଟା କରି ମଧ୍ୟ ସେ ରାସ୍ତାରୁ ଓହରି ଆସିପାରେ ନାହିଁ । ଫଳତଃ କୁମାରୀକୁ ଚୁମାଦେବା, ଆଲିଙ୍ଗନ କରିବା, କୁମାରୀ ସଙ୍ଗରେ ଲାଗିବା, ତା ଗାଲରେ ହାତ ମାରିବା, ଛାତିରେ ହାତ ମାରିବା, ଦରକାର ଥାଉ ବା ନ ଥାଉ ଆଦର ସୋହାଗ କରିବା ରୋଗ ଯେଉଁ ଦୀକ୍ଷାଦାତାମାନଙ୍କର ଅଛି, ସେମାନଙ୍କ ପାଖରୁ ଦୀକ୍ଷା ନେବା ମାନେ କୁମାରୀର ସର୍ବନାଶକୁ ଡାକିଆଣିବା ହିଁ ସାର ହୁଏ । ଅତଏବ ଆଦର୍ଶ-ଜୀବନଯାପନକାରୀ ବ୍ୟକ୍ତିଙ୍କର ସାକ୍ଷାତ ନ ମିଳିବା ପର୍ଯ୍ୟନ୍ତ ଏଣୁ ତେଣୁ କାହାକୁ ଗୋଟାଏ ଧରିଆଣି କୁମାରୀ ଦୀକ୍ଷାର ବ୍ୟବସ୍ଥା କରିବା ଅନୁଚିତ ।

ଦୀକ୍ଷାଦାତାଙ୍କ ଜୀବନ ତ୍ୟାଗ ସୁନ୍ଦର ହେବା ଆବଶ୍ୟକ ।

ଦୀକ୍ଷାଦାତା ବୋଇଲେ କେବଳ ଆଦର୍ଶ ଜୀବନଯାପନକାରୀ ଉପରେ ଦୀକ୍ଷା ପ୍ରାର୍ଥୀର ଦୃଷ୍ଟି ପଡ଼ିବା ଉଚିତ୍ । ସଂଯମ ବ୍ରତ ଯେ ପାଳନ କରିବ, ତା ପକ୍ଷରେ ସର୍ବତ୍ୟାଗୀ ସନ୍ୟାସୀ ହିଁ ଆଦର୍ଶ, ଭୋଗ ବୁଦ୍ଧି ବର୍ଜନକାରୀ ନିକିଞ୍ଚନ ମହାପୁରୁଷ ହିଁ ଆଦର୍ଶ । ଜନକ ରାଜର୍ଷିଙ୍କ ଆଦର୍ଶ ବୋଲି ଗ୍ରହଣ କଲେ ସମସ୍ତଙ୍କର ସଂଯମବ୍ରତର ଦୃଢ଼ତା ହେବ ନାହିଁ । ବରଂ ପରିମିତ ଭୋଗ ଓ ସଂଯତ ଇନ୍ଦ୍ରିୟ ଚର୍ଚ୍ଚା ସଂପର୍କର ଏକ ପ୍ରଶ୍ରୟ ଭାବ କାହାରି କାହାରି ମନକୁ ଆସିବ । କିନ୍ତୁ ସର୍ବତ୍ୟାଗୀ, ଇନ୍ଦ୍ରିୟ ସେବାରେ ବୀତରାଗ, ପୂର୍ଣ୍ଣ ଆତ୍ମଜୟରେ ସୁପ୍ରତିଷ୍ଠିତ, ତେଜସ୍ୱୀ ସନ୍ୟାସୀଙ୍କ କଥା ଭାବିଲେ ଶିରାପ୍ରଶିରାରେ ବ୍ରହ୍ମଚର୍ଯ୍ୟର ସଂକଳ୍ପ ରକ୍ତସ୍ରୋତ ପରି ପ୍ରବାହିତ ହେବାକୁ ଲାଗେ । ଲୋକନାଥ ବ୍ରହ୍ମଚାରୀଙ୍କ ଭଳି ତେଜସ୍ୱୀ ମୂର୍ତ୍ତିର ଚିନ୍ତା, ଶଙ୍କରାଚାର୍ଯ୍ୟଙ୍କ ଭଳି ତ୍ୟାଗସୁନ୍ଦର-ଦୀପ୍ତମୂର୍ତ୍ତିର ଚିନ୍ତା ଯାହାକି ଆବାଲ୍ୟରୁ ମେରୁଦଣ୍ଡରେ ଅବିରାମ ମଜ୍ଜା ସଂଯୋଗ କରେ ସେ ସବୁ ମୂର୍ତ୍ତି ଚିନ୍ତନ କଥା ଅଲଗା । କିନ୍ତୁ ରାଜର୍ଷି ଜନକଙ୍କ ଆଡ଼କୁ ଦୃଷ୍ଟିଦେଇ ଯେଉଁମାନେ ଜୀବନ ଗଢ଼ନ୍ତି, ସେମାନେ ହୁଏତ ଧାର୍ମିକ ହୋଇ ପାରନ୍ତି କିନ୍ତୁ ପରିକ୍ଷିତ ସଂଯମର ଦ୍ୱାହିଦେଇ ଅନେକ ସମୟରେ ସେମାନେ ନିଜ ଅଜ୍ଞାତସାରରେ ନିଜ ଶରୀରରେ ବିଷାର ଦାଗ ଉକୁଟାନ୍ତି । ସେହି କାରଣରୁ ମୋର ଧାରଣା, ଦୀକ୍ଷିତ ବା ଦୀକ୍ଷିତାଙ୍କ ସମକ୍ଷରେ ଯେପରି ତ୍ୟାଗ, ବ୍ରହ୍ମଚର୍ଯ୍ୟ ଓ ସଂଯମର ଜ୍ୱଳନ୍ତ ଆଦର୍ଶ ଦେଦୀପ୍ୟମାନ ହୋଇ ରହେ, ସେଥିପାଇଁ ସର୍ବତ୍ୟାଗୀ ସନ୍ୟାସୀ ଓ ସନ୍ୟାସିନୀମାନେ ହିଁ ତ୍ୟାଗେଚ୍ଛୁ, ସଂଯମେଚ୍ଛୁ ଓ ଚରିତ୍ରଗଠନେଚ୍ଛୁ ଯୁବକ-ଯୁବତୀମାନଙ୍କର ଦୀକ୍ଷାଦାତା ବା ଦୀକ୍ଷାଦାତ୍ରୀ ହେବା ବିଧେୟ ।

କିପରି ଭାବରେ କୁମାରୀକୁ ସଂଯମ-ସଦାଚାର ଶିକ୍ଷା ଦେବାକୁ ହେବ ।

ଦୀକ୍ଷାଦାତା ନିଜର ଦୀକ୍ଷିତା କୁମାରୀ ଶିଷ୍ୟାକୁ ମୁଖ୍ୟତଃ ଦୀକ୍ଷା ଦ୍ୱାରା ହିଁ ନିଜର-ଜୀବନ ଆଦର୍ଶ ଅର୍ଥାତ୍ ସଂଯମ ଓ ବ୍ରହ୍ମଚର୍ଯ୍ୟରେ ଅନୁପ୍ରାଣିତ କରିଥାନ୍ତି । କିନ୍ତୁ ଏ କାର୍ଯ୍ୟରେ ତାଙ୍କର ମୌଖିକ ଉପଦେଶର ଆବଶ୍ୟକତା ମଧ ଅଛି, ଅନ୍ତତଃ ପକ୍ଷେ କେତେକ ବିଷୟରେ ଇଙ୍ଗିତ ଦେବାର ଆବଶ୍ୟକତା ଅଛି । କୁମାରୀ ଦେହ ଯେ ଦେବ ମନ୍ଦିର ତୁଲ୍ୟ ପବିତ୍ର, ସେ ଦେହର ଅଲଂଘନୀୟତ୍ୱ ଯେ ବଜାୟ ରଖିବାକୁ ହେବ, ଶାଳୀନତାକୁ କୌଣସି ମତେ ପଙ୍କ କଲେ ଚଳିବ ନାହିଁ, ଏହି ଦେହଟିକୁ ଯେ ତୀର୍ଥ ସ୍ଥାନଭଳି ସର୍ବପାପମୁକ୍ତ ରଖିବା ଏକାନ୍ତ ଆବଶ୍ୟକ ଏହି ସବୁ ବିଷୟରେ ସେ ଇଙ୍ଗିତ ଦେବା ଏକାନ୍ତ ଆବଶ୍ୟକ । ପୁଅମାନଙ୍କୁ ବ୍ରହ୍ମଚର୍ଯ୍ୟ ଉପଦେଶ ଯେପରି ଦିଆଯାଏ ତା ଅପେକ୍ଷା ଆହୁରି ଶୋଭନୀୟ ଭାବରେ, ଆହୁରି ଅଧିକ ସନ୍ତର୍ପଣ ଓ ଧୀରତା ସହକାରେ ଝିଅମାନଙ୍କ ମନରେ ବ୍ରହ୍ମଚର୍ଯ୍ୟ ଜ୍ଞାନ, ସଂଯମର ଆବଶ୍ୟକତାବୋଧ, ସଂଯମର ସ୍ୱରୂପନିର୍ଣ୍ଣାୟକ ବିଚାର ଶକ୍ତି ଓ ଆତ୍ମବିଶ୍ଳେଷଣର ନୈପୁଣ୍ୟ ଉଦ୍‌ବୋଧିତ କରିବାକୁ ହେବ । ଜଣେ ସ୍କୁଲ ଶିକ୍ଷକଙ୍କ ଉପଦେଶର ଯାହା ପ୍ରଭାବ, ଦୀକ୍ଷାଦାତା ବା ଦୀକ୍ଷାଦାତ୍ରୀଙ୍କର ପ୍ରଭାବ ତାର ଶହେ ଗୁଣରୁ ଅଧିକ । ତେଣୁ ଏ ଦାୟିତ୍ୱ ଦୀକ୍ଷାଦାତାମାନଙ୍କୁ ନେବାକୁ ହେବ ।

ଦୀକ୍ଷାଦାତା କୁମାରୀକୁ ସନ୍ୟାସ ନା ଗ୍ରାହସ୍ଥ୍ୟ ଦିଗରେ ପ୍ରଣୋଦିତ କରିବେ ?

କିନ୍ତୁ ତା ବୋଲି କୌଣସି କୁମାରୀ ଉପରେ ଚିରକୌମାର୍ଯ୍ୟ ସଂକଳ୍ପକୁ ଜୋର କରି ଲଦି ଦେବାର ଚେଷ୍ଟା କରିବା ଭୁଲ ହେବ । ଗୁରୁ କୌଣସି

କୁମାରୀକୁ ଗାର୍ହସ୍ଥର ପ୍ରଣୋଦନା ଦେବେ ନାହିଁ ବା ସନ୍ୟାସର ପ୍ରେରଣା ଦେବେ ନାହିଁ । ସେ କେବଳ କହିବେ, ପବିତ୍ର ହୁଅ, ପବିତ୍ର ଗୁହ, ତୁମର ଉପସ୍ଥିତି ଦ୍ୱାରା ଜଗତକୁ ପବିତ୍ର କର, ପବିତ୍ରତା-ବୁଦ୍ଧି ଉନ୍ମେଷରେ ତୁମେ ସହାୟିକା ହୁଅ । କେଉଁ କୁମାରୀ ଆମୃତ୍ୟୁ କୁମାରୀ ହୋଇ ରହିବେ ଓ କିଏ ବିବାହ କରି ଗୃହିଣୀ ହେବେ, ସେ ବିଷୟରେ ସେ ଏକାବେଳକେ ଅପକ୍ଷପାତ ରହିବେ । ସେ ବିଷୟରେ ତାଙ୍କର ଚିନ୍ତା କରିବାର କିଛି ନାହିଁ । କିନ୍ତୁ ଘର ସଂସାରର ଦାୟିତ୍ୱ ବହନ କରିବାକୁ ହେଲେ ଗୋଟିଏ ଝିଅର ଯେଉଁସବୁ ଶିକ୍ଷା ପ୍ରୟୋଜନ, ସେ ସବୁ ଶିକ୍ଷା ଚିରକୁମାରୀ ବା ଭାବୀ ଗୃହିଣୀ ନିର୍ବିଶେଷରେ ପ୍ରତ୍ୟେକ ଝିଅ ପୁଙ୍ଖାନୁପୁଙ୍ଖ ଭାବେ ପାଇବା ଆବଶ୍ୟକ ।

(ଜ୍ୟେଷ୍ଠ ୨୭, ୧୩୩୮)

ସ୍ତ୍ରୀଲୋକର ଦୀକ୍ଷା

ସ୍ୱାମୀ ସାହଚର୍ଯ୍ୟ ଛଡ଼ା ସ୍ତ୍ରୀଲୋକର ଦୀକ୍ଷା ହୋଇ ନ ପାରେ । ସ୍ୱାମୀ ଓ ସ୍ତ୍ରୀ ମିଳିମିଶି ଏକ ସଙ୍ଗରେ ଭଗବତ ମାର୍ଗରେ ଚଳିବେ ଏହା ହିଁ ସର୍ବାପେକ୍ଷା ଅଧିକ ବାଞ୍ଛନୀୟ । କିନ୍ତୁ ସ୍ୱାମୀର ଯଦି ଧର୍ମ କର୍ମରେ ରୁଚି ନ ଥାଏ ଓ ସେ ଯଦି ଦୀକ୍ଷା ନେବାକୁ ଇଚ୍ଛୁକ ନ ହୁଏ, ସେ ଅବସ୍ଥାରେ ସ୍ତ୍ରୀ କଣ ସାଧନ-ଭଜନ କରିବ ନାହିଁ, ଦୀକ୍ଷା ନେବ ନାହିଁ ? ଦୀକ୍ଷା ନେବ, କିନ୍ତୁ ସ୍ୱାମୀର ଅନୁମତି ନେଇ, ନେବ । ସ୍ୱାମୀ ଯଦି କୌଣସି ମତେ ଅନୁମତି ନ ଦିଏ, ସେ ଯଦି ଦେବ-ଦ୍ୱିଜ-ଦ୍ୱେଷୀ ହିରଣ୍ୟକଶିପୁ ପରି ହୁଅନ୍ତି ତାହାହେଲେ କଣ କରାଯିବ ? ତାହାହେଲେ ହିରଣ୍ୟକଶିପୁର ସ୍ତ୍ରୀ କୟାଧୁ ପରି ସ୍ୱାମୀଙ୍କୁ ନ ଜଣାଇ ଭଗବାନଙ୍କୁ ଡାକିବ । ସ୍ୱାମୀର ଅନୁମତିକୁ ଅପେକ୍ଷା ନ କରି ସଦ୍‌ଗୁରୁଙ୍କ ଆଶ୍ରୟ ନେବାକୁ ହେବ ।

(ବୈଶାଖ ୮, ୧୩୩୮)

ଦୀକ୍ଷା ଓ ଗୁରୁ ଦକ୍ଷିଣା

ତ୍ୟାଗୀ ଗୁରୁଙ୍କ ଠାରୁ ଦୀକ୍ଷା ନେବା ପାଇଁ ଅର୍ଥର ଆଉ ଆବଶ୍ୟକତା କ'ଣ ? ଗୃହୀ ଗୁରୁମାନଙ୍କ ପରିବାର ପ୍ରତିପୋଷଣ ଲାଗି ସୁବ୍ୟବସ୍ଥା ହେବା ପ୍ରୟୋଜନ, ନତୁବା ସେମାନେ ପୂର୍ଣ୍ଣ ମନପ୍ରାଣ ଦେଇ ଅବିଚ୍ଛେଦ ଚେଷ୍ଟାରେ ଶିଷ୍ୟମାନଙ୍କର ହିତସାଧନରେ ଲଗ୍ନ ରହିପାରିବେ ନାହିଁ । ସଂସାରର ନାନାବିଧ ଅଭାବ ଅଭିଯୋଗ ଶିଷ୍ୟ-କଲ୍ୟାଣ ପ୍ରୟାସରେ ବାରମ୍ବାର ଜଟିଳ ବିଘ୍ନ ଉପସ୍ଥିତ କରିବ । ସେହି କାରଣରୁ ଦୀକ୍ଷାକାଳୀନ ଗୁରୁବରଣ ଲାଗି ବସ୍ତ୍ର ଓ ଅନ୍ୟାନ୍ୟ ବ୍ୟୟ ନିର୍ଦ୍ଦେଶିତ ହୋଇଛି । କିନ୍ତୁ ସଂସାର ତ୍ୟାଗୀ ନିକିଞ୍ଚନ ଗୁରୁଙ୍କ ସହିତ ଶିଷ୍ୟର ଐହିକ ସ୍ୱାର୍ଥର ତିଳେମାତ୍ର ସମ୍ବନ୍ଧ ନ ଥାଏ । ଶିଷ୍ୟକୁ ତାର ପରମ କଲ୍ୟାଣ ପଥ ଜଣାଇ ଦେଇ ସେ ନିରୁଦ୍‌ବେଗ ଏବଂ ତାର ସାଧନ ପଥର ପିଚ୍ଛିଳତା ନିତ୍ୟ ପ୍ରଶମନ କରି ଦେଇ ସେ ନିଶ୍ଚିନ୍ତ । ନିମ୍ନତର ଜଗତର ଆଉ କିଛି ସେ ଧାରନ୍ତି ନାହିଁ । ଅର୍ଥଲୋଭ ଗୁରୁଙ୍କ ଗୁରୁତ୍ୱକୁ ମ୍ଳାନ କରେ, ଦୀପ୍ତିହୀନ କରେ ଓ ନିର୍ବୀର୍ଯ୍ୟ କରେ । ପ୍ରାପ୍ତିର ଲାଳସା ଗୁରୁଙ୍କର କଲ୍ୟାଣ-ବିତରଣ ଶକ୍ତିକୁ ଖର୍ବ କରେ, ପଙ୍ଗୁ କରେ, ସ୍ଥୂଳ କରେ । ଶକ୍ତିମାନ୍ ନିଃସ୍ୱାର୍ଥ ଗୁରୁଙ୍କର ସୂକ୍ଷ୍ମ ଇଚ୍ଛାର ଅବ୍ୟାହତ ଗତି ଶିଷ୍ୟର ଦେହ, ମନ ଓ ପ୍ରାଣରେ ଯେଉଁ ଯୁଗାନ୍ତର ଆନୟନ କରିବାକୁ ସମର୍ଥ ହୁଏ, ସ୍ୱାର୍ଥପର ଗୁରୁଙ୍କ ପାଖରୁ ତାହା ଆଶା କରିବା ବାତୁଳତା ମାତ୍ର । ଏହି କାରଣରୁ ଯେଉଁମାନେ ଗୁରୁ-ପଦାଧିଷ୍ଠିତ, ସେମାନଙ୍କ ଭିତରେ ସର୍ବାଗ୍ରେ ପୂର୍ଣ୍ଣ ନିର୍ଲୋଭତା, ନିଷ୍କାମତା ଓ ଅପ୍ରାର୍ଥୀତ୍ୱ ପ୍ରତିଷ୍ଠିତ ହେବା ସର୍ବତୋଭାବେ ଆବଶ୍ୟକ । ଅବଶ୍ୟ ଏହାର ଆଉ କେତୋଟି ଦିଗ ଅଛି । ମନେକର ନିର୍ଲୋଭ ଗୁରୁ ଶିଷ୍ୟଠାରୁ ଅର୍ଥ, ବସ୍ତ୍ର ବା ସମ୍ପତ୍ତି କିଛି ନେବାକୁ ଚାହିଁଲେ ନାହିଁ । ଏହାଦ୍ୱାରା ଗୁରୁଙ୍କର ମହିମାବର୍ଦ୍ଧିତ ହେଲା ସତ୍ୟ,

କିନ୍ତୁ ବିନା ମୂଲ୍ୟରେ ରତ୍ନ ପାଇଲେ ଲୋକେ ତାକୁ ଯତ୍ନ କରନ୍ତି ନାହିଁ । ପୈତୃକ ମୂଲ୍ୟବାନ କାଶ୍ମୀରୀ ଶାଲର ଦାମ ପୁତ୍ରକୁ ଦେବାକୁ ପଡ଼ି ନାହିଁ, ପିତା ନିଜ କଷ୍ଟ ଉପାର୍ଜିତ ଅର୍ଥବ୍ୟୟ କରି ତାହା କ୍ରୟ କରିଥିଲେ, ଏପରି ସ୍ଥଳେ ପୈତୃକ ମୂଲ୍ୟବାନ ଶାଲଦ୍ୱାରା ପୁଅ ଚଟିଯୋତାରୁ ଧୂଳି ଝାଡ଼ିବା ଘଟଣା ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳେ । ସମଗ୍ର ସମ୍ପତ୍ତି ବିନିମୟରେ ଶ୍ୱଶୁର ଯେଉଁ ହୀରା ଖଣ୍ଡକ କିଣିଥିଲେ, ବିବାହ-ସୂତ୍ରରେ ତାହା ବିନା ମୂଲ୍ୟରେ ପାଇଥିବା ଜାମାତା ସେହି ବହୁ ମୂଲ୍ୟ ହୀରକ ଖଣ୍ଡଦ୍ୱାରା ନଖ କାଟିବା ମଧ୍ୟ ଦେଖାଯାଏ । ଦୀକ୍ଷା ସମ୍ପର୍କରେ ମଧ୍ୟ ଏହିଭଳି ଘଟଣା ଅହରହ ଘଟୁଅଛି । ବକ୍ଷର ପଞ୍ଜରାସ୍ଥି ବିକ୍ରୟ କରି ଗୁରୁ ଯେଉଁ ଅମୂଲ୍ୟ ରତ୍ନ ଅର୍ଜନ କରିଛନ୍ତି, ତା ବିନିମୟରେ ତ୍ୟାଗୀ ଗୁରୁ ଅର୍ଥ ବା ବସ୍ତ୍ର ଗ୍ରହଣ କରି ନ ପାରନ୍ତି । କିନ୍ତୁ ଭାବୀ ଶିଷ୍ୟକୁ ବାରମ୍ବାର ନାନା ବିରୁଦ୍ଧ ଅବସ୍ଥା ମଧ୍ୟରେ ନିକ୍ଷେପ କରି ଗୋଟିଏ କଥା ନିର୍ଣ୍ଣୟ କରି ନେବାର ଅଧିକାର ତାଙ୍କର ଅଛି ଯେ, ସାଧନ ପାଇଲେ ଏ ଲୋକ କାୟମନୋବାକ୍ୟରେ ତାର ଅନୁଶୀଳନ କରିବ କି ନା, ଦୀକ୍ଷାର ମର୍ଯ୍ୟାଦା ସେ ରଖିବ କି ନା । ଦୀକ୍ଷାର୍ଥୀର ଅଶ୍ରୁ ବା ଓପ୍ରୋଧ ଉପରେ ଗୁରୁତ୍ୱ ଆରୋପ ନ କରି ଏ ବିଷୟ ପ୍ରତି ସେ ଅଧିକ ଗୁରୁତ୍ୱ ଆରୋପ କରିବା ଆବଶ୍ୟକ । ଅର୍ଥାତ୍ ପ୍ରକାରାନ୍ତରେ କହିବାକୁ ଗଲେ ନିଷ୍ଠା ରୂପକ ଗୁରୁ-ଦୀକ୍ଷିଣା ଦୀକ୍ଷା ଆଗରୁ ଆଦାୟ କରିନେବା ପ୍ରୟୋଜନ ।

(ଆଷାଢ଼ ୧୫, ୧୩୩୯)

ଗୁରୁ-ଦକ୍ଷିଣା

ଜଣେ ଗୁରୁ ତାଙ୍କର ଶିଷ୍ୟମାନଙ୍କୁ ଡାକି କହିଲେ-ଗୁରୁ ଦକ୍ଷିଣା ଦିଅ । ଶିଷ୍ୟମାନେ ସମସ୍ତେ ନତମସ୍ତକରେ ଛିଡ଼ା ହୋଇ ରହିଲେ କେବଳ ଦୁଇଜଣ

ଶିଷ୍ୟ ଗୁରୁଙ୍କ ଅଭିମୁଖୀ ହେଲେ । ପ୍ରଥମ ଶିଷ୍ୟ କହିଲେ - "ନିଅନ୍ତୁ ଆଜ୍ଞା, ମୁଁ ମୋର ସମସ୍ତ ଧନ ସମ୍ପତ୍ତି ଆପଣଙ୍କ ପାଦତଳେ ସମର୍ପି ଦେଉଛି ।" ଦ୍ୱିତୀୟ ଶିଷ୍ୟ କହିଲେ "ଧନ ସମ୍ପତ୍ତି ଦେଲେ କ'ଣ ହେବ ଆଜ୍ଞା ? ଆପଣ ମୋ ଜୀବନର ଉନ୍ନତି ଚାହାନ୍ତି । ଆଜିଠାରୁ ମୁଁ ପ୍ରତିଜ୍ଞା କଲି ଯେ, ଆତ୍ମ ଗଠନ କରିବି, ମନୁଷ୍ୟତ୍ୱ ଲାଭ କରିବି ଓ ଗୁରୁଙ୍କ ମାନ ରଖିବି । ଯେଉଁ ମହାନ ଆଦର୍ଶକୁ ପ୍ରଚାର କରିବା ପାଇଁ ଆପଣ ଏତେ ଯତ୍ନଶୀଳ, ସେହି ଆଦର୍ଶର ପାଦତଳେ ମୁଁ ମୋର ଜୀବନକୁ ସର୍ବତୋଭାବେ ଉତ୍ସର୍ଗ କରିବି ଓ ଜନ୍ମେ ଜନ୍ମେ ସେହି ଆଦର୍ଶ ପ୍ରତିଷ୍ଠା ଲାଗି ମୁଁ ନିର୍ଭୟରେ ମୃତ୍ୟୁବରଣ କରିବି ।"

ଗୁରୁ-ଦକ୍ଷିଣା ପ୍ରକୃତରେ ଅଦେୟ ଅର୍ଥାତ୍ ସର୍ବସ୍ୱ ଦେଲେ ବି ଯଥାଯଥ ଭାବରେ ଦେଇ ହୁଏ ନାହିଁ । ସେଇଥିପାଇଁ ଗୁରୁଙ୍କୁ ଦେଇ ନ ପାରିଲେ ଜଗତକୁ ଦେବାକୁ ହୁଏ । ଜଗତ-ସେବା ହିଁ ଗୁରୁ ସେବା, ଏହି କଥାଟି ମନେ ରଖି ଚଳିବାକୁ ହୁଏ । କିନ୍ତୁ କୃତଜ୍ଞତା ଜ୍ଞାପନରେ ନିଜର ଅନିଚ୍ଛାକୁ ବଡ଼ ବଡ଼ କଥାର ଆଢୁଆଳରେ ଢାଙ୍କି ଦେବାର ଏକ ସଂକ୍ରାମକ ରୋଗ ଅଛି । ସେ ରୋଗକୁ ସାବଧାନ ।

(ଭାଦ୍ର ୧୭, ୧୩୩୪)

ଗୁରୁ-ଦକ୍ଷିଣା

ପ୍ରଶ୍ନ-ଦୀକ୍ଷା ଗ୍ରହଣ ପରେ ଗୁରୁ ଦକ୍ଷିଣା ଦେବା କଣ ଦରକାର ?

ଗୁରୁ ଦକ୍ଷିଣା ଦେବାକୁ ଗଲେ ତ ଗୋଟାଏ ଦାନ ପ୍ରତିଦାନ କଥା ଆସିଯିବ ଯାହାକି ଦୋକାନଦାରୀ ଭଳିଆ ଗୋଟାଏ କାରବାର ।

ଉତ୍ତର-ତୁମ୍ଭମାନଙ୍କ ପାଖରୁ ମୋର କିଭଳି ଗୁରୁ ଦକ୍ଷିଣା ଦାବୀ ଜାଣ ? ତୁମ୍ଭେମାନେ ଅକୃତଦାର ବାଳକ । ତୁମ୍ଭମାନଙ୍କ ପାଖରେ ମୋର ଏତିକି ପ୍ରାର୍ଥନା ଯେ, ତୁମ୍ଭେମାନେ ନିଜେ ବ୍ରହ୍ମଚର୍ଯ୍ୟ ପାଳନ କର ଓ ଅନ୍ୟମାନଙ୍କୁ ବ୍ରହ୍ମଚର୍ଯ୍ୟ ପାଳନ ଲାଗି ଉତ୍ସାହିତ କର । ଯେ ପର୍ଯ୍ୟନ୍ତ ସଂସାର ପ୍ରବିଷ୍ଟ ନ ହୋଇଛ ସେ ପର୍ଯ୍ୟନ୍ତ ଇଚ୍ଛାକୃତ ବୀର୍ଯ୍ୟକ୍ଷୟ ଯେପରି କମିଯାଏ, ସେଥିପାଇଁ ବ୍ୟାୟାମ, ଉପାସନା, ସତ୍‌ପ୍ରସଙ୍ଗ, ସତ୍‌ଚିନ୍ତା, ସତ୍‌କଥା ଓ ସଦ୍‌ବୁଦ୍ଧିର ଅନୁଶୀଳନ କରିବାକୁ ହେବ । ସଂସାର ପ୍ରବେଶ କଲାପରେ ବୃଥା ଜୈବ ବ୍ୟବହାରର ପ୍ରାଚୁର୍ଯ୍ୟର ଅବକାଶ ଯେପରି ନ ରହେ ସେ ଦିଗରେ ସର୍ବଥା ଚେଷ୍ଟିତ ହେବ । ସନ୍ତାନ ସନ୍ତତିମାନେ ଯେପରି ନିର୍ବିର୍ଯ୍ୟ, ରୁଗ୍‌ଣ, ଦୁର୍ବଳଚେତା ହୋଇ ଜନ୍ମ ନ ହୁଅନ୍ତି ସେଥିଲାଗି ସଂସାରୀକୁ ଆପ୍ରାଣ ଚେଷ୍ଟା କରିବାକୁ ହେବ । ଏତଦ୍‌ବ୍ୟତୀତ, ତୁମେ ଜୀବନର ଯେଉଁ ସମୟ ବା ଯେଉଁ ଅବସ୍ଥାରେ ଥାଅ ପଛକେ, ସୁଖ, ଦୁଃଖ, ସମ୍ପଦ, ବିପଦ, ସବୁ ଅବସ୍ଥାରେ ସର୍ବସାଧାରଣ ନରନାରୀଙ୍କ ଭିତରେ ସଂଯମ ଓ ସତୀତ୍ୱର ଅନୁକୂଳ ଭାବ ପ୍ରଚାର କରିବାକୁ ପ୍ରୟାସୀ ହେବ । ଏହା ହିଁ ହେବ ମୋ ସନ୍ତାନମାନଙ୍କର ଗୁରୁ ଦକ୍ଷିଣା । ମୋର ତ କୌଣସି ସଂସାର ନାହିଁ ଯେ ପୋଷଣ କରିବା ପାଇଁ ଅର୍ଥ ଆବଶ୍ୟକ ହେବ ? ଆଉ ମୋ ଆଶ୍ରମ ? ସେ ଆଜି ଅଛି, କାଲି ହୁଏତ ନ ଥିବ । ସ୍ଥାୟୀ ହେବ ବୋଲି ଭାବି ମୁଁ କୌଣସି ଆଶ୍ରମ ପାଇଁ ଶ୍ରମ କରୁ ନାହିଁ, ସ୍ଥାୟୀ ହେବ ନାହିଁ ଜାଣି ପ୍ରାଣାନ୍ତଶ୍ରମ କରି ଆସିଛି । ମୋତେ ଅର୍ଥ ଦେବାକୁ ପଡ଼ିବ ନାହିଁ, ମୁଁ ତୁମମାନଙ୍କର ଚରିତ୍ରଧନର କାଙ୍ଗାଳ ।

(ଜ୍ୟେଷ୍ଠ ୧୨, ୧୩୩୮)

ଗୁରୁ-ଦକ୍ଷିଣା

ତୁମେ ମୋର ସନ୍ତାନ । ତୁମର ଗୁରୁ ଦକ୍ଷିଣା ବ୍ରହ୍ମଚର୍ଯ୍ୟ ପ୍ରଚାର, ସଂଯମ ପ୍ରସାର ଓ ମନୁଷ୍ୟତ୍ୱ-ବିସ୍ତାର । ଦୀକ୍ଷା ନେଇଛ, କିନ୍ତୁ ଗୁରୁ ଦକ୍ଷିଣା ଦେଇ ନାହଁ । ସେ ଗୁରୁ ଦକ୍ଷିଣା ଦେବା ପାଇଁ ଆଜିଠାରୁ କଠୋରତପା ଓ କଠୋର କର୍ମା ହୁଅ । ତୁମର ତପସ୍ୟା ହିଁ ତୁମର ବାକ୍ୟ ଓ ଚେଷ୍ଟାକୁ ଅନ୍ୟାନ୍ୟମାନଙ୍କ ପକ୍ଷରେ ଅମୋଘ କରିବ । ତୁମର ଉଦ୍ୟମ ହିଁ ନିତ୍ୟାନ୍ତ ଦୁର୍ମେଧା ଯୁବକକୁ ମଧ ବ୍ରହ୍ମଚର୍ଯ୍ୟରେ ବିଶ୍ୱାସୀ କରିବ । ଭଗବତ୍-ନାମ ତୁମକୁ ବଳ ଦେବ, ଧୈର୍ଯ୍ୟ ଦେବ, ସାହସ ଦେବ ଓ ଉତ୍ସାହ ଦେବ । ଶ୍ୱାସ ପ୍ରଶ୍ୱାସରେ ତ୍ରିଲୋକ ପାବନ ମଙ୍ଗଳମୟ ନାମ ଅବିରତ ସ୍ମରଣ କରିଚାଲ ଓ ସାଧନପୂତ ସଦିଚ୍ଛା ପ୍ରଭାବରେ ଚତୁର୍ଦ୍ଦିଗବ୍ୟାପୀ ଅନୈତିକତା ଦୂଷିତ ବାୟୁମଣ୍ଡଳକୁ ଶୁଦ୍ଧୀକୃତ କର ।

(ଭାଦ୍ର ୧୧, ୧୩୩୯)

ଗୁରୁଙ୍କ ସାକ୍ଷାତ୍କାର ବ୍ୟତୀତ ଦୀକ୍ଷା

ଏକଥା ମୋତେ ଅକପଟ ଚିତ୍ତରେ ସ୍ୱୀକାର କରିବାକୁ ହେବ ଯେ ଏକଲବ୍ୟ ଜାତିରେ ଅନାର୍ଯ୍ୟ ବଂଶଧର ଓ ଶୂଦ୍ରାଦପି ଅଧମ ହୋଇ ମଧ ଆମ ଦେଶରେ ଏପରି ଏକ ମହାନ୍ ଗୁରୁବାଦକୁ ସୁପ୍ରତିଷ୍ଠିତ କରି ପାରିଥିଲେ ଯାହାର ବୈଷୟିକ ପ୍ରୟୋଗ ଏହିପରି ଭାବରେ ହେଲା ଯେ ଗୁରୁଙ୍କ ସାହାଯ୍ୟ ବ୍ୟତୀତ ଯେପରି ଧନୁର୍ବେଦ ଶିକ୍ଷା କରି ହୁଏ ନାହିଁ ସେହିପରି ଅଧ୍ୟାତ୍ମ ବେଦ ମଧ ଲାଭ କରିବା ଅସମ୍ଭବ । ଏକଲବ୍ୟ ଗୁରୁଙ୍କର ପ୍ରତିମୂର୍ତ୍ତି ନିର୍ମାଣ କଲେ, ତାଙ୍କୁ ହିଁ ଈଶ୍ୱରଙ୍କ ପ୍ରତିନିଧି ସ୍ୱରୂପ ଜ୍ଞାନ କରି ଧନୁର୍ବାଣ ଚାଳନା କଲେ ଓ ଶବ୍ଦଭେଦୀ ବାଣବିଦ୍ୟା ଆୟତ୍ତ କଲେ- ଏହି କାହାଣୀଟି ଦ୍ୱାରା ଏ କଥା ମଧ

ପ୍ରଚାରିତ ହେଲା ଯେ ଗୁରୁଙ୍କୁ ଗୁରୁ ଦକ୍ଷିଣା ଦେବାକୁ ହେବ ଏବଂ ସେ ଦକ୍ଷିଣାଟି ନିତାନ୍ତ ଅସ୍ୱାଭାବିକ ହେଲେ ମଧ ତାହା ଅବଶ୍ୟ ଦେବାକୁ ହେବ, ନ ଦେଇ ଅନ୍ୟ ଗତି ନାହିଁ । ଦ୍ରୋଣାଚାର୍ଯ୍ୟ କଦାପି ଧର୍ମବୁଦ୍ଧି-ପ୍ରଣୋଦିତ ହୋଇ ଏକଲବ୍ୟର ଅଙ୍ଗୁଷ୍ଠ ଛେଦନ ଦାବୀ କରି ନଥିଲେ, ଏ କଥା ନିଶ୍ଚିତ । ଅର୍ଜୁନ ପ୍ରତି ଅସଙ୍ଗତ ପକ୍ଷପାତିତ୍ୱ ବଶତଃ ସେ ଏ ଦାବୀଟି କରିଥିଲେ । ସେ ଏକଲବ୍ୟକୁ କିଛି ବୋଲି କିଛି ଶିଖାଇ ନ ଥିଲେ, ତେଣୁ ସେ ଦକ୍ଷିଣା ଦାବୀ କରିବା ଅସଙ୍ଗତ । ଗୁରୁଦକ୍ଷିଣା ଦାବୀ କରିବା ତାଙ୍କ ପକ୍ଷରେ ବେଆଇନ କାର୍ଯ୍ୟ । ଏକଲବ୍ୟ ତାଙ୍କର କିଛି କ୍ଷତି କରି ନ ଥିଲା, ତଥାପି ସେ ତା ଉପରେ ପ୍ରତିହିଂସା ଚରିତାର୍ଥ କଲା ଭଳି କାର୍ଯ୍ୟଟିଏ କଲେ । ନୀଚଜାତି ବୋଲି ଯାହାକୁ ଶିଷ୍ୟ ବୋଲି ଗ୍ରହଣ କରି ନଥିଲେ ତା'ଠାରୁ ପେର ଗୁରୁ ଦକ୍ଷିଣା ନେବା ଯୋଗୁଁ ଦ୍ରୋଣାଚାର୍ଯ୍ୟଙ୍କର ପାତିତ୍ୱ କାହିଁକି ନ ହେବ କହ ? ନୀଚ ଜାତିର ଲୋକଠାରୁ ଦାନ ଗ୍ରହଣ କଲେ କଣ ପାତିତ୍ୱ ହୁଏ ନାହିଁ ? ତୁମ୍ଭମାନଙ୍କ ମଧ୍ୟରୁ ଅନେକ ତ ମୋର ଏକଲବ୍ୟ ଶିଷ୍ୟ । ମୋ ଫଟୋ ସାମନାରେ ଛିଡ଼ା ହୋଇ କହିଛ - ହେ ଗୁରୋ ! ବ୍ରହ୍ମବିଦ୍ୟା ଦିଅ । ମୋର ବି ସେଥିରେ ଆପତ୍ତି ନାହିଁ । କିନ୍ତୁ ତୁମ୍ଭମାନଙ୍କ ପାଖରୁ ଦକ୍ଷିଣା ନେବାକୁ ମୋର ଅଧିକାର ନାହିଁ, ଲୋଭ ନାହିଁ କି ପ୍ରୟୋଜନ ବି ନାହିଁ । ଗୁରୁ ସ୍ୱୟଂ ତୁମ୍ଭମାନଙ୍କ ଭିତରେ ବାସ କରୁଛନ୍ତି । ତୁମେ ଜନ୍ମ ହେବା ମାତ୍ରେ ଗୁରୁ ତୁମର ନିତ୍ୟସାଥୀ । ମୋତେ ମାନ ବା ନ ମାନ ତାଙ୍କୁ ତୁମ୍ଭମାନଙ୍କୁ ମାନିବାକୁ ହେବ । ଅତଏବ ମୋ ସହିତ ଚାକ୍ଷୁଷ ଦେଖାସାକ୍ଷାତ ନ ହେବା ସତ୍ତ୍ୱେ ବି ଯଦି ତୁମ୍ଭେମାନେ ଏକାଗ୍ର ମନରେ ଓଙ୍କାର-ମନ୍ତ୍ର ଜପ କରିଯାଅ ତାହାହେଲେ ମୁଁ ତୁମ୍ଭମାନଙ୍କୁ ମୋର ଶିଷ୍ୟ ବୋଲି ମାନି ନେବି । ଗୁରୁ ଶିଷ୍ୟର ସମ୍ବନ୍ଧ ବ୍ୟବସାୟଗତ ଆଦାନ ପ୍ରାଦନର ସମ୍ବନ୍ଧ ନୁହେଁ । ଆଦର୍ଶଗତ ଭାବରେ ଐକ୍ୟ ନ ଥିଲେ ସେ ସମ୍ବନ୍ଧ ଶିଥିଳ ହୋଇଯାଏ ।

ସାଧନପରାୟଣ ହୁଅ, ବାକ୍‌ସଂଯମ କର, ତାହାହେଲେ ଆଦର୍ଶ ନିଷ୍ଠା ଅଟୁଟ ରହିବ । ଯେଉଁ ଲୋକଙ୍କୁ ପାଞ୍ଚ ଦଶ ବର୍ଷ ମଧ୍ୟରେ ପାଇବାର ସମ୍ଭାବନା ନାହିଁ ତାଙ୍କ ଫଟୋ ସାମନାରେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରାଯାଏ । ଶ୍ରୀରାମକୃଷ୍ଣଙ୍କର ଏଭଳି ଲକ୍ଷ ଲକ୍ଷ ଶିଷ୍ୟ ଅଛନ୍ତି ।

ମୋର ପ୍ରତିଚିତ୍ର ହିଁ ମୋର ପ୍ରତିନିଧି

ମୋର ମୁହଁରୁ ଅଭୟ ମନ୍ତ୍ର ଶୁଣି ନେଲେ ତୁମର ଯାହା ଉପକାର ହେବ, ମୋ ନିଜର ଆଦେଶ ଏହା ଯେ ମୋ ପ୍ରତିମୂର୍ତ୍ତି ଆଗରେ ଛିଡ଼ା ହୋଇ ଯଦି ସେହି ମନ୍ତ୍ର ତୁମେ ନିଅ ତେବେ ତଦ୍ୱାରା ତୁମର ସେହି ଉପକାର ହିଁ ହେବ । ମୋର ପ୍ରିୟ ଭକ୍ତମାନଙ୍କ ପାଇଁ ଏହା ମୋର ଚିରନ୍ତନ ଅଙ୍ଗୀକାର । ଦେଶକାଳ ଦ୍ୱାରା ପରିଚ୍ଛିନ୍ନ ଏହି ସୀମାବଦ୍ଧ ଶରୀରରେ ଆବଦ୍ଧ ରହି ମୁଁ ମୋର ଅନନ୍ତ ଅସୀମ ସତ୍ତାକୁ ପ୍ରତ୍ୟେକ ଅନୁରାଗୀ ଜନଙ୍କ ପାଖରେ ହାଜର କରାଇ ପାରୁନାହିଁ ଯାହା ଫଳରେ ସମସ୍ତଙ୍କ କାନରେ ଏହି ଜଡ଼ ରସନାରେ ଉଚାରଣ କରି ଅଖଣ୍ଡ-ନାମ ପ୍ରବେଶ କରାଇବା ସମ୍ଭବପର ହେବ ଅଥଚ ମୋ ପ୍ରାଣର ଏକାନ୍ତ କାମନା ଯେ ତ୍ରିଭୁବନରେ କୌଣସି ଗୋଟିଏ ପ୍ରାଣୀ ଅଖଣ୍ଡ ନାମର ମଙ୍ଗଳ-ମଧୁରୁ ବଞ୍ଚିତ ନ ହୁଅନ୍ତୁ । ଯୋର କରି କାହାକୁ ମୁଁ ଅଖଣ୍ଡନାମର ସାଧକ କରିବାକୁ ଚାହେଁ ନାହିଁ । କିନ୍ତୁ ଅଖଣ୍ଡ-ମହାମନ୍ତ୍ର ସାଧନ କରିବା ଲାଗି ଯାହାର ରୁଚି ବଳିବ ସେ ଯେପରି ମୋର ଏହି ପାର୍ଥିବ ଶରୀରର ଅନୁପସ୍ଥିତି ହେତୁ କୌଣସି ସମୟରେ କୌଣସି ଯୁଗରେ ଅଖଣ୍ଡ ନାମର ମଙ୍ଗଳମଧୁ ଆସ୍ୱାଦନରୁ ବଞ୍ଚିତ ନ ହୁଏ ଓ ତାହା ମୋର ବ୍ୟଥାର କାରଣ ନ ହୁଏ ସେଇଥିପାଇଁ ଏହା ହିଁ ମୋର ନର୍ଦ୍ଦେଶ ଯେ ଅଖଣ୍ଡ-ନାମ ଅବଲମ୍ବନ କରି

ସାଧକ ଜୀବନ-ଗ୍ରହଣ କରିବା ଲାଗି ଯେତେବେଳେ ଯାହାର ପ୍ରୟୋଜନ ହେବ ସେତେବେଳେ ମୋର ଯେ କୌଣସି ପ୍ରତିମୂର୍ତ୍ତି ବା ପ୍ରତିଚିତ୍ର ହିଁ ମୋର ପରିପୂର୍ଣ୍ଣ ପ୍ରତିନିଧି ।

(ଭାଦ୍ର ୧୨, ୧୩୪୧)

ସ୍ୱପ୍ନ-ଦୀକ୍ଷା

ସ୍ୱପ୍ନରେ ଦୀକ୍ଷା ପାଇଲେ ପୁନର୍ବାର ତାକୁ ଗୁରୁକର୍ତ୍ତୃକ ସଂଶୋଧିତ କରି ନେବାକୁ ହୁଏ । କିନ୍ତୁ ଯେଉଁଠି ସ୍ୱପ୍ନରେ ପାଇଥିବା ଉପଦେଶଗୁଡ଼ିକ ସ୍ପଷ୍ଟ ସ୍ମରଣ ଥାଏ ଓ ଗୁରୁଙ୍କର ସୂକ୍ଷ୍ମ ଶକ୍ତି ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥାଏ, ସେ କ୍ଷେତ୍ରରେ ପୁନର୍ବାର ଲୌକିକ ସଂସ୍କାର ନ କଲେ ବି ଚଳେ । କିନ୍ତୁ ଯେଉଁଠି ସ୍ୱପ୍ନ-ପ୍ରାପ୍ତ ଦୀକ୍ଷାର ସ୍ମୃତି ଓ ଉପଦେଶ ଅସ୍ପଷ୍ଟ, ପ୍ରଭାବ ସଂକୁଚିତ ଓ କ୍ଷଣସ୍ଥାୟୀ ଓ ତା ଉପରେ ଆସ୍ଥା ଅଦୃଢ଼, ସେଠାରେ ଲୌକିକ ପୁନଃ ସଂସ୍କାର ଏକାନ୍ତ ପ୍ରୟୋଜନ ।

ସ୍ୱପ୍ନରେ ଦୀକ୍ଷାଲାଭର ପ୍ରକାର ଭେଦ

ସ୍ୱପ୍ନରେ ଦୀକ୍ଷା ପାଇବା ବ୍ୟାପାରଟା ନାନା ପ୍ରକାରର ହୋଇପାରେ । ସ୍ୱପ୍ନ ଜିନିଷଟା କଣ ଆଗେ ବୁଝିନିଅ, ତା'ହେଲେ ସବୁ ବୁଝି ପାରିବ । ନିଦ୍ରିତ ଅବସ୍ଥାରେ ବାହ୍ୟଜ୍ଞାନ ଓ ମାନସଜ୍ଞାନ ନିବିଡ଼ ତମସାରେ ଅଭିଭୂତ ହୋଇଥାଏ ଓ ଏକ ଅସ୍ଫୁଟ ଜଡ଼ ଅନୁଭୂତି ସାମାନ୍ୟ ପରିମାଣରେ ମାତ୍ର ଥାଏ । କିନ୍ତୁ ସ୍ୱପ୍ନ ଅବସ୍ଥାରେ ମାନସ-ଭାବ ସମୂହ ପ୍ରସ୍ଫୁଟିତ ହେବାକୁ ଲାଗେ ଯଦିଓ ବାହ୍ୟଜ୍ଞାନ ପୂର୍ବବତ୍ ରୁଦ୍ଧ ରହିଥାଏ । ଏହି ଯେଉଁ ମାନସ ଭାବ କଥା କୁହାଯାଉଛି ଏଇଟା

ତୁମ ନିଜର ମନର ହୋଇପାରେ ବା ଅନ୍ୟ କୌଣସି ଶକ୍ତିଶାଳୀ ମନର ପ୍ରେରଣା ବି ହୋଇପାରେ । କୌଣସି ମହାପୁରୁଷଙ୍କ ଠାରୁ ଦୀକ୍ଷା ନେବା ପାଇଁ ତୁମ ଅନ୍ତରରେ ହୁଏତ ପ୍ରକୃତ ଆକାଂକ୍ଷା ଜନ୍ମିଛି, କିନ୍ତୁ ତା ସଙ୍ଗେ ସଙ୍ଗେ ମନ ଭିତରେ ଏତେଗୁଡ଼ାଏ କାମନା ବାସନା ସାଲୁବାଲୁ ହେଉଛନ୍ତି ଯେ ଦୀକ୍ଷାଲାଭର ସେ ଆକାଂକ୍ଷା ସେ ସବୁକୁ ଠେଲିପେଲି ମୁଣ୍ଡଟେକି ଉଠି ପାରୁନାହିଁ । କିନ୍ତୁ ଜାଗ୍ରତ ଅବସ୍ଥାରେ ଯେଉଁ କାମନା ବାସନା ସବୁ ତୁମ ଉପରେ ଯଥେଷ୍ଟ ଦୌରାତ୍ମ୍ୟ କରୁଥାନ୍ତି ଓ ଯେଉଁମାନଙ୍କର ଅନୁରୋଧ, ଉପରୋଧ, ଆଦେଶ ଓ ଆବ୍‌ଦାର ଯଥେଷ୍ଟ ପରିମାଣରେ ତୁମେ ପାଳନ କରିବାକୁ ଚେଷ୍ଟା କରୁଥାଅ ସ୍ୱପ୍ନ ଦେଖିବାବେଳେ ସେଗୁଡ଼ିକ ବିଶେଷ ଅଧୀର ହୁଅନ୍ତି ନାହିଁ । ଯେଉଁଗୁଡ଼ିକ ଅନାଦୃତ ଓ ଉପେକ୍ଷିତ ହୋଇ ରହିଥାନ୍ତି, ଏତିକିବେଳେ ସେଗୁଡ଼ିକ ଆତ୍ମପ୍ରକାଶ କରନ୍ତି ଓ ତୁମକୁ ମୁଗ୍ଧ କରିବା ଲାଗି କଳ୍ପନାର ଭୁବନମୋହନ ବେଶ ପରିଧାନ କରନ୍ତି । ଅନେକ କ୍ଷେତ୍ରରେ ସ୍ୱପ୍ନରେ ଦୀକ୍ଷାଲାଭ ବ୍ୟାପାରଟା ଏହି ପ୍ରକାରର । ଯେଉଁ ଦୀକ୍ଷାଲାଭ କାମନା ତୁମେ ମନେ ମନେ କରୁଛ, ଏହା ତାହାରି ଦ୍ୟୋତକ ମାତ୍ର । ଏ ସବୁ କ୍ଷେତ୍ରରେ ଦୀକ୍ଷାକଥାଟା ପ୍ରାୟ ମନେଥାଏ କିନ୍ତୁ ଦୀକ୍ଷା ପାଇବା କଥାଟା ସ୍ପଷ୍ଟ ମନେ ନ ଥାଏ । ତା ଛଡ଼ା, ଏପରି ବି ହୁଏ ଯେ, ତୁମେ କାହା ପାଖରୁ ଦୀକ୍ଷା ନିଅ ବୋଲି ତୁମର ଜଣେ ବନ୍ଧୁ ତୁମକୁ ହୁଏତ କେବେ ବହୁତ ପଟାପଟି କରିଥିଲେ, ଯାହାର ପ୍ରଭାବଟା ତୁମ ମନ ଭିତରେ ସଂଗୋପନ ଭାବରେ ରହିଛି । ଫଳରେ ତୁମେ ସ୍ୱପ୍ନ ଦେଖିଲ ଯେ ତୁମେ ଯେପରି କାହାଠାରୁ ଦୀକ୍ଷା ନେଉଛ । ଏସବୁ କ୍ଷେତ୍ରରେ ମନ୍ତ୍ର ବା ସାଧନ ପ୍ରଣାଳୀ କଥା ପ୍ରାୟ ମନେ ନ ଥାଏ । ଏପରି ବି ହୁଏ ଯେ, ତୁମର ଜଣେ ବନ୍ଧୁ ବା କେତେ ଜଣ ବନ୍ଧୁ ମୁହଁ ଖୋଲି କିଛି କହୁନାହାନ୍ତି କିନ୍ତୁ ମନେ ମନେ ତୀବ୍ର ଭାବରେ ଆକାଂକ୍ଷା କରୁଛନ୍ତି ଯେ ତୁମେ ସେମାନଙ୍କର ଗୁରୁଦେବଙ୍କର ଶରଣାପନ୍ନ ହୁଅ । ତା

ଫଳରେ, ତୁମେ ଯେତେବେଳେ ନିଦ୍ରିତ ହେଲ ଏବଂ ତୁମର ବାହ୍ୟଜ୍ଞାନ ଓ ମାନସଜ୍ଞାନ ଉଭୟ ତମୋଅଭିଭୂତ ହୋଇଗଲା, ସେତେବେଳେ ସେମାନଙ୍କର ମାନସଭାବ ହିଁ ଧୀରେ ଧୀରେ ମନୋହାରିଣୀ ମୂର୍ତ୍ତି ପରିଗ୍ରହ କରି ତୁମର ସୁପ୍ତ ମନ ମଧ୍ୟରେ ଆସି ଉଦିତ ହେଲା । ଖୁସିବାସିଆ ଅତିଥି ପାଇଲେ ଗୃହସ୍ଥ ଯେପରି ପାଞ୍ଚ ଦଶ ମିନିଟ ଭିତରେ ତାଙ୍କୁ ନିଜ ଘରର ଲୋକ ବୋଲି ମନେ କରେ, ତୁମେ ମଧ୍ୟ ବହିରାଗତ ଏହି ମାନସ-ଭାବଗୁଡ଼ିକୁ ତୁମ ନିଜ ମନର ଭାବ ବୋଲି ଭାବିବାକୁ ଲାଗିଲ । ଏପରି ଭାବରେ ମଧ୍ୟ ଅନେକ ସ୍ୱପ୍ନରେ ଦୀକ୍ଷା ପାଆନ୍ତି । ଏସବୁ ଦୀକ୍ଷା ପାଇବା ପରେ ପୁନର୍ବାର ଲୌକିକ ଦୀକ୍ଷା ସଂସ୍କାର ଗ୍ରହଣ କରିବା ଆବଶ୍ୟକ ।

ଯଥାର୍ଥ ସ୍ୱପ୍ନ-ଦୀକ୍ଷାର ଲକ୍ଷଣ

କିନ୍ତୁ ଯଥାର୍ଥ ସ୍ୱପ୍ନ ଦୀକ୍ଷା ବ୍ୟାପାରଟି ଏକାବେଳକେ ଏସବୁରୁ ଅଲଗା । ଯାହାଙ୍କ ଚେହେରା ତୁମେ କେବେ ଦେଖିନାହଁ, ଏପରିକି ଯାହାଙ୍କର ପ୍ରତିଛବି ଖଣ୍ଡକ ବି କେବେ ତୁମ ଆଖିରେ ପଡ଼ିନାହିଁ, ଏପରି କେହି ଲୋକ ଯଦି ଆସି ଦୀକ୍ଷା ଦେଇଯାନ୍ତି, ତାହାହେଲେ ବୁଝିବାକୁ ହେବ ଯେ ଏ ଦୀକ୍ଷା ଭିତରେ ପୂର୍ବ-ସଂସ୍କାରର କାରୁକାର୍ଯ୍ୟ କିଛି ନାହିଁ । ଯଥାର୍ଥ ସ୍ୱପ୍ନ ଦୀକ୍ଷାରେ ହୁଏତ ଗୁରୁ ଦୂରଦୂରାନ୍ତରରୁ ସୂକ୍ଷ୍ମ ଦେହରେ ଶିଷ୍ୟ ପାଖକୁ ଆସନ୍ତି କିମ୍ବା ଶିଷ୍ୟ ତା'ର ମନୋମୟ ସୂକ୍ଷ୍ମ ତନୁରେ ଗୁରୁଙ୍କ ପାଖକୁ ଯାଏ ଓ ଜଣଙ୍କର ଶକ୍ତି ଅନ୍ୟ ଜଣକ ମଧ୍ୟରେ ଅବତରଣ କରେ । ଏ ସବୁ କ୍ଷେତ୍ରରେ ପୁନର୍ବାର ଲୌକିକ ଦୀକ୍ଷା ସଂସ୍କାର ଗ୍ରହଣ କରିବା ନିଷ୍ପ୍ରୟୋଜନ । କେହି ଯଦି ଗ୍ରହଣ କରେ ତେବେ କୁହାଯିବ, "ଅଧିକନ୍ତୁ ନ ଦୋଷାୟ ।"

କେଉଁଟା ଯଥାର୍ଥ ସ୍ୱପ୍ନ-ଦୀକ୍ଷା ଓ କେଉଁଟା ନୁହେଁ, ତାହା ଜାଣିବାର ଉପାୟ ନିଶ୍ଚୟ ଅଛି । ତମ୍ବା, ପିତଳ ପରୀକ୍ଷା କରିବାର ଉପାୟ ଜଣା ନ ଥିଲେ କିଛି କ୍ଷତି ନାହିଁ କିନ୍ତୁ ସୁନା ଚିହ୍ନିବାର ଉପାୟ ଜଣାଥିବା ଖୁବ୍ ଦରକାର । ଯଥାର୍ଥ ସ୍ୱପ୍ନ-ଦୀକ୍ଷାରେ ଜାଗରଣ ପରେ ସ୍ୱପ୍ନକୁ ସ୍ୱପ୍ନ ବୋଲି ବିଶ୍ୱାସ କରିବାକୁ ପ୍ରବୃତ୍ତି ହୁଏ ନାହିଁ ଓ ଗୁରୁଦତ୍ତ ଉପଦେଶ ଟିକିଏ ହେଲେ ବିସ୍ମୃତ ହୁଏ ନାହିଁ । ଗୁରୁକୃପାର ଏପରି ଏକ ଆଶ୍ଚର୍ଯ୍ୟ ପ୍ରଭାବ ଅଛି ଯେ ସ୍ୱପ୍ନାଭିଭୂତ ମନ ଭିତରେ ଏକ ଆଶ୍ଚର୍ଯ୍ୟ ଜାଗରଣ ଓ ଏକ ଅପୂର୍ବ ସ୍ମୃତିଶକ୍ତି ଉନ୍ମେଷିତ ହୋଇଯାଏ । ଯଥାର୍ଥ ସ୍ୱପ୍ନ-ଦୀକ୍ଷାର ପରମୁହୂର୍ତ୍ତରୁ ଶିଷ୍ୟ ନବଜୀବନର ଅମୃତ-ରସାୟନ ଆସ୍ୱାଦନ କରିବାକୁ ଲାଗେ, ଅତୀତର ପାପ, ତାପ ଓ ମଳିନତା ନିମିଷେକ ମଧ୍ୟରେ ଦୂର ହୋଇଯାଇଛି ବୋଲି ମନେ ହୁଏ ଓ ନିମିଷେକ ମଧ୍ୟରେ ନିଜ ଉପରେ ତଥା ନିଜର ଭବିଷ୍ୟତ ଉପରେ ଏକ ସୁଗଭୀର ଆସ୍ଥା ଆସିଯାଏ । ଯଥାର୍ଥ ସ୍ୱପ୍ନ ଦୀକ୍ଷାର ଏହା ହିଁ ଲକ୍ଷଣ ଯେ, ଏ ଦୀକ୍ଷା ଲାଭ ପରେ ଆଉ ତନ୍ଦ୍ରାଳୁତା ନ ଥାଏ ଅଥଚ କେତେବେଳେ ଯେ ତନ୍ଦ୍ରା କଟିଗଲା ତାହା ବି ଅନୁଭବ କରି ହୁଏ ନାହିଁ ।

(ବୈଶାଖ ୮, ୧୩୩୪)

ଦୀକ୍ଷା ଓ ଶିକ୍ଷା

ଦୀକ୍ଷା ପାଇବା ମାନେ ହେଉଛି, କ'ଣ କରିବାକୁ ହେବ, ସେଇତକ ଜାଣିବା ଏବଂ ଶିକ୍ଷା ପାଇବା ମାନେ ହେଉଛି, କାହିଁକି କରିବାକୁ ହେବ ସେଇତକ ଜାଣିବା । ଦୀକ୍ଷା ଦିଏ, ଧର୍ମଜୀବନର ସାଧନ ବା Programme ଆଉ ଶିକ୍ଷା ଦିଏ, ଧର୍ମମତର Philosophy ବା ଦର୍ଶନଶାସ୍ତ୍ର । ଦୀକ୍ଷାର ଲଭ୍ୟ ତପସ୍ୟାରେ ପନ୍ଥା, ଶିକ୍ଷାର ଲଭ୍ୟ ତପସ୍ୟାରେ ରୁଚି । ଦୀକ୍ଷାର ଫଳ ବାଟ ପାଇବା, ଶିକ୍ଷାର ଫଳ ଦ୍ରୁତଗମନ ।

(ବୈଶାଖ ୧୫, ୧୩୩୮)

ଦୀକ୍ଷା ଓ ଶିକ୍ଷା

ଭଗବତ୍-ସାଧନକୁ ଏକ ସୁଦୃଢ଼ ନିଷ୍ଠା ରୂପକ ଭିତ୍ତି ଉପରେ ଦଣ୍ଡାୟମାନ କରିବା ପାଇଁ ଦୀକ୍ଷାର ପ୍ରଚଳନ । କାରଣ ଅଦୀକ୍ଷିତ ବ୍ୟକ୍ତି ଗୋଟିଏ ମନ୍ତ୍ରର ସାଧନାରେ ଦୀର୍ଘକାଳ ଲାଗି ରହେ ନାହିଁ, ରହିପାରେ ନାହିଁ । ଦୀକ୍ଷିତ ବ୍ୟକ୍ତି ପ୍ରାପ୍ତ ସାଧନ ପ୍ରତି ଯେପରି କ୍ରମଶଃ ନିରୁତ୍ସାହ ଭାବ ପ୍ରଦର୍ଶନ ନ କରେ, ନାମରେ ତାର ରୁଚି ଯେପରି କମି ନଯାଏ, ତାର ଅଧ୍ୟବସାୟ ଯେପରି ଶିଥିଳ ହୋଇ ନ ଯାଏ, ସେଥିଲାଗି ଶିକ୍ଷାର ଅର୍ଥାତ୍ ଅନୁଶୀଳନ ପ୍ରୟୋଜନ । ସାଧନ ପଥରେ ଅଗ୍ରସର ବ୍ୟକ୍ତିମାନେ ଅନଗ୍ରସର ବ୍ୟକ୍ତିମାନଙ୍କୁ ସେହି ଅନୁଶୀଳନରେ ସାହାଯ୍ୟ କରନ୍ତି, କରିବା ସଙ୍ଗତ ବିବେଚନା କରନ୍ତି ଏବଂ ଏହା ହିଁ ହେଲା ଶିକ୍ଷାର ମୂଳକଥା । ପରେ ଗୋଟିଏ ଗୋଟିଏ ସମ୍ପ୍ରଦାୟ ଭିତରେ ଦୀକ୍ଷା-ମନ୍ତ୍ରଦାନ ବା ଗ୍ରହଣ ପରେ ଆଉ ଗୋଟିଏ ଶିକ୍ଷାମନ୍ତ୍ର ଦେବା ନେବା ପ୍ରଥା କ୍ରମଶଃ ସୃଷ୍ଟ ହୋଇଗଲା । ସେ ପ୍ରଥା ସୃଷ୍ଟି ହେବାର ମୌଳିକ ପ୍ରୟୋଜନ ସେତେବେଳେ ଯାହା ଥାଉ ପଛକେ, ଯେଉଁଦିନ ମନୁଷ୍ୟ ଯୁକ୍ତି, ବିଚାର ପ୍ରତ୍ୟକ୍ଷ ଉପଲବ୍ଧି ଉପରେ ନିଜର ସାଧନ ଜୀବନକୁ ପ୍ରତିଷ୍ଠିତ କରିବାର ଦୃଢ଼ପ୍ରତିଜ୍ଞ ହେବ ସେଦିନ ଏହି ପ୍ରଥାର ପ୍ରାଚୀର ଭୁଷୁଡ଼ି ପଡ଼ିବ ହିଁ ପଡ଼ିବ ।

ସାଧନାରେ ଏକନିଷ୍ଠତାର ଆବଶ୍ୟକତା

କିନ୍ତୁ ଯେଉଁମାନେ ଏ ପ୍ରଥାରେ ବିଶ୍ୱାସୀ ଓ ନିଜ ନିଜ ଜୀବନରେ ଯେଉଁମାନେ ଦୀକ୍ଷାମନ୍ତ୍ର ପରେ ଆଉ ଏକ ପୃଥକ ଶିକ୍ଷାମନ୍ତ୍ର ଗ୍ରହଣ କରିବାର ପ୍ରୟୋଜନିୟତା ଅନୁଭବ କରନ୍ତି, ସେମାନଙ୍କୁ ନିରସ୍ତ କରିବା ଲାଗି ଶକ୍ତିକ୍ଷୟ କରିବା ନିଷ୍ପ୍ରୟୋଜନ ବୋଲି ମୁଁ ମନେ କରେ । ସେମାନେ ନିଜର ବିବେକର

ବାଣୀ ମାନି ଚଳନ୍ତୁ । କିନ୍ତୁ ଯେଉଁମାନେ ଭାବନ୍ତି ଯେ, ମୁଁ ଯାହା କହୁଛି ସେମାନେ ତାହା ହିଁ ଚାହାନ୍ତି, ଅନ୍ୟ ବ୍ୟବସ୍ଥା ପ୍ରତି ସେମାନଙ୍କର ଆଗ୍ରହ ନାହିଁ, ସେମାନଙ୍କୁ ମୋର ଏହାହିଁ ଉପଦେଶ ଯେ, ଗୋଟିଏ ମନ୍ତ୍ର ଭିତରେ ବାବା ମଜ୍ଜିଯାଅ, ବାର ଯାଗାରେ ମନ୍ତ୍ର ଚାଖି ବୁଲିଲେ କିଛି ଲାଭ ହେବ ନାହିଁ । ଗୋଟିଏ ମାତ୍ର ସାଧନରେ ହିଁ ନିଜକୁ ଆହୁତି ଦେଇଦିଅ, ହଜାରେ ଯାଗାରେ ହଜାରେ ଯଜ୍ଞକୁଣ୍ଡରେ ଆଞ୍ଚ ଧରେଇଲେ ଜୀବନ ସାର୍ଥକ ହେବ ନାହିଁ । ଏକନିଷ୍ଠତାର ପ୍ରୟୋଜନ ସାଧନାରେ ସର୍ବାପେକ୍ଷା ବେଶି । ସାଧନ-ପଥଚାରୀ ପକ୍ଷରେ ଦ୍ୱିଚାରୀ ବା ବହୁଚାରୀ ହେବା ଭଳି ବିପଦ ଆଉ କିଛି ନାହିଁ ।

(ଭାଦ୍ର ୨୭, ୧୩୩୯)

ଗୁରୁ ନିଷ୍ଠା

କାମ-ବିକାରର ଉର୍ଦ୍ଧ୍ୱକୁ ଯିବା ପାଇଁ ସାଧକମାନେ ବିଭିନ୍ନ ଯୁଗରେ, ବିଭିନ୍ନ ଅଞ୍ଚଳରେ ନାନା ଭାବରେ ଚେଷ୍ଟା କରିଛନ୍ତି ଏବଂ ତହିଁରୁ ଗୋଟିଏ ହେଉଛି ଏକାନ୍ତ ଭାବରେ ଗୁରୁରେ ପରିନିଷ୍ଠିତ ହେବା । ଗୁରୁଙ୍କୁ ରକ୍ତମାଂସର ଏକ ପିଣ୍ଡ ମାତ୍ର ମନେ ନ କରି ପରମ ଚୈତନ୍ୟର ପ୍ରତ୍ୟକ୍ଷ ପ୍ରତିନିଧି ଜ୍ଞାନ କରି ଯଦି କେହି ମନ ପ୍ରାଣ ଦେଇ ତାଙ୍କ ପାଖରେ ନିଜକୁ ନିଃଶେଷରେ ଏଇଆ କହି ସମର୍ପଣ କରି ଦିଏ ଯେ ହେ ଗୁରୋ, ଅନାଦି ଅନନ୍ତ କାଳ ବ୍ୟାପୀ ତୁମେ ମୋତେ ଏପରି ଭାବରେ ପରିଚାଳିତ କର ଯେପରି କାମ ମୋହ ମୋତେ ଅଭିଭୂତ କରି ନ ପାରେ, ସାଧାରଣ ମନୁଷ୍ୟ ପକ୍ଷରେ ଯାହା ସୁଲଭ ସେହି ଯୌନ କୌତୁହଳ ମୋ ମନ ଭିତରେ କଦାପି ଯେପରି ଉଙ୍କି ନ ମାରେ । ଗୁରୁଙ୍କୁ କାମ, କ୍ରୋଧ, ଦ୍ୱେଷାଦିର ଉର୍ଦ୍ଧ୍ୱରେ ଅବସ୍ଥିତ ଏକ ଅନବଦ୍ୟ

ସତ୍ୟ ବୋଲି ଜ୍ଞାନ କରି ଯେ ଗୁରୁଧ୍ୟାନ କରେ ଗୁରୁ ତା'ପକ୍ଷରେ ସର୍ବ-କଣ୍ଟକ-ନାସକ ସର୍ବବିଘ୍ନ-ନିସୂଦନ ପରମବାନ୍ଧବ ହୋଇ ଯାଆନ୍ତି । ଅବଶ୍ୟ ଗୁରୁଙ୍କ ପ୍ରତି ଏହି ଆନୁଗତ୍ୟର ସୁଯୋଗ ନେଇ ବହୁ ସ୍ୱାର୍ଥପର ଇନ୍ଦ୍ରିୟ-ଚର୍ଚ୍ଚାକାରୀ ଗୁରୁ ଶିଷ୍ୟ ଶିଷ୍ୟାଙ୍କର ସର୍ବନାଶ ଅନେକ ସ୍ଥାନରେ କରିଛନ୍ତି ଓ ଭବିଷ୍ୟତରେ ମଧ୍ୟ କରି ପାରନ୍ତି । ଏ ଆଶଙ୍କା ଥିବା ସତ୍ତ୍ୱେ ବି ଶିଷ୍ୟ ବା ଶିଷ୍ୟା ପକ୍ଷରେ ଗୁରୁରେ ଏକାନ୍ତ ଭାବରେ ପରିନିଷ୍ଠିତ ହେବାର ସୁଫଳତକ ଉପେକ୍ଷା କରିବା ଜିନିଷ ନୁହେଁ । ସଦ୍‌ଗୁରୁଙ୍କୁ ଯଦି ସବୁ ବସ୍ତୁରେ ଧ୍ୟାନ କରି ପାର ତେବେ କଳିକଳୁଷ ତୁମର କଣ କରି ପାରିବ ? ମୈଥୁନ-ଚିନ୍ତା ମନକୁ ଆସୁଛି ? ବେଶ, ଗୁରୁଦେବଙ୍କ ମୂର୍ତ୍ତିଟି ସେହି ଚିନ୍ତାର ମଧ୍ୟ ସ୍ଥଳକୁ ସଯତ୍ନେ ବସାଇ ଦିଅ, ଦେଖିବ କୁଚିନ୍ତା ପ୍ରାଣ ଘେନି ପଳାଇବାକୁ ତର ସହିବ ନାହିଁ । ଯୋନିଧ୍ୟାନ ମନକୁ ଆସୁଛି ? ଗୁରୁଦେବଙ୍କ ପ୍ରେମପୂର୍ଣ୍ଣ ଅସ୍ତିତ୍ୱର ଚିନ୍ତାକୁ ତା ମଧ୍ୟରେ ସ୍ଥାପନ କର, ଦେଖିବ, ଯୋନି ବସ୍ତୁଟି ତା ନିଜର ରୂପ ପରିବର୍ତ୍ତିତ କରିଦେବ । ଗୁରୁରେ ପରିନିଷ୍ଠିତ-ଚିତ୍ତ ଶିଷ୍ୟକୁ ଏ ସବୁ ସଂକଟରୁ ଉଦ୍ଧାର କରିବା ଶକ୍ତି ଗୁରୁଙ୍କର ଅଛି । କାରଣ ପ୍ରକୃତ ଗୁରୁ ନିଷ୍କାମ, ନିଃସ୍ୱାର୍ଥ ଓ ଅଭିସନ୍ଧିହୀନ ।

ଭାରତୀୟ ଜୀବନରେ ଏକନିଷ୍ଠାର ମର୍ଯ୍ୟାଦା

ଭାରତୀୟ ଜୀବନରେ ଏକନିଷ୍ଠା ଆଦର୍ଶହିଁ ସର୍ବଶ୍ରେଷ୍ଠ ଆଦର୍ଶ । ମନ୍ଦୋଦରୀ ଗୁଣବତୀ ରମଣୀ ଥିଲେ, କିନ୍ତୁ ଆମେ ଜଣେ କେହି ତାଙ୍କୁ ପୂଜା କରୁନା, ସୀତାଙ୍କୁ ପୂଜା କରୁ । କୁନ୍ତୀ ବା ଦ୍ରୌପଦୀ ଯେତେ ମହତ୍ତ୍ୱ ଅର୍ଜନ କରିଥାନ୍ତୁ ପଛକେ, ସେମାନଙ୍କର ନାମ ଶ୍ରବଣ ମାତ୍ରେ, ଶ୍ରଦ୍ଧାଭକ୍ତିରେ କେହି ନତମସ୍ତକ ହୁଅନ୍ତି ନାହିଁ । ସେମାନଙ୍କର ଶ୍ରେଷ୍ଠତ୍ୱ ଓ ମହତ୍ତ୍ୱ ବୁଝାଇବାକୁ ହେଲେ ବହୁ ଯୁକ୍ତିତର୍କର ଅବତାରଣା କରିବାକୁ ପଡ଼େ । କିନ୍ତୁ ସତୀ, ଶୈବ୍ୟା, ଦମୟନ୍ତୀ

ଓ ଚିନ୍ତାଙ୍କର ନାମ ସ୍ମରଣ କଲାମାତ୍ରେ ବିନା ଯୁକ୍ତି ତର୍କରେ ଆମେ ସେମାନଙ୍କର ଶ୍ରେଷ୍ଠତ୍ୱ ସ୍ୱୀକାର କରୁ । ଦ୍ରୌପଦୀ ଅସାଧାରଣ ନାରୀ ହେଲେ ବି ଆମେ ନିଜ ନିଜର ଗୋଟିଏ ହେଲେ ଝିଅଙ୍କୁ "ଦ୍ରୌପଦୀ ପରି ହୁଅ" ବୋଲି ଆଶୀର୍ବାଦ କରୁନା, "ସୀତାଙ୍କ ପରି ହୁଅ, ସତୀଙ୍କ ପରି ହୁଅ" ବୋଲି ଆଶୀର୍ବାଦ କରୁ । ଅହଲ୍ୟା ପ୍ରଭୃତି ପଞ୍ଚନାରୀଙ୍କ ନାମରେ ଶ୍ଳୋକ ରଚନା କରି ପ୍ରତ୍ୟହ ବାଧକର ଭାବରେ ସେମାନଙ୍କୁ ପ୍ରାତଃସ୍ମରଣୀୟ କରାଯିବା ସତ୍ତ୍ୱେ ବି ଆମେ ଯେ ସୀତାଙ୍କ ପରି, ସତୀଙ୍କ ପରି ଝିଅ ଚାହୁଁ, ଏହାର କାରଣ କଣ ? ଏହାର ଏକମାତ୍ର କାରଣ ହେଲା, ଭାରତୀୟ ଜୀବନରେ ଏକନିଷ୍ଠାର ମର୍ଯ୍ୟାଦା ଅତ୍ୟନ୍ତ ଅଧିକ । ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଆମ ଦୃଷ୍ଟିରେ ଯେ ଏଡ଼େ ମହତ୍ତ୍ୱ, ତାର ଅନ୍ୟତମ ପ୍ରଧାନ କାରଣ ହେଉଛି ଏଇଆ ଯେ, ଯାହାଙ୍କର ପିତା ଦଶରଥ ସ୍ୱୟଂ ଜଣେ ବହୁପତ୍ନୀଙ୍କ ସମ୍ରାଟ, ସେ ଇଚ୍ଛା କରିଥିଲେ ଅନାୟାସରେ ଅନ୍ୟ ପତ୍ନୀ ଗ୍ରହଣ କରି ପାରିଥାନ୍ତେ । କିନ୍ତୁ ସେ ଅଶ୍ୱମେଧ ଯଜ୍ଞ ସମ୍ପାଦନ ବେଳେ ଧାତୁନିର୍ମିତ ସୀତା ମୂର୍ତ୍ତି ଦ୍ୱାରା କାମ ଚଳାଇନେଲେ ପଛକେ ଅନ୍ୟ ପତ୍ନୀ ଗ୍ରହଣ କରିବା ଚିନ୍ତା ସୁଦ୍ଧା କଲେ ନାହିଁ । ଭାରତୀୟ ଜୀବନରେ ଏକନିଷ୍ଠାର ମୂଲ୍ୟ ଏତେ ବେଶି । ସାମାଜିକ ଜୀବନରେ ଯଦି ଏକନିଷ୍ଠାର ମୂଲ୍ୟ ଏତେ ଅଧିକ ହୋଇପାରେ, ତେବେ ସାଧନ ଜୀବନରେ କଣ ଏକନିଷ୍ଠା ଆହୁରି ଅଧିକ ମୂଲ୍ୟବାନ ବୋଲି ବିବେଚିତ ହେବା ଉଚିତ୍ ନୁହେଁ ?

(ଭାଦ୍ର ୨୭, ୧୩୩୯)

ଦୀକ୍ଷା ଗୁରୁ ଓ ଶିକ୍ଷା ଗୁରୁ

ଗୁରୁଙ୍କର ଶିଷ୍ୟ ସଂଖ୍ୟା ଯଦି ଅତ୍ୟଧିକ ହୁଏ, ତାହାହେଲେ ଶିଷ୍ୟମାନଙ୍କୁ ଉପଦେଶ ଦେବାଲାଗି ଗୋଟିଏ ବ୍ୟବସ୍ଥା ଥିବା ଉଚିତ୍ । ଏହିପରି ଭାବରେ

ଶିକ୍ଷା ଗୁରୁଙ୍କର ଆବିର୍ଭାବ ଘଟିଛି । ଜ୍ଞାନୀ ଗୁରୁ ଦୀକ୍ଷା ଦେଇ ଶିଷ୍ୟର ଆଧ୍ୟାତ୍ମିକ ଜୀବନର ସୂଚନା କରି ଦେଇଗଲେ, ଅଜ୍ଞାନ ଶିଷ୍ୟ ଗୁରୁଙ୍କ ଉପଦେଶ ପାଳନ କଲେ ମଧ୍ୟ ନିଜର ରସାନୁଭୂତି ସହିତ ତାକୁ ପୁରାପୁରି ଖାପ ଖୁଆଇ ନେଇ ପାରିଲା ନାହିଁ । ଜଣେ ଉପଦେଷ୍ଟା ଆସି ତା ମନର ଜଡ଼ତା ଭାଙ୍ଗି ଦେଲେ ଓ ପ୍ରାପ୍ତ ସାଧନ ପଥକୁ ସହଜଗମ୍ୟ କରିଦେଲେ, ଏହା ହିଁ ହେଲା ଶିକ୍ଷା ଗୁରୁଙ୍କ ଆବିର୍ଭାବର ମୂଳକଥା । ମନେକର ଜଣେ ମନ୍ତ୍ର ପାଇଛି - କ୍ଲୀଂ, କିନ୍ତୁ କୃଷ୍ଣ ବୋଇଲେ କଣ ତାହା ସେ ବୁଝି ପାରୁନାହିଁ । ଜଣେ ଉପଦେଷ୍ଟା ଆସି କହିଦେଇ ଗଲେ କୃଷ୍ଣ କ'ଣ ଏବଂ ନୂତନ ଜ୍ଞାନାଲୋକରେ ସେ ପୁରାତନ ପଥରେ ଅପେକ୍ଷାକୃତ ଅଧିକ ବିକ୍ରମ ଓ ଅଧିକ ଉତ୍ସାହ ସହକାରେ ଯିବାକୁ ଲାଗିଲା । ମୋଟାମୋଟି ଏହା ହିଁ ଶିକ୍ଷା ଗୁରୁ କରିବା । ଜଣକର ଶତ ଶତ ଶିକ୍ଷା ଗୁରୁ ଥାଇ ପାରନ୍ତି । ମୃତସଂଜୀବନୀ ସେବନ କଲେ ପୁରୁଣା ଦେହରେ ଯେପରି ନୂଆ ବଳ ସଂଚାର ହୁଏ, ସେହିପରି ଯାହାର ଉପଦେଶରେ ପୁରୁଣା ସାଧନାରେ ନୂତନ ଉତ୍ସାହ ଆସେ ତାଙ୍କୁ ଶିକ୍ଷା ଗୁରୁ କହନ୍ତି ।

ଶିକ୍ଷା ଗୁରୁଙ୍କ କର୍ତ୍ତବ୍ୟ

ନୂଆକରି ଆଉ ଗୋଟାଏ ମନ୍ତ୍ର ଦେବା କ'ଣ ଶିକ୍ଷା ଗୁରୁଙ୍କ କର୍ତ୍ତବ୍ୟ ? ଆଦୌ ନୁହେଁ । ପୂର୍ବପ୍ରାପ୍ତ ମନ୍ତ୍ରକୁ ଜୀବନ୍ତ କରିଦେବା ଶିକ୍ଷାଗୁରୁଙ୍କ କର୍ତ୍ତବ୍ୟ । ମନ୍ତ୍ର ଦେଇ ଦୀକ୍ଷାଗୁରୁ ଖଲାସ । ଶିକ୍ଷାଗୁରୁ ସେ ମନ୍ତ୍ରର ପ୍ରକୃତ ମହିମା ଶିଷ୍ୟର ଅନ୍ତରରେ ଅନୁପ୍ରବିଷ୍ଟ କରି ସେହି ମନ୍ତ୍ରରେ ତାର ନିଷ୍ଠା, ଭକ୍ତି, ବିଶ୍ୱାସ ଓ ନିର୍ଭର ବଢ଼ାଇ ଦେବେ, ଏହି ଆଶାରେ ଧର୍ମାଚାର୍ଯ୍ୟମାନେ ଏକ ସମୟରେ ଶିକ୍ଷାଗୁରୁ ପ୍ରଥା ପ୍ରବର୍ତ୍ତନ କରିଥିଲେ । କିନ୍ତୁ ବର୍ତ୍ତମାନ ଠିକ୍ ତାର ଓଲଟା ହେଉଛି । ଦୀକ୍ଷାଗୁରୁ ଯଦି ଗୋଟାଏ କାନ ଫୁଙ୍କୁଛନ୍ତି ତେବେ ଶିକ୍ଷାଗୁରୁ ଆସି

ଆର କାନ ଫୁଙ୍କୁଛନ୍ତି । ଏ ଏକ ଅଦ୍ଭୁତ ବ୍ୟଭିଚାର । ଶିକ୍ଷାଗୁରୁମାନେ ଶିଷ୍ୟମାନଙ୍କ ମନରେ ଏକ ପରିତାପ ଯୋଗ୍ୟ ଦ୍ୱିଧା ସୃଷ୍ଟି କରି ଦେଇ ଯାଉଛନ୍ତି । ଫଳତଃ ଅସଲ ଉଦ୍ଦେଶ୍ୟଟି ପଣ୍ଡ ହୋଇ ଯାଉଛି । ରାସ୍ତାକଡ଼ରେ ବରଡ଼ାଳ ପୋତି ତାକୁ ବଞ୍ଚାଇବା ଉଦ୍ଦେଶ୍ୟରେ ତା ଚାରିପଟେ ଖଡ଼ିସିଙ୍ଗୁ ଗଛ ପୋତି ଦିଆଗଲା, ଭାଗ୍ୟ ଦୋଷରୁ ବରଡ଼ାଳ ମରିଗଲା, ଛାୟାହୀନ, ପତ୍ରହୀନ ଅଖ୍ୟାତ ଖଡ଼ିସିଙ୍ଗୁ ହିଁ ବଞ୍ଚି ରହିଲା ।

(ଆଷାଢ଼ ୩୧, ୧୩୩୮)

ଗୁରୁ, ଶିଷ୍ୟ ଓ ଦୀକ୍ଷା

ଜଣେ ଚାଷୀର ମସ୍ତବଡ଼ ଏକ ଆଖୁ କିଆରି ଥିଲା । ଦିନେ ତାର ଦୁଇ ଭଣଜା ମାମୁଁ ଘରକୁ ବୁଲି ଆସିଥିଲେ । ଭଣଜା ଦୁହିଁଙ୍କୁ ସଙ୍ଗରେ ନେଇ ମାମୁଁ ଆଖୁ କିଆରି ଭିତରେ ପସିଲେ ଓ କହିଲେ - ଦେଖ, ଏ ଆଖୁ କିଆରିରେ ଯେତେ ଆଖୁ ଅଛି ସବୁ ତୁମର ବୋଲି ଜାଣ ଓ ମନଇଚ୍ଛା ଯେତେ ଆଖୁ ଖାଇବ ଖାଅ । ବଡ଼ ଭଣଜା ଏ କଥା ଶୁଣୁ ଶୁଣୁ କିଆରି ଭିତରେ ଏତେତେଣେ ଦୌଡ଼ିବାକୁ ଲାଗିଲା ଓ ଆଖୁ ମିଠା କି ନା ପରୀକ୍ଷା କରିବା ପାଇଁ ମୋଟା ମୋଟା ଆଖୁ ଦେଖି ସବୁଥିରୁ ପୁଳାଏ ଲେଖାଏଁ କାମୁଡ଼ିବାକୁ ଲାଗିଲା । କିନ୍ତୁ ଥରେ କାମୁଡ଼ିଦେଲେ ତ ଆଉ ଆଖୁରୁ ରସ ବାହାରିବ ନାହିଁ, ତେଣୁ ସେ ଗୋଟାକ ପରେ ଗୋଟାଏ ଆଖୁ ଖାଲି କାମୁଡ଼ି ଯିବାକୁ ଲାଗିଲା । ସାନ ଭଣଜା କିନ୍ତୁ ସେପରି ନ କରି ମାମୁଁଙ୍କୁ କହିଲା- ମାମୁଁ, ତୁମେ ନିଜ ହାତରେ ଖଣ୍ଡେ ଆଖୁ କାଟି ମୋତେ ଦିଅ । ମାମୁଁ କହିଲେ ତୁ ତୋ ଇଚ୍ଛା ଅନୁସାରେ ଆଖୁ ଖାଇବୁ ଯା । ସାନ ଭଣଜା କହିଲା - ନାଇଁ, ମାମୁଁ, ତମେ ତମ ହାତରେ ଯେଉଁ ଆଖୁ ଖଣ୍ଡକ କାଟିଦେବ ମୁଁ ସେଇଟା ଖାଇବି । ମାମୁଁ ସାନ ଭଣଜାର

ବିନୟ ଓ ଆଗ୍ରହ ଦେଖି ଆଖୁ କାଟିବାକୁ ଗଲେ ଓ ସାନ ଭଣଜାର ଦାନ୍ତର ଜୋର କେତେ, ଯେଉଁ ଆଖୁ ସେ ଚୋବେଇ ପାରିବ ସେ ଆଖୁ କେମିତି ପଡ଼ିବ, ଏ ସବୁ କଥା ଭଲଭାବରେ ବିଚାର ବିବେଚନା କରି ଖଣ୍ଡେ ଆଖୁ ଆଣି ତାକୁ ଦେଲେ । ସେ ମାମୁଁ ଦେଇଥିବା ଆଖୁକୁ ଦୁଇ ତିନି ପୁଳା କାମୁଡ଼ିଲା । କିନ୍ତୁ ସେଥିରୁ ରସ ନ ବାହାରିବାରୁ ସେ ତା ବଡ଼ ଭାଇ ପରି ମୋଟା ମୋଟା ଆଖୁ ଦେଖି ପୁଳାଏ ପୁଳାଏ କାମୁଡ଼ି ଦବାକୁ ଲାଗିଲା । କିନ୍ତୁ ଥରକରେ କେଉଁଟାରୁ ହେଲେ ରସ ନ ବାହାରିବାରୁ ସେ ମଝିରେ ମଝିରେ ମାମୁଁ ଦେଇଥିବା ଆଖୁକୁ ପୁଳାଏ ପୁଳାଏ କାମୁଡୁଥାଏ ଓ ସେଥିରୁ ରସ ନ ବାହାରିବାରୁ ସେ ତା ବଡ଼ ଭାଇ ପରି କରୁଥାଏ । କିନ୍ତୁ ମାମୁଁ ଦେଇଥିବା ଆଖୁ ଖଣ୍ଡକ ତା ହାତରେ ଥିବାରୁ ସେ ମଝିରେ ମଝିରେ ତାକୁ ପୁଳାଏ ପୁଳାଏ କାମୁଡୁଥାଏ । ଏହିପରି କାମୁଡୁ କାମୁଡୁ ହଠାତ୍ ଥରେ କାମୁଡ଼ି ଦେଲାବେଳକୁ ମାମୁଁ ଦେଇଥିବା ଆଖୁରୁ ଟିକିଏ ରସ ବାହାରି ତାକୁ ମିଠା ଲାଗିଲା । ତାପରେ ସେ କ'ଣ କଲା ନା କିଆରିରେ ଥିବା ଅନ୍ୟାନ୍ୟ ଆଖୁ ଆଡ଼କୁ ଦୃଷ୍ଟି ନ ଦେଇ ହାତରେ ଥିବା ଆଖୁକୁ ଚୋବେଇବାକୁ ଲାଗିଲା । ଚୋବାଉ ଚୋବାଉ ରସର ଉସ ଖୋଲିଗଲା ଓ ରସର ଆସ୍ୱାଦନରେ ସେ ତନ୍ମୟ ହୋଇ ରହିଲା । ତେଣେ ତା ବଡ଼ ଭାଇ କିଆରିଯାକ ବୁଲି ବୁଲି ହାଲିଆ ହୋଇ ସାନ ଭାଇ ପାଖରେ ପହଞ୍ଚି ଦେଖିଲା ଯେ ସେ ମଜାରେ ବସି ଆଖୁରସ ପିଉଛି । ଦୁଇକଳ ବାଟେ ଆଖୁ ରସ ବହି ଆସି ତାର ଛାତି ଓଦା ହୋଇଯାଇଛି ଓ ସେ ବସିଥିବା ଯାହାର କିଛି ମାଟି ବି ଓଦା ହୋଇଯାଇଛି । ସେ ସାନଭାଇଙ୍କୁ ପଚାରିଲା - କିରେ ଅଧମ, ତୁ କେମିତି ଆଖୁରସ ପାଇଗଲୁ । ମୁଁ ତ କିଆରିଟା ସାରା ବୁଲି ବୁଲି ହତାଶ ହୋଇ ଗଲିଣି । ସାନ ଭାଇ କିଛି ନ କହି ଆଙ୍ଗୁଠିରେ ମାମୁଁଙ୍କୁ ଦେଖାଇ ଦେଲା । ବଡ଼ ଭାଇ ସେଇଠୁ ଯାଇ ମାମୁଙ୍କୁ ସବୁ କଥା କହିଲା । ମାମୁଁ କହିଲେ-

ଶହେଟା ଆଖୁରେ ମୁହଁ ମାରିବାକୁ ଗଲୁ କାହିଁକି ? ଗୋଟାକୁ ଧରି ଚୋବେଇଥିଲେ ତ ଏତେବେଳକୁ ମଜାରେ ରସ ପିଉଥାନ୍ତୁ । ବଡ଼ ଭାଇ ମାମୁଁଙ୍କୁ ଆଉ କିଛି ନ କହି ସଙ୍ଗେ ସଙ୍ଗେ ହାତ ପାଖରେ ଯେଉଁ ଆଖୁ ଖଣ୍ଡକ ପାଇଲା ତାକୁ ଭାଙ୍ଗି ଚୋବାଇବାକୁ ଲାଗିଲା । କିଛି ସମୟ ପରେ ସେ ବି ରସର ଅସ୍ୱାଦନ ପାଇ ସେଥିରେ ମଜ୍ଜିଗଲା । ଗୁରୁ, ଶିଷ୍ୟ ଓ ଦୀକ୍ଷା ବ୍ୟାପାର ଠିକ୍ ଏହିପରି । ସଦ୍‌ଗୁରୁ ହେଉଛନ୍ତି ଠିକ୍ ସେହି ଚାଷୀ ପରି । ସେ କେଉଁ ଭଣଜାକୁ ନିଜ ହାତରେ ଆଖୁ କାଟି ଦିଅନ୍ତି ତ ଆଉ କାହାକୁ ଖାଲି କହିଦିଅନ୍ତି, ଯାହା ଯେତେବେଳେ କରୁଛ ଗୋଟିକୁ ଧରି ତହିଁରେ ଲାଗିପଡ଼ । ଆଉ ମଜା କଥା ହେଉଛି ଯେ, ଦୀକ୍ଷା ଦେଇ ପ୍ରକୃତ ଗୁରୁ କେବେହେଲେ ଶିଷ୍ୟର ସ୍ୱାଧୀନତା ହରଣ କରନ୍ତି ନାହିଁ । ସଦ୍‌ଗୁରୁଙ୍କର ବହୁ ଶିଷ୍ୟ ହୁଅନ୍ତି, କିନ୍ତୁ ଗୁରୁଦତ୍ତ ପଦାର୍ଥ ଉପରେ ପୂର୍ଣ୍ଣ ଆସ୍ଥା ନ ରହିବା ଯୋଗୁଁ ସେମାନେ ବାରମ୍ବାର ଶହ ଶହ ପଥରେ ବୁଲି ବୁଲି ଶେଷକୁ ଗୁରୁଦତ୍ତ ପଥକୁ ଆସି ଏକନିଷ୍ଠ ହୋଇ ବ୍ରହ୍ମରସ ପ୍ରାପ୍ତ ହୁଅନ୍ତି । ଏମାନେ ସମସ୍ତେ ସାନ ଭଣଜା ପରି । ଆଉ କେତେକ ସାଧକ ଥା'ନ୍ତି ଯେଉଁମାନେ ଦୀକ୍ଷା ନିଅନ୍ତି ନାହିଁ, ନିଜେ ନିଜେ ଗୋଟିକ ପରେ ଗୋଟିଏ ସାଧନ ପନ୍ଥାକୁ ପରୀକ୍ଷା କରି କରି ଶେଷକୁ ହତାଶ ହୋଇ ପଡ଼ନ୍ତି, କିନ୍ତୁ କୌଣସି ଆକସ୍ମିକ କାରଣବଶତଃ ହଠାତ୍ ସେମାନଙ୍କର ଉତ୍ସାହ ଜାଗି ଉଠେ ଓ ବିନା ଦୀକ୍ଷାରେ ସେମାନେ ଯେ କୌଣସି ଗୋଟିଏ ମନମାନିବା ଭଳି ସାଧନକୁ ଧରି ସେଥିରେ ଏକନିଷ୍ଠ ଭାବରେ ଲାଗି ପଡ଼ନ୍ତି ଓ ତା ଫଳରେ ବ୍ରହ୍ମରସ ଆସ୍ୱାଦନ କରନ୍ତି । ଏମାନେ ସବୁ ହେଲେ ବଡ଼ ଭଣଜା ପରି । ଓଁକାରନାଥ ପାହାଡ଼ରେ ଯେଉଁ ମୌନୀ ବାବା ଥିଲେ ସେ ଏହି ବଡ଼ ଭଣଜା ଦଳର ସାଧକ ।

(ଜ୍ୟେଷ୍ଠ ୨୧, ୧୩୩୫)

ଦୀକ୍ଷା ଓ ନାମ ଜପ

ଦୀକ୍ଷା ନ ନେଲେ କଣ ନାମ ଜପ କରି ହୁଏ ନାହିଁ ? ଖୁବ୍ ହୁଏ । ଏକନିଷ୍ଠ ଭାବରେ ଯଦି ନାମ ଜପ କରିପାର, ତେବେ ସେଥିରେ ଫଳରେ ପାର୍ଥକ୍ୟ କାହିଁକି ଘଟିବ ? ଗୋଟିଏ ନାମକୁ ଏକ ଉଦ୍ୟମରେ, ଏକ ଭାବରେ ଅବିରତ ସାଧନ କରିବାକୁ ହେବ, ଏହା ହିଁ ହେଉଛି ମୁଖ୍ୟ ପ୍ରୟୋଜନ । ଦୀକ୍ଷା ନ ନେଇ ମଧ୍ୟ ଏହିପରି ଭାବରେ ଯଦି ଜପ କରିପାର, ତା'ହେଲେ ବି ହେବ । ତଥାପି ଗୁରୁର ପ୍ରୟୋଜନ ଅଛି - ଲୋକଦେଖାଣିଆ ଦୀକ୍ଷା ଗୋଟାଏ ନେବା ପାଇଁ ନୁହେଁ, ଦୀକ୍ଷା ଗ୍ରହଣ ଉପଲକ୍ଷେ ଗୁରୁଙ୍କୁ କେତେକ ଦ୍ରବ୍ୟସମ୍ଭାର ଓ ସାଲିଆନା ଦେବା ପାଇଁ ନୁହେଁ, ''ଆମେ ଅମୁକ ଦଶହଜାରୀ ସ୍ୱାମୀଜୀଙ୍କର ଶିଷ୍ୟ, ଅମୁକ ବିଶହଜାରୀ ଦଣ୍ଡିଙ୍କର ଶିଷ୍ୟ, ତମୁକ ପଚାଶହଜାରୀ ପରମହଂସଙ୍କର ଶିଷ୍ୟ''- ବୋଲି କହି ନିଜ ଆଧ୍ୟାତ୍ମିକ କୌଳିନ୍ୟକୁ ଲୋକସମାଜରେ ଜାହିର କରିବା ପାଇଁ ନୁହେଁ, ପରନ୍ତୁ ସାଧନ ମାର୍ଗରେ ପ୍ରକୃତ ସହାୟତା ପାଇବା ଲାଗି ଗୁରୁଙ୍କର ଆବଶ୍ୟକତା ଅଛି । ଖୁବ୍ ଦୃଢ଼ଚେତା ଲୋକଙ୍କ ଛଡ଼ା ଆଉ ସମସ୍ତଙ୍କର ଗୁରୁକରଣ ଦରକାର ପଡ଼େ । ତାର ଗୋଟିଏ କାରଣ ହେଉଛି ଏଇଆ ଯେ, କରିତ୍-କର୍ମା ବ୍ୟକ୍ତିଙ୍କ ସହାୟତା ନ ପାଇଲେ ଅନେକ ସମୟରେ ସାଧକ ନିଜର ଶକ୍ତି ବଳରେ ସାଧନ ସମ୍ପର୍କୀୟ ସଂଶୟ ସମୂହ ଛେଦନ କରିପାରେ ନାହିଁ କିମ୍ବା ଜପ-ତପର ସର୍ବୋତ୍କୃଷ୍ଟ ପ୍ରଣାଳୀଗୁଡ଼ିକୁ ମଧ୍ୟ ସହଜରେ ଆବିଷ୍କାର କରିପାରେ ନାହିଁ ।

ଦୀକ୍ଷାପ୍ରାପ୍ତ ନାମ ଓ ସ୍ୱୟଂ-ନିର୍ବାଚିତ ନାମର ଫଳରେ ପାର୍ଥକ୍ୟ ନାହିଁ, ଏକଥା ଠିକ୍ । କିନ୍ତୁ ତୁମ ମନର ଗଠନ ଅନୁସାରେ ଦୀକ୍ଷାପ୍ରାପ୍ତ ନାମରେ ଓ ସ୍ୱୟଂ - ନିର୍ବାଚିତ ନାମରେ ତୁମର ଅଭିନିବେଶର ଐକାନ୍ତିକତା ହିଁ ହେଉଛି

ଅସଲ କଥା, ମନ୍ତ୍ର କେଉଁଠୁ ପାଇଲ ନ ପାଇଲ ସେଇଟା ବଡ଼ କଥା ନୁହେଁ। ଐକାନ୍ତିକ ଅଭିନିବେଶ ଫଳରେ ଦୀକ୍ଷାହୀନ ସାଧକ ମଧ୍ୟ ବ୍ରହ୍ମପଦ ପ୍ରାପ୍ତ ହୁଅନ୍ତି, ଅଭିନିବେଶ ଅଭାବରେ ଦୀକ୍ଷିତ ସାଧକ ମଧ୍ୟ ବ୍ରହ୍ମପଦ ଲାଭରୁ ଚିରବଞ୍ଚିତ ହୋଇ ରହିଯାନ୍ତି।

ଗୁରୁ କରିବାର ଆବଶ୍ୟକତା

ତଥାପି ସ୍ଥଳବିଶେଷରେ ଗୁରୁ କରିବାର ଆବଶ୍ୟକତା ଅଛି । ଶକ୍ତିମାନ ଗୁରୁଙ୍କ ମୁଖୋଚ୍ଚାରିତ ମନ୍ତ୍ରରେ ଶିଷ୍ୟର ଅଭିନିବେଶ ହୁଏ ସ୍ୱାଭାବିକ, କିନ୍ତୁ ସ୍ୱୟଂ-ନିର୍ବାଚିତ ମନ୍ତ୍ରରେ ଅଭିନିବେଶ ହୁଏ ଚେଷ୍ଟା-ପ୍ରସୂତ । ସ୍ୱଭାବ ପଥରେ ସାଧନ ହିଁ ନିଶ୍ଚିତ ସାଧନ, ସିଦ୍ଧି ତହିଁରେ ସହଜେ କରତଳଗତ ହୁଏ ।

ଗୁରୁଙ୍କ ଲକ୍ଷଣ

କିନ୍ତୁ ଗୁରୁଙ୍କୁ କିପରି ଚିହ୍ନିବ ? ଗୁରୁ କେହି ଚିହ୍ନି ପାରନ୍ତି ନାହିଁ, ସେ ନିଜେ ଚିହ୍ନା ଦିଅନ୍ତି । ତାଙ୍କର ମୁଖୋଚ୍ଚାରିତ ନାମ ଏପରି ବଜ୍ରଶକ୍ତି ନେଇ ଆସେ ଯେ କେହି ସେ ଶକ୍ତିକୁ ଅଗ୍ରାହ୍ୟ କରି ପାରନ୍ତି ନାହିଁ । ଏଇଥିରୁ ହିଁ ଗୁରୁ ଚିହ୍ନି ହୁଏ । ଶକ୍ତିମାନ୍ ଗୁରୁଙ୍କ ନିରଭିମାନ ପ୍ରତିନିଧି ଭାବରେ ଯଦି କୌଣସି ସାଧକ ପୁରଷ ଦୀକ୍ଷା ଦିଅନ୍ତି, ତେବେ ତଦ୍ୱାରା ମଧ୍ୟ ଏହି ଫଳ ଲାଭ ହୁଏ ।

(ଆଷାଢ଼ ୨୪, ୧୩....)

ଗୁରୁ କାହିଁକି ପ୍ରୟୋଜନ ?

ଗୁରୁଙ୍କଦ୍ୱାରା କେଉଁ ପ୍ରୟୋଜନ ସିଦ୍ଧ ହୁଏ ? ଗୋଟିଏ ମତ ହେଉଛି ଯେ ତାଙ୍କ ଦ୍ୱାରା ହାତର ଜଳମାତ୍ର ଶୁଦ୍ଧ ହୁଏ, ତା'ଠାରୁ ଆଉ ବେଶି କିଛି ହୁଏ

ନାହିଁ । କେତେଗୁଡ଼ିଏ ଅନୁଷ୍ଠାନ ଭିତରେ ଶିଷ୍ୟ କାନରେ ମନ୍ତ୍ରଟିଏ ଦେଇ ଗୁରୁଦେବ ତା ହାତର ଜଳ ଶୁଦ୍ଧ କରି ଦିଅନ୍ତି । ତା'ପରେ ତାଙ୍କର ଆଉ କିଛି କର୍ତ୍ତବ୍ୟ ନାହିଁ । ତଥାପି ଆଉ ଏକ କର୍ତ୍ତବ୍ୟ ଅବଶ୍ୟ ରହିଥାଏ, ତା ହେଲା ପ୍ରତି ବର୍ଷ ଶିଷ୍ୟ ଘରକୁ ଯିବା, ସାଷ୍ଟାଙ୍ଗ ପ୍ରଣାମ ଏବଂ କିଛି ଦାନ ଦକ୍ଷିଣା ଆଦାୟ କରିବା । ଥରେ ପଚାରିବା ମଧ୍ୟ ଦରକାର ନାହିଁ ଯେ "ଆରେ ଶିଷ୍ୟ, ବର୍ଷସାରା ତୁ ସାଧନ ଭଜନ କରୁଥିଲୁ ତ ? ଶିଷ୍ୟର ସାଧନ ମାର୍ଗରେ କୌଣସି ସଙ୍କଟ ବା ସମସ୍ୟା ଅଛି କି ନାହିଁ ଏବଂ ଥିଲେ ତାର ସମାଧାନ ପନ୍ଥା କ'ଣ , ଏ ସବୁ ପଚାରିବା କିଛି ଦରକାର ନାହିଁ । ଏହି ମତର ନିନ୍ଦୁକ ଓ ସମର୍ଥକ ସ୍ୱପକ୍ଷ ସମର୍ଥନରେ ବହୁ ଯୁକ୍ତି ଦର୍ଶାଇ ପାରନ୍ତି । ନିନ୍ଦୁକମାନେ କହିପାରନ୍ତି, ତାହା ହେଲେ ଗୁରୁଗିରି ତ ତୁଚ୍ଛା ଜୀବିକା ନିର୍ବାହର ଏକ କୌଶଳ ମାତ୍ର ଓ ଶିଷ୍ୟଗିରି ଖାଲି ଲୋକପ୍ରଥାର ଅନ୍ଧ ଦାସତ୍ୱ । ଏ ବ୍ୟାପାରରେ ଏହା ଅପେକ୍ଷା ଅଧିକ କୌଳିନ୍ୟ ଆଉ କିଛି ନାହିଁ । କିନ୍ତୁ ସମର୍ଥକମାନେ କହି ପାରନ୍ତି, ଏହା ବଂଶବିହିତ କୂଳପ୍ରଥାପୂତ ଏକ ସଦ୍‌ସଂସ୍କାର ଯାହା ନ ଥିଲେ ଭାରତ ବର୍ଷରେ ନାନା ରକମର ରାଜନୈତିକ ଓ ସାମରିକ ବିପର୍ଯ୍ୟୟ ପରେ ପ୍ରାଚୀନ ପୁରୁଷମାନଙ୍କ ଚିନ୍ତାଧାରାକୁ ବର୍ତ୍ତମାନର ମନୁଷ୍ୟ ଜୀବନ ପର୍ଯ୍ୟନ୍ତ ବିଲମ୍ବିତ କରାଯାଇ ପାରି ନଥାନ୍ତା । ଗୋଟିଏ ଗୋଟିଏ ଦୀକ୍ଷାମନ୍ତ୍ର କଣ ଗୋଟିଏ ଦାର୍ଶନିକ ଚିନ୍ତାଧାରାକୁ ବଂଶାନୁକ୍ରମିକ ଭାବରେ ସଂଜୀବିତ କରି ରଖେ ନାହିଁ । ଦୀକ୍ଷା ଭଳି ଏକ ପ୍ରଥା ବଦ୍ଧମୂଳ ହୋଇଥିଲା ବୋଲି ତ ବର୍ତ୍ତମାନର ମନୁଷ୍ୟକୁ ନାନା ପ୍ରକାର ଭାବରେ ଭାବିତ ଓ ଉନ୍ମାଦିତ ହେବା ଦେଖାଯାଏ । ନତୁବା ସ୍ୱାଧୀନ ଚିନ୍ତା ଭାରତବାସୀଙ୍କ ମନ, ମସ୍ତିଷ୍କ ଅନୁଶୀଳନରୁ କେଉଁ ଯୁଗରୁ ଯେ ନିର୍ବାସିତ ହୋଇ ଯାଇଥାଆନ୍ତା ଆଜି ସେ କଥା କେହି ଧାରଣା ବି କରିପାରିବେ ନାହିଁ । ହିନ୍ଦୁ-ଭାରତ ଉପରେ ସାଂସ୍କୃତିକ ବିପତ୍ତି ଯେତେବେଳେ ଆସିଲା ଏବଂ

ରଣନୈତିକ କୁଟବୁଦ୍ଧିରୁ ବଞ୍ଚିତ ଆତ୍ମକଳହପରାୟଣ କ୍ଷତ୍ରିୟମାନେ ଯେତେବେଳେ ସେହି ବିପଦକୁ ନିବାରଣ କରିବାକୁ ଅସମର୍ଥ ହେଲେ ସେତେବେଳେ ଗୁରୁରୂପୀ ବ୍ରାହ୍ମଣ, କାନରେ ମନ୍ତ୍ର ଦେଇ ଏପରି ଏକ ଇନ୍ଦ୍ରଜାଲ ସୃଷ୍ଟି କରିଦେଲେ ଯାହା ଫଳରେ ସହସ୍ର ଉତ୍କୋଚ ଓ ଲକ୍ଷ ଉତ୍ପୀଡ଼ନକୁ ଅଗ୍ରାହ୍ୟ କରି ବିଶ୍ୱାସୀ ହୃଦୟ ତାର ପ୍ରାଚୀନ ସାଧନା ସହିତ ଲଗ୍ନ ରହିପାରିଲା । କେହି କେହି ଗୁରୁଦେବ ବ୍ୟକ୍ତିଗତ ଭାବରେ ଅଯୋଗ୍ୟ ହେବା ସତ୍ତ୍ୱେ ବି ଗୁରୁଦେବଙ୍କ ଦ୍ୱାରା ଶିଷ୍ୟକୁ ମନ୍ତ୍ରଦାନ ଏହିପରି ଭାବରେ ଭାରତର ଶିକ୍ଷା, ସଂସ୍କୃତି ଓ ସଭ୍ୟତାକୁ ରକ୍ଷା କରି ଆସିଛି ।

କିନ୍ତୁ ଗୁରୁଙ୍କ ପ୍ରତି ଶିଷ୍ୟର ଶ୍ରଦ୍ଧାବୋଧ ନ ଥିଲେ ସେ ଦେଇଥିବା ମନ୍ତ୍ରରେ ମନ ଲାଗେ ନାହିଁ । ଗୁରୁଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଆସ୍ଥା ଓ ଅନୁରାଗ ଯେତେବେଳେ ପ୍ରଗାଢ଼ ହୁଏ ସେତେବେଳେ ଶିଷ୍ୟର ସାଧନା ମଧ୍ୟରେ ଆଉ ତିଳାର୍ଦ୍ଧ ପରିମିତ ଭେଜାଲ ପଶି ପାରେ ନାହିଁ । ଏହା ଏକ ପ୍ରତ୍ୟକ୍ଷଦୃଷ୍ଟ ବା ଉପଲବ୍ଧ ସତ୍ୟ । ତେଣୁ ଗୁରୁଦେବମାନେ ଉପଦେଶ ଦେବାକୁ ଲାଗିଲେ-ଗୁରୁ ଓ ଇଷ୍ଟ ମଧ୍ୟରେ ଭେଦ ନାହିଁ, ଦୁଇ ହିଁ ଏକ, ଏକ ହିଁ ଦୁଇ- ଅର୍ଥାତ୍ ପଥ ପ୍ରଦର୍ଶକ ଓ ଲକ୍ଷ ମଧ୍ୟରେ ଭେଦ ନାହିଁ । ଖାଲି ସେତିକି ନୁହେଁ, ନାମ ଓ ଇଷ୍ଟରେ ଭେଦ ନାହିଁ, ନାମ ହିଁ ଇଷ୍ଟ, ଇଷ୍ଟ ହିଁ ନାମ, - ଅର୍ଥାତ୍ ପଥ ଓ ଲକ୍ଷ୍ୟ, ଦୁଇ ହିଁ ଏକ । ତାମାନେ ଏଇଆ ହେଲା, ଗୁରୁ, ନାମ ଓ ଇଷ୍ଟ ଏ ତିନି ହିଁ ଏକ, ଏକହିଁ ତିନି । ଏହି ତିନିରେ ଭେଦ ନାହିଁ, ଥିଲେ ବି ତାହା ଏକାନ୍ତ ବାହ୍ୟ, ସ୍ୱରୂପତଃ ତିନି ହିଁ ଏକ, ଏକ ହିଁ ତିନି । ଗୁରୁଙ୍କ ପ୍ରତି ଶ୍ରଦ୍ଧାବୋଧର ଆତ୍ୟନ୍ତିକ ଆବଶ୍ୟକତା-ବୋଧରୁ ଏହିପରି ଭାବରେ ଗୁରୁବାଦର ଉତ୍ପତ୍ତି ହେଲା । ଫଳରେ କଣ ହେଲା ନା, କୌଣସି କୌଣସି କ୍ଷେତ୍ରରେ ସାଧନା କର୍ମରେ ଶିଷ୍ୟର

ଐକାନ୍ତିକ ମନୋନିବେଶ ଏବଂ ତତ୍ ଫଳ-ସଂଜାତ ପ୍ରଗାଢ଼ ଆତ୍ମିକ ଶାନ୍ତିଲାଭ, ଆଉ କୌଣସି କୌଣସି କ୍ଷେତ୍ରରେ ଶିଷ୍ୟର ଚିତ୍ତ, ବିତ୍ତ ଓ ପ୍ରାଣ ଉପରେ ଗୁରୁରୂପଧାରୀ ସୁ କୌଶଳୀ ମନୁଷ୍ୟଙ୍କର ଲଗାମଛଡ଼ା ଦସ୍ୟୁବୃତ୍ତି ପାଇଁ ଅବାଧ ପ୍ରଶ୍ରୟ ।

ସଂସାରର ସବୁ ଜିନିଷର ଅବଶ୍ୟ ଭଲ ଓ ମନ୍ଦ, ଏହିପରି ଦୁଇଟା ଦିଗ ଅଛି । କେଉଁ ଦିଗକୁ କାହର ଦୃଷ୍ଟି ଅଛି ସେ କଥା କିଏ କହି ପାରିବ ? କିଏ ହୁଏତ କହିବ ମୁଁ ଖାଲି ଭଲ ଦିଗଟାକୁ ଦେଖିବି, ମନ୍ଦ ଦିଗଟାକୁ ନିନ୍ଦା କରି ସମୟ ନଷ୍ଟ କରିବି ନାହିଁ । ଆଉ କିଏ ହୁଏତ କହିବ, ମନ୍ଦ ଦିଗଟାକୁ ମୁଁ ଛାଡ଼ି ଦେବି କିପରି ? ମନ୍ଦ ଦିଗଟାକୁ ଯଦି ନ ଦେଖିବି ତେବେ କ୍ଷୟିଷ୍ଣୁ, ବିକାରଗ୍ରସ୍ତ ମାନବ-ସମାଜର ବଞ୍ଚି ରହିବାର ବାଟ କେମିତି ବାହାରିବ ? କିଏ ହୁଏତ କହିବେ, ସ୍ଥଳ ବିଶେଷରେ ଭଲ ଓ ମନ୍ଦ, ଦୁଇଟାକୁ ହିଁ ଦେଖିବାକୁ ହେବ । ମନ୍ଦ ଭିତରୁ ଭଲକୁ ବାହାର କରି ମନୁଷ୍ୟର ଅଗ୍ରଗତିକୁ ସହଜ, ସାବଲୀଳ ଓ ସ୍ୱଚ୍ଛନ୍ଦ କରିବାକୁ ହେବ । ଆମ ମତରେ ଶେଷୋକ୍ତ ବ୍ୟକ୍ତିଙ୍କର ମତ ହିଁ ଯଥାର୍ଥ ଏବଂ ତାଙ୍କୁ ହିଁ କୁହାଯିବ ସମଦର୍ଶୀ । ସମଦର୍ଶୀମାନେ ସମ୍ୟଗ୍‌ଦର୍ଶୀ ।

ହଁ, ଗୁରୁ ଦରକାର, ଯେହେତୁ ବହୁ ଲୋକଙ୍କର ଆତ୍ମପ୍ରତ୍ୟୟ ନ ଥିବାରୁ ନିଜେ ନିର୍ବାଚନ କରିଥିବା ନାମରେ ପୂର୍ଣ୍ଣନିଷ୍ଠା ରଖିବା ସେମାନଙ୍କ ପକ୍ଷରେ ଅସମ୍ଭବ ହୁଏ । ଏପରିସ୍ଥଳେ ଆଉ ଜଣେ କିଏ ଆସି ଗୋଟିଏ ନାମରେ ଦୀକ୍ଷା ଦେଇଦେଲେ ସେହି ନାମଟିରେ ଦୀର୍ଘକାଳବ୍ୟାପୀ ନିଷ୍ଠା ରଖିବା ଅପେକ୍ଷାକୃତ ସହଜ ହୁଏ । ଦ୍ୱିତୀୟତଃ, ଅନ୍ୟର ଅଭିଜ୍ଞତାକୁ ନେଇ ନିଜ କାମରେ ଲଗାଇବାର ସୁବିଧା ମିଳେ । ଉଦାହରଣସ୍ୱରୂପ, ମହକିଲ ପକ୍ଷରେ ନିଜେ ଆଇନ ବହି ପଢ଼ି ମକଦ୍ଦମା ଚଳାଇବା କଷ୍ଟକର । ତେଣୁ ଆଇନଜ୍ଞଙ୍କ

ସାହାଯ୍ୟ ନେବାର ଆବଶ୍ୟକତା ପଡ଼େ । ଗୃହସ୍ଥ ନିଜେ ଗୃହ ତିଆରି କରି ସେଥିରେ ବାସ କରିବାକୁ ଚାହିଁଲେ ନିଶ୍ଚୟ ବହୁତ ଡେରି ହେବ । ତେଣୁ ମିସ୍ତ୍ରୀର ସାହାଯ୍ୟ ନେବା ଦରକାର ପଡ଼େ । ନିଜେ ଡାକ୍ତରୀ ବିଦ୍ୟା ଶିଖି ରୋଗୀ ଯଦି ନିଜର ରୋଗ ଆରୋଗ୍ୟ କରିବାକୁ ଚାହେଁ, ତାହାହେଲେ ସେ ବିପଦରେ ପଡ଼ିବ । ତେଣୁ ଅଭିଜ୍ଞ ଚିକିତ୍ସକଙ୍କ ସାହାଯ୍ୟ ନେବା ଦରକାର ହୁଏ । ଠିକ୍ ସେହିପରି ଭାବରେ ଗୁରୁ ଦରକାର ହୁଅନ୍ତି ।

(ଶ୍ରାବଣ୯, ୧୩୩୮)

ଗୁରୁଙ୍କ ସାଧନ-ସିଦ୍ଧ ମନ୍ତ୍ର ହିଁ ଶିଷ୍ୟକୁ ପ୍ରଦେୟ

ବହୁ ଦୀକ୍ଷାଦାତାଙ୍କ ପକ୍ଷରେ ଲୋକଙ୍କୁ ଦୀକ୍ଷାଦାନ ଏକ ବ୍ୟବସାୟ ମାତ୍ର କିନ୍ତୁ ଖୁବ୍ ତାକତରକରେ ଏ ବ୍ୟବସାୟକୁ ଚଳାଇ ନେବାକୁ ହୁଏ । ବ୍ୟବସାୟୀ ଦୀକ୍ଷାଦାତାଙ୍କ ଜୀବନରେ ନିର୍ଦ୍ଦିଷ୍ଟ କୌଣସି "ମିଶନ" ବା ଲକ୍ଷ୍ୟ ନ ଥାଏ । ତେଣୁ ଯାହାକୁ ଯେଉଁ ମନ୍ତ୍ର ଦେଲେ ସେ ଖୁସି ହେବ ତାକୁ ସେମାନେ ସେହି ମନ୍ତ୍ରରେ ଦୀକ୍ଷା ଦିଅନ୍ତି ଓ ନିଜର ଆଚରଣକୁ ସମର୍ଥନ କରି କହନ୍ତି, ଦେଖ, ମୋର ମନ କେଡ଼େ ଉଦାର, ଯେ ଯାହା ଚାହେଁ ମୁଁ ତାକୁ ତାହା ଦିଏ । ମୋ ମନରେ ଆଦୌ ସଂକୀର୍ଣ୍ଣତା ନାହିଁ । କିନ୍ତୁ ଦୀକ୍ଷାଦାତାଙ୍କର ପ୍ରକୃତ କର୍ତ୍ତବ୍ୟ ହେଉଛି ଶିଷ୍ୟକୁ ସେହି ମନ୍ତ୍ରଟି ଦେବା, ଯେଉଁ ମନ୍ତ୍ର ସେ ନିଜେ ସାଧନ କରିଛନ୍ତି ଓ ଆଜୀବନ ସାଧନ କରିଯିବେ । ଗୁରୁର ସାଧନ-ସିଦ୍ଧ ମନ୍ତ୍ର ପାଇଲେ ଶିଷ୍ୟର ଯେଉଁ କଲ୍ୟାଣ ହୁଏ ଶିଷ୍ୟକୁ ଖୁସି କରିବା ପାଇଁ ପ୍ରଦତ୍ତ ମନ୍ତ୍ରରେ ସେ କଲ୍ୟାଣ କଦାପି ହୋଇ ପାରିବ ନାହିଁ । ଏପରି ଗୁରୁ ଅଛନ୍ତି ଯେ ଶିଷ୍ୟକୁ ଖୁସ୍ କରିବା ପାଇଁ ତିନିଟି ସମୟରେ ତିନିଟି ବିଭିନ୍ନ ମନ୍ତ୍ର ଦିଅନ୍ତି ଏବଂ ଶିଷ୍ୟକୁ ହାତ ମୁଠାରେ ବାନ୍ଧି ରଖନ୍ତି । ଗୁରୁ ଯେଉଁଠି ଶିଷ୍ୟର ବନ୍ଧନ ଛେଦନ କରିବାରେ ସହାୟତା ନ କରନ୍ତି ସେଠାରେ ତାଙ୍କର ଗୁରୁତ୍ୱ ଅତ୍ୟନ୍ତ ଲଘୁ ।

ଗୁରୁହୀନ ସାଧକର ଜପ ଫଳ

କିନ୍ତୁ ସଦ୍‌ଗୁରୁ ତ ଦୁର୍ଲ୍ଲଭ । ତେଣୁ ଯା' ତା ପାଖରେ ମସ୍ତକ ନତ ନ କରି ପ୍ରାଣର ଆବେଗକୁ ବୁଝି ତଦନୁଯାୟୀ ଭଗବାନଙ୍କ ନାମ ଜପ କରିବା ପ୍ରତ୍ୟେକ ସାଧକଙ୍କର ଉଚିତ୍ । ଗୁରୁହୀନ ଜାପକ ଜପର ଫଳ ପାଏ ନାହିଁ ବୋଲି ଯେଉଁ କଥାଟା ସର୍ବତ୍ର ଶୁଣାଯାଏ, ତାର ଯଥାର୍ଥତା କେବଳ ଏତିକି ଯେ, ଗୋଟିଏ ନାମରେ ଲାଗି ରହିବା ଦୃଷ୍ଟାନ୍ତ ଅଦୀକ୍ଷିତଙ୍କ ମଧ୍ୟରେ ଖୁବ୍ କମ୍ ଦେଖାଯାଏ । ତା' ନହେଲେ ତୁମେ ଗୁରୁହୀନ ହୁଅ ବା ଗୁରବନ୍ତ ହୁଅ, ଜପ କଲେ ତା'ର ଫଳ ନିଶ୍ଚୟ ଅଛି । ଥରେ ଜପ କଲେ ଥରକର ଫଳ ପାଇବ, ଦଶରଥ ଜପ କଲେ ଦଶଥରର ଫଳ ପାଇବ । କର୍ମ କଲେ ନିଶ୍ଚୟ ତାର ଫଳ ମିଳିବ । ସେଥିରୁ ତୁମକୁ ବଂଚିତ କରିବାର ସାଧ ଶାସ୍ତ୍ରର ନାହିଁ କି ଶାସ୍ତ୍ରକାରଙ୍କର ମଧ୍ୟ ନାହିଁ । ତେବେ ଦୀକ୍ଷା ନେବା ସମ୍ପର୍କରେ ଯାହା କିଛି ବାଧ୍ୟବାଧକତା ରହିଛି, ତାର କାରଣ ହେଉଛି ଦୀକ୍ଷିତ ପକ୍ଷରେ ଗୋଟିଏ ନାମରେ ଏକନିଷ୍ଠ ଭାବରେ ଲାଗି ରହିବା ଅପେକ୍ଷାକୃତ ସହଜ ହୁଏ ।

(ଆଷାଢ଼ ୨୪, ୧୩୩୪)

ଅଦୀକ୍ଷିତିର ସାଧନନିଷ୍ଠା

ନାମ ଜପୁ ଜପୁ ସ୍ୱତଃ ତାର ଅର୍ଥ ଓ ଶକ୍ତିର ସ୍ଫୁରଣ ବହୁ କ୍ଷେତ୍ରରେ ଘଟେ । ଅନେକସ୍ଥଳେ ସିଦ୍ଧ ଗୁରୁର ମୁଖରୁ ଶ୍ରବଣ କରିବା ଫଳରେ ମନ୍ତ୍ରରେ ଶକ୍ତି ଆପେ ଆପେ ପ୍ରକଟିତ ହୁଏ । ଅନେକ ସମୟରେ କୌଶଳ ବିଶେଷର ସହାୟତା ଦ୍ୱାରା ମନ୍ତ୍ରର ଚୈତନ୍ୟ ସମ୍ପାଦିତ ହୁଏ । ଉପରୋକ୍ତ ତିନୋଟି ଅବସ୍ଥା ମଧ୍ୟରୁ କାହା ଜୀବନରେ ଗୋଟିଏ, କାହା ଜୀବନରେ ଦୁଇଟି ଓ କାହା ଜୀବନରେ

ତିନୋଟି ଦରକାର ହୁଏ । କିନ୍ତୁ ଯାହାର (୧) ଅଧ୍ୟବସାୟ (୨) ସିଦ୍ଧଗୁରୁର ବାକ୍ୟଲାଭ ବା (୩) କୌଶଳ ବିଶେଷର ସହାୟତା - ଏ ତିନୋଟି ମଧ୍ୟରୁ ସବୁଗୁଡ଼ିକ ବା ଏକାଧିକ ଏକାବେଳକେ ଦରକାର ହୁଏ, ତାର ବି ହତାଶ ହେବାର କୌଣସି କାରଣ ନାହିଁ । କାରଣ ଗୋଟିକୁ ଦୃଢ଼ କରି ଧରି ରଖିଲେ ଅନ୍ୟ ଦୁଇଟି ଯଥା ସମୟରେ ଆପେ ଆପେ ଆତ୍ମପ୍ରକାଶ କରନ୍ତି । ସିଦ୍ଧଗୁରୁଙ୍କର କୃପା ପାଇନାହଁ ବୋଲି ଯଦି ତୁମର ମନ୍ତ୍ର-ଶକ୍ତିର ପ୍ରକାଶ ବିଳମ୍ବିତ ହୋଇଥାଏ, ତାହାହେଲେ ଜାଣି ରଖ, ବର୍ତ୍ତମାନ ଅଧ୍ୟବସାୟ ସହକାରେ ନାମ ଜପିବାରେ ଲାଗି ପଡ଼ିଲେ ଦିନେ ନା ଦିନେ ସିଦ୍ଧଗୁରୁଙ୍କ କୃପା ସହଜଲଭ୍ୟ ହେବ । ଆଉ ମଧ୍ୟ ପ୍ରକୃତ ଜପ କୌଶଳ ନ ପାଇଥିବା ହେତୁ ଯଦି ତୁମେ ମନକୁ ନିଜ ବଶକୁ ଆଣିପାରୁ ନ ଥାଅ, ତାହାହେଲ ବି ଜାଣି ରଖ ଅଧ୍ୟବସାୟ ସହକାରେ ସେ ନାମ ଜପ କରିଗଲେ ସବୁ କୌଶଳ ଭଗବାନ ତୁମକୁ ଜୁଟାଇ ଦେବେ । ଏଥିଲାଗି ତୁମେ ଆଦୌ ଭୟ କର ନାହିଁ, ନିର୍ଭୟ ହୋଇ ରହ । ତୁମର ଯାହା ଯାହା ପ୍ରୟୋଜନ, ସେହି ନାମ ହିଁ ସବୁ ତୁମର କରତଳଗତ କରିବ । ସଦ୍‌ଗୁରୁ ବାଣୀ, ପ୍ରକୃଷ୍ଟତର ମନ୍ତ୍ର ବା ଉନ୍ନତତର କୌଶଳ ମଧ୍ୟରୁ ଯେଉଁଟିର ଅଭାବ ଯୋଗୁ ତୁମର କଲ୍ୟାଣ ବ୍ୟାହତ ହୋଇଥାଉ ପଛକେ, ସେହି ନାମ ଜପୁ ଜପୁ ତାହା ଅଚିରେ ଲାଭ କରିବ । ତୁମର ଏ ଶ୍ରମ ପଣ୍ଡଶ୍ରମ ବୋଲି ମନେ କର ନାହିଁ । ବର୍ତ୍ତମାନ ତୁମେ ଉପସ୍ଥିତ ସାଧନ ଲାଗି ଯେଉଁ ଶ୍ରମ କରୁଅଛ, ତାହା ତୁମକୁ ପ୍ରକୃଷ୍ଟତର ସାଧନ ଲାଗି ଯୋଗ୍ୟତା ପ୍ରଦାନ କରିବ । ତୁମେ ମନରେ ତିଳେମାତ୍ର ସନ୍ଦେହ ନ ରଖି ନିରଳସ ଭାବରେ ସେହି ନାମରେ ସେବା ଶ୍ରଦ୍ଧା ସହକାରେ କରିଯାଅ । ବର୍ତ୍ତମାନ ଦୀକ୍ଷା ପାଇନାହଁ ବୋଲି ସାଧନରେ ହେଳା କର ନାହିଁ । ଅଦୀକ୍ଷିତର ସବୁ ସାଧନା ବୃଥା ହୁଏ ବୋଲି ଯେଉଁ ଜନଶ୍ରୁତି ତୁମେ ଶୁଣିବାକୁ ପାଅ, ତାହା କେବଳ ଲୋକମାନଙ୍କୁ ଦୀକ୍ଷା ଗ୍ରହଣ ଲାଗି

ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହିଁ ରଚିତ ହୋଇଅଛି । ସମ୍ପ୍ରଦାୟୀ ନ ହେଲେ ସାଧନ ହୁଏ ନାହିଁ ବୋଲି ବହୁ ଲୋକଙ୍କ ତୁଣ୍ଡରୁ ଯାହା ଶୁଣୁଛ, ସେସବୁ କଥା ରଚିତ ହେବାର ଅନ୍ୟ ସଦୁଦ୍ଦେଶ୍ୟ ଥିଲେ ମଧ୍ୟ ମୁଖ୍ୟତଃ ସେ ସବୁ ନିଜେ ନିଜ ସମ୍ପ୍ରଦାୟ ବୃଦ୍ଧି ଉଦ୍ଦେଶ୍ୟରେ ହିଁ ରଚିତ ହୋଇଅଛି । ତେଣୁ ସେ ସବୁ କଥା ପ୍ରତି ଗୁରୁତ୍ୱ ନ ଦେଇ ନିଜ ଅଭିମତ ଅନୁଯାୟୀ ଚୂଡ଼ାନ୍ତ ବିକ୍ରମରେ ନାମର ସେବା କରିଯାଅ । ଅବଶିଷ୍ଟ ପଥ ଯଥା-ସମୟରେ ତୁମ ପାଇଁ ଆପେ ଆପେ ଫିଟିଯିବ । ଏକଥା ଧ୍ରୁବ ସତ୍ୟ ବୋଲି ଜାଣ ।

(ଫାଲଗୁନ ୧୧, ୧୩୩୬)

ଦୀକ୍ଷା ବ୍ୟତୀତ ନାମଜପ

କୌଣସି ଗୁରୁଙ୍କ ଠାରୁ ଦୀକ୍ଷା ନ ନେଇ ମଧ୍ୟ ନାମ ଜପ କରାଯାଇ ପାରେ । ଦୀକ୍ଷା ଶବ୍ଦର ମାନେ କ'ଣ ? ଦୀକ୍ଷାର ମାନେ କୌଣି ଏକ କାର୍ଯ୍ୟ ଆରମ୍ଭ କରିବା ଲାଗି ସଂକଳ୍ପ ଗ୍ରହଣ । ତୁମେ ସଂକଳ୍ପ କଲ ଯେ ଭଗବାନଙ୍କର ଏକ ନିର୍ଦ୍ଦିଷ୍ଟ ନାମ ଜପ କରିବ । ଏହା ହିଁ ହେଲା ଦୀକ୍ଷା । ସେହି ସଂକଳ୍ପ ଗ୍ରହଣ କଲାବେଳେ ତୁମେ ଯଦି କାହାରି ତୁଣ୍ଡରୁ ମନ୍ତ୍ରଟି ଶୁଣି ନ ଥାଅ, ସେଥିରେ କିଛି ଦୋଷ ନାହିଁ, ଯଦି ତୁମେ ସେହି ମନ୍ତ୍ରଟିର ସାଧନାରେ ଆଜୀବନ ନିଷ୍ଠା ସହକାରେ ଲାଗିପଡ଼ । ଆମର ଏହି ଭାରତ ବର୍ଷରେ ଏପରି ଲକ୍ଷ ଲକ୍ଷ ଲୋକ ଜନ୍ମିଛନ୍ତି ଯେଉଁମାନେ କୌଣସି ମନୁଷ୍ୟ ପାଖରୁ ଦୀକ୍ଷା ନେଇ ନାହାନ୍ତି କିନ୍ତୁ ସେମାନେ ଭଗବାନଙ୍କୁ ଡାକିଛନ୍ତି ଓ ଭଗବାନଙ୍କୁ ପାଇଛନ୍ତି । ''ଦୀକ୍ଷା ନେବାକୁ ହେବ, ନ ହେଲେ ଭଗବାନଙ୍କୁ ପାଇବ ନାହିଁ'' - ଏହି ଯେଉଁ କଥା ଜିଦ୍ ଧରିବା ପରି ଆମ୍ଭମାନଙ୍କ ମୁହଁରୁ ତୁମ୍ଭେମାନେ ଶୁଣିବାକୁ ପାଅ ସେ କଥାର

ଅର୍ଥ ହେଉଛି, ଅନ୍ୟର ଅଭିଜ୍ଞତାର ସାହାଯ୍ୟ ପାଇଲେ କାମଟି ସହଜରେ ହୋଇଯାଏ । ତାର ଆଉ ଗୋଟିଏ ଅର୍ଥ ହେଉଛି ଆମେ ଆମ ଗୁରୁଗିରି ଢାଲରେ ରୋହି-ଭାକୁରଠାରୁ ଆରମ୍ଭ କରି ମହୁରାଳି ପର୍ଯ୍ୟନ୍ତ ସମସ୍ତଙ୍କୁ ଆମର ଶିଷ୍ୟ ରୂପେ ଆବଦ୍ଧ କରି ଜଗଦ୍‌ଗୁରୁ ହେବାକୁ ଚାହୁଁ ।

ଉପାସନା ବେଳେ ମନ ସ୍ଥିର କରିବାର ଉପାୟ

ଉପାସନା ବେଳେ ମନ ସ୍ଥିର କରିବାର ଉପାୟ କ'ଣ ? ଶ୍ରେଷ୍ଠ ଉପାୟ ଅଭ୍ୟାସ, କିନ୍ତୁ ଅଭ୍ୟାସକୁ ସାହାଯ୍ୟ କରିବା ଲାଗି କେତେଗୁଡ଼ିଏ ବିଧି ପାଳନ କରିବା ହିତକର । "ଆଉ ଘଣ୍ଟାକ ପରେ ହୁଏତ ମୋର ମୃତ୍ୟୁ ହୋଇପାରେ"- ମନେ ମନେ ଏହିପରି ବିଚାର କଲେ ମନ ସହଜରେ ଭଗବାନଙ୍କ ଆଡ଼କୁ ଆକୃଷ୍ଟ ହୁଏ, ଯାହାଙ୍କ ମନଟି ସ୍ଥିର, ଅଚଞ୍ଚଳ, ଶୀତକାଳୀନ ସମୁଦ୍ର ପରି ପ୍ରଶାନ୍ତ ଓ ଦର୍ପଣ ପରି ନିର୍ମଳ, ସେଭଳି ବ୍ୟକ୍ତିଙ୍କ ମନଟି କଥା ଚିନ୍ତା କଲେ ମଧ୍ୟ ଚିତ୍ତସ୍ଥୈର୍ଯ୍ୟରେ ସହାୟତା ମିଳେ । ଏହିସବୁ କାରଣରୁ ଗୁରୁମୂର୍ତ୍ତି-ଧ୍ୟାନ କରିବା ବିଧି ପ୍ରଚଳିତ ଅଛି ! କାରଣ, ସ୍ଥିରମନା ପୁରୁଷଙ୍କୁ ଧ୍ୟାନକଲେ ମନରେ ସ୍ଥିରତା ଆସିବା ସୁନିଶ୍ଚିତ । ତ୍ୟାଗୀ ପୁରୁଷଙ୍କୁ ଧ୍ୟାନ କଲେ ତ୍ୟାଗ ବୁଦ୍ଧି ଆସେ, ଯୋଗୀଙ୍କୁ ଧ୍ୟାନ କଲେ ଯୋଗରେ ଅନୁରାଗବଢ଼େ ଓ ଜିତେନ୍ଦ୍ରିୟ ପୁରୁଷଙ୍କୁ ଚିନ୍ତାକଲେ ଇନ୍ଦ୍ରିୟ-ସଂଯମ ଆଗ୍ରହବର୍ଦ୍ଧିତ ହୁଏ ।

(ଆଷାଢ଼ ୮, ୧୩୩୮)

ସବୁ ଗୁରୁଙ୍କ ଶିଷ୍ୟମାନେ କ'ଣ ସ୍ୱଜାତି ?

ଆପଣ ପଚାରୁଛନ୍ତି ଜଣେ ଗୁରୁଙ୍କର ଶିଷ୍ୟମାନେ ସମସ୍ତେ ନିଜ ନିଜକୁ ସ୍ୱଜାତି ବୋଲି ମନେ କରି ପାରିବେ କି ନାହିଁ । ଆପଣ ଧରି ନେଇଛନ୍ତି

ଜଗତରେ ଜଣଙ୍କ ଛଡ଼ା ଆଉ ଅଧିକ ଗୁରୁ ଥାଇ ପାରନ୍ତି । ଆପଣଙ୍କ ମତକୁ ସ୍ୱୀକାର କରି କହୁଛି ଜଗତରେ ସବୁ ଗୁରୁଙ୍କର ଶିଷ୍ୟମାନେ ସମସ୍ତେ ସ୍ୱଜାତି । କାହାକୁ ପର, କାହାକୁ ଦୂର ମନେ କରିବାର ଉପାୟ ନାହିଁ, କିନ୍ତୁ ଆଉ ଏକ ଦିଗ ଅଛି ଯେଉଁ ଦିଗକୁ ବିଚାର କଲେ ଜଣେ ଗୁରୁଙ୍କ ଶିଷ୍ୟମାନେ ସମସ୍ତେ ସ୍ୱଜାତି ନୁହଁନ୍ତି, ଯେମିତି ଜଣେ ସର୍କସ ବାଲାର ଜନ୍ତାରେ ଥିବା ସବୁ ପଶୁ ସ୍ୱଜାତି ନୁହଁନ୍ତି । ଏଇଟା ହେଲା ପ୍ରକୃତି ଦିଗକୁ ବିଚାର । ସାତ୍ତ୍ୱିକ ପ୍ରକୃତିର ଲୋକେ ସମସ୍ତେ ଏକ ଜାତି, ରାଜସିକମାନେ ଏକଜାତି ଓ ତାମସିକମାନେ ଏକ ଜାତି, ତାମସିକକୁ ଯଦି ସାତ୍ତ୍ୱିକତା ଦିଗକୁ ଟାଣି ନେଇ ନ ହୁଏ ତାହାହେଲ ସାତ୍ତ୍ୱିକ ଜାତି ତାମସିକଙ୍କ ସଙ୍ଗେ ମିଶି ଜାତି-ଶଙ୍କର ସୃଷ୍ଟି କରିବେ ହିଁ କରିବେ । ଏହାକୁ ଜାତି ଶଙ୍କର ନ କହି ଜାତି-ସଙ୍କଟ କହିଲେ କଥାଟା ସୁନ୍ଦର ହେବ । ଗର୍ଭ ବା ଔରସରେ ନୁହେଁ, ଚମଡ଼ାର ରଙ୍ଗରେ ବା ଧନ ସମ୍ପଦର ପ୍ରାଚୁର୍ଯ୍ୟରେ ନୁହେଁ, ଭାଷା ବା ଭୌଗଳିକତାରେ ନୁହେଁ, ଜୀବିକା ବା ପାଣ୍ଡିତ୍ୟରେ ନୁହେଁ, ଚରିତ୍ରର ସାତ୍ତ୍ୱିକତା, ରାଜସିକତା ବା ତାମସିକତା ଉପରେ ସ୍ୱଜାତିତ୍ୱ ନିର୍ଭର କରେ ।

ଦୀକ୍ଷାର ଅର୍ଥ

ଦୀକ୍ଷା ନେବା ମାନେ ଖାଲି କାନରେ ମନ୍ତ୍ରଟିଏ ନେବା ନୁହେଁ । ମନେ ପ୍ରାଣେ ମନ୍ତ୍ରକୁ ସ୍ୱୀକାର କରି ନେବା ହିଁ ଦୀକ୍ଷା । ଏଭଳି ଦିନ ଆସିବ ଯେଉଁ ଦିନ କେହି କାହା କାନରେ କୌଣସି ମନ୍ତ୍ର ଶୁଣାଇବେ ନାହିଁ । କିନ୍ତୁ ତାର ଦୀକ୍ଷା ହୋଇଯିବ ।

''ଦୀକ୍ଷାହୀନ ନାମଜପ'' କଥାଟିର ତାତ୍ପର୍ଯ୍ୟ

କୁହାଯାଇଥାଏ ଯେ, ଦୀକ୍ଷାହୀନ ନାମଜପ ଓ ପ୍ରସ୍ତର ଉପରେ ବୀଜବପନ ଏକ କଥା । ତାର ଅର୍ଥ-ଅର୍ଥାନ୍ତର କରି ଆମେ ତୁମକୁ ଶୁଣାଇ ଦେଲୁ ଯେ ପଥର ଉପରେ ମଞ୍ଜି ବୁଣିଲେ ଯେପରି ଗଛ ଉଠେ ନାହିଁ ସେହିପରି ଆମ ଠାରୁ ମନ୍ତ୍ର ନ ନେଲେ ମନ୍ତ୍ରଜପରେ ଫଳ ହେବ ନାହିଁ । ଏ କଥା ଶୁଣି ତୁମେ ଡରିଗଲ ଓ ଆମ ଗୋଡ଼ତଳେ ଆସି ମୁଣ୍ଡିଆ ମାରି କହିଲ - ମନ୍ତ୍ର ଦିଅ ପ୍ରଭୁ, ମନ୍ତ୍ର ଦିଅ । ତା'ପରେ ଆମେ ନିଜ ଗୁରୁଗିରିର ପରାକାଷ୍ଠା ଦେଖାଇ ତୁମକୁ ମନ୍ତ୍ର ଦେଲୁ ଓ ତା ଫଳରେ ଆମର ଐହିକ କଲ୍ୟାଣ ସଙ୍ଗେ ସଙ୍ଗେ କିଛି କିଛି ପାରମାର୍ଥିକ କଲ୍ୟାଣ ବି ବେଳେ ବେଳେ ହୋଇଗଲା । କାରଣ ଶିଷ୍ୟର ଈଶ୍ୱରପରାୟଣତା ଅନେକ ସମୟରେ ଗୁରୁ ପକ୍ଷରେ ଦୃଷ୍ଟାନ୍ତ ସ୍ଥାନୀୟ ଓ ଶିକ୍ଷଣୀୟ ହୋଇଥାଏ । କିନ୍ତୁ ବାବା ! ସତରେ କଣ ପଥର ଉପରେ ମଞ୍ଜି ଅଙ୍କୁରିତ ହୁଏ ନାହିଁ ? ବଟ ବୃକ୍ଷର କ୍ଷୁଦ୍ର ବୀଜ ତ କେଡ଼େ ବଡ଼ ବଡ଼ ପର୍ବତର ବକ୍ଷ ବିଦାରଣ କରି ଦେଇଛି ଓ ପ୍ରମାଣ କରି ଦେଇଛି ଯେ ପ୍ରସ୍ତର ଗାତ୍ରରେ କେବଳ ଯେ ବୀଜ ଅଙ୍କୁରିତ ହୁଏ ତାହା ନୁହେଁ, ମହାଦ୍ରୁମ ମଧ୍ୟ ହୁଏ ଯାହାକି ପଥିକକୁ ସୁଶୀତଳ ଛାୟା ଦିଏ, ପକ୍ଷୀକୁ ଆଶ୍ରୟ ଦିଏ, ବାନରକୁ ଖାଦ୍ୟ ଦିଏ, ରୁଗଣକୁ ଔଷଧ ଦିଏ, ମୃତ୍ତିକାକୁ ସାର ଦିଏ ଓ ବାୟୁକୁ ବିଶୁଦ୍ଧତା ଦିଏ । ଅସଲ କଥା ହେଲା, ପଥରର ଫାଟ ଜାଗାରେ ବୀଜଟି ଲାଗି ରହିବା ଦରକାର । ବୃଷ୍ଟି ଜଳ ଯଦି ବୀଜଟିକୁ ସ୍ଥାନଚ୍ୟୁତ କରେ, ତେବେ ତାହା ଆଉ ଅଙ୍କୁରିତ ହେବ କିପରି ? ପ୍ରଖର ରୌଦ୍ର ଯଦି ତାକୁ ଦଗ୍ଧ କରେ, ତେବେ ତାହା ଆଉ ଅଙ୍କୁରିତ ହେବ କିପରି ? ଠିକ୍ ସେହିପରି ନାମଜପରେ ତୁମର ନିଷ୍ଠା ରହିବା ଦରକାର । ଯେଉଁ ନାମଟି ତୁମେ ଜପ କରୁଛ, ଅବିଶ୍ୱାସ-ଉତ୍ତାପରେ

ଯଦି ତାହା ଭାଙ୍ଗି ହୋଇଯାଏ, ତେବେ ତୁମ ପ୍ରାଣରେ ନାମର ଅଙ୍କୁର ଗଜେଇବ କିପରି ? ନାନା ମତବାଦ ରୂପକ ପ୍ରବଳ ବାରି-ବର୍ଷଣରେ ଯଦି ସେ ନାମଟି ସ୍ଥାନଚ୍ୟୁତ ହୋଇଯାଏ ତାହାହେଲେ ତୁମ ପ୍ରାଣରେ ଆଉ ସେ ମହାଦ୍ରୁମରେ ପରିଣତ ହେବ କିପରି ? ତେଣୁ ତାକୁ ଜୀବନ-ମରଣରେ, ଶୟନ-ଜାଗରଣରେ, ଉତ୍‌ଥାନ ପତନରେ ସର୍ବଦା ସର୍ବାବସ୍ଥାରେ ନିଜ ପ୍ରାଣ ମଧ୍ୟରେ ଯୋର କରି ଧରି ରଖିବା ଲାଗି ତୁମେ ସଂକଳ୍ପ ଗ୍ରହଣ କରିବା ପ୍ରୟୋଜନ । ଏହି ସଂକଳ୍ପ ଗ୍ରହଣକୁ ଦୀକ୍ଷା କୁହାଯାଏ । ଏହି ସଂକଳ୍ପ ଗ୍ରହଣ ନ କରି ଯଦି ନାମ ଜପ ଆରମ୍ଭ କର, ତାହାହେଲେ ଆଜି ଗୋଟିଏ ନାମ କାଲି ଗୋଟିଏ ନାମ, ପଅରଦିନ ଆଉ ଗୋଟିଏ ନାମ, ଏହିପରି କରି କରି ବୃଥାରେ ଦିନ ଚାଲିଯିବ, ଗୋଟିଏ ବୀଜ ବି ମହୀରୁହରେ ପରିଣତ ହୋଇ ପାରିବ ନାହିଁ । ଏହାକୁ ହିଁ କହନ୍ତି ଦୀକ୍ଷାହୀନ ନାମଜପ ।

(ଶ୍ରାବଣ ୧୭, ୧୩୩୮)

ଅଦୀକ୍ଷିତର ଓଁକାର ଜପ

ଅଦୀକ୍ଷିତ ଅବସ୍ଥାରେ ମନ୍ତ୍ରଜପ ନିଷ୍ଫଳ ହୁଏ, ଏ କଥାଟି ତୁମେ ସାଧୁ-ବୈଷ୍ଣବ-ସଜ୍ଜନଙ୍କ ମୁହଁରୁ ବରାବର ଶୁଣି ଆସିଅଛ । କିନ୍ତୁ ମୁଁ ତୁମକୁ ଆଶ୍ୱାସନା ଦେଉଛି ଯେ, ଦୀକ୍ଷିତ ବା ଅଦୀକ୍ଷିତ ଯେ କୌଣସି ଅବସ୍ଥାରେ ଓଁକାର ଜପ ପ୍ରଶସ୍ତ । ଦୀକ୍ଷା ନ ନେଇ ମନ୍ତ୍ର ଜପ କଲେ ତାହା ମରୁଭୂମିରେ ବୀଜ ବପନ ତୁଲ୍ୟ ବ୍ୟର୍ଥ ହୁଏ, ଏହି ପ୍ରବାଦର ପକ୍ଷ ସମର୍ଥନ କଲା ଭଳି ଶାସ୍ତ୍ର ବାକ୍ୟ ତୁମେ ମୋତେ ଶୁଣାଇ ପାରିବ ମୁଁ ଜାଣେ । କିନ୍ତୁ ଯେଉଁମାନେ ଶାସ୍ତ୍ର ରଚନା କରିଛନ୍ତି, ସେହିମାନେ ହିଁ ଆଜି ମୋର ଲେଖନୀ ମାଧ୍ୟମରେ ତୁମକୁ ଏହି ଆସ୍ତିବାକ୍ୟ ଶୁଣାଉଛନ୍ତି ଯେ, ଅନ୍ୟାନ୍ୟ ମନ୍ତ୍ର କଥା ଯାହା ହେଉ ପଛକେ,

ଦୀକ୍ଷିତ ବା ଅଦୀକ୍ଷିତ ଯେ କୌଣସି ଅବସ୍ଥାରେ ତୁମେ ଓଁକାର ଜପ କରିବ, ସେହି ଅବସ୍ଥାରେ ତୁମେ ଏହାର ଶୁଭଫଳ ଲାଭ କରିବ । ତୁମର କୌଣସି ଗୋଟିଏ ଥରର ମନ୍ତ୍ର ଜପ ବି ନିଷ୍ଫଳ ହେବ ନାହିଁ, ବ୍ୟର୍ଥ ହେବ ନାହିଁ ।

(ଚୈତ୍ର ୧୯, ୧୩୪୦)

ଅଦୀକ୍ଷିତର ମନ୍ତ୍ରଜପ

ଦୀକ୍ଷା ନ ନେଇ ମନ୍ତ୍ର ଜପ କଲେ କଣ ସେଥିରେ କିଛି ଫଳ ହୁଏ ନାହିଁ ? ନ ହେବ କାହିଁକି ? ନିଶ୍ଚୟ ହେବ । ମନ୍ତ୍ର ପଢ଼ି ଯେଉଁମାନେ ବିବାହ କରି ନାହାନ୍ତି, ସେମାନଙ୍କର କ'ଣ ସନ୍ତାନ ହୁଏ ନାହିଁ ? ତେବେ ସନ୍ତାନ ଜନ୍ମ ହେବାକୁ ଯେତେଦିନ ଲାଗେ ସେ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷ ଏକତ୍ର ରହିବାକୁ ହୁଏ । ନ ହେଲେ ସନ୍ତାନ ହେବ ନାହିଁ । ଭଗବଦ୍‌ଦର୍ଶନ ପାଇବାକୁ ଯେତେଦିନ ଲାଗେ ସେ ପର୍ଯ୍ୟନ୍ତ ସେହି ଗୋଟିଏ ନାମକୁ ଧରି ସେଥିରେ ଲାଗି ରହିବାକୁ ହୁଏ । ମନ୍ତ୍ରନପଢ଼ି ଯେଉଁମାନେ ବିବାହ କରିଥାନ୍ତି, ସେମାନଙ୍କର ସନ୍ତାନ ହେଲେ ତାର Social Status (ସାମାଜିକ ପଦମର୍ଯ୍ୟାଦା) ନ ଥାଏ । ଏତିକି ଯାହା ଅସୁବିଧା । ଦୀକ୍ଷା ନ ନେଇ ବା ପ୍ରଦତ୍ତ ଦୀକ୍ଷାକୁ ଅଗ୍ରାହ୍ୟ କରି ନିଜ ମନ ମୁତାବକ ନାମଜପ କରି ଯେଉଁମାନେ ସିଦ୍ଧିଲାଭ କରନ୍ତି ସେମାନେ ନିଜର କୌଣସି ସାମ୍ପ୍ରଦାୟିକ ପରିଚୟ ଦେଇ ପାରନ୍ତି ନାହିଁ । ଏତିକି ଯାହା ଅସୁବିଧା । ଏ ଜଗତରେ ସତ୍ୟ ଅପେକ୍ଷା ସମ୍ପ୍ରଦାୟର ମାନ ବେଶି କି ନା ! ତେଣୁ ଏ ଅସୁବିଧା ।

(ଶ୍ରାବଣ ୭, ୧୩୩୮)

ଗୋଟିଏ ନାମରେ ନିର୍ଭରଶୀଳ ହୁଅ

ଭଗବାନଙ୍କୁ ଡାକିବା ପାଇଁ ତାଙ୍କର ଗୋଟିଏ ମାତ୍ର ନାମ ଉପରେ ହିଁ ସମ୍ୟକ୍ ନିର୍ଭରଶୀଳ ହୁଅ । ନଦୀ ପାର ହେବା ପାଇଁ ନଦୀ କୂଳକୁ ଗଲେ ତୁମେ ବହୁତ ନୌକା ସେଠାରେ ଦେଖିବ, କିନ୍ତୁ ତୁମକୁ ଗୋଟିଏ ନୌକାରେ ବସିବାକୁ ହେବ । ଦୁଇ ନାଆରେ ଗୋଡ଼ଦେଲେ କିଛି ଲାଭ ହେବ ନାହିଁ । ଭଗବାନଙ୍କର ଯେତେ ନାମ ଅଛି, ସବୁ ନାମ ସତ୍ୟ, ସବୁ ନାମ ଶାନ୍ତିର ଆକର, ସବୁ ନାମ ଦୁଃଖ-ବିନାଶକ, ସବୁ ନାମ ପ୍ରେମ-ମଧୁର ଖଣି । ତୁମେ କିନ୍ତୁ ଏକାବେଳେକେ ସବୁଗୁଡ଼ିକୁ ସାଧନ କର ନାହିଁ । ଗୋଟିକୁ ଧରି ସାଧନ କର, ଗୋଟିକରେ ମଜ, ଗୋଟିକରେ ଡୁବ, ଗୋଟିକୁ ଧରି ଜନ୍ମ-କର୍ମ ସାର୍ଥକ କର । କଥାରେ ଅଛି - "ଏକ ସାଧେ ତ ସବ୍ ସାଧେ ସବ୍ ସାଧେ ତ ସବ୍ ପାଏ ।"

ଭିନ୍ନ ଭିନ୍ନ ମନ୍ତ୍ରର ପାର୍ଥକ୍ୟ ବାହ୍ୟତଃ ମାତ୍ର

ଭିନ୍ନ ଭିନ୍ନ ନାମର ପ୍ରଭେଦ କେବଳ ଆକାରଗତ, ଗୁଣଗତ ନୁହେଁ । ନୌକା ଛୋଟ ହେଉ ବା ବଡ଼ ହେଉ, ସବୁ ନୌକା ତୁମକୁ ନଦୀର ଏପାରିରୁ ସେପାରିକୁ ନେଇଯିବ । ନୌକା ଛୋଟ ହେଉ ବା ବଡ଼ ହେଉ, କଳା ହେଉ ବା ଲାଲ ହେଉ ନଦୀ ପାର ହେବା କାମଟା ଠିକ୍ ହେବ, ସେ କାମଟା ଅଟକିଯିବ ନାହିଁ । ନୌକା କାଠ ତିଆରି ହେଉ ବା ଲୁହା ତିଆରି ହେଉ ନଦୀ ପାର ହେବା କାମଟା ଅଟକିଯିବ ନାହିଁ । ଆହୁଲାକୁ ଟାଣ କରି ଧରି ଯଦି ତୁମେ ନିଷ୍ଠା ସହକାରେ ଲାଗିପଡ଼ ତେବେ ମାଟି କୁଣ୍ଡରେ ବସିଲେ ବି ତୁମେ ନଦୀ ପାର ହୋଇଯିବ । କେଉଁ କାରଖାନାରୁ ନୌକା ତିଆରି ହୋଇ ଆସିଛି, କେଉଁ

ମିସ୍ତ୍ରୀର ନାମ ନୌକା ଦେହରେ ଲେଖା ଯାଇଛି, ସେଥିରେ କିଛି ଯାଏ ଆସେ ନାହିଁ । ଯାତ୍ରୀମାନଙ୍କୁ ଏପାରିରୁ ସେପାରିକୁ ନେଇଯିବା ଦୃଷ୍ଟିରୁ ସବୁ ନୌକାର ଶକ୍ତି ଏକ । କେଉଁ ନୌକାରେ ଟିକିଏ ବେଶି ଆରାମ, କେଉଁ ନୌକାରେ ଟିକିଏ ବେଶି ଆୟାସ । କିନ୍ତୁ ଏହି ଆରାମ ବା ଆୟାସରେ ବିଶେଷ କିଛି ଯାଏ ଆସେ ନାହିଁ, ଯଦି ତୁମେ ଗୋଟିଏ ନୌକାରେ ବସି ପ୍ରାଣପଣେ ଆହୁଲା ମାରି ଚାଲ ଓ ନିର୍ଭୟରେ ପାଲ ଟାଣି ଦିଅ । ଭଗବାନଙ୍କର ଭିନ୍ନ ଭିନ୍ନ ନାମ ଆକାରରେ ପୃଥକ୍ କିନ୍ତୁ ଗୁଣରେ ନୁହେଁ । କୁଇନାଇନ ବଟିକା ଖାଇଲେ ମେଲେରିଆ ଛାଡ଼େ, କୁଇନାଇନ ଗୁଣ୍ଡା ଖାଇଲେ ମେଲେରିଆ ଛାଡ଼େ, କୁଇନାଇନ୍ ମିକ୍ସ୍ଚର ଖାଇଲେ ବି ମେଲେରିଆ ଛାଡ଼େ । ସେଗୁଡ଼ିକ ଆକାରରେ ପୃଥକ ହେଲେ ବି ବସ୍ତୁତଃ ତଫାତ୍ ନୁହଁନ୍ତି ।

ପରଧର୍ମରେ ବିଦ୍ୱେଷ କର ନାହିଁ

ନଦୀ ପାର ହେବା ବେଳେ ଯଦି ଗୋଟିଏ ନୌକା ସହିତ ଅନ୍ୟ ନୌକାର ଧକ୍କା ହୁଏ, ଯାହାକି ବେଳେ ବେଳେ ହେବାର ଦେଖାଯାଏ, ତାହା ହେଲେ ତ ସର୍ବନାଶ । ତୁମ ନୌକା ତୁମେ ଚଳାଅ, ତୁମ ସାଧନ ତୁମେ କର । ଅନ୍ୟର ନୌକା ସହିତ ଧକ୍କା ନ ଲଗାଇ, ଅନ୍ୟର ସାଧନ ଓ ଅନ୍ୟର ମନ୍ତ୍ର ପ୍ରତି ନିନ୍ଦା, ବିଦ୍ୱେଷ ବା ଗ୍ଲାନି ପୋଷଣ ନ କରି ତୁମ କାମ ତୁମେ କରିଯାଅ । ଅନ୍ୟର ମତ ଓ ପଥକୁ ବିଦ୍ୱେଷାତ୍ମକ ଦୃଷ୍ଟିରେ ଦେଖ ନାହିଁ । କାରଣ ତଦ୍ୱାରା ତୁମର ହିଁ ସର୍ବନାଶ ହେବ । ଯେଉଁମାନେ ପରର ଦୋଷ ଉଦ୍‌ଘାଟନରେ ଏତେ ଟିକିଏ ହେଲେ ଶକ୍ତି ବ୍ୟୟ ନ କରନ୍ତି, ସେହିମାନେ ହିଁ ଚତୁର ସାଧକ ।

(ଫାଲଗୁନ ୭, ୧୩୩୮)

ବହୁମନ୍ତ୍ରଗ୍ରାହୀର ବିଡ଼ମ୍ବନା

ନା ମା, ଗୋଟିଏ ପଣ୍ଡାକୁ ଦୁଇଟି ଦେବତାଙ୍କ ପାଖରେ ବଳି ଦିଆଯାଏ ନାହିଁ । ସବୁ ନାମ ଯେତେବେଳେ ଭଗବାନଙ୍କର, ସେତେବେଳେ ପଣେ ମନ୍ତ୍ର ନେବା ମୋଟେ ଦରକାର ନାହିଁ । ଗୋଟିଏ ମନ୍ତ୍ରରେ ମନପ୍ରାଣ ସବୁ ଢାଳି ଦେଲେ ସେଥିଲେ ମନରେ ଶାନ୍ତି ଆସିବ ଓ ସେଇଥିରେ ହିଁ ଈଶ୍ୱର-ଦର୍ଶନ ହେବ । ତୁମ୍ଭେମାନେ ନିଜ ନିଜର ଗୁରୁଙ୍କ ଠାରୁ ଯେଉଁ ମନ୍ତ୍ର ନେଇଛ, ସେହି ମନ୍ତ୍ରକୁ ହିଁ ଜପ କରିଯାଅ ଓ ଅଭ୍ୟାସ ଫଳରେ କ୍ରମଶଃ ସେଇଥିରୁ ହିଁ ଆନନ୍ଦ ପାଇବ । ବିଭିନ୍ନ ସ୍ଥାନରୁ ବାରମ୍ବାର ବିଭିନ୍ନ ମନ୍ତ୍ର ଗ୍ରହଣ କଲେ, ଶେଷରେ ମନର ଏପରି ଏକ ଦୁରାବସ୍ଥା ଆସିପାରେ ଯେ କୌଣସି ମନ୍ତ୍ରରେ ଆଉ ମନ ଲଗାଇ ହେବ ନାହିଁ ।

ସତୀତ୍ୱ ସଂସ୍କାରର ମୂଳ କ'ଣ ?

କହି ପାରିବ ମା, ସ୍ତ୍ରୀ ଲୋକ ପକ୍ଷରେ ଗୋଟିଏ ଛଡ଼ା ଦୁଇଟି ସ୍ୱାମୀ ଗ୍ରହଣ କରିବା କାହିଁକି ଚଳେ ନାହିଁ ? ତାର କାରଣ ହେଉଛି, ବାରମ୍ବାର ନୂଆ ନୂଆ ସ୍ୱାମୀ ଗ୍ରହଣ କରିବାକୁ ଗଲେ ଶେଷରେ ଜୀବନଟାକୁ କାହାରି ସହିତ ଖାପ ଖୁଆଇ ନେଇ ଚଳିବା ସମ୍ଭବ ହୁଏ ନାହିଁ । ଫଳତଃ ଯେଉଁ ଶାନ୍ତି ପାଇବା ଆଶାରେ ସ୍ୱାମୀ ବଦଳ ହେଲା, ସେ ଶାନ୍ତି ହୁଏତ ଜୀବନରେ ଆଉ ମିଳେ ନାହିଁ । ତେଣୁ ବୁଦ୍ଧିମତୀ ନାରୀମାନେ ଜଣକୁ ସ୍ୱାମୀ ରୂପେ ଗ୍ରହଣ କରନ୍ତି ଓ ଯେତେ ଯାହା ଦୁଃଖକଷ୍ଟ ଆସୁ ପଛକେ, ସେହି ଜଣକୁ ନେଇ ଜୀବନଯାତ୍ରା ନିର୍ବାହ ଲାଗି ଆଜୀବନ ଚେଷ୍ଟା କରନ୍ତି । ନାରୀ ଉପରେ ସତୀତ୍ୱର ବୋଝ କେହି ଜୋର କରି ଲଦି ଦେଇ ନାହିଁ । ନାରୀମାନେ ନିଷ୍ଠାହୀନ ଜୀବନର

[illegible]

ପ୍ରବର୍ତ୍ତିତ କରିଛନ୍ତି । ପୁରୁଷମାନେ ଯଦି ସ୍ତ୍ରୀଲୋକମାନଙ୍କ ଉପରେ ଜୋର ଜବରଦସ୍ତ ସତୀତ୍ୱ-ସାଧନକୁ ଲଦି ଦେଇଥାନ୍ତେ, ତାହାହେଲେ ସ୍ତ୍ରୀଲୋକମାନେ ସାର୍ବଜନୀନ ଭାବରେ ଆନ୍ଦୋଳନ କରି ବହୁ ପୂର୍ବରୁ ସେ ସଂସ୍କାରର ଆବେଷ୍ଟନୀ ପ୍ରକାଶ୍ୟଭାବେ ଭାଙ୍ଗି ଦେଇଥାନ୍ତେ ଓ ଲକ୍ଷ ଲକ୍ଷ ବର୍ଷ ହେଲା ସେଇଟାକୁ ସହ୍ୟ କରି ନ ଥାନ୍ତେ । ପରନ୍ତୁ ସତୀତ୍ୱ- ସଂସ୍କାର ଅଧିକାଂଶ ନାରୀଙ୍କୁ ଶାନ୍ତି ଦେଇଛି । ତେଣୁ ଯେତେ ଦୁଃଖକଷ୍ଟ ପଡ଼ିଲେ ବି ସେ ସବୁ ସହ୍ୟ କରି ସ୍ତ୍ରୀ ଲୋକମାନେ ଗୋଟିଏ ସ୍ୱାମୀକୁ ନେଇ ଘର ସଂସାର କରିବାକୁ ଇଚ୍ଛୁକ ।

ବାରଆଡ଼େ ମନ ଦିଅ ନାହିଁ

ସତୀତ୍ୱମାନେ ଗୋଟିଏ ସ୍ୱାମୀରେ ନିଷ୍ଠା ଓ ବହୁ ସ୍ୱାମୀରେ ଅନିଚ୍ଛା । ଗୋଟିଏ ଜିନିଷରେ ଲାଗି ରହିବାଟା ଧର୍ମଜଗତରେ ଆହୁରି ବେଶି ପ୍ରୟୋଜନ । ଗୋଟିଏ ଭାବକୁ ଅବଲମ୍ବନ କରି ଆଜୀବନ ଈଶ୍ୱର-ସାଧନ ପ୍ରୟାସ ହେଉଛି ଧର୍ମ ଜୀବନରେ ପରମ କଲ୍ୟାଣ ଲାଭର ଉତ୍କୃଷ୍ଟ ପନ୍ଥା । ଏହି କାରଣରୁ ମୁଁ କାହାର ଭାବ ନଷ୍ଟ କରେ ନାହିଁ, କାହାରି ମତାମତ ପରିବର୍ତ୍ତନ କରିବାକୁ ଚେଷ୍ଟା କରେ ନାହିଁ କି ମୋ ମତ ପ୍ରତି କାହାକୁ ଆକୃଷ୍ଟ କରିବାକୁ ଆଗ୍ରହ ପ୍ରକାଶ କରେ ନାହିଁ । ଏ ପର୍ଯ୍ୟନ୍ତ ଯେଉଁମାନଙ୍କର କୌଣସି ଭାବ ବା ପଥ ପ୍ରତି ଅନୁରାଗ ବା ବିଚାର ଆଦୌ ସୃଷ୍ଟି ହୋଇ ନାହିଁ, କେବଳ ସେହିମାନଙ୍କ ଭିତରେ ମୁଁ ନିଜର ଭାବକୁ ପ୍ରଚାର କରେ । ତୁମ୍ଭେମାନେ ଯେତେବେଳେ ଗୋଟିଏ ମତକୁ ଅବଲମ୍ବନ କରି ଚାଲିଛ, ସେତେବେଳେ ସେ ମତ ଓ ପଥ ବଦଳାଇବାର ପରାମର୍ଶ ବା ସୁଯୋଗ ମୁଁ ତୁମ୍ଭମାନଙ୍କୁ ଦେବି ନାହିଁ । କାରଣ ସେଥିରେ ମୋର ଅନ୍ତରର କୌଣସି ସମର୍ଥନ ମୁଁ ପାଉ ନାହିଁ । ବର୍ତ୍ତମାନ

ଯେପରି ଭାବରେ ଭଗବାନଙ୍କୁ ଡାକୁଛ, ସେହିପରି ଭାବରେ ଡାକି ଯାଅ, ସେଥିରେ ଶାନ୍ତି ପାଇବ । ଗୋଟିଏ ଭାବକୁ ଧରି ତହିଁରେ ଲାଗି ରହ ମା, ବାରଆଡ଼େ ମନ ଦିଅ ନାହିଁ ।

(ଭାଦ୍ର ୨୨, ୧୩୩୮)

ବହୁ ପନ୍ଥାର ଦୋଷ ଗୁଣ

ବହୁ ଲୋକ ଗୋଟିଏ ସ୍ଥାନରୁ ଗୁରୁ ଉପଦେଶ ଗ୍ରହଣ କରି ସାରି ତାପରେ ଭିନ୍ନ ମତ ଓ ପଥର ଉପଦେଷ୍ଟାମାନଙ୍କ ସଙ୍ଗେ ମିଳାମିଶା କରିବାକୁ ଆରମ୍ଭ କରିବାର ଦେଖାଯାଏ । ତାର ଭଲ ଦିଗଟି ହେଉଛି ଏହା ଯେ, ଗୋଟିଏ ବସ୍ତୁକୁ ବିଭିନ୍ନ ଦିଗରୁ ବିଭିନ୍ନ ଭାବରେ ଦେଖିବାର ରୁଚି, ପ୍ରବୃତ୍ତି ଓ ସାମର୍ଥ୍ୟ ତଦ୍ଵାରା ସୃଷ୍ଟ ହୁଏ । ତାର ଖରାପ ଦିଗଟି ହେଉଛି ଏହା ଯେ, ଗୋଟିଏ ବିଷୟରେ ପରସ୍ପରବିରୋଧୀ ଭଳି ମନେ ହେଉଥିବା ନାନା ଯୁକ୍ତି ଶୁଣି ଶୁଣି ଇଷ୍ଟନିଷ୍ଠା ହାନି ହୁଏ ଓ ନିଷ୍ଠାହାନି ସଙ୍ଗେ ସଙ୍ଗେ ସାଧନାରେ ଉତ୍ସାହହୀନତା, ଉଦ୍ୟମହୀନତା, ଅବିଶ୍ୱାସ ଏପରିକି ବିଦ୍ୱେଷ ମଧ୍ୟ ଆସିଥାଏ, ଠିକ୍ ଯେପରି ମହୁମାଛି ନାନା ଫୁଲରୁ ମଧୁ ଆହରଣ କରିବାକୁ ଯାଇ ବେଳେବେଳେ ଏପରି ମଧୁ ଆହରଣ କରେ, ଯାହା ସ୍ୱାଦରେ ମଧୁର ହେଲେ ମଧ୍ୟ ଗୁଣରେ ବିଷ ।

ପାତ୍ର ଭେଦରେ ଦୋଷ ଗୁଣରେ ତାରତମ୍ୟ

କିନ୍ତୁ ବିଭିନ୍ନ ସ୍ଥାନକୁ ଯାତାୟାତଜନିତ ଦୋଷଗୁଣର ପରିମାଣ ଯେ ସମସ୍ତଙ୍କ ପକ୍ଷରେ ସମାନ ହେବ, ତାହା ନୁହେଁ, ପାତ୍ର ଭେଦରେ ସେଥିରେ ତାରତମ୍ୟ ହେବ । କାହା କାହା ପକ୍ଷରେ ବହୁ ଉପଦେଷ୍ଟାଙ୍କ ସଙ୍ଗ ସଂକୀର୍ଣ୍ଣତା-

ସଂସ୍କାରମୁକ୍ତ ଅତି ତୀବ୍ର ସାଧନ ସ୍ପୃହାର ଜନକ ହୁଏ । ଆଉ କାହା ପକ୍ଷରେ ବିଶ୍ୱଭୁବନକୁ ତୁଚ୍ଛ ଜ୍ଞାନ କରି ଗୋଟିଏ ଜାଗରେ ଲାଗି ରହିବା ହିଁ ପରମ ମଙ୍ଗଳକାର ହୁଏ । ପକ୍ଷାନ୍ତରେ କୌଣସି କୌଣସି ଲୋକଙ୍କ ପକ୍ଷରେ ଗୋଟିଏ ଜାଗାରେ ଲାଗି ରହିବା ପରଧର୍ମଦ୍ୱେଷ, ଅସହିଷ୍ଣୁତା, ଅବିଚାର, ଅବିବେକିତ୍ୱ ଓ କୂପମଣ୍ଡୁକତାର କାରଣ ହୁଏ ।

ସାଧକ ଓ ପ୍ରଚାରକ ମଧ୍ୟରେ ପାର୍ଥକ୍ୟ

ତଥାପି ଶେଷରେ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଯେଉଁମାନେ ସାଧନ କରିବେ, ସେମାନଙ୍କ ପାଇଁ ଉପଦେଶ ହେଉଛି- "କୌତୁହଳଂ ବିବର୍ଜୟେତ୍" ଓ ପ୍ରଚାର ଯେଉଁମାନେ କରିବେ ସେମାନଙ୍କ ପାଇଁ ଉପଦେଶ ହେଉଛି - "ସବ୍ ସେ ଲିଜିୟେ ନାମ ।" ଅମୃତ ରସ ଆସ୍ୱାଦନ କରିବା, ମାଟି ଖୋଳି ପାଣି ବାହାର କରି ଆକଣ୍ଠ ପାନ କରିବା ସାଧକର କାର୍ଯ୍ୟ, ତା ପକ୍ଷରେ ନିଷ୍ଠା ହିଁ ପରମବାନ୍ଧବୀ । କେଉଁ ପୋଖରୀର ପାଣି କେଉଁ ପୋଖରୀର ପାଣିଠାରୁ ଭଲ, ସେ କଥା ଜଣେଇଦେବା ପ୍ରଚାରକର କାର୍ଯ୍ୟ । ସେ ନିଜେ ତାହା ଆସ୍ୱାଦନ କରୁ ବା ନ କରୁ, ଅନ୍ୟମାନଙ୍କ ମୁହଁରୁ ଶୁଣି ଶୁଣି ତାକୁ ମୋଟାମୋଟି ଗୋଟାଏ ଅନ୍ଦାଜ କରି ନେବାକୁ ହେବ ଯେ କେଉଁ ପୋଖରୀର ପାଣି ଲୁଣିଆ, କେଉଁ ପୋଖରୀର ପାଣି ପଚା, କେଉଁ ପୋଖରୀର ପାଣି ମୋଟା ବା କେଉଁ ପୋଖରୀର ପାଣି ପତଳା । ଅନ୍ୟମାନେ ପାଣି ବ୍ୟବହାର କରିବେ, ତା ପାଇଁ ସେ ଜୋରସୋରରେ ଚିତ୍କାର କରି ବୁଲୁଛି, ଅଥଚ ପାଣି କି ପଦାର୍ଥ ତା ହୁଏତ ସେ କେବେ ଆଖିରେ ଦେଖି ନାହିଁ । ଏ ଧରଣର ଲୋକଙ୍କ ପକ୍ଷରେ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ପନ୍ଥାର ଖୋଜ ଖବର ନେବା ଅତି ସ୍ୱାଭାବିକ କଥା ।

(ବୈଶାଖ ୪, ୧୩୩୯)

ଗୁରୁ ଓ ମତବାଦର ଦାସତ୍ୱ

Propaganda-ism ବା ନିର୍ଦ୍ଦିଷ୍ଟ ଏକ ମତ ପ୍ରଚାର କରିବା ମନୋଭାବ ଯଦି ଗୁରୁଙ୍କ ଠାରେ ଥାଏ ତଦ୍ୱାରା ଶିଷ୍ୟର ଷୋଳଅଣା ମଙ୍ଗଳ ହୋଇ ପାରେ ନାହିଁ, କାରଣ ତା ଫଳରେ ଶିଷ୍ୟର ସହଜାତ ସଂସ୍କାରଗୁଡ଼ିକ full play (ପୂର୍ଣ୍ଣ ବିକାଶ) ପାଏ ନାହିଁ । ବହୁଗୁରୁଙ୍କର ଗୋଟିଏ ଜିଦ୍ ଥାଏ ଯେ ପ୍ରତ୍ୟେକ ଶିଷ୍ୟକୁ ସନ୍ୟାସୀ କରିବେ । ଆଉ ଅନେକ ଗୁରୁଙ୍କର ଜିଦ୍ ଥାଏ ଯେ ସନ୍ୟାସେଚ୍ଛୁ ଶିଷ୍ୟକୁ ମଧ୍ୟ ଜୋର କରି ଗୃହୀ କରିବେ । ସାକାର-ଭକ୍ତ ଶିଷ୍ୟକୁ ଯୁକ୍ତି ବଳରେ ନିରାକାରବାଦୀ କରିବାକୁ ଅନେକ ଗୁରୁଙ୍କ ଜିଦ୍ ଥାଏ । ଆଉ ମଧ୍ୟ ନିରାକାରତତ୍ତ୍ୱ ଉପଲବ୍ଧି କରିବାକୁ ସମର୍ଥ ଶିଷ୍ୟକୁ ଯେନ-ତେନ-ପ୍ରକାରେଣ ସାକାରବାଦୀ କରିବା ପାଇଁ କାହାର କାହାର ଭାରି ଜିଦ୍ ଥାଏ । ଜଣେ ଜଣେ ଗୋଟିଏ ଗୋଟିଏ ମତବାଦର ଏପରି ଦାସ ହୋଇ ପଡ଼ନ୍ତି ଯେ ସମଗ୍ର ଶିଷ୍ୟମଣ୍ଡଳୀ ମଧ୍ୟରେ ସେହି ମାର୍କାମରା ଦାସତ୍ୱକୁ ସଂପ୍ରସାରିତ କରି ନ ପାରିଲେ ସେମାନେ ଜୀବନରେ ଶାନ୍ତି ପାଇ ପାରନ୍ତି ନାହିଁ । ଏ ଧରଣର ଗୁରୁମାନେ ବି ଗୁରୁ, କି ନ୍ତୁ ସଦ୍‌ଗୁରୁ ନୁହଁନ୍ତି । ସେମାନେ ଜୀବକୁ କଲ୍ୟାଣ ଦାନ କରି ପାରନ୍ତି କିନ୍ତୁ ପରମ କଲ୍ୟାଣ ଦେଇ ପାରନ୍ତି ନାହିଁ । କାରଣ ପରମ କଲ୍ୟାଣ ନିଜ ନିଜର ପ୍ରକୃତି ପଥରେ ଲାଭ ହୁଏ, ନିଗ୍ରହ ପଥରେ ନୁହେଁ ।

ଗୁରୁଙ୍କ କର୍ତ୍ତବ୍ୟ ସାଧନରେ ଉତ୍ସାହ ଦାନ

ସାଧନ ଭିତରେ ବୁଡ଼ିଯିବା ଓ ସାଧନ ଫଳରେ ଯାହା ପାଇଁ ଯେଉଁ ବାଟ ଉନ୍ମୁକ୍ତ ହେବ ସେହି ବାଟରେ ନିଶ୍ଚିନ୍ତରେ ଓ ନିର୍ବିଚାରରେ ଚାଲିବା ହେଉଛି ଶିଷ୍ୟର କର୍ତ୍ତବ୍ୟ । ଆଉ ଗୁରୁଙ୍କର କର୍ତ୍ତବ୍ୟ ହେଉଛି, ଜୋର କରି

ଶିଷ୍ୟକୁ ଗଧ-ମାର୍କା ଟୋରି ସ୍ୱର୍ଣ୍ଣକିରୀଟ ପିନ୍ଧାଇବାକୁ ଚେଷ୍ଟା ନ କରି ସାଧନ ଦିଗରେ ନିୟତ ଉଦ୍ଦୀପନା ଦାନ କରିବା ଏବଂ ସାଧନ ଭିତରୁ ଯେଉଁ ପ୍ରଶାନ୍ତ ପ୍ରଜ୍ଞା ଆବିର୍ଭୂତ ହେବ, ସେହି ପ୍ରଜ୍ଞା ବଳରେ ନିଜ ବାଟ ନିଜେ ଚିହ୍ନି ନେବା ପାଇଁ ଉତ୍ସାହିତ କରିବା । ଭଗବାଙ୍କ ସହିତ ନିତ୍ୟଯୋଗ-ସାଧନ ଉପଦେଶ, ଶିଷ୍ୟ ଗୁରୁଙ୍କଠାରୁ ପାଇବ କିନ୍ତୁ ନିଜର ସାଧନଲବ୍ଧ ଦିବ୍ୟଜ୍ଞାନ ଭିତରୁ ସେ କର୍ମ-ସାଧନାର ଇଙ୍ଗିତ ଗ୍ରହଣ କରିବ ।

(ବୈଶାଖ ୧, ୧୩୩୬)

ମିଥ୍ୟା ଗୁରୁ

ଗୁରୁ-ଶିଷ୍ୟ ସମ୍ବନ୍ଧ ଏପରି ଏକ ସମ୍ବନ୍ଧ ଯେ ତାକୁ ଜୋର କରି, କୌଶଳ କରି ବା ଛଳନା-କପଟତାର ଆଶ୍ରୟ ନେଇ ପ୍ରତିଷ୍ଠା କରିବା ଅନୁଚିତ । ମନେ କର ଜଣେ ଲୋକକୁ ଦେଖି ତୁମକୁ ଭାରି ଭଲ ଲାଗିଲା ଓ ତୁମର ସେହି ସାମୟିକ ଦୁର୍ବଳତାର ସୁଯୋଗ ନେଇ ସେ ତୁମ କାନରେ ଗୋଟିଏ ମନ୍ତ୍ର ଫୁଙ୍କି ଦେଇ କହିଲେ - ''ମୁଁ ତୋର ଗୁରୁ ହେଲି'' ଗୁରୁ- ଶିଷ୍ୟ ସମ୍ବନ୍ଧ ଏପରି ଭାବରେ ସୃଷ୍ଟ ହେବା ଆଦୌ ଉଚିତ୍ ନୁହେଁ । ଏପରି ଭାବରେ ଗୁରୁ-ଶିଷ୍ୟ ସମ୍ବନ୍ଧ ସୃଷ୍ଟ ହେବା ଓ କୌଣସି ନାରୀକୁ ଫୁସଲେଇ ବା ବଳତ୍କାର କରି ନେଇ ତା ସହିତ ପତ୍ନୀର ସମ୍ବନ୍ଧ ସ୍ଥାପନ କରିବା ମଧ୍ୟରେ ବ୍ୟାବହାରିକ ସାଦୃଶ୍ୟ ଯଥେଷ୍ଟ ଅଛି । ଫୁସଲା ଫୁସଲି କରି ବା ବଳାତ୍କାର କରି କାହାକୁ ପତ୍ନୀ କଲେ ଅଳ୍ପ ସମୟ ପରେ ସେ ଯେପରି ତଥାକଥିତ ସ୍ୱାମୀ ପ୍ରତି ତାର ସ୍ନେହ, ପ୍ରେମ, ଶ୍ରଦ୍ଧା ଏପରିକି ନିଷ୍ଠା ସୁଦ୍ଧା ହରାଇ ବସେ, ସେହିପରି ଯେଉଁ ଗୁରୁଦେବମାନେ ଉପରୋକ୍ତ ପ୍ରକାର ଶିଷ୍ୟ କରନ୍ତି ସେମାନଙ୍କର ଶିଷ୍ୟମାନେ ଅଧିକାଂଶ କ୍ଷେତ୍ରରେ ଗୁରୁ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ହରାଇ ବସନ୍ତି । ସବ-

ରେଜିଷ୍ଟ୍ରି ଅଫିସରେ ଦଲିଲ ରେଜିଷ୍ଟ୍ରି କଲାବେଳେ ନିଜର ପରିଚୟଟା କିପରି ଭାବରେ ଦେବାକୁ ହେବ, ତାହା ହଠାତ୍ ସ୍ଥିର କରି ନ ପାରି ଅନେକ ଶିଷ୍ୟ ହୁଏତ ତଥାକଥିତ ଗୁରୁଙ୍କର ନାମଟି ଲେଖି ଦିଅନ୍ତି କିନ୍ତୁ ସେଥିରେ ସେମାନଙ୍କର ଆନ୍ତରିକ ସମର୍ଥନ ନ ଥାଏ । ଫଳତଃ ରେଜିଷ୍ଟ୍ରିକୃତ- ବିବାହ ଯେପରି ଅନେକ ସମୟରେ ମିଥ୍ୟା ହୋଇଯାଏ ସେହିପରି ଅନେକ ସମୟରେ ରେଜିଷ୍ଟ୍ରି ଦଲିଲରେ ଏ ଧରଣ ନାମ-ପରିଚୟ ମଧ୍ୟ ମିଥ୍ୟା ହୋଇଯାଏ । ବର୍ଷ ବର୍ଷ କାଳ ଭାବୀ ଶିଷ୍ୟକୁ ଖୁବ୍ ଭଲ ଭାବରେ ଦେଖି ଚାହିଁ ନିଜେ ତାର ଉଦ୍ଧରଣର ଯୋଗ୍ୟ ବୋଲି ଦୃଢ଼ ଧାରଣା ହେଲା ପରେ ତାର ଗୁରୁ ରୂପରେ ଆତ୍ମ ପ୍ରକାଶ କରିବା ଗୁରୁଙ୍କର ଉଚିତ୍ । ଯେ କୌଣସି ମତେ ଗୋଟାଏ ମନ୍ତ୍ର ଦେଇ କୌଣସି ଲୋକକୁ ସାରା ଜୀବନ ପାଇଁ ବାନ୍ଧି ରଖିବା ଭଳି ଦୁର୍ବୁଦ୍ଧି ଆଉ ଜଗତରେ କିଛି ନାହିଁ । ନବଯୌବନା କୁଳୀନ-କନ୍ୟା ମୁମୂର୍ଷୁ ବୃଦ୍ଧକୁ ବିବାହ କଲେ ସେ ଯେପରି ଅତି ଅଳ୍ପ ସମୟ ପରେ ବିଧବା ହୁଏ ଓ ଧରି ବାନ୍ଧି ତାକୁ ସହମରଣ ପାଇଁ ପଠାଇଲେ ମଧ୍ୟ ସେ ସୁଯୋଗ ପାଇଲେ ଯେପରି ପଳାୟନ କରେ, ଏ ସବୁ କ୍ଷେତ୍ରରେ ଠିକ୍ ସେହିପରି ଦୁଇ ଚାରି ଦିନ ଗୁରୁ ଶିଷ୍ୟଙ୍କର ପ୍ରେମାଭିନୟ ଚାଲିଲା ପରେ ହଠାତ୍ ଗ୍ରନ୍ଥି-ବନ୍ଧନ ଛିଡ଼ିଯାଏ, ଶିଷ୍ୟ ଗୁରୁଙ୍କୁ ପରିତ୍ୟାଗ କରି ଆପଣା ବାଟରେ ଯାଏ । ଶିଷ୍ୟ ପ୍ରଥମ ମୋହବଶତଃ ସେହି ଗୁରୁଙ୍କ ପ୍ରତି ଯେତେ ବିନମ୍ର ବିନୀତ ଭାବ ପ୍ରଦର୍ଶନ କରୁ ପଛକେ, ଏ ସବୁ କ୍ଷେତ୍ରରେ ଶିଷ୍ୟକୁ ଜୋର୍ କରି ଚିରକାଳ ଶିଷ୍ୟ ରୂପରେ ବାନ୍ଧି ରଖିବା କାହା ପକ୍ଷରେ ସମ୍ଭବ ନୁହେଁ । ଶିଷ୍ୟ ତା ଚରିତ୍ରର ସ୍ୱଭାବ-ଗତ ବିନୟବଶତଃ ବାହ୍ୟ ବ୍ୟବହାରରେ ହୁଏତ ଦୁର୍ବିନୟ ଆଚରଣ କରେନା କିମ୍ବା ନିଜର ସ୍ୱଭାବଗତ ଦୁର୍ବଳତା ବା ଭ୍ରାନ୍ତିବଶତଃ ସେହି ଗୁରୁଙ୍କ ପାଖକୁ ଥରେ ଅଧେ ମୁଣ୍ଡିଆ ମାରିବାକୁ ଯାଏ । ତଥାପି ବୁଝିବାକୁ ହେବ ଯେ, ସେ ସମ୍ବନ୍ଧ ସତ୍ୟ ନୁହେଁ । ସେ କ୍ଷେତ୍ରରେ ଗୁରୁଦେବଙ୍କର ଗୁରୁତ୍ୱ-ଅଭିନୟ ମିଥ୍ୟା ଓ ଶିଷ୍ୟର ସେ କ୍ଷେତ୍ରରେ ଆନୁଗତ୍ୟ ଅଭିନୟ ମଧ୍ୟ ମିଥ୍ୟା ।

ଶିଷ୍ୟର ଅକୃତଜ୍ଞତା

କିନ୍ତୁ କୌଣସି ଶିଷ୍ୟ ଯଦି ଗୁରୁଦେବଙ୍କ ଶିଷ୍ୟ ରୂପେ ନିଜକୁ ପରିଚିତ କରିବାର ସୁଯୋଗ ନେଇ ଲୋକ-ସମାଜରେ ପ୍ରତିଷ୍ଠା ଅର୍ଜନ କରେ ଓ ତା ପରେ କହି ବୁଲେ ଯେ ସେ ତାରଗୁରୁ ନୁହନ୍ତି, ତା' ହେଲେ ସେ ଅକୃତଜ୍ଞ ବୋଲି ବୁଝିବାକୁ ହେବ । ସେ ଯାହା ଯୋଗୁଁ ପ୍ରତିଷ୍ଠା ଅର୍ଜନ କରିଛି, ତାକୁ ସେ ଅସ୍ୱୀକାର କରିବା ଅକୃତଜ୍ଞତା । ଅକୃତଜ୍ଞତା କ୍ଷମଣୀୟ ଅପରାଧ ନୁହେଁ ।

ଲଘୁତ୍ୱ-ପ୍ରାପ୍ତ ଗୁରୁ

ଶିଷ୍ୟର ସ୍ୱ-ଉପାର୍ଜିତ ପ୍ରଭାବ-ପ୍ରତିପତ୍ତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ତଥାକଥିତ ଗୁରୁ ଯଦି ଜନ-ସମାଜରେ ନିଜର ପ୍ରତିଷ୍ଠା ବଢ଼ାଇବାକୁ ଚେଷ୍ଟା କରନ୍ତି, ତାହାହେଲେ ସେ ଯେ ବ୍ୟବସାୟ ବୁଦ୍ଧି ସମ୍ପନ୍ନ ସୁଚତୁର ଗୁରୁ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ସେ ବିଚାର ଶିଷ୍ୟର ହୃତ୍ତାପହାରୀ ଗୁରୁ ହେବା ଅଧିକାରରୁ ଚିରବଂଚିତ ହୋଇ ରହନ୍ତି । ଶିଷ୍ୟର ନାମ-ଯଶକୁ, ଶିଷ୍ୟର ଦୀପ୍ତ-କୀର୍ତ୍ତିକୁ ଓ ଶିଷ୍ୟର ବ୍ୟାପକ ପ୍ରଭାବ ପ୍ରତିପତ୍ତିକୁ ଯେ ନିଜ ଗୁରୁଗିରିର ପ୍ରସାର ଲାଗି ପ୍ରୟୋଗ କରନ୍ତି ସେ ଗୁରୁ ନାମର ଅଯୋଗ୍ୟ । ସେ କ୍ଷେତ୍ରରେ ସେ ଲଘୁତ୍ୱ ପ୍ରାପ୍ତ ହୁଅନ୍ତି, ଲଘୁ ହୋଇଯାଆନ୍ତି । ଯେଉଁ ଶିଷ୍ୟ ନିଜ ଅନୁଭୂତିର ବାଟ ଧରି ଦ୍ରୁତ ଗତିରେ ସତ୍ୟ ଆଡ଼କୁ ଅଗ୍ରସର ହେଉଛି ଓ ତା ଫଳରେ ଅଗଣିତ ନରନାରୀଙ୍କର ବାହ୍ୟିକ ଓ ଆନ୍ତରିକ ଶ୍ରଦ୍ଧା ଓ ଆତ୍ମପ୍ରସାଦର ଜନକ ହୋଇଛି, ନାନା କୌଶଳ କରି ନିଜ ଶିଷ୍ୟମାନଙ୍କ ମୁହଁରେ ଜନ ସମାଜରେ ତାକୁ ନିଜର ଶିଷ୍ୟ ବୋଲି ପରିଚିତ କରାଇ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ବଢ଼ାଇବାର ଚେଷ୍ଟା କରିବା ଲଘୁତ୍ୱପ୍ରାପ୍ତ ବ୍ୟକ୍ତିର ଲକ୍ଷଣ । ଗୁରୁତ୍ୱ-ପ୍ରାପ୍ତ ବ୍ୟକ୍ତିର ପରିଚୟ ଏଥିରେ ଆଦୌ ନାହିଁ । ଏ କ୍ଷେତ୍ରରେ ଶିଷ୍ୟ ନିଜର ସାମୟିକ

ଅଭ୍ୟସ୍ତ ଦୁର୍ବଳତା ଓ ମୋହ ପରିତ୍ୟାଗ କରି ଏକମାତ୍ର ପରମେଶ୍ୱରଙ୍କୁ ଗୁରୁ ଜାଣି ତାଙ୍କର ଚରଣରେ ପୂର୍ଣ୍ଣ ଆନୁଗତ୍ୟ ରଖି ଅଗ୍ରସର ହେବା ଉଚିତ୍ ଓ କିଏ କେଉଁଠି ପଛରୁ ଟାଣି ଧରି ପଥବିଘ୍ନ ସୃଷ୍ଟି ଲାଗି ଚେଷ୍ଟା କରୁଛି, ସେଥି ପ୍ରତି ଭ୍ରୁକ୍ଷେପ ନ କରିବା ଉଚିତ୍ ।

(କାର୍ତ୍ତିକ ୮, ୧୩୩୪)

ସଦ୍‌ଗୁରୁଙ୍କ ସନ୍ଧାନ

ଏ ସଂସାରରେ ସେହି ଏକା ଧନ୍ୟ ଯେ ସଦ୍‌ଗୁରୁଙ୍କ ସନ୍ଧାନରେ ନିଜର ସର୍ବସ୍ୱ ତ୍ୟାଗ କରିପାରେ ।

କିନ୍ତୁ ବାବା ଜଣକ ପରେ ଜଣେ ନୂଆ ନୂଆ ଦୀକ୍ଷାଦାତାଙ୍କ ପଛରେ ଗୋଡ଼ାଇବା ସଦ୍‌ଗୁରୁ-ଅନୁସନ୍ଧାନ ନୁହେଁ । ନିଜର ପ୍ରକୃତ ପରିଚୟ ଓ ସନ୍ଧାନ ଲାଭର ନାମ ହିଁ ସଦ୍‌ଗୁରୁ-ସନ୍ଧାନ । ତୁମେ କିଏ, ସେତିକି ଜାଣିବା ଓ ଚିହ୍ନିବାର ନାମ ହିଁ ସଦ୍‌ଗୁରୁଙ୍କର ସାକ୍ଷାତ୍ ଲାଭ ।

ଭାରତବର୍ଷର ଅଧିକାଂଶ ଲୋକଙ୍କର ଏହା ଏକ ବଦ୍ଧମୂଳ ଧାରଣା ଯେ, ଦୀକ୍ଷା ନ ନେଲେ ଭଗବଦ୍ ଦର୍ଶନ ହୁଏ ନାହିଁ । କିନ୍ତୁ ସେ ଧାରଣା ପୂରାପୂରି ଭ୍ରମଶୂନ୍ୟ ନୁହେଁ । ଦୀକ୍ଷା ନେବା ନ ନେବା ଉପରେ ଭଗବଦ୍ ଦର୍ଶନ ଲାଭ କରିବା ବା ନ କରିବା ଯେତେ ନିର୍ଭର ନ କରେ, ସେତେ ନିର୍ଭର କରେ ତୁମର ସାଧନ-ନିଷ୍ଠା ଓ ପ୍ରାଣର ଭକ୍ତି ଉପରେ । ଭକ୍ତିରେ ହିଁ ଭଗବାନ ବିଗ୍ରହ ଧାରଣ କରି ଚାରୁଚଞ୍ଚଳ-ଚରଣ ଚାଳି ତୁମ ନୟନ ସମକ୍ଷରେ ଆସି ଉଭା ହେବେ । ପ୍ରେମର ଆକର୍ଷଣରେ ସେ ରସ ସ୍ୱରୂପ ହୋଇ ତୁମ ହୃଦୟରେ ହୃଦୟ ମିଳାଇ ଜୀବନକୁ ପରିପୂର୍ଣ୍ଣ କରିବେ । ତୁମେ ଯେ ଗୁରୁ ପରେ ଗୁରୁ

ପରିବର୍ତ୍ତନ କରିଛ, ଓ ପ୍ରଣାଳୀ ପରେ ପ୍ରଣାଳୀ ଧରି ସାଧନ ମାର୍ଗରେ କେବଳ ବ୍ୟର୍ଥତା ହିଁ ଚୟନ କରିଛ, ତାର କାରଣ ଏହି ବଦ୍ଧମୂଳ ଦୀକ୍ଷାବାଦ । କିନ୍ତୁ ପରୀକ୍ଷାରେ ତ ପ୍ରମାଣିତ ହୋଇଗଲା ଯେ ଖାଲି ଦୀକ୍ଷା ନେଲେ ଭଗବାନ ମିଳନ୍ତି ନାହିଁ, ଭଗବାନଙ୍କୁ ପାଇବା ପାଇଁ ତା ଠାରୁ ଆଉ ଅଧିକ କିଛି ଲୋଡ଼ା । ପ୍ରତ୍ୟକ୍ଷ ପ୍ରମାଣ ତ ପାଇଲ ଯେ ମନୁଷ୍ୟ ପାଖରେ ମସ୍ତକ ଅବନତ କରିବା ନ କରିବା ଭିତରେ ବିଶେଷ କିଛି ପ୍ରାର୍ଥକ୍ୟ ନାହିଁ, ଯଦି ନିଜ ଭିତରେ କୁଳ କୁଣ୍ଡଳିନୀ ଶକ୍ତି ଜାଗ୍ରତ ନ ହୁଅନ୍ତି ।

ତେଣୁ ଗୁରୁକରଣର ଆବଶ୍ୟକତାକୁ ଅସ୍ୱୀକାର କରିବା ଆଜି ତୁମ ପକ୍ଷରେ ପ୍ରୟୋଜନ । ଏଣିକି ଦୃଢ଼ ସ୍ୱରରେ କହିବାକୁ ହେବ - ଗୁରୁଙ୍କର କୌଣସି ଆବଶ୍ୟକତା ନାହିଁ, ଭକ୍ତ ଓ ଭଗବାନଙ୍କ ମଝିରେ ଆଉ ଜଣେ ପଣ୍ଡା ବା କମିଶନି ଏଜେଣ୍ଟ ରହିବା କିଛି ଦରକାର ନାହିଁ । ଆଜି ତୁମେ ଜାଣିବା ଦରକାର ଯେ ପ୍ରତ୍ୟକ୍ଷ ଭାବରେ, ଓତପ୍ରୋତ ଭାବରେ ଓ ଅବିଚ୍ଛେଦ ଭାବେ ତୁମ ସହିତ ତୁମ ପରମ ଉପାସ୍ୟଙ୍କର ଯୋଗ, ଓ ସେ ଯୋଗର ସୂତ୍ର ହେବା ଭଳି ସ୍ପର୍ଦ୍ଧା କରିବା ଅଧିକାର ଆଉ କୌଣସି ମାନବ, ମାନବୀ, ଦେବ ଦେବୀଙ୍କର ନାହିଁ । ଅର୍ଥାତ୍ ଆଜିଠାରୁ ତୁମକୁ ଗୁରୁବାଦ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ହେବ ।

ଗୁରୁବାଦ ବିରୁଦ୍ଧରେ ସମସ୍ତଙ୍କୁ ଯେ ବିଦ୍ରୋହ କରିବାକୁ ହେବ ସେ କଥା ମୁଁ କହୁନାହିଁ । ଗୁରୁଙ୍କର ପ୍ରୟୋଜନୀୟତା ସ୍ୱୀକାର କରି ବହୁ ଲୋକଙ୍କୁ ଚଳିବାକୁ ହେବ ଓ ଗୁରୁ-ପାଦ ପଦ୍ମରେ ଆତ୍ମ-ସମର୍ପଣ କରିବା ପ୍ରବୃତ୍ତି ଅନେକଙ୍କ ପକ୍ଷରେ ସତ୍ୟ ସଙ୍ଗତ ହେବ । କିନ୍ତୁ ଘଟଣା ଚକ୍ରରେ ପଡ଼ି ତୁମେ ସେମାନଙ୍କ ଶ୍ରେଣୀରୁ ପୃଥକ ହୋଇ ଯାଇଛ । ଆଖି ଆଗରେ ଦେଖିଲ, କୁଳଗୁରୁ ପ୍ରଦତ୍ତ

ଦୀକ୍ଷା ତୁମ ଜୀବନରେ କାର୍ଯ୍ୟକାରୀ ହେଲା ନାହିଁ । ତୁମେ ତ ସ୍ପଷ୍ଟ ଅନୁଭବ କଲ ଯେ ତୁମର ଦ୍ୱିତୀୟ ଗୁରୁଙ୍କର ସାଂସାରିକତା ଦୃଷ୍ଟାନ୍ତ ତୁମର ହୃଦୟ ଓ ମନକୁ ଉନ୍ନତି ପଥରେ ଟାଣି ନେଇ ପାରିଲା ନାହିଁ । ପ୍ରଲୋଭନରେ ପଡ଼ି ତୁମେ ପରମହଂସ ନାମଧେୟ ଯେଉଁ ଗୁରୁଙ୍କର ଶରଣାପନ୍ନ ହେଲ ତାଙ୍କର ସବୁ ଭେଲିକି ଓ ଚାଲବାଜି ତୁମ ଜୀବନତରୀକୁ ଭବସାଗରର ଗୋଟିଏ ହେଲେ ତରଙ୍ଗର ଆଘାତ ସହ୍ୟ କରିବାର ଶକ୍ତି ବି ଦେଇ ପାରିଲା ନାହିଁ । ତାଙ୍କର କୌଣସି ଉପଦେଶ ତୁମ ଜୀବନରେ କାର୍ଯ୍ୟକାରୀ ହେଲା ନାହିଁ । ଏପରି ଅବସ୍ଥାରେ ପୁଣି କାହିଁକି ଆଉ ଥରେ ମନୁଷ୍ୟ ଗୁରୁ ପାଖରେ ମୁଣ୍ଡ ନୁଆଁଇବାକୁ ଚାହୁଁଛ ? ମୁଁ କହିବି, ତୁମେ ଟିକିଏ ଟାଣ ହୁଅ ଓ ଗୁରୁବାଦ ପ୍ରତି ତୁମର ଯେଉଁ ଅସୀମ ଆନୁଗତ୍ୟ ଏତେ କାଳ ହେଲା ମଲାଙ୍ଗ ପରି ଖାଲି ହୁ ହୁ ବଢ଼ି ଯାଉଥିଲା, ତାକୁ ମୂଳରୁ ଉପାଡ଼ି ଦିଅ । ପ୍ରାଣରେ ଏକ ନୂତନ ବିଶ୍ୱାସ ସୃଷ୍ଟି କର ଯେ ମନୁଷ୍ୟ ନିଜ ବଳରେ ସଦ୍‌ଗୁରୁଙ୍କ ସନ୍ଧାନ ପାଇ ପାରେ । ସ୍ୱାଧୀନ ଭାବରେ ଆତ୍ମ ପ୍ରତିଷ୍ଠା ଭାବରେ କାର୍ଯ୍ୟ କରିବା ଶକ୍ତି ପରମାତ୍ମା ତାକୁ ମୂଳରୁ ଦେଇଛନ୍ତି । ଭିନ୍ନ ଭିନ୍ନ ମନ୍ତ୍ର ଓ ସାଧନ ଦେଇ ତୁମକୁ ବ୍ୟତିବ୍ୟସ୍ତ କରି ସାରିଛନ୍ତି । ଏଣିକି ତୁମେ ପୂରାପୂରି ଭାବରେ ସବୁ ମନ୍ତ୍ର ଓ ସବୁ ସାଧନ ପରିତ୍ୟାଗ କର ଓ ପରମାତ୍ମାଙ୍କୁ ଏକମାତ୍ର ସଦ୍‌ଗୁରୁ ବୋଲି ଜାଣି ତାଙ୍କୁ ଉପାସନା କରିବାକୁ ଲାଗ । ଏହାହିଁ ତୁମର ପନ୍ଥା ଅବଲମ୍ବନ କଲେ ତୁମେ ସତ୍ୟରେ ଉପନୀତ ହେବ .... ।

ସଦ୍‌ଗୁରୁଙ୍କ ସେବା କରିବା ପାଇଁ କୌଣସି ତୀର୍ଥ ବା ଆଶ୍ରମକୁ ଯିବା ଦରକାର ନାହିଁ । ସଦ୍‌ଗୁରୁ ଆଜି ଦୀନ, ଦୁଃଖୀ, ଆର୍ତ୍ତ ଓ ବ୍ୟଥାତୁରଙ୍କ ମଧ୍ୟରେ ମୂର୍ତ୍ତି ପରିଗ୍ରହ କରି ରହିଛନ୍ତି । ଏମାନଙ୍କର ପୂଜା ଯଦି କରିପାର ତେବେ ତ ସଦ୍‌ଗୁରୁ ପୂଜା ହେବ, ଆଉ ଅନ୍ୟତ୍ର ଯିବା ଦରକାର କ'ଣ ?

(ଆଷାଢ଼ ୨୦, ୧୩୩୫)

ବୀଜ ବିତରଣ ହିଁ ସଦ୍‌ଗୁରୁଙ୍କର କାର୍ଯ୍ୟ

ଏହି ଝିଲ ଜମିଟାରେ ଉପଯୁକ୍ତ ବୀଜ ନ ପଡ଼ିବା ଫଳରେ ସେଥିରେ ଯେପରି ଖାଲି କଣ୍ଟାଗଛ ସବୁ ଉଠିଛି ଶାଖାପତ୍ର ମେଲାଇ ମାଡ଼ି ଯାଉଛି ମନୁଷ୍ୟ ମନର ଅବସ୍ଥା ମଧ୍ୟ ତଦ୍ରୂପ । ଏହି ଝିଲ ଜମିରେ ଯଦି କୌଣସି ମତେ ବରଗଛର ମଞ୍ଜି ପଡ଼େ ତାହାହେଲ କାଳକ୍ରମେ ବରଗଛ ଛାଇରେ ଚତୁର୍ଦ୍ଦିଗ ଅନ୍ଧକାର ହୋଇଯିବ ଓ କଣ୍ଟାଗଛଗୁଡ଼ିକ ଆପେ ନିର୍ଜ୍ଜୀବ ହୋଇଯିବେ ଏବଂ କାଳକ୍ରମେ ହୁଏତ ବହୁ ନରନାରୀ ଏହି ବରଗଛକୁ ଅବଲମ୍ବନ କରି ଅଖଣ୍ଡ ଦେବତାଙ୍କର ପୂଜା ବି କରିବେ । ଏହିଭଳି ସବୁ ଝିଲ ଜମିରେ ବରଗଛର ମଞ୍ଜି ଫୋପାଡ଼ି ଦେବା ସଦ୍‌ଗୁରୁଙ୍କର କାର୍ଯ୍ୟ ।

ଖାଲି ଏମିତି ମଞ୍ଜି ଫୋପାଡ଼ି ଦେଇଗଲେ ସେ ମଞ୍ଜିରୁ ବରଗଛ ନ ଗଜୁରି ପାରେ । କାରଣ କାଉ ପେଟ ଭିତରକୁ ଯାଇ ତାର ଜଠରାନଳର ଉତ୍ତାପରେ ଯେଉଁ ମଞ୍ଜିର ବାହ୍ୟ ଆବରଣ କେତେକ ପରିମାଣରେ ଦୁର୍ବଳ ହୋଇ ପଡ଼ିବା ଯୋଗୁଁ ତା ଭିତରର ଅଙ୍କୁରୋଦ୍‌ଗମ ଶକ୍ତି ଅତି ସାମାନ୍ୟ ଆନୁକୂଲ୍ୟ ପାଇଲେ ପ୍ରକାଶିତ ହୋଇପାରେ । ସେହି ଭଳି ମଞ୍ଜି ପଡ଼ିବା ଦରକାର । ତାହାହେଲେ ସେଥିରୁ ଶତକଡ଼ା ଶହେ ମଞ୍ଜିରୁ ଗଛ ହୁଏ ।

ଏ କଥାଟାର ମର୍ମ ବୋଧହୁଏ ବୁଝି ପାରିଲ ନାହିଁ ? ସଦ୍‌ଗୁରୁ ହେଉଛନ୍ତି କାକ, ଅର୍ଥାତ୍ କାକ ଭଳି ସେ ଯାଯାବର । ଦେଶ ଦେଶାନ୍ତର ଭ୍ରମଣ କରି ସେ ଇଚ୍ଛା କରି ହେଉ ବା ଅନିଚ୍ଛାରେ ହେଉ ମଞ୍ଜି ଫୋପାଡ଼ି ଦେଇ ଯାଉଛନ୍ତି - ସେ ନିଜେ ଯେଉଁ ବରଫଳ ଖାଇଛନ୍ତି, ସ୍ୱାଦ ପାଇଛନ୍ତି, ଯାହାର ସତ୍ତାକୁ ସେ ଜୀର୍ଣ୍ଣ କରି ପୁଷ୍ଟ ହୋଇଛନ୍ତି, ଯେଉଁ ଫଳ ତାଙ୍କ ପ୍ରାଣରେ ସ୍ଥୈର୍ଯ୍ୟ ଦେଇଛି,

ମନରେ ସନ୍ତୋଷ ଦେଇଛି, ଦେହକୁ ବଳ ଦେଇଛି ଓ ରସନାକୁ ତୃପ୍ତି ଦେଇଛି, ସେହି ବରଫଳର ମଞ୍ଜି ସେ ଚାରିଆଡ଼େ ଛାଡ଼ିଦେଇ ଯାଇଛନ୍ତି ।

(ବୈଶାଖ ୨୧, ୧୩୩୮)

ଗୁରୁ-ଶିଷ୍ୟଙ୍କ ଏକତ୍ୱ, ସ୍ୱାମୀ-ସ୍ତ୍ରୀର ଅଭିନ୍ନତ୍ୱ

ଗୁରୁ ଶିଷ୍ୟଙ୍କ ସଂପର୍କ ଯେଉଁଠି ଉପାସକ-ଉପାସିତର ବା ଉପାସିତ ଉପାସକର ସେଠାରେ ସେମାନଙ୍କ ମଧ୍ୟରେ ଭେଦବୁଦ୍ଧି ଦୀର୍ଘକାଳ ରହେ ନାହିଁ । ସ୍ୱଳ୍ପକାଳ ମଧ୍ୟରେ ଯେତେବେଳେ ଉପାସିତ-ଉପାସକର ବା ଉପାସକ-ଉପାସିତର ସେତେବେଳେ ସେମାନଙ୍କ ଭିତରୁ ଆଭ୍ୟନ୍ତରୀଣ ଦ୍ୱିତ୍ୱ ଅତି ସହଜରେ ଲୋପ ପାଏ ଏବଂ ସ୍ୱଳ୍ପ କାଳ ମଧ୍ୟରେ ଦୁହେଁ ଏକାତ୍ମ ଓ ଅଭିନ୍ନ ସତ୍ତାର ଆସ୍ୱାଦନ ପାଆନ୍ତି । ଯେଉଁଠି ଗୁରୁ-ଶିଷ୍ୟ ପରସ୍ପର ଲାଭଲୋଭୀ-ପ୍ରତ୍ୟାଶୀ ସେଠାରେ ଏହି ଏକାତ୍ମ ଭାବ ପ୍ରତିଷ୍ଠିତ ହୁଏ ନାହିଁ, ଦୂରତ୍ୱ ଘୁଞ୍ଚେ ନାହିଁ, ବିବେକାନନ୍ଦ ବୋଲି ଜଣେ ଥିଲେ ଯେ ମନେ ମନେ ଶ୍ରୀରାମକୃଷ୍ଣଙ୍କୁ ଉପାସନା କରୁଥିଲେ, ଏକଥା ବିଶ୍ୱାସ୍ୟ । ଶ୍ରୀରାମକୃଷ୍ଣ ଯେ ବିବେକାନନ୍ଦଙ୍କୁ ମନେ ମନେ ଉପାସନା କରୁଥିଲେ ଏ କଥାଟି କଣ ଏକାବେଳକେ ଅବିଶ୍ୱାସ୍ୟ ? ବିଶ୍ୱାସ୍ୟ ଯଦି ହୁଏ ତବେ ଧରି ନେବାକୁ ହେବ ଯେ ଏ ଦୁହେଁ ପରସ୍ପର ସହିତ ମିଶି ଅଭିନ୍ନ ସତ୍ତାରେ ପରିଣତ ହୋଇଯାଇଥିଲେ । ଗୁରୁଙ୍କ ପାଖରୁ ବିବେକାନନ୍ଦ କିଛି ଚାହିଁ ନଥିଲେ, ଚାହିଁ ପାରି ନଥିଲେ । ଶିଷ୍ୟଙ୍କ ପାଖରୁ ବି ଶ୍ରୀରାମକୃଷ୍ଣଙ୍କର କୌଣସି ପ୍ରତ୍ୟାଶା ନ ଥିଲା । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯେତେବେଳେ ଏହି ଭାବଟି ଆସେ ସେତେବେଳେ ଜଣେ ଅନ୍ୟ ଜଣକୁ ଏପରି ଭାବରେ ଅନୁପୂରଣ କରେ ଯେ ଦୁହେଁ ମିଶି ଏକ ଆତ୍ମା ହୋଇ ଯାଆନ୍ତି ।

ଯଦିଓ ବାହାରୁ ଦେଖିଲେ ଦୁଇଟା ଦେହ, ଅନ୍ତରରେ ସେମାନେ ଏକା । ଏହା ଏକ ବିଚିତ୍ର ରହସ୍ୟ । ପାଶ୍ଚାତ୍ୟ ଦେଶର କାମ-ତାତ୍ତ୍ୱିକମାନେ ଏ କଥାଟି ବିଷୟରେ କିଛି ଟେର ପାଇ ନାହାନ୍ତି କିନ୍ତୁ ଭାରତରେ ପ୍ରାଚୀନ ଋଷିମାନେ ପାଇଛନ୍ତି ।

(୨୧)

ଗୁରୁ, ପତି ଓ ପରମେଶ୍ୱର

''ତୁମେ ତୁମ ଗୁରୁଙ୍କୁ ଜୀବନରେ ଏକ ପରମ ଆଶ୍ରୟ ବୋଲି ଭାବିବ, ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ, ଅସ୍ୱାଭାବିକ ବି ନୁହେଁ । କିନ୍ତୁ ତୁମେ ବିବାହିତା ମହିଳା । ତୁମ ସ୍ୱାମୀଙ୍କୁ ତୁମେ ଜୀବନର ନାଥ ବୋଲି ଜାଣିବାକୁ ହେବ,- ପତି ଦେବତା ବୋଲି ନୁହେଁ ପରନ୍ତୁ ତୁମ ସଂସାର-ଜୀବନର ପୂର୍ଣ୍ଣତା ବିଧାନ ଲାଗି ତୁମକୁ ତାହା ଜାଣିବାକୁ ହେବ । ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ପରସ୍ପର ର ଅଭାବପରିପୂରକ ହିସାବରେ ବିଶେଷ ସମ୍ମାନିତ ହୋଇ ରହିଛି । ବିବାହିତା ନାରୀ ଯଦି ଗୁରୁଙ୍କ ଠାରେ ପତିଭାବ ଅର୍ପଣ କରିବାକୁ ଚେଷ୍ଟା କରେ ତେବେ ତା ଫଳରେ ସମାଜରେ, ସଂସାରରେ ଓ ମାନସିକ ଜଗତରେ ବିଷମ ଅନର୍ଥ ଓ ଜଟିଳତା ସୃଷ୍ଟି ହୋଇପାରେ । ମୁଖ୍ୟତଃ ଏହି କାରଣରୁ ହିଁ ଗୁରୁଙ୍କ ଠାରେ ମନୁଷ୍ୟ-ବୁଦ୍ଧି ପରିତ୍ୟାଗ କରିବାକୁ ଶାସ୍ତ୍ରକାରମାନେ ଉପଦେଶ ଦେଇଛନ୍ତି । ଗୁରୁଙ୍କ ଠାରୁ ମନୁଷ୍ୟ-ବୁଦ୍ଧି ପରିହାର କରି ପାରିଲେ ତାଙ୍କ ଠାରେ ଦେହାନ୍ଦ୍ରିୟାଦିର ସମାବେଶ କଳ୍ପନା ଅନାୟାସରେ ଦୂର ହୋଇ ଥାଏ । ଗୁରୁଙ୍କୁ ଯଦି ଇନ୍ଦ୍ରିୟାଦି ବିଶିଷ୍ଟ ଏକ ପୁରୁଷ-ମନୁଷ୍ୟ ବୋଲି ଚିନ୍ତା କରିବ ଓ ଅନ୍ତରର ପତିଭାବ ନିରନ୍ତର ତାଙ୍କଠାରେ ଢାଳିବାକୁ ଲାଗିବ, ତାହାଲେ ଗୁରୁ ତାଙ୍କ ଗୁରୁତ୍ୱରୁ ଚ୍ୟୁତ ହୋଇ ହଠାତ୍ ଦିନେ ତୁମର ଶଯ୍ୟାସଙ୍ଗୀ ହୋଇଯିବେ ଓ ବିଷମ ଅନର୍ଥର

କାରଣ ହେବେ । ଗୁରୁଙ୍କୁ ସର୍ବପବିତ୍ରତାର ଆକାର ଓ ସର୍ବକଳଙ୍କମୁକ୍ତ ନିଷ୍କଳୁଷ ପରମାତ୍ମା ବୋଲି ଜାଣି ପାରିଲେ, ବୁଝି ପାରିଲେ ଓ ଭାବିବାକୁ ଶିଖି ପାରିଲେ ଏ ସବୁ ଉତ୍ପାତ ବା ବିପଦ ପଡ଼ିବାର କୌଣସି ସମ୍ଭାବନା ନ ଥାଏ । କୁମାରୀ, ସଧବା, ବିଧବା ପ୍ରଭୃତି ଯେ କୌଣସି ନାରୀର ଅନ୍ତରରେ ପରମ ପ୍ରେମମୟ ପରମେଶ୍ୱର ପତିର ଆସନ ଗ୍ରହଣ କରିପାରନ୍ତି । କିନ୍ତୁ ଯେଉଁ ସବୁ କ୍ଷେତ୍ରରେ ଏଭଳି ଘଟିଅଛି ସେ ସବୁ କ୍ଷେତ୍ରରେ ନାରୀର ଯାବତୀୟ ଇନ୍ଦ୍ରିୟ-ବ୍ୟବହାର ଚିରକାଳ ପାଇଁ ସ୍ତବ୍ଧ ହୋଇଯାଇଛି । ଗ୍ରାମ୍ୟ ଗୋସେଇଁଙ୍କ ପ୍ରରୋଚନାରେ ପଡ଼ି ଭୁଲ ଭ୍ରାନ୍ତିପୂର୍ଣ୍ଣ ଅସିଦ୍ଧ ଗୁରୁ-ଚିନ୍ତାରେ ମା, ନିଜକୁ ନିପତିତା କରିବ ନାହିଁ । ପରମେଶ୍ୱର ପବିତ୍ରତା-ସ୍ୱରୂପ, ସଦ୍‌ଗୁରୁ ବି ପବିତ୍ରତା-ସ୍ୱରୂପ । ଗୁରୁଙ୍କ ସହିତ ପଙ୍କିଳ ଭାବନାର କୌଣସି ସଂଶ୍ରବ ନାହିଁ ।

(୨୧)

ଗୁରୁ ମଧ୍ୟ ଈଶ୍ୱରଙ୍କର ଏକ ବିଭୂତି

ଏ ସଂସାରରେ ତୁମେ ଯାହା ଯାହା ଦେଖି ପାରୁଛ ସେ ସବୁ ପରମେଶ୍ୱରଙ୍କ ବିଭୂତି ଏବଂ ତାଙ୍କର ରୂପ, ତାଙ୍କରି ଗୁଣ, ତାଙ୍କରି ଅଂଶ ଓ ତାଙ୍କରି ବିଭୂତି । ଆମ ଭାରତୀୟମାନଙ୍କର ଧ୍ୟାନ-ଧାରଣା ଚିନ୍ତାର ଢଙ୍ଗର ଏହା ଏକ ବିଶେଷତ୍ୱ । ଏହି କାରଣରୁ କେହି ସିଂହ ରୂପରେ ବା ସିଂହବାହିନୀ ରୂପରେ, ମୂଷିକ ରୂପରେ ବା ମୂଷିକ ବାହନ ରୂପରେ । କେହି ପେଚକ ରୂପରେ ବା ପେଚକ-ବାହିନୀ ରୂପରେ, ହଂସ ରୂପରେ ବା ହଂସବାହିନୀ ରୂପରେ, କେହି ମୟୂର ରୂପରେ ବା ମୟୂର-ବାହନ ରୂପରେ ଈଶ୍ୱରୀୟ ଭାବ ଅର୍ପଣ କଲେ ଆମେ ସେଥିରେ କଛି ଦୋଷ ଅଛି ବୋଲି ମନେ କରୁ ନାହିଁ । ଏହି କାରଣରୁ ମନୁଷ୍ୟ-ବିଶେଷଙ୍କ ଠାରେ ଈଶ୍ୱରୀୟ ଭାବ ଆରୋପ କରିବା

ଆମ୍ଭମାନଙ୍କର ଏକ ଅଭ୍ୟାସ ହୋଇଯାଇଛି । ଯେତେ ମଣିଷଙ୍କୁ ତୁମେ ଦେଖୁଛ ସେମାନଙ୍କ ମଧ୍ୟରେତୁମ ଗୁରୁଙ୍କ ସ୍ଥାନ ନିଶ୍ଚୟ ସମସ୍ତଙ୍କ ଉପରେ । ଅତଏବ ଗୁରୁଙ୍କୁ ପରମେଶ୍ୱରଙ୍କଠାରୁ ଅଭେଦ ବୋଲି ଭାବିବାରେ ବାଧା ବା ସଂକୋଚ କେଉଁଠି ? ଏହି ଅଭ୍ୟାସଟି ଭଲ କି ମନ୍ଦ ସେ ବିଷୟରେ ମୋର ମୁଣ୍ଡ ଖେଳାଇବା ଦରକାର ନାହିଁ । ମୋର ଖାଲି ଏତିକି କହିବାର କଥା ଯେ ଏଇଟା ତୁମ୍ଭମାନଙ୍କର ଏକ ଚିର ଅଭ୍ୟସ୍ତ ରୀତି ହୋଇ ଯାଇଛି । ଗୁରୁଙ୍କୁ ଯଦି ଈଶ୍ୱର ବୋଲି ଜ୍ଞାନ କରୁଛ ତାହାଲେ ସେ ଗୁରୁ ସବୁ ମଣିଷଙ୍କ ଭିତରେ, ସବୁ ପ୍ରାଣୀଙ୍କ ଭିତରେ ଅଛନ୍ତି, ସବୁ ବସ୍ତୁର ଭିତରେ ଅଛନ୍ତି, ଏ କଥାଟି ନ ଭାବିବ କାହିଁକି ? ଯେ କୃଷ୍ଣଙ୍କୁ ଈଶ୍ୱର ଭାବେ ସେ ଜଗତ୍ କୃଷ୍ଣମୟ ଦେଖେ । ଯେ ଗୁରୁଙ୍କୁ ଈଶ୍ୱର ଭାବେ ସେ ଜଗତ୍ ଗୁରୁମୟ ଦେଖିବ । ତାହାହେଲେ ସିନା କୌଣସି ସ୍ଥାନରେ ଈଶ୍ୱର-ଭାବ ଅର୍ପଣର ଶୁଭଫଳଟି ପ୍ରତ୍ୟକ୍ଷ ହେବ । ଗୁରୁଙ୍କ ଭିତରେ ଈଶ୍ୱରତ୍ୱ ଅଛି । ଏକଥାଟି ଯେପରି ସତ୍ୟ, ତୁମ ଭିତରେ ଈଶ୍ୱରତ୍ୱ ଅଛି ଏକଥା ବି ସେହିପରି ସତ୍ୟ । ତାହାହେଲେ ତୁମେ କାହିଁକି ନିଜେ ବିଶ୍ୱବ୍ୟାପୀ ବୋଲି ନ ଦେଖିବ, ନ ଜାଣିବ, ଅନୁଭବ ନ କରିବ ? ଏହି ବୋଧ ଆସିଲେ ହିଁ ଗୁରୁଶିଷ୍ୟ ଏକ ହୋଇ ଯାଆନ୍ତି । (୨୦)

ସଦ୍‌ଗୁରୁଙ୍କ ସହିତ ଶିଷ୍ୟର ସମ୍ବନ୍ଧ

ମୋର ଏକାନ୍ତ ଅନୁଗତ-ଚିତ୍ତ ସନ୍ତାନ ପାଖରୁ ମୁଁ କ୍ଷଣକ ପାଇଁ ମଧ୍ୟ ଦୂରରେ ରହେ ନାହିଁ । ତୁମ୍ଭମାନଙ୍କ ଭିତରୁ ଯେଉଁମାନେ ସାଧନ କରୁଅଛ ସେମାନେ ଏ କଥାଟି ସ୍ପଷ୍ଟ ଉପଲବ୍ଧି କରିପାରିବ । ଅସାଧକ ସନ୍ତାନସନ୍ତତିଙ୍କର ଯେ ପିତା, ତାର ଏ ସଂସାରରେ ଦୁଃଖର କୌଣସି ଅନ୍ତ ଅବଧି ନାହିଁ । ସର୍ବଦା ପାଖେ ପାଖେ ଥାଇ ମଧ୍ୟ ସନ୍ତାନ ଠାରୁ ଦୂରରେ ରହିବାର କ୍ଲେଶ କଥାରେ କହି

ବୁଝାଇ ହେବ ନାହିଁ । ଅବାଧ, ଅକୃତଜ୍ଞ, ଦୋଷଦର୍ଶୀ, ଅସାଧକମାନେ ପିତାର ଏହି କ୍ଳେଶର ଓ ଏହି ବେଦନାର କାରଣ ହୋଇଥାନ୍ତି । ସ୍ନେହଶୀଳ ପିତା ନିଜର ଗଭୀର ସ୍ନେହ ହେତୁ ଏହାକୁ ସହ୍ୟ କରି ଯାଆନ୍ତି କିନ୍ତୁ ସେଥିରେ ତୁମ୍ଭମାନଙ୍କର କି ଲାଭ ହେବ ? ଅତି ମଧୁର କଣ୍ଠରେ ତୁମ୍ଭେମାନେ ବାବାମଣି ବୋଲି ମୋତେ ସମ୍ବୋଧନ କର । ତୁମ୍ଭମାନଙ୍କ ମଧ୍ୟରୁ ଅନେକଙ୍କ ପତ୍ରରେ ଭାଷାର ପିୟୂଷ ପ୍ରସ୍ରବଣ ବହିଥାଏ । କଥାରେ ଓ ଲେଖାରେ ଏଭଳି ପ୍ରେମାମୃତ ପରିବେଷଣ କରିବା ସଙ୍ଗେ ସଙ୍ଗେ ତୁମ୍ଭେମାନେ ଯଦି ଅନ୍ତରର ସଜାଗ ଉପଲବ୍ଧିରେ ନିଜ ନିଜ ଭିତରେ ସେହି ପ୍ରେମାମୃତର ପ୍ରକୃତ ଆସ୍ୱାଦନ ନ ପାଅ, ତାହା ହେଲେ ତୁମ୍ଭମାନଙ୍କ ସହିତ ମୋର ନିତ୍ୟ-ସମ୍ବନ୍ଧକୁ ପ୍ରକୃତରେ ଆଉ କେଉଁଠି ସ୍ୱୀକାର କରାଗଲା ? ମୁଁ ଅନୁକ୍ଷଣ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ରହିଛି । ସାଧନ କରି ତୁମ୍ଭେମାନେ ସେହି ସତ୍ୟକୁ ଅନ୍ତରରେ ବା ବାହାରେ ଉପଲବ୍ଧି କରି ନିର୍ଭୟ ହୁଅ ।

(୧୪)

ସଦ୍‌ଗୁରୁଙ୍କର ଆତ୍ମ-ବିଲୋପ

ଯେଉଁ ଅମୃତମୟ ଅଖଣ୍ଡ-ନାମ ତୁମେ ପାଇଛ, ମନପ୍ରାଣ ଦେଇ ସାଧନା କର । ସାଧନା ଫଳରେ ତୁମ ଅନ୍ତରର ଅବିକଶିତ ଶକ୍ତି-ସମୂହ ବିକଶିତ ହେବ ଓ ନିଜ ନିଜର ସ୍ୱରୂପ ତୁମ୍ଭେମାନେ ଚିହ୍ନି ପାରିବ । କିନ୍ତୁ ବାବା ! ତୁମ୍ଭମାନଙ୍କର ବାହ୍ୟ ଆଗ୍ରହ ଦେଖି ମୁଁ ତୁମ୍ଭମାନଙ୍କୁ ଦୀକ୍ଷା ଦେଇଛି, ଆନ୍ତରିକ ଆଗ୍ରହର କୌଣସି ପ୍ରମାଣ ଧରି ତୁମ୍ଭେମାନେ ମୋ ପାଖକୁ ଆସିନାହଁ । ତୁମ୍ଭମାନଙ୍କର ମଙ୍ଗଳ ହେବ, ଏହି ଅଭିପ୍ରାୟରେ ମୁଁ ତୁମ୍ଭମାନଙ୍କୁ ସଂସାରର

ସାର ପଦାର୍ଥ ପରିବେଷଣ କରିଛି । ଆଶୀର୍ବାଦ କରୁଛି, ତୁମ୍ଭେମାନେ ଏହି ନାମ ଭିତରୁ ପରମ ଅମୃତ ଆହରଣ କରିବାକୁ ସମର୍ଥ ହୁଅ । କିନ୍ତୁ ବାବା, ଆଉ ଗୋଟିଏ କଥା ମଧ୍ୟ କହି ରଖୁଛି ଯେ, ମୁଁ ତୁମ୍ଭମାନଙ୍କର ସ୍ୱାଧୀନତା ଅପହରଣ କରି ନାହିଁ । ମୋ ମତ ଓ ମୋ ପଥ ଅନୁସରଣ କରି ଚଳିବାକୁ ଯେଉଁ ଦିନ ଅସୁବିଧା ହେବ, ମନରେ ଦ୍ୱିଧା ଆସିବ ବା ସେହି ମତ ଓ ପଥ ସହିତ ନିଜ ଜୀବନକୁ ଖାପ ଖୁଆଇ ନେଇ ଚଳିବା ତୁମ ପକ୍ଷରେ ଯେଉଁଦିନ କୌଣସି ମତେ ସମ୍ଭବପର ନ ହେବ, ସେ ଦିନ ସେହି ମୁହୂର୍ତ୍ତରେ ମୋତେ ଛିଣ୍ଡା କନ୍ଥା ପରି ବିନା ଦ୍ୱିଧାରେ ପରିତ୍ୟାଗ କରିବ । ଯେଉଁଦିନ ଦେଖିବ ଯେ ମୋ ଅପେକ୍ଷା ଶ୍ରେଷ୍ଠ ବ୍ୟକ୍ତି ତୁମକୁ ସାହାଯ୍ୟ କରିବାକୁ ଇଚ୍ଛୁକ ଓ ତୁମର ମନ ତାଙ୍କର ସାହାଯ୍ୟ ଗ୍ରହଣ କରିବାକୁ ଇଚ୍ଛୁକ, ସେଦିନ ମୋ ପାଇଁ ମନରେ ଟିକିଏ ହେଲେ ମାୟା ମମତା ରଖିବ ନାହିଁ । ଲୋକେ ଯେପରି ଶଗଡ଼ରେ ବସି ଷ୍ଟେସନ ଯାଆନ୍ତି ଓ ଷ୍ଟେସନରେ ପହଞ୍ଚି ରେଳ ଗାଡ଼ିରେ ଚଢ଼ନ୍ତି, ଏ ଘଟଣାକୁ ଠିକ୍ ସେହି ଦୃଷ୍ଟିରେ ଦେଖିବ । ମନୁଷ୍ୟର ସ୍ୱାଧୀନତାକୁ ସ୍ଫୁରିତ କରିବା ଲାଗି ମୁଁ ତାର ଗୁରୁ, ପରାଧୀନତା ଲୌହ-ଶୃଙ୍ଖଳରେ ତାକୁ ଆବଦ୍ଧ କରିବା ଲାଗି ନୁହେଁ ।

(ଜ୍ୟେଷ୍ଠ ୩୦, ୧୩୩୮)

ସଂସାରରେ ସମସ୍ତେ ପରସ୍ପରର ଗୁରୁଭ୍ରାତା

ମନୁଷ୍ୟକୁ ଗୁରୁ ବୋଲି ସ୍ୱୀକାର କଲେ ତୁମର ଗୁରୁ , ତାର ଗୁରୁ, ରାମର ଗୁରୁ, ଶ୍ୟାମର ଗୁରୁ ଏହିପରି ଭିନ୍ନ ସତ୍ତାର ଅସ୍ତିତ୍ୱ ସ୍ୱୀକାର କରିବାକୁ ହୁଏ । ବ୍ରହ୍ମଙ୍କୁ ଗୁରୁ ବୋଲି ସ୍ୱୀକାର କଲେ ସମସ୍ତଙ୍କର ଗୁରୁ ଏକ ଓ ଅଭିନ୍ନ । ତେଣୁ ସେ ଅବସ୍ଥାରେ ଆଉ ମନୁଷ୍ୟର ପାଦୋଦକ, ମନୁଷ୍ୟର ପାଦଧୂଳି

ପାଇଁ ଠେଲା ପେଲା ହେବାର କୌଣସି ପ୍ରୟୋଜନ ନ ଥାଏ । କାରଣ ସେତେବେଳେ ସମସ୍ତେ ଏକ ଅଖଣ୍ଡ, ଅକ୍ଷୟ ଅବ୍ୟୟ ଗୁରୁଙ୍କର ସନ୍ତାନ । ସଂସାରରେ ସାନ ବଡ଼, ଉଚ୍ଚ ନୀଚ ସମସ୍ତେ ସେତେବେଳେ ପରସ୍ପରର ଗୁରୁ ଭାଇ ।

(ଫାଲଗୁନ୍ ୨୦, ୧୩୩୮)

ଭଗବାନ ହିଁ ତୁମର ଗୁରୁ

ଯେଉଁଠି ରୁଚି ହେବ ସେଠାରୁ ମନ୍ତ୍ର ନେଇପାର କିନ୍ତୁ ଏକମାତ୍ର ଭଗବାନଙ୍କୁ ଗୁରୁ ବୋଲି ଜାଣିବ । ଶିଷ୍ୟ ଗୁରୁର ବୀର୍ଯ୍ୟ ପାଏ । ଭଗବାନଙ୍କୁ ଗୁରୁ ବୋଲି ମାନିଲେ ତୁମେମାନେ ଭଗବାନଙ୍କର ବୀର୍ଯ୍ୟ ପାଇବ, ତେଜ ପାଇବ ଓ ମହିମା ପାଇବ । ଯେ ଯାହାକୁ ମାନେ ସେ ତାରି ପରି ହୋଇଯାଏ । ଭଗବାନଙ୍କୁ ମାନି ତୁମ୍ଭେମାନେ ଭଗବାନଙ୍କ ପରି ହୋଇଯାଅ । ମୁଁ ଯେ ତୁମ୍ଭମାନଙ୍କୁ ଉପଦେଶ ଦିଏ, ତା'ର କାରଣ, ମୁଁ ଚାହେଁ ତୁମ୍ଭମାନଙ୍କ ମଧ୍ୟରେ ଭଗବାନଙ୍କ ଶକ୍ତି ବିକଶିତ ହେଉ, ତୁମ୍ଭେମାନେ ଭଗବାନ ହୁଅ । ତୁମ୍ଭେମାନେ ଭଗବାନ ହେବ, ଏହି ଆଶାରେ ତ ମୁଁ ତୁମ୍ଭମାନଙ୍କୁ ପୂଜା କରେ । କହ-ଭଗବାନ ହିଁ ତୁମର ଗୁରୁ । ଧ୍ୟାନ କର - ଭଗବାନ ହିଁ ତୁମର ଗୁରୁ । ଅନୁଭବ କର - ଭଗବାନ ହିଁ ତୁମର ଗୁରୁ । ଭଗବାନଙ୍କୁ ଗୁରୁଙ୍କ ଆସନରେ ବସାଇ ଭଗବାନଙ୍କର ଯେ କୌଣସି ଭକ୍ତର ଉପଦେଶ ଅନୁଯାୟୀ ସାଧନ-ଭଜନ କର, ସେଥିରେ ମୁକ୍ତି ହେବ, ସେଥିରେ ଶାନ୍ତି ପାଇବ । ଭଗବାନଙ୍କୁ ଗୁରୁର ଆସନରେ ବସାଇ ତାପରେ ଯଦି ନିଜର ସାଧାରଣ ଜ୍ଞାନ ଉପରେ ପୂରାପୂରି ନିର୍ଭର କରି କାହାଠାରୁ ଦୀକ୍ଷା ନ ନେଇ ମଧ୍ୟ ନିଷ୍ଠା ସହକାରେ ସାଧନ-ଭଜନ କର, ସେଥିରେ ତୁମର

କଲ୍ୟାଣ ହିଁ ହେବ ଓ କାଳକ୍ରମେ ସେ ତୁମର ସାଧନ-ନିଷ୍ଠା ବର୍ଦ୍ଧନ ବା ସାଧନ-କୌଶଳ ଶିକ୍ଷଣ ଲାଗି ଉପଯୁକ୍ତ ଆନୁକୂଲ୍ୟ ସୃଷ୍ଟି କରି ହେବେ ।

(କାର୍ତ୍ତିକ ୨୧, ୧୩୩୮)

ଗୁରୁ ସର୍ବମୟ

କେବଳ ସାଧନ କରି ଯାଅ । ସାଧନ କରୁ କରୁ ଏକଦା ଉପଲବ୍ଧି କରି ପାରିବ ଯେ ଗୁରୁ ସର୍ବମୟ, ଗୁରୁ ଚିନ୍ମୟ, ମୃଣ୍ମୟ, ମନୋମୟ, ଗୁରୁ ଚିଦାତୀତ, ମୃଦାତୀତ, ମାନସାତୀତ । ଲଣ୍ଠନ ବି ଗୁରୁ, ତୈଳ ବି ଗୁରୁ, ଲଣ୍ଠନ ଫିତା ବି ଗୁରୁ, ମନୁଷ୍ୟ ବି ଗୁରୁ, ବ୍ରହ୍ମ ବି ଗୁରୁ, ଶିଷ୍ୟ ବି ଗୁରୁ ସାଧକ ବି ଗୁରୁ । ଗୁରୁଙ୍କର ସେହି ସର୍ବମୟ ସତ୍ତାକୁ ନିଜ ଉପଲବ୍ଧି ଦ୍ୱାରା ଜାଣି ସାରି ତାପରେ ତୁମେ ମନୁଷ୍ୟ ଗୁରୁଙ୍କୁ ସମଗ୍ର ମନପ୍ରାଣ ଦେଇ ପୂଜା, ସର୍ବସ୍ୱ ଦେଇ ଅର୍ଚ୍ଚନା କର, ସେଥିରେ କିଛି ଭୁଲ ହେବ ନାହିଁ ।

(ଭାଦ୍ର ୧୧, ୧୩୩୪)

ଭଗବାନଙ୍କ ନାମ ହିଁ ପ୍ରକୃତ ଗୁରୁ

କେଉଁଭଳି ଗୁରୁ ଖୋଜି ବୁଲୁଛ, ଯେ ତୁମର ଅନ୍ଧକାର ଦୂର କରିବେ, ସଂଶୟ ଛେଦନ କରିବେ, ଦୁର୍ବଳତା ଦୂର କରିବେ, ସିଂହ ବିକ୍ରମରେ ଲକ୍ଷ୍ୟ ପଥରେ ଚଳିବା ଲାଗି ପ୍ରେରଣା ଦେବେ, ତୁମର ସ୍ୱରୂପକୁ ଉପଲବ୍ଧିଗମ୍ୟ କରାଇବେ, ଜ୍ଞାନର ମୂର୍ତ୍ତିରେ ତୁମର ହୃଦୟଙ୍ଗମ ହେବେ, ପ୍ରେମର ମୂର୍ତ୍ତିରେ ତୁମ ଅନ୍ତରାତ୍ମାକୁ ଉଦ୍ଭାସିତ କରିବେ, ଆନନ୍ଦର ମୂର୍ତ୍ତିରେ ତୁମ ମଧ୍ୟରେ ନିତ୍ୟ-

ପ୍ରତିଷ୍ଠିତ ହେବେ ? ତାହାହେଲେ ଜାଣି ରଖ, ଭଗବାନଙ୍କ ନାମ ହିଁ ତୁମର ସେହି ଗୁରୁ, ଯାହାଙ୍କ ଶରଣାପନ୍ନ ହେଲେ ଦୁଃଖଦୁର୍ଗତି ଭୁଲିଯାଇ ହୁଏ, ନିତ୍ୟ ସୁଖ ଉଦୟ ହୁଏ, ପ୍ରେମର ପ୍ରବାହ ବହିବାକୁ ଲାଗେ, ଜ୍ଞାନ ରବି ଉଦିତ ହୁଏ, ଆନନ୍ଦର ପାରିଜାତ ପୁଷ୍ପ ପ୍ରସ୍ଫୁଟିତ ହୁଏ । ନାମ ହିଁ ତୁମର ଗୁରୁ, ଆଉ କାହାକୁ ଗୁରୁ ମାନିବାର ପ୍ରୟୋଜନ ନାହିଁ ।

(ଆଶ୍ୱିନ ୧, ୧୩୩୮)

ବ୍ରହ୍ମ ହିଁ ତୁମର ଗୁରୁ

ତୁମ ଅବସ୍ଥାଟା ମୁଁ ଠିକ୍ ବୁଝି ପାରୁଛି । ସଦ୍‌ଗୁରୁ ସଙ୍ଗ କଲେ ଚିତ୍ତରେ ଯେଉଁ ଉତ୍ସାହ, ଉଦ୍ଦୀପନା ଓ ଆବେଗର ସଞ୍ଚାର ହୁଏ, ତାହା କିଛି ଦିନ ପାଇଁ ତୁମକୁ ସାଧନରେ ପ୍ରବଳ ନିଷ୍ଠାପରାୟଣ ରଖେ । କିନ୍ତୁ ବାବା, ସଦ୍‌ଗୁରୁ ତ ଏକ ମାନବ-ଶରୀର ମାତ୍ର ନୁହଁନ୍ତି ସେହି ଶରୀର ପାଖରୁ ଦୂରେଇ ଗଲା ମାତ୍ରେ ତୁମେ ସମସ୍ତ ଉତ୍ସାହ-ଉଦ୍ଦୀପନାର କେନ୍ଦ୍ର ଶ୍ରୀ ଶ୍ରୀ ସଦ୍‌ଗୁରୁଙ୍କ ଠାରୁ ବିଚ୍ଛିନ୍ନ ହୋଇଯିବ । ସେ ଅସୀମ କୃପା ପରବଶ ହୋଇ ଯେଉଁ ନାମ ଦେଇଛନ୍ତି, ସେହି ନାମ ମଧ୍ୟରେ ସେ ତାଙ୍କର ଅନନ୍ତ ଅକ୍ଷୟ ବ୍ରହ୍ମାଣ୍ଡବ୍ୟାପୀ ମହାବପୁ ଧରି ବିରାଜମାନ କରୁଛନ୍ତି । ଯେଉଁ ନିଃଶ୍ୱାସ ପ୍ରଶ୍ୱାସରେ ସେ ତୁମର ପରମାତ୍ମାଙ୍କର ପରମାନନ୍ଦଘନ ମହାନାମ ସ୍ମରଣ କରିବାକୁ ଉପଦେଶ ଦେଇଛନ୍ତି ସେହି ନିଃଶ୍ୱାସ ପ୍ରଶ୍ୱାସ ସହିତ ସେ ତୁମକୁ ତାଙ୍କର ସେହି ଦେବଜନ ବାଞ୍ଛିତ ସୁଖମୟ ସତ୍‌ସଙ୍ଗ ନିରନ୍ତର ପ୍ରଦାନ କରୁଛନ୍ତି । ନିରନ୍ତର ଭାବିବାକୁ ଲାଗ, ସଦ୍‌ଗୁରୁ ନିୟତ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି ଓ ତୁମର ଦେହରେ, ମନରେ ଓ ପ୍ରାଣରେ ସର୍ବତ୍ର ସେ ଅତି ପ୍ରଚ୍ଛନ୍ନ ଭାବରେ ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ସତ୍ତାରେ

ବିରାଜମାନ କରୁଛନ୍ତି । ନିରନ୍ତର ଧ୍ୟାନ କର, ତାଙ୍କୁ ଛାଡ଼ି କୁଆଡ଼େ ଯାଇ ହୁଏ ନାହିଁ, ସେ କଦାପି ଆଶ୍ରିତ ସେବକକୁ ନିମିଷକ ପାଇଁ ବି ପରିତ୍ୟାଗ କରନ୍ତି ନାହିଁ । ନିଦ୍ରା, ଜାଗରଣ, ଦିବସ, ରଜନୀ, ଦୁଃଖ, ସୁଖ, ଲୋକାଳୟ ବା ନିର୍ଜନ ସର୍ବତ୍ର ଓ ସର୍ବାବସ୍ଥାରେ ସେ ତାଙ୍କର ଅପରିମେୟ କୃପା ଯୋଗୁଁ ଜୀବ ସଙ୍ଗେ ସଙ୍ଗେ ଛାଇ ପରି ଉପସ୍ଥିତ ରହନ୍ତି । ଆଉ କାହା ପକ୍ଷରେ ହେଉ ବା ନ ହେଉ, ତୁମ ପକ୍ଷରେ ସାଧନରେ ଉଦ୍ଦୀପନାକୁ ଚିରସ୍ଥାୟୀ କରିବା ପାଇଁ ଏକ ମନରେ ଓ ଏକ ପ୍ରାଣରେ ଏହିପରି ଭାବରେ ଧ୍ୟାନ ଓ ଅନୁଚିନ୍ତନ ଆବଶ୍ୟକ ବୋଲି ଜାଣିବ ।

ଗୋଟିଏ ମନୁଷ୍ୟ ଦେହକୁ ଗୁରୁ ବୋଲି ଭାବିବା ଭ୍ରମ । ଯେଉଁ ଅବିନଶ୍ୱର ଆତ୍ମା ଦେହ ଧାରଣ କରି ବା ନ କରି ତୁମକୁ ମୃତ୍ୟୁଭୟର ଅତୀତ କରନ୍ତି, ଅଭୟ ଦାନ କରନ୍ତି, ଶୁଭେଚ୍ଛା ବଳରେ ପାପ ପଙ୍କ ନିମଜ୍ଜିତ ଚିତ୍ତକୁ ପୁଣ୍ୟତୀର୍ଥରେ ଅବଗାହନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତି, ସେହି ଅଦ୍ୱୟ, ଅବ୍ୟୟ, ଚିନ୍ମୟ ପରମାତ୍ମା ହିଁ ତୁମର ଗୁରୁ । ତାଙ୍କର ଚିରସୁଖଦ ସାନ୍ନିଧ୍ୟକୁ ଧ୍ୟାନ ଓ କଳ୍ପନା ବଳରେ ସର୍ବତୋଭାବେ ଅନୁଭବ କରିବାକୁ ପ୍ରୟାସୀ ହୁଅ, ଚେଷ୍ଟିତ ହୁଅ । ସଫଳତା ଅର୍ଜନ ନିଶ୍ଚୟ ହେବ - ଆଜି ଯାହା କଳ୍ପନା, କାଲି ତାହା ପ୍ରତ୍ୟକ୍ଷ ସତ୍ୟରେ ପରିଣତ ହେବ । ଲୋଡ଼ା କେବଳ ଅବିଶ୍ରାନ୍ତ ଧ୍ୟାନ ।

(ଆଷାଢ଼ ୫, ୧୩୩୯)

ସର୍ବଭୂତରେ ଗୁରୁ ଦର୍ଶନ

ଜଗତର ସମସ୍ତଙ୍କୁ ତୁମର ଗୁରୁ କର, ଅର୍ଥାତ୍ ସର୍ବଭୂତରେ ଶ୍ରୀଗୁରୁଙ୍କୁ ଦର୍ଶନ କର । ସମସ୍ତଙ୍କ ପ୍ରତି ଏପରି ଆଚରଣ କର ଯେପରି ପ୍ରତ୍ୟେକେ ତୁମ ସମକ୍ଷରେ କିଛି ନା କିଛି ଶିକ୍ଷଣୀୟ ତତ୍ତ୍ୱର ଆବରଣ ଉନ୍ମୋଚନ କରନ୍ତି ।

କାହାର ବାକ୍ୟରେ, କାହାର ବ୍ୟବହାରରେ ତୁମର ଶ୍ରବଣ ମନନ ଭଗବଦ୍ ପ୍ରେମ ରସରେ ଉଦ୍ଭାସିତ ହେଉ । ସମସ୍ତଙ୍କ ଠାରୁ ଆମର କିଛି ନା କିଛି ଶିଖିବାର ଅଛି, କାରଣ ସମସ୍ତଙ୍କ ଭିତରେ ନିତ୍ୟଗୁରୁ ଅବସ୍ଥାନ କରନ୍ତି । କିନ୍ତୁ ଆମେ ଯେ କାହାରି ପାଖରୁ କିଛି ହେଲେ ଶିଖି ପାରୁନା ବା ଶିଖିବା ଭଳି କିଛି ଅଛି ବୋଲି ବୁଝି ପାରୁନା, ତାର କାରଣ ହେଉଛି ଆମେ କାହାରି ଭିତରେ ନିତ୍ୟଗୁରୁଙ୍କ ଅବସ୍ଥିତି ଲକ୍ଷ୍ୟ କରିବା ପାଇଁ ଦୃଷ୍ଟିଚାଳନା କରୁନା । ବିନୀତ ଭାବରେ ପ୍ରେମମୟ ଦୃଷ୍ଟିରେ ଆମ୍ଭେମାନେ କାହାରିକୁ ଚାହୁଁନା, ଉଦ୍ଧତ ଅହମିକାର ବଶବର୍ତ୍ତୀ ହୋଇ ଚାହୁଁ । ନିଜେ କେଡ଼େ ମହତ୍ ନିଜେ କେଡ଼େ ଶ୍ରେଷ୍ଠ ଏହି ଅହଙ୍କାର ଓ ଦାମ୍ଭିକତା ମନରେ ରଖି ଆମେ ସମସ୍ତଙ୍କୁ ଚାହୁଁ । ଚିତ୍ତ ବିନୀତ ହେଲେ ଭଗବାନ ପ୍ରତ୍ୟେକ ଆଧାର ମାଧ୍ୟମରେ ନିଜର ଜ୍ଞାନଦାତା ମଙ୍ଗଳମୟ ରୂପ ଧରି ଆତ୍ମପ୍ରକାଶ କରନ୍ତି ।

(ଆଷାଢ଼ ୭, ୧୩୩୬)

ଗୁରୁଙ୍କ ଠାରେ ବିଶ୍ୱାସ ଓ ଉଲ୍ଲାସ

ତୁମେ ଯେତେବେଳେ ମୋତେ ଗୁରୁ ବୋଲି ଜାଣିଛ ସେତେବେଳେ ଏ କଥା ମଧ୍ୟ ତୁମର ଜାଣିବା ଆବଶ୍ୟକ ଯେ, ତୁମ ହାତ ଛୁଆଁ କାଗଜ ଖଣ୍ଡକ ଦୁଇଟି ମାତ୍ର ଅକ୍ଷର ବହନ କରି ଗଲେ ବି ତହିଁରୁ ମୁଁ ତୁମର ପ୍ରୟୋଜନ ଅପ୍ରୟୋଜନ ସବୁ କଥା ବୁଝିପାରେ । ଭକ୍ତ ଯେତେବେଳେ ଦେବତା ଚରଣରେ ତୁଳସୀ, ବେଲପତ୍ର ଅର୍ପଣ କରେ, ସେତେବେଳେ ସେହି ତୁଳସୀପତ୍ରରେ ବା ବେଲପତ୍ରରେ ସେ ନିଜ ଅନ୍ତରର ଆକିଞ୍ଚନ ଲେଖି ନ ଥାଏ । କିନ୍ତୁ ତା ପ୍ରାଣର ସବୁ ଆବେଦନ ବହନ କରି ସେହି ଗୋଟିଏ ଦୁଇଟି ଗଛର ପତ୍ର

ଭଗବାନଙ୍କ ପାଖରେ ପହଞ୍ଚିଯାଏ । ଗୁରୁଙ୍କ ପାଖକୁ ପତ୍ର ଦେଲେ ଶିଷ୍ୟର ସେହିଭଳି ବିଶ୍ୱାସ ଥିବା ଦରକାର । ତା'ହେଲେ ଉଚ୍ଛ୍ୱାସ କମିଯିବ ।

ଉଚ୍ଛ୍ୱାସର ଦୋଷ

ଉଚ୍ଛ୍ୱାସର ଦୋଷ ଅନେକ । ଯେଉଁ ଭାବ ତୁମ ମନରେ ଯେତିକି ପ୍ରକଟିତ, ତା'ଠାରୁ ବେଶି କରି ତାକୁ ଦେଖାଇବା ହେଉଛି, ଉଚ୍ଛ୍ୱାସର ସ୍ୱଭାବଧର୍ମ । ମିଶ୍ରି ମିଠା ଲାଗେ, ଏତିକି କହିଲେ ମିଶ୍ରି ସମ୍ବନ୍ଧରେ ସବୁକଥା ଏକରକମ କୁହା ହେଲା । କିନ୍ତୁ ତୁମେ ଯଦି କହିବାକୁ ଲାଗ, ଏ ମିଶ୍ରି କି ଆଶ୍ଚର୍ଯ୍ୟ ମିଠା, କି ସାଂଘାତିକ ମିଠା, କି ମାରାତ୍ମକ ମିଠା, କି ଭୟଙ୍କର ମିଠା, ତାହାଲେ ପ୍ରକୃତରେ କେତେଗୁଡ଼ିଏ ଶବ୍ଦର ଅତି ମାରାତ୍ମକ ଅପପ୍ରୟୋଗ ହେଲା ବୋଲି କୁହାଯିବ । କେତୋଟି ପରିଚ୍ଛନ ଶବ୍ଦଦ୍ୱାରା ମନର ଭାବକୁ ପ୍ରକାଶ କଲେ କପଟତାର ଆଶ୍ରୟ ନେବା ଆବଶ୍ୟକ ହୁଏ ନାହିଁ କିନ୍ତୁ ନିଜର ମନୋଭାବକୁ ସାହିତ୍ୟିକ ଛଟା ଦେବାପାଇଁ ଯଦି ଦୁନିଆର ସବୁ ଉପମା, ଉପମେୟ ଓ ତୁଳନାର ଅବତାରଣା କରି ଓ ନାନାବିଧ ଅଳଙ୍କାରରେ ତାକୁ ଅଯଥା ଭାରାକ୍ରାନ୍ତ କରି ତୁମେ କିଛି କହିବାକୁ ବା ଲେଖିବାକୁ ଯାଅ, ସେତେବେଳେ ତୁମ ମନର ଅସଲ ଭାବଟି ଶବ୍ଦ ଓ ଅଳଙ୍କାରର ବସ୍ତା ତଳେ ଚିପି ହୋଇ ମରି ପଚିବାକୁ ଆରମ୍ଭ କରେ । "ଭଗବାନ, ମୁଁ ତୁମକୁ ଭଲ ପାଏ" ବୋଲି କହିଲେ ଭଗବାନଙ୍କ ସଙ୍ଗେ ତୁମର ଚରମ ମଧୁର ସମ୍ପର୍କ ସ୍ଥାପିତ ହୋଇଗଲା । କିନ୍ତୁ ତା'ନ କରି ତମେ ଯଦି କହ, "ହେ ଭଗବାନ, ମୁଁ ତୁମକୁ ଖରାଦିନରେ ଦହି ପଖାଳ ଓ ଆମ୍ବ ଚଟଣି ଠାରୁ ବେଶି ଭଲ ପାଏ, ଶୀତଦିନରେ ରେଜେଇଠାରୁ ବେଶି ଭଲ ପାଏ, ଭୋକ ବେଳେ ଇଲିଶି ମାଛ

ଭଲାଠାରୁ ବେଶି ଭଲ ପାଏ, ତାହାହେଲେ ତୁମ ଭଲ ପାଇବା କବରସ୍ଥ ହେବ ଓ ସେ କବର ତଳୁ ଖାଲି ମଡ଼ାର ପଚା ଗନ୍ଧ ହିଁ ବାହାରିବ । ଭଗବାନ ମହାକବି, ସେ କବିତା ଭାରି ଭଲ ପାଆନ୍ତି, କିନ୍ତୁ ସେ କବିତା ସ୍ୱତଃନିଃସରିତ ହେବା ଚାହି, କଷ୍ଟ -କଳ୍ପନାପ୍ରସୂତ ନୁହେଁ ।

(ବୈଶାଖ ୧୮, ୧୩୩୪)

ଚୌରାଅଶି ଲକ୍ଷ ଯୋନି ପରିଭ୍ରମଣ

ଶାସ୍ତ୍ର ବାକ୍ୟ ମାନି ନେବାକୁ ହେଲେ ଏ କଥା ସ୍ୱୀକାର କରିବାକୁ ହୁଏ ଯେ ଚୌରାଅଶି ଲକ୍ଷ ଯୋନି ପରିଭ୍ରମଣ କଲାପରେ ଯାଇ ତୁମେ ଦୁର୍ଲଭ ମନୁଷ୍ୟ-ଜନ୍ମ ପାଇଅଛ । ଏ କଥାର ପ୍ରକୃତ ମାନେ କ'ଣ ? ଅନେକ ରକମର ବିବର୍ତ୍ତନ ମଧ୍ୟ ଦେଇ ତୁମେ ମନୁଷ୍ୟ ଦେହକୁ ଉନ୍ନିତ ହୋଇଅଛ, ଏତିକି କେବଳ ସେ କଥାର ଅର୍ଥ ନୁହେଁ । ଯେଉଁ ଯୋନି ଭିତର ଦେଇ ତୁମେ ପ୍ରସୂତ ହୋଇଅଛ ସେହି ଯୋନି ତୁମର ମାତୃପୀଠ, ତୁମର ତୀର୍ଥସ୍ଥାନ, ତୁମର ପୂଣ୍ୟପୀଠ ଓ ତୁମର ସର୍ବବିଧ ପୂଜାର ଶ୍ରେଷ୍ଠ ସ୍ଥାନ । ସେ ଯୋନି ତୁମ ପକ୍ଷରେ ସମ୍ପୂର୍ଣ୍ଣ ଅଲଂଘନୀୟ । ଚୌରାଅଶି ଲକ୍ଷ ଯୋନି ପରିଭ୍ରମଣ କରି ଆସିଛ, ଏ କଥାର ମାନେ ହେଲା ଯେହେତୁ ତୁମେ ଚୌରାଅଶି ଲକ୍ଷ ଯୋନି ପରିଭ୍ରମଣ ପୂର୍ବକ ମାନବତନୁ ଧାରଣ କରିଅଛ ସେହି ହେତୁ ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଇତ୍ୟାଦି ସମଗ୍ର ସ୍ତ୍ରୀଜାତି ତୁମର ଜନନୀ । ଏ ଯେଉଁ ଚୌରାଅଶି ଲକ୍ଷ ଯୋନି ତୁମେ ପରିଭ୍ରମଣ କଲ, ପ୍ରତ୍ୟେକ ଜନ୍ମରେ କ'ଣ ତୁମର ଜଣେ ଲେଖାଏଁ ଗୁରୁ ଥିଲେ ? ମନୁଷ୍ୟ ଦେହ ପରିଗ୍ରହଣ କଲା ପରେ କେତେ ଥର ମନୁଷ୍ୟ ହୋଇ ଜନ୍ମିଛ, ସେସବୁ ଭିନ୍ନ ଜନ୍ମରେ କିଏ ତୁମର ଗୁରୁ ଥିଲେ କହି

ପାରିବ ? ଗୁରୁଙ୍କ ସହିତ ଶିଷ୍ୟର ସମ୍ପର୍କ ଏପରି ଅନିର୍ବଚନୀୟ ଯେ ଭକ୍ତମାନଙ୍କ ମୁଖରେ ତାହା ନାନା ଭାଷାରେ, ନାନା ଭଙ୍ଗୀରେ, ନାନା ଶବ୍ଦାଳଙ୍କାରରେ, ନାନା ପ୍ରକାର ବାଗ୍‌ବାହୁଲ୍ୟରେ ବର୍ଣ୍ଣିତ ହୋଇଅଛି । ଗୁରୁ-ଶିଷ୍ୟଙ୍କର ଜନ୍ମ ଜନ୍ମାନ୍ତରର ସଂପର୍କ କଥାଟି ମଧ୍ୟ ସେହି ରହସ୍ୟମୟ ଭାଷାର ଅଭିବ୍ୟକ୍ତି । ଏ କଥାଟିକୁ ଆକ୍ଷରିକ ଅର୍ଥରେ ଗ୍ରହଣ କରିବାର କୌଣସି ପ୍ରୟୋଜନ ମୁଁ ଦେଖୁ ନାହିଁ । ଗୁରୁଙ୍କ ପ୍ରତି ଏକାନ୍ତ ଆନୁଗତ୍ୟ ଓ ଗୁରୁଦତ୍ତ ସାଧନର ଅମୃତମୟ ରସର ଆସ୍ୱାଦନ ମିଳିଗଲେ ଏଭଳି ଏକ ଦିବ୍ୟ ଅନୁଭୂତି ଶିଷ୍ୟର ଅନ୍ତରରେ ସ୍ୱତଃ ଆସେ । ତାହା ଅନୁଭୂତି-ରାଜ୍ୟର ବ୍ୟାପାର, ଜ୍ୟାମିତିକ ବା ଗାଣିତିକ ନିକିତିରେ ତାକୁ ତଉଲ କରିବା ସମ୍ଭବ ନୁହେଁ, ସଙ୍ଗତ ବି ନୁହେଁ । ଗୁରୁବାଦର ସମର୍ଥକ ଆଚାର୍ଯ୍ୟମାନଙ୍କ ହାତରେ ଏହା ଏକ ଚମତ୍କାର ଟୋପା କିନ୍ତୁ ସ୍ୱାଧୀନଚେତ୍ତା ଗୁରୁଦେବମାନେ ମନେ କରନ୍ତି ଯେ ଶିଷ୍ୟର ଅନ୍ତରରେ ଯେଉଁ ଅନୁଭୂତି ତା ନିଜ ସାଧନ ଫଳରେ ଜନ୍ମିନାହିଁ, ଯୋର କରି ତାକୁ ତା ମନ-ମୃତ୍ତିକାରେ ବସାଇ ଦେବାକୁ ଚେଷ୍ଟା କରିବା ଗୋଟିଏ ଲୁଆଚୋରି ମାତ୍ର । ତୁମ ଅନ୍ତରରେ କି ପ୍ରକାର ଅନୁଭୂତି ଜାଗିଛି ତା ପ୍ରତି ଲକ୍ଷ୍ୟ ରଖି ବାଟ ଚାଲ, କଥା କହ କାମ କର, ଅତିରଞ୍ଜନ କରି ସାମାଜିକ କୌଳିନ୍ୟ ଅର୍ଜନ କରିବାକୁ ଚେଷ୍ଟା କର ନାହିଁ । ମୁଁ କେବଳ ଗୁରୁଭକ୍ତ ଶିଷ୍ୟରେ ତୁଷ୍ଟ ନୁହେଁ, ମୁଁ ସତ୍ୟବାଦୀ ଶିଷ୍ୟ ଚାହେଁ ।

(ଜ୍ୟୈଷ୍ଠ ୨, ୧୩୪୩)

ଗୁରୁ-ଋଣ ପରିଶୋଧ

ମାତୃଋଣ, ପିତୃଋଣ ଓ ଗୁରୁଋଣ କେହି ପରିଶୋଧ କରିପାରନ୍ତି ନାହିଁ, ଏ କଥା ସତ୍ୟ । ତା ବୋଲି କ'ଣ କୃତଜ୍ଞତା ଦେଖାଇବା ନାହିଁ ? ଏହି କୃତଜ୍ଞତା

ଦେଖାଇବା ସକାଶେ ପିତାମାତାଙ୍କର ବାର୍ଦ୍ଧକ୍ୟରେ ଯତୋପରୋନାସ୍ତି ଚେଷ୍ଟା ଓ ଯତ୍ନ ସହକାରେ ସେମାନଙ୍କୁ ପ୍ରତିପାଳନ କରିବାକୁ ହୁଏ ଓ ମୃତ୍ୟୁ ପରେ ପିଣ୍ଡୋଦକାଦି ଦେଇ ସେମାନଙ୍କର ତୁଷ୍ଟି କାମନା କରିବାକୁ ହୁଏ । ଗୁରୁଦକ୍ଷିଣା-ଦାନ ଚେଷ୍ଟା ହିଁ ଏହି କୃତଜ୍ଞତର ରୂପାନ୍ତର ।

ଜଣେ ଜଣେ ଗୁରୁ ଗୋଟିଏ ଗୋଟିଏ ପ୍ରକାରର ଦକ୍ଷିଣା ପାଇଲେ ଖୁସି ହୁଅନ୍ତି ବା ଶିଷ୍ୟକୁ କୃତଜ୍ଞ ବୋଲି ମନେ କରନ୍ତି । କିଏ ରତ୍ନ ପାଇଲେ ଖୁସି ହୁଅନ୍ତି କିଏ କାଞ୍ଚନ ପାଇଲେ ଖୁସି ହୁଅନ୍ତି, କାହାର ଦକ୍ଷିଣା ଭୂମି, କାହାର ବସ୍ତ୍ର, କାହାର ଧାନ୍ୟ, କାହାର ଗବାଦି ପଶୁ । କିନ୍ତୁ ମୁଁ ତୁମ୍ଭମାନଙ୍କଠାରୁ ଏ ସବୁ କିଛି ଚାହେଁନା । ମୁଁ ଚାହେଁ ଶିଷ୍ୟର ଯେତିକି ଶକ୍ତି ଅଛି, ସେ ସବୁତକ ଶକ୍ତି ଲଗାଇ ଜଗତର ଅସ୍ଥିମଜ୍ଜା କ୍ଷୟକାରୀ ଅ-ବ୍ରହ୍ମଚର୍ଯ୍ୟ ବିରୁଦ୍ଧରେ ସଂଗ୍ରାମ ପରିଚାଳନା କରୁ ।

(.......... ୧୩୩୬ ସାଲ)

ଗୁରୁ ବାକ୍ୟ ହିଁ ଏକମାତ୍ର ସତ୍ୟ

ପ୍ରଶ୍ନ - ଗୁରୁର୍ବଚଃ ସତ୍ୟମସତ୍ୟମନ୍ୟତ୍, କଥାଟାର ମାନେ କ'ଣ ?

ଉତ୍ତର - ଗୁରୁ ବାକ୍ୟ ବ୍ୟତୀତ ଅନ୍ୟର ବାକ୍ୟରେ ସତ୍ୟ ଅଛି ବୋଲି ଭାବିଲେ ସାଧକର ସାଧନ - ନିଷ୍ଠା ହାନି ହୁଏ । ତେଣୁ ତାକୁ କଡ଼ା ଉପଦେଶ ଦିଆଯାଇଛି - ''ଏକମାତ୍ର ଗୁରୁ ବାକ୍ୟକୁ ସତ୍ୟ ଜାଣି ଆଉ ସବୁ ବାକ୍ୟ ବା ଉପଦେଶ ପ୍ରତି ଆସ୍ଥାହୀନ ହୋଇ ପ୍ରଦର୍ଶିତ ମାର୍ଗରେ ସିଂହବିକ୍ରମରେ ଆଗେଇ ଯାଅ ।'' କିନ୍ତୁ ପ୍ରକୃତ କଥା କହିବାକୁ ଗଲେ, ଗୁରୁବାକ୍ୟ ଅର୍ଥାତ୍ ଗୁରୁଦତ୍ତ

ସାଧନ ହେଉଛି ମୂଳ ସତ୍ୟ ଓ ଜଗତରେ ଆଉ ସବୁ ଶାସ୍ତ୍ର, ହିତୋପଦେଶ ହେଉଛି ସେହି ମୂଳ ସତ୍ୟର ଅନୁପୂରକ । ଉପଦେଷ୍ଟା ଯେତେ ଉଚ୍ଚ କୋଟୀର ହୁଅନ୍ତୁ ଓ ଶ୍ରୋତା ଯେତେ ଉଚ୍ଚାଧିକାରୀ ହୁଅନ୍ତୁ ପଛକେ, କେବଳ ଗୋଟିଏ ବାକ୍ୟ ବା ଗୋଟିଏ ସାଧନ ଭିତରେ ପୂର୍ଣ୍ଣ ସତ୍ୟ କଦାପି ଆବଦ୍ଧ ରହି ନ ପାରେ । କିନ୍ତୁ ଗୋଟିଏ ମାତ୍ର ବାକ୍ୟ ବା ଗୋଟିଏ ମାତ୍ର ସାଧନକୁ ଅବଲମ୍ବନ କରି ଅବିରାମ ଅବିଶ୍ରାମ ସେଥିରେ ଲାଗି ପଡ଼ିଲେ ଅନ୍ତରର ଅନୁଭୂତି ମଧ୍ୟ ଦେଇ ଜୀବ ପୂର୍ଣ୍ଣ ସତ୍ୟର ସାକ୍ଷାତକାର ପାଏ । ସେତିକି ବେଳେ ସେ ବୁଝି ପାରେ ଯେ ଜଗତରେ ଯେତେ ମତ ଓ ଯେତେ ପଥ ଅଛି, ସେ ସବୁ ଗୁରୁ ବାକ୍ୟର ଅନୁପୂରକ ବା ପାର୍ଶ୍ୱଚିତ୍ର ମାତ୍ର । ପୂର୍ଣ୍ଣ ସତ୍ୟର ସାକ୍ଷାତକାରର ପୂର୍ବରୁ ଏକଥା ସେ ବୁଝିପାରେ ନାହିଁ । ଯେ ପର୍ଯ୍ୟନ୍ତ ଅନୁଭୂତିର ପ୍ରତ୍ୟକ୍ଷ ଆସ୍ୱାଦନ ନ ମିଳିଛି ସେ ପର୍ଯ୍ୟନ୍ତ ଖାଲି ଯୁକ୍ତି ଦ୍ୱାରା ଏକଥା ବୁଝାଇ ହୁଏ ନାହିଁ । ଏ କ୍ଷେତ୍ରରେ ଯୁକ୍ତିକୁ ଆଶ୍ରୟ କଲେ ଗୁଡ଼ାଏ ଯୁକ୍ତି ମସ୍ତିଷ୍କ ଭିତରେ ପଶି ଖାଲି ସାଲୁବାଲୁ ହେବା ସାର ହୁଏ, କିନ୍ତୁ ସେଗୁଡ଼ିକ ମଧ୍ୟରେ କାହା ସହିତ କାହାର ସାମଞ୍ଜସ୍ୟ କ'ଣ ତାହା ଧରାପଡ଼େ ନାହିଁ । ତେଣୁ ଗୁରୁଦତ୍ତ ସାଧନକୁ ଧରି ଏକନିଷ୍ଠ ପ୍ରଯତ୍ନଶୀଳ ହୋଇ, ଅବିଶ୍ରାନ୍ତ ସାଧନ କରି ସତ୍ୟକୁ ନିଜ ଆଖିରେ ଦେଖିବା ପାଇଁ, ନିଜ କାନରେ ଶୁଣିବା ପାଇଁ, ନିଜ ଜିଭରେ ଚାଖିବା ପାଇଁ ଓ ନିଜ ଅନ୍ତରରେ ଉପଲବ୍ଧି କରିବା ପାଇଁ ଆଉ ସବୁଆଡ଼େ ଅଭିନିବେଶକୁ ଫେରାଇ ଆଣି ସମଗ୍ର ଅଭିନିବେଶ ଗୋଟିଏ ଜାଗାରେ ଠୁଳ କରିବା ଲାଗି କୁହାଯାଇଛି, ଗୁରୁବାକ୍ୟ ହିଁ ଏକମାତ୍ର ସତ୍ୟ, ଆଉ ସବୁ ଅସତ୍ୟ ।

(.......ଜ୍ୟେଷ୍ଠ ୯, ୧୩୪୧)

ମୋ ଗୁରୁ ହିଁ ଶ୍ରେଷ୍ଠଗୁରୁ

ମୋ ଗୁରୁ ହିଁ ଶ୍ରେଷ୍ଠ ଗୁରୁ, ଏ ବୋଧ ଯଦି ଶିଷ୍ୟର ନ ଥାଏ ତେବେ ସେ ଶିଷ୍ୟ ଗୁରୁବାକ୍ୟ ପାଳନରେ ପୂର୍ଣ୍ଣତଃ ନିଷ୍ଠାଶୀଳ ହୁଏ ନାହିଁ । ମୋ ଗୁରୁବାକ୍ୟ ହିଁ ସତ୍ୟତମ ହିତବାକ୍ୟ - ଏ ବିଶ୍ୱାସ ଯଦି ଶିଷ୍ୟର ନ ଥାଏ ତାହାହେଲେ ସେ ଶିଷ୍ୟ ଅଟଳ ବିଶ୍ୱାସରେ ଗୁରୁପଦେଶସମୂହ ପାଳନ କରି ପାରେ ନାହିଁ । ସେଇଥିପାଇଁ ଶିଷ୍ୟକାମ୍ୟ ଆଚାର୍ଯ୍ୟମାନେ ନିଜ ନିଜ ବାକ୍ୟ ପ୍ରତି ଶିଷ୍ୟର ଶ୍ରଦ୍ଧା-ସଞ୍ଜନନ ଲାଗି ନାନା ପ୍ରକାରର ଉପଦେଶ ଦେଇଥାନ୍ତି । ବହୁ ଶିଷ୍ୟ ମଧ୍ୟ ପ୍ରତ୍ୟକ୍ଷ ଦେଖିଛନ୍ତି ଯେ, ଗୁରୁବାକ୍ୟ ଯେ ଅଭ୍ରାନ୍ତ ଓ ଚୂଡ଼ାନ୍ତ ସତ୍ୟ, ଏ ଧାରଣାରେ ଦୃଢ଼ ରହି କୌଣସି କାର୍ଯ୍ୟ ଆରମ୍ଭ କଲେ ସେ କାର୍ଯ୍ୟ ଦ୍ରୁତ ଅଗ୍ରସର ହୁଏ ଓ କାର୍ଯ୍ୟରେ ଆନନ୍ଦ ମିଳେ । ଫଳତଃ ବହୁ ଶିଷ୍ୟଙ୍କ ଭିତରେ ନିଜ ନିଜ ଗୁରୁଦେବଙ୍କୁ ଶ୍ରେଷ୍ଠ ବୋଲି ପ୍ରଚାର କରିବା ପ୍ରବୃତ୍ତି ଆସିବା ସ୍ୱାଭାବିକ । ଏହି କାରଣରୁ କେହି ଯଦି କେଉଁଠି ନିଜ ଗୁରୁ ସର୍ବଶ୍ରେଷ୍ଠ ମହିମା-ମଣ୍ଡିତ ବୋଲି ପ୍ରଚାର କରେ ତେବେ ତାର ଯଥାର୍ଥ୍ୟ ନେଇ ଆଉ କାହାର ତର୍କ କରିବାର କୌଣସି ପ୍ରୟୋଜନ ନାହିଁ । କିନ୍ତୁ କେହି ଯଦି ଅନ୍ୟର ଗୁରୁଦେବଙ୍କୁ ହେୟ ପ୍ରତିପନ୍ନ କରିବା ଉଦ୍ଦେଶ୍ୟରେ ନିଜ ଗୁରୁଙ୍କ ସଂପର୍କରେ ଅତିଶୟୋକ୍ତି କରେ ତେବେ ଭିନ୍ନ ଗୁରୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ତଥ୍ୟଗତ ପ୍ରମାଣ ଦାବୀ କରି ଗଣ୍ଡଗୋଳ ସୃଷ୍ଟି କରି ପାରନ୍ତି ଏବଂ ତଦ୍ୱାରା ସ୍ୱଚ୍ଛ ସୁନ୍ଦର ଧର୍ମଚିନ୍ତା -ରାଜ୍ୟରେ ଶୁଭ୍ରତା ସୃଷ୍ଟି ନ ହୋଇ କୁହେଳିକା ତୁଲ୍ୟ ଧୂମଜାତ ସୃଷ୍ଟି ହୋଇପାରେ । ଏଣୁ ଏ ସବୁ ସ୍ଥଳେ ଏଭଳି ବିତର୍କରୁ ଦୂରେଇ ରହିବା ଭଲ । ସ୍ୱର୍ଗଗମନ ପରେ ଯଯାତିଙ୍କୁ ଇନ୍ଦ୍ର ପଚାରିଥିଲେ- ହେ ରାଜର୍ଷି, ଆପଣ ତ ବହୁ ତପସ୍ୟା କରି ତା ପରେ ସ୍ୱର୍ଗଧାମ ଆସିଛନ୍ତି । ଆପଣଙ୍କ ଭଳି ତପସ୍ୟା

ତ୍ରିଭୁବନରେ ଆଉ କେହି କଣ କେବେ କରିଛନ୍ତି ? ରାଜର୍ଷି ଯଯାତି ଅମ୍ଳାନ ବଦନରେ ଉତ୍ତର ଦେଲେ- ହେ ଦେବରାଜ, ମୁଁ ଭୋଗସୁଖରେ ପ୍ରମତ୍ତ ହୋଇ ସହସ୍ର ବର୍ଷ ଅତିକ୍ରମ କରି ମଧ୍ୟ ପ୍ରକୃତ ସୁଖ ନ ପାଇବାରୁ ପୁଅ ପାଖରୁ ବାର୍ଦ୍ଧକ୍ୟ ଫେରାଇ ନେଲି ସତ୍ୟ କିନ୍ତୁ ଷାଠିଏ ହଜାର ବର୍ଷ ବାର୍ଦ୍ଧକ୍ୟ କାଳରେ ମୁଁ ବସିରହି ନଥିଲି, କଠୋର ତପସ୍ୟାରେ ମୁଁ ଏହି ସୁଦୁସ୍ତର ବାର୍ଦ୍ଧକ୍ୟ କାଳଟକୁ ଅତିବାହିତ କରିଅଛି । ମୁଁ ଭାବୁଛି ମୋ ଭଳି ଦୁଶ୍ଚର ତପସ୍ୟା ତ୍ରିଭୁବନରେ ଦେବ-ଦାନବ-ଯକ୍ଷ-ରକ୍ଷ-ଗନ୍ଧର୍ବ-କିନ୍ନର-ମାନବାଦି କେହି କେବେ କରି ନାହାଁନ୍ତି ।'' ତତ୍‌କ୍ଷଣାତ୍ ଇନ୍ଦ୍ର ବଜ୍ରଗମ୍ଭୀର ସ୍ୱରରେ ଆଦେଶ ଦେଲେ- ହେ ଯଯାତି, ତୁମେ ବର୍ତ୍ତମାନ ସ୍ୱର୍ଗଛାଡ଼ି ଚାଲିଯାଅ, ଏଠାରେ ତୁମର ସ୍ଥାନ ନାହିଁ । କାରଣ ପୃଥିବୀର ସର୍ବକାଳର ସବୁ ସାଧକମାନଙ୍କ ବିଷୟରେ ତୁମେ କିଛି ନ ଜାଣି ନିଜ ତପସ୍ୟାର ଶ୍ରେଷ୍ଠତ୍ୱ ତୁମେ ନିଜେ କୀର୍ତ୍ତନ କରିଛ ।''ସୁତରାଂ ମୋ ଗୁରୁ ତୁମ ସମସ୍ତଙ୍କ ଗୁରୁମାନଙ୍କ ଅପେକ୍ଷା ସବୁ ବେଳେ ଏବଂ ସର୍ବତୋଭାବରେ ଶ୍ରେଷ୍ଠ ଏଭଳି ଉକ୍ତି ନ କରିବା ବରଂ ଭଲ । ଅନ୍ୟର ମହିମାକୁ ଖର୍ବିତ ନ କରି ଗୁରୁଙ୍କ ମହିମା କୀର୍ତ୍ତନ କର, କିଛି ବାଧା ନାହିଁ । ଅନ୍ୟାନ୍ୟ ଗୁରୁଦେବଙ୍କ ପ୍ରତି ତାଙ୍କ ଶିଷ୍ୟମାନଙ୍କର ଭକ୍ତି ଶ୍ରଦ୍ଧାକୁ କ୍ଷୁର୍ଣ୍ଣ ନ କରି ନିଜ ଗୁରୁଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ବଢ଼ାଅ, କିଛି କଥା ନାହିଁ । ତୁମେ ଅଶେଷ ପ୍ରତିଭାବାନ ବୋଲି ଯେ ପୃଥିବୀ ସାରା ତୁମ ଗୁରୁଦେବଙ୍କ ମହତ୍ତ୍ୱ ପ୍ରଚାର ଲାଗି ତୁମକୁ ଗୁଡ଼ାଏ ପାଟିତୁଣ୍ଡ କରିବାକୁ ହେବ, ତାର କୌଣସି ମାନେ ନାହିଁ । କୌଣସି ଗୁରୁଙ୍କର ଅତୀବ ମୂଲ୍ୟବାନ ଉପଦେଶ ହୁଏତ ଯୋଗାଯୋଗ ଅଭାବରୁ ସର୍ବତ୍ର ପ୍ରଚାରିତ ହୋଇ ପାରି ନଥିବ । ତା ବୋଲି ସେ ଜଣେ ନିକୃଷ୍ଟ ଗୁରୁ, ଏଭଳି ପ୍ରଚାର କେହି କରିବା ଉଚିତ୍ ନୁହେଁ । ପ୍ରତ୍ୟେକ ଗୁରୁଙ୍କର ଯେତିକି ଉପଦେଶ ତୁମ ପକ୍ଷରେ ଗ୍ରହଣୀୟ ସେତକ ତୁମେ ଶ୍ରଦ୍ଧାରେ ଗ୍ରହଣ କର କିନ୍ତୁ କିଏ କାହାଠାରୁ ବଡ଼ ବା ସାନ ସେ

ବିଷୟରେ କୌଣସି ତୁଳନାତ୍ମକ ତର୍କରେ ପ୍ରବୃତ୍ତ ହୁଅ ନାହିଁ । ଗୋଟିଏ ଆମ୍ବ ଗଛରେ ଅନେକ ଆମ୍ବ ହୁଏ, ସବୁ ଆମ୍ବର ସ୍ୱାଦ ଏକାପରି କିନ୍ତୁ ଆକାରରେ ସମାନ ନୁହେଁ, ଓଜନ ସମାନ ନୁହେଁ, ପରିପକ୍ୱତାରେ ବି ସମସ୍ତେ ସମାନ ନ ହୋଇ ପାରନ୍ତି । କିଏ କାହା ମାଧ୍ୟମରେ କେତେବେଳେ କିପରି ପାଚିଲା ଫଳଟିଏ ପାଇଛି, ତାହାହିଁ ପ୍ରକୃତ ବିଚାର୍ଯ୍ୟ ବିଷୟ । ଯୀଶୁଙ୍କ ଧର୍ମ ଖବର କାଗଜର ସମ୍ପାଦକୀୟ ଅଗ୍ରଲେଖାଦ୍ୱାରା ପ୍ରଚାରିତ ହୋଇ ନାହିଁ, ପ୍ରଚାରିତ ହୋଇଛି ନିତାନ୍ତ ଦରିଦ୍ର ନିଷ୍କିଞ୍ଚନ ଖ୍ରୀଷ୍ଟବ୍ରତୀ ପଦଚାରୀଙ୍କ ଦ୍ୱାରା, ଯେଉଁମାନେ ଶିକ୍ଷାରେ ଥିଲେ ସାଧାରଣ ଓ ଐଶ୍ୱର୍ଯ୍ୟରେ ଥିଲେ ନଗଣ୍ୟ । ମହମ୍ମଦଙ୍କ ଧର୍ମ ଖୋଳ-କରତାଳ ଧ୍ୱନୀ ମାଧ୍ୟମରେ ପ୍ରଚାରିତ ହୋଇ ନାହିଁ, ପ୍ରଚାରିତ ହୋଇଛି ରାଷ୍ଟ୍ର-ସଙ୍ଗଠନ, ରାଷ୍ଟ୍ର-ପତ୍ତନ ଓ ରାଷ୍ଟ୍ରବିସ୍ତାରର ବିରାଟ ବିପୁଳ ସୁଶୃଙ୍ଖଳ ଓ ସୁପରିକଳ୍ପିତ ଅଭିଯାନ ଦ୍ୱାରା । ନାନକଙ୍କ ଧର୍ମ ଆତ୍ମରକ୍ଷା-ପରାୟଣ ନିରୀହ ମନୁଷ୍ୟଙ୍କର ସଶସ୍ତ୍ର ବିଦ୍ରୋହ ମାଧ୍ୟମରେ ପ୍ରଚାରିତ ହୋଇନାହିଁ, ଗୃହେ ଗୃହେ ନିୟତ ଭ୍ରମଣଶୀଳ ଶାନ୍ତିପ୍ରିୟ ସାତ୍ତ୍ୱିକ ଭାବାପନ୍ନ ଉଦାସୀ ଗୁରୁଦେବଙ୍କ ଦ୍ୱାରା । ଶ୍ରୀଗୌରାଙ୍ଗଙ୍କ ପ୍ରେମଧର୍ମ ପ୍ରଚାର ପୂର୍ବରୁ କେହି କ'ଣ କେବେ କଳ୍ପନା କରିଥିଲେ ଯେ ଖୋଳ-କରତାଳ-ବାଦନ-ସହକୃତ ସୁମଧୁର ହରିନାମ କୀର୍ତ୍ତନ ଶ୍ରୀହଟରୁ ଆରମ୍ଭ କରି ରାମେଶ୍ୱର ପର୍ଯ୍ୟନ୍ତ ଆଲୋଡ଼ିତ ବିଲୋଡ଼ିତ କରିପାରେ, ନଦୀୟା ଓ ଶାନ୍ତିପୁରରୁ ଆରମ୍ଭ କରି ଶ୍ରୀବୃନ୍ଦାବନଧାମ ପର୍ଯ୍ୟନ୍ତ ମଥିତ କରିଦେଇ ପାରେ ? ବିଭିନ୍ନ ଯୁଗରେ ବିଭିନ୍ନ ଧର୍ମ ବିଭିନ୍ନ ପରିସ୍ଥିତିରେ ବିଭିନ୍ନ ଯୋଗାଯୋଗ ସୂତ୍ରରେ ପ୍ରଚାରିତ ହୋଇଛି । ସେଥିରେ ଆଉ ତୁଳନାର ଅବକାଶ କାହିଁ ଯେ କେଉଁଟି ଶ୍ରେଷ୍ଠ ଓ କେଉଁଟି ନିକୃଷ୍ଟ ? ଯଦି କୌଣସି ଗୁରୁଙ୍କର ଶିଷ୍ୟମାନେ ନିଜ ଗୁରୁ ବା ଆଦର୍ଶ ପୁରୁଷଙ୍କର ଧର୍ମ ପ୍ରଚାରଣା କାଳରେ ଗୁରୁ-ଗୌରବ ବିଷୟରେ ଇତିହାସ-ବିରୁଦ୍ଧ କୌଣସି ଅତ୍ୟୁକ୍ତି କରନ୍ତି ତାକୁ ଭକ୍ତର ସ୍ୱାଭାବିକ

ଦୁର୍ବଳତା ମନେ କରି ଅବହେଳା କରିବା ଶ୍ରେୟସ୍କର, ତର୍କ ବିତର୍କ ଆରମ୍ଭ କରି ଅଶାନ୍ତି ସୃଷ୍ଟି କରିବାରେ କିଛି ଲାଭ ନାହିଁ । ତେବେ ତୁମ୍ଭେମାନେ ନିଜେ ପ୍ରଚାର କଲା ବେଳେ ସତ୍ୟ ଇତିହାସକୁ ଯେପରି ବିକୃତ ନକର ଅଥଚ ଭଦ୍ରତା ଖାତିରିରେ ବି ନିଜର ଅତ୍ୟାବଶ୍ୟକ ନିଷ୍ଠାରୁ ବିଚ୍ୟୁତ ନ ହୁଅ ସେଥିପ୍ରତି ଦୃଷ୍ଟି ଦେଇ ଚଳ । ସବୁବେଳେ ଗୋଟିଏ କଥା ମନେ ରଖ ଯେ ଧର୍ମ ନାଁରେ ବ୍ୟଭିଚାରକୁ ତୁମ୍ଭେମାନେ କଦାପି ପ୍ରଶ୍ରୟ ଦେବ ନାହିଁ । ଏହା ତୁମର ସାମାଜିକ କର୍ତ୍ତବ୍ୟ ଏବଂ ସ୍ୱାଦେଶିକ କର୍ତ୍ତବ୍ୟ । ମୁହଁରେ କଥା କମ୍ କହି କାର୍ଯ୍ୟରେ କାର୍ଯ୍ୟରେ ବେଶି ତତ୍‌ପର ହୁଅ । ସଫଳତା-ବିଫଳତା ହିସାବ ନ କରି କାର୍ଯ୍ୟ କର, କେତେବେଳେ ଶମ୍ବୁକ ଗତିରେ, କେତେବେଳେ ଝଡ଼ବେଗରେ କାର୍ଯ୍ୟ କରିଯାଅ । କାର୍ଯ୍ୟ ବନ୍ଦ କରନା, ପ୍ରତି ମୁହୂର୍ତ୍ତରେ ଅଗ୍ରସର ହୁଅ । ପ୍ରଚାରକର ଭୂମିକା ଗ୍ରହଣ ନ କରି ଯଦି ତୁମ୍ଭେମାନେ ପାଠ ଓ କୀର୍ତ୍ତନରେ ସର୍ବଶକ୍ତି ନିୟୋଗ କର ତେବେ ଏହି ଉଦ୍ଦେଶ୍ୟ ସଫଳ କରିବା ଲାଗି ତୁମ୍ଭମାନଙ୍କୁ କମ୍ ବେଗ ଆବଶ୍ୟକ ହେବ ।

ମନ୍ତ୍ର ନେଇ ନ କରେ ସାଧନ

ମନ୍ତ୍ର ନିଏ କିନ୍ତୁ ତାହା ନ କରେ ସାଧନ
ବ୍ରତ ନିଏ କିନ୍ତୁ ତାହା ନ କରେ ପାଳନ,
ବୀଜ କିଣେ କିନ୍ତୁ ତାହା ନ କରେ ବପନ
ଗ୍ରନ୍ଥ କିଣେ କିନ୍ତୁ କରେ ନାହିଁ ଅଧ୍ୟୟନ,
ମନ୍ଦିର ଗଢ଼ିଣ ତହିଁ ନ କରେ ଅର୍ଚ୍ଚନା
ଗାଭୀ କିଣି ନ ଦିଅଇ ତାକୁ ତୃଣକଣା ।
ବିବାହ କରିଣ ଭାର୍ଯ୍ୟା ନ କରେ ରକ୍ଷଣ

ବୃକ୍ଷରୋପି ନ କରଇ ସଲିଳ ସିଞ୍ଚନ,
ମୂଳଧନ ନ ଥାଇଣ ପଶେ ବ୍ୟବସାୟେ
ଅଲକ୍ଷିତେ ସେହି ଜନ ଅଧଃପଥେ ଯାଏ ।

(ବୈଶାଖ ୧୭, ୧୩୩୯)

ଗୁରୁକୃପା ଓ ପୁରୁଷକାର

ଲୋକେ କହନ୍ତି ଗୁରୁକୃପାରେ ସବୁ ହୁଏ । ପୁରୁଷକାର କିଛି ନୁହେଁ, ମୁଁ ବି ସେଇଆ କହେ, ଆଉ ସେଇଥିପାଇଁ ତ ପ୍ରାଣପଣେ କୋଦାଳ ଚଳାଏ ପ୍ରାଣପଣେ ଦେଶ ବୁଲେ, ପ୍ରାଣପଣେ ଚିଠି ଲେଖେ ଓ ପ୍ରାଣପଣେ ନାମ ଜପେ ।

ମାନେ - ଗୁରୁ ସଙ୍ଗ ହିଁ ତୁମର ପୁରୁଷକାରକୁ ଉତ୍ସାହ ପ୍ରଦାନ କରେ । ଏତକ ହେଉଛି ତାଙ୍କର କୃପା ।

(ବୈଶାଖ ୧୭, ୧୩୩୯)

ଗୁରୁ ଭକ୍ତିର ସ୍ୱରୂପ

ଗୁରୁ ଯେଉଁ ପଥ ଦେଖାଇ ଦେଇଛନ୍ତି ସେହି ପଥ ହିଁ ନିତ୍ୟ, ସେହି ପଥ ହିଁ ସତ୍ୟ, ପ୍ରାଣ ଗଲେ ବି ସେ ପଥ ବର୍ଜନ କରିବି ନାହିଁ, ଅନ୍ୟ କୌଣସି ପଥ ପ୍ରତି ଆକୃଷ୍ଟ ହେବି ନାହିଁ, ସାଧନ ଗ୍ରହଣ କରିବା ଦିନ ଠାରୁ ଗୋଟିଏ ଦିନ ବି ଆଳସ୍ୟରେ କଟାଇବି ନାହିଁ, ଏଭଳି ଦୃଢ଼ତା ଅବଲମ୍ବନ ହିଁ ଗୁରୁଭକ୍ତି । ସେହି ଗୁରୁଭକ୍ତି ତୁମ୍ଭେମାନେ ଅର୍ଜନ କର ଗୁରୁ ଯେଉଁ ପଥର ନିର୍ଦ୍ଦେଶ ଦେଇଛନ୍ତି ଅବିଚଳିତ ବିକ୍ରମରେ ସେହି ପଥରେ ଚଳି ତୁମ୍ଭେମାନେ ପରମଗୁରୁଙ୍କୁ ଲାଭ କର ।

(ଶ୍ରାବଣ ୧୫, ୧୩୩୫)

ଗୁରୁ ଭକ୍ତିର ଫଳ

ସାଧନ-ଜୀବନରେ ଉନ୍ନତି ଲାଭ ନିମିତ୍ତ ଗୁରୁଭକ୍ତି ଅବଶ୍ୟ ଏକ ଅସାଧାରଣ ସହାୟିକା । ଗୋଟିଏ ଦୃଷ୍ଟିରୁ ଏହାକୁ ସାଧନ-ଜୀବନର ଦୃଢ଼ ଭିତ୍ତି କହିପାର । ଏ ଭିତ୍ତି ଶିଥିଳ ହେଲେ ସାଧନରେ ଉନ୍ନତି ଅତୀବ କଠିନ ଓ ଅତୀବ ଦୁରୁହ । ଗୁରୁବାକ୍ୟରେ ଅବିଚଳିତ ନିଷ୍ଠା ବିଶ୍ୱାସ ସାଧନ ପଥର ଅର୍ଦ୍ଧେକ ବାଧାବିଘ୍ନ ଅନାୟାସରେ ଦୂର କରି ଦିଏ । ଗୁରୁଭକ୍ତି ସହାୟତାରେ ଅହମିକା ନାଶ ହୁଏ, ଦର୍ପ-ଦମ୍ଭ ପଳାୟନ କରେ, ଚରିତ୍ର ନମ୍ର, କୋମଳ ଓ ମଧୁର ହୁଏ । ଏହା ଅବଶ୍ୟ-ସ୍ୱୀକାର୍ଯ୍ୟ ସତ୍ୟ । ଗୁରୁଭକ୍ତି ଫଳରେ ଗୁରୁଙ୍କର ନିଜର କିଛି ଉପକାର ହେଉ ବା ନ ହେଉ ଶିଷ୍ୟ ପ୍ରକୃତରେ ଲାଭବାନ ହୁଏ ।

(ବୈଶାଖ ୩୧, ୧୩୪୧)

ଗୁରୁଭକ୍ତିର ଲକ୍ଷଣ

ପ୍ରତ୍ୟେକ ପଦାର୍ଥକୁ ତାର ନିଜସ୍ୱ ଲକ୍ଷଣ ଦ୍ୱାରା ହିଁ ଚିହ୍ନି ହୁଏ । ସ୍ୱର୍ଣ୍ଣକୁ ତାର ଓଜନ ଓ ଔଜ୍ଜଲ୍ୟ ଦ୍ୱାରା, ହୀରାକୁ ତାର ସ୍ୱଚ୍ଛତା ଓ କାଚ କାଟିବାର କ୍ଷମତା ଦ୍ୱାରା, ଚନ୍ଦନକୁ ତାର ସ୍ନିଗ୍ଧତା ଓ ସୁଗନ୍ଧ ଦ୍ୱାରା ଯେପରି ଚିହ୍ନି ହୁଏ, ଗୁରୁ ଭକ୍ତିର ସେହିଭଳି କେତେଗୁଡ଼ିଏ ଲକ୍ଷଣ ଅଛି । ମନପ୍ରାଣ ଦେଇ ଗୁରୁଙ୍କୁ ଭଲ ପାଇବା ହିଁ ଗୁରୁଭକ୍ତିର ପ୍ରଥମ ଲକ୍ଷଣ । "ଜୟଗୁରୁ, ଜୟଗୁରୁ" ବୋଲି ତୁମେ ଗଗନଭେଦୀ ଉଚ୍ଚ ଚିତ୍କାର କର ବା ନ କର ତା ସହିତ ଗୁରୁଭକ୍ତିର କୌଣସି ସମ୍ବନ୍ଧ ନାହିଁ । ଗୁରୁଙ୍କୁ ଶିବ ଅବତାର, କୃଷ୍ଣ ଅବତାର ବା ରାମ ଅବତାର ବୋଲି ବାଟଘାଟ ଚାରିଆଡ଼େ ତୁମେ ଡିଣ୍ଡିମ ବଜାଇ ବୁଲୁଛ, ଅଥଚ

ଗୁରୁଙ୍କର ଗୋଟିଏ ସାମାନ୍ୟ ଆଦେଶକୁ ନିଜ ଜୀବନରେ ପ୍ରସ୍ଫୁଟିତ କରିପାରୁନାହଁ, ଏଥିରେ ତୁମକୁ ଗୁରୁଭକ୍ତ ବୋଲି କିଏ କହିବ ?

ଗୁରୁବାକ୍ୟ ପାଳନରେ ଶିଷ୍ୟର ଅକ୍ଷମତା

ଅବଶ୍ୟ ଗୁରୁବାକ୍ୟ ଯଥାର୍ଥ ଭାବରେ ପାଳନ କରିବା ଭଳି ସକ୍ତି କୌଣସି ଶିଷ୍ୟର ନ ଥାଏ, ଏକଥା ସତ୍ୟ । ତେଣୁ ଅକ୍ଷମତା ଯୋଗୁଁ ତୁମେ ଦୋଷଭାଗୀ ହେବ ନାହିଁ । କିନ୍ତୁ ଗୁରୁବାକ୍ୟ ପାଳନ କରିବା ପାଇଁ ତୁମର ଅକପଟ ଇଚ୍ଛା ଥିବା ଦରକାର । ଗୁରୁଙ୍କ ଆଦେଶ ପ୍ରତିପାଳନ ଲାଗି ଯେ ଚେଷ୍ଟା କରୁଥାଏ, କାର୍ଯ୍ୟତଃ ସେ ଯଦି ସଫଳ ବି ନ ହୁଏ, ତଥାପି ସେ ସଫଳତାର ଯୋଗ୍ୟ ପୁରସ୍କାର ପ୍ରାପ୍ତ ହୁଏ ।

ଗୁରୁଙ୍କ ପ୍ରତି ଆନୁଗତ୍ୟ ଓ କୁଳକୁଣ୍ଡଳିନୀ

ଗୁରୁଙ୍କ ଆଦେଶ ପାଳନ କରିବା ପାଇଁ ଅନୁଗତ ମନୋଭାବ ଆସିବା ମାତ୍ରେ ଆପେ ଆପେ ସାଧନରେ ରୁଚି ବଢ଼ିଯାଏ । ସେ ଏକ ଆଶ୍ଚର୍ଯ୍ୟ ରହସ୍ୟ । ସାଧନରେ ରୁଚି ବୃଦ୍ଧି ଲାଗି ଏଭଳି କୌଶଳ, ଆଉ କିଛି ନାହିଁ । ତା ସଙ୍ଗେ ସଙ୍ଗେ ତୁମେ ଯଦି ସାଧନାରେ ଉଦ୍ୟମଶୀଳ ହୁଅ ତେବେ ସେ ତ ସୁନାରେ ସୋହାଗା ଭଳି ହେବ । କିଛି ଦିନ ପରେ ଅନ୍ତର୍ନିହିତ ଶକ୍ତିର ଉତ୍ସ ଫିଟିଯିବ, ଦେହ ଓ ମନରେ ଅଭୂତପୂର୍ବ ଆନନ୍ଦ ଓ ପ୍ରେମାବେଶ ସୃଷ୍ଟି ହେବ । ସେ ଅବସ୍ଥାରେ ଆଧାରର ବିଶେଷତ୍ୱ ଅନୁଯାୟୀ ଗୋଟିଏଗୋଟିଏ ପ୍ରକାରର ଅନୁଭୂତି ବା ଉପଲବ୍ଧିର ଆମେଜ ଆସିବାକୁ ଲାଗେ ଯୋଗୀମାନେ ଏହାକୁ କୁଳକୁଣ୍ଡଳିନୀ ଶକ୍ତିର ଜାଗରଣ ବୋଲି କହିଥାନ୍ତି । କୁଳକୁଣ୍ଡଳିନୀ ସମ୍ପର୍କରେ

ଶତ ଶତ ଲୋକ ନାନା ପ୍ରକାର ଅସ୍ପଷ୍ଟ ବ୍ୟାଖ୍ୟା କରି ଯାଇଛନ୍ତି ଯାହା ଶେଷକୁ ଯାଇ କେବଳମାତ୍ର କେତେଗୁଡ଼ିଏ ଶବ୍ଦର ସମଷ୍ଟିରେ ହିଁ ପର୍ଯ୍ୟବେସିତ ହୋଇଛି, ମାତ୍ର ତାହା କୌଣସି ଅର୍ଥର ବାହକ ହୋଇପାରି ନାହିଁ, ସେ ସବୁ ଶବ୍ଦର ଜଙ୍ଗଲରେ ଭୁଆଁ ବୁଲି ଅନେକେ ଅସହାୟ ପଥିକ ପରି ଉଦ୍‌ବିଗ୍ନ ହୁଅନ୍ତି । କିନ୍ତୁ ଅଯଥାରେ ଏତେତେଣେ ଆଖି ନ ପକାଇ, ମନକୁ ଅକାରଣରେ କୌତୂହଳୀ ନ କରି କେହି ଯଦି ଅକପଟ ଆନୁଗତ୍ୟ ସହକାରେ ଗୁରୁଦତ୍ତ ସାଧନରେ ଲାଗି ରହେ, ତେବେ ଶାସ୍ତ୍ରର ଗହନ ଅରଣ୍ୟ ଓ କୁଜ୍‌ଝଟିକା ଭେଦ କରିବାର ଚେଷ୍ଟା ନ କରି ମଧ୍ୟ ସାଧକର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୁଏ ଏବଂ ସେତେବେଳେ ରକ୍ତମାଂସ ଦେହଧାରୀ ମନୁଷ୍ୟଟି ଦେବତାରେ ପରିଣତ ହୁଏ, ପ୍ରବୃତ୍ତିର ପ୍ରରୋଚନା ଥମିଯାଏ ଏବଂ ସ୍ନିଗ୍ଧ ସନ୍ତୋଷରେ ମନପ୍ରାଣ ପୂର୍ଣ୍ଣ ହୋଇଯାଏ ।

(ଆଷାଢ଼ ୧୯, ୧୩୩୫)

ପ୍ରକୃତ ଗୁରୁଭକ୍ତି

ଗୁରଭକ୍ତି ଗୋଟାଏ ସାମାନ୍ୟ କଥା ବୋଲି ଭାବ ନାହିଁ । ଜଗତରେ ଯେତେ ଭକ୍ତିର ପାତ୍ର ଅଛନ୍ତି, ସେ ସମସ୍ତଙ୍କ ପ୍ରତି ଭାବର ସାମଞ୍ଜସ୍ୟ ରଖି ଯେଉଁ ଗୁରୁଭକ୍ତି ପ୍ରକାଶ ପାଏ, ତାକୁ ହିଁ କହିବା ଖାଣ୍ଟି ଗୁରୁଭକ୍ତି । ଗୁରୁଦେବଙ୍କୁ ଭକ୍ତି କରିବ ବୋଲି ମାତାପିତାଙ୍କୁ ଅଭକ୍ତି କରିବାକୁ ହେବ ବା ଯେଉଁମାନେ ମୋ ଗୁରୁଦେବଙ୍କ ପନ୍ଥା ଆଶ୍ରୟ ନ କରିଛନ୍ତି ସେମାନଙ୍କ ଗୁରୁଦେବଙ୍କ ପ୍ରତି ଅଶ୍ରଦ୍ଧା ପୋଷଣ କରିବାକୁ ହେବ, ଏଇଟାକୁ ଗୁରୁଭକ୍ତି କୁହାଯିବ ନାହିଁ । ମୁଁ ମୋ ଗୁରୁଦେବଙ୍କୁ ଅବତାର ବୋଲି ମନେ କରେ, ସ୍ୱୟଂ ପରମେଶ୍ୱର ବୋଲି ହୁଏତ ବିଶ୍ୱାସ ବି କରେ, ତା ବୋଲି ଯେଉଁମାନେ ମୋରି ପରି ବିଶ୍ୱାସ ନ

କରନ୍ତି ସେମାନଙ୍କୁ ନାସ୍ତିକ, ପାଷାଣ୍ଡ ବୋଲି ଗାଳି ଦେଇ ସେମାନଙ୍କ ଉପରେ ଖଡ଼୍‌ଗହସ୍ତ ହେବା ପ୍ରକୃତ ଗୁରୁଭକ୍ତି ନୁହେଁ । ଆତ୍ମୋତ୍ସର୍ଗ ହିଁ ଗୁରୁଭକ୍ତିର ପ୍ରମାଣ । ଜଗତରେ କାହାରି ପ୍ରତି ତିଳେମାତ୍ରେ ଅବିଚାର ନ କରି ମୁଁ ଯେତେବେଳେ ଗୁରୁବାକ୍ୟକୁ ଜଗଜ୍ଜୟୀ କରିବା ଲାଗି ହସି ହସି ନିଜର ହୃତ୍‌ପିଣ୍ଡକୁ ବିଦାରି ରକ୍ତ ଅଞ୍ଜଳି ଦେଇ ପାରିବି ସେତିକିବେଳେ ମୁଁ ଗୁରୁଭକ୍ତ ବୋଲି କୁହାଯିବ । ଉଚ୍ଛ୍ୱାସକୁ ଗୁରୁଭକ୍ତି କୁହାଯାଏ ନାହିଁ । ପ୍ରକୃତ ଗୁରୁଭକ୍ତି ଦୀର୍ଘ କାଳବ୍ୟାପୀ ତପଃସାଧନରେ ହିଁ ଆସେ ।

(ଜ୍ୟେଷ୍ଠ ୫, ୧୩୩୬)

ବିପଜ୍ଜନକ ଗୁରୁଭକ୍ତି

ଗୁରୁଭକ୍ତି ଖୁବ୍ ଭଲ ଜିନିଷ ଓ ଦରକାରୀ ଜିନିଷ । ଗୁରୁଭକ୍ତିହୀନ ବ୍ୟକ୍ତିର ସାଧନ ଭଜନରେ ଜୋର ଆସେ ନାହିଁ । କିନ୍ତୁ ଗୁରୁଭକ୍ତିର ଏକ ବିପଜ୍ଜନକ ରୂପ ଅଛି, ଯହିଁରେ ଗୁରୁର ମଙ୍ଗଳ ନାହିଁ କି ଶିଷ୍ୟର କୁଶଳ ନାହିଁ । ଜଣେ ଗୁରୁ ଥିଲେ, ସେ ଶ୍ମସାନବାସୀ । ଲୋକାଳୟକୁ ବେଶି ଆସନ୍ତି ନାହିଁ ବା ଆହାର୍ଯ୍ୟ ସଂସ୍ଥାନ ଲାଗି କିଛି ଚେଷ୍ଟା କରନ୍ତି ନାହିଁ । ବେଳେବେଳେ ଗ୍ରାମବାସୀମାନେ ଯାଇ କିଛି କିଛି ଆହାର୍ଯ୍ୟ ଦେଇ ଆସନ୍ତି ଓ ସେତିକିରେ ସେ ପ୍ରାଣଧାରଣ କରନ୍ତି । କିନ୍ତୁ ଗୁରୁଦେବଙ୍କର ଭାଗ୍ୟ ଖରାପ । ହଠାତ୍ ଦିନେ ଏକ ଭୟଙ୍କର ଗୁରୁଭକ୍ତ ଶିଷ୍ୟ ତାଙ୍କୁ ଜୁଟିଗଲା । ଶିଷ୍ୟ କହିଲା- ଗୁରୁଦେବ, ମୁଁ ଈଶ୍ୱର ଦର୍ଶନ କରିବାକୁ ଚାହେଁ । ଗୁରୁ ଖୁସି ହୋଇ କହିଲେ - ଖୁବ୍ ଭଲ କଥା । ପ୍ରାଣପଣେ ସାଧନ କର, ନିଶ୍ଚୟ ଈଶ୍ୱର-ଦର୍ଶନ ହେବ । ଶିଷ୍ୟ କହିଲା - ମୁଁ ସଂସାର ତ୍ୟାଗ କରିବି । ଗୁରୁ କହିଲେ - ସଂସାର ଛାଡ଼ିବା ଦରକାର ନାହିଁ । ସଂସାରରେ ରହି ତାଙ୍କୁ ଡାକିଲେ ବି ସେ କୃପା କରିବେ । ଶିଷ୍ୟ କହିଲା - ନା, ମୁଁ ଆଉ ସଂସାରକୁ ଫେରିବି ନାହିଁ । ଆପଣଙ୍କ ପାଦତଳେ

ମୁଣ୍ଡ ଗୁଞ୍ଜି ଏହି ଶ୍ମଶାନରେ ପଡ଼ି ରହିବି । ଗୁରୁ କହିଲେ- ଏଠାରେ ତୋର ନାନା ଅସୁବିଧା ହେବ, ତୁ କଷ୍ଟ ପାଇବୁ । ଶିଷ୍ୟ କହିଲା - ହେଲେ ହେବ । ମୁଁ ସବୁ ସହ୍ୟ କରିବି । ଗୁରୁ କହିଲେ - ରହିବୁ କେଉଁଠି ? ଏହି ଭଙ୍ଗା କୁଡ଼ିଆ ଭିତରେ ତ ଦୁଇଜଣଙ୍କ ପାଇଁ ଜାଗା ନାହିଁ । ଶିଷ୍ୟ କହିଲା- ମୁଁ ପଦାରେ ରହିବି । ଗୁରୁ କହିଲେ ଆହାର୍ଯ୍ୟ ଏଠାରେ ବହୁତ କମ୍ । ଶିଷ୍ୟ କହିଲା - ମୁଁ ଉପବାସୀ ହେବି । ଗୁରୁ ଦେଖିଲେ ଯେ ଆଉ ବାକ୍ୟବ୍ୟୟ କରିବା ବୃଥା । ଅଗତ୍ୟା ସେ କହିଲେ - ହେଉ, ତେବେ ରହ । ଶିଷ୍ୟ ଭାବିଲା ଗୁରୁଦେବ ତାକୁ ପରୀକ୍ଷା କରୁଥିଲେ ଓ ସେ ପରୀକ୍ଷାରେ ଅକ୍ଳେଶରେ ଉତ୍ତୀର୍ଣ୍ଣ ହୋଇଗଲା । ତେଣୁ ମନ ଭିତରେ ସେ ଏକ ବିଜୟ-ଗର୍ବ ଅନୁଭବ କରିବାକୁ ଲାଗିଲା । ଏଣେ ଶିଷ୍ୟତ ଆସି ଗୁରୁଦେବଙ୍କ ଆଶ୍ରମକୁ ଖୁବ୍ ସରଗରମ କଲା, କିନ୍ତୁ ଗ୍ରାମବାସୀମାନେ ପୂର୍ବରୁ ଯାହା ଖାଦ୍ୟ ଦେଉଥିଲେ ତାର ପରିମାଣ ଆଉ ବଢ଼ିଲା ନାହିଁ । ଗୁରୁ ଦେଖିଲେ ନିଜେ ପେଟ ପୂରା ଖାଇଲେ ଶିଷ୍ୟ ଭୋକରେ ମରିବ । ତେଣୁ ସେ ଅଧା-ପେଟ ଖାଇବାକୁ ଆରମ୍ଭ କଲେ । ତା ଛଡ଼ା ଗୁରୁଦେବ ଦେଖିଲେ ଶିଷ୍ୟ ପଦାରେ ପଡ଼ି ରହିଲେ ବର୍ଷା କାକର ଖାଇ ତାକୁ ସନ୍ନିପାତ ଧରିବ । ତେଣୁ ସେ ନିଜର ବିଶ୍ରାମ ସ୍ଥାନକୁ ସଂକୁଚିତ କରି ବସି ବସି ଶୋଇବାକୁ ଅଭ୍ୟାସ କଲେ । ଏତିକିରେ ବି ଶିଷ୍ୟର ଗୁରୁ ସେବାର ଆଗ୍ରହ କମିଲା ନାହିଁ । ଦିନ ବେଳେ ଚାରିଆଡୁ ଲୋକେ ଆସି ଉପଦେଶ ପାଇବା ପାଇଁ ବସି ରହନ୍ତି ବୋଲି ଶିଷ୍ୟ ଗୁରୁଦେବଙ୍କ ସହିତ ମନ ଖୋଲି କଥା କହିପାରେ ନାହିଁ । ତେଣୁ ରାତିରେ ଗୁରୁଦେବ ଯେତେବେଳେ ଶୋଇଥାନ୍ତି, ସେତିକିବେଳେ ସେ ଡାକେ- ଗୁରୁଦେବ ! ଗୁରୁଦେବ ! ଗୁରୁ ନିଦରୁ ଉଠି ପଚାରନ୍ତି- କିରେ କଥା କ'ଣ ? ଶିଷ୍ୟ କହେ - ଦିନସାରା ଅତ୍ୟଧିକ ଲୋକ ଭିଡ଼ ଯୋଗୁ ଆପଣଙ୍କ ଠାରୁ କିଛି

ଉପଦେଶ ପାଇପାରି ନାହିଁ । ବର୍ତ୍ତମାନ ତ ଶ୍ମଶାନ ନିର୍ଜନ । କୃପା କରି ମୋତେ କିଛି ଉପଦେଶ ଦିଅନ୍ତୁ । ଗୁରୁ କହନ୍ତି - ଦୀକ୍ଷା ସମୟରେ ଯେଉଁ ଗୋଟିଏ ଉପଦେଶ ଦେଇଛି, ସେହି ଗୋଟିକ ଆଗେ ପାଳନ କର ବାବା । ତାହା ହେଲେ ଦେଖିବୁ, ସେହି ଗୋଟିକ ଭିତରୁ ଲକ୍ଷ ଲକ୍ଷ ଉପଦେଶ ସ୍ୱତଃ ପ୍ରକାଶିତ ହେବ । ଶିଷ୍ୟ କହେ - ସେଇଟି ତ ପ୍ରଭୋ ନିଶ୍ଚୟ ପାଳନ କରିବି । କିନ୍ତୁ ତା ଛଡ଼ା ଆଉ ଅଧିକ କିଛି ଉପଦେଶ ଯଦି ଦିଅନ୍ତେ ଭଲ ହୁଅନ୍ତା । ତା'ପରେ ଶିଷ୍ୟ ଅନର୍ଗଳ ବାକ୍ୟ ବର୍ଷଣ କରି ଶ୍ରାନ୍ତ କ୍ଳାନ୍ତ ହୋଇ ଶୋଇପଡ଼ିଲା ବେଳକୁ ଗୁରୁଦେବ ଦେଖନ୍ତି ଯେ ବ୍ରାହ୍ମମୁହୂର୍ତ୍ତ ସମାଗତ । ତେଣୁ ସେ ଆଉ ଶୋଇବାକୁ ଚେଷ୍ଟା ନ କରି ଶଯ୍ୟା ତ୍ୟାଗ କରି ପ୍ରାତଃକୃତ୍ୟ କରିବାକୁ ବାହାରି ଯାନ୍ତି । ଏହିପରି ଭାବରେ କିଛି ଦିନ ଚାଲିଲା ପରେ ଗୁରୁଦେବଙ୍କର ସାଂଘାତିକ ପିତ୍ତଶୂଳ ରୋଗ ବାହାରି ପଡ଼ିଲା । ଗୁରୁ ଯେତେବେଳେ ଦେଖିଲେ ଏ ରୁଗ୍‌ଣ ଦେହକୁ ଆଶ୍ରୟ କରି ଜୀବହିତ ସାଧନ ଆଉ ସମ୍ଭବ ପର ନୁହେଁ, ସେତେବେଳେ ସେ ଯୋଗ ବଳରେ ଦେହ ତ୍ୟାଗ କରିବାକୁ ସଂକଳ୍ପ କଲେ ଓ ନାଭି ପର୍ଯ୍ୟନ୍ତ ଗଙ୍ଗାଜଳରେ ବୁଡ଼ି ଶିଷ୍ୟକୁ ଡାକି କହିଲେ - ତୋର ଯଦି କିଛି ବୁଝିବାର ଥାଏ ବର୍ତ୍ତମାନ ବୁଝିନେ । ପରେ ଆଉ କିଛି କହିବାର ଅବସର ନଥିବ । ଶିଷ୍ୟ ବଡ଼ ବ୍ୟସ୍ତ ହୋଇ ପଚାରିଲା- କାହିଁକି, କ'ଣ ହେଲା ? ଗୁରୁ କହିଲେ, ମୁଁ ଦେହ ତ୍ୟାଗ କରିବି । ଶିଷ୍ୟ କାନ୍ଦି କାନ୍ଦି ପଚାରିଲା - ଏ କି କଥା ଗୁରୁଦେବ । ଆପଣ କହୁଥିଲେ ନା ଆପଣ ଶହେ ବର୍ଷ ମର୍ତ୍ତ୍ୟଲୋକରେ ରହିବେ ? ଗୁରୁ କହିଲେ- କହିଥିଲି ତ ଠିକ୍ । କିନ୍ତୁ ବାବା, ତୋ ପରି ଗୁରୁଭକ୍ତ ଶିଷ୍ୟ ମିଳିଲେ ଶହେ ବର୍ଷର କାମ ପଚିଶବର୍ଷରେ ହୋଇଯାଏ ।

(ଶ୍ରାବଣ ୨୬, ୧୩୩୬)

ଗୁରୁବନ୍ଦନାର ଆବଶ୍ୟକତା

ଭାରତର ପ୍ରାୟ ପ୍ରତ୍ୟେକ ସାଧକ ସଂପ୍ରଦାୟରେ ସାଧନ ବା ଉପାସନା ଆରମ୍ଭ ପ୍ରାକ୍‌କାଳରେ ଗୁରୁବନ୍ଦନା କରାଯାଇଥାଏ । ଏହାର ତାତ୍ପର୍ଯ୍ୟ ହେଉଛି, ଗୁରୁବନ୍ଦନା ଫଳରେ ଗୁରୁଦତ୍ତ ସାଧନରେ ଏକନିଷ୍ଠ ଭାବ ଆସେ । ଏହା ଫଳରେ ସାଧନ ପ୍ରଗାଢ଼ ହୁଏ । ନିତ୍ୟନୂତନ ପନ୍ଥାରେ, ନିତ୍ୟନୂତନ ପ୍ରଣାଳୀରେ ଉପାସନା କରାଗଲେ ମୂଳ ସାଧନ ପ୍ରତି କ୍ରମଶଃ ଅନାସ୍ଥାଭାବ ଆସିଯାଏ ଏବଂ ଶେଷରେ ଅବସ୍ଥା ଏପରି ହୁଏ ଯେ, ଆଉ କୌଣସି ସାଧନରେ ମନ ଲାଗେ ନାହିଁ ବା କୌଣସି ସାଧନ କରିବାକୁ ମନ ହୁଏ ନାହିଁ । ତେଣୁ ସମସ୍ତ ଅନାସ୍ଥା ଓ ଅନିଷ୍ଠାର ମୂଳୋତ୍ପାଟନ ଲାଗି ଗୁରୁବନ୍ଦନା ବ୍ୟବସ୍ଥା ରହିଛି । ଏହା ହେଉଛି ପ୍ରଥମ ତାତ୍ପର୍ଯ୍ୟ । ଦ୍ୱିତୀୟ ବା ଗଭୀରତର ତାତ୍ପର୍ଯ୍ୟ ହେଉଛି, ଅନିତ୍ୟ ବସ୍ତୁରେ ଗୁରୁଭାବ ଆରୋପ ଦ୍ୱାରା ସ୍ୱକୀୟ ସାଧନ ନିଷ୍ଠାରେ ଅନିତ୍ୟତା ବୋଧ ଯେପରି ସଂଚାରିତ ନ ହୁଏ, ସେ ଦୃଷ୍ଟିରୁ ନିତ୍ୟ-ସତ୍ୟ-ନିରଞ୍ଜନ ଅଦ୍ୱିତୀୟ ପରମପ୍ରଭୁ ଯେ ସାଧକର ଅନନ୍ୟଶରଣ ଅନନ୍ୟାଶ୍ରୟ ଶ୍ରୀଗୁରୁ, ଏହିକଥା ସାଧନର ପ୍ରାରମ୍ଭରେ ସାଧକକୁ ସ୍ମରଣ କରାଇ ଦେବା ଅତ୍ୟାବଶ୍ୟକ ।

(ବୈଶାଖ ୨୪, ୧୩୪୧)

ଗୁରୁଙ୍କୁ କ'ଣ ଭଗବାନ ବୋଲି ଧ୍ୟାନ କରାଯାଇପାରେ ?

ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ତଫାତ୍ ନାହିଁ । ଭଗବାନ ପିତା ରୂପରେ, ମାତା ରୂପରେ, ପୁତ୍ର ରୂପରେ ଓ ଗୁରୁ ରୂପରେ ନିଜକୁ ପ୍ରକାଶ କରିଛନ୍ତି । ତେଣୁ ଯେ କୌଣସି ଲୋକକୁ ଭଗବାନ ବୋଲି ଭାବିବା ଓ ଧ୍ୟାନ କରିବା ନ ଚଳିବ

କାହିଁକି ? ଗୁରୁଙ୍କୁ ଧ୍ୟାନ କଲେ ସର୍ବାପେକ୍ଷା ଅଧିକ ପ୍ରେମ ଆସେ ବୋଲି ତଦ୍ୱାରା ଭଗବଦ୍ ଭାବ ଅତି ସହଜରେ ଆସେ ଓ ଗଭୀରତର ହୁଏ, ଏହା ହିଁ ଭାରତବର୍ଷର ଧର୍ମ-ସାଧନା ଜଗତରେ ଏକ ଚିରନ୍ତର ମନସ୍ତତ୍ତ୍ୱ । ଯଦି କେହି ଏହି ମନୋଭାବର ଅନୁଗତ ହୋଇ ଗୁରୁଙ୍କ ଠାରେ ଭଗବଦ୍‌ଭାବ ଅର୍ପଣ କରି ସାଧନ କରି ଚାଲେ, ତାହା ହେଲେ ତାଆଡୁ କିଛି ଭୁଲ ହେବ ନାହିଁ । କିନ୍ତୁ ଗୁରୁଦେବମାନେ ଯଦି ଶିଷ୍ୟମାନଙ୍କୁ ଡାକି ହାକି ଖାଲି କହନ୍ତି - ''ଜାଣୁତ, ମୁଁ ହିଁ ଭଗବାନ । ମୋତେ ପୂଜା କରିବା ମାନେ ଭଗବାନଙ୍କୁ ପୂଜିବା, ଯଦି ପାରୁ ତ ମୋତେ ପୂଜିବା ପାଇଁ ଭଗବାନଙ୍କୁ ବି ଭୁଲି ଯା''- ତା' ହେଲେ ସେ ତ ଅତି ବିପଜ୍ଜନକ କଥା ହେବ ।

(ଭାଦ୍ର ୧୫, ୧୩୩୪)

ଗୁରୁ କ'ଣ ଭଗବାନ ?

କିଏ ଗୁରୁ ଆଉ କିଏ ଗୁରୁ ନୁହେଁ, ଏ ବିଷୟ ନେଇ ଝଗଡ଼ା କରି କିଛି ଲାଭ ନାହିଁ । ଗୁରୁ ପରମେଶ୍ୱର କି ପରମେଶ୍ୱର ନୁହଁନ୍ତି ସେ ବିଷୟରେ ତର୍କ କରିବା ମଧ୍ୟ ନିଷ୍ପ୍ରୟୋଜନ । କାରଣ ପରମେଶ୍ୱର ବୋଧ ଆସିଗଲେ ଆଉ କଥା କହିବାର ଭାଷା ନଥାଏ କି କଥା କହିବାର ଶକ୍ତି ମଧ୍ୟ ନ ଥାଏ । କୌଣସି ବସ୍ତୁ ବା ବ୍ୟକ୍ତି ସମ୍ପର୍କରେ ପରମେଶ୍ୱର ବୋଧ ନ ଆସିବା ପର୍ଯ୍ୟନ୍ତ ତାକୁ ପରମେଶ୍ୱର ବୋଲି ବର୍ଣ୍ଣନା କରିବା ମଧ୍ୟ ଠିକ୍ ନୁହେଁ, ବରଂ ଗୋଟିଏ ଦୃଷ୍ଟିରୁ ତାହା ମିଥ୍ୟାକଥନ ବା ଅତିଶୟୋକ୍ତି ବୋଲି କୁହାଯାଇପାରେ । ସ୍ତ୍ରୀ ସ୍ୱାମୀକୁ ପ୍ରାଣେଶ୍ୱର ବୋଲି କହେ କିନ୍ତୁ ପ୍ରକୃତରେ ସ୍ୱାମୀ କଣ ତାର ପ୍ରାଣର ଈଶ୍ୱର ? ପ୍ରାଣେଶ୍ୱର ବା ପ୍ରାଣେଶ୍ୱରୀ ସମ୍ବୋଧନଟା ଏକ ଅତିଶୟୋକ୍ତି ବା ଆଂଶିକ

ମିଥ୍ୟାକଥନ । କିନ୍ତୁ ଏହା ଏକ କବିତାର ଅଂଶବିଶେଷ । କାରଣ ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ କବିତାମୟ । ତେଣୁ ସେ ସ୍ଥଳେ ଅତିଶୟୋକ୍ତିକୁ ମୁଁ ମିଥ୍ୟାକଥନ କହିବି ନାହିଁ, କହିବି ଏହା କବିତାର ଏକ ଅଳଙ୍କାର, ଭାଷାର ଏକ ମଧୁର ପ୍ରୟୋଗ, ମନୋଭାବ ଓ ମନୋଭଙ୍ଗୀର ଏକ ବିଚିତ୍ର ମାଧୁରିମା । ସେ କବିତାରେ ଆନନ୍ଦ ଅଛି । କିନ୍ତୁ ପାପ ନାହିଁ, ଆବେଗ-ବିଭୋରତା ଅଛି କିନ୍ତୁ ଦୋଷ ନାହିଁ । କେହି ଯଦି ଅନ୍ତରର ଗଭୀର ଆବେଗରେ ଗୁରୁଙ୍କୁ ଭଗବାନ ବୋଲି ମନେ କରୁଥାଏ ତେବେ ସେଇଟା ତା ନିଜର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର, ସେଇଟା ତାର ଏକାନ୍ତ କାବ୍ୟମୟୀ ଅନୁଭୂତିର ଯୋଗାଯୋଗ ଯାହା ସହିତ ତୁମର, ମୋର ବା ଆଉ କାହାର କୌଣସି ସଂପର୍କ ନାହିଁ । ସେ ତା ଗୁରୁଙ୍କୁ ସାକ୍ଷାତ୍ ପରମେଶ୍ୱର ଜ୍ଞାନ କରି ତୃପ୍ତି ପାଏ ବୋଲି ସେଥିରେ ତୁମେ ବା ମୁଁ ନିନ୍ଦା ବା ସମାଲୋଚନା କରିବାର କିଛି ନାହିଁ । କିନ୍ତୁ ପ୍ରକୃତ ଗୁରୁ ତ ସେ, ଯେ ସମସ୍ତଙ୍କର ଗୁରୁ,- ଯେପରି କୁହାଯାଏ ପ୍ରକୃତ ପିତା ତ ସେ, ଯେ ସମସ୍ତଙ୍କର ପିତା । ପରମପୁରୁଷ ପରମେଶ୍ୱର ସର୍ବଜୀବର ଏକମାତ୍ର ଗୁରୁ, ଆଦିଗୁରୁ, ନିତ୍ୟକାଳର ଗୁରୁ ଏବଂ ଅବିକାରୀ ଗୁରୁ । କୌଣସି ରୂପ ଧାରଣ କରି ସେ ମନୁଷ୍ୟ ପାଖରେ ପ୍ରଥମେ ଧରା ଦେଇ ନାହାନ୍ତି । ନାମ-ସ୍ୱରୂପରେ ଧରା ଦେଇଛନ୍ତି । ନାମ ରୂପରେ ନାଦ-ସ୍ୱରୂପରେ, ଜ୍ଞାନ ଭିତର ଦେଇ ହେଉ ବା ନ ହେଉ, ପ୍ରାଣ ଭିତର ଦେଇ ସଙ୍ଗୀତର ଝଙ୍କାରରେ ଗୁରୁ ମନୁଷ୍ୟ ପାଖରେ ଧରା ଦେଇଛନ୍ତି । ଗର୍ଭସ୍ଥ ଶିଶୁ ଭ୍ରୁଣାବସ୍ଥାରେ ମାତୃଜଠରରେ ବସି ରହି ନିଜ ହୃତ୍ସ୍ପନ୍ଦନ ମଧ୍ୟ ଦେଇ ତାଙ୍କୁ ଶୁଣିଲା । ଭୂମିଷ୍ଠ ହେବାର ପରମୁହୂର୍ତ୍ତରେ ନିଜ ଫୁସ୍‌ଫୁସ୍‌ର ବାୟୁ ଗ୍ରହଣ ବ୍ୟପଦେଶରେ ନିଃଶ୍ୱାସ ରୂପରେ ତାଙ୍କୁ ଶୁଣିଲା ଓ ଓ୍ୱାଂ ଓ୍ୱାଂ କହି ନିଜ କଣ୍ଠରେ ତାଙ୍କୁ ଡାକିଲା । ଶିଶୁ ତାର ମାତାର, ପିତାର, ଧାତ୍ରୀର ଓ ପରିଜନବର୍ଗଙ୍କ ସାଦର ସସ୍ନେହ ସମ୍ବୋଧନ ମଧ୍ୟରେ ତାଙ୍କୁ ଶୁଣିଲା ।

ଆଖିରେ ଦେଖିବା ଆଗରୁ ସେ କର୍ଣ୍ଣ-ଚକ୍ଷୁରେ ଗୁରୁଙ୍କୁ ଏହିପରି ନାନା ପରିଚ୍ଛଦରେ ଦେଖିବାକୁ ପାଇଲା । ଏଗୁଡ଼ିକ ତାର ଦୀକ୍ଷା ଏବଂ ଏସବୁ ତାର ଆଦିଦୀକ୍ଷା ବୋଲି ମୁଁ କହିବି, ଯେଉଁଠି ମନୁଷ୍ୟ ବା ଉପଲକ୍ଷ୍ୟଟି ଅପ୍ରଧାନ । କାନ ଭିତର ଦେଇ ଯେ ମରମରେ ପ୍ରବେଶ କଲେ ସେହି ନାଦବ୍ରହ୍ମଙ୍କୁ ବାରମ୍ବାର ଶୁଣିବା ହିଁ ତାର ଦୀକ୍ଷା ଓ ଶିକ୍ଷା ଏବଂ ସେହି ନାଦ ହିଁ ତାର ଆଦିଗୁରୁ ।

କିନ୍ତୁ ଶବ୍ଦବ୍ରହ୍ମଙ୍କର ବହୁ ବିଚିତ୍ରତା ରହିଛି । ହୃତ୍ ସ୍ପନ୍ଦନରେ ତାଙ୍କର ଯାହା ନିଃଶ୍ୱାସ ପ୍ରଶ୍ୱାସରେ ଠିକ୍ ତାହା ନୁହେଁ । ନିଃଶ୍ୱାସ ପ୍ରଶ୍ୱାସରେ ତାଙ୍କର ଯେଉଁ ରୂପ, କ୍ରନ୍ଦନ ବା ବାକ୍ୟ-ଉଚ୍ଚାରଣ ଚେଷ୍ଟାରେ ତାହା ନୁହେଁ । ଏକ ଜୀବନ୍ତ ସତ୍ତା ଯେପରି ଥରେ ଉଚ୍ଚ ହୋଇ ଥରେ ନୀଚ ହୋଇ, କେବେ କୋମଳ ହୋଇ କେବେ କଠୋର ହୋଇ, କେବେ ବୀଣାନିନ୍ଦିତ ହୋଇ କେବେ ବଜ୍ର ଗର୍ଜନକୁ ସ୍ତବ୍ଧ କରି ଦେଇ ନାନା ବିଚିତ୍ର ରୂପ ଧରି କର୍ଣ୍ଣ ସମକ୍ଷରେ ଆସି ଉପସ୍ଥିତ ହୁଅନ୍ତି । ଯେ ଏହି ବିଭିନ୍ନତା ବା ବିଚିତ୍ରତାର ଚିତ୍ତଚମତ୍କାରୀ ଚାପଲ୍ୟ ଭିତରେ ଏକତ୍ୱର ସରଳ ରେଖାଟିଏ ଦେଖାଇ ଦେଇ କହନ୍ତି- ଇଦମେବ ନିତ୍ୟଂ, ଇଦଂ ବ୍ରହ୍ମ- ଏ ସବୁ କିଛି ଭିତରେ ଅବିନାଶୀ ପରିବର୍ତ୍ତନୀୟ ଶାଶ୍ୱତ ସତ୍ୟ ଏହି ମହାମନ୍ତ୍ର, ଏହାଙ୍କୁ ବ୍ରହ୍ମ ବୋଲି ଜାଣ,- ତାଙ୍କୁ ଆମେ ଗୁରୁ ବୋଲି ବନ୍ଦନା କରି କହିଥାଉ - ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନ, - ଏଇ ମୁଁ ତୁମର ଶିଷ୍ୟ ହେଲି, ମୋତେ ଶାସନ କରନ୍ତୁ, ପରିଚାଳିତ କରନ୍ତୁ । ମୁଁ ତୁମର କୋମଳ ଚରଣ-କମଳରେ ଆଶ୍ରୟ-ଭିକ୍ଷୁ । ମନୁଷ୍ୟ ଏହିପରି ଭାବରେ ଜୀବର ହେଲେ ଗୁରୁ । ଏଣୁ ଗୁରୁଙ୍କ ସମ୍ପର୍କରେ ତର୍କ ବିତର୍କ କରିବା କଥା ନୁହେଁ । ଯେ ଯାହାର ଗୁରୁ ହୁଅନ୍ତୁ ବା ଶିଷ୍ୟ ସହିତ ଗୁରୁଙ୍କର ଆନ୍ତରିକ ସଂପର୍କ ଯେଉଁ କ୍ଷେତ୍ରରେ ଯାହା ବା ହେଉ ପଛକେ, ଗୁରୁ ସ୍ମରଣ ଦ୍ୱାରା ଯଦି ପରୋକ୍ଷ

ଭାବରେ ପରମବେଦ୍ୟ ପରମ ବାଚ୍ୟ ପରମେଶ୍ୱରଙ୍କ କଥା ସ୍ମୃତି ପଥାରୂଢ଼ ହୁଏ ତେବେ ବୃଥା କଥାରେ ସମୟ ନଷ୍ଟ ନ କରି ଗୁରୁପଦିଷ୍ଟ ମାର୍ଗରେ ନାମ-ସାଧନରେ ଏକାଗ୍ର ମନରେ ଲାଗି ଯିବାକୁ ହୁଏ । ଗୁରୁଦେବଙ୍କ ସଂପର୍କରେ ପାଞ୍ଚଜଣଙ୍କର ପାଞ୍ଚ ରକମର ଅଭିମତ ଥାଇ ପାରେ ବା ଥିବା ସ୍ୱାଭାବିକ କିନ୍ତୁ କାହା ଦୃଷ୍ଟିରେ ଗୁରୁ କି ପଦାର୍ଥ, ତା ଅପେକ୍ଷା ମୂଲ୍ୟବାନ କଥା ହେଉଛି ଗୁରଦେବଙ୍କ କଥା ସ୍ମୃତି ପଥରେ ଉଦିତ ହେଲେ କାହା ଅନ୍ତରରେ ସାଧନ-ରୁଚିର ଜ୍ୱୁଆର ଉଠେ ବା କାହାର ତାହା ନ ହୁଏ । ମୁଁ ବା ତୁମେ ଏକାଗ୍ର ମନରେ, ଏକାଗ୍ର ଚିତ୍ତରେ ଅସୀମ ବିଶ୍ୱାସ ସହକାରେ ସାଧନ କରିବା, ଏଇଥିପାଇଁ ତ ଗୁରୁ ପ୍ରୟୋଜନ । ଆମେ ଆମ ଗୁରୁଦେବଙ୍କ ବିଷୟରେ ତର୍କ ବିତର୍କ କରିବା, ଏଥିପାଇଁ ତ କେହି ଗୁରୁବରଣ କରେ ନାହିଁ । ଗୁରୁଙ୍କୁ ରଖ ତର୍କାତୀତ ଏବଂ ତାଙ୍କ କଥା ସ୍ମରଣ ମାତ୍ରେ ତାଙ୍କ ପ୍ରଦତ୍ତ ପ୍ରେମମୟ ନାମର ସାଧନରେ ମଗ୍ନ ହୋଇଯାଅ, ଏହା ହିଁ ହେଉଛି ଗୁରୁଙ୍କ ପ୍ରତି ଅନୁରକ୍ତିର ସର୍ବାପେକ୍ଷା ବଡ଼ ଶୁଭଫଳ ।

ମୁଁ ତୁମର ନିତ୍ୟସାଥୀ

କଥା ପ୍ରସଙ୍ଗରେ ଜନୈକା ଭକ୍ତିମତୀ ମହିଳା ଦିନେ କହିଲେ - ବାବାମଣି, ମୁଁ ଆଉ କୌଣସି ଈଶ୍ୱରଙ୍କୁ ଜାଣେ ନାହିଁ ବା ବୁଝେ ନାହିଁ । ଆପଣଙ୍କୁ ମୁଁ ମୋର ଈଶ୍ୱର ବା ଭଗବାନ ବୋଲି ଜ୍ଞାନ କରେ, ଆପଣଙ୍କୁ ପୂଜା କଲେ ହିଁ ବିଶ୍ୱର ସବୁ ଦେବତାଙ୍କର ପୂଜା ହୁଏ, ଆପଣଙ୍କୁ ଧ୍ୟାନ କଲେ ହିଁ ଜଗତର ଆଦି-ଅନାଦି ସର୍ବଯୁଗ-ପରିପୂଜିତ ପ୍ରତ୍ୟେକ ଦେବତା, ପ୍ରତ୍ୟେକ ଅବତାର ଓ ପ୍ରତ୍ୟେକ ମହାପୁରୁଷଙ୍କର ପୂଜା ହୁଏ ।

ଶ୍ରୀ ଶ୍ରୀ ବାବା ହସି ହସି କହିଲେ - ଭାରି ହସିବା କଥାଟିଏ କହିଲ ମା, ମୁଁ ତୁମ୍ଭମାନଙ୍କର ଗୁରୁ, ତୁମ୍ଭେମାନେ ମୋତେ ଭଗବାନ ବୋଲି, ପରମେଶ୍ୱର ବୋଲି ଜ୍ଞାନ କରିବ, ଧ୍ୟାନ କରିବ, ପୂଜା ଆରାଧନା କରିବ, ଏକଥା ଶୁଣିଲେ ମୋତେ ଭାରି ହସ ଲାଗେ । ଭଗବାନ ହେବାକୁ ଗଲେ ମୋତେ ତୁମ୍ଭମାନଙ୍କର ସର୍ବଇନ୍ଦ୍ରିୟର ଅଗୋଚର ହେବାକୁ ହେବ ,- ତୁମ ଚକ୍ଷୁ ମୋତେ ଦେଖିବ ନାହିଁ, ତୁମ କାନ ମୋ କଥା ଶୁଣିବ ନାହିଁ, ତୁମ ହସ୍ତ ମୋର ଚରଣସ୍ପର୍ଶ ପାଇବ ନାହିଁ, ତୁମର ମନ ମୋତେ ଭାବି ଭାବି ଆକୁଳ ହେବ କିନ୍ତୁ ଥଳକୂଳ ପାଇବ ନାହିଁ, ଥଳକୂଳ ହରାଇ ବସିବ । ତୁମର ବୁଦ୍ଧି ମୋତେ ନେଇ ଅଗାଧ ଜଳରାଶିରେ ଉବୁଟୁବୁ ହେବ କିନ୍ତୁ ଦେଖିବ ମୁଁ ମନର ଯେପରି ଅଗୋଚର ବୁଦ୍ଧିର ବି ସେହିପରି ଅଗୋଚର । ତେଣୁ ଭଗବାନ ହୋଇ କିଛି ଲାଭ ନାହିଁ । ତାହାହେଲେ ମୁଁ କ'ଣ ? ମୁଁ ତୁମ୍ଭମାନଙ୍କର ନିତ୍ୟସଙ୍ଗୀ, ନିତ୍ୟସାଥୀ । ମୁଁ ସର୍ବଦା ତୁମ୍ଭମାନଙ୍କର ସଙ୍ଗେ ସଙ୍ଗେ ଥାଏ, ପାଖେ ପାଖେ ଥାଏ, ପଛେ ପଛେ ଥାଏ । ତୁମ୍ଭମାନଙ୍କର ଧ୍ୟାନ କାଳରେ ମୁଁ ସାକ୍ଷୀସ୍ୱରୂପ, ଉପାସନା କାଳରେ ମୁଁ ତୁମର ସମସାଧକ, ତୁମ୍ଭମାନଙ୍କର ଅଗ୍ରଗମନ ପଥରେ ମୁଁ ନିୟତ ତୁମ୍ଭମାନଙ୍କର ହାତଧରି ବାଟ କଢ଼େଇ ନେଇଯାଏ, ଅଧଃପତନର ପିଚ୍ଛିଳ ପଥରେ ମୁଁ ଜୋର କରି ତୁମ୍ଭମାନଙ୍କୁ ଟାଣି ଧରି ସମ୍ଭାଳି ରଖେ । ମୋତେ ଏହି ଭାବରେ ଭାବ, ମୋତେ ପରମେଶ୍ୱର ଭାବି ଠକି ଯାଅ ନାହିଁ ।

ନିଜ ନିଜ ଗୁରୁଦେବଙ୍କୁ ସ୍ୱୟଂ ପରମେଶ୍ୱର ବା ପରମେଶ୍ୱରଙ୍କ ଅବତାର ବୋଲି ପୂଜା କରିବା ରୀତି ଏ ଦେଶରେ ବହୁଳ ପ୍ରଚଳିତ । ଏହାର ଭଲ ମନ୍ଦ ବିଚାର ଆଲୋଚନା କରି ବସିବା ଆମର ପ୍ରୟୋଜନ ନୁହେଁ, ଯେ ଯେଉଁଠି ନିଜ ମନକୁ ନିଃଶେଷରେ ବସାଇ ଦେଇ ଡୁବି ଯାଇ ପାରିବ ସେଇଠି ସେ ତା

ଈଶ୍ୱରଙ୍କୁ ପାଇ ପାରିବ, ଏ କଥା ମିଥ୍ୟା ନୁହେଁ, ପୂର୍ଣ୍ଣ ସତ୍ୟ । କିନ୍ତୁ ନିଃଶେଷ କଥାଟି ପ୍ରତି ଟିକିଏ ଖିଆଲ ରଖିବ । ଯେଉଁଠି ନିଜକୁ ବୁଡାଇ ଦେବା ପରେ ଆଉ କେଉଁଠି ବୁଡି ମରିବାର ଭୟ ନଥାଏ, ସେହିଠାରେ ହିଁ ନିଃଶେଷ ବୁଡିବାଟା ହେଲା ବୋଲି ଜାଣିବା । ସମୁଦ୍ରରେ କେହି ବୁଡି ମଲେ ତାର ଆଉ ଗଡ଼ିଆ ପୋଖରୀରେ ବୁଡି ମରିବା ପ୍ରଶ୍ନ ଉଠେ ନାହିଁ । ଅତଏବ କିଏ କାହାକୁ କେତେବେଳେ ସାକ୍ଷାତ ପରମେଶ୍ୱର ବୋଲି ମନେ କରିବ ସେଇଟା ତାର ବ୍ୟକ୍ତିଗତ ବ୍ୟାପାର । ସେଥିରେ ବାହାର ଲୋକଙ୍କର ଅନଧିକାର ପ୍ରବେଶର ସାର୍ଥକତା କେଉଁଠି ? କିନ୍ତୁ ତୁମେ ଯଦି ଜଣଙ୍କୁ ତୁମର ଈଶ୍ୱର ବା ଈଶ୍ୱରଙ୍କ ଅବତାର ବୋଲି ପ୍ରଚାର କରିବାକୁ ଆରମ୍ଭ କର, ତାହା ହେଲେ ଆଉ ଜଣେ ବି ତାର ଭଲ ପାଇବାର କେନ୍ଦ୍ରସ୍ଥଳ ଦ୍ୱିତୀୟ ଏକ ମହାପୁରୁଷଙ୍କୁ ଈଶ୍ୱର ବା ଈଶ୍ୱରାବତାର ବୋଲି ପ୍ରଚାର ଆରମ୍ଭ କରିଦେବ । ଈଶ୍ୱର ବା ଈଶ୍ୱରାବତାରମାନେ ଦଳ ଦଳ ହୋଇ ଚାରିଆଡ଼େ ଖାଲି ଆବିଷ୍କୃତ ହେବାକୁ ଲାଗିଲେ ଏତେ ଈଶ୍ୱର ବା ଏତେ ଅବତାରଙ୍କ ଭିଡ଼ ଭିତରେ ମୁଁ ବା ତୁମ ଭଳି ସାଧାରଣ ବୁଦ୍ଧିର ଲୋକ ଅଡାବୁଆ ହୋଇ ଏଣେ ତେଣ ଦୌଡ଼ା ଦୌଡ଼ି କରି କରି ହଇରାଣ ହରକତ ହେବାର ଆଉ ଅନ୍ତ ନ ଥିବ । ଅତଏବ କେହି ଯଦି ଗୁରୁଙ୍କ ସମ୍ପର୍କରେ ହଠାତ୍ ଖୁବ୍ ଆଶ୍ଚର୍ଯ୍ୟ ଧରଣର ବୋଧ କିଛି ପାଇଥାଅ ତେବେ ତାକୁ ନିଜ ଅନ୍ତରରେ ଗୋପନ କରି ରଖ, ବାହାରେ ପ୍ରଚାର କରିବାକୁ ଯାଅ ନାହିଁ ।

ସର୍ବତ୍ର ପରମେଶ୍ୱର ଦର୍ଶନ

ପରମଶ୍ୱେର କଣ ମୋ'ଠି ନାହାଁନ୍ତି ? ନିଶ୍ଚୟ ଅଛନ୍ତି । ମୁଁ କଣ ଗୋଟିଏ ହିସାବରେ ପରମେଶ୍ୱରଙ୍କ ସହିତ ଅଭିନ୍ନ ନୁହେଁ ? ନିଶ୍ଚୟ ଅଭିନ୍ନ । ତାହା

ହେଲେ ମୁଁ ନିଜକୁ ପରମେଶ୍ୱର ବୋଲି ପ୍ରଚାର ନ କରିବି କାହିଁକି ? କରିବି ନାହିଁ ଏଇଥିପାଇଁ ଯେ ସେ ତୁମଠି ବି ଅଛନ୍ତି, ତୁମେ ବି ତାଙ୍କଠାରୁ ଅଭିନ୍ନ । ପ୍ରଚାର ଯଦି କରିବାକୁ ହୁଏ ତେବେ ମୋ କଥା ମୁଁ ପ୍ରଚାର କରିବି କାହିଁକି ଆଉ ତୁମ କଥା ପ୍ରଚାର ନ କରିବି ବା କାହିଁକି ? ମୁଁ ଯେପରି ପରମେଶ୍ୱର ତୁମେ ବି ସେହିପରି ପରମେଶ୍ୱର । ମୁଁ ହୁଏତ ଜାଣିଛି, ତୁମେ ହୁଏତ ଜାଣି ନାହଁ, ତଫାତ୍ ମାତ୍ର ଏତିକି । ପରମେଶ୍ୱର ସବୁ ବସ୍ତୁରେ ବିରାଜମାନ ତାଙ୍କ ଛଡ଼ା ଆଉ କିଛି ନାହିଁ, କେବେ ନ ଥିଲା କି କେବେ ନଥିବ । ସର୍ବତ୍ର ସର୍ବଦା ସର୍ବାବସ୍ଥାରେ ପରମେଶ୍ୱରଙ୍କୁ ଦେଖି ପାରିବା, ଜାଣି ପାରିବା ଏବଂ ଉପଲବ୍ଧି କରିବା ହିଁ ଭାରତୀୟ ଚିନ୍ତାଧାରାର ପରମ ବିଶେଷତ୍ୱ । ହୁଏତ ମୋ ଦେଖିବା ତୁମ ଦେଖିବାରେ ପାର୍ଥକ୍ୟ ଥାଇପାରେ କିନ୍ତୁ ତୁମେ ଏକ ରକମର ଆଉ ମୁଁ ଏକ ରକମର ଦେଖିଛି ବୋଲି ତୁମର ଉପଲବ୍ଧି ମିଥ୍ୟା ହେବ, ଏକଥା ଭାରତୀୟ ଚିନ୍ତାଧାରାର ଭିତରେ ନାହିଁ । ମୁଁ ମୋ ପରି ଦେଖିଛି, ତୁମେ ତୁମ ପରି ଦେଖିଛ, ଏଥିପାଇଁ ତୁମ ସଙ୍ଗେ କଳହର କୌଣସି ଯୁକ୍ତି ସଙ୍ଗତ କାରଣ ନାହିଁ । ଏହି ସହନଶୀଳ ମନୋଭଙ୍ଗି ହିଁ ହେଉଛି ଭାରତୀୟ ଚିନ୍ତାଧାରାର ବିଶେଷତ୍ୱ । ଏହି ସହନଶୀଳତା ଅଛି ବୋଲି ବୃକ୍ଷ, ଲତା, ପ୍ରସ୍ତର, ମୃତପିଣ୍ଡ, ଶୁଷ୍କ ଦାରୁଖଣ୍ଡ, ମୂର୍ତ୍ତି, ପ୍ରତୀକ ବା କୌଣସି ଜୀବ ଜନ୍ତୁଙ୍କୁ ସୁଦ୍ଧା ନାନା ସ୍ଥାନରେ ନାନା ଲୋକେ ଈଶ୍ୱରଙ୍କ ସ୍ମାରକ ରୂପେ ଗ୍ରହଣ କରି ପୂଜା କରୁଛନ୍ତି । କିନ୍ତୁ ଅନୁଭବୀ ସାଧକମାନେ ଏମାନଙ୍କ ମଧ୍ୟରୁ କାହାକୁ ଗୋଟିଏ ହେଲେ ବି ଗ୍ରହଣ କରି ନାହାଁନ୍ତି । ଅତଏବ ହଜାର ହଜାର ମନୁଷ୍ୟ ନିଜ ନିଜର ପ୍ରିୟ ଭକ୍ତଙ୍କ ଦ୍ୱାରା ଈଶ୍ୱର ରୂପରେ ବା ଈଶ୍ୱରଙ୍କ ଅବତାର ରୂପରେ ପୂଜା ପାଇବେ, ଏଇଟା କିଛି ଆଶ୍ଚର୍ଯ୍ୟର କଥା ନୁହେଁ । କିନ୍ତୁ ନିଜ ନିଜ ଗୁରୁଦେବଙ୍କୁ ଈଶ୍ୱର ବୋଲି ପ୍ରଚାର କରିବା ଓ ତାଙ୍କ ପୂଜା ଭୂମଣ୍ଡଳରେ ପ୍ରବର୍ତ୍ତିତ କରିବା ଲାଗି ଚେଷ୍ଟା କରିବା

ଏକ ହାସ୍ୟାସ୍ପଦ ବ୍ୟାପାର । କାରଣ ସେପରି କରିବାକୁ ଗଲେ ବହୁ କଳ୍ପିତ କାହାଣୀ ଅବତାରଣା କରି ସହସ୍ର ସହସ୍ର ଲୌକିକ ସଦ୍‌ଗୁଣରେ ମଣ୍ଡିତ ଜଣେ ମହାପୁରୁଷଙ୍କୁ ଅଲୌକିକ ଜଗତକୁ ଟାଣି ନେବାକୁ ହୁଏ । ଏହି ସବୁ ଅଲୌକିକରୁ କିଛି କିଛି ହୁଏତ ବାସ୍ତବ ସତ୍ୟ, କିଛି କିଛି ହୁଏତ ପ୍ରଚାରକମାନଙ୍କ ଅଜ୍ଞାତସାରରେ ସୃଷ୍ଟ କଳ୍ପିତ କାହାଣୀ ମାତ୍ର । ଏହି ଅଧ୍ୟବସାୟରେ ଲାଗି ପଡ଼ିବା ପରେ ତେଣିକି ଅନ୍ୟ ନୂତନ ଅବତାରଙ୍କ ଆବିର୍ଭାବକୁ ଆଉ ରୋକି ହୁଏ ନାହିଁ କିମ୍ବା ସହ୍ୟ ବି କରି ହୁଏ ନାହିଁ । ତା ଫଳରେ ଅନ୍ତରରେ ଅସହିଷ୍ଣୁତା ଓ ଅସନ୍ତୋଷ ଆସେ । ଫଳତଃ ସଂଘ ସଂଘ ମଧ୍ୟରେ, ସଂପ୍ରଦାୟ ସଂପ୍ରଦାୟ ଭିତରେ ସୃଷ୍ଟି ହୁଏ ମୃଦୁ ବା ତୀବ୍ର କଳହ, ଶାନ୍ତିମୟ ଜଗତରେ ନୂତନ ଅଶାନ୍ତି ସୃଷ୍ଟି ହେବା ଆରମ୍ଭ ହୋଇଯାଏ । ପୃଥିବୀ ଇତିହାସରେ ବହୁବାର ଏଭଳି ଘଟଣା ଘଟିଛି । ଅସ୍ତ୍ରବଳରେ ବଳୀୟାନ୍ ସମ୍ପ୍ରଦାୟର ଲୋକମାନେ ନୂତନ ଈଶ୍ୱର-ଅବତାର ବା ଈଶ୍ୱର-ପ୍ରେରିତ ପୁରୁଷଙ୍କୁ ହତ୍ୟା କରିବା ଚେଷ୍ଟାରେ ବି କସୁର କରିନାହାନ୍ତି । କେତେ ଯେ ଅବତାର ପୃଥିବୀକୁ ଆସିଛନ୍ତି ଆଉ କେତେ ଯେ ଅବତାର ବିସ୍ମୃତିର ଅତଳ ଗହ୍ୱରରେ ଲୀନ ହୋଇଯାଇଛନ୍ତି ତାର ଇୟତା ନାହିଁ । ସୁତରାଂ ନିଜର ଗୁରୁଦେବଙ୍କୁ ଈଶ୍ୱର ବା ଈଶ୍ୱରାବତାର ବୋଲି ପ୍ରଚାର-ଚେଷ୍ଟାରେ ନ ଲାଗି ତାଙ୍କର ସ୍ୱାଭାବିକ ମାନବିକ ସଦ୍‌ଗୁଣାବଳୀକୁ ଆଖି ଆଗରେ ରଖି ଏକ ଓ ଅଦ୍ୱିତୀୟ ପରମେଶ୍ୱରଙ୍କୁ ସର୍ବଭୂତରେ ଦର୍ଶନର ଯାତ୍ରାପଥରେ ପ୍ରତ୍ୟେକ ଆଗେଇ ଯିବା ଉଚିତ୍ । ତୁମ ଗୁରୁଦେବଙ୍କ ଦ୍ୱାର ତୁମର ଇଷ୍ଟ ଦର୍ଶନର ଶୁଭସୂଚନା ହୁଏତ ହେଲେ ହୋଇପାରେ କିନ୍ତୁ ପରମେଶ୍ୱରଙ୍କୁ ସର୍ବତ୍ର, ସର୍ବଦା ଓ ସର୍ବାବସ୍ଥାରେ ଦେଖିବାକୁ ହେବ, ଏହାହିଁ ହେଲା ସବୁ ସାଧନାର ଚରମ ଲକ୍ଷ୍ୟ । ଏଇ ଜ୍ଞାନତକ ଲାଭ କରିବା ପାଇଁ ତ ଲୋକେ ଯୋଗ, ଧ୍ୟାନ, ଦାନ, ତପସ୍ୟା ଇତ୍ୟାଦି ସବୁ କରନ୍ତି ।

ଗୁରୁପୂଜା

ଗୁରୁପୂଜା କଥା ଲେଖିଛ । ବାସ୍ତବିକ ଗୁରୁପୂଜା, ଆତ୍ମୋନ୍ନତିର ମୂଳ ସ୍ୱରୂପ । କିନ୍ତୁ ପୁଷ୍ପାଞ୍ଜଳି ଦେଇ ଗୁରୁଦେବଙ୍କ ପ୍ରତିମୂର୍ତ୍ତିର ଅର୍ଚ୍ଚନା କରିବା ବା ଝୁଣା-କର୍ପୁର ଦ୍ୱାରା ଆରତି କରିବା କଣ ଏକମାତ୍ର ଗୁରୁପୂଜା ? ଗୁରୁଦେବଙ୍କ ଚରଣ ବନ୍ଦନା, ପାଦ-ସଂବାହନ, ଅନ୍ନ, ବସ୍ତ୍ର, ଅର୍ଥାଦିଦ୍ୱାରା ତାଙ୍କର ପରତୋଷଣ କମ ଏକମାତ୍ର ଗୁରୁପୂଜା ? ମୁଁ ତ କହିବି ଏ ସବୁ ନିକୃଷ୍ଟ ଗୁରୁପୂଜା । ଗୁରୁଦତ୍ତ ସାଧନ ଜୀବନାଦର୍ଶକୁ ନିୟତ ହୃଦୟରେ ଧରି ରଖି ପରମ କଲ୍ୟାଣ ଲାଗି ଜୀବନ ଉତ୍ସର୍ଗ ହିଁ ଶ୍ରେଷ୍ଠ ଗୁରୁପୂଜା । ଗରୁଦେବଙ୍କୁ ଧ୍ୟାନ କରି ତାଙ୍କର ଶୁଭ୍ର ନିଷ୍କଳଙ୍କ ଚରିତ୍ରର ସ୍ମୃତି ଭିତରେ ନିଜକୁ ହଜାଇ ଦେବା ଅଭ୍ୟାସରେ ମଧ୍ୟ କଲ୍ୟାଣ ଅଛି ସତ୍ୟ, କିନ୍ତୁ ଗୁରୁଦତ୍ତ ସାଧନ ଶକ୍ତିରେ ମନର ବଳକୁ ଟାଣ କରି ନିର୍ଭୀକ ହୃଦୟରେ ଦେଶସେବା ବା ଜଗତର କଲ୍ୟାଣ ପାଇଁ ଆତ୍ମୋତ୍ସର୍ଗ କରିବା ଭିତରେ ବୃହତ୍ତର କଲ୍ୟାଣ ନିହିତ ଅଛି ।

ଶିଷ୍ୟ ଯଦି କହେ ଯେ ଗୁରୁମୂର୍ତ୍ତି ପୂଜା କଲେ ମୁଁ ଆନନ୍ଦ ପାଏ, ସାଧନାରେ ଉତ୍ସାହ ପାଏ, ଅତଏବ ହାଣ ମାର ଯାହାକର ମୁଁ ତୁମ ମୂର୍ତ୍ତି ଅବଶ୍ୟ ପୂଜା କରିବି, ଗାଳି ଫଜିତ ଯାହା କର ମୁଁ ତୁମ ଫଟୋକୁ ନିଶ୍ଚୟ ଫୁଲରେ ସଜାଇବି, ଚନ୍ଦନଚର୍ଚ୍ଚିତ କରିବି, ପଞ୍ଚ ପ୍ରଦୀପରେ ଆରତି କରିବି, ତାହାହେଲେ ବାବା କିଏ କାହିଁକି ମନା କରିବ ? ପ୍ରାଣ ଯାହା ଚାହୁଁଛି କରି ଯାଅ ବାବା, କିଛି ବାଧା ନାହିଁ । କିନ୍ତୁ ଯେଉଁଠି ଗୁରୁପୂଜାରେ ଖୁବ୍ ହଇଗୋଳ ଆରମ୍ଭ ହେବ, ସେଠାରେ ଜାଣିବ ତୁମ ଭିତରେ ଭଣ୍ଡାମି ଆସି ପଶିଛି । ଯାହା କରିବାର କର, କିନ୍ତୁ ନିଭୃତରେ କର, କେବଳ ଅନ୍ତରର ଆକର୍ଷଣ ଆଡ଼କୁ ଦୃଷ୍ଟି ଦେଇ କର, ବାହାରେ ଦେଖେଇ ହେବା ଉଦ୍ଦେଶ୍ୟରେ କିଛି କର ନାହିଁ । ଭଲ ପାଇବାଟା ବଡ଼ ଭୟଙ୍କର ପଦାର୍ଥ - ଏହା ଟିକିଏ ଗଭୀର ହେଲେ

ମନୁଷ୍ୟ ଭଲପାଇବାର ବସ୍ତୁଟିକୁ ନେଇ ଏକାବେଳେକେ ଭଗବାନଙ୍କ ଆସନରେ ବସାଇ ଦିଏ । ଏହିପରି ଭାବରେ ସ୍ତ୍ରୀ ସ୍ୱାମୀକୁ, କେବେ କେବେ ସ୍ୱାମୀ ସ୍ତ୍ରୀକୁ ଶିଷ୍ୟ ଗୁରୁଙ୍କୁ, ବେଳେବେଳେ ଗୁରୁ ଶିଷ୍ୟକୁ, ବନ୍ଧୁ ବନ୍ଧୁକୁ ସାକ୍ଷାତ ଈଶ୍ୱରଙ୍କ ଅବତାର ବୋଲି ମନେ କରେ । ଭଲ ପାଇବାର ଉତ୍କର୍ଷ ମାର୍ଗର ଏହା ଏକ ସୋପାନ । ତେଣୁ ଏହାକୁ ମିଥ୍ୟା ବୋଲି ଉଡ଼ାଇ ଦେବାର ଉପାୟ ନାହିଁ । ଉଚ୍ଚତର ସ୍ତରର ସୋପାନକୁ ଉଠିବା ପାଇଁ ଏହା ଏକ ନିମ୍ନତର ସୋପାନ । କିନ୍ତୁ ଭଲ ପାଇବାଟା ଯେଉଁଠି ସତ୍ ସେଠାରେ ତାର ଗତିପଥ ବଡ଼ ପ୍ରଚ୍ଛନ୍ନ । ବାହାରର ଉଲ୍ଲାସ, ବାହାରର ଚାଞ୍ଚଲ୍ୟ ଓ ବାହାରର ଆଡ଼ମ୍ବରକୁ ସେ ସ୍ୱଭାବତଃ ଗୋପନ କରି ଚଳେ ।

(ଶ୍ରାବଣ ୨୩, ୧୩୩୫)

ଗୁରୁମୂର୍ତ୍ତି ଧ୍ୟାନ

ମନ୍ତ୍ର ପାଇଛ ଈଶ୍ୱରଙ୍କର କିନ୍ତୁ ଧ୍ୟାନ କରୁଛ ମନ୍ତ୍ରଦାତାଙ୍କ ମୂର୍ତ୍ତିର, ଏଇଟା ଠିକ୍ ନୁହେଁ, ବେଠିକ୍ ବି ନୁହେଁ । ଈଶ୍ୱର-ଚେତନାଯୁକ୍ତ ହୋଇ ତୁମେ ଯେ କୌଣସି ମୂର୍ତ୍ତି ଧ୍ୟାନ କରିପାର, କିନ୍ତୁ ଈଶ୍ୱର ଚେତନା ବର୍ଜିତ ହୋଇ ତୁମେ କୌଣସି ମୂର୍ତ୍ତି ଧ୍ୟାନ କରିବାକୁ ଅଧିକାରୀ ନୁହଁ । ଗୁରୁଦତ୍ତ ମନ୍ତ୍ର ଯଦି ଏପରି କୌଣସି ରୂପର ସ୍ମାରକ ବା remembrancer ହୁଏ, ଯାହାର ସ୍ମରଣ ମାତ୍ରକେ ଈଶ୍ୱର ମନେ ପଡ଼ନ୍ତି, ତେବେ ତୁମେ ସେହି ରୂପ ଧ୍ୟାନ କରିପାର । ଗୁରୁଙ୍କର ମୂର୍ତ୍ତି ଯଦି ଈଶ୍ୱରଙ୍କର ସେହି ନାମରେ remembrancer ହୁଏ, ତେବେ ସେହି ମୂର୍ତ୍ତି ଧ୍ୟାନ କର । ଈଶ୍ୱରୀୟ-ଭାବହୀନ ନାମଜପ ନିଷ୍ଫଳ । ଈଶ୍ୱରୀୟ-ଭାବହୀନ ରୂପ ଧ୍ୟାନ ନିଷ୍ଫଳ ।

(ଶ୍ରାବଣ ୭, ୧୩୩୮)

ଗୁରୁମୂର୍ତ୍ତି ଧ୍ୟାନ

ନାମ ଜପ କରୁ କରୁ କେବେ ଯଦି କୁରୁଙ୍କ ମୂର୍ତ୍ତି ଫୁଟି ଉଠେ ତେବେ କଣ କରାଯିବ ? ଫୁଟି ଉଠିଲେ ଉଠନ୍ତୁ, ତାଙ୍କୁ ଅନାଦର କରିବା କିଛି ଦରକାର ନାହିଁ । କିନ୍ତୁ ମନେ ରଖିଥିବ, ନ ଇତି, ଏତିକିରେ ଶେଷ ନୁହେଁ । ଭଗବାନଙ୍କ ନାପ ଜପ କଲେ ବିନା ଚେଷ୍ଟାରେ ଯେ କୌଣସି ରୂପ ତୁମ ଦୃଷ୍ଟି ସମକ୍ଷରେ ଫୁଟି ଉଠୁ ପଛକେ, ତାହା ଭଗବାନଙ୍କ ରୂପ ବୋଲି ଜାଣିବ । ତାଙ୍କ ନାମ ଜପ କରିବାକୁ ବସି ଯଦି ମୈଥୁନାଦି କଦାଚାରରତ ପଶୁପକ୍ଷୀ, ସରୀସୃପ ଇତ୍ୟାଦିଙ୍କ ମୂର୍ତ୍ତି ଭାସି ଉଠେ, ତାହା ମଧ୍ୟ ଭଗବାନଙ୍କର ରୂପ ବୋଲି ଜାଣିବ । କାଳୀମୂର୍ତ୍ତି ମଧ୍ୟ ଭଗବାନଙ୍କର ରୂପ, କୃଷ୍ଣ ମୂର୍ତ୍ତି ହିଁ ଭଗବାନଙ୍କର ରୂପ, ଜନକ ମୂର୍ତ୍ତି ବି ଭଗବାନଙ୍କର ରୂପ, ଦୀନ ଦରିଦ୍ର, ଅନାଥ, ଆତୁର, ଅନ୍ଧ, ଖଞ୍ଜ, ପୁତ୍ର, ମିତ୍ର, ସ୍ତ୍ରୀ, କନ୍ୟା, ବନ୍ଧୁବାନ୍ଧବ, ଶତ୍ରୁ, ମିତ୍ର, ରାଜା, ପ୍ରଜା, ନଦୀ, ପର୍ବତ, ପଶୁ, ପକ୍ଷୀ ପ୍ରଭୃତି ସବୁ ସେହି ଅନନ୍ତ-ରୂପ-ସମୁଦ୍ରର ଗୋଟିଏ ଗୋଟିଏ ତରଙ୍ଗ ମାତ୍ର । ନାମ ଜପ କରୁ କରୁ ଏମାନଙ୍କ ଭିତରୁ ଯାହାକୁ ଯେତେବେଳେ ଦେଖ ପଛକେ, ଭାବିବ ଭଗବଦ୍ ଦର୍ଶନ ହେଉଛି, କିନ୍ତୁ ଭଗବାନଙ୍କୁ ସମ୍ପୂର୍ଣ୍ଣ ଦେଖୁନାହଁ, ତେଣୁ ସେହି ଦର୍ଶନ ଟିକକରେ ସନ୍ତୁଷ୍ଟ ହୋଇଗଲେ ଚଳିବ ନାହିଁ, ଆହୁରି ବେଶି ଦେଖିବାକୁ ହେବ ଓ ସେଥିପାଇଁ ଆହୁରି ଜୋରରେ ସାଧନା କରି ଚାଲିବ ।

(ଭାଦ୍ର ୨୪, ୧୩୩୪)

ଗୁରୁମୂର୍ତ୍ତି ଧ୍ୟାନ

ପ୍ରଶ୍ନକର୍ତ୍ତା- କାଳୀ, କୃଷ୍ଣ, ଶିବ, ଦୁର୍ଗାଙ୍କ ଉପରେ ବିଶ୍ୱାସ ନାହିଁ ?

ଉତ୍ତର - କାହିଁକି ବିଶ୍ୱାସ ନାହିଁ ?

ପ୍ରଶ୍ନକର୍ତ୍ତା - ପୁରାଣରେ ଏପରି ଏନେକ କାହାଣୀ ପଢ଼ିଛି, ଯାହା ପଢ଼ିଲା ପରେ ଆଉ ଏମାନଙ୍କ ଠାରେ ଈଶ୍ୱର ବୁଦ୍ଧି ଆସୁନାହିଁ, ଏମାନେ ମନୁଷ୍ୟ ପରି ମନେ ହେଉଛନ୍ତି । ତେଣୁ ଭଗବାନଙ୍କପାଇଁ ଯାହାର ଚିତ୍ତ ବ୍ୟାକୁଳ ସେ ଆଉ ଏସବୁ ରୂପ ଭିତରେ ନିଜକୁ ଆବଦ୍ଧ କରି ରଖିବାକୁ ଚାହେଁ ନାହିଁ ।

ଉତ୍ତର - ତାହା ହେଲେ କେଉଁ ରୂପ ଧ୍ୟାନ କରିବାକୁ ତୁମକୁ ଭଲ ଲାଗେ ?

ପ୍ରଶ୍ନକର୍ତ୍ତା - ବେଳେ ବେଳେ ଗୁରୁମୂର୍ତ୍ତି ଧ୍ୟାନ କରି ମୁଁ ଆନନ୍ଦ ପାଏ କାଳୀ, କୃଷ୍ଣ, ଶିବ, ଦୁର୍ଗା ଏମାନଙ୍କ ଭିତରୁ କାହାକୁ କେବେ ଆଖିରେ ଦେଖିନାହିଁ । ଫଟୋର ମୂର୍ତ୍ତିଗୁଡ଼ିକ ପରସ୍ପର ଠାରୁ ବିଭିନ୍ନ । ତେଣୁ ପ୍ରତ୍ୟକ୍ଷ ଦୃଷ୍ଟ ଗୁରୁମୂର୍ତ୍ତି ଧ୍ୟାନ କରିବାକୁ ଭଲ ଲାଗେ ।

ଉତ୍ତର - ଗୁରୁ ବି ତ ମନୁଷ୍ୟ । ହେଇ ଦେଖ, ତୁମମାନଙ୍କ ପରି ମୋର ତ ହାତ ଗୋଡ଼, ନାକ, ଆଖି, ମୁହଁ, ସବୁ ଅଛି । ତୁମ୍ଭମାନଙ୍କ ପରି ମୋର ଆହାର ନିଦ୍ରା ଅଛି, କ୍ଷୁଧା, ତୃଷା, ମଳବେଗ, ମୂତ୍ରବେଗ ଅଛି । ତୁମରିମାନଙ୍କ ପରି ମୋର ଆରାମ, ବେରାମ, ଭଲ, ମନ୍ଦ ସବୁ ଅଛି । ତାହାହେଲେ ମୋ ମୂର୍ତ୍ତି ଧ୍ୟାନ କଲେ କି ଲାଭ ହେବ ?

ପ୍ରଶ୍ନ କର୍ତ୍ତା - ଗୁରୁମୂର୍ତ୍ତି ଧ୍ୟାନ କଲାବେଳେ ମୁଁ ଗୁରୁଙ୍କର ମନୁଷ୍ୟ ଭାବଟାକୁ ମନରୁ ଦୂର କରି ତାଙ୍କର ଚିନ୍ମୟ ଭାବଟିକୁ ହିଁ ଧ୍ୟାନ କରେ ।

ଉତ୍ତର - ଖୁବ୍ ଭଲ କଥା । ତାହହେଲେ କାଳୀ, କୃଷ୍ଣ, ଶିବ, ଗଣେଶ ପ୍ରଭୃତିଙ୍କ ସଂପର୍କରେ ମଧ୍ୟ ମନରୁ ମନୁଷ୍ୟ ଭାବଟାକୁ ସେହିପରି ଦୂର କରି ଦେଇ ପରମାତ୍ମା ଭାବଟିକୁ ନେଇ ଧ୍ୟାନସ୍ଥ ହେଲେ କ'ଣ ହୁଅନ୍ତା ନାହିଁ ?

ପ୍ରଶ୍ନକର୍ତ୍ତା - କାଳୀ, କୃଷ୍ଣ, ଶିବ, ଗଣେଶ ଏମାନେ ହେଲେ ଅପ୍ରତ୍ୟକ୍ଷ ଦେବତା, ଗୁରୁ ସାକ୍ଷାତ୍ ଦେବତା । ଏଣୁ ଗୁରୁମୂର୍ତ୍ତି ଧ୍ୟାନ କଲେ ମନରେ ବେଶି ଜୋର ଆସେ ।

ଉତ୍ତର - ତୁମ୍ଭେମାନେ ତ ଜାଣ ମୁଁ ମୋର ପ୍ରତିଷ୍ଠିତ ଆଶ୍ରମଗୁଡ଼ିକରେ ମୋର କୌଣସି ପ୍ରତିମୂର୍ତ୍ତି ପୂଜା କରିବାକୁ ବାରଣ କରିଛି ।

ପ୍ରଶ୍ନକର୍ତ୍ତା - କିନ୍ତୁ ଭକ୍ତମାନେ ଯଦି ଜୋର କରି ଆପଣଙ୍କ ମୂର୍ତ୍ତି ପ୍ରତିଷ୍ଠିତ କରନ୍ତି, ସେତେବେଳେ ଆପଣ କଣ କରିବେ ?

ଉତ୍ତର - ଫଟୋ ମୋର ହେଉ ବା ତୁମର ହେଉ, କୌଣସି ପ୍ରତୀକ ଯଦି ବ୍ରହ୍ମ ଅନୁଭୂତି ଲାଭରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପୂଜିତ ହୁଏ, ତେବେ ମୁଁ ତାକୁ ଜୋର କରି କାଢ଼ି ଫୋପାଡ଼ି ଦେଇ ପାରିବି ନାହିଁ । କିନ୍ତୁ ମୋ ପ୍ରତିମୂର୍ତ୍ତି ଯେପରି କେହି ପୂଜା ନ କରନ୍ତି ସେ ଅନୁରୋଧ ମୁଁ ଏବହୁଁ କହି ରଖୁଛି ।

ପ୍ରଶ୍ନକର୍ତ୍ତା -ଭକ୍ତମାନେ ଆପଣଙ୍କର ସେ ଅନୁରୋଧ ରକ୍ଷା କଲେ ହେଲା ।

ଉତ୍ତର - ଏ ଅନୁରୋଧ ରକ୍ଷା କରିବା କାହା କାହା ପକ୍ଷରେ ଯେ କେତେ କଠିନ, ସେ କଥା ମୁଁ ଜାଣେ । ତଥାପି ମୁଁ ଚାହେଁନା ଯେ ମୋ ମୂର୍ତ୍ତି ପୂଜିତ ହେଉ । ଗୁରୁଙ୍କର ପ୍ରତ୍ୟେକ ଆଚରଣ ଯାହା ଦୃଷ୍ଟିରେ ଅନିନ୍ଦନୀୟ, ଗୁରୁଙ୍କର ପ୍ରତ୍ୟେକ ଅଙ୍ଗଭଙ୍ଗୀ ଯାହା ପକ୍ଷରେ ଦେବଜନୋଚିତ, ଗୁରୁଙ୍କର ପ୍ରତ୍ୟେକଟି ବାକ୍ୟ ଯାହା ବିବେଚନାରେ ଅଭ୍ରାନ୍ତ ବେଦମନ୍ତ୍ର, ସେଭଳି ଭକ୍ତିମାନ ସୁପାତ୍ର ପକ୍ଷରେ ଗୁରୁଧ୍ୟାନ ଅପେକ୍ଷା ଉତ୍କୃଷ୍ଟତର ଅବଲମ୍ବନ ଆଉ କିଛି ନ ଥାଇ ପାରେ । ତଥାପି ମୁଁ ଚାହେଁନା ଯେ, ତୁମ୍ଭେମାନେ ମୋ ପ୍ରତିମୂର୍ତ୍ତିକୁ ଅର୍ଚ୍ଚନା କର ।

ଗୁରୁ ଓ ଶିଷ୍ୟ ଏକ ପଦାର୍ଥ

ପ୍ରଶ୍ନକର୍ତ୍ତା - କିଏ ଯଦି ଜୋର କରି ପୂଜା କରେ ?

ଉତ୍ତର - ଭଲ କଥା କର । କିନ୍ତୁ ଇଡିଂ, ବିଡ଼ିଂ, କିଡ଼ିଂ ପ୍ରଭୃତି ମନ୍ତ୍ର ଆଣି ପୂରାଅ ନାହିଁ । ପୂଜା କରିବ ତ କର, କିନ୍ତୁ ମୋ ପ୍ରତିମୂର୍ତ୍ତିକୁ ଅର୍ଚ୍ଚନା କଲାବେଳେ ଅନ୍ତରରେ ଏହି ଭାବଟି ଜାଗ୍ରତ କରି ରଖ ଯେ ତୁମେ ଓ ମୁଁ ଏକ ପଦାର୍ଥ, ଆମ ଦୁହିଁଙ୍କ ମଧ୍ୟରେ ଭେଦ, ପାର୍ଥକ୍ୟ, ଦୂରତ୍ୱ କିଛି ବୋଲି ନାହିଁ । ମୁଁ ତୁମ ରୂପ ଧରି ଶିଷ୍ୟ ହୋଇଛି ଓ ତୁମେ ମୋରୂପ ଧରି ଗୁରୁ ହୋଇଛ । ଏହି ଭାବନାକୁ ଦୃଢ଼ୀଭୂତ କରିବା ପାଇଁ ମୋ ପ୍ରତିମୂର୍ତ୍ତି ପାଖରେ ହେଉ ବା ତଳେ ହେଉ ସମଆୟତନ ଦର୍ପଣଟିଏ ରଖ । ସେହି ଦର୍ପଣରେ ନିଜର ମୁହଁ ଦେଖ ଓ ପ୍ରତିମୂର୍ତ୍ତିରେ ମୋ ମୁହଁକୁ ଦେଖ । ଉଭୟ ମୁହଁ ଭିତରେ ପରମକାରଣ ପରମାତ୍ମାଙ୍କୁ ଦେଖ । ତାଙ୍କର ଦିବ୍ୟ ସ୍ମୃତି ଯେପରି ନିମିଷେକ ପାଇଁ ବି ମନରୁ ଚାଲି ନ ଯାଏ, ସେଥିପାଇଁ ଓଁକାର ରୂପୀ ନାମ ବ୍ରହ୍ମଙ୍କୁ ମୋର ପ୍ରତିମୂର୍ତ୍ତି ଓ

ତୁମର ପ୍ରତିବିମ୍ବ ପଡୁଥିବା ଆଇନା ଉଭୟଙ୍କ ଊର୍ଦ୍ଧ୍ୱରେ ରଖ । ଓଁ କାରରୂପୀ ପରଂବ୍ରହ୍ମଙ୍କ କରୁଣା ହିଁ ତୁମକୁ ଓ ମୋତେ ଦୂରରୁ ନିକଟସ୍ଥ କରିଛି, ଅତି ଆପଣାର କରିଛି, ପ୍ରାଣର ପ୍ରାଣ କରିଚି । ଓଁକାରକୁ ପ୍ରଚାର କରି ମୁଁ ହୋଇଛି ଧନ୍ୟ, ଓଁକାରକୁ ଗ୍ରହଣ କରି ତୁମେ ହୋଇଛ କୃତାର୍ଥ । ସେହି ଓଁକାରର ସାଧକ ରୂପେ, ଧାତା ରୂପେ, ଉପାସକ ରୂପେ ଓ ପ୍ରଚାରକ ରୂପେ, ଦର୍ପଣରେ ତୁମର ପ୍ରତିବିମ୍ବ, ତା ପାଖରେ ବା ଉପରେ ମୋର ପ୍ରତିମୂର୍ତ୍ତି, ସର୍ବୋପରି ରହିଥିବା ଓଁକାରର ତଳେ ରହିଥିବ । ସର୍ବତ୍ର ଏକତତ୍ତ୍ୱର ଅନୁଭୂତି ଲାଭ ହିଁ ତପସ୍ୟାର ଉଦ୍ଦେଶ୍ୟ । ଜାଣି ରଖ, ତୁମେ ଓ ମୁଁ ଏକ । ଜାଣି ରଖ, ମୁଁ ଯାହାର ଉପାସକ ସେ ଓ ମୁଁ ଏକ । ଜାଣି ରଖ, ତୁମର ଉପାସ୍ୟ ଓ ମୋର ଉପାସ୍ୟ ପରମାତ୍ମା ଏକ । ତୁମର ସମସ୍ତ ଅଧ୍ୟବସାୟ ଏହି ଦିଗରେ ପ୍ରଧାବିତ ହେଉ ।

(ଜ୍ୟେଷ୍ଠ ୧୩, ୧୩୩୮)

ଗୁରୁମୂର୍ତ୍ତି ଧ୍ୟାନ ଓ ଚିତ୍ତସ୍ଥୈର୍ଯ୍ୟ

ଉପାସନା ବେଳେ ମନ ସ୍ଥିର କରିବାର ଉପାୟ କ'ଣ ? ଶ୍ରେଷ୍ଠ ଉପାୟ ଅଭ୍ୟାସ । କିନ୍ତୁ ଅଭ୍ୟାସକୁ ସାହାଯ୍ୟ କରିବା ଲାଗି କେତେଗୁଡ଼ିଏ ବିଧି ପାଳନ କରିବା ହିତକର । ଉଦାହରଣସ୍ୱରୂପ, ସ୍ନାନ ପରେ ଉପାସନାରେ ବସିଲେ ମନ ସହଜରେ ସ୍ଥିର ହୁଏ । "ଆଉ ଘଣ୍ଟାକ ପରେ ହୁଏତ ମୋର ମୃତ୍ୟୁ ହୋଇପାରେ" ମନେ ମନେ ଏହିପରି ବିଚାର କଲେ ମନ ସହଜରେ ଭଗବାନଙ୍କ ଆଡ଼କୁ ଆକୃଷ୍ଟ ହୁଏ । ଯାହାଙ୍କର ମନଟି ସ୍ଥିର, ଅଚଞ୍ଚଳ, ଶୀତକାଳୀନ ସମୁଦ୍ର ପରି ପ୍ରଶାନ୍ତ ଓ ଦର୍ପଣ ପରି ନିର୍ମଳ, ସେଭଳି ବ୍ୟକ୍ତିଙ୍କର ମନଟି କଥା ଚିନ୍ତା କଲେ ମଧ୍ୟ ଚିତ୍ତସ୍ଥୈର୍ଯ୍ୟରେ ସହାୟତା ମିଳେ । ଏହି କାରଣରୁ ଗୁରୁମୂର୍ତ୍ତି ଧ୍ୟାନ

କରିବାର ବିଧି ପ୍ରଚଳିତ ଅଛି । କାରଣ ସ୍ଥିର ମନା ପୁରୁଷଙ୍କୁ ଧ୍ୟାନ କଲେ ମନର ସ୍ଥିରତା ସମ୍ପାଦିତ ହୁଏ, ତ୍ୟାଗୀ ପୁରୁଷଙ୍କୁ ଧ୍ୟାନ କଲେ ତ୍ୟାଗ ଭାବ ବୃଦ୍ଧି ପାଏ, ଯୋଗୀଙ୍କୁ ଧ୍ୟାନ କଲେ ଯୋଗରେ ଅନୁରାଗ ବଢ଼େ ଓ ଜିତେନ୍ଦ୍ରିୟ ପୁରୁଷଙ୍କୁ ଚିନ୍ତା କଲେ ଇନ୍ଦ୍ରିୟ-ସଂଯମ ଆଗ୍ରହ ବର୍ଦ୍ଧିତ ହୁଏ ।

(ଆଷାଢ଼ ୧୮, ୧୩୩୮)

ଗୁରମୂର୍ତ୍ତି ଧ୍ୟାନର ଭିତ୍ତି କଣ ?

ଦୀକ୍ଷା ନେବା ପରେ ଗୁରୁଦେବ ତୁମକୁ ନିଜେ କହନ୍ତୁ ବା ନ କହନ୍ତୁ, ତୁମ ଦେଶର ସାଧନ-ଗୋଷ୍ଠୀଗୁଡ଼ିକର ବହୁ-ଶତାବ୍ଦୀ-ସଂଚିତ ସ୍ୱାଭାବିକ ସଂସ୍କାର ବଶରୁ ତୁମକୁ ଶ୍ରୀଗୁରୁ ମୂର୍ତ୍ତି ଧ୍ୟାନ କରିବାକୁ ହିଁ ପଡ଼ିବ । ମୁଁ କହିବି ମୋତେ ଧ୍ୟାନ କହିବ ନାହିଁ ଆଉ ଜଣେ ଗୁରୁଦେବ କହିବେ, ତାଙ୍କୁ ଅବଶ୍ୟ ଧ୍ୟାନ କରିବାକୁ ହେବ । ଗୁରୁଦେବମାନଙ୍କର ଉପଦେଶ ମଧ୍ୟରେ ଏହିଭଳି ପାର୍ଥକ୍ୟ ଥିଲେ ବି ତଦ୍ୱାରା ଦୀକ୍ଷାପ୍ରାପ୍ତ ସାଧକର ସାଧନା ସିଦ୍ଧି ପାଇଁ ଗୁରୁ-ଧ୍ୟାନର ଆବଶ୍ୟକତାରେ କୌଣସି ପାର୍ଥକ୍ୟ ଘଟିବ ନାହିଁ । ଗୁରୁଦତ୍ତ ନାମରେ ନିଷ୍ଠା ବର୍ଦ୍ଧନ ଲାଗି ଗୁରୁମୂର୍ତ୍ତି ଧ୍ୟାନ ଏପରି ସହାୟକ ଯେ ଅନେକ କଠୋର-ଯୁକ୍ତିବାଦୀ ଗୁରୁ ମଧ୍ୟ ଶେଷରେ ଏ ବିଷୟରେ ନିଜ ନିଜ ମତାମତ ଗାରିମାକୁ ଛାଡ଼ିଦେଇ ଶିଷ୍ୟକୁ ଗୁରୁମୂର୍ତ୍ତି ଧ୍ୟାନ ଲାଗି ପ୍ରଶ୍ରୟ ଦେଇଛନ୍ତି । ସମାଜ ସଂସ୍କାରମୂଳକ ଆନ୍ଦୋଳନର ପ୍ରାକ୍‌କାଳରେ ସଂସ୍କାରକମାନେ ଏ ସମ୍ବନ୍ଧରେଯେତେ କଡ଼ା କଡ଼ା ନିବନ୍ଧ ଓ ପ୍ରବନ୍ଧ ଲେଖିଥାନ୍ତୁ ପଛକେ, ତଦ୍ୱାରା ପ୍ରକୃତ ସାଧକର ଉଦଗ୍ର ଯାତ୍ରା ପଥରେ ସେମାନେ କୌଣସି ପରିବର୍ତ୍ତନ ଆଣି ପାରି ନାହାନ୍ତି । ଅର୍ଥାତ୍ ସ୍ୱେଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଗୁରୁମୂର୍ତ୍ତି ଧ୍ୟାନ ପ୍ରକାଶ୍ୟରେ ହେଉ

ବା ଗୋପନରେ ହେଉ, ପ୍ରତ୍ୟେକ ସାଧନ-ଗୋଷ୍ଠୀ ଭିତରେ ରହି ଆସିଛି । ସେହି ଗୋଟିଏ ମାତ୍ର ଖୁଣ୍ଟି ଜୋରରେ ପ୍ରତ୍ୟେକଟି ନୂତନ ଓ ପୁରାତନ ଧର୍ମ-ସାଧନ ଗୋଷ୍ଠୀ ନିଜ ନିଜର ପରିପୁଷ୍ଟି ସାଧନ କରି ଚାଲିଛନ୍ତି । ସେହି ଗୋଟିଏ ମାତ୍ର ଖୁଣ୍ଟି ଜୋରରେ ଝଣ୍ଡାଧାରୀ ଦୀକ୍ଷାଦାତାମାନେ ଘର ଘର ବୁଲି ଲୋକଙ୍କୁ ଜୋର କରି ଦୀକ୍ଷା ଦେଇ ଯାଉଛନ୍ତି ଏବଂ ମନେ ମନେ ଆଶ୍ୱସ୍ତ ହେଉଛନ୍ତି ଯେ ଆଜି ହେଉ ବା ଦଶବର୍ଷ ପରେ ହେଉ ଦୀକ୍ଷିତକୁ ଗୁରୁମୂର୍ତ୍ତି ଧ୍ୟାନ କରିବାକୁ ହେବ । ସେହି ଗୋଟିଏ ମାତ୍ର ଖୁଣ୍ଟି ଜୋରରେ ସ୍ଥାନେ ସ୍ଥାନେ ପ୍ୟାଣ୍ଡାଲ ବାନ୍ଧି, ବଡ଼ ଧରଣର ହୋମ, ଯଜ୍ଞ ପ୍ରଭୃତିର ଆୟୋଜନ କରି ଲୋକଙ୍କୁ ଜୋର କରି ଦୀକ୍ଷା ଦେଇ ଯାଉଛନ୍ତି ଏବଂ ମନେ ମନେ ଆଶ୍ୱସ୍ତ ହେଉଛନ୍ତି ଯେ ଆଜିହେଉ ବା ଦଶବର୍ଷ ପରେ ହେଉ ଦୀକ୍ଷିତକୁ ଗୁରୁମୂର୍ତ୍ତି ଧ୍ୟାନ କରିବାକୁ ହେବ । ସେହି ଗୋଟିଏ ମାତ୍ର ଖୁଣ୍ଟି ଜୋରରେ ସ୍ଥାନେ ସ୍ଥାନେ ପ୍ୟାଣ୍ଡଲ ବାନ୍ଧି, ବଡ଼ ଧରଣର ହୋମ, ଯଜ୍ଞ ପ୍ରଭୃତିର ଆୟୋଜନ କରି ଲୋକଙ୍କୁ ଆକୃଷ୍ଟ କରି ସାଧୁ ଦର୍ଶନାର୍ଥୀଙ୍କୁ ଗମ୍ଭୀରି ଘର ଭିତରକୁ ପଠାଇ ଦେଇ ସଙ୍ଗେ ସଙ୍ଗେ ଆଚମ୍ବିତ ଭାବରେ ତାଙ୍କ କାନରେ ଗୋଟିଏ ମନ୍ତ୍ର ଫୁଙ୍କି ଦେଇ କହି ଦିଆଯାଉଛି - ତୋର ଦୀକ୍ଷା ହୋଇଗଲା । ଏହା ହିଁ ହେଉଛି ଏମାନଙ୍କର ଖୁଣ୍ଟି । ଥରେ ଯଦି ମନରେ ଧାରଣା ଆସିଯାଏ ଯେ ଦୀକ୍ଷା ହୋଇସାରିଛି, ତାପରେ ତୁମେ ଯେଡ଼େ ନାସ୍ତିକ ବା ସନ୍ଦେହବାଦୀ ହୁଅ ପଛକେ, ଦିନେ ନା ଦିନେ ତୁମକୁ ଗୁରୁମୂର୍ତ୍ତି ଧ୍ୟାନ କରିବାକୁ ହେବ । ଏହା ହିଁ ହେଉଛି ଏମାନଙ୍କର ଖୁଣ୍ଟି । ଏହି କାରଣରୁ ଭୟ ପ୍ରଦର୍ଶନ, ପ୍ରଲୋଭନ-ବିସ୍ତାର, କୌଶଳ ଅବଲମ୍ବନ ଇତ୍ୟାଦି କୌଣସି ଉପାୟକୁ ଏମାନେ ଅସତ୍ ଉପାୟ ବୋଲି ଭାବନ୍ତି ନାହିଁ । ମୋର ପୁଣ୍ୟଶ୍ଳୋକ ପିତାମହଙ୍କ ଗୃହକୁ ଏକ ସାଧୁବେଶୀ ଅତିଥି ଆସି ମାସାଧିକ କାଳ ଅନ୍ନ ଧ୍ୱଂସ କଲା ପରେ ଦିନେ ଖାଇ ବସି ଜିଦ୍ ଧରି ବସିଲେ ଯେ ମୋର ଖୁଲ୍ଲତାତ ଯଦି

ସସ୍ତ୍ରୀକ ତାଙ୍କ ଠାରୁ ଦୀକ୍ଷା ନ ନେବେ ତାହାହେଲେ ସେ ଅନ୍ନ ସ୍ପର୍ଶ କରିବେ ନାହିଁ । ଖୁଲ୍ଲତାତ ହସି ହସି କହିଲେ - ହେଲା, ଦୀକ୍ଷା ନେବା । ଆଗେ ଭୋଜନ କରନ୍ତୁ । ସେ ଆହାର କରି ଉଠିବା ସଙ୍ଗେ ସଙ୍ଗେ ଖୁଲ୍ଲତାତ ତାଙ୍କର ବିଛଣାପତ୍ର ଓ ଅନ୍ୟାନ୍ୟ ଜିନିଷ ସବୁ ବାହାରେ ନେଇ ଥୋଇ ଦେଲେ ଓ ତାଙ୍କୁ ବାହାରକୁ ଡାକି ନେଇ କହିଲେ - ଆଉ ଏ ଘରେ ତମର ଠାବ ନାହିଁ, ଅନ୍ୟତ୍ର ଯାଅ । କିନ୍ତୁ ତାହା ନ କରି ସେ ଯଦି ଅତିଥିଙ୍କୁ ଖୁସି କରିବା ପାଇଁ ଦୀକ୍ଷା ନେଇଥାନ୍ତେ, ତାହାହେଲେ ଦିନେ ନା ଦିନେ ତାଙ୍କରି ମୂର୍ତ୍ତି ଧ୍ୟାନ କରିବା ଭଳି ପ୍ରୟୋଜନ-ବୋଧ ଘଟିଥାନ୍ତା । ବିବାହରେ ଯେପରି ବାଳିକାର ସମ୍ମତି ନେବା ସଙ୍ଗତ, ଦୀକ୍ଷାରେ ମଧ୍ୟ ତଦ୍ରୂପ । କିନ୍ତୁ ଅସମ୍ମତିରେ ବିବାହ ଦେଇ ଦେଲେ ବାଳିକା ଯେପରି ଅଗତ୍ୟା ବାଧ୍ୟ ହୋଇ ତାହା ମାନି ନିଏ, ଦୀକ୍ଷା ବ୍ୟାପାରରେ ସେହି ଧରଣର ଏକ ବଦ୍ଧମୂଳ ଦୁର୍ବଳତା ଭାରତୀୟମାନଙ୍କ ମନରେ ରହିଆସିଛି, ଯାହାକୁ ସମର୍ଥନ କରିବା ପାଇଁ ସୁଯୁକ୍ତି କିଛି ବୋଲି କିଛି ନାହିଁ, ଅଛି କେବଳ ପ୍ରଥାର ଦାସତ୍ୱ । ତା'ଛଡ଼ା ଗୁରୁମୂର୍ତ୍ତି ଧ୍ୟାନରେ ନିଷ୍ଠା ଆସେ, ଏହି ଅକାଟ୍ୟ ସତ୍ୟକୁ ଉଡ଼ାଇ ଦେଇ ହୁଏ ନାହିଁ ବୋଲି ଗୁରୁଦେବମାନେ ଶିଷ୍ୟମାନଙ୍କ ଉପରେ ଅପ୍ରତିହତ କ୍ଷମତା ବିସ୍ତାର କରି ରହିଛନ୍ତି । ଏହି ଗୋଟିଏ ମାତ୍ର କାରଣରୁ ହିଁ ବାରମ୍ବାର କୁହାଯାଇଥାଏ ଯେ ନାମ, ନାମୀ ଓ ନାମଦାତା ଏ ତିନିହେଁ ମିଶି ଏକ । ସେହି ଏକ, ଏହି ତିନୋଟିରେ ବିଭକ୍ତ ହୋଇ ପ୍ରପଞ୍ଚ ଜଗତରେ ଶିଷ୍ୟର ଭବସାଗର ପାର ହେବାର ଭେଳାକୁ ଠେଲି ନେଇ ଯାଉଛନ୍ତି । ଏହି କାରଣରୁ କୁହାଯାଇଥାଏ, ଗୁରୁଙ୍କୁ ମନୁଷ୍ୟ ଦୃଷ୍ଟିରେ ଦେଖିବା ଭଳି ଅପରାଧ ଆଉ କିଛି ନାହିଁ, ତାଙ୍କୁ ହିଁ ଅଭିଷ୍ଟ, ପରମେଷ୍ଟ, ସର୍ବାଧିପତି ଓ ଇହପର ଜୀବନର ସର୍ବସ୍ୱ ବୋଲି ଜାଣିବ ।

ଦୀକ୍ଷା ନେବାକୁ ଗଲେ ଏହି ସବୁ ଅବସ୍ଥାଗୁଡ଼ିକ ଆସିଯାଏ । ଯେଉଁମାନଙ୍କର ମନ ସବଳ, ପ୍ରବଳ ଓ ତେଜସ୍ୱୀ, ସେମାନେ ଯେ ପର୍ଯ୍ୟନ୍ତ ଏହିସବୁ ଆରୋପିତ କଥା ସହିତ ବାସ୍ତବତାର ମେଳ ଖାଇବା ନ ଦେଖନ୍ତି ସେ ପର୍ଯ୍ୟନ୍ତ ସେମାନେ ଏସବୁ ଆରୋପିତ କଥା ଅସ୍ୱୀକାର କରିବାକୁ ଚେଷ୍ଟା କରନ୍ତି ଓ ଏସବୁ ଯୋଗୁଁ ସେମାନଙ୍କ ମନରେ ବିଷମ କୁରୁକ୍ଷେତ୍ର ଯୁଦ୍ଧ ସୃଷ୍ଟି ହୁଏ । ଅନ୍ଧାରରେ ଲଢ଼ାଇ କରିବାକୁ ଯାଇ ସେ ଯେତେବେଳେ ନିଜ ଅସ୍ତ୍ରର ଆଘାତରେ ନିଜେ କ୍ଷତ-ବିକ୍ଷତ ହୋଇ ସଂଗ୍ରାମ ସାମର୍ଥ୍ୟ ହରାଇ ବସେ ସେତେବେଳେ ମନକୁ ପ୍ରବୋଧ ଦିଏ ଯେ ପ୍ରମାଣିତ ନ ହେଲେ କଣ ହେଲା ଏଇଟା ହିଁ ପ୍ରକୃତ ସତ୍ୟ । ଅତଏବ ମୁଁ ବୃଥାରେ ଏତେ ଦିନ ଯୁଦ୍ଧ କରି ହଇରାଣ ହେଲି । ବର୍ତ୍ତମାନ ବିନା ସର୍ତ୍ତରେ ଆତ୍ମ-ସମର୍ପଣ ମୋର କର୍ତ୍ତବ୍ୟ । ବାସ୍, କାମ ଫତେ ହୋଇଗଲା, ଦେଶ ପ୍ରଚଳିତ ଗୁରୁବାଦର ବିଜୟ ଢକ୍କା ଚାରିଆଡ଼େ ବାଜିଲା, ଏହି ଧରଣର ଏକ ପାଷାଣ୍ଡ-ଦଳନ କରି ଗୁରୁଦେବ ଲୋକ ମହିମାର ଉତ୍ତୁଙ୍ଗ ଶୈଳଶୃଙ୍ଗ ଆରୋହଣ କଲେ ଓ ସେହି ଗୋଟିଏ ବିଷମ ପରାଜୟର ଇତିବୃତ୍ତ ଜଳ-ସ୍ଥଳ-ଅନ୍ତରୀକ୍ଷରେ ଗୀତ ଆକାରରେ, କବିତା ଆକାରରେ ପ୍ରଚାର କରି ସୁକଣ୍ଠ ଚାରଣ ଦଳ ନିଜର ସଂକୀର୍ଣ୍ଣ ସାଧନ-ଗୋଷ୍ଠୀକୁ ପ୍ରସାରିତ କରିବାର ସୁଯୋଗ ପାଇଲେ । ଏହା ହିଁ ହେଉଛି ବର୍ତ୍ତମାନର ଅବସ୍ଥା ।

ତେଣୁ ତୁମେ ଦୀକ୍ଷା ନେବାକୁ ଚାହିଁଛ ବୋଲି ମୁଁ ଏକଥା କହି ପାରୁନାହିଁ ଯେ ଆସି ଦୀକ୍ଷା ନେଇ ଯାଅ ବା ମୋତେ ତ ବେଳ ହେଉ ନାହିଁ ଆଉ କେଉଁଠି କି ଯାଇ ଯେମିତି ସେମିତି ଦୀକ୍ଷା କାମଟି ସାରିଦିଅ । ପ୍ରତୀକ୍ଷା କରିବା, ଆତ୍ମ-ପରୀକ୍ଷା କରିବା ଓ ଶ୍ରୀଭଗବାନଙ୍କର କରୁଣା-ମୁଖାପେକ୍ଷୀ ହେବା ଲାଗି ତୁମକୁ କହିବା ମୁଁ ମୋର କର୍ତ୍ତବ୍ୟ ବୋଲି ଅନୁଭବ କରୁଛି ।

(ଚୈତ୍ର ୧୦, ୧୩୪୦)

ଗୁରୁ-ମୂର୍ତ୍ତି ଧ୍ୟାନ

ପ୍ରଶ୍ନ- ମାନବ-ଗୁରୁଙ୍କ ମୂର୍ତ୍ତି ଧ୍ୟାନ କରିବାକୁ ମୋତେ ଯଦି ଭଲ ଲାଗେ, ତାହା ହେଲେ କଣ ସେପରି କରିବି ନାହିଁ ?

ଉତ୍ତର - ହଁ, ନିଶ୍ଚୟ କରିବ, ଯଦି ଅନୁଭବ କର ଯେ ସେ ତୁମର କୋଟି-ଜନ୍ମର ସାଥୀ ।

ଗୁରୁଙ୍କ ସାକ୍ଷାତ୍‌କାର ବ୍ୟତୀତ ଦୀକ୍ଷା ହୋଇ ପାରେ କି ନାହିଁ ?

ଏକଥା ମୋତେ ଅକପଟ ଚିତ୍ତରେ ସ୍ୱୀକାର କରିବାକୁ ହେବ ଯେ ଏକଲବ୍ୟ ଜାତିରେ ଅନାର୍ଯ୍ୟ ବଂଶଧର ଓ ଶୂଦ୍ରାଦପି ଅଧମ ହୋଇ ମଧ୍ୟ ଆମ ଦେଶରେ ଏପରି ଏକ ମହାନ୍ ଗୁରୁବାଦକୁ ସୁପ୍ରତିଷ୍ଠିତ କରି ପାରି ଥିଲେ ଯାହାର ବୈଷୟିକ ପ୍ରୟୋଗ ଏହିପରି ଭାବରେ ହେଲା ଯେ, ଗୁରୁଙ୍କ ସାହାଯ୍ୟ ବ୍ୟତୀତ ଯେପରି ଧନୁର୍ବେଦ ଶିକ୍ଷା କରି ହୁଏ ନାହିଁ ସେହିପରି ଅଧ୍ୟାତ୍ମବେଦ ମଧ୍ୟ ଲାଭ କରିବା ଅସମ୍ଭବ । ଗୁରୁଙ୍କର ପ୍ରତିମୂର୍ତ୍ତି ନିର୍ମିତ ହେଲା, ତାଙ୍କୁ ହିଁ ଈଶ୍ୱରଙ୍କର ପ୍ରତିନିଧି ସ୍ୱରୂପ ଜ୍ଞାନ କରି ଧନୁର୍ବାଣ ଚାଳନା ଆରମ୍ଭ ହେଲା ଶବ୍ଦଭେଦୀ ବାଣବିଦ୍ୟା ଆୟତ ହେଲା - ଏହି କାହାଣୀଟି ଦ୍ୱାରା ଏହା ମଧ୍ୟ ପ୍ରଚାରିତ ହେଲା ଯେ ଗୁରୁଙ୍କୁ ଗୁରୁ ଦକ୍ଷିଣା ଦେବାକୁ ହେବ ଏବଂ ସେ ଦକ୍ଷିଣାଟି ନିତାନ୍ତ ଅସ୍ୱାଭାବିକ ହେଲେ ମଧ୍ୟ ତାହା ଅବଶ୍ୟ ଦେବାକୁ ହେବ, ନ ଦେଇ ଅନ୍ୟ ଗତି ନାହିଁ । ଦ୍ରୋଣାଚାର୍ଯ୍ୟ କଦାପି ଧର୍ମବୁଦ୍ଧି ପ୍ରଣୋଦିତ ହୋଇ ଏକଲବ୍ୟର ଅଙ୍ଗୁଷ୍ଠଛେଦନ ଦାବୀ କରି ନ ଥିଲେ ଏକଥା ନିଶ୍ଚିତ । ଅର୍ଜୁନ ପ୍ରତି ଅସଙ୍ଗତ

ପକ୍ଷପାତିତା ବଶତଃ ସେ ଏ ଦାବୀଟି କରିଥିଲେ । ସେ ଏକଲବ୍ୟକୁ କିଛି ବୋଲି ଶିଖାଇ ନଥିଲେ, ତେଣୁ ସେ ଦକ୍ଷିଣା ଦାବୀ କରିବା ଅସଙ୍ଗତ । ଗୁରୁ ଦକ୍ଷିଣା ଦାବୀ କରିବା ତାଙ୍କ ପକ୍ଷରେ ବେଆଇନ କାର୍ଯ୍ୟ । ଏକଲବ୍ୟ ତାଙ୍କର କିଛି କ୍ଷତି କରି ନଥଲା, ତଥାପି ସେ ତା ଉପରେ ପ୍ରତିହିଂସା ଚରିତାର୍ଥ କଲାଭଳି କାର୍ଯ୍ୟଟିଏ କଲେ । ନୀଚ ଜାତି ବୋଲି ଯାହାକୁ ଶିଷ୍ୟ କରା ନ ଗଲା ତା ପାଖରୁ ଫେର୍ ଦକ୍ଷିଣା ନେବା ଯୋଗୁଁ ଦ୍ରୋଣାଚାର୍ଯ୍ୟଙ୍କର ପାତିତ୍ୱ କାହିଁକି ନ ହେବ, କହ ତ ? ନୀଚ ଜାତିର ଲୋକ ଠାରୁ ଦାନ ଗ୍ରହଣ କଲେ କଣ ପାତିତ୍ୱ ହୁଏ ନାହିଁ ? ତୁମ୍ଭମାନଙ୍କ ମଧ୍ୟରୁ ଅନେକ ତ ମୋର ଏକଲବ୍ୟ ଶିଷ୍ୟ । ମୋ ଫଟୋ ସାମନାରେ ଛିଡ଼ା ହୋଇ କହିଛ - ହେ ଗୁରୋ, ବ୍ରହ୍ମବିଦ୍ୟା ଦିଅ । ମୋର ସେଥିରେ ବି ଆପତ୍ତି ନାହିଁ । କିନ୍ତୁ ତୁମ୍ଭମାନଙ୍କ ପାଖରୁ ଦକ୍ଷିଣା ନେବାକୁ ମୋର ଅଧିକାର ନାହିଁ, ଲୋଭ ବି ନାହିଁ କି ପ୍ରୟୋଜନ ମଧ୍ୟ ନାହିଁ । ଗୁରୁ ସ୍ୱୟଂ ତୁମ୍ଭମାନଙ୍କ ଭିତରେ ବାସ କରୁଛନ୍ତି । ତୁମେ ଜନ୍ମ ହେବା ମାତ୍ରେ ଗୁରୁ ତୁମର ନିତ୍ୟ-ସାଥୀ । ମୋତେ ମାନ ବା ନ ମାନ, ତାଙ୍କୁ ତୁମ୍ଭେମାନେ ମାନିବାକୁ ହେବ । ଅତଏବ ମୋ ସହିତ ଚାକ୍ଷୁଷ ଦେଖାସାକ୍ଷାତ ନ ହେବା ସତ୍ୱେ ବି ଯଦି ତୁମ୍ଭେମାନେ ଏକାଗ୍ରମନରେ ଓଁକାର ମନ୍ତ୍ର ଜପ କରିଯାଅ ତାହାହେଲେ ମୁଁ ତୁମ୍ଭମାନଙ୍କୁ ମୋର ଶିଷ୍ୟ ବୋଲି ମାନି ନେବି । ଗୁରୁ-ଶିଷ୍ୟର ସମ୍ବନ୍ଧ ବ୍ୟବସାୟଗତ ଆଦାନ-ପ୍ରଦାନର ସମ୍ବନ୍ଧ ନୁହେଁ । ଆଦର୍ଶଗତ ଭାବେ ଐକ୍ୟ ନ ଥିଲେ ଏ ସମ୍ବନ୍ଧ ଶିଥିଳ ହୋଇଯାଏ । ସାଧନ-ପରାୟଣ ହୁଅ, ବାକ୍-ସଂଯମ କର, ତାହାହେଲେ ଆଦର୍ଶ ନିଷ୍ଠା ଅତୁଟ ରହିବ । ଯେଉଁ ଲୋକକୁ ପାଞ୍ଚ ଦଶ ବର୍ଷ ଭିତରେ ପାଇବାର ସମ୍ଭାବନା ନାହିଁ ତାଙ୍କର ଫଟୋ ସାମନାରେ ତାଙ୍କର ଶିଷତ୍ୱ ଗ୍ରହଣ କରାଯାଏ । ଶ୍ରୀ ରାମକୃଷ୍ଣଙ୍କର ଏଭଳି ଲକ୍ଷ ଲକ୍ଷ ଶିଷ୍ୟ ଅଛନ୍ତି ।

(୨୪)

ବହୁ-ଗୁରୁରେ ବିପତ୍ତି

ମନୁଷ୍ୟ ଜୀବନ ଏପରି ବିଚିତ୍ର ଯେ, ଅନେକ ସମୟରେ ଜଣେ ଲୋକ ଶତ ଶତ ଗୁରୁ କରିବାକୁ ବାଧ୍ୟ ହୁଏ । ଯାହା ଜୀବନରେ ହୁଏତ କୌଣସି ଗୁରୁର ପ୍ରୟୋଜନୀୟତା ନାହିଁ, ଦୈବ ବିପାକରେ ପଡ଼ି ତାକୁ ବହୁ ଗୁରୁ ଓ ବହୁ ମନ୍ତ୍ର ଚାଖିବାକୁ ହୁଏ । ଚିର-କୌମାର୍ଯ୍ୟାକାଂକ୍ଷିଣୀ ଯୁବତୀ ହଠାତ୍ ବଳାତ୍କୃତା ହୋଇ ଶେଷକୁ ନିଜର ସଂଭ୍ରମ ରକ୍ଷା ଲାଗି ପାଞ୍ଚ ସାତ ଜାଗରେ ଖୋଜ ଖବର ନିଏ ଯେ କେଉଁଠି ବିବାହ ଯୋଗ୍ୟ ବର ତାକୁ ମିଳିବ । ଏହି ଉଦ୍ଦେଶ୍ୟରେ ସେ ବହୁ ଲୋକଙ୍କ ସଙ୍ଗେ ମିଳାମିଶା କରି କରି ଶେଷକୁ ଯେପରି ନିଜ ଅନ୍ତର୍ଯ୍ୟାମୀଙ୍କୁ ହିଁ ବର ରୂପରେ ପାଏ, ଠିକ୍ ସେହିପରି ଯେଉଁଠି ବହୁ ଲୋକଙ୍କ ଠାରୁ ଉପଦେଶ ନେଉଛ, ସେଠାରେ କାହାକୁ ବାଦ୍ ଦେଇ କାହା ମୂର୍ତ୍ତି ଧ୍ୟାନ କରିବ କହ ? ଗୁରୁ ବହୁବିଧ । କିଏ ଆଦର୍ଶ ଦେଇ, କିଏ ପ୍ରଭାବ ଦେଇ, କିଏ ଉପଦେଶ ଦେଇ, କିଏ ଉତ୍ସାହ ଦେଇ, କିଏ ଅବା ମନ୍ତ୍ର ଦେଇ ତୁମର କଲ୍ୟାଣ କରନ୍ତି । ଏ ସବୁ ଗୁରୁଦେବମାନେ ଯଦି ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ତୁମେ କାହାକୁ ଛାଡ଼ି କାହାକୁ ରଖିବ ?

ଅଜ୍ଞାତ ବ୍ୟକ୍ତିକୁ ଗୁରୁ କର ନାହିଁ

କୁଳଗୁରୁମାନେ ଶିଷ୍ୟର ଚିତ୍ତାପହାରକ ନହୋଇ ବିତ୍ତାପହାକ ହେଉଛନ୍ତି । ଅଧିକାଂଶ ସ୍ଥଳେ ସେମାନେ ନିଜର ବିଦ୍ୟା, ବୁଦ୍ଧି, ଚରିତ୍ର ଓ ତପସ୍ୟାକୁ ଗୁରୁମର୍ଯ୍ୟାଦାର ଯୋଗ୍ୟ ହେବା ଭଳି କରିବାକୁ ଅସମର୍ଥ ହେଉଛନ୍ତି । ତଦ୍ରୁପରି ତ୍ରିଲୋକପାବନକ୍ଷମ ସଦ୍‌ଗୁରୁମାନେ ବେଳେବେଳେ ଆବିର୍ଭୂତ ହୋଇ ଆଚଣ୍ଡାଳ ବ୍ରାହ୍ମଣଙ୍କୁ କୃପା ବିତରଣ କରୁଛନ୍ତି । ଏହିସବୁ କାରଣରୁ କୁଳଗୁରୁମାନଙ୍କର

ପ୍ରତିପତ୍ତି ହ୍ରାସ ପାଇଛି ଓ ପାଉଛି । କିନ୍ତୁ ନୂଆ ଲୋକକୁ ଗୁରୁ ରୂପେ ଗ୍ରହଣ କରିବାରେ କିଛି କମ୍ ବିପଦ ନାହିଁ । କିଏ ଜାଣେ କେଉଁ ଗୁରୁ ଶିଷ୍ୟକୁ କି ବିପଦରେ ପକାଇବେ । କିଏ ହୁଏତ ଶିଷ୍ୟର ପକେଟ କାଟିବେ, କିଏ ହୁଏତ ଶିଷ୍ୟାର ବସ୍ତ୍ରହରଣ କରିବେ, ଆଉ କିଏ ହୁଏତ ଦେଶପୂଜ୍ୟ ଶିଷ୍ୟର ନାଁକୁ ବିକି ଭାଙ୍ଗି ନିଜ ଗୁରୁଗିରିର ପ୍ରସାର ବୃଦ୍ଧି କରିବେ । ନ ଜାଣି ନ ଶୁଣି ଗୁରୁ କରିବା ଭଳି ବିପଜ୍ଜନକ କଥା ଆଉ କିଛି ନାହିଁ । ତା ଅପେକ୍ଷା କୁଳଗୁରୁ ଜଣକ ବରଂ ଭଲ, ଅଳ୍ପ କିଛି ଦେଇ ଦେଲେ ସେ ସନ୍ତୁଷ୍ଟ ହୁଅନ୍ତି ଓ ତାଙ୍କ ଚୌଦପୁରୁଷଙ୍କର ହାଲହେକିକତ ସମସ୍ତଙ୍କୁ ଜଣାଅଛି । ଭଗବାନଙ୍କୁ ଡାକିବାକୁ ତ ଏତେ କଥା ! କୁଳଗୁରୁଙ୍କ ଠାରୁ ମନ୍ତ୍ର ନେଲେ ବି ଭଗବାନ ଡାକ ଶୁଣନ୍ତି ।

ଖାଣ୍ଟି ଉପଦେଶକ ଗୁରୁ

ଉପଦେଶ ପାଇବା ପାଇଁ ସମସ୍ତଙ୍କ ପାଖକୁ ତୁମେ ଯାଇପାର । ଯାହା ଭିତରେ ଜ୍ଞାନର ଆଲୋକ ଜଳି ଉଠିଛି, ସେ ଉପଦେଶ ଦେବାକୁ ଅଧିକାରୀ । ଯାହା ଭିତରେ ଜାଣିବା ପାଇଁ ଆଗ୍ରହ ଜନ୍ମିଛି, ସେ ଉପଦେଶ ପାଇବାକୁ ଅଧିକାରୀ । କାହା ପାଖକୁ ଉପଦେଶ ପାଇବା ପାଇଁ ଗଲେ, ସେ ଯଦି କହନ୍ତି "ଆଗରୁ ତୁମ ଗୁରୁ ଗୋଟିଏ କାନରେ ମନ୍ତ୍ର ଫୁଙ୍କି ଦେଇଛନ୍ତି, ଆ, ଆର କାନଟିରେ ମୁଁ ଗୋଟିଏ ମନ୍ତ୍ର ଫୁଙ୍କି ଦେବି, ନ ହେଲେ ମୁଁ ସାଧନତତ୍ତ୍ୱର କିଛି କୌଶଳ ବତାଇବି ନାହିଁ, ତାହାହେଲେ ବୁଝିବାକୁ ହେବ ଯେ ଭଲ ଲୋକ ପାଖକୁ ତୁମେ ଯାଇ ନାହଁ । ଯେ କହିବେ, ନାମ ତ ବାବା, ଜଣକ ପାଖରୁ ନେଇଛ, ସେଥିରେ ଲାଗି ରହ, ସେଥିରେ ତୁମର ମଙ୍ଗଳ ହେବ । ଭଗବାନଙ୍କ ନାମ ସକଳ ଭ୍ରାନ୍ତିର ଅତୀତ, ତାଙ୍କ ନାମ କଦାପି ଭୁଲ ହୋଇ ନ ପାରେ ।

ସେହି ନାମରେ ମଜି ଯାଅ, ବୃଥାରେ ବିଭିନ୍ନ ସ୍ଥାନକୁ ଦୌଡ଼ା ଦୌଡ଼ି କର ନାହିଁ, ମୋତେ ଗୁରୁ କରି ପୁନର୍ବାର ଦୀକ୍ଷା ନେବା ଦରକାର ନାହିଁ,'' ସେ ଖାଣ୍ଟି ଲୋକ । କିନ୍ତୁ ଏ ଦୁନିଆରେ କେତେଜଣ ଖାଣ୍ଟି ଲୋକ ତୁମକୁ ମିଳିବେ ।

(ଶ୍ରାବଣ ୨୯, ୧୩୯୮)

ଗୁରୁ ଶିଷ୍ୟ

ଜଣେ ଗୁରୁ ଥିଲେ, ତାଙ୍କର ତିନୋଟି ଅତି ପ୍ରିୟ ଶିଷ୍ୟ ଥିଲେ । ଦୀର୍ଘକାଳ ଗୁରୁ ସେବା ପରେ ପ୍ରଥମ ଶିଷ୍ୟ ଭାବିଲା - ଏ ଲୋକଟା ଗୁରୁ ହେବାକୁ ଯୋଗ୍ୟ ନୁହେଁ, ଅତଏବ ୟାକୁ ପରିତ୍ୟାଗ କରିବା ଉଚିତ୍ । ଶିଷ୍ୟ ଆଶ୍ରମ ଛାଡ଼ି ବାହାରି ଯିବାର ଦେଖି ଗୁରୁ ପଚାରିଲେ - କିରେ, କୁ'ଆଡ଼େ ଯାଉଛୁ ? ଶିଷ୍ୟ କହିଲା, ଯୁଆଡ଼େ ଆଖି ପାଇବ ସେଆଡ଼େ । ଗୁରୁ କହିଲେ - କାହିଁକି ? କଥା କ'ଣ ? ଶିଷ୍ୟ କହିଲା - ମୁଁ ଭାବିଥିଲି, ଆପଣ ସଂପୂର୍ଣ୍ଣ ମଣିଷ । କିନ୍ତୁ ଏବେ ଦେଖୁଛି ଆପଣ ଅପୂର୍ଣ୍ଣ ମାନବ । ଆପଣଙ୍କ ଜୀବନରେ ବହୁ ଦୋଷତ୍ରୁଟି ଅଛି । ଗୁରୁ କହିଲେ- ମୁଁ କଣ ଆତ୍ମ-ସଂଶୋଧନ କରି ପାରିବି ନାହିଁ ଯେ ତୁ ଏଇଥି ପାଇଁ ମୋତେ ଛାଡ଼ି ଚାଲଯିବୁ ? ଶିଷ୍ୟ କହିଲା - ଆପଣ ଯାହା ଇଚ୍ଛା ତାହା କରୁଥାନ୍ତୁ । କିନ୍ତୁ ମୁଁ ଆଉ ରହିବି ନାହିଁ, ମୁଁ ସମ୍ପୂର୍ଣ୍ଣ ମନୁଷ୍ୟର ଅନୁସନ୍ଧାନରେ ଚାଲିଲି । ଗୁରୁ କହିଲେ - ଆରେ ତୁ ଯା ନା ରେ । ମୁଁ ଯେ ତୋର ଗୁରୁ, ମୋତେ ତ୍ୟାଗ କଲେ ତୁ ଅପରାଧୀ ହେବୁ । ଶିଷ୍ୟ କହିଲା ମୁଁ ଆଉ ଆପଣଙ୍କୁ ଗୁରୁ ବୋଲି ମାନୁ ନାହିଁ । ତେଣୁ ଆପଣଙ୍କୁ ତ୍ୟାଗ କଲେ କିଛି ଦୋଷ ନାହିଁ । ଗୁରୁ କହିଲେ - ଆରେ ସେପରି କହ ନାହିଁରେ । ଗୁରୁ ଚିରକାଳ ଗୁରୁ - ଚୋର ହେଲେ ସେ ଗୁରୁ, ଡକାଏତ ହେଲେ ସେ ଗୁରୁ, ମଦ୍ୟପ ହେଲେ ସେ

ଗୁରୁ ଲମ୍ପଟ ହେଲେ ବି ସେ ଗୁରୁ । ଶିଷ୍ୟ କିନ୍ତୁ କିଛି ଶୁଣିଲା ନାହିଁ, ଚାଲିଗଲା । ପ୍ରିୟ ଶିଷ୍ୟର ବିଚ୍ଛେଦରେ ଗୁରୁ ଅନେକ ଦିନ କନ୍ଦାବୋବା କଲେ, କାଳକ୍ରମେ ଶୋକ ଅପନୋଦିତ ହେଲା । ହୃଦୟର ଯେଉଁ ସ୍ଥାନଟା ପ୍ରଥମ ଶିଷ୍ୟ ଦଖଲ କରି ବସିଥିଲା, ଧୀରେ ଧୀରେ ଦ୍ୱିତୀୟ ଶିଷ୍ୟ ସେ ସ୍ଥାନଟା ଦଖଲ କଲା । କିନ୍ତୁ ଦ୍ୱିତୀୟ ଶିଷ୍ୟର ଚରିତ୍ର ଦୋଷ ଥିଲା, ଗୁରୁ ଯେତେବେଳେ ଦେଖିଲେ ଯେ ପ୍ରିୟ ଶିଷ୍ୟ ସର୍ବନାଶ ପଥର ଯାତ୍ରୀ ସେ ତାକୁ ଡାକି କହିଲେ ବାବା, ଏ ବାଟ ଛାଡ଼, ନ ହେଲେ ବିଷମ ବିପଦରେ ପଡ଼ିବୁ । ଶିଷ୍ୟ ଗୁରୁଙ୍କ କଥାରେ କର୍ଣ୍ଣପାତ କଲା ନାହିଁ । ଗୁରୁ ନିରୁପାୟ ହୋଇ ଭାବିଲେ, ବନ୍ଧୁତ୍ୱର କ୍ଷମତା ଅପରିସୀମ । ଯା'ର ବନ୍ଧୁମାନେ ହୁଏତ ଯାକୁ ଅବାଟରୁ ଫେରାଇ ଆଣି ପାରିବେ । ତେଣୁ ସେ ଶିଷ୍ୟର ବନ୍ଧୁମାନଙ୍କୁ କହିଲେ- ଦେଖ, ତୁମର ଅମୁକ ବନ୍ଧୁ ଚରିତ୍ରଭ୍ରଷ୍ଟ ହୋଇଛି । ଯଦି ପାର, ତୁମ୍ଭେମାନେ ସମସ୍ତେ ମିଶି ତାକୁ ରକ୍ଷା କର । କିନ୍ତୁ ବନ୍ଧୁମାନେ ତ କିଛି କରି ପାରିଲେ ନାହିଁ, ବରଂ ଦ୍ୱିତୀୟ ଶିଷ୍ୟ ଯେ ଦୁଶ୍ଚରିତ୍ର ହୋଇଛି ସମସ୍ତେ ଏ କଥାଟା ଜାଣିଗଲେ । ଶିଷ୍ୟ ଏଥିରେ ବ୍ୟଥିତ ହୋଇ ଆଶ୍ରମ ଛାଡ଼ି ବାହାରି ଗଲା । ଗୁରୁ ପଚାରିଲେ - କିରେ, କୁଆଡ଼େ ଯାଉଛୁ ? ଶିଷ୍ୟ କହିଲା - ନର୍କକୁ ଯାଉଛି, ତୁମେ ମୋତେ ପଛରୁ ଡାକ ନାହିଁ କହିଦେଉଛି । ଗୁରୁ କହିଲେ - କାହିଁକି ? ତୋର ମୁଁ କି ଦୋଷ କଲି କି ? ଶିଷ୍ୟ କହିଲା - ଭଲ ଲୋକି ସେତିକି ଥାଉ । ଦୁନିଆ ସାରା ମୋତେ ନିନ୍ଦା କରି କରି ଏବେ ପ୍ରେମ ବାହାରୁଛି । ଗୁରୁ କହିଲେ - ତୋରି ଭଲ ପାଇଁ ତ କରିଥିଲି, କେବେ ତ ମୁଁ ତୋର ମନ୍ଦ ଚାହିଁ ନ ଥିଲି । ଶିଷ୍ୟ କହିଲା - ମୁଁ ଭଲ ମନ୍ଦ କିଛି ବୁଝେ ନା । ତୁମେ ମୋର ଗୁପ୍ତ କଥା ସମସ୍ତଙ୍କୁ କହିଛ ! ତୁମେ ବିଶ୍ୱାସଘାତକତା କରିଛ । ତୁମ ସଙ୍ଗେ ମୋର ଆଉ କୌଣସି ସମ୍ପର୍କ ନାହିଁ । ଗୁରୁ କହିଲେ - ମୁଁ ଯେତେ ଦୋଷ କରେ ବା ଯେତେ

ତ୍ରୁଟୀ କରେ, ମୁଁ ତୋର ଗୁରୁ । ଶେଷକୁ ତୁ ବି ମୋତେ ପରିତ୍ୟାଗ କରିବୁ ? ଶିଷ୍ୟ କହିଲା - ତୁମ ପରି ଗୁରୁଙ୍କୁ ତ୍ୟାଗ କରିବା ହିଁ ଉଚିତ୍ । ଯେ ଶିଷ୍ୟର ଦୋଷ ଦୁର୍ବଳତା ଘୋଡ଼େଇ ରଖି ନ ପାରିବେ ସେ ଗୁରୁ ହେବାକୁ ଅଯୋଗ୍ୟ । ଶିଷ୍ୟ ଚାଲିଗଲା । ଗୁରୁ ତା ପାଇଁ କିଛି ଦିନ କାନ୍ଦିଲେ । କ୍ରମେ କ୍ରମେ ଶୋକ ଅପନୋଦିତ ହେଲା ଓ ତୃତୀୟ ଶିଷ୍ୟ ହୃଦୟର ସବୁ ସ୍ନେହର ଆଧାର ହେଲା । କିଛି ଦିନ ପରେ ତୃତୀୟ ଶିଷ୍ୟ କଠିନ ରୋଗରେ ପଡ଼ିଲା ଓ ସେ ବଞ୍ଚିବାର ଆଶା କ୍ଷୀଣ ହୋଇ ଆସିଲା । ଶିଷ୍ୟ ରୋଗ ଶଯ୍ୟାରେ ପଡ଼ି ପଡ଼ି ଚିନ୍ତା କରିବାକୁ ଲାଗିଲା - ଏ ରୋଗ କାହିଁକି ହେଲା ? ମୁଁ ତ ଆହାର ର ସୁନିୟମ, ସଂଯମ, ସଦାଚାର ପ୍ରଭୃତିରୁ କେବେ ଭ୍ରଷ୍ଟ ହୋଇ ନାହିଁ । ତାହାହେଲେ ଏ ରୋଗ ହେବାର କାରଣ କ'ଣ ? ଏହିପରି ଭାବି ଭାବି ଶେଷରେ ସେ ଠିକ୍ କଲା ଯେ ଗୁରୁଙ୍କ ଠାରୁ ଯେଉଁ ମନ୍ତ୍ର ସେ ନେଇଛି, ତାରି ଯୋଗୁ ଏ ମାରାତ୍ମକ ବ୍ୟାଧି ତାକୁ ଘୋଟିଛି, ଏ ସାଧନ ନ ନେଇଥିଲେ ତାକୁ ରୋଗ ହୋଇ ନଥାନ୍ତା । ତେଣୁ ସେ ମନ୍ତ୍ର ଭୁଲି ଯିବାକୁ ଠିକ୍ କଲା । କିନ୍ତୁ ଭୁଲିବା ପାଇଁ ସେ ଯେତିକି ଚେଷ୍ଟା କଲା ଇଷ୍ଟମନ୍ତ୍ର ସେତିକି ବେଶି ତା ମନକୁ ଆସିଲା । ଶିଷ୍ୟ ଦେଖିଲା ବଡ଼ ମୁସ୍କିଲ କଥା, ସେ ସ୍ଥିର କଲା ଯେ ଗୁରୁଙ୍କୁ ତ୍ୟାଗ କରିବାକୁ ହେବ, ନ ହେଲେ ଏ ମନ୍ତ୍ରକୁ ତ୍ୟାଗ କରିହେବ ନାହିଁ । ତେଣୁ ସେ କନ୍ଥା କମ୍ବଳ ଘୋଡ଼େଇ ହୋଇ ସେହି ରୁଗ୍ଣ ଅବସ୍ଥାରେ ଯିବାକୁ ବାହାରିଲା । ଗୁରୁ ପଚାରିଲେ - କିରେ, କୁଆଡ଼େ ଯାଉଛୁ ? ଶିଷ୍ୟ କହିଲା - ତୁମକୁ ଛାଡ଼ି ଯାଉଛି କାରଣ ତୁମେ ଦେଇଥିବା ସାଧନ ଯୋଗୁଁ ମୋତେ ଏ ମାରାତ୍ମକ ରୋଗ ହେଲା । ଗୁରୁ କହିଲେ - ବର୍ତ୍ତମାନ ତ ଖୁବ୍ ଶୀତ ପଡ଼ିଛି । ବାହାରକୁ ଗଲେ ତ ବାଟରେ ଥଣ୍ଡାରେ ମରିଯିବୁ । ଶିଷ୍ୟ କହିଲା ମଲେ ମରିବି ତ ରାସ୍ତାରେ ପଡ଼ି ମରିବି କିନ୍ତୁ ତୁମର ଏଠି ମୁହୂର୍ତ୍ତେ ରହିବି ନାହିଁ । ତୁମରି ଯୋଗୁଁ ମୋର ଏ ଭୟଙ୍କର

ରୋଗ ହେଲା । ତୁମରି ଯୋଗୁ ମୁଁ ଏତେ କଷ୍ଟ ଭୋଗିଲି । ମୁଁ ଚାଲିଲି । ଗୁରୁ କହିଲେ, ମୁଁ ଶହେ ଥର ଦୋଷ ମାନୁଛି କିନ୍ତୁ ତୁ ମୋତେ ଛାଡ଼ି ଯା ନା । ମୁଁ ଯେ ତୋର ଗୁରୁ । ଶିଷ୍ୟ କହିଲା ଖାଲି ମୁହଁରେ କହିଦେଲେ ଗୁରୁ ହୁଅନ୍ତି ନାହିଁ, ଗୁରୁ ପରି କାମ କରିବାକୁ ହୁଏ । ଶିଷ୍ୟକୁ ଉପଦେଶ ଦେବା ବେଳେ ବୁଝି ବିଚାରି ଉପଦେଶ ଦେବାକୁ ହୁଏ ଯେପରି ଶିଷ୍ୟର ଅନିଷ୍ଟ ନ ହେବ । ଶିଷ୍ୟ ଚାଲିଗଲା । ଗୁରୁ କାନ୍ଦି କାନ୍ଦି ଅଧୀର ହେଲେ । ସମସ୍ତେ ଗୋଟି ଗୋଟି ହୋଇ ଗଲେ । ଯାହାକୁ ଜୀବର ଜୀବନ ବୋଲି ଭାବିଥିଲେ ସେ ଗଲା । ଯାହାକୁ ଭାବିଥିଲେ ଅତି ବୁଦ୍ଧିମାନ ସେ ବି ଗଲା । ଯାହାକୁ ସମସ୍ତଙ୍କ ଅପେକ୍ଷା ଧୀରସ୍ଥିର ବୋଲି ଭାବିଥିଲେ ସେ ମଧ୍ୟ ଗଲା । ଏବେ ଆଶ୍ରମ ମନ୍ଦିରରେ ସଞ୍ଜବତୀ ଜାଳିବା ପାଇଁ ଲୋକ ନାହାନ୍ତି । ଗୁରୁ ତାପରେ ଭଗବାନଙ୍କ ପାଦରେ ଆତ୍ମ-ସମର୍ପଣ କରି ଜଣାଇଲେ ହେ ପ୍ରଭୁ ମୁଁ ବୃଥାରେ ଶିଷ୍ୟ ଖୋଜି ବୁଲୁଛି ଓ ଭଲ ପାଇବାକୁ ଯାଇ ଅନ୍ତର୍ଦାହ ଓ କଷ୍ଟ ଭୋଗୁଛି । ଆଉ କାହା ସହିତ କିଛି ସମ୍ପର୍କ ରଖିବି ନାହିଁ । ଏଣିକି ମୋର ସବୁ ସମ୍ବନ୍ଧ କେବଳ ଆପଣଙ୍କ ସହିତ । ତା'ପରେ ଗୁରୁ ସାଧନାରେ ବସିଲେ । ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ବିତିଗଲା । ଦିନେ ସେ ହଠାତ୍ ଏକ ଦୈବ ବାଣୀ ଶୁଣିଲେ ଯେ କିଏ ଯେପରି ତାଙ୍କୁ କହୁଛି - "ତୁ କାହାରି ଗୁରୁ ନୋହୁଁ, ତୁ ସବୁଠୁ ଲଘୁ, ତୁ କାହାର ପ୍ରଭୁ ନୋହୁଁ, ସମସ୍ତଙ୍କ ଦାସ ।" ଦୈବବାଣୀ ଶୁଣି ଗୁରୁ ମନ୍ଦିର ବାହାରକୁ ଆସି ଉନ୍ମୁକ୍ତ ପ୍ରାନ୍ତରରେ ଦଣ୍ଡାୟମାନ ହେଲେ ଓ ଦେଖିଲେ ଯେଉଁ ଆଡ଼କୁ ସେ ଚାହୁଁଛନ୍ତି ସେ ଆଡ଼େ ଜଣେ ଜଣେ ଲୋକ ହାତଯୋଡ଼ି ଠିଆ ହୋଇଛନ୍ତି ଓ ତା ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସେ କହି ଉଠୁଛି ଗୁରୋ, ପଥ ଦେଖାଇ ଦିଅ, ପ୍ରଭୋ, ଚରଣାଶ୍ରୟ ଦିଅ । ଗୁରୁ ଏହା ଶୁଣି କହିଲେ ଆରେ, ମୋତେ ତୁମ୍ଭେମାନେ ଆଉ ଗୁରୁ କହ ନାହିଁ, ମୋତେ ପ୍ରଭୁ କହ ନାହିଁ । ମୁଁ ତୁମ୍ଭମାନଙ୍କର ସେବକ ମାତ୍ର । ଯେତେବେଳେ ତୁମ୍ଭମାନଙ୍କର ଯେଉଁ ଅଭାବ

ପଡ଼ିବ, ମୁଁ ସେ ଅଭାବ ପୂରକ ମାତ୍ର । ଯାହାର ପ୍ରାଣରେ ଯେଉଁଠି ବେଦନା ଥିବ ମୁଁ ସେଠାରେ ହାତ ବୁଲାଇ ଶୁଶ୍ରୁଷା କରିବି । ଯାହାର ଯେଉଁଠି କ୍ଷତ ଥିବ ମୁଁ ନିଜ ଜିଭରେ ଚାଟି ସେ ସ୍ଥାନରୁ ପୂଜ ସଫା କରିଦେବି । ଯାହା ପାଦରେ କଣ୍ଟା ପଶିଥିବ ମୁଁ ଦୁଇ ହାତରେ ତା ପଦତଳର ପରିଚର୍ଯ୍ୟା କରିବି । ମୁଁ ତୁମ୍ଭମାନଙ୍କର ପାଦର ଧୂଳି, ଗୋଡ଼ର ପାଣ୍ଠୋଇ, ମୁଁ ତୁମ୍ଭମାନଙ୍କର ସେବକ, ତୁମ୍ଭମାନଙ୍କର ଦାସ । ମୋତେ "ପ୍ରଭୁ", "ଗୁରୁ" ବୋଲି କହି ଅପମାନିତ କର ନାହିଁ । ହଠାତ୍ ଗୁରୁ ଦେଖିଲେ ତିନି ଜଣ ଲୋକ ପାଟିରେ ଲୁଗା ଗୁଞ୍ଜି ସକେଇ ସକେଇ କାନ୍ଦୁଛନ୍ତି । ଗୁରୁ ସେମାନଙ୍କୁ ପାଖକୁ ଟାଣି ଆଣିବା ସଙ୍ଗେ ସଙ୍ଗେ ସେମାନେ ପାଦତଳେ ପଡ଼ି ପାଦକୁ ଅଶ୍ରୁସିକ୍ତ କରିବାକୁ ଲାଗିଲେ ଓ ବାରମ୍ବାର କହିବାକୁ ଲାଗିଲେ ଗୁରୋ, ପିତା, ଆମେ ଆପଣଙ୍କର ବିଦ୍ରୋହୀ ସନ୍ତାନ, ଆମର ଅପରାଧ ମାର୍ଜନା କର ପ୍ରଭୋ । ଗୁରୁ କହିଲେ, ସେ କଥା କହ ନାହିଁରେ ସେ କଥା କହନାହିଁ । ପରମ ପିତା ହିଁ ଏକମାତ୍ର ପିତା, ପରମ ଗୁରୁ ହିଁ ଏକମାତ୍ର ଗୁରୁ । ମୁଁ ତ ତୁମ୍ଭମାନଙ୍କର ଗୁରୁ ଭାଇ । ଶିଷ୍ୟମାନେ କହିଲେ ଆପଣ କ'ଣ ଆମ୍ଭମାନଙ୍କୁ ଚିହ୍ନି ପାରୁନାହାନ୍ତି । ଗୁରୁ କହିଲେ ପାରୁଛିରେ ପାରୁଛି, ପାରୁଛି ବୋଲି ତ ଆଜି ଭାଇ ବୋଲି କୋଳାଗ୍ରତ କରୁଛି । ତୁମ୍ଭେମାନେ ମୋର ସେହି ତିନୋଟି ହଜିଲା ନିଧି, ତୁମ୍ଭମାନଙ୍କୁ କଣ ମୁଁ କେବେ ଭୁଲି ପାରେ ? ଶିଷ୍ୟମାନେ କହିଲେ ଗୁରୋ, ଆମ୍ଭେମାନେ ଗୁରୁତ୍ୟାଗ କରି ବାହାରି ଯାଇଥିଲୁ ? କିନ୍ତୁ ଆଜି ସ୍ପଷ୍ଟ ବୁଝି ପାରିଲୁ ଯେ, ଗୁରୁଙ୍କୁ କଦାପି ତ୍ୟାଗ କରାଯାଇ ନ ପାରେ, ଚେଷ୍ଟା କରି ବି ନୁହେଁ । ଗୁରୁ କହିଲେ ମୁଁ ତୁମ୍ଭମାନଙ୍କ ଉପରେ ଗୁରୁଗିରି ଜାହିର କରିବାକୁ ଚେଷ୍ଟା କରିଥିଲି କିନ୍ତୁ ଆଜି ସ୍ପଷ୍ଟ ଜାଣିଲି, ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭ୍ରାତୃତ୍ୱ ସମ୍ବନ୍ଧ ହିଁ ନିତ୍ୟ ସମ୍ବନ୍ଧ । ସେ ସମ୍ବନ୍ଧରେ ଆଉ ଲୟ ନାହିଁ କି କ୍ଷୟ ନାହିଁ ।

(ପୌଷ ୨୭, ୧୩୩୪)

ଗୁରୁ, ଶିଷ୍ୟ, ଗୁରୁବାଦ ଓ ସାଧନ

ଗୁରଦର୍ଶନରେ ଶିଷ୍ୟର କିଛି ଲାଭ ହୁଏ ନାହିଁ, ସେ କଥା ଶିଷ୍ୟ ସବୁ ସମୟରେ ଠିକ୍ ବୁଝି ପାରେ ନାହିଁ । ତାର କାରଣ ଏହା ଯେ ସାଧନ ନ କଲେ ଗୁରୁ ସଙ୍ଗର କଲ୍ୟାଣ ପ୍ରଭାବ ଉପଯୁକ୍ତ ଭାବରେ ବିକୀରିତ ହୁଏନାହିଁ । ଚନ୍ଦ୍ରକିରଣ ସମସ୍ତଙ୍କ ଅଗଣାରେ ପଡ଼େ କିନ୍ତୁ ଯାହାର ଅଗଣା ଯେତେ ପ୍ରଶସ୍ତ ଓ ପରିଷ୍କୃତ ତା ଅଗଣାରେ ସେହି ଚନ୍ଦ୍ର କିରଣ ସେତେ ବେଶି ତୋଫା ଓ ସୁନ୍ଦର ଦେଖାଯାଏ । ଏହା ଚାନ୍ଦର ଦୋଷ ବା ଗୁଣ ନୁହେଁ । ଏହା ଆଧାରର ଦୋଷ ବା ଗୁଣ । ଅନେକ ହୋ'ରେ ମାତି ଗୁରୁ ଦର୍ଶନ ପାଇଁ ଯାଆନ୍ତି । କିନ୍ତୁ ଅନେକ ସମୟରେ ସେମାନେ ହୁଏତ ଚିତ୍ତକୁ ସେଥିପାଇ ପ୍ରସ୍ତୁତ କରି ନଥାନ୍ତି ।

ଶାସ୍ତ୍ରକାରମାନେ ଗୁରୁପାଦ-ପଦ୍ମ ଦର୍ଶନର ଭୂୟସୀ ପ୍ରସଂଶା କରି ଯାଇଛନ୍ତି । କେହି କେହି ଗୁରୁ ଦର୍ଶନ ବ୍ରହ୍ମଦର୍ଶନ ତୁଲ୍ୟ ବୋଲି ପ୍ରଚାର କରିଛନ୍ତି । ଏ ସବୁ କଥା ଖାଲି କଳ୍ପନା ବିଳାଶ ନୁହେଁ, ସ୍ଥଳ ବିଶେଷ, କାଳ ବିଶେଷ ଓ ପାତ୍ର ବିଶେଷରେ ସେ କଥାଗୁଡ଼ିକ ପୂର୍ଣ୍ଣ ସତ୍ୟ । ଭକ୍ତିମାନ ସାଧକ ଯେତେବେଳେ ଭକ୍ତିପୂର୍ଣ୍ଣ ଚିତ୍ତରେ ଗୁରୁ-ଦର୍ଶନ, ଗୁରୁ-ସ୍ମରଣ ବା ଗୁରୁ-ଗୁଣାନୁକୀର୍ତ୍ତନ କରେ, ସେତେବେଳେ ତାର ବୁକୁର ବଳ ବଢ଼େ, ପ୍ରାଣର ବ୍ୟାପ୍ତି ବଢ଼େ, ହୃଦୟର କ୍ଳେଦ ପ୍ରଶମିତ ହୁଏ, ଚିତ୍ତତାପ ଦୂରୀଭୂତ ହୁଏ ଓ ହତାଶା ଅବସାଦ ବିନଷ୍ଟ ହୁଏ । ଯେଉଁମାନଙ୍କର ଏହା ହୁଏ, ସେମାନଙ୍କ ପକ୍ଷରେ ଗୁରୁବାଦ ପୂର୍ଣ୍ଣ ସତ୍ୟ । ସେମାନେ ଯଦି ଗୁରୁଙ୍କୁ ପରମେଶ୍ୱର ବୋଲି ଅର୍ଚ୍ଚନା କରନ୍ତି, ତଥାପି ସେମାନଙ୍କର କ୍ଷତି ହୁଏ ନାହିଁ ବରଂ ଲାଭ ହୁଏ । କିନ୍ତୁ ଯେଉଁଠି ତାହା ନ ହୁଏ, ସେଠାରେ ଗୁରୁବାଦ ମିଥ୍ୟା । ଗୁରୁବାଦ ଏକ ସାର୍ବଜନୀନ ସତ୍ୟ ନୁହେଁ । ଗୁରୁବାଦ ସତ୍ୟ ବା ଅସତ୍ୟ ତାହା ପୂରାପୂରି ଶିଷ୍ୟର ଅବସ୍ଥା ଉପରେ ନିର୍ଭର କରେ ।

ଶିଷ୍ୟକୁ ପୁରୁଷକାର ପ୍ରୟୋଗ କରିବାକୁ ହୁଏ । ପ୍ରାଣପଣେ ସାଧନ କରିବାକୁ ହୁଏ । ଗୁରୁଙ୍କର ତପୋଲବ୍ଧ ଶକ୍ତି ପ୍ରଚ୍ଛନ୍ନଭାବରେ ଶିଷ୍ୟରକଲ୍ୟାଣ କରେ । ଅ-ତପସ୍ୱୀ ଶିଷ୍ୟ ଗୁରୁଙ୍କର ସେହି ପ୍ରଚ୍ଛନ୍ନ ଶକ୍ତିକୁ ନିଜ କାମରେଲଗାଇବାକୁ ଅସମର୍ଥ ହୁଏ । କିନ୍ତୁ ତପସ୍ୱୀ ଶିଷ୍ୟ ତପସ୍ୟା ବଳରେ ଗୁରୁଙ୍କର ସେହି ପ୍ରଚ୍ଛନ୍ନ ତପୋଶକ୍ତିକୁ ନିଜ କାମରେ ଲଗାଇବାକୁ ସମର୍ଥ ହୁଏ । ଏହା ହିଁ ଗୁରୁଙ୍କରକୃପାଶକ୍ତି । ଏ ଦୁନିଆରେ ସମସ୍ତେ ତେଲିଆ ମୁଣ୍ଡରେ ତେଲ ଢାଳନ୍ତି । ଯେଉଁ ଶିଷ୍ୟ ନିଜେ ସାଧନ କରେ, ଗୁରୁଙ୍କର ସାଧନ ଶକ୍ତି ତାକୁ ହିଁ ସବୁଠାରୁ ବେଶି ସହାୟତା କରେ ।

(ବୈଶାଖ ୨, ୧୩୩୬)

ପ୍ରକୃତ ଗୁରୁବାଦ କ'ଣ ?

ଯାହା ତୁମ୍ଭମାନଙ୍କର ସମସ୍ତ ବନ୍ଧନ ଛେଦନ କରେ, ନୂଆକରି ଆଉ ବନ୍ଧନ ସୃଷ୍ଟି ନ କରେ ତାହାହିଁ ପ୍ରକୃତ ଗୁରୁବାଦ । ମୁଁ ତୁମ୍ଭମାନଙ୍କୁ ମନ୍ତ୍ର ଦେଇଛି ବୋଲି ତୁମ୍ଭମାନଙ୍କ ପାଦରେ ଲୌହଶୃଙ୍ଖଳ ବାନ୍ଧି ଦେବାର ଅଧିକାର ମୋର ନାହିଁ । ମୁଁ ଯେତେବେଳେ ମହାମନ୍ତ୍ରରୂପୀ ତୀକ୍ଷ୍ଣ ଛୁରିକାରେ ତୁମମାନଙ୍କ ଦେହର ସମସ୍ତ ବନ୍ଧନ କାଟି ଦେଇ ପାରିବି ସେତିକି ବେଳେ ଜାଣିବ ମୁଁ ତୁମମାନଙ୍କର ପ୍ରକୃତ ହିତସାଧନ କରିଛି । ମୋ ମୂର୍ତ୍ତି, ମୋ ଫଟୋ, ମୋ ଜିଦ୍, ମୋ ଦୁର୍ବଳତା, ମୋର ବ୍ୟକ୍ତିଗତ ମନୋଭଙ୍ଗିମା, ଏ ସବୁକୁ ନେଇ ତୁମେମାନେ ଯଦି ଏପରି ଖଣାରେ ଡୁବ ଯେ ଜଗତର ସବୁ ମଙ୍ଗଳପନ୍ଥୀଙ୍କ ସହିତ ତୁମମାନଙ୍କ ହୃଦୟର ଉଦାର ଯୋଗ ଅସମ୍ଭବ ହୁଏ, ତାହାହେଲେ ଜାଣିବ ଯେ ତୁମମାନଙ୍କ ପାଖରେ ଗୁରୁରୂପରେ ମୋର ଆବିର୍ଭାବ ବ୍ୟର୍ଥ ହୋଇଛି । ତୁମେମାନେ ତ ଜାଣ, ମୋର ଯେ ଉପାସ୍ୟ ଓ ଗୁରୁ, ସେହି

ପରଂବ୍ରହ୍ମହିଁ ତୁମମାନଙ୍କର ଗୁରୁ । ତୁମମାନଙ୍କ ମଧ୍ୟରୁ ଅନେକେ ଯେତେବେଳେ ଜନକଲ୍ୟାଣ ଲାଗି ଅନ୍ୟକୁ ସାଧନ ପ୍ରଦାନ କରିବେ ସେତେବେଳେ ନବାଗତଙ୍କୁ ଜଣାଇଦେବେ ଯେ ବ୍ରହ୍ମହିଁ ସେମାନଙ୍କର ମଧ୍ୟ ଗୁରୁ । ଶତ ଶତ ଗୁରୁଙ୍କୁ ଉପାସନା କରି ନୁହେଁ । ଏକମାତ୍ର ଜଣେ ପରମ ଗୁରୁଙ୍କୁ ଉପାସନା କରି ଜଗତର ସକଳ ଶିଷ୍ୟ ଏକତ୍ୱବୋଧ-ଯୁକ୍ତ ହୁଅନ୍ତୁ, ଏକୀଭୂତ ହୁଅନ୍ତୁ, ଏହାହିଁ ହେଉଛି ପ୍ରକୃତ ଗୁରୁବାଦ । ଏହା ହିଁ ଶୁଦ୍ଧ ସୁବର୍ଣ୍ଣ, ଏଥିରେ ମୋଟେ ଖାଦ ନାହିଁ ।

ବ୍ୟକ୍ତିଗତ ଗୁରୁବାଦର କୁଫଳ

ବର୍ତ୍ତମାନର ଗୁରୁବାଦ ବ୍ୟକ୍ତି ଉପରେ ପ୍ରତିଷ୍ଠିତ, ଫଳତଃ ବ୍ୟକ୍ତିଟିର ପରମାୟୁ ଯେତେ ଦିନ ଥାଏ ଏକ ଶୃଙ୍ଖଳାବଦ୍ଧ ବର୍ଦ୍ଧନଶୀଳ ଧର୍ମଗୋଷ୍ଠୀର ବିସ୍ତାର ମାତ୍ର ସେତିକି ଦିନ ହୁଏ । ବ୍ୟକ୍ତିଗତ ଗୁରୁ ଦେହରକ୍ଷା କଲେ ହୁଏତ ତାଙ୍କ ପଛେ ପଛେ ଧର୍ମଗୋଷ୍ଠୀ ଲୟ ପ୍ରାପ୍ତ ହୁଏ ନତୁବା ସଂଘ ଭିତରେ ବା ବାହାରେ ଏକ ସାଧନ-ଧାରା ଅବଲମ୍ବନ କରି ଦୁଇ ବା ତତୋଽଧିକ ଗୁରୁ ଆବିର୍ଭୂତ ହୁଅନ୍ତି ଏବଂ ସମସ୍ତଙ୍କର ଆଧ୍ୟାତ୍ମିକ ଶକ୍ତି ଏକ ଲକ୍ଷ୍ୟରେ ପ୍ରଯୁକ୍ତ ନ ହୋଇ ନିଜ ନିଜର ପୃଥକ ଧର୍ମଗୋଷ୍ଠୀ ସୃଷ୍ଟି କରିବାରେ ନିୟୋଜିତ ହୁଏ । ସେମାନଙ୍କ ଦେହାନ୍ତର ପରେ ପୁଣି ସେମାନଙ୍କ ମଧ୍ୟରୁ ଜଣ ଜଣଙ୍କର ଶିଷ୍ୟମାନଙ୍କ ଭିତରୁ ଚାରି ପାଞ୍ଚ ଜଣ ଗୁରୁ ବାହାରନ୍ତି ଏବଂ ସେମାନେ ନିଜ ନିଜ ବ୍ୟକ୍ତିତ୍ୱକୁ କେନ୍ଦ୍ରକରି ପୁନର୍ବାର ନୂଆ ନୂଆ ଧର୍ମଗୋଷ୍ଠୀ ସୃଷ୍ଟି କରିନ୍ତି । ଏହିପରି ଭାବରେ ବଂଶାନୁକ୍ରମେ ପୈତୃକ ସମ୍ପତ୍ତି ବଣ୍ଟୁଆରା ହେଲା ପରି କ୍ରମଶଃ ଧର୍ମଗୋଷ୍ଠୀ ବିଭକ୍ତ ହେବାକୁ ଲାଗେ । ପରିଣାମରେ ଏକ ଆଦିଗୁରୁଙ୍କ ଶିଷ୍ୟାନୁଶିଷ୍ୟଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରେମ, ହୃଦ୍ୟତା ବା ଐକ୍ୟର ବନ୍ଧନ ଆଉ ରହେ ନାହିଁ । ପ୍ରତ୍ୟେକେ ନିଜ ନିଜର ବ୍ୟକ୍ତିତ୍ୱ ମହିମାକୁ ପ୍ରାଧାନ୍ୟ

ଦେଇ ସମ୍ପ୍ରଦାୟ ବିସ୍ତାର କରିବାରେ ଲାଗନ୍ତି ଏବଂ ଏକ ସାଧନ-ଧାରା ମଧ୍ୟ ଦେଇ ଦିନକୁ ଦିନ ଯେତେଯେତେ ଗୁରୁଙ୍କର ଆବିର୍ଭାବ ହେବାକୁ ଲାଗେ ସେତିକି ଖାଲି ଭେଦ, ବିଚ୍ଛେଦ ଓ ଦୂରତ୍ୱ ସୃଷ୍ଟି ହେବାକୁ ଲାଗେ । ଏହି କାରଣରୁ ଉଦାରତମ ଧର୍ମର ଅଧିକାରୀ ହୋଇ ମଧ୍ୟ ଅନୁଗତମାନେ ଦୃଢ଼ତମ ଧର୍ମର ଆଶ୍ରୀତ ବୋଲି ଗର୍ବ କରିପାରନ୍ତି ନାହିଁ । ଏଭଳି ଧର୍ମସଂଘ ଅତି ଦୁର୍ବଳ, ଆକ୍ରମଣ ମାତ୍ରେ ହିଁ ପତନୋନ୍ମୁଖ । ବାହାରୁ କୌଣସି ଉତ୍ପାତ ଆସି ବିଭୀଷିକା ପରି ଦଣ୍ଡାୟମାନ ହେଲେ ଏ ସବୁ ସଂଘ ତାସର ଘର ପରି ଫୁତ୍କାରରେ ଉଡ୍ଡୀୟନଶୀଳ । ଏହି କାରଣରୁ ଧର୍ମସଂଘରୁ ବ୍ୟକ୍ତିଗତ ଗୁରୁବାଦକୁ ଉଚ୍ଛେଦ କରିବାର ପ୍ରୟୋଜନ ଅଛି । ଯେ ଯାହାକୁ ଦୀକ୍ଷା ଦେଉ, ଗୁରୁ ସେହି ଜଣେ ଯେ ଆଦିଗୁରୁ । ଯେ ଯାହା ପାଖରୁ ଦୀକ୍ଷା ନେଉ, ଶିଷ୍ୟ ସେ ମାତ୍ର ଜଣଙ୍କର, ଯେ ଆଦିଗୁରୁ । ଏକ ଆଦିଗୁରୁଙ୍କ ଶିକ୍ଷାହିଁ ଶିଷ୍ୟ-ପରମ୍ପରାକ୍ରମେ ଯୁଗେ ଯୁଗେ ପ୍ରବାହିତ ହେଉଅଛି । ଅତଏବ ସେହି ଅନୁଶୀଳନ ଏକମାତ୍ର ଆଦିଗୁରୁ ପ୍ରଦତ୍ତ, ଏହି ପ୍ରତ୍ୟୟ ଓ ନିଷ୍ଠାକୁ ଅପ୍ରତିଦ୍ୱନ୍ଦୀ ରୂପେ ପ୍ରତିଷ୍ଠିତ କରିବାକୁ ହେବ । ଗଙ୍ଗୋତ୍ରୀରୁ ଯେଉଁ ଧାରା ବହିର୍ଗତ ହୋଇଛି ତାହା ହରିଦ୍ୱାରକୁ ଆସି ସମତଳ ଭୂମିର ବକ୍ଷସ୍ପର୍ଶ ପାଇଲା ଏବଂ ତାହା ହିଁ ହେଲା ପ୍ରୟାଗ, କାଶୀ, ପାଟନା ଓ କଲିକତା । କେଉଁ ଅଞ୍ଚଳର ମାଟି ଲାଲ ବୋଲି ଗଙ୍ଗାର ଜଳ ହୁଏତ ଟିକିଏ ଲାଲ, କେଉଁ ଦେଶର ମାଟି ମାଟିଆ ବୋଲି ଗଙ୍ଗାର ଜଳ ଟିକିଏ ଗୋଳିଆ ହୋଇଛି । କିନ୍ତୁ ଯେଉଁ ଦେଶର ବକ୍ଷ ସ୍ପର୍ଶ କରି ଏ ଜଳ ପ୍ରବାହିତ ହେଉ ପଛକେ ସେ ଜଳ କିନ୍ତୁ ଗଙ୍ଗାଜଳ । ସେ ଜଳକୁ କେହି ପ୍ରୟାଗର ଜଳ, କାଶୀର ଜଳ, ପାଟନାର ଜଳ ବା କଲିକତାର ଜଳ କହନ୍ତି ନାହିଁ । ଯେ କୌଣସି ଯାଗାରୁ ଯେ କେହି ଏକ ଗଣ୍ଡୁଷ ଗ୍ରହଣ କରୁ ପଛକେ ସେ ତାକୁ ଗଙ୍ଗାଜଳ ବୋଲି କହେ । ଠିକ୍ ସେହିପରି ଆଦିଗୁରୁଙ୍କୁ ହିଁ ଏକମାତ୍ର ଗୁରୁ ଜାଣି ସବୁ

ଦୀକ୍ଷାଦାତାଙ୍କର ସବୁ ଶିଷ୍ୟ ଯେତେବେଳେ ନିଷ୍ଠା ସହକାରେ ସେହି ଏକ ସାଧନ କରିବେ, ଧର୍ମସଂଘର ବଳ ସେତିକିବେଳେ ବଢ଼ିବ ।

ଗୁରୁବାଦ ଓ ନାରୀଧର୍ମ

ଗୁରୁଙ୍କୁ ସର୍ବସ୍ୱ ସମର୍ପଣ ସର୍ବଶାସ୍ତ୍ରର ବିଧାନ । ଆଉ ନିଜର ନାରୀ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନାରୀ ଧର୍ମର ବିଧାନ । କେବେ ଯଦି ଏହି ଦୁଇ ବ୍ରତ ମଧ୍ୟରେ ଦ୍ୱନ୍ଦ୍ୱ ଉପସ୍ଥିତ ହୁଏ ତାହାହେଲେ ନାରୀର କର୍ତ୍ତବ୍ୟ କ'ଣ ?

ନାରୀ ସର୍ବାଗ୍ରେ ତାର ନାରୀଧର୍ମକୁ ବଜାୟ ରଖିବ । କାରଣ ସତୀତ୍ୱ ନ ଥିଲେ କାହାର ଶିଷ୍ୟତ୍ୱ ସତ୍ୟ ହୁଏ ନାହିଁ ଆଉ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଗୁରୁଙ୍କୁ ସର୍ବସ୍ୱ ସମର୍ପଣମାନେ ଏହା ନୁହେଁ ଯେ ଗୁରୁଙ୍କ ଇନ୍ଦ୍ରିୟ-ପରିତର୍ପଣଲାଗି ନିଜକୁ ନିୟୋଗ କରିବାକୁ ହେବ । ଗୁରୁଙ୍କୁ ସର୍ବସ୍ୱ ସମର୍ପଣମାନେ ଗୁରୁ-ପାଦପଦ୍ମରେ ସକଳ ସ୍ୱାର୍ଥବୁଦ୍ଧି ବିସର୍ଜନ, ଗୁରୁଙ୍କୁ କୃପା-ସିନ୍ଧୁ ଜାଣି ତାଙ୍କ ଆଦେଶ ପାଳନ ନିମନ୍ତେ ମରଣ ପଣ ଭଗବାନଙ୍କୁ ପାଇବା ପାଇଁ ସେ ଯେଉଁ ପବିତ୍ର ପନ୍ଥାନିର୍ଦ୍ଦେଶ କରିଦେବେ ଦୃଢ଼ତା ସହକାରରେ ତାକୁ ଅବଲମ୍ବନ । ଗୁରୁ ଯେଉଁ ସାଧନ ଦେଇଛନ୍ତି ତା ଉପରେ ପୂର୍ଣ୍ଣ ନିର୍ଭର କରି ଚଳିବାର ନାମ ଗୁରୁଙ୍କ ଠାରେ ଆତ୍ମସମର୍ପଣ ।

ଭକ୍ତମାନେ କେଉଁଠି ଗୋଳମାଳରେ ପଡ଼ନ୍ତି ଜାଣ ? ବହୁଭକ୍ତ ମନେ କରନ୍ତି ଗୁରୁ ଏକ ମାଂସ ପିଣ୍ଡ, କ୍ଷୁଧାତୃଷାଦିର ଆଧାର ଓ ପ୍ରବୃତ୍ତିନିଚୟର କ୍ରୀଡ଼ନକ ଏକ ମନୁଷ୍ୟ । ଗୁରୁଙ୍କୁ ସେମାନେ ମନୁଷ୍ୟ ଭାବି ଯେଉଁ ମନୁଷ୍ୟର ପ୍ରବୃତ୍ତି ଯେପରି ସେହି ଦିଗରୁ ସେମାନେ ଗୁରୁସେବା ଲାଗି ଚେଷ୍ଟା କରନ୍ତି ।

କେହି ଅର୍ଥ ଦେଇ, କେହି ଆହାର୍ଯ୍ୟ ଦେଇ କେହି ବା ଦେହ ଦେଇ ଗୁରୁ ସେବା କରନ୍ତି, କିନ୍ତୁ ଏ ସବୁରେ ଟିକିଏ ହେଲେ ଗୁରୁସେବା ହୁଏ ନାହିଁ। କେବଳ ଗୁରୁଦତ୍ତ ସାଧନରେ ଏକନିଷ୍ଠା ଦ୍ୱାରା ପ୍ରକୃତ ଗୁରୁ ସେବା ହୁଏ। ତାଛଡ଼ା ଅନ୍ୟ କୌଣସି ବସ୍ତୁ ଗୁରୁ ସେବା ଲାଗି ଅପରିହାର୍ଯ୍ୟ ନୁହେଁ।

ଏ କଥାରୁ କେହି ବୁଝିବା ଉଚିତ୍ ନୁହେଁ ଯେ ଗୁରୁଙ୍କୁ କେହି ଅର୍ଥଦାନ, ଅନ୍ନଦାନ ବା ଭୂମିଦାନ କଲେ ଅପରାଧୀ ହେବ। ମୋର କହିବାର ତାତ୍ପର୍ଯ୍ୟ ହେଉଛି ଗୁରୁ ଓ ଶିଷ୍ୟ ଭିତରେ ଦୈହିକ ବା ମାନସିକ ଭାବରେ ଇନ୍ଦ୍ରିୟ ଗତ ସମ୍ବନ୍ଧ ସ୍ଥାପିତ ହେଲେ ଗୁରୁ ଶିଷ୍ୟ ଉଭୟେ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୁଅନ୍ତି, ଜଣକ ଲାଗି ଅନ୍ୟଜଣଙ୍କର ଯେଉଁ ସ୍ୱାଭାବିକ କଲ୍ୟାଣକାରିଣୀ ଶକ୍ତି ତାହା ଅଚେତନ ହୋଇପଡ଼େ।

(ଆଷାଢ଼ ୧୩, ୧୩୩୪)

ସର୍ବସ୍ୱ ଢ଼ାଳି ଦେବାର ଅର୍ଥ

"ତୁମେ ତୁମର ମନପ୍ରାଣ ସର୍ବସ୍ୱ ମୋଠାରେ ଢାଳି ଦେବାକୁ ଚାହଁ। କାହିଁକି ଚାହଁ, ସେ କଥା ତୁମେ ହିଁ ଜାଣ, କିନ୍ତୁ ମୋତେ କଣ କେବେ ସମୁଦ୍ରଠାରୁ ଗଭୀର, ଆକାଶଠାରୁ ଉଦାର, ହିମାଳୟଠାରୁ ଉର୍ଦ୍ଧ୍ୱଗାମୀ, ନକ୍ଷତ୍ରଗଣଙ୍କ ତୁଲ୍ୟ ଉଜ୍ଜ୍ୱଳ ଓ ସୂର୍ଯ୍ୟଙ୍କ ପରି ଆଲୋକର ଉତ୍ସ ବୋଲି ବୁଝିଛ ? ଯଦି ଦୈବକ୍ରମେ ସେ ଭଳି କୌଣସି ଉପଲବ୍ଧି ପାଇଥାଅ ତେବେ ମୋ ଠାରେ ତୁମର ଆତ୍ମ-ନିମଜ୍ଜନ ସମ୍ଭବ ହେବ, ସଫଳ ବି ହେବ। ଯଦି ମୋତେ ରକ୍ତମାଂସରେ ଗଢ଼ା ଏକ ମନୁଷ୍ୟ, ଦୋଷଗୁଣରେ ପୂର୍ଣ୍ଣ ଏକ ଜୀବ, ଭଲ ମନ୍ଦ ମିଶ୍ରଣରେ ଏକ

ବ୍ୟକ୍ତିବିଶେଷ ମାତ୍ର ବୋଲି ତୁମର ପ୍ରତୀତ ହୋଇଥାଏ ତେବେ ଏହି ଆତ୍ମନିମଜ୍ଜନ ସମ୍ଭବ ହେବ ନାହିଁ । ଯେ ମୋତେ ସବୁ ଦେଇଦିଏ ମୁଁ ତାକୁ ସର୍ବତୋଭାବରେ ଗ୍ରହଣ କରେ ଏକଥାଟି ସତ୍ୟ । କିନ୍ତୁ ସବୁ ଦେଇ ଦିଅ, ସବୁ ଦିଅ ବୋଲି ମୁଁ କେବେହେଲେ କଥାରେ କହେ ନାହିଁ ବା ମନେ ମନେ କୌଣସି ଅଭିଳାଷ ପୋଷଣ କରେ ନାହିଁ, ଯେ ଦେବାର କଥା ସେ ଆପେ ଆପେ ଦେବ ଏବଂ ସାଧନ କରୁ କରୁ ତାର ସେହି ଦେବାର ରୁଚି, ଆଗ୍ରହ ଓ ସାମର୍ଥ୍ୟ ଆସିବ । ଯେ ମୋତେ ତାର ସର୍ବସ୍ୱ ଦିଏ, ସେ ପବିତ୍ର ରହେ, ନିଷ୍କଳଙ୍କ ରହେ, ନିର୍ମଳ ରହେ । ମୁଁ ତୁମ୍ଭମାନଙ୍କ ଠାରୁ ଧନ ଚାହେଁ ନା, ମାନ ଚାହେଁ ନା, ପାର୍ଥିବ ଜଗତର କୌଣସି ଆଦାନ-ପ୍ରଦାନର ସମ୍ପର୍କ ତୁମ୍ଭମାନଙ୍କ ସହିତ ରଖିବାକୁ ଚାହେଁ ନା ଅଥଚ ତୁମ୍ଭମାନଙ୍କର ସର୍ବସ୍ୱ ପାଇଲେ ମୁଁ ଖୁସି ହୁଏ । ତାହାହେଲେ ଭାବି ଦେଖ ସେହି ସର୍ବସ୍ୱଟି କଣ, ତାହା କି ଜିନିଷ, କିଭଳି ଜିନିଷ, ସେ ବସ୍ତୁ ତୁମର ଅଛି କି ନାହିଁ, ନଥିଲେ ତାହା କିପରି ତୁମର ହେବ । ଥିଲେ ବି ଅନେକେ କିଛି ଦେଇ ପାରନ୍ତି ନାହିଁ । ତେଣୁ ଦେଲା ବେଳେ ତୁମେ କିପରି ଦେବ ସେ କଥା ମଧ୍ୟ ଭାବ । ମୁଁ ତୁମଠୁ କିଛି ଚାହେଁ ନାହିଁ ଅଥଚ ମୁଁ ତୁମର ସର୍ବସ୍ୱ ଚାହେଁ, ଏ କଥାର ତାତ୍ପର୍ଯ୍ୟ କଣ, ସେ କଥା ବି ଟିକିଏ ଭାବିବ । ମୁଁ ଗୁରୁ, ମୁଁ କୌଣସି ଅବସ୍ଥାରେ ବି ତୁମ୍ଭମାନଙ୍କ ପାଖରେ ଲଘୁ ହୋଇ ପାରେନା । ଯେ କୌଣସି ବିଷୟରେ ଲାଳାୟିତ ହେବା ମାତ୍ରେ ଗୁରୁର ଗୁରୁତ୍ୱ ହ୍ରାସ ପାଏ । ମୁଁ ଦୀର୍ଘକାଳ ନିର୍ଲୋଭ, ନିଷ୍କିଞ୍ଚନ ଜୀବନ ଯାପନ କରି ଆସିଛି । ମୁଁ ଜୀବନର ଦ୍ୱାଦଶଟି ମୂଲ୍ୟବାନ ସମ୍ବତ୍ସର ସ୍ତ୍ରୀମୁଖ-ଦର୍ଶନରୁ ସଯତ୍ନ ବିରତ ରହିଥିଲି । ଅତଏବ ପାର୍ଥିବ ଭାବରେ ନିଜର ସୁଖ ବା ସ୍ୱାର୍ଥ ପାଇଁ ମୁଁ ତୁମ୍ଭମାନଙ୍କ ପାଖରୁ କିଛି ଚାହିଁବା ତ ଦୂରର କଥା ଆଶା ବି କରେ ନାହିଁ, ଏ କଥାଟା ତ ସ୍ପଷ୍ଟ ବୁଝି ପାରୁଛ । ତଥାପି ମୁଁ ଯେ ତୁମର ସର୍ବସ୍ୱ ଚାହୁଁଛି ତାହା କିପରି

ସମ୍ଭବ ? ତୁମର ସମଗ୍ର ଜୀବନକାଳ ମଧ୍ୟରେ ତୁମେ ତୁମର ସେବା ଜଗଦବାସୀଙ୍କୁ ଦେବ, ଏହା ହିଁ ହେବ ତୁମଠାରୁ ମୋର ପ୍ରାପ୍ତି । ଭଗବାନ ତୁମକୁ ତୁମର ଭାବୀ ଜୀବନରେ ଯେଉଁଠି ଯେଉଁ ଅବସ୍ଥାରେ ରଖନ୍ତୁ ପଛକେ ତୁମେ ସେହି ଅବସ୍ଥାର ସୁଯୋଗତକ ନେଇ ଦୁର୍ଯୋଗଗୁଡ଼ିକୁ ଅଗ୍ରାହ୍ୟ କରି ନିଜକୁ ଜଗତ୍ କଲ୍ୟାଣକର କର୍ମରେ ନିୟୋଜିତ କରି ରଖିବା ଲାଗି ଆପ୍ରାଣ ପ୍ରୟାସୀ ହେବ, ଏହାହିଁ ହେବ ତୁମଠାରୁ ମୋର ପାଇବା । ତୁମେ ତ ଉଜାଡ଼ କରି ନିଜକୁ ଦେଇ ଦେବାକୁ ଚାହଁ, ମୁଁ ତ ସଂପୂର୍ଣ୍ଣ ରୂପେତୁମକୁ ପାଇବାକୁ ଚାହେଁ, କିନ୍ତୁ ସେହି ଦେବା ଓ ସେହି ପାଇବାର ପ୍ରକୃତ ପନ୍ଥା ହେଲା ତାହା, ଯାହା ମୁଁ ଟିକିଏ ଆଗରୁ କହିଛି । ହଁ ମା, ପ୍ରତ୍ୟେକଟି ମୁହୂର୍ତ୍ତରେ ତୁ ନିଜକୁ ସମର୍ପଣ କରି ଯାଆ, ମୁଁ ବି ପ୍ରତ୍ୟେକଟି ମୁହୂର୍ତ୍ତରେ ତୋତେ ଗ୍ରହଣ କରି ନେଉଥିବି । ତୋ ମନରେ ଭାବର ଜୁଆର ଆସିଛି, ଏହା ମୁଁ ଲକ୍ଷ୍ୟ କରୁଛି । ଏଭଳି ଭାବର ଜୁଆର ଅନେକଙ୍କ ମନରେ ଆସେ । ଦୀକ୍ଷାଦାତା ଗୁରୁମାନଙ୍କ ମଧ୍ୟରୁ ଅନେକ ନିଜର ସ୍ୱାର୍ଥ, ଅଭିଳାଷ, ସୁଖଭୋଗ ଓ ଚାରିତ୍ରିକ ଦୁର୍ବଳତା ଦ୍ୱାରା ସେହି ଜୁଆର-ଜଳକୁ ପଙ୍କିଳ କରି ଦେଇ ମହାପ୍ଲାବନ-ଧାରା ଯମୁନାର ତୀରଭୂମିରେ ପୁରିଷ ତ୍ୟାଗ କରି ତାକୁ କଳୁଷିତ କରି ଦିଅନ୍ତି । ତୋ ଭଳି ଆଉ କେତେକଙ୍କ ଜୀବନରେ ଏଭଳି ବନ୍ୟାପ୍ଲାବନ ଦେଖିଲେ ସେମାନଙ୍କୁ ମା ତୁ ସତର୍କ କରାଇ ଦେବୁ । ଏଭଳି କୌଣସି ଗୋଟିଏ ହେଲେ କାର୍ଯ୍ୟ ସେମାନେ ଯେପରି ନ କହନ୍ତି ଯାହା ଅପ୍ରଶଂସନୀୟ । ଏଭଳି କୌଣସି ଚିନ୍ତା ସେମାନେ ଯେପରି ନ କରନ୍ତି ଯାହା ଜୁଗୁପ୍‌ସିତ । ପଥ ଯେତେବେଳେ ପିଚ୍ଛିଳ ଥାଏ ସେତେବେଳେ ତାହା ବିପଜ୍ଜନକ କିନ୍ତୁ ହିମାଳୟ ଶୃଙ୍ଗ ଉପରକୁ ଉଠି କାହାର ପତନ ଘଟିଲେ ତାହା ମାରାତ୍ମକ ।

ଇଷ୍ଟ ମନ୍ତ୍ର ହିଁ ଗୁରୁ

ମୁଁ ତ ତୁମ୍ଭମାନଙ୍କ ଭିତରୁ ଅନେକଙ୍କୁ ଦୀକ୍ଷା ଦେଇଛି । କିନ୍ତୁ ମୁଁ କଣ ତୁମ୍ଭମାନଙ୍କର ଗୁରୁ ? ମୁଁ ଯେଉଁ ମନ୍ତ୍ର ତୁମ୍ଭମାନଙ୍କୁ ଦେଇଛି, ସେହି ମନ୍ତ୍ର ହିଁ ତୁମର ଗୁରୁ ଅର୍ଥାତ୍ ଯେ ମୋର ଗୁରୁ ସେ ତୁମ୍ଭମାନଙ୍କର ମଧ୍ୟ ଗୁରୁ । ମନ୍ତ୍ର ଗୁରୁଙ୍କ ପ୍ରତିଷ୍ଠା ପାଇଁ କେବଳ ମୁଁ ତୁମ୍ଭମାନଙ୍କର ଗୁରୁ ।

(ଫାଲଗୁନ ୨୦, ୧୩୩୮)

ଭାରତୀୟ ଗୁରୁ, ପାଶ୍ଚାତ୍ୟ ପାଦ୍ରୀ ଓ ଆଇନ

ନିର୍ଦ୍ଦିଷ୍ଟ ସରକାରୀ ପରୀକ୍ଷାରେ ପାଶ ନ କଲେ କେହି ଗୁରୁ ହୋଇ ପାରିବେ ନାହିଁ, ଏପରି ଆଇନ ପ୍ରଣୟନ ଚେଷ୍ଟା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ମୁଁ ମନେ କରେ । କାରଣ ଗୁରୁ ଓ ପୁରୋହିତ ଏକ ବସ୍ତୁ ନୁହନ୍ତି । ଏହା ହିଁ ଦେଶ-ପ୍ରଚଳିତ ରୀତି ଯେ, ଯଜନ-ଯାଜନ କରାଇ ପାରିଲେ ଯେ କେହି ପୁରୋହିତ ହୋଇ ପାରନ୍ତି, ଅବଶ୍ୟ ସେ ଯଦି ବ୍ରାହ୍ମଣ କୂଳରେ ଜନ୍ମ ହୋଇଥାନ୍ତି । କିନ୍ତୁ ଆମର ଏହି ଜାତିଭେଦ-ଶାସିତ ଦେଶରେ ଅବ୍ରାହ୍ମଣମାନେ ବ୍ରାହ୍ମଣର ଗୁରୁ ହୋଇ ପାରନ୍ତି, ହୋଇଛନ୍ତି ଓ ହେଉଛନ୍ତି । କେଉଁ ବିଶ୍ୱବିଦ୍ୟାଳୟର କୁଳପତି ବା କେଉଁ ଚତୁଷ୍ପାଠୀର ଅଧ୍ୟାପକ ଏହାକୁ ପରୀକ୍ଷା କରିପାରିବେ ? କାରଣ ଏକମାତ୍ର ଶିଷ୍ୟ ହିଁ ଗୁରୁଙ୍କ ଶକ୍ତିକୁ ଅନୁଭବ କରେ, ଆଉ କେହି କରିପାରନ୍ତି ନାହିଁ ।

ପାଶ୍ଚାତ୍ୟ ଦେଶର ପାଦ୍ରୀମାନେ ଯେପରି ଭାବରେ ରାଜାର ଆଇନ ମାନି ଚଳନ୍ତି, ଭାରତର ଗୁରୁ କଦାପି ସେପରି ମାନିବେ ନାହିଁ । ପାଶ୍ଚାତ୍ୟ

ଦେଶର ପାଦ୍ରୀମାନେ କେତେକାଂଶରେ ଆମ ଦେଶର ପୁରୋହିତମାନଙ୍କ ପରି ଯଜମାନର ଧର୍ମର ବହିରଙ୍ଗ ଆଚାର-ବ୍ୟବହାର ଗୁଡ଼ିକୁ ନେଇ ଗଳଦ୍‌ଘର୍ମ ହୁଅନ୍ତି । ପରନ୍ତୁ ଭାରତରଗୁରୁ-ମୁଁ ଅବଶ୍ୟ ଯଥାର୍ଥ ଗୁରୁଙ୍କ କଥା କହୁଛି - ଶିଷ୍ୟ ଅନ୍ତରର ସୁପ୍ତ ଶକ୍ତିକୁ ନିଜର ଜାଗ୍ରତ ଶକ୍ତିର ଅଦୃଶ୍ୟ ସ୍ପର୍ଶ ଦ୍ୱାରା ନିଦ୍ରୋତ୍‌ଥିତ କରନ୍ତି । ଏହିଠାରେ ହିଁ ଭାରତୀୟ ଗୁରୁଙ୍କର କୃତିତ୍ୱ, ଏହିଠାରେ ହିଁ ତାଙ୍କର ଅମରତ୍ୱ । ମୋଟାମୋଟି ଭାବରେ କହିବାକୁ ଗଲେ ବର୍ତ୍ତମାନର ଗୁରୁବାଦ ସ୍ୱାର୍ଥସିଦ୍ଧି ମୂଳକ ଗୁରୁବାଦ । ବଂଶାନୁକ୍ରମିକ କୌଳିନ୍ୟ ପରି ବଂଶାନୁକ୍ରମିକ ଗୁରୁବାଦ ମଧ୍ୟ କଦାପି ପ୍ରକୃତ ସତ୍ୟାନ୍ୱେଷୀର ସମର୍ଥନ ପାଇବ ନାହିଁ । କିନ୍ତୁ ପରମାର୍ଥ-ପଥ ପାଇବା ପାଇଁ ଯେଉଁମାନେ ବ୍ୟାକୁଳ ହୋଇଛନ୍ତି, ଚିରକାଳ ସେମାନେ ତତ୍ତ୍ୱଦର୍ଶୀ ଗୁରୁଙ୍କର ସାକ୍ଷାତ କାମନା କରିବେ ହିଁ କରିବେ । ଆଇନ କରି ବା ଆନ୍ଦୋଳନ କରି କେହି ଏ ସତ୍ୟକୁ ରୋକି ପାରିବେ ନାହିଁ ।

(ମାର୍ଗଶିର ୪, ୧୩୩୪)

କୁଳଗୁରୁ ପ୍ରଥା ଓ କ୍ରୀତଦାସ ପ୍ରଥା

ଗୋଟିଏ ଦିଗରୁ ବିଚାର କରି ଦେଖିଲେ କଣ ମନେ ହୁଏ ନା, ଯେ, କୁଳଗୁରୁ ପ୍ରଥା ପ୍ରାଚୀନ କାଳର କ୍ରୀତଦାସ ପ୍ରଥାର ଏକ ରୂପାନ୍ତର-ବିଶେଷ ? ଅବଶ୍ୟ ଆର୍ଯ୍ୟ ଭାରତରେ କ୍ରୀତଦାସ ପ୍ରଥା ନ ଥିଲା । ଆଉ ଯାହା ବି ଥିଲା, ତାହା ତ ଆରବ, ମିଶର ପରବର୍ତ୍ତୀ କାଳରେ ଆମେରିକାର କ୍ରୀତଦାସ ପ୍ରଥା ତୁଳନାରେ ସ୍ୱର୍ଗ ଓ ନରକର ପାର୍ଥକ୍ୟ ନେଇ ରହିଥିଲା । କିନ୍ତୁ ପରେ ଯେଉଁ କ୍ରୀତଦାସ ପ୍ରଥା ବିଦେଶରୁ ଉଡ଼ିଆସି ଏହି ଭାରତରେ ବ୍ୟାପିଗଲା, ତା ସହିତ କୁଳଗୁରୁ ପ୍ରଥାକୁ କଣ ଗୋଟାଏ ଦିଗରୁ ତୁଳନା କରାଯାଇ ପାରେନା ? ଶିଷ୍ୟ

ଓ ତା ବଂଶର ସମସ୍ତେ ଚିରକାଳ ଗୋଟିଏ ନିର୍ଦ୍ଦିଷ୍ଟ ଗୁରୁ ବଂଶର ଅଧିନ ହୋଇ ଯେ ରହିଥିଲେ, ଏହା ଭିତରେ କ'ଣ ଗୋଟାଏ ଅବିଚାର ନାହିଁ ? ମହାମହୋପାଧ୍ୟାୟଙ୍କ ପୁଅ ଅପୋଗଣ୍ଡ ମୂର୍ଖ ହେଲେ ଚତୁଷ୍ପାଠୀ ଚଳାଇବା ଅଧିକାର ଯେଉଁ ଦେଶରେ ତାଙ୍କୁ ଦିଆ ହେଉ ନଥିଲା ସେହି ଦେଶରେ ଗୁରୁର ପୁତ୍ର ନିତାନ୍ତ ଲଘୁ ହେଲେ ବି ଏକମାତ୍ର ସେହି ଏକା ମନ୍ତ୍ର ଦେବାକୁ ଅଧିକାରୀ, ଏଇଟା କଣ ଯୁକ୍ତି-ସଙ୍ଗତ ? ଗୁରୁ ଶିଷ୍ୟକୁ ଚିରକାଳ ଶିଷ୍ୟ କରି ରଖିବେ, ସାଧନ-ଭଜନ କରି ବା ତ୍ୟାଗ, ତପସ୍ୟା ଓ ସଦାଚାରର ମହିମାରେ ଶିଷ୍ୟ କଦାପି ଗୁରୁ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବ ନାହିଁ, ଏହା ନିତ୍ୟାନ୍ତ ଅସଙ୍ଗତ ବ୍ୟବସ୍ଥା । ଆଜି ଯେ ଟୋଲର ଛାତ୍ର, କାଲି ସେ ଟୋଲ୍‌ର ଅଧ୍ୟାପକ ହେଉଛି । ଆଜି ଯେ କବିରାଜଙ୍କ ପାଖରେ ରହି ଚେରମୂଳି କୁଟିବା ପ୍ରଭୃତିରେ ତାଙ୍କୁ ସାହାଯ୍ୟ କରୁଛି, କାଲି ସେ ତ ଅଧ୍ୟୟନ ଓ ଅଭ୍ୟାସ ବଳରେ ନିଜେ ବୈଦରାଜ ହୋଇ ପାରୁଛି । ଅଥଚ ଆଜି ଯେ ଗୁରୁର ଶିଷ୍ୟ, ସେ ନିଜେ ବା ତା ବଂଶର ଆଉ କେହି କଠୋରତପା ଓ ଉଗ୍ର-ସାଧକ ହେଲେ ମଧ୍ୟ ସେମାନେ ପୁରୁଷାନୁକ୍ରମେ ଶିଷ୍ୟ ହିଁ ରହିଥିବେ, ଏ ବ୍ୟବସ୍ଥା ସବୁ ସୁଯୁକ୍ତିକୁ ଲଂଘନ କରି ଯାଇଛି । ଅତଏବ ଏହି ଦିଗରୁ ଯଦି ବିଚାର କରାଯାଏ, ତେବେ ଦେଶ ପ୍ରଚଳିତ କୁଳଗୁରୁ ପ୍ରଥାକୁ ଅସ୍ୱୀକାର କରି ଚଳିବା ହିଁ ସଙ୍ଗତ ମନେ ହୁଏ ।

କୁଳଗୁରୁଙ୍କୁ ସମର୍ଥନ କରିବାର ଗୋଟିଏ ଦିଗ

କିନ୍ତୁ କୁଳଗୁରୁ ପ୍ରଥାର ଯେତେ ଯାହା ଦୋଷତ୍ରୁଟି ଥାଉ ପଛକେ ଗୋଟିଏ ଦିଗରୁ ତାକୁ ସମର୍ଥନ କରିବାର ବଡ଼ କାରଣଟିଏ ଅଛି ଏବଂ ତାହା ହେଉଛି, ଆମେ ତାଙ୍କର ଚୌଦପୁରୁଷଙ୍କୁ ଜାଣୁ । ଅତଏବ କେବଳ ଅସାଧନଜନିତ ଅକ୍ଷମତା କଥାଟିକୁ ବାଦ୍ ଦେଲେ ଅନ୍ୟ ଦିଗରୁ ସେ ଆମର ସେପରି କୌଣସି

ଗୁରୁତର କ୍ଷତି କରିପାରିବେ ନାହିଁ । କିନ୍ତୁ ଅଜ୍ଞାତକୁଳଶୀଳ ବ୍ୟକ୍ତିଙ୍କୁ ମହତ୍ ଲୋକ ବୋଲି ଭାବି ବରଣ କଲା ପରେ ବହୁ ହୃଦୟ ବିଦାରକ ଦୁଃଖ ପାଇ ଅନୁତାପ କରିଥିବା ଭଳି ଶତ ଶତ ଘଟଣା ଆମ ସମାଜରେ ଅହରହ ଘଟୁଛି । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଯେଉଁମାନେ ଚେଙ୍ଗା ପାଉଛନ୍ତି ସେମାନେ ପ୍ରାଣ ବିକଳରେ ଦେହରେ ଫୋଟକା ନେଇ ପଳାଉ ଥିବାରୁ ବାହାରେ ଏ ସମ୍ବାଦ ଖୁବ୍ କମ୍ ପ୍ରଚାରିତ ହେଉଛି ।

ଆଦର୍ଶ ସମାଜରେ ଗୁରୁ, ଶିଷ୍ୟ ଓ ଦୀକ୍ଷା

କିନ୍ତୁ ସମାଜ, ଶିଷ୍ୟ ଓ ଗୁରୁ ଏ ତିନୋଟି ସଂପର୍କରେ ପ୍ରକୃତ ବ୍ୟବସ୍ଥା କଣ ହେବା ଉଚିତ୍ ଜାଣ ? ପ୍ରଥମ କଥା ହେଉଛି, ସାଧକ ସମାଜରେ କୌଣସି ମନୁଷ୍ୟକୁ ଗୁରୁ ବୋଲି ମନେ କରାଯିବ ନାହିଁ । ଯେ କେହି ଅଗ୍ରସର ସାଧକ, ଯେ କୌଣସି ସାଧନେଚ୍ଛୁ ବ୍ୟକ୍ତିଙ୍କୁ ଦୀକ୍ଷା ଦେଇ ପାରିବେ କିନ୍ତୁ ନିଜେ ଗୁରୁ, ସେ ଅଭିମାନ କରିବେ ନାହିଁ କି ଦୀକ୍ଷିତ ବ୍ୟକ୍ତିକୁ ତାଙ୍କର ଶିଷ୍ୟ ବୋଲି ଜ୍ଞାନ କରିବେ ନାହିଁ । ଯେଉଁ ମହାମନ୍ତ୍ରରେ ଦୀକ୍ଷା ଦିଆହେବ, ସେହି ମହାମନ୍ତ୍ର ହିଁ ହେବ ଗୁରୁ । ନିତାନ୍ତ ମାନବୀୟ ଆଲମ୍ବନ ଆବଶ୍ୟକ ହେଲେ ଉର୍ଦ୍ଧ୍ୱ ପରମ୍ପରାର ଆଦିଗୁରୁ ହେବେ ସମସ୍ତଙ୍କର ଗୁରୁ । ଦୀକ୍ଷାଦାତା ଓ ଦୀକ୍ଷିତନିର୍ବିଶେଷରେ ପ୍ରତ୍ୟେକ ହେବେ ପରସ୍ପରର ଗୁରୁଭାଇ । ଦୀକ୍ଷାଦାତାଙ୍କ ପୁତ୍ର ଦୀକ୍ଷାପ୍ରାପ୍ତ ବ୍ୟକ୍ତିଙ୍କ ପୁତ୍ରକୁ ଦୀକ୍ଷା ଦେବାକୁ ଅଧିକାରୀ ହେବେ ନାହିଁ । ବିବାହ ବେଳେ ଯେପରି ସଗୋତ୍ର ବର୍ଜନ କରା ହୁଏ, ପରବର୍ତ୍ତୀ ଦୀକ୍ଷାର୍ଥୀଙ୍କ ଦୀକ୍ଷା ସମୟରେ ଏହି ବିଷୟରେ କଠୋର ବର୍ଜନ ନୀତି ଅକ୍ଷୁର୍ଣ୍ଣ ରଖିବାକୁ ହେବ । ସେତେବେଳକୁ ସମାଜରୁ ଯଦି ଜାତିଭେଦ ପ୍ରଥା ଉଠି ଯାଇଥାଏ ତ ଉତ୍ତମ, ଯଦି ଉଠିଯାଇ

ନ ଥାଏ ବା ଆଂଶିକ ପରିବର୍ତ୍ତିତ ହୋଇଥାଏ, ତାହାହେଲେ ବି ନିର୍ଦ୍ଦିଷ୍ଟ କୁଳରେ ଜନ୍ମ ହେବା ଦ୍ୱାରା ଯଦି ସମ୍ମାନ ବା ଅସମ୍ମାନ ଲାଭର ପଥ ଉନ୍ମୁକ୍ତ ଥାଏ, ତଥାପି ଅଗ୍ରସର ସାଧକଙ୍କ ପାଖରୁ ଦୀକ୍ଷା ନେଲାବେଳେ କେହି ତାଙ୍କ ଜାତି - ଗୋତ୍ରର ଶ୍ରେଷ୍ଠତା ବା ନିକୃଷ୍ଟତା ବିଚାର କରିବେ ନାହିଁ । ତାଙ୍କ ଜୀବନର ସାଧୁତ୍ୱ ଓ ସାଧକତ୍ୱର ମର୍ଯ୍ୟାଦା ହିଁ ଯଥେଷ୍ଟ ବିବେଚିତ ହେବ ।

(୧୧, ଶ୍ରାବଣ, ୧୩୩୯)

ମନ୍ଦିର, କୁଳଗୁରୁ ଓ ଦୀକ୍ଷାମନ୍ତ୍ରର ଦାନ

ମନ୍ଦିରଗୁଡ଼ିକ ହିନ୍ଦୁର ଧର୍ମବୋଧକୁ ବଞ୍ଚାଇ ରଖିଛନ୍ତି । ସତେ ଯେପରି ଝଡ଼ଝଞ୍ଜା ମୁହଁରୁ ନିଜକୁ ବଞ୍ଚାଇ ରଖିବା ପାଇଁ ଗୋଟିଏ ଗୋଟିଏ ଧର୍ମମତ ଗୋଟିଏ ଗୋଟିଏ ମନ୍ଦିର ପାଖରେ ମୁଣ୍ଡଗୁଞ୍ଜି ପଡ଼ି ରହିଛନ୍ତି । ସେହି କାରଣରୁ ଶତ ଶତ ଖଣ୍ଡ ଦେବତାଙ୍କ ପୂଜା କରାଯାଉଥିଲେ ମଧ୍ୟ ଏମନ୍ଦିରଗୁଡ଼ିକ ଆମର କୃତଜ୍ଞତା-ଭାଜନ । ଭକ୍ତମାନେ ଯଦି ଗୋଟିଏ ଗୋଟିଏ ମନ୍ଦିରକୁ ଆଶ୍ରୟ କରି ପୂଜା ଅର୍ଚ୍ଚନା କରି ନ ଥାନ୍ତେ ତାହାହେଲେ ତ ବିଧର୍ମୀମାନଙ୍କର ଦୁର୍ମଦ ଆକ୍ରମଣ ଫଳରେ ହିନ୍ଦୁ ଧର୍ମର ଅସ୍ତିତ୍ୱ ସୁଦ୍ଧା ରହି ନ ଥାନ୍ତା । ସେଥିନିମିତ୍ତ ଖଣ୍ଡ ଦେବତାଙ୍କ ଉପାସକମାନଙ୍କୁ ମୁଁ ଶତ୍ରୁ ମନେ କରି ବିଦ୍ୱେଷ କରେ ନାହିଁ । ସେ ସବୁ ଖଣ୍ଡ-ପ୍ରତିମାର ଉପାସକମାନେ ଯାହା ଭୁଲଭ୍ରାନ୍ତି କରିଥାନ୍ତୁ ପଛକେ ସେମାନେ କ୍ଷଣକ ପାଇଁ ମଧ୍ୟ ଏ ଯୁକ୍ତିକୁ କଦାପି ଅସ୍ୱୀକାର କରି ନାହାନ୍ତି ଯେ ପଥର ପରମ ଦେବତା ନୁହେଁ, କାଠ ପରମ ଦେବତା ନୁହେଁ, ମାଟି ପରମ ଦେବତା ନୁହେଁ ରଙ୍ଗ,ପୁଟ ଇତ୍ୟାଦି ଯାହା ଦେଇ ବିଗ୍ରହ ଗଢ଼ା ଯାଆନ୍ତୁ ପଛକେ, ଯେ ପର୍ଯ୍ୟନ୍ତ ତହିଁରେ ପ୍ରାଣ-ପ୍ରତିଷ୍ଠା ନ ହୋଇଛି, ସେ ପର୍ଯ୍ୟନ୍ତ ବିଗ୍ରହ ଜଡ଼

ପଦାର୍ଥ । ଯାହା ଜଡ଼ରଅତୀତ, ତାରି ଉପରେ ଏହି ଯେଉଁ ନିବଦ୍ଧ ଦୃଷ୍ଟି, ତାହା ହିଁ ସେମାନଙ୍କର ଧର୍ମବୋଧକୁ ସେମାନଙ୍କର ବିଗ୍ରହ ଭଗ୍ନ ହେବା ପରେ ମଧ୍ୟ ବଞ୍ଚାଇ ରଖିପାରିଛି । ଭାରତ ଛଡ଼ା ପୃଥିବୀର ଅନ୍ୟ ଯେ କୌଣସି ଦେଶକୁ ଯାଅ ଦେଖିବ, ସେ ଦେଶକୁ ନିରାକାର ଉପାସକମାନଙ୍କର ଆଗମନ ସଙ୍ଗେ ସଙ୍ଗେ ସେ ଦେଶବାସୀଙ୍କର ପ୍ରାଚୀନ କାଳର ପୂଜା, ଅର୍ଚ୍ଚନା, ଦର୍ଶନଶାସ୍ତ୍ର, ଦେବତା ଇତ୍ୟାଦି ସବୁ ଚାହୁଁ ଚାହୁଁ କୁଆଡ଼େ ପବନରେ ମିଶିଯାଇଛି । କିନ୍ତୁ ଭାରତରେ ସେପରି ହୋଇନାହିଁ । ସର୍ବଂଖଲ୍ୱିଦଂ ବ୍ରହ୍ମ-ଏହି ବୋଧରୁ ଭାରତରେ ଧର୍ମର ଉତ୍ପତ୍ତି, ଏହି ଉପଲବ୍ଧିରୁ ଭାରତରେ ଧର୍ମର ସୃଷ୍ଟି । ବ୍ୟକ୍ତିବିଶେଷଙ୍କର ଉପଲବ୍ଧିକୁ ବିଶ୍ୱବାସୀଙ୍କ ମନ ଉପରେ ଜୋର କରି ଲଦି ଦେବାର ଚେଷ୍ଟା ଏଠାରେ ନାହିଁ । ଯେ କେହି ସାଧନ କରି ଏହି ସତ୍ୟକୁ ଉପଲବ୍ଧି କରି ପାରନ୍ତି, ଏହା ହିଁ ହେଉଛି ଭାରତର ଦୃପ୍ତ ଘୋଷଣା । ଅତଏବ ଏହି ଉପଲବ୍ଧିକୁ ଅସ୍ୱୀକାର ନ କରି ମନୁଷ୍ୟ ଯେଉଁଠି ଖଣ୍ଡଭାବରେ ପ୍ରତୀକ ଉପାସନାରେ ପ୍ରମତ୍ତ ହୋଇଛି, ସେଠାରେ ଅସିର ଝନତ୍କାରରେ ବା ସାମୟିକ ପ୍ରତାପରେ ତାକୁ ନିଶ୍ଚିହ୍ନ କରିବା ସମ୍ଭବପର ହୋଇନାହିଁ । ଗୋଟିଏ ଗୋଟିଏ ଦୀକ୍ଷା ମନ୍ତ୍ରକୁ ଆଶ୍ରୟ କରି ଏକ ଏକ ଖଣ୍ଡ ଦେବତା ମନୁଷ୍ୟ ମନରେ ଯେଉଁ ସ୍ଥାୟୀ ଆସନ ପ୍ରତିଷ୍ଠା କରିଛନ୍ତି ସେଥିରୁ ତାକୁ ସ୍ଥାନଚ୍ୟୁତ କରିବାକୁ କେହି କୌଣସି ପ୍ରକାରେ ସଫଳ ହୋଇନାହିଁ । ମନ୍ଦିର, କୁଳଗୁରୁ ଓ ଦୀକ୍ଷାମନ୍ତ୍ର ମିଳିମିଶି ଏପରି ଆଶ୍ଚର୍ଯ୍ୟଜନକ ଭାବରେ ହିନ୍ଦୁଜାତିକୁ ବଞ୍ଚାଇ ରଖିଛନ୍ତି ଯେ ସେ କଥା ଚିନ୍ତା କଲେ ଯେ କେହି ଅବାକ୍ ହୋଇଯିବ ।

ଧ୍ୱଂସୋନ୍ମୁଖ ହିନ୍ଦୁ ଜାତି

ଗୋଟିଏ ଜାତିକୁ ଯେପରି ବଞ୍ଚାଇ ରଖିବା କଥା, ଏମାନେ କିନ୍ତୁ ହିନ୍ଦୁ ଜାତିକୁ ସେପରି ବଞ୍ଚାଇ ରଖି ପାରିନାହାନ୍ତି । ମରୁଭୂମିରେ ବାଲିଝଡ଼ ପ୍ରକୋପରୁ ରକ୍ଷା ପାଇବା ପାଇଁ ଓଟ ଯେପରି ବାଲିରେ ମୁଣ୍ଡ ଗୁଞ୍ଜି ପଡ଼ି ରହେ ଓ ଝଡ଼ର ପ୍ରକୋପ ନ କମିବା ପର୍ଯ୍ୟନ୍ତ ଆଉ ଉପରକୁ ମୁଣ୍ଡ ଟେକେ ନାହିଁ, ସେହିପରି ଝଡ଼ ତା ଆପଣା ଛାଏଁ କେତେବେଳେ ବନ୍ଦ ହେବ ତାକୁ ହିଁ ଅପେକ୍ଷା କରି ଅଦୃଷ୍ଟବାଦ ଉପରେ ଏକାନ୍ତ ନିର୍ଭର କରି ପଡ଼ି ରହିବାଟାକୁ ବଞ୍ଚିବା କୁହାଯାଇପାରେ କିନ୍ତୁ ସେଇଟା ବଞ୍ଚିବା ପଦବାଚ୍ୟ ନୁହେଁ । ତେଣୁ ହିନ୍ଦୁଜାତି ଆଜି ଯେପରି ବଞ୍ଚି ରହିବାର କଥା ସେପରି ଯେ ବଞ୍ଚି ରହି ପାରିଛି, ଏକଥା ସ୍ୱୀକାର କରିବା ସମ୍ଭବପର ନୁହେଁ । ତାର ଦାର୍ଶନିକ ତତ୍ତ୍ୱଜ୍ଞାନର ଶ୍ରେଷ୍ଠତ୍ୱ ବହୁ ଦେଶରେ ସମାଦୃତ ହୋଇଛି ସତ୍ୟ କିନ୍ତୁ ସେଇଟା ବଞ୍ଚିବାର ପ୍ରମାଣ ନୁହେଁ । ନୂତନ ସୃଷ୍ଟି କରି ପାରିବା ହିଁ ବଞ୍ଚି ରହିବାର ପ୍ରମାଣ । ଯେଉଁ ହିନ୍ଦୁଜାତି ଶତ ଶତ ଅନାର୍ଯ୍ୟ ଜାତିଙ୍କୁ ନିଜର ଶିକ୍ଷା ବଳରେ, ନିଜର ସମକକ୍ଷ କରିପାରିଥିଲା, ତାରି ବଂଶଧର ଆମେ କେବଳ ଘରର ପୁଅ ଝିଅଙ୍କୁ ଦଳ ଦଳ କରି ତଡ଼ି ଦେବାକୁ ଲାଗିଲୁ । କେହି ଘର ଛାଡ଼ି ଚାଲିଗଲେ ସେ କିପରି ଘରକୁ ଫେରି ଆସିବ ସେଥିପାଇଁ ଆମର କୌଣସି ଭାବନା ଚିନ୍ତା ରହିଲା ନାହିଁ । ଏପରିକି ଆମ ଯୋଗ୍ୟତାର ଦୌଡ଼ ଶେଷକୁ ଏତେ ବାଟ ଗଲା ଯେ ଆମେ ସମଗ୍ର ମନ୍ଥନ କରି ଖାଲି ଚିରକୁଟି କାଟିବାକୁ ଲାଗିଲୁ, କିଏ କ'ଣ କଲେ ତାକୁ କିପରି ସମାଜରୁ ବହିଷ୍କାର କରାଯିବ, କିପରି ତା ଚୁଟି କାଟି, ଗାଲରେ ଚୂନକଳା ବୋଳି ତାକୁ ଗଧ ପିଠିରେ ବସାଇ ନଗର ପରିକ୍ରମା କରାଯିବ ନଗର ବା ଗ୍ରାମରୁ ନିର୍ବାସନ କରାଯିବ । ଆମେ ବଞ୍ଚିଛୁ, ଏ କଥା ମଧ୍ୟ ସେହିପରି ସତ୍ୟ ।

ଆଜି ଯେତେବେଳେ ମିଶର, ପାରସ୍ୟ, ବାବିଲୋନ, ଆସିରିଆ, ମିଟ୍ୟାନ ପ୍ରଭୃତି ସୁସଭ୍ୟ ଦେଶର ପ୍ରାଚୀନ ଜାତିମାନେ କେବଳ ପ୍ରତ୍ନତତ୍ତ୍ୱ ଗବେଷଣାର ବିଷୟବସ୍ତୁ ହୋଇ ରହିଲେଣି, ସେତେବେଳେ ଆମେ ଯେ ନିଃଶ୍ୱାସ ମାରୁଛୁ, ପିତୃ ପରିଚୟ ଦେଇପାରୁଛୁ, ଏ କଥା ଯେପରି ସତ୍ୟ ସେହିପରି ଆମ୍ଭମାନଙ୍କର କ୍ଷୟଶୀଳତା ବଢ଼ି ବଢ଼ି ଆମର ପଙ୍ଗୁତ୍ୱ ବଢ଼ି ବଢ଼ି ବାସ୍ତବରେ ଆମ୍ଭେମାନେ ଯେ ମହାବିଧ୍ୱଂସର ଶେଷ ମୁଣ୍ଡରେ ଆସି ଉପନୀତ ହୋଇଛୁ, ଏ କଥା ମଧ୍ୟ ସେହିପରି ସତ୍ୟ । କିନ୍ତୁ ଆମର ଏହି ଦୂରବସ୍ଥାର କାରଣଟା କଣ ତାହା ଆଜି ତୁମ୍ଭମାନଙ୍କୁ ଚିନ୍ତା କରିବାକୁ ହେବ ।

ଆମର ପୂଜା ବ୍ୟକ୍ତିପ୍ରଧାନ

ମୋ ମତରେ, ଆମ୍ଭେମନେ ଯେ ବ୍ୟକ୍ତିକୁ କରିଛୁ ପ୍ରଧାନ ଓ ସମଷ୍ଟିକୁ କରିଛୁ ଉପେକ୍ଷା, ଏହା ହିଁ ହେଉଛି ଆମ ଦୁର୍ଦ୍ଦଶାର ମୂଳକାରଣ । ସବୁ କାର୍ଯ୍ୟରେ ବ୍ୟକ୍ତି ହିଁ ଆମ୍ଭମାନଙ୍କର ତୋଷଣର ପାତ୍ର ହୋଇଛି । ଆମେ ମନ୍ଦିର ଗଢୁ କିନ୍ତୁ ତାହା କେବଳ ବ୍ୟକ୍ତିର ପ୍ରୟୋଜନ ମେଣ୍ଟାଇବା ପାଇଁ ଆମେ ଗଢ଼ି ଥାଉ, ସମଷ୍ଟି ପାଇଁ ନୁହେଁ । ହୁଏତ ଆମେ ଶହେ ଜଣ ମିଶି ଗୋଟିଏ ମନ୍ଦିର ତୋଳିବା ପାଇଁ ଅର୍ଥଦାନ କରିଛୁ କିନ୍ତୁ ସେ ମନ୍ଦିରରେ ଆମ ସମସ୍ତଙ୍କର ହୋଇ ପୂଜା କରନ୍ତି ଜଣେ ମାତ୍ର ବ୍ୟକ୍ତି, ସେ ପୂଜାରୀ ହୋଇ ପାରନ୍ତି ବା ପୁରୋହିତ ହୋଇପାରନ୍ତି କିନ୍ତୁ ସେ ଜଣେ । ଆମେ ସମସ୍ତେ ଭୋଗ ଆଣିପାରୁ, ଆମେ ସମସ୍ତେ ମିଶି ଉତ୍ସବର ଆୟୋଜନ କରିପାରୁ କିନ୍ତୁ ପୂଜା କଲା ବେଳକୁ ସମସ୍ତଙ୍କର ପ୍ରତିନିଧି ହୋଇ ମାତ୍ର ଜଣେ ଲୋକ ତାର ପୂଜା ନିବେଦନ କରେ ଆଉ ସେ ସମୟରେ ଆମ୍ଭେମାନେ କେହି ତାସ ଖେଳୁ, କିଏ ବା ଚିଲମ

ଟାଣୁ । ଆମର ପୂଜା ଜଣିକିଆ ପୂଜା, ସମସ୍ତଙ୍କର ପୂଜା ନୁହେଁ । ତେଣୁ ଆମ୍ଭେମାନେ ଏତେ ଧର୍ମଚର୍ଯ୍ୟା କରି ମଧ୍ୟ ଖାଲି ବଞ୍ଚି ସିନା ରହିଛୁ ହେଲେ ସେ ବଞ୍ଚିବାରେ ପ୍ରାଣ ପ୍ରାଚୁର୍ଯ୍ୟ ନାହିଁ କି ଯେମିତି ବଞ୍ଚିରହିବା କଥା ତାହା ସେମିତି ବଞ୍ଚିବା ନୁହେଁ ।

ବଂଚିବା ପରି ବଂଚି ରହିବାର ପଥ

କିନ୍ତୁ ଆଜି ବଂଚିବାପରି ବଂଚି ରହିବାର ଆହ୍ୱାନ ଆସିଛି । ଏ ଆହ୍ୱାନ ମହାକାଳର । ଯେ ଏ ଆହ୍ୱାନ ନ ଶୁଣିବ, ସେ ମହାକାଳର ତ୍ରିଶୂଳ ଆଘାତରେ ମରିବ । କାଳ ବଡ଼ ନିର୍ମମ ପୁରୁଷ । ଧ୍ୱଂସରେ ହିଁ ତାର ଆନନ୍ଦ । ସୃଷ୍ଟିର ଗତିବେଗ ଯେଉଁଠି ଅଟକି ଯାଏ ସେଠାରେ ବିଷାକ୍ତ ଜୀବାଣୁ ସୃଷ୍ଟି ହୋଇ କାଳେ ବିଶ୍ୱ-ସଭ୍ୟତା ଦେହରେ ଗ୍ରାଗ୍ରିନ୍ ହୋଇଯିବ ସେଥିପାଇଁ ମହାକାଳ ତାର ତୀକ୍ଷ୍ଣ ଛୁରିକା ଦ୍ୱାରା ଅବର୍ଦ୍ଧମାନ ଅଙ୍ଗକୁ ହସି ହସି କାଟି ଫୋପାଡ଼ି ଦିଏ । ଏ କାମରେ ସେ କାହାର ମୁହଁ ଓପ୍ରୋଧ ରଖେ ନାହିଁ । ସେଇଥିପାଇଁ ମୁଁ ନିୟତ ତୁମ୍ଭମାନଙ୍କୁ କହେ, ଏପରି ମନ୍ଦିର ଗଢ଼ ଯେଉଁଠି ସମସ୍ତେ ଆଶ୍ରୟ ପାଇବେ ଓ ଯେଉଁଠି ସମସ୍ତେ ମିଶି ସମସ୍ତଙ୍କର ଆରାଧ୍ୟଙ୍କୁ ସମବେତ ଭାବରେ ଉପାସନା କରିପାରିବେ । କିଏ କେଉଁ ଗୁରୁଙ୍କ ପାଖରୁ କେଉଁ ସାମ୍ପ୍ରଦାୟିକ ମନ୍ତ୍ର ନେଇ ସାଧନ କରୁଛି ସେ ପ୍ରଶ୍ନ ସେଠାରେ ଉଠିବାର ଅବକାଶ ନ ଥିବ କିମ୍ବା କିଏ ନୀଚ ଚଣ୍ଡାଳାଧର୍ମ ଓ କିଏ ଉଚ୍ଚ ବ୍ରାହ୍ମଣୋତ୍ତମ, ସେ ପ୍ରଶ୍ନ ଉଠିବାର ଅବସର ବି ସେଠାରେ ନ ଥିବ । କିଏ ଉପାସନା କରିବେ କେବଳ ଏହି ଗୋଟିକ କଥା ହିଁ ସେଠାରେ ହେବ ବିଚାର୍ଯ୍ୟ ବିଷୟ । ହଜାର ହଜାର ଗୁରୁ ନିଜ ନିଜ ତପଃପ୍ରତିଭା ଅନୁଯାୟୀ ଶିଷ୍ୟ ଦଳ ସଂଗ୍ରହ କରି ହଜାର ହଜାର ନୂତନ

ସମ୍ପ୍ରଦାୟ ଗଢ଼ିଲେ, ଗଢ଼ନ୍ତୁ, ତଦ୍ୱାରା ତୁମ ପାଇଁ କୌଣସି ଜଟିଳ ପରିସ୍ଥିତି ଉଦ୍ଭବ ହେବନାହିଁ । କାରଣ, ଯେଉଁ ନାମରେ କାହାର କୌଣସି ଆପତ୍ତି ରହି ନପାରେ, ଯେଉଁ ନାମ ଅପରାପର ସବୁ ନାମର ପ୍ରାଣ, ଯେଉଁ ନାମ ସକଳ ନାମର ଆଧାର, ଯେଉଁ ନାମରୁ ସବୁ ନାମ ଉଦ୍ଭୂତ, ଯେଉଁ ନାମରେ ସବୁ ନାମର ପରିପୂର୍ଣ୍ଣ ବିଲୟ, ସେହି ନାମଟିକୁ ମନେରଖି ତୁମ୍ଭେମାନେ ସମସ୍ତଙ୍କୁ ଥରେ ଡାକି କହ - ବାହାରର ବ୍ୟାପାରରେ ଯେତେ ଯାହା ବୈଚିତ୍ର୍ୟ ବା ପାର୍ଥକ୍ୟ ଥାଉ ପଛକେ, ତଥାପି ହେ ସାଧକ, ଆସ, ମୋ ପାଖରେ ବସ, ଆସ ଆମେ ସମସ୍ତେ ସାମଗ୍ରିକ ଭାବରେ ସମଗ୍ର ବିଶ୍ୱର କଲ୍ୟାଣକୁ ଧ୍ୟାନରେ ରଖି ପୂର୍ଣ୍ଣପ୍ରାଣରେ ଭଗବାନଙ୍କୁ ଡାକିବା - ଓଁ ନିର୍ମଳଂ ନିଷ୍କଳଂ ପୂର୍ଣ୍ଣ ଭେଦବୁଦ୍ଧେ ବିମର୍ଦ୍ଦକଂ, - ହେ ନିର୍ମଳ, ହେ କ୍ଷୟବୁଦ୍ଧିହୀନ, ହେ ଭେଦ ବୁଦ୍ଧି- ବିମର୍ଦ୍ଦକ, ତୁମ୍ଭେ ଆମ୍ଭମାନଙ୍କର ପ୍ରଣାମ ଗ୍ରହଣ କର ପ୍ରଭୋ । ସବୁ ସାମ୍ପ୍ରଦାୟିକତାର ମୂଳୋଚ୍ଛେଦ ଆଜି ଏହି ମାର୍ଗରେ କରିବା ଆବଶ୍ୟକ । କାରଣ, ତା ନହେଲେ ତୁମ୍ଭମାନଙ୍କର ଅସ୍ତିତ୍ୱ ସ୍ୱଳ୍ପକାଳ ମଧ୍ୟରେ ହିଁ ଲୁପ୍ତ ହୋଇଯିବ । ବଂଚିବା ଭଳି ବଂଚି ରହିବା ପାଇଁ ଆହ୍ୱାନ ଯେପରି ଆସିଛି, ସେହିପରି ବଂଚିବା ଭଳି ବଂଚି ରହିବାର ପଥ ନିର୍ଦ୍ଦେଶ ମଧ୍ୟ ତା ସଙ୍ଗେ ସଙ୍ଗେ ଯେ ଆସିଛି ଏ କଥା ଜାଣିରଖ । ଯଦି ସାହସ କରି ଏ ବାଟ ଧରିପାର ତେବେ ତୁମ୍ଭମାନଙ୍କ କଦାପି ମୃତ୍ୟୁ ନାହିଁ ।

ଏକା ବଂଚି ରହିବାର ଚେଷ୍ଟା

ଏକା ବଂଚିରହିବାକୁ ଚେଷ୍ଟା କରି କେହି ବଂଚି ରହିପାରିବ ନାହିଁ । ଆଜି ପର୍ଯ୍ୟନ୍ତ ସମସ୍ତେ କେବଳ ଏକା ବଂଚି ରହିବାକୁ ଚାହିଁଛ ଓ ତା ଫଳରେ ବଂଚିବାର ଯୋଗ୍ୟତା ତୁମ୍ଭମାନଙ୍କର ଟିକିଏ ହେଲେ ବଢ଼ି ନାହିଁ । ବଂଚିବାକୁ

ହେଲେ ସମସ୍ତଙ୍କୁ ଏକତ୍ର ବଂଚିବାକୁ ହେବ । କିଏ କାହାକୁ ବାଦ୍ ଦେଇ ଲୁଚିଛପି ଏକୁଟିଆ ବଂଚିଯିବ, ସେ କଳ୍ପନା ପରିହାର କର । କାରଣ ସେ କଳ୍ପନା କଦାପି ସତ୍ୟରେ ପରିଣତ ହେବ ନାହିଁ । ଏ ଯୁଗ ଅତି ଜଟିଳ ଯୁଗ, ଯେଉଁଥିପାଇଁ ଏ ଯୁଗର କଳ୍କି ଅବତାର କଥା କଳ୍ପନା କରିବାକୁ ଯାଇ ଶାସ୍ତ୍ରକାରମାନଙ୍କୁ ଏକ ଅଶ୍ୱାରୋହୀ କୃପାଣଧାରୀ ପୁରୁଷଙ୍କୁ ଭାବିବାକୁ ପଡ଼ିଛି । ଏ କାଳ ଅତି ଜଟିଳ କାଳ, ଯେଉଁ କାଳରେ ଜଣେ ମାତ୍ର ବ୍ରାହ୍ମଣର ଭ୍ରୂକୁଟି ଭୟରେ ରାଜେଶ୍ୱର ତାର ସିଂହାସନରୁ ଓହ୍ଲାଇ ଆସି ଋଷିଙ୍କ ପାଦ ତଳେ ରାଜମୁକୁଟ ଥୋଇ ଦେଇ ସ୍ୱସ୍ତିର ନିଃଶ୍ୱାସ ମାରେ ନାହିଁ, ଯେଉଁ ଯୁଗରେ ସଂଘବଦ୍ଧ ବର୍ବରମାନେ ସଂଘ ଶକ୍ତିହୀନ ଦେବପୁରୁଷମାନଙ୍କୁ ମଧ୍ୟ ଘଣାରେ ଯୋଚି ତେଲ ପେଡ଼ନ୍ତି । ଏ ଯୁଗରେ ଏକା ବଂଚିବାକୁ ଚାହିଁଲେ ବଂଚି ହୁଏ ନାହିଁ । ସମସ୍ତେ ମିଶି ବଂଚିବାର ଚେଷ୍ଟା କରିବା ଦରକାର । ତା ସଙ୍ଗେ ସଙ୍ଗେ ବଞ୍ଚି ରହିବା ଲାଗି ମରିବା ପାଇଁ ମଧ୍ୟ ପ୍ରସ୍ତୁତ ରହିବା ଦରକାର । କିନ୍ତୁ ତା ବି ଏକାକୀ ନୁହେଁ କାରଣ ତୁମେ ଏକୁଟିଆ ମଲେ ହୁଏତ ଖୁବ୍ ବେଶି ହେଲେ ପାଞ୍ଚ ଦଶ ଜଣଙ୍କୁ ବଞ୍ଚାଇ ପାରିବ, ତାଠାରୁ ଅଧିକ ନୁହେଁ । ସମସ୍ତେ ମରିବା ପାଇଁ ଯଦି ପ୍ରସ୍ତୁତ ହେବ ତେବେ ସମସ୍ତେ ବଂଚି ପାରିବ । ତେଣୁ ତୁମ୍ଭମାନଙ୍କର ଜୀବନ ପଣ ଯେ କେବଳ ସାମଗ୍ରିକ ଭାବରେ ହେବ ତାହା ନୁହେଁ ମରଣପଣ ମଧ୍ୟ ସାମଗ୍ରିକ ଭାବରେ ହେବା ଆବଶ୍ୟକ । ମୃତ୍ୟୁଭୟକୁ ଜୟ କରିବା ପାଇଁ ତୁମ୍ଭେମାନେ ମୃତ୍ୟୁରୂପା ଜନନୀକୁ କେତେ ଉପଚାରରେ ପୂଜା ନ କରିଛ, କେତେ ବିଧି କେତେ ବିଧାନ ଓ ବ୍ୟବସ୍ଥାରେ ସେ ପୂଜା ତୁମେ ନ କରିଛ, କିନ୍ତୁ ତୁମ୍ଭମାନଙ୍କର ମୃତ୍ୟୁ ଭୟ ଯାଇ ନାହିଁ । କାରଣ ଯାହା କରିଛ ଏକାକୀ କରିଛ, ଏକୁଟିଆ ଜଣକ ପାଇଁ କରିଛ । ତେଣୁ ତୁମ୍ଭମାନଙ୍କର ଅକପଟ ସାଧନା ମଧ୍ୟ ବୃଥା ହୋଇ ଯାଇଛି ।

(ଚୈତ୍ର ୧୪, ୧୩୪୦)

ଯୁଗ ଧର୍ମର ଦାବୀ

ଆଚଣ୍ଡାଳ ବ୍ରାହ୍ମଣଙ୍କ ମଧ୍ୟରେ ଆଜି ପବିତ୍ରତମ ବେଦସାର ପ୍ରଣବ ମନ୍ତ୍ର ଚର୍ଚ୍ଚା କରିବାର ଅଧିକାର ପ୍ରସାରିତ ହେଉ । ତୁମ୍ଭେମାନେ ନିଜ ନିଜ ଜୀବନରେ ଏହି ଅଖଣ୍ଡ ମହାମନ୍ତ୍ର ସାଧନା କରି ଜ୍ୟୋତିର୍ମୟ ହୁଅ, ଜଗତର ଶ୍ରଦ୍ଧା ଓ ବିସ୍ମୟ ଆକର୍ଷଣ କର । ତୁମ୍ଭମାନଙ୍କର ଦୃଷ୍ଟାନ୍ତ କୋଟି କୋଟି ନରନାରୀଙ୍କୁ ଏହି ମହାମନ୍ତ୍ର ପ୍ରତି ଆକୃଷ୍ଟ କରିବ । ଓଁକାର ମନ୍ତ୍ରର ନିର୍ବିରୋଧ ନିରଙ୍କୁସ ପ୍ରସାର ହିଁ ଆଜି ଯୁଗଧର୍ମର ଦାବୀ । ଯେଉଁ ମହାମନ୍ତ୍ରରୁ କୋଟି କୋଟି ନରନାରୀ ବଂଚିତ, ଆଜି ସେହିମାନଙ୍କ ପାଇଁ ଏ ମହାମନ୍ତ୍ରର ପ୍ରବେଶଦ୍ୱାର ଖୋଲି ଦେବାକୁ ହେବ ଓ ସମସ୍ତଙ୍କୁ ଏହି ମହାମନ୍ତ୍ର ସାଧନାରେ ଅନୁପ୍ରାଣିତ କରିବାକୁ ହେବ । କିନ୍ତୁ ବାବା, ଆଗେ ତୁମ୍ଭେମାନେ ନିଜେ ସାଧକ ହୁଅ । ତାହାହେଲେ ଜଗତ ତୁମମାନଙ୍କ ପଛାରେ ବିଶ୍ୱାସୀ ହେବ ।

ଯୁଗଧର୍ମ କାହାକୁ କହନ୍ତି

ଯୁଗଧର୍ମ କାହାକୁ କହନ୍ତି ? ଯୁଗଧର୍ମ ଆପଦ୍ଧର୍ମର ବଡ଼ବାପ ପୁଅ ଭାଇ । ଜଣେ ଲୋକ ଯେତେବେଳେ ଧର୍ମସମ୍ବନ୍ଧୀୟ ପ୍ରଚଳିତ ମତ ଓ ପ୍ରଚଳିତ ପ୍ରଥାକୁ ଲଂଘନ କରି ଚଳେ ସେତେବେଳେ ତାହା ଆପଦ୍ଧର୍ମ ବୋଲି କୁହାଯାଏ । କିନ୍ତୁ ଯେତେବେଳେ ସମଗ୍ର ଦେଶ ବା ସମଗ୍ର ଜାତି ସେହି ପ୍ରଥାକୁ ଲଂଘନ କରି ଚଳିବା ଆବଶ୍ୟକ ହୁଏ, ସେତେବେଳେ ସେଇଟା ହୁଏ ଯୁଗଧର୍ମ । ଲୋକନାଥ ବ୍ରହ୍ମଚାରୀ କତିପୟ ଅବ୍ରାହ୍ମଣ-ସନ୍ତାନକୁ ବ୍ରହ୍ମ ଗାୟତ୍ରୀ ଓ ଓଁକାର ମନ୍ତ୍ରରେ ଦୀକ୍ଷା ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ମଧ୍ୟ କେତେ ଜଣ ଅନ୍ତ୍ୟଜଙ୍କୁ ଉପନୟନ କରାଇ ବ୍ରହ୍ମମନ୍ତ୍ରରେ ଅଧିକାର ପ୍ରଦାନ କରିଥିଲେ । ଏ ସବୁ ହେଲା

କେବଳ ବ୍ୟକ୍ତିବିଶେଷ ଓ ସ୍ଥାନ-ବିଶେଷ ପାଇଁ ବ୍ୟବସ୍ଥା । ଅତଏବ ଏ ସବୁ ଆପଦ୍ଧର୍ମ ହିସାବରେ କରାଯାଇଥିଲା ବୋଲି କୁହାଯିବ । କିନ୍ତୁ ବ୍ୟକ୍ତି ଓ ସ୍ଥାନ ନିର୍ବିଶେଷରେ ସବୁ ବ୍ୟକ୍ତି ଓ ସବୁ ସ୍ଥାନ ପାଇଁ ଏହି ମହାମୃତରେ ଅଧିକାର ପ୍ରସାରିତ କରି ଦେବାର ଦାବୀ ହିଁ ଯୁଗଧର୍ମର ଦାବୀ ।

ସନାତନ ଧର୍ମ ହିଁ ପ୍ରକୃତ ଧର୍ମ

କିନ୍ତୁ ଧର୍ମ ସନାତମ, ଶ୍ୱାଶ୍ୱତ ଓ ନିତ୍ୟ । ଯାହା ସନାତନ ସତ୍ୟ, ତାହା ହିଁ ଧର୍ମ । ଶାଶ୍ୱତ ସତ୍ୟରେ ଅବିଚଳିତ ନିଷ୍ଠା ହିଁ ପ୍ରକୃତ ଧର୍ମନିଷ୍ଠା । ଯେଉଁସବୁ ଆଚାର-ବ୍ୟବହାର ଜୀବକୁ ଶାଶ୍ୱତ ସତ୍ୟରେ ନିଷ୍ଠାଶୀଳ କରେ, ସେ ସବୁ ଆଚାର-ବ୍ୟବହାର କେବଳ ଗୌଣ ଭାବରେ ଧର୍ମ ଓ ଗୌଣ ଭାବରେ ସେଗୁଡ଼ିକ ଶାଶ୍ୱତ ସତ୍ୟ ସହିତ ଜୀବର ଅନ୍ତରକୁ ଲଗ୍ନ କରିବାର ଚେଷ୍ଟା କରେ ବୋଲି ସମାଜରେ ତାହା ଧର୍ମ ବୋଲି ଗୃହୀତ ଓ ପୂଜିତ ହୁଏ । ଯେତେବେଳେ ଏହି ସବୁ ଆଚାର ବ୍ୟବହାର ମଧ୍ୟରେ Proportion and equlibrium (ସଙ୍ଗତ ଓ ସାମଞ୍ଜସ୍ୟ)ର ଅଭାବ ଘଟେ, ସେତେବେଳେ ସେହି ଆଚାର ବ୍ୟବହାରର ପରିବର୍ତ୍ତନ ସାର୍ବଜନୀନ ଭାବରେ ଆବଶ୍ୟକ ହୁଏ । ତାହାରି ନାମ ଯୁଗଧର୍ମ । ପରମ ସତ୍ୟ ସହିତ ଯୋଗସ୍ଥାପନର ସୌକର୍ଯ୍ୟ ସମ୍ପାଦନ ହିଁ ଏଭଳି ପରିବର୍ତ୍ତନର ପ୍ରକୃତ ଉଦ୍ଦେଶ୍ୟ । ଅତଏବ ଆଚାର ବ୍ୟବହାରର ଶତ ଶତ ବିବର୍ତ୍ତନ ମଧ୍ୟରେ ବି ଯେଉଁ ପରମ ସତ୍ୟ ଓ ପରମ ଧର୍ମ ଜୀବନର ଏକମାତ୍ର ଲକ୍ଷ୍ୟ ଓ ପ୍ରାପ୍ତି, ସେହି ସନାତନ ଧର୍ମ ହିଁ ଏକମାତ୍ର ଧର୍ମ ଓ ପ୍ରକୃତ ଧର୍ମ । ଓଁଙ୍କାର ମହାମନ୍ତ୍ର ହିଁ ସର୍ବ ମନ୍ତ୍ରର ଅନ୍ତର ବା ପ୍ରାଣ । ତେଣୁ ଓଁଙ୍କାର ମନ୍ତ୍ରରେ ହିଁ ସର୍ବଜୀବନର ସ୍ୱାଭାବିକ ଗୂଢ଼ତର ଅଧିକାର, ଏହା ହିଁ ସନାତନ ଧର୍ମର ଦାବୀ । ନାନା କାରଣରୁ ଏହି ମନ୍ତ୍ରର ଅନୁଶୀଳନ

ସର୍ବସାଧାରଣଙ୍କ ପାଖରୁ ଦୂରେଇ ଯାଇଛି । ତଦ୍ୱାରା ଧର୍ମ ଜୀବନରେ ସଙ୍ଗତି ଓ ସାମଞ୍ଜସ୍ୟର ଅଭାବ ଘଟିଛି । ଏହି କାରଣରୁ ଓଁଙ୍କାର ମହାମନ୍ତ୍ରର ବହୁଳ ପ୍ରସାର ଆଜି ଯୁଗ ଧର୍ମର ଦାବୀ । କେବଳ ତପସ୍ୱୀ ସାଧକ, ଈଶ୍ୱରବିଶ୍ୱାସୀ ଓ ବ୍ରହ୍ମଚର୍ଯ୍ୟପରାୟଣ ବ୍ୟକ୍ତିମାନେ ହିଁ ଏ ଦାବୀ ଯଥାର୍ଥ ଭାବରେ ପୂରଣ କରିବାକୁ ସମର୍ଥ ହେବେ ।

(ଜ୍ୟେଷ୍ଠ ୬, ୧୩୩୮)

ବ୍ରହ୍ମଗାୟତ୍ରୀ ବା ବ୍ରାହ୍ମଣତ୍ୱର ଅଧିକାର

ବ୍ରହ୍ମଗାୟତ୍ରୀ ହେଉଛି ତୁମ ଉପାସନାର ସୂଚନା-ମନ୍ତ୍ର, ଅର୍ଥାତ୍, ବ୍ରହ୍ମଗାୟତ୍ରୀ ଦ୍ୱାରା ତୁମର ତପସ୍ୟାର ପ୍ରଥମ ଦ୍ୱାରୋଦ୍‌ଘାଟନ ହେଲା । ଯେଉଁ ବଂଶ, ଯେଉଁ ଦେଶ ବା ଯେଉଁ ଯୁଗରେ ତୁମେ ଜନ୍ମିଥାଅ ପଛକେ ଅଖଣ୍ଡ-ସାଧକ ମାତ୍ରେ ବ୍ରାହ୍ମଣତ୍ୱର ଅଧିକାରୀ, ଏହି ବୋଧକୁ ଜାଗ୍ରତ କରିବା ଲାଗି ହିଁ ବ୍ରହ୍ମଗାୟତ୍ରୀର ଜପ । ବଶିଷ୍ଠ ବିଶ୍ୱାମିତ୍ରଙ୍କର ଯାହା ବ୍ରାହ୍ମଣତ୍ୱ ବିଧାୟତ୍ରୀ, ଏ ହେଉଛନ୍ତି ସେହି ବ୍ରହ୍ମଗାୟତ୍ରୀ । ସୁଜନ୍ମା ବା ଅପଜନ୍ମା, ସଂଭ୍ରାନ୍ତ ବା ଅନ୍ତ୍ୟଜ, କୁଳୀ ବା ଅସ୍ପୃଶ୍ୟ, ଶ୍ରେଷ୍ଠ ବା ଅପାଂକେୟ, ସମସ୍ତେ ବ୍ରହ୍ମଗାୟତ୍ରୀର ପୂଣ୍ୟ ବାରିଧାରାରେ ହେବେ ବିଗତ-କଳ୍ମଷ ଓ ବିଗତ-କଳଙ୍କ । ବ୍ରହ୍ମଗାୟତ୍ରୀ ଗୁଣରେ ସେମାନେ ହେବେ ଦିବ୍ୟଜ୍ୟୋତି ବ୍ରାହ୍ମଣ ବା ଦେବ-ବ୍ରାହ୍ମଣ । ବ୍ରାହ୍ମଣତ୍ୱ କ'ଣ ? ମାନବତ୍ୱର ଚରମ ଉତ୍କର୍ଷ ହେଉଛି ବ୍ରାହ୍ମଣତ୍ୱ । ନିର୍ଦ୍ଦିଷ୍ଟ କୌଣସି ବଂଶରେ ଜନ୍ମହେବା ବ୍ରାହ୍ମଣତ୍ୱ ନୁହେଁ, ସ୍କନ୍ଧରେ ଉପବୀତ-ଧାରଣ ମଧ୍ୟ ବ୍ରାହ୍ମଣତ୍ୱ ନୁହେଁ । ମାନବତ୍ୱର ଚରମ ଉତ୍କର୍ଷ ଲାଭ କରିବା ହେଉଛି ବ୍ରାହ୍ମଣତ୍ୱ ଲାଭ । ମାନବତ୍ୱର ଚରମ ଉତ୍କର୍ଷରେ ଉପନୀତ ହେବାର ଅଧିକାର ପ୍ରତ୍ୟେକ ମାନବର ଅଛି । ତେଣୁ ବ୍ରାହ୍ମଣ ହେବା ଆକାଂକ୍ଷାରେ ମାନବ ମାତ୍ରକେ ଅଧିକାରୀ । ଏ ଗାୟତ୍ରୀ

ମନ୍ତ୍ର ତୁମକୁ ସେହି ଆକାଂକ୍ଷା ପ୍ରଦାନ କରୁଛି । କିଏ କେଉଁଠି ଜନ୍ମିଛି, କିଏ କିପରି ଭାବରେ ଜନ୍ମିଛି ସେ ପ୍ରଶ୍ନ ତୁମ୍ଭେମାନେ ଉଠାଅ ନାହିଁ । ପ୍ରତ୍ୟେକ ମାନବର ବ୍ରାହ୍ମଣତ୍ୱ ଲାଭ ଅଧିକାରକୁ ସ୍ୱୀକାର କରି ତାକୁ ନିର୍ବିଚାରରେ ଅଖଣ୍ଡ-ପରିବାରଭୁକ୍ତ କରି ନିଅ । ତେଣୁ ତୁମ୍ଭେମାନେ ମନେ ମନେ ବ୍ରହ୍ମଗାୟତ୍ରୀ ଉଚ୍ଚାରଣ କର ନାହିଁ, ଉଚ୍ଚ ସ୍ୱରରେ ବ୍ରହ୍ମଗାୟତ୍ରୀ ଗାନ କରୁଛ ।

(ଶ୍ରାବଣ ୨୮, ୧୩୩୮)

ଗୁରୁଭ୍ରାତା ଚିହ୍ନିବାର ଉପାୟ

ଗୁରୁଙ୍କ ପ୍ରତି ଯେଉଁମାନଙ୍କର ନିଷ୍ଠାଯୁକ୍ତ ଅନୁରାଗ ଥାଏ ସେମାନଙ୍କ ପକ୍ଷରେ ଗୁରୁଭାଇ ଚିହ୍ନିବାକୁ କୌଣସି ଅସୁବିଧା ହୁଏ ନାହିଁ । ଗୋଟିଏ ଚୁମ୍ବକ ଯେତେବେଳେ ଦୁଇଖଣ୍ଡ ଲୁହାକୁ ଆକର୍ଷଣ କରେ ସେତେବେଳେ ସେହି ଲୁହା ଦୁଇ ଖଣ୍ଡ ମଧ୍ୟରେ ଅତ୍ୟାଶ୍ଚର୍ଯ୍ୟ ଆକର୍ଷଣ ସୃଷ୍ଟି ହୁଏ । ସେଇଥିରୁ ହିଁ ଚିହ୍ନି ହୁଏ କିଏ କାହାର ଗୁରୁଭାଇ । ସେଇଥିପାଇଁ ମୁଁ ତୁମ୍ଭମାନଙ୍କ ଭିତରେ ପାରସ୍ପରିକ ଚିହ୍ନାପରିଚୟ ହେବାର ସୁବିଧା ସୃଷ୍ଟି ଲାଗି କୌଣସି ରକମର ସାମ୍ପ୍ରଦାୟିକ ଚିହ୍ନ ଧାରଣ କରିବାକୁ ନିର୍ଦ୍ଦେଶ ଦେଇନାହିଁ । ଯେଉଁମାନେ ମୋତେ ଭଲ ପାଆନ୍ତି ସେମାନେ ବିନା ବିଜ୍ଞାପନରେ ପରସ୍ପର ପରସ୍ପରକୁ ଠିକ୍ ଚିହ୍ନି ପାରିବେ । ତୁମ୍ଭମାନଙ୍କର ସେହି ଚିହ୍ନା-ପରିଚୟ ଜଗତର କୁଶଳ, ଦେଶର କୁଶଳ, ସମାଜର କୁଶଳ ଓ ଉଭୟଙ୍କର କୁଶଳ ସାଧନ କରିବ ।.......

ତୁମେ ବର୍ତ୍ତମାନ ଯେଉଁଠି ରହୁଅଛ ତାର ଚତୁର୍ଦ୍ଦିଗରେ ତୁମର ବହୁ ଗୁରୁଭ୍ରାତା ଓ ଗୁରୁଭଗ୍ନୀ ଅଛନ୍ତି । କିନ୍ତୁ ତୁମେ ଚେଷ୍ଟା କରି ମଧ୍ୟ ସେମାନଙ୍କ ଭିତରୁ କାହାକୁ ଖୋଜି ପାଉ ନାହଁ ବା କାହା ସହିତ ତୁମର ପରିଚୟ ସ୍ଥାପିତ

ହୋଇପାରି ନାହିଁ ବୋଲି ଜାଣି ମୁଁ ଆଦୌ ବିସ୍ମିତ ହୋଇନାହିଁ । ଦୀକ୍ଷା ନେବାପରେ ଯେଉଁମାନେ ସାଧନ-ଭଜନର ନାମଗନ୍ଧ ସୁଦ୍ଧା ଧରନ୍ତି ନାହିଁ ସେମାନେ କେଉଁ ମୁହଁରେ ବା କେଉଁ ସାହସରେ ତୁମ ପାଖକୁ ଆସି ନିଜର ପରିଚୟ ଦେବେ ଯେ ସେମାନେ ତୁମର ଗୁରୁଭାଇ । ଖାଲି ମୁଁ ଅମୁକ ପିତାର ପୁତ୍ର ବୋଲି କହି ଆତ୍ମପରିଚୟ ଦେଲେ ତ ହେବ ନାହିଁ, ପ୍ରକୃତରେ ଯେ ପୁତ୍ରତ୍ୱ କିଛି ରହିଛି, ସାଧନ-ପ୍ରତିଷ୍ଠାର କିଛି ପ୍ରମାଣ ତ ତା ସଙ୍ଗେ ସଙ୍ଗେ ଦେବାକୁ ହେବ । ବନଚାରୀ ଅର୍ଜୁନ ନିଜକୁ ଖାଲି ପାଣ୍ଡୁ ପୁତ୍ର ମଧ୍ୟମ ପାଣ୍ଡବ ବୋଲି ଜାହିର କରିଥିଲେ କଣ ଦ୍ରୁପଦରାଜ ଓ ସଭାସଦ୍‌ମାନେ ତାହା ମାନି ନେଇଥାନ୍ତେ, ଯଦି ଲକ୍ଷ୍ୟଭେଦର ଅଦ୍ଭୁତ ପରାକ୍ରମ ତା ସଙ୍ଗେ ସଙ୍ଗେ ନ ଥାନ୍ତା ? ଯେଉଁମାନେ ସାଧନ କରନ୍ତି ନାହିଁ କି ଭଜନ କରନ୍ତି ନାହିଁ, କେବଳ ଆପଦବିପଦରେ ପଡ଼ିଲେ ବିକଳରେ ଥରେ ଅଧେ ନାମଜପ କରି ସେଥିରୁ ଉବୁରି ଗଲାପରେ ପୁଣି ସଂସାରର ନିକୃଷ୍ଟ ଜଞ୍ଜାଳରେ ଘାଣ୍ଟି ହୁଅନ୍ତି, ସେମାନେ କେଉଁ ସାହସରେ ତୁମ ପାଖକୁ ଆସି ଛାତି ଫୁଲାଇ କହିବେ ଯେ ସେମାନେ ତୁମର ଗୁରୁଭାଇ ?

ଆଉ ଗୋଟିଏ କଥା । ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ପରିଚୟ ଦେବା ନିମିତ୍ତ କେତେଗୁଡ଼ିଏ ବାଧକର ବ୍ୟବସ୍ଥା ଅଛି । ଏକ ଏକ ସମ୍ପ୍ରଦାୟର ତିଳକ-ଧାରଣ ବ୍ୟବସ୍ଥା ଏକ ଏକ ପ୍ରକାରର । ଜଣେ ରାମାନୁଜପନ୍ଥୀ ଶ୍ରୀବୈଷ୍ଣବ ଓ ଜଣେ ନିମ୍ବାର୍କ-ପନ୍ଥୀ ବୈଷ୍ଣବ ବା ଜଣେ ଗୌଡ଼ୀୟ-ବୈଷ୍ଣବ ଓ ଜଣେ ବଲ୍ଲଭୀ-ଭକ୍ତଙ୍କର ତିଳକ ସେବାର ବିଶେଷତ୍ୱ ଟିକକ ଲକ୍ଷ୍ୟ କଲେ ତୁମେ ପ୍ରତ୍ୟେକଙ୍କୁ ପୃଥକ ଭାବରେ ଚିହ୍ନି ପାରିବ । ଭୋଳାଗିରି ବା ଅଲେଖବାବାଙ୍କ ଶିଷ୍ୟମାନେ ଗଳାରେ ତୁଳସୀ ଧାରଣ କରନ୍ତି ନାହିଁ, କଣ୍ଠ-

ବିଲଗ୍ନ ଏକମାତ୍ର ରୁଦ୍ରାକ୍ଷ ହିଁ ସେମାନଙ୍କର ପରିଚୟ ପ୍ରଦାନ କରେ । ତୁମ୍ଭମାନଙ୍କ ପାଇଁ ସେଭଳି କୌଣସି ବାଧ୍ୟକର ବ୍ୟବସ୍ଥା ନାହିଁ । ଉପାସନା ବେଳେ ତୁମ୍ଭେମାନେ ଭ୍ରୂମଧ୍ୟରେ ଶ୍ୱେତଚନ୍ଦନର ଟୋପା ଦେବ ବୋଲି ଉପଦେଶ ଦିଆଯାଇଛି । ଯଦି କେତେବେଳେ କୌଣସି କାରଣରୁ ଶ୍ୱେତଚନ୍ଦନ ନ ମିଳେ ତେବେ ଶୀତଳ ଜଳର ଏକ ଟୋପା ଦେବାର ବ୍ୟବସ୍ଥା ତୁମ୍ଭମାନଙ୍କ ପାଇଁ କରାହୋଇଅଛି । ସେହି ଶ୍ୱେତଚନ୍ଦନ ଟୋପାଟି ଯଦି ଠିକ୍ ଭାବରେ ଥାଏ ତାହାହେଲେ ବାହାରୁ ଦେଖି ଲୋକେ ତୁମ୍ଭମାନଙ୍କୁ ଅଖଣ୍ଡ ବୋଲି ଧାରଣା କରିପାରିବେ । କିନ୍ତୁ ଉପାସନା ବେଳେ ଚନ୍ଦନ-ଟୋପାଟି ଦେବା ବାଧ୍ୟକର ହେଲେ ମଧ୍ୟ ଅନ୍ୟ ସମୟରେ ଟୋପାଟି ରଖିବା ବାଧ୍ୟକର କରାହୋଇ ନାହିଁ । ଏହି କାରଣରୁ ବାହ୍ୟ ଲକ୍ଷଣ ଦେଖି ତୁମ୍ଭେମାନେ ଗୁରୁଭାଇ ଚିହ୍ନିବାକୁ ସମର୍ଥ ହେଉନାହଁ ।

କିନ୍ତୁ ବାବା, ତୁମ୍ଭେମାନେ ଯଦି ଏକାଗ୍ର ଚିତ୍ତରେ ଅକପଟ ହୃଦୟରେ ନିଜ ନିଜ ସାଧନରେ ଲଗ୍ନରହ ତାହାହେଲେ ଯୋଗୀର ଚକ୍ଷୁ ତୁମର ଛଦ୍ମବେଶ ଆଢୁଆଳରୁ ତୁମର ପ୍ରକୃତ ପରିଚୟ ଯେ ଖୋଜି ବାହାର କରି ପାରିବ, ସେ କଥାଟି ଭୁଲି ଯାଅ ନାହିଁ । ଟୋପା-କଣ୍ଠି ନୁହେଁ ବା ବାହାରର ଛଟକ ନୁହେଁ, ଅନ୍ତରର ସାଧନ-ବଳହିଁ ସମସାଧକଙ୍କ ଅନ୍ତରକୁ ସ୍ୱତ ଆକର୍ଷଣ କରି ଆତ୍ମୀୟ ସହିତ ଆତ୍ମୀୟର ପରିଚୟ ସ୍ଥାପନ କରିବ, ମୋର ତ ବାବା ଏହାହିଁ ଅଭିପ୍ରାୟ । ଗୁରଭ୍ରାତା କଥାର ଅର୍ଥ ନୁହେଁ ଯେ ଏକ ଗୁରୁଙ୍କ ପାଖରୁ ସାଧନ-ଦୀକ୍ଷା ନେଇଛ ବୋଲି ତୁମ୍ଭେମାନେ ଭ୍ରାତା । ଗୁରୁଭ୍ରାତା କଥାର ପ୍ରକୃତ ଅର୍ଥ ହେଉଛି ଏକକ ସାଧନରେ ତୁମ୍ଭେମାନେ ନିରନ୍ତର ନିମଗ୍ନ ରହିଅଛ ବୋଲି ତୁମ୍ଭେମାନେ ଭ୍ରାତା । ଏ କଥାଟି ଖୁବ୍ ଦାୟିତ୍ୱପୂର୍ଣ୍ଣ ଭାବରେ ଚିନ୍ତା କରିବ । ଲୋକେ ଦଳ ଦଳ

ହୋଇ ତୁମ ଗୁରୁଦେବଙ୍କ ଠାରୁ ବା ତାଙ୍କ ଅନୁବର୍ତ୍ତୀଙ୍କ ଠାରୁ ମନ୍ତ୍ର ନେଉଛନ୍ତି ଓ ତୁମ ଗୁରୁଭ୍ରାତାଙ୍କ ଗୋଷ୍ଠୀ ପୁଷ୍ଟ ହେଉଅଛି, ଏଭଳି ଧାରଣା କେବେହେଲେ କରିବ ନାହିଁ । ଦଳେ ଦଳେ ଲୋକ ପ୍ରକୃତରେ ସାଧନ କରୁଛନ୍ତି ଓ ସେମାନଙ୍କର ନିରବ, ନିଭୃତ ଗୋପନ ଓ ଆତ୍ମ-ପ୍ରଚାରବର୍ଜିତ ସାଧନ ପ୍ରଭାବରେ ଚତୁର୍ଦ୍ଦିଗରେ ଐଶୀଶକ୍ତିର ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହେଉଅଛି । ଏହା ହିଁ ଗୁରୁଭ୍ରାତା ବୃଦ୍ଧିର ପ୍ରକୃତ ସାର୍ଥକତା ।

ଆଉ ମଧ୍ୟ ଗୁରୁଭ୍ରାତା କଥାଟିକୁ କେବଳ ସଂକୀର୍ଣ୍ଣ ସାମ୍ପ୍ରଦାୟିକ ଦୃଷ୍ଟିରୁ ଦେଖିବ ନାହିଁ । ଜଗତର ସକଳ ଗୁରୁ ତୁମ ଗୁରଦେବଙ୍କର ଠାରୁ ଅଭିନ୍ନ । ଜଗତରେ ଶତ ଶତ ଗୁରୁ ଅଛନ୍ତି । ଭିନ୍ନ ଭିନ୍ନ ସଂଘର ପୃଥକ୍ ପୃଥକ ପ୍ରୟୋଜନର ଚାହିଦା ପୂରଣ ଲାଗି ଏକମାତ୍ର ଗୁରୁ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ତନ୍ତ୍ରର ଉପଦେଶ ଦେଇ ଯାଇଛନ୍ତି ସତ୍ୟ କିନ୍ତୁ ସମସ୍ତଙ୍କ ପ୍ରଦର୍ଶିତ ପଥରେ କିୟତ୍‌ଦୂର ଅଗ୍ରସର ହେବା ପରେ ଏପରି ଏକ ସଙ୍ଗମସ୍ଥଳ ରହିଛି ଯେଉଁଠାରୁ ବିଭିନ୍ନ ଦିଗରୁ ବିଭିନ୍ନ ପଥରେ ଆଗତ ଯାତ୍ରୀମାନେ ପ୍ରକୃତରେ ଗୋଟିଏ ପଥର ଯାତ୍ରୀ ହୁଅନ୍ତି । ସେତେବେଳେ ସାଧନ ଆରମ୍ଭ କରିଥିବା ସମୟରେ ସାଧନଗତ ପାର୍ଥକ୍ୟ ଆଉ କାହାର ଦୃଷ୍ଟିରେ ପଡ଼େ ନାହିଁ, ସମସ୍ତେ ଯେ ଏକ ପଥର ପଥିକ, ଏକ ଲକ୍ଷ୍ୟର ଲକ୍ଷୀ, ସମସ୍ତେ ଯେ ଏକ ପ୍ରିୟତମଙ୍କର ସଙ୍ଗସୁଖ ଲିପ୍‌ସୁ, ସମସ୍ତେ ଯେ ଗୋଟିଏ ଉଦ୍ଦେଶ୍ୟରେ ଧାବିତ, ଏକଥାଟି ବିନା ଚେଷ୍ଟାରେ, ବିନା ଯୁକ୍ତିରେ ଅନ୍ତରର ଉପଲବ୍ଧି ହୁଏ । ସେତେବେଳେ ସକଳ ମତର ମତୀବୃନ୍ଦ ଏକ ପରମ ଗୁରୁଙ୍କର ଶିଷ୍ୟ ବୋଲି ନିଜେ ନିଜେ ଅନୁଭବ କରନ୍ତି । ସେତେବେଳେ ଜଗତର ସକଳ ସମ୍ପ୍ରଦାୟୀମାନେ ପରସ୍ପର ଗୁରୁଭାଇ,

ଏହା ହିଁ ଯେ ତୁମ୍ଭମାନଙ୍କ ଚିନ୍ତା ଓ ଅନୁଶୀଳନର ଧାରା, ଏକଥାଟି କଦାପି ଭୁଲିଯିବ ନାହିଁ ।

ଜଗତର ନିତ୍ୟ-ନୂତନ ଗୁରୁଶକ୍ତିର ବିକାଶକୁ କେହି କଣ ତରବାରୀର ଆସ୍ଫାଳନରେ ବା ସ୍ମୃତି ବଚନର ଶାସନରେ ରୁଦ୍ଧ କରିପାରିବ ? ଅର୍ଥନୈତିକ କୌଶଳ-ବିଶେଷର ବିସ୍ତାରରେ ବା ରାଷ୍ଟ୍ରନୈତିକ ବିପ୍ଳବ ସଂଘଟନଦ୍ୱାରା କେହି କଣ ଗୁରୁଶକ୍ତିର ବିକାଶକୁ ରୁଦ୍ଧ କରି ପାରିବେ ? କେହି କୌଣସି ମତେ ତାହା ପାରିବେ ନାହିଁ, କସ୍ମିନକାଳେ ବି ପାରିବେ ନାହିଁ । ସୁତରାଂ ସେହି ଅସମ୍ଭବକୁ ସମ୍ଭବ କରିବା କଳ୍ପନା ପରିହାର କରି ସ୍ୱାଭାବିକ ଭାବରେ ଯାହା ଆପେ ଆପେ ହେବା ସମ୍ଭବ । ସାଧନ ପରାୟଣ ପ୍ରତ୍ୟେକ ବ୍ୟକ୍ତି ବିନା ବୁଦ୍ଧି ପ୍ରୟୋଗରେ ଯାହା ନିଜେ ନିଜେ ବୁଝିପାରିବେ ସେହି ବିଶ୍ୱଭାତୃତ୍ୱର ମଧୁବୋଳା ଗୁରୁବାଦକୁ ମଥାପାତି ସ୍ୱୀକାର କରିନିଅ ଏବଂ ସାଧନ କରି ପ୍ରତ୍ୟେକ ଏଭଳି ଅଭ୍ୟୁନ୍ନତ ଆଧ୍ୟାତ୍ମିକ ଅବସ୍ଥା ଲାଭକର ଯେପରିକି ଜଗତର ଯେ କୌଣସି ସମ୍ପ୍ରଦାୟଭୁକ୍ତ ସାଧକ ବ୍ୟକ୍ତିଙ୍କୁ ନିଜର ଗୁରୁଭାଇ ବୋଲି ଚିହ୍ନି ପାରିବ । ସ୍ୱକୀୟ ସାଧନରେ ରୁଚି, ପ୍ରୀତି, ଉତ୍ସାହ ଅଭିନିବେଶ ଓ ମନସନ୍ନି ବେଶନର ଗଭୀରତା ବୃଦ୍ଧି ଲାଗି ହିଁ ତ ତୁମର ଗୁରୁଭ୍ରାତାକୁ ଚିହ୍ନିବା ପ୍ରୟୋଜନ । ସାଧନ କରି ଏପରି ଅବସ୍ଥାରେ ଦ୍ରୁତ ଉପନୀତ ହୁଅ ଯେପରି ଭିନ୍ନ ଗୁରୁଙ୍କର ସାଧକ-ଶିଷ୍ୟଙ୍କୁ ଦେଖିବା ମାତ୍ରେ ତୁମ ନିଜ ସାଧନରେ ରୁଚି ଆସେ, ପ୍ରୀତି ବଢ଼େ, ଅଭିନିବେଶ ବଢ଼େ ଓ ମନ ସନ୍ନିବେଶନର ଗଭୀରତା ବଢ଼େ କିନ୍ତୁ ଭିନ୍ନ ଗୁରୁଙ୍କ ଶିଷ୍ୟର ସଂସ୍ରବ ହେତୁ ନିଜର ଇଷ୍ଟନିଷ୍ଠାତିଳେ ହେଲେ ନ କମେ । ଗୁରୁ ଯେପରି ଏକ ତତ୍ତ୍ୱ, ଗୁରୁ ଭ୍ରାତା ବି ସେହିପରି ଏକ ତତ୍ତ୍ୱ ବୋଲି ଜାଣିବ କେବଳ ରକ୍ତ ମାଂସର ଏକ ଚେତନାଯୁକ୍ତ ପିଣ୍ଡ ବୋଲି ତାଙ୍କୁ ମନେ କରିବ ନାହିଁ ।

ତୁମେ ହିଁ ମୋର ଗୁରୁ

ପ୍ରଶ୍ନ - ଆପଣଙ୍କର ଗୁରୁ କିଏ ?

ଉତ୍ତର - ତୁମେ ମୋର ଗୁରୁ । ତୁମକୁ ମନ୍ତ୍ର ଦେବାକୁ ଯାଇ ମୁଁ ହଠାତ୍ ସ୍ପଷ୍ଟ ଅନୁଭବ କଲି ଯେ ମୁଁ ଯେଉଁ ଉପଦେଶ ଦେଉଛି ନିଜେ ତାହା ପାଳନ କରୁନାହିଁ । ତଦ୍ୱାରା ମୋ ଜୀବନରେ ଏପରି ଏକ ଅଭିନବ ବିପ୍ଲବ ଆସିଲା ଯେ ସେ ବିପ୍ଲବର ତରଙ୍ଗ ତାଡ଼ନାରେ ମୋର ବହୁଆପୋଷ ନିଷ୍ପତ୍ତି ଭାସିଗଲା । ସେ ବିପ୍ଲବ ମୋତେ ବିଦ୍ରୋହୀ ଓ ରଣୋନ୍ମାଦ କଲା । ସେ ବିପ୍ଲବ ମୋତେ ଅଜସ୍ର ଅଶ୍ରୁଧାରରେ ପ୍ଲାବିତ କଲା । ତାରି ଭିତରେ ମୁଁ ନିଜକୁ ଚିହ୍ନିଲି, ତାରି ଭିତରୁ ମୁଁ ମୋର ଶାଶ୍ୱତ ପଥକୁ ଜୋର କରି ଧରିବାର ପ୍ରେରଣା ପାଇଲି । ଅଖଣ୍ଡ-ମହାମନ୍ତ୍ରର ଅପ୍ରତିଦ୍ୱନ୍ଦୀ ପ୍ରତିଷ୍ଠାକୁ ନିଜ ଜୀବନରେ ମାନି ନେବାକୁ ମୁଁ ଏପରି ଭାବରେ ବାଧ୍ୟ ହେଲି ଯେ ସେହି ମହାମନ୍ତ୍ରକୁ ବାଦଦେଲେ ମୋର ଭାବନା-ଚିନ୍ତା, ଜୀବନ-ମରଣ ସବୁ ଅର୍ଥହୀନ ବୋଧହେଲା । ସେଇଥିପାଇଁ କହୁଛି ତୁମେ ହିଁ ମୋର ଗୁରୁ ।

ଅଖଣ୍ଡର ଗୁରୁ-ପରମ୍ପରା

ପ୍ରଶ୍ନ - ଅନ୍ୟାନ୍ୟ ସବୁ ସମ୍ପ୍ରଦାୟରେ ଗୁରୁ ପରମ୍ପରା-ପରିଚୟ ଦେବାର ପ୍ରଥା ଅଛି । ଆମର ଗୁରୁ ପରମ୍ପରାର ପରିଚୟ କ'ଣ ହେବ ?

ଉତ୍ତର - ତୁମ୍ଭମାନଙ୍କର ଗୁରୁ-ପରମ୍ପରା ପରିଚୟ ହେବ, ପରଂବ୍ରହ୍ମ ଅଖଣ୍ଡନାମ -ସ୍ୱରୂପାନନ୍ଦ । ତା ଛଡ଼ା ଆଉ କୌଣସି ପରିଚୟ ଦେବାକୁ ତୁମ୍ଭମାନଙ୍କର ବାଟ ନାହିଁ ।

ପ୍ରଶ୍ନ - ଆପଣଙ୍କ ସମ୍ପର୍କରେ କେହି କେହି କହନ୍ତି, ଆପଣ ସ୍ୱୟଂ ସନ୍ଥ, ନିଜ ସ୍ୱଭାବରେ ହିଁ ପରମହଂସ । ଆଉ କେହି କେହି କହନ୍ତି, ଆପଣଙ୍କରଗୁରୁ ଅନେକ । ଏ ସମ୍ପର୍କରେ ଆମକୁ କେହି କିଛି ପ୍ରଶ୍ନ କଲେ ଆମେ ସଠିକ ଉତ୍ତର ଦେଇ ନ ପାରି ଲଜ୍ଜିତ ହେଉ ।

ଉତ୍ତର -ତୁମେ ତୁମ ନିଜ ଗୁରୁରେ ନିଷ୍ଠାବାନ, ଏହି କଥାଟି ଯେ ପର୍ଯ୍ୟନ୍ତ ତୁମ ପକ୍ଷରେ ସତ୍ୟ, ସେ ପର୍ଯ୍ୟନ୍ତ ଏ ସବୁ ପ୍ରଶ୍ନର ଉତ୍ତର ଦେଇ ନ ପାରିଲ ବୋଲି ଯେ ଲଜ୍ଜିତ ହେବାର କୌଣସି କାରଣ ଅଛି, ଏପରି ମନେ କରିବା ଭ୍ରମ ମାତ୍ର । ମୋ ଜୀବନ କଥା ମୁଁ ନିଜେ କଣ କହିବି ? ଏ ସଂସାରରେ କେହି ସାହସ କରି ନିଜ ଜୀବନ କଥା କହି ପାରି ନାହାନ୍ତି । ଯିଶୁ, ବୁଦ୍ଧ, ରାମକୃଷ୍ଣ ପ୍ରଭୃତି ମଧ୍ୟ ନିଜ ନିଜ ଜୀବନର ସବୁ କଥା କହିବାକୁ ସାହାସ କରି ନାହାନ୍ତି । ସେମାନଙ୍କ ଜୀବନରେ ଯେଉଁତକ ସର୍ବାପେକ୍ଷା ଅସାଧାରଣ ସମୟ, ସେ ବିଷୟରେ ସେମାନେ ନିଜେ କିଛି କହିନାହାନ୍ତି । କହିଛନ୍ତି ଅନ୍ୟ ଲୋକମାନେ ଯେଉଁମାନେ କି ସେ ସମୟରେ ସେମାନଙ୍କୁ ଜାଣି ନ ଥିଲେ । ମୁଁ ଅବା କେଉଁ ସାହାସରେ ସେ ସମୟର କଥା କହିବି ? ଯେଉଁ ସମୟର କଥା କହିବାକୁ ସେମାନଙ୍କ ଭଳି ମହାପୁରୁଷମାନଙ୍କର ଅସାଧାରଣ ଅରୁଚି, ସେ ସମୟର କାହାଣୀ କହି ମୁଁ ତୁମ୍ଭମାନଙ୍କ ଉପରେ ଉତ୍ପାତ କରିବାକୁ ଚାହେଁ ନାହିଁ । ତେବେ, ତୁମେ ମୋର ବହୁ ଗୁରୁ ବୋଲି ଯାହା ପଚାରିଛ, ସେ କଥାଟି ସତ୍ୟ । କିନ୍ତୁ ମୋର ବହୁ ଗୁରୁ ହେଲେ ବି ତୁମ ଗୁରୁ-ପରମ୍ପରା-ପରିଚୟ ଭିତରକୁ ସେମାନେ କେହି ଆସିବେ ନାହିଁ ।

ଜୀବନବିକାଶ ପଥରେ ଅଖଣ୍ଡମଣ୍ଡଳେଶ୍ୱର

ପ୍ରଶ୍ନ- ଆପଣଙ୍କର ସେହି ବହୁ ଗୁରୁଙ୍କ ସମ୍ପର୍କରେ ଜାଣିବାକୁ ଆମେ କୌତୁହଳୀ ।

ଉତ୍ତର - ସେ କଥା କହିବାକୁ ବହୁ ବାଧା ଅଛି । ନିମିଷେକ ପାଇଁ ବି ଯାହା ପାଖରେ ମନର ବିନତି ଆସେ, ସଙ୍ଗେ ସଙ୍ଗେ ତା ସହିତ ଏପରି ଏକ ସମ୍ପର୍କ ସୃଷ୍ଟି ହୋଇଯାଏ ଯେ ତା ଫଳରେ ମନ ପରଦାରେ ଶତ ସହସ୍ର ଜଟିଳ ଭଙ୍ଗିମାର ରଙ୍ଗ ମାଖି ହୋଇଯାଏ । ସେ ସବୁର ସମ୍ପୂର୍ଣ୍ଣ ବର୍ଣ୍ଣନା ଦେବାକୁ ଗଲେ ବହୁ ଅସୁନ୍ଦର କଥା ଅବତାରଣା କରିବାକୁ ପଡ଼ିବ । ତେଣୁ ତୁମର ସେ ପ୍ରଶ୍ନର ଜବାବ ଦେବା ବଡ଼ କଷ୍ଟକର । ତଥାପି ତୁମେ ଜିଜ୍ଞାସୁ । ତେଣୁ ସହଜ ମନରେ ଯେତିକି କହିବା ସମ୍ଭବ ସେତିକି କହୁଛି ।

ମୋର ବୟସ ସେତେବେଳକୁ ଆଠବର୍ଷ ବି ହୋଇ ନ ଥାଏ, ପିତାମହଙ୍କ ଗୃହରେଏକ ଜ୍ୟୋତିର୍ମୟ ମହାପୁରୁଷଙ୍କୁ ଦେଖିଲି । ସେ ଚାଲିଗଲା ପରେ ମଧ୍ୟ ମନଟା ସ୍ୱତଃ ତାଙ୍କରି ଆଡ଼କୁ ଟାଣିହେଲା । ପ୍ରଚଣ୍ଡ ରୌଦ୍ରରେ ପୂରା ମାଇଲିଏ ବାଟ ଚାଲି ଚାଲି ରେଳ ଷ୍ଟେସନରେ ପହଞ୍ଚି ମୋ ପାଖରେ ଯାହା କିଛି ପଇସାପତ୍ର ଥିଲା ସବୁ ସେ ମହାପୁରଷଙ୍କୁ ଦେଇଦେଲି । ସେ ମୋତେ ସ୍ନିଗ୍ଧ ଦୃଷ୍ଟିରେ ଖାଲି ଟିକଏ ଚାହିଁଲେ । ମନେ ହେଲା, ସତେ ଯେପରି ସେ ମୋତେ କିଣିନେଲେ । ଆଚ୍ଛା, କହତ ଦେଖି, ସେ ମୋର ଗୁରୁ ହେଲେ କି ନାହିଁ ? ସେହି ବୟସରେ ମୋତେ ପିତାମହ ତାଙ୍କର ମୁକ୍ତା ଭଳି ସୁନ୍ଦର ଅକ୍ଷରରେ ପବିତ୍ର ବ୍ରହ୍ମଗାୟତ୍ରୀ ମନ୍ତ୍ର ଲେଖି ଦେଇ କହିଲେ - ଏହା କଣ୍ଠସ୍ଥକର । ପୈତା ନେଲେ କାମରେ ଆସିବ । ଦିନେ ଦୁଇ ଦିନରେ ତାହା ମୁଖସ୍ଥ ହୋଇଗଲା ।

ପ୍ରତ୍ୟହ ତାହା ଆବୃତ୍ତି କରୁଥାଏ । କହ, ପିତାମହ ଏବେ ଗୁରୁ ହେଲେ କି ନାହିଁ ? କିଛି ଦିନ ପରେ ଜଣେ ସର୍ବଶାସ୍ତ୍ରଜ୍ଞ ବ୍ରାହ୍ମଣ ପଣ୍ଡିତ ପିତାମହଙ୍କ ଗୃହକୁ ଆସିଲେ । ପିତାମହ ଓ ଅନ୍ୟାନ୍ୟମାନେ, ଏପରିକି ଆମେ ଯେଉଁମାନେ ଶାସ୍ତ୍ର ବିଷୟରେ ଆଦୌ କିଛି ବୁଝୁନା, ସମସ୍ତେ ମାନିନେବାକୁ ବାଧ୍ୟ ହେଲୁ ଯେ ସେ ଅଦ୍ୱିତୀୟ ପଣ୍ଡିତ । ପଣ୍ଡିତ ମହାଶୟ ଚାଲିଯିବା ପାଇଁ ଘରୁ ବାହାରି ରାସ୍ତାରେ ପାଦ ଦେବା ସମୟରେ ପିତାମହଙ୍କର ସ୍ମରଣ ହେଲା, ଉପନୟନ ପୂର୍ବରୁ ସେ ପୌତ୍ରକୁ ବ୍ରହ୍ମଗାୟତ୍ରୀ ଲେଖି ଦେଇଛନ୍ତି ମୁଖସ୍ଥ କରିବା ପାଇଁ । ଏଇଟା ଧର୍ମାନୁମୋଦିତ ହେଲା କି ନାହିଁ ଏ ବ୍ରାହ୍ମଣଙ୍କୁ ପଚାରିଲେ ତ ହୁଅନ୍ତା । ସେ ମୋତେ କହିଲେ - ପଣ୍ଡିତଙ୍କୁ ଏ କଥାଟା ଯାଇ ପଚାରିଆ । ମୁଁ ଦୌଡ଼ିଯାଇ ପଣ୍ଡିତଙ୍କୁ ବାଟରେ ପଚାରିଲି - ଜେଜେ ବ୍ରହ୍ମଗାୟତ୍ରୀ ଲେଖି ଦେଇଛନ୍ତି । ମୁଁ ତାହା ପାଠ କରୁଛି, ଜପ କରୁଛି । ଏଇଟା ଠିକ ହୋଇଛି ତ ? ସେ କହିଲେ- କି ସର୍ବନାଶ ! ଆରେ ତୁ ତ ଭୀଷଣ ଅନ୍ୟାୟ କାମ କରିଛୁ । ବର୍ତ୍ତମାନ ଯାଇ ତୋ ପିତାମହଙ୍କୁ କହ, ଏପରି କଲେ ଚଳିବ ନାହିଁ । ମୁଁ ଆସି ଜେଜେଙ୍କୁ ସେ କଥା କହିଲାକ୍ଷଣି ସେ ହସି ହସି କହିଲେ - ଆରେ ସେ ଖାଲି ବହି ପଢ଼ି ଶାସ୍ତ୍ରଜ୍ଞ, ତତ୍ତ୍ୱ ଜଣାନାହିଁ । ମୁଁ କହୁଛି ତୁ ଆହୁରି ବେଶି ମନ ଲଗାଇ ବ୍ରହ୍ମଗାୟତ୍ରୀ ଜପକର । ପୈତା ଯେବେ ହେବା କଥା ହେବ । ତା ମାନେ ପିତାମହ ଖାଲି ଗାୟତ୍ରୀ ମନ୍ତ୍ରଟି ଲେଖିଦେଇ କ୍ଷାନ୍ତ ହେଲେ ନାହିଁ, ତହିଁରେ ନିଷ୍ଠାଟି ମଧ୍ୟ ବଢ଼ାଇ ଦେଲେ । ଏବେ କହ, ପିତାମହ ଗୁରୁ ହେଲେ କି ନାହିଁ ? ବ୍ରାହ୍ମଣ ପିଲାଙ୍କର ଯେପରି ଭାବରେ ଉପନୟନ ସଂସ୍କାର ହୁଏ କିଛି ଦିନ ପରେ ମୋର ସେପରି ହେଲା । ପିତାମହ ମୋର ଭାଇର ଆଚାର୍ଯ୍ୟ ହୋଇ ବସିଲେ ଓ କୁଳଗୁରୁ ମହାଶୟ ମୋର ଆଚାର୍ଯ୍ୟ ହେଲେ । ନିୟମାନୁଯାୟୀ ସେ ଯଥାସମୟରେ ମୋତେ ଗାୟତ୍ରୀ ମନ୍ତ୍ର ତୁଣ୍ଡରେ ଶୁଣାଇବାକୁ ଲାଗିଲେ । କିନ୍ତୁ ସେ କହିବା

ଆଗରୁ ମୁଁ ପୂର୍ବରୁ ମୁଖସ୍ଥ କରିଥିବା ଗାୟତ୍ରୀ ମନ୍ତ୍ର ବୋଲି ଯିବାକୁ ଲାଗିଲି । ଗୋଟିଏ ଘରେ ଆମ ତିନି ଚାରିଜଣଙ୍କର ଉପନୟନ ହେଉଥାଏ । ପିତାମହ କହିଦେଲେ - ଆଚାର୍ଯ୍ୟଙ୍କ କହିବା ପୂର୍ବରୁ କହିବା କଥା ନୁହେଁ । ତା ପରେ ମୁଁ କୁଳଗୁରୁ ମହାଶୟଙ୍କ କହିବା ପରେ ପରେ ଗାୟତ୍ରୀ ବୋଲିବାକୁ ଲାଗିଲି । ସେ ଏଥିରେ ଭାରି ଖୁସି ହେଲେ । ତାହା ହେଲେ ସେ ଏବେ ମୋର ଗୁରୁ ହେଲେ କି ନାହିଁ କହ ? ତାର କିଛି ଦିନ ପରେ ପିତୃଦେବଙ୍କ ଲୁହା କାରଖାନାରେ ଏକ ଦୁର୍ଘଟଣା ଘଟିଲା । ଖୁବ୍ ଓଜନଦାର ଗୋଟିଏ ଲୁହାର ଯନ୍ତ୍ର ଲୁହା ଶିକୁଳିରେ ବନ୍ଧା ହୋଇ ଉପରେ ଟଙ୍ଗା ଯାଇଥିଲା । ଶିକୁଳି ଛିଡ଼ିଯାଇ ସେ ଯନ୍ତ୍ର ପିତୃଦେବଙ୍କ ପାଦ ଉପରେ ପଡ଼ିଲା । ସେ ଗୁରୁତର ଭାବରେ ଆହତ ହୋଇ ତିନି ମାସରୁ ଅଧିକ ସମୟ ଶଯ୍ୟାଶାୟୀ ହୋଇ ରହିଲେ । ସେତେବେଳେ ମୋତେ ପିତାଙ୍କ ଶଯ୍ୟାପାର୍ଶ୍ୱରେ ବହୁତ ସମୟ ରହିବାକୁ ପଡୁଥାଏ । ସେତିକିବେଳେ ସେ ମୋତେ ଭଗବାନଙ୍କୁ ପ୍ରାର୍ଥନା କରିବୁ ଓ ପ୍ରତିଦିନ ଡାଏରି ଲେଖିବୁ । କିପରି ଡାଏରି ଲେଖିବାକୁ ହେବ, ସେ କଥା ସେ କହିଦେଲେ ଓ ପ୍ରାର୍ଥନାର ଭାଷା ମଧ୍ୟ ବତାଇ ଦେଲେ । ତା ଭିତରେ ଗୋଟିଏ କଥା ଏଇଆ ଥିଲା ଯେ ହେ ଭଗବାନ ମୋତେ ସତ୍‌ସାହସ ଦିଅ । ତାହାହେଲେ କହ, ବାବା ଏବେ ଗୁରୁ ହେଲେ କି ନାହିଁ ? ତା ପରେ ବିଦ୍ୟାଳୟରେ ଜଣେ ଶିକ୍ଷକ କହିଲେ, ଯେ କୌଣସି ମନ୍ତ୍ର ଲକ୍ଷେ ଥର ଜପ କଲେ ସିଦ୍ଧି ଲାଭ ହୁଏ । ସଙ୍ଗେ ସଙ୍ଗେ ପରୀକ୍ଷା ଆରମ୍ଭ ହେଲା । କୃଷ୍ଣ, ରାମ, ଗଣେଶ, ଦୁର୍ଗା, ସରସ୍ୱତୀଙ୍କ ଠାରୁ ଆରମ୍ଭ କରି କାଳୀ ପର୍ଯ୍ୟନ୍ତ ସବୁ ଦେବତାଙ୍କ ନାମ ଓ ତତ୍‌କାଳଜ୍ଞାତ ସମସ୍ତ ମନ୍ତ୍ର ଲକ୍ଷେଥର ଲେଖାଏଁ ଜପ କରାଗଲା । କେତେବେଳେ ରୁଦ୍ରାକ୍ଷ ମାଳାରେ, କେତେବେଳେ ତୁଳସୀ ମାଳାରେ, ଆଉ କେତେବେଳେ ମାଛଧରା ଜାଲର କାଠିରେ ଜପ ଚାଲିଥାଏ । କେତେବେଳେ ଠାକୁର ଘରେ ବସି, କେତେବେଳେ ଲୋକଙ୍କ

ଡରରେ ଘରର ଆଟୁ ଉପରେ ବସି, କେତେବେଳେ ନିର୍ଜନ ବଣ ଭିତରେ ବାଉଁଶ ବୁଦା ଭିତରେ ବସି, କେତେବେଳେ ଅବା ବିଲୁଆ ଗାତ ଭିତରେ ବସି ମନ୍ତ୍ର ଜପ ଚାଲିଥାଏ । କିନ୍ତୁ ଦେଖାଗଲା, ଯେ କୌଣସି ମନ୍ତ୍ର ଜପ କଲେ ବି ସବୁ ମନ୍ତ୍ର କ୍ରମେ ଯାଇ ପ୍ରଣବରେ ପରିଣତ ହେବାକୁ ଲାଗିଲା । ପ୍ରଣବ ଯେ ସର୍ବମନ୍ତ୍ରର ସମାହାର, ପ୍ରଣବରୁ ଯେ ସବୁ ମନ୍ତ୍ରର ସୃଷ୍ଟି ଓ ପ୍ରବଣରେ ଯେ ସବୁ ମନ୍ତ୍ରର ବିଲୟ, ଏ କଥା ସେତେବେଳେ ଜାଣି ପାରି ନଥିଲି କି ବୁଝି ପାରି ନଥିଲି । କିନ୍ତୁ ଯେ କୌଣସି ମନ୍ତ୍ର ବା ନାମକୁ ଧରି ଜପ ଆରମ୍ଭ କରେ ପଛକେ, ଲକ୍ଷେଥର ଜପିବ ଶେଷ ହେଲା ବେଳକୁ ହଠାତ୍ ଦେଖେ ଯେ ପ୍ରଣବକୁ ହିଁ ଜପୁଛି, ଆଉ କୌଣସି ମନ୍ତ୍ରର ଚିହ୍ନବର୍ଣ୍ଣ ନାହିଁ । ଏହି ସମୟରେ ମୋ ଜୀବନର ପ୍ରଥମ ଗୁରୁଗିରି ଆରମ୍ଭ ହୁଏ । ନନୀଲାଲ କୁଣ୍ଡୁ, ତାରାପଦ ଦତ୍ତ, ବଙ୍କିମ ମଜୁମଦାର ପ୍ରଭୃତି ସେ ସମୟର ଶିଷ୍ୟ ଦଳ ମୋତେ ଘେରି ବସନ୍ତି ଓ ଯେ ଯେପରି ପାରନ୍ତି ସମସ୍ତେ ସାଧନ କରିଯାନ୍ତି । ସେ ସମୟରେ ଏପରି ଏକ ଅନେକ ଜୀବନ୍ତ ଘଟଣା ଘଟିଛି ଯାହା ସାଧାରଣଙ୍କ ପକ୍ଷରେ ବିଶ୍ୱାସ କରିବା କଷ୍ଟକର । ତେଣୁ ସେ ସବୁ କଥା କେହି କେବେ ଜାଣି ପାରିବେ ନାହିଁ । ସେ ସମୟରେ ଶହ ଶହ ଲୋକ ମୋର ପିତା ଓ ପିତୃବ୍ୟଙ୍କ ଦୈନନ୍ଦିନ କର୍ମ ଓ ବ୍ୟବହାର ମଧ୍ୟରେ ସର୍ବଦା ଅଲୌକିକ ଶକ୍ତିର ବହୁ ଲୀଳା ଦେଖି ଚମତ୍କୃତ ହେଉଥିଲେ । ତେଣୁ ସେତେବେଳେ ମୋ ଜୀବନରେ ଯେଉଁ ସବୁ ଅଭିଜ୍ଞତା ଲାଭ ହୋଇଥିଲା ବା ଯେଉଁ ସବୁ ଘଟଣା ସବୁ ଘଟିଥିଲା, ସେ ସବୁ ମୁଁ ନିତାନ୍ତ ସ୍ୱାଭାବିକ ବୋଲି ମନେ କରୁଥିଲି । ତଦ୍ୱାରା ମୋ ମନରେ କୌଣସି ଉଦ୍‌ବେଗ ବା ଉଲ୍ଲାସ ସୃଷ୍ଟି ହେଉ ନଥିଲା । କିନ୍ତୁ ଗୋଟିଏ କଥା ଏଇଆ ହେଲା ଯେ ମୋର ବୈଦିକ ସଂଧ୍ୟାର ମନ୍ତ୍ରତନ୍ତ୍ର, ବଙ୍ଗଳାରେ ଭଗବାନଙ୍କୁ ପ୍ରାର୍ଥନା କରିବା ସ୍ତୋତ୍ର ଏ ସବୁ କୁଆଡ଼େ ଚାଲିଗଲା, ରହିଲେ କେବଳ ଏହି ମହାମନ୍ତ୍ର

ପ୍ରଣବ, ଯାହାଙ୍କୁ ଛାଡ଼ିଲେ ମୋର ଅସ୍ତିତ୍ୱ ସୁଦ୍ଧା ରହନ୍ତା ନାହିଁ । ତାହାହେଲେ ସେ ସ୍କୁଲ ଶିକ୍ଷକ ଏବେ ଗୁରୁ ହେଲେ କି ନାହିଁ କହ ? ବୟସ ବଢ଼ି ଚାଲିଲା । ସାଧୁ ପନ୍ଥାରେ ପାଦ ଦେଇଥାଏ, କିନ୍ତୁ ମନ ଭିତରେ ଏକ ଅଦ୍ଭୁତ ନିଃସଙ୍ଗତା ମୋତେ ଉତ୍ପୀଡ଼ନ କରିବାକୁ ଲାଗିଲା । ଏଭଳି ନିଃସଙ୍ଗତାବୋଧ ଆସିଲେ ମନୁଷ୍ୟ ଆଉ ଜଣେ ମନୁଷ୍ୟ ସହିତ ଆତ୍ମୀୟତା କରିବାକୁ ଚାହେଁ । ଅବଶ୍ୟ ସେତେବେଳେ ମୁଁ ଦୀକ୍ଷାର ଆବଶ୍ୟକତା ଅନୁଭବ କରି ନଥାଏ । ଏତିକିବେଳେ ଜଣେ ଗୃହୀ ସାଧକ ନିଜ ଆଡୁ ମୋ ସଙ୍ଗେ ଆଳାପ ଜମେଇ ଦେଲେ । ତାଙ୍କର ମିଠା କଥାରେ ମୋ ମନ ତରଳିଗଲା । ତାଙ୍କୁ ପ୍ରେମପୂର୍ଣ୍ଣ ପତ୍ରାଦି ଲେଖିବାକୁ ମଧ୍ୟ ଆରମ୍ଭ କଲି । କିଛି ଦିନ ପରେ ହାଓଡ଼ାର ବଳଦେଓପଡ଼ାଠାରେ ତାଙ୍କର ମୋର ସାକ୍ଷାତ ହେଲା । ମୋତେ ମନ୍ତ୍ରଦେବା ପୂର୍ବରୁ ସେ ତାଙ୍କ ଶିଷ୍ୟମାନଙ୍କ ପାଖରେ ମୁଁ ତାଙ୍କର ଶିଷ୍ୟ ବୋଲି ପରିଚୟ ଦେଲେ । ଏଥିରେ ମନରେ ଟିକିଏ ସନ୍ଦେହ ହେଲା । ପରଦିନ ସ୍ନାନ ସାରି ଆସିବା ମାତ୍ରେ ସେ ମୋତେ କହିଲେ - "ସାମନାରେ ଟିକିଏ ବସ ତ ।" ତା ପରେ କହିଲେ - ଆଖି ବୁଜ । ତାଙ୍କର ଉଦ୍ଦେଶ୍ୟ କଣ ବୁଝି ପାରିଲି ନାହିଁ, ତଥାପି ଆଖି ବୁଜି ବସିଲି । ସେ ମୋ କାନରେ ଗୋଟିଏ ମନ୍ତ୍ର ଦେଇଦେଲେ ଓକହିଲେ - ତୋର ଦୀକ୍ଷା ହୋଇଗଲା । ସଙ୍ଗେ ସଙ୍ଗେ ମନ ବିଦ୍ରୋହୀ ହୋଇ ଉଠିଲା । ଦୀକ୍ଷା ନେବାକୁ ତ ମୁଁ କହି ନାହିଁ କି ଦୀକ୍ଷା ମୋର ଦରକାର ନାହିଁ ତେବେ ଏ ଉତ୍ପୀଡ଼ନ କାହିଁକି ? ପେର ଭାବିଲି, ହୁଏତ ମୋତେ ଭଲ ପାଇ ସ୍ନେହରେମନ୍ତ୍ର ଦେଇଛନ୍ତି । ହୁଏତ ମୋ ଭଲ ପାଇଁ ଦେଇଥିବେ । ଏହିପରି ଭାବରେ କୌଣସି ମତେ ମନକୁ ପ୍ରବୋଧ ଦେଇ ମନର ବିରୋଧ ସତ୍ତ୍ୱେ ସେହି ମନ୍ତ୍ର ଜପ କରିବାକୁ ଲାଗିଲି । ଏବେ କହ, ସେ ମଧ୍ୟ ଗୁରୁ ହେଲେ କି ନାହିଁ ? ଏହି ସମୟଠାରୁ ମୋର ଦ୍ୱିତୀୟ ସ୍ତବକର ଗୁରୁଗିରି ଆରମ୍ଭ ହେଲା ଓ ତୁମ୍ଭେମାନେ ମୋର

ସେହି ସମୟର ଶିଷ୍ୟ । କିନ୍ତୁ ତୁମ୍ଭମାନଙ୍କୁ ମନ୍ତ୍ର ଦେବାକୁ ଯାଇ ମୁଁ ଦେଖିଲି ଯେ ମୋର ସେ ନୂତନ ଗୁରୁଦେବ ଦେଇଥିବା ମନ୍ତ୍ର ତୁମ୍ଭମାନଙ୍କୁ ଦେବାକୁ ମୁଁ ଅକ୍ଷମ ହୋଇ ପଡୁଛି । ମୋର ସେହି ଆବାଲ୍ୟ-ସାଧନା-ଧନ ଛଡ଼ା ଆଉ କିଛି ଦେବାକୁ ମନରେ କୁଣ୍ଠା ଆସୁଛି, ଅଥଚ ତୁମ୍ଭେମାନେ ଦୀକ୍ଷାର ପ୍ରୟୋଜନୀୟତା ଉପଲବ୍ଧି କରି ମୋ ପାଖକୁ ଆସିଛ । ସେହି ଗୃହୀ ସାଧକ ଦେଇଥିବା ମନ୍ତ୍ରକୁ ମୁଁ ନିଜେ ବର୍ଜନ କଲି ଓ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁ ଜଣେ ଦୁଇଜଣଙ୍କୁ ସେ ମନ୍ତ୍ର ଦେଇଥିଲି, ତାକୁ ବଦଳାଇ ତା ପରିବର୍ତ୍ତେ ଆଉ ଥରେ ଅଖଣ୍ଡ-ମନ୍ତ୍ର ଦେଇ କହିଲି, ଆଗରୁ ଯାହା ଦେଇଥିଲି ସେ ସବୁ ମିଥ୍ୟା, ଅଖଣ୍ଡ-ମନ୍ତ୍ର ହିଁ ମନ୍ତ୍ର, ତା ଛଡ଼ା ଆଉ ସବୁ ନିରର୍ଥକ । ମୋର ଦ୍ରୋହ ଭାବ ଦେଖି ମହାପୁରୁଷ ରୁଷ୍ଟ ହେଲେ । ସେ ଭାବିଲେ- ଆଉ ତାଙ୍କ ଅପେକ୍ଷା ତାଙ୍କର ଅନୁଗତ ଶିଷ୍ୟ ମାନେ ବେଶି ଭାବିଲେ, ମୋତେ ତାଙ୍କର ଶିଷ୍ୟ ବୋଲି ଦାବୀ କରିବା ତାଙ୍କର ଶାଶ୍ୱତ ଅଧିକାର, କିନ୍ତୁ ମୁଁ ଭାବିଲି ତାଙ୍କୁ ମୋର ଗୁରୁ ବୋଲି ପ୍ରଚାର କରିବା ମୋ ପକ୍ଷରେ ଅମାର୍ଜନୀୟ ମିଥ୍ୟାଚାର । ସେ କିପରି ମୋତେ ଉତ୍ପୀଡ଼ିତ କରିଛନ୍ତି, ମୋର ଅଙ୍କୁର-ଜୀବନର କୋମଳ ଚେରଟି ପ୍ରତି ଦୃଷ୍ଟି ନ ଦେଇ ହଠାତ୍ ଗୋଟିଏ ମନ୍ତ୍ର ଦେବାକୁ ଯାଇ ସେ ମୋ ଜୀବନ ତରୁର ନାୟକ ଚେରର କେଉଁଠି କୁଠାରଘାତ କରିଛନ୍ତି, ଯାହା ଫଳରେ ପ୍ରକୃତରେ ଯେ ମୋ ହୃତପିଣ୍ଡରୁ ଅବିରାମ ରକ୍ତକ୍ଷରଣ ହେଉଛି ଓ ମୋତେ ମରଣ ଯନ୍ତ୍ରଣା ଦେଉଛି, ଏ କଥା ସେ ବୁଝିବାକୁ ଅକ୍ଷମ । ଆଉ ଜୀବନର ଅଭିପ୍ସା-ବ୍ରତ ଯାହାଙ୍କ ପାଖରୁ ପାଇ ନାହିଁ, ସଂକୀର୍ତ୍ତନର ହରିଓଁ ମହାସାଧନ ଯାହାଙ୍କ ପାଖରୁ ମିଳିନାହିଁ, ପବିତ୍ର ପ୍ରଣବ ମହାମନ୍ତ୍ର ଯେ ମୋତେ ଦେଇ ନାହାନ୍ତି, ତାଙ୍କୁ ଜୀବନର ଧ୍ରୁବତାରା ବୋଲି କାହିଁକି ଯେ ସ୍ୱୀକାର କରିବାକୁ ହେବ, ମୁଁ ବୁଝିବାକୁ ଅକ୍ଷମ । ଉପକାରୀର ଋଣ, ସ୍ନେହ ଓ ଭଲ ପାଇବାର ଋଣ ମୁଁ ଅନ୍ତରରେ ସ୍ୱୀକାର କରେ ଓ ତାର

ଯଥାଯୋଗ୍ୟ ପ୍ରାପ୍ୟ ଭକ୍ତି ଓ କୃତଜ୍ଞତା ଦେବାକୁ ମୋର ଆଦୌ କୁଣ୍ଠା ନାହିଁ, କୁଣ୍ଠା କେବଳ ତାଠାରୁ ଅଧିକ କିଛି ଦେବାକୁ । କି ଦୋଦୁଲ୍ୟମାନ ଅବସ୍ଥା ! ଭଦ୍ର ମନ କହେ - ଝଗଡ଼ା କରି ଲାଭ କଣ, ଆପୋଷ ମିଳାମିଶା କରିଦେବା ଭଲ । କିନ୍ତୁ, ବିପନ୍ନ, ବିପର୍ଯ୍ୟସ୍ତ, ବିତ୍ରସ୍ତ ମନ ସବୁ ଛାଡ଼ିଛୁଡ଼ି ଦେଇ ପଳାଇ ଯିବାକୁ ଚାହେଁ ଆପୋଷ ମିଳାମିଶା ପ୍ରସ୍ତାବକୁ ସେ ଗ୍ରହଣୀୟ ବୋଲି ଭାବେ ନାହିଁ । ଏହିପରି ଏକ ମହାଦୁଃଖଦାୟକ ଧର୍ମସଂକଟରେ ମୁଁ ପଡ଼ିଲି । ସାନବଡ଼ ଘଟଣା କେତୋଟି ଘଟି ହୃଦୟରେ ଦାବାନଳ ଜଳାଇ ଦେବା ପରି ହେଲା । ଉଭୟ ପକ୍ଷରେ କେତେ ଗୁଡ଼ିଏ ଅତି ଅଶୋଭନୀୟ ଘଟଣା ଘଟିଗଲା । ସବୁ କଥାରେ ଆପୋଷ ମିଳାମିଶା ଚଳେ କିନ୍ତୁ ଅନ୍ତରର ଗୂଢ଼ତମ ସାଧନ ବ୍ୟାପାରରେ ଆପୋଷ ଚଳେ ନାହିଁ । ସେ କ୍ଷେତ୍ରରେ ଆପୋଷମାନେ ଅପମୃତ୍ୟୁ । ଏ କ୍ଷେତ୍ରରେ ଆପୋଷ କରିବା ମାନେ ଶୈଶବର ସେହି ଗାୟତ୍ରୀ ଜପଠାରୁ ଆରମ୍ଭ କରି ଉଦ୍‌ଭିନ୍ନ ଯୌବନର ସମସ୍ତ ପ୍ରାପ୍ତିକୁ ଅସ୍ୱୀକାର କରିବା, ଏ କ୍ଷେତ୍ରରେ ଆପୋଷ କରିବାମାନେ ନିଜକୁ ନିଜେ ପ୍ରବଞ୍ଚନା କରିବା । ମୁଁ ତାଙ୍କ ଠାରୁ ଦୀକ୍ଷା ନେବାକୁ ଇଚ୍ଛୁକ ଭାବି ସେ ମୋତେ ମନ୍ତ୍ର ଦେଇଥିଲେ କିନ୍ତୁ ମୁଁ ବୁଝିଲି ସେ ମୋର ମନର କୋମଳ ଭାବର ସୁଯୋଗ ନେଇ ଅନିଚ୍ଛୁକ ଅବସ୍ଥାରେ ହଠାତ୍ ଦୀକ୍ଷା ଦେଇଦେଲେ । ଏହି କଥା ଯୋଗୁଁ ଭୀଷଣ ମନୋମାଳିନ୍ୟ ସୃଷ୍ଟି ହେଲା । ମନ୍ତ୍ର ପାଇବା ପରେ ତାଙ୍କୁ ସେବା ଅର୍ପଣ କରିବା ପାଇଁ ମୁଁ ଖୁବ୍ ଚେଷ୍ଟା କରିଛି ଓ ମନଟି ଯେପରି ତହିଁରେ ଲାଗେ ସେଥିପାଇଁ ମନ୍ତ୍ରଦାତାଙ୍କ ସହିତ ହୃଦ୍ୟତାର ଉଚ୍ଛ୍ୱାସ ସୃଷ୍ଟି କରିବା ପାଇଁ ବି ବହୁ ଚେଷ୍ଟା କରିଛି । କିନ୍ତୁ ଯେତେ ଚେଷ୍ଟା କଲେ ବି ଅଶାନ୍ତିର ଦାବାନଳରେ ପ୍ରାଣର ଦାହ ଆଉ କୌଣସିମତେ ଉପଶମିତ ନ ହୁଏ । ତାଙ୍କର ସ୍ନେହପରାୟଣଚିତ୍ତ କଥା ଭାବି ତାଙ୍କୁ ମହାସମାରୋହରେ ଅନ୍ତରରେ ପ୍ରତିଷ୍ଠା କରିବାକୁ

ଚେଷ୍ଟା କଲାକ୍ଷଣି ଭିତରୁ ବିକ୍ଷୋଭ ରୂପକ ଅଗ୍ନ୍ୟୁତ୍ପାତ ଚତୁର୍ଦ୍ଦିଗରେ ଲାଭାସ୍ରୋତ ପ୍ରବାହିତ କରି ମୋତେ ଗନ୍ଧକ ଧୂଆଁରେ ଅସ୍ଥିର କରି ପକାଏ ଓ ଦହନ ଜ୍ୱାଳାରେ ଅଧୀର କରେ । ସେ ଦେଇଥିବା ମନ୍ତ୍ର ମୁଁ ଅତୀତରେ କେବେ ଜପି ନଥିଲି । ତେଣୁ ତାହା ଅନାବଶ୍ୟକ ବୋଲି ମନେ କରିପାରୁ ନଥାଏ । ଲକ୍ଷେ ଥର ଆଲ୍ଲା ଜପିଛି, ଲକ୍ଷେ ଥର ଗଡ୍ ଜପିଛି, କାଳୀ, ଶିବ, ଦୁର୍ଗା, ଗଣେଶ କିଛି ବାଦ୍ ଯାଇନାହିଁ । ତନ୍ତ୍ରସାର ଦେଖି ଅନେକ ବୀଜମନ୍ତ୍ର ଜପିଛି କିନ୍ତୁ ନୂଆ ପାଇଥିବା ଏ ମନ୍ତ୍ରଟି କେବେ ଜପି ନାହିଁ । ତେଣୁ ଏହାର ଆବଶ୍ୟକତା ଏକାବେଳେକେ ଅସ୍ୱୀକାର କରି ପାରୁ ନ ଥାଏ । କିନ୍ତୁ ଜୀବନର ଅତୀତ ଅଭିଜ୍ଞତା ଭବିଷ୍ୟତର ସ୍ୱପ୍ନ, ସଂସାର ସମ୍ପର୍କରେ ନିଜ କଳ୍ପନାର ଭାବି ମାନଚିତ୍ର ଏଥି ଭିତରୁ କୌଣସିଟି ସଙ୍ଗେ ଯେ ମନ୍ତ୍ରର ମିଳନ ସମ୍ଭବପର ହେଉ ନଥାଏ । ଜୋର କରି ମନକୁ ଯେତେ ନତ କରିବାକୁ ଚାହେଁ ମନ ସେତିକି ମୁଣ୍ଡ ଟେକି ପ୍ରତିବାଦ କରି ବସେ । ମୋର ପିତୃଦେବଙ୍କର ଗୋଟିଏ ଗୀତ ହେଉଛି "କେ ଆମାୟ ପରିୟେ ଦିଲ ପ୍ରୀତିର ଏମନ କଣ୍ଠମାଲା, ଏ ଯେ, ରାଖତେ ନାରୀ, ବଲ୍‌ଗୋ ଏକି ହଲ ଜ୍ୱାଲା" । ମୋର ଅବସ୍ଥା ଠିକ୍ ସେହିପରି ହେଲା । ସ୍ନେହ, ଋଣ, କୌଣସି ଗୋଟିକୁ ହେଲେ ମୁଁ ଅସ୍ୱୀକାର କରିପାରୁନଥାଏ । ଦେବ-ଦାନବ ସଂଗ୍ରାମରେ ପ୍ରାଣ ମୋର କ୍ଷତବିକ୍ଷତ ହେବାକୁ ଲାଗିଲା । ଏ ବିପଦରୁ କଣ ଆଉ ଉଦ୍ଧାର ମିଳିବ ନାହିଁ ? କୁଆଡ଼େ ଯିବି, କ'ଣ କରିବି, କାହା ପାଖକୁ ଗଲେ ଏହି ଅବାଞ୍ଛିତ ଦୀକ୍ଷାରୂପୀ ରାକ୍ଷସୀ କବଳରୁ ରକ୍ଷା ପାଇବି ? କାନ୍ଦି କାନ୍ଦି ଆଖି ଲୁହରେ ଛାତି ଭସାଉଥାଏ - ହେ ପରମେଶ୍ୱର ମୋତେ ରକ୍ଷା କର । ମହାପୁରୁଷ ବୋଲି ସଂସାରରେ ପରିଚିତ ହେବାକୁ ମୁଁ ଚାହେଁ ନାହିଁ । ଶିଷ୍ୟ ଲୋଭାତୁର ହୋଇ ମୁଁ କପଟ ଗୁରୁ ସାଜି ବହୁ ଲୋକଙ୍କୁ ଶିଷ୍ୟ କରି ଖାଲି ନିଜକୁ ନିଜେ ଠକିଛି । ହେ ପରମାତ୍ମା, ତୁମେ ମୋତେ ରକ୍ଷା

କର । ତୁମେ ମୋତେ ମୁକ୍ତିର ବାଟ ଦେଖାଇ ଦିଅ । ପାଶବିକ ବଳରେ ବଳାତ୍କୃତା ନାରୀ ଯେପରି ଆର୍ତ୍ତନାଦ କରେ, ମୋ ଅନ୍ତରରେ ସେହିଭଳି ଚିତ୍କାର, ସେହିଭଳି ହାହାକାର ଚାଲିଥାଏ । ରେଳରେ ବସେ, ଖାଲି କାନ୍ଦେ । ବାଟ ଚାଲେ, ଖାଲି କାନ୍ଦେ । ନିର୍ଜନରେ ବସେ ତ କେବଳ କାନ୍ଦେ । ମୁଁ କଣ କରିବି ? ଏ ସୂର୍ଯ୍ୟଗ୍ରହଣର କଣ ରାହୁ ମୁକ୍ତି ନାହିଁ ? ଯେଉଁ ଦୀକ୍ଷା ଲାଭ ମୋ ଜୀବନରେ ନିଷ୍ପ୍ରୟୋଜନ ବୋଲି ମୁଁ ମନେ କରି ଆସିଛି, ତାହା ଏପରି ଅଯାଚିତ ଭାବରେ ଆସି ମୋତେ ଅଶାନ୍ତିରେ ଦଗ୍ଧ କରିବ ବୋଲି କିଏ ଅବା ଆଗରୁ ଜାଣିଥିଲା ? ହଠାତ୍ ଭଗବାନ ମାତୃମୂର୍ତ୍ତି ରୂପରେ ମୋ ଅନ୍ତରକୁ ସ୍ନିଗଧତାମଣ୍ଡିତ କରି ଫୁଟି ଉଠିଲେ । ସଙ୍ଗେ ସଙ୍ଗେ ଟ୍ରେନ ଧରି ଯେଉଁ ଗୃହ ପରିତ୍ୟାଗ କରି ଚାଲି ଆସିଥିଲି ସେହି ଗୃହ ଅଭିମୁଖେ ଚାଲିଲି । ଗର୍ଭଧାରିଣୀ ଜନନୀର ପାଦତଳେ ପଡ଼ି କାନ୍ଦି କାନ୍ଦି କହିଲି - ମା, ମୋତେ ଏ ଦୀକ୍ଷା-ସଂକଟରୁ ରକ୍ଷାକର । ମା ହସି ହସି କହିଲେ - ତୁ ତ ମୋର ଚିର-ମାତୃଭକ୍ତ ସନ୍ତାନ । ତୁ କିଛି ଚିନ୍ତା କର ନା, ମୁଁ ତୋ ମନରୁ କଣ୍ଟା କାଢ଼ି ଦେବି । ସେ ମୋତେ ଦକ୍ଷିଣେଶ୍ୱର ନେଇଗଲେ । ମୁଁ ଗଙ୍ଗାକୂଳରେ ଛିଡ଼ାହୋଇ ଏକ ଗଣ୍ଡୂଷଜଳ ହାତରେ ଧରି ମହାପୁରୁଷ ଦେଇଥିବା ସେହି ଅସହ୍ୟ ମନ୍ତ୍ର ବହୁବାର ଜପକରି ଜାହ୍ନବୀ ଜଳରେ ଚିରକାଳ ପାଇଁ ବିସର୍ଜନ କରିଦେଲି ଯେପରି ତାହା ସ୍ୱପ୍ନରେ ସୁଦ୍ଧା ମୋତେ ଉତ୍ପୀଡ଼ନ ନ କରେ । ତା ପରେ ମା ମୋତେ ମୋର ପ୍ରାଣର ଆରାଧ୍ୟ ଅଖଣ୍ଡ ମହାମନ୍ତ୍ର ଦେଲେ । ତା ଫଳରେ ପ୍ରାଣରେ ମୋର କିଂଚିତ ଶାନ୍ତି ଫେରି ଆସିଲା । ତାହାହେଲେ କହ, ମା ମୋର ଗୁରୁ ହେଲେ ନା ନାହିଁ ? ଏହିପରି ଭାବରେ ମନ ମୋରଅନେକ ପରିମାଣରେ ଶାନ୍ତ ହୋଇ ଆସୁଥିବା ବେଳେ ଦଶନାମୀ ସନ୍ନ୍ୟାସୀ ସମ୍ରାଟ ଓ ପ୍ରଣବ ମନ୍ତ୍ରର ସିଦ୍ଧସାଧକ ମହାମଣ୍ଡଳେଶ୍ୱର ଜୟେନ୍ଦ୍ର ଗିରିଙ୍କର ଚରଣ ଦର୍ଶନ କରିବା ଲାଗି ପ୍ରେରଣା ମିଳିଲା । ବହୁ ଅନ୍ୱେଷଣ

ପରେ ହରିଦ୍ୱାରରେ ତାଙ୍କର ଦେବ ଦୁର୍ଲଭ ଦର୍ଶନ ଲାଭ ହେଲା । ସେ ପୁନର୍ବାର ମୋତେ ସେହି ପ୍ରଣବ ମନ୍ତ୍ର ହିଁ ଶୁଣାଇଲେ । ପୂର୍ବ ମନ୍ତ୍ରଦାତାଙ୍କ ପ୍ରତି ମନରେ ଯେଉଁ ବିଦ୍ୱେଷ, ଶତ୍ରୁଭାବ ଓ ଆକ୍ରୋଶ ଆସିଥିଲା ତାହା ସେତେବେଳେ ଏକାବେଳକେ ଦୂର ହୋଇଗଲା । ଅନ୍ତରର ଦ୍ୱିଧା, ଦ୍ୱନ୍ଦ୍ୱ, ଉଦ୍‌ବେଗ ସବୁ ଦୂର ହେଲା, ପ୍ରାଣରେ ଶାନ୍ତି ଫେରି ଆସିଲା । ମୋର ଗୁରୁଗିରିର ତୃତୀୟ ପର୍ବ ଆରମ୍ଭ ହେଲା । ଏଣିକି ଲକ୍ଷ୍ୟ ଏକମାତ୍ର ଓଁକାର - ସମ୍ମୁଖରେ, ପଶ୍ଚାତରେ, ଦକ୍ଷିଣରେ, ବାମରେ, ଉର୍ଦ୍ଧ୍ୱରେ, ଅଧୋଦେଶରେ, ଦେହରେ, ମନରେ, ପ୍ରାଣରେ, ଆତ୍ମାରେ, ଭାଷଣରେ, ଗୀତରେ, ଜୀବନର ଇତିକ୍ରମରେ ଏପରିକି ସ୍ୱପ୍ନର ବିଳାସରେ, ସର୍ବତ୍ର ସର୍ବଦା ଏକମାତ୍ର ଓଁକାର, ଦ୍ୱୀଧାହୀନ, ଦ୍ୱନ୍ଦ୍ୱହୀନ, ଏକମାତ୍ର ଓଁକାର । ଏବେ କହ ତ ଦେଖି, ସେ ମୋର ଗୁରୁ ହେଲେ ନା ନାହିଁ ?

ଦୀକ୍ଷା ଦରକାର ନଥିଲା

ସେତେବେଳେ ଦୀକ୍ଷା ମୋର ଆଦୌ ଦରକାର ନ ଥିଲା, ଦରକାର ଥିଲା କେବଳ ସତ୍‌ସଙ୍ଗ, ସଦୁପଦେଶ, ସତ୍‌ଉତ୍ସାହ ଓ ସତ୍‌ପ୍ରେରଣା, ମନ୍ତ୍ରଦୀକ୍ଷା ନୁହେଁ । ତଥାପି କେଜାଣି କିପରି ଗୋଟାଏ ଦୀକ୍ଷା ହୋଇଗଲା ଓ ତାପରେ ପରେ ତିନିଟା ଦୀକ୍ଷା ଦ୍ୱାରା ଯାଇ ଭ୍ରମପ୍ରମାଦର ସଂଶୋଧନ ହେଲା । ଯାହାର ଦୀକ୍ଷା ଜୀବନର ଇତିହାସ ଏପରି ବିଚିତ୍ର ଓ ଦୁଃଖମୟ ତା'ର ପୁଣି ଗୁରୁ-ପରମ୍ପରା ଲୋଡ଼ା କାହିଁକି ? ବ୍ରହ୍ମାଣ୍ଡର ସବୁ ପ୍ରାଣୀ କଣ ନିର୍ଦ୍ଦିଷ୍ଟ ଏକ ଧରାବନ୍ଧା ଗଣ୍ଡି ଭିତରେ ଗତାନୁଗତିକ ଭାବରେ ପରିଚାଳିତ ହେବାକୁ ବାଧ୍ୟ ? ଏହି ଗତାନୁଗତିକତା ଶୃଙ୍ଖଳ ଛେଦନ କରିବା କ୍ଷମତା କ'ଣ ବ୍ରହ୍ମାଣ୍ଡପତିଙ୍କର ନାହିଁ ?

ଦୀକ୍ଷାର ଲକ୍ଷ୍ୟ

ମୋ ନିଜ ଜୀବନରେ ଏହି ଦାରୁଣ ଦୁଃଖ ଭୋଗ ମୋତେ ତୁମମାନଙ୍କ ସମ୍ପର୍କରେ ଭାରି ହୁସିଆର କରିଦେଇଛି । ତୁମ୍ଭେମାନେ ଦୀକ୍ଷାର୍ଥୀ ହୋଇ ଆସିଲେ ଆଗ ଭଳି ମୁଁ ଏବେ ଆଉ ଉଲ୍ଲସିତ ହୁଏ ନାହିଁ । ଏହି କାରଣରୁ ମୁଁ ତୁମ୍ଭମାନଙ୍କୁ ପଚାରେ, ମୋତେ ପରୀକ୍ଷା କରି ତୁମ୍ଭେମାନେ ନିଃସଂଶୟ ହୋଇଛ ତ ? ଯେତ-ତେନ-ପ୍ରକାରେଣ କାନ ଭିତରେ ମହାମନ୍ତ୍ର ଢାଳି ଦେବାକୁ ମୋର ରୁଚି ହୁଏ ନାହିଁ । ଏହି କାରଣରୁ ମୁଁ ତୁମ୍ଭମାନଙ୍କୁ ଜଣ ଜଣ କରି ପଚାରେ, ପୁରୁଷ ହୋଇଥିଲେ ପିତାମାତାଙ୍କର ଓ ନାରୀ ହୋଇଥିଲେ ସ୍ୱାମୀ ବା ଅଭିଭାବକଙ୍କର ଅନୁମତି ନେଇ ଆସିଛ କି ନାହିଁ । ଏହି କାରଣରୁ ଦୀକ୍ଷାଦାନ ପରେ ମୁଁ ତୁମ୍ଭମାନଙ୍କୁ ଜଣ ଜଣ କରି କହି ଦେବାକୁ କଦାପି ଭୁଲେ ନାହିଁ ଯେ ଦୀକ୍ଷିତ ହେବାମାତ୍ରେ ଅନ୍ୟାନ୍ୟ ଗୁରୁଙ୍କ ଶିଷ୍ୟମାନେ ଯେପରି ନିଜର ଗୁରୁ-ଭାଇ ଓ ଗୁରୁ-ଭଗ୍ନୀଙ୍କର ସଂଖ୍ୟା ବଢ଼ାଇବା ଲାଗି ଦିଗ୍-ବିଦିଗ ଜ୍ଞାନଶୂନ୍ୟ ହୋଇ ଲାଗି ପଡ଼ନ୍ତି, ତୁମ୍ଭେମାନେ ସେପରି କରିବ ନାହିଁ । ତୁମ୍ଭେମାନେ ଦଳ ବଢ଼ାଇବାକୁ ଚେଷ୍ଟା କରିବ ନାହିଁ, ଏକଥା ମୁଁ ସ୍ପଷ୍ଟ ଭାବରେ କହି ଦେଇଥାଏ । ସାରା ସଂସାର ବରଂ ଅଦୀକ୍ଷିତ ରହୁ, ତଥାପି ଦୀକ୍ଷା ନେବା ପରେ ମୋ ପରି ଆଉ କେହି ଯେପରି ଦ୍ୱିଧା, କୁଣ୍ଠା, ଦ୍ରୋହ ଓ ଅଶାନ୍ତିରେ ଦଗ୍ଧ ନ ହୁଏ ଓ ଅନ୍ତର୍ଦାହରେ ଛଟପଟ ନ ହୁଏ, ସେ ବିଷୟରେ ମୁଁ ଭାରି ସାବଧାନ । ଦୀକ୍ଷାର ଲକ୍ଷ୍ୟ ଶାନ୍ତି ଓ ନିଷ୍ଠା । ସେ ଶାନ୍ତି ଓ ନିଷ୍ଠା ସମସ୍ତେ ଯେପରି ପାଆନ୍ତି ସେ ବିୟଷରେ ମୁଁ ଭାରି ହୁସିଆର ।

ଗୁରୁ-ପରମ୍ପରାର ତାତ୍ପର୍ଯ୍ୟ

ଗୁର-ପରମ୍ପରାର ବିଶେଷ ଏକ ତାତ୍ପର୍ଯ୍ୟ ଅଛି । ତାହା ହେଉଛି, Continuity of the same ideal - ଗୋଟିଏ ଧାରା ଓ ଆଦର୍ଶର କ୍ରମାନୁବର୍ତ୍ତନ । ତେଣୁ ତୁମ୍ଭମାନଙ୍କର ଗୁରୁ-ପରମ୍ପରାର ପରିଚୟ ହେବ, ପରମବ୍ରହ୍ମ-ଅଖଣ୍ଡ ନାମ-ସ୍ୱରୂପାନନ୍ଦ । ପରମବ୍ରହ୍ମରୁ ଅଖଣ୍ଡନାମର ପ୍ରକାଶ, ଅଖଣ୍ଡ-ନାମର ଆଶ୍ରୟରେ ସ୍ୱରୂପାନନ୍ଦର ବିକାଶ । ତୁମ୍ଭେମାନେ ଆଉ କୌଣସି ଗୁରୁ-ପରମ୍ପରାକୁ ସ୍ୱୀକାର କରିବ ନାହିଁ । କାରଣ ତାହା କରିବାକୁ ଗଲେ ତୁମ୍ଭମାନଙ୍କର ଆଦର୍ଶ ଭିତରେ ମସ୍ତବଡ଼ ଏକ ଓଲଟ ପାଲଟ ହୋଇଯିବ ଓ ତା ଫଳରେ ଏକମାତ୍ର ପ୍ରଣବ ମନ୍ତ୍ରକୁ ପରମ ଉପାସ୍ୟ ଜାଣି ସବୁ ମତ ଓ ସବୁ ପଥର ସବୁ ସାଧକଙ୍କର ଏକତ୍ର ମିଳନ ଲାଗି ତୁମ୍ଭେମାନେ ଯେଉଁ ପବିତ୍ର ମଞ୍ଚ ଧୀରେ ଧୀରେ ଗଢ଼ି ଚାଲିଛ, ଚାହୁଁ ଚାହୁଁ ତାହା ଧ୍ୱଂସପ୍ରାପ୍ତ ହେବ । ଖାଲି ସମଗ୍ର ଭାରତ ବର୍ଷ ନୁହେଁ ବା ସମଗ୍ର ଏସିଆ ନୁହେଁ, ସମଗ୍ର ବିଶ୍ୱର ଭିନ୍ନ ଭିନ୍ନ ପନ୍ଥୀମାନଙ୍କୁ ତୁମ୍ଭେମାନେ ଯେପରି ଅଖଣ୍ଡ-ତତ୍ତ୍ୱ ଭିତ୍ତିରେ ଏକତ୍ରିତ କରିପାର ସେଇଥିପାଇଁ ତ ତୁମ୍ଭମାନଙ୍କର ସମବେତ ଉପାସନାରେ ମୋର ପ୍ରତିଚିତ୍ର ସୁଦ୍ଧା ବର୍ଜ୍ଜ କରିବାକୁ ମୁଁ ନିର୍ଦ୍ଦେଶ ଦେଇଛି । ଆଉ ଯଦିବା ପ୍ରତିଚିତ୍ର ସେଠାରେ ବ୍ୟବହୃତ ହଏ ତେବେ ତାର ବ୍ୟବହାରର କ୍ଷେତ୍ର ମଧ୍ୟ ଅତି ସୀମାବଦ୍ଧ । ନୂତନ ସମ୍ପ୍ରଦାୟ ସୃଷ୍ଟି କରିବାର କୃତିତ୍ୱ ଦାବୀ ତୁମ୍ଭମାନଙ୍କ ପାଇଁ ନୁହେଁ, ସବୁ ସମ୍ପ୍ରଦାୟକୁ ଗୋଟିଏ ସ୍ଥାନରେ ଆଣି ସମ୍ମିଳିତ କରିବାର କୃତିତ୍ୱ ଦାବୀ ତୁମ୍ଭେମାନେ ଯେପରି କରିପାର ସେଇଥିପାଇଁ ତୁମ୍ଭମାନଙ୍କର ଗୁରୁ-ପରମ୍ପରା-ପରିଚୟ ହେଉଛି, ପରଂବ୍ରହ୍ମ-ଅଖଣ୍ଡ ନାମ-ସ୍ୱରୂପାନନ୍ଦ । ଆଉ କୌଣସି ଗୁରୁ-ପରମ୍ପରା ତୁମ୍ଭେମାନେ ସ୍ୱୀକାର କରି ନ ପାର କାରଣ ତାହା କରିବାକୁ ଗଲେ

ତୁମ୍ଭେମାନେ ନାନା ବିଷୟରେ ନାନା ଆପୋଷ ମିଳାମିଶା କରିବାକୁ ବାଧ୍ଯ ହେବ, ଯାହା ଫଳରେ ତୁମର ସାମଗ୍ରିକ ଆଦର୍ଶ ଖଣ୍ଡ ବିଖଣ୍ଡ ହୋଇ ନଷ୍ଟ ହୋଇଯିବ । କୌଣସି ପ୍ରକାର ସୁବିଧା ଲାଭ ଆଶାରେ ତୁମ୍ଭେମାନେ ଯେପରି ଆପୋଷ ମିଳାମିଶା ବାଟରେ ପାଦ ନ ଦିଅ । ସାମୂହିକ ହିତ ଲାଗି ତୁମର ସାଧନା, ସମଗ୍ରର ବିକାଶ ଲାଗି ତୁମର ତ୍ୟାଗ ଏବଂ ତୁମର ମନ୍ତ୍ର ସମଗ୍ରର ମନ୍ତ୍ର । ତାର ନିଷ୍କଳୁଷତା ବଜାୟ ରହିବା ଦରକାର, ମୋର କୌଣସି ଜିଦ୍ ବଜାୟ ରଖିବା ପାଇଁ ନୁହେଁ । ସମଗ୍ର ଭାରତର ପ୍ରାଚୀନ ସାଧନାର ଅସ୍ତିତ୍ୱ ରକ୍ଷା ଲାଗି ଏହା ଦରକାର । କରାଳମୃତ୍ୟୁ ବିରାଟମୁଖ ବ୍ୟାଦାନ କରି ଆର୍ଯ୍ୟ ସାଧନକୁ ଚତୁର୍ଦ୍ଦିଗରୁ ଗ୍ରାସ କରିବା ଲାଗି ଧାବମାନ । କାର୍ଯ୍ୟତଃ ତାକୁ ପ୍ରତିରୋଧ କରି ନିଖିଳ ବିଶ୍ୱକୁ ଅମୃତର ଆସ୍ୱାଦନ ଦେବା ଲାଗି ତୁମ୍ଭମାନଙ୍କର ସୃଷ୍ଟି, ଯେଉଁ ଅମୃତ ଜଣେ ଆସ୍ୱାଦନ କରିବାକୁ ଗଲେ ନିଖିଳ ବିଶ୍ୱକୁ ତହିଁରୁ ଭାଗ ଦେଇ ଅସ୍ୱାଦନ କରିବାକୁ ହୁଏ ଓ ଯେଉଁ ଅମୃତ ବିତରଣ କଲାବେଳେ ଅସୁର ବୋଲି କାହାକୁ ବଞ୍ଚନା କରିବା ଚଳେ ନାହିଁ । ବିରାଟ ଏକ ଐତିହାସିକ ପ୍ରୟୋଜନ ଲାଗି ତୁମ୍ଭମାନଙ୍କର ସୃଷ୍ଟି, ବ୍ୟକ୍ତିବିଶେଷର ମୁକ୍ତି ଟିକକ ପାଇଁ ନୁହେଁ । ସମଷ୍ଟିର ଏକ ବିରାଟ ବିଶ୍ୱରୂପ ଧାରଣର ଆବଶ୍ୟକତାରୁ ତୁମ୍ଭମାନଙ୍କର ସୃଷ୍ଟି, ବ୍ୟଷ୍ଟିର ବ୍ୟକ୍ତିଗତ ତତ୍ତ୍ୱୋପଲବ୍ଧି ବା ରସ ଆସ୍ୱାଦନ ଚାହିଦାରୁ ନୁହେଁ । ତୁମ୍ଭମାନଙ୍କର ପ୍ରୟୋଜନ ବୃହତ । ତେଣୁ ତୁମ୍ଭମାନଙ୍କର ଗୁରୁ-ପରମ୍ପରା ପରଂବ୍ରହ୍ମ ଠାରୁ ଆରମ୍ଭ, ତେଣୁ ତୁମ୍ଭମାନଙ୍କ ଗୁରୁ ପରମ୍ପରା ଅଖଣ୍ଡ- ନାମ ଦେଇ ବିକାଶ ।

(ଚୈତ୍ର ୧୭ ୧୩୪୦)

ସିଦ୍ଧପୁରୁଷ ଓ ଦୀକ୍ଷା

ଦୀକ୍ଷା ଦେବା ନ ଦେବା ଉପରେ କାହାର ସିଦ୍ଧତ୍ୱ ନିର୍ଭର କରେ ନାହିଁ, ନିର୍ଭର କରେ ଅଜ୍ଞାତସାରରେ ତାର ଉପକାର କରିବା ଶକ୍ତି ଉପରେ । ଯାହାଙ୍କ ସଂସ୍ପର୍ଶରେ ଆସିଲେ ତୁମେ ତୁମ ଅଜ୍ଞାତ-ସାରରେ ସତ୍ୟ ପ୍ରତି, ପବିତ୍ରତା ପ୍ରତି ଓ କଲ୍ୟାଣ ପ୍ରତି ଆକୃଷ୍ଟ ହେବ, ସେ ସିଦ୍ଧପୁରୁଷ । ଯାହାଙ୍କ ପ୍ରାଣର ଶୁଭ ଇଚ୍ଛା, ତୁମକୁ ନବଜୀବନର ଦାନ କରିବ, ସେ ମହାପୁରଷ । ଦୀକ୍ଷାଦାନ ଗୋଟାଏ ଅତି ବାହ୍ୟ ବ୍ୟାପାର ମାତ୍ର । ଯାହାଙ୍କର କୃପା ଅନ୍ତର୍ଭେଦ କରେ, ସେ ସିଦ୍ଧପୁରୁଷ । କାହାର କୃପା ଦୀକ୍ଷା ମାଧ୍ୟମରେ ଅନ୍ତର୍ଭେଦ କରେ, କାହାର ଅବା ବିନା ଦୀକ୍ଷାରେ ହିଁ ଅନ୍ତର୍ଭେଦ କରେ ।

(ଭାଦ୍ର ୧୯, ୧୩୩୪)

ଦୀକ୍ଷା, ଗୁରୁ ଓ ଦୀକ୍ଷା ବଜାର

ତୁମେ ଦୀକ୍ଷା ଲାଭ ଲାଗି ବ୍ୟାକୁଳ ହୋଇଛ ଦେଖି ମୁଁ ଆନନ୍ଦିତ ହେଲି । ଅଧିକାଂଶ ସାଧକଙ୍କ ପକ୍ଷରେ ଭଗବାନଙ୍କୁ ପାଇବା ଲାଗି ଦୀକ୍ଷା ଲାଭ ଏକ ଅତ୍ୟାବଶ୍ୟକ ବ୍ୟାପାର । ସେହି କାରଣରୁ ହିଁ ଭାରତର ପ୍ରାୟ ସବୁ ଧର୍ମଗୁରୁମାନେ ଦୀକ୍ଷାର ମହିମା କୀର୍ତ୍ତନ କରିଛନ୍ତି ଏବଂ ଉଲ୍ଲେଖଯୋଗ୍ୟ ସାଧକମାନଙ୍କର ଦୀକ୍ଷାଲାଭ ହେବା ପରେ କିପରି ଭଗବତ୍ ଲାଭ ହୋଇଥିଲା ତାର ବିସ୍ତାରିତ ବର୍ଣ୍ଣନା ପ୍ରାୟ ସବୁ ମତାବଲମ୍ବୀ ସାଧକମାନଙ୍କର ପୁରାଣ କଥାରେ ଦେଖିବାକୁ ମିଳେ । ସେମାନେ ଯେଉଁ ଉଦ୍ଦେଶ୍ୟରେ ଯାହା କହି ଯାଇଛନ୍ତି ତା ସହିତ ମୋ ମତାମତର ବିଶେଷ କୌଣସି ବିରୋଧ ନାହିଁ ।

କିନ୍ତୁ ମୁଁ ଅଧିକା ଗୋଟାଏ କଥା ତୁମକୁ କହିବାକୁ ଚାହେଁ ଯେ ଦୀକ୍ଷା ନ ନେଇ ମଧ୍ୟ ତୁମେ ଯଦି ଏକନିଷ୍ଠ ଯତ୍ନ ସହକାରେ ଭବାନଙ୍କୁ ଏକ ନିୟମରେ ଏକ ରୀତିରେ ଓ ଏକାଗ୍ର ଅଧ୍ୟବସାୟ ସହକାରେ ବର୍ଷ ପରେ ବର୍ଷ, ଯୁଗ ପରେ ଯୁଗ ଡାକିଯାଅ, ତାହାହେଲେ ତୁମେ ଦୀକ୍ଷା ପାଇ ନାହଁ ବା ନେଇ ନାହଁ ବୋଲି ଭଗବାନ ତୁମକୁ ଉପେକ୍ଷା କରିବେ ନାହିଁ । ତୁମକୁ ଉଦ୍ଧାର କରିବା, ତୁମକୁ ଦର୍ଶନ ଦେବା, ତାଙ୍କର ସ୍ନେହମୟ କୋଳରେ ତୁମକୁ ତୋଳି ନେଇ ତୁମକୁ ବିଗତ-ମୋହ କରିବା ତାଙ୍କ ନିଜର ଏକ ବିରାଟ ପ୍ରୟୋଜନ ଏବଂ ସେହି ପ୍ରୟୋଜନର ତାଗିଦାରେ ତ ସେ ପିଲାଖେଳ ପରି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରି ବସିଲେ । ତେଣୁ ଦୀକ୍ଷା ନେବା ଉପରେ ଏତେ ବେଶି ଗୁରୁତ୍ୱ ଆରୋପ ନ କରି ବରଂ ତାଙ୍କୁ ଡାକିବା ଉପରେ ସବୁତକ ଗୁରୁତ୍ୱ ଆରୋପ କର । ତାଙ୍କୁ ଡାକିବାଟାକୁ ହିଁ ପ୍ରଧାନ ବୋଲି ଜାଣ । ତାଙ୍କୁ ଡାକିବା ନ ଡାକିବା ଉପରେ ସବୁ ନିର୍ଭର କରୁଛି, ଏ କଥା ଜାଣି, ଦୀକ୍ଷା ପାଇ ନଥିବାରୁ ମନରେ ଯେଉଁ ଅବସାଦ ଆସିଛି ତାହା ଦୂରକର ।

ଆଉ ଗୋଟିଏ ବିଷୟରେ ମୁଁ ତୁମକୁ ଖୋଲାଖୋଲି ଭାବରେ କିଛି କହିବାକୁ ଚାହେଁ ତୁମକୁ ଯେ ମୋରି ପାଖରୁ ଦୀକ୍ଷା ନେବାକୁ ହେବ, ତାର କିଛି ମାନେ ନାହିଁ । ମୋ ଅପେକ୍ଷା ଯୋଗ୍ୟତର, ଉନ୍ନତତର ଓ ମହତ୍ତର ବ୍ୟକ୍ତିଙ୍କର ସାକ୍ଷାତ ଲାଭ ତୁମ ପକ୍ଷରେ ସମ୍ଭବ କି ନା ତାହା ଦେଖ ଓ ସେଥିପାଇଁ ଯେତେ ସମୟ ଅପେକ୍ଷା କରିବା ବା ପର୍ଯ୍ୟଟନ କରିବା ସଙ୍ଗତ ତାହା କର । ଯାହାକୁ ପାଖରେ ପାଇଲ ତାରି ପାଖରୁ ଗୋଟାଏ ଦୀକ୍ଷା ନେଇ ବସିଲ, ଯାହାଙ୍କ କଥା ଲୋକମୁଖରେ ଖୁବ୍ ଶୁଣିଲ, ଦୀକ୍ଷାପାଇଁ ତାଙ୍କରି ପଛେ ପଛେ ବୁଲିଲ, ଏହା ଏକ ମାରାତ୍ମକ ସୌଖିନତା । ସଂସାରରେ ଅନେକ ଲୋକ

ଏହି ସୌଖିନତା ପାଇଁ ମାସୁଲ ଗଣି ଗଣି ନୟାନ୍ତ ହୋଇଛନ୍ତି । ମୁଁ ତୁମକୁ ଭଲ ଲାଗିଲି ବୋଲି ଯେ ମୁଁ ତୁମର ଗୁରୁ ହେବାକୁ ଯୋଗ୍ୟ, ଏ କଥା ତୁମକୁ କିଏ କହିଲା ? ମୋର ମୁହଁର କଥା ବଡ଼ ମଧୁର ଖାସ ଏଇଥି ପାଇଁ ତୁମେ ଆସି ମୋର ଶିଷ୍ୟ ହେବ, ଏଇଟା କେଉଁ ସଦ୍‌ଯୁକ୍ତି ? ବିବାହ କରିବା ପୂର୍ବରୁ ଯେପରି ମନୁଷ୍ୟ ପାତ୍ର ବା ପାତ୍ରୀକୁ ବହୁବାର ବୁଝିବାକୁ ଚେଷ୍ଟା କରେ ଏବଂ ଦୈବାତ୍ ଭୁଲ ସମ୍ପର୍କ ସ୍ଥାପିତ ହୋଇଗଲେ ସାରା ଜୀବନ ଅନୁତାପ ଅନଳରେ ସନ୍ତୁଳି ହେବାକୁ ପଡ଼ିବ ବୋଲି ଜାଣି ଯେତେଦୂର ସମ୍ଭବ ସତର୍କ ହୁଏ, ଦୀକ୍ଷା ବ୍ୟାପାରରେ ସେହିପରି ବା ତାଠାରୁ ଶତଗୁଣ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ମୁଁ ତୁମକୁ ଭଲ ଲାଗେ, ମୋତେ ଭକ୍ତିଶ୍ରଦ୍ଧା କରିବାକୁ ଇଚ୍ଛାହୁଏ, ବେଶ ଭଲ କଥା, ମନ ଇଚ୍ଛା ଭକ୍ତି ଶ୍ରଦ୍ଧା କର । ଚଟ୍‌କରି ମୋତେ ନେଇ ଏକାବେଳେକେ ଗୁରୁ ଆସନରେ ବସାଇ ଦେଇ ତା ପରେ ଯଦି ମନକୁ ଖାଲି ଆଖିଠାର ମାରି ଶାସନ କରି ଚଳିବାକୁ ହୁଏ, ସେଥିରେ ବହୁତ ବିପଦ ଅଛି ।

ସାଧାରଣତଃ ମୁଁ ପ୍ରତ୍ୟୁଷରେ ଶଯ୍ୟା ତ୍ୟାଗ କରେ । ଶେଷ ରାତ୍ରିରେ ଜାଗ୍ରତ ରହି କାମ କରିବା ଅଭ୍ୟାସ ମୋର ଆଠ ବର୍ଷ ବୟସରୁ ଅଛି । କଷ୍ଟକର ଭ୍ରମଣ ଜନିତ କ୍ଳେଶରେ କ୍ଲିଷ୍ଟ ନ ହେଲେ ସାଧାରଣତଃ ଗ୍ରାମର କୌଣସି ଲୋକ ମୋ ଆଗରୁ ଶଯ୍ୟାତ୍ୟାଗ କରନ୍ତି ନାହିଁ । ଶେଷ ରାତ୍ରିରେ ଉଠି ମୁଁ ଯେତେବେଳେ ପୂର୍ବାକାଶ ଆଡ଼କୁ ଚାହେଁ ଓ ପ୍ରାୟୋଦ୍‌ଭିନ୍ନ ଉଷାର ସୌନ୍ଦର୍ଯ୍ୟ ଉପଭୋଗ କରେ, ସେତେବେଳେ ସର୍ବପ୍ରଥମେ ଯେଉଁ କଥାଟା ମୋର ମନେ ପଡ଼େ ତାହା ହେଉଛି ଏଇଆ ଯେ ପଥ ପ୍ରଦର୍ଶନ କରାଇ ଦେବାକୁ ଯାଇ ମୁଁ ଯେପରି କାହାକୁ ସଂଶୟ-ପରିଚାଳିତ ନ କରେ । ପୃଥିବୀରେ

ଗୁରୁଙ୍କର ଅଭାବ ନାହିଁ । ତାର ପ୍ରଧାନ କାରଣ ହେଉଛି ଏଇଆ ଯେ ତୁମମାନଙ୍କ ଭଳି ଦୀକ୍ଷାର୍ଥୀଙ୍କ ଅଭାବ ନାହିଁ । ଦୀକ୍ଷା-ପ୍ରାର୍ଥନାର ଚାହିଦା ଖୁବ୍ ବେଶି । ତେଣୁ ଦୀକ୍ଷାଦାନର ଦୋକାନ ମଧ୍ୟ ସହସ୍ର ସହସ୍ର ସଂଖ୍ୟାରେ ଖୋଲା ହୋଇ ରହିଛି । କିନ୍ତୁ କେହି କଣ ବିଚାର କରି ଦେଖୁଛି ଯେ ଦୀକ୍ଷାଦାତା ସବୁ ସମୟରେ ଦୀକ୍ଷାପ୍ରାର୍ଥୀର ମଙ୍ଗଳ ପାଇଁ ଦୀକ୍ଷା ଦାନ କରୁଛନ୍ତି ନା ଅନେକ ସମୟରେ ସେ ଅନ୍ୟମାନଙ୍କ ଉପରେ ଅକ୍ଳେଶରେ କର୍ତ୍ତୃତ ପ୍ରତିଷ୍ଠା କରିବାର ଆଗ୍ରହ ଯୋଗୁଁ ଲୋକମାନଙ୍କୁ ଦୀକ୍ଷାଦାନ ସୁଯୋଗର ସଦ୍‌ବ୍ୟବହାର କରୁଛନ୍ତି ? ଯେତେବେଳେ ଦେଖେ ଯେ ଏକା ସନ୍ୟାସୀ ଗୁରୁଙ୍କର ଦୁଇ ଶିଷ୍ୟ ବା ଏକା ଗୃହୀ-ଗୁରୁଙ୍କର ଦୁଇ ପୁତ୍ର ଗୋଟିଏ ଲୋକକୁ ବା ଗୋଟିଏ ପରିବାରର ଲୋକମାନଙ୍କୁ ଧରି ଭିଡ଼ା ଓଟରା କରୁଛନ୍ତି ସେତେବେଳେ ଦୀକ୍ଷାଦାତାଙ୍କ ଉଦ୍ଦେଶ୍ୟ କେବଳ ନୀଚ ସ୍ୱାର୍ଥପରତା ଛଡ଼ା ଆଉ କଣ ହୋଇ ପାରେ ବୋଲି ବିଶ୍ୱାସ କରିବି ? ଯେତେବେଳେ ଦେଖେ ଯେ ଏକା ଲୋକ ବା ଏକ ପରିବାର ଭୁକ୍ତ ଲୋକମାନଙ୍କୁ ଦୀକ୍ଷିତ କରିବା ପାଇଁ ତଥାକଥିତ ଗୁରୁଦେବ ଓ ତଥାକଥିତ ଶିଷ୍ୟଙ୍କ ଭିତରେ ଏକାବେଳେକେ ଟଗ୍-ଅଫ-ୱାର ଲାଗିଯାଉଛି, ସେତେବେଳେ ତାକୁ ଖାଣ୍ଟି ବ୍ୟବସାୟ ଛଡ଼ା ଆଉ କଣ ବୋଲି କହିବି ? ଦୀକ୍ଷା ଛଡ଼ା କାହାର କୌଣସି ମତେ ଭଗବଦ୍ ଦର୍ଶନ ହେବ ନାହିଁ ବୋଲି ଧାରଣା ଥିବାରୁ ତ ଭଗବାନଙ୍କୁ ଦିଆଇ ଦେବା ବଜାରରେ ଏତେ ଦଲାଲି ଚାଲିଛି । ଜଣେ ମହାପୁରୁଷ ଜଣକର ଦୀକ୍ଷା ପାଲଟାଇ ଦେଇ ନୂଆ କରି ତାକୁ ଦୀକ୍ଷା ନେବାକୁ ବାଧ କଲେ । କାରଣ କଣ ନା ତାହା ନ ହେଲେ ସେ ଲୋକର ଭଗବଦ୍ ଦର୍ଶନ ହୋଇ ପାରିବ ନାହିଁ । ଶିଷ୍ୟ ଆସି ଦୁଇ ଚାରିଦିନ ଆଗରୁ ଯାହାକୁ ଦୀକ୍ଷା ଦେଇ ଯାଇଛନ୍ତି, ଗୁରୁଦେବ ନାମରେ ପରିଚିତ ମହାପୁରୁଷ ଆସି ସବୁକଥା ଜାଣିଶୁଣି ମଧ୍ୟ ତାକୁ ଧରି ଆଉ ଗୋଟାଏ ମନ୍ତ୍ରରେ ଦୀକ୍ଷା

ଦେଇଗଲେ । କାରଣ କଣ ନା ଜୀବର ଉଦ୍ଧାର ହିଁ ତାଙ୍କର ସୁମହତ ବ୍ରତ । ସାରା ଭାରତ ବ୍ୟାପୀ ଏହି କାଣ୍ଡ କାରଖାନା ଚାଲିଛି । ମହାପୁରୁଷଙ୍କର ଶିଷ୍ୟ-ଦେବ ଯାହାଙ୍କୁ ଦୁଇ ଚାରିଦିନ ଆଗରୁ ଦୀକ୍ଷା ଦେଇ ଯାଇଛନ୍ତି, ମହାପୁରୁଷ ଗୁରୁ-ଦେବ ସ୍ୱୟଂ ଆସି ତାର ପୁତ୍ରକନ୍ୟାମାନଙ୍କୁ ଦୀକ୍ଷା ଦେଇ ନିଜର ଅଧିକାର ଜାହିର କରିବା ସଙ୍ଗେ ସଙ୍ଗେ ନିଜ ଇଲାକାର ଚୌହଦୀ ମଧ୍ୟ ବଢ଼ାଇ ଦେଇ ଯାଉଛନ୍ତି । ଏ କଥା ସେ କହିପାରିଲେ ନାହିଁ ଯେ ତୁମର ଗୁରୁଦେବ ଆସିଲେ ତାଙ୍କରି ଠାରୁ ତୁମେ ଦୀକ୍ଷାଟା ନେଇ ଯାଅ । କିଏ ଭୟ ପ୍ରଦର୍ଶନ କରି କିଏ ପ୍ରଲୋଭନ ଦେଖାଇ, କିଏ ଅବା ମଧୁର ବଚନ କହି, କିଏ ହୁଏତ ଶାସ୍ତ୍ର ବାକ୍ୟ ଉଦ୍ଧାର କରି, ଆଉ କେହି ନିଜ ଜୀବନର ଅସାଧାରଣ ଅଲୌକିକ ଘଟଣା ସମୂହ ନିଜେ କହି ବା ନିଜର ଅନୁଗତ ଲୋକଙ୍କ ଦ୍ୱାରା କୁହାଇ, ଆଉ କେହି ଅବା ଦେଶ ବିଦେଶ ଭ୍ରମଣର କୃତିତ୍ୱଜନିତ ଗର୍ବ ଗାରିମା ବଖାଣି, କିଏ ହୁଏତ ନିଜ ଗୁରୁଦେବ ବା ପିତୃଦେବଙ୍କର ମହିମା ଗାନ କରି ଅନ୍ୟର ଶିଷ୍ୟକୁ ନିଜର ଶିଷ୍ୟ କରିବା ପାଇଁ ଅସାଧାରଣ ଅଧ୍ୟବସାୟ ପ୍ରୟୋଗ କରୁଛନ୍ତି । ଏହାର ନାମ ଦୀକ୍ଷା ବଜାର ।

ତୁମେ ସେହି ବଜାରରେ ପଶିବାକୁ ଯାଉଛ । ସୋନପୁର ମେଳାରୁ ଗୋରୁ କିଣିବାକୁ ଯାଇ କ୍ରେତା ଯେପରି ହଟହଟା ହୁଏ ଦୀକ୍ଷା ବଜାରରୁ ଦୀକ୍ଷା ପାଇବାକୁ ଯାଇ ଶିଷ୍ୟ ସେହିପରି ପଦେ ପଦେ ହଟହଟା ହେବାର ବିଶେଷ ସମ୍ଭାବନା । ତେଣୁ ମୁଁ କହେ, ଦୀକ୍ଷା କାହା ଠାରୁ ନେବ ସେ କଥା ବର୍ତ୍ତମାନ ସ୍ଥିର କରିବା କିଛି ଦରକାର ନାହିଁ । ଯେଉଁ ଭଗବାନଙ୍କ ପାଇଁ ତୁମର ଦୀକ୍ଷା ହୁଏତ ପ୍ରୟୋଜନ, ତାଙ୍କୁ ବାରମ୍ବାର କାତର ଭାବରେ ଅନ୍ତରର ନିବେଦନ ଜଣାଇବାକୁ ଲାଗ । ତୁମେ ପ୍ରତୀକ୍ଷା କରି ରହିବା ଫଳରେ ତୁମର ସର୍ବାଭୀଷ୍ଟ-

ପ୍ରପୂରକ ତୁମ ନିକଟରେ ଏପରି ଭାବରେ ଆସି ଆବିର୍ଭୂତ ହୁଅନ୍ତୁ, ଯାହା ପରେ ଆଉ ଦ୍ୱିଧା ଦ୍ୱନ୍ଦର କୌଣସି ଅବସର ନ ଥିବ । ଦୀକ୍ଷା ନେବାଟା ସେପରି ଗୋଟାଏ ଖୁବ୍ ବଡ଼ କଥା ନୁହେଁ, ଦୀକ୍ଷା ନେବା ଆଗରୁ ସାଧନ କରିବା ଲାଗି ନିଜକୁ ସର୍ବତୋଭାବରେ ପ୍ରସ୍ତୁତ କରି ରଖିବାଟା ହିଁ ବଡ଼ କଥା । କ୍ଷେତ୍ରରେ ବୀଜ ବପନରେ ବୀଜଟି ଯେପରି ପ୍ରକୃତରେ ଅଙ୍କୁରିତ ଓ ପଲ୍ଲବିତ ହୋଇପାରେ ଭଲ ଭାବରେ ଭୂମିକୁ ଚାଷ କରିବା, ମାଟିକୁ ଗୁଣ୍ଡ କରିବା ଓ ଅନାବନା ଘାସ ମୁଥାକୁ ବାଛି ନିଷ୍କଣ୍ଟକ କରିବା ବଡ଼ କଥା ।

ମୁଁ ହଜାର ହଜାର ଲୋକଙ୍କୁ ଦୀକ୍ଷା ଦେଇଛି । ହୁଏତ ଆଉ କେତେ ଲକ୍ଷ ଲୋକଙ୍କୁ ଦେବି । ତେଣୁ ତୁମକୁ ଦୀକ୍ଷା ଦେଇ ଦେବାଟା ମୋ ପକ୍ଷରେ କିଛି କଷ୍ଟକର କଥା ନୁହେଁ । କିନ୍ତୁ ଦୀକ୍ଷା ନେବାଟା ତୁମ ପକ୍ଷରେ ଯେପରି ଅହିତକର ନ ହୁଏ, ଦୀକ୍ଷା ଯେପରି ପ୍ରକୃତପକ୍ଷେ ତୁମ ଜୀବନର ପରମ ସମ୍ପଦ ଆହରଣରେ ସହାୟକ ହୁଏ, ସେ ବିଷୟରେ ମୋର ଦୁଃଶ୍ଚିନ୍ତା ବହୁତ ବେଶି । ମୋର ବରଂ ଦୁଇ ଚାରି ହଜାର ଶିଷ୍ୟ କମ ହୁଅନ୍ତୁ କିନ୍ତୁ ମୋ ପାଖକୁ ଆସି ଶେଷରେ ଯେପରି କେହି ଅନୁତାପର ଅଶ୍ରୁବର୍ଷଣରେ ବକ୍ଷ ସିକ୍ତ ନ କରେ ।

ମୁଁ ବଡ଼ ସରଳ ମନ ଓ ଅକପଟ ହୃଦୟରେ ତୁମକୁ ସବୁ କଥା ଖୋଲି କରି ଲେଖୁଛି । ଏଥିରୁ କୌଣସି ଅନାବଶ୍ୟକ ଦୁଃଖ ଆହରଣ କରିବ ନାହିଁ ।

(ଚୈତ୍ର ୨୯, ୧୩୪୦)

ମନ୍ତ୍ରନେବା ଓ ଭବିଷ୍ୟତ ଜାଣିବା

ଯେତେବେଳେ କୌଣସି ସାଧୁଙ୍କୁ ଭେଟିବ, ଏକ ଦିଗରେ ଦୁଇଟି ଭଲ କଥା ପ୍ରତି ଓ ଅନ୍ୟ ଦିଗରେ ଦୁଇଟି ମନ୍ଦ କଥା ପ୍ରତି ବିଶେଷ ଦୃଷ୍ଟି ରଖିଥିବ । ଏକ ଦିଗରେ ଦୃଷ୍ଟି ରଖିବ, ତାଙ୍କ ପ୍ରତି ଯେପରି କୌଣସି ଅସମ୍ମାନ କରା ନହୁଏ ଓ ତାଙ୍କର ନିନ୍ଦା କରା ନ ହୁଏ । ଅନ୍ୟ ଦିଗରେ ଦୃଷ୍ଟି ରଖିବ, ଯେପରି କାନଟି ତାଙ୍କ ଓଠ ପାଖକୁ ଚାଲି ନ ଯାଏ ଓ ତାଙ୍କ ମୁହଁରୁ ନିଜର ଭବିଷ୍ୟତ କଥା ଶୁଣିବା ଲାଗି ଆଗ୍ରହ ନ ହୁଏ । ଭଗବତ୍ ଭକ୍ତ ବ୍ୟକ୍ତିମାନଙ୍କର ଅସମ୍ମାନ କଲେ ନିଜର ଅମଙ୍ଗଳ ହୁଏ । ତୁମେ ହୁଏତ କାହାକୁ ଭଗବଦ୍ ଭକ୍ତ ବୋଲି ଜ୍ଞାନ କରି ପାରୁ ନାହଁ କିନ୍ତୁ ଆଉ ଦଶ ପଚିଶ ଜଣ ଯେତେବେଳେ ତାଙ୍କୁ ଭଗବଦ୍ ଭକ୍ତ ବୋଲି ଜ୍ଞାନ କରୁଛନ୍ତି, ସେତେବେଳେ ସେ କିଛି ନ ହେଲେ ତ ଅନ୍ତତଃ ଭକ୍ତ ହୋଇପାରନ୍ତି । ତେଣୁ ତାଙ୍କର ମର୍ଯ୍ୟାଦାହାନି ହେଲା ଭଳି କିଛି କରିବ ନାହିଁ । ପରନିନ୍ଦା ମାତ୍ରେ ହିଁ ଦୋଷାବହ, ସାଧୁପୁରୁଷଙ୍କର ନିନ୍ଦା ଆହୁରି ବେଶି ଦୋଷାବହ । ଏ ଗଲା ଗୋଟିଏ ଦିଗର କଥା । ଅନ୍ୟ ଦିଗଟିର କଥା ହେଲା, ସାଧୁପୁରୁଷମାନଙ୍କ ମଧ୍ୟରେ ବି ଅନେକଙ୍କର ମାନସିକ ରୋଗ ଥାଏ । ଗୋଟିଏ ରୋଗ ହେଉଛି, ସୁଯୋଗ ପାଇଲେ ଲୋକଙ୍କୁ ମନ୍ତ୍ର ଦେଇ ଶିଷ୍ୟ କରିବା ଓ ଅନ୍ୟଟି ହେଉଛି, ଲୋକଙ୍କ ସମ୍ବନ୍ଧରେ ଭବିଷ୍ୟତବାଣୀ କରି ସେମାନଙ୍କୁ ଅଯଥା ଉଦ୍‌ବିଗ୍ନ କରିବା ।

(ଆଷାଢ଼ ୫, ୧୩୩୯)

ରୋଗ ଆରୋଗ୍ୟ ଲାଗି ମନ୍ତ୍ର-ଦାନ

ହଁ ମା, ନାମ ଜପ କଲେ ରୋଗ ଆରୋଗ୍ୟ ହୁଏ, ଏକଥା ସତ୍ୟ । କିନ୍ତୁ ରୋଗ ଆରୋଗ୍ୟ ନିମିତ୍ତ ମୁଁ ନାମ ଦେବି ନାହିଁ । ଯେତେବେଳେ ଦେହ, ମନ, ପ୍ରାଣ ସବୁ ଭଗବାନଙ୍କ ଲାଗି ପାଗଳ ହେବ, ସେତେବେଳେ ମୁଁ ନାମ ଦେବି । ତୁମକୁ ବର୍ତ୍ତମାନ ଯେଉଁ ନାମ ଭଲ ଲାଗୁଛି ସେହିଭଳି କୌଣସି ସୁଖମୟ ଓ ପ୍ରେମମୟ ନାମ ଜପ କରୁଥାଅ । ତା'ଫଳରେ ଯଥା ସମୟରେ ସର୍ବାଭିଷ୍ଟ-ପ୍ରପୂରକ ନାମ ତୁମର ଲଭ୍ୟ ହେବ ।

ମନ୍ତ୍ର-ଦୀକ୍ଷା ନ ଦେବା ସ୍ଥଳ

ମୋ ଦ୍ୱାରା ଜୀବର ଯାହା କଲ୍ୟାଣ ହେବ, ମନ୍ତ୍ର ନ ଦେଇ ମଧ୍ୟ ତାହା ହୋଇପାରିବ । ତଥାପି ମୁଁ ଅନେକଙ୍କୁ ମନ୍ତ୍ର ଦିଏ । କିନ୍ତୁ ଏପରି ବେଳ ଆସିବ ଯେତେବେଳେ ମୁଁ କାହାକୁ ମନ୍ତ୍ର ଦେବି ନାହିଁ ଅଥଚ ସମସ୍ତଙ୍କ ଭିତରେ ମୋର ଯେଉଁ କାମତକ କରିବାର କଥା ତାହା ହୋଇଯିବ । କିନ୍ତୁ ମନ୍ତ୍ର ଯଦି ଦେବାକୁ ହୁଏ ତା'ର ବି ସ୍ଥଳ ଅଛି । ଯେ ବ୍ୟାକୁଳ, ତାକୁ ମନ୍ତ୍ର ଦେବାର କଥା, ଯେ ଆଉ ଦଶଜଣଙ୍କ ଦେଖାଦେଖି ହୋ'ରେ ମାତି ଆସିଛି ତାକୁ ନୁହେଁ । ଯେ ସମଗ୍ର ଜୀବନଟା ଆମୂଳ ପରିବର୍ତ୍ତନ କରିବାକୁ ପ୍ରୟାସୀ, ମନ୍ତ୍ର ତାକୁ ଦେବାର କଥା । ବେକରେ ହାର ପିନ୍ଧିବା ସଙ୍ଗେ ସଙ୍ଗେ ନାକରେ ନୋଲକ ପିନ୍ଧିବା ହିସାବରେ କାହାକୁ ମନ୍ତ୍ର ଦେବା ଉଚିତ ନୁହେଁ । ଯେ ପ୍ରାଣପଣେ ସାଧନ କରିବ ତାକୁ ମନ୍ତ୍ର ଦେବାକୁ ହୁଏ । ଯେ ପୁଡ଼ିଆ ବାନ୍ଧି ଯତ୍ନରେ ସାଇତି ରଖିବ ତାକୁ ଦେବାର କଥା ନୁହେଁ । ଯାହାର ପ୍ରାଣ ଭଗବାନଙ୍କ ପାଇଁ କାନ୍ଦୁଛି ସେ ସର୍ବାପେକ୍ଷା ସୁପାତ୍ର । ଯେଉଁମାନେ ସ୍ତ୍ରୀଲୋକ, ସେମାନଙ୍କୁ ମନ୍ତ୍ର ଦେବାକୁ ହେଲେ

ସେମାନଙ୍କର ଅଭିଭାବକମାନଙ୍କର ସମ୍ମତି ଦରକାର, ନ ହେଲେ ସାଧନରେ ବିଘ୍ନଘଟେ, ତୁମୁଳ ଅଶାନ୍ତି ସୃଷ୍ଟି ହୁଏ । ଆଉ ଯେଉଁମାନେ ରୋଗ ଆରୋଗ୍ୟ ଲାଗି ମନ୍ତ୍ର ଚାହାଁନ୍ତି, ମନ୍ତ୍ର ଗ୍ରହଣ ସମୟରେ ସେମାନେ ଭଗବାନଙ୍କ କଥା ଭାବନ୍ତି ନାହିଁ, ରୋଗ କଥା ହିଁ ଭାବନ୍ତି, ଏପରିକି ଅନେକ ସମୟରେ ମନ୍ତ୍ରଦାତାକୁ ମଧ୍ୟ ରୋଗ କଥା ହିଁ ଭାବନ୍ତି, ଏପରିକି ଅନେକ ସମୟରେ ମନ୍ତଦାତାକୁ ମଧ୍ୟ ରୋଗ କଥା ଭାବିବାକୁ ହୁଏ । ଏହି କାରଣରୁ ଏସବୁ ସ୍ଥଳେ ନିର୍ବିଚାରରେ ଦୀକ୍ଷା ଦେବା ଅସଙ୍ଗତ । ଅବଶ୍ୟ ଏକଥା ସତ୍ୟ ଯେ ବହୁ ଜୀବହିତ ବ୍ରତୀ ଉପଦେଷ୍ଟାମାନେ ପାତ୍ରାପାତ୍ର ବିଚାର ନ କରି ଦୀକ୍ଷା ଦେଇଥାନ୍ତି ଓ ଯାହାର ଯେତିକି ହିତ ସମ୍ପାଦିତ ହୁଏ ସେତିକି ଅନ୍ତତଃ ଜଗତର ଲାଭ ବୋଲି ମନେ କରିଥା'ନ୍ତି ।

(ଭାଦ୍ର ୭, ୧୩୩୮)

ପୂର୍ବ-ଦୀକ୍ଷିତର ପୁନର୍ଦୀକ୍ଷା

ପୂର୍ବରୁ ଯାହାର ବିବାହ ହୋଇ ଯାଇଛି, ସେ ଭଳି ଝିଅକୁ ବିବାହ ଦେବା ଯାହା, ଯାହାର ପୂର୍ବରୁ ଥରେ ଦୀକ୍ଷା ହୋଇଯାଇଛି ତାକୁ ପୁଣି ଥରେ ଅନ୍ୟତ୍ର ଦୀକ୍ଷା ଦେବା ସେଇଆ । ସାଧାରଣ ଅବସ୍ଥାରେ ମୁଁ ଏହା ଅନୁମୋଦନ କରେ ନାହିଁ ।

(ଆଷାଢ଼ ୧୩, ୧୩୩୮)

ପୂର୍ବ-ଦୀକ୍ଷିତର ଦୀକ୍ଷା

ପୂର୍ବରୁ ଯେ ଆଉ କାହାଠାରୁ ଦୀକ୍ଷା ନେଇଛି ତାକୁ ମୁଁ ଦୀକ୍ଷା ଦେବାକୁ ଇଚ୍ଛୁକ ନୁହେଁ । କାରଣ, ସେଥିରେ ତା'ର ସଂଶୟ ଆହୁରି ବୃଦ୍ଧି ପାଇବାର

ଆଶଙ୍କା ରହିଛି । ମୋ ଠାରୁ ଦୀକ୍ଷା ପ୍ରାପ୍ତ ବ୍ୟକ୍ତି ଆଉ କାହାଠାରୁ ଦୀକ୍ଷା ନେବାକୁ ବସିଲେ ତଦ୍ୱାରା ତା'ର ନିଜର ସଂଶୟ ମଧ୍ୟ ବଢ଼ି ଯାଇପାରେ । ତେଣୁ ତା'ପକ୍ଷରେ ସେ ଦିଗରେ ଅଗ୍ରସର ହେବା ମୁଁ ବିପଜ୍ଜନକ ବୋଲି ମନେ କରେ । କିନ୍ତୁ ମୁଁ ମୋର ଶିଷ୍ୟର ସ୍ୱାଧୀନତାକୁ ଖର୍ବ କରିବାର ପକ୍ଷପାତୀ ନୁହେଁ । କେହି ଯଦି ଶ୍ରେଷ୍ଠତର ପଥ ବା ଶ୍ରେଷ୍ଠତର ଆଶ୍ରୟ ପାଏ, ତେବେ ମୁଁ ତାକୁ ସମଗ୍ର ମନପ୍ରାଣ ଦେଇ ଆଶୀର୍ବାଦ କରିବାକୁ କେବେ କୁଣ୍ଠିତ ହୁଏ ନାହିଁ ।

(ଶ୍ରାବଣ ୩୦, ୧୩୩୯)

ଶିଷ୍ୟ ଚାହେଁନା ସାଧକ ଚାହେଁ

ଶିଷ୍ୟ ସଂଖ୍ୟା ତ ବାବା ବନ୍ୟାଜଳର ସଫରୀ-ମତ୍ସ୍ୟ ହୁ ହୁ ହୋଇ ବଢ଼ି ଚାଲିଛି, କିନ୍ତୁ ସାଧକ ସଂଖ୍ୟା ବଢୁଛି କାହିଁ ? ଦୀକ୍ଷା ନେଇ ତୁମ୍ଭେମାନେ ଯଦି ସାଧନ ନ କର, ତେବେ ଦୀକ୍ଷା ଦେଇ କି ଲାଭ ? ତୁମ୍ଭେମାନେ ଦଳବୃଦ୍ଧି ମୋହରେ ପଡ଼ି ମୋ ବିଷୟ ପ୍ରଚାର କରି ବୁଲ ନାହିଁ । ଦଳବୃଦ୍ଧି କଦାପି ମୋର କାମ୍ୟ ବା ଲକ୍ଷ୍ୟ ହୋଇ ନ ପାରେ । ଶିଷ୍ୟ ସଂଖ୍ୟା ଏକ ଲକ୍ଷକୁ ଟପିଗଲେ ବୈଠକରେ ବସି ପାଞ୍ଚଲୋକଙ୍କ ଆଗରେ କହିବା ଭଳି କଥାଟାଏ ହୁଏ ସତ କିନ୍ତୁ କଲ୍ୟାଣ ଭଣ୍ଡାରରେ ଗୋଟିଏ ବୁନ୍ଦା ପଦାର୍ଥ ବି ସଞ୍ଚିତ ହୁଏ ନାହିଁ । ଲକ୍ଷେ ବା କୋଟିଏ ଅସାଧକ ଶିଷ୍ୟ ମୋର କାମ୍ୟ ନୁହେଁ ଗୋଟିଏ ଦୁଇଟି ସାଧକ ଶିଷ୍ୟ ମୋର କାମ୍ୟ । ଦଳ ବଢ଼ାଇବା କୁବୁଦ୍ଧି ତୁମ୍ଭେମାନେ ଏହି ମୁହୂର୍ତ୍ତରେ ପରିହାର କର । ପ୍ରତ୍ୟେକେ ନିଜେ ନିଜେ ସାଧନାର ଏକ ଜୀବନ ବିଗ୍ରହ ହେବାକୁ ଚେଷ୍ଟା କର । ତୁମ୍ଭମାନଙ୍କ ଦେହ ମନରେ ତପସ୍ୟାର

ପ୍ରଭା ସଂଚାରିତ ହେଉ ଓ ସଂବର୍ଦ୍ଧିତ ହେଉ । ତୁମ୍ଭମାନଙ୍କ ଜୀବନର ଜ୍ୱଳନ୍ତ ତ୍ୟାଗ ଯେତେବେଳେ ମନୁଷ୍ୟକୁ ଆକୃଷ୍ଟ କରିବ, ସେତିକିବେଳେ ପ୍ରକୃତ ମନୁଷ୍ୟମାନେ ତୁମ୍ଭ ସହିତ ମିଳିତ ହେବେ - ବିଜ୍ଞାପନର ପ୍ରରୋଚନାରେ ନୁହେଁ ବା ପ୍ରଚାର କାର୍ଯ୍ୟର ଚାକଚକ୍ୟରେ ଆକୃଷ୍ଟ ହୋଇ ନୁହେଁ, ଅନ୍ତରର ଅଲଘନୀୟ ଆକର୍ଷଣରେ ସେମାନେ ତୁମ୍ଭମାନଙ୍କ ସହିତ ମିଳିତ ହେବେ । ମୁଁ ଶିଷ୍ୟ ଚାହେଁ ନା, ମୁଁ ସାଧକ ଚାହେଁ, ତପସ୍ୱୀ ଚାହେଁ, ଏକାଗ୍ର, ଉଦଗ୍ର, ନିଷ୍ଠାବାନ୍, ନାମ-ସେବକ ଚାହେଁ । ମୁଁ ଯାହା ଚାହେଁ, ମୋତେ ତାହା ଦେବାକୁ ଚେଷ୍ଟା କର, ତାହାହିଁ ହେବାକୁ ଚେଷ୍ଟା କର । ତାହାହେଲେ ଯାଇ ତୁମ୍ଭମାନଙ୍କ ପାଇଁ ମୁଁ ଯୁଗ ଯୁଗ ବ୍ୟାପୀ ଯେଉଁ ଶ୍ରମ ସ୍ୱୀକାର କରି ଆସିଛି ତାହା ସାର୍ଥକ ହେବ, ସଫଳ ହେବ । ଯାହା ନ ଚାହେଁ ତାହା ଦେବାକୁ ଚେଷ୍ଟା କର ନାହିଁ ।

(ଶ୍ରାବଣ ୨୦, ୧୩୩୯)

ମନ୍ତ୍ର ବିକ୍ରୟ

ମନ୍ତ୍ର ବିକ୍ରୟକାରୀ କ'ଣ ନର୍କରେ ପଡ଼େ ? ସେଥିରେ କ'ଣ ଆଉ ସନ୍ଦେହ ଅଛି ? ଯେ ମନ୍ତ୍ର ଦେବ ସେ ନିଃସ୍ୱାର୍ଥ ହେବା ପ୍ରୟୋଜନ । ମନ୍ତ୍ରଗ୍ରହୀତା ଯଦି ଜୋର କରି କିଛି ଅର୍ଥ ମନ୍ତ୍ରଦାତାକୁ ଦିଏ ବା ପୋଷେ ପଇଡ଼ପାଣି ପିଆଏ ତାହାହେଲେ କ'ଣ ହେବ ? ସେ କ୍ଷେତ୍ରରେ ପ୍ରଦତ୍ତ ଅର୍ଥ ଜଗତର ମଙ୍ଗଳଜନକ କାର୍ଯ୍ୟରେ ବିନିଯୋଗ କରିବା ହିଁ ପ୍ରକୃଷ୍ଟ ପନ୍ଥା । ମନ୍ତ୍ରଗ୍ରହୀତା ଦ୍ୱାରା ପ୍ରଦତ୍ତ ଖାଦ୍ୟ ପାନୀୟ ଯେଉଁ ମନ୍ତ୍ରଦାତାର ଦେହକୁ ଯାଏ ସେ ନିଜ ଦେହକୁ ଜଗତର ମଙ୍ଗଳ ବିଧାନ ଲାଗି ନିୟୋଜିତ କରିବା ବିଧେୟ । ମନ୍ତ୍ରଦାତା ଯଦି ନିଜେ ଅର୍ଥ ମାଗି ନିଅନ୍ତି ତାହାହେଲେ କ'ଣ କରାଯିବ ? ସେ ଯଦି

ନିଃସ୍ୱାର୍ଥଭାବେ ଜଗତର ହିତ ସାଧନ ଲାଗି ସେ ଅର୍ଥ ବ୍ୟୟ କରନ୍ତି ସେଥିରେ ଆଉ ଦୋଷ କ'ଣ ? କିନ୍ତୁ ସେ ଯଦି ସଂସାରିକ ପ୍ରୟୋଜନ ମେଣ୍ଟାଇବା ଲାଗି ତାହା ବ୍ୟୟ କରନ୍ତି ତାହାହେଲେ କ'ଣ ହେବ ? ତା'ର ଜବାବ ଆଉ କ'ଣ ଦେବି ? ଅର୍ଥ ଯଦି ନେବାକୁ ହୁଏ ତେବେ ତାହା କେବଳ ଜଗତର କଲ୍ୟାଣ ଲାଗି ନେବାକୁ ହେବ, ଆତ୍ମପୋଷଣ ଲାଗି ନୁହେଁ । ଜଗତର କୌଣସି ବ୍ୟକ୍ତି ପ୍ରତି ଯଦି ବିନ୍ଦୁ ମାତ୍ର ଆସକ୍ତି ଥାଏ, ସେ ଯେତେ ନିଃସମ୍ପର୍କୀୟ ହେଲେ ମଧ ତା ପାଇଁ ନେବାର କଥା ନୁହେଁ । ଅନେକ ସମୟରେ ଜଗତକଲ୍ୟାଣ ନାଁରେ ତ ଆତ୍ମତୋଷଣ ହିଁ କରାଯାଇଥାଏ ।

(ଆଶ୍ୱିନ ୯, ୧୩୩୯)

ବ୍ରହ୍ମବିଦ୍ୟା ବିକ୍ରୟ

ପ୍ରାଚୀନ ଭାରତରେ ବୈଷୟିକ ବିଦ୍ୟା ଶିଖିବା ପାଇଁ ବହୁ ଲୋକଙ୍କୁ ଗୁରୁଙ୍କ ପାଖକୁ ଯିବାକୁ ହେଉ ନ ଥିଲା । ଅଧିକାଂଶ ଲୋକ ନିଜ ନିଜ ପିତାଙ୍କ ଠାରୁ ବୈଷୟିକ ବିଦ୍ୟା ଶିକ୍ଷା କରୁଥିଲେ । କମାରର ପୁଅ, କୁମ୍ଭାରର ପୁଅ, ଗଣକର ପୁଅ ନିଜ ନିଜ କୌଳିକ ବ୍ୟବସାୟ ନିଜ ନିଜ ଘରେ ବସି ଆୟତ୍ତ କରୁଥିଲେ । କିନ୍ତୁ ବ୍ରହ୍ମବିଦ୍ୟା ବେଳକୁ ସେ ନିୟମ ଖାଟୁ ନଥିଲା । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଘରର ପିଲାମାନେ ଦଳଦଳ ହୋଇ ଗୁରୁ ଗୃହକୁ ଯାଇ ବ୍ରହ୍ମବିଦ୍ୟା ଆୟତ୍ତ କରୁଥିଲେ । ବ୍ରହ୍ମବିଦ୍ୟା ବିକ୍ରୟ ଚିରକାଳ ଦୋଷାବହ ଥିଲା । ଓ ଚିରକାଳ ଦୋଷାବହ ହିଁ ରହିବ । ଆର୍ଯ୍ୟପନ୍ଥା ବର୍ଜିତ ବ୍ୟକ୍ତି ଆହାର୍ଯ୍ୟ ରନ୍ଧନକାରୀ ବ୍ରାହ୍ମଣ, ହରିନାମ-ବିକ୍ରୟକାରୀ ବ୍ରାହ୍ମଣ ଓ ବ୍ରହ୍ମବିଦ୍ୟା-ବିକ୍ରୟକାରୀ ବ୍ରାହ୍ମଣ, ଏ ତିନିଜଣଙ୍କୁ ଏହି କାରଣରୁ ବ୍ରହ୍ମବୈବର୍ତ୍ତ ପୁରାଣରେ ବିଷହୀନ ଉରଗ ସହିତ ତୁଳନା କରାଯାଇଛି । ଅର୍ଥାତ୍ ବିଷହୀନ ସାପକୁ ଦେଖିଲେ

ସମସ୍ତେ ବିଷ ଥିବ ବୋଲି ଭାବି ଯେପରି ଭୟ କରନ୍ତି, କିନ୍ତୁ କାହାକୁ ଦଂଶନ କରି ବିପନ୍ନ କରିବାର କ୍ଷମତା ତା'ର ନଥାଏ, କେବଳ ଫଁ ଫଁ ହେବା ହିଁ ସାର, ଠିକ ସେହିପରି ଏ ସବୁ ବ୍ରାହ୍ମଣଙ୍କର ପୈତା ଓ ଚୁଟି ଦେଖି ଅନେକ ମନେ କରିପାରନ୍ତି ଏମାନଙ୍କର ସତରେ ବ୍ରହ୍ମତେଜ ଅଛି କିନ୍ତୁ ପ୍ରକୃତରେ ସେ ତପୋଲଭ୍ୟ ମହାବସ୍ତୁର ଏକ କଣା ସୁଦ୍ଧା ନ ଥାଏ । ଅର୍ଥାତ୍ ଏମାନଙ୍କୁ ବ୍ରାହ୍ମଣ କହିବାଟା "ବ୍ରାହ୍ମଣ" ଶବ୍ଦର ଏକପ୍ରକାର ଅପ-ବ୍ୟବହାର ମାତ୍ର । ଶାସ୍ତ୍ରରେ ଏହିପରି ଭାବରେ ବ୍ରହ୍ମବିଦ୍ୟା ବିକ୍ରୟକାରୀକୁ ନିନ୍ଦା କରାଯାଇଛି ।

ହରିନାମ ବିକ୍ରୟ

ଭଗବାନଙ୍କ ନାମ ବ୍ରହ୍ମବିଦ୍ୟାର ସାରାତ୍‌ସାର । ଆଗକାଳର ଗୁରୁଗୃହ ଆଜି ନାହିଁ ସତ୍ୟ କିନ୍ତୁ ତା'ର ନାଁ ରହିଛି ଓ ତା'ର ଦୀକ୍ଷା ରହିଯାଇଛି । ସେ ଦୀକ୍ଷା ଦେବାକୁ ଯେ ପଇସା ନିଏ ସେ ହରିନାମ ବିକ୍ରୟ ଅପରାଧରେ ଅପରାଧୀ । କିନ୍ତୁ ସଂସାରୀ ଗୁରୁକୁ ତାର ସଂସାର ଚଳାଇବାକୁ ହେବ । ପଇସା ନ ହେଲେ ସଂସାର ଚଳିବ କିପରି ? କେହି କେହି ହୁଏତ ସିଧାସଳଖ କହି ଦିଅନ୍ତି ଏତିକି ନ ଦେଲେ ମନ୍ତ୍ର ମିଳିବ ନାହିଁ । ଆଉ କେହି କେହି ବୁଲେଇ ବଙ୍କେଇ କହନ୍ତି ଅମୁକ ଜିନିଷ ନ ହେଲେ ଦୀକ୍ଷା କେମିତି ଦେବି ? ମୋଟ କଥା କିଛି ମିଳିବା ଦରକାର । ଏସବୁ ଦୀକ୍ଷାକୁ ହରିନାମ ବିକ୍ରୟ ବୋଲି କହିବାକୁ ହେବ ।

ପ୍ରକୃତ ଦୀକ୍ଷାଦାତା

ମନେ କର ଦୀକ୍ଷାଦାତାଙ୍କ ସଙ୍ଗେ ତୁମର ଦେଖା ହେଲା । ସେ ତୁମକୁ କହିଲେ - ତୋର ଦୀକ୍ଷା ପ୍ରୟୋଜନ । ଆ, ମୁଁ ତୋତେ ଦୀକ୍ଷା ଦେବି । କିନ୍ତୁ

ବିନିମୟରେ ମୁଁ ତୋଠାରୁ ଧନ ଚାହେଁନା, ମାନ ଚାହେଁନା, ପ୍ରତିପତ୍ତି ଚାହେଁନା, ଆଜି ନୁହେଁ, କାଲି ନୁହେଁ, କସ୍ମିନକାଳେ ବି ନୁହେଁ, ଏପରିକି ଲୋକଙ୍କ ପାଖରେ ମୋତେ ଗୁରୁ ବୋଲି ପରିଚୟ ଦେବାର ବାଧ୍ୟବାଧକତା ସୁଦ୍ଧା ତୋ ଉପରେ ନାହିଁ । ପାର୍ଥିବ ବା ଅପାର୍ଥିବ କୌଣସି ପ୍ରକାର ବିନିମୟ ମୁଁ ତୋର ଠାରୁ ଚାହେଁନା । ଏହି କଥା କହି ଯେ ଦୀକ୍ଷା ଦେଇପାରନ୍ତି ସେହି ଦୀକ୍ଷା ହିଁ ପ୍ରକୃତ ଦୀକ୍ଷା । ଦୀକ୍ଷା ଦେବାବେଳେ ମୁଁ ହୁଏତ ଟଙ୍କା ପଇସା କିଛି ନେଲି ନାହିଁ । କିନ୍ତୁ ପରେ ସୁବିଧା ସୁଯୋଗ ଦେଖି ନିଜର ଆର୍ଥିକ ପ୍ରୟୋଜନ ମେଣ୍ଟାଇବାର ଦାୟିତ୍ୱ ଶିଷ୍ୟ ଉପରେ ଲଦି ଦେଲି । ତାହା ହେଲେ ମୁଁ ସୁଦୀକ୍ଷାଦାତା ହେବି ନାହିଁ । କିମ୍ବା ମୁଁ ତୁମ ପାଖରୁ ବର୍ତ୍ତମାନ କିଛି ପଇସା ପତ୍ର ଚାହିଁଲି ନାହିଁ କି ଭବିଷ୍ୟତରେ ଚାହିଁବି ନାହିଁ, ସିଧାସଳଖ ଭାବରେ ନୁହେଁ କି ବୁଲେଇ ବଙ୍କେଇ ନୁହେଁ, କିନ୍ତୁ ତମେ ଯେତେବେଳେ ନିଜ ବାହୁବଳରେ ଦେଶ ଓ ସମାଜରେ ଏକ ଶ୍ଲାଘ୍ୟ ସ୍ଥାନ ଅଧିକାର କରି ବସିଲ ସେତେବେଳେ ମୁଁ ଦାବୀ କରି ବସିଲି ଯେ ତୁମେ ମୋର ଶିଷ୍ୟ । ଯେ ଏହିପରି ଭାବରେ କୌଶଳ କରି ନିଜର ପ୍ରତିପତ୍ତି ବଢ଼ାଇବା ପାଇଁ ଶିଷ୍ୟର ପ୍ରତିପତ୍ତିକୁ ବ୍ୟବହାର କରନ୍ତି, ସେ ମଧ୍ୟ ସୁଦୀକ୍ଷାଦାତା ନୁହନ୍ତି । ପ୍ରକୃତ ଦୀକ୍ଷାଦାତା ଶିଷ୍ୟଠାରୁ ଐହିକ ବା ପାରତ୍ରିକ କୌଣସି ପ୍ରକାର ସୁବିଧା ଆଦାୟ କରିବାକୁ ଚେଷ୍ଟିତ ହୁଅନ୍ତି ନାହିଁ । ଏହା ହିଁ ବ୍ରହ୍ମବିଦ୍ୟା ଦାନର ଚିର ଆଦର୍ଶ ।

(ଜ୍ୟେଷ୍ଠ ୧୭, ୧୩୩୬)

ନାରୀର ଗୁରୁରୂପେ ଆବିର୍ଭୂତ ହେବାର ପ୍ରୟୋଜନୀୟତା

ସ୍ତ୍ରୀ-ଦେହଧାରିଣୀମାନେ ଗୁରୁ ରୂପରେ ଆବିର୍ଭୂତ ହେଲେ କ୍ଷତି କ'ଣ ? ପ୍ରାଚୀନ କାଳରେ ଯେତେବେଳେ ଭାରତରେ ଗୁରୁବାଦ ନ ଥିଲା, ସେ ସମୟରେ ବହୁ ନାରୀ ଆଚାର୍ଯ୍ୟାରୂପେ ପୁରୁଷ-ଶିଷ୍ୟମାନଙ୍କୁ ବେଦ ପଢ଼ାଉଥିଲେ ଓ ଶାସ୍ତ୍ର ଶିଖାଉଥିଲେ । ଅତ୍ରିବଂଶୀୟ ବିଶ୍ୱବାରା ଛଅଟି ଋକ୍ ରଚନା କରିଥିଲେ । ଅମ୍ଭୃଣ ଋଷିଙ୍କ କନ୍ୟା ବାକ୍‌ଦେବୀ ଋକ୍‌ବେଦର ଗୋଟିଏ ସୂକ୍ତର ଆଠଟି ମନ୍ତ୍ର ରଚନା କରିଥିଲେ । ଅତ୍ରିବଂଶୀୟ ଅପାଲା ଋକ୍‌ବେଦର ଗୋଟିଏ ସୂକ୍ତର ଆଠଟି ମନ୍ତ୍ର ରଚନା କରିଥିଲେ । ଇନ୍ଦ୍ରମାତା ଅଦିତୀ ଋକ୍‌ବେଦର ତିନୋଟି ଋକ୍ ରଚନା କରିଥିଲେ । ଯମୀ ଋକ୍‌ବେଦର ଦୁଇଟି ସୂକ୍ତର ଦଶଟି ମନ୍ତ୍ର ରଚନା କରିଥିଲେ । ଅଙ୍ଗିରାଙ୍କ କନ୍ୟା ଶାଶ୍ୱତୀ ଋକ୍‌ବେଦର ଗୋଟିଏ ମନ୍ତ୍ର ରଚନା କରିଥିଲେ । କାକ୍ଷିବାନଙ୍କ କନ୍ୟା ଘୋଷା ଋକ୍‌ବେଦର ଦୁଇଟି ସୂକ୍ତ ରଚନା କରିଥିଲେ । ସୂର୍ଯ୍ୟା ଋକ୍‌ବେଦର ଗୋଟିଏ ସୂକ୍ତ ରଚନା କରିଥିଲେ । ଏମାନେ ସମସ୍ତେ ଗୁରୁ ବା ଗୁରୁସ୍ଥାନୀୟା । ବେଦ ରଚନାର ପରବର୍ତ୍ତୀ ଯୁଗରେ ଅର୍ଥାତ୍ ଉପନିଷଦ୍ ଯୁଗରେ ଆତ୍ରେୟୀ ଓ ଗାର୍ଗୀ ନିଜ ନିଜର ଅଧ୍ୟାତ୍ମ ଜ୍ଞାନରେ ଅତୁଳନୀୟା ଥିଲେ ଓ ବହୁ ଜ୍ଞାନାର୍ଥୀଙ୍କୁ ଜ୍ଞାନ-ଶିକ୍ଷା ଦେଇଥିଲେ । ଏତେଗୁଡ଼ିଏ ନାରୀ ଗୁରୁ ରୂପରେ ଆବିର୍ଭୂତ ହେବା ଫଳରେ ଯଦି ଅତୀତ କାଳରେ କିଛି କ୍ଷତି ହୋଇ ନ ଥିଲା, ତେବେ ବର୍ତ୍ତମାନ କାଳରେ କ୍ଷତିର ଆଶଙ୍କା କାହିଁକି ରହିବ ? ତଥାପି ତୁମେ ଯଦି ଜିଦ୍ ଧରି ବସିବ ଯେ ନାରୀର ଗୁରୁତ୍ୱରେ ଲାଭ କ'ଣ ହେବ, ସେ କଥା ମଧ୍ୟ ମୁଁ ଆନନ୍ଦରେ କହିବି । ତୁମ୍ଭେମାନେ ଟିକିଏ ମୌକା ପାଇଲେ ନାରୀ ଜାତିକୁ ଅତି ନିକୃଷ୍ଟ ଜାତି ବୋଲି ଅବଜ୍ଞା କରିଥାଅ । ଦୁଇ ଚାରିଜଣ

ଶକ୍ତିଶାଳୀ ସ୍ତ୍ରୀ ଗୁରୁ ଆବିର୍ଭୂତ ହୋଇ ତୁମ୍ଭମାନଙ୍କର ସେହି ଭ୍ରମ ଭାଙ୍ଗି ଦେଇଛନ୍ତି ଓ ସ୍ତ୍ରୀ ଜାତିର ସେ ଗ୍ଲାନି ଦୂର କରି ଦେଇଛନ୍ତି । କାମ ଚର୍ଚ୍ଚା ଓ ନିକୃଷ୍ଟ ଇନ୍ଦ୍ରିୟ-ପରିତୃପ୍ତି-ବିଷୟକ ଧ୍ୟାନରେ ତୁମ୍ଭେମାନେ ଏପରି ମଜ୍ଜି ଯାଇଛ ଯେ ନିଜର ଜନନୀକୁ ମଧ୍ୟ ଶ୍ରଦ୍ଧିତ ଦୃଷ୍ଟିରେ ଦେଖି ପାରୁନାହଁ । ଏଣୁ କେହି କେହି ନାରୀ-ଦେହ ଧାରଣ କରି ଆବିର୍ଭୂତ ହୋଇ ତୁମ୍ଭମାନଙ୍କର ଅନ୍ତରର ବିଚଳିତ ମାତୃ ଶ୍ରଦ୍ଧାକୁ ପୁନଃପ୍ରତିଷ୍ଠିତ କରି ଦେଇ ଯାଉଛନ୍ତି । ସ୍ତ୍ରୀ ଜାତି ପ୍ରତି କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିପାରିବା ଭଳି ଯୋଗ୍ୟ ପୁରୁଷ ଗୁରୁ କ୍ୱଚିତ୍ ମିଳନ୍ତି । ସେହି କାରଣରୁ ଅବହେଳିତା ସ୍ତ୍ରୀ ଜାତି ପ୍ରତି ଗୁରୁଙ୍କ କର୍ତ୍ତବ୍ୟ ପରିପୂର୍ଣ୍ଣ ଭାବରେ ପ୍ରତିପାଳନର ଚାହିଦା ଦୃଷ୍ଟିରୁ ଶକ୍ତିଶାଳୀ ସ୍ତ୍ରୀ-ଗୁରୁଙ୍କର ଆବିର୍ଭାବ ଅବଶ୍ୟମ୍ଭାବୀ ହେଉଛି ।

ନାରୀର ସ୍ତ୍ରୀ-ଗୁରୁ ଓ ପୁରୁଷର ପୁରୁଷ-ଗୁରୁ

ସ୍ତ୍ରୀ-ଗୁରୁ ହୁଅନ୍ତୁ ବା ପୁରୁଷ-ଗୁରୁ ହୁଅନ୍ତୁ, ଉଭୟଙ୍କର କାର୍ଯ୍ୟ ପରିଚାଳନାର ପରିସର ସୀମାବଦ୍ଧ । ସ୍ତ୍ରୀଲୋକମାନେ କେବଳ ସ୍ତ୍ରୀ-ଗୁରୁଙ୍କ ଠାରୁ ଦୀକ୍ଷା ନେବେ ଓ ପୁରୁଷମାନେ କେବଳ ପୁରୁଷ-ଗୁରୁଠାରୁ ଦୀକ୍ଷା ନେବେ, ଏଭଳି କୌଣସି ନିୟମ ପ୍ରବର୍ତ୍ତନ କରିପାରିଲେ ଅବଶ୍ୟ ସେ ଅଡୁଆ କେତେକ ପରିମାଣରେ ତୁଟିଯା'ନ୍ତା । ଉଦାହରଣ ସ୍ୱରୂପ, ଅନୁରାଗିଣୀ ସ୍ତ୍ରୀ ପାଖରେ ଥିବା ସତ୍ତ୍ୱେ, ଜଣେ ପୁରୁଷ କାମବେଗ ଧାରଣ କରିବାକୁ ଅକ୍ଷମ ହୋଇ ନାରୀ ପ୍ରତି ଆସକ୍ତି ଅନୁଭବ କରୁଛି । ସ୍ତ୍ରୀ ଗୁରୁଙ୍କୁ ଏକଥା ଖୋଲି କରି କହିବା ତା'ପକ୍ଷରେ ଯେପରି ସହଜ କଥା ନୁହେଁ, ସେହିପରି ଏ ବିଷୟରେ ଆବଶ୍ୟକ ଉପଦେଶ ପୁରୁଷ-ଶିଷ୍ୟକୁ ଦେବା ସ୍ତ୍ରୀ-ଗୁରୁ ପକ୍ଷରେ ମଧ୍ୟ ସହଜ କଥା ନୁହେଁ ।

ମନେକର, ଗୋଟିଏ ନାରୀ ସ୍ୱାମୀର ଯଥେଷ୍ଟ ଆଦର ସୋହାଗ ସତ୍ତ୍ୱେ ପରପୁରୁଷ ପ୍ରତି ଅନ୍ତରର ତୀବ୍ର ଆକର୍ଷଣ ଅନୁଭବ କରୁଛି । ସେ କ୍ଷେତ୍ରରେ ପୁରୁଷ-ଗୁରୁଙ୍କୁ ସବୁ କଥା ସହଜ ଭାବରେ କହି ତାଙ୍କୁ ପ୍ରତିକାରର ପନ୍ଥା ପଚାରିବା ତା'ପକ୍ଷରେ ଏକ ପ୍ରକାର ଅସମ୍ଭବ ଏବଂ ଯଥାସାଧ୍ୟ ଚେଷ୍ଟା କରି ସେ ସହଜ ଭାବରେ କଥାଟା କହିଲେ ବି ସେ ସମ୍ପର୍କରେ ସ୍ତ୍ରୀ-ଶିଷ୍ୟକୁ ନିଃସଙ୍କୋଚରେ ଆବଶ୍ୟକ ଉପଦେଶ ଦେବା ପୁରୁଷ-ଗୁରୁ ପକ୍ଷରେ ବଡ଼ କଷ୍ଟକର । ନୈତିକ ଜୀବନର ଏହିଭଳି ସଙ୍କଟ ସମୟରେ ନାରୀମାନଙ୍କ ପକ୍ଷରେ ନାରୀ-ଗୁରୁ ଓ ପୁରୁଷମାନଙ୍କ ପକ୍ଷରେ ପୁରୁଷ-ଗୁରୁ ବିଶେଷ ସହାୟତା କରିପାରିବେ ।

ଆଧ୍ୟାତ୍ମିକ ସଙ୍କଟରେ ଗୁରୁ

ସଙ୍କଟ ଯେ ପର୍ଯ୍ୟନ୍ତ ନୈତିକ, ସେ ପର୍ଯ୍ୟନ୍ତ ନାରୀ ପକ୍ଷରେ ପୁରୁଷ-ଗୁରୁ ଅପେକ୍ଷା ନାରୀ ଗୁରୁ ଶ୍ରେୟସ୍କର ଓ ପୁରୁଷ ପକ୍ଷରେ ନାରୀ-ଗୁରୁ ଅପେକ୍ଷା ପୁରୁଷ ଗୁରୁ ବରଣୀୟ ବୋଲି ଧରି ନେବାକୁ ହେବ । କିନ୍ତୁ ଶିଷ୍ୟର ସଙ୍କଟ ସବୁ ସମୟରେ ଯେ ଖାଲି ନୈତିକ ହେବ ତାହା ନୁହେଁ - ଆଧ୍ୟାତ୍ମିକ ସଙ୍କଟ ହିଁ ସର୍ବାପେକ୍ଷା ଗୁରୁତର ସଙ୍କଟ, ଅର୍ଥାତ୍ ଈଶ୍ୱର- ଅବିଶ୍ୱାସ ହିଁ ଶିଷ୍ୟ ଜୀବନରେ ସବୁଠାରୁ ବଡ଼ ବିପଦ । ଇଷ୍ଟରେ ଅବିଶ୍ୱାସ, ମନ୍ତ୍ରରେ ଅବିଶ୍ୱାସ, ସାଧନ ପନ୍ଥାରେ ଅବିଶ୍ୱାସ, ଏଗୁଡ଼ିକ ଅପେକ୍ଷା ବୃହତ୍ତର ସଙ୍କଟ ସାଧକ ଜୀବନରେ ଆଉ କିଛି ନାହିଁ । ସେ ସମୟରେ ଯେ ସେହି ହଜିଲା ବିଶ୍ୱାସକୁ ଫେରାଇ ଆଣି ପାରିବେ, ବିଚଳିତ ଅବସ୍ଥାକୁ ପୁନରାୟ ସୁପ୍ରତିଷ୍ଠିତ କରି ପାରିବେ, ସେ ହେଉଛନ୍ତି ପ୍ରକୃତ ଗୁରୁ । ସେ ଅବସ୍ଥାରେ କାହା ଚିବୁକରେ ଦାଢ଼ି ଅଛି, କାହା କାନରେ ଦୁଲ୍

ଅଛି, କାହା ନାକ ତଳେ ନିଶ ଅଛି ବା କାହା ହାତରେ କାଚ ଅଛି କି ବାଲା ଅଛି, ଏ ସବୁ ବିଚାର କରିବାକୁ ଅବସର ନ ଥାଏ । ସେତେବେଳ ସେ ସ୍ତ୍ରୀ-ଦେହଧାରିଣୀ ହୁଅନ୍ତୁ ବା ପୁରୁଷ ଦେହଧାରୀ ହୁଅନ୍ତୁ, ଯେ ନିଜର ଆଧ୍ୟାତ୍ମିକ ସମ୍ପଦ ଦ୍ୱାରା ଶିଷ୍ୟର ହିତ ସାଧନ କରିବେ, ତାଙ୍କ ପରି ବନ୍ଧୁ, ତାଙ୍କ ପରି ଆତ୍ମୀୟ ଓ ତାଙ୍କ ପରି ହିତୈଷୀ ଆଉ କେହି ନୁହନ୍ତି । ସେତେବେଳେ ସେ ପିତା, ସେ ମାତା, ସେ ଭ୍ରାତା ସେ ପାଳୟିତା, ସେ ରକ୍ଷାକର୍ତ୍ତା ସେ ପରିତ୍ରାତା ।

(ଭାଦ୍ର ୨୩, ୧୩୪୧)

ନାରୀର ଗୁରୁ ଗ୍ରହଣ

ସାଧନ ପାଇବା ପୂର୍ବରୁ ତୋତେ ମାନସିକ ଦିଗରୁ ବିଶେଷ ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ । ତୋତେ ଗୁରୁଗତପ୍ରାଣା ହେବାକୁ ହେବ । କିନ୍ତୁ କେଉଁ ଭାବରେ ଅନୁପ୍ରାଣିତ ହୋଇ ଗୁରୁ ପାଦପଦ୍ମରେ ଆତ୍ମସମର୍ପଣ କରିବୁ ଜାଣୁ ? ସମଗ୍ର ଦେହମନୋମୟ ସନ୍ତାନଭାବ ଦ୍ୱାରା ଅନୁପ୍ରାଣିତ ହୋଇ ତୁ ଗୁରୁଦେବଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିବୁ । ତୋର ଧ୍ୟାନ, ଜ୍ଞାନ ସର୍ବାବସ୍ଥାରେ ତୁ ନିଜକୁ ଗୁରୁଦେବଙ୍କର କନ୍ୟା ବୋଲି ମନେ କରିବୁ ଓ ତାଙ୍କୁ ନିଜର ଜନ୍ମଦାତା ପିତା ବୋଲି ଜ୍ଞାନ କରିବୁ । ଜୀବନର ଯଥାର୍ଥ ଜନ୍ମ ଲାଭ ଜ୍ଞାନରେ ହିଁ ହୁଏ । ତେଣୁ ଯାହାଙ୍କ ପାଖରୁ ବ୍ରହ୍ମବିଦ୍ୟା ପାଇବୁ, ତାଙ୍କ ଦେହକୁ ଜନ୍ମଦାତା ପିତାଙ୍କର ଦେହ, ତାଙ୍କର ମନକୁ ଜନ୍ମଦାତା ପିତାଙ୍କର ମନ, ତାଙ୍କର ସ୍ନେହକୁ ଜନ୍ମଦାତା ପିତାଙ୍କ ସ୍ନେହ, ତାଙ୍କର ଆଦେଶକୁ ଜନ୍ମଦାତା ପିତାଙ୍କର ଉପଦେଶ ବୋଲି ଅନୁଭବ କରିବାକୁ ହେବ । ନିଜକୁ ମଣିବୁ ଶ୍ରୀ ଶ୍ରୀ ଗୁରୁଦେବଙ୍କର କ୍ରୋଡ଼ଶାୟିନୀ ଏକ ଶିଶୁ, ତାଙ୍କରି ପବିତ୍ର ବାହୁର ପରିରକ୍ଷଣ-

ପାଳିତା ଆଦରିଣୀ ଆତ୍ମଜା । ନିଜ ଅନ୍ତର ମଧ୍ୟରେ ଏହି ଭାବ ସୁଦୃଢ଼ ଭାବରେ ପ୍ରତିଷ୍ଠିତ କରି ନ ପାରିବା ପର୍ଯ୍ୟନ୍ତ କୌଣସି ନାରୀ ଗୁରୁ ଉପଦେଶ ପାଇବାକୁ ଯୋଗ୍ୟା ହୁଏ ନାହିଁ ।

ପ୍ରଚଳିତ ଗୁରୁବାଦ ପ୍ରତି ମୋ ଅନ୍ତରର ଆଦୌ ସମର୍ଥନ ନାହିଁ । ଗୁରୁବାଦର ପ୍ରଚଳିତ ବ୍ୟାଖ୍ୟା ପ୍ରତି ମଧ୍ୟ ମୋ ଅନ୍ତରର ଅନୁମୋଦନ ନାହିଁ । ତଥାପି ଏକଥା ସତ୍ୟ ଯେ ଆଧ୍ୟାତ୍ମିକ ଉନ୍ନତି ପ୍ରାର୍ଥନାକାମୀ ଶିଷ୍ୟ ବା ଶିଷ୍ୟା ଯାହାଙ୍କ ପାଦ ତଳେ ଆଶ୍ରୟ ନିଅନ୍ତି, ତାଙ୍କ ଠାରେ ଶିଷ୍ୟ ବା ଶିଷ୍ୟାର ଆରୋପିତ ମନୋଭାବ ଏପରି ଉଚ୍ଚ ଓ ଏପରି ପବିତ୍ର ହେବା ଆବଶ୍ୟକ ଯେ ତାହା ଯେପରି ମନର ଗୋପନତମ ଭୋଗବୁଦ୍ଧିର ଉଚ୍ଛେଦ ସାଧନ କରିବାକୁ ସମର୍ଥ ହେବ । ଗୁରୁଙ୍କୁ ଗରୀୟାନ ବୋଲି ଭାବି ପାରିବା ଭିତରେ ଅଶେଷ କଲ୍ୟାଣ ଓ ବହୁ ସୌଭାଗ୍ୟ ନିହିତ ଅଛି । କାମର ଛଳନା ଯେତେବେଳେ ଜୀବନକୁ ମୋହିତ କରେ, କ୍ରୋଧର ଉତ୍ତେଜନା ଯେତେବେଳେ ଜୀବନକୁ ପ୍ରତପ୍ତ କରେ, ଲୋଭର ପ୍ରରୋଚନା ଯେତେବେଳେ ଜୀବନକୁ ଚଞ୍ଚଳ କରେ, ମୋହର ଘନ ଅନ୍ଧକାର ଯେତେବେଳେ ଜୀବନକୁ ସଂଶୟାଚ୍ଛନ୍ନ କରେ, ମଦର ଉଲ୍ଲାସ ଯେତେବେଳେ ଜୀବନକୁ ଆକୁଳିତ କରେ, ମାତ୍ସର୍ଯ୍ୟର ନୀଚତା ଯେତେବେଳେ ଜୀବନକୁ କଳୁଷିତ କରେ, ସେତେବେଳେ ଯାହାଙ୍କ ପାଦପଦ୍ମ ସ୍ପର୍ଶ କଲେ ଅପାପବିଦ୍ଧ ଭଗବାନଙ୍କର ପ୍ରେମମୟ ସୁଖ ସ୍ମୃତି, କାମ ଭାବକୁ ବିଦୂରିତ କରେ, ସେତେବେଳେ ଯାହାଙ୍କ ପାଦପଦ୍ମ ସ୍ମରଣ କଲେ ଅହିଂସାର ପ୍ରେମମୟୀ ମୂର୍ତ୍ତି ଚିନ୍ତା ରାଜ୍ୟରେ ଶୁଶୀତଳ ବାରି ବର୍ଷଣ କରେ, ସେତେବେଳେ ଯାହାଙ୍କର ନିସ୍ପୃହ ନିଷ୍କାମ ତ୍ୟାଗ ସୁନ୍ଦର ଜୀବନାଦର୍ଶ କଥା ଚିନ୍ତା କଲେ ଲୋଭଜନିତ ଚଞ୍ଚଳତା ମୁହୂର୍ତ୍ତକ ମଧ୍ୟରେ ସ୍ତବ୍ଧ ହୁଏ, ସେତେବେଳେ ଯାହାଙ୍କର

ଜ୍ଞାନଦୀପ୍ତ ବ୍ରହ୍ମଜ୍ୟୋତି-ଉଦ୍ଭାସିତ ପରମନିଷ୍ଠ ଜୀବନର ଆଲୋକରେ ବିବେକର ବାଣୀ ବଜ୍ର ଗମ୍ଭୀର ହୁଙ୍କାର ଛାଡ଼ି ମୋହଧ୍ୱାନ୍ତକୁ ବିଧ୍ୱଂସ କରେ, ସେତେବେଳେ ଯାହାଙ୍କ ନିରହଙ୍କାର ଦୃଷ୍ଟି ନିଚୟ ଅହଙ୍କାରର କଳରବ, ଗର୍ବ ଅଭିମାନର କୋଳାହଳ ଓ ଦର୍ପଦମ୍ଭର ବାହୁସ୍ଫୋଟକୁ ମୂକ କରିଦିଏ, ସେତେବେଳେ ଯାହାଙ୍କର ପରସୁଖେ ସୁଖୀ ମନ ତୋର ପରସୁଖେ-ଦୁଃଖୀ ମନକୁ ଲଜ୍ଜିତ ଓ ଅନୁତପ୍ତ କରି ତୋତେ ଉପରକୁ ଉଠାଇ ନିଏ, ତାଙ୍କ ସହିତ ତୋର ସକଳ ସମ୍ପର୍କ ଯେ ଅଖଣ୍ଡ ପବିତ୍ରତା ଉପରେ ହିଁ ପ୍ରତିଷ୍ଠିତ, ତାଙ୍କ ସହିତ ତୋର ସମସ୍ତ ସାଧାରଣ ଓ ଘନିଷ୍ଠ ସମ୍ପର୍କନିଚୟ ଯେ ମାତୃମୟୀ ଚିନ୍ତା ଉପରେ ହିଁ ପ୍ରତିଷ୍ଠିତ, ତାଙ୍କ ସହିତ ତୋର ସମସ୍ତ ସରଳ ଓ ନିଗୂଢ଼ ଭାବବିନିମୟ ଯେ କେବଳ ବ୍ରହ୍ମାନନ୍ଦର ଅମୃତମୟ ରସ ଆସ୍ୱାଦନ ଉପରେ ହିଁ ପ୍ରତିଷ୍ଠିତ, ସର୍ବାଗ୍ରେ ଏକଥା ତୋତେ ଅବଧାରଣ କରିବାକୁ ହେବ ।

ନିର୍ମାଣ ଯୁଗର ତପସ୍ୱୀନୀ ତୁ । ତୋ ଜୀବନର ପ୍ରଭାବ ସହସ୍ର ସହସ୍ର ଜୀବନ ଉପରେ ପଡ଼ିବ । ତେଣୁ ଭିତ୍ତିଠାରୁ ଆରମ୍ଭକରି ଚୂଡ଼ା ପର୍ଯ୍ୟନ୍ତ ତୋର ସମଗ୍ର ଜୀବନଟାକୁ ତୀକ୍ଷ୍ଣ ପ୍ରଜ୍ଞାଦୃଷ୍ଟିର ନିୟନ୍ତ୍ରାଧୀନ କରି ଗଭୀର କଲ୍ୟାଣ ଦୃଷ୍ଟିର ତତ୍ତ୍ୱାବଧାନରେ ରଖି ତୋତେ ଗଢ଼ିବାକୁ ପଡ଼ିବ । ଗୁରୁବାଦର ଭ୍ରାନ୍ତ ବ୍ୟାଖ୍ୟା ସହସ୍ର ସହସ୍ର ତପୋବ୍ରତ-ଧାରିଣୀ ଉନ୍ନତ ହୃଦୟଶାଳିନୀ ମହିମମୟୀ ମହିଳାଙ୍କୁ ସର୍ବସ୍ୱାନ୍ତ କରିଛି । ସେଇଥିପାଇଁ ତ ମା ଆଜି ଗୁରୁବରଣର ପ୍ରାକ୍ କାଳରେ ତୋତେ ଆବଶ୍ୟକୀୟ ସାବଧାନ-ବାଣୀ ମୁଁ ଶୁଣାଉଛି ।

ଯାହାଙ୍କ ପ୍ରତି ଚିତ୍ତର ସ୍ୱାଭାବିକ ଅନୁରାଗ ତୁ ଅନୁଭବ କରୁଛୁ, ତାଙ୍କୁ ଗୁରୁ ବୋଲି ବରଣ କରିପାରୁ । ଯାହାଙ୍କ ଚରିତ୍ର ଓ ସାଧନ-ସମ୍ବନ୍ଧି ପ୍ରତି ତୋର ଶ୍ରଦ୍ଧିତ ଦୃଷ୍ଟି ଆକୃଷ୍ଟ ହୋଇଛି, ତାଙ୍କୁ ଗୁରୁ ବୋଲି ବନ୍ଦନା କରିପାରୁ ।

ଯାହାଙ୍କ ଜୀବନର ଆଦର୍ଶ ତୋର ସମଗ୍ର ମନପ୍ରାଣର ଉଚ୍ଚାକାଂକ୍ଷାକୁ ଆକର୍ଷଣ କରିଛି, ତାଙ୍କରି ପାଦତଳେ ଲୁଣ୍ଠିତ ହୋଇପାରୁ । ଯାହାଙ୍କ ଆଶୀର୍ବାଦର ସ୍ପର୍ଶ ତୋର ସକଳ ଅନ୍ଧକାର ଛେଦନ କରି ପାରିବ ବୋଲି ଦୃଢ଼ ପ୍ରତ୍ୟୟ ଜନ୍ମିଛି ତାଙ୍କରି ଆଶ୍ରୟ ଗ୍ରହଣ କରିପାରୁ । କିନ୍ତୁ ସର୍ବାଗ୍ରେ ପ୍ରୟୋଜନ ନିଜ ମନ ଭିତରେ ସନ୍ତାନମୟୀ ଧ୍ୟାନଶୀଳତାର ପ୍ରତିଷ୍ଠା ଓ ସେହି ସୁପବିତ୍ର ଭାବକୁ ନିଜ ଭିତରେ ଅଜର ଅମର କରି ଜୀଆଇ ରଖିବାର ସାମର୍ଥ୍ୟ । ନିୟତ ଧ୍ୟାନ କର, ଯେ ତୋର ଗୁରୁ ତାଙ୍କ ସହିତ ତୋର ଭାବ ଓ ବ୍ୟବହାର ହେଉଛି ପିତା ଓ ଦୁହିତାର ଭାବ ଓ ବ୍ୟବହାର, ସେ ତୋର ବାପା ଓ ତୁ ତାଙ୍କର ଝିଅ । ତୋର ଏହି ଧ୍ୟାନ ଯେଉଁଠି ସ୍ଥାୟୀ ନ ହେବ, ଏହି ଚିନ୍ତା ପ୍ରାଣ ମଧ୍ୟରେ ଗଭୀର ପ୍ରେମ ପ୍ଲାବନ ଆଣି ନ ପାରିବ, ଜାଣିଥା, ସେଠାରେ ଦୀକ୍ଷା ଗ୍ରହଣ କରିବା ତୋ ପକ୍ଷରେ ମସ୍ତବଡ଼ ଏକ ଭୁଲ ଓ ବିରାଟ ବୋକାମି ହେବ । ଯେଉଁଠି ଏହି ଭାବକୁ ଅନ୍ତର ମଧ୍ୟରେ ଦୃଢ଼ରୂପେ ଧରି ରଖିବାକୁ ତୁ ଅସମର୍ଥା ହେବୁ, ଯେଉଁଠି ଏହି ଭାବ ପ୍ରାଣରେ ଶାନ୍ତିର ଜୁଆର ବୁହାଇ ନ ପାରିବ, ଯେଉଁଠି କୃତ୍ରିମ ପ୍ରଚେଷ୍ଟା ଦ୍ୱାରା ଜୋଡ଼ାତାଳି ନ୍ୟାୟରେ ଏହି ଭାବକୁ ବଳଖର୍ଚ୍ଚ କରି ମନ ଭିତରେ ବସାଇବାକୁ ପଡ଼ିବ, ସ୍ୱାଭାବିକ ଭାବରେ ଏ ଭାବଟି ଅନ୍ତର ମଧ୍ୟରେ ନିଜର ସ୍ଥାନ ନିଜେ ଦଖଲ କରି ନ ପାରିବ, ଜାଣିଥା ମା, ସେଠାରେ ଗୁରୁ ପାଦପଦ୍ମରେ ତୋର ଆତ୍ମସମର୍ପଣ ଏକ ବିରାଟ ବିଷାଦପୂର୍ଣ୍ଣ ବିୟୋଗାନ୍ତକ ନାଟକ ମାତ୍ର ।

ନାରୀ ଯେତେବେଳେ ପୁରୁଷ-ଗୁରୁଙ୍କୁ ଆଶ୍ରୟ କରିବାକୁ ଚାହିଁବ, ସେତେବେଳେ ତାକୁ ଏହି କଥାଟି ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରି ଦେଖିବାକୁ ହେବ । ନ ହେଲେ ସତ୍ୟ ପରିବର୍ତ୍ତେ ଅସତ୍ୟ, ଜ୍ଞାନ ପରିବର୍ତ୍ତେ ଅଜ୍ଞାନ,

ଭଗବତ୍ ପ୍ରେମ ପରିବର୍ତ୍ତେ ପାପମୟ କାମ, ସର୍ବସ୍ୱ ତ୍ୟାଗ ପରିବର୍ତ୍ତେ ପୂତିଗନ୍ଧମୟ ଦୁର୍ଭୋଗ ଶିଷ୍ୟାର ଜୀବନକୁ ଆଚ୍ଛନ୍ନ କରିବା ଅବଶ୍ୟମ୍ଭାବୀ ।

(ମାଘ ୨୧, ୧୩୩୫)

ଧର୍ମ ନାଁ ରେ କଦାଚାର

ଶୁଣିବାକୁ ମିଳେ ଯେ କୌଣସି କୌଣସି ବୈଷ୍ଣବ ସମ୍ପ୍ରଦାୟରେ ବିବାହ ପରେ ସ୍ତ୍ରୀକୁ ସର୍ବପ୍ରଥମେ ଗୁରୁଦେବଙ୍କ ହାତରେ ସମର୍ପଣ କରାଯାଏ ଓ ସେ ତାକୁ ଗ୍ରହଣ କରି ପ୍ରସାଦୀ କରି ଦେଲା ପରେ ସେମାନେ ସ୍ୱାମୀ-ସ୍ତ୍ରୀ ସମ୍ବନ୍ଧ ସ୍ଥାପନ କରନ୍ତି । ଏଭଳି ପ୍ରଥା ଅତି ଜଘନ୍ୟ ଓ ମାରାତ୍ମକ । ଏ ଧରଣର ଜଘନ୍ୟ କଦାଚାରକୁ କଦାପି ପ୍ରଶ୍ରୟ ଦେବା ଉଚିତ୍ ନୁହେଁ । ମନୁଷ୍ୟ ଯେତେବେଳେ ବାହାଦୂରୀ ଦେଖାଇବା ପାଇଁ କଦାଚାର କରେ, ତାହା ତତୋଽଧିକ ଜଘନ୍ୟ । କିନ୍ତୁ ଲୋକ ଯେତେବେଳେ ଆଦର୍ଶର ଧ୍ୱଜା ଉଡ଼ାଇ ତାହା କରେ, ସେତେବେଳେ ତାର ଜଘନ୍ୟତା ବର୍ଣ୍ଣନାର ଅତୀତ । ଯେ କୌଣସି ମତେ ହେଉ ଏ ସବୁ ବନ୍ଦ ହେବା ଉଚିତ୍ । ସାର୍ବଜନୀନ ପ୍ରଚାର, ଶୁଦ୍ଧ ଧର୍ମର ଆଦର୍ଶ ପ୍ରଦର୍ଶନ, କଦାଚାର-ସମର୍ଥକ ମାନଙ୍କର କୁଯୁକ୍ତି ଖଣ୍ଡନ, ସାମାଜିକ ଶାଶନ, ଦଳବଦ୍ଧ ବିରୋଧିତା ଓ ଆଇନ ପ୍ରବର୍ତ୍ତନ ଇତ୍ୟାଦି ସବୁ ପ୍ରକାର ଚେଷ୍ଟା ଯୁଗପଦ୍ କରି ଏ ସବୁ ଅନାଚାରର ମୂଳୋତ୍ପାଟନ କରିବା ଆବଶ୍ୟକ ।

ସ୍ତ୍ରୀକୁ ଗୁରୁଙ୍କୁ ସମର୍ପଣ କରିବା ପ୍ରଥାର ମୂଳ ଉଦ୍ଦେଶ୍ୟ

ଗୁରୁଙ୍କ ହାତରେ ସ୍ତ୍ରୀକୁ ସମର୍ପି ଦେବା ପ୍ରଥାଟା ବର୍ତ୍ତମାନ ଯେତେ କଦର୍ଯ୍ୟବୋଧ ହେଉ ପଛକେ, ମୂଳରୁ ଏହା ଏଭଳି କଦର୍ଯ୍ୟ ବ୍ୟାପାର ନ

ଥିଲା । ଏହା ପଛରେ ଏକ ମହତ୍ ଉଦ୍ଦେଶ୍ୟ ଥିଲା ଓ ଏକ ପ୍ରାଣବନ୍ତ କର୍ମନୀତି ମଧ୍ୟ ଏହା ସହିତ ଜଡ଼ିତ ଥିଲା । ସେ ଉଦ୍ଦେଶ୍ୟଟି ହେଲା, ବିବାହିତ ଜୀବନରେ ପବିତ୍ରତା ଓ ଭାଗବତୀ ଚେତନାକୁ ସୁପ୍ରତିଷ୍ଠିତ କରିବା । ସେ କର୍ମନୀତି ହେଲା, ନବବିବାହିତ ପତ୍ନୀ ବିବାହ ପରେ ସ୍ୱାମୀ ଗୃହରେ ପ୍ରବେଶ କରି ଯେପରି ଇନ୍ଦ୍ରିୟ ସେବାରେ ନିଜକୁ ବିକି ନ ଦିଏ, ପରନ୍ତୁ ଗୁରୁଗୃହରେ ରହି ତ୍ୟାଗ, ବୈରାଗ୍ୟ, ସଂଯମ, ସତ୍ୟ, ସଦାଚାର, ଭକ୍ତି, ବିନୟ, ପବିତ୍ରତା ପ୍ରଭୃତି ସମ୍ପର୍କରେ ଉପଯୁକ୍ତ ସତ୍‌ଶିକ୍ଷା ଲାଭ କରି ପରମ ପ୍ରେମର ଆଧାର ରୂପରେ ସ୍ୱାମୀ ଗୃହକୁ ଆସି ସେ ଯେପରି ସୁଚିତା, କଲ୍ୟାଣ, ଆନନ୍ଦ ପ୍ରେମରେ ସ୍ୱାମୀ ଗୃହକୁ ଉଜ୍ଜ୍ୱଳ କରେ ।

ଶିଷ୍ୟର ଉଦ୍ଦେଶ୍ୟର ମହତ୍ତ୍ୱ

ଭାବ ଦିଗରୁ ଲକ୍ଷ୍ୟ କଲେ ସ୍ଥଳ ବିଶେଷରେ ଏହି ପ୍ରଥାର ଆଉ ଏକ ବୈଶିଷ୍ଟ୍ୟ ମଧ୍ୟ ଦୃଷ୍ଟିରେ ପଡ଼େ । ବହୁ ସାଧକ ସଂସାରରେ ପ୍ରତ୍ୟେକ ପଦାର୍ଥ ଉପରୁ ନିଜର ସବୁ ଅଧିକାର ଓ ଦାବୀ କାଢ଼ି ନେଇ ଗୁରୁଦେବଙ୍କୁ ହିଁ ସଂସାରର ସବୁ ବସ୍ତୁର ମାଲିକ ବୋଲି ଜ୍ଞାନ କରିବାକୁ ଚାହିଁଥିଲେ । ଧନ ଦୌଲତ, ବିଷୟ ସମ୍ପତ୍ତି ସବୁ ଗୁରୁଦେବଙ୍କର, ନିଜର କିଛି ନୁହେଁ, କୌଣସି ବସ୍ତୁ ପ୍ରତି ମୋର ତିଳେମାତ୍ର ମମତ୍ୱ ଥିବା ଉଚିତ ନୁହେଁ, ସବୁ ତାଙ୍କର ଓ ମୁଁ ତାଙ୍କର ଆଜ୍ଞାବହ କର୍ମଚାରୀ ହୋଇ ତାଙ୍କର ବିଷୟ ବାଡ଼ି ଦେଖୁଛି- ଅନେକ ଅନ୍ତରରେ ଏହିଭାବକୁ ଅନୁଶୀଳନ କରିବାକୁ ଚାହିଁଲେ । ତେଣୁ ସେମାନଙ୍କ ପକ୍ଷରେ "ସବୁ ଯାହାର, ସ୍ତ୍ରୀ ବି ତାର'- ଏହି ମତକୁ ପ୍ରାଧାନ୍ୟ ଦେବା ଅତି ସ୍ୱାଭାବିକ । ସେମାନେ ଗୁରୁଙ୍କୁ ଯେ ନିଜ ସ୍ତ୍ରୀକୁ ସମର୍ପଣ କରୁଥିଲେ, ଏଇଆ ଭାବି କରୁ ନ ଥିଲେ ଯେ ଗୁରୁ ସେମାନଙ୍କ ସ୍ତ୍ରୀମାନଙ୍କୁ ନେଇ ଇନ୍ଦ୍ରିୟ ଚର୍ଚ୍ଚା କରନ୍ତୁ । ପରନ୍ତୁ

ଏଇଆ ଭାବି ସେମାନେ ସମର୍ପଣ କରୁଥିଲେ ଯେ "ଗୁରୁଙ୍କୁ ଯେଉଁ ଜିନିଷ ଦେଇଦେଲି ସେ ଜିନିଷ ଆଉ ମୋର ଭୋଗ୍ୟବସ୍ତୁ ହୋଇ ନପାରେ, ସ୍ତ୍ରୀ ଆମରଣ ମୋ ଘରେ ରହିଲେ ମଧ୍ୟ ମୁଁ ଥରକ ପାଇଁ ମଧ୍ୟ ତା ସହିତ କୌଣସି ଦୈହିକ ବ୍ୟବହାର କରିବି ନାହିଁ ।" ଠିକ୍ ଯେମିତି ଲୋକେ ଗୟା ବା କାଶୀକୁ ଯାଇ କୌଣସି ଫଳ ଦାନ କରି ଆସିଲେ, ସେ ଫଳ ଝୁଡ଼ି ଝୁଡ଼ି ହୋଇ ଘରେ ପଚିଗଲେ ବି ଥରେ ତାକୁ ଆସ୍ୱାଦନ କରନ୍ତି ନାହିଁ । ତେଣୁ ଏ ବିଷୟଟି ବିଚାର କରିବାକୁ ଯାଇ ମୂଳ ଆଡ଼କୁ ଦୃଷ୍ଟି ଦେଲେ ବୁଝାଯିବ ଯେ ଶିଷ୍ୟର ଉଦ୍ଦେଶ୍ୟ ଥିଲା ଅତି ପବିତ୍ର ଓ ଅତି ମହତ ।

ଗୁରୁଦେବମାନଙ୍କର ବିଶ୍ୱାସଘାତକତା

କିନ୍ତୁ ଶିଷ୍ୟର ଉଦ୍ଦେଶ୍ୟ ଯେତେ ପ୍ରଶଂସନୀୟ ହେଲେ ବି ଗୁରୁ ଯେଉଁଠି ସଂଯମହୀନ, ଅବିଦ୍ୟାପରାୟଣ, ବିଳାସୀ ଓ କାମୁକ, ଗୁରୁ ଯେଉଁଠି ଅସତର୍କ, ସ୍ୱାର୍ଥପର, ଅସାଧକ ଓ ଦୁର୍ବଳ, ସେଠାରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଦୁର୍ନୀତି ପ୍ରବେଶ କରିବ ହିଁ କରିବ । ତାକୁ ରୋକିବାର ଶକ୍ତି କାହାରି ନାହିଁ । ମୂର୍ଖ ବା ଅଶିକ୍ଷିତା ଅଳ୍ପ ବୟସ୍କା ଝିଅମାନଙ୍କୁ ଗୁରୁଦେବ ଯାହା ଖୁସି ତାହା ଶିଖାଇ ଦିଅନ୍ତି ଓ ସେହି ପାଠ ମୁଖସ୍ତ କରି ସେମାନେ ସ୍ୱାମୀଗୃହକୁ ଫେରି ଆସନ୍ତି । ଅଧିକାଂଶ ଜୀବନରେ ତଦ୍‌ବିରୁଦ୍ଧ ହିତକର ଶିକ୍ଷାର କୌଣସି ସୁଯୋଗ ଜୁଟେ ନାହିଁ । ଫଳତଃ ସେହି ବୋହୂମାନେ କାଳକ୍ରମେ ମା ହୋଇ ଯେତେବେଳେ ଶାଶୁ ହୁଅନ୍ତି ସେମାନେ ନିଜର ଝିଅ ବୋହୂମାନଙ୍କୁ ନିଜେ ପଢ଼ିଥିବା ବିଦ୍ୟାରେ ତାଲିମ ଦେବାକୁ ଲାଗନ୍ତି । ଗୁରୁଦେବମାନଙ୍କର ବିଶ୍ୱାସଘାତକତାର ଫଳ ଏହିପରି ଭାବରେ ସମାଜର ଏକ ଅଂଶ ବିଶେଷରେ ଏକ ବଦ୍ଧମୂଳ କୁପ୍ରଥାରେ ଆସି ପରିଣତ ହୋଇଛି ।

କଦାଚାରର ମୂଳ ସ୍ତ୍ରୀର ସୁଶିକ୍ଷାର ଅଭାବ

ଏହିସବୁ କଦାଚାରର ମୂଳ କେଉଁଠି ତାହା ତୁମ୍ଭେମାନଙ୍କୁ ଖୋଜି ବାହାର କରିବାକୁ ହେବ । ସ୍ତ୍ରୀମାନଙ୍କ ମଧ୍ୟରେ ସୁଶିକ୍ଷାର ଅଭାବ ଏହାର ମୂଳ କାରଣ । ମନଟି ଯାହାର ସୁଗଠିତ, ତା ଦେହରେ ହାତ ଦେବାର ସାଧ କାହାର ଅଛି ? ସତୀତ୍ୱ ଗୌରବ ସଂପର୍କରେ ଯେ ସଚେତନ, ତାର ଶରୀରତ ଅଜେୟ ଦୁର୍ଗ । ଅନୁରୋଧ ଉପରୋଧରେ ନୁହେଁ, ଶାସନ ବା ରକ୍ତଚକ୍ଷୁ ପ୍ରଦର୍ଶନରେ ନୁହେଁ ଏପରିକି କମାଣ ବନ୍ଧୁକଚଳାଇ ନୁହେଁ, କୌଣସିମତେ ତାକୁ ଦଖଲ କରି ହୁଏ ନାହିଁ । ଏହି ମୂଳ ସୂତ୍ରଟିକୁ ଧରି ଆମେ ଯଦି କାର୍ଯ୍ୟ କରୁ, ତେବେ ଏ ଦୁର୍ନୀତିର ଯଥାର୍ଥ ପ୍ରତିକାର ହୋଇପାରେ

(ଆଷାଢ଼ ୧୬, ୧୩୩୯)

ଗୁରୁ, ଶିଷ୍ୟ ଓ ସମଦୀକ୍ଷିତଙ୍କ ମଧ୍ୟରେ ଜାତିଭେଦ

ଦୀକ୍ଷାଦାତା ଓ ଦୀକ୍ଷିତଙ୍କ ମଧ୍ୟରେ ଜାତିଭେଦ ସମ୍ପର୍କୀୟ କୌଣସି ପ୍ରଶ୍ନ ଉଠି ନ ପାରେ । ଦୀକ୍ଷିତ ନୀଚ ଜାତିର ବୋଲି ତାକୁ ଅବଜ୍ଞା କରିବା ଦୀକ୍ଷାଦାତା ପକ୍ଷରେ କପଟତା ବୋଲି ମୁଁ ମନେ କରେ । ତେଣୁ ସମଦୀକ୍ଷିତଙ୍କ ମଧ୍ୟରେ ଜାତିଭେଦ ସଂକ୍ରାନ୍ତ କୌଣସି କଥା ଉଠି ନ ପାରେ, ଉଠିବା ଉଚିତ୍ ବି ନୁହେଁ । ଅବଶ୍ୟ ମୁଁ ଜୋର କରି ମୋର ପୁଅଝିଅଙ୍କ ଭିତରୁ ଜାତିଭେଦ ଦୂର କରିବାକୁ ଚେଷ୍ଟା କରି ନାହିଁ, କରିବା ପ୍ରୟୋଜନ ମନେ କରି ନାହିଁ । ତାର କାରଣ ହେଉଛି, ସେମାନେ ଯଦି ଅକପଟ ଚିତ୍ତରେ ଦୀକ୍ଷାପ୍ରାପ୍ତ

ମହାନାମର ସାଧନ କରିଯା'ନ୍ତି, ତାହାହେଲେ ସେମାନଙ୍କ ଭିତରୁ ସବୁ ପ୍ରକାରର ଜାତିଭେଦ ଛାଏଁ ଛାଏଁ ଉଠିଯିବ । ଅଥଚ ଜାତିଭେଦ ଉଠିଯିବା ଯୋଗୁଁ ଏହି ସମସାଧକ ସମାଜରେ କୌଣସି ଅନାଚାର ବା ଉଚ୍ଛୃଙ୍ଖଳତା ପ୍ରବେଶ କରିପାରିବ ନାହିଁ ।

(ଶ୍ରାବଣ ୩, ୧୩୩୯)

ସଦ୍‌ଗୁରୁଙ୍କ ଆତ୍ମବିଲୋପ

ମୁଁ ମୋର ପୁତ୍ର କନ୍ୟାମାନଙ୍କୁ ଗୁରୁଭକ୍ତି ଅନୁଶୀଳନମୂଳକ ଶିକ୍ଷା କେବେ ଦେଇ ନାହିଁ କି ଦେବି ବି ନାହିଁ । କାରଣ ମୁଁ ନିଜେ ଗୁରୁ ହୋଇ ଯଦି ତୁମ୍ଭମାନଙ୍କୁ ଗୁରୁଭକ୍ତି ଶିକ୍ଷା ପ୍ରଦାନ କରେ ତାହା ହେଲେ ସେହି ଭକ୍ତି ମୋର ଆତ୍ମପୂଜା ରୂପ ଧାରଣ କରିବ । ସେବା କରି ସେହି ସେବା ବିନିମୟରେ କିଛି ଗ୍ରହଣ କରିବାର ଦୈନ୍ୟକୁ ଅସହ୍ୟ ବୋଲି ମୁଁ ସର୍ବଦା ମୋ ଅନ୍ତରରେ ଅନୁଭବ କରିଅଛି । ନିଜକୁ ଗୁରୁ ରୂପରେ ପ୍ରକଟିତ ନ କରି ବୈଦିକ ଋଷିଙ୍କର ଧ୍ୱାନ୍ତ-ବିନାଶୀ ସନାତନ ତତ୍ତ୍ୱ ପରିବେଷଣ କରିବା ଅନ୍ୟ କୌଣସି ପ୍ରକାରେ ସମ୍ଭବ ବୋଲି ଯଦି ମନେ କରିଥାଆନ୍ତି ତେବେ ମୁଁ ନିଶ୍ଚିତ ଭାବରେ ନିଜକୁ ଅନ୍ଧକାରର ଅନ୍ତରାଳରେ ସଂପୂର୍ଣ୍ଣ ଲୁକ୍‌କାୟିତ ରଖି ସେ କାର୍ଯ୍ୟ କରିଥାନ୍ତି । କିନ୍ତୁ ଦେଖିଲି ତାହା ସମ୍ଭବ ନୁହେଁ । ଏକମାତ୍ର ଏହି କାରଣରୁ ମୋତେ ଲୋକଗୁରୁ ଦୀକ୍ଷାଦାତା ଆଚାର୍ଯ୍ୟ ରୂପରେ ଆତ୍ମପ୍ରକାର କରିବାକୁ ହେଲା । ସଂପ୍ରଦାୟ ପ୍ରତିଷ୍ଠା ମୋହର ତାଡ଼ନାରେ ନୁହେଁ, ଆତ୍ମପ୍ରତିଷ୍ଠା ଲିପ୍‌ସାର ପ୍ରୟୋଜନରେ ନୁହେଁ ବା ସାହିତ୍ୟିକ ବିକାଶ-ସ୍ରୋତରେ ଭାସିଯାଇ ନୁହେଁ, କେବଳ ପ୍ରାଣର ଜାଗରଣ ଲାଗି ପ୍ରାଣ ଦେବାର ପ୍ରୟୋଜନୀୟତାରୁ ମୁଁ ତୁମ୍ଭମାନଙ୍କର ଗୁରୁ ହୋଇଛି । ତେଣୁ ଆତ୍ମପ୍ରକାଶ କରିବା ପରେ ବି ଆତ୍ମବିଲୋପ ଲାଗି ମୁଁ ଅହରହ ଚେଷ୍ଟିତ ।

କିନ୍ତୁ ସାଧକମାନେ ସାଧନ କରିବାକୁ ବସି ଦେଖିଛନ୍ତି ଯେ ଗୁରୁ, ଇଷ୍ଟ ଓ ମନ୍ତ୍ର ଏକ ଓ ଅଭିନ୍ନ ଏବଂ ଏ ତିନି ବସ୍ତୁରରେ ପାର୍ଥକ୍ୟ ରକ୍ଷା କରି ଚଳିବା କଠିନ ବା ଅସମ୍ଭବ । 'କଠିନ' ମାନେ ଅତିଶୟ ଶକ୍ତ-ମସ୍ତିଷ୍କ ସମ୍ପନ୍ନ କେହି କେହି କୌଣସିମତେ ପାରନ୍ତି । 'ଅସମ୍ଭବ'ମାନେ ସାଧାରଣଲୋକେ କେହି ପାରନ୍ତି ନାହିଁ । ଗୁରୁ, ଇଷ୍ଟ ଓ ମନ୍ତ୍ରର ଏକତ୍ୱ ପ୍ରଚାର ଚତୁର ଗୁରୁଦେବମାନଙ୍କର ଆତ୍ମପ୍ରତିଷ୍ଠା ଲାଳଶା-ପ୍ରଯୁକ୍ତ କପଟ ପ୍ରୟାସ ନୁହେଁ । ଏ କଥାଟି କୌଣସି ଗୁରୁଦେବଙ୍କ ମସ୍ତିଷ୍କରୁ ପ୍ରଥମେ ବାହାରି ନାହିଁ, ପରନ୍ତୁ ଏକାନ୍ତ ଅନନ୍ୟଚିତ୍ତ ଭକ୍ତ ସାଧକଙ୍କର ଅଭିନିବିଷ୍ଟ ସାଧନାର ଫଳ ସ୍ୱରୂପ ପ୍ରତ୍ୟକ୍ଷଲବ୍‌ଧ ଅକାଟ୍ୟ ଅନୁଭୂତିରୁ ଏହାର ଉତ୍ପତ୍ତି ହୋଇଅଛି । ସେମାନେ ଯୁକ୍ତି ଦ୍ୱାରା ଏହା ବୁଝି ନାହାନ୍ତି । ସାଧନ ଦ୍ୱାରା ବୁଝିଛନ୍ତି । ଯୁକ୍ତିରେ ଫାଙ୍କ ଥାଏ । ଅକାଟ୍ୟ ଯୁକ୍ତିରେ ବି ସନ୍ଦେହର ଅବକାଶ ଥାଏ । କିନ୍ତୁ ସାଧନଲବ୍ଧ ପ୍ରଜ୍ଞାରେ ସେ ଅବକାଶ ନ ଥାଏ । ଯୁକ୍ତି ଚନ୍ଦ୍ରାଲୋକ ପରି କେତେଗୁଡ଼ିଏ ପ୍ରତ୍ୟକ୍ଷ ଉପରେ ନିର୍ଭରଶୀଳ କିନ୍ତୁ ସେହି ଆଲୋକ ସହିତ ଅନ୍ଧକାର ମିଶାମିଶି ହୋଇଥାଏ ।

ଉପଲବ୍ଧି ସୂର୍ଯ୍ୟାଲୋକ ପରି ସ୍ୱତଃପ୍ରକାଶ, ନିଜ ଉପରେ ନିଜେ ନିର୍ଭରଶୀଳ, ନିତ୍ୟ ନୂତନ ଯୁକ୍ତିର ଆମଦାନିରେ ତାହା ଆଦୌ ଟଳେ ନାହିଁ । ନିତ୍ୟ-ନୂତନ ତଥ୍ୟର ସମାବେଶରେ ସେ ହଲେ ନାହିଁ । ଅନ୍ଧକାର ସହିତ ତା'ର କୌଣସି ଆପୋଷ ନାହିଁ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କେବେହେଲେ ଏ ତତ୍ତ୍ୱ-ଉପଦେଶ ଦେବାକୁ ଚାହେଁ ନାହିଁ । ଅନ୍ୟମାନେ ଯଦି ସାଧନ ବଳରେ ଏହି ତତ୍ତ୍ୱ ପ୍ରତ୍ୟକ୍ଷ କରିଥାନ୍ତି ତୁମେ ବି ଏକ ସମୟରେ ତାହା ପ୍ରତ୍ୟକ୍ଷ କରିବ । ମୁଁ କେବଳ ତୁମ୍ଭମାନଙ୍କୁ ନାମରେ ସମଗ୍ର ନିଷ୍ଠା ନିୟୋଗ କରିବାକୁ ନିର୍ଦ୍ଦେଶ ଦେଇଅଛି । ଆପାତତଃ ମୋତେ ଭୁଲିଗଲେ ଯାଅ ପଛକେ ନାମରେ ଚିର ଜାଗ୍ରତ ଥାଅ ।

ନାମ ବିତରଣ ଓ ଗୁରୁବୋଧ

ନାମାଶ୍ରୟର ଅପାର ମହିମାରେମୁଁ ତୁମ୍ଭମାନଙ୍କର ଗୁରୁ ହୋଇଅଛି । ନାମାଶ୍ରୟର ଅପାର ମହିମାରେ ତୁମ୍ଭେମାନେ ଜଗତର ଗୁରୁ ହୁଅ । କିନ୍ତୁ ଗୁରୁ ହୋଇ ମଧ ଗୁରୁ ବୋଧକୁ ଅନ୍ତରରୁ ଦୂରେଇ ରଖ । ଶିଷ୍ୟମାନଙ୍କ ଠାରୁ ନିଜର କୌଣସି ପ୍ରାପ୍ୟ ଅଛି ବୋଲି ଅନ୍ତରରେ ଧାରଣା କରିବ ନାହିଁ । ଦେବା ପାଇଁ ତୁମେ ଆସିଛ, ନେବା ପାଇଁ ନୁହେଁ । ତୁମେ ଖାଲି ଦେଇଯାଇ ପାରିବ, କିଛି ନେଇଯାଇ ପାରିବ ନାହିଁ । ଯେ ପ୍ରତିନିଧି ରୂପରେ କାର୍ଯ୍ୟ କରେ ତାର ଶକ୍ତି ଅସୀମ । ଯେ ଅହମିକା ରଖି କାର୍ଯ୍ୟ କରେ ସେ ଆତସବାଜୀ ପରି କ୍ଷଣିକର ଖେଳ ଦେଖାଇ ଅଚିରେ ଲିଭିଯାଏ । ସମଗ୍ର ଜଗତକୁ ନାମାଶ୍ରୟୀ କରିବା ଲାଗି ଲକ୍ଷ ଲକ୍ଷ ଆତ୍ମ-ବିଲୋପକାରୀ ଦୀକ୍ଷାଦାତାଙ୍କର ସମଗ୍ର ତପସ୍ୟାର ଜ୍ୟୋତି ଆଜି ନିଷ୍ଠାର ଦୃଢ଼ତା ଘେନି ଗୋଟିଏ ସ୍ଥାନରେ ସଂସ୍ଥିତ ହେଉ, ପୃଥିବୀ ଇତିହାସରେ ଏକ ନୂତନ ଇତିହାସ ସୃଷ୍ଟି ହେଉ ।

ଗୁରୁଙ୍କ ଆତ୍ମବିଲୋପ

ତୁମ ଗୁରୁଦେବଙ୍କ ସମ୍ପର୍କରେ ଯାହା ଯାହା ଲେଖିଛ, ତାର ସପକ୍ଷ ବା ବିରୁଦ୍ଧରେ ମୋର କୌଣସି ମତାମତ ନ ଦେବା ହିଁ ସର୍ବତୋଭାବେ ବାଞ୍ଛନୀୟ । କିନ୍ତୁ ଗୋଟିଏ କଥା ମୁଁ ନ କହି ରହିପାରୁନାହିଁ । ମୁଁ ମୋର ଶିଷ୍ୟମାନଙ୍କୁ ଅକାତରେ ଉପଦେଶ ଦେଇଥାଏ ଯେ - "ମୋର କୌଣସି ଦୋଷ ଦେଖିଲେ ତୁମ୍ଭେମାନେ ତାହା ସଂଶୋଧନ କରିଦେଇ ମୋତେ ଉପକୃତ ଓ ନିର୍ଦ୍ଦୋଷ କରିବ । ମୋଠାରେ ସଂଶୋଧନାତୀତ ଦୋଷ ଦେଖିଲେ ବିନା ଦ୍ୱିଧାରେ ଓ ନିର୍ମମ ଭାବରେ ମୋତେ ପରିତ୍ୟାଗ କରିବ । ମୋ ପ୍ରତି ଆନୁଗତ୍ୟ ବା

ବାଧତା ପ୍ରଦର୍ଶନ କରିବାକୁ ଯାଇ ନିଜର ସ୍ୱାଧୀନ ସତ୍ତାକୁ ବିସର୍ଜନ ଦେବା ନିଷ୍ପ୍ରୟୋଜନ । ଆତ୍ମବିଶ୍ୱାସକୁ ଚରମ ପରାକାଷ୍ଠାରେ ଉପନୀତ କରାଇ ତୁମ୍ଭେମାନେ ପରମ ଉପାସ୍ୟ ପରଂବ୍ରହ୍ମଙ୍କୁ ନିଜ ନିଜର ଗୁରୁ ବୋଲି ଉପଲବ୍ଧି କରିବାକୁ ଯତ୍ନବାନ୍ ହୁଅ, ଇତ୍ୟାଦି ।'' ଜଗତର ଆଉ କୌଣସି ଗୁରୁ ଏ ପର୍ଯ୍ୟନ୍ତ ଯାହା କହିନାହାନ୍ତି, ମୁଁ ମୋର ଶିଷ୍ୟମାନଙ୍କୁ ସେ କଥା କହିଛି । ପୃଥିବୀବ୍ୟାପୀ ସର୍ବତ୍ର ଶିଷ୍ୟମାନେ ଗୁରୁଙ୍କ ପାଖରେ ଆତ୍ମବିଲୋପ କରନ୍ତି, କିନ୍ତୁ ମୁଁ ଶିଷ୍ୟମାନଙ୍କ ପାଖରେ ଆତ୍ମବିଲୋପ କରିଅଛି । ଶିଷ୍ୟକୁ ପ୍ରଧାନ କରି ଥୋଇ ମୁଁ କ୍ରମଶଃ ଯବନିକା ଅନ୍ତରାଳକୁ ଅପସରି ଯାଇଅଛି । ତାକୁ ସବୁ କାର୍ଯ୍ୟରେ ସ୍ୱାଧୀନତା ପ୍ରଦାନ କରି ମୁଁ ନିଜର ସ୍ୱାଧୀନ ଇଚ୍ଛାକୁ ନିଜର ସ୍ୱାଧୀନ ସତ୍ତା ସହିତ ଅତଳ ବାରିଧି ଗର୍ଭରେ ନିମଜ୍ଜିତ କରି ଦେଇଛି । ମୋର ପ୍ରଭୁତ୍ୱ, ମୋର ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ମୁଁ ଶିଷ୍ୟର ଆତ୍ମପ୍ରକାଶ ସମକ୍ଷରେ ଅତି ନିର୍ମମ ଭାବରେ ନିକ୍ଷେପିତ କରି ରଖିଛି । ବର୍ତ୍ତମାନ ଯୁଗର ଗତି, ରୀତି ଓ ଚାହିଦା ପ୍ରତି ଦୃଷ୍ଟି ରଖି ଯେ ମୁଁ ଏହା କରିଅଛି, ଏକଥା କହିଲେ ମିଥ୍ୟା ହେବ ନାହିଁ ।

ଅଦୋଷଦର୍ଶୀ ଗୁରୁ

କିନ୍ତୁ ମୋର ପରିପୂର୍ଣ୍ଣ ଆତ୍ମବିଲୋପ ମଧ୍ୟ ଦେଇ ମୋ ଜୀବନର ସାର୍ଥକତା ଆସିପାରେ, କିନ୍ତୁ ମୋର ଆତ୍ମବିଲୋପରେ ମୋ ଶିଷ୍ୟର କଣ ସାର୍ଥକତା ଥାଇପାରେ ? ଜୀବନରେ କୌଣସି ଗୋଟିଏ ଶିଷ୍ୟକୁ ମୁଁ ଯେ ଗୁରୁ ରୂପରେ କୌଣସି ଆଦେଶ ପ୍ରଦାନ କଲି ନାହିଁ, ବରଂ ସେ ତାର ସହଜ ସ୍ୱଭାବରେ ଆପେ ଆପେ ଆସି ସ୍ୱେଚ୍ଛାରେ ଆଦେଶ ମାଗୁ ବୋଲି ଦିନ ପରେ ଦିନ, ଯୁଗ ପରେ ଯୁଗ କେବଳ ଅପେକ୍ଷା ହିଁ କରି ରହିଲି, ମୋର ଏହି

ନିଜତ୍ୱ ବିସର୍ଜନ ମୋ ପକ୍ଷରେ ମହାଶ୍ଳାଘ୍ୟ ହୋଇପାରେ କିନ୍ତୁ ମୋର ଏହି ଆତ୍ମବିସର୍ଜନରେ ଶିଷ୍ୟର ଶ୍ଳାଘ୍ୟ କ'ଣ ଅଛି ? ମୋର କୌଣସି ଗୋଟିଏ ଶିଷ୍ୟ ଏହି ଗୋଟିକ କଥା କେବେହେଲେ ଭାବି ଦେଖି ନାହାନ୍ତି ବା ସେ ସମ୍ପର୍କରେ କେବେ ପ୍ରଶ୍ନ ସୁଦ୍ଧା କରି ନାହାନ୍ତି । ବାରମ୍ବାର କଦର୍ଯ୍ୟ ଅପରାଧ କରି ଶିଷ୍ୟ ମୋ ଠାରୁ କ୍ଷମା ପାଇଛି । ପର ନାରୀ ଉପରେ ସେ ଆକ୍ରମଣ କରିବା ଦେଖି ମୁଁ କାନ୍ଦି କାନ୍ଦି ଅଧୀର ହୋଇଛି କିନ୍ତୁ ତାକୁ ବର୍ଜନ କରି ନାହିଁ । ସେ ପରସ୍ୱ ଅପହରଣ କରିବା ଦେଖି ମୁଁ ବ୍ୟଥାରେ ଟଳି ପଡ଼ିଛି କିନ୍ତୁ ତାକୁ ତ୍ୟାଗ କରିନାହିଁ । ସେ ଗୁରୁଦ୍ରୋହ କରିବା ଦେଖି ମୁଁ ଲଜ୍ଜା, କ୍ଷୋଭ ଓ ବେଦନାରେ ମଥିତ ହୋଇଛି, କିନ୍ତୁ ଅଭିଶାପ ଦେଇନାହିଁ । ତା'ର ଶତ ଦୋଷ ଓ ସହସ୍ର ତ୍ରୁଟି ଉପକ୍ଷୋ କରି ଆନ୍ତରିକ ସ୍ନେହ ଦେଇ ତାକୁ ଖାଲି ଭଲ ପାଇ ଆସିଛି । ମାନବ-ପରିଜ୍ଞାତ ଅପରାଧ ତାଲିକା ଭିତରେ ଏପରି କୌଣସି ଅପରାଧ ନାହିଁ, ଯାହା ମୋର କେହି ନା କେହି ଶିଷ୍ୟ ନ କରିଛନ୍ତି । ସେଥିରେ ମୁଁ ବ୍ୟଥିତ ହୋଇଛି ଓ ତାର କଲ୍ୟାଣ ଲାଗି ବିଶ୍ୱନାଥଙ୍କ ଚରଣରେ ପ୍ରାର୍ଥନା କରିଅଛି, ତାର ଚରିତ୍ର ପରିବର୍ତ୍ତନ ଲାଗି ସଂକଳ୍ପ କରି ଲକ୍ଷ ଲକ୍ଷ ଥର ଜପ କରିଅଛି, କିନ୍ତୁ - "ତୁ ମୋର ପରିତ୍ୟକ୍ତ"- ଏକଥାଟି କେବେହେଲେ ମନରେ ଭାବି ନାହିଁ କି ମୁହଁରେ କହି ନାହିଁ । ଏହି, ଯାହା ମୁଁ କରିନାହିଁ, ଏଥିରେ ମୋର ଲାଭ ହୋଇଅଛି, କିନ୍ତୁ ଶିଷ୍ୟର ଏଥିରେ କ'ଣ ଲାଭ ହୋଇଅଛି ?

ଶିଷ୍ୟର ଅଦୋଷଦର୍ଶିତା

ଅଥଚ ଶିଷ୍ୟଆଡୁ ଯଦି ବିଚାର କରିବାକୁ ହୁଏ ଶିଷ୍ୟ ଯଦି ନିଜ ଅନ୍ତର ପ୍ରତି ଦୃଷ୍ଟି ଦେଇ ଚଳେ, ତାହାହେଲେ ଚୈତନ୍ୟ ଭାଗବତର ରଚୟିତା ବୃନ୍ଦାବନ ଦାସଜୀଙ୍କ କଣ୍ଠରେ କଣ୍ଠ ମିଳାଇ ତାକୁ କହିବାକୁ ହେବ-

"ମଦିରା ଯବନୀ ଯଦି ନିତ୍ୟାନନ୍ଦ ଧରେ
ତଥାପି ବ୍ରହ୍ମାର ବନ୍ଦ୍ୟ କହିଲୁଁ ତୋମାରେ"

ଶିଷ୍ୟ ଯେତେବେଳେ ସ୍ୱଚ୍ଛ, ଶିଷ୍ୟ ଯେତେବେଳେ ସୁଚ୍ଛମନା, ଶିଷ୍ୟ ଯେତେବେଳ ନିଶ୍ଚିତ ଭାବରେ ସାଧନପରାୟଣ, ଶିଷ୍ୟ ଯେତେବେଳେ ସାଧନର ପ୍ରକୃତ ଫଳକୁ ଆୟତ୍ତ କରିପାରିଛି, ଶିଷ୍ୟ ଯେତେବେଳେ ନାମରେ ଏକାନ୍ତ ରୁଚିସମ୍ପନ୍ନ ଓ ଆସ୍ଥାବାନ ସେତେବେଳେ ସ୍ୱତଃ ତା ମୁହଁରୁ ଏକଥା ବାହାରିବ-

"ଯଦ୍ୟପି ଅମାର ପ୍ରଭୁ ଶୁଣ୍ଡି ବାଡ଼ି ଯାୟ
ତଥାପି ଆମାର ପ୍ରଭୁ ନିତ୍ୟାନନ୍ଦ ରାୟ ।"

ତୁମେ ତୁମ ଗୁରୁଦେବଙ୍କ ସମ୍ବନ୍ଧେ ନାନା ଅପ୍ରିୟ ମନ୍ତବ୍ୟ କରି ପତ୍ର ଲେଖିଥିବାରୁ ତାର ପ୍ରତ୍ୟୁତ୍ତରରେ ମୁଁ ତୁମକୁ ଏତିକି ଜଣାଇ ଦେଉଛି ଯେ ଶିଷ୍ୟ ପ୍ରତି ଗୁରୁର ଅଦୋଷଦର୍ଶିତା ଯଦି ଗୌରବଜନକ ବା ମଙ୍ଗଳଜନକ ହୁଏ, ତେବେ ଗୁରୁ ପ୍ରତି ଶିଷ୍ୟର ଅଦୋଷଦର୍ଶିତା ଆହୁରି ଗୌରବଜନକ ଓ ଆହୁରି ମଙ୍ଗଳଜନକ ।

(ଭାଦ୍ର ୨୩, ୧୩୬୧)

ଗୁରୁଙ୍କର ବିଚିତ୍ର ଆଚରଣ

ଅନ୍ୟର ଜୀବନ ଗଠନ କରିବା ଯାହାର ଜୀବନର ବ୍ରତ, ତାଙ୍କର ଆଚରଣକୁ ତୁମର କ୍ଷୁଦ୍ର ମାପକାଠିରେ ମାପିବାକୁ ଗଲେ ତାହା ସ୍ୱାଧୀନ ବିଚାର ବୁଦ୍ଧିର ପରିଚୟ ହୋଇପାରେ କିନ୍ତୁ ସୁବିଚାର ହୋଇ ନପାରେ । ଗଛର ଯହିଁରେ

ଉପକାର ହେବ, ତାହାହିଁ କରିବା ମାଳୀର କର୍ତ୍ତବ୍ୟ । କିନ୍ତୁ ଉପକାର ବୋଇଲେ କଣ ବୁଝାଏ ? କେତେ ଶ୍ରମ, କେତେ ଯତ୍ନ କଲା ପରେ ଗଛଟିଏ ସାନରୁ ବଡ଼ ହୁଏ । ବଡ଼ ହେଲା ପରେ ସେଥିରୁ କିଛି କିଛି ଡାଳ ପତ୍ର ଛେଦି ଦେବାର ବେଳ ଆସେ । କାରଣ ଥୋଡ଼ାଏ ଡାଳପତ୍ର ଛେଦି ନ ଦେଲେ ଗଛରେ ଫୁଲ ଫଳ ଧରିବ ନାହିଁ, ଅଥଚ ଫୁଲ ଫଳରେ ହିଁ ଗଛର ସାର୍ଥକତା । ଗୁରୁଙ୍କର କର୍ତ୍ତବ୍ୟ ମଧ ତଦ୍ରୂପ । ଆତ୍ମଶକ୍ତିରେ ଅବିଶ୍ୱାସୀ, ଅକର୍ମଣ୍ୟ ଓ ଆଳସ୍ୟ ପରାୟଣ ଶିଷ୍ୟକୁ ମହାବ୍ରତରେ ଉଦ୍‌ବୁଦ୍ଧ କରିବା ଲାଗି ତା'ର ପୁରୁଷକାର ଓ ତାର ବ୍ୟକ୍ତିତ୍ୱ ବୋଧ ପ୍ରତି ରସାୟନ-ପ୍ରୟୋଗ କରିବାକୁ ଲାଗନ୍ତି । ଫଳତଃ ବହୁ ସଦ୍‌ଗୁଣ ସଙ୍ଗେ ସଙ୍ଗେ ଔଦ୍ଧତ୍ୟ, ଦୁର୍ବିନୟ, ଅବିମୃଷ୍ୟକାରୀତା, ଅହଙ୍କାର, ଦମ୍ଭ, ଦର୍ପ, ପରମତ ପ୍ରତି ଅସହିଷ୍ଣୁତା ପ୍ରଭୃତି ବଦ୍‌ଗୁଣ ଡାଳପତ୍ର ମେଲାଇ ଆକାଶ ସ୍ପର୍ଶ କରିବାକୁ ବସେ । ସେ ଅବସ୍ଥାରେ ଥୋଡ଼ାଏ ଡାଳପତ୍ର କର୍ତ୍ତନ କରିବା ଲାଗି ଗୁରୁଙ୍କୁ କଠୋର ହସ୍ତରେ ଦା' ବା କଟୁରୀ ଚଳାଇବାକୁ ହୁଏ, ସ୍ଥଳ ବିଶେଷରେ କୁରାଢ଼ି ବି ବ୍ୟବହାର କରିବାକୁ ହୁଏ । କାରଣ ଦର୍ପ, ଦମ୍ଭ, ଅହଙ୍କାର ପ୍ରଭୃତିର ଡାଳପତ୍ର କାଟି ନ ଦେଲେ ମାନବ- ଜୀବନ-ବୃକ୍ଷରେ ଫୁଲ ଫୁଟିବ ନାହିଁ କି ଫଳ ଧରିବ ନାହିଁ । ଏତେ ଆଦର ଯତ୍ନରେ ଯାହାକୁ ସେ ଲାଳନ ପାଳନ କରିଥିଲେ ତାକୁ ହିଁ କଠୋର ହସ୍ତରେ ଶାସନ କରିବାର ପ୍ରୟୋଜନୀୟତା ଗୁରୁଙ୍କର ଅଛି ଏବଂ ସେ ଯୋଗ୍ୟତା ମଧ ଗୁରୁଙ୍କର ଥିବା ଆବଶ୍ୟକ ।

(ଶ୍ରାବଣ ୯, ୧୩୪୧)

ଗୁରୁ ଶିଷ୍ୟଙ୍କ ବିଚ୍ଛେଦର ଅଧିକାରୀ

ପ୍ରଶ୍ନ-କେହି ଯଦି ଆଗରୁ ଜଣେ ଗୁରୁଙ୍କ ଦ୍ୱାରା ଦୀକ୍ଷିତ ହୋଇଥାନ୍ତି ଏବଂ ପରେ ଆଉ ଜଣଙ୍କର କିଛି ବିଶେଷତ୍ୱ ଦେଖି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତି, ତେବେ ତାଙ୍କର ସେ କାର୍ଯ୍ୟଟି ଭଲ ନା ମନ୍ଦ ?

ଶ୍ରୀ ଶ୍ରୀ ବାବା- ପଦେ କଥାରେ ଏହାର ଜବାବ ଦେଇ ହେବ ନାହିଁ । ପ୍ରଥମେ ଯେ ଗୁରୁ ହେଲେ ସେ ଯଦି ଅଯୋଗ୍ୟ ବ୍ୟକ୍ତି ହୁଅନ୍ତି ତେବେ ଗୁର୍ବନ୍ତର ଛଡ଼ା ଶିଷ୍ୟର ଅନ୍ୟ ଗତି ନାହିଁ । କିନ୍ତୁ ଯେ ଶିଷ୍ୟ ହେଲେ ସେ ଯଦି ମହାନ୍ ଗୁରୁଙ୍କ ଶିଷ୍ୟ ହେବାକୁ ଯୋଗ୍ୟ ନ ହୁଅନ୍ତି ଏବଂ ସେଭଳି ଗୁରୁଙ୍କର ଯୋଗ୍ୟ ଶିଷ୍ୟ ରୂପେ ନିଜକୁ ଗଠନ କରିବାରେ ଯଦି କୌଣସି ପ୍ରବଳ ପ୍ରତିବନ୍ଧକ ଥାଏ ତେବେ ନିକୃଷ୍ଟତର ବ୍ୟକ୍ତିଙ୍କୁ ପୁନରାୟ ଗୁରୁ ରୂପେ ଗ୍ରହଣ କରିବା ଛଡ଼ା ତାଙ୍କର ଆଉ ଗତ୍ୟନ୍ତର କ'ଣ ? କିଏ କିଭଳି ଗୁରୁ ଓ କିଏ କିଭଳି ଶିଷ୍ୟ ଏ ଦୁଇଟି ପ୍ରଶ୍ନର ଉତ୍ତରକୁ ଭିତ୍ତି କରି ଏହାର ସିଦ୍ଧାନ୍ତଟି ନିର୍ଣ୍ଣୀତ ହେବ । ଗୁରୁ ପଥ ଦେଖାଇ ଆଗେ ଆଗେ ଯିବେ ଓ ଶିଷ୍ୟ ତାକୁ ଅନୁସରଣ କରିବ । ସୁତରାଂ ଗୁରୁ ଓ ଶିଷ୍ୟ ମଧ୍ୟରେ ଏକ ପ୍ରକୃତିଗତ-ସାମ୍ୟବାଦ ଥିବା ଏକାନ୍ତ ଆବଶ୍ୟକ । ଗୁରୁଙ୍କ ଚରିତ୍ରର ଢଙ୍ଗ ଏପରି ହୁଏ ଯେ ସେ ବ୍ରାହ୍ମଣେତର ଜାତିର ଲୋକଙ୍କ ପ୍ରତି ତୀବ୍ର ଘୃଣା ପୋଷଣ କରନ୍ତି ତେବେ ଜାତ୍ୟଭିମାନୀ ଉଚ୍ଚବର୍ଣ୍ଣର ଲୋକଙ୍କ ପକ୍ଷରେ ସେଭଳି ଗୁରୁ ଶ୍ଲାଘ୍ୟ ହେବେ, ଏଥିରେ ସନ୍ଦେହ ନାହିଁ । ଗୁରୁଦେବଙ୍କ ଚରିତ୍ରର ବିଶେଷତ୍ୱ ଯଦି ଏପରି ହୁଏ ଯେ ସେ ସ୍ତ୍ରୀ, ଶୁଦ୍ର, ଚୋର ଚଣ୍ଡାଳ ପ୍ରଭୃତି ସର୍ବଜୀବନଙ୍କୁ ସର୍ବାବସ୍ଥାରେ ଆଦରର ଧନ ବୋଲି ମନେ କରନ୍ତି ତାହାହେଲେ ଉଚ୍ଚ ବର୍ଣ୍ଣ ସୁଲଭ ଜାତ୍ୟଭିମାନ ଯେଉଁମାନଙ୍କର ନାହିଁ ସେହିଭଳି ଲୋକମାନେ ତାଙ୍କ ଛତ୍ରଛାୟା ତଳେ ଆସି ତୁଷ୍ଟ ହେବେ ।

କିଏ କାହାର ଗୁରୁ ହେବାକୁ ଉପଯୁକ୍ତ ଓ କିଏ କାହାର ଶିଷ୍ୟ ହେବାକୁ ଯୋଗ୍ୟ, ସେ ବିଷୟରେ ପୂର୍ଣ୍ଣ ପ୍ରତୀତି ନ ଥିବା ଯୋଗୁଁ ବହୁ ଗୁରୁ ଭୁଲ ଲୋକଙ୍କୁ ଶିଷ୍ୟ କରନ୍ତି, ବହୁ ଲୋକ ଭୁଲ ଗୁରୁଙ୍କୁ ଗୁରୁ କରନ୍ତି ଏବଂ କିଛି ଦିନ ପରେ ଗୁରୁର ଦାୟ ଆସିଯାଏ ଶିଷ୍ୟଠାରୁ ଦୂରେଇ ଯିବାକୁ ଏବଂ ଶିଷ୍ୟର ପ୍ରୟୋଜନ ହୁଏ ଅନ୍ୟ ଗୁରୁ ଗ୍ରହଣ କରିବାକୁ । ଗୁରୁ ଓ ଶିଷ୍ୟର ଏହି ପ୍ରୟୋଜନର ଦାବି ମେଣ୍ଟାଇବାର ସ୍ୱାଧୀନତା ପ୍ରତି ଦୃଷ୍ଟି ଦେଇ ବିଚାର କଲେ ନିଶ୍ଚିତ ଭାବରେ କୁହାଯିବ, ଯେ କେହି ଯୋଗ୍ୟତର ଗୁରୁ ପାଇଲେ ଅନ୍ୟ ଗୁରୁଙ୍କର ଆଶ୍ରୟ ନେଇପାରନ୍ତି ।

ଗୁର୍ବନ୍ତର ଗ୍ରହଣରେ ବିପଦ

କିନ୍ତୁ ଏଥିରେ ବିପଦ କିଛି କମ ନାହିଁ । ଏଥିରେ ଝୁଙ୍କି (risk) ବି ଯଥେଷ୍ଟ ଅଛି । ଯାହାଙ୍କୁ ମୁଁ ଅଯୋଗ୍ୟ ବୋଲି ବର୍ଜନ କରି ଅନ୍ୟ ଜଣଙ୍କୁ ଦ୍ୱିତୀୟ ବା ତୃତୀୟ ଗୁରୁ ରୂପେ ଗ୍ରହଣ କଲି, ସେହି ନୂଆ ଗୁରୁ ଯେ ପୁରୁଣା ଗୁରୁଙ୍କ ଠାରୁ ବେଶି ଅଯୋଗ୍ୟ ନୁହଁନ୍ତି ତାର କଣ କିଛି ସ୍ଥିରତା ଅଛି ? ପ୍ରଥମ ସ୍ୱାମୀଟି ଭଲ ଶୁଣି ପାରେ ନାହିଁ ବୋଲି ସ୍ୱେଚ୍ଛାଚାରୀ ଦେଶର ସ୍ତ୍ରୀ ଲୋକମାନେ ଦ୍ୱୀତୀୟ ପତି ଗ୍ରହଣ କରନ୍ତି କିନ୍ତୁ ତାପରେ ଯଦି ଟେର ପାଆନ୍ତି ଯେ ଦ୍ୱିତୀୟ ପତିଟି ଭଲ ଦେଖିପାରେ ନାହିଁ ସେତେବେଳେ ଅବସ୍ଥାଟି କେମିତି ହୁଏ ? ପୁନର୍ବାର ତୃତୀୟ ପତି ଗ୍ରହଣ ହୁଏ ଅପରିହାର୍ଯ୍ୟ ପରିଣାମ । କିନ୍ତୁ ପରେ ଯଦି ଦେଖାଯାଏ ଯେ ତୃତୀୟ ପତିର ପତିଜନୋଚିତ ଅସଲ ଗୁଣଟିର ଅଭାବ ଅଛି ସେତେବେଳେ କଣ ଚତୁର୍ଥ ପତି ଗ୍ରହଣ କରିବା ଛଡ଼ା ଆଉ କିଛି ବାଟ ଥାଏ ? ଏହି ଦୁର୍ଭୋଗରୁ ପୁଅ ଝିଅମାନଙ୍କୁ ରକ୍ଷା କରିବା ପାଇଁ Compassionate

marriage ବା ପରୀକ୍ଷାମୂଳକ ବିବାହ ପ୍ରଚଳନ କରିବା ଲାଗି ଉଦ୍ୟମ ହେଉଛି । ଏଭଳି ଅବସ୍ଥାରେ ଯେପରି ପଡ଼ିବାକୁ ନ ହେବ ସେଥିପାଇଁ ତ ଆମ ଦେଶରେ ବ୍ୟବସ୍ଥା ଅଛି ଯେ ଗୁରୁ କରିବା ଆଗରୁ ଅନ୍ତତଃ ଏକବର୍ଷକାଳ ତାଙ୍କୁ ପରୀକ୍ଷା କରିବ ଏବଂ ଶିଷ୍ୟ କରିବା ଆଗରୁ ଏକବର୍ଷ କାଳ ତାକୁ ପରୀକ୍ଷା କରିବ ଏବଂ ଏହିପରି ଭାବରେ ଦୁଇବର୍ଷ ଗତ ହେଲା ପରେ ବିଚାର ବିଭ୍ରାନ୍ତି ଘଟିବାର ସମ୍ଭାବନା କମିଯିବ । ମୋଟ କଥା ହେଲା ଅତି ଗୁରୁତର ଓ ଅତି ଭୟଙ୍କର କାରଣ କିଛି ନଥିଲେ ଗୋଟିଏ ଗୁରୁଙ୍କ ଉପଦେଶ ମାନି ଚଳିବା ଉତ୍ତମ, ବାରଆଡ଼େ ମନ ଦେବା ଠିକ୍ ନୁହେଁ ।

ଶିଷ୍ୟର ଗୁରୁ ତ୍ୟାଗ

ଅନେକ ସମୟରେ ଦେଖାଯାଏ ଯେ ଜଣେ ଲୋକ କୌଣସି ସାଧୁ ପୁରୁଷଙ୍କ ଚରିତ୍ରରେ ମୁଗ୍ଧ ହୋଇ ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କଲା କିନ୍ତୁ ପରେ ଗୁରୁଙ୍କ ଜୀବନରେ ନାନା ଅସଙ୍ଗତି ଦେଖି ଗୁରୁଙ୍କ ଉପରୁ ତାର ଆସ୍ଥା କ୍ରମଶଃ ତୁଟିଗଲା । ଏ ଅବସ୍ଥାରେ ଗୁରୁସଙ୍ଗ ଓ ଗୁରୁସଂଶ୍ରବ ତ୍ୟାଗ କରିବାହିଁ ତାର କର୍ତ୍ତବ୍ୟ । ଲୋକ ଚକ୍ଷୁରେ ଏ ଘଟଣା ଦୃଷ୍ଟି କଟୁ ହୋଇପାରେ କିନ୍ତୁ ଯାହାଙ୍କୁ ଦର୍ଶନ କଲେ ମନ ଉଚ୍ଚ ଭାବରେ ପୂର୍ଣ୍ଣ ନ ହୁଏ, ତାଙ୍କ ସଙ୍ଗ କରିବା କଦାପି କର୍ତ୍ତବ୍ୟ ନୁହେଁ ।

କିନ୍ତୁ ସାଧନ ସମ୍ବନ୍ଧରେ ସେ କଣ କରିବ ? ଉତ୍କୃଷ୍ଟତର ସାଧନ ନ ପାଇବା ପର୍ଯ୍ୟନ୍ତ ତାର ପୂର୍ବପ୍ରାପ୍ତ ସାଧନକୁ ନେଇ ଚଳିବା ଉଚିତ ଓ ଏକମାତ୍ର ଭଗବାନଙ୍କୁ ହିଁ ଗୁରୁ ବୋଲି ମାନିବା ଉଚିତ୍ ।

ଗୁରୁ ଯଦି ଚେଷ୍ଟା କରନ୍ତି ଯେ, ଶିଷ୍ୟ ଆଗ ପରି ବାଧ୍ୟ ହେଉ ଓ ବିନୟୀ ହେଉ, ତାହାହେଲେ କଣ କରିବାକୁ ହେବ ? ଗୁରୁ ଯଦି ଶିଷ୍ୟର ମନକୁ ଆକୃଷ୍ଟ କରିବା ପାଇଁ ନାନା ଭାବରେ ସ୍ନେହ ପ୍ରଦର୍ଶନ କରନ୍ତି ତାହା-ହେଲେ କଣ କରାଯିବ ? ତା'ହେଲେ ବି ସେ ସ୍ନେହରେ ଆକୃଷ୍ଟ ହେବା ଉଚିତ୍ ନୁହେଁ । ସନ୍ଦିଗ୍ଧ-ଚରିତ୍ରା ସ୍ତ୍ରୀ ସହିତ ବରଂ ଘରକରଣା ଚଳିବ, ସସର୍ପେ ବରଂ ଗୃହବାସ ଚଳିବ, କିନ୍ତୁ ଯାହାପ୍ରତି ଅନାସ୍ଥାଭାବ ଆସିଛି, ତାକୁ ଗୁରୁ ବୋଲି ମାନି ଚଳି ହେବ ନାହିଁ । ଏପରି ଅବସ୍ଥାରେ ଗୁରୁ ଯଦି ସ୍ନେହାଦି ପ୍ରଦର୍ଶନ କରି ଶିଷ୍ୟର ମନ ବହଲେଇବାକୁ ଚେଷ୍ଟା କରନ୍ତି, ତାହାହେଲେ ସେ ସ୍ନେହକୁ ମାୟା-ମୋହ ଜାଲ ମନେ କରି ଉପେକ୍ଷା କରିବା ଶିଷ୍ୟର କର୍ତ୍ତବ୍ୟ ।

ଗୁରୁ ଯଦି ଶିଷ୍ୟ ପାଇଁ କାନ୍ଦି ବୋବେଇ ଅଧୀର ହୁଅନ୍ତି, ତାହାହେଲେ କଣ କରାଯିବ ? ବାପା ମା କାନ୍ଦି ବୋବେଇ ଆକୁଳ ହେଲେ ବି ସନ୍ୟାସୀ ପୁଅ ଯେପରି ସନ୍ୟାସବ୍ରତ ତ୍ୟାଗ କରେ ନାହିଁ ଠିକ୍ ସେହିପରି ଅଯୋଗ୍ୟ ଗୁରୁ, ଶିଷ୍ୟ ପାଇଁ କାନ୍ଦି ବ୍ୟାକୁଳ ହେଲେ ବି ସେହି ଅନୁଚିତ ଆକର୍ଷଣରେ ମୁଗ୍ଧ ହେବା ଶିଷ୍ୟ ପକ୍ଷରେ ଉଚିତ୍ ନୁହେଁ । ବାପା ହେବା ସହଜ, ମା ହେବା ସହଜ, କିନ୍ତୁ ଗୁରୁ ହେବା ସହଜ କଥା ନୁହେଁ ।

କିନ୍ତୁ ଗୁରୁଙ୍କ ଉପରେ ଯଦି ଶିଷ୍ୟର ଆସ୍ଥା କେବେ ଫେରିଆସେ ? ତାହାହେଲେ ତ ଅଡୁଆ ଗଲା । ଆସ୍ଥା ଆସିଲେ ତ ଆତ୍ମ ସମର୍ପଣ । ଯେ ପର୍ଯ୍ୟନ୍ତ ଆସ୍ଥା ନ ଆସିଛି ସେ ପର୍ଯ୍ୟନ୍ତ ଉପେକ୍ଷା ପ୍ରଦର୍ଶନ । ଯଦି କେବେହେଲେ ଆସ୍ଥା ନ ଆସେ ତେବେ ତ ଚିର-ଉପେକ୍ଷା ।

(ଭାଦ୍ର ୧୯, ୧୩୩୪)

ଗୁରୁତ୍ୟାଗ

ସ୍ୱୟଂ ଶ୍ରୀ ଭଗବାନ ହିଁ ଗୁରୁ । କିନ୍ତୁ ସେ ମନୋବୁଦ୍ଧି-ଅଗମ୍ୟ ଲୋକରେ ନିଜର ସ୍ୱରୂପକୁ ଲୁଚାଇ ରଖିଛନ୍ତି । ତେଣୁ ତାଙ୍କ ପାଖରେ ପହଞ୍ଚିବା ପାଇଁ ତାଙ୍କୁ ହିଁ ଅବଲମ୍ବନ କରି ଯେଉଁ ମହାଭାବ ମନୋବୁଦ୍ଧି ଜ୍ଞାତ ଭାଷାରେଅନ୍ତରରେ ଉଦିତ ହୁଏ, ସେହି ମହାଭାବ ହିଁ ଗୁରୁ । କିନ୍ତୁ ଏହି ମହାଭାବକୁ ଅନ୍ତରରେ ସୁପ୍ରତିଷ୍ଠିତ କରିବା ଲାଗି ତାଙ୍କରି ମହାନାମରେ ଆବଶ୍ୟକତା ପଡ଼େ । ଅତଏବ ତାଙ୍କରି ନାମ ହିଁ ତୁମର ଗୁରୁ । ସେହି ନାମକୁ ଦୃଢ଼ ନିଷ୍ଠା ସହକାରେ ଅନ୍ତରରେ ଧରି ରଖିବା ପାଇଁ ବ୍ରହ୍ମଜ୍ଞ ପୁରୁଷଙ୍କର ଶିଷ୍ୟତ୍ୱ ଗ୍ରହଣ ଅନେକଙ୍କ ପକ୍ଷରେ ପ୍ରୟୋଜନ । ତେଣୁ ଦୀକ୍ଷାଦାତା ମହାପୁରୁଷ ତୁମର ଗୁରୁ । ଦୀକ୍ଷା ନେଇ ତୁମେ ନାମର ଅନୁଗତ ହେଉଛ । ଭଗବନ୍ମୁଖୀ ମହାଭାବର ଅନୁଗତ ହେଉଛ, ତେଣୁ ଦୀକ୍ଷାଦାତା ତୁମର ଗୁରୁ । ଦୀକ୍ଷା ନେବା ପରେ ଯଦି ତାଙ୍କ ସହିତ ସଂଶ୍ରବ ରକ୍ଷା କରିବା ଯୋଗୁଁ ତୁମ ଅନ୍ତରର ଉଦ୍ଦୀପନା ଓ ଉଚ୍ଚ ଭାବକୁ ସ୍ୱହସ୍ତରେ ନିଧନ କରିବାକୁ ହୁଏ, ତା ହେଲେ ତ ବାବୁ, ସେଥିରେ ଆତ୍ମହତ୍ୟାର ପାପ ହେବ । ତେଣୁ ଏକାନ୍ତ ଭାବରେ ନାମକୁ ଆଶ୍ରୟ କରିବା ପାଇଁ ଯଦି ତୁମକୁ ମନୁଷ୍ୟ ଦେହୀ ଗୁରୁଙ୍କ ପାଖରୁ ଦୂରେଇ ଯିବାକୁ ହୁଏ, ସେଥିରେ ଗୁରୁତ୍ୟାଗ ହୁଏ ନାହିଁ ।

କୁଳଗୁରୁଙ୍କ ସମ୍ମାନ

ସଦ୍‌ଗୁରୁ ଯଦି ପାଅ ଓ ସାଧନ କରିବା ଲାଗି ଯଦି ଅନ୍ତରରେ ପ୍ରବଳ ଆଗ୍ରହ ଥାଏ, ତେବେ ''କୁଳଗୁରୁଙ୍କ ପାଖରୁ ଦୀକ୍ଷା ନ ନେଲେ ନରକରେ ପଡ଼ିବ'' ବୋଲି ଯେଉଁ ପୁରୁଣା କାଳିଆ ଶାସନ ବାକ୍ୟ ଅଛି, ତାକୁ ଅଗ୍ରାହ୍ୟ

କରିବାକୁ ଭୟଭୀତ ହୁଅନାହିଁ । ତେବେ କୁଳଗୁରୁ ବଂଶ ବିବାହ, ବ୍ରତ, ଶ୍ରାଦ୍ଧ ପ୍ରଭୃତିରେ କିଛି ଅର୍ଥ ପ୍ରାପ୍ତି ହେବ ବୋଲି ଆଶା କରିଥାନ୍ତି । ସେଥିରୁ ତାଙ୍କୁ ବଞ୍ଚିତ କରିବ ନାହିଁ । ତାଙ୍କ ଠାରୁ ଦୀକ୍ଷା ନେଇ ନାହିଁ ବୋଲି ସେମାନଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବାରେ କୁଣ୍ଠିତ ହେବ ନାହିଁ ।

ଗୁରୁ ଓ ଶିଷ୍ୟବର୍ଦ୍ଧନ

ଜଗତରେ ଅନେକ ଗୁରୁ ବାସ୍ତବିକ ବାଧ୍ୟ ହୋଇ ଶିଷ୍ୟ ସଂଖ୍ୟା ବର୍ଦ୍ଧନ କରନ୍ତି- କେହି କେହି ନିଜର ଗୁରୁଦେବଙ୍କ ଆଦେଶରେ କରନ୍ତି, ଆଉ କେହି କେହି ଜୀବନ-ଉଦ୍ଧାର ପ୍ରେରଣାର ପ୍ରାବଲ୍ୟରୁ କରନ୍ତି, କେହି କେହି ସଂଖ୍ୟାବୃଦ୍ଧି ଜନିତ ନାନା ସୁବିଧା ସୁଯୋଗ ଲୋଭରେ କରନ୍ତି, କେହି କେହି ନାନା ପ୍ରତିକୂଳ ଅବସ୍ଥାରେ ଆତ୍ମରକ୍ଷାର ଚାହିଦାରୁ କରନ୍ତି, କେହି କେହି ଶିଷ୍ୟ ମାନଙ୍କର ଆଗ୍ରହର ଆତିଶଯ୍ୟ ଯୋଗୁଁ ବାଧ୍ୟ ହୋଇ କରନ୍ତି ଓ ଆଉ କେହି କେହି ନିଜର ପ୍ରେମମୟ ସ୍ୱଭାବର ସ୍ୱାଭାବିକ ଝୁଙ୍କରେ କରନ୍ତି । ତେଣୁ କାହାରି କାର୍ଯ୍ୟରେ ମୂଳରୁ ଅଭିସନ୍ଧି ଆରୋପ କରି ତାଙ୍କୁ ହେୟଜ୍ଞାନ କରିବା ଠିକ୍ ନୁହେଁ । ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଜଗତର ପ୍ରାୟ ସବୁ ଗୁରୁପଦାଧିକାରୀମାନେ କିଛି ନା କିଛି ଜଗଦ୍ଧିତ ସାଧନ କରୁଛନ୍ତି । ଅତଏବ ଯେଉଁଠି ଯାହାର ଗୁରୁଙ୍କୁ ଦେଖିବ, ତାଙ୍କୁ ନିଜର ଗୁରୁ ମନେ କରି ମନେ ମନେ ଶ୍ରଦ୍ଧା ଓ ସମ୍ମାନ କରିବ ।

(ଭାଦ୍ର ୧୯, ୧୩୩୪)

ଗୁରୁତ୍ୟାଗ ଓ ମନ୍ତ୍ର ତ୍ୟାଗର କ୍ଷେତ୍ର

ପୂର୍ବ-ଗୃହୀତ ମତ ଓ ପଥ ପରିତ୍ୟାଗ କରିବା କଣ କୌଣସି ଅବସ୍ଥାରେ ବି ସଙ୍ଗତ ନୁହେଁ ? ସାଧାରଣ କ୍ଷେତ୍ରରେ ନୁହେଁ । ତେବେ ଅସାଧାରଣ କ୍ଷେତ୍ର

ବି ତ ଅଛି, ଯେଉଁଠି ପରିହାର କରାଯାଏ, ପରିହାର କରିବାକୁ ହୁଏ । ଅବସ୍ଥା ବିଶେଷରେ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ବ୍ରାହ୍ମଣର ଗୋଇଠା ଖାଇବାକୁ ହୋଇଥିଲା । କିନ୍ତୁ ସେଇଟା ଭୃଗୁମୁନି କ୍ଷେତ୍ରରେ ହୋଇଥିଲା । ତା ବୋଲି ସବୁ ବ୍ରାହ୍ମଣ କଣ ବିଷ୍ଣୁଙ୍କୁ ଗୋଇଠା ମାରିଲେ ଚଳିବ ? କାହାରି ଶିଷ୍ୟତ୍ୱ ଗ୍ରହଣ କଲାପରେ ଯଦି ଦେଖ ତାର ସଂଶ୍ରବରେ ତୁମର ନୈତିକ ଆଦର୍ଶ ମଳିନ ହୋଇ ଯାଉଛି, ସ୍ୱଚ୍ଛତା ପରିବର୍ତ୍ତେ ଜୀବନ ପଙ୍କିଳତା ପ୍ରାପ୍ତ ହେଉଛି ତୁମ ଜୀବନର ପରମ କଲ୍ୟାଣ ସହିତ ତୁମର ପୂର୍ବଗୃହୀତ ମତ ଓ ପଥ ଅସାମଞ୍ଜସ୍ୟ ରକ୍ଷା କରିପାରୁ ନାହିଁ, ଯଦି ଦେଖ ଯେ ତୁମର ସରଳତା ଓ କୁଣ୍ଠାହୀନତା କମିଯାଉଛି, ଆଡ଼ମ୍ବରର ବାହୁଲ୍ୟ ଯୋଗୁଁ ବିଘ୍ନ ଘଟୁଛି, ଜଟିଳତା, ସନ୍ଦେହ, କୁତର୍କ ଓ ଅସାମଞ୍ଜସ୍ୟ ତୁମର ଧର୍ମ ଜୀବନର ପୂର୍ଣ୍ଣଚନ୍ଦ୍ରକୁ କ୍ରମଶଃ ରାହୁଗ୍ରସ୍ତ କରୁଛି, ସେତେବେଳେ ଗୁରୁ ଓ ପଥ ପରିତ୍ୟାଗ କଲେ ପାପ ହୁଏ ନାହିଁ ବା ଦୋଷ ହୁଏ ନାହିଁ ।

(ଭାଦ୍ର ୨୨, ୧୩୩୮)

ଗୁରୁ ପରିବର୍ତ୍ତନର ଭଲ ଓ ମନ୍ଦ

ବାରମ୍ବାର ଗୁରୁ ପରିବର୍ତ୍ତନ କରିବା ବୁଦ୍ଧି କିଛି କାମରେ ଆସେନାହିଁ । ବାରମ୍ବାର ସ୍ୱାମୀ ବଦଳାଇବା ବୁଦ୍ଧି କଣ ନାରୀର ସତୀତ୍ୱର ଗୌରବ ବର୍ଦ୍ଧକ ହୁଏ ? ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଏପରି ସ୍ତ୍ରୀ ଲୋକ ଅଛନ୍ତି ଯେଉଁମାନଙ୍କ ଉପରେ ଲୋକେ ବଳାତ୍କାର କରି ସ୍ୱାମୀତ୍ୱ ପ୍ରତିଷ୍ଠା କରିଥାନ୍ତି । ସେ ସବୁସ୍ଥଳେ ବଳାତ୍କାର ଜନିତ ଅପମାନକୁ ଅସହ୍ୟ ଜ୍ଞାନ କରି ନାରୀ ଉପଯୁକ୍ତ ବ୍ୟକ୍ତି ପାଇଲେ ତାକୁ ବରମାଲ୍ୟ ଦେଇଥାଏ, ନଦେଲେ ତାର ଅସମ୍ମାନ ଆହତଚିତ୍ତ ଚିର-ସଞ୍ଚିତ ବିକ୍ଷୋଭ ଅନ୍ତର୍ଦାହରେ ଦଗ୍ଧ ହୋଇ

ମରେ । ଏସବୁ କ୍ଷେତ୍ରରେ ପତି ବୋଲି ମାନି ନେଲେ ବି ପତିତ୍ୟାଗ କରାଯାଏ । ଠିକ୍ ସେହିପରି ଯେଉଁଠି ମନ୍ତ୍ରଦାନଟା ଏକରକମ ବଳାତ୍କାର ପରି ଆସି ଉପରେ ପଡ଼େ, ସେ କ୍ଷେତ୍ରରେ ଅନ୍ତରର ବିକ୍ଷୋଭକୁ ଦୂର କରି ପ୍ରଶାନ୍ତ ମନରେ ସାଧନ କରିବା ଯୋଗ୍ୟତା ସଂଚୟ କରିବା ଲାଗି ଅନ୍ୟ ଗୁରୁଙ୍କ ଠାରୁ ନୂଆ ମନ୍ତ୍ର ନିଆଯାଇପାରେ, ବହୁ କ୍ଷେତ୍ରରେ ନେବା ମଧ୍ୟ ସଙ୍ଗତ । ନ ନେଲେ ବହୁ କ୍ଷେତ୍ରରେ ଜୀବନତରୀ ବାଁ ଚାଉଳିଆ ଧରେ । ଆଜୀବନ ଯେଉଁମାନେ ଚିରକୁମାରୀ ରହିଥାନ୍ତେ, ସେଭଳି କେତେ ଶୁଦ୍ଧସ୍ୱଭାବା ନିଷ୍ପାପା ଝିଅଙ୍କୁ ଯେ ଅପ୍ରତ୍ୟାଶିତ ବଳାତ୍କାର ଫଳରେ ବାଧହୋଇ ଅନ୍ୟ ଲୋକକୁ ସ୍ୱାମୀ ରୂପେ ଗ୍ରହଣ କରିବାକୁ ପଡ଼ିଛି, ତାର ଇୟତା ନାହିଁ । କାହାରି ପାଖରୁ ମନ୍ତ୍ର ନ ନେଇ ମଧ୍ୟ ଯେଉଁମାନେ ନିଜ ନିଜର ଆଜନ୍ମ ତପୋ ସୁନ୍ଦର ଜୀବନରେ କେବଳ ଏକନିଷ୍ଠା ବଳରେ ଭଗବାନଙ୍କୁ ପାଇ ପାରିଥାନ୍ତେ, ବଳାତ୍କୃତ ଦୀକ୍ଷା ଫଳରେ ସେଭଳି କେତେ ବ୍ୟକ୍ତି ଯେ ଶେଷରେ ନିଜର ମନୋମତ ବ୍ୟକ୍ତିଙ୍କ ଠାରୁ ନିଜର ମନୋମତ ମନ୍ତ୍ର ନେଇ ପୂର୍ବର ମନ୍ତ୍ରକୁ ତ୍ୟାଗ କରିଛନ୍ତି, ତାର ସଂଖ୍ୟା ନାହିଁ ।

ନାମକୁହିଁ ପରମ ଅବଲମ୍ବନ କର

କିନ୍ତୁ ସବୁ କଥାର ସାର କଥା ହେଉଛି, ନାମଟି ତୁମର ପରମ ଅବଲମ୍ବନ ଓ ନାମଟିକୁ ଧରି ତୁମେ ଆନନ୍ଦ ସାଗରେରେ ବୁଡିଯାଅ । ଦୀକ୍ଷା ଯଦି କାହା ପାଖରୁ ନେଇଥାଅ ତ ଭଲ, ନ ନେଇଥିଲେ ବି ଭଲ । ଦୀକ୍ଷା ନେଇଛ କି ନାହିଁ, କାହାଠାରୁ ନେଇଛ, କାହାଠାରୁ ନ ନେଇଛ, ଏସବୁ ବିଷୟରେ ମୁଣ୍ଡ ନ ଖେଳାଇ ନାମର ସେବାରେ ହିଁ ଯେତେ ପାର ମୁଣ୍ଡ ଖେଳାଅ । ଦେବର୍ଷି ନାରଦ ଧ୍ରୁବକୁ ଦୀକ୍ଷା ଦେଲେ । କିନ୍ତୁ ଦୀକ୍ଷା ପରେ ଧ୍ରୁବ ''ନାରଦ, ନାରଦ'' ଘୋଷି

ନଥିଲେ, ''ହରି, ହରି'' ହିଁ ଘୋଷି ଥିଲେ । କେହି ତୁମକୁ ଦୀକ୍ଷା ଦେଇଛନ୍ତି ତ ବେଶ୍ ଭଲ କଥା କରିଛନ୍ତି । ସେ ତୁମର ପୂଜନୀୟ । କିନ୍ତୁ ''ଗୁରୁ, ଗୁରୁ'' ନ ହୋଇ ''ହରି, ହରି'' ହୁଅ । ନାମ ଭିତରେ ହିଁ ସତ୍ୟଗୁରୁଙ୍କୁ ଉପଲବ୍ଧି କର । ନାମ ଭିତରେ ନିଖିଳ ତତ୍ତ୍ୱକୁ ଆସ୍ୱାଦନ କର । ନାମ ଭିତରେ ଶାନ୍ତିର ଆଶ୍ରୟ ଓ ଅମୃତର ଉତ୍ସକୁ ଅନୁସନ୍ଧାନ କରି ବାହାର କର । ନାମ ମଧ୍ୟରୁ ହିଁ ନିଖିଳ କୁଶଳ ଆହରଣ କର । ନାମକୁ ସର୍ବସ୍ୱ-ଧନ ବୋଲି ଜାଣ, ନାମକୁ ପରମ ଆତ୍ମୀୟ ବୋଲି ଜାଣ ।

ମଧୁ ଓ ଭ୍ରମର

ମଧୁଲୁବ୍ଧ ଭ୍ରମର ଯେପରି ଗୋଟିଏ ଫୁଲରୁ ଆଉ ଗୋଟିଏ ଫୁଲକୁ ଉଡ଼ିଯାଏ, ଜ୍ଞାନଲୁବ୍ଧ ଶିଷ୍ୟ ସେହିପରି ଗୋଟିଏ ଗୁରୁଙ୍କୁ ଛାଡ଼ି ଆଉ ଗୋଟିଏ ଗୁରୁଙ୍କ ପାଖକୁ ଯାଏ ବୋଲି ଯୁକ୍ତି ଦେଖାଇ ସେମାନେ ସାଧକର ବାରମ୍ବାର ଗୁରୁ ପରିବର୍ତ୍ତନ ପ୍ରବୃତ୍ତିକୁ ଉତ୍ସାହିତ କରନ୍ତି ଓ ସାଧକର ନିଷ୍ଠାର ମୂଳକୁ ଶିଥିଳ କରନ୍ତି । ଏ ଯୁକ୍ତି ଉପରେ ଯେଉଁମାନେ ବେଶି ଜୋର ଦିଅନ୍ତି ସେମାନେ ଅନ୍ୟର ଅସ୍ଥାୟୀ ଶିଷ୍ୟକୁ ନିଜର ସ୍ଥାୟୀ ଶିଷ୍ୟ କରି ନେବା ବ୍ୟାପାରରେ ବଡ଼ ଉଦାର ଥିବାର ପ୍ରାୟ ଦେଖାଯାଏ । କିନ୍ତୁ ପ୍ରଶ୍ନ ହେଉଛି - ଏପରି କୌଣସି ଫୁଲ ନାହିଁ ଯହିଁରେ ମଧୁ ନାହିଁ । ତଥାପି ଭ୍ରମର ଫୁଲରୁ ଫୁଲ ଉଡ଼ି ବୁଲେ କାହିଁକି ? ଯେଉଁ ଫୁଲରୁ ମହୁ ପାଏ, ଭ୍ରମର କ'ଣ ଚିର କାଳ ସେହି ଫୁଲରେ ବସି ରହେ, ନା ମହୁତକ ନେଇସାରି ଚମ୍ପଟ କରେ ? ମାନବ ମାତ୍ରକେ କାହାର ନା କାହାର ଶିଷ୍ୟ, ପୁଣି କାହାରି ନା କାହାରି ଗୁରୁ । ପ୍ରତ୍ୟେକ ମାନବ କାହା ପାଖରୁ ମଧୁ ଆହରଣ କରନ୍ତି ତ ଆଉ କାହାକୁ ମଧୁ ବିତରଣ କରନ୍ତି । ଏହି

ଆହରଣ ଓ ବିତରଣ ମାନବର ସ୍ୱଭାବ-ବିହିତ ବ୍ୟବସାୟ । ତେଣୁ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ସେ ତାହା କରି ଚାଲିଛି । କିନ୍ତୁ ମନୁଷ୍ୟର ଜୀବନ ଅପୂର୍ଣ୍ଣ ଜୀବନ ତେଣୁ ଯେ କୌଣସି ମନୁଷ୍ୟ ପାଖରୁ ମଧୁ ଆହରଣ କଲେ ବି ତାହା ଅପୂର୍ଣ୍ଣ ଆହରଣ ଏବଂ ଯେ କୌଣସି ମନୁଷ୍ୟକୁ ମଧୁ ବିତରଣ କଲେ ବି ତାହା ଅପୂର୍ଣ୍ଣ ବିତରଣ । ଏପରି ସ୍ଥଳେ ଶିଷ୍ୟକୁ କୌଣସି ଏକ ନିର୍ଦ୍ଦିଷ୍ଟ ଗୁରୁଙ୍କ ଲାଙ୍ଗୁଳରେ ଆଜୀବନ ବାନ୍ଧି-ରଖିବା ବୁଦ୍ଧି ଏକପ୍ରକାର ଜୁଆଚୋରି ଛଡ଼ା ଆଉ କିଛି ନୁହେଁ । ଅବଶ୍ୟ ଅନେକ ନ ଜାଣି ଜୁଆଚୋରି କରନ୍ତି, ଯେଉଁମାନଙ୍କୁ ଇଂରାଜୀରେ କହନ୍ତି Honest swindler.

(ପୌଷ ୨୬, ୧୩୩୮)

ଗୁରୁଦ୍ରୋହ ପ୍ରଶମନର ଉପାୟ

ଗୁରୁଦ୍ରୋହ ବଡ଼ ଭୟଙ୍କର କଥା । ସେ କଥା ଶୁଣିଲେ ବାସ୍ତବିକ ଭାରି ଡର ଲାଗେ । କିନ୍ତୁ ସଂଯମୀ ଶିଷ୍ୟର ଅସଂଯମୀ ଗୁରୁ, କର୍ମୀ ଶିଷ୍ୟର ଅଳସୁଆ ଗୁରୁ, କୃତୀ ଶିଷ୍ୟର ଅକୃତୀ ଗୁରୁ, ସବଳ ଶିଷ୍ୟର ଦୁର୍ବଳ ଗୁରୁ, ପ୍ରେମିକ ଶିଷ୍ୟର କାମୁକ ଗୁରୁ, ଦେଶଭକ୍ତ ଶିଷ୍ୟର ଦେଶଦ୍ରୋହୀ ଗୁରୁ, ତ୍ୟାଗୀ ଶିଷ୍ୟର ଭୋଗୀ ଗୁରୁ, ସାଧକ ଶିଷ୍ୟର ଅସାଧକ ଗୁରୁ, ଏ ଦ୍ରୋହକୁ ରୋକି ପାରିବେ କିପରି ? ଯାହା ସ୍ୱଭାବର ଧର୍ମ ତାକୁ କୃତ୍ରିମ ଉପାୟରେ ରୋକି ହୁଏ ନାହିଁ । କେବଳ ଗୋଟିଏ ଜିନିଷ ଦ୍ୱାରା ସବୁ ପ୍ରକାରର ଗୁରୁଦ୍ରୋହକୁ ସ୍ତବ୍ଧ କରି ଦିଆଯାଇ ପାରେ ଯାହାର ନାମ ହେଉଛି ପ୍ରେମ । କିନ୍ତୁ ସେ ପ୍ରେମ କେବଳ ସାଧନ-ସମୁଦ୍ର ମନ୍ଥନ କଲେ ହିଁ ମିଳେ ଓ ଇନ୍ଦ୍ରିୟ ସଂଯମକୁ ସେ ମନ୍ଥନର ମନ୍ଦର ପର୍ବତ କରିବାକୁ ହୁଏ ।

ଶିଷ୍ୟର ବିଦ୍ରୋହରେ ଗୁରୁର ଉପକାର ହୁଏ । ଗୁରୁ ତାଙ୍କର ନିଜ ଜୀବନର ଦୋଷତ୍ରୁଟୀ, ଅସଂପୂର୍ଣ୍ଣତା ଇତ୍ୟାଦି ସବୁ ଧରି ପାରନ୍ତି । ଯାହାର ଅନୁଗତ ବଶ୍ୟତା ଦେଖି ମନ ଆନନ୍ଦରେ ନାଚନ୍ତା, ସେ ଯେତେବେଳେ ଗୁରୁଙ୍କର ସମ୍ମାନ, ମର୍ଯ୍ୟାଦା ଓ ଗୌରବକୁ ଲଂଘନ କରିବାକୁ ସାହସୀ ହୁଏ, ସେତେବେଳେ ଗୁରୁଙ୍କର ଦୃଷ୍ଟି ସ୍ୱତଃ ନିଜର ଅନ୍ତର ଆଡ଼କୁ ଚାଳିତ ହୁଏ ଓ ନିଜ ଭିତରେ କେଉଁଠି କେଉଁ ପାପ ଏତେ କାଳ ହେଲା ଅଜ୍ଞାତସାରରେ କେବଳ ବଢ଼ି ଚାଲିଥିଲା ତାହା ଉପରେ ତାଙ୍କର ଲକ୍ଷ୍ୟ ପଡ଼େ । ଶିଷ୍ୟର ତୀକ୍ଷ୍ଣ ଅବିନୟ ତାଙ୍କୁ ଅନିସନ୍ଧିତ୍ସୁ କରେ ଯେ ନିଜର ଚିତ୍ତବୃତ୍ତି କାମ, କ୍ରୋଧ ଓ ସ୍ୱାର୍ଥପରତା ଦ୍ୱାରା ଦୂଷିତ ହୋଇଛି କି ନାହିଁ ଏବଂ ବାହରେ ତ୍ରିଲୋକପାବନ ସଦ୍‌ଗୁରୁଙ୍କର ଅଭିନୟ କରିବାକୁ ଯାଇ କେତେ ଥର ଭିତରର ସତ୍ୟକୁ ପଦାଘାତ କରାଯାଇଛି । ଏହିପରି ଭାବରେ ଶିଷ୍ୟର ବିଦ୍ରୋହ, ଦୁର୍ବିନୟ, ଅସନ୍ତୋଷ, କପଟତା ଓ ଭକ୍ତିହୀନତା ଦ୍ୱାରା ପ୍ରକୃତ ଗୁରୁ ନିଜକୁ ଲାଭବାନ କରାଇ ନିଅନ୍ତି । ଏପରି ସ୍ଥଳେ ଧର୍ଷଣ ନୀତି ବା ବର୍ଜନ ପନ୍ଥା ମୋଟେ କାମରେ ଆସେ ନାହିଁ । ପ୍ରଜାର ବିଦ୍ରୋହ ଦେଖି ରାଜା ଯେପରି ଆତ୍ମସଂଶୋଧନ କରିବା ଉଚିତ୍, ଶିଷ୍ୟର ବିଦ୍ରୋହ ଦେଖି ଗୁରୁ ସେହିପରି ଆତ୍ମସଂଶୋଧନରେ ବ୍ରତୀ ହେବା ଉଚିତ୍ । ପ୍ରଜାର ଅସନ୍ତୋଷକୁ ଯେଉଁ ରାଜା ଆଗ୍ରହ୍ୟ କରନ୍ତି ତାଙ୍କର ଧ୍ୱଂସ ଅନିବାର୍ଯ୍ୟ । ଶିଷ୍ୟର ବିଦ୍ରୋହ ଦେଖି ଯେଉଁ ଗୁରୁ ଆତ୍ମସଂଶୋଧନ ନ କରନ୍ତି ତାଙ୍କର ଧ୍ୱଂସ ମଧ୍ୟ ଅନିବାର୍ଯ୍ୟ ।

ଗୁରୁଦ୍ରୋହର ସ୍ୱରୂପ

ଗୁରୁଙ୍କୁ ଧରି ଦୁଇ ଚାରି ଠେଙ୍ଗା ନ ପିଟିଲେ ଗୁରୁ ଦ୍ରୋହ ହେବ ନାହିଁ, ଏପରି ମନେ କର ନାହିଁ । ଗୁରୁ ଦର୍ଶନରେ ଯେତେବେଳେ ତୁମ ମନରେ

ଆନନ୍ଦ ନ ଜନ୍ମିବ, ସେତେବେଳେ ବୁଝିବ ଯେ ତୁମେ ସୂକ୍ଷ୍ମ ଭାବରେ ଗୁରୁ ଦ୍ରୋହ ପଥରେ ଯାଉଛ । ଗୁରୁବାକ୍ୟ ଶ୍ରବଣରେ ଯେତେବେଳେ ନିର୍ବିଚାରିତ ଚିତ୍ତରେ ତାହା ବିଶ୍ୱାସ କରିବାକୁ ତୁମର ଇଚ୍ଛା ନ ହେବ ସେତେବେଳେ ଜାଣିବ ଯେ ବାହ୍ୟତଃ ତୁମେ ଗୁରୁଦ୍ରୋହୀ ହୋଇ ରହିଛ । ଗୁରୁ ପାଦପଦ୍ମ ସ୍ପର୍ଶ କଲେ ଯେତେବେଳେ ତୁମର ପ୍ରାଣ ଶ୍ରଦ୍ଧା, ସମ୍ଭ୍ରମ, ଭକ୍ତି ବ୍ୟାକୁଳତା ଓ ଭଗବଦ୍ ପ୍ରେମରେ ବିଗଳିତ ହେବାକୁ ନ ଚାହିଁବ, ସେତେବେଳେ ଜାଣିବ ପ୍ରକାଶ୍ୟ ଗୁରୁଦ୍ରୋହୀ ସହିତ ତୁମର ପାର୍ଥକ୍ୟଟା କେବଳ ବାହ୍ୟ ବ୍ୟବହାରରେ ସୀମିତ । କିପରି ଗୁରୁଙ୍କର ସୁଖ ସମ୍ପାଦିତ ହେବ, କ'ଣ କଲେ ତାଙ୍କ ଆନ୍ତରିକ ଅଭିପ୍ରାୟର ଅନୁବର୍ତ୍ତନ କରି ହେବ, ଏସବୁ କଥା ଜାଣି ଶୁଣି ମଧ୍ୟ ତୁମେ ଯେତେବେଳେ ଚୁପ୍ ଚାପ ବସି ରହିପାରିବ, ସେତେବେଳେ ଜାଣିବ ତୁମେ ପ୍ରଚ୍ଛନ୍ନ ଗୁରୁଦ୍ରୋହୀ । ଯେତେବେଳେ ଦେଖିବ, ଗୁରୁଙ୍କର ଜୀବନର ମହନୀୟ ଅଂଶଗୁଡ଼ିକୁ ତୁଚ୍ଛ ଜ୍ଞାନ କରି ତୁମର ଦୃଷ୍ଟି କେବଳ ତାଙ୍କର ଦୋଷଗୁଡ଼ିକୁ ଅନୁସନ୍ଧାନ କରିବାକୁ ଯାଉଛି ଓ ତାଙ୍କର ଦୋଷଗୁଡ଼ିକୁ ଟାଣି ଓଟାରି ବାହାର କରିବାକୁ ଚାହୁଁଛି ସେତେବେଳେ ଜାଣିବ ତୁମେ ଗୁରୁଦ୍ରୋହୀ । ଗୁରୁ-ନିନ୍ଦା ଶ୍ରବଣ କଲେ ଯେତେବେଳେ ତୁମ ଅନ୍ତରରେ କ୍ଳେଶ ନ ଜନ୍ମେ, ଗୁରୁ-ନିନ୍ଦକ ସହିତ ପ୍ରଗାଢ଼ ବନ୍ଧୁତ୍ୱ ବନ୍ଧନରେ ଆବଦ୍ଧ ହେବାକୁ ଯେତେବେଳେ ତୁମ ମନରେ ଦ୍ୱିଧାଭାବ ନ ଆସେ, ଅନ୍ୟ ଲୋକମାନଙ୍କ ପାଖରେ ଗୁରୁଦେବ ହେୟ ପ୍ରତିପାଦିତ ହେବାର ଦେଖିଲେ ଯେତେବେଳେ ତୁମ ପ୍ରାଣରେ ଆଘାତ ନଲାଗେ, ସେତେବେଳେ ଜାଣିବ ତୁମେ ଏକ ଭୟଙ୍କର ଗୁରୁଦ୍ରୋହୀ । ଗୁରୁଙ୍କର ଅସୁସ୍ଥତା ସମୟରେ ଯଦି ସେବାଶୁଶ୍ରୁଷା କରି ନ ପାର କ୍ଷୁଧା ସମୟରେ ଯଦି ଅନ୍ନ ଦେଇ ନ ପାର, କ୍ଳାନ୍ତ ସମୟରେ ଯଦି ବିଶ୍ରାମ ଦେଇ ନପାର, ତେବେ ତୁମେ ଗୁରୁଦ୍ରୋହୀ ନୁହଁ । କିନ୍ତୁ ମନ ଭିତରେ ଯଦି ଅପ୍ରସାଦ, ଅସନ୍ତୋଷ, ଅବିଶ୍ୱାସ ଅବିନୟ ବା ଅମଙ୍ଗଳ ଇଚ୍ଛା ଥାଏ, ତେବେ ତୁମେ ଗୁରୁଦ୍ରୋହୀ ।

(ଶ୍ରାବଣ ୨୯, ୧୩୩୫)

ମୁଁ ଦଳ ଗଢ଼ିବାକୁ ଆସିନାହିଁ

ଦଳ ଗଢ଼ିବା ପାଇଁ ମୁଁ ଆସିନାହିଁ । ତେଣୁ କେହି ମୋର ସ୍ନେହପାଶ ଛିନ୍ନ କରି ଚାଲିଗଲେ ତା ପାଇଁ ମୁଁ ବ୍ୟସ୍ତ ବିବ୍ରତ ହୁଏ ନାହିଁ କିମ୍ବା ବୋଧବାଧ କରାଇ ତାକୁ ମୋ ପାଖକୁ ଫେରାଇ ଆଣିବାକୁ ଚେଷ୍ଟା କରେ ନାହିଁ । ଯେ ଚାଲିଗଲା, ସେ ନିଶ୍ଚୟ ତାର ବିବେକକୁ ଅନୁସରଣ କରି ତାହା କରିଛି । ମୋତେ ମାନି ନା ବିବେକକୁ ମାନିବ, ଏ ପ୍ରଶ୍ନ ଯେଉଁଠି ଉଠିବ, ସେଠାରେ ମୋର ଏହା ହିଁ ସ୍ପଷ୍ଟ ନିର୍ଦ୍ଦେଶ ଯେ, ବିବେକକୁ ହିଁ ମାନିବ, ମୋ କଥା ଭାବି ବସି ନିଜର ମନକୁ ଦୁର୍ବଳ କରିବ ନାହିଁ । ତୁମେ କହିପାର, ମୋ ପାଖରେ ସେ ଋଣୀ, ତେଣୁ ତୁମେ ମୋ କଥା ନ ଭାବି ରହି ପାରିବ ନାହିଁ । କିନ୍ତୁ ବାବା, ସେ କଣ କେବେ ହିସାବ କରି ଦେଖିଛି, ଏ ସଂସାରରେ ସେ କେତେ ସମୟରେ କେତେ ଅବସ୍ଥାରେ କେତେ ଲୋକଙ୍କ ପାଖରୁ କେତେ ପ୍ରକାରର ଋଣ ସଂଗ୍ରହ କରିଛି ? ସେ ସବୁ ଋଣ କଣ ସେ ପରିଶୋଧ କରିଛି ବା କେବେ ପରିଶୋଧ କରି ପାରିବ ବୋଲି ଆଶା କରୁଛି ? ମନୁଷ୍ୟ ଜୀବନ ଏକ ଋଣର ପସରା । ବିନା ଋଣରେ କେହି ପାଦେ ହେଲେ ଆଗେଇ ପାରିନାହିଁ କି ପାରିବ ନାହିଁ । ଋଣ ଭିତରେ ତୁମେ ଜନ୍ମିଛ, ଋଣଗ୍ରସ୍ତ ଥାଇ ଲୟ ବି ପାଇବ । ଋଣ ପରିଶୋଧ କରିବାଟା ଯଦି ମୋ ପ୍ରତି ତୁମର ଦୁର୍ବଳତାର ହେତୁ ହୁଏ, ତେବେ ମୁଁ ତ କହିବି, ଆଉ ସମସ୍ତଙ୍କ ଠାରୁ ସଂଗ୍ରହ କରିଥିବା ଋଣର ପରିମାଣ ଆଗେ ସ୍ମରଣ କର ଓ ସେମାନଙ୍କ ପ୍ରତି ମଧ୍ୟ ନିଜର ମନକୁ ଟିକିଏ ସରସ, ସରଳ, ବିନମ୍ର ଓ କୃତଜ୍ଞ କର । କିନ୍ତୁ ପ୍ରକୃତ କଥା ହେଉଛି, ସମସ୍ତଙ୍କ ଋଣ ପରିଶୋଧ କରିବା ସାମର୍ଥ୍ୟ ତୁମର ନାହିଁ । ଅତଏବ ସବୁଠାରୁ ବଡ଼ ଋଣଟାକୁ ଆଗେ ଧର, ବିବେକର ଋଣକୁ ଆଗେ ପରିଶୋଧ କର । ତା ପରେ ଅନ୍ୟ ଆଡ଼କୁ ମନ ଦେବ । ତୁମମାନଙ୍କୁ ସାହାଯ୍ୟ କରିବାକୁ ମୁଁ ଆସିଛି, ଦାସତ୍ୱ ଶୃଙ୍ଖଳରେ କର-ଚରଣ ଶୃଙ୍ଖଳିତ କରି ନିଜ ଇଚ୍ଛାନୁସାରେ ତୁମ୍ଭମାନଙ୍କୁ ପରିଚାଳିତ କରିବା ପାଇଁ ମୁଁ ଆସିନାହିଁ । ତୁମ୍ଭେମାନେ ନିଜ ନିଜ ପଥରେ ସବଳ ପଦକ୍ଷେପରେ

ଅଗ୍ରସର ହେବ, ସେଇଥିପାଇଁ ତ ମୋତେ ତୁମ୍ଭମାନଙ୍କର ପ୍ରୟୋଜନ । ତୁମ୍ଭେମାନେ ସମସ୍ତେ ନିଜ ନିଜ ପଥରେ ଚାଲିବା ବନ୍ଦ କରି ଦେଇ ମୋରି ଖୁଆଡ଼ରେ ଢୁକିବ, ମୋ ପକ୍ଷରେ ତୁମ୍ଭମାନଙ୍କର ପ୍ରୟୋଜନ ଏଥିପାଇ ନୁହଁ । ଯେଉଁ ଦଳରେ ସବୁ ଦଳର ସ୍ଥାନ, ଯେଉଁ ସଙ୍ଘରେ ସବୁ ସଙ୍ଘର ଆଶ୍ରୟ, ଯେଉଁ ମତରେ ସବୁ ମତର ମେଳଣ, ଯେଉଁ ପଥରେ ସବୁପଥର ସମନ୍ୱୟ, ସେହି ସଙ୍ଘ, ସେହିମତ ଓ ସେହି ପଥହିଁ ମୋର ଏକମାତ୍ର ଲକ୍ଷ୍ୟ । ତେଣୁ ଦଳ ଗଢ଼ିବା ବୁଦ୍ଧି ମୋ ବିଚାର ବୁଦ୍ଧି ପକ୍ଷରେ କ୍ଷତିକର ।

(ବୈଶାଖ ୮, ୧୩୪୧)

ଶିଷ୍ୟର ଦୁର୍ବିନୟ ଓ ଗୁରୁର କ୍ଷମା

ଦୁର୍ବିନୀତ ଶିଷ୍ୟକୁ ଗୁରୁଦେବ ଯଦି ଦୃଷ୍ଟାନ୍ତ ଦେଇ ବୁଝାଇବାକୁ ଚେଷ୍ଟା କରନ୍ତି ଯେ, ବହୁ ଶିଷ୍ୟ ଗୁରୁଙ୍କର ନାନା ଅତ୍ୟାଚାର ଓ ଉତ୍ପୀଡ଼ନ ସହ୍ୟ କଲାପରେ ମଧ୍ୟ ନମ୍ର, ବିନୀତ ଓ ଅଦୋଷଦର୍ଶୀ ମନରେ ଗୁରୁଙ୍କର ଆଦର୍ଶର ସେବା କରି ତାଙ୍କର ଅକ୍ଷୟ ଆଶୀର୍ବାଦ ଲାଭ କରିଛନ୍ତି, ତାହା ହେଲେ ଅହଂପ୍ରମତ୍ତ ଅଜ୍ଞାନ ଶିଷ୍ୟ ମନେ କରିବ ଯେ ଗୁରୁଦେବଙ୍କର ଏ ଗୋଟାଏ ଚାଲବାଜି, ଜୋର କରି ମଣିଷର ଉନ୍ନତ ଶିରକୁ ଗୁରୁ ପଦତଳେ ଅବନତ କରାଇବା ପାଇଁ ଏ ଗୋଟାଏ କୌଶଳ ଓ ଦଳେ ପରାନ୍ନଭୋଜୀଙ୍କର ବ୍ୟବସାୟ ଚାଲୁ ରଖିବାର ଏ ଗୋଟାଏ ଫିକର । ତେଣୁ ବିଜ୍ଞ ଓ ବିବେଚକ ଗୁରୁ ତାମସିକ-ଭାବାପନ୍ନ ଶିଷ୍ୟକୁ "ବିନୟୀ ହୁଅ, ନମ୍ର ହୁଅ, ସେବାପରାୟଣ ହୁଅ, ତ୍ୟାଗସ୍ୱୀକାର କରିବାକୁ ସମର୍ଥ ହୁଅ, ଅହଂବୁଦ୍ଧିର ଅଭ୍ରଂଲିହ ଚୂଡ଼ାକୁ ଆଣି ସାଗର ଜଳରେ ବୁଡ଼ାଅ" । ଇତ୍ୟାଦି କଥା କହିବାର ପ୍ରୟୋଜନ ଥିଲେ ମଧ୍ୟ ସେ କିଛି ନ କହି ଚୁପଚାପ କେବଳ କାଳ-ପ୍ରତୀକ୍ଷା ହିଁ କରି ରହନ୍ତି । କିନ୍ତୁ ଶିଷ୍ୟର ବିନୟତା ସାଧନକୁ ପ୍ରଗାଢ଼ କରେ । ଦୁର୍ବିନୀତ ଶିଷ୍ୟର ସାଧନ ପ୍ରଗାଢ଼ ହୁଏ ନାହିଁ । ପ୍ରକୃତ ଗୁରୁ କ୍ଷମାଶୀଳ ହେବା ଛଡ଼ା ଅନ୍ୟ ଉପାୟ ନାହିଁ ।

ଆବଶ୍ୟକତାକୁ ଚାହିଁ ବେଳେବେଳେ ମୁହଁରେ ଟିକିଏ ରୁକ୍ଷ ଓ ରୁଦ୍ରଭାବ ପ୍ରଦର୍ଶନ କଲେ ମଧ୍ୟ, ଗୁରୁହତ୍ୟା କରିବା ପାଇଁ ବଦ୍ଧପରିକର ପାପିଷ୍ଠ ଶିଷ୍ୟକୁ ମଧ୍ୟ ସେ କ୍ଷମା ନ କଲେ ଆଉ କିଏ କ୍ଷମା କରିବ ? ଆଉ କେହି କଟୁକଥା ବା ଅପମାନଜନକ କଥା ସହିବା ତ ଦୂରର କଥା, ମାତା ପିତାଙ୍କ ଭଳି ଅତି ଆତ୍ମୀୟ ଲୋକେ ବି ସହିବେ ନାହିଁ । କିନ୍ତୁ ଗୁରୁ ଯେ ଆତ୍ମୀୟଙ୍କ ଠାରୁ ବଳି ଅଧିକ ଆତ୍ମୀୟ । ତେଣୁ ସେ ସବୁ ସହିବେ । ଗୁରୁଙ୍କ ତଣ୍ଡି କାଟିବା ପାଇଁ ଯେଉଁ ଶିଷ୍ୟ ଛୁରି ପକାଉଛି, ତାକୁ ମଧ୍ୟ ସେ ଅନ୍ତରର ଅନ୍ତରତମ ପ୍ରଦେଶରୁ କ୍ଷମା କରିବେ । ସେ କ୍ଷମାପ୍ରାର୍ଥୀ ହେଲା କି ନ ହେଲା, ସେ ବିଚାର ଗୁରୁ କରିବେ ନାହିଁ । ଶତ ଅପରାଧ କରି ମଧ୍ୟ କ୍ଷମା ନ ମାଗିଲେ ବି ଏହି ଗୋଟିଏ ଜାଗାରୁ ଚିରକାଳ କ୍ଷମା ମିଳେ । ଲୌକିକ ପ୍ରୟୋଜନୀୟତା ଦୃଷ୍ଟିରୁ ବାହ୍ୟ ଆଚରଣରେ ଯଦିଓ କଠୋରତା ପ୍ରକାଶ ପାଏ, ତଥାପି ଆତ୍ମିକ ପ୍ରୟୋଜନ ଲାଗି ଅନ୍ତରର ଅନ୍ତରତମ ପ୍ରଦେଶରେ ସେ ଚିର-ପ୍ରେମମୟ କ୍ଷମାଶୀଳ ସଦ୍‌ଗୁରୁ । ଅପରାଧ କର ବା ନକର, ତାଙ୍କ ପାଖରେ କ୍ଷମାପାର୍ଥୀ ହେଲେତ ହିମାଳୟର ତୁଷାର କିରୀଟ ନିମିଷେକ ମଧ୍ୟରେ ଦ୍ରବୀଭୂତ ହୋଇ ଓ କରୁଣାର ଗଙ୍ଗାଧାରରେ ପରିଣତ ହୋଇ ଦ୍ରୁତଗତିରେ ପ୍ରବାହିତ ହେବାକୁ ଲାଗିବ । ଧରିତ୍ରୀକୁ ସର୍ବଂସହା କୁହାଯାଏ । ଗୁରୁ କୋଟି ଧରିତ୍ରୀର କ୍ଷମା ଏକତ୍ର ନିଜ ଭିତରେ ଧାରଣ କରି ରହନ୍ତି । ତେଣୁ ଆଶ୍ୱସ୍ତ ହୁଅ ।

(ଜ୍ୟୈଷ୍ଠ ୧, ୧୩୪୧)

ଶ୍ରୀ ଗୁରୁ ନିର୍ଭରେ
ଶ୍ରୀନାମ ଉଜ୍ଜ୍ୱଳ
ଶ୍ରୀ ଗୁରୁ ନିର୍ଭରେ
ବୁକୁଭରା ବଳ

ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ

ଗୁରୁ
ପ୍ରଥମ ଭାଗ ସମାପ୍ତ

ଗୁରୁ

ଦ୍ୱିତୀୟ ଭାଗ

ଗୁରୁ, ଗୁରୁବାଦ ଓ ଦୀକ୍ଷା ସଂପର୍କୀୟ ଉକ୍ତି ସମୂହର ସଂକଳନ

''ଶାନ୍ତିର ବାରତା''ରୁ

ସଂକଳିତ

''ଏକନିଷ୍ଠା ହିଁ
ସାଫଲ୍ୟର
ପ୍ରାଣ

-ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ

ହୋ'ରେ ମାତି ଦୀକ୍ଷା

ବାବାମାନେ, ହୋ'ରେ ମାତି ଦୀକ୍ଷା ନେବାକୁ ଆସ ନାହିଁ । ଆତ୍ମପରୀକ୍ଷା କରି ଦେଖ, କଣ ପାଇଁ ଦୀକ୍ଷା ନେବାକୁ ଚାହଁ ଏବଂ ଦୀକ୍ଷାଗ୍ରହଣ ଲାଗି ପ୍ରାଣରେ ଅକପଟ ବ୍ୟାକୁଳତା ଆସିଛି କି ନାହିଁ । ଖାଲି ଦୀକ୍ଷା ନେଇଗଲେ ତ ହେବ ନାହିଁ, ଦୀକ୍ଷା ପରେ ଗୁରୁପଦିଷ୍ଟ ସାଧନ-ଭଜନ କରିବ କି ନାହିଁ, ସେ କଥାଟା ବାବା ଆଗେ ଭାବି ଦେଖ, ତା ପରେ ଆସି ଦୀକ୍ଷା ନିଅ ।

ଅନ୍ୟର ପ୍ରରୋଚନାରେ ଦୀକ୍ଷା

ଅନ୍ୟାନ୍ୟ ଲୋକେ ଦୀକ୍ଷା ନେଉଥିବାର ଦେଖି ଦୀକ୍ଷା ନେବାକୁ ମନ ବଳାଇଲେ ତାକୁ ହୋ'ରେ ମାତି ଦୀକ୍ଷା ବୋଲି କୁହାଯାଏ । ଦୀକ୍ଷା ନେବାଟା ଅବଶ୍ୟ ଭଲ କାର୍ଯ୍ୟ । ଖାଲି ଭଲ କାର୍ଯ୍ୟ ବୋଲି କହିଲେ ନ୍ୟୂନ କରି କୁହାଯିବ । ଆମ ଦୃଷ୍ଟିରେ ଦୀକ୍ଷା ଗ୍ରହଣ ହେଉଚି ଜୀବନର ସର୍ବାପେକ୍ଷା ଗୁରୁତର ଓ ମହତ୍ତମ କାର୍ଯ୍ୟ । ଦୀକ୍ଷା ନେଇପାରିବା ଜୀବନର ଏକ ପରମ ସୌଭାଗ୍ୟ । ଦୀକ୍ଷା ନେବା ମାନେ ଜୀବନର ଅନିଶ୍ଚିତତାର ଅବସାନ ଓ ପଦ୍ଧତିବଦ୍ଧ ସାଧନର ସୂଚନା । ଏହି କାରଣରୁ ଅନ୍ୟର ପ୍ରରୋଚନାରେ ଦୀକ୍ଷା ନେବା ଉଚିତ୍ ନୁହେଁ । କେହି ଯଦି ତୁମକୁ ସତ୍‌ପଥ ଆଶ୍ରୟ କରିବାକୁ କହେ, ତାକୁ ପ୍ରରୋଚନା ନ କହି ପ୍ରେରଣା କହିବା ସଙ୍ଗତ । କିନ୍ତୁ ଦୀକ୍ଷା ପରି ଗୁରୁତର କାର୍ଯ୍ୟ ଅନ୍ୟ ଲୋକର ବୁଦ୍ଧିରେ କରିବା ଉଚିତ୍ ନୁହେଁ । ଏ କାର୍ଯ୍ୟଟିରେ ନିଜ ଅନ୍ତରର ପରିପୂର୍ଣ୍ଣ ଆବେଗ, ପରିପୂର୍ଣ୍ଣ ବ୍ୟାକୁଳତା ଓ ପରିପୂର୍ଣ୍ଣ ସମ୍ମତି ଥିବା ପ୍ରୟୋଜନ । ନିଜ ମନ ଭିତରେ ଦ୍ୱିଧା ରଖି ଅନ୍ୟର କଥାରେ ପରିଚାଳିତ ହେବା ଏ କ୍ଷେତ୍ରରେ ଅତ୍ୟନ୍ତ ଭ୍ରମାତ୍ମକ ।

ଜୋର କରି ଦୀକ୍ଷା

ଅବଶ୍ୟ, ମହାପୁରୁଷମାନଙ୍କ ଭିତରୁ କେହି କେହି ଜୋର କରି ଦୀକ୍ଷା ଦିଅନ୍ତି । ଜୋର କରି ଦୀକ୍ଷା ଦେବା ଭଲ କି ମନ୍ଦ, ସେ କଥା ମହାପୁରୁଷମାନେ ବୁଝୁଥାନ୍ତୁ, କିନ୍ତୁ କେହି ଜୋର କରି ଦୀକ୍ଷା ଦେବାକୁ ବସିଲେ, ତୁମେ ତାହା ନେବା କୌଣସିମତେ ଉଚିତ୍ ନୁହେଁ । ବିକାର ଗ୍ରସ୍ତ ରୋଗୀକୁ ଡାକ୍ତର ଜୋର କରି ଔଷଧ ଖୁଆଏ, ଏକଥା ସତ୍ୟ । କିନ୍ତୁ ଯେ ପର୍ଯ୍ୟନ୍ତ ବିକାର ଥାଏ ସେ ପର୍ଯ୍ୟନ୍ତ ଘଣ୍ଟାକୁ ଘଣ୍ଟା ଜୋର କରି ଔଷଧ ଖୁଆଇବାକୁ ହୁଏ । ଦୀକ୍ଷା ସହିତ ତାର ତୁଳନା ଆଦୌ ହୋଇ ନପାରେ । ଦୀକ୍ଷା ଦେଇଦେଲେ ଗୁରୁ ଖଲାସ । ତା ପରେ ଶିଷ୍ୟକୁ ତ ନିୟମିତ ଭାବରେ ପ୍ରତିଦିନ ପ୍ରାତଃ ମଧାହ୍ନ, ସାୟାହ୍ନ ଓ ଶୟନ କାଳରେ ଦୀକ୍ଷାପ୍ରାପ୍ତ ନାମରେ ସେବା କରିବାକୁ ହେବ । ମାତ୍ର ଥରକ ପାଇଁ ଗୁରୁଦେବ ମନ୍ତ୍ରଟିକୁ ଶିଷ୍ୟର କର୍ଣ୍ଣକୁହରରେ ଖାଲି ଶୁଣାଇ ଦେଲେ ତ ସବୁ ହୋଇଗଲା ନାହିଁ । ଶିଷ୍ୟକୁ ନିୟମିକ ଭାବରେ ପ୍ରତ୍ୟହ ଚାରିଥର ସାଧନ କରିବାକୁ ହେବ । ତେଣୁ କେହି ଜୋର କରି ଦୀକ୍ଷା ଦେଲେ ତାହା ଗ୍ରହଣୀୟ ନୁହେଁ ।

ଦୀକ୍ଷା ଓ ଗୁରୁଜନଙ୍କ ସମ୍ମତି

ଦୀକ୍ଷା ଗ୍ରହଣ ପୂର୍ବରୁ ପିତାମାତା ବା ଅନ୍ୟାନ୍ୟ ଗୁରୁଜନ ମାନଙ୍କର ସମ୍ମତି କ୍ରମେ ଦୀକ୍ଷା ନେବାକୁ ଆସିବା ଭଲ । ସେଥିରେ ସାଧନ-ପଥର ବାଧା କମିଯାଏ । ସ୍ତ୍ରୀମାନଙ୍କ ପକ୍ଷରେ ସ୍ୱାମୀର ଅନୁମତିଗ୍ରହଣ ଏକାନ୍ତ ଆବଶ୍ୟକ, ନ ହେଲେ ବହୁ ବିଘ୍ନ ହୁଏ । ଏପରି ବହୁ ଧର୍ମସମ୍ପ୍ରଦାୟ ଅଛନ୍ତି ଯେଉଁମାନେ କି ଦୀକ୍ଷା ଦେବାବେଳେ ଗୁରୁଜନମାନଙ୍କର ସମ୍ମତି କଥା ପାସଙ୍ଗରେ ସୁଦ୍ଧା ପକାନ୍ତି

ନାହିଁ । ଅନେକ ସମୟରେ ସେମାନଙ୍କର ପ୍ରଦତ୍ତ ଦୀକ୍ଷା ଯୋଗୁଁ ଦୀକ୍ଷିତ ଓ ତାର ପୂର୍ବସମ୍ବନ୍ଧୀମାନଙ୍କ ମଧ୍ୟରେ ଏକ ଗୁରୁତର ଆଦର୍ଶଗତ ସଂଘର୍ଷ ସୃଷ୍ଟି ହୁଏ । ଯେଉଁଠି ସମାଜ ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ଧର୍ମମତ କାର୍ଯ୍ୟ କରିବାକୁ ଚାହେଁ, ସେଠାରେ ଏଭଳି ଅବସ୍ଥା କେତେକାଂଶରେ ଅବଶ୍ୟମ୍ଭାବୀ । କିନ୍ତୁ ତୁମ ସମାଜକୁ ମୁଁ କିପରି ଭାବରେ ସଂସ୍କୃତ କରିବାକୁ ଚାହେଁ ଜାଣ ? ତୁମ୍ଭେମାନେ ନିଜ ନିଜର ପିତାମାତାଙ୍କ ସମ୍ମତିକ୍ରମେ ଆସି ଦୀକ୍ଷା ନେବ ଓ ଯେଉଁ ସମାଜ ଭିତରେ ତୁମର, ତୁମର ପିତାମାତା ତଥା ପିତାମହ ପ୍ରଭୃତିଙ୍କର ଜନ୍ମ, ପୁଷ୍ଟି ଓ ବିକାଶ, ସେହି ସମାଜ ଭିତରେ ପ୍ରବେଶ କରି ଦୀକ୍ଷା ଶକ୍ତି ବଳରେ କୁସଂସ୍କାର ଦୂର କରିବାକୁ ଲାଗି ପଡ଼ିବ । ଜୀର୍ଣ୍ଣ ସମାଜକୁ ନୂତନ ଆଦର୍ଶ ଦେବାକୁ ହେବ, କିନ୍ତୁ ତା ପ୍ରତି ଶତ୍ରୁଭାବ ପୋଷଣ କରି ନୁହେଁ, ତାକୁ ଆପଣାର ଜ୍ଞାନ କରି ଦେବାକୁ ହେବ । ଯେଉଁମାନଙ୍କର ଚିରପ୍ରଚଳିତ ମତ ଓ ପଥ ପରିତ୍ୟାଗ କରି ଆସି ତୁମେ ନବ୍ୟମନ୍ତ୍ର ଓ ନବ୍ୟ ତନ୍ତ୍ରରେ ଦୀକ୍ଷା ନେଲ, ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ତୁମର କାମ ନୁହେଁ । ସେମାନଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କର ଦୃଢ଼ମୂଳ ସଂସ୍କାରକୁ ସେହିମାନଙ୍କର ସମର୍ଥନକ୍ରମେ ମୂଳୋତ୍ପାଟିତ କରିବାକୁ ହେବ । ଏହି କାରଣରୁ ମୋ ପାଖକୁ ଯଦି ଆସ, ତେବେ ଗୁରୁଜନଙ୍କ ସମ୍ମତି ନେଇ ଆସିବାକୁ ଯେପରି ନ ଭୁଲ ।

ଦୀକ୍ଷାମାନେ ନବଜନ୍ମ

ମନେରଖ, ଆଜି ତୁମର ନବଜନ୍ମ ହେଲା । ଅତୀତର ସବୁ ପାପତାପ ତୁମକୁ ଚିରକାଳ ପାଇଁ ପରିତ୍ୟାଗ କଲା । ଶୁଦ୍ଧ, ସ୍ନାତ ଶିଶୁଟି ପରି ଆଜି ତୁମେ ନିଷ୍ପାପ ହେଲ । ଅତୀତର ଜ୍ଞାତ ଅଜ୍ଞାତ ଶତ ଶତ ପାପ ତୁମର ଆଜି

ବିନିଷ୍ଟ ହେଲା । ଜାଣିକରି ଯେତେ ପାପ କରିଅଛ, ନ ଜାଣି ଯେତେ ପାପ କରିଅଛ, ବୁଝିକରି ଯେତେ ପାପ କରିଅଛ, ନ ବୁଝି ଯେତେ ପାପ କରିଅଛ, ବାକ୍ୟରେ ଯେତେ ପାପ କରିଅଛ, ଅଭିପ୍ରାୟରେ ଯେତେ ପାପ କରିଅଛ, ଜାଗରଣରେ ଯେତେ ପାପ କରିଅଛ, ନିଦ୍ରାରେ ଯେତେ ପାପ କରିଅଛ, ସେସବୁ ପାପ ଆଜି ତୁମର ବିଦୂରିତ ହେଲା । ନିଜ ଇଚ୍ଛାରେ ଯେତେ ପାପ କରିଅଛ, ଅନ୍ୟର ପ୍ରରୋଚନାରେ ଯେତେ ପାପ କରିଅଛ, ସ୍ୱବଶରେ ଯେତେ ପାପ କରିଅଛ, ଅବଶରେ ଯେତେ ପାପ କରିଅଛ, ନିଜ ସ୍ୱାର୍ଥ ଯୋଗୁଁ ଯେତେ ପାପ କରିଅଛ, ବିନା ପ୍ରୟୋଜନରେ ଯେତେ ପାପ କରିଅଛ, ଅଭ୍ୟାସବଶତଃ ଯେତେ ପାପ କରିଅଛ, ଖିଆଲବଶତଃ ଯେତେ ପାପ କରିଅଛ, ଆଜି ତୁମର ସବୁ ପାପ ତୁମକୁ ଛାଡ଼ି ପଳାଇଲା । ଆଜି ସଂକଳ୍ପ କର, ଆଉ ପାପ ସାଙ୍ଗେ କୌଣସି ଆପୋଷ ମିଳାମିଶା କରିବ ନାହିଁ । ଆଜି ପ୍ରତିଜ୍ଞା କର, ଆଜିଠାରୁ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ପୂର୍ଣ୍ଣ ପବିତ୍ରତା ମଧ୍ୟରେ ଯାପନ କରିବ ।

(ମାର୍ଗଶିର ୨୮, ୧୩୪୮)

ଦୀକ୍ଷାର ମର୍ମଗ୍ରାହିଣୀ ମୂର୍ତ୍ତି

ମନ୍ତ୍ରଦାନ କଣ ଖାଲି କାନରେ ଗୋଟାଏ ଶବ୍ଦ ଶୁଣାଇ ଦେବା ? ଦୀକ୍ଷାଦାନର ମାନେ ହେଉଛି, ମୋର ଶବ୍ଦରୂପ ସତ୍ତା ତୁମମାନଙ୍କର ଦେହ-ମନ-ପ୍ରାଣର ପ୍ରତ୍ୟେକଟି ସ୍ତରରେ, ପ୍ରତ୍ୟେକଟି ତରଙ୍ଗରେ ପ୍ରତ୍ୟେକଟି ଅଣୁ-ପରମାଣୁରେ ପ୍ରବେଶ କରିବା । ତୁମ୍ଭମାନଙ୍କର କର୍ଣ୍ଣ-ରନ୍ଧ୍ର ପଥ ଦେଇ ମୁଁ ତୁମ୍ଭମାନଙ୍କର ସବୁ ଅଙ୍ଗରେ, ସବୁ ଅଙ୍ଗର ପ୍ରତ୍ୟେକଟି ପ୍ରତ୍ୟଙ୍ଗରେ, ପ୍ରତି ପ୍ରତ୍ୟଙ୍ଗର ପ୍ରତ୍ୟେକ ଅଂଶରେ ପ୍ରବେଶ କରି ଆସ୍ଥାନ ଜମେଇ ରହିଲି ଯେ,

ଜଗତର ମଙ୍ଗଳ ସାଧନ କାର୍ଯ୍ୟରେ ମୁଁ ତୁମ୍ଭମାନଙ୍କୁ ପରିଚାଳିତ କରିବି ଓ ଜଗତର ମହତ୍ କଲ୍ୟାଣ ଲାଗି ତୁମ୍ଭମାନଙ୍କୁ ପ୍ରେରଣା ଯୋଗାଇ ଦେବି । ଇଚ୍ଛା କଲେ ମଧ୍ୟ ତୁମ୍ଭେମାନେ ମୋତେ ଆଉ ତମ ପାଖରୁ ଦୂରେଇ ଦେଇ ପାରିବ ନାହିଁ । ଯାହା ମୋର ପ୍ରକୃତସତ୍ତା, ଯାହା ମୋର ପ୍ରକୃତ ମୂର୍ତ୍ତି ଓ ଯାହା ମୋର ପ୍ରକୃତ ସ୍ୱରୂପ, ସେ ତୁମ୍ଭମାନଙ୍କ ଭିତରେ ଅନ୍ତରର ଅନ୍ତସ୍ଥଳରେ, ମସ୍ତିଷ୍କର ଅଭ୍ୟନ୍ତରରେ, ଜ୍ଞାନ ଓ କର୍ମ-କେନ୍ଦ୍ରଗୁଡ଼ିକର ମୂଳଦେଶରେ ଯାଇ ସ୍ୱୟଂ ପ୍ରତିଷ୍ଠିତ ହୋଇ ଯାଇଛି । ତାରି ନାମ ଦୀକ୍ଷା, ତାରି ନାମ ଶିଷ୍ୟ ଗ୍ରହଣ । ଏଇଟି ହେଉଛି ଦୀକ୍ଷାର ମର୍ମଗ୍ରାହିଣୀ ମୂର୍ତ୍ତି ।

ଶିଷ୍ୟର ଜଗନ୍ମଙ୍ଗଳ ପ୍ରୟାସରେ ଗୁରୁଙ୍କର ନିତ୍ୟ ନୂତନ ଆର୍ବିଭାବ

ତେଣୁ ଜଗତ-କଲ୍ୟାଣର ଅମୋଘ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଯେ କୌଣସି କାର୍ଯ୍ୟ ତୁମେ ଯେତେବେଳେ କରିବ, ସେତେବେଳେ ଜାଣିବ ମୁଁ ତୁମ ଭିତରେ ଅଛି । ତୁମର ଚକ୍ଷୁ, କର୍ଣ୍ଣ, ଜିହ୍ୱା, ଓଷ୍ଠ, ବକ୍ଷ, ପୃଷ୍ଠ, ଉଦର, ନିତମ୍ବ ପ୍ରଭୃତି ପ୍ରକାଶ୍ୟ ଇନ୍ଦ୍ରିୟ ସମୂହକୁ - ଏପରିକି ତୁମର ଗୁପ୍ତ ଅଙ୍ଗଗୁଡ଼ିକୁ ତୁମେ ଯେତେବେଳେ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ବ୍ୟବହାର କରିବ, ସେତେବେଳେ ସେହି ଅଙ୍ଗଗୁଡ଼ିକ ଭିତରେ ମୋର ଆବିର୍ଭାବ ଘଟିବ । ତୁମେ ଏ କଥା ଜାଣିବ ନାହିଁ । ତେଣୁ ଏ କଥା ତୁମକୁ ମୁଁ ଜଣାଇ ଦେଇ ଯାଉଛି । କିନ୍ତୁ ମୋ ପ୍ରାଣର ସର୍ବାଧିକ ପ୍ରିୟତମ କାମନା ହେଉଛି ଏଇଆ ଯେ, ତୁମ୍ଭମାନଙ୍କର ଦେହ-ମନ-ପ୍ରାଣ ଯେପରି ଅବିରାମ ଜଗତ କଲ୍ୟାଣ ପ୍ରୟାସ ଭିତରେ ମୋର ସେହି ନିତ୍ୟ ନୂତନ ଆବିର୍ଭାବକୁ ଉପଲବ୍ଧି କରେ, ଦେହର ପ୍ରତିଅଂଶର ପ୍ରତ୍ୟେକ ପିପାସାକୁ ତୁମ୍ଭେମାନେ ଜଗତକଲ୍ୟାଣ କର୍ମର

ପ୍ରେରଣାରେ ରୂପାନ୍ତରିତ କର । ତୁମ୍ଭମାନଙ୍କର ଜଗନ୍ମଙ୍ଗଳ ପ୍ରୟାସ ତୁମ୍ଭମାନଙ୍କ ଭିତରେ ମୋର ପୁନଃ ପୁନଃ ଆବିର୍ଭାବକୁ ଉପଲବ୍ଧି କରାଉ ।

(ମାର୍ଗଶିର ୨୯, ୧୩୪୮)

ଭ୍ରୂମଧ୍ୟ ବିହାରୀ ଶ୍ରୀ ଭଗବାନ

ଭଗବାନ ତୋତେ ଦୃଷ୍ଟି ଶକ୍ତି ଦେଇନାହାନ୍ତି ବୋଲି ତୁ କଦାପି ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବୁ ନାହିଁ । ଦୃଷ୍ଟିଶକ୍ତି ନ ଦେଇ ସେ ତୋତେ ଦୁନିଆର ବାରପଣ ପ୍ରଲୋଭନର ବାହାରେ ରଖିଛନ୍ତି ବୋଲି ଜାଣିବୁ । ଏଣିକି ତୁ ନିଜର ଜ୍ଞାନଚକ୍ଷୁ ଉନ୍ମୀଳନ କରିବାକୁ ସର୍ବଥା ଚେଷ୍ଟା କର । ଭଗବାନଙ୍କର ମଙ୍ଗଳମୟ ଉପସ୍ଥିତି ଚିନ୍ତନରେ ସେହି ଜ୍ଞାନଚକ୍ଷୁ ଭ୍ରୂମଧ୍ୟରେ ନିତ୍ୟକାଳ ପାଇଁ ଫିଟେ । ଜାଣିଥା ମା, ସେ ପରମ କରୁଣାମୟ, ସେ ନିଖିଳ ଆନନ୍ଦର କନ୍ଦ, ସେ ସର୍ବସୁଖର ଆକର, ସେ ରସମୟ, ପ୍ରେମମୟ ଓ କ୍ଷେମମୟ । ନିମିଷେକ ପାଇଁ ବି ସେ ତୋତେ ପରିତ୍ୟାଗ କରନ୍ତି ନାହିଁ । ସେ ପ୍ରଜ୍ଞାରୂପରେ, ଅଭୟ ରୂପରେ ଓ ସାନ୍ତ୍ୱନା ରୂପରେ ନିୟତ ତୋର ଭ୍ରୂମଧ୍ୟରେ ବିରାଜମାନ । ମୁହୂର୍ତ୍ତକ ପାଇଁ ବି ସେ ତୋ ଠାରୁ ଦୂରେଇ ଯାଆନ୍ତି ନାହିଁ । ନିଜର ସମସ୍ତ ବୋଧଶକ୍ତି ଦ୍ୱାରା ଭ୍ରୂମଧ୍ୟବିହାରୀ ଶ୍ରୀଭଗବାନଙ୍କର ନିତ୍ୟ ଉପସ୍ଥିତିକୁ ଅନୁକ୍ଷଣ ଅନୁଭବ କରିବାକୁ ଚେଷ୍ଟାକର । ତଦ୍ୱାରା ତୋର ଅନ୍ତର୍ଦୃଷ୍ଟି ଫିଟିଯିବ ।

ଦୀକ୍ଷା ଓ ଜଗନ୍ମଙ୍ଗଳ

ତୁମର ଏ ଦୀକ୍ଷା ଏକାକୀ ତୁମରି କୁଶଳ ପାଇଁ ଅଭିପ୍ରେତ ନୁହେଁ । ତୁମ ସଙ୍ଗେ ସଙ୍ଗେ ନିଖିଳ ବିଶ୍ୱର ପ୍ରତ୍ୟେକ ମାନବ ମାନବୀ, ପ୍ରତ୍ୟେକ ପ୍ରାଣୀ ଓ

ପ୍ରତ୍ୟେକ ଅଣୁ ପରମାଣୁ ମଧ୍ୟ କୁଶଳବନ୍ତ ହେବେ, ଏଇଥିପାଇଁ ତୁମେ ଆଜି ମୋ ଠାରୁ ଦୀକ୍ଷା ଗ୍ରହଣ କରୁଛ । "ଏକାକୀ ମୁହିଁ ମୁକ୍ତ ହେବାକୁ ଚାହେଁ ନା ପ୍ରାଣନାଥ, ମୋତେ ତୁମେ ଯୁକ୍ତକର ବିଶ୍ୱ-ମାନବ ସାଥି" - ଏହା ହିଁ ହେବ ତୁମର ମୂଳମନ୍ତ୍ର ଓ ସେଇଥିପାଇଁ ଆଜି ତୁମେ ମୋ ଦ୍ୱାରା ଦୀକ୍ଷିତ ହେଉଛ । ଖାଲି ନିଜର ଉଦ୍ଧାର ପାଇଁ ନୁହେଁ । ନିଖିଳ ବ୍ରହ୍ମାଣ୍ଡର ଉଦ୍ଧାର ପାଇଁ ତୁମର ଏ ସାଧନ-ଗ୍ରହଣ । ତୁମ ନିଜର ମୁକ୍ତି ସଙ୍ଗେ ସଙ୍ଗେ ନିଖିଳ ବିଶ୍ୱର ମୁକ୍ତି ସାଧିତ ହେବ, ଏହି କାରଣରୁ ଆଜିଠାରୁ ତୁମର ସଂଜ୍ଞା ହେବ **ଅଖଣ୍ଡ** । ତୁମର ଲକ୍ଷ୍ୟ, ତୁମର ଆଦର୍ଶ କଦାପି ତୁମର ବ୍ୟକ୍ତିଗତ ଉଦ୍ଧରଣ-ଚିନ୍ତା ଦ୍ୱାରା ଖଣ୍ଡିତ ବା ସୀମାବଦ୍ଧ ହେବ ନାହିଁ । ବ୍ରହ୍ମାଣ୍ଡର ସମସ୍ତଙ୍କୁ ସଙ୍ଗରେ ଘେନି ତୁମ୍ଭେମାନେ ପରମାନନ୍ଦ ଲୀଳା କରିବ । ଭେଦାଭେଦ ଭୁଲି ଯାଇ ଓ ଉଚ୍ଚନୀଚ ପାର୍ଥକ୍ୟ ଦୂର କରି ଦେଇ ସବୁ ଅଜ୍ଞ, ଅନ୍ଧ ଓ ପଙ୍ଗୁ ଜୀବଙ୍କର ପୂର୍ଣ୍ଣ ନିଷ୍କୃତିର ପଥ, ତୁମ୍ଭମାନଙ୍କର ଏକାଗ୍ର, ଉଦଗ୍ର ଓ ଏକନିଷ୍ଠ ସାଧନ ଫଳରେ ଉନ୍ମୁକ୍ତ ହେବ । ଏ କଥାଟି କଦାପି ଭୁଲିଯିବ ନାହିଁ । "ଜଗନ୍ମଙ୍ଗଳୋଽହଂ" - ମୁଁ ଜଗତର ମଙ୍ଗଳକାରୀ, ଏହା ହିଁ ତୁମର ଆଦର୍ଶ ବୋଲି ଜାଣିବ ।

ଦୀକ୍ଷାରୂପକ ନବଜନ୍ମ ଲାଭକୁ ବ୍ୟର୍ଥ ହେବାକୁ ଦିଅ ନାହିଁ

କଦାପି ଭୁଲି ଯାଅ ନାହିଁ ଯେ ଦୀକ୍ଷା ଲାଭ ପ୍ରକୃତରେ ନବଜନ୍ମ ଲାଭ । ସେହି ନବଜନ୍ମ ଲାଭ କରି ଭଗବତ୍-ପ୍ରେମମୟ, ନିଷ୍କଳଙ୍କ, ଓ ନିଷ୍କଳୁଷ ଜୀବନଯାନ ଲାଗି ତୁମ୍ଭେମାନେ ବଦ୍ଧପରିକର ହୁଅ । ପୂର୍ବରୁ କେତେ ଥର କେତେ ଜୀବଙ୍କ ଘରେ କେତେ ରୂପରେ ଜନ୍ମଗ୍ରହଣ ନ କରିଛ ! ସାଧନ ଅଭାବରୁ ତୁମର ସେ ଜନ୍ମ ସବୁ ବୃଥା ହୋଇଛି । ଏପରିକି ମନୁଷ୍ୟ ରୂପରେ

ଜନ୍ମ ଗ୍ରହଣ କଲାପରେ ବି ଏ ଜନ୍ମକୁ ସାର୍ଥକ କରିବା ପାଇଁ ଏତେ ଦିନ ହେଲା କିଛି କରିନାହଁ । ଆଜି ଯେତେବେଳେ ଦୀକ୍ଷା ଯୋଗୁଁ ତୁମର ନୂତନ ଜନ୍ମ ହେଲା, ଏହି ନୂତନ ଜନ୍ମ ଗ୍ରହଣ ଯେପରି ବ୍ୟର୍ଥ ନ ହୁଏ, ସେଥିପାଇଁ କଠୋର-ସଙ୍କଳ୍ପବଦ୍ଧ ହୁଅ । ଅତୀତରେ ବହୁ ସମୟ ଖାଲି ହେଲାରେ, ଖେଳ କୌତୁକରେ ଓ ଔଦାସିନରେ କଟାଇ ଦେଇଛ । ବର୍ତ୍ତମାନ ସଙ୍କଳ୍ପ କର, ଆଜିଠାରୁ ପ୍ରତ୍ୟେକ ଶ୍ୱାସପ୍ରଶ୍ୱାସକୁ କାମରେ ଲଗାଇ ଛାଡ଼ିବ । ନିର୍ଜୀବ କମାରର ଭାତି ମଧ୍ୟ ବୃଥା କାମ କରେ ନାହିଁ, ଆଉ ତୁମର ଜୀବନ୍ତ ଫୁସ୍‌ଫୁସ୍‌ଟା କଣ ଖାଲି ବୃଥା ଶ୍ରମ କରୁଥିବ ? ପ୍ରତ୍ୟେକ ଶ୍ୱାସ ଓ ପ୍ରତ୍ୟେକ ପ୍ରଶ୍ୱାସରେ ଇଷ୍ଟନାମ ସ୍ମରଣ କରି ସେଗୁଡ଼ିକୁ ସାର୍ଥକତା ଲାଭ କରିବାର ସୁଯୋଗ ଦିଅ ।

(ପୌଷ ୧, ୧୩୪୮)

ସାଧନରେ ଏକନିଷ୍ଠାର ଆବଶ୍ୟକତା

ଦୁଇ ନାଆରେ ଗୋଡ଼ ଦେବା ବାବା ଭଲ କଥା ନୁହେଁ । ଗୋଟିଏ ଜିନିଷକୁ ନେଇ ଚଳ । ବାରମ୍ବାର ମନ୍ତ୍ର ନେବା ପାଞ୍ଚ ଦଶ ଗଣ୍ଡା ମନ୍ତ୍ର ଜପ କରିବା ବଡ଼ ଝକ୍‌ମାରୀ । ମନକୁ ଏକନିଷ୍ଠ କର ଓ ଗୋଟିକୁ ଧରି ରହିବା ପାଇଁ ଧୈର୍ଯ୍ୟ, ସାହସ ଓ ଦୃଢ଼ ମନୋବୃତ୍ତି ଅର୍ଜ୍ଜନ କର । ବୁଡ଼ିବ ତ ଜଣକୁ ଧରି ବୁଡ଼, ଭାସିବ ତ ଜଣକୁ ଧରି ଭାସ, ମରିବ ତ ଜଣକୁ ଧରି ମର ଓ ବଞ୍ଚିବ ତ ଜଣକୁ ଧରି ବଞ୍ଚ । ବିବାହରେ ଯେପରି ଚଖାଚଖି ଚଳେ ନାହିଁ ଦୀକ୍ଷାରେ ମଧ୍ୟ ସେହିପରି । ଗୋଟିଏ ଭୃତ୍ୟର ବହୁ ପ୍ରଭୁ ହେଲେ ଅବସ୍ଥା ଯାହା ହୁଏ ମନ୍ତ୍ରରେ ବି ତଦ୍ରୂପ ହୁଏ । ଗୋଟିଏ ମନ୍ତ୍ରକୁ ଅବଲମ୍ବନ କରି ଦୃଢ଼ ସଙ୍କଳ୍ପ କରିବ - "ମନ୍ତ୍ରଂ ବା ସାଧୟେତ୍, ଶରୀରଂ ବା ପାତୟେତ୍ -" ହୁଏତ ଏ

ମନ୍ତ୍ରରେ ପୂର୍ଣ୍ଣ ସିଦ୍ଧି ଅର୍ଜନ କରିବି ନ ହେଲେ ଶରୀର ପାତ କରିବି- ଏହା ମଝିରେ ଆଉ ମଧ୍ୟ ପଥ ନାହିଁ, ଆପୋଷ ନାହିଁ । ସେହି ମନ୍ତ୍ରରେ ସମ୍ପୂର୍ଣ୍ଣ ନିଷ୍ଠା ରଖି ନିଜକୁ ସେଥିରେ ମଜ୍ଜେଇ ଦେଲେ ସେହି ଗୋଟିଏ ମନ୍ତ୍ର ମାଧ୍ୟମରେ ବ୍ରହ୍ମାଣ୍ଡରେ ଆଉ ସବୁ ମନ୍ତ୍ରର ସାଧନ ତୁମର ହୋଇଯିବ । କଥାରେ ଅଛି - "ଏକ ଜନାରେ ଜାନିଲେ ଆପନ ବିଶ୍ୱଭୂବନ ଆପନ ତୋର"

ଭଗବାନଙ୍କ ପାଖରେ ପ୍ରାର୍ଥନା

ସକାଳେ ନିଦରୁ ଉଠି ପ୍ରତ୍ୟହ ପିତାମାତାଙ୍କ ଚରଣରେ ପ୍ରଣାମ କରିବ ଗୋଡ଼ ହାତ ମୁହଁ ଧୋଇ, ବାସିଲୁଗା ବଦଳି ମେରୁଦଣ୍ଡକୁ ସରଳ କରି ଆସନରେ ବସିବ ଓ ଭଗବାନଙ୍କୁ ଉଦ୍ଦେଶ୍ୟ କରି ମନେ ମନେ କହିବ- "ହେ ଭଗବାନ, ହେ ସର୍ବଶକ୍ତିମାନ୍ ପରମେଶ୍ୱର, ତୁମେ ମୋତେ ସତ୍ କର, ମହତ୍ କର, ଚରିତ୍ରବାନ ଓ କର୍ତ୍ତବ୍ୟପରାୟଣ କର, ହେ ବିଶ୍ୱସ୍ରଷ୍ଟା, ପରମପ୍ରଭୁ, ତୁମେ ମୋତେ ସ୍ୱାସ୍ଥ୍ୟ ଦିଅ, ବୀର୍ଯ୍ୟ ଦିଅ, ସତ୍ୟତା ଦିଅ, ସତ୍‌ସାହସ ଦିଅ, ସଂସାରରେ ନିର୍ଭୀକ ହୋଇ ଚଳିବା ପାଇଁ ଶୌର୍ଯ୍ୟ ଦିଅ, ତୁମର ପ୍ରିୟ କାର୍ଯ୍ୟ ସାଧନରେ ଆତ୍ମୋତ୍ସର୍ଗ କରିବା ପାଇଁ ଶକ୍ତି ଦିଅ । ପ୍ରତ୍ୟହ ଏହିପରି ପ୍ରାର୍ଥନା କରିବାକୁ ଅଭ୍ୟାସ କରୁ କରୁ ଯେତେବେଳେ ଚିତ୍ତ ନିର୍ମଳ ହେବ, ମନ ସରଳ ହେବ, ଆଧ୍ୟାତ୍ମିକ ପିପାସା କ୍ରମବର୍ଦ୍ଧମାନ ହେବ, ସେତିକିବେଳେ ମୁଁ ତୁମ୍ଭମାନଙ୍କୁ ଦୀକ୍ଷା ଦେବି ।

ପୁତ୍ରକନ୍ୟାଙ୍କ ପ୍ରତି ପିତାମାତାଙ୍କର କର୍ତ୍ତବ୍ୟ

ନିଜର ସାନ ସାନ ପୁଅଝିଅଙ୍କର ଦୀକ୍ଷା ଗ୍ରହଣ ସଂକ୍ରାନ୍ତରେ ଯେଉଁ ପିତାମାତା ଆଗ୍ରହ ପ୍ରଦର୍ଶନ କରନ୍ତି, ସ୍ୱୀକାର କରିବାକୁ ହେବ ଯେ ସେମାନେ

ବାସ୍ତବରେ ସନ୍ତାନର କୁଶଳପ୍ରାର୍ଥୀ । କିନ୍ତୁ ପୁତ୍ର କନ୍ୟାଙ୍କୁ ଦୀକ୍ଷା ଦିଆଇ ଦେଲେ ହେବ ନାହିଁ, ସେମାନେ ଯେପରି ନିୟମିତ ସାଧନ ଭଜନରେ ନିଷ୍ଠାପର ହୁଅନ୍ତି, ସେଥିପାଇଁ ସେମାନଙ୍କର ହାତ ଧରି ଟାଣି ନେବାକୁ ହେବ । ଆଉ ସବୁଠାରୁ ବଡ଼ କର୍ତ୍ତବ୍ୟ ହେଉଛି, ପୁଅଝିଅଙ୍କ ଆଖି ଆଗରେ ନିୟମିତ ସାଧନର - ଦୃଷ୍ଟାନ୍ତ ପ୍ରଦର୍ଶନ ଲାଗି ନିଜେ ମଧ୍ୟ ପ୍ରକୃତରେ ସାଧନ ଭଜନରେ ମନ ଦେବ । ପୁତ୍ରକନ୍ୟା ଈଶ୍ୱରାନୁରାଗସମ୍ପନ୍ନ ହୁଅନ୍ତୁ ବୋଲି ଖାଲି ଆକାଂକ୍ଷା ଥିଲେ ତାହା ଯଥେଷ୍ଟ ହେବ ନାହିଁ ନିଜେ ମଧ୍ୟ ଈଶ୍ୱରାନୁରାଗର ଦୃଷ୍ଟାନ୍ତ ଦେଖାଇବାକୁ ହେବ ।

ରୁଗ୍‌ଣବସ୍ଥାରେ ସୂକ୍ଷ୍ମଦୀକ୍ଷା

ଦୀକ୍ଷା ତ ବାବା ଅନେକ ପ୍ରକାରର ହୋଇପାରେ । ତୁମର ସ୍ତ୍ରୀ ଯେତେବେଳେ ରୋଗ ଶଯ୍ୟାରେ ପଡ଼ି ବିକାରଗ୍ରସ୍ତ ହୋଇ ପ୍ରଳାପ କରୁଥିଲା ଓ ମୁଁ ତୁମ ଶ୍ୱଶୁରଙ୍କ ଗ୍ରାମସ୍ଥ ଏକ ସାମୟିକ ଆଶ୍ରମରେ ପୋଖରୀର ମାଟି ହାଣୁଥିଲି ସେତେବେଳେ କୌଣସି ଅଦୃଶ୍ୟ ଶକ୍ତି କଣ ରୋଗୀର ମୁଣ୍ଡ ଉପରେ ବସି ଦିନ ପରେ ଦିନ ରାତି ପରେ ରାତି ଅବିରାମ ଅବିଶ୍ରାମ ତାକୁ ଇଷ୍ଟନାମର ମଧୁର ଝଙ୍କାର ଶୁଣାଇ ଦୀକ୍ଷା ଦେଇ ଆସିପାରେ ନାହିଁ ? ମୁଁ ସେହି ଦୃଷ୍ଟିରେ ତୁମ ସ୍ତ୍ରୀକୁ ଦୀକ୍ଷିତ ବୋଲି ଜ୍ଞାନ କରି ଆସିଛି ଓ ତତ୍କାଳିକ ସୁପ୍ତ ସ୍ମୃତିକୁ ପୁନରୁଦ୍ରେକ କରିବା ଉଦ୍ଦେଶ୍ୟରେ ହିଁ ଆଜି ପ୍ରକାଶ୍ୟ ଭାବରେ ଦୀକ୍ଷା ଦେଇଛି ।

(ପୌଷ ୪, ୧୩୪୮)

ସ୍ୱାମୀର ଅମତରେ ଦୀକ୍ଷା

ହିରଣ୍ୟକଶ୍ୟପୁ ଚାହୁଁ ନଥିଲା ଯେ କୟାଧୁ ବା ପ୍ରହ୍ଲାଦ ହରିନାମ ଭଜନ୍ତୁ ତଥାପି ସେମାନେ ସ୍ୱାମୀ ବା ପିତାର ନିଷେଧ ନ ମାନି ନିଜ ନିଜ ପରମ କର୍ତ୍ତବ୍ୟରେ ମନପ୍ରାଣ ଢାଳି ଦେଇଥିଲେ । କାରଣ, ସେମାନେ ଜାଣିଥିଲେ ଯେ ହିରଣ୍ୟକଶ୍ୟପୁକୁ ଏ ବାଟରେ କଦାପି ଆଣି ହେବ ନାହିଁ । କିନ୍ତୁ ବର୍ତ୍ତମାନ ଯୁଗରେ ହିରଣ୍ୟକଶ୍ୟପୁର ଅବିକଳ ପ୍ରତିରୂପ ପାଇବା ଅତି କଷ୍ଟକର କଥା । ଚେଷ୍ଟା କଲେ ଏ ଯୁଗରେ ସବୁ ପିତା ଓ ସବୁ ସ୍ୱାମୀଙ୍କୁ ଏକଦା ଆଧ୍ୟାତ୍ମିକ ମାର୍ଗକୁ ଟାଣି ଆଣି ହେବ । ଏହି କାରଣରୁ ସ୍ୱାମୀକୁ ସଙ୍ଗରେ ଘେନି ବା ତାର ପ୍ରସନ୍ନ ମନରେ ପୂର୍ଣ୍ଣ ସମ୍ମତି ଗ୍ରହଣ କରି ସ୍ତ୍ରୀ ଲୋକମାନଙ୍କର ଦୀକ୍ଷା ଗ୍ରହଣ କର୍ତ୍ତବ୍ୟ । ତା ନହେଲେ ସ୍ୱାମୀର ଉତ୍ପାତ ଯୋଗୁଁ ସାଧନଭଜନରେ ପ୍ରତିଦିନ ନାନା ବିଘ୍ନ ଘଟିବ । ସେ ବିଘ୍ନକୁ ମୂଳୋତ୍ପାଟନ କରିବାର ଉପାୟ ହେଲା ସ୍ୱାମୀକୁ ସଙ୍ଗରେ ଘେନି ଉଭୟେ ଏକ ସଙ୍ଗରେ ଦୀକ୍ଷା ନେବା ବା ତାର ପୂର୍ଣ୍ଣ ସମର୍ଥନ ପାଇ ଦୀକ୍ଷିତ ହେବା । ସ୍ୱାଧୀ ସ୍ତ୍ରୀ ଇଚ୍ଛାକଲେ ନିଜର ସେବା ପରାୟଣତା, ଦୃଢ଼ତା ଓ ଏକାଗ୍ରତା ଦ୍ୱାରା ସ୍ୱାମୀକୁ ସତ୍‌ପଥରେ ଯିବାକୁ ବାଧ୍ୟ କରି ପାରେ । ତେଣୁ ସେ ତରତର ନ ହୋଇ ଏକାଗ୍ର ମନରେ କାଳ ପ୍ରତୀକ୍ଷା କରିବା ଭଲ ।

ଜଗନ୍ମଙ୍ଗଳ ସଂକଳ୍ପ

ତୁମ ଜୀବନ ଉପରେ ଖାଲି ତୁମର ଏକା ଯେ ଦାବୀ ଅଛି ତାହା ନୁହେଁ- ସେ ଦାବୀ ନିଖିଳ ବିଶ୍ୱର । ପରିବାର, ସମାଜ, ଦେଶ, ଜାତି ଜଗତ ସମସ୍ତେ ତୁମ ଜୀବନଠାରୁ ସେବା ଚାହାଁନ୍ତି, ଶାନ୍ତି ଚାହାଁନ୍ତି, ସୌନ୍ଦର୍ଯ୍ୟ ଚାହାଁନ୍ତି,

ତୃପ୍ତି ଚାହାଁନ୍ତି, ସୁଖ ଚାହାଁନ୍ତି ଓ ସମୃଦ୍ଧି ଚାହାଁନ୍ତି । ତୁମର ଏକକ ସୁଖ, ଏକକ ଶାନ୍ତି, ଏକକ ତୃପ୍ତି ବା ଏକକ ସମୃଦ୍ଧି ତୁମର ଲକ୍ଷ୍ୟ ହେବ ନାହିଁ । ସାରା ସଂସାରର ପ୍ରତ୍ୟେକ ଜୀବଙ୍କୁ, ପ୍ରତ୍ୟେକ ଅଣୁପରମାଣୁକୁ ତୁମେ ତୁମର ତ୍ୟାଗ ତପସ୍ୟା, ତୁମର ସାଧନ ଓ ତୁମର ଆତ୍ମୋପଲବ୍ଧି ଦ୍ୱାରା ଲାଭବାନ କରିବାକୁ ହେବ । ମନେ ରଖିଥିବ, ଏହି ଚିନ୍ତାଧାରା ହିଁ ତୁମ ଦୀକ୍ଷାଲାଭର ଭୂମିକା ଏହି ତତ୍ତ୍ୱଟିହିଁ ତୁମର ଜୀବନ-ବ୍ୟାପୀ ସାଧନାର ପରିପ୍ରେକ୍ଷିକା । ନିଜକୁ ନିଜର ଜୀବନକୁ ଓ ନିଜର ସତ୍ତାକୁ ଏହି ଆଲୋକରେ ଦର୍ଶନ କର, ନିଜକୁ ଜଗନ୍ମଙ୍ଗଳ ସାଧନା ସଂକଳ୍ପରେ ପରିପୂର୍ଣ୍ଣ କର ଓ ପରିପୁଷ୍ଟ କର । ତାହା ହେଲେ ତୁମର ଅଖଣ୍ଡ-ମନ୍ତ୍ର ସାଧନା ସତ୍ୟ ହେବ, ସାର୍ଥକ ହେବ ଓ ଷୋଳକଳାରେ ପୂର୍ଣ୍ଣ ହେବ ।

(ପୌଷ ୬, ୧୪୮)

ଶିଷ୍ୟ ଭିତରେ ଗୁରୁଶକ୍ତିର ସ୍ଥିତି ଓ ପ୍ରକାଶ

ଶିଷ୍ୟ କରିବାମାନେ ଶିଷ୍ୟ ଭିତରେ ଗୁରୁ ନିଜକୁ ନିଜେ ଅତି ସୂକ୍ଷ୍ମ ଭାବରେ ଅବସ୍ଥାପନ କରିବା । ପ୍ରକୃତ ଗୁରୁ ଏହି କାର୍ଯ୍ୟଟି କରନ୍ତି କିନ୍ତୁ ଏପରି ଭାବରେ କରନ୍ତି ଯେ କେହି ତାର ଟେର ସୁଦ୍ଧା ପାଆନ୍ତି ନାହିଁ । କିନ୍ତୁ ପ୍ରକୃତରେ ସେ ଏହା କରନ୍ତି । ମୋ ଶିଷ୍ୟମାନଙ୍କ ଭିତରେ ମୁଁ କଣ ଏହିପରି ଭାବରେ ଅବସ୍ଥାନ କରେ ? ନିଶ୍ଚୟ କରେ ।

ମୁଁ କଣ ସେମାନଙ୍କ ଭିତର ଦେଇ ଆତ୍ମପ୍ରକାଶ କରିବି ? ହଁ, ନିଶ୍ଚୟ କରିବି । ଅବଶ୍ୟ, ଶିଷ୍ୟ ଯଦି ହୁଏ ଦ୍ୱିଧାହୀନ, ଆତ୍ମସମର୍ପଣକାରୀ ନିର୍ବିଚାରସେବକ ଓ ଅଦୋଷଦର୍ଶୀ ପ୍ରେମିକ ।

ଦୀକ୍ଷା ଓ ବ୍ରାହ୍ମଣତ୍ୱ

ଦୀକ୍ଷା ତୁମକୁ ବ୍ରାହ୍ମଣତ୍ୱ ଦେଇଛି । କିଏ ବୈଶ୍ୟ ଥିଲ, କିଏ ଶୁଦ୍ର ଥିଲ ସେ ସବୁ କଥା ଭୁଲିଯାଅ । ଆଜି ତୁମ୍ଭେମାନେ ବ୍ରାହ୍ମଣ । କିନ୍ତୁ ନିରନ୍ତର ସାଧନ ଦ୍ୱାରା ଏହି ବ୍ରାହ୍ମଣତ୍ୱକୁ ଚିରସ୍ଥାୟୀ କରିବା ଦିଗରେ ତୁମ୍ଭମାନଙ୍କୁ ଦୃଷ୍ଟି ଦେବାକୁ ହେବ । ସାଧନାରେ ଯେପରି ଅବହେଳା ନ ହୁଏ, ଆଳସ୍ୟ ନ ଆସେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ନିୟତ ତଦ୍‌ଭାବଭାବିତ ସଦ୍‌ବ୍ୟକ୍ତିମାନଙ୍କର ସଙ୍ଗରେ ରହି ସାଧନରେ ରୁଚି ଅତୁଟ ଓ ଅବ୍ୟାହତ ରଖିବ ।

ସୁନ୍ଦର ହୁଅ

ମହାମନ୍ତ୍ର ଜଗତର ସବୁ ବସ୍ତୁକୁ ସୌନ୍ଦର୍ଯ୍ୟ ବିମଣ୍ଡିତ କରେ । ତୁମ୍ଭେମାନେ ଆଜି ଯେ ମହାମନ୍ତ୍ର ପାଇଛ, ତୁମ୍ଭେମାନେ ନିଜର ଅଜାଣତରେ ଆଗ ଅପେକ୍ଷା ଶତଗୁଣ ସୁନ୍ଦର ହୋଇଛ । ଯୋଗୀର ଆଖି ତୁମ୍ଭମାନଙ୍କୁ ଦେଖିଲେ ହିଁ ଚିହ୍ନି ପାରିବ ଯେ ତୁମ୍ଭମାନଙ୍କର କର୍ଣ୍ଣକୁହରରେ ଅଖଣ୍ଡନାମ ପ୍ରବେଶ କରିଛି । ମହାମନ୍ତ୍ରର ଅପର ନାମ "ସୁନ୍ଦର" କାହିଁକି ଏପରି ନାଂମଟିଏ ତାକୁ ଦିଆଯାଇଛି ଜାଣ ? ସେ ଅନ୍ୟକୁ ସୁନ୍ଦର କରେ । ଯେ ତାର ସାଧନ କରେ, ତାର ମୁହଁ, ଆଖି, ଦେହ, ମନ, କଥାବାର୍ତ୍ତା, ଚାଲିଚଳନ ସବୁଥିରୁ ଅପାର ସୌନ୍ଦର୍ଯ୍ୟ, ଅପାର ସୁଷମା ଓ ଲାବଣ୍ୟ ପିଚକି ପଡ଼େ । ପରମ ସୁନ୍ଦର ନାମ ତୁମ୍ଭେ ପାଇଛ, ସେହି ନାମରେ ସେବା କରି ତୁମ୍ଭେମାନେ ସମସ୍ତେ ଅପରୂପ ସୁନ୍ଦର ହୁଅ ।

ବିରୋଧ ଭୁଲିଯାଅ

ସବୁଜାତି ଓ ସବୁ ବର୍ଣ୍ଣ ନିଜ ନିଜର ବିରୋଧ-ବିଦ୍ୱେଷକୁ ଭୁଲିଯାଅ । ସମସ୍ତେ ନିଜ ନିଜକୁ ଏକ ପରମ ପିତାର ସନ୍ତାନ ବୋଲି ଜାଣ । ବିରୋଧ ବିଦ୍ୱେଷ ଅଜ୍ଞାନତାର ଫଳ । ଜ୍ଞାନସ୍ୱରୂପ ଭଲପାଇବାର ବାଟ ଦେଇ ତୁମ୍ଭମାନଙ୍କର ସବୁ ଅନ୍ଧତ୍ୱ, ସମସ୍ତ ମୂର୍ଖତା ଓ ସକଳ ସଂକୀର୍ଣ୍ଣତା ଦୂରୀଭୂତ ହେଉ । ସଂସାରରେ ସମସ୍ତେ ଏକ, ଏହି ଘୋଷଣା ବାଣୀ ସମସ୍ୱରରେ ଉଚ୍ଚାରଣର ସାମର୍ଥ୍ୟ ତୁମ୍ଭେମାନେ ଅର୍ଜନ କର ।

(ପୌଷ ୧୨, ୧୩୪୮)

ଧର୍ମସଂଘ ଓ ଗୁରୁଦ୍ରୋହ

ତୁମ୍ଭମାନଙ୍କର କୌଣସି ସମ୍ମିଳନ ଯେପରି ଗୁରୁଦ୍ରୋହକୁ କଦାପି ସମର୍ଥନ ନ କରେ, ଏଥିପ୍ରତି ସବୁ ସମୟରେ ଲକ୍ଷ୍ୟ ରଖିଥିବ । ବ୍ୟକ୍ତିଗତ ଭାବରେ ମୁଁ ମୋର ଶିଷ୍ୟମାନଙ୍କୁ ଏତେ ବେଶି ନିରଙ୍କୁଶ ସ୍ୱାଧୀନତା ଦେଇଛି ଯେ ପୃଥିବୀର ପ୍ରତ୍ୟେକ ଗୁରୁ ସେଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବେ । କିନ୍ତୁ ଯେଉଁଠି ସଂଘ ବିଷୟ ସମ୍ପୃକ୍ତ, ସେଠାରେ ଗୁରୁନିଷ୍ଠା ହିଁ ହେବ ସଂଘର ପ୍ରାଣ, ବ୍ୟକ୍ତିଗତ ମତାମତର ପ୍ରାଧାନ୍ୟ ସଂଘର ପ୍ରାଣ ହେବ ନାହିଁ । ଗୁରୁଙ୍କ ପ୍ରତି ଏକାନ୍ତ ଆନୁଗତ୍ୟ ବ୍ୟତୀତ ସଂଘ କଦାପି ଗଢ଼ିଉଠି ପାରେ ନାହିଁ, ବିତର୍କ-ସଭା ଗଢ଼ି ଉଠେ, ଧ୍ୱଂସବାଦୀଙ୍କ ଆଡ୍‌ଡା ଗଢ଼ିଉଠେ, ଉଚ୍ଛୃଙ୍ଖଳତାର କୋଳାହଳ ଗଢ଼ି ଉଠେ । ଅନୁବର୍ତ୍ତୀତା ସଂଘର ପ୍ରାଣ । ମୋର ସନ୍ତାନମାନେ ଯେତେବେଳେ ମୋ ସହିତ ସେମାନଙ୍କର ସମ୍ପର୍କର ଦ୍ୱାହି ଦେଇ ମିଳିତ ହେବେ, ପ୍ରକୃତରେ ସେମାନେ ଯଦି ସଂଘ ଗଢ଼ିବାକୁ ଚାହାନ୍ତି, ତାହା ହେଲେ ପ୍ରାଣ ଗଲେ ମଧ୍ୟ ସେମାନେ ମୋ ପ୍ରତି ଦ୍ରୋହ ଆଚରଣ କରିବାର ଅଧିକାରୀ ନୁହନ୍ତି ।

(ପୌଷ ୧୪, ୧୩୪୮)

ପତିତୋଦ୍ଧାରକ ମନ୍ତ୍ର

ମହାମନ୍ତ୍ରକୁ ପତିତୋଦ୍ଧାରକ, କଳୁଷନାସକ ଓ ଜନ୍ମ-ମୃତ୍ୟୁ-ଜରା-ଦୁଃଖ ନିବାରକ ବୋଲି ଜାଣିବ । ଅନ୍ତରର ସମସ୍ତ ଗ୍ଲାନି ଆଜି ଝାଡ଼ିଝୁଡ଼ି ଫୋପାଡ଼ି ଦିଅ । ଜୀବନର ନୂତନ ଯାତ୍ରାପଥରେ ଆଜି ଶଙ୍କାହୀନ ଓ ନିର୍ଭୀକ ହୋଇ ଚାଲ । ଅତୀତର ସହସ୍ର ଆବର୍ଜନାକୁ ଜୀବନର ପ୍ରାନ୍ତଦେଶରୁ ଓଳାଇ ଦେଇ ନୂତନ ଜୀବନର ଅଭିନବ ଅମୃତ ଆସ୍ୱାଦନ ଲାଗି ଆଗେଇ ଚାଲ । ବାରମ୍ବାର କହ "ହେ ପରମ ପବିତ୍ର ନାମ, ତୁମେ ପତିତ ଉଦ୍ଧାରକାରୀ । ଆଉ ମୋର ଭୟ ନାହିଁ, ଭାବନା ନାହିଁ, ଦ୍ୱନ୍ଦ ନାହିଁ, ଦ୍ୱିଧା ନାହିଁ । ତୁମରି ଆଶ୍ରୟ ନେଇ ମୁଁ ମୋର ଉଦ୍ଧାର ସମ୍ପର୍କରେ ଏକାବେଳେକେ ନିଶ୍ଚିତ ହୋଇଛି" ।

(ପୌଷ ୧୫, ୧୩୪୮)

ଦୀକ୍ଷାପରେ ସାଧନା ପ୍ରୟୋଜନ

ଦୀକ୍ଷା ନେଇ ଯାଇ ମନେକରନା ଯେ କାମ ସରିଗଲା । ଦୀକ୍ଷା ନେବା ପରେ ସାଧନ କରିବା ଦରକାର, ଖାଲି ନାମକାବାସ୍ତେ ସାଧନା ନୁହେଁ, ଏକାଗ୍ର, ଉଦଗ୍ର ଓ ଏକନିଷ୍ଠ ଭାବରେ ସାଧନ କରିବା ଦରକାର । ବୃନ୍ଦାବନକୁ ଯିବା ପାଇଁ ଖାଲି ରେଳ ଟିକେଟ କିଣିଦେଲେ ତ କେହି ବୃନ୍ଦାବନ ଯାଇ ପାରିବ ନାହିଁ, ଗାଡ଼ିରେ ଚଢ଼ିବାକୁ ହେବ, ଭିତରେ ଠେଲାପେଲାକୁ ସମ୍ଭାଳି ଗାଡ଼ିରେ ନିଜ ଆସନଟି ଦଖଲ କରି ବସିବାକୁ ହେବ, ଠେଲାପେଲାରେ ଛିଟିକି ଯାଇ ଗାଡ଼ି ବାହାରେ ପଡ଼ିଗଲେ ଚଳିବ ନାହିଁ । ତୁମ ଚାରିପଟେ ହେଉଥିବା ବିଶୃଙ୍ଖଳ ଚିତ୍କାରକୁ ଭ୍ରୁକ୍ଷେପ ନ କରି ନିଜ ଯାଗାଟିରେ ତୁମେ ଦୃଢ଼ ଭାବରେ ରହିବା ଚାହି ।

ପ୍ରେମ ହିଁ ସ୍ୱରୂପ

ତୁମ୍ଭମାନଙ୍କ ମଧ୍ୟରୁ ଜଣ ଜଣ କରି ପ୍ରତ୍ୟେକଙ୍କ ଅନ୍ତରରେ ଅନ୍ତରତମ ପ୍ରଦେଶରେ ଅପରିମେୟ ପ୍ରେମ କେତେ ପରିମାଣରେ ଯେ ଲୁକ୍କାୟିତ ଭାବରେ ସଞ୍ଚିତ ହୋଇ ରହିଛି, ସେ କଥା ତୁମ୍ଭେମାନେ କେହି ଜାଣନାହିଁ । ତୁମ୍ଭେମାନେ କଳ୍ପନା ବି କରି ପାରି ନାହଁ ଯେ ସେହି ଅତୁଳନୀୟ ପ୍ରେମର ଗୁପ୍ତ ଧନରେ ତୁମ୍ଭେମାନେ ଅନ୍ତରର ପ୍ରତ୍ୟେକ କେଡ଼େ ବଡ଼ ଧନୀ । ନାମର ନିରବଚ୍ଛିନ ସେବା କରି ତୁମ୍ଭେମାନେ ଅନ୍ତରର ଆବରଣକୁ ଉନ୍ମୋଚିତ କର, ନିଜ ମୂର୍ତ୍ତିକୁ ନିଜ ଆଖିରେ ଥରେ ଭଲ କରି ନିରେଖି ଦେଖ । ତୁମେ ଅବାକ୍ ହୋଇଯିବ । ତୁମେ ଦେଖିବ, ପ୍ରେମ ହିଁ ତୁମର ସ୍ୱଭାବ, ପ୍ରେମ ହିଁ ତୁମର ସ୍ୱରୂପ, ପ୍ରେମହିଁ ତୁମର ଉତ୍ପତ୍ତି, ପ୍ରେମହିଁ ତୁମର ବିଲୟ, ପ୍ରେମ ଛଡ଼ା ତୁମର ଅସ୍ତିତ୍ୱ ବି ଅସମ୍ଭବ ।

ଦୀକ୍ଷାର ମାନେ

ତୁମର ସେହିଁ ଅପାର୍ଥିବ ଦୈବ ସ୍ୱରୂପକୁ ଚିହ୍ନିବା ପାଇଁ ଆଜି ତୁମେ ଦୀକ୍ଷା ନେଇଛ । ଖାଲି କାନରେ ଗୋଟିଏ ମନ୍ତ୍ର ଶୁଣାଇ ଦେବା ଦୀକ୍ଷା ନୁହେଁ, ଦୀକ୍ଷାର ମାନେ ଆତ୍ମସ୍ୱରୂପ ଚିହ୍ନିବା ପଥରେ ପ୍ରଥମ ପଦଚାଳନା । ଏହି ଯେଉଁ ସାଧନର ଅୟମାରମ୍ଭ ହେଲା, ଶେଷ ନିଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ପୂର୍ଣ୍ଣ ଆସ୍ଥା ଓ ପୂର୍ଣ୍ଣ ବିଶ୍ୱସ୍ତତା ସହକାରେ ଏହି ସାଧନ କରିଯିବ, ସେହି ସଂକଳ୍ପ ଆଜି କର ।

(ପୌଷ ୧୬, ୧୩୪୮)

ଜଗତ-କଲ୍ୟାଣ ସାଧନ

ତୁମ୍ଭମାନଙ୍କର ସାଧନ ଜଗତ-କଲ୍ୟାଣ ସାଧନ । ତୁମ୍ଭମାନଙ୍କର ନିଜ ନିଜର ତପସ୍ୟା ମଧ୍ୟ ଦେଇ ଜଗତର ଅମୋଘ ମଙ୍ଗଳ ହେବ । ତୁମ୍ଭେମାନେ ସମସ୍ତେ ପବିତ୍ର ହୋଇ ଜଗତକୁ ପବିତ୍ର କର । ସବଳ ହୋଇ ଜଗତକୁ ସବଳ କର ।

ଧର୍ମସଂଘ ଓ ଗୁରୁନିଷ୍ଠା

ସଂଘ ଯଦି ବାବା ଗଢ଼ିବାକୁ ଚାହଁ ତେବେ ଏକାନ୍ତ ଗୁରୁଗତପ୍ରାଣତା ହେବ ତାର ମୂଳ । ଯେଉଁମାନଙ୍କର ଗୁରୁନିଷ୍ଠା କୌଣସି ଅବସ୍ଥାରେ ବି ନ ଟଳେ, ସେହିମାନେ ହିଁ ସଂଘବଦ୍ଧ ହୋଇ ପାରନ୍ତି । ଏହି ଗୋଟିଏ ମାତ୍ର କେନ୍ଦ୍ର ରହିଛି, ଯେଉଁ କେନ୍ଦ୍ର ସହିତ ତୁମେ ପ୍ରାଣପଣେ ଚେଷ୍ଟା କରି ଯେତେ ସମୟ ଲଗ୍ନ ରହିଥିବ, ସେ ପର୍ଯ୍ୟନ୍ତ ତୁମଦ୍ୱାରା ସଂଘର ସଂହତି କୌଣସି ମତେ ବିପନ୍ନ ହୋଇ ନ ପାରେ । କିନ୍ତୁ ଗୁରୁନିଷ୍ଠା ଯଦି ଶିଥିଳ ହୁଏ, ତେବେ ତୁମେ ଯେତେ କୃତିତ୍ୱ-ସମ୍ପନ୍ନ ହୁଅ ପଛକେ, ତୁମେ ସଂଘ ଗଢ଼ିବାକୁ ଗଲେ ଦେଖିବ ପଦ୍ମାନଦୀ ତୀରବର୍ତ୍ତୀ ଭୂମି ପରି ଏହା ଖଣ୍ଡ ଖଣ୍ଡ ହୋଇ ଭୁଷୁଡ଼ି ପଡ଼ିବ । ସେତେବେଳେ ଦେଖିବ, ତୁମର ଆଦର୍ଶବାଦର ଦ୍ୱାହି କୌଣସି ସଦାତ୍ମବ୍ୟକ୍ତିକୁ ତମର ସମୀପସ୍ଥ କରିବା ପରିବର୍ତ୍ତେ ବରଂ ସନ୍ଦିଗ୍ଧ କରିବ । ତେଣୁ ଧର୍ମ ସଂଘ ଯଦି ଗଢ଼ିବାର କଥା, ତା ମୂଳରେ ନିଷ୍ଠା ଥିବା ଦରକାର । ତୁମ୍ଭମାନଙ୍କୁ ନେଇ ଧର୍ମସଂଘ ଗଢ଼ିବାର କଳ୍ପନା ମୁଁ କେବେ ହେଲେ କରି ନାହିଁ । ଦଳବଦ୍ଧ ଲୋକମାନଙ୍କର ଗୁରୁ ହୋଇ ରହିବି ଏ କଥା ମୁଁ ସ୍ୱପ୍ନରେ ସୁଦ୍ଧା କେବେ ଭାବି ନାହିଁ । ତେଣୁ ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଶିଷ୍ୟକୁ

ବ୍ୟକ୍ତିଗତ ସ୍ୱାଧିକାର ଚୂଡ଼ାନ୍ତ ଭାବରେ ପ୍ରୟୋଗ କରିବା ଲାଗି ପ୍ରେରଣା ମୁଁ ଚିରକାଳ ଦେଇ ଆସିଛି । କିନ୍ତୁ ସଂଘ ଯଦି ଗଢ଼ିବାକୁ ହୁଏ, ତେବେ ଗୁରୁନିଷ୍ଠା ଛଡ଼ା ତାହା ହେବ ନାହିଁ ।

(ପୌଷ ୧୬, ୧୩୪୮)

ଦୀକ୍ଷିତ ଓ ଅଦୀକ୍ଷିତଙ୍କର ପାର୍ଥକ୍ୟ

ନିଜର ଅନ୍ତରକୁ କରିବ ସରଳ, ଅକପଟ ଓ ଛଳନାବର୍ଜିତ । କଦାପି ଏ ଅଭିମାନ ରଖିବ ନାହିଁ ଯେ, ତମେ ଦୀକ୍ଷିତ ହୋଇଛ ବୋଲି ଅଦୀକ୍ଷିତମାନଙ୍କ ଅପେକ୍ଷା ଉତ୍କୃଷ୍ଟ । କିନ୍ତୁ ଦୀକ୍ଷିତ ବୋଲି ନିଜକୁ ଅବଶ୍ୟ ଭାଗ୍ୟବାନ ବୋଲି ମନେ କରିବା ମନେ ମନେ ଭାବିବ, ଅନନ୍ତ ସମ୍ପଦାଗାରର ପ୍ରବେଶ-ଦ୍ୱାରରେ ତୁମେ ଆସି ପହଞ୍ଚିଛ, ଗୁରୁଦତ୍ତ ମହାମନ୍ତ୍ରର ସାଧନ କରି କରି ତୁମେ ଯଦି ଆଗେଇ ଯାଅ, ତେବେ ସବୁ ସମ୍ପଦ ତୁମର ହେବ । ଏହିଠାରେ ଅଦୀକ୍ଷିତଙ୍କ ସହିତ ତୁମର ପ୍ରଧାନ ପାର୍ଥକ୍ୟ ।

(ପୌଷ ୧୯, ୧୩୪୮)

ଦୀକ୍ଷା କାହିଁକି ସୌଭାଗ୍ୟସୂଚକ ?

ତୁମେ ଯେଉଁମାନେ ଦୀକ୍ଷା ପାଇଛ, ସେମାନେ ଭାଗ୍ୟବାନ । କାରଣ ଏତେକାଳ ପଥନିର୍ଦ୍ଦେଶହୀନ, ଲକ୍ଷହୀନ ପଥିକ ପରି ଏଣେ ତେଣେ ଖାଲି ଭୁଆଁ ବୁଲୁଥିଲ । କିନ୍ତୁ ଆଜି ଯେତେବେଳେ ତମେ ପଥ ପାଇଛ, ଲକ୍ଷ୍ୟ ହୀନତା ଦୁର୍ଭାଗ୍ୟ ଆଜିଠାରୁ ତୁମର ଗଲା ।

ଦଳବୃଦ୍ଧି ପାଇଁ କୃତ୍ରିମ ଚେଷ୍ଟା ଅନାବଶ୍ୟକ

ଦୀକ୍ଷା ପାଇବା ପରେ ଦୀକ୍ଷାନୁଯାୟୀ ସାଧନ କରିଯିବା ତୁମ୍ଭମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବ, ଲୋକଙ୍କୁ ଦଳ ଦଳ କରି ଡାକି ହାକି ଆଣି ଗୁରୁଭ୍ରାତା ବା ଗରୁଭଗ୍ନୀରେ ପରିଣତ କରିବା ତୁମର କାମ ନୁହେଁ । ତୁମର ଦଳ ଆପେ ଆପେ ବଢ଼ିବ । ସେଥିପାଇଁ କୌଣସି କ୍ୟାନଭାସିଂ ପ୍ରୟୋଜନ ନାହିଁ । ଚତୁର୍ଦ୍ଦିଗରେ ଲକ୍ଷ ଲକ୍ଷ ନରନାରୀଙ୍କ ପ୍ରାଣରେ ଅଖଣ୍ଡ ସାଧନ ଗ୍ରହଣ କରିବା ଲାଗି ତୀବ୍ର ବ୍ୟାକୁଳତା ସୃଷ୍ଟି ହେବ । ସେଥିଲାଗି ତୁମର ବା ମୋର କୌଣସି ପ୍ରଚାର କର୍ମ ଆଦୌ ଦରକାର ନାହିଁ । ଚାଲ ଆମେ ନିଜେ ନିଜର ଇଷ୍ଟ ନାମରେ ଏକାନ୍ତ ଆତ୍ମ-ସମର୍ପଣ କରିବା । ଆମ୍ଭ ମାନଙ୍କର ଆତ୍ମସମର୍ପଣର ସମ୍ପୂର୍ଣ୍ଣତା ହିଁ ପରିପୂର୍ଣ୍ଣ ଜଗତକୁ ଆମ ଆଡ଼କୁ ଆକୃଷ୍ଟ କରିବ । ଭଗବଦିଚ୍ଛାରେ ମୁଁ କର୍ମତ୍ୟାଗୀ ସନ୍ୟାସୀ ନୁହେଁ । ଅଶେଷ ବହିଃକର୍ମ ମଧ୍ୟ ଦେଇ ମୋର ଜୀବନ ସାଧନ ଓ ମୋର ତପଃସାଧନ । ତେଣୁ ଆଧ୍ୟାତ୍ମିକତାବାଦୀ ସଜ୍ଜନମାନଙ୍କ ମଧ୍ୟରୁ ଅନେକ ମୋତେ ବୁଝି ପାରନ୍ତି ନାହିଁ । ଅନ୍ୟମାନଙ୍କ କଥା ତେଣିକି ଥାଉ, ମୋର କେତେ ଜଣ ସଙ୍ଗୀ ଅବା ମୋତେ ଠିକ୍ ବୁଝି ପାରୁଛନ୍ତି ? କିନ୍ତୁ ଏକଥା ଜାଣିଥାଅ, ଅଖଣ୍ଡ-ମନ୍ତ୍ର ପ୍ରତି ମୋର ଯେଉଁ କୁଣ୍ଠାହୀନ ଆନୁଗତ୍ୟ ତାହା ହିଁ ନିଖିଳ ବିଶ୍ୱକୁ ମୋ ପାଖକୁ ଟାଣି ଆଣିବ । ସେଥିପାଇଁ ଆଉ କିଛି କୌଶଳ ପ୍ରୟୋଜନ ହେବ ନାହିଁ ।

ନାମର ପ୍ରଦୀପ ଜଳାଇରଖ

ମଙ୍ଗଳମୟ ନାମର ଅନିର୍ବାଣ ପ୍ରଦୀପ ସବୁ ସମୟରେ ଭ୍ରୂମଧ୍ୟରେ ପ୍ରଜ୍ୱଳିତ ରଖିବ । ନିମିଷେକ ପାଇଁ ବି ନାମର ପ୍ରଦୀପକୁ ଲିଭିଯିବାକୁ ଦେବ

ନାହିଁ । ଜଗତର ସବୁ ସଂଶୟ ଓ ସନ୍ଦେହ ନାମର ସେହି ପବିତ୍ର ଜ୍ୟୋତିରେ ଛିନ୍ନ ହୋଇଯିବ । ଜୀବନର ଏପରି କୌଣସି ରହସ୍ୟ ନାହିଁ, ଯାହାକୁ ନାମର ତୀରବତ୍ ତୀକ୍ଷ୍ଣ ରଶ୍ମି ଭେଦ କରି ନ ପାରେ । ନାମରେ ଲଗ୍ନ ହୋଇ ରହ, ତୁମର ସକଳ ଅଜ୍ଞାନ ଦୂର ହେବ ଓ ନିୟତ ବ୍ରାହ୍ମୀ ପ୍ରଜ୍ଞାରେ ପ୍ରତିଷ୍ଠିତ ହୋଇ ତୁମେ ନିତ୍ୟସତ୍ୟମୟ ଅକ୍ଷୟ ଶାନ୍ତିରେ ବିରାଜମାନ କରିବ ।

ମୁଁ ଆସିବିରେ ପିଲାଏ

ଆଜିଠାରୁ ତୁମେ ଯେଉଁ ନାମ-ସାଧନ ବ୍ରତ ଗ୍ରହଣ କଲ, ସେଥିରେ ମୋତେ କିନ୍ତୁ ଦିନରେ ଓ ରାତିରେ ପ୍ରତ୍ୟହ ଚାରି ଚାରି ଥର ତୁମ ପାଖକୁ ଅନ୍ତରର ଏହି ବ୍ୟାକୁଳ କାମନା ନେଇ ଦୌଡ଼ି ଆସିବାକୁ ହେବ ଯେ, ପ୍ରକୃତରେ ତୁମ୍ଭେମାନେ ନାମ ସାଧନ ଯଜ୍ଞବେଦୀରେ ବିନମ୍ର ହୋଇ ବସୁଛ ତ ? ସେ ସମୟରେ ତୁମେମାନେ ଯଦି ପୁଲ୍ଲକିତ ଅନ୍ତରରେ ମଧୁମୟ ଅଖଣ୍ଡ ନାମ ଶୁଣାଅ ତାହାହେଲେ ହୃଦୟ ମୋର ସ୍ନେହ, ପ୍ରେମ ଓ ପୁଲ୍ଲକରେ ସ୍ନିଗଧ୍ ହୋଇଯିବ । ନାହିଁ, ଯଦି ତୁମ୍ଭେମାନେ ସ୍ୱେଚ୍ଛା-ଗୃହୀତ ସେ ପବିତ୍ର ବ୍ରତରେ ନିଷ୍ଠାବାନ୍ ନ ହୁଅ, ତେବେ ମୁଁ ମୌନ, ମୂକ, ବେଦନାର୍ତ୍ତ ହୋଇ ତୁମ ଘରର ଓଳିତଳେ କାଳ ପ୍ରତୀକ୍ଷା କରି ଛିଡ଼ା ହୋଇଥିବି । ଭୁଲି ଯାଅନାରେ ପିଲାଏ, ମୁଁ ଠିକ୍ ଆସିବି ।

(ମାଘ ୩, ୧୩୮୪)

ଅଖଣ୍ଡ-ଦୀକ୍ଷା ଓ ଜଗନ୍ମଙ୍ଗଳ

ଅଖଣ୍ଡ-ନାମକୁ ଜଗନ୍ମଙ୍ଗଳ ଆଦର୍ଶଠାରୁ ଏକାବେଳେକେ ଅଭିନ୍ନ ବୋଲି ଗଣନା କରିବ । ସେ ନାମରେ ଯେତେବେଳେ ଦୀକ୍ଷା ପାଇଛ, ସେତେବେଳେ

ଜଗତର ମଙ୍ଗଳ ସାଧନ ତୁମ ଜୀବନର ଚରମ କର୍ତ୍ତବ୍ୟ ବୋଲି ଜାଣିବ । ଜୀବନ ଧାରଣ ପାଇଁ ଯେ ଯେଉଁ ଜୀବିକା ଧର ପଛକେ, ଜଗତର ମଙ୍ଗଳ ସାଧନ ହେବ ତୁମର ପ୍ରଧାନ ଲକ୍ଷ୍ୟ । ଖାଲି ନିଜ କଥାଟି ଭାବ ନାହିଁ । ତୁମର ନାମ-ସାଧନ ସଙ୍ଗେ ସଙ୍ଗେ ଲକ୍ଷ ଲକ୍ଷ ସାଧନ-ଅପଟୁ ଜୀବକୁଳର ଆଧ୍ୟାତ୍ମିକ କୁଶଳ ଯେ ତୁମରି ସାଧନ ଫଳରେ ହେଉଛି, ସେ କଥାଟି ସ୍ମରଣ ରଖ । ଜଗତ ଯଦି ତମକୁ ଅସ୍ୱୀକାର କରେ ତଥାପି ତୁମେ ଜଗତକୁ କଦାପି ଅସ୍ୱୀକାର କରନାହିଁ ।

ଯେ ଯେଉଁଠୁ ମନ୍ତ୍ର ନେଇଛ, ସେହି ମନ୍ତ୍ରରେ ଆମରଣ ନିଷ୍ଠା ସହକାରେ ଲାଗିରହି ଦେଖ, ପ୍ରକୃତରେ ସାଧନରେ ଆନନ୍ଦ ମିଳୁଛି କି ନାହିଁ । ବାରମ୍ବାର ମନ୍ତ୍ର ପରିବର୍ତ୍ତନ କରି ଅଯଥା ଶ୍ରାନ୍ତ ହେବାରେ ଲାଭ କ'ଣ ?

(ମାଘ ୩, ୧୩୪୮)

ମୋ ପିଲାଏ ମୋ ପାଖକୁ ଆସିବେ

ମୋ ପାଇଁ ଯେ ବ୍ୟାକୁଳ, ସେ ମୋ ପାଇଁ ହଜାର ବର୍ଷ ନିଃଶବ୍ଦରେ ଅପେକ୍ଷା କରିବ । କିଏ କେଉଁଠି ନିଜର ଶିଷ୍ୟ ସଂଖ୍ୟା ବର୍ଦ୍ଧନ ଲାଗି କଣ ଆୟୋଜନ କରୁଛି, ତାହା ଦେଖି ତାକୁ ପ୍ରତିଦ୍ୱନ୍ଦୀ ବୋଲି ଭାବିବା ମୋ ପକ୍ଷରେ ମୋଟେ ସମ୍ଭବ ନୁହେଁ । କାରଣ ମୁଁ ଜାଣେ ହଜାରେ ଭିଡ଼ ଓଟରା ଭିତରେ ବି ମୋ ପିଲାଏ ମୋ ପାଖକୁ ଆସିବେ ।

(ମାଘ ୧୭, ୧୩୪୮)

ଅଗ୍ରସର ହୁଅ

ଏତେ କାଳ ଜୀବନ ଥିଲା ଆଶ୍ରୟହୀନ, ଅବଲମ୍ବନହୀନ ଓ ଉଦ୍ଦେଶ୍ୟହୀନ । ଆଜି ଜୀବନ ତାର ପରମ ଶରଣକୁ ପାଇଲା । ଆଜି ତୁମେ ଆଶ୍ରୟ ପାଇଲ । ଜୀବନର ପ୍ରକୃତ ପଥ ଆଜି ତୁମେ ବାଛିନେଲ ଜୀବନର ପ୍ରକୃତ ଉଦ୍ଦେଶ୍ୟ ତୁମେ ଜାଣିଲ । ଏଣିକି ଲୋଡ଼ା ଏକାଗ୍ର, ଉଦଗ୍ର, ଓ ଏକନିଷ୍ଠ ସାଧନା । ଏଣିକି ଜୀବନକୁ ହସଖୁସିରେ କଟାଇ ଦେବା ଭଳି ତୁଚ୍ଛ ଜିନିଷ ବୋଲି ଜ୍ଞାନ କର ନାହିଁ । ଯେ ବାଟ ନ ପାଇଛି, ସେ ଗାଲରେ ହାତ ଦେଇ ବସିଥାଉ । କିନ୍ତୁ ପଥ ଯେ ପାଇଛି, ତାକୁ ପ୍ରତିଦିନ ପ୍ରତି ମୂହୁର୍ତ୍ତରେ ଆଗେଇଯିବାକୁ ହେବ । ଆଉ ଗୋଟିଏ ମୂହୁର୍ତ୍ତ ସୁଦ୍ଧା ବସି ରହିବାର ଅଧିକାର ତା'ର ନାହିଁ ।

(ଫାଲଗୁନ ୧୨, ୧୩୪୮)

ଦୀକ୍ଷାନ୍ତର ଗ୍ରହଣ

ପ୍ରଶ୍ନ- କୌଣସି ମହାପୁରୁଷଙ୍କର ଉପଦେଶ ଶୁଣି ଯଦି ମନେ ହୁଏ ଯେ, ସେ ମୋ ଗୁରୁଦେବଙ୍କ ଅପେକ୍ଷା ଅଧିକ ଉଚ୍ଚସ୍ତର ମହାପୁରୁଷ ଓ ତାଙ୍କର ଉପଦେଶ ଅଧିକ ସାରଗର୍ଭକ, ତାହାହେଲେ ସେ ଅବସ୍ଥାରେ ଦୀକ୍ଷାଦାତା ଗୁରୁଙ୍କ ପଥ ତ୍ୟାଗ କରି ମୁଁ ଏହି ନବାଗତ ମହାପୁରୁଷଙ୍କ ଠାରୁ ଦୀକ୍ଷା ନେଇ ପାରେ କି ?

ଉତ୍ତର - ଗୋଟିଏ ଯାଗାରୁ ତୁମେ ଦୀକ୍ଷା ନେଲ, ତାକୁ ଛାଡ଼ିଦେଲ ଓ ପୁଣି ଆଉ ଗୋଟିଏ ଯାଗାରୁ ଦୀକ୍ଷା ନେଲ, ଏ ଧରଣର ଘଟନା ବା କାର୍ଯ୍ୟ

ଉପରେ ତୁମ ଜୀବନର ଉନ୍ନତି ନିର୍ଭର କରେ ନାହିଁ । ତୁମ ଜୀବନର ଉନ୍ନତି ତୁମର ସାଧନ ପରାୟଣତା ଉପରେ ନିର୍ଭର କରେ । ଦୀକ୍ଷା ଯାହାଙ୍କ ପାଖରୁ ନେଇଥାଅ ପଛକେ, ଅକପଟ ଓ ନିରଳସ ଭାବରେ ତୁମକୁ ସାଧନ କରି ଯିବାକୁ ହେବ ଏବଂ ତାରି ଉପରେ ହିଁ ତୁମର ସାଧନରେ ସିଦ୍ଧି ନିର୍ଭର କରେ । ଜଣେ ମନୁଷ୍ୟ ଅପେକ୍ଷା ଆଉ ଜଣେ ମନୁଷ୍ୟ ଶ୍ରେଷ୍ଠ ହେବା କିଛି ବିଚିତ୍ର କଥା ନୁହେଁ, କିନ୍ତୁ ତା ବୋଲି ସ୍ୱାଧ୍ୱୀପତ୍ନୀ କଣ ତାର ସ୍ୱାମୀକୁ ପରିତ୍ୟାଗ କରେ ? ଦୀକ୍ଷାକୁ ତୁମ୍ଭେମାନେ ଖାଲି କାନରେ ମନ୍ତ୍ର ଦେବା ବୋଲି ମନେ କରୁଛ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଦୀକ୍ଷା ଏକ ପ୍ରକାର ବିବାହ । ଦୀକ୍ଷାଦାତା ତାଙ୍କର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଦୀକ୍ଷିତକୁ ନିଜର କରି ନିଅନ୍ତି । ଇଷ୍ଟବୀଜ, ଦାତା ଓ ଗ୍ରହୀତା ଉଭୟଙ୍କ ମଧ୍ୟରେ ଆତ୍ମିକ ସମ୍ବନ୍ଧ ସ୍ଥାପନ କରିଦିଏ । ପତି ସହିତ ବିବାହ ଦ୍ୱାରା ସ୍ଥାପିତ ସମ୍ପର୍କକୁ ପତିବ୍ରତା ନାରୀ ଯେପରି ଜନ୍ମେ ଜନ୍ମେ ଅଚ୍ଛେଦ୍ୟ ବୋଲି ମନେକରେ, ପ୍ରକୃତ ଶିଷ୍ୟ ମଧ୍ୟ ଦୀକ୍ଷା ଦ୍ୱାରା ଗୁରୁଦେବଙ୍କ ସହିତ ସ୍ଥାପିତ ସମ୍ପର୍କକୁ ସେହିପରି ଜନ୍ମେ ଜନ୍ମେ ଅଚ୍ଛେଦ୍ୟ ବୋଲି ମନେ କରେ । ଶିଷ୍ୟର ଏହି ଆନୁଗତ୍ୟର ସୁଯୋଗ ନେଇ ଅନେକ ଅନାଚାରୀ ଗୁରୁ ବହୁ ଅନ୍ୟାୟ କାର୍ଯ୍ୟ କରି ଯାଇଛନ୍ତି ବୋଲି ଏହି ମନୋଭାବର ଔଜ୍ଜଲ୍ୟ କମିଯାଇ ଆଜି ମାଳିନ୍ୟ ଆସିଯାଇଛି । କିନ୍ତୁ ଶିଷ୍ୟର ଏ ଜାତୀୟ ଆନୁଗତ୍ୟ ତାର ସାଧନ ନିଷ୍ଠା ଓ ବଳ ବୃଦ୍ଧି କରେ । ତେଣୁ ପ୍ରକୃତ ସାଧକମାନଙ୍କ ଭିତରେ ଏହି ମନୋଭଙ୍ଗୀ ଏ ପର୍ଯ୍ୟନ୍ତ ବିଲୁପ୍ତ ହୋଇନାହିଁ । ତେଣୁ ଥରେ ଦୀକ୍ଷା ନେଲା ପରେ ପୁଣି ଦୀକ୍ଷା ପରିବର୍ତ୍ତନ କରିବାଟା ଜନ-ସମାଜରେ ପ୍ରଶଂସିତ ହୁଏ ନାହିଁ । ଯେ ଠିକ୍ ଠିକ୍ ସାଧନ କରିବ, ସେ କେବଳ ସାଧନରେ ଆଗେଇ ଯିବା ଉଦ୍ଦେଶ୍ୟରେ ହିଁ କାମ କରିଯିବ । ଏଥିପାଇଁ ଯାହାର ଗୁରୁ ପରିବର୍ତ୍ତନ ଆବଶ୍ୟକ ସେ କରିପାରେ ଯାହାର ପ୍ରୟୋଜନ ନାହିଁ ସେ ସ୍ଥିର ହୋଇ ରହୁ ।

ତେବେ କିଏ ଭଲ ଭାବରେ ଭାଷଣ ଦେଇପାରେ, କାହାର ଚେହେରାଟି ବେଶ ସୁନ୍ଦର, କିଏ ଜନସମାଜରେ ଭାରି ପ୍ରଭାବଶାଳୀ, କାହାଠାରେ ଦୈବୀଶକ୍ତି ପ୍ରକାଶ ପାଇଛି, କାହା ହାତର ମୁଦିରେ ହୀରାଖଣ୍ଡେ ଅଛି, କିଏ ବହୁ ଗ୍ରନ୍ଥ ରଚନା କରିଛି, କାହା ଆଶ୍ରମରେ ହଜାରେ ସାଧୁ ଅଛନ୍ତି, କାହାର ଶିଷ୍ୟ ସଂଖ୍ୟା ତିନିଲକ୍ଷ, କାହାର ବ୍ୟାଙ୍କ ଆକାଉଣ୍ଟରେ ପାଞ୍ଚଲକ୍ଷ ଟଙ୍କା ଜମା ଅଛି, ଏହି ସବୁ କଥା ବିଚାର ବିବେଚନାକୁ ନେଇ ପୂର୍ବ ଗୃହୀତ ଦୀକ୍ଷାକୁ ଅନାଦର କରି ଅନ୍ୟତ୍ର ନୂତନ ଦୀକ୍ଷା ନେବା କାହା ପକ୍ଷରେ କୌଣସି ଅବସ୍ଥାରେ ବି ଉଚିତ୍ ନୁହେଁ ।

(ଫାଲ୍‌ଗୁନ ୧୫, ୧୩୪୮)

ଶିଷ୍ୟର ଇଷ୍ଟ-ନିଷ୍ଠାବର୍ଦ୍ଧନ ଓ ଗୁରୁଙ୍କର ଈର୍ଷା

ପ୍ରଶ୍ନ- ମହାପୁରୁଷମାନଙ୍କ ମଧ୍ୟରୁ କେହି କେହି ନିଜର ଶିଷ୍ୟମାନଙ୍କୁ ବାରମ୍ବାର ଉପଦେଶ ଦିଅନ୍ତି ଯେ, 'ସାବଧାନ, ଅନ୍ୟ ମତାବଲମ୍ବୀ କୌଣସି ମହାପୁରୁଷଙ୍କ କଥାରେ ଭଳିଯାଇ ତାଙ୍କ ଠାରୁ ଆଉ ଥରେ ନୂଆ କରି ମନ୍ତ୍ର ନେଇ ବସିବ ନାହିଁ । ସୁନାପରି ଚକ୍‌ଚକ୍ କରୁଥିବା ଜିନିଷକୁ ଦେଖି ତାହା ଖାଣ୍ଟି ସୁନା ବୋଲି ଧରି ନେବ ନାହିଁ । ଅନେକ ସମୟରେ ସୁନାପାଣି ଦିଆ ମାଲ ମଧ୍ୟ ବଜାରରେ ସୁନା ବୋଲି ଚଳିଯାଏ ।'' ଏହି ଉପଦେଶ ସମ୍ପର୍କରେ ଆପଣଙ୍କର ମତାମତ କ'ଣ ?

ଉତ୍ତର - ନିଜ ଶିଷ୍ୟର ନିଷ୍ଠାହାନି ଯେପରି ନ ଘଟେ, ସେ ବିଷୟରେ ଗୁରୁଦେବଙ୍କର ସତର୍କ ଦୃଷ୍ଟି ରହିବା ଖୁବ୍ ଭଲ । ଏଥିରେ ନିନ୍ଦା କଲାଭଳି କିଛି ମୁଁ ଦେଖୁନାହିଁ । ସଂସାରର ଅଧିକାଂଶ ଶିଷ୍ୟ ହୋ'ରେ ମାତି ଯାଆନ୍ତି ଓ ଆଜି

ଜଣେ ଗୁରୁ, କାଲି ଆଉ ଜଣେ ଗୁରୁ କରି କରି ସାରା ଜୀବନଟା ଖାଲି ଗୁରୁ ଚାଖି ଚାଖି ବିତାଇ ଦିଅନ୍ତି । ସେହି ବିପଦରୁ ଶିଷ୍ୟକୁ ରକ୍ଷା କରିବା ଲାଗି ଶିଷ୍ୟକୁ ସତର୍କବାଣୀ ଶୁଣାଇବା ଗୁରୁଙ୍କ ପକ୍ଷରେ ଅନ୍ୟାୟ ନୁହେଁ କି ଅସ୍ୱାଭାବିକ ନୁହେଁ । ଯେ ଯାହାକୁ ଗ୍ରହଣ କରୁ, ଭଲ ଭାବରେ ବୁଝି ସୁଝି ଦେଖି ଚାହିଁ ଗ୍ରହଣ କରୁ, ଏହା ତ ଅତି ସଙ୍ଗତ ଉପଦେଶ । ସାଧନରେ ନିଷ୍ଠାହାନି ହେଲେ ଅତି ଅସାଧାରଣ ଗୁରୁର ଶିଷ୍ୟ ମଧ୍ୟ ସାଧାରଣ ଲୋକଙ୍କ ଠାରୁ ନିମ୍ନସ୍ତରକୁ ଖସି ଯାଇପାରେ ଏହି କାରଣରୁ ସାଧନରେ ଶିଷ୍ୟର ନିଷ୍ଠାବର୍ଦ୍ଧନ ଉଦ୍ଦେଶ୍ୟରେ ଗୁରୁଦେବ ଶିଷ୍ୟକୁ ଯେ କୌଣସି ଉପଦେଶ ଦେବାକୁ ହକ୍‌ଦାର । ତେବେ ଏ ବିଷୟରେ ମୋର ରୀତି ଭିନ୍ନ । ମୁଁ ଯାହାକୁ ଶିଷ୍ୟ କରିଛି, ମୋ ଅପେକ୍ଷା ଶ୍ରେଷ୍ଠ ବ୍ୟକ୍ତିଙ୍କ ପାଦସ୍ପର୍ଶ କରିବାର ସୌଭାଗ୍ୟ ଯଦି ତାର ଘଟେ, ତାହାଲେ ମୁଁ ତାକୁ କହେ ଯେ ତୁ ମୋତେ ଖଣ୍ଡେ ଛିଣ୍ଡା କନାପରି ସଙ୍ଗେ ସଙ୍ଗେ ବର୍ଜନ କରି ଚାଲିଯିବୁ । ନିଜର ପରମ ପ୍ରାପ୍ତି ଓ ଚରମ ଉନ୍ନତି କଥା ଯେଉଁଠି ଉଠେ ସେଠାରେ ମୋ ପ୍ରତି ମମତା ରଖିବାକୁ ମୁଁ ସେମାନଙ୍କୁ ନିଷେଧ କରିଥାଏ । ତାର ସାଧନାରେ ଉନ୍ନତି ହିଁ ତ ମୋର ଏକମାତ୍ର କାମ୍ୟ - ମୋ ଶିଷ୍ୟଙ୍କ ସଂଖ୍ୟା କେତେ କମିଗଲା, ସେ ଆଡ଼କୁ ମୋର ଦୃଷ୍ଟି ନାହିଁ । ସାରା ସଂସାରରେ ଜଣେ ହେଲେ ଶିଷ୍ୟ ଯଦି ନ ରହନ୍ତି ଓ ମୁଁ ଯଦି ଏକାକୀ ନିଜେ ନିଜର ଶିଷ୍ୟତ୍ୱ କରି ବୁଲେ, ତଥାପି ମୋର କୌଣସି ଅବଶୋଷ ନାହିଁ, ଯଦି ମୋର ପରିତ୍ୟାଗ କରି ଯାଇ ମୋର ଭୂତପୂର୍ବ ଶିଷ୍ୟନାମଧାରୀବୃନ୍ଦ ନିଜ ନିଜର ନବଗୃହୀତ ସାଧନ ପଥରେ ଅବିଚଳିତ ବିକ୍ରମ ସହକାରେ ଗମନ କରି ପରମପ୍ରାପ୍ତିକୁ କରାୟତ୍ତ କରିବା ଲାଗି ଜୀବନପଣ କରନ୍ତି । ସେମାନଙ୍କର ପ୍ରକୃତ ଉନ୍ନତି ମୋର ଏକମାତ୍ର କାମ୍ୟ । ମୋ ଶିଷ୍ୟତ୍ୱ ଜୁଆଳିରେ ସେମାନଙ୍କୁ ଧରିବାନ୍ଧି ଯୋଚି ରଖି ପାରିଲି ନାହିଁ ବୋଲି ଅକ୍ଷମତାଜନିତ କ୍ଷୋଭ ବା

ଈର୍ଷାଜନିତ ବେଦନା ମୋ ଅନ୍ତରରେ ନାହିଁ । ଏହି କାରଣରୁ ମୋର ଶିଷ୍ୟ-ବୃନ୍ଦ କୌଣସି ମହାପୁରୁଷଙ୍କୁ ସମ୍ବର୍ଦ୍ଧନା କରିବାର ଦେଖିଲେ ମୁଁ ଅତ୍ୟନ୍ତ ଆନନ୍ଦିତ ହୁଏ, ଆଶଙ୍କାରେ, କୁଣ୍ଠାରେ ବା ଦୁର୍ବଳତାରେ ମୁଁ ଘାରିହୁଏ ନାହିଁ । ତୁମର ପ୍ରଶ୍ନରେ ଉଲ୍ଲିଖିତ ମହାପୁରୁଷଙ୍କୁ ମୁଁ ଜାଣେ । କିନ୍ତୁ ତାଙ୍କ ପ୍ରତି ମୋ ଅନ୍ତରରେ ଅନାବିଳ ପ୍ରେମ ଛଡ଼ା ଆଉ କିଛି ନାହିଁ । କାରଣ ଯେଉଁଠି ଲୋକକଲ୍ୟାଣ କରିବାକୁ ମୁଁ ହୁଏତ ଅକ୍ଷମ ହୋଇଛି କିମ୍ବା ସମୟ, ସୁଯୋଗ ଓ ଅବସର ଅଭାବରୁ ଯେଉଁଠି ମୁଁ ଜନକଲ୍ୟାଣ କରିପାରି ନାହିଁ ସେଠାରେ ଆଉ ଜଣେ ଯାଇ ସେହି କାମଟି କରି ଦେଇଛନ୍ତି ଶୁଣିଲେ ମୁଁ ବରଂ ସେହି ମହାପୁରୁଷଙ୍କ ପ୍ରତି କୃତଜ୍ଞ ହୁଏ । ଅନ୍ୟାନ୍ୟ ମହାପୁରୁଷଗଣ ଜୀବହିତ କାମନାରେ ଲୋକଙ୍କୁ ସାଧନ ଦୀକ୍ଷା ଦେଇଛନ୍ତି ବୋଲି ସମ୍ବାଦ ପାଇଲେ ମୁଁ ଏହି କାରଣରୁ ଆନନ୍ଦରେ ଗଦ୍‌ଗଦ୍ ହୁଏ ଯେ, ଆଉ ଜଣେ ଲୋକ ବା ଆଉ ଦଳେ ଲୋକ ଭଗବାନଙ୍କୁ ଡାକିବାର ବ୍ରତ ଗ୍ରହଣ କଲେ । ଯେ ଯେଉଁ ନାମରେ ତାଙ୍କୁ ଡାକନ୍ତୁ ପଛକେ ସମସ୍ତେ ତ ମୋର ପ୍ରାଣର ପ୍ରିୟତମଙ୍କୁ ହିଁ ଡାକୁଛନ୍ତି । ଅତଏବ ସେଥିରେ ତ ମୋର ଲାଭ । ସାରା ସଂସାରକୁ ମୁଁ ଅଧିକାର କରିଯିବି, ଏହା ମୋର ଲକ୍ଷ୍ୟ ନୁହେଁ । କିନ୍ତୁ ସାରା ସଂସାର ଭଗବାନଙ୍କ ଅଧିକାରଭୁକ୍ତ ହେଉ, ଏହା ହିଁ ମୋର ଲକ୍ଷ୍ୟ । ଜଣେ ସେନାପତି ଯଦି ସବୁ ରାଜ୍ୟକୁ ଭଗବାନଙ୍କ ଅଧିକାର ଭିତରକୁ ଆଣି ନ ପାରେ ତେବେ ଦଶଜଣ ସେନାପତି ସେ କାମରେ ଲାଗନ୍ତୁ ଯେଉଁ ଦିଗରୁ ହେଉ ବା ଯେଉଁ ଅସ୍ତ୍ରଶସ୍ତ୍ର ସାହାଯ୍ୟ ହେଉ, ଚତୁର୍ଦ୍ଦିଗରେ ଭଗବାନଙ୍କ ଅଧିକାର ପ୍ରସାରିତ ହେବାମାନେ ମୋରି ପ୍ରେମମୟ ଠାକୁରଙ୍କ ଅଧିକାର ତ ବିସ୍ତାର ଲାଭ କଲା । ଏଥିରେ ମୁଁ ଅବଶୋଷ କରିବାର ଆଉ ରହିଲା କଣ ଯେ ମୁ ଅବଶୋଷ କରିବି ? ଯେଉଁଠି ମୋର ଆନନ୍ଦ କରିବାର ଅବସର ସେଠାରେ ମୁଁ ଈର୍ଷା ପରି କଳଙ୍କିନୀ ସହିତ ପ୍ରେମ କରିବାକୁ ଯାଏ ନାହିଁ ।

କେଉଁ ଅବସ୍ଥାରେ ପୂର୍ବ ଦୀକ୍ଷିତକୁ ଦୀକ୍ଷା ଦିଆଯାଇପାରେ

ପ୍ରଶ୍ନ - ଜଣେ ଭିନ୍ନ ମତରେ ସାଧନ ପାଇଛି ଓ ସେହି ମତରେ ବହୁ ଦିନ ହେଲା ସାଧନ ବି କରି ଆସୁଛି, କିନ୍ତୁ ମନରେ ଶାନ୍ତି ପାଇ ପାରୁନାହିଁ । ସେ ଯଦି ଆପଣଙ୍କର ଆଶ୍ରୟ ଭିକ୍ଷା କରେ ଓ ଆପଣଙ୍କ ଶରଣାପନ୍ନ ହୁଏ ଆପଣ ତାକୁ ସାଧନ-ଦୀକ୍ଷା ପ୍ରଦାନ କରିବେ କି ?

ଉତ୍ତର - ମୁଁ ପ୍ରଥମେ ତାକୁ କହିବି ଯେ ପୂର୍ବରୁ ଯେଉଁ ସାଧନ ସେ କରି ଆସିଛି ତା ସହିତ କାମନା ବାସନାର ସଂଶ୍ରବ ହୁଏତ ଥିଲା - ଏଇଟା ମିଳୁ ସେଇଟା ମିଳୁ, ଏଇଟା ଦିଅ ସେଇଟା ଦିଅ, ଏହି ଜାତୀୟ ସକାମଭାବ ମନରେ ପୋଷଣ କରି ସେ ହୁଏତ ଏତେଦିନ ସାଧନ କରି ଆସିଛି ଯେଉଁଥିପାଇଁ ସାଧନଲତିକାରେ ପ୍ରେମର ପାରିଜାତ ପ୍ରସ୍ଫୁଟିତ ହୋଇପାରି ନାହିଁ । ସେ ଆଗେ ସବୁ କାମନା ବାସନା ପରିତ୍ୟାଗ କରି ଆଗର ସେହି ସାଧନରେ ମନ ପ୍ରାଣ ଢାଳି ଦେଇ ଦେଖୁ । ତା ଫଳରେ ସେ ଆଉ ମୋ ପାଖକୁ ଆସିବାର ପ୍ରୟୋଜନ ହୁଏତ ପଡ଼ି ନ ପାରେ । ତାପରେ ମୁଁ ପୁଣି ତାକୁ କହିବି, ସେ ନିଜର ଗୁରୁଦେବଙ୍କ ପାଖକୁ ଯାଇ ନିଜର ଏହି ଅବସ୍ଥା କଥା ଅକପଟ ଚିତ୍ତରେ ବର୍ଣ୍ଣନା କରୁ ଏବଂ ସାଧନରେ ତାର ରୁଚି ବୃଦ୍ଧି ପାଇଁ ଓ ସାଧନ ମାର୍ଗରେ ଦ୍ରୁତ ଗମନଶୀଳନ ସୌକର୍ଯ୍ୟାର୍ଥ ଗୁରୁଦେବ ତାକୁ କୌଣସି ସହଜ ସରଳ ସଦୁପାୟ ବତାଇ ଦେଇ ପାରୁଛନ୍ତି କି ନାହିଁ, ତାହା ସେ ଦେଖୁ । ଏହା ଫଳରେ ହୁଏତ ତାର ମୋ ପାଖକୁ ଆଉ ଆସିବା ଦରକାର ପଡ଼ି ନ ପାରେ । ତା'ପରେ ଆଉ ମଧ୍ୟ ମୁଁ ତାକୁ କହିବି, ତୁମେ ମୋର ଶରଣାଗତ ହେବାକୁ ଚାହୁଁଛ, କିନ୍ତୁ ମୋର ଯୋଗ୍ୟତା କେତେଦୂର, ମୋର ସାଧନାସିଦ୍ଧି କଣ, ସେ କଥା ତ ତୁମେ ମୋତେ ପରୀକ୍ଷା କରି ଜାଣିନାହଁ । ମୋତେ ପରୀକ୍ଷା କରିବାକୁ ଆସି ତୁମେ ନିଜକୁ ବି ନିଜେ ପରୀକ୍ଷା କରି ଦେଖ ଯେ, ମୁଁ ଦେବା ସାଧନକୁ ନେଇ

ଚଳିବା ଭଳି ଆଗ୍ରହ ଓ ଯୋଗ୍ୟତା ତୁମେ କେତେ ପରିମାଣରେ ସଞ୍ଚୟ କରି ପାରିଛ । ବର୍ଷେ କାଳ ସେ ମୋତେ ଖିନ୍‌ଭିନ୍ କରି ବିଚାର କରୁ, ପୁଙ୍ଖାନୁପୁଙ୍ଖଭାବରେ ସେ ଏକବର୍ଷ ମୋତେ ପରୀକ୍ଷା କରି ଦେଖୁ । ତାପରେ ଯଦି ସାଧନ ନେବା କଥା ହୁଏ, ତେବେ ବେଶ ନିଶ୍ଚିନ୍ତ ଓ ନିର୍ଦ୍ୱନ୍ଦ୍ୱ ମନରେ ଆସୁ, ମୁଁ ମଧ୍ୟ ତାକୁ ଉପେକ୍ଷା କରିବି ନାହିଁ । କିନ୍ତୁ ତା ପୂର୍ବରୁ ତାକୁ ନେଇ କିଛି କରିବାକୁ ଗଲେ ମୁଁ ବୁଦ୍ଧିଭେଦ-ଜନକ ଅପରାଧରେ ଅପରାଧୀ ହେବି । ଗୁରୁ ଖାଲି ଜଣେ ଅଟୋକ୍ରାଟ ବା ସ୍ୱେଚ୍ଛାଚାରୀ ସମ୍ରାଟ ନୁହନ୍ତି ସେ ମଧ୍ୟ ଜଣେ ନିଷ୍ଠାବାନ ଆଚାରବାନ ଓ ଅଭ୍ୟାସବାନ ସୈନିକ ଅଟନ୍ତି । ଅନ୍ୟର ବୁଦ୍ଧି-ଭେଦ କରି ସେ କାହିଁକି ବା ଶାସ୍ତ୍ରୀୟ ଶିଷ୍ଟାଚାର ଲଂଘନ କରିବାକୁ ଯିବେ ?

ଶିଷ୍ୟ ସଂଗ୍ରହ ଚେଷ୍ଟା ନିଷ୍ପ୍ରୟୋଜନ

ପ୍ରଶ୍ନ- ମୁଁ ଆପଣଙ୍କର ଗୁଣମୁଗ୍ଧ । କିନ୍ତୁ ନାନା କାରଣରୁ ଆପଣଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ଦୂରବର୍ତ୍ତୀ କୌଣସି କୌଣସି ଗ୍ରାମରେ ଆପଣଙ୍କ ଶିଷ୍ୟ ଥିଲେ ମଧ୍ୟ ଆମ ଏଠାରେ କେହି ନାହାନ୍ତି । ମୁଁ ଯଦି ଆପଣଙ୍କ ପାଇଁ ଦୁଇ ଚାରିଜଣ ଶିଷ୍ୟ ସଂଗ୍ରହ କରିବା ଲାଗି ମୋର ସାତ୍ତ୍ୱିକ ସମର୍ଥନକୁ ନିୟୋଜିତ କରେ, ସେଥିରେ ଆପଣଙ୍କର ଆପତ୍ତି ଅଛି କି ?

ଉତ୍ତର - ନିଶ୍ଚୟ ଅଛି । ଶିଷ୍ୟ ମୋର କଣ ହେବେ ? ଲୋକେ ଦଳ ଦଳ ହୋଇ ଶିଷ୍ୟ ହେବାକୁ ଆସନ୍ତି । ବୁଝେଇ ସୁଝେଇ ସେମାନଙ୍କୁ ଫେରାଇ ପାରେ ନାହିଁ ବୋଲି ବାଧ୍ୟ ହୋଇ ଦୀକ୍ଷା ଦିଏ । ଅବଶ୍ୟ ଦୀକ୍ଷା ଦେଇ ମୁଁ ଏହି ଆତ୍ମପ୍ରସାଦ ଲାଭ କରେ ଯେ, ପ୍ରକୃତରେ ଏମାନେ ଯଦି ଦୀକ୍ଷାନୁଯାୟୀ ସାଧନ ଭଜନ କରିବେ, ତାହାହେଲେ ଏମାନଙ୍କର ପାପ, ତାପ ଓ ଅଶାନ୍ତି ଦୂର ହେବ ଓ ଜଗତରେ ଦୁଃଖ ଦୂର ହେବ । ବ୍ୟକ୍ତିର ଏକକ ମୁକ୍ତି ପାଇଁ ମୁଁ ଧର୍ମର ଯଜନ କରେ ନାହିଁ । ନିଖିଳ ବିଶ୍ୱର ମୁକ୍ତି ମୋର ଲକ୍ଷ୍ୟ । ଶିଷ୍ୟମାନଙ୍କୁ ମୁଁ ସେହି ଲକ୍ଷ୍ୟ ଦେଖାଇ ଦିଏ । ନିଜ ନିଜର ବ୍ୟକ୍ତିଗତ ସାଧନ ସଙ୍ଗେ ସଙ୍ଗେ

ସେମାନେ ଯେ ନିଖିଳ ବିଶ୍ୱ ପାଇଁ ସାଧନା କରୁଛନ୍ତି, ଏକଥାଟି ସେମାନଙ୍କୁ ବୁଝାଇ ଦିଏ । ଯାହା କଲେ ଏ କଥାଟି ସେମାନଙ୍କର ଦିନକ ପାଇଁ ବି ଭୁଲ ନ ହେବ, ସେ ଅନୁଯାୟୀ ସାଧନ ସେମାନଙ୍କୁ ଦିଏ । ଏହାରି ଭିତରେ ମୋର ଆତ୍ମତୃପ୍ତି ରହିଛି । ଏମାନଙ୍କ ସଂଖ୍ୟାବୃଦ୍ଧି ଘଟୁ, ସେ ଚେଷ୍ଟା ମୁଁ କରେ ନାହିଁ । ଦୀକ୍ଷା ଦେବାବେଳେ ସେମାନଙ୍କୁ ମୁଁ ଏକଥା କହିବାକୁ ପ୍ରାୟ ଭୁଲେ ନାହିଁ ଯେ, ଏକାଗ୍ର ମନରେ ସାଧନାବଳ ସଞ୍ଚୟ ସେମାନଙ୍କର ପ୍ରୟୋଜନ, ଦଳ ବଢ଼ାଇବା ବୁଦ୍ଧିରେ ସେମାନେ ଯେପରି କିଛି ନ କରନ୍ତି । ସେମାନଙ୍କୁ ଏକଥା ମଧ୍ୟ କହି ଦେଇଥାଏ ଯେ, କେହି ଅନ୍ୟତ୍ର ଅନ୍ୟ ପନ୍ଥାରେ ଦୀକ୍ଷା ନେଲେ ମନେ କରିବ ତୁମର ଜଣେ ଗୁରୁଭାଇ ବଢ଼ିଲା, ଶତ୍ରୁ ବଢ଼ି ନାହିଁ । ଅତଏବ ମୋର ଶିଷ୍ୟ ସଂଗ୍ରହ ଲାଗି ତୁମକୁ ସେଠାରେ କୌଣସି ପରିଶ୍ରମ କରିବାକୁ ହେବ ନାହିଁ ।

(ଫାଲଗୁନ ୧୫, ୧୩୪୮)

ପାପୀର ଦୀକ୍ଷା

ମନୁଷ୍ୟ ଆତ୍ମସଂଶୋଧନ ଶକ୍ତି ପାଇବ ବୋଲି ତ ମୁଁ ଦୀକ୍ଷା ଦେଇଥାଏ । ତେଣୁ ପାପୀକୁ ମୁଁ ଉପେକ୍ଷା କିପରି କରି ପାରିବି ? ଦୀକ୍ଷାଶକ୍ତିରେ ଲମ୍ପଟ ଲାମ୍ପଟ୍ୟ ଛାଡ଼େ, ପାନାସକ୍ତ ମଦ୍ୟପାନ ଛାଡ଼େ, ଚିରନିନ୍ଦୁକ ପରନିନ୍ଦା ପରିହାର କରେ । ଏଭଳି ବହୁ ଦୃଷ୍ଟାନ୍ତ ରହିଛି । ପାପୀକୁ ମୁଁ ଘୃଣା କରିବି ନାହିଁ ।

(ଫାଲଗୁନ ୧୭, ୧୩୪୮)

ଗୁରୁ
ଦ୍ୱିତୀୟ ଭାଗ ସମାପ୍ତ

ଗୁରୁ

ତୃତୀୟ ଭାଗ

ଗୁରୁ, ଗୁରୁବାଦ ଓ ଦୀକ୍ଷା ସଂପର୍କୀୟ
ଉକ୍ତି ସମୂହର ସଂକଳନ

(''ଧୃତଂପ୍ରେମ୍ଣା'' ନାମକ ପତ୍ରାବଳୀର,
ପ୍ରଥମ-ବିଂଶ ଖଣ୍ଡରୁ ସଂଗୃହୀତ)

''ସାଧନା ହିଁ
ସୌଭାଗ୍ୟର
ପ୍ରସୂତୀ''

- ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ -

(୧)

ଗୋଟିଏ ପ୍ରଶ୍ନ ତୁମକୁ ଏକାନ୍ତ ରୂଢ଼ଭାବରେ ଆଘାତ କରିବ ଯେ, ଅନ୍ୟାନ୍ୟ ଗୁରୁଦେବଙ୍କର ଶିଷ୍ୟବୃନ୍ଦ ନିଜ ନିଜ ଗୁରୁଦେବଙ୍କ ପ୍ରତି ଅସାଧାରଣ ଭକ୍ତିମାନ୍, ତାଙ୍କର ଆଦେଶ ପାଳନ ଲାଗି ଅତ୍ୟନ୍ତ ଯତ୍ନବାନ ଓ ତାଙ୍କର ପ୍ରତି କାର୍ଯ୍ୟରେ କୁଣ୍ଠାହୀନ, ଦ୍ୱିଧାହୀନ ଓ ସ୍ୱାର୍ଥହୀନ ଭାବରେ ସହାୟକ, ଅଥଚ ମୋର ଶିଷ୍ୟମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି କାହିଁକି ? ତା'ର ଉତ୍ତର ମଧ୍ୟ ତୁମେ ଜାଣ । ମୋତେ ବିଚାର କରିବାର ଅଧିକାର ମୁଁ ମୋର ଶିଷ୍ୟମାନଙ୍କୁ ଦେଇଛି, ଯାହାକି ପୃଥିବୀର ଅନ୍ୟ କୌଣସି ଗୁରୁ ଦେଇ ନାହାନ୍ତି, କିନ୍ତୁ ମୋତେ ବିଚାର କରିବାର ଅଧିକାର ଶିଷ୍ୟମାନଙ୍କୁ ଦେଇଛି ବୋଲି ଯେ ତାହା ହିଁ ଶିଷ୍ୟମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେବ, ସେ କଥା ତ ହୋଇ ପାରିବ ନାହିଁ । ଏମାନେ ସେ କଥାଟି ବୁଝି ନାହାନ୍ତି । ସ୍ୱାଧୀନତା ସହିତ ଦାୟିତ୍ୱର ଯେ ଅଙ୍ଗାଙ୍ଗୀ ସମ୍ବନ୍ଧ ଅଛି, ଏକଥା ସେମାନେ ବୁଝନ୍ତି ନାହିଁ । ସ୍ୱାଧୀନତା ଦେଇ ଏମାନଙ୍କୁ ମୁଁ ଯେ ଦାୟିତ୍ୱ ବନ୍ଧନରେ ବାନ୍ଧି ଦେଇଛି, ସେ କଥାଟି ବୁଝିବା ଭଳି ବୋଧଶକ୍ତି ଏମାନଙ୍କର ନାହିଁ । ଏହି କାରଣରୁ ଯେଉଁମାନଙ୍କ ତୁଣ୍ଡରୁ ଖାଲି ବଡ଼ ବଡ଼ କଥାର ଫୁଲଝରି ନିୟତ ଝରି ପଡୁଛି, ସେମାନେ କିନ୍ତୁ ସଙ୍ଘ ପ୍ରତି କର୍ତ୍ତବ୍ୟ ବ୍ୟାପାରରେ ସର୍ବଦା ଶୂନ୍ୟଗର୍ଭ । ଏମାନଙ୍କର ବୁଦ୍ଧି ଅଛି ବିବେଚନା ନାହିଁ, ଜ୍ଞାନ ଅଛି କର୍ମ ନାହିଁ, ସ୍ୱାଧୀନତା ଅଛି, ଦାୟିତ୍ୱ ଜ୍ଞାନ ନାହିଁ, କ୍ଷମତା ଅଛି ତାର ପ୍ରୟୋଗ ନାହିଁ, ସମ୍ମାନ ଅଭିଳାଷ ଅଛି କିନ୍ତୁ ସମ୍ମାନ ପାଇବାର ଯୋଗ୍ୟତା ନାହିଁ । ମୁଁ ସ୍ୱାଧୀନତା ଦେଇ ଏମାନଙ୍କ ପାଇଁ ଏ ସବୁ ସଂକଟ ସୃଷ୍ଟି କରିଛି । ମୋର ପ୍ରଦତ୍ତ ସ୍ୱାଧୀନତା ଶିଷ୍ୟକୁ ବାନରରେ ପରିଣତ କରିଛି ଏବଂ ମୁଁ ମଧ୍ୟ ସେହି ବାନର କୁଳର ସହସ୍ର ଉତ୍ପାତକୁ ବରଣ କରି ପଥ

ପର୍ଯ୍ୟଟନ କରିବାକୁ ବାଧ ହେଉଅଛି । ଯେଉଁଠି ଯେତେ ଗଛ ମୁଁ ପୋତୁଛି, ମୋରି ପୁତ୍ରକନ୍ୟାମାନେ ମୁଁ ପୋତିଥିବା ଗଛକୁ ବରାବର ଟାଣି ଓଟାରି ଓପାଡ଼ି ପକାଉଛନ୍ତି । ତଥାପି ଏହି କଥା ଭାବି ମୁଁ ବିରକ୍ତ ହେଉ ନାହିଁ ଯେ, ନୂଆକରି ଗୋଟାଏ ପରୀକ୍ଷା କରି ମୁଁ ଦେଖିବି, ଫଳ କଣ ହେଉଛି । ଆଉ ମୁଁ ତ ଏମିତି ସେମିତି ବୃକ୍ଷ ରୋପଣ କରୁ ନାହିଁ, ମୁଁ ରୋପଣ କରୁଛି କଳ୍ପବୃକ୍ଷ, ଯାହାକୁ ମାଟିରୁ ଓପାଡ଼ି ଫୋପାଡ଼ି ଦେଲେ ବି ଜଳରେ ଓ ଆକାଶରେ ବଢ଼ିବାର କ୍ଷମତା ମଧ ତାର ଅଛି । ମୋର ତରୁ ପ୍ରେମର ତରୁ, ଯେଉଁ ତରୁ କି ନିଜ ଛାୟାରେ କୋଟି ବିଶ୍ୱର ତାପିତ ପ୍ରାଣକୁ ଶୀତଳ କରିପାରେ । ମୋର ବୀଜ ପ୍ରେମର ବୀଜ, ଯେଉଁ ବୀଜ ଭିତରେ ସବୁ ବୀଜ ଲୁକ୍‌କାୟିତ ଅଛି ଓ ଯାହା ସବୁ ବୀଜକୁ ସତ୍ୟ ବୋଲି ସ୍ୱିକାର କରେ । ମୋର ସତ୍ୟ ସାର୍ବଜନୀନ ଓ ସାର୍ବଭୌମ ସତ୍ୟ, ଯାହା ସହିତ ସଂସାରର କୌଣସି ସତ୍ୟର ତିଳାର୍ଦ୍ଧ ବିରୋଧ ନାହିଁ । ତେଣୁ ଶିଷ୍ୟମାନଙ୍କର ଦ୍ରୋହରେ ବା ବିଭିନ୍ନ ସଂଘର ଧୀମାନ ଅଧିନାୟକବୃନ୍ଦଙ୍କର ଜ୍ଞାନଗର୍ଭକ ବିଦ୍ୱେଷ ଭାଷଣରେ ବା ବଜ୍ରଗର୍ଭ ହିଂସାର ବୋମାରେ ମୁଁ ତିଳେମାତ୍ର ବିଚଳିତ ବା ଭୟଭୀୟ ହୁଏ ନାହିଁ ।

(ଚୈତ୍ର ୫, ୧୩୬୪)

(୨)

ଓଁକାର ମନ୍ତ୍ରରେ ତୁମେ ଯେତେବେଳେ ଦୀକ୍ଷା ପାଇଛ, ଆଉ କାଳୀ, ଦୁର୍ଗା, ଶିବ, ଗଣେଷ ପ୍ରଭୃତିଙ୍କୁ ଧ୍ୟାନ କରିବାର ଆବଶ୍ୟକତା କ'ଣ ? ତୁମେ କେବଳ ଓଁ କାରକୁ ହିଁ ଧ୍ୟାନ କରିବ । କାଳୀ, ଦୁର୍ଗା, ଶିବ, ଗଣେଶ ପ୍ରଭୃତିଙ୍କୁ ଧ୍ୟାନ କଲ ନାହିଁ ବୋଲି ସେମାନେ ଯେ ତୁମ ଉପରେ ରାଗିବେ, ଏପରି

ଭାବିବା ମୂର୍ଖତା ମାତ୍ର । କାରଣ କ୍ରୋଧ, ଆକ୍ରୋଶ ପ୍ରତିହିଂସା ଦେବତାଙ୍କର ସ୍ୱଭାବ ନୁହେଁ । ଅଧିକାଂଶ କ୍ଷେତ୍ରରେ ତ ତୁମ୍ଭମାନଙ୍କୁ ଏହିପରି ଭାବରେ ଧର୍ମଶିକ୍ଷା ଦିଆଯାଇଥାଏ ଯେ, ଅମୁକ ଦେବତାଙ୍କର ପୂଜା ନ କଲେ ମହାମାରୀ ହେବ, ଢମୁକ ଦେବତାର ପୂଜା ନ କଲେ ନିର୍ଦ୍ଧନତା ଆସିବ ଇତ୍ୟାଦି । ଏହିପରି କାଳ୍ପନିକ ଭୟ ଦ୍ୱାରା ଭୟଭୀତ କରାଇ ବିଭିନ୍ନ ସମୟରେ ବିଭିନ୍ନ ଦେବତାଙ୍କର ପୂଜା ପ୍ରଚଳନ କରାଇବାର ଚେଷ୍ଟା ହୋଇଆସିଛି । ଆଉ କାହାର ପୂଜା ଆକର୍ଷଣବଶତଃ ପ୍ରଚଳିତ ହୋଇଅଛି । କିନ୍ତୁ ସବୁ ପୂଜା ଯେତେବେଳେ ପରମେଶ୍ୱରଙ୍କର ସେତେବେଳେ ଧ୍ୟାନ କରିବାକୁ ବସି ପାଞ୍ଚ ରକମର ଦେବତାଙ୍କ ପାଞ୍ଚ ପ୍ରକାରେ ଧ୍ୟାନ କରିବାକୁ ଯାଇ ଖୋଜି ଲୋଡ଼ି ସଂଶୟ ଜାଲରେ ପଡ଼ିବ କାହିଁକି ? ଦେବତାମାନେ ଈଶ୍ୱରଙ୍କର ବିଭୂତି ବୋଲି ଯଦି ମାନ, ତାହାହେଲେ ସେମାନେ ସମସ୍ତେ ଯେ ଓଁକାର ଭିତରେ ଅଛନ୍ତି, ଏହି କଥାଟି ଭାବିବାକୁ କଷ୍ଟ ବା ଅସୁବିଧା ହେବ କାହିଁକି ? ଦେବତାମାନେ ସ୍ମରଣାତୀତ କାଳର ମହାପୁରୁଷ ବୋଲି ଯଦିମାନ, ଯେଉଁମାନେ କି ଈଶ୍ୱର ସାଧନ କରି କରି ଜନସାଧାରଣଙ୍କ ପାଖରେ ଈଶ୍ୱରଙ୍କର ସମ୍ମାନ ଲାଭ କରିଛନ୍ତି, ସେମାନେ ମଧ୍ୟ ଓଁକାର ମନ୍ତ୍ରରେ ଈଶ୍ୱରଙ୍କୁ ଡାକିଥିଲେ ବୋଲି ଭାବିବାକୁ କଷ୍ଟ ବା ଅସୁବିଧା ହେବ କାହିଁକି ? ତୁମେ ଯେ ଦିନେ ସ୍ୱପ୍ନରେ ଚତୁର୍ଭୁଜ ବିଷ୍ଣୁମୂର୍ତ୍ତି ଦେଖିଥିଲ, ସେଥିରୁ ଏତିକି ମାତ୍ର ପ୍ରମାଣିତ ହୁଏ ଯେ ଯେଉଁ ପରିବେଶ ମଧ୍ୟରେ ତୁମେ ଆବାଲ୍ୟ-ପରିପାଳିତ ହୋଇ ଆସିଅଛ, ସେହି ପରିବେଶର ଧାର୍ମିକ ପ୍ରଭାବତକ ଆଜି ମଧ୍ୟ ତମ ଉପରେ ପଡୁଅଛି । ତୁମ ଭିତରୁ କେତେଜଣ ସ୍ୱପ୍ନରେ ମୋ ମୂର୍ତ୍ତି ତ ଦେଖିଥାଅ - ଏପରିକି ଯେଉଁମାନେ ମୋ ଠାରୁ ଦୀକ୍ଷା ନେଇ ନାହାନ୍ତି ବା ମୋତେ ଜୀବନରେ କେବେ ଦେଖି ବି ନାହାନ୍ତି, ସେଭଳି ଶତ ଶତ ବ୍ୟକ୍ତି ସ୍ୱପ୍ନରେ ମୋତେ ଦେଖିଛନ୍ତି । ଏଥିରୁ ଏତିକି ମାତ୍ର ପ୍ରମାଣିତ ହୁଏ ଯେ, ମୋ ସହିତ ତୁମ୍ଭମାନଙ୍କର

ଏକ ଆତ୍ମୀୟତା ସମ୍ବନ୍ଧ ରହିଛି । କୃଷ୍ଣ, ବିଷ୍ଣୁ, କାଳୀ, ଦୁର୍ଗା କେହି ଯେ ତୁମର ପର ନୁହଁନ୍ତି - ଏହା ହେଉଛି ସ୍ୱପ୍ନଦର୍ଶନର ପ୍ରତିଫଳିତ ସିଦ୍ଧାନ୍ତ । ଦୀକ୍ଷା ପାଇଛ ଓଁ କାର ମନ୍ତ୍ରର, ଧ୍ୟାନ ବି କର ଓଁ କାରକୁ । ଓଁ କାର ଭିତରେ କେତେବେଳେ କୃଷ୍ଣ ଫୁଟି ଉଠିବେ, କେତେବେଳେ କାଳୀ ଫୁଟି ଉଠିବ, ମୋ ଭଳି ସାମାନ୍ୟ ମନୁଷ୍ୟ ମୂର୍ତ୍ତି କେତେବେଳେ ଯେ ତା ଭିତରେ ଫୁଟି ନ ଉଠିବ ସେ କଥା କିଏ କହିବ ? କିନ୍ତୁ ଏହାର ତାତ୍ପର୍ଯ୍ୟ ହେଉଛି ଏଇଆ ଯେ ଓଁକାର ହିଁ ତୁମର ପ୍ରାମାଣ୍ୟ ବେଦ । ଅନ୍ୟାନ୍ୟ ପରିଦୃଷ୍ଟ ରୂପ କେତେବେଳେ ତାର ଟୀକା ତ କେତେବେଳେ ତାର ଟିପ୍ପଣୀ । ତୁମର କ୍ୟାନାଡିଆନ ବା ଆମେରିକାନ ଗୁରୁଭ୍ରାତାମାନେ ଓଁକାର ଜପୁ ଜପୁ ବେଳେବେଳେ ଖ୍ରୀଷ୍ଟଙ୍କୁ ମଧ୍ୟ ଦେଖିପାରନ୍ତି । ଖ୍ରୀଷ୍ଟ ଓ କୃଷ୍ଣ ଯେ ଏକ, ବୁଦ୍ଧ ଓ ଗୌରାଙ୍ଗ ଯେ ଏକ, ଶିବ ଓ ବିଷ୍ଣୁ ଯେ ଏକ, ଏହି ପ୍ରତୀତି ଏକମାତ୍ର ଓଁକାର ସାଧନା ମାଧ୍ୟମରେ ହିଁ ସହଜସାଧ୍ୟ । ଏ ପର୍ଯ୍ୟନ୍ତ କେହି ବୋଧହୁଏ କ୍ଲୀଂ ମନ୍ତ୍ର ଜପ କରୁ କରୁ କୃଷ୍ଣ ଓ ଖ୍ରୀଷ୍ଟ ଏକ ବୋଲି ଉପଲବ୍ଧି କରି ନାହାନ୍ତି । ଓଁକାର ମନ୍ତ୍ର ସେହି ଉପଲବ୍ଧିକୁ ସହଜାୟତ୍ତ କରିଅଛି । ବିଶ୍ୱର ସକଳ ବିଭେଦ ଯେଉଁ ମହାମନ୍ତ୍ରଟି ମଧ୍ୟରେ ସମନ୍ୱିତ ସାମଞ୍ଜସ୍ୟୀକୃତ ଓ ସ୍ୱୀକୃତ ହୋଇ ସମସ୍ତ ବିଭେଦ ବିଚ୍ଛେଦର ମୂଳୋତ୍ପାଟନ କରିଛି, ସେହି ମନ୍ତ୍ରରେଦୀକ୍ଷିତ ହେବା ପରେ ସେହି ମନ୍ତ୍ରରାଜଙ୍କର ଧ୍ୟାନ ହିଁ ତୁମ ପକ୍ଷରେ ପ୍ରଶସ୍ତ ।

(ଚୈତ୍ର ୨୫, ୧୩୬୪)

(୩)

ଗୁରୁଦେବମାନଙ୍କ ମୁହଁରୁ ଅନେକ ସମୟରେ ଏହି ଯେଉଁ କଥାଟି ଶୁଣିବାକୁ ମିଳେ ଯେ ଶିଷ୍ୟ ମନରେ ଯଦି ଭକ୍ତି ଥାଏ, ତେବେ ଗୁରୁଦର୍ଶନ

ଦ୍ୱାରା ସେ ଅଶେଷ ଅକଲ୍ୟାଣରୁ ଉଦ୍ଧାର ପାଏ, ଏକଥାଟି ଗୁରୁଦେବମାନେ ନିଜର ପ୍ରସାର ବଢ଼ାଇବା ପାଇଁ ଯେ ସବୁବେଳେ କହିଥାନ୍ତି, ତାହା ନୁହେଁ । ଏ କଥାଟି ଭିତରେ ଏକ ସୁଗଭୀର ସତ୍ୟ ମଧ୍ୟ ନିହିତ ଅଛି । ମୁଁ ତ ବାବା, ଗଣତନ୍ତ୍ର ଯୁଗର ଗୁରୁ, ଯେଉଁ ଯୁଗର ଗୁରୁ ସବୁ ବିଷୟରେ ନିଜେ ଶିଷ୍ୟ ସଙ୍ଗେ ସମାନ ବୋଲି ଭାବି ଚଳିବାକୁ ବାଧ୍ୟ । ତଥାପି ମୁଁ ଏହା ଅନ୍ତରରେ ସ୍ପଷ୍ଟ ଅନୁଭବ କରେ ଯେ, ଗୁରୁଙ୍କ ପ୍ରତି ଯେଉଁଠି ଶିଷ୍ୟର ଅନୁରାଗ ଅକପଟ, ଐକାନ୍ତିକ ଓ ସୁଦୃଢ଼, ସେଠାରେ କେବଳ ଗୁରୁଦର୍ଶନ ଦ୍ୱାରା ଶିଷ୍ୟ ପ୍ରଭୁତ କଲ୍ୟାଣ ଲାଭ କରିପାରେ । ପ୍ରଚଳିତ ଗୁରୁବାଦ ସହିତ ନିୟତ-ସଂଗ୍ରାମରତ ସୈନିକ ଭାବରେ ମୁଁ ଏହି ଅଭିଜ୍ଞତା ଅର୍ଜନ କରିଛି ଯେ, ଶିଷ୍ୟ ଯେଉଁଠି ଏକାନ୍ତ ଅନୁରାଗୀ ଓ ଗୁରୁ ଯେଉଁଠି ନିଷ୍କାମ ଓ ନିସ୍ୱାର୍ଥ ସେଠାରେ ଗୁରୁ ଶିଷ୍ୟ ପରସ୍ପର ପରସ୍ପରକୁ ଦର୍ଶନ କରି ସର୍ବତୋଭାବରେ ଲାଭବାନ ହୁଅନ୍ତି । ଗୁରୁ ଦର୍ଶନରେ ଶିଷ୍ୟର ଯେପରି ଲାଭ ଶିଷ୍ୟ ଦର୍ଶନରେ ମଧ୍ୟ ଗୁରୁଙ୍କର ସେହିପରି ଲାଭ । ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ତ ମୁଁ ମୋ ଧ୍ୟାନର ଦେବତା, ଭଜନର ବିଗ୍ରହ ବା ଆରାଧ୍ୟର ପ୍ରତିଚିତ୍ର ରୂପେ ହୃଦୟରେ ସ୍ଥାନ ଦେଇ ରଖିଛି । ଲୌକିକ ପ୍ରୟୋଜନୀୟତାରୁ ତୁମ୍ଭମାନଙ୍କର ଭକ୍ତିପ୍ରଣାମ ଗ୍ରହଣ କରି ଓ ନିୟତ ଆଶୀର୍ବାଦ ବିତରଣ କରିବାରେ ନିରତ ରହି ମଧ୍ୟ ତୁମ ପ୍ରତି ମୋର ପ୍ରତ୍ୟେକଟି ବ୍ୟବହାର ମାଧ୍ୟମରେ ମୁଁ ତୁମ୍ଭମାନଙ୍କର ପୂଜା ହିଁ କେବଳ କରୁଅଛି । କେହି କେହି ଭାଗ୍ୟବାନ ବ୍ୟକ୍ତି ମୋର ସେହି ପୂଜାଭାବକୁ ଉପଲବ୍ଧି କରି ତାର ସହାୟତାରେ ଆତ୍ମୋନ୍ନତିର ଶୀର୍ଷ ସ୍ଥାନରେ ଉପନୀତ ହେବାକୁ ଚେଷ୍ଟା ବି କରୁଛନ୍ତି । ଅନ୍ୟମାନେ ଲୌକିକତା ଦୃଷ୍ଟିରୁ ମୋତେ ଓ ନିଜ ନିଜକୁ ବିଚାର କରି ବସି କେବଳ ନିଜର ଚାରିପଟେ ଘେରି ରହିଥିବା ତଦ୍ରୁପ କେତେଜଣ ଅନୁଜଙ୍କର କରତାଳି ପ୍ରକାଶ୍ୟରେ ସଂଗ୍ରହ କରୁଛନ୍ତି- ଯେଉଁମାନେ କି, ପରୋକ୍ଷରେ ନିଜ

ନିଜର ପ୍ରଶଂସାଗୁଞ୍ଜନ ପ୍ରତ୍ୟାହାର କରି ନେଇ ବିପରୀତ ଆଚରଣରେ ପ୍ରମତ୍ତ ହେଉଛନ୍ତି । ଲୌକିକ ବିଚାରରେ ଅଲୌକିକ ଆସ୍ୱାଦନ କିପରି ସମ୍ଭବ ହେବ ? ମୋ ଦୃଷ୍ଟିରେ ଗୁରୁଶିଷ୍ୟ ସମ୍ବନ୍ଧ ସବୁ ପ୍ରକାର ଲୌକୀକାଚାର ଉର୍ଦ୍ଧ୍ୱରେ।

ତୁମ୍ଭେମାନେ ଯଦି ସାଧନ କର, ତେବେ ଏହି ତତ୍ତ୍ୱ ବୁଝି ପାରିବ । ସେଇଥିପାଇଁ ମୁଁ ଏହି ତତ୍ତ୍ୱ ବିଷୟରେ କେବେ କିଛି ଉପଦେଶ ଦିଏ ନାହିଁ । ସାଧନ କର ବାବା । ସାଧନ କର ।

(୪)

ଖାସା କଥାଟିଏ ଲେଖିଛ । ମହାପୁରୁଷ ଯାହାକୁ ତାହାକୁ ଦୀକ୍ଷା ଦିଅନ୍ତି ନାହିଁ । ତାହାହେଲେ କଣ ଲୋକଙ୍କ ଭିତରୁ ବାଛି ବାଛି କେତେଜଣଙ୍କୁ ଦୀକ୍ଷା ଦିଅନ୍ତି ? କିଭଳି ଲୋକଙ୍କୁ ଦୀକ୍ଷା ଦିଅନ୍ତି ? ଗରିବଙ୍କୁ, ମୁର୍ଖଙ୍କୁ ନା ନୀଚ, ଚଣ୍ଡାଳ, ଅସ୍ପୃଶ୍ୟଙ୍କୁ ? ଏମାନଙ୍କୁ ଯଦି ଦିଅନ୍ତି ତେବେ ସେ ତ ମୋର ମନର ମଣିଷ, ପ୍ରାଣର ମନୁଷ୍ୟ, ଦିବା ରଜନୀ ମୋର ପୂଜା ପାଇବା ଯୋଗ୍ୟ ସୁନାର ମଣିଷ । ନା, ସେ କେବଳ ଧନୀକୁ ଦୀକ୍ଷା ଦିଅନ୍ତି, ବିଦ୍ୱାନକୁ ଦୀକ୍ଷା ଦିଅନ୍ତି, ସମାଜରେ ପ୍ରତିଷ୍ଠାବାନ ସମ୍ମାନସ୍ପଦ ଦାମିକା ଲୋକମାନଙ୍କୁ ଦୀକ୍ଷା ଦିଅନ୍ତି ? ଏସବୁ ମୂଲ୍ୟବାନ ବ୍ୟକ୍ତିଙ୍କ ସଙ୍ଗେ ଡମ, ମୋଚି, ମେହେନ୍ତର ଏକ ପଂକ୍ତିରେ ବସି ଦୀକ୍ଷା ନେଇ ପାରନ୍ତି କି ? ଏହି ଅଭାଗାମାନେ ଦୀକ୍ଷା ଲାଭରୁ ବଞ୍ଚିତ ହୁଅନ୍ତି ନାହିଁ ତ ? ଅଥବା ଏହିସବୁ ମୂଲ୍ୟହୀନ ମନୁଷ୍ୟମାନଙ୍କ ପ୍ରତି ତାଙ୍କର କୃପା ହେଲେ ବି ମୂଲ୍ୟବାନ ଦାମୀ ମନୁଷ୍ୟମାନଙ୍କ ପାଖରୁ ସେମାନଙ୍କୁ ଦୂରରେ ବସାଇ ଦୀକ୍ଷା ଦିଆଯାଏ ? ଗୁରୁଦେଙ୍କ ମହୋତ୍ସବରେ ଦଳେ ଅଭ୍ୟାଗତଙ୍କୁ ଘର ଭିତରେ ବସାଇ ମାଲପୁଆ ପରିବେଷଣ କରି ଆଉ ଦଳେ ଅଭ୍ୟାଗତଙ୍କୁ

ବାରଣ୍ଡାରେ ବସାଇ ଖେଚେଡ଼ି ପରିବେଷଣ କଲା ପରି କଣ ଦୀକ୍ଷା ସମୟରେ ଦୀକ୍ଷାର୍ଥୀଙ୍କ ଜାତି ବିଚାର, ଧନ ବିଚାର ବା ପ୍ରତିଷ୍ଠା ବିଚାର କରାହୁଏ ? ତୁମ ପତ୍ରରୁ ତାର କୌଣସି ଆଭାସ ମିଳିଲା ନାହିଁ ।

କେହି ଦୀକ୍ଷା ନେଇଛି ବୋଲି ଶୁଣିଲେ ମୁଁ ଭାରି ଖୁସି ହୁଏ । କାହା ପାଖରୁ ସେ ଦୀକ୍ଷା ନେଲା ସେ କଥା ଭାବିବା ପାଇଁ ମୋର ତର ସହେ ନାହିଁ । ତା ଆଗରୁ ମୋ ପ୍ରାଣ ଆନନ୍ଦରେ ନାଚି ଉଠେ । ମୁଁ ଭାରି ଖୁସି ହୋଇଯାଏ ଯେ ଯାହା ହେଉ ଆଉ ଜଣେ ଭଗବାନଙ୍କ ପାଖକୁ ଯିବା ବାଟରେ ପାଦ ଦେଲା, ଜଣେ ଜୀବନର ଅତୀତର ଗ୍ରନ୍ଥୀ ଛିନ୍ନ କରିବା ବ୍ରତ ଗ୍ରହଣ କଲା ଓ ମୋର ପ୍ରାଣର ପ୍ରିୟୟତମଙ୍କ ପାଖକୁ ଧାବିତ ହେଲା । ଶତ ଶତ ଲୋକ ଦୀକ୍ଷା ନେଇଛନ୍ତି ଶୁଣିଲେ ମୁଁ ଆହୁରି ବେଶି ଖୁସି ହୁଏ, ଆହୁରି ବେଶି ଆନନ୍ଦିତ ହୁଏ । ଯାହା ପାଖରୁ ଇଚ୍ଛା ତା ପାଖରୁ ନେଉ କିନ୍ତୁ ଦୀକ୍ଷା ତ ନେଇଛି, ଭଗବାନଙ୍କୁ ଇହଜୀବନରେ ଦର୍ଶନ କରିବା ଲାଗି ସଂକଳ୍ପ ତ କରିଛି । ଏ ଲାଭ ତ ଖାଲି ତାରି ନୁହେଁ, ଆମ ସମସ୍ତଙ୍କର ।

ଲୋକ-ଗୁରୁମାନଙ୍କର ପ୍ରତିଷ୍ଠାବର୍ଦ୍ଧନରେ ତୁମ୍ଭେମାନେ ଆଦୌ କ୍ଲିଷ୍ଟ ହୁଅନାହିଁ, ଆନନ୍ଦିତ ହୁଅ । ପୃଥିବୀର ପ୍ରତ୍ୟେକଟି ଧର୍ମସଂଘର ଶ୍ରୀବୃଦ୍ଧିରେ ତୁମେମାନେ ଆନନ୍ଦିତ ହୁଅ । ତୁମେମାନେ ଏଭଳି କ୍ଷୀଣମନା ଓ ହୀନବୁଦ୍ଧି କଦାପି ହୁଅ ନାହି ଯେ ତୁମ୍ଭମାନଙ୍କ ମତରେ ଦୀକ୍ଷିତଙ୍କ ସଖ୍ୟା ନ ବଢ଼ି ଅନ୍ୟମାନଙ୍କର ମତରେ ଦୀକ୍ଷିତଙ୍କ ସଂଖ୍ୟା କାହିଁକି ବଢୁଛି । ଦୀକ୍ଷା ଦେବା ବେଳେ ମୁଁ ତୁମ୍ଭଭିତରୁ ପ୍ରତ୍ୟେକଙ୍କୁ ଏକଥା କହି ରଖିଛି ଯେ ସମଦୀକ୍ଷିତଙ୍କ ସଂଖ୍ୟା ବଢ଼ାଇବା ପାଇଁ କୌଣସି ପ୍ରକାର ଚେଷ୍ଟା ତୁମ୍ଭେମାନେ କରିବ ନାହିଁ । କାରଣ ଯେଉଁମାନେ ତୁମର ଆପଣାର ସେମାନେ ଆପେ ଆପେ ତୁମର ସମୀପସ୍ଥ ହେବେ । ଆହୁରି ମଧ୍ୟ କହିଛି – ତୁମ୍ଭେମାନେ ନିଜେ ନିଜେ ସାଧନ

କରି ବଳୀୟାନ ହୁଅ । ବଳ ତୁମ୍ଭମାନଙ୍କର ଲୋଡ଼ା ଦଳ ନୁହେଁ । ଯେଉଁମାନେ ଗୁରୁଙ୍କ ଠାରୁ ଏଭଳି ଉପଦେଶ ପାଆନ୍ତି, ଯେଉଁମାନେ ଗୁରୁଙ୍କର ଜୀବନର ପ୍ରତ୍ୟେକ ଆଚରଣରେ ଏହି ଜିନିଷଟି ପ୍ରତିଫଳିତ ହେବାର ଦେଖନ୍ତି, ସେମାନେ ବିଭିନ୍ନ ମହାପୁରୁଷଙ୍କର ଗୋଷ୍ଠୀ-ପୁଷ୍ଟିରେ ଅନ୍ତରରେ କ୍ଳେଶ ଅନୁଭବ କରିବେ ବା କାହିଁକି ? ଏହି ସବୁ ସାମ୍ପ୍ରଦାୟିକତାର ଉର୍ଦ୍ଧ୍ୱରେ ତୁମ୍ଭେମାନେ ନିଜ ନିଜକୁ ଅବସ୍ଥାପନ କର । ବିଶ୍ୱର ସମସ୍ତଙ୍କର ସହିତ ତୁମ୍ଭମାନଙ୍କୁ ମିଳାଇ ଦେବାକୁ ମୁଁ ଚାହେଁ । ବିଶ୍ୱର କୌଣସି ଜଣେ ଲୋକକୁ ମଧ୍ୟ ତୁମ୍ଭମାନେ ପର ବୋଲି ଭାବିଲେ ଚଳିବ ନାହିଁ । ଅନ୍ୟତ୍ର ଦୀକ୍ଷା ନେଲା ବୋଲି କେହି ଯଦି ତୁମର ପର ହୋଇଥାଏ ତେବେ ମୋ ପାଖରୁ ତୁମର ପ୍ରକୃତରେ ଦୀକ୍ଷାଲାଭ ହୋଇ ନାହିଁ ବୋଲି ବୁଝିବାକୁ ହେବ । ସମସ୍ତଙ୍କ ପ୍ରତି ଈର୍ଷାହୀନ ପ୍ରେମଭାବ ପୋଷଣ କରି ତୁମ୍ଭମାନେ ନିଜ ନିଜର ଦୀକ୍ଷାର ସମ୍ମାନ ରକ୍ଷା କର ।

(ବୈଶାଖ ୧୨, ୧୩୬୫)

(୫)

କୌଣସି ଏକ ମଠର ଧର୍ମାଚାର୍ଯ୍ୟ ମହୋଦୟ ତୁମ ଅଞ୍ଚଳକୁ ଆସୁଥିବାରୁ ତୁମ୍ଭମାନଙ୍କର ମଧ୍ୟରୁ କେହି କେହି ଭୟାର୍ତ୍ତ ହୋଇ ମୋତେ ଡାକିଥିଲ । ତୁମ୍ଭମାନଙ୍କର ଭୟର ପ୍ରକୃତ କାରଣ ଯେ କଣ ମୁଁ ତାହା ବୁଝି ପାରିଲି ନାହିଁ । କୌଣସି ମଠ ବା ଆଶ୍ରମର କେହି ସାଧୁ-ମହାତ୍ମା ଆସିଲେ ସେ ନିଶ୍ଚୟ ଜନସାଧାରଣଙ୍କୁ ଈଶ୍ୱରନିଷ୍ଠ କରିବା ଲାଗି ଚେଷ୍ଟିତ ହେବେ । ଏଥିରେ ଆମର ଲାଭ ଛଡ଼ା କ୍ଷତି କଣ ଥାଇପାରେ ? ସମସ୍ତଙ୍କ କଥା ତ ସମସ୍ତେ ଶୁଣନ୍ତି ନାହିଁ, ଯେଉଁ ଲୋକମାନେ ଆମ୍ଭମାନଙ୍କ କଥା ନ ଶୁଣନ୍ତି, ସେମାନେ ହୁଏତ ଏହି ଧର୍ମାଚାର୍ଯ୍ୟଙ୍କ କଥାରେ ବାଟକୁ ଆସିବେ । ଏଇଟା ତ ଆମର ସାର୍ବଜନୀନ ଲାଭ । ଲାଭ ବ୍ୟାପାରଟାକୁ କ୍ଷତିର କାରଣ ବୋଲି ତୁମ୍ଭେମାନେ କଳ୍ପନା

କାହିଁକି କହୁଛ ? ଏପରିଗୁଡ଼ିଏ ଲୋକ ଅଛନ୍ତି ଯେଉଁମାନଙ୍କ ପାଖରେ ପୃଥିବୀର ସବୁ ଧର୍ମାଚାର୍ଯ୍ୟମାନେ ଯାଇ ଉପସ୍ଥିତ ହେଲେ ବି ସେମାନେ ଥରେ ହେଲେ ଈଶ୍ୱରଙ୍କର ନାମ ନେବେ ନାହିଁ । ଆମେ ବରଂ ସେହି ଲୋମାନଙ୍କ ଭିତରେ ଚାଲ କାମ କରିବା । ସୁନ୍ଦର, ସମତଳ, ନଦୀମାତୃକା ଶସ୍ୟଦସ୍ଥାନଗୁଡ଼ିକରେ ସମସ୍ତେ ଲଙ୍ଗଳ ବୁଲାଇ ଦେଇଛନ୍ତି । ଯେଉଁଠି ପ୍ରତି ଚାଖଣ୍ଡରେ ଲଙ୍ଗଳ ଭାଙ୍ଗେ, ପ୍ରତି ମିନିଟରେ ଗଇଁନ୍ତି କୋଦାଳ ସହିତ ପଥରର ସଂଘର୍ଷ ଜନିତ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହୁଏ, ଚାଲ ଆମେ ସେହି ସବୁ ଯାଗାର ପଥର, କଙ୍କର ଭାଙ୍ଗିବାକୁ ଚେଷ୍ଟା କରିବା । ଭିନ୍ନ ଭିନ୍ନ ଧର୍ମାଚାର୍ଯ୍ୟମାନଙ୍କୁ ଆମର ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବିବା ଦରକାର କ'ଣ ?

ମୋର ଦୁଇ ଜଣ ଶିଷ୍ୟ ତୋବା ତୋବା କହି ମହାମନ୍ତ୍ର ଛାଡ଼ି ଦେଇ ଅନ୍ୟତ୍ର ଯାଇ ହୁଏତ ଅଧ୍ୟାତ୍ମିକ ପିପାସା ପରିତୃପ୍ତି ଲାଗି ଆଗ୍ରହୀ ହୋଇଛନ୍ତି । ଏହା ଯଦି ସତ୍ୟ ହୁଏ, ସେଥିରେ ତୁମମାନଙ୍କର ବୁଦ୍ଧିଭ୍ରଂଶ ହେବା ଦରକାର ବା କ'ଣ ? ଯେ ଯେଉଁଠି ନିଷ୍ଠାସହକାରେ ସାଧନ କରିପାରିବ ସେ ସେହିଠାରେ ହିଁ ଆଶ୍ରୟ ନେବା ଉଚିତ୍ । ସେମାନଙ୍କୁ ଦଳତ୍ୟାଗୀ ବୋଲି ଗାଳି ନ ଦେଇ ବରଂ ଏମାନଙ୍କ ପାଇଁ ପରମେଶ୍ୱରଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କର ଯେ ସେମାନେ ସୁଖୀ ହୁଅନ୍ତୁ, ସେମାନଙ୍କୁ ଶାନ୍ତିମିଳୁ । ସେମାନଙ୍କ ପ୍ରତି ବିରୋଧଭାବ ପୋଷଣ କରିବାରେ କୌଣସି ସାର୍ଥକତା ନାହିଁ ।

ସବୁ ଧର୍ମାଚାର୍ଯ୍ୟଙ୍କର କେତେଗୁଡ଼ିଏ ବ୍ୟକ୍ତିଗତ ଖିଆଲ ଥାଏ । କେହି କେହି ବ୍ରାହ୍ମଣ ଛଡ଼ା ଆଉ କାହାକୁ ଦୀକ୍ଷା ଦିଅନ୍ତି ନାହିଁ । କେହି କେହି ବାଛି ବାଛି ଇନ୍‌କମ୍‌ଟ୍ୟାକ୍ସ ଅଫିସରମାନଙ୍କୁ ଦୀକ୍ଷା ଦିଅନ୍ତି, କାରଣ ଏହା ଦ୍ୱାରା ବ୍ୟବସାୟୀଗୋଷ୍ଠୀ ଏକାବେଳେକେ ବଶ ହୋଇ ରହିବେ । ଏଭଳି ବିଭିନ୍ନ

ଧର୍ମାଚାର୍ଯ୍ୟଙ୍କର କେତେ ପ୍ରକାର ଖାମଖିଆଲ ଯେ ଅଛି ତାର ଇୟତ୍ତା ନାହିଁ । କିନ୍ତୁ ତୁମ୍ଭମାନଙ୍କର ତ ସେ ସବୁ ହେଙ୍ଗାମ କିଛି ବୋଲି କିଛି ନାହିଁ । ଗରିବ ହେଲେ ବି ତୁମ୍ଭମାନଙ୍କର ଏଠାରୁ ଦୀକ୍ଷା ପାଇବାକୁ କିଛି ବାଧା ନାହିଁ, ନୀଚ ଜାତି ହେଲେ ବି କିଛି ଆପତ୍ତି ନାହିଁ । ବଡ଼ ବଡ଼ ସରକାରୀ ଚାକିରି ବାକିରି ନ କଲେ ବି ଦୀକ୍ଷା ବେଳେ ସେ ସମାଦରଣୀୟ । ଗୁରୁଦେବଙ୍କ ପାଇଁ ଦୈନିକ, ସାପ୍ତାହିକ, ପାକ୍ଷିକ ମାସିକ ବା ବାର୍ଷିକ ରଜତ-କାଞ୍ଚନ ଦକ୍ଷିଣା ଦାନର କୌଣସି ବାଧବାଧକତା ଏଠାରେ ନାହିଁ । ଏପରି ଗୋଟାଏ ବଡ଼ ଘାଟ ଯାଗାରେ ଯେତେବେଳେ ପ୍ରାୟ ସବୁ ଧର୍ମସଂଘ ସହିତ ତୁମ୍ଭମାନଙ୍କର ଏକ ବିରାଟ ପାର୍ଥ୍ୟକ୍ୟ ରହିଛି, ସେତେବେଳେ ତୁମ୍ଭେମାନେ ଅନ୍ୟ କୌଣସି ଧର୍ମସଂଘକୁ ତୁମର ପ୍ରତିଦ୍ୱନ୍ଦୀ ବୋଲି ଭାବି ବୃଥା ପରିକ୍ଲିଷ୍ଟ ହେବାର କୌଣସି କାରଣ ନାହିଁ ବା ଆବଶ୍ୟକତା ନାହିଁ । ତଥାପି ଗୋଟିଏ ଯାଗାରେ ଅବଶ୍ୟ ତୁମ୍ଭେମାନେ ଉଦ୍‌ବିଗ୍ନ ହେବାର ସଙ୍ଗତ ଯୁକ୍ତି ଅଛି ଏବଂ ତାହା ହେଉଛି ତୁମ ନିଜ ନିଜର ନିଷ୍ଠା ଓ ଶ୍ରଦ୍ଧା ।

ପୃଥିବୀର ସବୁ ଧର୍ମାଚାର୍ଯ୍ୟଙ୍କ ସମ୍ପର୍କରେ ମନ ଆମର ଉନ୍ମୁକ୍ତ । ପ୍ରତ୍ୟେକଙ୍କୁ ଆମେ ସମ୍ମାନ କରିବୁ । ପ୍ରତ୍ୟେକଙ୍କର ଧର୍ମୋପଦେଶ ଆମେ ଶ୍ରଦ୍ଧା ସହକାରେ ଗ୍ରହଣ କରିବୁ । ପ୍ରତ୍ୟେକଙ୍କର ଶିଷ୍ୟମାନଙ୍କୁ ଆମେ ଭ୍ରାତା ବୋଲି ଗଣନା କରିବୁ, କେବଳ ସାଧନା ବେଳକୁ ଆମେ ଅବ୍ୟଭିଚାରୀ ରହିବୁ ।

(ବୈଶାଖ ୧୪, ୧୩୬୫)

(୬)

ତୁମର ଭ୍ରାତା ଶ୍ରୀ - ଚିଠି ଲେଖି ଜଣାଇଛି ଯେ ସେଠାରେ ଏଗାର ଶହ ନରନାରୀ ଦୀକ୍ଷା ନେବାକୁ ପ୍ରସ୍ତୁତ । ଏପରି ବ୍ୟାପକ ଦୀକ୍ଷା ଆଜିକାଲି ସ୍ଥାନେ ସ୍ଥାନେ ଆମର ହେଉଛି । ତେଣୁ ସେ ଦେଇଥିବା ସମ୍ବାଦ ଅଳୀକ ବା ଭିତ୍ତିହୀନ ବୋଲି ମୁଁ ଭାବୁ ନାହିଁ । କିନ୍ତୁ ମୋ ମନରେ ଯେଉଁ ପ୍ରଶ୍ନଟି ଉଠିଛି ତାହା ହେଉଛି, ଏତେଗୁଡ଼ିଏ ଲୋକ ମନ୍ତ୍ରଦୀକ୍ଷା ନେଇ ତୁମମାନଙ୍କର ସମଗ୍ରୋତ୍ରୀୟ ହୋଇଗଲେ ତୁମ୍ଭେମାନେ କଣ ଭଗବାନ ହୋଇଯିବ ? ଦୀକ୍ଷା ନେଲେ, ସାଧନ କଲେ ନାହିଁ - ସେଭଳି ଲୋକ କଣ ସମାଜର ଶକ୍ତି ? ଦୀକ୍ଷାରମାନେ ହେଉଛି, ଉନ୍ନତ ଆଧ୍ୟାତ୍ମିକ ଜୀବନଯାପନ ଲାଗି ପବିତ୍ର ସଂକଳ୍ପ ଗ୍ରହଣ ଓ ସେହି ସଂକଳ୍ପ ଅନୁଯାୟୀ ଚଳିବା ପାଇଁ କଠୋର ପ୍ରତିଜ୍ଞାରେ ଆବଦ୍ଧ ହେବା । ସଂକଳ୍ପ କରିବ କିନ୍ତୁ କାମ କରିବ ନାହିଁ, ପ୍ରତିଜ୍ଞା କରିବ କିନ୍ତୁ ପାଳନ କରିବ ନାହିଁ - ଏହା କି ଧରଣର ବ୍ରତ ?

ଏଇଠି ଦୀକ୍ଷା କଥାଟାକୁ ତୁମ୍ଭେମାନେ ଖୁବ୍ ଭଲ କରି ବୁଝି ନେବା ଦରକାର । ବର୍ତ୍ତମାନ ବିଚାର-ବିତର୍କ-ପ୍ରଧାନ ଏହି ଯୁକ୍ତି-ସର୍ବସ୍ୱ-ଯୁଗରେ ଗୁରୁଦେବମାନଙ୍କ କର୍ତ୍ତୃକ ପ୍ରଦତ୍ତ ଦୀକ୍ଷା ଶିଷ୍ୟମାନଙ୍କୁ କ୍ରୀତଦାସ ରୂପେ ତାଲିକାଭୁକ୍ତ କରିବାର ସମକକ୍ଷ ବୋଲି ପରିଗଣିତ ହୋଇଥାଏ । ଶିଷ୍ୟମାନଙ୍କର ଶ୍ରମାର୍ଜ୍ଜିତ ବିତ୍ତ ବିନା ପରିଶ୍ରମରେ ଅପହରଣ କରିବା ପାଇଁ ଗୁରୁଦେବମାନେ ଦୀକ୍ଷା ଭଳି ଏକ କୌଶଳ ଅବଲମ୍ବନ କରି ସହଜ ବିଶ୍ୱାସ-ପ୍ରବଣ ଓ ଦୁର୍ବଳମନା ଲୋକମାନଙ୍କୁ ଧର୍ମ ନାମରେ ଈଶ୍ୱରଙ୍କର ଦ୍ୱାହି ଦେଇ ପ୍ରତାରଣା କରି ଆସୁଛନ୍ତି ବୋଲି ଆଜି ଶତକଡ଼ା ପଚାଶ ଜଣ ଲୋକ ଅଭିଯୋଗ କରୁଛନ୍ତି । ଯୁକ୍ତିବାଦୀମାନଙ୍କର ଏହି ଅଭିଯୋଗ ଅନେକ ସ୍ଥଳରେ ଯେ ସତ୍ୟ, ତାହା ନ

ମାନିବାର ଉପାୟ ନାହିଁ । ଗୁରୁଦେବମାନେ ବା ସେମାନଙ୍କର ଦଲାଲମାନେ ବାଛି ବାଛି ଧନୀ, ମାନୀ ବଡ଼ଲୋକମାନଙ୍କୁ ଦୀକ୍ଷିତ କରିବା ପାଇଁ ଯେପରି ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥାନ୍ତି ତଦ୍ଦ୍ୱାରା ଯୁକ୍ତିବାଦୀମାନଙ୍କର ଅଭିଯୋଗ ଅନେକାଂଶରେ ସମର୍ଥିତ ହୋଇଯାଏ । ଏହିପରି ଏକ ଯୁଗରେ ତୁମ୍ଭେମାନେ ଯଦି ଗୁରୁଭ୍ରାତା ସଂଗ୍ରହ ଚେଷ୍ଟାକୁ ପ୍ରାଧାନ୍ୟ ଦେବାକୁ ଯାଅ, ତେବେ ତୁମ୍ଭେମାନେ ମଧ୍ୟ ବହୁ ନ୍ୟାୟପରାୟଣ ଯୁକ୍ତିବାଦୀଙ୍କର ସମାଲୋଚନାର ପାତ୍ର ହେବା ସୁନିଶ୍ଚିତ । ଏହି କାରଣରୁ ତୁମ୍ଭମାନଙ୍କ ମୁହଁରୁ ଯେତେବେଳେ ଉଲ୍ଲାସ ଧ୍ୱନି ଶୁଣେ ଯେ ଅମୁକ ସ୍ଥାନରେ ଏକାଦିନକେ ତୁମର ଏତେ ଶହ ଗୁରୁଭାଇ ହେଲେ, ସେତେବେଳେ ମୁଁ ଭାବିବାକୁ ଲାଗେ ଦୀକ୍ଷା କଥାର ପ୍ରକୃତମାନେ ତୁମ୍ଭେମାନେ ଠିକ୍ ଠିକ୍ ବୁଝିଛ ତ ?

ଭଗବାନଙ୍କର କୌଣସି ଏକ ନାମକୁ ନିର୍ଦ୍ଦିଷ୍ଟ ଏକ ପ୍ରଣାଳୀରେ ସାଧନ କରିବାର ସଙ୍କଳ୍ପ ମାତ୍ର ଗ୍ରହଣ ତୁମ୍ଭମାନଙ୍କର ଦୀକ୍ଷା ନୁହେଁ । ତୁମ୍ଭମାନଙ୍କର ସମସ୍ତ ସାଧନ ଯେ ଜଗନ୍ମଙ୍ଗଳ ପାଇଁ, ସେ ସଂକଳ୍ପ ଗ୍ରହଣ ମଧ୍ୟ ତୁମ୍ଭମାନଙ୍କର ଦୀକ୍ଷାର ଅଙ୍ଗୀଭୂତ । ତୁମ୍ଭମାନଙ୍କର ଦେହ, ପ୍ରାଣ ଓ ଆତ୍ମାକୁ ଜଗନ୍ମଙ୍ଗଳ ନିମିତ୍ତ ପ୍ରସ୍ତୁତ କରିବାର ନିରବଚ୍ଛିନ୍ନ ପ୍ରୟାସକୁ ନିୟତ ଅନ୍ତରରେ ଜାଗରୁକ ରଖିବା ଲାଗି ନିରଳସ ଉଦ୍ୟମଶୀଳ ହେବାକୁ ପ୍ରତିଜ୍ଞା ଗ୍ରହଣ ହେଉଛି ତୁମ୍ଭମାନଙ୍କର ଦୀକ୍ଷା । ଦେଶ ପ୍ରଚଳିତ ଅନ୍ୟାନ୍ୟ ସବୁ ରକମର ଦୀକ୍ଷା ତୁଳନାରେ ତୁମ ଦୀକ୍ଷାର ଲକ୍ଷ୍ୟ ଓ ପ୍ରଣାଳୀ ମଧ୍ୟରେ ଏହି ଏକ ବିରାଟ ବିଶିଷ୍ଟତା ରହିଛି ଯେ ତୁମ୍ଭମାନଙ୍କର ଦୀକ୍ଷା ଜଗତରେ କଲ୍ୟାଣ ଲାଗି ଉଦଗ୍ର, ଏକାଗ୍ର ଓ ଏକାନ୍ତ ବ୍ରତ ଗ୍ରହଣ ।

ଏହି କାରଣରୁ ଦୀକ୍ଷା ଗ୍ରହଣ ପୂର୍ବରୁ ତୁମର ଭାବୀ ଗୁରୁଭ୍ରାତାମାନେ ଦୀକ୍ଷା ନିମିତ୍ତ ଉପଯୁକ୍ତ ଭାବରେ ପ୍ରସ୍ତୁତ ହେବା ଏକାନ୍ତ ଆବଶ୍ୟକ । ଯେଉଁ ଗୁରୁ ଶିଷ୍ୟ ଠାରୁ ଗୁରୁ-ପ୍ରଣାମୀ ଦାବୀ କରନ୍ତି ନାହିଁ, ଯେଉଁ ଗୁରୁ ଶିଷ୍ୟଠାରୁ ସାଲିଆନା ଚାହାନ୍ତି ନାହିଁ, ଯେଉଁ ଗୁରୁ ଶିଷ୍ୟକୁ ଡାକିହାକି କହନ୍ତି ନାହିଁ, ‘‘ତୋ ଉଦରକୁ ଅନ୍ନଗ୍ରାସ ହେବା ପୂର୍ବରୁ ମୋ ଉଦରକୁ ଅନ୍ନଗ୍ରାସ ଅଲଗା କରି ରଖ,’’ ଯେଉଁ ଗୁରୁ ସାରାଜୀବନ କଠୋର କୃଚ୍ଛସାଧନ କରି ଗଇଁନ୍ତି କୋଦାଳ ଧରି କଙ୍କରମୟ କଠିନ ପ୍ରସ୍ତରାକୀର୍ଣ୍ଣ ମୃତ୍ତିକା ଖୋଳି ଚାଲିଛନ୍ତି, ତୁମ୍ଭମାନଙ୍କୁ ଭଗବାନଙ୍କ ନାମରେ ଦୀକ୍ଷିତ କରିବା ଭିତରେ ତାଙ୍କର ପ୍ରୟୋଜନବୋଧଟା କ’ଣ ରହିଛି, ସେ କଥା ତୁମ୍ଭେମାନେ ଟିକିଏ ଭଲ ଭାବରେ ଭାବି ଦେଖ ।

ତୁମ୍ଭେମାନେ ଦୀକ୍ଷା ନେବ ଓ ତାପରେ ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥର ଦାସ ହୋଇ ରହିବ, ଏପରି ହେଲେ ଦୀକ୍ଷା ନିଷ୍ପ୍ରୟୋଜନ । ତୁମ୍ଭେମାନେ କେବଳ ନିଜ ନିଜର ଆଧ୍ୟାତ୍ମିକ ଉନ୍ନତି ଚାହିଁବ ଅଥଚ ପୃଥିବୀବ୍ୟାପି ଶୁଦ୍ର ଓ ଅପାଂକ୍ତେୟମାନେ ଅବଜ୍ଞାନ ଦୁଃଖପୂର୍ଣ୍ଣ ଜୀବନଯାପନ କରୁଥିବେ, ଏପରି ହେଲେ ଦୀକ୍ଷା ଲକ୍ଷ୍ୟହୀନ । ଏକ ସାମ୍ପ୍ରଦାୟିକଗଣ୍ଡି ମଧ୍ୟରେ ଆବଦ୍ଧ ରହି ତୁମ୍ଭେମାନେ ଗୋଟାଏ ବିରାଟ ଦଳ ଗଢ଼ିବ ଅଥଚ ଅନ୍ୟ ସଂଘଗୁଡ଼ିକ ନୂଆ ନୂଆ କରମୈଷଣା ପ୍ରଯୁକ୍ତ ହୋଇ ଜନକଲ୍ୟାଣ କାର୍ଯ୍ୟରେ ଅଗ୍ରସର ହେଲେ ତୁମ୍ଭେମାନେ ଈର୍ଷା, ପରଶ୍ରୀକାତରତା, ଦୁଃଖ ଓ ଯନ୍ତ୍ରଣା ଅନୁଭବ କରିବ, ସବୁ ସମ୍ପ୍ରଦାୟ ନିଜର ଓ ନିଜେ ସବୁ ସମ୍ପ୍ରଦାୟର ବୋଲି ଭାବି ପାରିବ ନାହିଁ, ଏପରି ହେଲେ ଦୀକ୍ଷା ଅପ୍ରାସଙ୍ଗିକ ।

(ବୈଶାଖ ୨୬, ୧୩୬୫)

(୭)

ସବୁ ଗୁରୁଙ୍କ ମଧ୍ୟରେ ଏକ ପରମ ଗୁରୁଙ୍କର ପ୍ରକାଶ ଦର୍ଶନ କରି ତୁମେ ଅନ୍ୟ ସ୍ଥାନରେ ଦୀକ୍ଷିତ ହୋଇ ମଧ୍ୟ ସାଧନ ସମ୍ପର୍କୀୟ ନିଗମ ନିଗୁଢ଼ ନିର୍ଦ୍ଦେଶନା ପାଇବାକୁ ମୋର ସମୀପସ୍ଥ ହୋଇଥିବାର ଦେଖି ମୁଁ ଅତ୍ୟନ୍ତ ତୃପ୍ତ ବିମୁଗ୍ଧ ହୋଇଅଛି । ତୁମର ଉଦାରତାକୁ ମୁଁ ପ୍ରଶଂସା କରୁଛି ଓ ତୁମ ଅନ୍ତରର ଆଗ୍ରହକୁ ଅଭିନନ୍ଦନ ଜଣାଉଛି ।

ତୁମ ପକ୍ଷରେ ଯେଉଁ ଉପଦେଶଗୁଡ଼ିକ ପ୍ରୟୋଜନୀୟ, ସେଗୁଡ଼ିକ ତୁମକୁ ଦେବାକୁ ଆଦୌ କୁଣ୍ଠିତ ନୁହେଁ । କିନ୍ତୁ ମା, ମୁଁ ଯେଉଁ ଉପଦେଶ ଦେବି, ସେଗୁଡ଼ିକୁ ତୁମେ ତୁମର ଗୁରୁଦେବଙ୍କ ଦ୍ୱାରା ଅନୁମୋଦିତ କରାଇ ନେବ । ସବୁ ଆଚାର୍ଯ୍ୟଙ୍କ ପ୍ରତି ଗୁରୁବୁଦ୍ଧି ରଖିଲେ ବି ସ୍ୱକୀୟ ସାଧନରେ ଅପରିସୀମ ନିଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଗୋଟିଏ ମାତ୍ର ଚରମ ଅନୁମୋଦନର ସ୍ଥାନ ରଖିବାକୁ ହୁଏ । ସ୍ୱାମୀକୁ ନ ଜଣାଇ ପତ୍ନୀ ଯେପରି କୌଣସି ଲୋକର ଉପହାର ଗ୍ରହଣ କରି ନ ପାରେ ଏବଂ ସ୍ୱାମୀର ଅନୁମୋଦନ ପାଇଲେ ନିତାନ୍ତ ଅପରିଚିତ ଲୋକର ପ୍ରଦତ୍ତ ଉପହାର ସେ ଯେପରି ସାଦରେ ଗ୍ରହଣ କରିପାରେ, ସେହିପରି ଦୀକ୍ଷିତ ବ୍ୟକ୍ତି ଗୁରୁଙ୍କ ଛଡ଼ା ଅନ୍ୟ କୌଣସି ଆଚାର୍ଯ୍ୟଙ୍କ ଠାରୁ ଉପଦେଶ ପାଇଲେ ତାହା ନିଜ ଗୁରୁଙ୍କ ଦ୍ୱାରା ଅନୁମୋଦିତ କରାଇ ନେବାକୁ ହୁଏ । ତାହା ହେଲେ ସାଧନ ଦ୍ୱିଧା-ସନ୍ଦେହ ବିରହିତ ହୋଇ ଚାଲିପାରେ ।

ସବୁ ଗୁରୁ ଗୋଟିଏ ଗୁରୁଙ୍କର ପ୍ରକାଶ, ଏକମାତ୍ର ଏହି ବୁଦ୍ଧିରେ ସଦ୍‌ଗୁରୁ-ଦୀକ୍ଷିତ ବ୍ୟକ୍ତି ଅନ୍ୟାନ୍ୟ ଆଚାର୍ଯ୍ୟଙ୍କ ସଙ୍ଗ କରିବା ଉଚିତ୍ । କିନ୍ତୁ ନିଜେ ପାଇଥିବା ସାଧନ-ପ୍ରଣାଳୀ ସାଧାରଣ ଅବସ୍ଥାରେ କଦାପି ପରିବର୍ତ୍ତନ କରିବା ସଙ୍ଗତ

ନୁହେଁ । ସାଧନ-ପ୍ରଣାଳୀରେ ପରିବର୍ତ୍ତନ କରିବା ରୁଚି ଥରେ ମନକୁ ଆସିଲେ ଓ ସେ ରୁଚି ଥରେ ମାତ୍ର ପ୍ରଶୟ ପାଇଲେ, ସାଧକ ଆସ୍ତେ ଆସ୍ତେ ନିଜ ପଥରୁ ସ୍ଖଳିତ ହୋଇ କିପରି ଭୁଆଁ ବୁଲେ ତାହା କଳ୍ପନା କରିବା ମଧ୍ୟ କଷ୍ଟକର । ସାଧନ-ଭଜନ ଦାର୍ଶନିକ ଚିନ୍ତାପରି କ୍ରମବିସ୍ତାରଶୀଳ ନୁହେଁ । ସାଧନ ଭଜନରେ ଏକନିଷ୍ଠାର ମୂଲ୍ୟ ସର୍ବାପେକ୍ଷା ଅଧିକ । ସାଧନ-ଭଜନ କରୁ କରୁ ଗୋଟିଏ ପ୍ରକାରର ଦାର୍ଶନିକ ମତବାଦ ସାଧକର ବିଭିନ୍ନ ଉପଲବ୍ଧି ମଧ୍ୟ ଦେଇ ଆପେ ଆପେ ସୃଷ୍ଟ, ପୁଷ୍ଟ ଓ ବିସ୍ତାରିତ ହେବାକୁ ଲାଗେ ଏକଥା ସତ୍ୟ । ତା ସତ୍ତ୍ୱେ ବି ସାଧକର ପରିପୂର୍ଣ୍ଣ ନିଷ୍ଠା ତାର ସାଧନ କର୍ମରେ ହିଁ ଲାଗି ରହିଥାଏ । ଦାର୍ଶନିକ ଚିନ୍ତାଶୀଳ ବ୍ୟକ୍ତି ଯୁକ୍ତି ଓ ଉପଲବ୍ଧିର ଅଗ୍ରଗତି ପଥରେ ଅଗ୍ରସର ହେଉ ହେଉ ବେଳେ ବେଳେ ଏପରି ଏକ ଦୁରଧିଗମ୍ୟ ସ୍ଥାନରେ ଯାଇ ପହଞ୍ଚେ, ଯେଉଁ ସ୍ଥାନରୁ ସେ ତାର ପୂର୍ବତନ ସ୍ଥିତି ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ଦୁଃସାଧ୍ୟ ବା ଅସାଧ୍ୟ ହୁଏ । ତେଣୁ ଦାର୍ଶନିକ ଚିନ୍ତାଶୀଳ ବ୍ୟକ୍ତି ପକ୍ଷରେ ଯେଉଁ ନିରଙ୍କୁଶ ସ୍ୱାଧୀନତା କ୍ଷତିକାରକ ନୁହେଁ, ସେ ନିରଙ୍କୁଶ ସ୍ୱାଧୀନତା ସାଧନ-ଭଜନକାରୀ ପକ୍ଷରେ ବିହିତ ହୋଇ ନାହିଁ । ସାଧକ ପକ୍ଷରେ ଏକନିଷ୍ଠା ଏକାନ୍ତ ଅପରିହାର୍ଯ୍ୟ ।

ଉତ୍ତରାଞ୍ଚଳ ଆଚାର୍ଯ୍ୟଙ୍କ ପାଖରୁ ସାଧନ-ଭଜନର କିଛି ପ୍ରକରଣ ଗ୍ରହଣ କରି, ଦକ୍ଷିଣାଞ୍ଚଳ ଆଚାର୍ଯ୍ୟଙ୍କ ପାଖରୁ ଆଉ ଟିକିଏ ନେଲ, ତା ପରେ ସାଧନ ରୀତିକୁ ଆଉ ଟିକିଏ ବ୍ୟାପକ ଆକାର ଦେବାକୁ ଯାଇ ପଶ୍ଚିମାଞ୍ଚଳ ଆଚାର୍ଯ୍ୟଙ୍କର କେତୋଟି ପ୍ରକରଣ ତା ସହିତ ସାମିଲ କଲ ଏବଂ ସର୍ବଶେଷରେ ପୂର୍ବାଞ୍ଚଳ ଆଚାର୍ଯ୍ୟଙ୍କର ବିଶେଷ ପ୍ରକ୍ରିୟା ତା ସହିତ ଯୋଗ କରି ଦେଇ ନିଜର ସାଧନ ଭଜନ ରୀତିକୁ ଏକ ବିଶ୍ୱଜନୀନ ସଂସ୍କରଣରେ ପରିଣତ କରି ନେଲ, - ଏହା ଉଦାର ଚିନ୍ତା ଦିଗରୁ ବେଶ ଏକ ମନୋରମ ବସ୍ତୁ ହୋଇପାରେ, କିନ୍ତୁ ସାଧନ-

ସାଫଲ୍ୟ ଦିଗରୁ ଏହା ଅତୀବ ମାରାତ୍ମକ ବିପଦ । କୌଣସି ସାଧକ ପକ୍ଷରେ ଏପରି ବିପଦକୁ ଖୋଜିଖୋଜି ବରଣ କରିବା ଉଚିତ୍ ନୁହେଁ ।

ତୁମର ଯଦି ବାୟୁରୋଗ ଅଛି ଓ ଭ୍ରୂମଧ୍ୟରେ ଗୁରୁମୂର୍ତ୍ତି ଧ୍ୟାନ କଲେ ମସ୍ତିଷ୍କରେ ଉଦ୍‌ବେଗ ବର୍ଦ୍ଧିତ ହେଉଅଛି, ତାହାହେଲେ ଯୋଗଶାସ୍ତ୍ରସମ୍ମତ ଏହି ସିଦ୍ଧାନ୍ତ ତୁମେ ଗ୍ରହଣ କରିବା ଉଚିତ୍ ଯେ ଯେଉଁ ହୃଦୟରେ ତୁମର ସୁଖ-ଦୁଃଖ ପ୍ରଭୃତିର ଅନୁଭୂତି କେତେବେଳେ ତୀବ୍ର ଭାବରେ ଓ କେତେବେଳେ ମନ୍ଦ ଭାବରେ ଜାଗ୍ରତ ହେଉଛି, ସେହି ହୃଦୟରେ ସର୍ବଦା ଶ୍ରୀଗୁରୁ-ଧ୍ୟାନ କରିବା । ନିଦ୍ରାଳୁତା ହେତୁ ଯେଉଁମାନଙ୍କର ରାତ୍ରିର ସାଧନ ଦୁର୍ବଳ ଏବଂ ପ୍ରାତଃକାଳରେ ମସ୍ତିଷ୍କ ଅବସାଦଗ୍ରସ୍ତ, ସେମାନଙ୍କ ପକ୍ଷରେ ଶୟନ କାଳରେ ନାଭିମୂଳରେ ଶ୍ରୀଗୁରୁଧ୍ୟାନ ଜମାଇବା ଯୋଗଶାସ୍ତ୍ରସମ୍ମତ ବିଧାନ । ଅନେକଙ୍କର ଏପରି ହୁଏ ଯେ କାମେନ୍ଦ୍ରିୟର ଚାଞ୍ଚଲ୍ୟ ଯୋଗୁଁ ସେମାନେ କୌଣସି ମତେ ସାଧନରେ ମନ ଲଗାଇ ପାରନ୍ତି ନାହିଁ । ଯେତେଥର ମନକୁ ଭ୍ରୂମଧ୍ୟରେ , ହୃଦପଦ୍ମରେ ବା ନାଭିମୂଳରେ ସେମାନେ ବସାଇବାକୁ ଚେଷ୍ଟା କରନ୍ତି, ସେତେଥର ସେମାନଙ୍କର ମନ ନାନା ଅବାନ୍ତର ଯୌନବିଷୟକ ଚିନ୍ତା କରି କେବଳ ଅଧୋଗାମୀ ହିଁ ହୁଏ । ଏପରି ଅବସ୍ଥାରେ ଗୁହ୍ୟମୂଳ, ଉପସ୍ଥମୂଳ ଓ ନାଭୀମୂଳ, ଏହି ତିନିଗୋଟି ଧ୍ୟାନ କ୍ଷେତ୍ରରେ ବ୍ୟାପକ ଭାବରେ ଶ୍ରୀଗୁରୁଙ୍କ ଧ୍ୟାନ ଯୋଗୀମାନଙ୍କର ଉପଲବ୍ଧି ସମ୍ମତ ବ୍ୟବସ୍ଥା । ସାଧକମାନଙ୍କର ବ୍ୟବହାର-ସିଦ୍ଧ ଉପଦେଶ ମୁଁ ଦେଉଅଛି । ତୁମର ଶ୍ରୀ ଗୁରୁଦେବଙ୍କର ଅନୁମୋଦନ ପାଇବା ପରେ ମୋ ଉପଦେଶରୁ ଯେତିକି ପ୍ରୟୋଜନ ତାହା ପାଳନ କରିବ ।

ଶୁଣି ଆନନ୍ଦିତ ହେଲି ଯେ, ମୋର ଦୀକ୍ଷିତ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ତୁମ ଗୃହକୁ ବେଳେ ବେଳେ ଯାଆନ୍ତି ଏବଂ ତୁମକୁ ଓ ଅନ୍ୟମାନଙ୍କୁ

ମୋର ଉପଦେଶବାଣୀ ଶୁଣାନ୍ତି । ସେମାନେ ମୋ ବାଣୀରୁ ଯଦି ମଧୁର ଆସ୍ୱାଦ ପାଇଥାନ୍ତି, ତାହା ହେଲେ ସମସ୍ତଙ୍କୁ ତାହା ପରିବେଷଣ କରିବା ସେମାନଙ୍କ ପକ୍ଷରେ ଖୁବ୍ ସଙ୍ଗତ କାର୍ଯ୍ୟ । କିନ୍ତୁ ତୁମେ ଓ ତୁମର ପ୍ରତିବେଶୀମାନେ - ଯେଉଁମାନେ ମୋର ଦୀକ୍ଷିତ ନୁହଁ ବା କେବେ ମୋ ଠାରୁ ଦୀକ୍ଷା ନେବ ନାହିଁ, ସେମାନେ ସମସ୍ତେ ନିଜ ନିଜ ବର୍ତ୍ତମାନ ଓ ଭାବୀ ଗୁରୁଦେବମାନଙ୍କ ମୂଳ ନିର୍ଦ୍ଦେଶ ସହିତ ସାମଞ୍ଜସ୍ୟ ରଖି ମୋ କଥା ଯେତିକି ଗ୍ରହଣ କରିପାରିବ, କରିବ । ସମସ୍ତ ବିଶ୍ୱର କଲ୍ୟାଣ ପ୍ରତି ଦୃଷ୍ଟି ଦେଇ ମୁଁ ମୋ ଜୀବନର ପ୍ରତ୍ୟେକ ନିଶ୍ୱାସ ଓ ପ୍ରଶ୍ୱାସ ଗ୍ରହଣ ଓ ପରିତ୍ୟାଗ କରୁଅଛି । ଏବଂ ମୋର ସବୁ ବାଣୀ ବିଶ୍ୱବାସୀଙ୍କ ଲାଗି ଉଦ୍ଦିଷ୍ଟ । ତା ବୋଲି ସମସ୍ତେ ମୋରି ଅନୁବର୍ତ୍ତୀ ହୁଅନ୍ତୁ, ତାହା ମୋର କାମନା ନୁହେଁ । ଯେ ଯାହାର ଅନୁବର୍ତ୍ତୀ ହେଲେ ନିଜର ପ୍ରକୃଷ୍ଟତମ କଲ୍ୟାଣଲାଭ କରିପାରିବ, ସେ ତାଙ୍କରି ଅନୁବର୍ତ୍ତୀ ହୁଅନ୍ତୁ, ଏହା ହିଁ ମୋର କାମନା । ମୋର ବାଣୀ ଜଗତର ସବୁ ଅନୁବର୍ତ୍ତୀଙ୍କ ପାଇଁ ଉଦ୍ଦିଷ୍ଟ, ଖାଲି ମୋରି ଅନୁବର୍ତ୍ତୀମାନଙ୍କ ଲାଗି ନୁହେଁ । ନିଜ ନିଜ ଗୁରୁଦେବଙ୍କ ନିର୍ଦ୍ଦେଶ ସହିତ ମୋ କଥାରୁ ଯେତିକି ଅବିରୋଧୀ ଭାବରେ ଗ୍ରହଣ କରି ପାରିବ, ସେତିକି ମାତ୍ର ନେବ ।

(ଜ୍ୟୈଷ୍ଠ ୩, ୧୩୬୫)

(୮)

ମୋତେ ଗୁରୁ ରୂପରେ ପାଇ ତୁମେ ନିଜକୁ ଧନ୍ୟ ମନେ କରୁଅଛ । ମୁଁ ମଧ୍ୟ ମୋର ଏହି ବିକଳାଙ୍ଗୀ କନ୍ୟାକୁ ଶିଷ୍ୟରୂପେ ପାଇ ଗୌରବବୋଧ କରୁଅଛି । ବଳବାନ, ରୂପବାନ, ଜ୍ଞାନବାନ, ବିଦ୍ୱାନ, ଅର୍ଥବାନ, ପ୍ରଭାବଶାଳୀ ଲୋକମାନେ ଅନ୍ୟତ୍ର ଗୁରୁ ଖୋଜି ନିଅନ୍ତୁ, ମୁଁ ତ ଦୁର୍ବଳ, କୁରୂପ ଅଜ୍ଞାନ,

ମୂକ, ଦରିଦ୍ର ଓ ଅବଜ୍ଞାତମାନଙ୍କୁ ହିଁ ଚାହେଁ । ଅନ୍ୟାନ୍ୟ ଆଚାର୍ଯ୍ୟଙ୍କ ପକ୍ଷରେ ଯେଉଁମାନେ ଲୋଭର ସାମଗ୍ରୀ ନୁହଁନ୍ତି, ବରଂ ମୁଣ୍ଡର ବୋଝ ଓ ଜୀବନ୍ତ ଆପଦ, ସେହିମାନଙ୍କ ଆଡ଼କୁ ମୁଁ ମୋର ଲୁବ୍ଧ ଦୃଷ୍ଟି ପ୍ରସାରିତ କରି ରଖିଛି । ତୁମେ ଯେଉଁମାନେ ନିଜ ନିଜ ଭିତରର ବ୍ରହ୍ମକୁ ଜାଣ ନାହିଁ ବୋଲି ନିୟତ କୁଣ୍ଠାରେ କାଳାତିପାତ କରୁଛ, ସେହିମାନଙ୍କୁ ତ ମୁଁ ମୁକ୍ତିର ପଥ ଦେଖାଇ ଦେବାକୁ ଚାହେଁ । ଜ୍ଞାନୀ, ବିଦ୍ୱାନ, ବିଭବଶାଳୀ, ରୂପୈଶ୍ୱର୍ଯ୍ୟସମ୍ପନ୍ନ ଭାଗ୍ୟବାନମାନଙ୍କୁ ମୁଁ ଈର୍ଷା କରେ ନାହିଁ, ବିଦ୍ୱେଷ ବି କରେ ନାହିଁ, କିନ୍ତୁ ଯେଉଁମାନେ ଏହି ସବୁ ଲୋଭନୀୟ ସମ୍ପଦରୁ ବଂଚିତ ସେହିମାନଙ୍କର ପୂଜାର୍ଚ୍ଚନା ପାଇଁ ତ ମୁଁ ଯୁଗଯୁଗାନ୍ତର ହେଲା କରଯୁଗଳରେ ପୁଷ୍ପାଞ୍ଜଳୀ ଧରି ଅପେକ୍ଷା କରି ବସିଛି । ଗୁରୁ ହୋଇ ମୁଁ ଯଦି ତୁମର ଧ୍ୟାନର ଦେବତା ହୋଇଥାଏ, ତେବେ ଜାଣିରଖ, ଶିଷ୍ୟ ହେବାର ଅନେକ ଆଗରୁ ତୁମ୍ଭେମାନେ ମୋର ଧ୍ୟାନର ଦେବତା ହୋଇଅଛ ।

ମନିଷୀମାନେ ନାନା ଭାବରେ ଜନସେବା କରିବାର ପଥ ଆବିଷ୍କାର କରିଛନ୍ତି । କିଏ ଅନ୍ନଦାନ କରି, କିଏ ବସ୍ତ୍ର ଦାନ କରି, କିଏ ଶିକ୍ଷାଦାନ କରି, କିଏ ବା ଚିକିତ୍ସାବିଦ୍ୟା ସାହାଯ୍ୟରେ ଜନସେବା କରି ଯାଇଛନ୍ତି । କେହି କେହି ହୁଏତ ଅକଳନ୍ତି ଆଶୀର୍ବାଦ ବିତରଣ କରି ଜନସେବା କରିଛନ୍ତି । ଯାହାଙ୍କର ସେବା କରାଯାଇଛି, କେହି କେହି ଧୀମାନ ପ୍ରେମିକ ସେମାନଙ୍କୁ ନରନାରାୟଣ ଆଖ୍ୟା ଦେଇଛନ୍ତି ଏବଂ ବିପନ୍ନ ନିରନ୍ନ, ଆର୍ତ୍ତଙ୍କ ମଧ୍ୟରେ ପରମ ଉପାସ୍ୟ ପରଂବ୍ରହ୍ମଙ୍କୁ ଦେଖିବାକୁ ପ୍ରୟାସ କରିଛନ୍ତି । ସମସ୍ତଙ୍କର ସର୍ବବିଧ ସେବା ମୁଁ ଶ୍ରଦ୍ଧିତ ଦୃଷ୍ଟିରେ ଦେଖି ଆସିଛି, ବିଭିନ୍ନ ପ୍ରକାରର ସେବକ ଦଳଙ୍କୁ ମୁଁ ମନେ ମନେ ପ୍ରଣତି ଜଣାଇ ଆସିଛି କିନ୍ତୁ ଦୀକ୍ଷା ଦେଇ ଯେ ନରନାରାୟଣଙ୍କ ସେବା କରାଯାଇ ପାରେ ସେ କଥା ମୁଁ ଜାଣି ନଥିଲି କି ମାନୁ ନଥିଲି ।

ଏକଦା ଜୀବନ ନାଟକରେ ଏକ ଅପୂର୍ବ ପଟପରିବର୍ତ୍ତନ ହେବାକୁ ଆରମ୍ଭ କଲା । ଆଜି ଯେଉଁ ଅବସ୍ଥାରେ ରହିଅଛି, କାଲି ଦେହ ମନ ସେହି ଅବସ୍ଥାକୁ ଅତିକ୍ରମ କରିଯିବାକୁ ଲାଗିଲା । ଗହନବନ, ପାର୍ବତ୍ୟ ଉପତ୍ୟକା, ନୀରବପଲ୍ଲୀ, ଦୁସ୍ତର ସାଗରତୀର ଗୋଟିକ ପରେ ଗୋଟିଏ ସେ ଦୃଶ୍ୟସଜ୍ଜାରେ ଝଲମଲ ହୋଇ ଉଠିବାକୁ ଲାଗିଲା । କେତେ ନରନାରୀ ଓ ବାଳକ ବୃଦ୍ଧ, କେତେ କପଟୀ ଓ ସତ୍ୟସନ୍ଧ, କେତେ ମହାସତୀ ଓ ଗଣିକା କେତେ ଦସ୍ୟୁ ଲମ୍ପଟ ଓ ଦାତାକର୍ଣ୍ଣ ଯେ ସେ ରଙ୍ଗମଞ୍ଚରେ ଭିଡ଼ ଲଗାଇ ବସିଲେ ତାର ଇୟତା ନାହିଁ । ସମୟୋଚିତ ଅଭିନୟ କରିବାକୁ ଯାଇ ହଠାତ୍ ଆବିଷ୍କାର କରି ବସିଲି ଯେ ଦୀକ୍ଷାମନ୍ତ୍ର ଦ୍ୱାରା ଗଣିକାର ପାତିତ୍ୟନାଶ କରିହୁଏ, ମାତାଲର ମାତାଲି ଛଡ଼ାଇ ହୁଏ, ଚୋର ତସ୍କରଙ୍କୁ ସାଧୁ କରି ହୁଏ, ପରସ୍ୱାପହାରୀକୁ ଦାତା ବନାଇ ହୁଏ, ଚିର ମିଥ୍ୟାବାଦୀକୁ ସତ୍ୟଶୀଳ କରି ହୁଏ, ଦୁର୍ବଳ ଠାରେ ବଳଦାନ ସମ୍ଭବପର ହୁଏ, ଓ ନିରାଶକୁ ହତାଶ ପଙ୍କରୁ ହାତଧରି ସହଜରେ ଉଠାଇ ଦେଇ ହୁଏ । ଗୋଟିକ ପରେ ଗୋଟିଏ ଅଭାବନୀୟ ଘଟଣା ବିଦ୍ୟୁତ ବେଗରେ ଘଟିଗଲା । ମୁଁ ବିଶ୍ୱାସ କରିବାକୁ ବାଧ୍ୟ ହେଲି ଯେ ଏକ ରାଜନୈତିକ ବିପ୍ଳବ ଯେଉଁ ପରିମାଣ ପରିବର୍ତ୍ତନ ଗୋଟିଏ ଦେଶରେ ଆନୟନ କରିବାକୁ ସମର୍ଥ, ଗୋଟିଏ ଦୀକ୍ଷା-ମନ୍ତ୍ରର କ୍ଷମତା ତା ଅପେକ୍ଷା କୌଣସି ଗୁଣରେ ନ୍ୟୁନ ନୁହେଁ ।

ତଦବଧି ମୁଁ ସେବା ବୁଦ୍ଧିରେ ହିଁ ଲୋକଙ୍କୁ ଦୀକ୍ଷା ଦେଇ ଆସିଛି । ଗୋଷ୍ଠୀ-ପୁଷ୍ଟି ପାଇଁ ନୁହେଁ, ଦଳ ବଢ଼ାଇବା ପାଇଁ ନୁହେଁ, ଅର୍ଥ ସଞ୍ଚୟ ଲାଗି ନୁହେଁ, ଏକମାତ୍ର ଦୀକ୍ଷାପ୍ରାର୍ଥୀର ନିଃଶ୍ରେୟସ କଲ୍ୟାଣ ଲାଗି ଏହି ଦୀକ୍ଷା ମୁଁ ଦେଇ ଆସିଛି । ମୋର ଧ୍ୟାନର ବିଗ୍ରହମାନଙ୍କୁ ହିଁ କେବଳ ଦୀକ୍ଷା ଦେଇ ଆସିଛି । ତେଣୁ ଜ୍ଞାନୀ, ଗୁଣୀ, ପଣ୍ଡିତ ଓ ଧନବାନଙ୍କ ପ୍ରତି ମୋର କ୍ଷୀଣତମ ଦୃଷ୍ଟି ମଧ୍ୟ

ଆକୃଷ୍ଟ ହୋଇନାହିଁ । ସେହି କାରଣରୁ ଦୀକ୍ଷା ଦେଲାବେଳେ ତୁମ୍ଭମାନଙ୍କ ଭିତରୁ ପ୍ରତ୍ୟେକଙ୍କୁ ଏ କଥାଟି କହିବାକୁ ମୁଁ କଦାପି ଭୁଲେ ନାହିଁ ଯେ ନିଜର ଦଳବୃଦ୍ଧି ଲାଗି କେହି ଚେଷ୍ଟା କରିବ ନାହିଁ । ପ୍ରତ୍ୟେକ ସାଧନ କରି ବଳୀୟାନ ହୁଅ । ତୁମ୍ଭେ ଯେଉଁମାନେ ସମାଜର ଅବହେଳିତ ଅବଜ୍ଞାତ ଦଳ, ଦୀକ୍ଷା ପାଇବାର ବହୁ ଯୁଗ ଆଗରୁ ତୁମ୍ଭେମାନେ ମୋର ଧ୍ୟାନର ଦେବତା ସ୍ୱରୂପ ହୋଇ ଆସିଛ ବୋଲି ତ ସ୍ୱେଚ୍ଛାରେ ଆସି ତୁମ୍ଭମାନଙ୍କୁ ଦୀକ୍ଷା ଦେବାବେଳେ ମୁଁ ସେହି ଆଧ୍ୟାତ୍ମିକ ଉଲ୍ଲାସକୁ ହିଁ ଆସ୍ୱାଦନ କରିଛି, ଯାହା ଭିତରେ ଅଛି ଇଷ୍ଟ-ଦର୍ଶନର ଆମେଜ, ଯାହା ଭିତରେ ନାହିଁ ତିଳାର୍ଦ୍ଧ ପରିମିତ ପାର୍ଥିବ ସୁଖର ଲୋଭ ।

(ଜ୍ୟେଷ୍ଠ ୩, ୧୩୬୧)

(୯)

ଦୀକ୍ଷା ଦେଲା ଦିନ ତୁମକୁ କହିଥିଲି ଯେ ମନରେ ଯେତେଯେଉଁ ସଂଶୟ ଜନ୍ମିବ ତାକୁ ଅନ୍ତରରେ ପୋଷଣ କରି ରଖି ବାଉଁଶରେ ଘୂଣ ଲାଗିଲା ପରି ହୃଦୟକୁ କ୍ଷତ ବିକ୍ଷତ କରିବ ନାହିଁ । ଖଣ୍ଡେ କାର୍ଡ଼ରେ ସବୁ ସନ୍ଦେହ ଲେଖି ଡାକଘରେ ପକାଇ ଦେବ । ଲିଖିତ ଭାବରେ ତାର ଜବାବ ମୋତେ ଦେବାକୁ ହେବ ନାହିଁ । ଚିଠି ଖଣ୍ଡକ ଡାକଘରେ ପକାଇବା ସଙ୍ଗେ ସଙ୍ଗେ ତୁମର ଅନ୍ତରାତ୍ମାରୂପୀ ଗୁରୁ ଆପେ ଆପେ ସବୁ ପ୍ରଶ୍ନର ବିହିତ ଉତ୍ତର ଦେଇ ତୁମ ସମସ୍ୟାର ସୁସମାଧାନ କରି ଦେବେ । ଏହାର ଦଶ କୋଡ଼ିଏଟା ପ୍ରମାଣ ତ ତୁମେ ହାତେ ହାତେ ପାଇଛ ।

ଗୁରୁ ତୁମ ଅନ୍ତରରେ ବାସ କରନ୍ତି । ତୁମର ଏକାଗ୍ର ସାଧନ ସହାୟତାର୍ଥେ ମୁଁ ସ୍ୱୀକାର କରୁଅଛି ଯେ ତୁମର ସେହି ଗୁରୁ ଓ ମୁଁ ଏକ ଓ ଅଭିନ୍ନ । ବାହାର

ଗୁରୁଙ୍କୁ ଯେତିକି ଦେଖିପାର, ଗୁରୁଦେବ କେବଳ ସେତିକି ମାତ୍ର ନୁହନ୍ତି । ସେ ତୁମରି ଭିତରେ ବିସ୍ତାରିତ ଓ ତୁମରି ମଧ୍ୟରେ ଅବସ୍ଥିତ । ସେ ତୁମ ଭିତରେ ଶୋଇ ରହିଛନ୍ତି ବୋଲି ତୁମେ ଶିଷ୍ୟ ନାମ ଧାରଣ କରିଛ ଓ ମୋ ଭିତରେ ଜାଗ୍ରତ ରହିଛନ୍ତି ବୋଲି ମୁଁ ଗୁରୁ ଆଖ୍ୟା ପାଇଛି । ତୁମେ ଓ ମୁଁ ସ୍ୱରୂପତଃ ଏକ ଓ ଅଭିନ୍ନ । ତୁମ ମୋ ଭିତରେ ପ୍ରେମ ଉପୁଜିବାର ପ୍ରକୃତମାନେ ହେଉଛି ସବୁ ଶକ୍ତି ଦେଇ ମନପ୍ରାଣ ଲଗାଇ ନିଜକୁ ନିଜେ ଭଲ ପାଇବା । ତୁମ ମୋ ଭିତରେ ପ୍ରେମ ଜମାଇବା ହେଉଛି ଆମର ପ୍ରକୃତ ଗୁରୁ ଶିଷ୍ୟ ସଂଳାପ ତୁମେ ମୋରି ପାଇଁ ଓ ମୁଁ ତୁମରି ପାଇଁ ତୁମଛଡ଼ା ମୁଁ ନାହିଁ କି ମୋତେ ଛାଡ଼ି ତୁମେ ନାହଁ । ତୁମେ ଓ ମୁଁ ମିଶି କୋଟି ବ୍ରହ୍ମାଣ୍ଡ ଠାରୁ ଅଧିକ ବିସ୍ତାରିତ ସର୍ବସତ୍ତ୍ୱ ଓ ସର୍ବସତ୍ୟର ଏକ ଅଭେଦ ସତ୍ତାରେ ପରିଣତ । ଏହା ହିଁ ତୁମର ମୋର ସମ୍ବନ୍ଧ ।

ମୁହଁରେ କହିଲେ ଏହି ସତ୍ୟକୁ ଉପଲବ୍ଧି କରି ହୁଏ ନାହିଁ । ଉପଲବ୍ଧି କରିବାକୁ ହେଲେ ସାଧନ କରିବାକୁ ହୁଏ । ତୁମ୍ଭେମାନେ ସର୍ବପ୍ରଯତ୍ନ ହୋଇ ସାଧନରେ ଲାଗିଯାଅ । ସାଧନ କରି ସତ୍ୟକୁ ଜାଣ, ସାଧନ କରି ସତ୍ୟରେ ପ୍ରତିଷ୍ଠିତ ହୁଅ ।

(୧୦)

ଏତେ ହା' ହୁତାଶ କାହିଁକି କରୁଛ ? "ଗୁରୁଦେବ, ମୋତେ ପଥ ଦେଖାଇଦିଅ, ପଥ ଦେଖାଇଦିଅ" ବୋଲି ଖାଲି ଅଶ୍ରୁପାତ କରୁଛ । କିନ୍ତୁ ଦୀକ୍ଷାଦାନ ବେଳେ ଗୁରୁ ତୁମକୁ ଯେଉଁ ପଥ ନିର୍ଦ୍ଦେଶ କରି ଦେଇଥିଲେ ସେହି ପଥରେ କେତେଦୂର ଅଗ୍ରସର ହୋଇଛ, କାହିଁ ସେ କଥା ତ କିଛି ଲେଖି ନାହଁ ? ଗୁରୁଦେବ ବାଟ ଦେଖାଇ ଦେଲେ, କିନ୍ତୁ ସେ ବାଟରେ ନ ଯାଇ ଖାଲି

‘‘ବାଟ କାହିଁ ବାଟ କାହିଁ’’ ବୋଲି ହାହାକାର କରି କାନ୍ଦିଲେ ସେଥିରେ କି ଲାଭ ହେବ ? ଦୀକ୍ଷା ତ ନେଇଛ, ଏଣିକି ସାଧନ କର । ସାଧନ କରି କରି କ୍ରମଶଃ ଅଗ୍ରସର ହୋଇଯାଅ । ଦୀକ୍ଷା ନେଇ ତା ପରେ ସାଧନ ନ କରିବା ତ ଏକ ମସ୍ତବଡ଼ ବୋକାମି । ବାଟ ମଝିରେ ଛିଡ଼ା ହୋଇ ଖାଲି କାନ୍ଦିବାକୁ ଲାଗିଲେ ବାଟ ତ ଆଉ ଶେଷ ହୋଇଯିବ ନାହିଁ । ବାଟ ଚାଲିବାକୁ ହିଁ ହେବ । ଦୀକ୍ଷା ନେବାଟାକୁ ଗୋଟିଏ ଲୋକାଚାର ମାତ୍ର ନ ଭାବି ଜୀବନ ପଥର ଏକ ଅନିର୍ବଚନୀୟ ଗତିପରିବର୍ତ୍ତନ ରୂପେ ଗ୍ରହଣ କରିବାକୁ ହୁଏ । ଯେଉଁ ନାମରେ ଦୀକ୍ଷା ନେଇଛ, ଅବିଚଳ ନିଷ୍ଠା ସହକାରେ ଯଦି ସେହି ନାମ ଜପି ଯାଅ, ତେବେ ଅଳ୍ପ ଦିନ ପରେ ବୁଝି ପାରିବ ଯେ ଦୟାଳୁ ଗୁରୁ ତୁମ ହାତ ଧରି ତୁମକୁ ଟାଣି ନେଇ ଯାଉଛନ୍ତି । ବସି ବସି ଖାଲି କାନ୍ଦ ନାହିଁ । ସେଥିରେ କୌଣସି ଶୁଭଫଳ ମିଳିବ ନାହିଁ । ନାମ କର ନାମ ସଙ୍ଗେ ସଙ୍ଗେ କାନ୍ଦ, ବାଟ ଚାଲ ଓ ଚାଲିବା ସଙ୍ଗେ ସଙ୍ଗେ କାନ୍ଦ, ଅବିରାମ ଭଗବାନଙ୍କୁ ସ୍ମରଣ କର ଓ ସ୍ମରଣ କରିବା ସଙ୍ଗେ ସଙ୍ଗେ କାନ୍ଦ । ସେ କାନ୍ଦର ମୂଲ୍ୟ ବେଶି, ଫଳ ବି ବହୁତ । ମନେ ରଖିଥିବ ଯେ, ହିଷ୍ଟ୍ରିଆ ରୋଗରେ ଭୋଗିବା ଓ ଭକ୍ତିଲାଭ କରିବା ଏକ କଥା ନୁହେଁ । ହିଷ୍ଟ୍ରିଆର ଉଚ୍ଛ୍ୱାସ ହେଉଛି ଦୁର୍ବଳତାର ଫଳ, ଭକ୍ତିର ଉଚ୍ଛ୍ୱାସ ବଳବତ୍ତାର ଫଳ । ଦୁର୍ବଳର ଭକ୍ତି ଆସେ ନାହିଁ । ଭୟ ହତାଶାକୁ ଦୁର୍ବଳ ଲୋକମାନେ ଭକ୍ତି ବୋଲି ଭ୍ରମ କରି ବସନ୍ତି । ଏହି କାରଣରୁ ଆଗେ ନିଷ୍ଠା ବଳରେ ଶକ୍ତି ଅର୍ଜନ କରିବାକୁ ହୁଏ, ତେବେ ଯାଇ ଭକ୍ତି ଆସେ । ଗୁରୁଦତ୍ତ ସାଧନରେ ନିଷ୍ଠା ରଖ, ଅନ୍ୟାନ୍ୟ ଶତ ଶତ ମତ ଓ ପଥ କଥା ଭୁଲି ଯାଅ । ନିଷ୍ଠା ବଳରେ ପ୍ରକୃତ ଶକ୍ତିର ଅଧିକାରିଣୀ ହୁଅ ତାହାହେଲେ ଦେଖିବ, ହା ହୁତାଶ ବନ୍ଦ ହୋଇଯିବ, ବିମଳ ପ୍ରେମର ଆଲୋକରେ ଜୀବନ ଉଦ୍ଭାସିତ ହୋଇ ଉଠିବ ଓ ପ୍ରେମ-ସୁଧାରେ ଜୀବନର ପାତ୍ର ଉଚ୍ଛୁଳି ଉଠିବ ।

ଆଉ ଗୋଟିଏ କଥା । ତୁମେ ବୋଧହୁଏ ଜାଣି ନାହଁ, ତୁମ ଗୁରୁଦେବଙ୍କର ଗୁରୁ କିଏ ଏବଂ ସେତକ ଜାଣି ନାହଁ ବୋଲି ତୁମେ ବଡ଼ ଉଦ୍‌ବିଗ୍ନ ହୋଇ ପଡ଼ିଛ । ଗରୁଦେବଙ୍କର ଗୁରୁଙ୍କ ନାମ ଅବଶ୍ୟ ତୁମକୁ ଜାଣିବାକୁ ହେବ, ନ ହେଲେ ହାତର ଜପାମାଳି ଆଉ ଗଡ଼ିବ ନାହିଁ । ମନେ କର କେହି ଆସି ତୁମକୁ କହିଦେଲା ଯେ ତୁମ ଗୁରୁଦେବଙ୍କର ଗୁରୁ ଅମୁକ ସାଧକ । ତାପରେ କଣ ପୁଣି ପ୍ରଶ୍ନ ଉଠିବ ନାହିଁ ଯେ ତାଙ୍କର ଗୁରୁ କିଏ ? ତା ପରେ ହୁଏତ କେହି ଆସି ତାଙ୍କ ନାଁ ଟି ବି ତୁମକୁ କହିଦେଲା । ତାପରେ କ'ଣ ପୁଣି ସେହି ପ୍ରଶ୍ନ ଉଠିବ ନାହିଁ ଯେ ତାଙ୍କର ଗୁରୁ କିଏ ? ଏହିପରି ଭାବରେ ଗୁରୁଙ୍କ ଗୁରୁ, ତସ୍ୟ ଗୁରୁ, ତସ୍ୟାପି ଗୁରୁ ଖୋଜି ବସିଲେ ଶେଷରେ ଆଦିଗୁରୁଙ୍କର ପରିଚୟ କିପରି ମିଳିବ ? ରାମଙ୍କର ଗୁରୁ ସନ୍ଦିପନୀମୁନି, ଫେର ତାଙ୍କର ଗୁରୁ କିଏ ? ବୁଦ୍ଧଙ୍କର ଗୁରୁ ଆଡ଼ାରକାଲାମ, ତାଙ୍କର ଗୁରୁ ଫେର କିଏ ? ଚୈତନ୍ୟଙ୍କ ଗୁରୁ କେଶବ ଭାରତୀ, ତାଙ୍କର ଗୁରୁ ପୁଣି କିଏ ? ଅଙ୍ଗଦଙ୍କର ଗୁରୁ ନାନକ, ବିଜୟକୃଷ୍ଣ ଗୋସ୍ୱାମୀଙ୍କର ଗୁରୁ ବ୍ରହ୍ମାନନ୍ଦ ପରମହଂସ, ଲୋକନାଥ ବ୍ରହ୍ମଚାରୀଙ୍କର ଗୁରୁ ଭଗବାନ ଗାଙ୍ଗୁଲୀ, କିନ୍ତୁ ସେହି ଗୁରୁମାନଙ୍କର ଗୁରୁ ଫେରକିଏ ବା କେଉଁମାନେ ? ସେଣ୍ଟଜନଙ୍କର ଗୁରୁ ଯୀଶୁଖ୍ରୀଷ୍ଟ, ତାଙ୍କର ଗୁରୁ ଫେର କିଏ ? ଆଲି ଆବୁବକର, ଓମରଙ୍କର ଗୁରୁ ମହମ୍ମଦ, ତାଙ୍କର ଗୁରୁ ପୁଣି କିଏ ? ରାମକୃଷ୍ଣଙ୍କ ଗୁରୁ ତୋତାପୁରୀ, ତାଙ୍କ ଗୁରୁ ଫେର କିଏ ? ଏମାନଙ୍କ ଭିତରୁ ବୁଦ୍ଧ ଆଡାରକାଲାମକୁ, ଚୈତନ୍ୟ କେଶବ ଭାରତୀଙ୍କୁ ବା ରାମକୃଷ୍ଣ ତୋତାପୁରୀଙ୍କୁ ପୁରାପୁରୀ ଅନୁସରଣ କରି ନାହାନ୍ତି । ଏପରି ଅବସ୍ଥାରେ ଗୁରୁଙ୍କ ଗୁରୁଙ୍କୁ ଜାଣିଲେ ଲାଭ କଣ, ନ ଜାଣିଲେ ବା କ୍ଷତି କ'ଣ ? ତୁମେ ନିଜେ ସାଧନ ପଥ ଜାଣିନାହଁ ବୋଲି ତ ସାଧନ ପଥ ଜାଣିବା ପାଇଁ ଜଣଙ୍କୁ ଗୁରୁ କରିଛ । ପଥ ଯେତେବେଳେ ଜାଣିଗଲ ତେଣିକି ଏକଲୟରେ ସେହି ପଥରେ

ଆଗେଇ ଚାଲ । ଅନ୍ୟମାନେ ତୁମକୁ ଉତ୍ୟକ୍ତ କରନ୍ତି ବୋଲି ତୁମ ଗୁରୁଦତ୍ତ ପଥ ତ ଆଉ ମିଥ୍ୟା ହୋଇ ଯାଇନ ପାରେ । ସନ୍ୟାସୀ-ଗୁରୁମାନଙ୍କର ଗୁରୁ-ପରିଚୟ ଦେବାକୁ ଗଲେ ଗିରି, ପୁରୀ, ଭାରତୀ, ସରସ୍ୱତୀ ଇତ୍ୟାଦି ଉପାଧିଧାରୀ ଦଶନାମୀ ସନ୍ୟାସୀଙ୍କ ମଧ୍ୟରୁ ଜଣଙ୍କ ପ୍ରତି ସଶ୍ରଦ୍ଧ ଦୃଷ୍ଟି ନିକ୍ଷେପ କରିବାକୁ ହୁଏ କିନ୍ତୁ ପରମ୍ପରା କ୍ରମେ ଯାଇ ଏକାବେଳେକେ ଶଙ୍କରାଚାର୍ଯ୍ୟଙ୍କ ପାଦପଦ୍ମରେ ପହଞ୍ଚିଲା ପରେ ବି ତ ପୁଣି ସେହି ପ୍ରଶ୍ନ ଉଠେ ଯେ ତାଙ୍କର ଗୁରୁ କିଏ, ତାଙ୍କର ଫେର ଗୁରୁ କିଏ ? ଗୋବିନ୍ଦ ପାଦାଚାର୍ଯ୍ୟ, ଗୌଡ଼ ପାଦାଚାର୍ଯ୍ୟଙ୍କ ଠାରୁ ଆରମ୍ଭକରି ପରି-ଶେଷରେ ଦତ୍ତାତ୍ରେୟଙ୍କ ପାଖରେ ଯାଇ ପହଞ୍ଚିଲେବି ସବାଶେଷରେ କିଏ ତତ୍ତ୍ୱଜ୍ଞାନର ଆଦିଗୁରୁ ସାବ୍ୟସ୍ତ ହେବେ ? କୌଣସି କୌଣସି ସମ୍ପ୍ରଦାୟ ତ ଶେଷରେ ବ୍ରହ୍ମା ବା ବିଷ୍ଣୁଙ୍କୁ ଆଦିଗୁରୁ କରିଛନ୍ତି, କିନ୍ତୁ ବ୍ରହ୍ମା ବିଷ୍ଣୁଙ୍କର ଗୁରୁ କିଏ ? କୌଣସି କୌଣସି ସମ୍ପ୍ରଦାୟ ଶିବଙ୍କୁ ଆଦିଗୁରୁ କରିଛନ୍ତି । କିନ୍ତୁ ତାଙ୍କର ଗୁରୁ ଫେର କିଏ ? ଯେ ଜଗତର ସବୁ ଆଚାର୍ଯ୍ୟଙ୍କର ଆଦି ଆଚାର୍ଯ୍ୟ, ତାଙ୍କୁ ଦେଖିଛି କିଏ ? ଆଉ ସେହି ଆଦ୍ୟତମ ଆଚାର୍ଯ୍ୟଙ୍କର ଗୁରୁ ବା କିଏ ? ଯେତେବେଳେ ଜାଣି ପାରିବ ତୁମେ କିଏ, ମୁଁ କିଏ ଓ ପରମେଶ୍ୱର କିଏ, ସେତେବେଳେ ଯାଇ ଏହି ପ୍ରଶ୍ନର ମୀମାଂସା କରି ପାରିବ । ସେତିକିବେଳେ ଏହି ତିନିଜଣ ଏକତ୍ର ମିଳିତ ହୋଇ ସତ୍ୟ ଶାଶ୍ୱତ ଗୁରୁଙ୍କର ପରମ ସୁନ୍ଦର ମୂର୍ତ୍ତି ଧାରଣ କରିବେ । ଅତଏବ ବୃଥା ପ୍ରଶ୍ନରେ ସମୟ ନଷ୍ଟ ନ କରି ପ୍ରାଣପଣେ ସାଧନ କରିଯାଅ ।

(ଜ୍ୟୈଷ୍ଠ ୨୪, ୧୩୬୫)

(୧୧)

ତୁମ୍ଭମାନଙ୍କର ଗୁରୁଭ୍ରାତାଙ୍କ ସଂଖ୍ୟା ଅତି ଦ୍ରୁତ ବୃଦ୍ଧି ପ୍ରାପ୍ତ ହେଉଅଛି । ଏହାକୁ ଆନନ୍ଦର ବିଷୟ ମନେ ନ କରି ଦୁଶ୍ଚିନ୍ତାର ବିଷୟ ବୋଲି ବି ମନେ କରାଯାଇପାରେ । କାହିଁକି ଏତେ ଲୋକ ଦୀକ୍ଷା ନେଉଛନ୍ତି ? ଦୀକ୍ଷା ଗୃହରେଏହି ଯେ ଭିଡ଼ ହେଉଛି, ଏହା କଣ ଅଭିନନ୍ଦନଯୋଗ୍ୟ ବ୍ୟାପାର ନା ଏଥିରେ ଉଦ୍‌ବିଗ୍ନ ହେବାର କାରଣ ମଧ୍ୟ ଅଛି ? ହଜାର ହଜାର ନରନାରୀ ଯେ ଦୀକ୍ଷିତ ହେଉଛନ୍ତି, କାହିଁକି ହେଉଛନ୍ତି ? ହୋ'ରେ ମାତି ହେଉଛନ୍ତି କି ?

ମୁଁ କିନ୍ତୁ ଚିନ୍ତିତ ହୋଇ ପଡ଼ିଛି । ଆଗ୍ରହରେ କେହି ଦୀକ୍ଷା ନେବାକୁ ଆସିଲେ ମୁଁ ସମସ୍ତଙ୍କ ପ୍ରତି ଉଦାର । ଏଇଟା ଯଥେଷ୍ଟ ନୁହେଁ ।

ବେଳେ ବେଳେ କେତେକ ଦୀକ୍ଷାର୍ଥୀଙ୍କୁ ମୁଁ ଏକଥା କହି ଦୀକ୍ଷାଗୃହରୁ ବିଦାୟ କରି ଦେଇଥାଏ ଯେ, ସେମାନେ କିଛି କାଳ ପ୍ରତୀକ୍ଷା କରିବା ଆବଶ୍ୟକ । ତାହା ମଧ୍ୟ ଯଥେଷ୍ଟ ନୁହେଁ । ଯେଉଁମାନେ ଦୀକ୍ଷା ନେଇ ଯାଉଛନ୍ତି, ସେମାନେ ଘରକୁ ଯାଇ ପ୍ରତ୍ୟହ ସାଧନ କରିବେ, ସାପ୍ତାହିକ ସମବେତ ଉପାସନାରେ ଅବଶ୍ୟ ଭକ୍ତି-ସହକାରେ ଯୋଗ ଦେବେ ଓ ସହଯୋଗିତା କରିବେ, ସବୁ ସମ୍ପ୍ରଦାୟର ସାଧକଙ୍କ ପ୍ରତି ଆନ୍ତରିକ ପ୍ରୀତିରକ୍ଷା କରିବା ସଙ୍ଗେ ସଙ୍ଗେ ନିଜ ନିଜ ଭିତରେ କୌଣସି ପ୍ରକାର ବାଦବିସମ୍ବାଦ, ଦଳାଦଳି ସୃଷ୍ଟି କରି ସାମାଜିକ ଆବହାୱାକୁ କଳୁଷିତ କରିବେ ନାହିଁ ପ୍ରତ୍ୟେକେ ନିଜ ନିଜର ଅତୀତର ପାପାସକ୍ତ ଓ କଦଭ୍ୟାସଗୁଡ଼ିକୁ ବର୍ଜନ କରି ଚଳିବା ପାଇଁ ପ୍ରାଣପଣେ ଚଷ୍ଟା କରିବେ ଓ ସାଧ୍ୟାନୁସାରେ ଅଦୋଷଦର୍ଶୀ ହୋଇ ଓ ଅମାନୀକୁ ମାନ ଦାନ କରି ବିନମ୍ର, ବିନୀତ ନିରହଙ୍କାର ଭାବରେ ଚଳିବେ, ଏତିକି ଅନ୍ତତଃ ମୁଁ

ସେମାନଙ୍କ ଠାରୁ ଅବଶ୍ୟ ପ୍ରତ୍ୟଶା କରିବି । ସେତିକି ଯଦି ନ ହୁଏ, ତେବେ ଲୋକେ ଦଳଦଳ ହୋଇ ଖାଲି ଦୀକ୍ଷା ନେବାଟା ଯଥେଷ୍ଟ ନୁହେଁ ।

ଆଗକାଳରେ କୁଳଗୁରୁମାନେ ଦୀକ୍ଷା ଦେଉଥିଲେ । ଅନେକ କୁଳଗୁରୁ ଏବେ ଆଉ ଦୀକ୍ଷାଦାନକୁ ତୃପ୍ତିପ୍ରଦ ଜ୍ଞାନ କରୁ ନାହାନ୍ତି । ବହୁ କୁଳଗୁରୁ ଅନ୍ୟ ବୃତ୍ତି ଅବଲମ୍ବନ କରି ଦୀକ୍ଷାଦାନ କ୍ଷେତ୍ରରୁ ଏବେ ଅପସରି ଗଲେଣି । ବହୁ କୁଳଗୁରୁ ମଧ୍ୟ ଶିଷ୍ୟ-ବଂଶର ଲୋକମାନଙ୍କର ଶ୍ରଦ୍ଧା ଉଦ୍ରେକ କରିବାକୁ ଅସମର୍ଥ ହୋଇଛନ୍ତି । କିନ୍ତୁ ଗୁରୁର ଆବଶ୍ୟକତାବୋଧ ଲୋକମାନଙ୍କର କମି ନାହିଁ । ଫଳତଃ ନୂତନ ଶ୍ରେଣୀର ଗୁରୁଦେବମାନଙ୍କର ଆବିର୍ଭାବ ଘଟିଛି । କେଉଁଠି କେଉଁଠି ପ୍ରକୃତରେ ଲୋକପାବନ ଉଦ୍ଦେଶ୍ୟରେ ପରିଚାଳିତ ହୋଇ ଗୁରୁଦେବମାନେ କାର୍ଯ୍ୟ କରୁଛନ୍ତି, ଆଉ କେଉଁଠି ଡାକ୍ତରୀ, ଓକିଲାତି ପ୍ରଭୃତି ପରି ଗୁରୁଗିରି ଏକ ଲାଭପ୍ରଦ ବ୍ୟବସାୟ ରୂପେ ପରିଗୃହୀତ ହୋଇ ସୁଶୃଙ୍ଖଳ ବ୍ୟବସାୟ ପ୍ରତିଷ୍ଠାନର ରୀତି ଅନୁଯାୟୀ ବ୍ୟାପକ ବିସ୍ତାରର ଅଭାବନୀୟ ବ୍ୟବସ୍ଥାଗୁଡ଼ିକର ଅଧୀନସ୍ଥ ହୋଇଛି । ନିଜ ନିଜ ଅନ୍ତରରେ ଉଦ୍ଦେଶ୍ୟ ଅନୁଯାୟୀ ଏହି ସବୁ ଗୁରୁଦେବମାନଙ୍କର ଅନ୍ତିମ ଗତି ହେବ । କିନ୍ତୁ ଶିଷ୍ୟମାନଙ୍କ କଥା ସବୁଠୁ ବେଶି ଭାବନାର ବିଷୟ ହୋଇଛି । ଏମାନେ ଦୀକ୍ଷା ନେବେ, କିନ୍ତୁ ସାଧନ କରିବେ ନାହିଁ । ଦୀକ୍ଷାଲାଭ ପୂର୍ବରୁ ଏମାନଙ୍କର ନୈତିକ ଜୀବନ ଯାହା ଥିଲା, ଦୀକ୍ଷା ନେବାର ଦଶବର୍ଷ ପରେ ବି ଅବିକଳ ସେଇଆ ହିଁ ରହିଥିବ, ସେମାନଙ୍କର କିଛି ପରିବର୍ତ୍ତନ ହେବ ନାହିଁ । ଦୀକ୍ଷା ପୂର୍ବରୁ ଯେପରି ଛଳ, ଚାତୁରି, ମିଥ୍ୟା ପ୍ରବଞ୍ଚନା, ପ୍ରତାରଣା ପ୍ରଭୃତି ଚାଲିଥିଲା, ଦୀକ୍ଷା ନେବାପରେ ମଧ୍ୟ ଅବିକଳ ସେଇଆ ଚାଲିଥିବ । ଏପରି ଅବସ୍ଥାରେ ମନରେ କ'ଣ ଏ ପ୍ରଶ୍ନ ଉଠିବା ସ୍ୱାଭାବିକ ନୁହେଁ ଯେ, ଏତେ ଲୋକ ତାହାହେଲେ ଦୀକ୍ଷା ନେଉଛନ୍ତି

କାହିଁକି ? ଗଡ୍‌ଡାଳିକା-ପ୍ରବାହରେ ଭାସିଗଲେ ତ ସଂସାରରେ କିଛି ଲାଭ ହେବ ନାହିଁ । ଦୀକ୍ଷା ପରେ ମନୁଷ୍ୟର ଅନ୍ତରର ସଂକୀର୍ଣ୍ଣତା ଦୂର ହୋଇ ସେ ଉଦାର ହେବ, ତାର ଦୁର୍ବଳତା କମିଯାଇ ସେ ସବଳ ହେବ, ତାର ଅନ୍ଧ-କୁସଂସ୍କାର ବିଦୂରିତ ହୋଇ ସେ ଚକ୍ଷୁଷ୍ମାନ ସଦସଦ୍ ବିଚାରକ୍ଷମ ବୀର୍ଯ୍ୟବାନ ସମାଜ-ମଙ୍ଗଳ-କର୍ମୀ ହେବ । ତାର ଆତ୍ମକୈନ୍ଦ୍ରିକ ସ୍ୱାର୍ଥପରତା ବିନଷ୍ଟ ହୋଇ ସେ ଆଦର୍ଶ ଜଗନ୍ମଙ୍ଗଳକାମୀ ହେବ, ଏହା ହିଁ ତ ପ୍ରତ୍ୟାଶିତ । ଏହି ପ୍ରତ୍ୟାଶା ଯଦି ପୂରଣ ନ ହେଲା, ତାହାହେଲେ ଖାଲି କଣ ଦୀକ୍ଷିତଙ୍କ ସଂଖ୍ୟା ବଢ଼ିଗଲେ ମୁଁ ଉତ୍‌ଫୁଲ୍ଲ ହେବି ?

ଦୀକ୍ଷାଦାନ ବେଳେ ମୁଁ ତୁମ୍ଭମାନଙ୍କୁ ବାରମ୍ବାର କହିଛି - ତୁମ୍ଭେମାନେ ସମଦୀକ୍ଷିତଙ୍କ ସଂଖ୍ୟା ବୃଦ୍ଧି ଲାଗି ଚେଷ୍ଟା କର ନାହିଁ । ନିଜେ ସାଧନ କରି ବଳଶାଳୀ ହୁଅ । ତା ଫଳରେ ଲକ୍ଷ ଲକ୍ଷ କଲ୍ୟାଣକାମୀ ନରନାରୀ ଦୀକ୍ଷାଲାଭକୁ ଜୀବନର ପରମ ଲାଭ ବୋଲି ବିଶ୍ୱାସ କରିବାକୁ ସମର୍ଥହେବେ । ଦୀକ୍ଷା ନେଇ ଦଳେ ଲୋକ ମଣିଷ ପରି ମଣିଷ ହୋଇ ବାହାରିଛନ୍ତି, ସେ ଦୃଶ୍ୟ ଆଖି ଆଗରେ ଦେଖିବା ପରେ ଆଉ ତ କେହି ଅନ୍ଧବିଶ୍ୱାସ ତାଡ଼ନାରେ ଆସିବେ ନାହିଁ, ସମସ୍ତେ ଜ୍ୱଳନ୍ତ ବିଶ୍ୱାସରେ ଆସିବେ । ଅନ୍ଧ ବିଶ୍ୱାସ ହୋ ହଲ୍ଲା ସୃଷ୍ଟି କରେ । ହୋ ହଲ୍ଲା ସଂକଳ୍ପ ଶକ୍ତିକୁ ଅସ୍ଥାୟୀ କରିଦିଏ । ଦୁର୍ବଳ ସଂକଳ୍ପ ଧରି କାର୍ଯ୍ୟରେ ହାତ ଦେଲେ ଅକାଳରେ କାର୍ଯ୍ୟ ପଣ୍ଡ ହୋଇଯାଏ ।

ତୁମ୍ଭେମାନେ ଏ କଥାଗୁଡ଼ିକ ଭାବିଚିନ୍ତି ଦେଖ । ପ୍ରେମ ସହକାରେ କଥାଗୁଡ଼ିକ ବିବେଚନା କର । ଏକ ବିଶାଳ ସମ୍ପ୍ରଦାୟର ଗୁରୁ ରୂପରେ ପ୍ରତିଷ୍ଠା ପାଇଲେ ମୋର କି ଲାଭ ହେବ ? ଦଳେ ଦଳେ ଜନକଲ୍ୟାଣକାମୀ ଚରିତ୍ରବଳ-ସମୃଦ୍ଧ କର୍ମବୀରଙ୍କର ଆବିର୍ଭାବ ହିଁ ମୋର କାମ୍ୟ । ଦୀକ୍ଷା ତୁମ୍ଭମାନଙ୍କର

ସଂକଳ୍ପକୁ ଦୃଢ଼ କରିବ ବୋଲି ମୁଁ ଦେଇଛି, ମୋର ପ୍ରଭୁତ୍ୱ ପ୍ରତିଷ୍ଠା ପାଇଁ ନୁହେଁ । ତୁମ୍ଭେମାନେ ଯଦି ନିଜର ମୂଲ୍ୟ ନିଜେ ବଢ଼ାଇବାକୁ ଚେଷ୍ଟା ନ କର, ତାହାହେଲେ ଖାଲି ଦୀକ୍ଷା ନେଇ କେହି କଣ କେବେ ଜଗତର କଲ୍ୟାଣ କରିବାକୁ ସମର୍ଥ ହେବ ? ପ୍ରେମ ସହକାରେ କଥାଗୁଡ଼ିକ ଚିନ୍ତା କର ।

(ଆଷାଢ଼, ୧୩୬୫)

(୧୨)

ସ୍ୱାମୀ ସହିତ ଏକାଦିନେ ଏକ ସଙ୍ଗରେ ଦୀକ୍ଷା ନ ନେଲେ ସାଧନାରେ ସିଦ୍ଧି ଅର୍ଜନ ସମ୍ଭବ ନୁହେଁ ବୋଲି ଯାହା ଶୁଣିଅଛ, ତାହା ସମ୍ପୂର୍ଣ୍ଣ ଅମୂଳକ । କାରଣ ଅନେକ ସମୟରେ ଦୀକ୍ଷା ନେବାର ବହୁ ପରେ ସ୍ୱାମୀ ବିବାହ କରିଥାଏ । ଏ ସବୁ ସ୍ଥଳେ ସ୍ୱାମୀ ସ୍ତ୍ରୀଙ୍କର ଏକତ୍ର ଦୀକ୍ଷା କିପରି ସମ୍ଭବପର ହେବ ? ସ୍ୱାମୀ ତାର କୈଶୋରରେ ଦୀକ୍ଷା ନେଇଥିଲା ବୋଲି କଣ ବିବାହ ପରେ ବିବାହିତ ପତ୍ନୀର ଦୀକ୍ଷା ବୃଥା ହୋଇଯିବ ?

ଅସଲ କଥାଟି ହେଉଛି, ସମ୍ଭବପର ହେଲେ ସ୍ୱାମୀ ଓ ସ୍ତ୍ରୀ ଏକତ୍ର ଦୀକ୍ଷା ନେବା ପାଇଁ ଚେଷ୍ଟିତ ହେବା ଭଲ । ସ୍ୱାମୀ ଯଦି ଆଗରୁ ଦୀକ୍ଷା ନେଇଥାନ୍ତି, ତାହାଲେ ସ୍ତ୍ରୀ ପରେ ଦୀକ୍ଷା ନେବ । ଯେଉଁଠି ଅଦୀକ୍ଷିତ ସ୍ୱାମୀର ଦୀକ୍ଷାନେବା ସୁଯୋଗର ଅଭାବ ଅଛି, ଅଥଚ ପ୍ରକୃତ ଗୁରୁଙ୍କର ସନ୍ଧାନ ମିଳି ଯାଇଛି, ସେଠାରେ ସ୍ୱାମୀର ସାନନ୍ଦ ଅନୁମତି ପାଇଲେ ସ୍ତ୍ରୀ ତା ଆଗରୁ ମଧ ଦୀକ୍ଷା ନେଇ ପାରିବ । ଯେଉଁଠି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋଗତ ଧାରଣା ଓ ଆଦର୍ଶଗତ ଅନୁଧ୍ୟାନର ପାର୍ଥକ୍ୟ ଆକାଶ ପାତାଳ, ସେଠାରେ ସ୍ୱାମୀର ଅନୁମତି ପାଇବା ପାଇଁ ଯଥୋପଯୁକ୍ତ ସମୟ ପ୍ରତୀକ୍ଷା କରି ଅନୁମତି ନ

ପାଇଲେ ପତ୍ନୀ ନିଜ ଇଚ୍ଛାନୁସାରେ ଦୀକ୍ଷା ନେଇ ପାରେ । କିନ୍ତୁ କେବଳ ପତ୍ନୀର କଥାରେ କୌଣସି ଯୁକ୍ତିବାନ୍ ବିବେଚକ ତାକୁ ଦୀକ୍ଷା ଦେବାକୁ ସମ୍ମତ ହୋଇ ନ ପାରନ୍ତି । କାରଣ ସ୍ୱାମୀର ଅନୁମତି ନେଇ ଦୀକ୍ଷା ନେଲେ ସ୍ତ୍ରୀର ସଂସାରିକ ଅଶାନ୍ତି ବହୁତ କମିଯାଏ ।

ସ୍ୱାମୀ ଓ ସ୍ତ୍ରୀ ଯେତେଦୂର ସମ୍ଭବ ଏକତ୍ର ଦୀକ୍ଷିତ ହେବେ । ଏହାହିଁ ହେଉଛି ଆଦର୍ଶ ବ୍ୟବସ୍ଥା । ଏକତ୍ର ଦୀକ୍ଷିତ ହେବା ଫଳରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅନୁରାଗର ସାତ୍ତ୍ୱିକତା ବୃଦ୍ଧିପାଏ ଏବଂ ମୂଳରୁ ଉଭୟେ ପରସ୍ପରକୁ ସାଧନ ମାର୍ଗରେ ନିରନ୍ତର ଉତ୍ସାହିତ କରିବାକୁ ଅଧିକତର ରୁଚିସମ୍ପନ୍ନ ହୁଅନ୍ତି ।

ଏଥିରୁ ତୁମେ ବୁଝିପାରିବ ଯେ ସ୍ୱାମୀ ସ୍ତ୍ରୀ ଏକ ସଙ୍ଗରେ ଦୀକ୍ଷା ଗ୍ରହଣ କରିବାଟାକୁ କାହିଁକି ଏତେ ପ୍ରଶଂସା କରାଯାଇଛି । କିନ୍ତୁ ଦୀକ୍ଷା ପରେ ସାଧନ ବି କରିବାକୁ ହୁଏ । ଯେ ଏକାଗ୍ର ହୋଇ ସାଧନ କରିବ, ତାରି ପକ୍ଷରେ ହିଁ ସିଦ୍ଧି ଅର୍ଜନ କରିବା ସମ୍ଭବ । ସ୍ୱାମୀ ଦୀକ୍ଷିତ ନହେଲେ ସ୍ତ୍ରୀର ନାନା ସାଧନ-ବିଘ୍ନ ଉତ୍ପନ୍ନ ହୋଇପାରେ । କିନ୍ତୁ ସ୍ୱାମୀ ଦୀକ୍ଷିତ ନ ହେଲେ ବି ସ୍ତ୍ରୀ ଯଦି ଦୀକ୍ଷିତ ହୁଏ ଓ ପ୍ରାଣପଣେ ସାଧନ କରିବାକୁ ଲାଗେ, ତାହାହେଲେ ତାର ସିଦ୍ଧି ଅର୍ଜନକୁ ରୋକିବ କିଏ ?

(ଆଷାଢ଼ ୧୩, ୧୩୬୫)

(୧୩)

ଯେ କୌଣସି ଯାଗାକୁ ଯାଅ, ତୁମ୍ଭେମାନେ ନିଜର ମତ-ପଥର ପ୍ରଚାର ପାଇଁ କେଉଁଠି ହେଲେ ପ୍ରଲୋଭନର-ପ୍ରଦର୍ଶନ, ଚାଲାକି ବା ଉତ୍ପୀଡ଼ନ କରିବା ଦିଗରେ ଚେଷ୍ଟିତ ହେବ ନାହିଁ । ସମ୍ପ୍ରତି କୌଣିସି କୌଣସି ଧର୍ମାନୁଷ୍ଠାନ ଉପରୋକ୍ତ କାର୍ଯ୍ୟଗୁଡ଼ିକ ମଧ୍ୟରୁ ସବୁଗୁଡ଼ିକ କରୁଥିବା ଦେଖିବାକୁ ମିଳୁଛି ।

ଏକଦା ଏକ ଶ୍ରେଣୀର ଅହିନ୍ଦୁ ଧର୍ମ ପ୍ରଚାରକମାନେ ପ୍ରେମ ସହିତ ବିବାହ କରାଇ ଦେବାର ପ୍ରଲୋଭନ ଦେଖାଇ ହିନ୍ଦୁ ସନ୍ତାନମାନଙ୍କୁ ସ୍ୱଧର୍ମାବଲମ୍ବୀ କରୁଥିଲେ । ଆଉ ଗୋଟିଏ ଶ୍ରେଣୀର ଅହିନ୍ଦୁ ଧର୍ମ ପ୍ରଚାରକମାନେ କୁଳକନ୍ୟା ବା କୁଳବଧୂକୁ ଅପହରଣ କରି ନେଇ ଧର୍ଷଣ ଦ୍ୱାରା ତାର ମନୋବଳ ଭାଙ୍ଗି ଦେଇ ହିନ୍ଦୁ ସମାଜରେ ପୁନର୍ବାର ତାର ସ୍ଥାନ ପାଇବାର ଆଶା ନିର୍ମୂଳ କରି ଦେବା ପରେ ନିଜ ଧର୍ମରେ ତାକୁ ଦୀକ୍ଷାଦେଇ ତା ହାତରେ ଆଣି ସ୍ୱର୍ଗକୁ ଧରାଇ ଦେଉଥିଲେ । ଏ ଧରଣର ଇତର-ଚେଷ୍ଟା ଏ ପର୍ଯ୍ୟନ୍ତ ହିନ୍ଦୁ-ନାମଧାରୀ ଦୀକ୍ଷା ଦାତାମାନଙ୍କ ମଧ୍ୟରେ ଦେଖାଯାଇ ନାହିଁ । କିନ୍ତୁ ବର୍ତ୍ତମାନ ଦେଖିବାକୁ ମିଳୁଛି, ବୟସ୍କା କୁମାରୀ କନ୍ୟା କାହିଁକି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଠାରୁ ନିର୍ଦ୍ଦିଷ୍ଟ ଗୋଟିଏ ମତରେ ଦୀକ୍ଷା ନ ନେଲା, ସେଥିପାଇଁ ତାର କଟିବସ୍ତ୍ର କାଢ଼ି ନେଇ ତ ନିତମ୍ବରେ ଜ୍ୱଳନ୍ତ ରକ୍ତବର୍ଣ୍ଣ ଚିମୁଟା ଦ୍ୱାରା ଆଘାତ ପର୍ଯ୍ୟନ୍ତ କରାଯାଉଛି । ଧର୍ମ ନାମରେ ଲୋକ ପ୍ରତିଷ୍ଠା ଅର୍ଜନ କଳାପରେ ଲୋକସମାଜରେ ନିଜର ସମର୍ଥକମାନଙ୍କର ସଂଖ୍ୟା ଯେତେବେଳେ ଖୁବ୍ ବେଶି ବଢ଼ିଯାଏ, ସେତେବେଳେ ଏହି ସବୁ ଲଗାମଛଡ଼ା ଅନ୍ୟାୟ କାର୍ଯ୍ୟର ଅନାୟାସରେ ଘୋଡ଼େଇ ହୋଇଯାଏ ଓ ଗୋଟିଏ ଅନ୍ୟାୟ କାର୍ଯ୍ୟର ପ୍ରତିବିଧାନ ତୁରନ୍ତ ନ ହେବା ଫଳରେ ଦଶଟା ନୂଆ ନୂଆ ଅନ୍ୟାୟ କାର୍ଯ୍ୟ କରିବାକୁ ପ୍ରଶ୍ରୟ ମିଳେ । ସେ ଅବସ୍ଥାରେ ନରହତ୍ୟା ଓ ନାରୀଧର୍ଷଣ ଭଳି କାର୍ଯ୍ୟ ମଧ୍ୟ ଏକ ଏକ ବିଚିତ୍ର ବ୍ୟାଖ୍ୟା ଦ୍ୱାରା ସମର୍ଥିତ ହୋଇଥାଏ । ତୁମ୍ଭମାନଙ୍କର ଧର୍ମ ପ୍ରଚାର ପ୍ରଚେଷ୍ଟା ଭିତରେ ପାପ, ଅସତ୍ୟ ଓ ଅପରାଧ ଯେପରି କେତେବେଳେ ପ୍ରବେଶ କରିବାକୁ ତିଳେ ହେଲେ ପ୍ରଶ୍ରୟ ନ ପାଏ । ବୈଷ୍ଣବ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ କେତୋଟି ବିପଥଗାମୀ ସମାଜ ନାରୀ ଓ ପୁରୁଷକୁ ନେଇ ଜଘନ୍ୟ ଯୌନାଚାରଗୁଡ଼ିକ ଏକଦା ଅନୁଶୀଳନ କରିଥିଲେ । ଲିଙ୍ଗପୂଜା ଓ ଯୋନିପୂଜାକୁ ଉପଲକ୍ଷ୍ୟ କରି ଏକଦା ତାନ୍ତ୍ରିକ

ସମାଜର ଅଂଶବିଶେଷ ନାନା ପ୍ରକାର ଅସାମାଜିକ ଆଚରଣ ଯଥେଷ୍ଟ ମାତ୍ରାରେ କରିଥିଲେ । ଶୁଦ୍ଧାଚାରୀ ବୈଷ୍ଣବମାନେ ପ୍ରଥମୋକ୍ତ ଆଚାର ସମୂହକୁ କଦାଚାର ଓ ଶାସ୍ତ୍ରାଭିପ୍ରାୟ ବିରୋଧୀ ବୋଲି ପ୍ରତିବାଦ କରିଛନ୍ତି । ଗାର୍ହସ୍ଥ୍ୟାବଲମ୍ବୀ ତାନ୍ତ୍ରୀକ ସାଧକମାନେ ଦ୍ୱିତୀୟୋକ୍ତ ଆଚାରଗୁଡ଼ିକୁ କୃଚ୍ଛ୍ର-ସାଧନ ବୋଲି ନାପସନ୍ଦ କରି ଥିଲେ ବି ଅଥବା ପଞ୍ଚମକାରର ଆଧ୍ୟାତ୍ମିକ ବାଖ୍ୟା ପ୍ରଦାନ କରି ସେ ସବୁ ଆଚରଣର ପୂତିଗନ୍ଧ ଦୂର କରିବାକୁ ଚାହିଁଥିଲେ ବି, ଦଳେ ତାନ୍ତ୍ରିକ ଯେଉଁ ଅକଥନୀୟ ଉଦ୍ଦାମତା ଏକଦା ଅନୁଶୀଳନ କରିଥିଲେ ଓ ଯାହାର ସ୍ମୃତି ବିଭିନ୍ନ ତାନ୍ତ୍ରିକ ରଚନାବଳୀ ମଧ୍ୟରେ ସେମାନେ ରଖି ଦେଇ ଯାଇଛନ୍ତି, କେବଳ ଦଳେ ଅଷ୍ଟସିଦ୍ଧି କାମୀ ଓ ସକାମ ସାଧକଙ୍କ ଛଡ଼ା ଅନ୍ୟମାନେ ତାହା ଅଗର୍ହିତ ବୋଲି ଭାବି ପାରି ନାହାନ୍ତି । ତଥାପି ସେ ସବୁର ଭଗ୍ନାବଶେଷ ନାନା ରୂପାନ୍ତର ପରିଗ୍ରହଣ କରି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଅତି ଗୋପନ ଭାବରେ ବାହୁ ବିସ୍ତାର କରି ଚାଲିଛି । କିଛିଦିନ ପର୍ଯ୍ୟନ୍ତ ବିଶୁଦ୍ଧ ଯୋଗସାଧନା ଶିକ୍ଷାଦାନ ପରେ ଗୁରୁଦେବ ବିଶେଷଙ୍କର ଲୋକ ପ୍ରତିଷ୍ଠା ଓ ଆର୍ଥିକ ଅବସ୍ଥା ଖୁବ୍ ଉର୍ଦ୍ଧ୍ୱ ଗତି ଲାଭ କଲାପରେ ସେ ହୁଏତ କାମ କଦାଚାରକୁ ତିବତୀ ଯୋଗ ବା କାମରୂପୀ ସାଧନା ନାମ ଦେଇ ଶିଷ୍ୟ-ଶିଷ୍ୟା-ବିଶେଷଙ୍କର ମଧ୍ୟରେ ତାର ପ୍ରଚଳନ ଆରମ୍ଭ କରି ଦେଲେ । ଏହି ଧରଣର କାର୍ଯ୍ୟକଳାପ ଯୋଗୁଁ ଏହି କେତେଦିନ ଭିତରେ ଦେଶରେ କେତୋଟି ମାମଲା ମକଦ୍ଦମା ବି ହୋଇ ଯାଇଛି । ତୁମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ, ଏଭଳି କୌଣସି ଜିନିଷ କୌଣସିମତେ ତୁମ ସଂଘ ଭିତରେ ପ୍ରବେଶ ନ କରେ, ଯାହାର ପରିଣତି ହେବ ଯୌନ-କଦାଚାର ଏବଂ ଅସାମାଜିକ ଇନ୍ଦ୍ରିୟ ସେବାକୁ ଆଧ୍ୟାତ୍ମିକ ବ୍ୟାଖ୍ୟା ଦେଇ ସମାଜରେ ପୁରାଇବାର ଚେଷ୍ଟା ।

(ଆଷାଢ଼ ୧୫, ୧୩୬୫)

(୧୪)

ସାଧାରଣ ଅବସ୍ଥାରେ ଛୋଟ ଛୋଟ ପୁଅ ଝିଅମାନେ ଦୀକ୍ଷା ନେବା ଉଚିତ୍ ନୁହେଁ । କାରଣ ସେମାନେ ଦୀକ୍ଷାର ଉଦ୍ଦେଶ୍ୟ ଓ ଅର୍ଥ ବୁଝି ପାରନ୍ତି ନାହିଁ । କିନ୍ତୁ ଯେଉଁଠି ପାରିବାରିକ ପରିସ୍ଥିତି ଅନୁକୂଳ, ଯେଉଁଠି ପ୍ରୟୋଜନୀୟ ବିଷୟଗୁଡ଼ିକ ବୁଝାଇଦେବା ପାଇଁ ପିତା, ମାତା ବା ଭ୍ରାତାମାନେ ଅଛନ୍ତି, ସେଠାରେ ଛୋଟ ଛୋଟ ବାଳକ-ବାଳିକାମାନଙ୍କୁ ଦୀକ୍ଷାଦେବା ଭଲ କଥା । ବାଲ୍ୟକାଳରୁ ଯାହାର ଜୀବନର ସାଧନା ଆରମ୍ଭ ହୁଏ, ସେ ପରମ ଭାଗ୍ୟବାନ । ଆଗକାଳରେ ଆଠବର୍ଷ ବୟସରେ ପିଲାକୁ ଗୁରୁଗୃହକୁ ପଠା ଯାଉଥିଲା । ଖାଲି ଗୋରୁ ପାଇଁ ଘାସ କାଟିବାକୁ ପଠା ହେଉ ନ ଥିଲା, ବ୍ରହ୍ମବିଦ୍ୟା ଲାଭ କରିବା ପାଇଁ ପଠା ହେଉଥିଲା । ଘାସ କାଟିବା, ଗୋରୁ ଚରାଇବା ଓ ଅନ୍ୟାନ୍ୟ କୃଷିକାର୍ଯ୍ୟ କେବଳ ଗୌଣ କର୍ତ୍ତବ୍ୟ ମାତ୍ର ଥିଲା ।

(ଆଷାଢ଼ ୧୯, ୧୩୬୫)

(୧୫)

ଦୀକ୍ଷା ନେବା ପରେ ତୁମର ଯଦି ପୂର୍ବର ଆଠ ଦଶଟି ଦେବତାଙ୍କର ସ୍ତୋତ୍ର ପାଠରେ ସ୍ୱତଃ ଅରୁଚି ଆସିଛି, ସେଗୁଡ଼ିକ ବର୍ଜନ କଲେ କିଛି କ୍ଷତି ନାହିଁ । ଦୀକ୍ଷା ଜୀବନର ଏକ ପରମ ସଂସ୍କାର । ଅନ୍ୟ କଥାରେ ଏହାକୁ ତୁମେ ନବଜନ୍ମ କହିପାର । ପୂର୍ବରୁ ନିଜର ଅଭିରୁଚି ଅନୁସାରେ ଯାହା ଯାହା କରୁଥିଲ, ଦୀକ୍ଷା ଗ୍ରହଣ ପରେ ସେ ସବୁ ପରିହାର କରି ଦୀକ୍ଷାଲବ୍ଧ ପଥରେ ସମଗ୍ର ମନ ପ୍ରାଣ ଦେଇ ଅଗ୍ରସର ହେବା ଶୁଭପ୍ରଦ । ଅବଶ୍ୟ, ପୂର୍ବରୁ ଯାହା ଯାହା କରିଥିଲ

ତାର ସୁଫଳ ତୁମ ଉପରେ କିଛି ପଡ଼ିଛି । ତେଣୁ ସେ ଋଣ ତୁମେ ଅସ୍ୱୀକାର କରି ପାରିବ ନାହିଁ । ଶୈଶବରେ ଶିଶୁ ମାତୃ ସ୍ତନ୍ୟ ପାନ କରେ, କୈଶୋର ଓ ଯୌବନରେ ଆଉ ମାତୃସ୍ତନ୍ୟ ଚଳେ ନାହିଁ । ସେ ସମୟରେ ନୂତନ ଖାଦ୍ୟ ଗ୍ରହଣ କରିବାକୁ ହୁଏ ଏବଂ ପରିଣତ ବାର୍ଦ୍ଧକ୍ୟରେ ମୃତ୍ୟୁ ସମୟ ପର୍ଯ୍ୟନ୍ତ ସେହି ନବ ଗୃହୀତ ଖାଦ୍ୟ ରୀତି ହିଁ ଅନୁସୃତ ହୁଏ । ଦୀକ୍ଷା ନେଲା ପରେ ଅବସ୍ଥାଟା କେତେକାଂଶରେ ତଦ୍ରୁପ । ଆଗରୁ-ଯାହା କରିଅଛ, ସେ ସବୁ ମିଥ୍ୟା ବୋଲି କହି ନିନ୍ଦା କରିବା, ଅସମ୍ପୂର୍ଣ୍ଣ ବୋଲି କହି ଅଶ୍ରଦ୍ଧା କରିବାର କୌଣସି ଆବଶ୍ୟକତା ନାହିଁ । ତେବେ ଦୀକ୍ଷାପରେ ଦୀକ୍ଷାଲବ୍ଧ ପଥରେ ସମ୍ପୂର୍ଣ୍ଣ ଏକନିଷ୍ଠ ରହିବାର ପ୍ରୟୋଜନୀୟତା ଅଛି ।

(ଆଶ୍ୱିନ ୧୬, ୧୩୬୫)

(୧୬)

ଆଶ୍ରମକୁ ଆର୍ଥିକ ସାହାଯ୍ୟ କରିବା ପାଇଁ ଗୁରୁ ଭାଇ ଭଉଣୀଙ୍କୁ ଅନୁରୋଧ କରିବ ନାହିଁ । ଗୁରୁ ଶିଷ୍ୟଙ୍କ ଭିତରେ ଟଙ୍କା ପଇସା କଥାଟା ଏକ ବିବେଚ୍ୟ ବିଷୟରେ ପରିଣତ ହେଲେ ଗୁରୁଙ୍କର ଗୁରୁତ୍ୱ କମିଯାଏ ଶିଷ୍ୟର ଶିଷ୍ୟତ୍ୱ ମଧ୍ୟ ନଷ୍ଟ ହୁଏ । ଗୁରୁ ଯଦି ମନେ କରନ୍ତି, ଶିଷ୍ୟ ଉପରେ ମୋର ନ୍ୟାଯ୍ୟ ଦାବୀ ଅଛି, ସେ କାହିଁକି ମୋତେ ଅର୍ଥ ନ ଦେବ ତାହା ହେଲେ ସେ ଏକ ନୀତିଭ୍ରଷ୍ଟ ବଦ୍ଧ-ସଂସାରୀ ଜୀବରେ ପରିଣତ ହୁଅନ୍ତି । ଶିଷ୍ୟ ଯଦି ଭାବେ, ଗୁରୁଙ୍କୁ କେତେ ଅର୍ଥ ଦେଉଥିବି, ଦେଇ ଦେଇ ତ ମୋର ସବୁ ଗଲା, ଆଗରୁ ଜାଣିଥିଲେ ଏପରି ଲୋକକୁ ଗୁରୁ କରି ନଥାନ୍ତି । ଯାଙ୍କ ଅପେକ୍ଷା ଆମର ପୋଇରାମ ଗୋସେଇଁ ବରଂ ଭଲ ଥିଲେ, ତାହାହେଲେ ଶିଷ୍ୟ ମନୁଷ୍ୟ ପର୍ଯ୍ୟାୟରୁ ଖସି ଆସି ଏକ ଚୂଚୁନ୍ଦ୍ରାରେ ପରିଣତ ହୋଇଯାଏ । ତୁମେ ତୁମର

ଗୁରୁ ଭାଇ-ଭଉଣୀମାନଙ୍କ ପାଖକୁ ଗୁରୁଦେବଙ୍କ ଆଶ୍ରମ ପାଇଁ ଟଙ୍କା ଦେବା ତାଗିଦାରେ ଯାଅ ନାହିଁ ବାବା, ପୃଥିବୀର କୌଣସି ବଡ଼ କାମ ଖାଲି ଟଙ୍କା ଜୋରରେ ହୋଇନାହିଁ । ସେଥିପାଇଁ ଆଉ ଗୋଟାଏ ବଡ଼ ଜିନିଷ ଦରକାର ଯାହାର ନାମ ପ୍ରେମ ।

ପ୍ରତ୍ୟେକ ଭାଇ ଭଉଣୀଙ୍କ ପାଖକୁ ଯାଅ । ପଚାର, ହୋ'ରେ ମାତି ସେ ଦୀକ୍ଷା ନେଇଥିଲେ କି ନାହିଁ, ପ୍ରତ୍ୟହ ନିୟମିତ ଭାବରେ ଉପାସନା କରିବାକୁ ସେ ଚେଷ୍ଟା କରେ କି ନାହିଁ । ପଚାର, ସାପ୍ତାହିକ ସମବେତ ଉପାସନାରେ ସେ ଯୋଗଦାନ କରେ କି ନାହିଁ । ପଚାର, କେବଳ ଭୋଜନ ଓ ଇନ୍ଦ୍ରିୟସେବା ବ୍ୟତୀତ ଆଉ କୌଣସି ବୃହତ୍ତର ଓ ମହତ୍ତର ଉଦ୍ଦେଶ୍ୟ ସାଧନା ଲାଗି ଦିନରେ ବା ରାତିରେ ସେ କିଛି ଶ୍ରମ କରେ କି ନାହିଁ । ପଚାର ଚାରିଆଡ଼େ ଯେଉଁ କୋଟି କୋଟି ଦୀନ ଦରିଦ୍ର ଲୋକେ ମହାଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି, ସେମାନଙ୍କ ବିଷୟରେ ସେ କେବେ କିଛି ଚିନ୍ତା କରେ କି ନାହିଁ । ତୁମର ଗୁରୁଭାଇ ଓ ଗୁରୁଭଉଣୀମାନଙ୍କ ମନରେ ସେମାନଙ୍କର ଜୀବନ ତଥା ଜୀବନଯାପନ ପ୍ରଣାଳୀର ସାର୍ଥକତା ସମ୍ବନ୍ଧରେ ପ୍ରଶ୍ନ ଜାଗରିତ କର ।

(ବୈଶାଖ ୨୨, ୧୩୬୭)

(୧୭)

ତୁମେ ତୁମର ସହଧର୍ମିଣୀକୁ ଦୀକ୍ଷିତ କରିବା ଲାଗି ଏତେ ଦିନ ହେଲା ଅନୁନୟବିନୟ କରି ଆସିଛ, କିନ୍ତୁ ମୁଁ ସେଥିରେ କର୍ଣ୍ଣପାତ କରିବାକୁ ଅବସର ପାଇନାହିଁ । ଏବେ ହୁଏତ ତାର ଦୀକ୍ଷାର ସମୟ ପାଖେଇ ଆସୁଛି । ମୁଁ ପଚାରିବାକୁ ଚାହେଁ ଯେ, ମୋର ଭାବ ଓ ଆଦର୍ଶ ସହିତ ତାର ପରିଚୟ ସ୍ଥାପନ ତୁମ୍ଭେ କରିଅଛ କି ? ନା ଖାଲି ହାତର ଜଳ ଶୁଦ୍ଧ କରିବା ଲାଗି ଦୀକ୍ଷାକାର୍ଯ୍ୟଟି ସାରିବାକୁ ଚାହିଁଛ ?

ଏହି ପ୍ରଶ୍ନଟି ପଚାରିଲେ ପ୍ରାୟ ପ୍ରତ୍ୟେକ ଦୀକ୍ଷାର୍ଥୀ ମନେ ମନେ ବିରକ୍ତ ହୁଅନ୍ତି, ଭାବନ୍ତି ବାବାଙ୍କ ପାଖରୁ ଦୀକ୍ଷା ନେବାକୁ ଆସିଲି, ଦୀକ୍ଷାଟି ସେ ଦେଇ ଦେବେ, ଆଉ ଏତେ କଥା ପଚାରିବା ଦରକାର କ'ଣ ?

ଦୀକ୍ଷାଦାନ ଯେଉଁଠି ବ୍ୟବସାୟ, ଯେଉଁଠି ଦୀକ୍ଷାଦାନର ଉଦ୍ଦେଶ୍ୟ କେବଳ ଶିଷ୍ୟ ସଂଗ୍ରହ, ଶିଷ୍ୟ ସଂଗ୍ରହର ଅର୍ଥ ଯେଉଁଠି ଅନ୍ଧବତ୍ ନୀୟମାନ ଦଳେ ବଶମ୍ବଦ କ୍ରୀତଦାସ ସୃଷ୍ଟି, ସେଠାରେ ଏ ପ୍ରଶ୍ନର କୌଣସି ସ୍ଥାନ ନାହିଁ । କିନ୍ତୁ ଦୀକ୍ଷାଦାନ ଯେଉଁଠି ଦୀକ୍ଷିତର ପ୍ରକୃତ ଉଦ୍ଧାର, ଦେଶର କଲ୍ୟାଣ, ଜାତିର ଉନ୍ନତି ଓ ଜଗତର ମଙ୍ଗଳ, ଦୀକ୍ଷାଦାନ ଯେଉଁଠି ଉନ୍ନତତର ଜୀବନରେ ଉନ୍ନୀତ ହେବାର ସୁନିର୍ଦ୍ଦିଷ୍ଟ ଓ ନିର୍ଭର ଯୋଗ୍ୟ ସୋପାନ ସେଠାରେ ଏ ପ୍ରଶ୍ନର ଯଥେଷ୍ଟ ଅବକାଶ ଅଛି । ତେଣୁ ଏ ପ୍ରଶ୍ନ ମୁଁ ପଚାରୁଛି ।

ଜମି ନ ଚଷି ମଞ୍ଜି ବୁଣିଲେ କଣ ଗଛ ହୁଏ ? ବରଂ ମଞ୍ଜି ହିଁ ରୁହେ । କିନ୍ତୁ ସବୁ ଅବସ୍ଥାରେ ଚାଷ କରି ମଞ୍ଜି ବୁଣିଲେ ସେ ମଞ୍ଜି ସହଜରେ ଅଙ୍କୁରିତ ହୁଏ । ଯେଉଁମାନେ ନାମକାବାସ୍ତେ ଦୀକ୍ଷା ନିଅନ୍ତି, ସେମାନେ ଭାବନ୍ତି ଜମି ଚଷିବା ଦାୟିତ୍ୱ ସେମାନଙ୍କର ନୁହେଁ, ଅନ୍ୟର ।

ଦୀକ୍ଷା ନେବା ପରେ ଜୀବନକୁ ଆଦର୍ଶାନୁଗତ କରିବାକୁ ଚେଷ୍ଟା କରିବାକୁ ହୁଏ । ଏହି କାରଣରୁ ଦୀକ୍ଷା ନେବା ପୂର୍ବରୁ ଆଦର୍ଶ ସହିତ ଅନ୍ତରଙ୍ଗ ପରିଚୟ ସ୍ଥାପନ କରିବା ଏକାନ୍ତ ଆବଶ୍ୟକ । ଏ କଥାଟାକୁ ମୂଲ୍ୟହୀନ ଜ୍ଞାନ କରିବ ନାହିଁ ।

ସୁବିଶାଳ ଏକ ସମ୍ପ୍ରଦାୟର ମୁଁ ପ୍ରତିଷ୍ଠାତା, ଏହା ହିଁ ଲୋକ - ସମାଜରେ ମୋ ପରିଚୟ ହେଉ ବୋଲି କେବେ କାମନା କରି ନାହିଁ । ମୋ ସଂସ୍ପର୍ଶରେ

ଆସି ଅସଂଖ୍ୟ ମାନବ ମାନବୀ ଜୀବନକୁ ଅବନତରୁ ଉନ୍ନତ ଅନାଦୃତରୁ ସମାଦୃତ, ବ୍ୟର୍ଥତାଜନିତ ବେଦନାରୁ ସାର୍ଥକତାଜନିତ ଆନନ୍ଦରେ ଆରୋପିତ କରିଛନ୍ତି, ଏହି କଥାଟି ସତ୍ୟ ହୋଇ ପାରିଲେ ତାହାହିଁ ମୋର ଗୌରବ। ତୁମ୍ଭେମାନେ ଶିଷ୍ୟ ହେବାକୁ ଚାହଁ, ସାଧକ ହେବାକୁ ଚାହଁ ନାହିଁ, ଦଳ ବଢ଼ାଇବାକୁ ଚାହଁ, ବଳ ଆଡ଼କୁ ଲକ୍ଷ୍ୟ ନାହିଁ, ଏ ସବୁ ମୋ ପକ୍ଷରେ ପରମ ଅସହନୀୟ ଦୁଃଖ ହୋଇ କଣ ଚିରକାଳ ଏହିପରି ରହିଥିବ ?

ଆଦର୍ଶର ଆହ୍ୱାନରେ ଯେଉଁମାନେ ଦୀକ୍ଷା ନିଅନ୍ତି, ଆଦର୍ଶକୁ ଜାଣି ଓ ବୁଝି ଯେଉଁମାନେ ଶିଷ୍ୟ ହୁଅନ୍ତି, ସେମାନଙ୍କର ଜୀବନରେ କଦାପି ନିଷ୍ଠାଚ୍ୟୁତି ଘଟେ ନାହିଁ। ତୁମ୍ଭେମାନେ ଏ କଥାଟି ଯେପରି କଦାପି ଭୁଲି ନ ଯାଅ ଯେ ବରଂ ଆଦୌ ଦୀକ୍ଷା ନ ନେବ, ବରଂ କାହାର ଶିଷ୍ୟ ନ ହେବ, ତଥାପି ନିଷ୍ଠାହୀନ ସାଧକ ଜୀବନଯାପନ କରି ଧର୍ମର ଅଭିନୟ କରିବାକୁ ଯେପରି ନ ହୁଏ। ସାଧନାରେ ହିଁ ବଳ ବଢ଼େ, ଛଳନାରେ ନୁହେଁ। ସାଧନରେ ହିଁ ପ୍ରେମ ଜନ୍ମେ, ଛଳନାରେ ନୁହେଁ। ସାଧନାରେ ହିଁ ଆତ୍ମଶକ୍ତିରେ ଶ୍ରଦ୍ଧା ଆସେ, ଆତ୍ମବଳ ଓ ବ୍ରହ୍ମବଳ ଅଭିନ୍ନ ବୋଲି ଉପଲବ୍ଧ ହୁଏ, ଛଳନାରେ ନୁହେଁ।

(କାର୍ତ୍ତିକ ୧୩, ୧୩୬୮)

(୧୮)

ଦୀକ୍ଷା ନେଲ ବୋଲି କଣ ଶିଷ୍ୟ ହୋଇଗଲ ? ନାଁ, ତାହା ତୁମେ ହୋଇନାହଁ। ଯେଉଁ ଉଦ୍ଦେଶ୍ୟରେ ତୁମେ ଦୀକ୍ଷା ନେଇଛ, ଯେଉଁ ଉଦ୍ଦେଶ୍ୟରେ ମୁଁ ଦୀକ୍ଷା ଦେଇଛି, ସେ ଆଡ଼କୁ ଦୃଷ୍ଟି ରଖି ଅଗ୍ରସର ହେବାକୁ ଚେଷ୍ଟା କରିଛ କି ? ତାହା ଯଦି କର ତେବେ ତୁମେ "ଶିଷ୍ୟ" ନ ହେଲେ "ଶିଷ୍ୟ" କଥାଟା ଏକ ଅର୍ଥହୀନ ଶବ୍ଦମାତ୍ର।

ଆମ ଦେଶର ଲୋକେ ଗୁରୁ କରନ୍ତି ନରପୂଜା କରିବା ପାଇଁ ଓ ଶିଷ୍ୟ କରନ୍ତି ନିଜେ ପୂଜିତ ହେବା ପାଇଁ । ସେ ପ୍ରଥା ସହିତ ମୋର କୌଣସି ସଂସର୍ଗ ବା ସଂସ୍ପର୍ଶ ନାହିଁ କି ସେ ପ୍ରଥା ପ୍ରତି ମୋର ଆଦୌ ସହାନୁଭୂତି ବା ସମର୍ଥନ ନାହିଁ । ତୁମ୍ଭେମାନେ ମୋତେ ଯେ ଗୁରୁ କରିଛ ମୋତେ ପୂଜା କରିବା ଅପେକ୍ଷା ଆଉ ମହତ୍ତର କିଛି କରିବା ପାଇଁ କରିଛ ଏବଂ ମୁଁ ଯେ ତୁମ୍ଭମାନଙ୍କୁ ଶିଷ୍ୟ କରିଛି ନିଜେ ପୂଜିତ ହେବା ଅପେକ୍ଷା ଆଉ ବଡ଼ ଗୋଟାଏ କିଛି ପାଇବା ଆଶାରେ ହିଁ କରିଛି । ତୁମ୍ଭେମାନେ ଅସଲ ଲକ୍ଷ୍ୟକୁ ଭୁଲି ଯାଅ ନାହିଁ । ବହୁ ଶତାବ୍ଦୀ ହେଲା ଆମ ଦେଶରେ ଲକ୍ଷ୍ୟ ଅପେକ୍ଷା ଉପଲକ୍ଷ୍ୟ ହିଁ ପ୍ରାଧାନ୍ୟ ପାଇ ଆସିଛି । ସେହି ଗତାନୁଗତିକ ଅନୁବର୍ତ୍ତନରେ ମୁଁ ଉତ୍ସାହୀ ନୁହେଁ ବା ଇଚ୍ଛୁକ ନୁହେଁ ।

ତୁମେ ଦୀକ୍ଷା ନେବା ସମୟରେ ଆହୁରି ବହୁ ଲୋକପୂଜ୍ୟ ଗୁରୁ ତ ଜୀବିତ ଥିଲେ । ସେମାନଙ୍କ ମଧ୍ୟରୁ କାହାରି କାହାରି ଶିଷ୍ୟ ସଂଖ୍ୟା ମୋ ଶିଷ୍ୟ ସଂଖ୍ୟାର ଦୁଇଗୁଣ, ତିନିଗୁଣ ଏପରିକି ଚାରିଗୁଣରୁ ମଧ୍ୟ ଅଧିକ । ସେମାନଙ୍କ ମଧ୍ୟରେ ଅନେକଙ୍କର ଶିଷ୍ୟଙ୍କ ଭିତରେ ବହୁ ଜଜ, ବାରିଷ୍ଟର, ମାଜିଷ୍ଟ୍ରେଟ ଅଛନ୍ତି, ବହୁ ଲକ୍ଷପତି ଓ କୋଟିପତି ବି ଅଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ମୋ ଅପେକ୍ଷା ଅଧିକ ଚାଳିଶ ପଚାଶ ଖଣ୍ଡ ବହି ଲେଖିଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ଏଭଳି ଶାସ୍ତ୍ର ସବୁରେ ସୁପଣ୍ଡିତ, ଯେଉଁ ସବୁ ଶାସ୍ତ୍ରରେ ମୁଁ ଏକ ବିସ୍ମୟ-ବିମୁଗ୍ଧ-ଦ୍ୱାରପାଳ ମାତ୍ର । ସେମାନଙ୍କ ମଧ୍ୟରୁ କାହାରି ପାଖରୁ ତୁମେ ଦୀକ୍ଷା ନେଇ ପାରିଥାନ୍ତ ଏବଂ ସେ ସୁଯୋଗ ମଧ୍ୟ ତୁମର ଥିଲା । ତୁମ ପିତୃଦେବ ନିଜେ ତୁମକୁ ସେହିଭଳି ଜଣଙ୍କର ଦୀକ୍ଷା ଗୃହରେ ଯୋର କରି ଢୁକାଇ ଦେବାକୁ ବସିଥିଲେ, ତଥାପି ତୁମେ ମୋ ପାଖକୁ

ଛାଟିପିଟି ହୋଇ ପଳାଇ ଆସିଲ । ସେତେବେଳେ କେହି ମୋତେ ଚିହ୍ନି ନଥିଲେ । ସେତେବେଳେ ମୋର କୌଣସି ସ୍ଥାୟୀ ଆଶ୍ରମ ନଥିଲା । ଭାଷଣ ମଞ୍ଚରେ ମୋର ବାଗ୍ମିତାର ପ୍ରକାଶ ସେତେବେଳକୁ ଘଟି ନଥିଲା । ଖଣ୍ଡେ ଛିଣ୍ଡା କମ୍ବଳ ମୋର ଏକମାତ୍ର ସମ୍ପତ୍ତି ଥିଲା । ତଥାପି ତୁମେ ମୋ ପାଖକୁ ଆସିଥିଲ । ସେହିପରି ଆହୁରି ସହସ୍ର ଲୋକ ଆସିଛନ୍ତି ଓ ଆସିବେ । କିନ୍ତୁ କଣ ପାଇଁ ତୁମ୍ଭମାନଙ୍କର ଏ ଆଗମନ ସେଇଟା ନିଜକୁ ନିଜେ ଜିଜ୍ଞାସା କରିବାକୁ ଭୁଲିବ ନାହିଁ ।

ତୁମ ଭିତରେ ବ୍ରହ୍ମ ଜାଗ୍ରତ ହୁଅନ୍ତୁ । ତେବେ ସିନା ତୁମକୁ ଶିଷ୍ୟ ବୋଲି ଭାବିଲେ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି । ତୁମର ଜୀବନ ଜଗତର କଲ୍ୟାଣରେ ଲାଗୁ, ତେବେ ସିନା ତୁମ ପିଠିରେ ଲୋକେ ମୋର ପଞ୍ଝା ଦେଖିବାକୁ ପାଇବେ । ତୁମ ଜୀବନରେ ଶୁଚିତା, ରୁଚିରେ ପବିତ୍ରତା ତୁମ କର୍ମରେ ପ୍ରାଣଚାଞ୍ଚଲ୍ୟ, ତୁମ ପ୍ରାଣରେ ଉଦ୍ୟମ, ଉତ୍ସାହ ଓ ଅପରାଜେୟ ନିଷ୍ଠା ଜାଗରୁକ ହେଉ, ତେବେ ସିନା ତୁମେ ମୋର ଶିଷ୍ୟ ହେବ ।

(କାର୍ତ୍ତିକ ୧୮, ୧୩୬୮)

(୧୯)

ତୁମର ପତ୍ର ପଢ଼ି ମୁଁ ମନେ ମନେ ହସିଲି । ଜନୈକ ମହାପୁରୁଷ ନିଜର ଆଲୌକିକ ଶକ୍ତି ପ୍ରଚାର କରି ଅଳ୍ପ କେତେ ଦିନ ଭିତରେ ତୁମର ସେ ଅଞ୍ଚଳରେ ଦୁଇହଜାର ଶିଷ୍ୟ କରିଯାଇଛନ୍ତି ଶୁଣି ମୁଁ ତିଳେମାତ୍ର ଉଦ୍‌ବିଗ୍ନ ହୋଇନାହିଁ । ମୁଁ କଣ ଅଗରତଳାରେ ଗୋଟିଏ ଦିନରେ ଚାରି ହଜାର ପଚିଶଜଣଙ୍କୁ ଦୀକ୍ଷା ଦେଇ ନାହିଁ ? ମୋ ରେକର୍ଡ଼ ସେ ତ ବ୍ରେକ କରି ପାରି ନାହାନ୍ତି । ଅଥଚ

ମୋର କୌଣସି ଅଲୌକିକ ଶକ୍ତି ନାହିଁ କି ମୋର ଅଲୌକିକତାକୁ ପ୍ରଚାର କରିବାର କୌଣସି ଅଧିକାର ମୁଁ ତୁମମାନଙ୍କୁ ଦେଇନାହିଁ ।

ମୋର ଶରୀର ମରିଯିବାର ବହୁ ପରେ ମଧ୍ୟ ମୁଁ ବଞ୍ଚି ରହିଥିବି । ସେ ବଞ୍ଚିବା ଆଦର୍ଶର ବଞ୍ଚିବା । ମୋର ଗୋଟିଏ ଆଦର୍ଶ ଅଛି, ଯାହା ସମ୍ପର୍କରେ ମୁଁ ଏକଦା ମୋରି ରଚିତ ଇଂରାଜୀ କବିତାରେ କହିଅଛି -

Ages shall proclaim the name
For long and worthy years

ଆଦର୍ଶବାଦୀ କେବେ କଣ ଶିଷ୍ୟ ସଂଖ୍ୟା ବୃଦ୍ଧି ଲାଗି ବ୍ୟାକୁଳ ହୁଏ ? ମୁଁ ବି ହୁଏ ନାହିଁ । ମୋର ବରଂ ଅବଶୋଷ ଯେ ଜଣେ ମହାପୁରୁଷ ତୁମ ସହରକୁ ଆସି ମାତ୍ର ଦୁଇହଜାର ଲୋକଙ୍କୁ କାହିଁକି ଦୀକ୍ଷିତ କଲେ, ମୋଟ ଜନସଂଖ୍ୟା ପଚାଶ ହଜାର ଭିତରୁ ଅନ୍ତତଃ ପଚିଶ ତିରିଶ ହଜାର ଲୋକଙ୍କୁ କାହିଁକି ଭଗବାନଙ୍କ ନାମରେ ଦୀକ୍ଷିତ ନ କଲେ ? ଯେଉଁମାନେ ମୋର ଶିଷ୍ୟ ହେବେ, ଦରକାର ହେଲେ ସେମାନେ ଏକ ଶତାବ୍ଦୀ କାଳ ଶବରୀ ପରି ପ୍ରତୀକ୍ଷା କରି ରହିବେ । ଯେଉଁମାନେ ମୋର ଆପଣାର ସେମାନେ ତ ମୋ କୋଳକୁ ଆସିବେ । ସେମାନେ ସଂଖ୍ୟାରେ କମ ହେଲେ ହୁଅନ୍ତୁ, ସେଥିରେ କ୍ଷତି କଣ ?

ଉକ୍ତ ଭଦ୍ରଲୋକଙ୍କର ଦୀକ୍ଷାର ରୀତିଟା ତୁମ ପସନ୍ଦ ମୁତାବକ ହୋଇ ନାହିଁ । ସମସ୍ତଙ୍କର ଦୀକ୍ଷାଦାନ ରୀତି କଦାପି ଏକ ପ୍ରକାରର ହୋଇ ନ ପାରେ । ପର କଥାରେ ତୁମେ ମୁଣ୍ଡ ଖେଳାଅ ନାହିଁ । ତୁମେ ବି ଯଦି କାହାକୁ ଦୀକ୍ଷା ଦିଅ, ସେଇଟା ବଡ଼ କଥା ହେବ ନାହିଁ । ସାଧନ କରିବ, ଏହି ସଂକଳ୍ପ କରି କେହି ଦୀକ୍ଷା ନେଲେ, ସେଇଟା ହିଁ ହେବ ବଡ଼ କଥା । ସେଥିପାଇଁ ମୁଁ ସବୁବେଳେ କହିଥାଏ ଯେ "ଶିଷ୍ୟ ଚାହେଁ ନା, ସାଧକ ଚାହେଁ" । ମୋ ଠାରୁ ମନ୍ତ୍ର ନେଇ

ଯେ ପ୍ରକୃତରେ ସାଧନ କରେ, ସେ ମୋତେ ନମାନିଲେ ମଧ୍ୟ ମୁଁ ତାକୁ ଯଥାର୍ଥ ପ୍ରିୟ ବୋଲି ମନେ କରେ ।

କୌଣସି ମହାପୁରୁଷଙ୍କ ଆପାତ-ପ୍ରତିଷ୍ଠା ଦେଖି ଚଞ୍ଚଳ ହୁଅନାହିଁ । ସବୁ ମହାପୁରୁଷଙ୍କର ଭିତର ଦେଇ ମୁଁ ହିଁ କାର୍ଯ୍ୟ କରି ଯାଉଅଛି ।

ଶ୍ରଦ୍ଧିତ ଚିତ୍ତରେ ମୋର ଏହି କଥାକୁ ବିଶ୍ୱାସ କର ଓ ସମସ୍ତଙ୍କର ସମ୍ପ୍ରଦାୟ-ବୃଦ୍ଧିକୁ ନିଜର ବୃଦ୍ଧି ବୋଲି ଜ୍ଞାନ କର । ଅଖଣ୍ଡ ବୋଲି ଯେ ପରିଚୟ ଦେବ ତାର ଦୃଷ୍ଟି କୋଣ ଏହିପରି ହେବା ଆବଶ୍ୟକ ।

ସଂଘ, ସମ୍ପ୍ରଦାୟ, ମହାପୁରୁଷ, ଶିଷ୍ୟମଣ୍ଡଳୀ, ଏମାନେ କେହି ଜଗତରେ ରହିବେ ନାହିଁ - କେବଳ ଆଦର୍ଶ ହିଁ ଅବିନଶ୍ୱର ହୋଇ ରହିବ । ଯେ ପର୍ଯ୍ୟନ୍ତ ଆମ୍ଭେମାନେ ଆଦର୍ଶରେ ନିଷ୍ଠାବାନ ଥିବା ସେ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ କିଏ ପରାଜିତ କରିପାରିବ ?

(ମାଘ ୧୩, ୧୩୬୮)

(୨୦)

ପ୍ରଚଳିତ ଗୁରୁବାଦ ସମ୍ପର୍କରେ ମୋର ଅନୁଭୂତି ଓ ମତାମତ ସୁସ୍ପଷ୍ଟ । ତଥାପି ଏହା ମୁଁ ଅନୁଭବ କରିଥାଏ ଯେ ମୋର ଦୀକ୍ଷିତ ଶିଷ୍ୟମାନେ ନିଜ ନିଜର ସାନ୍ନିଧ୍ୟରେ ମୋର ନିତ୍ୟ-ଉପସ୍ଥିତି ଉପଲବ୍ଧି କରିବାଟା ସେମାନଙ୍କର ସୁଗଭୀର ସାଧନାର ଉତ୍କର୍ଷ-ବିଧାୟକ । ମୋତେ ବର୍ଜନ କରିବାର ଅଧିକାର ମୁଁ ମୋର ଶିଷ୍ୟକୁ ଦେଇଛି । କିନ୍ତୁ ମୋ ପ୍ରଣାଳୀକୁ ଅବଲମ୍ବନ କରି ଯେଉଁ ଲୋକ ସାଧନ କରିବ ସେ ସେହି ସାଧନର ଅନୁଶୀଳନ କଲାବେଳେ ମୋର ଉପସ୍ଥିତି ଚିନ୍ତା କରିବାଟା ତା ପକ୍ଷରେ ଲାଭଜନକ ହେବ । ମୁଁ ସେ ଭଳି

ଗୁରୁଦେବ ନୁହେଁ ଯେ ନିଜ ପୂଜା ପ୍ରତିଷ୍ଠିତ କରିବା ପାଇଁ ଶିଷ୍ୟ କରନ୍ତି, ଯେ ନିଜେ ପୂଜିତ ହେବାର ଦେଖିଲେ ଖୁସି ହୁଅନ୍ତି । କିନ୍ତୁ ଯେଉଁମାନେ ମୋର ଦୀକ୍ଷିତ ସେମାନେ ସାଧନର କୌଣସି ଏକ କ୍ରମ ବା ସ୍ତରରେ ଅଗ୍ରସର ହେବା ପାଇଁ ଦୂରନ୍ତ ଶ୍ରମ କରୁଥିବା ବେଳେ ଥରକ ପାଇଁ ହେଲେ ବି ମୋର ଉପସ୍ଥିତିକୁ ଉପଲବ୍ଧି କରି ନବବଳ ଲାଭକରିବେ, ଏ ପ୍ରୟୋଜନୀୟତା ସେମାନଙ୍କର ଅଛି । ଯାହାର ପ୍ରୟୋଜନ ନାହିଁ ବା ଯେ ପ୍ରୟୋଜନ ନାହିଁ ବୋଲି ସ୍ପଷ୍ଟ ଅନୁଭବ କରୁଛି ସେ ତାକୁ ବର୍ଜନ କରୁ, କ୍ଷତି କଣ ? ତୁମେ ମୋର ସ୍ମୃତି ଟିକକ ମଧ୍ୟ ମନରୁ ପୋଛି ଦେଇପାର, ସେ ସ୍ୱାଧୀନତା ମୁଁ ତୁମକୁ ଦେଇଛି । ଯେଉଁମାନେ ଅବତାର ରୂପରେ ପୂଜିତ ହେବାକୁ ଚାହାନ୍ତି ଅଥଚ ସାହସ କୁଳାଏ ନାହିଁ ବୋଲି ମୁହଁ ଖୋଲି ସେ କଥା କହି ପାରନ୍ତି ନାହିଁ, ଅବତାର ରୂପରେ ଯେଉଁମାନେ ପୂଜା ଚାହାନ୍ତି ଓ ସେଥିଲାଗି ଯେତେ ପ୍ରକାର ପ୍ରଚାର ଶୈଳୀର ସହାୟତା ନେବା ସମ୍ଭବ, ସେ ସବୁ ପ୍ରାଣ ପଣେ ନେବାକୁ ଚେଷ୍ଟା କରୁଛନ୍ତି, ଅବତାର ବୋଲି ଯେଉଁମାନେ ପୂଜିତ ହୋଇ ଯାଇଛନ୍ତି ଓ ନିଜର ଅବତାରତ୍ୱକୁ କେହି ଯେପରି କୋଟି କଳ୍ପରେ ସୁଦ୍ଧା ଅସ୍ୱୀକାର କରି ନପାରେ ସେ ବ୍ୟବସ୍ଥା କରିବାରେ ଯତ୍ନଶୀଳ, ମୁଁ ଏମାନଙ୍କ ମଧ୍ୟରୁ କାହାରି ବର୍ଗର ନୁହେଁ । ତୁମର ବା ତୁମ ଦେଶବାସୀଙ୍କର, ଏ ଯୁଗର ବା ପରବର୍ତ୍ତୀ ଯୁଗର କୌଣସି ମନୁଷ୍ୟର ପୂଜ୍ୟ ମୋର କାମ୍ୟ ନୁହେଁ । ଏହି କାରଣରୁ ଶିଷ୍ୟକୁ ମୁଁ ଦାସତ୍ୱ ଶୃଙ୍ଖଳ ପିନ୍ଧାଇ ନାହିଁ । ଏହି କାରଣରୁ ତାର ସ୍ୱାଧୀନତାରେ ମୋର ଆନନ୍ଦ । ତାର ସ୍ୱାଧୀନତା ଯଦି ମୋତେ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରିବାର ପ୍ରେରଣା ତାକୁ ଦିଏ ତେବେ ସରଳ ଭାବରେ ସେ ନିଃସଙ୍କୋଚରେ ତାହା କରୁ । ଏଥିରେ ବାଧା କଣ ଅଛି ? ଏଥିରେ ମୁଁ ଆପତ୍ତି କରିବି କାହିଁକି ?

ମୋ ଜୀବନରେ ଅଲୌକିକତ୍ୱ ନାହିଁ ବୋଲି କହିଲେ ମିଥ୍ୟା କୁହାହେବ । କିନ୍ତୁ କାହା ଜୀବନରେ ଅଲୌକିକତ୍ୱ ନାହିଁ କହ ? ମହାତ୍ମା ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଜୀବନରେ ପ୍ରତି ଘଣ୍ଟାରେ ଅଲୌକିକ ଘଟଣା ଘଟୁଥିଲା । କିନ୍ତୁ ସେ ତାହା ପ୍ରଚାର କରିବାକୁ ନିଷେଧ କରୁଥିଲେ । ଏ ବିଷୟରେ ମୁଁ ଗୋସ୍ୱାମୀ ମହାଶୟଙ୍କ ଅନୁଗାମୀ । ଅଲୌକିକ ଘଟଣା ପ୍ରଚାର କରି କିଛି ଲାଭ ନାହିଁ । ବରଂ ଲୌକିକ ଜୀବନରେ କିଏ କେତେ ଅସାଧାରଣ, ତାରି ଦ୍ୱାରା ହିଁ ତାର ମୂଲ୍ୟ-ନିର୍ଦ୍ଧାରିତ ହେବା ସଙ୍ଗତ । ତେବେ ମୋ ସଂପର୍କରେ କେଉଁଠି ଯଦି ଅଲୌକିକ କିଛି ଜାଣି ପାରିଥାଅ, ତେବେ ଜାଣିରଖ ମୋର ଅଲୌକିକତ୍ୱ ପ୍ରଚାର ତା'ର ଉଦ୍ଦେଶ୍ୟ ନୁହେଁ, ଆଉ କାହାର ମହିମାକୁ ପ୍ରଚାର କରିବା ତାର ଉଦ୍ଦେଶ୍ୟ । ମୂଳରୁ ଭୁଲ ବୁଝି ଅକାରଣେ ମନକୁ କଷ୍ଟ ଦେଉଛ ଯେ, ଅମୁକ ଲୋକ କାହିଁକି ଆଶୀର୍ବାଦ ଦେଇ ମୋତେ ପରୀକ୍ଷାରେ ପାଶ କରାଇ ଦେଉନାହିଁ, ତମୁକ ଲୋକ କାହିଁକି ଆଶୀର୍ବାଦ କରି ମୋତେ ଭଲ ଚାକିରୀ ଦିଆଇ ଦେଉନାହିଁ । ଅମୁକକୁ ପରୀକ୍ଷାରେ ପାସ୍ କରାଇ ଦେବା ପାଇଁ ତମୁକକୁ ବିବାହ-ଯୋଗ୍ୟ ପାତ୍ରୀ ଦିଆଇ ଦେବା ପାଇଁ ମୋର ଅନ୍ତର୍ଯ୍ୟାମୀତ୍ୱକୁ ବ୍ୟୟ କରିବାକୁ ହେବ, ଏଭଳି ଧାରଣା ତୁମ୍ଭମାନଙ୍କ ଭିତରୁ କାହାରି କାହାରି ମନକୁ କିପରି ଯେ ଆସେ, ମୁଁ ବୁଝିପାରୁନାହିଁ ।

ଅନ୍ତର୍ଯ୍ୟାମୀତ୍ୱ କହ ବା ଅଲୌକିକ ଶକ୍ତି କହ, ଏସବୁ କିଛି ବୋଲି କିଛି ନୁହେଁ, ଯଦି ନ ଥାଏ ପ୍ରାଣଭରା ପ୍ରେମ । ଅଲୌକିକ କ୍ଷମତାର ଅଧିକାରୀ, ମାନେ ନିଜ ନିଜ ଶକ୍ତିକୁ କୁକାର୍ଯ୍ୟରେ, ହେୟ କର୍ମରେ ଓ ନୀଚ ଚେଷ୍ଟାରେ ପ୍ରୟୋଗ କରି ଚାଲିଛନ୍ତି । ଅଲୌକିକତ୍ୱ ଯଦି ଦେବତ୍ୱ ହୋଇଥାନ୍ତା, ତାହା ହେଲେ ସେମାନେ ସେପରି କରି ପାରନ୍ତେ ନାହିଁ । ପ୍ରେମ ହିଁ ଦେବତ୍ୱ । ମୁଁ

ସେହି ପ୍ରେମର ପିପାସୁ । ଆଶ୍ରମରେ ମୋତେ ଦେଖା କରିବାକୁ ଆସିଲେ ମୁଁ କାର୍ଯ୍ୟର ଚାପ ଯୋଗୁ ଘଣ୍ଟାଏ ଖଣ୍ଡେ ଖୁସି ଗପ କରିବାକୁ ଯେ ବେଳ ପାଏ ନାହିଁ, ଏଥିରୁ ସ୍ଥିର ସିଦ୍ଧାନ୍ତ କରି ନିଅନାହିଁ ଯେ ମୁଁ ପ୍ରେମହୀନ । ପ୍ରେମକୁ କଷିବାର କଷଟି ପଥର ଏକ ସ୍ୱତନ୍ତ୍ର ଜିନିଷ । ସୂନା ତରଳାଇବାର ଯେଉଁ ମାଟି ପାତ୍ରଟିରେ ମୋର ହୃଦୟ ତୀବ୍ର ଅଗ୍ନି ତାପରେ ଅବିରତ ବିଗଳିତ ହେଉଛି ଓ ଟକମକ ହୋଇ ଆବର୍ତ୍ତିତ ହେଉଛି ସେହି ମାଟି ଖୁରିର ଜ୍ୱଳନ୍ତ ଗର୍ଭରେ ତୁମେ ଯେତେବେଳେ ତୁମର ହୃଦୟଟିକୁ ଆଣି ମୋ ହୃଦୟର ପାଖେ ପାଖେ ରଖି ଦେଇ ପାରିବ, ସେତେବେଳେ ଯାଇ ବୁଝିବ ଏ ହୃଦୟରେ ପ୍ରେମର ଉତ୍ତାପ କେତେ । ତୁମ୍ଭେମାନେ କଣ ମନେ କର ଯେ ଐହିକ ବା ପାରତ୍ରିକ କୌଣସି ସ୍ୱାର୍ଥ ସିଦ୍ଧି ପାଇଁ ମୁଁ ବିନା ବିଚାରରେ, ବିନା ଦ୍ୱିଧାରେ ଯେ ସେ ଲୋକକୁ ଦୀକ୍ଷା ଗୃହରେ ପଶିବାକୁ ଦେଉଛି ? ମୋର ଆତତାୟୀକୁ ମୁଁ କ୍ଷମା କରି ଦୀକ୍ଷା ଦେଇଛି, ସେ କଥା ତୁମ୍ଭେମାନେ କଣ ଜାଣ ? ମୋତେ ଯେ ବିଷ ପ୍ରୟୋଗ କରିଛି, ଜାଣିଶୁଣି ତାକୁ ବି ଦୀକ୍ଷା ଦେଇଛି, ସେ ଖବର କଣ ତୁମ୍ଭେମାନେ ରଖ ? ସ୍ୱାର୍ଥ ବଟକରାରେ ମୋ ପ୍ରେମକୁ ତଉଲ କରିବାକୁ ବସିଲେ ପାସଙ୍ଗ ଧରିବା ପାଇଁ ନାନାରକମର ଅଦ୍ଭୁତ ମତବାଦ ଓ ଯୁକ୍ତି ଆମଦାନୀ କରିବାକୁ ହୁଏ । ତେଣୁ ନିଜର ଯୁକ୍ତିକୁ ବିଚାର କରି ଚଳ, ତଦ୍ୱାରା ତୁମେ ଲାଭବାନ ହେବ ।

(ଜ୍ୟେଷ୍ଠ ୧୭, ୧୩୬୯)

(୨୧)

ବିଚାରା 'ନ' - ଦୀକ୍ଷା ନେବାକୁ ଆସିଥିଲା । ଥରେ ପଣ୍ଡାବଳି ହୋଇ ଯାଇଛି, ତେଣୁ ଆଉ ଖଡ଼ଗ ଧରିବାକୁ ଇଚ୍ଛା ହେଲା ନାହିଁ । ତେବେ ତୀବ୍ର

ଆଗ୍ରହ ଦେଖିଲେ ଅବଶ୍ୟ ତାର ବାସନା ପୂରଣ କରିବି । ପୁନର୍ବାର ମୋ ଠାରୁ ଦୀକ୍ଷା ନେବା ପାଇଁ ତାକୁ ବିଶେଷ ଆଗ୍ରହୀ ନ କରି ମୋର ଆଦର୍ଶ ସହିତ ସମ୍ପୂର୍ଣ୍ଣ ପରିଚିତ ହେବାକୁ ତାକୁ ପ୍ରେରଣା ଦେଉଥାଅ । ସେ ଯେଉଁ ଗୁରୁଙ୍କର ପଶ୍ଚାଦ୍ଧାବନ କରିଥିଲା, ତାଙ୍କ ସମ୍ପର୍କରେ ସେ ବର୍ତ୍ତମାନ ଯେଉଁ ଧାରଣା ପୋଷଣ କରୁଛି, ତାର ସେ ଧାରଣା ରହିଗଲେ ସେ ଆଶ୍ରମ ତାକୁ ଛାଡ଼ିବାକୁ ହେବ । ତେବେ ଆମେ ଯେପରି ଏହି ପରିଣତିର କାରଣ ସ୍ୱରୂପ ନ ହେଉ । ବ୍ରହ୍ମାଣ୍ଡ ସାରା ସମସ୍ତେ ମୋ ପାଖକୁ ଆସିଯିବେ, ଏକଥା ମୁଁ ନିଶ୍ଚିତ ଭାବରେ ଜାଣେ ବୋଲି ତ କାହାରି ଶିଷ୍ୟ ସଂଖ୍ୟା-ବର୍ଦ୍ଧନରେ ମୋଟେ ଈର୍ଷାନ୍ୱିତ ହୁଏ ନାହିଁ, ଉଦ୍‌ବିଗ୍ନ ନ ହେବା ତ ଦୂରର କଥା । ମହାପୁରୁଷ ନାମରେ ପୂଜିତ ଏହି ଭଦ୍ରଲୋକମାନଙ୍କର ନିନ୍ଦାବାଦରେ ତୁମ୍ଭେମାନେ ଯୋଗ ଦିଅ ନାହିଁ । ପ୍ରେମ ଆମର ସାଧନା । ସର୍ବାବସ୍ଥାରେ ଆମେ ଯେପରି ସମସ୍ତଙ୍କ ପ୍ରତି ପ୍ରେମ ଅତୁଟ ରଖିପାରୁ, ତାହା ହିଁ ହେବ ଆମର ଚେଷ୍ଟା । ପ୍ରେମ ହିଁ ଆମର ଶ୍ରୀବୃଦ୍ଧିର ମୂଳମନ୍ତ୍ର, ବିଦ୍ୱେଷ ନୁହେଁ ।

ଶୁଣି ଅବାକ୍ ହେଲି ଯେ ସେ କୁଆଡ଼େ ଶିଷ୍ୟମାନଙ୍କ ଦ୍ୱାରା ଚାରିଆଡ଼େ ପ୍ରଚାର କରାଉଛନ୍ତି ଯେ ମୋର ଗୁରୁଦେବ । ସେଭଳି ହାସ୍ୟାସ୍ପଦ ଉକ୍ତିରେ ଆମେ କର୍ଣ୍ଣପାତ କରିବାର ଆବଶ୍ୟକତା ନାହିଁ । କିଏ କାହାର ଗୁରୁ, ସେ କଥା କଣ ବିଜ୍ଞାପନ ଜୋରରେ ପ୍ରମାଣିତ ହେବ ? ମୋର ଗୁରୁ ବୋଲାଇ ପ୍ରତିଷ୍ଠା ଲାଭ କରି କଣ ଏମାନଙ୍କର କୌଳିନ୍ୟ ଆମେ ବଢ଼ାଇବା କି ? ଏସବୁ ତୁଚ୍ଛ କଥା ଆଡ଼କୁ ତୁମ୍ଭେମାନେ ମୋଟେ ନଜର ଦିଅ ନାହିଁ । ତୁମ୍ଭେମାନେ ତୁମର ଆଦର୍ଶକୁ ଧରି ଚଳ । ସେ ଆଦର୍ଶ ନର-ପୂଜା ପ୍ରବର୍ତ୍ତନର ଆଦର୍ଶ ନୁହେଁ । ସେ ଆଦର୍ଶ ପ୍ରତ୍ୟେକ ମନୁଷ୍ୟ ଭିତରେ ବ୍ରହ୍ମତ୍ୱସ୍ଫୁରଣର ଆଦର୍ଶ । ଆମେ

କେହି ସେ ଆଦର୍ଶରୁ ଯେପରି ସ୍ଖଳିତ ନ ହେଉ । ମୁଁ ଯେ ମୋର ପୂଜା ଚାହେଁ ନା, ଏ କଥାଟି ବିଶ୍ୱାସ କର ମୁଁ ଯାହାଙ୍କର ପୂଜା ଚାହେଁ ତୁମ୍ଭେମାନେ ବି ତାଙ୍କର ପୂଜକ ହୁଅ । ତୁମ୍ଭମାନଙ୍କର ଏହି ମହାପୂଜା ଆୟୋଜନରେ ମୁଁ ତୁମ୍ଭମାନଙ୍କର ନିତ୍ୟସଙ୍ଗୀ ହୋଇ ରହିବି । ଅନ୍ୟାନ୍ୟ ଗୁରୁଦେବମାନେ, ନିଜକୁ ପୂଜା ଆସନରେ ବସାଇଛନ୍ତି । କିନ୍ତୁ ମୁଁ ଅନନ୍ତ କାଳ ତୁମ୍ଭମାନଙ୍କର ସମସାଧକ ହୋଇ ରହିବି । କୌଣସି ଅବତାର ବା ସାକ୍ଷାତ ଭଗବାନଙ୍କଠାରୁ ମୁଁ ଛୋଟ ହୋଇ ଯାଉଛି ବୋଲି ମନେ କରିବି ନାହିଁ । ଅବତାରବାଦର ଶସ୍ତା ମାଧୁରୀରେ ତୁମ୍ଭେମାନେ ମଜ ନାହିଁ । ତୁମ୍ଭେମାନେ ପ୍ରତ୍ୟେକ ଯେ ଈଶ୍ୱରଙ୍କର ଅବତାର, ଏହି ବାର୍ତ୍ତା ଶୁଣାଇବାକୁ ମୁଁ ଆସିଛି । ପ୍ରାଣଭରା ପ୍ରେମ ନେଇ ମୁଁ ଆସିଛି । ତେଣୁ ମୋର ଲୟ ନାହିଁ, କ୍ଷୟ ନାହିଁ, ପରାଜୟ ବି ନାହିଁ ।

(ଆଷାଢ଼ ୧୫, ୧୩୬୯)

(୨୨)

ମୋ ଠାରୁ ଦୀକ୍ଷା ନେବ ବୋଲି ତୁମେ ମନେ ମନେ ଠିକ୍ କରିଥିଲ କିନ୍ତୁ କେତେକ କାରଣବଶତଃ ଅନ୍ୟତ୍ର ଦୀକ୍ଷା ହୋଇଗଲା । ସେ ଦୀକ୍ଷାରେ ତୁମେ ମନୋନିବେଶ କରିପାରୁ ନାହଁ ବୋଲି ଅନ୍ତରରେ କ୍ଲେଶ ପ୍ରକାଶ କରିଛ । ମୁଁ କହୁଛି, ତୁମର ଦୀକ୍ଷାଦାତା ଯାହା ହୋଇଥାନ୍ତୁ ପଛକେ ସେ ଦେଇଥିବା ନାମ ତୁମେ ଜପୁଥାଅ । ପରେ ଯାହା ହେବାର ହେବ । ଜଣକ ପାଖରୁ ଦୀକ୍ଷା ନେବାକୁ ହେଲେ ଆଗରୁ ତାକୁ ଖୁବ୍ ଭଲ ଭାବରେ ଜାଣି ନେବାକୁ ହୁଏ । ତୁମର ଆଧ୍ୟାତ୍ମିକ ଆପଦୁଦ୍ଧାର ନିମିତ୍ତ ଯଦି ମୋତେ ହିଁ ଧନୁ ଧରିବାକୁ ହୁଏ ତେବେ ତା ପୂର୍ବରୁ ମୋତେ ଥର ଥର କରି ଶହେ ଥର ପରୀକ୍ଷା ନୀରୀକ୍ଷା

କରିନେବା ତୁମର କର୍ତ୍ତବ୍ୟ । ମୁଁ ଅନ୍ଧଗୁରୁ ହେବାକୁ ଚାହେଁ ନାଁ, ଅନ୍ଧର ବି ଗୁରୁ ହେବାକୁ ଚାହେଁ ନା । ଖୋଲା ଆଖିରେ ଦେଖି, ସବୁ ବୁଝି ଶୁଝି ମୋର ଶିଷ୍ୟ ହେବ । ତାହା ହେଲେ ତୁମର ଓ ମୋର ଉଭୟଙ୍କର ଆଶା ପୂରଣ ହେବ ।

ଗୁରୁ, ଶିଷ୍ୟ କରି ଶିଷ୍ୟ ଭିତରେ ପ୍ରଭୁତ ଉନ୍ନତି ଦେଖିବାକୁଆଶା କରନ୍ତି । ଶିଷ୍ୟ, ଗୁରୁ କରି ଗୁରୁ ପ୍ରଦର୍ଶିତ ପଥରେ ନିଜର ପରମ କଲ୍ୟାଣ ପ୍ରତ୍ୟାଶା କରନ୍ତି । ଦୁଇଜଣଙ୍କର ଆଶା ପୂର୍ଣ୍ଣ ହେବା ଆବଶ୍ୟକ । ତୁମ ଅଞ୍ଚଳରେ ଯେ ନିଜକୁ ମୋର ଗୁରଦେବବୋଲି ପ୍ରଚାର କରାଉଛନ୍ତି, ସେ ଯେତେବେଳେ ନିକଟବର୍ତ୍ତୀ ଏକ ସ୍କୁଲର ଚତୁର୍ଥ ବା ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ, ସେତେବେଳେ ମୁଁ ରହିମପୁରରେ ପଞ୍ଚତ୍ରିଂଶ ହଜାର ନରନାରୀଙ୍କୁ ନେଇ ହରିନାମ ପ୍ରେମାନନ୍ଦରେ "ଧରଣୀ ଉତ୍ତାଳ" କରୁଥିଲି । ତୁମେ କିନ୍ତୁ ଛଳନାରେ ଭୁଲି ତାଙ୍କ ଠାରୁ ମନ୍ତ୍ର ନେଇଛ । ଭଲ କରିଛ । ସେ ନିଜେ ଭଲ ମନ୍ଦ ଯାହା ହୁଅନ୍ତୁ, ସେ ଦେଇଥିବା ମନ୍ତ୍ର ତ ଭଗବାନଙ୍କର ନାମ' ଯେ ନିତ୍ୟ, ଶାଶ୍ୱତ ଓ ଅପାପବିଦ୍ଧ । ମନୁଷ୍ୟ ସତ୍‌ଅସତ୍ ସବୁହୋଇପାରେ, କିନ୍ତୁ ଭଗବାନଙ୍କ ନାମ କଦାପି ଅସତ୍ ହୁଏ ନାହିଁ । ନାମକୁ ସାର ଜାଣି ତାହା ଜପୁଥାଅ । ନାମର ଗୁଣରେ ହିଁ ପରବର୍ତ୍ତୀ ଜୀବନର ପ୍ରତ୍ୟେକ ଧାପ ମଙ୍ଗଳମୟ ହୋଇଯିବ ।

ଏଠାକୁ ଆସି ମୋ ସହିତ ବାସକଲେ ଦେଖିବ, ସାଧାରଣ ମନୁଷ୍ୟ ସହିତ ମୋର ମୋଟେ କିଛି ପାର୍ଥକ୍ୟ ନାହିଁ । ପ୍ରିୟଜନର ରସନା ବେଳେବେଳେ ଅଲୌକିକ ଘଟଣାର ବିଳାପ ଓ ମୋର ଅତ୍ୟାଶ୍ଚର୍ଯ୍ୟ କ୍ଷମତାର ପ୍ରଳାପ ରଚନା କରିଛି ସତ୍ୟ, କିନ୍ତୁ ତା ସହିତ ମୋର ସତ୍ୟ ମୂର୍ତ୍ତି ଓ ସ୍ୱରୂପର କୌଣସି ସମ୍ବନ୍ଧ ନାହିଁ । ମୋତେ ସାଧାରଣ ମନୁଷ୍ୟ ଜାଣି ମନୁଷ୍ୟ ମୋର ସନ୍ନିହିତ ହେଉ, ଏହାଠାରୁ ଆଉ ଅଧିକ କାମନା ମୋର କିଛି ନାହିଁ । ତା'ଛଡ଼ା ସମସ୍ତଙ୍କ

ସହିତ ସମାନ ହୋଇ ମିଶିବାରେ ଯେଉଁ ଆନନ୍ଦ ଅଛି, ତାହା ବି ମୋ ମତରେ ଅତୁଳନୀୟ । ଯେଉଁମାନେ ଗୁରୁ ଖୋଜିବାକୁ ଯାଇ ମନ ମୁତାବକ ପୂଜାର ବିଗ୍ରହଟିଏ କେବଳ ଖୋଜନ୍ତି, ସେମାନେ ମୋ ପାଖକୁ ଆସିଲେ ନିରାଶ ହେବେ । ସେମାନେ ଦେଖିବେ ଯେ ମୁଁ ଏହି ପରିଣତ ବୟସରେ ବି କୋଦାଳରେ ମାଟି ଓଲଟାଏ କୁରାଢ଼ିରେ କାଠ କାଟେ ଗଇନ୍ତି ମାରି କଙ୍କର ତାଡ଼େ, ଶାବଳ ଛେଣି ଧରି ପଥର କାଟେ ଓ ଲଙ୍ଗଳ ଧରି ଜମି ଚାଷ କରେ । ଫଳ ଗଛ ଲଗାଇବା ପାଇଁ ଦୂର ଗାଁକୁ ଯାଏ ଓ ବିହନ ବାଣ୍ଟିବା ପାଇଁ ଘରେ ଘରେ ବୁଲେ । ସଂସାରର ଲୋକଙ୍କର ଦୁଃଖ ସୁଖକୁ ନେଇ ମୋର କାରବାର । ପେଟପୁରା ସେମାନେ ଆଗେ ମୁଠାଏ ଖାଆନ୍ତୁ, ଆତ୍ମସମ୍ମାନ ରକ୍ଷା କରି ସ୍ତ୍ରୀ ପାଇଁ ପରିଧେୟ ବସ୍ତ୍ର ସଂଗ୍ରହ କରନ୍ତୁ, ତା'ପରେ ଭୂମା ଆଡ଼କୁ ମୁହାଁଇବେ । ପୃଥୀବୀର ମାଟିକୁ ଯେଉଁମାନେ ଥରକ ପାଇଁ ବି ନ ଚିହ୍ନିଲେ, ଅନନ୍ତ ନଭୋମଣ୍ଡଳସ୍ଥ ମେଘପୁଞ୍ଜର ଅସୀମ ଊର୍ଦ୍ଧ୍ୱକୁ ସେମାନେ ଲମ୍ଫ ଦେବେ କିପରି ? ମଣିଷ ପରି ବଞ୍ଚି ରହିବାର ଯୋଗ୍ୟତା ଉପରେ ମାନବର ଉଚ୍ଚ ଆକାଂକ୍ଷାର ଅଭ୍ରଭେଦୀ ବେଦୀ ଗଢ଼ି ଉଠିବ, ଏହା ହିଁ ମୋର ବିଶ୍ୱାସ ।

କିନ୍ତୁ ଏହା ତ ପ୍ରଚଳିତ ମତ ଓ ପଥର ଅନୁସରଣ ନୁହେଁ । ଏଥିଯୋଗୁଁ ରକ୍ଷଣଶୀଳ ଧାର୍ମିକମାନେ ମୋତେ 'ଅଧାର୍ମିକ', 'ଶାସ୍ତ୍ରଦ୍ରୋହୀ', 'ଅଶାସ୍ତ୍ରୀୟ ପନ୍ଥାର ପ୍ରଚାରକ' ଇତ୍ୟାଦି ନାନା ସୁଲଳିତ ବିଶେଷଣରେ ବିଭୂଷିତ କରିଥାନ୍ତି । ଏଭଳି ଲୋକର ସଙ୍ଗରେ ରହିଲେ ତୁମେ ଜୀବନରେ ଲାଭ ଉଠାଇ ପାରିବ ବୋଲି କଣ ବିଶ୍ୱାସ କରୁଛ ?

(ଶ୍ରାବଣ ୧୯, ୧୩୬୯)

(୨୩)

ଯେଉଁମାନେ ଜଣେ ଗୁରୁଙ୍କ ଦ୍ୱାରା ଗୋଟିଏ ମନ୍ତ୍ରରେ ଦୀକ୍ଷିତ ହୋଇଛନ୍ତି, ସେମାନଙ୍କର ପରସ୍ପର ପ୍ରତି କର୍ତ୍ତବ୍ୟ ଅତ୍ୟନ୍ତ ଗଭୀର । ସେମାନଙ୍କ ମଧ୍ୟରୁ କେହି ଯେପରି ପଥଭ୍ରଷ୍ଟ ନ ହୁଅନ୍ତି, ପ୍ରତ୍ୟେକ ଯେପରି ନିଜର ଗୁରୁଦତ୍ତ ସାଧନାରେ ପ୍ରାଣପଣେ ଲାଗି ପଡ଼ନ୍ତି, କେହି ଜଣେ ହେଲେ ବି ଯେପରି ସର୍ବଜୀବ ପ୍ରତି ନିଜର କର୍ତ୍ତବ୍ୟ ବିସ୍ମୃତ ନ ହୁଅନ୍ତି, ସେ ବିଷୟରେ ଜଣେ ଗୁରୁଭାଇ ଆଉ ଜଣେ ଗୁରୁଭାଇର ଓ ଜଣେ ଗୁରୁ ଭଗ୍ନୀ ଅନ୍ୟ ଜଣେ ଗୁରୁ ଭଗ୍ନୀର ସଦା ସତର୍କ ପ୍ରହରୀ ଭଳି କାର୍ଯ୍ୟ କରିବେ । ପରସ୍ପରଙ୍କ କୁଶଳ ପାଇଁ ଏହା ପ୍ରୟୋଜନ । ଏ କାର୍ଯ୍ୟରେ ଶିଥିଳତା ନ ରହିଲେ ତୁମ୍ଭମାନଙ୍କ ଆଦର୍ଶ ଓ ଅନୁଶୀଳନ ଜଗତରେ ଅପରାଜେୟ ଓ ଅପ୍ରତିଦ୍ୱନ୍ଦୀ ହୋଇ ରହିବ ।

ଭିନ୍ନ ସଂଘ ବା ସମ୍ପ୍ରଦାୟ ପ୍ରତି କଦାପି ମନରେ ବିନ୍ଦୁମାତ୍ର ବିଦ୍ୱେଷ ରଖିବ ନାହିଁ । କିନ୍ତୁ ତା ବୋଲି ଯେ ନିଜର ମତ ଓ ପଥ ସମ୍ପର୍କରେ ଶ୍ରଦ୍ଧା କମିଯିବାକୁ ଦେବ ତା ନୁହେଁ । ନିଜର ମତ ଓ ପଥ ପ୍ରତି ଶ୍ରଦ୍ଧା ବଢ଼ାଇବାକୁ ଯାଇ ଯଦି ଭିନ୍ନ ସମ୍ପ୍ରଦାୟ ପ୍ରତି ବିରୋଧ କରିବାକୁ ହୁଏ ତେବେ ସେ ଭଳି ଶ୍ରଦ୍ଧା ଆତ୍ମନାଶକର । ଆଉ ମଧ୍ୟ ଅନ୍ୟର ମତ ଓ ପଥ ପ୍ରତି ସହିଷ୍ଣୁତା, ସମଦର୍ଶିତା ଓ ଉଦାରତା ପ୍ରଦର୍ଶନ କରିବାକୁ ଯାଇ ଯଦି ନିଜ ମତ ଓ ପଥରୁ ଶ୍ରଦ୍ଧାଚ୍ୟୁତ ହେବାକୁ ହୁଏ, ତେବେ ତାହା ମଧ୍ୟ ସର୍ବନାଶକର । ଏ ଦୁଇଟି ବିପରୀତ ଅବସ୍ଥାରେ 'ମଧ୍ୟ'-ପଥ ଧରି ଚଳିବ । ନିଜର ମତରେ ଶ୍ରଦ୍ଧା, ଭକ୍ତି ବିଶ୍ୱାସ ଓ ନିଷ୍ଠା କୌଣସି ଅବସ୍ଥାରେ ବି କମିଯିବାକୁ ଦେବ ନାହିଁ ଓ ଅନ୍ୟର ମତ ପ୍ରତି ବିଦ୍ୱେଷ, ବିରୋଧ, ସଂଘର୍ଷ ବୁଦ୍ଧି ଓ ଅନୁଦାରତାକୁ ଅନ୍ତରରେ ପ୍ରବେଶ କରାଇ ଦେବ ନାହିଁ । ଆମ୍ଭମାନଙ୍କର ଆଦର୍ଶ ସମନ୍ୱୟର ଆଦର୍ଶ । ଅର୍ଥାତ୍ ସବୁ ମତ ଗୋଟିଏ ପରମ ସତ୍ୟରେ ବିଧୃତ ବୋଲି ଜାଣି ସେହି

ପରମ ସତ୍ୟ ପ୍ରତି ଆନୁଗତ୍ୟର ଆଦର୍ଶ, ସେହିପରମ ସତ୍ୟ ସାଧନାରେ ଜୀବନ ଉତ୍ସର୍ଗର ଆଦର୍ଶ ଓ ସେହି ପରମ ସତ୍ୟକୁ ସର୍ବଜୀବ-କରତଳଗତ କରାଇବା ପ୍ରୟାସରେ ବିଶ୍ୱଦୁଃଖ ବରଣର ଆଦର୍ଶ ।

(ଭାଦ୍ର ୨୩, ୧୩୬୯)

(୨୪)

ବୈଷ୍ଣବ ଗୁରୁମାନେ ଶିଷ୍ୟକୁ ଦୀକ୍ଷା ଦେଇ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏପରି ଇଙ୍ଗିତ ବା ଉପଦେଶ ଦେଇଥାନ୍ତି ଯେପରି ନବଦୀକ୍ଷିତ ବ୍ୟକ୍ତି ଧର୍ମୀୟ ବ୍ୟାପାରରେ ଭିନ୍ନ ମତ ଓ ଭିନ୍ନ ପଥର ଲୋକଙ୍କ ସଂସର୍ଗ ନ କରେ । ଏଭଳି ଇଙ୍ଗିତ ବା ଉପଦେଶ ସବୁ ସମୟରେ ଯେ ସାମ୍ପ୍ରଦାୟିକ ସଂକୀର୍ଣ୍ଣତାର ଫଳ, ଏପରି ମନେ କରିବ ନାହିଁ । ବେଳେ ବେଳେ ଶିଷ୍ୟ ନାନା ମତ ଓ ନାନା ପଥ ପ୍ରତି ଆକୃଷ୍ଟ ହୋଇ ନିଜ ପଥରୁ ବିଚଳିତ ହେବାର ଆଶଙ୍କା ଥାଏ । ସେଭଳି ଆଶଙ୍କାର ଅବକାଶ ଯେପରି ନ ରହେ, ସେଥିପାଇଁ ଏଭଳି ଉପଦେଶ ଦେବାକୁ ହୋଇଥାଏ । ବାହାରୁ ଆମେ ଯେଉଁ ଉପଦେଶକୁ ନିତାନ୍ତ ପ୍ରକୋଷ୍ଠବାଦୀ ସାମ୍ପ୍ରଦାୟିକ ନୀଚତା ବୋଲି ବ୍ୟାଖ୍ୟା କରିବାକୁ ପ୍ରଲୁବଧ ହେଉ, ଶିଷ୍ୟର ଏକ ନିଷ୍ଠତାକୁ ସଯତ୍ନରେ ରକ୍ଷା କରିବା ଲାଗି ବ୍ୟାକୁଳ ଆଗ୍ରହ ଓ ଏକାନ୍ତ ପ୍ରୟୋଜନୀୟତା ତା ଭିତରେ ନିହିତ ଥାଏ । ସବୁ କଥା ତ ବାହ୍ୟ ଦୃଷ୍ଟିରେ ଦେଖାଯାଏ ନାହିଁ । ତେଣୁ ଉପରଠାଉରିଆ ଭାବରେ ଦେଖି ବିଜ୍ଞ ପରି ନିନ୍ଦା କରିବାଟା ଚଟୁଳ ବୁଦ୍ଧି, ଅଗଭୀର ଦୃଷ୍ଟି ଓ ଖଳ ସ୍ୱଭାବର ପରିଚାୟକ ହୁଏ । ତେଣୁ ବିଜ୍ଞ ଲୋକମାନେ ସାଧନ ସମ୍ପର୍କୀୟ ବ୍ୟାପାରରେ କାହାରି ଆପାତଦୃଶ୍ୟ ସଂକୀର୍ଣ୍ଣତା ଦେଖିଲେ ସେ ବିଷୟରେ ମନ୍ତବ୍ୟ ପ୍ରକାଶ କରିବାରୁ ବିରତ ହୁଅନ୍ତି ।

(ଆଷାଢ଼ ୨୭, ୧୩୭୧)

(୨୫)

ଦୀକ୍ଷା ନେବା ପୂର୍ବରୁ ଦୀକ୍ଷାଦାତାଙ୍କ ଉପରେ ଶ୍ରଦ୍ଧା, ବିଶ୍ୱାସ ଓ ନିର୍ଭରଶୀଳତା ଆସିବା ଏକାନ୍ତ ପ୍ରୟୋଜନ । ଦୀକ୍ଷାଗ୍ରହଣକୁ ଜୀବନର ଏକ ଅପରୂପ ପଟ-ପରିବର୍ତ୍ତନ ବୋଲି ଦୃଢ଼ ବିଶ୍ୱାସ ପୋଷଣ କରିବା ଉଚିତ୍ । ସଦ୍‌ଗୁରୁଙ୍କୁ ନିତ୍ୟସାଥୀ ନିତ୍ୟସଙ୍ଗୀ ଓ ନିତ୍ୟ-ସନ୍ନିକଟ ବୋଲି ଜାଣିବା ଭିତରେ ଅଶେଷ ଶକ୍ତିର ଉତ୍ସ ଲୁକ୍‌କାୟିତ ରହିଅଛି । ନ ଜାଣି ନ ବୁଝି କାହାକୁ ଗୁରୁ କରିବା ଉଚିତ ନୁହେଁ । ଦୀକ୍ଷା ନେବା ପରେ ସାଧନ ମଧ୍ୟ କରିବାକୁ ହୁଏ ।

ବର୍ତ୍ତମାନ ତୁମେ ଦୀକ୍ଷା ନେବା ପାଇଁ ଆସ ନାହିଁ । ମୋର ଚିନ୍ତାଧାରା ସହିତ ଆଗେ ଭଲ ଭାବରେ ପରିଚିତ ହୁଏ ଦୀକ୍ଷା ନେବା ପାଇଁ ତୁମ ଅନ୍ତରରେ ଦେଦୀପ୍ୟମାନ ଆଗ୍ରହ ଜନ୍ମିଛି କି ନାହିଁ, ତାହା ଦେଖ । ତୁମର ବିବେକ ତୁମକୁ ଦୀକ୍ଷା ନେବା ଅନୁକୂଳରେ ବାରମ୍ବାର ନିର୍ଦ୍ଦେଶ ପ୍ରଦାନ କରୁଛି କି ନାହିଁ ସେ କଥା ଭଲ ଭାବରେ ବିଚାର କର । ତୁମର ଜୀବନଯାପନ-ପ୍ରଣାଳୀକୁ ଓ ଆଧ୍ୟାତ୍ମିକ ସଂସ୍କାରସମୂହକୁ ଗୃହୀତ ଦୀକ୍ଷା ସହିତ ତୁମେ ମିଳାଇ ନେବାକୁ ଚେଷ୍ଟା କରିବ କି ନାହିଁ, ତାହା ବୁଝି ବିଚାରି ଦେଖ । ମୁଁ ଏକମାତ୍ର ଓଁକାର ମନ୍ତ୍ର ଛଡ଼ା ଅନ୍ୟ କୌଣସି ମନ୍ତ୍ରରେ ଦୀକ୍ଷା ଦିଏ ନାହିଁ । ମୁଁ ଯେ ପ୍ରଣବର ପୂଜାରୀ, ଏହା ଭୁବନ ବିଦିତ । ତୁମ ଅନ୍ତରର ସଂସ୍କାର ଯଦି ଅନୁରୂପ ନ ହୋଇଥାଏ, ତାହାହେଲେ ତୁମେ ମୋ ପାଖକୁ ଆସ ନାହିଁ । ବିଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ମନ୍ତ୍ରରେ ଦୀକ୍ଷା ଦେଇ ଦାର୍ଶନିକ ମତାମତର ଏକ ଜଗାଖେଚେଡ଼ି ଭିତରେ ପଶି ଧର୍ମ ଜଗତରେ ଆଉ ଏକ ନୂତନ କୋଳାହଳ ମୁଁ ସୃଷ୍ଟି କରିବାକୁ ଚାହେଁ ନାହିଁ ।

ପ୍ରଣବମନ୍ତ୍ର ସ୍ୱ-ମହିମାରେ ପ୍ରତିଷ୍ଠିତ । ପ୍ରଣବର ମୁଁ ପ୍ରଚାରକ ମଧ୍ୟ ନୁହେଁ । "ଆସ ତୁମ୍ଭେମାନେ ପ୍ରଣବ ମନ୍ତ୍ରରେ ଦୀକ୍ଷିତ ହେବ" - ଏ ଆହ୍ୱାନ ମୋର ନୁହେଁ । ମୋତେ ଯେଉଁମାନେ ଗୁରୁ ବୋଲି ମାନିବେ, ସେମାନଙ୍କୁ ପ୍ରଣବମନ୍ତ୍ର ହିଁ ସାଧିବାକୁ ହେବ । କାରଣ ବହୁବିଧ ମନ୍ତ୍ର ବହୁ ଲକ୍ଷବାର ଜପ କରି କରି ଓ ପ୍ରତ୍ୟେକ ମନ୍ତ୍ରରୁ ଅଦ୍ଭୁତ ଅଦ୍ଭୁତ ଅନୁଭୂତି ଲାଭ କରି କରି ଶେଷରେ ମୁଁ ଏହି ପରମ ସତ୍ୟରେ ଉପନୀତ ହୋଇଅଛି ଯେ ଏକମାତ୍ର ପ୍ରଣବର ସାଧନରେ ହିଁ ସର୍ବମନ୍ତ୍ରରେ ସାଧନ କରାହୁଏ । ପ୍ରଣବରୁ ସର୍ବମନ୍ତ୍ରର ଉତ୍ପତ୍ତି, ପ୍ରଣବରୁ ହିଁ ସର୍ବମନ୍ତ୍ରର ମହାମିଳନ ବା ମହାସମାଧି ଏବଂ ପ୍ରଣବ ହିଁ ସର୍ବମନ୍ତ୍ରର ଆଦି, ମଧ୍ୟ ଓ ଅନ୍ତ ।

ଭିନ୍ନ ଭିନ୍ନ ମନ୍ତ୍ର ଜପ କରି କରି ଭିନ୍ନ ଭିନ୍ନ ସମ୍ପ୍ରଦାୟର ବିଶେଷ ବିଶେଷ ମନୋଭଙ୍ଗୀ ମୁଁ ଲାଭ କରିଅଛି । କିନ୍ତୁ ପ୍ରଣବ ମନ୍ତ୍ର ପାଇବା ପରେ ଦେଖିଛି ଯେ ସମସ୍ତ ସାମ୍ପ୍ରଦାୟିକ ଭଙ୍ଗିମା ଗୋଟିଏ ମହାଭଙ୍ଗିମାର ଏକ ଏକ ଖଣ୍ଡିତ ରୂପମାତ୍ର । ଏହି ହେତୁ ପ୍ରଣବ-ସାଧନ ହିଁ ଭାବୀ କାଳର ମହାସମନ୍ୱୟ ଲାଗି ପଥପ୍ରବର୍ତ୍ତନ ବା ରାସ୍ତା ନିର୍ମାଣ କରି ଚାଲିଛି ।

ଏହା ହିଁ ମୋ ନିଜର ବିଚାର ଓ ଉପଲବ୍ଧି ଯେ ପ୍ରଣବ ମାଧ୍ୟମରେ ସାଧନ-ପରାୟଣ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ଆକ୍ରୋଶ ଓ ଉନ୍ମାଦନା ପ୍ରଶମନ ମାର୍ଗ ଧରିବ ।

ତଥାପି ମୁଁ କାହାକୁ ଡାକିହାକି କହୁ ନାହିଁ - "ଆସ, ମୋ ପଥରେ ଆସ" । ଜଗତରେ ଯେତେ ପଥ ଅଛି, ତା ଭିତରୁ ଯାହାକୁ ଯେଉଁଟି ଭଲ ଲାଗୁଛି ସେ ସେଇଟିକୁ ଗ୍ରହଣ କରୁ । ତା ପରେ ବି ଯେଉଁମାନେ ପଥହୀନ

ହୋଇ ପଡ଼ି ରହିବେ, ସେହି ଦୁର୍ଦ୍ଧଷ ନାରୀପୁରୁଷମାନଙ୍କ ମଧ୍ୟରୁ କେତେ ଲକ୍ଷ ବା କେତେ କୋଟିଙ୍କୁ ମୁଁ ଗୋଟିଏ ଝାମ୍ପରେ ମୋ ବୁକୁରେ ଟୋଳି ନେବି ।

ମୁଁ ମୋର ଶକ୍ତି ସମ୍ପର୍କରେ ସଚେତନ ଓ ମୁଁ ମୋର ଲକ୍ଷ୍ୟ ସମ୍ପର୍କରେ ସତର୍କ । ସାମ୍ପ୍ରଦାୟିକ ସଂକୀର୍ଣ୍ଣତାର ବିମୂଢ଼ତା ମୋତେ କଦାପି ସ୍ପର୍ଶ କରି ପାରିବ ନାହିଁ ।

(ଶ୍ରାବଣ ୨, ୧୩୭୧)

(୨୬)

ଯାହାକୁ ଇଚ୍ଛା ତାକୁ ଦୀକ୍ଷା ନେବା ପାଇଁ ପଠାଇବ ନାହିଁ । ପ୍ରକୃତରେ ଯାହାର ଗୁରୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଆସିଛି କେବଳ ସେହିମାନଙ୍କୁ ପଠାଇବ । ଆକର୍ଷିତ କ୍ଷେତ୍ରରେ ବୀଜ ବପନ କଲେ ବ୍ରହ୍ମବୀଜ ଅବଶ୍ୟ ବୃଥା ଯିବ ନାହିଁ କିନ୍ତୁ ନାନା ବିଭ୍ରାଟ ଓ ବିପତ୍ତି ଭିତର ଦେଇ ଖୁବ୍ ଡେରିରେ ସେ ବୀଜରୁ ଅଙ୍କୁରୋଦ୍‌ଗମ ହେବ । ଦୀକ୍ଷାର ଉଦ୍ଦେଶ୍ୟ ଓ ଯଥାର୍ଥ୍ୟ, ଦୀକ୍ଷାଦାତାର ଜୀବନାଦର୍ଶ ଓ ଦୀକ୍ଷାର ଭିତ୍ତିଭୂତ ଦାର୍ଶନିକ ତତ୍ତ୍ୱ ସହିତ ଯାହାର ପରିଚୟ ହୋଇନାହିଁ, ଦୀକ୍ଷା ନେବା ପରେ ତାକୁ ଏସବୁ କାମଗୁଡ଼ିକ କରିବାକୁ ହୁଏ । ଏହା ଦୀକ୍ଷିତ ପକ୍ଷରେ କ୍ଳେଶଦାୟକ ଓ ଦୀକ୍ଷାଦାତା ପକ୍ଷରେ ମର୍ମପୀଡ଼କ ହୋଇଥାଏ ।

ଦୀକ୍ଷା କେବଳ ଏକ ସଂସ୍କାର ମାତ୍ର ନୁହେଁ । ଏହା ଜୀବନର ମହତ୍ତର ସଂସ୍କାର । ବିବାହ ଉପନୟନ ଇତ୍ୟାଦି ଅପେକ୍ଷା ଏହାର ଗୁରୁତ୍ୱ ଅଧିକ ।

ଏପରି ଏକ ଯୁଗ ଥିଲା ଯେଉଁ ଯୁଗରେ କି ଉପନୟନ ହିଁ ଦୀକ୍ଷାର ସମ୍ମାନ ପାଉଥିଲା । ସେ ଯୁଗରେ ଉପନୟନ ହିଁ ଜୀବନର ମହତ୍ତମ ସଂସ୍କାର ଥିଲା । "ବ୍ୟାପ୍‌ଟିଜମ୍" କହ, "ସୁନ୍ନତ" କହ, ବା "କାଲମା" ଉଚ୍ଚାରଣ କହ, ଏ ସବୁ ଏକ ଏକ ପ୍ରକାରର ଦୀକ୍ଷା । ଖାଲି ହିନ୍ଦୁଙ୍କ ମଧ୍ୟରେ ଯେ ଦୀକ୍ଷାର ପ୍ରଚଳନ ଅଛି ତାହା ନହେଁ, ଧର୍ମୀୟ-ବୋଧ-ସମ୍ପନ୍ନ ସବୁ ମନୁଷ୍ୟଙ୍କ ମଧ୍ୟରେ ପ୍ରକାର ଭେଦରେ ଏହା ରହିଅଛି । ଏହାର ପ୍ରୟୋଜନୀୟତା ଅଛି ବୋଲି ଏହା ରହିଛି । ପ୍ରୟୋଜନ ନ ଥିଲେ ଏହା ମନୁଷ୍ୟ ମନରେ ଠାବ ପାଇ ନଥାନ୍ତା ସେ ପ୍ରୟୋଜନଟି ଏତେ ଗଭୀର ଯେ କୌଣସି କୌଣସି କ୍ଷେତ୍ରରେ ଏହା ଅନାୟାସରେ ମନୁଷ୍ୟକୁ ସଂସାରର ହଜାର ପ୍ରଲୋଭନୀୟ ବିଷୟରେ ବିରକ୍ତ କରି ଦେଇଛି ।

କିନ୍ତୁ ଗୁରୁଦେବମାନଙ୍କ ହାତରେ ପଡ଼ି କେଉଁଠି ଖାମଖିଆଲର ଚାପରେ, କେଉଁଠି ଅର୍ଥ ଲୋଭର ଦାୟରେ, ଆଉ କେଉଁଠି ଇନ୍ଦ୍ରିୟ-ପରିତର୍ପଣ ବୁଦ୍ଧିରେ ଷଡ଼ଯନ୍ତ୍ରରେ ଦୀକ୍ଷାର ଭୀଷଣ ଅପବ୍ୟବହାରହୋଇଛି । ନିଜ ନିଜର ପ୍ରଭୁତ୍ୱ ଓ ପ୍ରତିଷ୍ଠା ବର୍ଦ୍ଧନର ଉପାୟ ରୂପେ ବା ଅର୍ଥାର୍ଜନର କୌଶଳ ରୂପେ ଦୀକ୍ଷାକୁ ପ୍ରୟୋଗ କରି ଅନେକ ସାଂସାରିକ ଦୃଷ୍ଟିରେ ସଫଳତା ଅର୍ଜନ କରିଛନ୍ତି ସତ୍ୟ, କିନ୍ତୁ ତା ଫଳରେ ସେମାନଙ୍କର ବିଦ୍ୟାବୁଦ୍ଧି ଓ ତପସ୍ୟା ରସାତଳଗାମୀ ହୋଇଛି ଓ ଦୀକ୍ଷା ଜିନିଷଟିର ଅମର୍ଯ୍ୟାଦା ହୋଇଅଛି । ଦୀକ୍ଷାର ପ୍ରୟୋଜନ ମନୁଷ୍ୟର ଅଛି । ତେଣୁ ସେ ଦୀକ୍ଷା ପାଇଁ ଦୌଡ଼ି ଯାଏ । କିନ୍ତୁ ବଡ଼ କ୍ଷୋଭର ବିଷୟ ଯେ, କି ଦୀକ୍ଷା ନେଲା, କେଉଁଠି ଦୀକ୍ଷା ନେଲା, କାହା ପାଦତଳେ ଖଟିବ ବୋଲି ଦସ୍ତଖତ କରିଦେଲା, ଏ ସବୁ କଥା ସେ ଆଗରୁ ଭାବି ଦେଖେ ନାହିଁ । ଏହି କାରଣରୁ କେତେ ଦୀକ୍ଷିତଙ୍କର ଅଗ୍ରଗମନ ଯେ ବ୍ୟାହତ ହୋଇଛି, କେତେ ଦୀକ୍ଷିତ ଜ୍ଞାତସାରରେ ବା ଅଜ୍ଞାତସାରରେ ଅସାମାଜିକ କୁକାର୍ଯ୍ୟ ସମୂହର

ପ୍ରଶ୍ରୟଦାତା ଓ ସମର୍ଥକରେ ଯେ ପରିଣତ ହୋଇ ଯାଇଛନ୍ତି ତାର ଇୟତା ନାହିଁ ।

ତୁମ୍ଭେମାନେ ବିଶେଷ ଭାବରେ ମନେ ରଖିବା ଦରକାର ଯେ ମୁଁ ଏକ ଅଭ୍ୟୁନ୍ନତ ନୂତନ ପୃଥିବୀ ସୃଷ୍ଟି କରିବା ପାଇଁ ଆସିଛି । ତେଣୁ ଏ କଥା ମଧ୍ୟ ତା ସଙ୍ଗେ ସଙ୍ଗେ ମନେ ରଖିବା ଆବଶ୍ୟକ ଯେ ମୋର ଭାବ, ମୋର ଆଦର୍ଶ, ମୋର ଚିନ୍ତା, ମୋର ଜୀବନଧାରା, ମୋର କର୍ମନୀତି ଓ ମୋର ଧ୍ୟାନର ଧରଣୀ ସମ୍ପର୍କରେ ଯାହାର କିଛି ଧାରଣା ନାହିଁ ସେ ଯେପରି ଚଟ୍ କରି ଦୀକ୍ଷା ଗୃହରେ ପ୍ରବେଶ ନ କରେ ।

ଯେଉଁମାନେ ଦୀକ୍ଷା ନେଇଛନ୍ତି ସାଧନ କରିବା ଲାଗି ସେମାନଙ୍କୁ ପ୍ରବଳ ଉତ୍ସାହ ଦେବ । ଯେଉଁମାନେ ଦୀକ୍ଷା ନେଇ ନାହାନ୍ତି ବା କେବେହେଲେ କାହା ଠାରୁ ନେବେ ନାହିଁ, ସେମାନଙ୍କୁ ମଧ୍ୟ ନିଜର ଅଭିରୁଚି ଅନୁଯାୟୀ ସାଧନ ଏକନିଷ୍ଠ ଭାବରେ କରିଯିବା ପାଇଁ ପ୍ରେରଣା ଦେବ । ଅ-ସାଧନରେ ମନୁଷ୍ୟ ବହିର୍ମୁଖ ହୋଇଯାଏ । ବହିର୍ମୁଖ ମାନବ ଜୀବନରେ ଶାନ୍ତି ସୁଦୂରପରାହତ ।

(ଶ୍ରାବଣ ୨୧, ୧୩୭୧)

(୨୭)

ମୋତେ ବର୍ଜନ କରିବାର ପୂର୍ଣ୍ଣ ଅଧିକାର ତ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ମୁଁ ଦେଇଛି । ସମ୍ଭବତଃ ତୁମ୍ଭମାନଙ୍କର ସେ ଅଧିକାର ପ୍ରାପ୍ତିର କାଳ ପଚାଶବର୍ଷ ପୂରି ଗଲାଣି । ତୁମର ସେ ଅଧିକାର ମୁଁ ପ୍ରତ୍ୟାହତ କରି ନେଇନାହିଁ । ଯାହାର ଇଚ୍ଛା ହେବ ସେ ମୋତେ ଛାଡ଼ି ଚାଲିଯାଅ କିନ୍ତୁ ମୋର

ଅନୁବର୍ତ୍ତୀ ବୋଲି ପରିଚୟ ଦେଇ ତୁମ୍ଭେମାନେ ଲୋକମାନଙ୍କ ପାଖରୁ ଶସ୍ତା ବାହାବା ପାଇବା ପାଇଁ ଯାହା ମୋର ନିର୍ଦ୍ଦେଶ ନୁହେଁ, ତାକୁ ମୋର ପନ୍ଥା ବୋଲି ଚଳାଇ ନେବାକୁ ଚେଷ୍ଟା କରିବ ଓ ମୋର ବିଶୁଦ୍ଧ ଧର୍ମମତକୁ ବିକୃତ କରି ପ୍ରସାରିତ କରିବ, ସେ କଥା ତ ହୋଇ ପାରିବ ନାହିଁ । ଖ୍ରୀଷ୍ଟଧର୍ମ ଯେତେବେଳେ ରୋମରୁ କନଷ୍ଟାଣ୍ଟିନୋପଲକୁ ଆସିଲା, ସେତେବେଳେ ତାହା ପ୍ରାଚ୍ୟ ଭୂଖଣ୍ଡର ଧର୍ମମତଗୁଡ଼ିକ ସହିତ ଏକ ରଫାନାମା କରି ବସିଲା । ତା ଫଳରେ ଅବଶ୍ୟ ଖ୍ରୀଷ୍ଟିଆୟନଙ୍କ ସଂଖ୍ୟା ବଢ଼ିଲା କିନ୍ତୁ ଖ୍ରୀଷ୍ଟିୟ ଧର୍ମାଚାର୍ଯ୍ୟମାନେ କହନ୍ତି ଯେ ଏହା ଫଳରେ ଖ୍ରୀଷ୍ଟଧର୍ମର ଆଦିମ ଶୁଚିତାର ରୂପାନ୍ତର ହୋଇଛି ।

କୌଣସି କୋଣସି ଧର୍ମାମତାବଲମ୍ବୀମାନେ ନିଜ ନିଜର ଧର୍ମମତ ପ୍ରତି ଏତେ ନିଷ୍ଠାବାନ ଯେ ଅନ୍ୟ ମତ ଓ ଅନ୍ୟ ପଥକୁ ସେମାନେ ସହ୍ୟ କରି ପାରନ୍ତି ନାହିଁ, ସେମାନେ ଅକାତରରେ ଅନ୍ୟ ଧର୍ମକୁ ନିର୍ମୂଳ କରିଛନ୍ତି । ମୁଁ ତୁମ୍ଭମାନଙ୍କୁ କଦାପି ସେପରି କରିବାକୁ କହିନାହିଁ । ‘‘ଜଗତର ସବୁ ସମ୍ପ୍ରଦାୟ ମୋର’’ ଏ କଥାର ମାନେ ହେଉଛି, ଦୁନିଆରେ ଯେ ଯେଉଁଠି ଯେଉଁ ଧର୍ମମତ ଅନୁସରଣ କରି ଈଶ୍ୱର-ସାଧନ କରୁଛି, ମୁଁ ନିଜକୁ ତାର ସହିତ ଅଭିନ୍ନ ବୋଲି ଅନୁଭବ କରି ତା'ର ଧର୍ମାନୁଶୀଳନ ସମୟରେ ତା ସହିତ ରହିଛି । ‘‘ମୁଁ ଜଗତର ସବୁ ସମ୍ପ୍ରଦାୟର’’ ଏ କଥାଟାର ମାନେ ହେଉଛି, ଯେଉଁ ସମ୍ପ୍ରଦାୟର ଯେଉଁ ସାଧକ ଯେତେବେଳେ ମୋର ସନ୍ନିହିତ ହୋଇଛନ୍ତି ମୁଁ ତାଙ୍କର ମତ ଓ ପଥର ଅବିରୋଧୀ ଭାବରେ ତାଙ୍କର ଈଶ୍ୱର ପ୍ରେମ ବର୍ଦ୍ଧନ କାର୍ଯ୍ୟରେ ନିୟତ ଯତ୍ନବାନ ହୋଇଅଛି । ଜଗତର ସବୁ ସମ୍ପ୍ରଦାୟ ମୋର ବୋଲି ଯେ ମୁଁ ପ୍ରତ୍ୟେକ ସମ୍ପ୍ରଦାୟର ଧର୍ମୀୟ ଅନୁଷ୍ଠାନ ଦିନ କାହାକୁ ଅନୁକରଣ କରି ନଷ୍ଟ ଚନ୍ଦ୍ରରେ ନାରିକେଳ ଚୋରି କରିବି, ଆଉ କାହାକୁ ଅନୁକରଣ କରି କାଳୀପୂଜାରେ

ପଣ୍ଡା ବଳିଦେବି, ଅମାବାସ୍ୟା ରାତ୍ରିରେ ପଞ୍ଚମକାର-ସାଧନ କରିବି, ଇଦ୍‌ଦିନ ଗୋ-କୁର୍ବାନି କରିବି ଅଥବା ବିଶିଷ୍ଟ ଏକ ପୁଣ୍ୟ ଦିବସରେ ପାତ୍ର ମଧ୍ୟସ୍ଥ ମଦ୍ୟପାନ କରି ପବିତ୍ରାତ୍ମାର ପବିତ୍ର ଶୋଣିତକୁ ସମ୍ମାନ ପ୍ରଦର୍ଶନ କରିବି, ସେ କଥା କଦାପି ହୋଇ ନ ପାରେ । ପ୍ରକୃତରେ ଦେଖିବାକୁ ଗଲେ ଅସାମ୍ପ୍ରଦାୟିକ ହେବା ଓ ଲୋକଙ୍କ ଠାରୁ ଅସାମ୍ପ୍ରଦାୟିକ ଖ୍ୟାତି ଲାଭ କରିବା ସବୁ ସମୟରେ ଏକ କଥା ନୁହେଁ ।

(ପୌଷ ୬, ୧୩୭୧)

(୨୮)

ଗୟା ଏକ ବିଖ୍ୟାତ ତୀର୍ଥ ସ୍ଥାନ । ଏହା ଏକ ଧର୍ମପୀଠ । ଏହି କାରଣରୁ ଏଠାରେ ଅଧର୍ମ ମଧ୍ୟ ପ୍ରବଳ । ମୁଁ ଏଠାକୁ ଆସି ଏକ କଦର୍ଯ୍ୟ ଘଟଣା ଶୁଣିଲି କିଏ ଜଣେ ସଦ୍‌ବ୍ରାହ୍ମଣ ବହୁ ବର୍ଷ ହେଲା ଖାଣ୍ଟି ଘିଅରେ ପ୍ରସ୍ତୁତ ନିରାମିଷ ଆହାରର ହୋଟେଲ ଖୋଲି ବସିଛି । ଏବେ ତା ହୋଟେଲର ଏକ ପ୍ରକୋଷ୍ଠରୁ ଦୁଇଟି କୂପ ଆବିଷ୍କୃତ ହୋଇଛି, ଯାହାକି ଅଂସଖ୍ୟ ପଚା ମୃତଦେହ ଓ ଦୁଇଟି ତାଜା ମୃତ ଦେହରେ ପୂର୍ଣ୍ଣ । ଉପରେ ପେଚ ସ୍କ୍ରୁ ଅଣ୍ଟା ଯାଇ ସୁନ୍ଦର ଶିବମୂର୍ତ୍ତୀ ବସାଇ ଦିଆଯାଇଛି । ପଇସାବାଲା ଗ୍ରାହକ ଆସିଲେ ସେ ହୋଟେଲରୁ ଆଉ ଘରକୁ ଫେରିଯାଏ ନାହିଁ, ଖଣ୍ଡିତ ବିଖଣ୍ଡିତ ଅବସ୍ଥାରେ ମହାଦେବଙ୍କ ପାଦତଳେ ପୂର୍ବଗାମୀ ମୃତଦେହକୁ ଆଲିଙ୍ଗନ କରେ ।

ଚମତ୍କାର କାହାଣୀ ! କାଶୀରେ ମଧ୍ୟ ଏପରି ଅଛି । ସେଠାରେ ଏବେ ବି ଏପରି କୂପ ଅଛି, ଯହିଁରେ କୂଅ-କଣ୍ଟା ପକାଇଲେ ମନୁଷ୍ୟର ଅସ୍ଥିକଙ୍କାଳ ବାହାରି ଆସିବ ।

ଧର୍ମପୀଠରେ ଏ ସବୁ ଅସତ୍‌କାର୍ଯ୍ୟ ହେଲେ ସିନା ଏଗୁଡ଼ିକ ତୀର୍ଥ ମଧ୍ୟରେ ରାଜା ବୋଲି ପୂଜା ପାଇବେ !

ଗୁରୁଦେବଙ୍କ ସମ୍ପର୍କରେ ମଧ୍ୟ ସେହି କଥା ପ୍ରଯୁଜ୍ୟ । ବର୍ତ୍ତମାନ ମୁଁ ଦୀକ୍ଷାଗୃହରେ ପ୍ରବେଶ କରିବି । ଶୁଣିଲି, ଜଣେ ମହିଳା ତାର ଗୁରୁଦେବଙ୍କ ଆଚାର ବ୍ୟବହାରରେ ବିରକ୍ତ ହୋଇ ତାଙ୍କ ସହିତ ସବୁ ସମ୍ବନ୍ଧ ଚିରକାଳ ପାଇଁ ତୁଟାଇ ଦେବାକୁ ଚାହେଁ । ମୁଁ କହିଲି- ଠିକ୍ କଥା । କଦାଚାରୀ ଗୁରୁକୁ ତତ୍‌କ୍ଷଣେ ତ୍ୟାଗ କରିବା କଥା । କିଛି ଚିନ୍ତା ନାହିଁ, ମୁଁ ତୋତେ ଆଶ୍ରୟ ଦେବି ।

ମୁଁ ଆଶ୍ରୟ ଦେବି କଣ ମୋ ନିଜର କୌଣସି ଶକ୍ତିରେ ? ଯାହାଙ୍କ ଶକ୍ତିରେ ମୁଁ ଗୁରୁ, ଏକମାତ୍ର ତାଙ୍କରି ଶକ୍ତିରେ ଆଶ୍ରୟ ଦେବି । ଏଇଥି ପାଇଁ ଦୁରାଚାରୀ ଗୁରୁଦେବମାନେ ମୋତେ ଭୟ କରନ୍ତି । ଏହି କାରଣରୁ ବିଷ ପ୍ରୟୋଗ କରି ମୋତେ ହତ୍ୟା କରିବା ପାଇଁ ସେମାନେ ବାରମ୍ବାର ଷଡ଼ଯନ୍ତ୍ର କରିଛନ୍ତି । ଈଶ୍ୱର ରକ୍ଷାକର୍ତ୍ତା, ସେ ରଖିଲେ ମାରିବ କିଏ ?

କଦାଚାର, ଅନାଚାର, ଅପଚାର, ବ୍ୟଭିଚାର, ସମାଜର କଲ୍ୟାଣ ବୋଧର ବିରୋଧୀ ଓ ନାରୀର ସତୀତ୍ୱ-ବୋଧର ଅପଳାପକାରକ ସବୁ ମତ ଓ ପଥ ଏ ଦେଶରୁ ଚିର ନିର୍ବାସିତ ହେଉ । ପ୍ରତ୍ୟେକ ଲୋକର ମନରେ ନୀତିବୋଧ ଜାଗ୍ରତ କରିବାକୁ ହେବ । ଗୁରୁ ଭଗବାନ, ଅତଏବ ସେ ଦେହକୁ ଭୋଗ କଲେ ସତୀର ସତୀତ୍ୱ ଯାଏ ନାହିଁ, ଏ ଧରଣର ଭ୍ରାନ୍ତ ଧାରଣାକୁ ଦେଶରୁ ଦୂର କରି ଦେବାକୁ ହେବ । ଗୁରୁ ଯଦି ଭଗବାନ ହୋଇଥାନ୍ତି, ତେବେ ଭଗବାନ ବୋଲି ପୂଜିତ ହେବା ଭଳି ସଦ୍‌ଗୁଣ ତାଙ୍କଠାରେ ଥିବା ଆବଶ୍ୟକ । ଯେ କାମିନୀ କାଞ୍ଚନରେ ଆସକ୍ତ ହେବେ, ଯେ ନିଜର ସ୍ୱାର୍ଥ ସାଧନ ଲାଗି

ଅନ୍ୟର ଅନିଷ୍ଟ କରିବାକୁ ଲଜ୍ଜାବୋଧ ନ କରିବେ, ଏପରିକି ଯେ ନିଜର ମାନସମ୍ମାନ ବଜାୟ ରଖିବା ପାଇଁ ଦରକାର ପଡ଼ିଲେ ନରହତ୍ୟା କରିବାକୁ ସୁଦ୍ଧା କୁଣ୍ଠିତ ନ ହେବେ, ସେ କି ଭଗବାନ ? ସେ କାହିଁକି ଭଗବାନଙ୍କର ପୂଜା କୌଶଳରେ ଅପହରଣ କରିବେ ? ତାଙ୍କ କାନ ଧରି ଯଦି ଅଭ୍ୟୁନ୍ନତ ଗୁରୁ ଆସନରୁ ତାଙ୍କୁ ଖସାଇ ଦେଇ ନ ପାର, ତେବେ ନିଜ ରାସ୍ତା ନିଜେ ଦେଖ । ସେଥିରେ କିଛି ପାପ ନାହିଁ ।

(ମାଘ ୨୪, ୧୩୭୧)

(୨୯)

ହିନ୍ଦୁ ପିଲା, ମୁସଲମାନ ପିଲା, ଖ୍ରୀଷ୍ଟିଆନ ପିଲା, ବୌଦ୍ଧ ପିଲା ଓ ଇହୁଦୀ ପିଲାଙ୍କୁ ମୁଁ ଦୀକ୍ଷା ଦେଇଛି ଏବଂ ଅଖଣ୍ଡ-ମତରେ ହିଁ ଦେଇଛି । ଲୋକ ପ୍ରଚଳିତ ବୈଷ୍ଣବ, ତାନ୍ତ୍ରିକ, ଶାକ୍ତ, ଶୈବ, ସୌର, ଗାଣପତ୍ୟ ପ୍ରଭୃତି ମତର ମୁଁ ଅନୁବର୍ତ୍ତୀ ନୁହେଁ, ପ୍ରଚାରକ ବି ନୁହେଁ । ମୁଁ ଅଖଣ୍ଡ ମତର ପ୍ରଚାରକ ।

ଏ ସ୍ଥଳେ ପ୍ରଚାରକ କଥାଟାରମାନେ ହେଉଛି ଏଇଆ ଯେ, ମୁଁ ନିଜ ଜୀବନରେ ଅଖଣ୍ଡ-ମତର ଅନୁଶୀଳନକାରୀ । ମୋର ଆଚାର ଓ ଆଚରଣରେ ଅଖଣ୍ଡ-ମତ ଛଡ଼ା ଅନ୍ୟ ମତର ପ୍ରତିଫଳନ ନାହିଁ, ସୁଦୂର ପ୍ରତିଫଳନ କିଛି ଥିଲେ ତାହା ମୋର ସମ୍ପୂର୍ଣ୍ଣ ଅଜ୍ଞାତ ।

ଏହି ଅର୍ଥରେ ମୁଁ ଅଖଣ୍ଡ-ମତର ପ୍ରଚାରକ । ନତୁବା, ମୁଁ ମୋର ସେ ମତକୁ ବାହାରର ଲୋକଙ୍କ ଉପରେ ଲଦି ଦେବା ପାଇଁ ଜୀବନରେ କେବେ କୌଣସି ଚେଷ୍ଟା କରି ନାହିଁ । ଅଖଣ୍ଡ-ମତବାଦକୁ ବ୍ୟାଖ୍ୟା କରିବା ପାଇଁ ମୁଁ

ଆଜି ପର୍ଯ୍ୟନ୍ତ କୌଣସି ସଭାମଞ୍ଚରେ ଭାଷଣ ଦେଇ ନାହିଁ । ମୋର ନିଜର ଆଚରଣ ପ୍ରତି ମୋର ଲକ୍ଷ୍ୟ ନିବଦ୍ଧ, ବାହାରର ପ୍ରଚାର ଆଡ଼କୁ ମୋର ଲକ୍ଷ୍ୟ ନାହିଁ ।

ତଥାପି ମୋର ଶିଷ୍ୟମାନଙ୍କ ମଧ୍ୟରୁ କେହି କେହି ମୋର ଉପଦେଶବାଣୀ ପାଠ କରି ନାନା ସ୍ଥାନରେ ଲୋକଙ୍କୁ ଶୁଣାନ୍ତି । ତାର ତାତ୍ପର୍ଯ୍ୟ ହେଉଛି, ମୋର ସେହି ଶିଷ୍ୟମାନଙ୍କର ନିଜ ମତ ପ୍ରତି ଏକାନ୍ତ ନିଷ୍ଠା ସଂରକ୍ଷଣ ଲାଗି ଚତୁର୍ଦ୍ଦିଗର ବାତାବରଣକୁ ଅନୁକୂଳ କରିବାର ଆବଶ୍ୟକତା । ଅନେକ ସମୟରେ ବିରୁଦ୍ଧ ଆବହାଓ୍ବା ଭିତରେ ନିଜର ନିଷ୍ଠା ଦୁର୍ବଳ ହେବାର ପ୍ରବଣତା ପ୍ରାପ୍ତ ହୁଏ । ଆତ୍ମରକ୍ଷା ଲାଗି ବାତାବରଣ ବିଶୁଦ୍ଧ କରିବା ଆବଶ୍ୟକ ।

ମୋ ଶିଷ୍ୟମାନେ ଯଦି ଉଦ୍ୟମ ସହକାରେ ମୋର ମତ ପ୍ରଚାର କରିଥାନ୍ତେ, ସେଥିରେ କିଛି ଦୋଷ ହୋଇ ନଥାନ୍ତା । ଏପରିକି ମୁଁ ନିଜେ ଯଦି ମୋର ମତ ପ୍ରଚାର କରିଥାନ୍ତି, ସେଥିରେ ମଧ୍ୟ କିଛି ଦୋଷ ହୋଇ ନ ଥାନ୍ତା । ଯୀଶୁ, ଶଙ୍କର, ମହମ୍ମଦ, ନାନକ, ଚୈତନ୍ୟ ପ୍ରଭୃତି ପ୍ରତ୍ୟେକ ନିଜ ନିଜର ମତ ପ୍ରଚାର କରିଛନ୍ତି । ସେଥିରେ ଦୋଷ ହୋଇନାହିଁ । ତଥାପି ମୁଁ ଯେ ମୋ ନିଜ ମତକୁ ଡାକିହାକି ପ୍ରଚାର କରି ନାହିଁ, ତା'ର କାରଣ ହେଉଛି, ଅପରକୁ ତା ମତରେ ସଂପୂର୍ଣ୍ଣ ଶ୍ରଦ୍ଧା ସହକାରେ ଚଳିବାର ଅଧିକାର ଦେବାର ମୁଁ ପକ୍ଷପାତୀ । ମୁଁ ଯାହା ପ୍ରଚାର କରେ, ତାହା ସମସ୍ତଙ୍କ ପକ୍ଷରେ ଗ୍ରହଣୀୟ, ଶୁଦ୍ଧ, ସଂଯତ, ସତ୍ୟମୟ ସରଳ ପଥ, ନୈତିକ ଶୁଦ୍ଧତାର ପଥ ଓ ସଚ୍ଚରିତ୍ରତାର ପଥ । ମୁଁ ଯାହା ପ୍ରଚାର କରେ, ତାହା ଈଶ୍ୱର-ବିଶ୍ୱାସର ପଥ, ଈଶ୍ୱରଙ୍କୁ ଭଲ ପାଇବାର ପଥ । ଈଶ୍ୱରଙ୍କ ସମ୍ପର୍କରେ ତୁମର ଧାରଣା ସହିତ ମୋ ଧାରଣାର

ପାର୍ଥକ୍ୟ ଥାଇପାରେ, ସେ ପାର୍ଥକ୍ୟ ଦୂରୀକରଣ ଲାଗି ମୋ ମୁଣ୍ଡ ବଥେଇବାର କିଛି ନାହିଁ । ଈଶ୍ୱରଙ୍କ ସମ୍ପର୍କରେ ତୁମର ଧାରଣା ଯାହା ହେଉ ପଛକେ ତାଙ୍କୁ ତୁମେ ଭଲ ପାଇଲେ ମୁଁ ଖୁସି । ମୋ ଧାରଣା ଅନୁରୂପ ଧାରଣା ତୁମର ନାହିଁ ବୋଲି ମୁଁ ତୁମ ପାଇଁ ଅନନ୍ତ ନରକର ବ୍ୟବସ୍ଥା କରିବି ନାହିଁ । ଏହି କାରଣରୁ ମୋ ପକ୍ଷରେ ଏକଥା ଅକାତରରେ କହିବା ସମ୍ଭବପର ହୋଇଛି - "ଜଗତର ସବୁ ସମ୍ପ୍ରଦାୟ ମୋର ଓ ମୁଁ ଜଗତର ସବୁ ସମ୍ପ୍ରଦାୟର" । ଅନ୍ୟମାନଙ୍କ ପକ୍ଷରେ ଏହା କହିବା ସମ୍ଭବ ହେବ କି ନାହିଁ, ଈଶ୍ୱର ଜାଣନ୍ତି ।

(ଚୈତ୍ର ୧୨, ୧୩୭୧)

(୩୦)

ଦୀକ୍ଷା ନେଇ ଯେଉଁମାନେ ସାଧନ ନ କରନ୍ତି, ସେ ଭଳି ହତଭାଗାମାନେ ବାସ୍ତବିକ କୃପାର ପାତ୍ର । ତୁମ୍ଭେମାନେ ସେମାନଙ୍କୁ ଘୃଣା କରିବ ନାହିଁ । କେବଳ ମୋରି ଶିଷ୍ୟମାନେ ଯେ ଏ ଦୋଷରେ ଦୋଷୀ, ତାହା ନୁହେଁ । ଅନ୍ୟାନ୍ୟ ଗୁରୁଦେବଙ୍କର ଶିଷ୍ୟମାନେ ହୁଏତ କେତେକାଂଶରେ ଏହିପରି । ତେବେ ତାରତମ୍ୟ ଅଛି । କିଏ ତର, କିଏ ତମ । ଏହି ତାରତମ୍ୟର ଗୋଟିଏ କାରଣ ହେଉଛି, ପ୍ରାୟ ସବୁ ଗୁରୁମାନେ ଶିଷ୍ୟମାନଙ୍କୁ ଉପଦେଶ ଦିଅନ୍ତି ଯେ ଗୁରୁଙ୍କୁ ଭଗବାନ ଜ୍ଞାନ କରି ଭଜନ କରିବ । ମୁଁ ଦିଏ ନାହିଁ । ଗୁରୁଙ୍କୁ ଭଗବାନ ବୋଲି ଭାବିବାରେ ସାଧନ-ପଥିକର ମସ୍ତବଡ଼ ଏକ ସୁବିଧା ରହିଛି । ତାହା ହେଉଛି, ବାକ୍ୟ, ବ୍ୟବହାର ବା ସୁଦୃଷ୍ଟି ମାଧ୍ୟମରେ ଗୁରୁଦେବଙ୍କର ସ୍ନେହକୁ ପାର୍ଥିବ ଭାବରେ ଅନୁଭବ କରିବା ସହଜ ହୁଏ ବୋଲି ତାଙ୍କ ପ୍ରତି ଆପେ ଆପେ ଗଭୀର ଭକ୍ତି ଓ ଅନୁରକ୍ତି ସୃଷ୍ଟି ହୋଇଯାଏ । ଠିକ୍ ଯେପରି କର୍କଶ ବନ୍ଧୁର ପଥରେ ପିଚୁପକାଇ ରାସ୍ତା ମସୃଣ କରାଯାଏ, ଏ ସେହିପରି ଏକ ଅନୁକୂଳ

ଅବସ୍ଥା । ପିଚ୍ ରାସ୍ତାରେ ପାଦରେ, ସାଇକଲରେ ବା ମଟରରେ ଗଲେ ଠୋକର କମ ଲାଗେ । ଖୁବ୍ ସମ୍ଭବତଃ ଏହି କାରଣରୁ ଗୁରୁଙ୍କଠାରେ ଈଶ୍ୱର-ବୁଦ୍ଧି ଆରୋପ ପ୍ରଚଳିତ ହୋଇଥିଲା । ଏହାକୁ ମୁଁ ଗୁରୁଦେବମାନଙ୍କର ଚାଲାକି ବା ବଦମାସୀ ବୋଲି ମନେ କରେ ନାହିଁ । ଶିଷ୍ୟର ଦ୍ରୁତ ଅଗ୍ରମନରେ ସହାୟତା ଲାଗି ଏ ଯେପରି ସାଇକଲ ହୁଇଲରେ ମୋବିଲ ଢାଳି ଦିଆଯାଇ ଥିଲା । କିନ୍ତୁ ଅଧିକାଂଶ ସ୍ଥଳେ ମୌଳିକ ସଦୁଦ୍ଦେଶ୍ୟଟି ବଜାୟ ରହିଲା ନାହିଁ । ଏହି ପାପରୁ ହିଁ ବର୍ତ୍ତମାନ ଯୁଗରେ ଗୁରୁଙ୍କୁ ଈଶ୍ୱର ଜ୍ଞାନ କରିବା ବୁଦ୍ଧି ଅତି ସଙ୍ଗତ ଭାବରେ ନିନ୍ଦିତ ହୋଇଅଛି ।

(ଜ୍ୟେଷ୍ଠ ୧୮, ୧୩୭୨)

(୩୧)

ଓଁ କାର ମହାମନ୍ତ୍ର ଗୁରୁମୁଖରୁ ଦୀକ୍ଷାସୂତ୍ରରେ ପାଇଲେ ମାନବ ଧନ୍ୟାତିଧନ୍ୟ ହୁଏ । ତାହାହେଲେ ତାର ଆଉ ଶହ ଶହ ଦେବଦେବୀଙ୍କୁ ଭଜନ କରିବା ପ୍ରୟୋଜନ ହୁଏନାହିଁ । ଏ ବିଷୟରେ ତୁମ୍ଭେମାନେ ଯେ ଏ ପର୍ଯ୍ୟନ୍ତ ମତ ସ୍ଥିର କରି ପାରିନାହିଁ, ତାର କାରଣ ତୁମ୍ଭମାନଙ୍କର ନାମରେ ଅରୁଚି । ଯେଉଁ ନାମ ପାଇଛ, ନିଷ୍ଠା ସହକାରେ ତାହା ଜପି ଯାଅ । ଜପ କରୁ କରୁ ଦେଖିବ ଯେ ସେହି ଗୋଟିଏ ନାମ ଭିତରେ ହିଁ ବିଶ୍ୱ ବ୍ରହ୍ମାଣ୍ଡ ରହିଅଛି । ତେଣୁ ଏକମାତ୍ର ସେହି ନାମର ସେବା କଲେ ବିଶ୍ୱର ସମସ୍ତଙ୍କର ସେବା ହୁଏ । ମୁଁ ତୁମ୍ଭମାନଙ୍କୁ ଉପଦେଶ ଦେଲେ ତ ହେବ ନାହିଁ, ତୁମ୍ଭମାନଙ୍କୁ ନାମର ସେବା କରିବାକୁ ହେବ । ନାମର ସେବା କରୁ କରୁ ଅନ୍ତରରେ ପ୍ରେମ ଜନ୍ମିବ । ଜ୍ଞାନ ଯେପରି ପ୍ରେମ ରାଜ୍ୟର ସିଂହଦ୍ୱାର, ପ୍ରେମ ସେହିପରି ଜ୍ଞାନ ରାଜ୍ୟର ସିଂହାସନ । ଅର୍ଥାତ୍ ପ୍ରେମ ଜନ୍ମିଲେ ଜ୍ଞାନ ଆସେ ଓ ଜ୍ଞାନ ହେଲେ ପ୍ରେମ ଆସେ ଆଦ୍ୟରେ ଓ ଅନ୍ତରେ ସର୍ବତ୍ର ପ୍ରେମ ଉନ୍ନତ ମସ୍ତକ ହୋଇ ବିରାଜମାନ । ପ୍ରେମ ପ୍ରଗାଢ଼

ହେଲେ ବହୁତ ବୋଧ ରହେ ନାହିଁ, ଏକରେ ଅନେକର ପର୍ଯ୍ୟାବସାନ ଘଟେ । ମୋର ଏକମାତ୍ର ପ୍ରଶ୍ନ, କେବେ ତୁମ୍ଭେମାନେ ନାମରେ ରୁଚିସମ୍ପନ୍ନ ହେବ ? ବହୁ ଦେବତାଙ୍କ ସେବା କରିବା ଫଳରେ କେବଳ ଦଳ ବଢ଼ିଛି । ତୁମ୍ଭେମାନେ ଖାଲି ଭେଦାଭେଦ ଶିଖିଛ । ସମସ୍ତେ ଜଣକର ପୂଜାରୀ ହୁଅ । ସବୁ ଦଳ ମିଶି ଏକ ଦଳ ହୁଅ । ସମସ୍ତଙ୍କ ଦଳରେ ସମସ୍ତେ ଅଂଶୀଦାର ହୁଅନ୍ତୁ । ସମସ୍ତଙ୍କର ବଳ ସମସ୍ତଙ୍କର ଅଭ୍ୟୁଦୟରେ ଲାଗୁ । ଅପରର ଅବଲମ୍ବିତ ସାଧନ ପଥକୁ ଆମେ ଯେପରି ନିନ୍ଦା ନ କରୁ । କାରଣ ଯେ କେହି ଯେ କୌଣସି ମନ୍ତ୍ରର ସାଧନ କରୁ, ମନ୍ତ୍ରର ସାଧନ କରୁ କରୁ ତାର ପରମ ଉପଲବ୍ଧି ତାକୁ ନେଇ ଓଁକାରରେ ହିଁ ପ୍ରତିଷ୍ଠିତ କରିବ ।

(ଶ୍ରାବଣ ୧୪, ୧୩୭୩)

(୩୨)

ପିତାର ଦାୟିତ୍ୱ ଯେ ଆପେ ଆପେ ନିଜ ସ୍କନ୍ଧରେ ନିଏ, ସେ ସୁପୁତ୍ର । ଦୁନିଆରେ ଏପରି ପିତା କିଏ ଅଛି, ଯେ ନିଜ ପୁତ୍ର ଠାରୁ ଏତିକି ଆଶା ନ କରେ ? ପୁତ୍ର କନ୍ୟାଙ୍କ ଅନ୍ୟଥା ଆଚରଣ ଯୋଗୁଁ ଯେଉଁମାନେ ସେ ସୌଭାଗ୍ୟରୁ ବଂଚିତ ଓ ବିଡ଼ମ୍ବିତ, କେବଳ ସେହିମାନେ ହିଁ କହିବେ - ପୁତ୍ର କନ୍ୟାଙ୍କର ସାହାଯ୍ୟ ସହାନୁଭୂତି ମୁଁ ଚାହେଁ ନା, ସେମାନଙ୍କର ସେବା ମୋର ଲୋଡ଼ା ନାହିଁ ।

ଗୁରୁଶିଷ୍ୟ ସମ୍ପର୍କରେ ମଧ୍ୟ ଏହି କଥାଟି ଖାଟେ । ଗୁରୁ ହୁଏତ କିଛି ପ୍ରତ୍ୟାଶା କରିବେ ନାହିଁ, କାରଣ ଶିଷ୍ୟ ଉପରେ ନିର୍ଭର କରିବା ଅପେକ୍ଷା ଈଶ୍ୱରଙ୍କର ଉପରେ ତାଙ୍କର ନିର୍ଭର ବେଶି । ଶିଷ୍ୟ ହୁଏତ ଗୁରୁଙ୍କ ଆଦର୍ଶକୁ ପ୍ରସାରିତ କଲାନାହିଁ, ବାହାରର ଲୋକେ ଆସି ତାହା କଲେ । ବାନ୍ଧା ଯେ

ଗୋବିନ୍ଦ-ଶିଷ୍ୟ ନାମଧାରୀ ଅନ୍ୟ ଯେ କୌଣସି ଶିଖ ଅପେକ୍ଷା ଗୁରୁ ଗୋବିନ୍ଦ ସିଂହଙ୍କ ସାମୟିକ ଓ ସାଙ୍ଗଠନିକ ଆଦର୍ଶକୁ ଅଧିକରୁ ଅଧିକ ରୂପାୟନ କରିବାକୁ ଚେଷ୍ଟିତ ଓ ସମର୍ଥ ହୋଇଥିଲେ, ସେ କଥା ଇତିହାସବେତ୍ତାମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ବାନ୍ଦାର ଅସାମାନ୍ୟ କର୍ମୋଦ୍ୟମ ସହିତ ଶିଖ ଜନସାଧାରଣ ଆଗଭର ହୋଇ ଆସି ନିଜ ନିଜ ଶକ୍ତିକୁ ଯେ ସଂଯୋଜିତ କରି ନଥିଲେ, ତାର ପ୍ରଧାନ କାରଣ ହେଉଛି ବାନ୍ଦା କେତେକ ବିଷୟରେ ଗୁରୁ ଗୋବିନ୍ଦଙ୍କ ଠାରୁ ପୃଥକ ଥିଲେ । ବାନ୍ଦା ଯଦି ଗୁରୁଙ୍କର ପଞ୍ଜା ପାଇଥାନ୍ତେ, ତାହାହେଲେ ହୁଏତ ଶିଖ ଇତିହାସରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇ ପାରିଥାନ୍ତା । ବାନ୍ଦା ଥିଲେ ବୈଷ୍ଣବ ସନ୍ତାନ, ବୈଷ୍ଣବ ସାଧନରେ ଚରଣଶୀଳ । ବାନ୍ଦାକୁ ଗୁରୁଗୋବିନ୍ଦ ଏକାନ୍ତ ଈଶ୍ୱରାଭିପ୍ରାୟରୁ ହିଁ ପାଇଥିଲେ ।

ବହୁ ଶିଷ୍ୟ ଗୁରୁଦେବଙ୍କ ମତ, ପଥ ଓ ଆଦର୍ଶକୁ ଜଗତରେ ପ୍ରଚାରିତ, ପ୍ରସାରିତ ଓ ଉଜ୍ଜ୍ୱଳତର କରିଛନ୍ତି । କିନ୍ତୁ ଯେଉଁମାନେ ଶିଷ୍ୟ ନୁହଁନ୍ତି, ସେପରି ବହୁ ଲୋକ ଯେ ଶିଷ୍ୟାଧିକ ଆନୁଗତ୍ୟ ସହକାରେ କାର୍ଯ୍ୟ କରି ଯାଇଛନ୍ତି, ସେ ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ଏଥିରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ ବିଶ୍ୱମାନବ ପ୍ରତି ଯାହାଙ୍କର ପ୍ରେମ ଉଦାର ଓ ସମ୍ପ୍ରଦାୟ ବୁଦ୍ଧିହୀନ, ତାଙ୍କର ଭାବ ଓ ବାଣୀ ବିଶ୍ୱକୁ ଉପହାର ଦେବା ଲାଗି ପ୍ରଥାଗତ ଶିଷ୍ୟମାନେ ଏକମାତ୍ର ଅବଲମ୍ବନ ନୁହଁନ୍ତି ।

ଏ ପରିସ୍ଥିତିରେ ଶିଷ୍ୟକୂଳର ମର୍ଯ୍ୟାଦା ଟିକିଏ କମିଗଲା ବୋଲି ନିଶ୍ଚୟ ମନେହେବ । କିନ୍ତୁ ଯେଉଁମାନେ ଜଗଦ୍‌ଗୁରୁ, ବର୍ତ୍ତମାନ ଓ ଅନାଗତ ଯୁଗବ୍ୟାପୀ ସମଗ୍ର ଜଗଦ୍‌ବାସୀ ତ ସେମାନଙ୍କର ଶିଷ୍ୟ ହେବେ । ତେଣୁ ସ୍ୱତନ୍ତ୍ର ଭାବରେ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଶିଷ୍ୟକୂଳ ଆଡ଼କୁ ସେ କାହିଁକି ଅନାଇ ବସିବେ ?

ଅଧିକାଂଶ ସମୟରେ ମୁଁ ଚିନ୍ତାର ଏହି ଅଧିଷ୍ଠାନ-ଭୂମିରେ ବିଚରଣ କରେ । ଏହି କାରଣରୁ ମୁଁ ଶିଷ୍ୟ-ନାମଧାରୀମାନଙ୍କୁ ମୋର କର୍ମ ଓ ପ୍ରୟାସଗୁଡ଼ିକ ସହିତ ଜଡ଼ିତ କରିବାକୁ ସାଧାରଣତଃ ଆଗ୍ରହୀ ହୁଏ ନାହିଁ । ତେବେ ଯେଉଁମାନେ ପ୍ରକୃତ ଶିଷ୍ୟ, ସେମାନେ ନିଜ ନିଜର ଭକ୍ତି ମହିମାରେ ଆପେ ଆପେ ହୃଦୟଙ୍ଗମ କରି ପାରିବେ ଯେ ସେମାନଙ୍କର ଅବଶ୍ୟ କରଣୀୟ ଓ ଆଶୁ କର୍ତ୍ତବ୍ୟ କଣ । ନିଜର କର୍ତ୍ତବ୍ୟ ନିଜେ ବୁଝିପାରିବା ଅବଶ୍ୟ ବୁଦ୍ଧି ନିର୍ଭର ଓ ଜ୍ଞାନ ସାପେକ୍ଷ । ତୁମ୍ଭେମାନେ ଯଦି ସାଧନ କର, ତେବେ ତ ବୁଦ୍ଧି ନିର୍ଭୁଲ ପଥରେ ଚାଲିବ, ତେବେ ତ ଜ୍ଞାନ ପୂର୍ଣ୍ଣ ସତ୍ୟରେ ପ୍ରତିଷ୍ଠିତ ହେବ ।

(କାର୍ତ୍ତିକ ୧୭, ୧୩୭୩)

(୩୩)

ଗୁରୁଦ୍ରୋହୀକୁ ଆଦର ଆପ୍ୟାୟନ କରିବାମାନେ ଯେ ଗୁରୁ ଦ୍ରୋହକୁ ପ୍ରଶ୍ରୟ ଦେବା, ଏ କଥାଟି ଦିବାଲୋକ ପରି ସ୍ପଷ୍ଟ । ତୁମ୍ଭେମାନେ ଯଦି ଶକ୍ତିଶାଳୀ ସଂଘ ଗଢ଼ିବାକୁ ଚାହଁ, ତେବେ ଗୁରୁଭକ୍ତି ହେବ ତାର ମୂଳଭିତ୍ତି । ପ୍ରତ୍ୟେକ ଧର୍ମସଂଘ ଏ କଥାଟି ମାନନ୍ତି । ଯେଉଁଠି ସଂଘର କିଛି ସତ୍ତାନାହିଁ, ଗୁରୁ ସହିତ ଶିଷ୍ୟର ବ୍ୟକ୍ତିଗତ ସମ୍ପର୍କ ହିଁ ଚୂଡ଼ାନ୍ତ, ସେଠାରେ କିଏ ଗୁରୁଦ୍ରୋହୀ ଓ କିଏ ଗୁରୁଦେବଙ୍କ ଆଦର୍ଶର ଅନୁଗତ, ସେ ବିଷୟରେ କୌଣସି ଦ୍ୱନ୍ଦ ଉପୁଜିବାର କାରଣ ନାହିଁ । ବ୍ୟକ୍ତିଗତ ଭାବରେ କେହି ଶିଷ୍ୟ ଗୁରୁଦ୍ରୋହୀ ହେଲେ କ୍ଷମାଶୀଳ ଓ କ୍ଷମତାବାନ୍ ଗୁରୁ ସାନନ୍ଦ ମନରେ ଶିଷ୍ୟର ଦ୍ରୋହ ଓ ରୁଦ୍ରତେଜ ସହିଯିବେ ଓ ସହିଯାନ୍ତି ମଧ୍ୟ । ସଂଘ ଗୋଟିଏ ଛୋଟ ରାଷ୍ଟ୍ରପତି । ବ୍ୟକ୍ତି ପ୍ରତି ବ୍ୟକ୍ତି ବିଶେଷ ଅନ୍ୟାୟ କଲେ ମନୁଷ୍ୟ ତାହା କ୍ଷମା କରି ପାରେ ଏବଂ ସାଧ୍ୟାନୁସାରେ

କ୍ଷମା କରିବା ଉଚିତ୍ । କିନ୍ତୁ ରାଷ୍ଟ୍ର ପ୍ରତି କେହି ଦ୍ରୋହ ଆଚରଣ କଲେ ସେହି ଅପରାଧ ପାଇଁ କ୍ଷମା କରିବା ଅଧିକାର କୌଣସି ବ୍ୟକ୍ତିର ନାହିଁ । ରାଷ୍ଟ୍ର ବହୁବ୍ୟକ୍ତିଙ୍କ ସମଷ୍ଟି । ସମଷ୍ଟିର ଯେ କ୍ଷତି କରିବାକୁ ଯିବ, ବ୍ୟକ୍ତି ଆସି ତାକୁ କ୍ଷମା କଲେ ମଧ୍ୟ ସେ କ୍ଷମା ପାଏ ନାହିଁ । ଯେଉଁ ବ୍ୟକ୍ତିମାନେ ରାଷ୍ଟ୍ରର ପ୍ରତିନିଧି ସ୍ୱରୂପ ସେମାନେ ତାକୁ ଶାସନ କରନ୍ତି ଓ ଦମନ କରନ୍ତି । ଗୁରୁ ଯେତେବେଳେ ଏକୁଟିଆ ତୁମର ଗୁରୁ, ସେତେବେଳେ ତୁମେ ଦ୍ରୋହ ଆଚରଣ କଲେ ସେ କ୍ଷମା କରିବେ, କ୍ଷମା କରିବାର ଶକ୍ତି ତାଙ୍କର ନଥିଲେ ସେ ଗୁରୁପଦବାଚ୍ୟ ନୁହଁନ୍ତି । ଯେ କ୍ଷମା କରିବାକୁ ଅକ୍ଷମ ସେ ଗୁରୁ ନୁହଁନ୍ତି, ନିତାନ୍ତ ଲଘୁ । ଯେ ନିତାନ୍ତ ଲଘୁ ସେ କଦାପି ଗୁରୁ ହେବାକୁ ଯୋଗ୍ୟ ନୁହଁନ୍ତି । ଯେ ବହୁଜନଙ୍କର ଗୁରୁ, ତାଙ୍କୁ ଜଣେ ଶିଷ୍ୟ ନ ମାନିଲେ ସେ ସେଥିରେ ରୁଷ୍ଟ ହୋଇ ନ ପାରନ୍ତି । କିନ୍ତୁ ଗୁରୁ ଯେଉଁଠି ନିଜର ନିଜସ୍ୱକୁ ବିସର୍ଜନ ଦେଇ ଗୋଟିଏ ଆଦର୍ଶର ପାଦତଳେ ନିଜକୁ ବିକି ଦେଇଛନ୍ତି ଓ ସେହି ଆଦର୍ଶର ମୋହନ-ମୂରଲି ସ୍ୱନ ଅସଂଖ୍ୟ ନରନାରୀଙ୍କୁ ଅପରିଚିତିର ଦୂରାନ୍ତ ଅତିକ୍ରମ କରାଇ ପରମ ଆତ୍ମୀୟତାର ଦିଗନ୍ତ ଦେଖାଇବାକୁ ସମର୍ଥ ହୋଇଛି, ଯେଉଁଠି ସେମାନେ ବିଭିନ୍ନ ଦେଶ, ବିଭିନ୍ନ ସମାଜ ଓ ବିଭିନ୍ନ ପରିବେଶ ମଧ୍ୟରୁ ଦୌଡ଼ି ଆସି ଅଖଣ୍ଡମିଳନ ନିଳୟ ରଚନାରେ ଆତ୍ମ ନିୟୋଗ କରିବାକୁ ଉଦ୍ୟତ ହେଉଚନ୍ତି, ସେଠାରେ ନିଖିଳ ବିଶ୍ୱର ସବୁ ବଂଶୀର ଐକ୍ୟ ସଙ୍ଗତ ମଝିରେ ଛନ୍ଦହୀନ ଦର୍ଦ୍ଦୁର-ରବ କିଏ କାହିଁକି ସହ୍ୟ କରିବ ? ଗୁରୁ କ୍ଷମାଶୀଳ, ସେ ସବୁ ସହ୍ୟ କରିବେ । କିନ୍ତୁ ସଙ୍ଘ ଗତିଶୀଳ, ସଙ୍ଘ ବର୍ଦ୍ଧନଶୀଳ, ସଙ୍ଘ କର୍ମପରାୟଣ, ରଣପ୍ରବୃତ୍ତ ଓ ନିୟତ କ୍ରିୟାନ୍ୱିତ ସେ କାହିଁକି ତାର ଗତି, ତାର ଅଭିବୃଦ୍ଧି, ତାର କ୍ରିୟା, କର୍ମ ସଂଗ୍ରାମ ଓ ଦିଗ୍‌ବିଜୟ ପଥରେ ରଥଚକ୍ରର ବାଧା ପ୍ରତି-ବନ୍ଧକକୁ

ରହିବାକୁ ଦେବେ ? ଦେଲେ, ସେ ନିଜ କର୍ତ୍ତବ୍ୟରେ ତ୍ରୁଟି କରିବେ, ନିଜର ନିଷ୍ଠା ହରାଇବେ । ସଂଘକୁ ଏପରି କ୍ଷତିଗ୍ରସ୍ତ ହେବାକୁ କେହି ଛାଡ଼ି ଦେଇ ପାରିବେ ନାହିଁ । ତେବେ ଯେଉଁମାନେ ହୃଦୟରେ ପାଷାଣ ଓ ମୁହଁରେ ଦାର୍ଶନିକ, ଯେଉଁମାନେ ଅନ୍ତର୍ଦୃଷ୍ଟିରେ କ୍ଷୀଣ ଓ ବାହ୍ୟ ଉଦାରତାରେ କରତାଳି-ପ୍ରୟାସୀ, ସେଭଳି ଲୋକଙ୍କ କଥା ଅଲଗା । ସର୍ବତ୍ର ଗୋଟିଏ ଶ୍ରେଣୀର ଲୋକ ଦେଖିବାକୁ ମିଳନ୍ତି, ଯେଉଁମାନେ ବାହାରେ ଅନ୍ତରଙ୍ଗତା ଦେଖାଇ ଭିତରେ ଭିତରେ ତସ୍କର-ପ୍ରବେଶପଥ ନିର୍ମାଣ କରନ୍ତି । ସେ ଜାତୀୟ ବିବରବାସୀ ଛଦ୍ମାଚାରୀ କୌଟିଲ୍ୟପନ୍ଥୀଙ୍କ କଥା ଅଲଗା । ଏମାନେ ସଙ୍ଘର ବିଶ୍ୱାସ ପାଆନ୍ତି ନାହିଁ, ସେମାନେ ସମାଜର ସମ୍ଭ୍ରମ ପାଆନ୍ତି ନାହିଁ, ଜୀବନବ୍ୟାପୀ ଶ୍ରମକରି କୌଣସି ପ୍ରକାର କୌଳିନ୍ୟ ପାଆନ୍ତି ନାହିଁ । ସଂସାରରେ କାହାରି ଦୃଷ୍ଟିରେ ଏମାନେ ଆଦର୍ଶ ସ୍ଥାନୀୟ ନୁହଁନ୍ତି ।

(ମାର୍ଗଶୀର ୫, ୧୩୭୩)

(୩୪)

ଦୀକ୍ଷା ଗ୍ରହଣ ସମୟରେ ଶିଷ୍ୟଙ୍କ ଭିତରୁ କେହି କେହି ପ୍ରକୃତରେ ଗୁରୁଙ୍କର ସାଧନ ଶକ୍ତିର ପରିଚୟ ପାଆନ୍ତି, କେହି କେହି ଆଦୌ ତାର ଟେର ପାଆନ୍ତି ନାହିଁ । ଯେ ପାଏ, ସେ ଭାଗ୍ୟବାନ । କିନ୍ତୁ ଯେ ନ ପାଏ, ସେ ଦୁର୍ଭାଗା ନୁହେଁ । କେବଳ ଏଇତକ ପାର୍ଥକ୍ୟ ଦ୍ୱାରା ଶିଷ୍ୟ ଉତ୍କୃଷ୍ଟତ୍ୱ ବା ନିକୃଷ୍ଟତ୍ୱ ଜାଣି ହୁଏ ନାହିଁ । ଏକାନ୍ତ ଆଗ୍ରହ ଓ ଦ୍ୱିଧାହୀନ ଆନୁଗତ୍ୟ ସହକାରେ ଯେ ଗୁରୁଦତ୍ତ ସାଧନ କରେ, ସେ ପ୍ରକୃତ ଶିଷ୍ୟ । ସାଧନ କରୁ କରୁ ଲବ୍ଧ ପନ୍ଥାରେ

ଗଭୀର ନିଷ୍ଠା ଆସେ । ନିଷ୍ଠା ଆସିଲେ ହିଁ ଗୁରୁର ଶକ୍ତି ଶିଷ୍ୟ ଭିତରେ ପ୍ରକାଶ ପାଏ । ସେତେବେଳେ ଶିଷ୍ୟ ଅତି ସହଜରେ ପ୍ରକୃତି ଜୟ କରେ । ଦୀକ୍ଷାଗ୍ରହଣ ବେଳେ ଗୁରୁର ଶକ୍ତିର ପରିଚୟ ମିଳିଲା, ଅଥଚ ଶିଷ୍ୟ ସାଧନ କଲା ନାହିଁ, ଏହା ବଡ଼ ଦୁଃଖକର...... ବହୁ ମହାପୁରୁଷ ଇତର ସୁଖାକୃଷ୍ଟ ଶିଷ୍ୟକୁ ନିଜର ଐଶୀଶକ୍ତି ବଳରେ ବିପଥରୁ ଫେରାଇ ଆଣିଛନ୍ତି, ଏହା ସତ୍ୟ । କିନ୍ତୁ ଯେଉଁ ସବୁ ସ୍ଥଳେ ଶିଷ୍ୟମାନେ ନିଜ ନିଜର ପୁରୁଷାକାରକୁ ଚୂଡ଼ାନ୍ତ ଭାବରେ ପ୍ରୟୋଗ କରି ନିଷ୍କୃତି ପଥ ଖୋଜିଛନ୍ତି, ସେହି ସବୁ ସ୍ଥଳରେ ସେମାନେ ନିଜ ନିଜର ଗୁରଦେବଙ୍କୁ ଶିଷ୍ୟ ଗୌରବରେ ଗୌରବାନ୍ୱିତ ହେବାର ସୌଭାଗ୍ୟବାନ କରିଛନ୍ତି । ଗୁରୁ ତ ଚିରକାଳ ଶିଷ୍ୟକୁ ଶକ୍ତିଦାନ କରିବେ, ଶିଷ୍ୟ ଗୁରୁଦେବଙ୍କୁ ଗୌରବଦାନରେ ଅବା କାର୍ପଣ୍ୟ କାହିଁକି କରିବ ?

ଶିଷ୍ୟ ଯଦୃଚ୍ଛା ପାପ କରି ଚାଲିଥିବ ଓ ଗୁରୁଦେବ ନିଜର ତପଃ ପ୍ରଭାବରେ ନିରନ୍ତର ତାକୁ ରକ୍ଷା ହିଁ କରୁଥିବେ, ଗୁରୁଙ୍କ ଉପରେ ତୁମର ଏ ଆବଦାର ବାସ୍ତବିକ ବଡ଼ ଅନ୍ୟାୟ, ମୁଁ ଜାଣେ ଦେଶର ବହୁ ରାଜନୈତିକ ବ୍ୟକ୍ତି ଚାହାନ୍ତି, ସୁଶାସନ ପ୍ରତିଷ୍ଠିତ ହେଉ, କୁଶାସନର ଅବସାନ ହେଉ, ଦ୍ରବ୍ୟମୂଲ୍ୟ ହ୍ରାସ ହେଉ, ସ୍ୱଳ୍ପ ବ୍ୟୟରେ ପୁତ୍ରକନ୍ୟାଙ୍କର ବିଦ୍ୟାର୍ଜନ ବ୍ୟବସ୍ଥା ହେଉ, ସ୍ୱାସ୍ଥ୍ୟକର ପରିବେଶ ମିଳୁ, ଦୀର୍ଘାୟୁର ଆନୁକୂଲ୍ୟ ପରିବେଶ ସୃଷ୍ଟି ହେଉ, କିନ୍ତୁ ନିଜେ କିଛି କରିବାକୁ ଚାହାଁନ୍ତି ନାହିଁ । ସେମାନେ ଚାହାଁନ୍ତି, ସରକାରରେ ଥିବା ରାଜନୈତିକ ଦଳ ବା ସାଧୁସନ୍ୟାସୀମାନଙ୍କ ଦ୍ୱାରା ଏ ସବୁ ସମସ୍ୟାର ସମାଧାନ ହେଉ । ସେମାନେ ଯେତେବେଳେ ଭୋଟ ଦେଇ ଅତି ସାଧାରଣ ଲୋକମାନଙ୍କୁ ଅସାଧାରଣ କରି ରାଷ୍ଟ୍ରର କର୍ଣ୍ଣଧାର କରିଛନ୍ତି, ସେତେବେଳେ ସେମାନଙ୍କ

ଠାରୁ ଏସବୁ ସମସ୍ୟାର ସମାଧାନ ପ୍ରତ୍ୟଶା କରିବା କିଛି ଅପ୍ରାସଙ୍ଗିକ କଥା ନୁହେଁ । କିନ୍ତୁ ଯେଉଁମାନେ ଜନ ସାଧାରଣଙ୍କ ଭୋଟ ନିଯୋଜିତ ଦାସ ମାତ୍ର, କେବଳ ସେହିମାନଙ୍କ ଠାରୁ ଏଭଳି ପ୍ରତ୍ୟାଶା କଲେ ତ ସବୁ ହୋଇଯିବ ନାହିଁ, ଏହି ପ୍ରତ୍ୟାଶା ପୂରଣ ଲାଗି ସେମାନଙ୍କୁ ବହୁତ କିଛି କରିବାକୁ ହେବ । ସାଧୁ ସନ୍ୟାସୀମାନଙ୍କ ଠାରୁ ଏ ସବୁ ସମସ୍ୟାର ସମାଧାନ ପ୍ରତ୍ୟାଶା କରିବା ଅଧିକାଂଶ କ୍ଷେତ୍ରରେ ଅତି ଅସ୍ୱାଭାବିକ ବ୍ୟାପାର । ସାଧୁ ସନ୍ତମାନେ ଯୋଗ ବଳରେ ମନୁଷ୍ୟର ସବୁ ପାର୍ଥିବ ଦୁଃଖ ଦୂର କରିଦେବେ - ଏହି ଅଭିପ୍ରାୟରେ ଆଚାର୍ଯ୍ୟମାନେ ଯୋଗ, ଭକ୍ତି ବା ତତ୍ତ୍ୱଜ୍ଞାନ ଆବିଷ୍କାର କରି ନାହାନ୍ତି ।

(ମାର୍ଗଶିର ୬, ୧୩୭୩)

ସମାପ୍ତ

ନାୟମାତ୍ମା ବଳହୀନେନ ଲଭ୍ୟଃ

ଅଭିପ୍ସା

ଭିକ୍ଷାୟାଂ ନୈବ ନୈବ ଚ